
+୩
ଭାରତ ଇତିହାସ
(୧୫୨୬ ରୁ ୧୯୫୦ ଖ୍ରୀଷ୍ଟାବ୍ଦ)
ହିମାଂଶୁ ଶେଖର ପଟ୍ଟନାୟକ
ନଗେନ୍ଦ୍ର ନାଥ ଦାସ
କିତାବ ମହଲ

45530791

B.S. COLLEGE LIBRARY
No....
Date....
Pin-754024
NUAHAT, ARAKHPUR, JAJPUR

+ ୩
ଭାରତ ଇତିହାସ

(୧୫୨୬ ଖ୍ରୀଷ୍ଟାବ୍ଦରୁ ୧୯୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ)

(History of India from 1526 A.D. to 1950 A.D.)

ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ, ଏମ୍.ଏ., ଡି.ଲିଟ୍
ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

ଡକ୍ଟର ନଗେନ୍ଦ୍ର ନାଥ ଦାସ, ଏମ୍.ଏ. ପିଏଚ୍.ଡି.
ଇତିହାସ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,
ଢେଙ୍କାନାଳ

BSC4662

କିତାବ ମହଲ
କଲେଜ ସ୍କୋୟାର୍
କଟକ - ୭୫୩୦୦୩.

+୩ ଭାରତ ଇତିହାସ

(୧୫୨୬ ଖ୍ରୀଷ୍ଟାବ୍ଦରୁ ୧୯୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ)

ଲେଖକ :

ହିମାଂଶୁ ଶେଖର ପଟ୍ଟନାୟକ

ନଗେନ୍ଦ୍ର ନାଥ ଦାସ

ପ୍ରକାଶକ :

କିତାବ ମହଲ

ଜେସିଜେ ଟାୱାର, କଲେଜ ସ୍କୋୟାର, କଟକ - ୭୫୩୦୦୩

ଫୋନ୍ : (୦୬୭୧) ୨୫୪୮୩୩୩, ଫ୍ୟାକ୍ସ : ୨୫୪୮୩୦୧

© ଶ୍ରୀମତୀ କସ୍ତୁରୀ ପଟ୍ଟନାୟକ

ଶ୍ରୀମତୀ ଅପର୍ଣ୍ଣା ପଟ୍ଟନାୟକ

ପ୍ରଥମ ସଂସ୍କରଣ - ୨୦୦୯

ଦ୍ୱିତୀୟ ସଂସ୍କରଣ - ୨୦୧୧

ପୁନଃମୁଦ୍ରଣ - ୨୦୧୪

ମୁଦ୍ରଣ :

ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍

ନୂଆବଜାର, କଟକ

ମୂଲ୍ୟ : ଟ ୧୬୦.୦୦

ମୁଖବନ୍ଧ

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଅନୁମୋଦନକ୍ରମେ ନୂତନ ଭାବରେ ପ୍ରଚଳିତ ପାଠ୍ୟକ୍ରମକୁ ଭିତ୍ତିକରି +୩ କଳାଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଉକ୍ତ ଭାରତ ଇତିହାସ (୧୫୨୬ ଖ୍ରୀଷ୍ଟାବ୍ଦରୁ ୧୯୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ଲିଖିତ। କୌଣସି ଗବେଷଣାକୁ ଆଧାର କରି ପୁସ୍ତକଟି ଲିଖିତ ନୁହେଁ, କିନ୍ତୁ ଛାତ୍ରଛାତ୍ରୀମାନଙ୍କର ଅଭାବ ଓ ଆବଶ୍ୟକତାକୁ ନେଇ ଏହା ହେଉଛି ଏକ ସରଳ ଓ ସାଧାରଣ ପୁସ୍ତକ। ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ଓ ଦୃଢ଼ୀକରଣଠାରୁ ଆରମ୍ଭ ହୋଇ ଉକ୍ତ ସାମ୍ରାଜ୍ୟର ବିଖଣ୍ଡିକରଣ; ମରହଟ୍ଟା ଓ ଶିଖ୍‌ମାନଙ୍କର ଦୁର୍ବଳତାର ସୁଯୋଗ ନେଇ ଇଂରେଜମାନଙ୍କର ସାମ୍ରାଜ୍ୟ ବିସ୍ତାର; ଏବଂ ସେମାନଙ୍କୁ ପ୍ରତିବାଦ କରି ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଭାରତୀୟମାନଙ୍କର ସ୍ୱାଧୀନତା ସଂଗ୍ରାମ, ତଥା ଭାରତର ବିଭାଜନ ଓ ସ୍ୱାଧୀନତା ଆଦି ଘଟଣାଗୁଡ଼ିକ ଏହି ପୁସ୍ତକରେ ଲିପିବଦ୍ଧ ହୋଇଅଛି। ମୋଗଲ ଓ ଇଂରେଜମାନଙ୍କ ସମୟରେ ଭାରତର ସାଂସ୍କୃତିକ ଉନ୍ନତିର କ୍ରମିକ କ୍ଷତିକୁ ରୂପାୟିତ କରିବାରେ ଏହି ପୁସ୍ତକରେ ପ୍ରଯତ୍ନ କରାଯାଇଛି।

ପୁସ୍ତକଟିର ରଚନା ପଶ୍ଚାତ୍‌ରେ କୌଣସି ପ୍ରଚାର, ଖ୍ୟାତି ବା ଅର୍ଥଲାଭର ଅଭିଳାଷ ନାହିଁ। ପୁସ୍ତକଟି ଯେ ବିଜ୍ଞ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତାକୁ ପୂରଣ କରି ଆଦର ଲାଭ କରିବ, ଏବଂ ଆମର ଶ୍ରମ ସାର୍ଥକ ହେବ, ଏ ବିଶ୍ୱାସ ମନରେ ପୋଷଣ କରିଅଛୁ। ଏହି ପୁସ୍ତକ ପ୍ରକାଶନରେ ଅନିଚ୍ଛାକୃତ ତ୍ରୁଟି ରହିଥାଇପାରେ। ଏଥି ସକାଶେ ଆବଶ୍ୟକୀୟ ସଂଶୋଧନୀ ପ୍ରସ୍ତାବ ଓ ମୂଲ୍ୟବାନ୍ ପରାମର୍ଶ ସର୍ବଦା ସ୍ୱାଗତଯୋଗ୍ୟ।

ପୁସ୍ତକଟିର ଲିଖନ ପାଇଁ ଆମ୍ଭଙ୍କୁ ନିରବଚ୍ଛିନ୍ନ ଭାବରେ ଉତ୍ସାହିତ କରୁଥିବା ଓ ପୁସ୍ତକର ମୁଦ୍ରଣ ଓ ପ୍ରକାଶନ ପାଇଁ ସମସ୍ତ ଦାୟିତ୍ୱ ବହନ କରିଥିବା କିତାବ ମହଲର ସତ୍ତ୍ୱାଧିକାରୀ ଏବଂ ତାଙ୍କର କର୍ମକର୍ତ୍ତାମାନଙ୍କୁ ଆମ୍ଭେ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ।

ସ୍ୱାଧୀନତା ଦିବସ
୨୦୦୮

ଲେଖକଦ୍ୱୟ

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
ପ୍ରଥମ ଅଧ୍ୟାୟ	ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ବାବର : ବାବରଙ୍କ ଆକ୍ରମଣର ପୂର୍ବବର୍ତ୍ତୀ ସମୟର ଭାରତ, ବାବରଙ୍କ ଆଦ୍ୟଜୀବନ, ତାଙ୍କର କେତୋଟି ଭାରତୀୟ ଅଭିଯାନ, ପ୍ରଥମ ପାନିପଥ ଯୁଦ୍ଧ, ବିଜୟର କାରଣ, ପାନିପଥ ଯୁଦ୍ଧର ଫଳାଫଳ, ଗୋଗ୍ରା ବା ଘର୍ଘରା ଯୁଦ୍ଧ, ଶେଷ ଜୀବନ, ବାବରଙ୍କ ମୂଲ୍ୟାୟନ ।	୧-୨୦
ଦ୍ୱିତୀୟ ଅଧ୍ୟାୟ	ହୁମାୟୁନ୍ (୧୫୩୦-୧୫୫୬) ହୁମାୟୁନଙ୍କ ବାଲ୍ୟଜୀବନ, ହୁମାୟୁନଙ୍କ ଯୁଦ୍ଧ, ଚୌଷାଯୁଦ୍ଧ, କନୌଜଯୁଦ୍ଧ, ହୁମାୟୁନଙ୍କର ନିର୍ବାସନ, ତାଙ୍କର ପୁନରୁଦ୍ଧାର, ମୂଲ୍ୟାୟନ ।	୨୧-୩୪
ତୃତୀୟ ଅଧ୍ୟାୟ	ଶେରଶାହା ତାଙ୍କର ବାଲ୍ୟଜୀବନ, ଚୁନାର ଦୁର୍ଗ ଅଧିକାର, ବଙ୍ଗ ଅଭିଯାନ, ହୁମାୟୁନଙ୍କ ସହିତ ସଂଘର୍ଷ, ଶେରଶାହାଙ୍କ ଅନ୍ୟାନ୍ୟ ରାଜ୍ୟଜୟ, ଶାସନ ପଦ୍ଧତି- କେନ୍ଦ୍ର ଶାସନ, ପ୍ରାଦେଶିକ ଶାସନ, ଜିଲ୍ଲା ଶାସନ, ରାଜସ୍ୱ ଶାସନ, ସାମରିକ ଶାସନ, ପୋଲିସ ଓ ଗୁପ୍ତଚର ବିଭାଗ, ବିଚାର ବିଭାଗ, ମୁଦ୍ରା; ବାଣିଜ୍ୟ ବ୍ୟବସାୟ; ଧର୍ମନୀତି; ଶେରଶାହାଙ୍କର କୃତିତ୍ୱର ମୂଲ୍ୟାୟନ ।	୩୫-୫୬
ଚତୁର୍ଥ ଅଧ୍ୟାୟ	ଆକବର ୧୫୫୬ ଖ୍ରୀଷ୍ଟାବ୍ଦରେ ଭାରତର ଅବସ୍ଥା, ହିମୁ, ଦ୍ୱିତୀୟ ପାନିପଥ ଯୁଦ୍ଧ, ଫଳାଫଳ, ରାଜ ପ୍ରତିନିଧିତ୍ୱର ଶେଷ, ପରଦା ଶାସନ ପଦ୍ଧତି, ଯୁଦ୍ଧ ଓ ରାଜ୍ୟଜୟ; ଆକବରଙ୍କ ରାଜପୁତ୍ ନୀତି– ରାଜପୁତ୍ ନୀତିର କାରଣ, ରାଜପୁତ୍ ନୀତିର ସମ୍ପାଦନ ଓ ଫଳାଫଳ; ଆକବରଙ୍କ ଧର୍ମ– ଇବାଦତ ଖାନା, ଦିନ-ଇ-ଇଲାହୀ, ଦିନ-ଇ-ଇଲାହୀର ତାତ୍ପର୍ଯ୍ୟ; ଶାସନନୀତି– ମନ୍ତ୍ରୀ ଓ ବିଭାଗ, ପ୍ରାଦେଶିକ ଶାସନ, ଜିଲ୍ଲା ଓ ଗ୍ରାମ ଶାସନ,	୫୭-୯୭

ଅଧ୍ୟାୟ | ବିଷୟ | ପୃଷ୍ଠା

ସାମରିକ ବିଭାଗ, ରାଜସ୍ୱ ଶାସନ, ବିଚାର ବ୍ୟବସ୍ଥା, ମୁଦ୍ରାନୀତି; ଆକବରଙ୍କ ମୂଲ୍ୟାୟନ ।

ପଞ୍ଚମ ଅଧ୍ୟାୟ : ଜାହାଙ୍ଗୀର — ୯୮-୧୧୬

ସଲିମଙ୍କ ବିଦ୍ରୋହ ଏବଂ ସିଂହାସନ ଆରୋହଣ, ଖୁସ୍ରୁଙ୍କ ବିଦ୍ରୋହ, ଜାହାଙ୍ଗୀର ଓ ନୁର୍‌ଜାହାନ, ନୁରଜାହାନଙ୍କ ପ୍ରଭାବ ଓ ଫଳାଫଳ, ଜାହାଙ୍ଗୀରଙ୍କ ରାଜ୍ୟଜୟ, ଖୁରମ ଓ ମହବତ ଖାଁଙ୍କ ବିଦ୍ରୋହ, ମୂଲ୍ୟାୟନ ।

ଷଷ୍ଠ ଅଧ୍ୟାୟ : ଶାହଜାହାନ — ୧୧୭-୧୪୦

ବାଲ୍ୟଜୀବନ, ସିଂହାସନ ଆରୋହଣ, ବୁନ୍ଦେଲା ବିଦ୍ରୋହ, ଖାନଜାହାନ ଲୋଦୀଙ୍କ ବିଦ୍ରୋହ, ତାଙ୍କର ଦାକ୍ଷିଣାତ୍ୟ ନୀତି, ଉତ୍ତର-ପଶ୍ଚିମ ନୀତି, ମଧ୍ୟ ଏସିଆ ନୀତି, ସିଂହାସନ ପାଇଁ ବିବାଦ; କଳା ଓ ସ୍ଥାପତ୍ୟର ବିକାଶ– ସ୍ଥାପତ୍ୟକଳା, ଚିତ୍ରକଳା, ସଙ୍ଗୀତକଳା, ଶାହଜାହାନଙ୍କ ମୂଲ୍ୟାୟନ; ତାଙ୍କର ରାଜତ୍ୱ ସୁବର୍ଣ୍ଣଯୁଗ ଥିଲା କି ?

ସପ୍ତମ ଅଧ୍ୟାୟ : ଆଉରଙ୍ଗଜେବ — ୧୪୧-୧୬୩

ବାଲ୍ୟକାଳ, ଉତ୍‌ଥାନ ଓ ସିଂହାସନ ଲାଭ ସାମ୍ରାଜ୍ୟ ବିସ୍ତାର, ଉତ୍ତର-ପଶ୍ଚିମ ସୀମାନୀତି; ଧର୍ମନୀତି– ହିନ୍ଦୁ ବିରୋଧୀ ନୀତି, ଧର୍ମନୀତିର ପରିଣାମ; ରାଜପୁତ୍ ନୀତି– ରାଜପୁତ୍ ନୀତିର ଫଳାଫଳ; ଦାକ୍ଷିଣାତ୍ୟ ନୀତି– ବିଜାପୁର ଜୟ, ଗୋଲକୁଣ୍ଡା ଜୟ, ମରହଟ୍ଟାମାନଙ୍କ ସହିତ ସଂଘର୍ଷ, ଦାକ୍ଷିଣାତ୍ୟ ନୀତିର ଫଳାଫଳ; ଶେଷ ଜୀବନ ଓ ମୂଲ୍ୟାୟନ ।

ଅଷ୍ଟମ ଅଧ୍ୟାୟ : ମୋଗଲ ସାମ୍ରାଜ୍ୟର ବିଖଣ୍ଡିକରଣ — ୧୬୪-୧୭୬

ଆଉରଙ୍ଗଜେବଙ୍କ ନୀତି, ଗୃହଯୁଦ୍ଧ ଓ ପରବର୍ତ୍ତୀ ଦୁର୍ବଳ ସମ୍ରାଟଗଣ, ପରବର୍ତ୍ତୀ ମୋଗଲ ସମ୍ଭ୍ରାନ୍ତଙ୍କର ପରିବର୍ତ୍ତିତ ଚରିତ୍ର, ମୋଗଲ ସାମରିକ ବାହିନୀର ଅଧଃପତନ, ଆର୍ଥିକ ବିପର୍ଯ୍ୟୟ, ବୈଦେଶିକ ଆକ୍ରମଣ, ନୂତନ ରାଜ୍ୟମାନଙ୍କର ଉତ୍‌ଥାନ, ହିନ୍ଦୁମାନଙ୍କର ରାଜନୈତିକ ପୁନରଭ୍ୟୁଦୟ ।

ଅଧ୍ୟାୟ | ବିଷୟ | ପୃଷ୍ଠା

ନବମ ଅଧ୍ୟାୟ : ମରହଟ୍ଟାମାନଙ୍କର ଉତ୍‌ଥାନ - ଶିବାଜୀ — ୧୭୭-୧୯୨

ଆଞ୍ଚଳିକ ଶକ୍ତିର ଅଭ୍ୟୁତ୍‌ଥାନ – ମରହଟ୍ଟା ଜାତି, ଶିବାଜୀଙ୍କ ଯୁଦ୍ଧ ଓ ରାଜ୍ୟଗଠନ– ଆଫଜଲ ଖାଁ, ଶାୟସ୍ତ ଖାଁ, ଜୟସିଂହଙ୍କ ମହାରାଷ୍ଟ୍ର ଆକ୍ରମଣ, ପୁରନ୍ଦର ସନ୍ଧି, ଶିବାଜୀଙ୍କ ଆଗ୍ରା ଯାତ୍ରା, ତାଙ୍କର ପରବର୍ତ୍ତୀ କାର୍ଯ୍ୟକଳାପ; ଶାସନ– ପ୍ରାଦେଶିକ ଶାସନ, ରାଜସ୍ୱ ବ୍ୟବସ୍ଥା, ବିଚାରଗତ ଶାସନ, ସାମରିକ ଶାସନ, ଶମ୍ଭୁଜୀ, ରାଜାରାମ, ତାରାବାଈ, ଶାହୁ ।

ଦଶମ ଅଧ୍ୟାୟ : ବ୍ରିଟିଶ୍ ରାଜତ୍ୱର ବିସ୍ତୃତି ଓ ଦୃଢ଼ୀକରଣ — ୧୯୩-୨୫୨

ବ୍ରିଟିଶ-ବଙ୍ଗଳା ସମ୍ପର୍କ : ସିରାଜଉଦ୍ଦୌଲା, ପଲାସୀଯୁଦ୍ଧ, ଯୁଦ୍ଧର ତାତ୍ପର୍ଯ୍ୟ; ବକ୍ସାର ଯୁଦ୍ଧ– ଯୁଦ୍ଧର ତାତ୍ପର୍ଯ୍ୟ, ରବର୍ଟ କ୍ଲାଇବ୍, ଦ୍ୱୈତଶାସନ; ବ୍ରିଟିଶ-ମହୀଶୂର ସମ୍ପର୍କ : ପ୍ରଥମ ଇଂରେଜ-ମହୀଶୂର ଯୁଦ୍ଧ, ଦ୍ୱିତୀୟ ଇଂରେଜ-ମହୀଶୂର ଯୁଦ୍ଧ, ତୃତୀୟ ଇଂରେଜ-ମହୀଶୂର ଯୁଦ୍ଧ, ଚତୁର୍ଥ ଇଂରେଜ-ମହୀଶୂର ଯୁଦ୍ଧ; ବ୍ରିଟିଶ-ମରହଟ୍ଟା ସମ୍ପର୍କ : ପ୍ରଥମ ଇଂରେଜ-ମରହଟ୍ଟା ସମର, ଦ୍ୱିତୀୟ ଇଂରେଜ-ମରହଟ୍ଟା ସମର, ତୃତୀୟ ଇଂରେଜ-ମରହଟ୍ଟା ଯୁଦ୍ଧ; ବ୍ରିଟିଶ୍-ଅଯୋଧ୍ୟା ସମ୍ପର୍କ : ୱାରେନ୍ ହେଷ୍ଟିଂସ୍‌ଙ୍କ ଅଯୋଧ୍ୟା ନୀତି, କର୍ଣ୍ଣୱାଲିସ ଏବଂ ସାର୍ ଜନ୍‌ସୋରଙ୍କ ଅଯୋଧ୍ୟା ନୀତି, ୱେଲସେଲିଙ୍କ ଅଯୋଧ୍ୟା ନୀତି; ବ୍ରିଟିଶ୍-ପଞ୍ଜାବ ସମ୍ପର୍କ : ବ୍ରିଟିଶ୍-ରଣଜିତ ସମ୍ପର୍କ, ପ୍ରଥମ ଶିଖ୍‌ଯୁଦ୍ଧ, ଦ୍ୱିତୀୟ ଶିଖ୍‌ଯୁଦ୍ଧ ।

ଏକାଦଶ ଅଧ୍ୟାୟ : ସାମନ୍ତସନ୍ଧି — ୨୫୩-୨୬୦

ସାମନ୍ତସନ୍ଧିର ସର୍ତ୍ତାବଳୀ, ସନ୍ଧିର ପ୍ରୟୋଗ, ସନ୍ଧିର ଉପକାରିତା ଓ ଅପକାରିତା ।

ଦ୍ୱାଦଶ ଅଧ୍ୟାୟ : ରାଜ୍ୟସ୍ୱତ୍ୱଲୋପ ନୀତି — ୨୬୧-୨୬୫

ସର୍ତ୍ତାବଳୀ, ପ୍ରୟୋଗ, ଐତିହାସିକ ବିଶ୍ଳେଷଣ ।

ତ୍ରୟୋଦଶ ଅଧ୍ୟାୟ : ୧୮୫୭ର ବିଦ୍ରୋହ — ୨୬୬-୨୮

ବିଦ୍ରୋହର ସ୍ୱରୂପ, ବିଦ୍ରୋହର କାରଣ– ରାଜନୈତିକ କାରଣ, ପ୍ରଶାସନିକ କାରଣ, ସାମାଜିକ କାରଣ, ଆର୍ଥନୀତିକ କାରଣ,

ଅଧ୍ୟାୟ	ବିଷୟ	ପୃଷ୍ଠା
	ଧର୍ମଗତ କାରଣ, ମନସ୍ତାତ୍ତ୍ୱିକ କାରଣ, ସାମରିକ କାରଣ, ଆଶୁ କାରଣ; ବିଦ୍ରୋହର ଅଗ୍ରଗତି, ବିଦ୍ରୋହର ଦମନ; ବିଦ୍ରୋହ ବିଫଳ ହେବାର କାରଣ; ବିଦ୍ରୋହର ଫଳାଫଳ- ସୁଫଳ ଓ କୁଫଳ ।	
ଚତୁର୍ଦ୍ଦଶ ଅଧ୍ୟାୟ :	**ଭୂ-ରାଜସ୍ୱ ବନ୍ଦୋବସ୍ତ**	୨୮୯-୩୦୦
	ଭୂ-ରାଜସ୍ୱ ନୀତି, ଭୂ-ରାଜସ୍ୱ ଆଦାୟ, ଚିରସ୍ଥାୟୀ ବନ୍ଦୋବସ୍ତ- ବନ୍ଦୋବସ୍ତର ସର୍ତ୍ତାବଳୀ, କୁଫଳ, ସୁଫଳ; ରୟତୱାରି ବନ୍ଦୋବସ୍ତ- ବନ୍ଦୋବସ୍ତର ନିୟମ, ସୁଫଳ, କୁଫଳ; ମାହାଲୱାରି ବ୍ୟବସ୍ଥା- ବନ୍ଦୋବସ୍ତର ନିୟମ, ଫଳାଫଳ ।	
ପଞ୍ଚଦଶ ଅଧ୍ୟାୟ :	**ପାଶ୍ଚାତ୍ୟ ଶିକ୍ଷାର ଅଭିବୃଦ୍ଧି**	୩୦୧-୩୧୯
	ମ୍ୟାକଲେଙ୍କ ବିବରଣୀ, ଇଂରାଜୀ ଶିକ୍ଷାର ଉପକାର, ଅପକାର; ଚାର୍ଲସ ଉଡ଼ଙ୍କ ସନନ୍ଦ- ସୁଫଳ, କୁଫଳ; ଡବ୍ଲ୍ୟୁ. ଡବ୍ଲ୍ୟୁ. ହଣ୍ଟର କମିଶନ- କମିଶନର ଆବଶ୍ୟକତା, ସୁଫଳ, କୁଫଳ; ଲର୍ଡ଼ କର୍ଜନଙ୍କ ଶିକ୍ଷାନୀତି; ବିଶ୍ୱବିଦ୍ୟାଳୟ ଆଇନ, ୧୯୧୩ର ଶିକ୍ଷାନୀତି; ସାଦଲର ବିଶ୍ୱବିଦ୍ୟାଳୟ କମିଶନ; ହାରତୋଗ କମିଟି, ମୌଳିକ ଶିକ୍ଷା ସଂକ୍ରାନ୍ତରେ ୱାର୍ଦ୍ଧା ଯୋଜନା; ଆବୋଟ-ଉଡ଼ ରିପୋର୍ଟ; ସର୍ଜେଣ୍ଟ ପ୍ଲାନ; ରାଧାକ୍ରିଷ୍ଣନ କମିଶନ ।	
ଷୋଡ଼ଶ ଅଧ୍ୟାୟ :	**ପ୍ରେସ୍‌ର ଅଭିବୃଦ୍ଧି**	୩୨୦-୩୩୦
	୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତୀୟ ପ୍ରେସ୍; ପ୍ରେସ୍ କଟକଣା ଆଇନ; ଲର୍ଡ଼ ହେଷ୍ଟିଂସ୍‌ଙ୍କ ନୀତି, ଜନ୍ ଆଡ଼ାମ୍‌ସ୍‌ଙ୍କ ନୀତି; ୧୮୫୩, ଭାରତୀୟ ପ୍ରେସ୍ ସ୍ୱତନ୍ତ୍ରତା; ଲାଇସେନ୍‌ସ ଆଇନ୍, ୧୮୫୭; ପଞ୍ଜୀକରଣ ଆଇନ, ୧୮୬୭; ଦେଶୀୟ ସମ୍ବାଦପତ୍ର ଆଇନ, ୧୮୭୮; ସମ୍ବାଦପତ୍ର ଆଇନ ୧୯୦୮; ଭାରତୀୟ ପ୍ରେସ୍ ଆଇନ, ୧୯୧୦; ୧୯୩୧, ଭାରତୀୟ ପ୍ରେସ୍ ଆଇନ୍; ବୈଦେଶିକ ସମ୍ପର୍କ ଆଇନ, ୧୯୩୨; ଭାରତୀୟ ରାଜ୍ୟ ଆଇନ, ୧୯୩୪; ପ୍ରେସ୍ ଅନୁସନ୍ଧାନ ଆଇନ୍, ୧୯୪୭ ।	

ଅଧ୍ୟାୟ	ବିଷୟ	ପୃଷ୍ଠା
ସପ୍ତଦଶ ଅଧ୍ୟାୟ :	**ସମାଜ ଓ ଧର୍ମସଂସ୍କାର ଆନ୍ଦୋଳନ**	୩୩୧-୩୪୫
	ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟର ପ୍ରଭାବ; ସଂସ୍କାର ଆନ୍ଦୋଳନର କାରଣ; ସଂସ୍କାର ଆନ୍ଦୋଳନର ପ୍ରବାହ ଓ ପ୍ରକାରଭେଦ; ବ୍ରାହ୍ମ ସମାଜ ଓ ରାଜା ରାମମୋହନ ରାୟ; ଆର୍ଯ୍ୟସମାଜ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀ; ରାମକୃଷ୍ଣ ଓ ବିବେକାନନ୍ଦ ।	
ଅଷ୍ଟାଦଶ ଅଧ୍ୟାୟ :	**ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା (୧୮୮୫ରୁ ୧୯୨୦)**	୩୪୬-୩୭୩
	ଜାତୀୟ କଂଗ୍ରେସର ଜନ୍ମ, କଂସେଗ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ପ୍ରଥମ କଂଗ୍ରେସର ତାତ୍ପର୍ଯ୍ୟ, କଂଗ୍ରେସର ଅନ୍ୟାନ୍ୟ ଅଧିବେଶନ; ଉଗ୍ରବାଦର ଉତ୍ଥାନ; ଉଗ୍ରପନ୍ଥୀ ଏବଂ ଉଦାରପନ୍ଥୀଙ୍କ ମଧ୍ୟରେ ବିବାଦ; କଲିକତା ଅଧିବେଶନ (୧୯୦୬), ସୁରାଟ ଅଧିବେଶନ (୧୯୦୭) ଓ ବିଭାଜନ; ବଙ୍ଗ ବିଭାଜନ; ସ୍ୱଦେଶୀ ଆନ୍ଦୋଳନ ।	
ଊନବିଂଶ ଅଧ୍ୟାୟ :	**ଗାନ୍ଧିଯୁଗର ଆନ୍ଦୋଳନ(୧୯୨୦-୧୯୪୭)**	୩୭୪-୪୧୦
	ଗାନ୍ଧିଜୀଙ୍କ ଅଭ୍ୟୁଦୟ; ଗାନ୍ଧିଙ୍କ ସତ୍ୟାଗ୍ରହ ଆନ୍ଦୋଳନ; ରାଓଲାଟ ଆଇନ; ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ, ୧୯୧୯; ଖିଲାଫତ ଆନ୍ଦୋଳନ- ଆନ୍ଦୋଳନର କାରଣ, ଅଗ୍ରଗତି, ସେଭରେ ସନ୍ଧି ଓ ତୁର୍କୀ; ଅସହଯୋଗ ଆନ୍ଦୋଳନ- ଗଠନମୂଳକ କାର୍ଯ୍ୟ, ଧ୍ୱଂସମୂଳକ କାର୍ଯ୍ୟ, ଚୌରୀଚୌରା ଘଟଣା, ସରକାରଙ୍କ ଦମନ, ଫଳାଫଳ; ସାଇମନ କମିଶନ (୧୯୨୮); ନେହେରୁ କମିଟି ରିପୋର୍ଟ; ଲାହୋର କଂଗ୍ରେସ ଓ ପୂର୍ଣ୍ଣ ସ୍ୱରାଜ ଦାବି; ଆଇନ ଅମାନ୍ୟ ଆନ୍ଦୋଳନ- ଲବଣ ସତ୍ୟାଗ୍ରହ, ଆନ୍ଦୋଳନର ପ୍ରସାର, ଦମନ, ଫଳାଫଳ; ପ୍ରଥମ ଗୋଲଟେବୁଲ ବୈଠକ, ଗାନ୍ଧି-ଇରଉଇନ ଚୁକ୍ତି, ଦ୍ୱିତୀୟ ଓ ତୃତୀୟ ଗୋଲଟେବୁଲ ବୈଠକ; ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତ, ବ୍ୟକ୍ତିଗତ ଆଇନ ଅମାନ୍ୟ; ଭାରତଛାଡ଼ ଆନ୍ଦୋଳନ- କାରଣ, ଭାରତଛାଡ଼ ପ୍ରସ୍ତାବ, ଆନ୍ଦୋଳନର ପ୍ରସାର, ଦମନ ଓ ଫଳାଫଳ ।	

ଅଧ୍ୟାୟ	ବିଷୟ	ପୃଷ୍ଠା
ବିଂଶ ଅଧ୍ୟାୟ :	ସାମ୍ପ୍ରଦାୟିକ ରାଜନୀତି ଏବଂ ବିଭାଜନ, ଭାରତ ସ୍ୱାଧୀନତା ଆଇନ, ୧୯୪୭	୪୧୧-୪୩୬
	ସାମ୍ପ୍ରଦାୟିକତାର ଆକସ୍ମିକ ଆବିର୍ଭାବ, ସୈୟଦ ଅହମ୍ମଦ ଖାଁ, ବେକ୍ ଓ ଅନ୍ୟମାନେ, ସିମଲା ପ୍ରତିନିଧିବର୍ଗ (୧୯୦୬), ମୁସଲିମ୍‌ଲିଗ୍ ପ୍ରତିଷ୍ଠା (୧୯୦୬), କାର୍ଯ୍ୟକ୍ରମ, କଂଗ୍ରେସ ମନ୍ତ୍ରିମଣ୍ଡଳ ଓ ମୁସ୍‌ଲିମ୍ ଲିଗ୍, ମହମ୍ମଦ ଇକ୍‌ବାଲ, ପାକିସ୍ତାନ ଧାରଣା, ପାକିସ୍ତାନ ପ୍ରସ୍ତାବ; ହିନ୍ଦୁ ମହାସଭା, ରାଜଗୋପାଳଚାରୀଙ୍କ ସୂତ୍ର, ୱାଭେଲ ପ୍ଲାନ ଓ ସାମ୍ପ୍ରଦାୟିକ ଅଚଳ ଅବସ୍ଥା, କ୍ୟାବିନେଟ ମିଶନ ଏବଂ ସାମ୍ପ୍ରଦାୟିକ ଜଟିଳତା, ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ ଓ ସାମ୍ପ୍ରଦାୟିକ ଦଙ୍ଗା, ମଧ୍ୟବର୍ତ୍ତୀକାଳୀନ ସରକାର, ଆଟଲୀ ଘୋଷଣା, ଲର୍ଡ଼ ମାଉଣ୍ଟବ୍ୟାଟେନ ଓ ଭାରତ ବିଭାଜନ; ୧୯୪୭, ଭାରତ ସ୍ୱାଧୀନତା ଆଇନ୍ ।	
ଏକବିଂଶ ଅଧ୍ୟାୟ :	ସୁଭାଷଚନ୍ଦ୍ର ବୋଷ ଓ ଭାରତୀୟ ଜାତୀୟ ବାହିନୀ	୪୩୭-୪୪୮
	ସୁଭାଷ ବୋଷଙ୍କ ଜୀବନୀ, ଜର୍ମାନୀ ଓ ଜାପାନରେ ସୁଭାଷ ବୋଷ, ଅସ୍ଥାୟୀ ସରକାର ଗଠନ, ଭାରତୀୟ ଜାତୀୟ ବାହିନୀ– ସୁଭାଷ ବ୍ରିଗେଡ଼, ଗାନ୍ଧି ଓ ଆଜାଦ୍ ବ୍ରିଗେଡ୍, ଇମ୍ଫାଲ ।	
ଦ୍ୱାବିଂଶ ଅଧ୍ୟାୟ :	ସଂବିଧାନ ପ୍ରସ୍ତୁତି	୪୪୯-୪୭୩
	୧୭୭୩ ନିୟନ୍ତ୍ରଣ ଆଇନ; ୧୭୮୧ର ସଂଶୋଧନ ଆଇନ; ପିଟ୍‌ଙ୍କ ଭାରତ ଆଇନ (୧୭୮୪); ୧୭୯୩, ୧୮୧୩, ୧୮୩୩, ୧୮୫୩ର ଚାର୍ଟର ଆଇନ; ୧୮୫୮ର ଭାରତ ଶାସନ ଆଇନ; ୧୮୬୧ ଓ ୧୮୯୨ର ଭାରତୀୟ ସଂସଦ ଆଇନ; ମର୍ଲେ-ମିଣ୍ଟୋ ଶାସନ ସଂସ୍କାର-୧୯୦୯; ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର (୧୯୧୯); ୧୯୩୫, ଭାରତ ସରକାରଙ୍କ ଆଇନ ।	
	ଆଦର୍ଶ ପ୍ରଶ୍ନାବଳୀ	୪୭୪-୪୭୬

ପ୍ରଥମ ଅଧ୍ୟାୟ

ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା
(Foundation of the Mughal Empire)

ବାବର
(Babur)

ବାବରଙ୍କ ଆକ୍ରମଣର ପୂର୍ବବର୍ତ୍ତୀ ସମୟର ଭାରତ
(India on the eve of Babur's Invasion)

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଭାରତ କେତେକ ବିଖଣ୍ଡିତ ରାଜନୈତିକ ଶକ୍ତି ଦ୍ୱାରା ଶାସିତ ହେଉଥିଲା । ଉତ୍ତର ଓ ଦକ୍ଷିଣ ଭାରତରେ କେତେକ ପ୍ରାଦେଶିକ ସ୍ୱାଧୀନ ରାଜ୍ୟ ସ୍ଥାପିତ ହୋଇଥିଲା । ହିନ୍ଦୁ ଓ ମୁସଲମାନ୍ ଶାସକମାନେ ସର୍ବଦା ପରସ୍ପର ମଧ୍ୟରେ କଳହ ଦଙ୍ଗାରେ ମଜ୍ଜିତ ଥିଲେ ।

ମହମ୍ମଦ ବିନ୍ ତୋଗଲକଙ୍କ ସମୟରୁ ଦିଲ୍ଲୀ ସୁଲତାନୀ ଶାସନର ପତନ ଆରମ୍ଭ ହୋଇଥିଲା । ୧୫୧୭ ଖ୍ରୀଷ୍ଟାବ୍ଦରେ ଇବ୍ରାହିମ୍ ଲୋଦୀ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ; ତାଙ୍କର ଆଧିପତ୍ୟ ଆଗ୍ରା, ଦୋଆବ, ଜୌନପୁର, ବିହାରର ଏକ ଅଂଶ, ବୟାନା ଓ ଚାନ୍ଦେରୀ ମଧ୍ୟରେ ସୀମିତ ରହିଥିଲା । ସେ ଜଣେ ମୂର୍ଖ ଓ ଏକଜିଦିଆ ବ୍ୟକ୍ତି ଥିଲେ । ତେଣୁ ସେ ନିଜର ଆଫଗାନ୍ ସମ୍ଭ୍ରାନ୍ତମାନଙ୍କର ଚରିତ୍ର ହୃଦୟଙ୍ଗମ କରିବାରେ ଅକ୍ଷମ ଥିଲେ । ସେ ପ୍ରକାଶ୍ୟ ଭାବରେ ଘୋଷଣା କରିଥିଲେ ଯେ ସମସ୍ତ ସମ୍ଭ୍ରାନ୍ତ ତାଙ୍କର ଭୃତ୍ୟ ଅଟନ୍ତି, ଦରବାରରେ ଯୋଡ଼ହସ୍ତରେ ଦଣ୍ଡାୟମାନ ହୋଇ ସୁଲତାନଙ୍କୁ ଭକ୍ତି ପ୍ରଦର୍ଶନ କରିବା ନିମିତ୍ତ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା । ଯେଉଁମାନେ ପୂର୍ବ ଅଧିକାର ଫେରିପାଇବା ନିମନ୍ତେ ସୁଲତାନଙ୍କ ପାଖରେ ଦାବି କରୁଥିଲେ, ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇ ଦମନ କରାଯାଉଥିଲା । ତେଣୁ ଲୋଦୀ, ଲୋହାନୀ, ଫର୍ମୁଲୀ ଏବଂ ନିୟାଜୀ ଆଫଗାନ୍‌ମାନେ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିଲେ ଏବଂ ସେହି ବିଦ୍ରୋହ ଇବ୍ରାହିମ୍ ଲୋଦୀ

ଇବ୍ରାହିମ୍‌ଙ୍କ ସାମ୍ରାଜ୍ୟରେ ଅସ୍ଥିରତା ଓ ବିଶୃଙ୍ଖଳା
ବଳପୂର୍ବକ ଦମନ କରିଦେଇ ପାରୁଥିଲେ । ଇବ୍ରାହିମ୍‌ଙ୍କ ସାମ୍ରାଜ୍ୟରେ ଅସ୍ଥିରତା ଓ ବିଶୃଙ୍ଖଳା ବଳପୂର୍ବକ ଦମନ କରିଦେଇ ପାରୁଥିଲେ । ଗଭର୍ଣ୍ଣରମାନେ ଦିଲ୍ଲୀର ନିୟନ୍ତ୍ରଣର ବହିର୍ଭୂତ ହୋଇଥିଲେ । ଦିଲ୍ଲୀ ବିରାଜମାନ କରୁଥିଲା । ଗଭର୍ଣ୍ଣରମାନେ ଦିଲ୍ଲୀର ନିୟନ୍ତ୍ରଣର ବହିର୍ଭୂତ ହୋଇଥିଲେ । ଦିଲ୍ଲୀ ଏକ କେନ୍ଦ୍ରୀୟ ଶକ୍ତିର ଗୌରବ ହରାଇଥିଲା । ଯୁଦ୍ଧ ଓ ରାଜନୈତିକ ଷଡ଼ଯନ୍ତ୍ର ଥିଲା ସେ ସମୟର ବୈଶିଷ୍ଟ୍ୟ । ସେ ସମୟରେ କେତୋଟି ରାଜ୍ୟ ବିଷୟରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

ବଙ୍ଗଳା

ବଙ୍ଗଳାର ଶାସକ ଆଲ୍ଲାଉଦ୍ଦୀନ ହୁସେନ୍ (୧୪୯୩-୧୫୧୮ ଖ୍ରୀଷ୍ଟାବ୍ଦ) ତାଙ୍କର ସାମ୍ରାଜ୍ୟ ଓଡ଼ିଶାର ସୀମା ପର୍ଯ୍ୟନ୍ତ ବିସ୍ତାର କରିଥିଲେ ଓ କାମାତପୁର (ବିହାର) ଅଞ୍ଚଳ ବଳପୂର୍ବକ ଅଧିକାର କରିଥିଲେ । ଜୌନପୁରର ହୁସେନ ଶାହା ଶାର୍କୀଙ୍କୁ ଆଶ୍ରୟ ଦେବାରୁ ତାଙ୍କର ସିକନ୍ଦର ଲୋଦୀଙ୍କ ସହିତ ବିବାଦ ହୋଇଥିଲା । ତା'ଦ୍ୱାରା ସେ ବାଧ ହୋଇ ଦିଲ୍ଲୀ ସହିତ ଶାନ୍ତି ପ୍ରତିଷ୍ଠା କରିଥିଲେ । ବିହାରର ପୂର୍ବ ସୀମା ପ୍ରତି ସମ୍ମାନ ଦିଆଯାଇଥିଲା । ତାଙ୍କ ପୁତ୍ର ନସରତ ଶାହା ଜଣେ ସୁଶାସକ ଥିଲେ; ସେ ଥିଲେ ବାବରଙ୍କର ସମସାମୟିକ । ବାବରଙ୍କ ସହିତ ମଧ୍ୟ ନସରତଙ୍କର ସୁ-ସମ୍ପର୍କ ରହିଥିଲା ।

ମାଲୱା

ମଧ୍ୟଭାରତରେ ଆଧିପତ୍ୟ ବିସ୍ତାର କରୁଥିବା ରାଜ୍ୟଗୁଡ଼ିକ ହେଲେ ମାଲୱା, ଗୁଜୁରାଟ ଓ ମେବାର । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ମେବାରର ଖ୍ୟାତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମାଲୱା ଦ୍ୱିତୀୟ ଶ୍ରେଣୀର ରାଷ୍ଟ୍ରକୁ ପତିତ ହୋଇଥିଲା । ଯାହା ହେଉ, ଦିଲୱାର ଖାଁ ଘୋରୀଙ୍କ ସମୟରେ ମାଲୱା ସ୍ୱାଧୀନତା ଲାଭ କରିଥିଲା । ବାବରଙ୍କ ସମୟରେ ମାଲୱାର ସମସାମୟିକ ଶାସକ ଥିଲେ ଦ୍ୱିତୀୟ ମାହମୁଦ । ମାଲୱା ତାଙ୍କ ସମୟରେ ରାଜପୁତ୍ ବୀର ମେଦିନୀ ରାଓଙ୍କ ନିୟନ୍ତ୍ରଣକୁ ଆସିଥିଲା । ମୁସ୍‌ଲିମ୍ ସାମନ୍ତମାନେ ତାଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ଗୁଜୁରାଟର ସୁଲତାନଙ୍କ ସାହାଯ୍ୟରେ ତାଙ୍କୁ ଗାଦିଚ୍ୟୁତ କରିବାକୁ ଚାହିଁଥିଲେ; କିନ୍ତୁ ରାଣା ସଙ୍ଗଙ୍କ ଠାରୁ ସମର୍ଥନ ଲାଭକରି ମେଦିନୀ ଦ୍ୱିତୀୟ ମାହମୁଦଙ୍କୁ ପରାଜିତ କଲେ ଓ ତାଙ୍କୁ ବନ୍ଦୀକରି ଚିତୋରକୁ ନେଇ ଆସିଥିଲେ । ରାଣା ତାଙ୍କର ଉଦାରତା ପ୍ରଦର୍ଶନ କରି ମାହମୁଦଙ୍କୁ ମୁକ୍ତି ଦେବା ସହିତ ତାଙ୍କର ରାଜ୍ୟ ଫେରାଇ ଦେଇଥିଲେ ।

ମେବାର

ରାଜସ୍ଥାନରେ ମେବାର ଥିଲା ଏକ ଶକ୍ତିଶାଳୀ ରାଜ୍ୟ, ଏହାର ରାଜଧାନୀ ଚିତୋର ଥିଲା ରାଜଧାନୀମାନଙ୍କ ମଧ୍ୟରେ ରାଣୀ । ଏଠାରେ ବିଖ୍ୟାତ ରାଜପୁତ୍ ନରପତିମାନେ ଶାସନ କରି ଏହାକୁ ଗୌରବାନ୍ୱିତ କରିପାରିଥିଲେ; ରାଣା କୁମ୍ଭ ଓ ତାଙ୍କ ପରେ

ରାଣା ସଙ୍ଗ... ଏହିପରି । ବାବରଙ୍କ ସମୟରେ ଚିତୋରର ରାଣା ଥିଲେ ଏକଶତ ଯୁଦ୍ଧର ନାୟକ ସଂଗ୍ରାମ ସିଂହ ବା ରାଣା ସଙ୍ଗ । ରାଜନୀତି ଓ କୂଟନୀତିରେ ସେ ଥିଲେ ଖୁବ୍ ପ୍ରବୀଣ; ଏପରିକି ଦୁଇଶତ ରାଜପୁତ୍ ସାମନ୍ତ ଥିଲେ ତାଙ୍କର ଅନୁଗାମୀ । ତାଙ୍କର ଲକ୍ଷ୍ୟ ଥିଲା ଦିଲ୍ଲୀରେ ହିନ୍ଦୁରାଜ୍ୟ ପ୍ରତିଷ୍ଠା । ସେ ବାବରଙ୍କ ପାଖରେ ପ୍ରତିଜ୍ଞା କରିଥିଲେ ଯେ ବାବର ଇବ୍ରାହିମ୍ ଲୋଦୀଙ୍କୁ ଉତ୍ତରରୁ ଆକ୍ରମଣ କରିବା ସମୟରେ ସେ ଆକ୍ରମଣ କରିବେ ଆଗ୍ରା ଦିଗରୁ ।

ଗୁଜୁରାଟ

ବାବରଙ୍କ ଆକ୍ରମଣ ସମୟରେ ଗୁଜୁରାଟର ସୁଲତାନ ଥିଲେ ଦ୍ୱିତୀୟ ମୁଜାଫର ଶାହା । ତାଙ୍କର ରାଜତ୍ୱ କାଳ ମଧ୍ୟରେ ସେ ସର୍ବଦା ଶତ୍ରୁମାନଙ୍କ ବିରୋଧରେ ଯୁଦ୍ଧରେ ଲିପ୍ତ ରହୁଥିଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଗୁଜୁରାଟରେ ଅସ୍ଥିରତା ସୃଷ୍ଟି କରିଥିଲା । ଗୁଜୁରାଟ ପରିଣତ ହେଲା ଏକ ଦୁର୍ବଳ ରାଜ୍ୟରେ ।

ସିନ୍ଧୁ

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ସିନ୍ଧୁରେ ସୁମରା ରାଜବଂଶ ପତନୋନ୍ମୁଖୀ ଥିଲା । କାନ୍ଦାହାରର ଗଭର୍ଣ୍ଣର ଶାହାବେଗ ୧୫୨୦ ଖ୍ରୀଷ୍ଟାବ୍ଦରେ ବାବରଙ୍କ ଚାପରେ ବାଧ ହୋଇ କାନ୍ଦାହାର ତ୍ୟାଗ କରିଥିଲେ । ସେ ସିନ୍ଧୁର ସୁମରାମାନଙ୍କୁ ପରାସ୍ତ କରିଥିଲେ । ତାଙ୍କ ପୁତ୍ର ଶାହାହୁସେନ ରାଜତ୍ୱକୁ ଦୃଢ଼ୀଭୂତ କରିଥିଲେ । ଏପରିକି ସେ ମୁଲତାନ ଅଧିକାର କରିଥିଲେ ।

ପଞ୍ଜାବ

ପଞ୍ଜାବ ଦିଲ୍ଲୀ ସାମ୍ରାଜ୍ୟର ଏକ ଅଂଶ ଥିଲା । ଏଠାରେ ଇବ୍ରାହିମ୍‌ଙ୍କ ଗଭର୍ଣ୍ଣର ଦୌଲତ ଖାଁ ଲୋଦୀ ଜଣେ ପ୍ରକୃତ ଶାସକ ରୂପେ ଶାସନ କରୁଥିଲେ; ମାତ୍ର ଇବ୍ରାହିମ୍‌ଙ୍କ ଭୟରୁ ସେ ସର୍ବଦା ଆତଙ୍କିତ ଅବସ୍ଥାରେ ରହୁଥିଲେ । ଦୌଲତ ଖାଁ ନିଜକୁ ସ୍ୱାଧୀନ କରିବାକୁ ପ୍ରସ୍ତୁତ ହେଉଥିଲେ ଓ ନିଜର ଲକ୍ଷ୍ୟ ପୂରଣ କରିବା ନିମନ୍ତେ ବାବରଙ୍କୁ ନିମନ୍ତ୍ରଣ କରିଥିଲେ ।

କାଶ୍ମୀର

୧୩୩୯ ଖ୍ରୀଷ୍ଟାବ୍ଦରେ ଦୁଃସାହସିକ ମୁସଲିମ୍, ଶାହା ମୀର୍ଜା କାଶ୍ମୀରର ଜଣେ ରାଜପୁତ୍ରଙ୍କର ସିଂହାସନ ଅବରୋଧ କରିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମୁସ୍‌ଲିମ୍ ରାଜବଂଶରେ ଜୈନ-ଉଲ-ଆବିଦିନ ଥିଲେ କାଶ୍ମୀରର ଜଣେ ବିଖ୍ୟାତ ସୁଲତାନ । ତାଙ୍କର ଧର୍ମୀୟ ସହନଶୀଳତା ଥିଲା, ଏପରିକି ସେ ସଂସ୍କୃତ ସାହିତ୍ୟର ପୃଷ୍ଠପୋଷକ ଥିଲେ । ମନେହୁଏ,

ସେଥିପାଇଁ ତାଙ୍କୁ ଅଳଙ୍କୃତ କରାଯାଇଥିଲା 'କାଶ୍ମୀରର ଆକବର' ଉପାଧିରେ । ଉତ୍ତର ଭାରତ ରାଜନୀତିରେ କାଶ୍ମୀର ଅଂଶଗ୍ରହଣ କରୁ ନ ଥିଲା । ୧୪୭୦ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ପରେ କାଶ୍ମୀରରେ ଅରାଜକତା ଆସିଥିଲା ।

ଓଡ଼ିଶା

ଶକ୍ତିଶାଳୀ ହିନ୍ଦୁରାଜାମାନେ ଓଡ଼ିଶାରେ ଶାସନ କରୁଥିଲେ । ସେମାନେ ଉତ୍ତର ଭାରତ ରାଜନୀତିକୁ ପ୍ରଭାବିତ କରିପାରୁ ନ ଥିଲେ । ଦିଲ୍ଲୀର ସୁଲତାନମାନେ ମଧ୍ୟ ଓଡ଼ିଶାକୁ ନିଜର ଅଧିକାରରେ ରଖିପାରୁ ନ ଥିଲେ ।

ଖାନ୍ଦେଶ

ଚତୁର୍ଦ୍ଦଶ ଶତାବ୍ଦୀରେ ଖାନ୍ଦେଶ ଏକ ସ୍ୱାଧୀନ ରାଜ୍ୟରେ ପରିଣତ ହୋଇଥିଲା । ସର୍ବଦା ଗୁଜୁରାଟର ସୁଲତାନମାନଙ୍କର ଲୋଲୁପ ଦୃଷ୍ଟିର ଶିକାର ହେଉଥିଲା ଖାନ୍ଦେଶ । ୧୫୦୮ ଖ୍ରୀଷ୍ଟାବ୍ଦରେ, ଦାଉଦଙ୍କ ମୃତ୍ୟୁ ପରେ ଖାନ୍ଦେଶରେ ବିଶୃଙ୍ଖଳା ଦେଖାଯାଇଥିଲା । ସିଂହାସନ ପାଇଁ ଦୁଇ ଆଶାୟୀ ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା । ଜଣକୁ ଅହମଦନଗର ସମର୍ଥନ କରିବାବେଳେ ଅନ୍ୟ ଜଣକୁ ସାହାଯ୍ୟ କରିଥିଲା ଗୁଜୁରାଟ । ଶେଷରେ ଗୁଜୁରାଟର ସୁଲତାନ ତାଙ୍କ ପ୍ରାର୍ଥୀ ତୃତୀୟ ଆଦିଲ ଖାଁଙ୍କୁ ସିଂହାସନରେ ବସାଇବାରେ କୃତକାର୍ଯ୍ୟ ହୋଇଥିଲେ । ୧୫୨୦ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ପରେ ସିଂହାସନ ଲାଭ କରିଥିଲେ ପ୍ରଥମ ମହମ୍ମଦ ।

ଦକ୍ଷିଣ ରାଜ୍ୟସମୂହ

ଦାକ୍ଷିଣାତ୍ୟରେ ମହମ୍ମଦ ବିନ୍ ତୋଗଲକଙ୍କ ଅତ୍ୟାଚାରୀ ଶାସନର ଅବସାନ ଘଟାଇ ୧୩୪୭ ଖ୍ରୀଷ୍ଟାବ୍ଦରେ ବାହମନି ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ଏହି ରାଜ୍ୟ ବିସ୍ତୃତ ଥିଲା ଉତ୍ତରରେ ବେରାରଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ । ଏହି ବଂଶର ରାଜାମାନେ ବିଜୟନଗରର ହିନ୍ଦୁରାଜ୍ୟ ବିପକ୍ଷରେ ସର୍ବଦା ଯୁଦ୍ଧରତ ଥିଲେ । ୧୪୮୧ ଖ୍ରୀଷ୍ଟାବ୍ଦରେ ବାହମନି ରାଜ୍ୟର ପତନ ଘଟିଥିଲା ଏବଂ ଏଥିରୁ ବେରାର, ଅହମଦନଗର, ବିଜାପୁର, ଗୋଲକୁଣ୍ଡା ଓ ବିଦାର ନାମକ ପାଞ୍ଚଗୋଟି ସ୍ୱାଧୀନ ରାଜ୍ୟର ଉଦ୍ଭବ ହୋଇଥିଲା ।

ବିଜୟନଗର

ବାବରଙ୍କ ସମୟରେ ବିଜୟନଗରର ପ୍ରସିଦ୍ଧ ରାଜା ଥିଲେ କୃଷ୍ଣଦେବ ରାୟ । ସେ ଜଣେ ଯୋଦ୍ଧା ଥିଲେ ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ଆକ୍ରମଣ କରି ନିଜ ରାଜ୍ୟରେ ମିଶାଇ ଦେଇଥିଲେ । ବାବରଙ୍କ ଆକ୍ରମଣ ସମୟରେ ରାଜନୀତି, ଅର୍ଥନୀତି ଓ ସାଂସ୍କୃତିକ କ୍ଷେତ୍ରରେ

ଏହି ରାଜ୍ୟ ସମୃଦ୍ଧିର ଶେଷ ସୋପାନରେ ଉପନୀତ ହୋଇଥିଲା । ଦକ୍ଷିଣରେ ମୁସଲିମ୍ ଆକ୍ରମଣକୁ ପ୍ରତିହତ କରିବାରେ ବିଜୟନଗର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା ।

ଏହି ରାଜ୍ୟଗୁଡ଼ିକ ନିଜ ନିଜର ପ୍ରାଧାନ୍ୟ ଦୃଢ଼ୀକରଣ କରିବାକୁ ପରସ୍ପର ମଧ୍ୟରେ ଯୁଦ୍ଧ ଓ ଷଡ଼ଯନ୍ତ୍ରରେ ଲିପ୍ତ ରହୁଥିଲେ । ଶାସକମାନଙ୍କର ଉଚ୍ଚାଭିଳାଷ ଥିଲା, ସେମାନେ କେନ୍ଦ୍ରପ୍ରତି ଅନୁରକ୍ତ ନ ଥିଲେ । ଉପରିଲିଖିତ କେତୋଟି ରାଜ୍ୟ ବିଷୟରେ ବାବର ଏହିପରି ଲେଖିଛନ୍ତି-

''ପାଞ୍ଚ ଜଣ ରାଜା, ଯେଉଁମାନଙ୍କୁ ଉଲ୍ଲେଖ କରାଯାଇଛି, ସେମାନେ ବିଖ୍ୟାତ ରାଜପୁତ୍ର ଅଟନ୍ତି ଏବଂ ସମସ୍ତେ ମୁସଲମାନ୍ ଏବଂ ସେମାନେ ଧରି ରଖିଥିଲେ ଦୁର୍ଜ୍ଜୟ ସୈନ୍ୟବାହିନୀ ଓ ବିଶାଳ ଅଞ୍ଚଳର ଶାସକମାନଙ୍କୁ । ଭୂଖଣ୍ଡ ଓ ସୈନ୍ୟ ଦିଗରୁ ଏହି ଭୌଗୋଳିକ ରାଜପୁତ୍ରମାନଙ୍କ ମଧ୍ୟରେ ସବୁଠୁଁ କ୍ଷମତାଶାଳୀ ଥିଲେ ବିଜୟନଗରର ରାଜା । ଅନ୍ୟ ଜଣେ ଅଟନ୍ତି ରାଣା ସଙ୍ଗ, କେବଳ ଏହି ପରବର୍ତ୍ତୀ ସମୟରେ ଯିଏ ତାଙ୍କର ବୀରତ୍ୱ ଓ ତରବାରି ଦ୍ୱାରା ବର୍ତ୍ତମାନର ଉଚ୍ଚ ଖ୍ୟାତି ହାସଲ କରିଛନ୍ତି । ତାଙ୍କର ମୂଳରାଜ୍ୟ ଥିଲା ଚିତୋର ।''

ବାବରଙ୍କ ଆଦ୍ୟ ଜୀବନ (Early Career of Babur)

ତୁର୍କୀସ୍ଥାନ ଅନ୍ତର୍ଗତ ଫରଗଣା ନାମକ ଏକ କ୍ଷୁଦ୍ର ରାଜ୍ୟରେ ୧୪୮୩ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୧୪ ତାରିଖ ଦିନ ବାବର ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଉମର ଶେଖ୍ ମୀର୍ଜା; ମାତା ଥିଲେ କୁତ୍‌ଲୁଘ୍ ନିଗାର ଖାନମ । ପିତାଙ୍କ ଆଡୁ ସେ ଥିଲେ ତୈମୁରଲଙ୍ଗ ଓ ମାତାଙ୍କ ଆଡୁ ମଙ୍ଗୋଲ ଯୋଦ୍ଧା ଚେଙ୍ଗିଜ୍ ଖାଁଙ୍କର ବଂଶଧର । ଲେନ୍‌ପୋଲ୍‌ଙ୍କ ଭାଷାରେ, ''ବାବର ମଙ୍ଗୋଲମାନଙ୍କର ଶକ୍ତି ଓ ଭୟାବହତା ଏବଂ ତୁର୍କୀମାନଙ୍କର ସାହସିକତା ଓ ପାରଙ୍ଗମତା ଲାଭ କରିଥିଲେ ।''

ବାବର ତୁର୍କ ଓ ପାରସିକ ଭାଷାରେ ଯଥେଷ୍ଟ ଜ୍ଞାନ ହାସଲ କରିଥିଲେ, ଯେଉଁ ଭାଷାଗୁଡ଼ିକ ସେ ଖୁବ୍ ସହଜରେ ଲେଖି ଓ କହିପାରୁଥିଲେ । ବାଳକ ଅବସ୍ଥାରେ ମଧ୍ୟ ସେ ରାଜନୈତିକ ଘଟଣାଗୁଡ଼ିକର ତାତ୍ପର୍ଯ୍ୟର ଯଥୋଚିତ ମୂଲ୍ୟ ନିରୂପଣ କରୁଥିଲେ, ମାନବ ଚରିତ୍ର ବିଚାର କରିବାରେ ତାଙ୍କର ଅସମ୍ଭବ ଶକ୍ତି ଥିଲା । ସାମରିକ ତାଲିମ ଲାଭ କରିବା ସହିତ ସେ ଶାସନ, ଯୁଦ୍ଧ ଓ କୂଟନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଥିଲେ ।

ପିତାଙ୍କର ମୃତ୍ୟୁପରେ ୧୪୯୪ ଖ୍ରୀଷ୍ଟାବ୍ଦ ଜୁନ୍ ମାସରେ ମାତ୍ର ୧୧ ବର୍ଷ ବୟସରେ ବାବର ହେଲେ ଫରଗଣାର ରାଜା । ସେତେବେଳେ ଫରଗଣାକୁ ଚତୁର୍ଦ୍ଦିଗରୁ ଆକ୍ରମଣର ସମ୍ମୁଖୀନ ହେବାକୁ ପଡୁଥିଲା । ବାବରଙ୍କ ମାତୁଳ ସୁଲତାନ ଅହମ୍ମଦ ମୀର୍ଜା ଅନ୍ୟ ଜଣେ

ମାତୁଳ ମାହମୁଦ ଖାଁଙ୍କ ସହାୟତାରେ ୧୪୯୪ ଖ୍ରୀଷ୍ଟାବ୍ଦରେ ଫରଗଣା ଆକ୍ରମଣ କରିଥିଲେ । ମାତ୍ର ଭାଗ୍ୟ, ଏକ ଦୃଢ଼ ମନୋଭାବ ଏବଂ ପ୍ରଜା ଓ ସାମନ୍ତମାନଙ୍କର ତାଙ୍କ ପ୍ରତି ଅନୁରକ୍ତି ଯୋଗୁଁ ବାବର ଏ ଆକ୍ରମଣ ପ୍ରତିରୋଧ କରିପାରିଥିଲେ । ତୈମୁରଙ୍କ ରାଜଧାନୀ ସମରକନ୍ଦ ଅଧିକାର କରିବା ଉଚ୍ଚାଭିଳାଷୀ ବାବରଙ୍କ ପାଇଁ ଏକ ପ୍ରଲୋଭନ ଥିଲା । ତୈମୁର ଥିଲେ ବାବରଙ୍କ ପାଇଁ ଜଣେ ଆଦର୍ଶ ମାନବ । ୧୪୯୪ ଖ୍ରୀଷ୍ଟାବ୍ଦରେ ମହମ୍ମଦ ମୀର୍ଜାଙ୍କର ମୃତ୍ୟୁ ହେଲା । ସମରକନ୍ଦ ରାଜଗାଦି ଅଧିକାର କରିବା ପାଇଁ ତାଙ୍କ ପୁତ୍ରମାନଙ୍କ ମଧ୍ୟରେ ତେଜି ଉଠିଥିଲା ଗୃହ ବିବାଦ । ୧୪୯୬ ଖ୍ରୀଷ୍ଟାବ୍ଦରେ ବାବରଙ୍କର ସମରକନ୍ଦ ଅଧିକାର କରିବାର ଚେଷ୍ଟା ଫଳପ୍ରଦ ହୋଇପାରି ନ ଥିଲା । ଯାହାହେଉ, ୧୪୯୭ ଖ୍ରୀଷ୍ଟାବ୍ଦରେ ସେ ସମରକନ୍ଦ ଅଧିକାର କଲେ । ସେଠାରେ ସହସା ବାବର ରୋଗରେ ପୀଡ଼ିତ ହୋଇଥିଲେ । ଫରଗଣାରେ ମଧ୍ୟ ବାବରଙ୍କ ବିରୋଧରେ ବିଦ୍ରୋହ ହେଲା । ସେ ବିଦ୍ରୋହ ଦମନ କରିପାରି ନ ଥିଲେ । ବିଦ୍ରୋହୀମାନେ ମଧ୍ୟ ଫରଗଣା ଅଧିକାର କରି ନେଇଗଲେ । ଯେତେବେଳେ ବାବର ସମରକନ୍ଦକୁ ପ୍ରତ୍ୟାବର୍ତ୍ତନ କଲେ, ସେ ଦେଖିଲେ ସେହି ସହର ମଧ୍ୟ ତାଙ୍କର ହସ୍ତମୁଠାରୁ ଖସିଯାଇଛି ।

ବାବର ହେଲେ ଜଣେ ଗୃହହୀନ ପଥଚାରୀ । ଏ ଦୁର୍ଦ୍ଦିନରେ ତାଙ୍କର ଅନୁଗାମୀମାନେ ତାଙ୍କୁ ତ୍ୟାଗ କରିଥିଲେ । କେବଳ ବାବରଙ୍କ ପାଖରେ ରହିଲେ ଦୁଇଶହରୁ ତିନିଶହ ପର୍ଯ୍ୟନ୍ତ ଅନୁଚର । ବାବର ଡାଇରିରେ ଲେଖିଲେ, ''ଏହା ମୋ ଉପରେ ଖୁବ୍ କଠିନ ହୋଇ ଆସିଲା, ମୁଁ ଅତ୍ୟଧିକ କ୍ରନ୍ଦନରେ ସାହାଯ୍ୟ କରିପାରିଲି ନାହିଁ ।'' ୧୪୯୮ ଖ୍ରୀଷ୍ଟାବ୍ଦରେ ବାବର ଫରଗଣା ଫେରିପାଇ, ୧୫୦୦ ଖ୍ରୀଷ୍ଟାବ୍ଦରେ ଏହାକୁ ପୁନର୍ବାର ହରାଇଥିଲେ । ୧୫୦୦-୦୧ ଖ୍ରୀଷ୍ଟାବ୍ଦରେ ଉନ୍ମତ୍ତଙ୍କ ପରି ବାବର ସମରକନ୍ଦ ପୁନଃ ଅଧିକାର କରିବାକୁ ଚେଷ୍ଟା କଲେ; ଏହି ସହର ଥିଲା ଉଜବେଗ୍‌ମାନଙ୍କର ମୁଖ୍ୟ ଶୈବାନୀଖାଁଙ୍କ ଅଧିକାରରେ । ଶୈବାନୀଙ୍କୁ ପରାସ୍ତକରି ବାବର ଯଦିଚ ଦ୍ୱିତୀୟ ଥର ପାଇଁ ସମରକନ୍ଦ ଅଧିକାର କଲେ, ତଥାପି ଅଧିକ କାଳ ସେ ଏହାକୁ ଧରି ରଖିପାରିନଥିଲେ । ୧୫୦୨ ଖ୍ରୀଷ୍ଟାବ୍ଦରେ ଶୈବାନୀ ସର୍-ଇ-ପୁଲ୍ (Sar-i-pul) ଠାରେ ବାବରଙ୍କୁ ପରାସ୍ତ କରିଥିଲେ । ବାବରଙ୍କୁ ସମରକନ୍ଦ ତ୍ୟାଗ କରିବାକୁ ପଡ଼ିଥିଲା । ବାବରଙ୍କ ରାଜ୍ୟ ନଥିଲା, ଗୃହ ନଥିଲା, ଥିଲେ କେତେଜଣ ଅନୁଚର ମାତ୍ର । ତାଙ୍କୁ ରୋଟି ମାଗିବାକୁ ପଡୁଥିଲା, ଖାଲି ପାଦରେ ବିପଦପୂର୍ଣ୍ଣ ପାହାଡ଼ରେ ଭ୍ରମଣ କରିବାକୁ ହେଉଥିଲା; କିନ୍ତୁ ସେ ହତାଶ ହୋଇପଡ଼ି ନ ଥିଲେ, ଏହି ଦୁର୍ଦ୍ଦଶା ମଧ୍ୟରେ ବି ତାଙ୍କର ଥିଲା ପ୍ରଶାନ୍ତ ମନୋଭାବ ।

ଇତ୍ୟବସରେ ଶୈବାନୀ ଖାଁ ଖୋରାସାନ ଅଧିକାର କରିଥିଲେ । ବାବର ଆଗ୍ରହର ସହିତ ତାଙ୍କର ଶତ୍ରୁମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ । ଶୈବାନୀ ଟ୍ରାନ୍‌ସୋକସିଆନା,

ଖ୍ୱାରିଜିମ, ଫରଗଣା ଓ ଖୋରାସାନ ଅଞ୍ଚଳରେ ଲୁଣ୍ଠନ କାର୍ଯ୍ୟ ଚଳାଇଥିଲେ । ଉଜବେଗ୍‌ମାନଙ୍କର କାନ୍ଦାହାରକୁ ଗମନ ଦେଖି ବାବର ଭୟରେ ହିନ୍ଦୁସ୍ଥାନକୁ ପଳାଇ ଆସିଥିଲେ; କିନ୍ତୁ ସେତେବେଳେ ଶୈବାନୀଙ୍କ ସାମ୍ରାଜ୍ୟର ଅନ୍ୟ ଏକ ଭାଗରେ ବିଦ୍ରୋହ ହେବାରୁ ସେ କାନ୍ଦାହାର ଅବରୋଧ ନ କରି ଫେରିଗଲେ । ଏହି ସୁଯୋଗରେ ୧୫୦୪ ଖ୍ରୀଷ୍ଟାବ୍ଦରେ ବାବର କାବୁଲ୍ ଅଧିକାର କରିଥିଲେ । ଏହାପରେ ସେ ବାଦଶାହା ଉପାଧି ଧାରଣ କରିଥିଲେ । କାବୁଲରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରି ପୁନଶ୍ଚ ସେ ସମରକନ୍ଦ ଜୟ କରିବାକୁ ପ୍ରସ୍ତୁତ ହେଲେ ।

ସେତେବେଳକୁ ପାରସ୍ୟର ସମ୍ରାଟ ଇସ୍‌ମାଇଲ ସଫାଭି (Ismail Safvi) ଶୈବାନୀ ଖାଁଙ୍କୁ ଧ୍ୱଂସ କରିଦେଇଥିଲେ । ଇସ୍‌ମାଇଲଙ୍କ ସାହାଯ୍ୟରେ ବାବର ଉଜବେଗ୍‌ମାନଙ୍କ ବିରୋଧରେ ଅଭିଯାନ ଚଳାଇଥିଲେ । ତାଙ୍କ ନାମ କୁହୁକ ପରି କାର୍ଯ୍ୟ କରିଥିଲା । ଲୋକମାନେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବିନା ଯୁଦ୍ଧରେ ସେ ବୁଖାରାଠାରେ ପହଞ୍ଚିଥିଲେ ଓ ସେଠାରୁ ଯାତ୍ରାକରି ୧୫୧୧ ଖ୍ରୀଷ୍ଟାବ୍ଦରେ ସମରକନ୍ଦ ଅଧିକାର କରିଥିଲେ । ବାବର ମଧ୍ୟ ହିରାଟ, ବଦଖସାନ, କୁନ୍ଦଜ, ହିସାର ଓ ଫରଗଣା ଜୟ କଲେ; କିନ୍ତୁ ତାଙ୍କର ଗୌରବ କ୍ଷଣସ୍ଥାୟୀ ଥିଲା ।

ଇସ୍‌ମାଇଲଙ୍କ ସହିତ ଚୁକ୍ତି ଅନୁଯାୟୀ ବାବରଙ୍କର ସିଆଧର୍ମ ଗ୍ରହଣ ସମରକନ୍ଦର ଲୋକମାନଙ୍କୁ ଉତ୍ତେଜିତ କରିଥିଲା । ସେମାନେ ବାବରଙ୍କ ଉପରୁ ବିଶ୍ୱାସ ହରାଇଥିଲେ ଓ ତାଙ୍କୁ ବିଧର୍ମୀ ବୋଲି ଭାବିଲେ । ତୈମୁରଙ୍କ ରାଜଧାନୀରେ ରହିଥିବା ସମୟରେ ସେ ଜାଣିବାକୁ ପାଇଲେ ଯେ ଶୈବାନୀ ଖାଁଙ୍କ ପୁତ୍ର ଉବୈଦୁଲ୍ଲା ଉଜବେଗ୍‌ମାନଙ୍କୁ ନେଇ ବୁଖାରା ଆକ୍ରମଣ କରିବାକୁ ଆସୁଛନ୍ତି । ତାଙ୍କୁ ବାଧା ଦେବାକୁ ଯାଇ ବାବର ୧୫୧୨ ଖ୍ରୀଷ୍ଟାବ୍ଦରେ କୁଲ୍-ଇ-ମାଲିକ୍ (Kul-i-Malik)ଠାରେ ପରାଜିତ ହେଲେ ଓ ହିସାର ଦୁର୍ଗକୁ ପଳାୟନ କଲେ । ଶାହା ଇସ୍‌ମାଇଲ ପ୍ରେରଣ କରିଥିବା ପାରସିକ ବାହିନୀ ମଧ୍ୟ ଉଜବେଗ୍‌ମାନଙ୍କ ଦ୍ୱାରା ପରାସ୍ତ ହେଲେ । ଫଳରେ ହତାଶ ହୋଇ ବାବର କାବୁଲ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ଅନୁଭବ କରିଥିଲେ ଯେ ପଶ୍ଚିମରେ ସେ ଆଉ କୃତକାର୍ଯ୍ୟ ହେବେନାହିଁ, ତେଣୁ ପ୍ରାଚ୍ୟ ଦିଗରେ ମନୋନିବେଶ କରିବା ବ୍ୟତୀତ ତାଙ୍କଠାରେ ଆଉ କିଛି ଉପାୟ ନ ଥିଲା ।

କେତୋଟି ଭାରତୀୟ ଅଭିଯାନ (Some Indian Raids)

ହିନ୍ଦୁସ୍ଥାନ ଉପରେ ଚୂଡ଼ାନ୍ତ ଆକ୍ରମଣ କରିବା ପୂର୍ବରୁ ଏହାର କେତେକ ଅଞ୍ଚଳ ଉପରେ ବାବର କେତେଥର ପ୍ରାରମ୍ଭିକ ଅଭିଯାନ ଚଳାଇଥିଲେ । ୧୫୧୯ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ବାବର ଭାରତ ବିରୁଦ୍ଧରେ ପ୍ରଥମ ଆକ୍ରମଣ କରିଥିଲେ । ଏହି ଅଭିଯାନ ଥିଲା କର ଦେଉନଥିବା ଦୁର୍ଦ୍ଦାନ୍ତ ୟୁସୁଫଜାଇ ଗୋଷ୍ଠୀ ବିରୋଧରେ । ପ୍ରଥମେ ସେ

ବଜାଉର (Bajaur) ଦୁର୍ଗ ଅଧିକାର କରିଥିଲେ ଏବଂ ବିନା ପ୍ରତିବନ୍ଧକରେ ଝେଲମ୍ ନଦୀ କୂଳସ୍ଥ ଭୀରା ଅଧିକାର କଲେ । ଖୁଶବ ଓ ଚେନାବ ଅଞ୍ଚଳ ମଧ୍ୟ ତାଙ୍କ ହସ୍ତମୁଠିକୁ ଆସିପାରିଥିଲା । ଏହାପରେ ବାବର କୁରମ (Kurram) ପଥ ଦେଇ କାବୁଲ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ସମୟରେ ସେ ଆମୋଦପ୍ରମୋଦରେ ନିଜକୁ ନିମଜ୍ଜିତ କରିଥିଲେ, ମଦ୍ୟ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେ ଗ୍ରହଣ କରୁଥିଲେ । ଅଫିମ ସେବନ ପ୍ରତି ତାଙ୍କର ଖୁବ୍ ଦୁର୍ବଳତା ଥିଲା । ସେହି ବର୍ଷ ସେ ପୁଣି ଖାଇବର ପଥ ଦେଇ ଆସି ୟୁସୁଫଜାଇ ଆଫଗାନ୍‌ମାନଙ୍କୁ ପରାସ୍ତ କରିଥିଲେ । ବଦଖସାନରେ ଗୋଲମାଲ ହେଉଥିବା ସମ୍ବାଦ ଶୁଣି ସେ କାବୁଲ୍ ଫେରିଗଲେ । ୧୫୨୦ ଖ୍ରୀଷ୍ଟାବ୍ଦରେ ବାବରଙ୍କ ତୃତୀୟ ଅଭିଯାନ ଆରମ୍ଭ ହୋଇଥିଲା । ସେ ବଜାଉର ଓ ଭୀରା ପୁନଃ ଅଧିକାର କରିଥିଲେ; ବିନା ବାଧାରେ ସିଆଲକୋଟ ତାଙ୍କର ଅଧିକାରକୁ ଆସିଗଲା । ବାବର ମଧ୍ୟ ବଳପୂର୍ବକ ସୟଦପୁର ଦଖଲ କରି ନେଇଗଲେ । ଶାହାବେଗ କାନ୍ଦାହାରରେ ବିବାଦ କରୁଥିବାର ଶ୍ରବଣ କରି ଏହାକୁ ନିଜର ଅଧିକାରକୁ ଆଣିବାକୁ ବାବର ସେଠାକୁ ଯାତ୍ରା କଲେ । ଏହି ଦୁଃସାହସିକ କାର୍ଯ୍ୟରେ ଦୁଇବର୍ଷ ଅତିବାହିତ ହୋଇଗଲା ଏବଂ ଶେଷରେ ୧୫୨୨ ଖ୍ରୀଷ୍ଟାବ୍ଦରେ ସେ ପ୍ରତାରଣା ଦ୍ୱାରା କାନ୍ଦାହାର ଅଧିକାର କଲେ । କାମରାନ୍ ହେଲେ ଏହାର ଶାସନକର୍ତ୍ତା ।

ଆଫଗାନ୍ ଅଞ୍ଚଳରେ ବିପଦମୁକ୍ତ ହୋଇ ବାବର ପୁନର୍ବାର ହିନ୍ଦୁସ୍ଥାନ ଉପରେ ନଜର ପକାଇଲେ । ବାବର ଲେଖିଥିଲେ, "ହିନ୍ଦୁସ୍ଥାନ ଅଧିକାର କରିବା ଯେଣୁ ମୋର ହୃଦୟରେ ସର୍ବଦା ଜାଗି ରହିଥିଲା ଏବଂ ଯେହେତୁ ଏହି କେତେକ ଦେଶ ଦିନେ ତୁର୍କମାନଙ୍କର ଅଧିକାରରେ ଥିଲା, ମୁଁ ସେଗୁଡ଼ିକୁ ମୋର ପରି ରୂପ ଦେଉଥିଲି ଏବଂ ଶପଥ କରିଥିଲି ଯେ ଶାନ୍ତି ବା ଶକ୍ତି ପ୍ରୟୋଗ କରି ସେଗୁଡ଼ିକ ମୁଁ ପ୍ରାପ୍ତ ହେବି ।" ସେତେବେଳେ ଦିଲ୍ଲୀରେ କୁଖ୍ୟାତ ଆଫଗାନ୍ ଶାସକ ଥିଲେ ଇବ୍ରାହିମ୍ ଲୋଦୀ । ତାଙ୍କ ଅତ୍ୟାଚାରକୁ ବିରୋଧ କରି ଆଫଗାନ୍ ସମ୍ଭ୍ରାନ୍ତମାନେ ବିଦ୍ରୋହ କରୁଥିଲେ । ସେତେବେଳେ ପଞ୍ଜାବର ଶାସନକର୍ତ୍ତା ଦୌଲତ ଖାଁ ଲୋଦୀ ସେଠାରେ ସ୍ୱାଧୀନ ହୋଇ ଦୃଢ଼ୀଭୂତ ହେବାରେ ସାହାଯ୍ୟ କରିବାକୁ ବାବରଙ୍କୁ ଆମନ୍ତ୍ରଣ କରିଥିଲେ । ବାବର ସଙ୍ଗେ ସଙ୍ଗେ ୧୫୨୪ ଖ୍ରୀଷ୍ଟାବ୍ଦରେ ଲାହୋରକୁ ଗମନ କରିଥିଲେ । ଇତ୍ୟବସରେ ଇବ୍ରାହିମ୍ ଲୋଦୀ ଏକ ସୈନ୍ୟବାହିନୀ ପ୍ରେରଣ କରି ଦୌଲତ ଖାଁଙ୍କୁ ଦମନ କରିଥିଲେ; କିନ୍ତୁ ବାବର ଇବ୍ରାହିମ୍‌ଙ୍କର ଏହି ବାହିନୀକୁ ଆକ୍ରମଣ କରି ଇତସ୍ତତ କରିଦେଇଥିଲେ ଏବଂ ଏହାପରେ ଲାହୋର ଅଧିକାର କଲେ । ବାବର ମଧ୍ୟ ଦିପାଳପୁର ଅବରୋଧ କଲେ । ପଞ୍ଜାବକୁ ନିଜର ଅଧିକାରରେ ରଖି ସେ ଦୌଲତ ଖାଁଙ୍କୁ ଜଳନ୍ଧର ଓ ସୁଲତାନପୁର ଜାଗିରି ସ୍ୱରୂପ ପ୍ରଦାନ କଲେ । ଦୌଲତ ଖାଁ ଏଥିରେ ହତାଶ ହୋଇ ବାବରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ । ଦୌଲତ ଖାଁଙ୍କର ଉଚ୍ଚାଭିଳାଷୀ ପୁତ୍ର

ଦିଲୱାର ଖାଁ ପିତାଙ୍କର ଏପରି ଷଡ଼ଯନ୍ତ୍ର ବାବରଙ୍କ ପାଖରେ ପ୍ରକାଶ କରିଦେଇଥିଲେ । ତେଣୁ ବାବର କ୍ଷୁବ୍ଧ ହୋଇ ସୁଲତାନପୁରକୁ ଦିଲୱାରଙ୍କୁ ପ୍ରଦାନ କରିଥିଲେ । ବାବର ମଧ୍ୟ ତାଙ୍କୁ ଆମନ୍ତ୍ରଣ କରିଥିବା ଇବ୍ରାହିମ୍‌ଙ୍କ ମାତୁଳ ଆଲାମ ଖାଁ ଲୋଦୀଙ୍କ ଅଧୀନରେ ଦିପାଳପୁର ରଖିଥିଲେ । ତା'ପରେ ସେ କାବୁଲକୁ ଫେରିଯାଇଥିଲେ ।

ବାବରଙ୍କ ପ୍ରତ୍ୟାଗମନ ଦେଖି ଦୌଲତ ଖାଁ ନିଜ ପୁତ୍ରଙ୍କଠାରୁ ସୁଲତାନପୁର ଛଡ଼ାଇ ଆଣିଥିଲେ ଓ ଦିପାଳପୁରରୁ ଆଲାମ ଖାଁଙ୍କୁ ବହିଷ୍କାର କରିଥିଲେ । ଆଲାମ ଖାଁ କାବୁଲକୁ ପଳାୟନ କରି ବାବରଙ୍କ ସହିତ ଏକ ସନ୍ଧି କରିଥିଲେ । ବାବର ମଧ୍ୟ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଯଦି ସେ ଦିଲ୍ଲୀ ସିଂହାସନ ଲାଭ କରିବେ, ତେବେ ଆଲାମ ଖାଁ ପାଇବେ ଲାହୋର ଓ ଏହାର ପଶ୍ଚିମରେ ଥିବା ଅଞ୍ଚଳ; ମାତ୍ର ଦୌଲତ ଖାଁଙ୍କ ପ୍ରରୋଚନାରେ ଆଲାମ ଖାଁ ବାବରଙ୍କ ସହିତ ହୋଇଥିବା ସନ୍ଧି ଭଗ୍ନ କଲେ ଓ ଉଭୟେ ଇବ୍ରାହିମ୍ ଲୋଦୀଙ୍କୁ ଆକ୍ରମଣ କରିଥିଲେ । ଇବ୍ରାହିମ୍ ଲୋଦୀ ସେ ଦୁହିଁଙ୍କର ବିପୁଳ କ୍ଷୟକ୍ଷତି ଘଟାଇ ସେମାନଙ୍କୁ ଯୁଦ୍ଧଭୂମିରୁ ବିତାଡ଼ିତ କରିଦେଇଥିଲେ ।

ପ୍ରଥମ ପାନିପଥ ଯୁଦ୍ଧ (୧୫୨୬ ଖ୍ରୀଷ୍ଟାବ୍ଦ, ଅପ୍ରେଲ ୨୧) (The First Battle of Panipat-21st April, 1526)

ଉଜବେଗ୍‌ମାନଙ୍କର ଭୟ ଦୂରୀଭୂତ ହୋଇଯିବା ପରେ ବାବର ଭାରତ ବିପକ୍ଷରେ ନଭେମ୍ବର ୧୫୨୫ ଖ୍ରୀଷ୍ଟାବ୍ଦରେ ସୈନ୍ୟଚାଳନା କଲେ । ବାବରଙ୍କ ଆଗମନରେ ଦୌଲତ ଖାଁ ଏବଂ ଗଜି ଖାଁ ଆତଙ୍କିତ ହୋଇ ମିଲୱାଟ (Milwat) ଦୁର୍ଗରେ ଆତ୍ମଗୋପନ କଲେ । ବାବର ଦୌଲତ ଖାଁଙ୍କୁ ପରାସ୍ତ କରିଥିଲେ ଓ ତାଙ୍କ ସହଜାତ ଗୁଣରେ ସେ ମଧ୍ୟ ଦୌଲତ ଖାଁଙ୍କୁ କ୍ଷମା ଦେଇଥିଲେ । ଦୌଲତ ଖାଁଙ୍କୁ ତାଙ୍କର ଆଦିବାସୀ ଗ୍ରାମଗୁଡ଼ିକ ବ୍ୟତୀତ ଅନ୍ୟ ଅଞ୍ଚଳ ବାବରଙ୍କୁ ପ୍ରଦାନ କରିବାକୁ ପଡ଼ିଥିଲା । ତେଣୁ ଖୁବ୍ ସହଜରେ ପଞ୍ଜାବ ବାବରଙ୍କୁ ପ୍ରାପ୍ତ ହୋଇଥିଲା । ବାବରଙ୍କ ଦିଲ୍ଲୀ ଆକ୍ରମଣ ସହଜସାଧ୍ୟ ନ ଥିଲା । ସେଥିପାଇଁ ତାଙ୍କର ପ୍ରଚୁର ସମ୍ବଳ ମଧ୍ୟ ନ ଥିଲା; ମାତ୍ର ତାଙ୍କଠାରେ ଥିଲା ଅସମ୍ଭବ ସାହସ ଓ ଆଶାବାଦ ।

ଭାରତରେ ଅସନ୍ତୁଷ୍ଟ ଗୋଷ୍ଠୀର ଲୋକମାନେ ବାବରଙ୍କ ଯୁଦ୍ଧାଭିଯାନକୁ ସ୍ୱାଗତ କରୁଥିଲେ । ମେବାରର ରାଜା ରାଣା ସଙ୍ଗ ସେମାନଙ୍କ ମଧ୍ୟରୁ ଥିଲେ ଅନ୍ୟତମ । ବାବରଙ୍କୁ ବାଧା ଦେବା ନିମନ୍ତେ ଇବ୍ରାହିମ୍ ଲୋଦୀ ଯେଉଁ ଆଗୁଆ ଦୁଇ ବାହିନୀ ପ୍ରେରଣ କରିଥିଲେ, ବାବର ସେମାନଙ୍କୁ ପରାସ୍ତ କରିଥିଲେ । ବାବର ପାନିପଥଠାରେ ପହଞ୍ଚି ସେଠାରେ ଶିବିର ସ୍ଥାପନ କରିଥିଲେ । ବାବରଙ୍କ ମନେହେଉଥିଲା ସେ ତାଙ୍କ ତାଲିମପ୍ରାପ୍ତ ଅଶ୍ୱାରୋହୀ ଓ ଅସ୍ତ୍ରଶସ୍ତ୍ର ସଜ୍ଜିତ ସୈନ୍ୟବାହିନୀକୁ ମିଶାଇ ସଂଘର୍ଷରେ କୃତକାର୍ଯ୍ୟ ହେବେ । ଇବ୍ରାହିମ୍‌ଙ୍କ

ବିପର୍ଯ୍ୟସ୍ତ
ବିଶୃଙ୍ଖଳିତ ବିରାଟ ବାହିନୀକୁ ବାବରଙ୍କ ସେନାପତି ଉସ୍ତାଦ ଅଲ୍ଲି ଓ ମୁସ୍ତାଫା
କରିଦେଇପାରିବେ । ବାବର ଲେଖିଛନ୍ତି, ୧୨୦୦୦ ସୈନ୍ୟଙ୍କ ସାହାଯ୍ୟରେ ସେ ଇବ୍ରାହିମ୍‌ଙ୍କୁ
ପରାସ୍ତ କରିଥିଲେ । ବାବରଙ୍କ ଅନ୍ୟତମ ପ୍ରଶଂସକ ରୁଶବ୍ରୁକ୍ ଉଇଲିୟମ କହିଛନ୍ତି ଯେ
ବାବରଙ୍କର ସୈନ୍ୟ ୮୦୦୦ଠାରୁ କମ୍ ଥିଲେ; କିନ୍ତୁ ସାଧାରଣରେ ବିଶ୍ୱାସ କରାଯାଏ ଯେ
ବାବର ଦିଲ୍ଲୀ ଅଗ୍ରସର ହେଉଥିବା ସମୟରେ ଭାରତୀୟ ଭଡ଼ାଟିଆ ସୈନ୍ୟ ତାଙ୍କ ସହିତ
ମିଶିବାରୁ ସୈନ୍ୟସଂଖ୍ୟା ୨୫ ହଜାରରେ ପହଞ୍ଚିଥିଲା । ତାଙ୍କ ହାତରେ ଥିଲା ୭୦୦ଟି
ଚାଳିତ କମାଣ ଗାଡ଼ି (araba), ଯେଉଁଗୁଡ଼ିକ କଞ୍ଚା ଗୋରୁଚମଡ଼ାରେ ଏକତ୍ର ବନ୍ଧାଯାଇଥିଲା ।
ବନ୍ଧୁକଧାରୀ ସୈନିକମାନଙ୍କର ପ୍ରତିରକ୍ଷା ନିମିତ୍ତ ପ୍ରତ୍ୟେକ ଦୁଇଟି କମାଣ ଗାଡ଼ି ମଧ୍ୟରେ
୬ ବା ୭ ଗୋଟି ତୁରା ବା ତରତରରେ ନିର୍ମିତ ଚଳନ୍ତି ମାଟିର ଦୁର୍ଗ (Tura Breast
works) ରଖାଯାଉଥିଲା । ତୁରାଗୁଡ଼ିକର ପଶ୍ଚାତ୍ ଭାଗରେ ଚାଲୁଥିଲେ ବନ୍ଧୁକଧାରୀ
ସୈନିକମାନେ, ଦକ୍ଷିଣ ପାର୍ଶ୍ୱରେ ରହିଥିଲେ ଉସ୍ତାଦ ଅଲ୍ଲି ଓ ବାମ ପାର୍ଶ୍ୱରେ ମୁସ୍ତାଫା ।
କେତୋଟି କମାଣ ଗାଡ଼ି ଓ ଅନ୍ୟ କେତୋଟି କମାଣ ଗାଡ଼ି ମଧ୍ୟରେ ଯଥେଷ୍ଟ ବ୍ୟବଧାନ
ରହୁଥିଲା, ଏହି ବ୍ୟବଧାନ ମଧ୍ୟରେ ପ୍ରାୟ ଏକ ଶତରୁ ଊର୍ଦ୍ଧ୍ୱ ଅଶ୍ୱାରୋହୀ ସୈନିକ କାନ୍ଧକୁ
କାନ୍ଧ ମିଳାଇ ଆକ୍ରମଣ କରିବାକୁ ଚାଲୁଥିଲେ । କେନ୍ଦ୍ର ସ୍ଥଳରେ ରହିଥିଲେ ନିଜେ ବାବର,
ତାଙ୍କର ସ୍ଥାନଟି ଥିଲା ଯୁଦ୍ଧ କରିବା ନିମିତ୍ତ ପ୍ରକୃତ ସ୍ଥାନ । ବାବରଙ୍କ ସମୀପ ଭାଗରେ ଥିଲେ
ପ୍ରହରୀମାନେ (ବନ୍ଧୁକଧାରୀ ସୈନ୍ୟଙ୍କ ପଛରେ) । ବାବରଙ୍କ ବାମ ଓ ଦକ୍ଷିଣ ପାର୍ଶ୍ୱରେ
ମଧ୍ୟ ଦୁଇ ଭାଗ ସୈନିକ ରହିଥିଲେ । ବାବରଙ୍କ ଦକ୍ଷିଣ ଭାଗ ସୈନ୍ୟମାନେ ପାନିପଥ
ସହର ପାର୍ଶ୍ୱରେ ଆଶ୍ରୟ ନେଇଥିଲେ ଓ ବାମ ଭାଗର ସୈନିକମାନଙ୍କୁ ଯମୁନାର ଶୁଷ୍କ
ଉପକୂଳରେ ମୁତୟନ କରାଯାଇଥିଲା । ପ୍ରାନ୍ତ ଦକ୍ଷିଣ ବାହିନୀ ହୁମାୟୁନ ଓ ଖ୍ୱାଜା କିଲନଙ୍କ
ଦ୍ୱାରା ପରିଚାଳିତ ହେଉଥିବାବେଳେ, ଶେଷ ବାମ ବାହିନୀକୁ ପରିଚାଳନା କରୁଥିଲେ
ସୁଲତାନ ମୀର୍ଜା ଓ ମେହଦି ଖ୍ୱାଜା ।

ଅପର ପକ୍ଷରେ ସୁଲତାନ ଇବ୍ରାହିମ୍ ଲୋଦୀ ଏକ ବିଶାଳ ସୈନ୍ୟବାହିନୀ ଧରି
ପାନିପଥଠାରେ ଉପସ୍ଥିତ ଥିଲେ । ବାବରଙ୍କ ଅଟକଳରେ ତାଙ୍କର ସୈନ୍ୟସଂଖ୍ୟା ଥିଲେ
ଏକ ଶତ ସହସ୍ର । ଏତଦ୍‌ବ୍ୟତୀତ ଆଫଗାନ୍ ସୈନ୍ୟମାନେ ଦୁର୍ବଳ ଥିଲେ, କାରଣ ଅଧିକାଂଶ
ସୈନ୍ୟ ଥିଲେ ଭଡ଼ାଟିଆ; ସୁଲତାନ ମଧ୍ୟ ନିଜେ ଅନଭିଜ୍ଞ ଥିଲେ । ତାଙ୍କର କୌଣସି
ଯୁଦ୍ଧକୌଶଳ ବା ଯୋଜନା ନ ଥିଲା । ପାରମ୍ପରିକ ରୀତିରେ ସେ ତାଙ୍କର ସୈନ୍ୟମାନଙ୍କୁ
୪ଗୋଟି ଭାଗରେ ବିଭକ୍ତ କରିଥିଲେ; ଯଥା- ସମ୍ମୁଖ, ମଧ୍ୟ, ଦକ୍ଷିଣ ଓ ବାମ ଭାଗ ।

ଉଭୟ ମୋଗଲ ଓ ଆଫଗାନ୍‌ବାହିନୀ ପରସ୍ପରକୁ ୮ ଦିନ ଧରି ମୁହାଁମୁହିଁ ହୋଇଥିଲେ ।
ଶେଷରେ ବାବରଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା । ସେ ଯୁଦ୍ଧ ଆରମ୍ଭ କରି ଦେଇଥିଲେ ।

ସେ ଦିନଟି ଥିଲା ୧୫୨୬ ଖ୍ରୀଷ୍ଟାବ୍ଦ ଅପ୍ରେଲ ୨୧ ତାରିଖ । ବାବର ହଠାତ୍ ତାଙ୍କ ଦୁଇ
ପାର୍ଶ୍ୱ ଭାଗର ସୈନ୍ୟ ଅର୍ଥାତ୍ ବାମ ଓ ଦକ୍ଷିଣ ତୁଲଘୁମା (Tulghuma) ମାନଙ୍କୁ ଶତ୍ରୁମାନଙ୍କର
ପଶ୍ଚାତ୍ ଭାଗରୁ ଆକ୍ରମଣ କରିବାକୁ ଆଦେଶ ଦେଲେ । ଏହା ଦିଲ୍ଲୀ ସୈନ୍ୟମାନଙ୍କୁ ବିଚଳିତ
କରିଦେଇଥିଲା । ବାବରଙ୍କ ଦକ୍ଷିଣ ଭାଗ ସୈନ୍ୟଙ୍କୁ ଆକ୍ରମଣ କରିବାକୁ ଇବ୍ରାହିମ୍ ଆଦେଶ
ଦେଇଥିଲେ, ଯାହା ଖୁବ୍ କଷ୍ଟସାଧ୍ୟ ଥିଲା । ଏହା ଥିଲା ଅଗ୍ନି ଓ ମଣିଷ ମଧ୍ୟରେ ଲଢ଼େଇ ।
ବିଶୃଙ୍ଖଳିତ ଆଫଗାନ୍ ସୈନ୍ୟମାନଙ୍କ ଉପରେ ଉସ୍ତାଦ ଓ ମୁସ୍ତାଫା ହତ୍ୟାର ବିଭୀଷିକା ସୃଷ୍ଟି
କରିଥିଲେ । ଦିଲ୍ଲୀ ସୈନ୍ୟମାନେ ସାହସର ସହିତ ଯୁଦ୍ଧ କରି ମଧ୍ୟ ହତବୁଦ୍ଧି ହୋଇପଡ଼ିଥିଲେ ।
ଏହିପରି ଧ୍ୱଂସଲୀଳା କେତେ ଘଣ୍ଟା ଧରି ଚାଲିଥିଲା ଓ ଦିଲ୍ଲୀ ସୈନ୍ୟମାନେ ସମ୍ପୂର୍ଣ୍ଣ ରୂପେ
ପରାଜିତ ହୋଇଥିଲେ । ବାବରଙ୍କ ଉଚ୍ଚ ସାମରିକ ଅଧିକାରୀମାନେ ମତ ଦିଅନ୍ତି ଯେ ଏ
ଯୁଦ୍ଧରେ ଉଭୟ ଦଳର ପ୍ରାୟ ୧୫ ବା ୧୬ ସହସ୍ର ସୈନ୍ୟ ନିହତ ହୋଇଥିଲେ ।
ଆଗ୍ରାଠାରେ ବାବର ଜାଣିବାକୁ ପାଇଥିଲେ ଯେ ଏ ଯୁଦ୍ଧରେ ୪୦ ବା ୫୦ ହଜାର ସୈନ୍ୟ
ମୃତାହତ ହୋଇଥିଲେ । ଇବ୍ରାହିମ୍ ଜଣେ ବୀର ଆଫଗାନ୍‌ଙ୍କ ପରି ଯୁଦ୍ଧ କରିଥିଲେ, ତାଙ୍କର
ମୃତଦେହ ଶବଗଦା ମଧ୍ୟରୁ ଆବିଷ୍କାର କରାଯାଇଥିଲା । ବାବର ଲେଖିଛନ୍ତି, ''ଯୁଦ୍ଧ ଦିବସର
ଅର୍ଦ୍ଧଭାଗରେ ସମାପ୍ତ ହୋଇଥିଲା, ଯେତେବେଳେ ଶତ୍ରୁମାନଙ୍କୁ ପଥରେ ଅଟକ ରଖାଗଲା
ଓ ଧ୍ୱଂସ କରିଦିଆଗଲା ଏବଂ ମୋର ଲୋକମାନେ ବିଜୟୀ ଓ କୃତକାର୍ଯ୍ୟ ହୋଇଥିଲେ ।
ସର୍ବଶକ୍ତିମାନ୍ ଈଶ୍ୱରଙ୍କ କୃପା ଏବଂ ଦୟା ଯୋଗୁଁ ଏ କଷ୍ଟସାଧ୍ୟ ବ୍ୟାପାର ମୋତେ ସହଜ
ହୋଇଥିଲା ।''

ବାବରଙ୍କ ବିଜୟର କାରଣ (Causes of his success)

ପାନିପଥ ଯୁଦ୍ଧରେ ବାବରଙ୍କ ବିଜୟ ଥିଲା ନିଷ୍ପତ୍ତିମୂଳକ । ପ୍ରଥମତଃ, ଆଫଗାନ୍
ସମ୍ଭ୍ରାନ୍ତମାନଙ୍କ ପ୍ରତି ଇବ୍ରାହିମ୍ ଲୋଦୀଙ୍କର ବିଚାରହୀନ ନୀତି ଓ ସନ୍ଦେହ ତାଙ୍କର ସ୍ଥିତି
ଦୁର୍ବଳ କରିଦେଇଥିଲା । ଯୁଦ୍ଧରେ ଇବ୍ରାହିମ୍‌ଙ୍କ ପ୍ରତି ସେମାନଙ୍କର ଓ ଜନସାଧାରଣଙ୍କର
ସମର୍ଥନ ମିଳିନଥିଲା । ଦ୍ୱିତୀୟତଃ, ତରବରିଆ ଭାବରେ ନିଯୁକ୍ତ ସୈନ୍ୟମାନଙ୍କର ଅଭିଜ୍ଞତା
ନ ଥିଲା । ବିଭିନ୍ନ ଜାତିରୁ ନିଯୁକ୍ତି ପାଇଥିବାରୁ ସୈନ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ
ନ ଥିଲା । ସେମାନଙ୍କଠାରେ ପ୍ରାଣ ସଞ୍ଚାର କରିବା ପରି କୌଣସି ଧର୍ମୀୟ ଅନୁଚିନ୍ତା ବା
ଜାତୀୟତାବୋଧ ନ ଥିଲା । ସେମାନଙ୍କର ସାହସ ଥିଲା; କିନ୍ତୁ ରଣକୌଶଳ ନ ଥିଲା ।
ବାବର ଲେଖିଛନ୍ତି, ''ଭାରତୀୟ ସୈନ୍ୟମାନେ ମରିବା ପାଇଁ ଜାଣିଥିଲେ; କିନ୍ତୁ କିପରି ଯୁଦ୍ଧ
କରାଯିବ, ଏହା ଜାଣି ନ ଥିଲେ ।'' ବାବରଙ୍କ ସୈନ୍ୟମାନେ ଥିଲେ ଶୃଙ୍ଖଳିତ ଓ ସୁତାଲିମପ୍ରାପ୍ତ ।
ତୃତୀୟତଃ, ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଭାରତୀୟମାନେ ବନ୍ଧୁକ ଓ ଗୋଳାବାରୁଦର

ବ୍ୟବହାର ଜାଣି ନ ଥିଲେ; କିନ୍ତୁ ବାବର ଥିଲେ ବଡ଼ ବଡ଼ କମାଣର ଅଧିକାରୀ । ବାବରଙ୍କର
ସେନାପତି ଉସ୍ତାଦ ଅଲ୍ଲି ଓ ମୁସ୍ତାଫା କମାଣ ଚାଳନ କରିବାରେ ଓସ୍ତାଦ୍ ଥିଲେ । ଚତୁର୍ଥତଃ,
ବାବରଙ୍କର ଥିଲା ଉଚ୍ଚ ରଣକୌଶଳ । ଇବ୍ରାହିମ୍‌ଙ୍କର ପୁରାତନ ପାରମ୍ପରିକ ଯୁଦ୍ଧକୌଶଳ
ମୋଗଲମାନଙ୍କ ପାଖରେ ଖୁବ୍ ଦୁର୍ବଳ ଓ ତୁଚ୍ଛ ଥିଲା । ବାବର ଜଣେ ଦକ୍ଷ ସେନାପତି
ଥିବାବେଳେ ଇବ୍ରାହିମ୍ ଖୁବ୍ ଅନଭିଜ୍ଞ ଥିଲେ । ଇବ୍ରାହିମ୍ ରାଣା ସଙ୍ଗ ବା ଅନ୍ୟ ରାଜପୁତ୍‌ମାନଙ୍କର
ସାହାଯ୍ୟ ଲାଭ କରିପାରିନଥିଲେ । ବାବର ଇବ୍ରାହିମ୍‌ଙ୍କ ସମ୍ପର୍କରେ ଲେଖିଛନ୍ତି, "ଜଣେ
ଅନଭିଜ୍ଞ ଯୁବକ, ତାଙ୍କର ଗତି ପ୍ରତି ଥିଲେ ଅସାବଧାନ, ଯିଏ ବିନା ଶୃଙ୍ଖଳାରେ ଆଗକୁ
ମାଡ଼ିଚାଲୁଥିଲେ, ବିନା ଯୋଜନାରେ ରହିଯାଉଥିଲେ ବା ନିବୃତ୍ତ ରହୁଥିଲେ ଏବଂ ବିନା
ଦୂରଦୃଷ୍ଟିରେ କାର୍ଯ୍ୟରତ ଥିଲେ ।"

ଯୁଦ୍ଧର ଫଳାଫଳ (Results of the battle)

ପାନିପଥ ଯୁଦ୍ଧରେ ବିଜୟୀ ହୋଇ ବାବର ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ ।
ଲୋଦୀ ରାଜବଂଶ ଖଣ୍ଡ ଖଣ୍ଡ ହୋଇଯାଇଥିଲା ଏବଂ ହିନ୍ଦୁସ୍ଥାନର ସାର୍ବଭୌମ ଅଧିକାର
ଚାଘାତାଇ (Chaghatai) ତୁର୍କୀମାନଙ୍କ ହସ୍ତକୁ ଚାଲିଯାଇଥିଲା । ଆର. ପି. ତ୍ରିପାଠୀ
କହିଛନ୍ତି, "ପାନିପଥ ଯୁଦ୍ଧ ଲୋଦୀ ରାଜବଂଶର ଭାଗ୍ୟ ବିଲୁପ୍ତ କରିଦେଇଥିଲା, ଯେପରି
ତାଙ୍କର ପୂର୍ବପୁରୁଷ ତୈମୁର ଫଳପ୍ରଦ ରୂପେ ତୋଗଲକମାନଙ୍କର କରିଥିଲେ ।" ସେହିପରି
ଏ. ଏଲ. ଶ୍ରୀବାସ୍ତବ କହିଛନ୍ତି, "ମୋଗଲ ରାଜବଂଶ, ଯାହା ଏହିପରି ପ୍ରତିଷ୍ଠିତ ହେଲା,
ତାହା ଏ ଦେଶକୁ ଦେଇଥିଲା ଏକ ଅନୁକ୍ରମ ବିଖ୍ୟାତ ସଫଳ ଶାସକମାନଙ୍କୁ, ଯେଉଁମାନଙ୍କ
ଅଧୀନରେ ଏ ଦେଶ, ଏହି ଜାତି ପାଇଁ ଏକ ମିଶ୍ରିତ ସଂସ୍କୃତି ପ୍ରକାଶ କରିବାକୁ ଏକ ନୂତନ
ପରୀକ୍ଷା ନେବାକୁ ଥିଲା ।" ଯଦିଚ ପାନିପଥ ଯୁଦ୍ଧ ପରେ ବାବର ଦିଲ୍ଲୀ ଓ ଆଗ୍ରାର
ବାଦଶାହା ହୋଇଥିଲେ, ତଥାପି ଏହି ଯୁଦ୍ଧ ପରେ ତାଙ୍କର ବାସ୍ତବ କର୍ମ ଆରମ୍ଭ ହେବାକୁ
ଥିଲା ।

ପାନିପଥ ଯୁଦ୍ଧ ପରେ ଆଗ୍ରା ଅବରୋଧ କରିବାକୁ ବାବର ହୁମାୟୁନଙ୍କୁ ପ୍ରେରଣ
କରିଥିଲେ ଏବଂ ନିଜେ ଇବ୍ରାହିମ୍‌ଙ୍କ ଦିଲ୍ଲୀସ୍ଥିତ ନବରରେ ପ୍ରବେଶ କରିଥିଲେ । ତା'ପରେ
ବାବର ଆଗ୍ରା ଦିଗକୁ ଅଗ୍ରସର ହେଲେ । ହୁମାୟୁନ ଆଗ୍ରାଠାରେ ବାବରଙ୍କୁ ସ୍ୱାଗତ କରିଥିଲେ
ଏବଂ ତାଙ୍କୁ ଗ୍ୱାଲିଅରର ମୃତ ରାଜା ବିକ୍ରମଜିତଙ୍କ ପରିବାର ଦେଇଥିବା କୋହିନୂର ହୀରାଖଣ୍ଡ
ଅର୍ପଣ କରିଥିଲେ । କୁହାଯାଏ ଯେ ପୃଥିବୀର ଦୈନିକ ଖର୍ଚ୍ଚର ଅଧାମୂଲ୍ୟ ବହନ କରୁଥିଲା
ଏ ହୀରାଖଣ୍ଡିକ; କିନ୍ତୁ ତାଙ୍କର ସ୍ୱାଭାବିକ ଦୟା ଗୁଣରେ ବାବର ଏ ହୀରାଖଣ୍ଡିକ ହୁମାୟୁନଙ୍କୁ
ଫେରେଇ ଦେଇଥିଲେ ।

ସେ ପର୍ଯ୍ୟନ୍ତ ବାବର ଦୃଢ଼ ଭାବରେ ଦିଲ୍ଲୀ ସିଂହାସନରେ ନିଜକୁ ଅଧିଷ୍ଠିତ କରିପାରି ନଥିଲେ । ଆଫଗାନ୍ ଅମୀରମାନେ ଉପଭୋଗ କରୁଥିବା ଜାଗିର ସେ ପର୍ଯ୍ୟନ୍ତ ତାଙ୍କର ହସ୍ତଗତ ହୋଇନଥିଲା । ତାଙ୍କର କର୍ମଚାରୀମାନେ ଅତ୍ୟଧିକ ଗ୍ରୀଷ୍ମ ସମ୍ଭାଳି ନ ପାରି ଘରକୁ ଫେରିଯିବା ପାଇଁ ବ୍ୟସ୍ତ ହୋଇଉଠୁଥିଲେ; କିନ୍ତୁ ଏପରି ଆଶା ପରିତ୍ୟାଗ କରି ତାଙ୍କ ସହିତ ରହିବା ନିମିତ୍ତ ବାବର ସେମାନଙ୍କୁ ନିବେଦନ କରିଥିଲେ । ଯାହାହେଉ ତାଙ୍କର ସୈନ୍ୟମାନେ ଏପରି ମନୋବୃତ୍ତି ପରିହାର କରିଥିଲେ । ଏହାପରେ ବୟାନା, ଗ୍ୱାଲିଅର, ଧୋଲପୁର ପ୍ରଭୃତି ଆଫଗାନ୍ ଅଞ୍ଚଳ ଅଧୀନସ୍ଥ କରାଯାଇଥିଲା । ହୁମାୟୁନ ମଧ୍ୟ ଜୌନପୁର, ଗାଜିପୁର, ସମ୍ଭଲ ଓ କାଲପି ଅଧିକାର କରିଥିଲେ । ସେହି ସମୟରେ ଇବ୍ରାହିମ୍‌ଙ୍କ ମାତା ବାବରଙ୍କୁ ବିଷ ଦେଇ ହତ୍ୟା କରିବାର ଏକ ନିଷ୍ଫଳ ଉଦ୍ୟମ କରିଥିଲେ । ଯଦି ତାଙ୍କର ମନ୍ଦ ଉଦ୍ଦେଶ୍ୟ ସଫଳ ହୋଇଥା'ନ୍ତା, ଭାରତର ଇତିହାସ ଏକ ଭିନ୍ନ ରୂପ ଧାରଣ କରିଥା'ନ୍ତା ।

ଖାନ୍ୱାଯୁଦ୍ଧ-ମାର୍ଚ୍ଚ ୧୬, ୧୫୨୭ (The Battle of Khanua-March 16, 1527)

ବାବରଙ୍କୁ ତଥାପି ଯୁଦ୍ଧ କରିବାକୁ ଥିଲା ମେବାରର ରାଣା ଦୁଃସାହସୀ ବୀର ସଂଗ୍ରାମ ସିଂହଙ୍କ ସହିତ । ସେ ରାଣା ସଙ୍ଗ ନାମରେ ଖ୍ୟାତି ଅର୍ଜନ କରିଥିଲେ । ସେ ଥିଲେ ଅଠରଟି ଯୁଦ୍ଧର ଅସାମାନ୍ୟ ବିଜେତା । ତାଙ୍କର ଥିଲା ଅପରିସୀମ ଜ୍ଞାନ ଓ ସାହସ । ଏପରିକି ତାଙ୍କର କୃତି ଗୀତ ଆକାରରେ ଭାଟମାନଙ୍କ ମୁଖରୁ ନିଃସୃତ ହୋଇ ସମଗ୍ର ରାଜସ୍ଥାନକୁ ପ୍ରତିଧ୍ୱନିତ କରୁଥିଲା । ପଡ଼ୋଶୀ ରାଜ୍ୟଗୁଡ଼ିକ ଅଧିକାର କରି ସେ ମେବାର ରାଜ୍ୟକୁ ସୁଦୂରପ୍ରସାରୀ କରିପାରିଥିଲେ । ସେ ଭିଲସା, ସାରଙ୍ଗପୁର, ଚାନ୍ଦେରୀ, ରନ୍ଥାମ୍ବର ପ୍ରଭୃତି ରାଜ୍ୟ ଜୟ କରି ସେଗୁଡ଼ିକୁ କରଦ ରାଜ୍ୟରେ ପରିଣତ କରିଥିଲେ । ଗ୍ୱାଲିଅର, ଆଜମୀର, ସିକ୍ରି, ରାଇସିନ୍, କାଲପି, ଚାନ୍ଦେରୀ, ବୁନ୍ଦି ଓ ରାମପୁରର ରାଜାମାନେ ସାମନ୍ତ ରାଜା ରୂପେ ରାଣା ସଙ୍ଗଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଦିଲ୍ଲୀ ସାମ୍ରାଜ୍ୟର ଦୁର୍ବଳତା ଓ ଆଫଗାନ୍ ଅମୀରମାନଙ୍କ ମଧ୍ୟରେ କ୍ରମାଗତ ଯୁଦ୍ଧ ପରୋକ୍ଷ ଭାବରେ ରାଣା ସଙ୍ଗଙ୍କୁ ଶକ୍ତିଶାଳୀ ଓ ଅପ୍ରତିଦ୍ୱନ୍ଦ୍ୱୀ କରିଥିଲା । ତାଙ୍କର ସାମର୍ଥ୍ୟ, ଉଚ୍ଚାଭିଳାଷ, ଦେଶପ୍ରେମ ଓ ସାହସ ଜଣେ ବିଦେଶୀ ଆକ୍ରମଣକାରୀଙ୍କୁ ବିତାଡ଼ିତ କରିବାରେ ତାଙ୍କୁ ଅଭୂତ କରିଥିଲା । ଜଣେ ମୋଗଲ ଅନଧିକାର ପ୍ରବେଶକାରୀ, ଯିଏ ଏ ଦେଶରେ ରହିଯିବା ପାଇଁ ମଧ୍ୟ ସ୍ଥିର କରିଥିଲେ, ସେ ଯେ ଦେଶ ପାଇଁ ବିପଦପୂର୍ଣ୍ଣ, ଏ କଥା ରାଣା ହୃଦୟଙ୍ଗମ କରିପାରିଥିଲେ । ଏପରିକି ବାବର ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କର ଜଣେ ଶତ୍ରୁ ଥିଲେ, ଯିଏ ଥିଲେ ଲୌହପରି ଶକ୍ତିଶାଳୀ, ସେ ତରବାରି ଓ ବୀରତ୍ୱ ସାହାଯ୍ୟରେ କ୍ଷମତାର ଶୀର୍ଷ ସ୍ଥଳକୁ ଉତ୍‌ଥିତ ହୋଇଥିଲେ । ସିଏ ଯୁଦ୍ଧକ୍ଷେତ୍ରରେ ଗୋଟିଏ ଚକ୍ଷୁ, ଗୋଟିଏ ହସ୍ତ ଓ ଗୋଟିଏ ଗୋଡ଼ ହରାଇଥିଲେ । ସେ ଥିଲେ ଖାନ୍ୱା ଯୁଦ୍ଧରେ ଏକ ଘୂର୍ଣ୍ଣିବାତ୍ୟା ।

ପ୍ରଥମେ ସ୍ଥିର ହୋଇଥିଲା ଯେ ବାବରଙ୍କୁ ସାହାଯ୍ୟ କରି ସଙ୍ଗ ଆଗ୍ରା ଦିଗରୁ
ଇବ୍ରାହିମ୍ ଲୋଦୀଙ୍କୁ ଆକ୍ରମଣ କରିବେ; ମାତ୍ର ଦୁହିଁଙ୍କର ଦୁହିଁଙ୍କ ଉପରେ ବିଶ୍ୱାସ ନ ଥିଲା ।
ସଙ୍ଗଙ୍କୁ ରାଜପୁତ୍ ଓ ସାମନ୍ତମାନେ ସାହାଯ୍ୟ କରିଥିଲେ; ସେ ପ୍ରଥମେ ବୟାନାର ଶାସନକର୍ତ୍ତା
ମେହଦି ଖ୍ୱାଜାଙ୍କୁ ପରାଜିତ କରିଥିଲେ । ସଙ୍ଗଙ୍କ ସହିତ ମଧ୍ୟ ରାଇସିନ୍‌ର ସିଲାହାଡ଼ି,
ମେୱାଟିର ହାସାନ ଖାଁ, ସୁଲତାନ ଇବ୍ରାହିମ୍‌ଙ୍କ ଭ୍ରାତା ମାହମୁଦ ଲୋଦୀ ଓ ଅନ୍ୟାନ୍ୟ
ରାଜପୁତ୍ ଶାସକମାନେ ବାବରଙ୍କୁ ପରାସ୍ତ କରିବା ନିମିତ୍ତ ମେଣ୍ଟ ବାନ୍ଧିଥିଲେ । ବିଶେଷକରି
ରାଣା ସଙ୍ଗ ଓ ହାସାନଙ୍କ ମେଣ୍ଟ ବାବରଙ୍କୁ ବିଚଳିତ କରିଦେଇଥିଲା । ରୁଶବ୍ରୁକ୍ ଉଇଲିୟମଙ୍କ
ଭାଷାରେ ଏ ପ୍ରକାର ମେଣ୍ଟ ଥିଲା- "ଏକ ଅସାଧୁ ମେଣ୍ଟ, କେବଳ ଯେଉଁମାନଙ୍କର ମିଳନ
ଥିଲା ବାବରଙ୍କୁ ଭାରତରୁ ବିତାଡ଼ିତ କରିବା ନିମିତ୍ତ ଏକ ସାଧାରଣ ଇଚ୍ଛା ।"

ବାବର ଓ ରାଣା ସଙ୍ଗଙ୍କ ମଧ୍ୟରେ ଯୁଦ୍ଧ ଅନିର୍ବାଯ୍ୟ ହୋଇଉଠିଲା । ସଙ୍ଗ ଖାନ୍ୱା
ନିକଟବର୍ତ୍ତୀ ଏକ ପାହାଡ଼ ପାଖକୁ ସୈନ୍ୟ ଚାଳନା କରିଥିଲେ; ଖାନ୍ୱାର ଦୂରତ୍ୱ ଥିଲା
ସିକ୍ରିଠାରୁ ୧୦ ମାଇଲ । ଯେଉଁ ରାଜପୁତ୍‌ମାନଙ୍କର ମୃତ୍ୟୁକୁ ମଧ୍ୟ ଭୟ ନ ଥାଏ ସେମାନଙ୍କର
ସମ୍ମୁଖୀନ ହେବାକୁ ବାବର ନିଜର ଅବସ୍ଥା ସଙ୍କଟାପନ୍ନ ବୋଲି ବିଚାର କଲେ । ତାଙ୍କର
ସୈନ୍ୟମାନେ ରାଜପୁତ୍‌ମାନଙ୍କର ଶୌର୍ଯ୍ୟ ଓ ବୀରତ୍ୱର କାହାଣୀ ଶୁଣି ଭୟଭୀତ ଓ ଦୁର୍ବଳ
ହୋଇପଡ଼ିଲେ; ମାତ୍ର ବାବର ମର୍ମସ୍ପର୍ଶୀ ବାଣୀରେ ସୈନ୍ୟମାନଙ୍କ ହୃଦୟରେ ଏକ ନୂତନ
ଆଶା ଓ ଉତ୍ସାହ ସଂଜୀବିତ କରିଥିଲେ । ସେ ମଦ୍ୟପାନ ତ୍ୟାଗ କଲେ, ମଦ୍ୟ ପାତ୍ରଗୁଡ଼ିକୁ
ଭଗ୍ନ କରିଦେଲେ, ଆଉ ମଦ୍ୟପାନ କରିବେ ନାହିଁ ବୋଲି ମଧ୍ୟ ସେ ସଂକଳ୍ପ କଲେ । ସମସ୍ତ
ମୁସଲମାନ୍‌ଙ୍କ ପ୍ରତି ଲାଗୁ ହୋଇଥିବା ଟିକଟ କର ବା ତାମଗା (Tamgha) ସେ ଉଠାଇ
ଦେଇଥିଲେ । ସୈନ୍ୟମାନଙ୍କୁ ବାବରଙ୍କ ଉଦ୍‌ବୋଧିତ ବାଣୀ ଥିଲା ଏହିପରି-

"ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଓ ସୈନ୍ୟଗଣ ! ପୃଥିବୀକୁ
ଆଗମନ କରିଥିବା ପ୍ରତ୍ୟେକ ମନୁଷ୍ୟ କ୍ଷୟଶୀଳ ।
ଯେତେବେଳେ ଆମ୍ଭେମାନେ ବିନାଶ ଯାଇଥା'ନ୍ତି ଓ ଦେହ
ତ୍ୟାଗ କରିଥା'ନ୍ତି, ସେତେବେଳେ କେବଳ ଅପରିବର୍ତ୍ତିତ
ଈଶ୍ୱର ହିଁ ବଞ୍ଚନ୍ତି । ଜୀବନର ଆନନ୍ଦଉତ୍ସବ ଯିଏ ଉପଭୋଗ
କରିବାକୁ ଆସେ, ଏହା ସରିଯିବା ପୂର୍ବରୁ ସେ ମୃତ୍ୟୁର
ପାତ୍ରରୁ ଢୋକନିଏ । ନଶ୍ୱର ପାନ୍ଥଶାଳାରେ ଯିଏ ଉପସ୍ଥିତ
ହୁଏ, ଦିନେ ସେ ନିଶ୍ଚୟ ଏ ଦୁଃଖପୂର୍ଣ୍ଣ ଗୃହ ପୃଥିବୀରୁ
ବିଦାୟ ନେବ । ଅପଯଶରେ ବଞ୍ଚିବା ଠାରୁ ସମ୍ମାନର
ସହିତ ମୃତ୍ୟୁବରଣ କରିବା କେତେ ଉତ୍କୃଷ୍ଟତର ନ ହେବ !"

ବାବର ପୁଣି କହିଥିଲେ-

"ଯଦି ଆମେ ପରାଜିତ ହେବା, ଆମେ ସହିଦ ପରି
ମୃତହେବା; କିନ୍ତୁ ଯଦି ଆମେ ଜୟ କରିବା, ଆମେ
ତାଙ୍କର ପବିତ୍ର କାର୍ଯ୍ୟ ସାଧନ କରିବା । ତେଣୁ ଆମେ
ଈଶ୍ୱରଙ୍କ ନାମରେ ଶପଥ ନେବା ଯେ ଆମେ କଦାଚିତ୍
ଏପରି ଗୌରବମୟ ମୃତ୍ୟୁଠାରୁ ପଳାୟନ କରିବା ନାହିଁ,
ଏବଂ ଯେତେବେଳେ ଆମ ଆତ୍ମା ଆମର ଦେହଗୁଡ଼ିକରୁ
ପୃଥକ୍ ନୁହେଁ, ଯୁଦ୍ଧର ଭୟାବହତାଠାରୁ ଆମର ଦେହ
କିପରି ବିଯୁକ୍ତ ହେବ ?"

ଏହିପରି ଭାଷାରେ ବାବର ସୈନ୍ୟମାନଙ୍କଠାରେ ଉତ୍ସାହ ଓ ଭାବାବେଗ ଭରି
ଦେଇଥିଲେ । ଏହିପରି ସେ ରାଣାଙ୍କ ବିପକ୍ଷରେ ଧର୍ମଯୁଦ୍ଧ ବା ଜେହାଦ (Jihad) ଘୋଷଣା
କରିଥିଲେ । ବାବରଙ୍କ କହିବା ଅନୁଯାୟୀ ରାଣାଙ୍କର ସୈନ୍ୟସଂଖ୍ୟା ଥିଲା ଦୁଇ ଲକ୍ଷ; କିନ୍ତୁ
ତାଙ୍କର ପ୍ରଭାବୀ ସୈନ୍ୟମାନଙ୍କର ସଂଖ୍ୟା ୮୦ ହଜାରରୁ ଅଧିକ ନ ଥିଲା । ସିଲାହାଡ଼ି ୩୦
ହଜାର, ହାସାନଖାଁ ୧୨ ହଜାର ଓ ମେଦନୀ ରାଓ ୧୦ ହଜାର ସୈନ୍ୟ ଏବଂ ମାହମୁଦ
ଲୋଦୀ ୧୦ ହଜାର ଭଡ଼ାଟିଆ ସୈନ୍ୟ ଧରି ରାଣାଙ୍କ ପକ୍ଷରେ ଯୋଗ ଦେଇଥିଲେ ।
ରାଣାଙ୍କର ସୈନ୍ୟମାନେ ପାରମ୍ପରିକ ରୀତିରେ ୪ଗୋଟି ଭାଗରେ ବିଭକ୍ତ ହୋଇଥିଲେ;
ଯଥା- ଆଗୁଆ ରକ୍ଷୀ, ମଧ୍ୟ, ବାମ ଓ ଦକ୍ଷିଣ ସୈନ୍ୟଦଳ ।

ପାନିପଥ ପରି ବାବର ସୈନ୍ୟ ସଜ୍ଜିତ କରିଥିଲେ । ଦକ୍ଷିଣ, ମଧ୍ୟସ୍ଥଳ ଓ ବାମ-
ଏହିପରି ବାବର ତାଙ୍କ ସୈନ୍ୟମାନଙ୍କୁ ବ୍ୟବସ୍ଥିତ କରିଥିଲେ । ଦକ୍ଷିଣ ଭାଗ ହୁମାୟୁନ ଓ
ବାମ ଭାଗ ମେହଦୀ ଖ୍ୱାଜାଙ୍କ ଅଧୀନରେ ଥିଲା । ସେ ନିଜେ ମଧ୍ୟଭାଗ ସୈନ୍ୟମାନଙ୍କୁ
ପରିଚାଳନା କରିଥିଲେ । ପୁନଶ୍ଚ ବାମ ଓ ଦକ୍ଷିଣରେ ରହିଥିଲେ ପାର୍ଶ୍ୱବର୍ତ୍ତୀ ସୈନ୍ୟଦଳ
(Tulughma), ଏହି ଦଳଗୁଡ଼ିକର ଦାୟିତ୍ୱ ଥିଲା ଶତ୍ରୁମାନଙ୍କର ପାର୍ଶ୍ୱ ଓ ପଶ୍ଚାତଭାଗ
ସୈନ୍ୟମାନଙ୍କୁ ଆକ୍ରମଣ କରିବା । ସମ୍ମୁଖ ଧାଡ଼ିରେ ଉସ୍ତାଦ ଅଲ୍ଲିଙ୍କ ନେତୃତ୍ୱରେ ରଖାଯାଇଥିଲା
ବନ୍ଧୁକଧାରୀ ସୈନ୍ୟମାନଙ୍କୁ ।

୧୫୨୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୧୬ ତାରିଖ ଦିନ ବାବର ଓ ରାଣା ସଙ୍ଗଙ୍କ ମଧ୍ୟରେ
ଘମାଘୋଟ ସମର ଲାଗିଯାଇଥିଲା । ପାନିପଥର ଯୁଦ୍ଧକୌଶଳ ଅବଲମ୍ବନ କରି ବାବର
ବିପକ୍ଷ ସୈନ୍ୟମାନଙ୍କୁ ହତବୁଦ୍ଧି କରିଦେଇଥିଲେ । ସଂଖ୍ୟାବହୁଳ ରାଜପୁତ୍ ସୈନ୍ୟମାନେ
ପ୍ରଥମେ ବାବରଙ୍କ ସୈନ୍ୟମାନଙ୍କୁ କବଳିତ କରିଦେଇଥିଲେ; କିନ୍ତୁ ସନ୍ଧ୍ୟା ସମୟକୁ ସେମାନେ

ଆତଙ୍କିତ ହୋଇ ପଳାୟନ କଲେ । ଯୁଦ୍ଧଭୂମି କୁଢ଼ କୁଢ଼ ଶବଦ୍ୱାରା ଆଚ୍ଛାଦିତ ହୋଇଗଲା । ହାସାନ ଖାଁ, ଉଦୟସିଂହ ଓ ଅନେକ କ୍ଷୁଦ୍ର କ୍ଷୁଦ୍ର ଶାସକ ମୃତ୍ୟୁବରଣ କରିଥିଲେ । ଯୁଦ୍ଧଭୂମିରୁ ତାଙ୍କର ଅନୁଗାମୀମାନଙ୍କର ସହାୟତାରେ ରାଣା ସଙ୍ଗ ପଳାୟନ କରିଥିଲେ । ଯୁଦ୍ଧରେ ବିଜୟୀ ହୋଇ ବାବର 'ଗାଜି' (Ghazi) ବା ବିଶ୍ୱାସର ରକ୍ଷକ (Champion of faith) ଉପାଧି ଧାରଣ କରିଥିଲେ । ରାଜପୁତ୍ ଇତିହାସ ବର୍ଣ୍ଣନା କରେ ଯେ କେତେକ ରାଜପୁତ୍ ଶାସକଙ୍କ ପ୍ରତାରଣା ଯୋଗୁଁ ରାଣାଙ୍କର ଏପରି ବିପର୍ଯ୍ୟୟ ଘଟିଥିଲା ।

ଯୁଦ୍ଧର ଫଳାଫଳ (Results of the Battle)

ଉଭୟ ସାମରିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଖାନ୍ୱା ଯୁଦ୍ଧ ଥିଲା ନିଷ୍ପତ୍ତିମୂଳକ । ରାଜପୁତ୍‌ମାନଙ୍କର ପ୍ରତିପତ୍ତି ପ୍ରତି ଭୟ କରୁଥିବା ମୁସଲମାନ୍‌ମାନେ ଭୟଶୂନ୍ୟ ହୋଇଥିଲେ । ରାଣା ନିଜେ କ୍ଷତବିକ୍ଷତ ହୋଇପଡ଼ିଥିଲେ । ୧୫୨୮ ଖ୍ରୀଷ୍ଟାବ୍ଦରେ ଭଗ୍ନ ହୃଦୟରେ ତାଙ୍କର ଦେହାନ୍ତ ହୋଇଥିଲା । ବିଦେଶୀମାନଙ୍କୁ ଏ ଦେଶରୁ ବିତାଡ଼ିତ କରିବାରେ ରାଜପୁତ୍‌ମାନଙ୍କର ଉଚ୍ଚ ଅଭିଳାଷ ସମ୍ପୂର୍ଣ୍ଣ ରୂପେ ଚୂର୍ଣ୍ଣ ହୋଇଗଲା । ହିନ୍ଦୁସ୍ଥାନରେ ରାଜନୀତିରେ ଦୃଢ଼ଭାବେ ଆସନ ଜମାଇଥିବା ମେବାରର ଖ୍ୟାତି ଓ ଶକ୍ତି ହ୍ରାସ ହୋଇଗଲା । ହିନ୍ଦୁମାନଙ୍କର ସାମ୍ରାଜ୍ୟ ଗଠନ କରିବାର ଆଶା ମଉଳିଯିବା ସଙ୍ଗେ ସଙ୍ଗେ ମୋଗଲ ସାମ୍ରାଜ୍ୟ ଦୃଢ଼ଭାବେ ପ୍ରତିଷ୍ଠିତ ହେଲା । ଲେନ୍‌ପୋଲ୍‌ଙ୍କ କଥାରେ, ''ପାନିପଥ ଯୁଦ୍ଧ ଭାରତରେ ସମ୍ପୂର୍ଣ୍ଣ ରୂପେ ଆଫଗାନ୍‌ମାନଙ୍କର କ୍ଷମତା ଭାଙ୍ଗିଦେଇଥିଲା; କିନ୍ତୁ ଖାନ୍ୱା ଯୁଦ୍ଧ ଚୂର୍ଣ୍ଣୀଭୂତ କରିଥିଲା ରାଜପୁତ୍ ରାଜ୍ୟଗୁଡ଼ିକର ମେଣ୍ଟ ।'' ଏପର୍ଯ୍ୟନ୍ତ ବାବରଙ୍କର ହିନ୍ଦୁସ୍ଥାନ ଅଧିକାର ଏକ ସାମାନ୍ୟ ଘଟଣା ବୋଲି ଗଣ୍ୟ ହେଉଥିଲା; କିନ୍ତୁ ଏହାପରଠାରୁ ବାବରଙ୍କ କାର୍ଯ୍ୟ ହିନ୍ଦୁସ୍ଥାନ ମଧ୍ୟରେ ହିଁ ନିବଦ୍ଧ ହୋଇ ରହିଥିଲା ।

ଚାନ୍ଦେରୀ ଯୁଦ୍ଧ, ୧୫୨୮ ଖ୍ରୀଷ୍ଟାବ୍ଦ (Battle of Chanderi, 1528 A.D)

ରାଜପୁତ୍ ମେଦିନୀ ରାଓଙ୍କ ଅଧିକାରରେ ଥିଲା ଚାନ୍ଦେରୀ ଦୁର୍ଗ । ସେ ଖାନ୍ୱା ଯୁଦ୍ଧରୁ ଖସି ପଳାଇ ଆସି ଚାନ୍ଦେରୀ ଦୁର୍ଗରେ ଆଶ୍ରୟ ନେଇଥିଲେ । ମେଦିନୀଙ୍କ ସହିତ ଥିଲେ ୫୦୦୦ ରାଜପୁତ୍ । ବାବର ଚାନ୍ଦେରୀ ଦୁର୍ଗ ବଦଳରେ ମେଦିନୀଙ୍କୁ ଏକ ଜାଗିର ଦେବାକୁ ପ୍ରସ୍ତାବ ଦେଇଥିଲେ; ମାତ୍ର ମେଦିନୀ ବାବରଙ୍କ ସହିତ କୌଣସି ପ୍ରକାର ସନ୍ଧି କରିବାକୁ ମନାକରିଦେଇଥିଲେ । ତେଣୁ ବାବର ଚାନ୍ଦେରୀ ଦୁର୍ଗ ଅବରୋଧ କରିଥିଲେ । ରାଜପୁତ୍‌ମାନଙ୍କ ସହିତ ତାଙ୍କର ଏକ ସଂଘର୍ଷ ହୋଇଥିଲା । ଏହି ଯୁଦ୍ଧରେ ମେଦିନୀ ରାଓ ନିହତ ହେଲେ । ବାବରଙ୍କ ସୈନ୍ୟମାନେ ରାଜପୁତ୍‌ମାନଙ୍କଠାରୁ ବିପୁଳ ପରିମାଣରେ ଲୁଣ୍ଠନଦ୍ରବ୍ୟ ଲାଭ କରିଥିଲେ ।

ଗୋଗ୍ରା ବା ଘର୍ଘରା ଯୁଦ୍ଧ-୧୫୨୯ (Battle of the Gogra, 1529 A.D)

ଆଫଗାନ୍‌ମାନଙ୍କର ଭୟ ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ ହୋଇନଥିଲା । ସେତେବେଳେ ଇବ୍ରାହିମ୍ ଲୋଦୀଙ୍କ ଭ୍ରାତା ମାହମୁଦ ଲୋଦୀ ବିହାର ସମେତ ପୂର୍ବାଞ୍ଚଳ ଅଧିକାର କରି ନିଜକୁ ଏକ ସ୍ୱାଧୀନ ଶାସକରୂପେ ଅଧିଷ୍ଠିତ କରାଇଥିଲେ । ସେଠାକୁ ଆସ୍କାରୀଙ୍କ ନେତୃତ୍ୱରେ ବାବର ଏକ ସୈନ୍ୟବାହିନୀ ପ୍ରେରଣ କରିଥିଲେ ଓ ନିଜେ ତାଙ୍କର ଅନୁଗମନ କରିଥିଲେ । ତାଙ୍କର ଆଗମନର ବାର୍ତ୍ତା ଶୁଣି ଶତ୍ରୁମାନେ ଭୟଭୀତ ହୋଇଥିଲେ । ବାବର ଆଲାହାବାଦ, ଚୁନାର ଓ ବନାରସ ଦେଇ ଗମନ କରୁଥିବା ସମୟରେ ସେଠାର ଆଫଗାନ୍ ଶାସକମାନେ ତାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ । ନିଜେ ମାହମୁଦ ବଙ୍ଗଳାର ଶାସନକର୍ତ୍ତା ନୁସରତ ଶାହାଙ୍କ ପାଖରେ ଶରଣାପନ୍ନ ହୋଇଥିଲେ । ୧୫୨୯ ଖ୍ରୀଷ୍ଟାବ୍ଦରେ ବାବର ପାଟନା ନିକଟସ୍ଥ ଗୋଗ୍ରା ନଦୀ କୂଳରେ ନୁସରତ ଶାହା ଓ ମାହମୁଦ ଲୋଦୀଙ୍କୁ ପରାସ୍ତ କରିଥିଲେ । ବାବରଙ୍କର ଏହି ବିଜୟ ଲୋଦୀମାନଙ୍କର ଆଶା ଧୂଳିସାତ କରିଦେଇଥିଲା । ବିହାରର ଆଫଗାନ୍ ମୁଖ୍ୟମାନେ ବାବରଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ନୁସରତ ଶାହା ଓ ବାବରଙ୍କ ମଧ୍ୟରେ ଏକ ସନ୍ଧି ଅନୁଯାୟୀ ସେ ବାବରଙ୍କ ଶତ୍ରୁମାନଙ୍କୁ ଆଶ୍ରୟ ନ ଦେବା ନିମିତ୍ତ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଏହିପରି ଭାବରେ ବାବର, ଯାହାର ଆମ ଦେଶରେ ସାମାନ୍ୟତମ ଜାଗିର ଖଣ୍ଡେ ମଧ୍ୟ ନ ଥିଲା, ସେ ଉତ୍ତର ଭାରତରେ ଏକ ବୃହତ ସାମ୍ରାଜ୍ୟ ଗଠନ କରିପାରିଥିଲେ । ତାଙ୍କର ସାମ୍ରାଜ୍ୟ ସିନ୍ଧୁଠାରୁ ବିହାର ପର୍ଯ୍ୟନ୍ତ ଏବଂ ହିମାଳୟଠାରୁ ଗ୍ୱାଲିଅର ଓ ଚାନ୍ଦେରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।

ଶେଷ ଜୀବନ (Last phase of Life)

ଏହି ବୀରଙ୍କର ଶେଷ ଜୀବନ ଥିଲା ଖୁବ୍ ଦୁଃଖମୟ । ଖାନ୍ୱା ଯୁଦ୍ଧପରେ ହୁମାୟୁନ ହୋଇଥିଲେ ବଦଖସାନର ଶାସନକର୍ତ୍ତା । ସେ ଉଜବେଗ୍‌ମାନଙ୍କୁ ଦମନ କରିବାରେ ଅସମର୍ଥ ହେଲେ । ପିତାଙ୍କର ବିନା ଅନୁମତିରେ ସେ ଆଗ୍ରାକୁ ଫେରି ଆସିଥିଲେ, ତେଣୁ ତାଙ୍କୁ ସମ୍ଭଲର ଜାଗିର ଦେଖାଶୁଣା କରିବାକୁ ପ୍ରେରଣ କରାଯାଇଥିଲା । ସେଠାରେ ସେ ପୀଡ଼ିତ ହେବାରୁ ତାଙ୍କୁ ଆଗ୍ରାକୁ ପ୍ରତ୍ୟାହୃତ କରାଯାଇଥିଲା । ବାବର ଅନୁଭବ କରିଥିଲେ ଯେ ତାଙ୍କର ଜୀବନ ଅପେକ୍ଷା ହୁମାୟୁନଙ୍କ ଜୀବନ ଅଧିକ ମୂଲ୍ୟବାନ୍ । ସେ କହିଥିଲେ, ''ହୁମାୟୁନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ୍ ବସ୍ତୁ ହେଉଛି ମୁଁ... ମୁଁ ତା' ପାଇଁ ନିଜକୁ ଉତ୍ସର୍ଗ କରିବି । ହେ ଈଶ୍ୱର, ହେ ସ୍ରଷ୍ଟା, ଏହାକୁ ଗ୍ରହଣ କର ।'' ଏହିପରି କହି ହୁମାୟୁନଙ୍କ ରୋଗଶଯ୍ୟାର ଚାରିପାଖରେ ସେ ତିନିଥର ପ୍ରଦକ୍ଷିଣ କରିଥିଲେ । କଥା ରହିଛି, ହୁମାୟୁନ ଧୀରେ ଧୀରେ ଆରୋଗ୍ୟ ଲାଭ କଲେ ଓ ବାବର ହେଲେ ରୋଗାକ୍ରାନ୍ତ । ଅତ୍ୟଧିକ

ମଦ୍ୟପାନ, ଗଞ୍ଜା ଓ ଅଫିମ ସେବନ ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟୁଥିଲା । ପରିଶେଷରେ ୧୫୩୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୬ ତାରିଖ ଦିନ ସେ ଦେହତ୍ୟାଗ କଲେ । ପ୍ରଫେସର ରାମ ଶର୍ମାଙ୍କର କଲିକତା ରିଭ୍ୟୁ (Calcutta Review)ରେ ଏକ ଲେଖା ଏପ୍ରକାର କଥାକୁ ଅବିଶ୍ୱାସ କରିଥାଏ । ସେଥିରେ ଏ ଘଟଣାକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇଅଛି, ଯେଣୁ ହୁମାୟୁନ ଆରୋଗ୍ୟ ହେବାର ଛ'ମାସ ପରେ ବାବର ପୀଡ଼ିତ ହୋଇଥିଲେ । ବାବରଙ୍କ ଶବକୁ ତାଙ୍କ ଦ୍ୱାରା ପସନ୍ଦ କରାଯାଇଥିବା କାବୁଲ୍‌ର ଏକ ପାହାଡ଼ ନିକଟରେ ଏକ ମନୋରମ ସ୍ଥାନରେ କବର ଦିଆଯାଇଥିଲା ।

ମୂଲ୍ୟାୟନ (Estimate)

ବାବରଙ୍କ ସମସାମୟିକ ଓ ଆଧୁନିକ ଐତିହାସିକମାନେ ତାଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଛନ୍ତି । ହ୍ୟାଭେଲ କହିଛନ୍ତି, ''ତାଙ୍କର କାର୍ଯ୍ୟରତ ବ୍ୟକ୍ତିତ୍ୱ, କଳାତ୍ମକ ସ୍ୱଭାବ, ରୋମାଞ୍ଚପୂର୍ଣ୍ଣ କାର୍ଯ୍ୟକଳାପର ଗତି ଇସ୍‌ଲାମ୍ ଇତିହାସରେ ତାଙ୍କୁ ସବୁଠୁଁ ଅଧିକ ଆକର୍ଷଣୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ରୂପେ ନିର୍ଣ୍ଣୟ କରେ ।'' ସେ ଥିଲେ ଜଣେ ଉଚ୍ଚକୋଟୀର ମାନବ, ଜଣେ ବୀର ସୈନିକ, ଜଣେ ଦକ୍ଷ ସାମରିକ ସଂଗଠକ, ଜଣେ ପଣ୍ଡିତ ଓ ସର୍ବୋପରି ଜଣେ ସାମ୍ରାଜ୍ୟ ପ୍ରତିଷ୍ଠାତା । ଭି.ଏ.ସ୍ମିଥ୍ କହିଛନ୍ତି, ବାବର ଥିଲେ ଏସିଆର ସବୁଠୁଁ ଅଧିକ ଦୀପ୍ତିମାନ ରାଜପୁତ୍ର, ଯିଏ ଯେ କୌଣସି ଯୁଗ ଓ ଦେଶର ନରପତିମାନଙ୍କ ମଧ୍ୟରେ ଏକ ଉଚ୍ଚ ଆସନ ଅଧିକାର କରିବାରେ ଯୋଗ୍ୟ ଅଟନ୍ତି । ଲେନ୍‌ପୋଲ୍ ଲେଖିଛନ୍ତି, ''ପ୍ରାଚ୍ୟ ଇତିହାସରେ ବାବରଙ୍କର ଥିଲା ସବୁଠୁଁ ଅଧିକ ଆକର୍ଷଣୀୟ ବ୍ୟକ୍ତିତ୍ୱ ।''

ବାବର ଥିଲେ ଜଣେ ଆଦର୍ଶ ମାନବ । ତାଙ୍କର ଥିଲା ମାତା ଓ ମାତାମହଙ୍କ ପ୍ରତି ଭକ୍ତି, ବନ୍ଧୁଙ୍କ ପ୍ରତି ଆନୁଗତ୍ୟ ଏବଂ ସ୍ତ୍ରୀ ଓ ପିଲାମାନଙ୍କ ପ୍ରତି ସ୍ନେହ । ତାଙ୍କ ବିରୁଦ୍ଧରେ କେତେକ ଭ୍ରାତା ଓ ଆତ୍ମୀୟ ବିଦ୍ରୋହ କରିଥିବା ସତ୍ତ୍ୱେ ସେ ସେମାନଙ୍କୁ ଦଣ୍ଡିତ ନ କରି କ୍ଷମା ପ୍ରଦାନ କରିଥିଲେ । ତାଙ୍କଠାରେ ଭରି ରହିଥିଲା ଧୈର୍ଯ୍ୟ, ଦୃଢ଼ତା, ଅଧ୍ୟବସାୟ ଓ କଷ୍ଟ ସହିଷ୍ଣୁତା ଆଦି ବିଶେଷ ଗୁଣମାନ ।

ଜଣେ ଦକ୍ଷ ସୈନିକ ଓ ଉଚ୍ଚକୋଟୀର ସେନାଧ୍ୟକ୍ଷ ରୂପେ ସେ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସେ ଥିଲେ ଜଣେ ''ପ୍ରଶଂସନୀୟ ଅଶ୍ୱାରୋହୀ, ଜଣେ ଉତ୍ତମ ଲକ୍ଷ୍ୟବେଧୀ, ଜଣେ କୁଶଳୀ ଖଡ୍‌ଗଚାଳକ ଏବଂ ଜଣେ ସାହସୀ ଶିକାରୀ ।'' ଯଦିଚ ତୈମୁର ଓ ଚେଙ୍ଗିଜ୍ ଖାଁଙ୍କ ପରି ସେ ଆଜନ୍ମ ସେନାଧ୍ୟକ୍ଷ ନ ଥିଲେ, ତଥାପି ସେ ଏସିଆର ବିଭିନ୍ନ ଜାତି ବିରୁଦ୍ଧରେ ଅପୂର୍ବ ରଣକୌଶଳ ଦେଖାଇପାରିଥିଲେ । ଅନେକ ଯୁଦ୍ଧରେ ପରାଜୟ ଲାଭ କରିଥିଲେ ମଧ୍ୟ ସେ ସାହସ ନ ହରାଇ ପରିଶେଷରେ ହୋଇପାରିଲେ ଏକ

ଦକ୍ଷ ସେନାଧ୍ୟକ୍ଷ । ଉଜବେଗ, ମଙ୍ଗୋଲ ଓ ଆଫଗାନ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧକରି ସେମାନଙ୍କଠାରୁ ସେ ରଣକୌଶଳ ଶିକ୍ଷା କରିଥିଲେ । ବାବର ତାଙ୍କ ସୈନ୍ୟମାନଙ୍କୁ ଯେପରି ଗଭୀର ଭାବରେ ଭଲପାଉଥିଲେ, ବିଶୃଙ୍ଖଳା ସୃଷ୍ଟି କଲେ ବା କର୍ତ୍ତବ୍ୟରେ ଅବହେଳା କଲେ ସେହିପରି ଦଣ୍ଡିତ କରୁଥିଲେ । ସୈନ୍ୟମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ନିମିତ୍ତ ସେ ଅତିରିକ୍ତ କର ବୃଦ୍ଧି କରିଥିଲେ । ସେ ଲେଖିଛନ୍ତି, ''ମୁଁ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛି, ଅନ୍ୟ କେତେଜଣଙ୍କର ନାସା ଛେଦନ କରିଛି ଏବଂ ସେହି ଅବସ୍ଥାରେ ସେମାନଙ୍କୁ ଶିବିରରେ କଢ଼େଇ ନେଇଛି ।''

ଈଶ୍ୱରଙ୍କ ଉପରେ ବାବରଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ସେ ଜଣେ ଧର୍ମାନ୍ଧ ନଥିଲେ । ନିଜେ ସୁନ୍ନୀ ହୋଇଥିଲେ ମଧ୍ୟ ତାଙ୍କ ରାଜ୍ୟରେ ସିଆ ଧର୍ମମତ ପ୍ରଚାର କରିବା ନିମନ୍ତେ ସେ ପାରସ୍ୟର ସିଆଶାସକଙ୍କ ସହିତ ଏକ ଚୁକ୍ତି କରିଥିଲେ । ରାଜନୈତିକ ଅଭିସନ୍ଧି ରଖି ସେ ରାଜପୁତ୍‌ମାନଙ୍କ ବିପକ୍ଷରେ ଜେହାଦ ବା ଧର୍ମଯୁଦ୍ଧ କରିଥିଲେ । ସେ ହିନ୍ଦୁମାନଙ୍କ ପ୍ରତି ସହନଶୀଳ ଥିଲେ । ଏସ୍. ଆର. ଶର୍ମା ଅନୁଭବ କରିଛନ୍ତି ଯେ, ''ସେ କେବେ ହିନ୍ଦୁମନ୍ଦିର ଧ୍ୱଂସ କରିବାର, ଅନ୍ୟଥା ହିନ୍ଦୁମାନଙ୍କ ଉପରେ ସେମାନଙ୍କର ହିନ୍ଦୁଧର୍ମ ଯୋଗୁଁ ଉତ୍ପୀଡ଼ନ କରିବାର କୌଣସି ପ୍ରମାଣ ନାହିଁ ।''

ବାବରଙ୍କୁ ଜଣେ ସଫଳ କୂଟନୀତିଜ୍ଞ ରୂପେ ମୂଲ୍ୟାୟନ କଲେ ତ୍ରୁଟି ହେବନାହିଁ । ପାରସ୍ୟର ସିଆଶାସକଙ୍କ ସହିତ ତାଙ୍କର ସମ୍ପର୍କ ଥିଲା କୂଟନୀତିକ । ରାଜନୈତିକ ଦୃଷ୍ଟିକୋଣରୁ ରାଜପୁତ୍ କନ୍ୟାମାନଙ୍କୁ ବିବାହ କରିବାର ପ୍ରଥା ତାଙ୍କ ସମୟରୁ ଆରମ୍ଭ ହେଲା । ମେଦିନୀ ରାଓଙ୍କ କନ୍ୟାମାନଙ୍କୁ ସେ ହୁମାୟୁନ ଓ କାମରାନଙ୍କ ସହିତ ବିବାହ ଦେଇଥିଲେ । ଶେର ଶାହାଙ୍କ ଶକ୍ତି ସେ ସଠିକ୍ ଭାବରେ କଳନା କରିପାରିଥିଲେ । ତେଣୁ ତାଙ୍କର ଗତିବିଧି ଉପରେ ଦୃଷ୍ଟି ଦେବାକୁ ସେ ତାଙ୍କର ସମ୍ଭ୍ରାନ୍ତବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଥିଲେ ।

ଯଦିବି କେତେକ କୁହନ୍ତି ଯେ ବାବର ସାମ୍ରାଜ୍ୟ ପ୍ରତିଷ୍ଠାତା ନ ଥିଲେ, ସେ ଥିଲେ ଜଣେ ଭାଗ୍ୟବାନ୍ ସୈନିକ । ସେ ତାଙ୍କର ସାମ୍ରାଜ୍ୟ ବଦଖସାନଠାରୁ ବଙ୍ଗଳା ପର୍ଯ୍ୟନ୍ତ ଓ ହିମାଳୟଠାରୁ ଗ୍ୱାଲିଅର ପର୍ଯ୍ୟନ୍ତ ବିସ୍ତୃତ କରିପାରିଥିଲେ । ନିରଙ୍କୁଶ ରାଜତନ୍ତ୍ର ଉପରେ ବିଶ୍ୱାସ କରି ସେ ବାଦଶାହା ଉପାଧି ଧାରଣ କରିଥିଲେ । ତୋଗଲକ ଶାସକମାନଙ୍କଠାରୁ ପତନୋନ୍ମୁଖୀ ରାଜତନ୍ତ୍ରରେ ସେ ସମ୍ମାନ ଓ କ୍ଷମତା ଯୋଗ କରିଥିଲେ ।

ବାବର ଜଣେ ଦକ୍ଷ ସମ୍ରାଟ ଥିଲେ; କିନ୍ତୁ ନ ଥିଲେ ଜଣେ ଦକ୍ଷ ପ୍ରଶାସକ । ଶାସନ ନିମିତ୍ତ ନୂତନ ଆଇନ ପ୍ରଣୟନ କରିବା କିମ୍ବା ନୂତନ ଅନୁଷ୍ଠାନମାନ ଗଢ଼ିବା ପାଇଁ ସେ ସମୟ ପାଇନଥିଲେ । ହିନ୍ଦୁସ୍ଥାନରେ ପ୍ରଚଳିତ ଶାସନ ପଦ୍ଧତିକୁ ସେ ଗ୍ରହଣ କରିନେଇଥିଲେ ।

ତାଙ୍କ ସାମ୍ରାଜ୍ୟ କେତେକ କ୍ଷୁଦ୍ର କ୍ଷୁଦ୍ର ଜାଗିରରେ ବିଭକ୍ତ ହୋଇଥିଲା । ଜାଗିରଦାରମାନଙ୍କ ଉପରେ ଶାସକ ନିମିତ୍ତ ତାଙ୍କୁ ନିର୍ଭର କରିବାକୁ ପଡୁଥିଲା । ତେଣୁ କେନ୍ଦ୍ରଶାସନ ଦୁର୍ବଳ ହୋଇପଡ଼ିଥିଲା । ମୁକ୍ତହସ୍ତରେ ଦାନ କରିଦେଇଥିବାରୁ ବାବରଙ୍କ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥିଲା । ସେ ମୁସଲମାନ୍‌ମାନଙ୍କ ଉପରୁ ଟିକଟ କର ଉଠେଇଦେଇଥିଲେ । ବାବର ଆଗ୍ରାଠାରୁ କାବୁଲ୍ ପର୍ଯ୍ୟନ୍ତ ଥିବା ଗ୍ରାଣ୍ଡଟ୍ରଙ୍କ ରାସ୍ତାର ରକ୍ଷଣାବେକ୍ଷଣ କରିଥିଲେ । ରାସ୍ତାର ପ୍ରତି ୧୫ ମାଇଲ ବ୍ୟବଧାନରେ ଡାକଘର ନିର୍ମିତ ହୋଇଥିଲା । ପ୍ରତ୍ୟେକ ଡାକଘରେ ୬ଟି ଅଶ୍ୱ ରଖାଯାଇଥିଲା ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ।

ବାବର ପ୍ରଥମରେ ଥିଲେ ଜଣେ ବିଦ୍ୱାନ୍, ଦ୍ୱିତୀୟରେ ଜଣେ ସୈନିକ । ତାଙ୍କର ଆତ୍ମଚରିତ ପୁସ୍ତକ ତୁଜୁକ-ଇ-ବାବରି (Tuzuk-i-Babari)ରେ କେବଳ ଐତିହାସିକ ଘଟଣାବଳୀ ଉଲ୍ଲେଖ କରାଯାଇନାହିଁ, ଏହା ମଧ୍ୟ ଏକ ସାହିତ୍ୟିକ କୃତି । ତୁର୍କ ଭାଷା ଉପରେ ତାଙ୍କର ଜ୍ଞାନ ତାଙ୍କୁ ବିଶ୍ୱର ଜଣେ ପଣ୍ଡିତ ହିସାବରେ ଗଣନା କରିଥାଏ । ଏ. ଏସ. ବେଭରିଜ୍ (A.S. Beveridge) ଲେଖିଛନ୍ତି, ''ବାବରଙ୍କ ଆତ୍ମଚରିତ ସବୁକାଳ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ ଏବଂ ଏହା ସେଣ୍ଟ ଅଗଷ୍ଟାଇନ ଏବଂ ରଷୋଙ୍କର କନ୍‌ଫେସନ୍ (ସ୍ୱୀକାରୋକ୍ତି), ଗିବଟନ୍ ଓ ନିଉଟନ୍‌ଙ୍କର ଆତ୍ମଚରିତ ସହିତ ସମକକ୍ଷ ହୋଇପାରିବ ।'' ଉକ୍ତ ଗ୍ରନ୍ଥରେ ଭାରତର ଜଳବାୟୁ, ପଶୁ, ପକ୍ଷୀ, ଫଳ, ଶିଳ୍ପ, କଳା ଏବଂ ଲୋକମାନଙ୍କର ସାମାଜିକ ଓ ଆଞ୍ଚଳିକ ଜୀବନ ଉପରେ ଆଲୋକପାତ କରାଯାଇଛି । ବାବରଙ୍କର ଅନ୍ୟ ଏକ ଉପାଦେୟ ଲେଖା ହେଉଛି ଖତ-ଇ-ବାବରୀ (Khat-i-Babari) ।

ବାବର ଥିଲେ ଜଣେ ସୌନ୍ଦର୍ଯ୍ୟ ପୂଜାରୀ । ଚାରୁକଳା ପ୍ରତି ତାଙ୍କର ଅହେତୁକ ଶ୍ରଦ୍ଧା ଥିଲା । ସେ ସ୍ମରଣିକାରେ ଲେଖିଛନ୍ତି, ''ମୋ ପ୍ରାସାଦରେ ମୁଁ ପ୍ରତିଦିନ ୬୮୦ ଲୋକଙ୍କୁ ନିଯୁକ୍ତି ଦେଉଥିଲି ଏବଂ ଆଗ୍ରା, ସିକ୍ରି, ବୟାନା, ଧୋଲପୁର, ଗ୍ୱାଲିଅର ଓ କୋଏଲ-ସେଠାରେ ପ୍ରତିଦିନ ମୋ କାର୍ଯ୍ୟରେ ୧୪୯୧ ଜଣ ପଥର କଟାଳି ନିଯୁକ୍ତ ହେଉଥିଲେ ।'' ସେ ମଧ୍ୟ ଅନେକ ଉଦ୍ୟାନ ନିର୍ମାଣ କରିଥିବାରୁ ତାଙ୍କୁ ''ଉଦ୍ୟାନର ରାଜପୁତ୍ର'' ଆଖ୍ୟା ଦିଆଯାଇଥାଏ ।

●

ଦ୍ୱିତୀୟ ଅଧ୍ୟାୟ

ହୁମାୟୁନ (୧୫୩୦-୧୫୫୬)

[Humayun (1530-1556)]

ମୋଗଲ ସାମ୍ରାଜ୍ୟରେ ଜଣେ ଭାଗ୍ୟହୀନ ଶାସକ ରୂପେ ହୁମାୟୁନ ଖୁବ୍ ଜଣାଶୁଣା । ତାଙ୍କର ପୂରାନାମ ଥିଲା ନାସିରୁଦ୍ଦିନ ମହମ୍ମଦ ହୁମାୟୁନ । ୧୫୦୮ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୬ ତାରିଖ ଦିନ ସେ କାବୁଲ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ଥିଲା ମହମ ବେଗମ । ହୁମାୟୁନଙ୍କର ଅନ୍ୟ ଭ୍ରାତାମାନେ ହେଲେ କାମରାନ, ଆସ୍କାରୀ ଓ ହିନ୍ଦାଲ ।

ବାବର ତାଙ୍କୁ ୨୦ ବର୍ଷ ବୟସରେ ବଦଖସାନର ଶାସନକର୍ତ୍ତା ରୂପେ ନିଯୁକ୍ତି ଦେଇଥିଲେ । ସେ ପିତାଙ୍କ ସହିତ ପାନିପଥ ଓ ଖାନ୍ୱା ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ବାବର ହିସାର ଫିରୁଜ (Hisar Firuz) ଜିଲ୍ଲାର ଶାସନ ଦାୟିତ୍ୱ ହୁମାୟୁନଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । ଖାନ୍ୱା ଯୁଦ୍ଧ ପରେ ହୁମାୟୁନଙ୍କୁ ବଦଖସାନର ଦାୟିତ୍ୱ ନେବା ନିମିତ୍ତ ପ୍ରେରଣ କରାଯାଇଥିଲା; ମାତ୍ର ଦୁଇବର୍ଷ ପରେ ସେ ଆଗ୍ରାକୁ ଫେରିଆସିଥିଲେ । ତା'ପରେ ତାଙ୍କୁ ସମ୍ବଲର ଜାଗିରି ପରିଚାଳନା କରିବା ନିମିତ୍ତ ପଠାଯାଇଥିଲା; କିନ୍ତୁ ରୋଗାକ୍ରାନ୍ତ ହେବାପରେ ହୁମାୟୁନଙ୍କୁ ସେଠାରୁ ଆଗ୍ରାକୁ ଅଣାଯାଇଥିଲା । ରୋଗଶଯ୍ୟାରେ ଥିବା ସମୟରେ ବାବର ତାହାଙ୍କୁ ତାଙ୍କର ଉତ୍ତରାଧିକାରୀ ରୂପେ ମନୋନୀତ କରିଥିଲେ ।

୧୫୩୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୯ ତାରିଖରେ ଆଗ୍ରାଠାରେ ହୁମାୟୁନ ସିଂହାସନ ଆରୋହଣ କରିଥିଲେ । ବାବର ଶେଷ ସମୟରେ ହୁମାୟୁନଙ୍କୁ ପରାମର୍ଶ ଦେଇଥିଲେ ଯେ ସେ ଯେପରି ତାଙ୍କ ଭ୍ରାତାମାନଙ୍କ ପ୍ରତି ସ୍ନେହ ଓ ମମତାଭାବ ପୋଷଣ କରିବେ । ତେଣୁ ହୁମାୟୁନ ସମ୍ରାଟ ହେବା ପରେ କାମରାନଙ୍କୁ କାବୁଲ୍ ଓ କାନ୍ଦାହାର, ଆସ୍କାରୀଙ୍କୁ ସମ୍ବଲ ଏବଂ ହିନ୍ଦାଲଙ୍କୁ ଅଲଓ୍ୱାର ଓ ମେଓ୍ୱାଟ ଅଞ୍ଚଳ ପ୍ରଦାନ କରିଥିଲେ ।

ହୁମାୟୁନ ପିତାଙ୍କଠାରୁ ଲାଭ କରିଥିଲେ ଏକ କଣ୍ଟକିତ ସିଂହାସନ । ତାଙ୍କର ଚାରିପାଖରେ ଘେରି ରହିଥିଲେ ଅନେକ ଶତ୍ରୁ । ବାବର ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା

କରିଥିଲେ ସତ; ମାତ୍ର ଏହାକୁ ସୁଦୃଢ଼ କରିନଥିଲେ । ଦେଶରେ ଏକ ପ୍ରକାର ଶାସନ ପ୍ରଚଳନ କରିବା ବା ସ୍ଥାୟୀ ଅନୁଷ୍ଠାନମାନ ଗଠନ କରିବା ତାଙ୍କ ରାଜତ୍ୱର ସ୍ୱଳ୍ପ ସମୟ ମଧ୍ୟରେ ସମ୍ଭବ ହୋଇପାରିନଥିଲା । ବାବର ମଧ୍ୟ ହୁମାୟୁନଙ୍କ ପାଇଁ ଛାଡ଼ିଯାଇଥିଲେ ଏକ ଶୂନ୍ୟ ରାଜକୋଷ । ବାବର ହସ୍ତାନ୍ତର କରିଥିବା ଏକ ଅସଂଗଠିତ ସୈନ୍ୟବାହିନୀ ମଧ୍ୟ ହୁମାୟୁନଙ୍କ ପାଇଁ ବିପତ୍ତିର କାରଣ ହୋଇଥିଲା । ସୈନ୍ୟବାହିନୀରେ ମଙ୍ଗୋଲ, ପାରସିକ, ଆଫଗାନ୍ ଆଦି ବିଭିନ୍ନ ଗୋଷ୍ଠୀର ଲୋକମାନେ ଥିଲେ । ସେମାନଙ୍କ ଉପରେ ସର୍ବଦା ବିଶ୍ୱାସ କରାଯାଉ ନଥିଲା । ଅଧିକାଂଶ ସମୟରେ ସେମାନେ ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହୁଥିଲେ । ଦଳୀୟ ସ୍ୱାର୍ଥ ନିକଟରେ ସମୂହ ସ୍ୱାର୍ଥ ଜଳାଞ୍ଜଳି ଦିଆଯାଉଥିଲା । ଏପରିକି ପ୍ରଭାବଶାଳୀ ଖାଁମାନେ ରାଜ୍ୟ ପ୍ରାପ୍ତି ନିମନ୍ତେ ଉଚ୍ଚ ଆଶା ପୋଷଣ କରୁଥିଲେ । ମୁସଲମାନ୍‌ମାନଙ୍କର ଉତ୍ତରାଧିକାରୀ ଆଇନ ନ ଥିବାରୁ ରାଜପରିବାରର ପ୍ରତ୍ୟେକ ରାଜପୁତ୍ର ସାମ୍ରାଜ୍ୟ ପାଇଁ ଆଶାୟୀ ହୋଇ ରହୁଥିଲେ । ଇରସ୍କାଇନଙ୍କ ଭାଷାରେ, ‘‘କ୍ଷମତାର ବଡ଼ ନିୟନ୍ତା ଥିଲା ତରବାରି ଏବଂ ପ୍ରତ୍ୟେକ ପୁତ୍ର ଭ୍ରାତାମାନଙ୍କ ବିରୋଧରେ ତାଙ୍କର ଭାଗ୍ୟ ସ୍ଥିର କରିବା ପାଇଁ ପ୍ରସ୍ତୁତ ହେଉଥିଲେ ।’’ ତେଣୁ ବେଳେବେଳେ ସମସ୍ୟା ଖଣ୍ଡା ଦ୍ୱାରା ସମାଧାନ ହେଉଥିଲା ।

ବାବର ଭାରତରେ ଶାସନ କରୁଥିବା ରାଜବଂଶଗୁଡ଼ିକୁ ପରାସ୍ତ କରି ସେମାନଙ୍କର କ୍ଷମତା ଚୂର୍ଣ୍ଣୀଭୂତ କରିଥିଲେ । କେବଳ ସାମରିକ ଶକ୍ତି ଦ୍ୱାରା ହିଁ ସେ ଭାରତର ଜନସାଧାରଣଙ୍କୁ ନିୟନ୍ତ୍ରଣ କରିଥିଲେ । ତେଣୁ ହିନ୍ଦୁମାନେ ମୋଗଲମାନଙ୍କୁ ବର୍ବର ବୋଲି କହୁଥିଲେ । ମାହମୁଦ ଲୋଦୀ ଇତସ୍ତତ ଭ୍ରମଣ କରି ତାଙ୍କର ହୃତ କ୍ଷମତା ପୁଣି ଫେରାଇ ଆଣିବା ନିମିତ୍ତ ଚେଷ୍ଟା କରୁଥିଲେ । ରାଜପୁତ୍‌ମାନେ କ୍ଷଣସ୍ଥାୟୀ ଭାବରେ ପରାଜିତ ହୋଇଥିଲେ । ଯଦିଚ ଆଫଗାନ୍‌ମାନେ ପରାଜିତ ହୋଇଥିଲେ, ସେମାନଙ୍କୁ ସ୍ଥାୟୀ ଭାବରେ ଦମନ କରାଯାଇ ନଥିଲା । ବଙ୍ଗଳା ଓ ବିହାରରେ ବିଖ୍ୟାତ ବିଖ୍ୟାତ ଆଫଗାନ୍ ଅମୀର ମୋଗଲ ବିରୋଧୀ ଆନ୍ଦୋଳନ ତେଜିୟାନ କରିବା ନିମନ୍ତେ ଧନ ଖର୍ଚ୍ଚ କରୁଥିଲେ ଏବଂ ସେମାନେ ଏଥି ନିମନ୍ତେ ଏକ ବିଶାଳ ଶକ୍ତି ରୂପେ ଶେରଖାଁଙ୍କୁ ଆବିଷ୍କାର କରିଥିଲେ । ଆଫଗାନ୍‌ମାନଙ୍କୁ ଏକ ଜାତିରେ ସଂଗଠିତ କରିବାକୁ ଚେଷ୍ଟା ଚଳାଇଥିଲେ ଶେର ଖାଁ । ଗୁଜୁରାଟରେ ବାହାଦୁର ଶାହା ତାଙ୍କର କ୍ଷମତା ବୃଦ୍ଧି କରି ରାଜସ୍ଥାନ ଜୟ କରିବା ନିମିତ୍ତ ପ୍ରସ୍ତୁତ ହେଉଥିଲେ । ମୀର୍ଜାମାନେ ମଧ୍ୟ ଦିଲ୍ଲୀ ସିଂହାସନ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ । ଏହି ମୀର୍ଜାମାନେ ତୈମୁର ଓ ବାବରଙ୍କ ସମ୍ପର୍କୀୟ ବୋଲି ଦାବି କରୁଥିଲେ । ସେମାନଙ୍କ ମଧ୍ୟରେ ପ୍ରଥମ ଥିଲେ ହିରାତର ଜମାନ ମୀର୍ଜା (Zaman Mirza) । ତୈମୁରଙ୍କ ବଂଶଧର ମହମ୍ମଦ ସୁଲତାନ ଓ ବାବରଙ୍କ

ଶାଳକ ମେହଦୀ ଖାଜ୍ୱା ମଧ୍ୟ ଦିଲ୍ଲୀର ସିଂହାସନ ଲାଭ କରିବା ପାଇଁ ଆଶାୟୀ ଥିଲେ । ହୁମାୟୁନଙ୍କ ଭ୍ରାତାମାନେ ତାଙ୍କ ପ୍ରତି କମ୍ ଶତ୍ରୁତା ଆଚରଣ କରୁନଥିଲେ । କାମରାନ, ଆସ୍କାରୀ ଓ ହିନ୍ଦାଲ ସ୍ଥାୟୀ ଭାବରେ ତାଙ୍କୁ ସଙ୍କଟରେ ପକାଉଥିଲେ । ଲେନ୍‌ପୋଲ୍ ଅନୁଭବ କରନ୍ତି, ‘‘ସର୍ବଦା ଦୁର୍ବଳ, ପରିବର୍ତ୍ତନଶୀଳ, କେବଳ ନିର୍ବୋଧଙ୍କ ପରି ଉଚ୍ଚାଭିଳାଷୀ ବ୍ୟକ୍ତିମାନେ କାର୍ଯ୍ୟ ସମ୍ପାଦନ କରିବା ପରି ବିପଦପୂର୍ଣ୍ଣ ।’’ ଏହିପରି ଭାବରେ ହୁମାୟୁନଙ୍କ ସାମ୍ରାଜ୍ୟ ସର୍ବଦା କଣ୍ଟକିତ ଥିଲା । ଏହି ପରିପ୍ରେକ୍ଷୀରେ ରୁଶବ୍ରୁକ୍ ଉଇଲିୟମ (Rushbrook William) କହିଛନ୍ତି, ‘‘ବାବର ତାଙ୍କ ପୁତ୍ରକୁ ଏକ ସାମ୍ରାଜ୍ୟ ଦାନ କରିଗଲେ, ଯାହା କେବଳ ଯୁଦ୍ଧ ଦ୍ୱାରା ସ୍ଥାୟୀ ରୂପେ ଧାରଣ କରାଯାଇପାରୁଥିଲା । ଶାନ୍ତି ସମୟରେ ତାହା ଥିଲା ଦୁର୍ବଳ, ଗଠନବିହୀନ ଓ ମେରୁଦଣ୍ଡହୀନ ।’’

ହୁମାୟୁନଙ୍କ ବ୍ୟକ୍ତିଗତ ଚରିତ୍ର ମଧ୍ୟ ତାଙ୍କୁ ଅସୁବିଧାରେ ପକାଉଥିଲା । ଯଦିଚ ତାଙ୍କଠାରେ ଦୟା ଓ ଶିଷ୍ଟତା ଥିଲା; ତଥାପି ସେ ନିଷ୍ପତ୍ତି ଗ୍ରହଣ କରିପାରୁନଥିଲେ, ସେ ଆଦେଶ ମଧ୍ୟ ଦେଇପାରୁନଥିଲେ, ଯାହା ବ୍ୟତିରେକେ କୌଣସି ରାଜପୁତ୍ର ତାଙ୍କର ପ୍ରଜାମାନଙ୍କ ଦ୍ୱାରା ସମ୍ମାନିତ ଓ ବିଶ୍ୱାସଭାଜନ ହୋଇପାରନ୍ତି ନାହିଁ । ସେ ମଧ୍ୟ ଜଣେ ବିଜ୍ଞ ରାଜନୀତିଜ୍ଞ ବା ସେନାଧ୍ୟକ୍ଷ ନ ଥିଲେ, ଯିଏ ଅନ୍ୟ ଜଣଙ୍କ ସହିତ ଶତ୍ରୁତା ଆରମ୍ଭ କରିବା ପୂର୍ବରୁ ଗୋଟିଏ ଶତ୍ରୁକୁ ବିନାଶ କରିଦେଇଥା’ନ୍ତି । ଲେନ୍‌ପୋଲ୍‌ଙ୍କ କଥାରେ, ‘‘ଗୋଟିଏ ନିରନ୍ତର ପ୍ରୟାସ ପାଇଁ ସେ ଅକ୍ଷମ ଥିଲେ ଏବଂ ଏକ କ୍ଷଣିକ ବିଜୟ ପରେ ସେ ନିଜକୁ ହାରେମରେ ବିଲୁପ୍ତ କରିଦେଉଥିଲେ ଏବଂ ମୂଲ୍ୟବାନ୍ ସମୟଠାରୁ ଦୂରେଇଯାଇ ଅଫିମ ସେବନକାରୀମାନଙ୍କ ସ୍ୱର୍ଗରେ ସେ ସ୍ୱପ୍ନ ଦେଖୁଥିଲେ, ଯେତେବେଳେ ତାଙ୍କ ଶତ୍ରୁମାନେ ଦ୍ୱାରଦେଶରେ ବଜ୍ରଧ୍ୱନି ଦେଉଥିଲେ । ବାସ୍ତବିକ ଯେତେବେଳେ ସେ ଦଣ୍ଡିତ କରିବା ଉଚିତ, ସେ ଦୟାଳୁ ହୋଇ କ୍ଷମା ପ୍ରଦାନ କରୁଥିଲେ ।’’ ସେଥିପାଇଁ ହୁମାୟୁନଙ୍କ ଭ୍ରାତାମାନେ ତାଙ୍କ ପ୍ରତି ଯେତେ ଶତ୍ରୁତା ସାଧନ କରୁଥିଲେ ହିଁ, ପିତାଙ୍କର ଉପଦେଶ ମାନି ଏକ ବିଶାଳ ହୃଦୟରେ ସେ ଭ୍ରାତାମାନଙ୍କ ପ୍ରତି ଦୟାଶୀଳ ଥିଲେ ଓ ସେମାନଙ୍କୁ ଉତ୍ତମ ବ୍ୟବହାର ଦେଖାଉଥିଲେ ।

ହୁମାୟୁନ କାମରାନଙ୍କୁ କାବୁଲ୍ ଓ କାନ୍ଦାହାରରେ ଅବସ୍ଥାପିତ କରିଥିଲେ । ହୁମାୟୁନ ଦେଇଥିବା ରାଜ୍ୟ ଲାଭ କରି କାମରାନ ସନ୍ତୁଷ୍ଟ ନ ଥିଲେ । ତେଣୁ ସେ ଲାହୋର, ପଞ୍ଜାବ ଏବଂ ହିସାର ଫିରୁଜ ଜିଲ୍ଲା ଅବରୋଧ କରିଥିଲେ । ତାଙ୍କର ବଳପୂର୍ବକ ଅଧିକାର ବିରୁଦ୍ଧରେ ହୁମାୟୁନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ବରଂ ଅଧିକତର ଦୟାଶୀଳ ହୋଇ ସେ ଏହି ଅଞ୍ଚଳଗୁଡ଼ିକ ତାଙ୍କ ଦାୟିତ୍ୱରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା

ବାବରଙ୍କ ସାମ୍ରାଜ୍ୟର ଅଖଣ୍ଡତାର ମୂଳ ଦୋହଲି ଯାଇଥିଲା । କାମରାନଙ୍କୁ ସିନ୍ଧୁ ଅଞ୍ଚଳ ହସ୍ତାନ୍ତର କରିବା ଦ୍ୱାରା ଏହି ଅଞ୍ଚଳରୁ ହୁମାୟୁନ ସାମରିକ ବାହିନୀରେ ଉପଯୁକ୍ତ ସୈନିକ ନିଯୁକ୍ତି କରିପାରିଲେ ନାହିଁ । ବାସ୍ତବିକ ସିନ୍ଧୁ ଅଞ୍ଚଳରୁ ହିଁ ମୋଗଲମାନେ ସାମରିକ ଶକ୍ତି ଲାଭ କରିପାରୁଥିଲେ । ହିସାର ଫିରୁଜ ଅଧିକାର କରିବା ଦ୍ୱାରା ପଞ୍ଜାବ ଓ ଦିଲ୍ଲୀକୁ ଯୋଗ କରୁଥିବା ପଥମାନ କାମରାନଙ୍କ ନିୟନ୍ତ୍ରଣକୁ ଚାଲିଆସିଥିଲା ।

ହୁମାୟୁନଙ୍କ ଯୁଦ୍ଧ
(Battles of Humayun)

କାଲିଞ୍ଜର ଅଭିଯାନ (Expedition to Kalingar)

ସିଂହାସନରେ ଅଭିଷିକ୍ତ ହେବାର ଛ'ମାସ ମଧ୍ୟରେ ହୁମାୟୁନ ଆଫଗାନ୍‌ମାନଙ୍କର ସମର୍ଥିତ ରାଜା ପ୍ରତାପରୁଦ୍ରଙ୍କର କାଲିଞ୍ଜର ଦୁର୍ଗ ଅବରୋଧ କରିଥିଲେ; ମାତ୍ର ପୂର୍ବରେ ଆଫଗାନ୍‌ମାନଙ୍କର ଭୟ ଲାଗିରହିଥିବାରୁ ସେ ପ୍ରତାପରୁଦ୍ର ଦେବଙ୍କ ସହିତ ତରବରିଆ ଭାବରେ ଏକ ସନ୍ଧି କରିଥିଲେ । ଏହାଦ୍ୱାରା ତାଙ୍କୁ ପ୍ରଚୁର କ୍ଷତିପୂରଣ ମିଳିଥିଲା । ଏହାପରେ ତାଙ୍କୁ ମାହମୁଦ ଲୋଦୀଙ୍କ ବିରୁଦ୍ଧରେ ଅଭିଯାନ କରିବାକୁ ପଡ଼ିଥିଲା । କାଲିଞ୍ଜର ଅବରୋଧ ଥିଲା ହୁମାୟୁନଙ୍କର ଏକ ତ୍ରୁଟି । ରାଜା ପରାସ୍ତ ହୋଇଥିଲେ ମଧ୍ୟ ତାଙ୍କର ଲକ୍ଷ୍ୟ ହାସଲ ହୋଇପାରିନଥିଲା ।

ମାହମୁଦ ଲୋଦୀଙ୍କ ବିରୁଦ୍ଧରେ ଅଭିଯାନ (Expedition against Mahmud Lodi)

ମାହମୁଦ ଲୋଦୀଙ୍କ ନେତୃତ୍ୱରେ ବିହାରର ଆଫଗାନ୍‌ମାନେ ମୋଗଲମାନଙ୍କର ଜୈନପୁର ପ୍ରଦେଶରେ ପ୍ରବେଶ କରିଥିଲେ । ୧୫୩୨ ଖ୍ରୀଷ୍ଟାବ୍ଦରେ ଦୌହରିଆ (Dauhria)ଠାରେ ମାହମୁଦଙ୍କ ବିରୁଦ୍ଧରେ ହୁମାୟୁନଙ୍କୁ ଏକ ସଂଘର୍ଷ କରିବାକୁ ପଡ଼ିଥିଲା । ଆଫଗାନ୍‌ମାନେ ପଳାୟନ କରି ପଛଘୁଞ୍ଚା ଦେଇଥିଲେ । ଏହାପରେ ହୁମାୟୁନ ଶେରଖାଁଙ୍କ ଦ୍ୱାରା ଅଧିକୃତ ଚୂନାର ଦୁର୍ଗ ଅବରୋଧ କଲେ; କିନ୍ତୁ ଏହାକୁ ସେ ଜୟ ନ କରି ଶେର ଖାଁଙ୍କ ସହିତ ସାମାନ୍ୟ ଏକ ଚୁକ୍ତି କରିଥିଲେ, ଯାହାଦ୍ୱାରା ଶେରଖାଁଙ୍କ ପୁତ୍ର କୁତବ ଖାଁ ଏକ ଆଫଗାନ୍ ସୈନ୍ୟଦଳଙ୍କୁ ନେଇ ମୋଗଲ ସମ୍ରାଟଙ୍କ ଅଧୀନରେ ରହିବେ ।

ବାହାଦୁର ଶାହାଙ୍କ ବିରୁଦ୍ଧରେ ଯୁଦ୍ଧ (War against Bahadur Shah)

୧୫୩୪ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଜମାନ ମୀର୍ଜା ଓ ମହମ୍ମଦ ସୁଲତାନ ମୀର୍ଜା ଦୁହେଁ ୱାଲିଖୁବ୍ ମୀର୍ଜାଙ୍କ ସହିତ ମେଣ୍ଟ ବାନ୍ଧି ହୁମାୟୁନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ; କିନ୍ତୁ

ହୁମାୟୁନ ସେମାନଙ୍କୁ ପରାସ୍ତ କରିଥିଲେ । ବାହାଦୁର ଶାହାଙ୍କ ପାଖରେ ଜମାନ ମୀର୍ଜା ଶରଣାପନ୍ନ ହୋଇଥିଲେ । ତାଙ୍କୁ ଫେରାଇଦେବା ପାଇଁ ହୁମାୟୁନଙ୍କର ବାହାଦୁର ଶାହାଙ୍କୁ ଅନୁରୋଧ ସେ ପ୍ରତ୍ୟାଖ୍ୟାନ କରିଥିଲେ । ସେ ମଧ୍ୟ ମୋଗଲମାନଙ୍କର ଶତ୍ରୁ ଆଲାମ ଖାଁ ଓ ତାଙ୍କ ପୁତ୍ର ଟାଟାର ଖାଁଙ୍କୁ ଆଶ୍ରୟ ଦେଇଥିଲେ । ହିନ୍ଦୁସ୍ଥାନ ଆକ୍ରମଣ କରିବାକୁ ସେମାନେ ସର୍ବଦା ବାହାଦୁର ଶାହାଙ୍କୁ ଉତ୍ସାହିତ କରୁଥିଲେ । ବାହାଦୁର ମଧ୍ୟ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ଚେଷ୍ଟା କରୁଥିଲେ । ସେ ୧୫୩୧ ଖ୍ରୀଷ୍ଟାବ୍ଦରେ ମାଳବ ଜୟ କରିଥିଲେ । ଖାନ୍ଦେଶ, ଅହମଦନଗର ଓ ବେରାରର ରାଜାମାନେ ତାଙ୍କର ବଶ୍ୟତା ସ୍ୱୀକାର କରୁଥିଲେ । ଏକ ବନ୍ଧୁକଧାରୀ ଦଳ ସଂଗଠିତ କରି ସେ ନିଜର ଶକ୍ତି ବୃଦ୍ଧି କରିଥିଲେ । ତାଙ୍କର ଦିଲ୍ଲୀ ଆକ୍ରମଣ କରିବାର ଅଭିଳାଷ ମଧ୍ୟ ଥିଲା । ତେଣୁ ସେ ଥିଲେ ହୁମାୟୁନଙ୍କର ଜଣେ ବିପଦପୂର୍ଣ୍ଣ ଶତ୍ରୁ ।

ବାହାଦୁର ଶାହା ମାଳବ ଅବରୋଧ କରି ଚିତୋର ଦିଗରେ ଅଗ୍ରସର ହେଲେ । ଚିତୋରର ରାଣା ବିକ୍ରମାଦିତ୍ୟଙ୍କ ମାତା କର୍ଣ୍ଣବତୀ ବାହାଦୁର ଶାହାଙ୍କ ବିରୁଦ୍ଧରେ ହୁମାୟୁନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ହୁମାୟୁନ ମଧ୍ୟ ଚିତୋରକୁ ରକ୍ଷା କରିବା ନିମିତ୍ତ ଅଗ୍ରସର ହୋଇ ସାରଙ୍ଗପୁରଠାରେ ଅଟକି ଯାଇଥିଲେ । ତାଙ୍କ ମନରେ ଧାରଣା ହେଲା ଯେ ବିଧର୍ମୀ ରାଣାଙ୍କୁ ଆକ୍ରମଣ କରୁଥିବା ବାହାଦୁର ଶାହାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ଏକ ପାପପୂର୍ଣ୍ଣ କାର୍ଯ୍ୟ । ଚିତୋର ଏକ ବୀରତ୍ୱପୂର୍ଣ୍ଣ ପ୍ରତିରୋଧ କରି ପତନୋନ୍ମୁଖୀ ହୋଇଥିଲା । ରାଜପୁତ୍‌ମାନଙ୍କର ଆବେଦନ ଅଗ୍ରାହ୍ୟ କରିବା ଥିଲା ହୁମାୟୁନଙ୍କ ପାଇଁ ତ୍ରୁଟିପୂର୍ଣ୍ଣ । ତଦ୍ୱାରା ସେ ରାଜପୁତ୍‌ମାନଙ୍କର ଅନୁକମ୍ପା ଓ ସାହାଯ୍ୟ ହସ୍ତଚ୍ୟୁତ କରିଦେଇଥିଲେ । ହୁମାୟୁନ ମଧ୍ୟ ମଣ୍ଡାସର ନିକଟବର୍ତ୍ତୀ ଏକ କୃତ୍ରିମ ହ୍ରଦ କୂଳରେ ୧୫୩୫ ଖ୍ରୀଷ୍ଟାବ୍ଦରେ ବାହାଦୁର ଶାହାଙ୍କୁ ପରାସ୍ତ କଲେ । ବାହାଦୁର ମାଣ୍ଡୁ ଦୁର୍ଗକୁ ପଳାୟନ କରିଥିଲେ । ହୁମାୟୁନ ତାଙ୍କର ପଶ୍ଚାତ୍‌ଗମନ କରିଥିଲେ । ସେ ମାଣ୍ଡୁ ଦୁର୍ଗ ଅବରୋଧ କରିବାରୁ ବାହାଦୁର ଶାହା ଚମ୍ପାନିର ପଳାୟନ କଲେ । ସମଗ୍ର ମାଲୱା ଅଧିକାର କରି ହୁମାୟୁନ ଚମ୍ପାନିର ଦୁର୍ଗ ଅବରୋଧ କଲେ । ବାହାଦୁର ଶାହା ଏକ ଭଗ୍ନ ହୃଦୟରେ ସେଠାରୁ କାମ୍ବେ ଉପସାଗର ଓ ପରେ ପର୍ତ୍ତୁଗୀଜ୍‌ମାନଙ୍କ ଦ୍ୱାରା ଅଧିକୃତ ଡିଉ ଦ୍ୱୀପକୁ ପଳାୟନ କରିଥିଲେ । ବାହାଦୁର ଶାହାଙ୍କୁ କାମ୍ବେ ପର୍ଯ୍ୟନ୍ତ ଅନୁଧାବନ କରି ହୁମାୟୁନ ଚମ୍ପାନିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଚମ୍ପାନିର ଦୁର୍ଗ ଇକ୍ତିୟାର ଖାଁଙ୍କ ପ୍ରତିରକ୍ଷାରେ ରହିଥିଲା । ଏହି ଦୁର୍ଗକୁ ମୋଗଲମାନେ ଚାରିମାସ ଅବରୋଧ କରିବା ପରେ ଇକ୍ତିୟାର ଆତ୍ମସମର୍ପଣ କରିଥିଲେ । ଏହିପରି ଭାବରେ ଗୁଜୁରାଟ ମୋଗଲମାନଙ୍କ ଦଖଲକୁ ଚାଲିଆସିଥିଲା; କିନ୍ତୁ ଏହି ବିଜୟ ଥିଲା କ୍ଷଣସ୍ଥାୟୀ । ଚମ୍ପାନିର ଅଧିକାର କରି ମୋଗଲମାନେ

ଏତେ ଆନନ୍ଦିତ ହୋଇଗଲେ ଯେ ସେମାନଙ୍କ ସମୟ ଭୋଜି ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅତିବାହିତ ହୋଇଥିଲା । ମୋଗଲମାନଙ୍କର ଏପରି ଆଳସ୍ୟର ସୁଯୋଗ ନେଇ ବାହାଦୁର ଶାହା ନିଜକୁ ଅଧିକ ଶକ୍ତିଶାଳୀ କରୁଥିଲେ । ତାଙ୍କର ସେନାଧକ୍ଷ ଇମାଦ-ଉଲ-ମୁଲକ (Imad-ul-Mulk) ଅହମଦାବାଦଠାରେ ଏକ ବୃହତ୍ ସୈନ୍ୟଦଳ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ । ପର୍ତ୍ତୁଗୀଜ୍ ଗଭର୍ଣ୍ଣର ମଧ୍ୟ ବାହାଦୁର ଶାହାଙ୍କୁ ସାହାଯ୍ୟ କରିବା ନିମିତ୍ତ ପ୍ରତିଶ୍ରୁତି ଦେଇଥିଲେ ।

ଏହି ଘଟଣା ହୁମାୟୁନଙ୍କୁ ତାଙ୍କର ନିଶ୍ଚେଷ୍ଟତାରୁ ଉତ୍‌ଥିତ କରିଥିଲା । ସେ ଇମାଦ-ଉଲ୍-ମୁଲକଙ୍କୁ ପରାଜିତ କରି ଅହମଦାବାଦଠାରେ ଆସ୍କାରୀଙ୍କୁ ଶାସନକର୍ତ୍ତା ରୂପେ ଅବସ୍ଥାପନ କଲେ ଓ ଆଗ୍ରା ପ୍ରତ୍ୟାବର୍ତ୍ତନ କରିଥିଲେ । ଆସ୍କାରୀଙ୍କ ଅପାରଗତା ଯୋଗୁଁ ଗୁଜୁରାଟର ଶାସନ କ୍ଷେତ୍ରରେ ବିଶୃଙ୍ଖଳା ଦେଖାଗଲା । ସ୍ଥାନୀୟ ଗୁଜୁରାଟୀ ମୁଖ୍ୟମାନେ ଗୁଜୁରାଟ ପୁନଃ ଅଧିକାର କରିବାକୁ ବାହାଦୁର ଶାହାଙ୍କୁ ଆମନ୍ତ୍ରଣ କରିଥିଲେ । ବାହାଦୁର ଶାହା ମଧ୍ୟ ଏକ ସାମାନ୍ୟ ସଂଘର୍ଷରେ ଆସ୍କାରୀଙ୍କୁ ପରାଜିତ କଲେ । ଏହାପରେ ସେ ତାର୍ଦିବେଗଙ୍କ କବଳରୁ ଚମ୍ପାନିର ଅଧିକାର କରିଥିଲେ । ତେଣୁ ମାତ୍ର ଏକ ବର୍ଷ ପରେ ସମଗ୍ର ଗୁଜୁରାଟ ବାହାଦୁର ଶାହାଙ୍କ ପୁନଃ ଅଧିକାରଭୁକ୍ତ ହୋଇଥିଲା । ହୁମାୟୁନ ମଧ୍ୟ ପୁନର୍ବାର ଗୁଜୁରାଟ ଆକ୍ରମଣ କରିବା କଥା ଚିନ୍ତା କରିପାରିଲେ ନାହିଁ । ତାଙ୍କର ଦୃଷ୍ଟି ପୂର୍ବାଭିମୁଖୀ ହୋଇଥିଲା, ଯେଉଁଠାରେ ଆଫଗାନ୍‌ମାନେ ପରାକ୍ରମଶାଳୀ ହୋଇଉଠୁଥିଲେ । ଏହାପରେ ହୁମାୟୁନଙ୍କ ଜୀବନର ଗତି ଥିଲା ଦୁର୍ଭାଗ୍ୟଜଡ଼ିତ ।

ଶେରଖାଁଙ୍କ ବିରୁଦ୍ଧରେ ଯୁଦ୍ଧ (Battle against Sher Khan)

ପାନିପଥ ଓ ଗୋଗ୍ରାଠାରେ ବାବରଙ୍କ ବିଜୟ ଆଫଗାନ୍ ମୁଖ୍ୟମାନଙ୍କୁ ସମୂଳେ ଧ୍ୱଂସ କରିପାରିନଥିଲା । ବିଦେଶୀମାନଙ୍କ ଶାସନରେ ସେମାନେ ଅସନ୍ତୁଷ୍ଟ ଥିଲେ । ସେମାନେ ଏକ ବଳିଷ୍ଠ ବ୍ୟକ୍ତିଙ୍କୁ ଖୋଜୁଥିଲେ ଯିଏ ଆଫଗାନ୍‌ମାନଙ୍କୁ ପୁଣି ସଂଗଠିତ କରିପାରିବେ । ଶେଷରେ ସେମାନେ ଶେରଖାଁଙ୍କୁ ପାଇଥିଲେ; ସେ ଆଫଗାନ୍ ଶକ୍ତିକୁ ପୁନଃଜାଗରିତ କରିପାରିଲେ ଏବଂ ସ୍ୱଳ୍ପକାଳ ହେଲେ ମଧ୍ୟ ମୋଗଲମାନଙ୍କୁ ପରାସ୍ତ କରି ଭାରତରେ ଏକ ଗୌରବମୟ ଶାସନ ପ୍ରତିଷ୍ଠା କରିଥିଲେ । ଭାରତର ରାଜନୀତିକ ଦୃଶ୍ୟପଟରେ ଶେରଖାଁଙ୍କ ଉତ୍‌ଥାନ ଥିଲା ଏକ ରୋମାଞ୍ଚ ।

ଶେରଖାଁ ଥିଲେ ହୁମାୟୁନଙ୍କର ଜଣେ ଦୁର୍ଦ୍ଧର୍ଷ ପ୍ରତିଦ୍ୱନ୍ଦ୍ୱୀ । ଯେତେବେଳେ ହୁମାୟୁନ ଗୁଜୁରାଟ ଅଭିଯାନରେ ବ୍ୟସ୍ତ ଥିଲେ ଶେରଖାଁ ମୋଗଲମାନଙ୍କର ବିନା ପ୍ରତିରୋଧରେ

ଦକ୍ଷିଣ ବିହାରରେ ନିଜର ସ୍ଥିତି ଦୃଢ଼ୀକରଣ କରିଥିଲେ । ସେ ମଧ୍ୟ ୧୫୩୪ ଓ ୧୫୩୬ ଖ୍ରୀଷ୍ଟାବ୍ଦରେ ଦୁଇଥର ବଙ୍ଗଳା ରାଜାଙ୍କୁ ପରାସ୍ତ କରି ନିଜର ସମ୍ବଳ ଓ କ୍ଷମତା ବୃଦ୍ଧି କଲେ । ହୁମାୟୁନ ସ୍ୱାଭାବିକ ଭାବେ ୧୫୩୬ ରୁ ୧୫୩୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭୋଗବିଳାସରେ ନିମଜ୍ଜିତ ରହିଥିଲେ । ସେ ନିଷ୍ପତ୍ତି ନେଇପାରି ନଥିଲେ ମାଲୱା ବା ଗୁଜୁରାଟ କିମ୍ବା ପୂର୍ବ ସୀମାନ୍ତରେ ଶତ୍ରୁମାନଙ୍କୁ ମୁକାବିଲା କରିବାକୁ ଯିବେ । ସେ ଯାହାହେଉ, ୧୫୩୭ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ସେ ଚୂନାର ଦୁର୍ଗ ଅବରୋଧ କରି ଛ'ମାସ ସମୟ ଅତିକ୍ରାନ୍ତ କରିଦେଇଥିଲେ । ଶେର ଏହି ଦୁର୍ଗଟି ପୂର୍ବବର୍ତ୍ତୀ ଗଭର୍ଣ୍ଣର ତାଜଖାଁଙ୍କ ବିଧବା ପତ୍ନୀ ଲାଦ ମାଲିକା (Lad Malika)ଙ୍କୁ ବିବାହ କରି ଲାଭ କରିଥିଲେ । ଜଣାଯାଏ, ଏ ଦୁର୍ଗଟିକୁ ଅଧିକାର କରିବା ଏକ କଠିନ ବ୍ୟାପାର ଥିଲା । ସେଥିପାଇଁ ରୁମିଖାଁଙ୍କୁ ଏକ କୌଶଳ ଅବଲମ୍ବନ କରିବାକୁ ପଡ଼ିଥିଲା । ଜଣେ ଆଫ୍ରିକୀୟ ଦାସ ବାଳକକୁ ଗୁରୁତର ଭାବରେ ବେତ୍ରାଘାତ କରାଯାଇ ଦୁର୍ଗ ନିକଟକୁ ପଠାଇ ଦିଆଗଲା । ଉଦ୍ଦେଶ୍ୟ ଥିଲା ଦାସ ବାଳକ ଜଣକ ଦୁର୍ଗଟିର ଦୁର୍ବଳ ଅଂଶ ଦେଖି ଫେରିବ । କେତେଦିନ ପରେ ବାଳକଟି ଫେରିଆସି ଖବର ଦେଲାଯେ ଦୁର୍ଗଟିର ନଦୀ ଆଡ଼କୁ ଥିବା ଅଂଶ ଦୁର୍ବଳ । ରୁମି ଖାଁ ନଦୀ ପାଖରୁ ଦୁର୍ଗଟିକୁ କମାଣ ଦ୍ୱାରା ବାରମ୍ବାର ଆଘାତ କରି ଭାଙ୍ଗିଦେଇଥିଲେ । ଏହିପରି ହୁମାୟୁନ ଚୂନାର ଦୁର୍ଗ ଅଧିକାର କରିଥିଲେ ଏବଂ କେତେଶତ ଆଫଗାନ୍ ବନ୍ଧୁକଧାରୀଙ୍କ ହସ୍ତ ଛେଦନ କରାଗଲା । ଚୂନାର ଦୁର୍ଗଟିକୁ ରୁମି ଖାଁଙ୍କ ଅଧୀନରେ ରଖି ହୁମାୟୁନ ବଙ୍ଗଳା ଅଭିମୁଖେ ଅଗ୍ରସର ହୋଇଥିଲେ । ଚୂନାର ଦୁର୍ଗଟିକୁ ଅଧିକାର କରାଯାଇଥିଲେ ମଧ୍ୟ ଏହା ହୁମାୟୁନଙ୍କର କୌଣସି ସାମରିକ କାର୍ଯ୍ୟରେ ଲାଗିନଥିଲା ବରଂ ଏହାଦ୍ୱାରା ତାଙ୍କର ସମୟ ଅତିବାହିତ ହୋଇଥିଲା ଏବଂ ଏହାର ସୁଯୋଗରେ ଶେର ତାଙ୍କର ପରିବାର ଓ ଧନ ସମ୍ପତ୍ତି ଧରି ରୋହଟାସ (Rohtas) ଦୁର୍ଗକୁ ଚାଲିଯାଇଥିଲେ । ପ୍ରଥମେ ଯେତେବେଳେ ଶେରଙ୍କ ସେନାପତି ବଙ୍ଗଳା ଆକ୍ରମଣ କଲେ, ସେତେବେଳେ ଏହାର ରାଜା ଗିୟାସ-ଉଦ୍ଦୀନ ମାହମୁଦ ହୁମାୟୁନଙ୍କୁ ଶେରଙ୍କ ବିରୋଧରେ ସାହାଯ୍ୟ ଭିକ୍ଷା କରିଥିଲେ । ଯଥା ସମୟରେ ସାହାଯ୍ୟ ନ ମିଳିବାରୁ ମାହମୁଦ ହାଜିପୁରକୁ ପଳାୟନ କଲେ । ବଙ୍ଗଳାର ରାଜଧାନୀ ଗୌର ୧୫୩୮ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ଶେରଙ୍କ ହସ୍ତଗତ ହୋଇଥିଲା । ମାହମୁଦ ମଧ୍ୟ ବଙ୍ଗଳାକୁ ପୁନର୍ବାର ପାଇବା ପାଇଁ ବ୍ୟକ୍ତିଗତ ଭାବରେ ହୁମାୟୁନଙ୍କୁ ନିବେଦନ କରିଥିଲେ; କିନ୍ତୁ ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା । ହୁମାୟୁନ ୧୫୩୮ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ଗୌରରେ ପ୍ରବେଶ କଲେ । ଚତୁର ଶେର ମଧ୍ୟ ହୁମାୟୁନଙ୍କୁ ବାଧା ନ ଦେଇ ନିଜର ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ଲାଗିପଡ଼ିଥିଲେ । ହୁମାୟୁନ ବନାରସ ସହିତ ଯୋଗାଯୋଗ ରକ୍ଷା କରିପାରିଲେ ନାହିଁ । ଇତି ମଧ୍ୟରେ ଶେର ଖାଁ କାରା,

ଜୌନପୁର ଓ ବନାରସ ପ୍ରଭୃତି ଅଧିକାର କଲେ ଏବଂ କନୌଜ ପର୍ଯ୍ୟନ୍ତ ସମଗ୍ର ମୋଗଲ ଅଞ୍ଚଳରେ ଲୁଣ୍ଠନ କାର୍ଯ୍ୟ ଚଳାଇଲେ । କୋସି ଓ ଗଙ୍ଗା ନଦୀଦ୍ୱୟର ମଧ୍ୟବର୍ତ୍ତୀ ସମସ୍ତ ଅଞ୍ଚଳ ଶେରଙ୍କ ହସ୍ତଗତ ହୋଇଥିଲା । ସର୍ବୋପରି ଦିଲ୍ଲୀ ଓ ବଙ୍ଗଳା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ଏହି ସମୟରେ ହୁମାୟୁନଙ୍କ ଭ୍ରାତା ହିନ୍ଦାଲ ମଧ୍ୟ ହୁମାୟୁନଙ୍କ ବିରୁଦ୍ଧରେ ବିଦ୍ରୋହ କରି ତାଙ୍କର ସ୍ଥିତିକୁ ଅଧିକ ସଙ୍କଟମୟ କରିଦେଲେ । ତେଣୁ ହୁମାୟୁନଙ୍କୁ ୧୫୩୯ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଗୌର ପରିତ୍ୟାଗ କରିବା ବ୍ୟତୀତ ଅନ୍ୟ କିଛି ଉପାୟ ନଥିଲା । ବଙ୍ଗଳାକୁ ଜାହାଙ୍ଗୀର କୁଲିବେଗଙ୍କ ଦାୟିତ୍ୱରେ ରଖି ହୁମାୟୁନ ତୁରନ୍ତ ଗଙ୍ଗା ନଦୀର କୂଳେ କୂଳେ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଚୌଷା ଯୁଦ୍ଧ, ଖ୍ରୀ.୧୫୩୯ (Battle of Chausa, 1539)

ହୁମାୟୁନ ମୋଙ୍ଘିରଠାରେ ଗଙ୍ଗାନଦୀ ଅତିକ୍ରମ କରି ଆଗ୍ରା ଅଭିମୁଖେ ପଡ଼ିଥିବା ପୁରାତନ ଗ୍ରାଣ୍ଡଟ୍ରଙ୍କ ରୋଡ଼ରେ ପହଞ୍ଚିଥିଲେ । ଏହା ମଧ୍ୟ ଥିଲା ହୁମାୟୁନଙ୍କର ଏକ ଗୁରୁତର ତ୍ରୁଟି । ଯଦିଚ ଏହି ପଥଟି ଉତ୍ତମ ଥିଲା, ତଥାପି ପଥଟିର ଦକ୍ଷିଣ ଭାଗ ସମ୍ପୂର୍ଣ୍ଣ ରୂପେ ଥିଲା ଶେର ଖାଁଙ୍କ ନିୟନ୍ତ୍ରଣରେ । ଦୁଇପକ୍ଷ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ପଦକ୍ଷେପ ନିଆଯାଇଥିଲା । ହୁମାୟୁନ ଯଦି ସଙ୍ଗେ ସଙ୍ଗେ ଆଫଗାନ୍‌ମାନଙ୍କୁ ଆକ୍ରମଣ କରିଥା'ନ୍ତେ, ତେବେ ହୁଏତ ବିଜୟ ଲାଭ କରିଥାନ୍ତେ; କିନ୍ତୁ ଯୁଦ୍ଧ ପାଇଁ ବିଳମ୍ୱ ହେବାରୁ ଶେର ଖାଁ ତାଙ୍କର ଶିବିର ସାମରିକ ଦୃଷ୍ଟିକୋଣରୁ ଉପଯୁକ୍ତଭାବେ ସଜ୍ଜିତ କରିପାରିଥିଲେ । ତାଙ୍କ ନିକଟରେ ଅନେକ ଆଫଗାନ୍ ସୈନ୍ୟ ଏକତ୍ରିତ ହୋଇଗଲେ । ଅପର ପକ୍ଷରେ ହୁମାୟୁନ ତାଙ୍କ ଭ୍ରାତାମାନଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ପାଇଲେ ନାହିଁ । ହିନ୍ଦାଲ ପ୍ରକାଶ୍ୟ ଭାବରେ ଆଗ୍ରାର ରାଜା ରୂପେ କାର୍ଯ୍ୟ କଲେ; ଆସ୍କାରୀ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ରରେ ନିଜକୁ ଲିପ୍ତ ରଖିଲେ । ଶେଷରେ ବର୍ଷାଋତୁ ଆସିଗଲା । ମୋଗଲମାନଙ୍କର ଶିବିର ପାଣିରେ ଭରପୂର ହୋଇଗଲା । ସେମାନଙ୍କର ଯୁଦ୍ଧ ପ୍ରସ୍ତୁତି ମଧ୍ୟ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା । ଚତୁର ଶେର ଖାଁ ମଧ୍ୟ ଏକ କୌଶଳର ଆଶ୍ରୟ ନେଲେ । ଆଫଗାନ୍‌ମାନେ ଜନୈକ ଆଦିବାସୀ ମୁଖ୍ୟ ମହାରଥ ଚେରୋ (Maharatha Chero)ଙ୍କୁ ଆକ୍ରମଣ କରିବାକୁ ଯାଉଛନ୍ତି ବୋଲି ମୋଗଲମାନଙ୍କୁ ଏକ ଧାରଣା ଦେଲେ । ସେମାନେ ଶାହବାଦ ଦିଗକୁ ଗମନ କରୁଛନ୍ତି ବୋଲି ମଧ୍ୟ ମୋଗଲମାନଙ୍କୁ ପ୍ରଦର୍ଶନ କରିଦିଆଗଲା । ଫଳରେ ମୋଗଲମାନେ ଅସାବଧାନ ହୋଇଗଲେ; ମାତ୍ର ଆଫଗାନ୍‌ମାନେ ରାତ୍ର କାଳରେ ଫେରିଆସି ମୋଗଲମାନଙ୍କ ଉପରେ ତିନି ପାର୍ଶ୍ୱରୁ ଅତର୍କିତ ଭାବରେ ଆକ୍ରମଣ କଲେ । ମୋଗଲ ସୈନ୍ୟମାନେ ମଧ୍ୟ ଜୀବନ

ବଞ୍ଚାଇବା ପାଇଁ ଇତସ୍ତତ ଭାବରେ ଧାବମାନ ହେଲେ । ଆଫଗାନ୍‌ମାନେ ଅନେକ ମୋଗଲ ସୈନ୍ୟଙ୍କୁ ହତ୍ୟା କରିଥିଲେ ଓ ପ୍ରାୟ ୮୦୦୦ ସୈନ୍ୟ ଗଙ୍ଗାନଦୀରେ ନିମଗ୍ନ ହୋଇ ପ୍ରାଣ ହରାଇଲେ । ହୁମାୟୁନ ପରାଜିତ ହୋଇ ଯୁଦ୍ଧକ୍ଷେତ୍ରରୁ ପଳାୟନ ପୂର୍ବକ ଘୋଡ଼ାରେ ନଦୀ ଅତିକ୍ରମ କରୁଥିବା ଅବସ୍ଥାରେ ବୁଡ଼ିଯାଉଥିଲେ । ଏହା ଦେଖି ନିଜାମ ଖାଁ ନାମକ ଜଣେ ପାଣି ବୁହାଳି ମଶାକ (Mashak) ବା ଜଳ-ଚମଡ଼ା ଦ୍ୱାରା ହୁମାୟୁନଙ୍କୁ ନଦୀ ପାରି କରାଇଥିଲେ । ତା'ର ପ୍ରତିଦାନରେ ହୁମାୟୁନ ଅଧାଦିନ ପାଇଁ ନିଜାମଙ୍କୁ ସିଂହାସନରେ ବସାଇ ନିଜର ପ୍ରତିଶ୍ରୁତି ପାଳନ କରିଥିଲେ । ଏହି ଯୁଦ୍ଧରେ ଜମାନ୍ ମୀର୍ଜାଙ୍କ ପରି କେତେଜଣ ମୋଗଲ ସମ୍ଭ୍ରାନ୍ତଙ୍କୁ ହତ୍ୟା କରାଯାଇଥିଲା । ହୁମାୟୁନଙ୍କର ଦୁଇ ରାଣୀ ଓ ଗୋଟିଏ କନ୍ୟାକୁ ହତ୍ୟା କରାଯାଇଥିଲା ବା ନଦୀରେ ବୁଡ଼ାଇ ଦିଆଯାଇଥିଲା । ହୁମାୟୁନଙ୍କ ପାଟରାଣୀ ବେଗା ବେଗମ (Bega Begum) ଓ ଅନେକ ମୋଗଲ ମହିଳାଙ୍କୁ ବନ୍ଦୀ କରାଯାଇଥିଲା ଓ ପରେ ସେମାନଙ୍କୁ ସସମ୍ମାନେ ହୁମାୟୁନଙ୍କ ନିକଟକୁ ପଠାଇ ଦିଆଗଲା । ଚୌଷା ଯୁଦ୍ଧ ପରଠାରୁ ଶେର ଖାଁ ଶେର ଶାହା ଉପାଧି ଧାରଣ କରିଥିଲେ । ତାଙ୍କ ନାମରେ ମୁଦ୍ରା ଉତ୍କୀର୍ଣ୍ଣ କରିବା ଓ ଖୁତ୍‌ବା ପାଠ କରିବା ନିମନ୍ତେ ଶେର ଶାହା ଆଦେଶ ଦେଇଥିଲେ ।

କନୌଜ ଯୁଦ୍ଧ, ୧୫୪୦ ଖ୍ରୀ. (Battle of Kanauj, 1540)

ହୁମାୟୁନଙ୍କର ହୃଦ୍‌ବୋଧ ହୋଇଥିଲା ଯେ ଶେର ଶାହା ଏକ ଦୁର୍ଜ୍ଜୟ ଶକ୍ତିରେ ପରିଣତ ହୋଇଯାଇଛନ୍ତି । ଏହି ପରିସ୍ଥିତିରେ ଯଦି ଏକତ୍ର ଭାବରେ ଯୋଜନା ନ କରାଯାଏ, ତେବେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ହେବ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର ଭ୍ରାତାମାନେ ହୁମାୟୁନଙ୍କୁ ସାହାଯ୍ୟ କରିନଥିଲେ, ବରଂ ତାଙ୍କର ସାମରିକ ପ୍ରସ୍ତୁତିରେ ବାଧା ସୃଷ୍ଟି କରିଥିଲେ । କାମରାନ ମଧ୍ୟ ହୁମାୟୁନ ଓ ଶେର ଶାହାଙ୍କ ମଧ୍ୟରେ ସଂଘଠିତ ହେବାକୁ ଥିବା ସଂଘର୍ଷର ଫଳାଫଳ ଦେଖିବାକୁ ଅପେକ୍ଷାରତ ଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଯଦି ହୁମାୟୁନ ପରାସ୍ତ ହେବେ, ତେବେ ସେ ଦିଲ୍ଲୀ ସିଂହାସନ ଅଧିକାର କରିବେ । ଇତ୍ୟବସରରେ ଶେର ଶାହା ଦ୍ରୁତ ଗତିରେ ଆଗ୍ରା ଦିଗକୁ ଅଗ୍ରସର ହେଉଥିଲେ; ତାଙ୍କର ସୈନ୍ୟମାନେ ଲକ୍ଷ୍ନୌ ଓ କନୌଜ ଅଧିକାର କଲେ । ତେଣୁ ହୁମାୟୁନ ତରବର ହୋଇ ୯୦ ହଜାର ସୈନ୍ୟ ସଂଗ୍ରହ କରିପାରିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କର ଯୁଦ୍ଧ କରିବାର ଅଭିଜ୍ଞତା ନଥିଲା । ଗଙ୍ଗାନଦୀ କୂଳରେ ଥିବା କନୌଜ ସହର ନିକଟକୁ ହୁମାୟୁନ ସୈନ୍ୟମାନଙ୍କୁ କଢ଼ାଇନେଇ ଶେରଙ୍କ ବିପରୀତ ପାର୍ଶ୍ୱରେ ଛାଉଣୀ ପକାଇଲେ । ତାରିଖ-ଇ-ରଶିଦି (Tarikh-i-Rashidi)ର ଲେଖକ ମୀର୍ଜା ହାଇଦରଙ୍କର ଏକ ବର୍ଣ୍ଣନାରୁ ଜଣାଯାଏ ଯେ ଉଭୟ ପାର୍ଶ୍ୱର ସୈନ୍ୟମାନଙ୍କ ସଂଖ୍ୟା ଥିଲା

ଦୁଇ ଲକ୍ଷ । ସେମାନେ ପରସ୍ପରକୁ ମୁହାଁମୁହିଁ ହୋଇ ପ୍ରାୟ ଏକ ମାସ ସମୟ ଅବସ୍ଥାନ କରିଥିଲେ । ସମ୍ଭବତଃ ଶେର ଶାହା ବର୍ଷାଋତୁର ଆଗମନକୁ ଅପେକ୍ଷା କରିଥିଲେ; କିନ୍ତୁ ହୁମାୟୁନଙ୍କ ବାହିନୀର ଅନେକ ସୈନ୍ୟ ଦଳ ତ୍ୟାଗ କରି ପଳାଇଯିବାରୁ ତାଙ୍କର ଉତ୍କଣ୍ଠା ବୃଦ୍ଧି ହେଉଥିଲା । ବିନା ଯୁଦ୍ଧରେ ସୈନ୍ୟବାହିନୀ କ୍ଷୟ ହୋଇଯିବା ପରିବର୍ତ୍ତେ ସେ ବିପଦ ବରଣ କରିବାକୁ ଚାହିଁଲେ । ଶେଷରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ହୁମାୟୁନ ଓ ମୀର୍ଜା ହାଇଦର ମଧ୍ୟଭାଗ, ବାମଭାଗ ହିନ୍ଦାଲ, ଦକ୍ଷିଣ ଭାଗ ୟାଦ୍‌ଗର ନାସିର ମୀର୍ଜା (Yadgar Nasir Mirza) ଓ ଆଗୁଆ ସୈନ୍ୟମାନଙ୍କୁ ଆସ୍କାରୀ ନେତୃତ୍ୱ ଦେଉଥିଲେ । ସମ୍ମୁଖରେ ରହିଥିଲେ ୫୦୦୦ କମାଣ ଚାଳନାକାରୀ । ଯୁଦ୍ଧରେ ମୋଗଲମାନେ ଖୁବ୍ ଅସହାୟ ଭାବରେ ପରାଜିତ ହୋଇଥିଲେ । ଆବାସ ଖାଁ ଅନୁଭବ କରିଛନ୍ତି, ''ଯୁଦ୍ଧକ୍ଷେତ୍ରରେ ତାଙ୍କ ସ୍ଥାନରେ ନିଜେ ସମ୍ରାଟ ହୁମାୟୁନ ପର୍ବତ ପରି ଦୃଢ଼ ରହିଥିଲେ ଏବଂ ବର୍ଣ୍ଣନାତୀତ ଶୌର୍ଯ୍ୟ ଓ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଯେତେବେଳେ ସେ ଦେଖିଲେ ତାଙ୍କ ବିରୁଦ୍ଧରେ ଜଣେ ଅଲୌକିକ ମାନବ ଯୁଦ୍ଧ କରୁଛନ୍ତି, ସେ ଏହାକୁ ଈଶ୍ୱରଙ୍କ କାର୍ଯ୍ୟ ବୋଲି ସ୍ୱୀକାର କଲେ । ସେହି ଅପାର୍ଥିବ ଯୋଦ୍ଧାମାନଙ୍କ ପାଖରେ ସେ ଯୁଦ୍ଧ ପରିତ୍ୟାଗ କଲେ ଏବଂ ରାଜଧାନୀ ଆଗ୍ରାଆଡ଼େ ଅଶ୍ୱଲଗାମ ଘୂରାଇଲେ ।'' ଏଥିରୁ ପ୍ରତୀୟମାନ ହୁଏ ଯେ ଶେର ଶାହାଙ୍କ ଯୁଦ୍ଧକୌଶଳ ଥିଲା ଅଲୌକିକ ।

ଏହି ପ୍ରସଙ୍ଗରେ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ମୀର୍ଜା ହାଇଦର କହିଛନ୍ତି, ''ଯେତେବେଳେ ଚାଘତାଇମାନେ ଯୁଦ୍ଧକ୍ଷେତ୍ରରେ ପରାଜିତ ହେଲେ, ଶେର ଖାଁ ବିଜୟ ଲାଭ କଲେ, ଯେଉଁଠାରେ ଶତ୍ରୁ ବା ମିତ୍ରପକ୍ଷର ଜଣେହେଲେ ବ୍ୟକ୍ତି କ୍ଷତବିକ୍ଷତ ହେଲେ ନାହିଁ । ଗୋଟିଏ ହେଲେ ବନ୍ଧୁକ ଫୁଟାଯାଇନଥିଲା ଏବଂ ରଥ (Gardun)ଗୁଡ଼ିକ ଥିଲା ଅଦରକାରୀ ।''

ହାଇଦରଙ୍କର ଏପରି ମନ୍ତବ୍ୟ ଅବିଶ୍ୱାସ ବୋଲି ମନେହୁଏ । ଈଶ୍ୱରୀ ପ୍ରସାଦଙ୍କ ଭାଷାରେ, ''ମୀର୍ଜା ହାଇଦରଙ୍କ ଏ ମନ୍ତବ୍ୟ ଅତିରଞ୍ଜିତ ହୋଇପାରେ; କିନ୍ତୁ ଏହା ନିଃସନ୍ଦେହ ଯେ ପାନିପଥ ଓ ଖାନ୍ୱାଯୁଦ୍ଧ ପରି ଏହି ଯୁଦ୍ଧ ସେତେ ରକ୍ତାକ୍ତ ନଥିଲା । ସାମ୍ରାଜ୍ୟବାଦୀମାନଙ୍କୁ ନଦୀ ମଧ୍ୟକୁ ଘଉଡ଼ାଇ ଦିଆଯାଇଥିଲା ଏବଂ ଆଫଗାନ୍‌ମାନେ ସେମାନଙ୍କ ଉପରେ ପଶ୍ଚାତ ଭାଗରୁ ପ୍ରବଳ କ୍ଷତି ବିଧାନ କରିଥିଲେ । ମୋଗଲମାନେ ସେମାନଙ୍କ ପୂର୍ବାବସ୍ଥା ଫେରାଇ ଆଣିବାରେ ସାଂଘାତିକ ଭାବରେ ବିଫଳ ହେଲେ ଏବଂ ହୁମାୟୁନଙ୍କୁ ଜଣେ ଅସହାୟ ପଳାତକ ଅବସ୍ଥାକୁ ଖସେଇଦିଆଗଲା ।''

''ଏହି ଯୁଦ୍ଧ ଦ୍ୱାରା ବାବର ଭାରତରେ କରିଥିବା କାର୍ଯ୍ୟ ବିପନ୍ନ ହେଲା ଓ ହିନ୍ଦୁସ୍ଥାନର ସାର୍ବଭୌମତ୍ୱ ପୁନର୍ବାର ଆଫଗାନ୍‌ମାନଙ୍କ ପାଖକୁ ଚାଲିଗଲା ।''

ହୁମାୟୁନଙ୍କର ନିର୍ବାସନ, ୧୫୪୧-୫୫ (Humayun in Exile)

ହୁମାୟୁନ ଆଗ୍ରାଠାରୁ ତାଙ୍କର ପରିବାର ଓ ସମ୍ପତ୍ତି ଧରି ଦିଲ୍ଲୀ ଯାତ୍ରା କରିଥିଲେ । ଦିଲ୍ଲୀକୁ ପୁନଃ ଅଧିକାର କରିବାର ସମ୍ଭାବନା ନ ଥିବାରୁ ସେ ସିରହିନ୍ଦ ଗମନ କରିଥିଲେ । ବିପଦ ସମୟରେ ଯେ ସେ ଭ୍ରାତାମାନଙ୍କଠାରୁ ସାହାଯ୍ୟ ପାଇପାରିଲେ ନାହିଁ, ଏହାଥିଲା ହୁମାୟୁନଙ୍କର ସବୁଠୁଁ ବଡ଼ ଦୁର୍ଭାଗ୍ୟ । କାମରାନ ସର୍ବଦା ତାଙ୍କ ପାଇଁ କଷ୍ଟ ଓ ଉତ୍କଣ୍ଠାର କାରଣ ହୋଇଥିଲେ । ଏହାପରେ ହୁମାୟୁନ ଭାକ୍‌କର ଦୁର୍ଗ ଅବରୋଧ କରିଥିଲେ, ସେଠାରେ ମଧ୍ୟ ସଫଳତା ଲାଭ ନ କରି ସେ ହିନ୍ଦାଲଙ୍କ ଶିବିରରେ ଆଶ୍ରୟ ନେଇଥିଲେ । ସେଠାରେ ସେ ଅଲ୍ଲି ଆକବର ଜାମିଙ୍କ କନ୍ୟା ହମିଦା ବେଗମଙ୍କୁ ବିବାହ କରିଥିଲେ । ନିଜାମୁଦ୍ଦୀନ ଲେଖିଛନ୍ତି, ''ହିନ୍ଦାଲଙ୍କ ଶିବିରରେ ସେ ସୁଖ ଓ ଆନନ୍ଦରେ କେତେଦିନ ଅତିବାହିତ କରିଥିଲେ ।'' ଭ୍ରାତାମାନଙ୍କ ଦ୍ୱାରା ଉପେକ୍ଷିତ ହୋଇ ସେ ହତାଶାରେ ଯୋଧପୁରର ମାଲଦେବଙ୍କର ସାହାଯ୍ୟ ଭିକ୍ଷା କଲେ । ପ୍ରଥମେ ମାଲଦେବ ତାହାଙ୍କୁ ୨୦,୦୦୦ ରାଜପୁତ୍ ସୈନିକ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ପରେ ମାଲଦେବ ତାଙ୍କୁ ବନ୍ଦୀ କରିବାକୁ ଚାହିଁଥିଲେ । ସମ୍ଭବତଃ ମାଲଦେବଙ୍କର ଏ ପ୍ରକାର ପରିବର୍ତ୍ତନ ଥିଲା ଶେର ଶାହାଙ୍କ ପ୍ରତି ଭୟ ଓ ହୁମାୟୁନଙ୍କର ଅତୀବ ଅସହାୟ ଅବସ୍ଥା । ତେଣୁ ହୁମାୟୁନ ସହସା ଅମରକୋଟକୁ ଗମନ କରିଥିଲେ । ସେଠାରେ ସେ ରାଣା ବୀରସାଲଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ବୀରସାଲ ମଧ୍ୟ ଭାକ୍‌କର ଓ ଥାଟ୍ଟ ଅଧିକାର କରିବାରେ ହୁମାୟୁନଙ୍କୁ ସାହାଯ୍ୟ କରିବା ପାଇଁ କଥା ଦେଲେ । ଅମରକୋଟର ମରୁଭୂମିରେ ୧୫୪୨ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ଜନ୍ମ ହେଲେ ପ୍ରସିଦ୍ଧ ସମ୍ରାଟ ଆକବର । ଭାକ୍‌କର ଅଭିମୁଖେ ଯିବା ସମୟରେ ହୁମାୟୁନଙ୍କ ସଙ୍ଗରେ ଥିଲେ ୧୦,୦୦୦ ଲୋକ; ମାତ୍ର କଳହ ହେବାରୁ ବୀରସାଲଙ୍କ ଲୋକ ରାତ୍ରି କାଳରେ ତାଙ୍କୁ ତ୍ୟାଗ କରି ପଳାୟନ କଲେ । ଯୁଦ୍ଧକ୍ଲାନ୍ତ ଭାକ୍‌କରର ମୁଖ୍ୟ ହୁମାୟୁନଙ୍କୁ କିଛି ସାହାଯ୍ୟ ଦେଇ କାନ୍ଦାହାର ପ୍ରେରଣ କରିଥିଲେ । ସେତେବେଳକୁ କାମରାନଙ୍କ ଅଧୀନରେ ଥିଲା ସମଗ୍ର ଆଫଗାନ୍ ଅଞ୍ଚଳ । ଆସ୍କାରୀ ଓ ହିନ୍ଦାଲ ଥିଲେ ତାଙ୍କ ଅଧୀନରେ କରଦ ରାଜା । ହୁମାୟୁନ ଭାରତ ତ୍ୟାଗ କରିବା ସମୟରେ ମଧ୍ୟ ଅବିଶ୍ୱସ୍ତ ଓ କୃତଘ୍ନ କାମରାନ ତାଙ୍କୁ ବନ୍ଦି କରିବାକୁ ଚାହିଁଥିଲେ । ତେଣୁ ଶିଶୁ ଆକବରଙ୍କୁ କାନ୍ଦାହାରରେ ଛାଡ଼ି ସେ ପାରସ୍ୟ ଯାତ୍ରା କରିଥିଲେ ।

ହୁମାୟୁନଙ୍କୁ ପାରସ୍ୟର ଶାହା ଟାହାମାସ ସସମ୍ମାନେ ଗ୍ରହଣ କରିଥିଲେ । ବୁଖାର, କାବୁଲ୍ ଓ କାନ୍ଦାହାର ଜୟ କରିବାରେ ସେ ହୁମାୟୁନଙ୍କୁ ଅର୍ଥ ଓ ସୈନ୍ୟ ଯୋଗାଇଦେବା ନିମିତ୍ତ ରାଜି ହୋଇଥିଲେ । ସର୍ତ୍ତ ଥିଲା, ହୁମାୟୁନ ସିଆ ଧର୍ମମତ ଗ୍ରହଣ କରିବେ ଓ ଏହି ଧର୍ମମତ ତାଙ୍କ ରାଜ୍ୟରେ ପ୍ରଚାର କରିବେ । ପୁନଶ୍ଚ ଯୁଦ୍ଧରେ ବିଜୟ ଲାଭ କଲେ ସେ କାନ୍ଦାହାର ଅଞ୍ଚଳ ଶାହାଙ୍କୁ ହସ୍ତାନ୍ତର କରିବେ ।

କାବୁଲ୍ ଓ କାନ୍ଦାହାର ବିଜୟ (Conquest of Kabul and Qandahar)

ଶାହା ଯୋଗାଇଥିବା ୧୪,୦୦୦ ସୈନ୍ୟଙ୍କୁ ଧରି ୧୫୪୫ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ହୁମାୟୁନ ପ୍ରଥମେ କାନ୍ଦାହାର ଅଧିକାର କଲେ । ଏହିଠାରେ ତାଙ୍କ ଅବସ୍ଥାର ଉନ୍ନତି ଘଟିଥିଲା । ତା'ପରେ ସେ କାମରାନଙ୍କୁ ପରାସ୍ତ କରି କାବୁଲ୍ ଅଧିକାର କରିଥିଲେ । କାମରାନଙ୍କ କବଳରୁ ଆକବରଙ୍କୁ ଉଦ୍ଧାର କରାଯାଇଥିଲା । ତାଙ୍କୁ ଅନ୍ଧ କରାଯାଇ ମକ୍କା ପ୍ରେରଣ କରାଗଲା । ରାତ୍ରି କାଳରେ ଏକ ସଂଘର୍ଷରେ ଜଣେ ଆଫଗାନ୍‌ଙ୍କ ଦ୍ୱାରା ହିନ୍ଦାଲ ନିହତ ହୋଇଥିଲେ । ଘନ ଘନ ପକ୍ଷ ପରିବର୍ତ୍ତନ କରୁଥିବା ଆସ୍କାରୀଙ୍କୁ ମଧ୍ୟ ମକ୍କା ପଠାଇ ଦିଆଗଲା । ଏହିପରି ଉତ୍ତର-ପଶ୍ଚିମାଞ୍ଚଳରେ ବିରୋଧୀମାନଙ୍କୁ ପରାଭୂତ କରି ହୁମାୟୁନ ପୁନର୍ବାର ହିନ୍ଦୁସ୍ଥାନ ଅଧିକାର କରିବା ନିମନ୍ତେ ଆଗେଇ ଆସିଥିଲେ ।

ହୁମାୟୁନଙ୍କ ପୁନରୁଦ୍ଧାର (Restoration of Humayun)

ଶେର ଶାହାଙ୍କ ମୃତ୍ୟୁ ପରେ ତାଙ୍କ କନିଷ୍ଠ ପୁତ୍ର ଜଲାଲ ଖାଁ ସଲିମ ଶାହା ଉପାଧି ଧାରଣ କରି ରାଜା ରୂପେ ଅଭିଷିକ୍ତ ହୋଇଥିଲେ । ଦଙ୍ଗାବାଜ ଆଫଗାନ୍‌ମାନଙ୍କୁ ନିୟନ୍ତ୍ରଣ କରିବା ତାଙ୍କୁ ଖୁବ୍ କଷ୍ଟସାଧ୍ୟ ମନେହୋଇଥିଲା । ତେଣୁ ନିଜର ଅବସ୍ଥା ସୁଦୃଢ଼ କରିବା ପାଇଁ ସେ ଦମନମୂଳକ ନୀତି ଗ୍ରହଣ କରିଥିଲେ । ୧୫୫୪ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ସଲିମ ଦେହତ୍ୟାଗ କରିଥିଲେ । ତାଙ୍କର ଉତ୍ତରାଧିକାରୀ ହୋଇ ଆସିଥିଲେ ତାଙ୍କ ପୁତ୍ର ଫିରୋଜ ଖାଁ; ମାତ୍ର ସେ ତାଙ୍କର ମାତୁଳ ମୁବାରିଜ ଖାଁଙ୍କ ଦ୍ୱାରା ନିହତ ହେଲେ । ଶାହା ଆଦିଲ ନାମରେ ସେ ଶାସକ ହୋଇଥିଲେ । ଆଦିଲ ଥିଲେ ଜଣେ ଅପାରଗ ଓ ଲମ୍ପଟ ବ୍ୟକ୍ତି । ଦେଶରେ ସର୍ବଦା ବିଶୃଙ୍ଖଳା ଲାଗିରହିଥିଲା, ସମସ୍ତ ଅଂଶରେ ବିଦ୍ରୋହ ତେଜି ଉଠିଥିଲା । ଆଦିଲଙ୍କ ପ୍ରଭୁତ୍ୱକୁ ପ୍ରତିଦ୍ୱନ୍ଦିତା ପାଇଁ ଇବ୍ରାହିମ୍ ଶାହା ଓ ସିକନ୍ଦର ଶାହା ଆହ୍ୱାନ ଦେଇଥିଲେ । ଇବ୍ରାହିମ୍ ମଧ୍ୟ ଖୁବ୍ ଶୀଘ୍ର ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ । ପୁଣି ତାଙ୍କୁ ପରାଜିତ କରି ସିକନ୍ଦର ଶାହା ସିନ୍ଧୁଠାରୁ ଗଙ୍ଗା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଅଧିକାର କରିଥିଲେ ।

ଏହି ବିଶୃଙ୍ଖଳାର ସୁଯୋଗ ନେଇ ହୁମାୟୁନ ୧୫୫୪ ନଭେମ୍ବର ମାସରେ ହିନ୍ଦୁସ୍ଥାନ ଆସିବା ନିମିତ୍ତ ନିଷ୍ପତ୍ତି ଗ୍ରହଣ କରିଥିଲେ । ସେହିବର୍ଷ ସେ ଲାହୋର ଅଧିକାର କଲେ । ବିନା ସଂଘର୍ଷରେ ପଞ୍ଜାବ, ସିରହିନ୍ଦ ଓ ହିସାର ତୁର୍କ ସୈନିକମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଦିପାଲପୁରଠାରେ ଗୋଟିଏ ଆଫଗାନ୍ ବାହିନୀ ମଧ୍ୟ ପରାଜିତ ହୋଇଥିଲା । ହୁମାୟୁନଙ୍କୁ ବାଧାଦେବା ନିମିତ୍ତ ସିକନ୍ଦର ଶାହା ହୈବାତ ଖାଁ ଓ ଟାଟାର ଖାଁଙ୍କୁ ପ୍ରେରଣ କରିଥିଲେ । ମାଛିୱାର (Machhiwar) ଠାରେ ଏକ ଭୟଙ୍କର ଯୁଦ୍ଧରେ ୧୫୫୫ ଖ୍ରୀଷ୍ଟାବ୍ଦ ମେ ମାସରେ ଆଫଗାନ୍‌ମାନେ ପରାସ୍ତ ହୋଇଥିଲେ । ପୁନଶ୍ଚ ସେହିବର୍ଷ ଜୁନ୍ ମାସ ୨୨ ତାରିଖ ଦିନ ରାଜପୁତ୍ର ଆକବର ଓ ବୈରାମ ଖାଁଙ୍କ ସହିତ ସିକନ୍ଦର ଶାହାଙ୍କର ଅନ୍ୟ ଏକ ଯୁଦ୍ଧ ହୋଇଥିଲା । ସିକନ୍ଦର ପରାସ୍ତ ହୋଇଥିଲେ । ଫରିସ୍ତା ଲେଖିଛନ୍ତି, "ଏହି ବିଜୟ ସାମ୍ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିଥିଲା ଏବଂ ଆଫଗାନ୍‌ମାନଙ୍କ ହସ୍ତରୁ ଦିଲ୍ଲୀ ଶାସନ ଚିରକାଳ ପାଇଁ ପତିତ ହେଲା ।" ୧୫୫୫ ଖ୍ରୀଷ୍ଟାବ୍ଦ ଜୁଲାଇ ୨୩ ତାରିଖରେ ହୁମାୟୁନ ଦିଲ୍ଲୀରେ ପ୍ରବେଶ କରିଥିଲେ । ଆଗ୍ରା, ସମ୍ବଲ ଓ ସଂଲଗ୍ନ ଅଞ୍ଚଳଗୁଡ଼ିକ ହୁମାୟୁନଙ୍କ ନିୟନ୍ତ୍ରଣକୁ ଆସିଥିଲା । ଏହିପରି ଦୀର୍ଘ ୧୫ ବର୍ଷ ପରେ ହୁମାୟୁନ ତାଙ୍କ ରାଜ୍ୟ ଫେରି ପାଇଥିଲେ ।

ହୁମାୟୁନଙ୍କ ମୃତ୍ୟୁ (Death of Humayun)

ଭାଗ୍ୟରବି ସର୍ବଦା ହୁମାୟୁନଙ୍କ ପ୍ରତି ଥିଲେ ଅପ୍ରସନ୍ନ । ୧୫୫୬ ଖ୍ରୀଷ୍ଟାବ୍ଦ ଜାନୁଆରୀ ୧୫ ତାରିଖ ଦିନ ସେ ପ୍ରାର୍ଥନା କରିବା ନିମନ୍ତେ ଉପକ୍ରମ କରୁଥିବା ସମୟରେ ପତିତ ହେଲେ, ପାହାଚରେ ତାଙ୍କ ମୁଣ୍ଡ ଆଘାତପ୍ରାପ୍ତ ହୋଇଥିଲା ଏବଂ ଜାନୁଆରୀ ୨୬ ତାରିଖ ଦିନ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ।

ମୂଲ୍ୟାୟନ (Estimate)

ଜଣେ ମାନବ ହିସାବରେ ହୁମାୟୁନ ଥିଲେ ଅନେକ ସୁଗୁଣର ଅଧିକାରୀ । ତୁର୍କୀ, ହିନ୍ଦୀ, ଆରବୀ ଓ ପାରସିକ ଭାଷା ସେ ଅଧ୍ୟୟନ କରିଥିଲେ ଏବଂ ଦର୍ଶନ, ଜ୍ୟୋତିର୍ବିଦ୍ୟା, ଜ୍ୟୋତିଷ ଶାସ୍ତ୍ର ଓ ସାମରିକ ବିଦ୍ୟାରେ ସେ ଜ୍ଞାନ ଆହରଣ କରିଥିଲେ । ମୁସଲିମ୍ ଧର୍ମତତ୍ତ୍ୱରେ ମଧ୍ୟ ତାଙ୍କର ଜ୍ଞାନ ଥିଲା ।

ସେ ଜଣେ ବାଧ୍ୟ ସନ୍ତାନ ଥିଲେ । ପିତାଙ୍କର ଉପଦେଶ ଅନୁଯାୟୀ ସେ ଭ୍ରାତାମାନଙ୍କ ପ୍ରତି ଅଧିକ ସ୍ନେହଶୀଳ ଥିଲେ; ଯଦିଚ ସେମାନଙ୍କର ପ୍ରତାରଣା ଓ ଦୁଷ୍ଟ ବ୍ୟବହାର ହୁମାୟୁନଙ୍କୁ ଅତିଶୟ ଦୁଃଖ ଦେଇଥିଲା ।

ସେ ମୁସଲମାନ୍ ଧର୍ମ ପ୍ରତି ଖୁବ୍ ଅନୁରକ୍ତ ଥିଲେ; କିନ୍ତୁ ସେ ଧର୍ମାନ୍ଧ ନଥିଲେ । ଅଣ-ମୁସଲମାନ୍ ଧର୍ମ ପ୍ରତି ସେ ସହନଶୀଳ ଥିଲେ । ସେ ପାରସ୍ୟର ଶାହାଙ୍କୁ ନିଜ ରାଜ୍ୟରେ ସିଆ ଧର୍ମ ପ୍ରଚାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କର ପତ୍ନୀ ହମିଦବାନୁ ଥିଲେ ସିଆ ଧର୍ମମତର । ଯଦିଚ ସେ ଜଣେ ସେନାଧକ୍ଷ ନଥିଲେ, ତଥାପି ସେ ଥିଲେ ଜଣେ ଦକ୍ଷ ଓ ସାହସୀ ସୈନିକ । ଅନେକ ନିଷ୍ପତ୍ତିମୂଳକ ଯୁଦ୍ଧରେ ସେ ଅଂଶଗ୍ରହଣ କରିଥିଲେ । ନିଜାମୁଦ୍ଦୀନ ଲେଖିଛନ୍ତି ''ତାଙ୍କର ଦିବ୍ୟ ଚରିତ୍ର ପ୍ରତିଟି ମାନବୀୟ ଗୁଣ ସହିତ ଭୂଷିତ ହୋଇଥିଲା ଏବଂ ସାହସ ଓ ବୀରତ୍ୱରେ ତାଙ୍କ ସମୟର ସମସ୍ତ ରାଜପୁତ୍ରଙ୍କୁ ସେ ବଳି ଯାଇଥିଲେ ।'' ସେ ବୀର ଓ ସାହସୀ ହୋଇପାରନ୍ତି; କିନ୍ତୁ ତାଙ୍କର ଦୃଢ଼ ମନୋଭାବ ନଥିଲା । ସେ ଥିଲେ ଖୁବ୍ ଭଦ୍ର । ଫରିସ୍ତା କହିଛନ୍ତି ଯେ ହୁମାୟୁନଙ୍କ ସ୍ୱଭାବରେ ଭଦ୍ରତା ଓ ଦୟା ଥିଲା ଅତ୍ୟଧିକ । ଜଣେ ସୁଶାସକର ଗୁଣ ତାଙ୍କଠାରେ ଦେଖାଯାଇନଥିଲା । ତା' ଫଳରେ ଗୁଜୁରାଟ, ମାଲୱା ଓ ବଙ୍ଗଳା ବିଜୟ ତାଙ୍କର ଚିରସ୍ଥାୟୀ ନଥିଲା । ମାଲେସନ ଲେଖିଛନ୍ତି, ''ସେ ଥିଲେ ଚଞ୍ଚଳ, ଚିନ୍ତାଶୂନ୍ୟ ଓ ଅସ୍ଥିର... ତେଣୁ ତାଙ୍କର ପିତା ତାଙ୍କୁ ପ୍ରଦାନ କରିଥିବା ବିଜିତ ରାଜ୍ୟର ଦୃଢ଼ୀକରଣ କରିବାରେ ସେ ଅଯୋଗ୍ୟ ବୋଲି ବିଖ୍ୟାତ ଥିଲେ ।''

ତାଙ୍କ ସ୍ୱଭାବରେ ଆଳସ୍ୟ ଓ ଅସ୍ଥିର ଚିତ୍ତତା କେବଳ ତାଙ୍କର ଅତ୍ୟଧିକ ଅଫିମ ସେବନ କରିବାର ଫଳ । ଯେତେବେଳେ ଶତ୍ରୁର ଦୁର୍ବଳ ମୁହୂର୍ତ୍ତ ଦେଖି ତାକୁ ଆକ୍ରମଣ କରିବାର ଥିଲା, ସେ ଆନନ୍ଦ ଉଲ୍ଲାସରେ ଜୀବନକୁ ଉପଭୋଗ କରୁଥିଲେ ।

ହୁମାୟୁନଙ୍କ ଚରିତ୍ରର ତ୍ରୁଟି ଦର୍ଶାଇ ଲେନ୍‌ପୋଲ୍ ଏହିପରି ବର୍ଣ୍ଣନା କରିଛନ୍ତି- ''ତାଙ୍କର ସ୍ୱଭାବ ଆକର୍ଷଣ କରେ; କିନ୍ତୁ କଦାପି ଆଧିପତ୍ୟ ବିସ୍ତାର କରିପାରେ ନାହିଁ । ବ୍ୟକ୍ତିଗତ ଜୀବନରେ ସେ ଜଣେ ଆହ୍ଲାଦଜନକ ସାଙ୍ଗ ଏବଂ ବିଶ୍ୱାସୀ ବନ୍ଧୁ ହୋଇପାରନ୍ତି; ଖ୍ରୀଷ୍ଟୀୟ ଗୁଣଗୁଡ଼ିକ ତାଙ୍କଠାରେ ଥିଲା ଏବଂ ତାଙ୍କର ପୂରା ଜୀବନ କାଳ ଥିଲା ଭଦ୍ରଲୋକ ପରି । ରାଜା ହିସାବରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ତାଙ୍କ ନାମର ଅର୍ଥ ଭାଗ୍ୟବାନ୍ ଏବଂ କଦାପି କୌଣସି ଭାଗ୍ୟହୀନ ରାଜା ତାଙ୍କଠାରୁ ଅଧିକ ଭାଗ୍ୟହୀନ ରୂପେ ଡକାଯାଇ ନାହାନ୍ତି ।''

ତୃତୀୟ ଅଧ୍ୟାୟ

ଶେର ଶାହା
(Sher Shah)

ଯୁଦ୍ଧ ଓ ରାଜ୍ୟ ଜୟ, ଶାସନ ସଂସ୍କାର
(War and Conquest, Administrative Reforms)

ହୁମାୟୁନଙ୍କ ନିର୍ବାସନ କାଳରେ ଭାରତ ଇତିହାସରେ ଶେର ଶାହା ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲେ । ସେ ସୂର ରାଜବଂଶର ପ୍ରାଣଦାତା ଥିଲେ । ଉତ୍ତରଭାରତରେ ଏକ ବିଶାଳ ଖଣ୍ଡକୁ ନେଇ ଗଢ଼ିଉଠିଥିଲା ତାଙ୍କର ସାମ୍ରାଜ୍ୟ ।

ତାଙ୍କର ବାଲ୍ୟ ଜୀବନ (His Early life)

ବାଲ୍ୟକାଳରେ ଶେର ଶାହା ଫରିଦ୍ ନାମରେ ଥିଲେ ଜଣାଶୁଣା । ସେ ଥିଲେ ଇବ୍ରାହିମ୍ ସୂରଙ୍କ ନାତି । କୌଣସି ବ୍ୟବସାୟରେ ସଫଳ ନ ହୋଇ ଇବ୍ରାହିମ୍ ଓ ତାଙ୍କ ପୁତ୍ର ହାସାନ ଖାଁ ପଞ୍ଜାବର ହୁସିଆରପୁରଠାରେ ଜାଗିରଦାରମାନଙ୍କ ଅଧୀନରେ କାର୍ଯ୍ୟ କଲେ । ଦୁହେଁ ବାସ କରୁଥିଲେ ହୁସିଆରପୁରର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବରେ ଅବସ୍ଥିତ ବାଜୱାରାଠାରେ । ସେହିଠାରେ ହାସାନ ଖାଁଙ୍କର ଜଣେ ପତ୍ନୀଙ୍କଠାରୁ ୧୪୭୨ ଖ୍ରୀଷ୍ଟାବ୍ଦରେ (ତାରିଖଟି ଉପରେ ମତାନ୍ତର ଅଛି) ଫରିଦ୍ ଜନ୍ମ ହୋଇଥିଲେ । ଜାମାଲ ଖାଁଙ୍କ ଅଧୀନରେ ହାସାନ ଖଣ୍ଡିଏ ଚାକିରି ପାଇଲେ । ଯେତେବେଳେ ସିକନ୍ଦର ଲୋଦୀ ଜାମାଲ ଖାଁଙ୍କୁ ଜୈନପୁର ଅଞ୍ଚଳକୁ ସ୍ଥାନାନ୍ତର କଲେ, ସେ ସାଥୀରେ ନେଇଗଲେ ହାସାନଙ୍କୁ । ତାଙ୍କ ସେବାରେ ସନ୍ତୁଷ୍ଟ ହୋଇ ସେ ହାସାନଙ୍କୁ ବନାରସ ନିକଟବର୍ତ୍ତୀ ସାସାରାମ, ଖାୱାସପୁର ଏବଂ ତାଣ୍ଡାର ଜାଗିରି ପ୍ରଦାନ କଲେ । ସୋଣନଦୀ କୂଳରେ ଅବସ୍ଥିତ ଏହି ସାସାରାମଠାରେ ଫରିଦ୍‌ଙ୍କର ବାଲ୍ୟକାଳ କଟିଥିଲା ।

ହାସାନ ଖାଁଙ୍କର ଚାରି ପତ୍ନୀ ଓ ଆଠ ପୁତ୍ର ଥିଲେ । ଫରିଦ୍‌ଙ୍କ ମାତାଙ୍କୁ ହାସାନ ଭଲପାଉନଥିଲେ । ବିମାତାଙ୍କ ତାଡ଼ନାରେ କଷ୍ଟ ପାଇ ଫରିଦ୍ ତାଙ୍କର ବାଲ୍ୟକାଳ ଅତିବାହିତ

ଦ୍ୱିତୀୟ ଅଧ୍ୟାୟ

ଶେର ଶାହା

(Sher Shah)

ଯୁଦ୍ଧ ଓ ରାଜ୍ୟ ଜୟ, ଶାସନ ସଂସ୍କାର

(War and Conquest, Administrative Reforms)

ହୁମାୟୁନଙ୍କ ନିର୍ବାସନ କାଳରେ ଭାରତ ଇତିହାସରେ ଶେର ଶାହା ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲେ । ସେ ସୂର ରାଜବଂଶର ପ୍ରାଣଦାତା ଥିଲେ । ଉତ୍ତରଭାରତରେ ଏକ ବିଶାଳ ଖଣ୍ଡକୁ ନେଇ ଗଢ଼ିଉଠିଥିଲା ତାଙ୍କର ସାମ୍ରାଜ୍ୟ ।

ତାଙ୍କର ବାଲ୍ୟ ଜୀବନ (His Early life)

ବାଲ୍ୟକାଳରେ ଶେର ଶାହା ଫରିଦ୍ ନାମରେ ଥିଲେ ଜଣାଶୁଣା । ସେ ଥିଲେ ଇବ୍ରାହିମ୍ ସୂରଙ୍କ ନାତି । କୌଣସି ବ୍ୟବସାୟରେ ସଫଳ ନ ହୋଇ ଇବ୍ରାହିମ୍ ଓ ତାଙ୍କ ପୁତ୍ର ହାସାନ ଖାଁ ପଞ୍ଜାବର ହୁସିଆରପୁରଠାରେ ଜାଗିରଦାରମାନଙ୍କ ଅଧୀନରେ କାର୍ଯ୍ୟ କଲେ । ଦୁହେଁ ବାସ କରୁଥିଲେ ହୁସିଆରପୁରର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବରେ ଅବସ୍ଥିତ ବାଜୱାରାଠାରେ । ସେହିଠାରେ ହାସାନ ଖାଁଙ୍କର ଜଣେ ପତ୍ନୀଙ୍କଠାରୁ ୧୪୭୨ ଖ୍ରୀଷ୍ଟାବ୍ଦରେ (ତାରିଖଟି ଉପରେ ମତାନ୍ତର ଅଛି) ଫରିଦ୍ ଜନ୍ମ ହୋଇଥିଲେ । ଜାମାଲ ଖାଁଙ୍କ ଅଧୀନରେ ହାସାନ ଖଣ୍ଡିଏ ଚାକିରି ପାଇଲେ । ଯେତେବେଳେ ସିକନ୍ଦର ଲୋଦୀ ଜାମାଲ ଖାଁଙ୍କୁ ଜୈନପୁର ଅଞ୍ଚଳକୁ ସ୍ଥାନାନ୍ତର କଲେ, ସେ ସାଥୀରେ ନେଇଗଲେ ହାସାନଙ୍କୁ । ତାଙ୍କ ସେବାରେ ସନ୍ତୁଷ୍ଟ ହୋଇ ସେ ହାସାନଙ୍କୁ ବନାରସ ନିକଟବର୍ତ୍ତୀ ସାସାରାମ, ଖାୱାସପୁର ଏବଂ ତାଣ୍ଡାର ଜାଗିରି ପ୍ରଦାନ କଲେ । ସୋଣନଦୀ କୂଳରେ ଅବସ୍ଥିତ ଏହି ସାସାରାମଠାରେ ଫରିଦ୍‌ଙ୍କର ବାଲ୍ୟକାଳ କଟିଥିଲା ।

ହାସାନ ଖାଁଙ୍କର ଚାରି ପତ୍ନୀ ଓ ଆଠ ପୁତ୍ର ଥିଲେ । ଫରିଦ୍‌ଙ୍କ ମାତାଙ୍କୁ ହାସାନ ଭଲପାଉନଥିଲେ । ବିମାତାଙ୍କ ତାଡ଼ନାରେ କଷ୍ଟ ପାଇ ଫରିଦ୍ ତାଙ୍କର ବାଲ୍ୟକାଳ ଅତିବାହିତ

କରିଥିଲେ । ପିତାଙ୍କର ଭର୍ତ୍ସନା ଅସହ୍ୟ ହେବାରୁ ଶେଷରେ ଫରିଦ୍ ଜୌନପୁରର ଜାମାଲ ଖାଁଙ୍କ ନିକଟକୁ ପଳାୟନ କଲେ । ତାଙ୍କୁ ସେତେବେଳେ ୨୨ ବର୍ଷ ବୟସ ହୋଇଥିଲା ।

ସେତେବେଳେ ଜୌନପୁର ଶିକ୍ଷା ଏବଂ ଜ୍ଞାନର ଏକ କେନ୍ଦ୍ର ଥିଲା । ସେଠାରେ ଫରିଦ୍ ଖୁବ୍ ଶୀଘ୍ର ଆରବୀୟ ଓ ପାରସିକ ଭାଷା ଶିକ୍ଷା କଲେ । ପୁରାତନ ସମୟର ରାଜାମାନଙ୍କର ଆତ୍ମଜୀବନୀ ପାଠ କରି ସେ ଉତ୍ସାହିତ ହେଉଥିଲେ । ହିନ୍ଦୀ, ଇତିହାସ ଓ ଗଣିତରେ ସେ ଜ୍ଞାନ ଆହରଣ କଲେ । ତାଙ୍କ ବୁଦ୍ଧି, ନମ୍ରତା ଓ ପରିଶ୍ରମ ଆଦି ଗୁଣରେ ପ୍ରଭାବିତ ହୋଇ ଜାମାଲ ଖାଁ ଫରିଦ୍ ଓ ତାଙ୍କ ପିତା ହାସାନଙ୍କ ମଧ୍ୟରେ ଏକ ବୁଝାମଣା କଲେ । ଫଳରେ ଫରିଦ୍‌ଙ୍କୁ ସାସାରାମ ଓ ଖାଓ୍ବାସପୁରର ଜାଗିରି ରକ୍ଷଣାବେକ୍ଷଣର ଦାୟିତ୍ୱ ଅର୍ପଣ କରାଗଲା । ଜାଗିରି ଦାୟିତ୍ୱରେ ସେ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିପାରିଲେ । କୌଣସି ସମ୍ଭ୍ରାନ୍ତ ଓ ଜମିଦାରଙ୍କ ଉତ୍‌ଥାନକୁ ସେ ପ୍ରଶ୍ରୟ ଦେଉନଥିଲେ । ତାଙ୍କର ପ୍ରଶାସନିକ ଦକ୍ଷତା ଖୁବ୍ ଉଚ୍ଚମାନର ଥିଲା । ରାଜସ୍ୱ କ୍ଷେତ୍ରରେ ସେ ହାସଲ କରିଥିଲେ ଅସାଧାରଣ କୃତିତ୍ୱ । ଜମିମାପ, ତା'ର ଶ୍ରେଣୀ ବିଭାଗ ଓ ରାଜସ୍ୱ ନିର୍ଦ୍ଧାରଣ କରିବା ସମୟରେ ସେ ସର୍ବଦା କୃଷକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଦୃଷ୍ଟି ଦେଲେ । ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ ମଧ୍ୟ ସେ ଉଚିତ୍ ଦଣ୍ଡ ଦେଉଥିଲେ ।

ଫରିଦ୍‌ଙ୍କର ଏପରି ସଫଳତା ଦେଖି ସାବତମାତା ତାଙ୍କ ପ୍ରତି ଈର୍ଷାନ୍ୱିତ ହୋଇପଡ଼ିଲେ । ତାଙ୍କର ଚକ୍ରାନ୍ତରେ ଫରିଦ୍ ନିଜ ଜୀବନକୁ ବିପଦପୂର୍ଣ୍ଣ ମନେକଲେ । ୧୪୯୪ ଖ୍ରୀଷ୍ଟାବ୍ଦରେ ସେ ସାସାରାମ ତ୍ୟାଗ କରି ଆଗ୍ରା ପଳାୟନ କଲେ । ସେଠାରେ ସେ ପିତାଙ୍କ ଜାଗିରି ଫେରିପାଇବା ପାଇଁ ସୁଲତାନ ଇବ୍ରାହିମ୍ ଲୋଦୀଙ୍କୁ ଗୁହାରି କଲେ । ହାସାନ ଜୀବିତ ଥିବାରୁ ଇବ୍ରାହିମ୍ ଲୋଦୀ ଫରିଦ୍‌ଙ୍କ ଅନୁରୋଧ ରକ୍ଷା କଲେ ନାହିଁ । ହାସାନଙ୍କ ମୃତ୍ୟୁ ପରେ ଫରିଦ୍‌ଙ୍କୁ ସେହି ଜାଗିରି ପ୍ରଦାନ କରିବାରେ ଇବ୍ରାହିମଙ୍କର ଆପତ୍ତି ରହିଲା ନାହିଁ । ୧୫୨୦-୨୧ ଖ୍ରୀଷ୍ଟାବ୍ଦରେ ଫରିଦ୍ ସାସାରାମକୁ ଫେରିଆସି ସାସାରାମ, ଖାଓ୍ବାସପୁର ଏବଂ ଟାଣ୍ଡା ଜାଗିରି ନିଜ ନିୟନ୍ତ୍ରଣକୁ ଆଣିଥିଲେ । ଏ କ୍ଷେତ୍ରରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ ସାବତ ଭାଇ ସୁଲେମାନ । ହାସାନଙ୍କ ଜାଗିରି ଉଭୟ ସୁଲେମାନ ଓ ଫରିଦ୍‌ଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ମହମ୍ମଦ ଖାଁ ପ୍ରସ୍ତାବ ଦେଲେ । ସେହି ପ୍ରସ୍ତାବରେ ସମ୍ମତ ନ ହୋଇ ଫରିଦ୍ ଦକ୍ଷିଣ ବିହାରର ଶାସନକର୍ତ୍ତା ବହାର ଖାଁଙ୍କ ପାଖରେ ଚାକିରି ଖଣ୍ଡିଏ ଯୋଗାଡ଼ କଲେ । ସେଠାରେ ନିଜର କାର୍ଯ୍ୟଦକ୍ଷତା ଦେଖାଇ ସେ ବହାର ଖାଁଙ୍କ ପ୍ରିୟପାତ୍ର ହୋଇପାରିଲେ । ଦିନେ ବହାର ଖାଁଙ୍କ ସହିତ ଶିକାର ଯାତ୍ରାରେ ଥିବାବେଳେ ସେ ଖଣ୍ଡାଦ୍ୱାରା ଗୋଟିଏ ବ୍ୟାଘ୍ରକୁ ହତ୍ୟା କଲେ । ତାଙ୍କ ସାହସରେ ମୁଗ୍ଧ ହୋଇ ବହାର ଖାଁ ଫରିଦ୍‌ଙ୍କୁ ଶେର ଖାଁ ଉପାଧି ପ୍ରଦାନ କଲେ । କିଛିଦିନ ପରେ ସେ ବହାର ଖାଁଙ୍କ ପୁତ୍ର ଜଲାଲ ଖାଁଙ୍କ ଶିକ୍ଷାର ଦାୟିତ୍ୱ ନେଲେ ।

ଭାଗ୍ୟ ତାଙ୍କ ପାଇଁ ଖୁବ୍ ସଦୟ ଥିଲା । ଶେର ଖାଁଙ୍କୁ ଡେପୁଟି ଗଭର୍ଣ୍ଣର ପଦରେ ନିଯୁକ୍ତି ମିଳିଗଲା ।

ଶେର ଖାଁଙ୍କର ଏପରି ଉତ୍‌ଥାନ ଦେଖି ଲୋହାନୀ ସମ୍ଭ୍ରାନ୍ତ ଓ ଅନ୍ୟମାନେ ତାଙ୍କ ପ୍ରତି ହିଂସା ପ୍ରକଟ କରିଥିଲେ । ବହାର ଖାଁ ଓ ଶେର ଖାଁଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରିବାରେ ସେମାନେ ସଫଳ ହେଲେ । ତେଣୁ ସେଠାରୁ ପଳାୟନ କରି ଶେର ଖାଁ ବାବରଙ୍କ ସୈନ୍ୟ ଦଳରେ ଯୋଗଦେଲେ । ବିହାରରେ ଆଫଗାନ୍‌ମାନଙ୍କ ବିରୋଧରେ ବାବରଙ୍କ ଅଭିଯାନରେ ସହାୟତା ଦେଲେ ଶେର ଖାଁ । ୧୫୨୮ ଖ୍ରୀଷ୍ଟାବ୍ଦରେ ଶେର ଖାଁ ପୁନଶ୍ଚ ପିତାଙ୍କର ଜାଗିରି ଫେରି ପାଇଥିଲେ । ବାବରଙ୍କ ଆଫଗାନ୍ ବିରୋଧୀ ମନୋଭାବ ଦେଖି ସେ ଖୁବ୍ ବ୍ୟଥିତ ହେଲେ ଏବଂ ମୋଗଲ ବାହିନୀ ପରିତ୍ୟାଗ କରି ବିହାରକୁ ଫେରିଆସିଲେ । ପୁଣି ସେ ଯୋଗଦେଲେ ବହାର ଖାଁଙ୍କ ପୁତ୍ର ଜଲାଲ ଖାଁଙ୍କ ଗୃହଶିକ୍ଷକ ଭାବରେ । ବହାର ଖାଁଙ୍କ ମୃତ୍ୟୁ ପରେ ଜଲାଲଙ୍କ ମାତା ଶେର ଖାଁଙ୍କୁ ଭକିଲ (Vakil) ପଦରେ ନିଯୁକ୍ତି କଲେ । ନାବାଳକ ସୁଲତାନ ଜଲାଲ ଖାଁଙ୍କ ସ୍ଥିତି ଦୃଢ଼ କରିବାକୁ ଶେର ଖାଁଙ୍କୁ ଖୁବ୍ ବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ପଡ଼ିଥିଲା । ଅବଶ୍ୟ ନିଜର ଭବିଷ୍ୟତ ପାଇଁ ସେ ମଧ୍ୟ ସଜାଗ ଥିଲେ । ଆଫଗାନ୍‌ମାନଙ୍କୁ ଆକର୍ଷିତ କରିବା ନିମିତ୍ତ ଶେର ଖାଁ ସେମାନଙ୍କୁ ଉଚ୍ଚ ପଦରେ ନିଯୁକ୍ତି ଦେଲେ । ଜଲାଲ ଖାଁଙ୍କ ମାତା ଦୁଦୁବିବିଙ୍କ ବିୟୋଗ ଘଟିବାରୁ ଶେର ଖାଁ ଜଲାଲ ଖାଁଙ୍କ ଅଭିଭାବକ ରୂପେ କାର୍ଯ୍ୟ କଲେ । ସେ ହେଲେ ବିହାରର ପ୍ରକୃତ ଶାସକ ।

ବଙ୍ଗଳାର ସୁଲତାନ ନୁସରତ ଶାହାଙ୍କ ସହିତ ଶେର ଖାଁଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ନଥିଲା । କାରଣ ସେ ଚାହୁଁଥିଲେ ପଡ଼ୋଶୀ ଅଞ୍ଚଳକୁ ଅଧିକାର କରିବେ । ତେଣୁ ବଙ୍ଗଳା ଶକ୍ତିର ପ୍ରତିବିଧାନ କରିବାକୁ ଶେର ଖାଁ ମଖଦମ-ଇ-ଆଲାମ (Makhdum-i-Alam) ଏବଂ ହାଜିପୁର ଶାସନକର୍ତ୍ତାଙ୍କ ସହିତ ସମ୍ପର୍କ ବୃଦ୍ଧି କଲେ । ମଖଦମ-ଇ-ଆଲାମ ନୁସରତ ଶାହାଙ୍କ ଶାଳକ ହୋଇଥିଲେ ହେଁ ନୁସରତଙ୍କ ପ୍ରତି ତାଙ୍କର ବିରୋଧୀ ମନୋଭାବ ଥିଲା । ସେଥିରେ ଉତ୍‌କ୍ଷିପ୍ତ ହୋଇ ନୁସରତ ଶାହା ମଖଦମ-ଇ-ଆଲାମଙ୍କୁ ହତ୍ୟା କରିଥିଲେ । ୧୫୨୯ ଖ୍ରୀଷ୍ଟାବ୍ଦରେ ସେ ଶେର ଖାଁଙ୍କ ବିରୋଧରେ ଅଭିଯାନ ଚଳାଇ ପରାଜିତ ହୋଇଥିଲେ । ବଙ୍ଗଳା ପରି ଏକ ଶକ୍ତିଶାଳୀ ରାଜ୍ୟକୁ ପରାସ୍ତ କରିବାରୁ ଶେର ଖାଁଙ୍କର ଲୋକପ୍ରିୟତା ଓ ପ୍ରଭାବ ବୃଦ୍ଧି ହୋଇଥିଲା ।

ଶେର ଖାଁଙ୍କ ଉତ୍‌ଥାନ ଦେଖି ଲୋହାନୀ ଓ ଫର୍ମୁଲୀ ଆଫଗାନ୍‌ମାନେ ଅସହିଷ୍ଣୁ ହୋଇପଡ଼ିଲେ । ସେମାନେ ଶେରଖାଁଙ୍କ ବିରୋଧରେ ବିହାରର ସୁଲତାନ ଜଲାଲ ଖାଁଙ୍କୁ ଉତ୍ତେଜିତ କରୁଥିଲେ । ଜଲାଲ ଖାଁ ମଧ୍ୟ ଶେର ଖାଁଙ୍କୁ ବିତାଡ଼ିତ କରି ଶାସନ କାର୍ଯ୍ୟ ନିଜ

ହସ୍ତକୁ ନେବା ପାଇଁ ଆଗ୍ରହୀ ହୋଇପଡ଼ିଲେ । ସେଥିପାଇଁ ୧୫୩୦ ଖ୍ରୀଷ୍ଟାବ୍ଦରେ ସେ ବଙ୍ଗଳାକୁ ଯାତ୍ରା କରି ନୁସରତ ଶାହାଙ୍କୁ ସାହାଯ୍ୟ ମାଗିଲେ । ଦକ୍ଷିଣ ବିହାରରୁ ଜଲାଲ ଖାଁ ପଳାୟନ କରିଥିଲେ ମଧ୍ୟ ଶେର ଖାଁ କୌଣସି ରାଜପଦ ଗ୍ରହଣ କରିନଥିଲେ । ସେ ଧାରଣ କଲେ ହାଜରାତ-ଇ-ଆଲା (Hazrat-i-Ala) ଉପାଧି । ଏହାପରେ ପୂର୍ବତନ ଗଭର୍ଣ୍ଣର ତାଜ ଖାଁଙ୍କ ବିଧବା ପତ୍ନୀ ଲାଦ୍ ମାଲିକାଙ୍କୁ ବିବାହ କରି ଶେର ଖାଁ ଚୁନାର ଦୁର୍ଗ ଲାଭ କଲେ । ଆବାସ ସରୱାନୀ ଲେଖିଛନ୍ତି, ଶେର ଖାଁ '୧୫୦ଟି ମହାର୍ଘ ରତ୍ନ, ୭ ମହଣ ମୁକ୍ତା, ୧୫୦ ମହଣ ସ୍ୱର୍ଣ୍ଣ ଏବଂ ଅନେକ ଉପକରଣ ଓ ଅଳଙ୍କାର' ଉପହାର ସ୍ୱରୂପ ଲାଭ କଲେ । ଫଳରେ ଉଭୟ ଆର୍ଥିକ ଓ ସାମରିକ କ୍ଷେତ୍ରରେ ଶେର ଖାଁଙ୍କର ଶକ୍ତି ବୃଦ୍ଧି ହେଲା । ଏକ ସ୍ୱାଧୀନ ରାଜ୍ୟ ଗଠନ କରିବାକୁ ଶେର ଖାଁ ପ୍ରୟାସ କଲେ ।

ହୁମାୟୁନଙ୍କର ଚୁନାର ଦୁର୍ଗ ଅଧିକାର, ୧୫୩୨ (Humayun's occupation of Chunar fort)

୧୫୨୯ ଖ୍ରୀଷ୍ଟାବ୍ଦରେ ଇବ୍ରାହିମ୍ ଲୋଦୀଙ୍କ କନିଷ୍ଠ ଭ୍ରାତା ମହମ୍ମଦ ଲୋଦୀ ବିହାରର ଆଫଗାନ୍‌ମାନଙ୍କ ଅନୁରୋଧକ୍ରମେ ବିହାରକୁ ଆସି ଭାରତରେ ପୁନର୍ବାର ଆଫଗାନ୍‌ମାନଙ୍କର ଶାସନ ପ୍ରତିଷ୍ଠା କରିବାକୁ ଚାହିଁଲେ । ତାଙ୍କର ଆଗମନରେ ଶେର ଖାଁ ବାଧ୍ୟ ହୋଇ ନିଜ ଜାଗିରି ଦେଖାଶୁଣା କରିବା ନିମିତ୍ତ ଫେରିଗଲେ । ୧୫୩୨ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଲୋଦୀଙ୍କର ହୁମାୟୁନଙ୍କ ସହିତ ଦାଉନ୍‌ରୁଆ (Daunrua)ଠାରେ ଯୁଦ୍ଧ ହୋଇଥିଲା । ମହମ୍ମଦ ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇ ଓଡ଼ିଶାକୁ ପଳାୟନ କଲେ । ଏହି ସମୟରେ ଶେର ଖାଁ ଦକ୍ଷିଣ ବିହାରକୁ ପୁନଃ ଅଧିକାର କରିଥିଲେ । ହୁମାୟୁନ ମଧ୍ୟ ଚୁନାର ଦୁର୍ଗ ଅବରୋଧ କଲେ, ଯାହାର ପ୍ରତିରକ୍ଷାର ଦାୟିତ୍ୱରେ ଥିଲେ ଶେର ଖାଁଙ୍କର ଦ୍ୱିତୀୟ ପୁତ୍ର ଜଲାଲ ଖାଁ । ଜଲାଲଙ୍କୁ ପରାଜିତ କରିବା ହୁମାୟୁନଙ୍କ ପକ୍ଷେ ସହଜ ନଥିଲା । ସେ ସମୟର ପରିସ୍ଥିତି ହୁମାୟୁନଙ୍କ ପାଇଁ ଅନୁକୂଳ ନଥିଲା । ସେତେବେଳେ ଗୁଜୁରାଟର ବାହାଦୁର ଶାହା ଯୁଦ୍ଧ ପାଇଁ ହୁମାୟୁନଙ୍କୁ ଆହ୍ୱାନ ଦେଉଥିଲେ । ତେଣୁ ହୁମାୟୁନ ଶେର ଖାଁ ସହିତ ତରତର ହୋଇ ଏକ ସନ୍ଧି ସ୍ଥାପନ କଲେ । ଉକ୍ତ ସନ୍ଧି ଅନୁଯାୟୀ ହୁମାୟୁନ ଅଧିକାର କରିବେ ଚୁନାର ଦୁର୍ଗ । ଯୁଦ୍ଧ ସମୟରେ ତାଙ୍କୁ ଶେର ଖାଁ ଯୋଗାଇଦେବେ ୫୦୦୦ ସୈନ୍ୟ । ୧୫୩୩ ଖ୍ରୀଷ୍ଟାବ୍ଦରେ ହୁମାୟୁନ ଆଗ୍ରାକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ବଙ୍ଗ ଅଭିଯାନ (Campaign against Bengal)

ବଙ୍ଗ ସୁଲତାନଙ୍କର ବିହାର ପ୍ରତି ଶତ୍ରୁତାର ମନୋଭାବ ହ୍ରାସ ପାଇନଥିଲା । ତେଣୁ ଶେର ଖାଁ ବଙ୍ଗ ଆକ୍ରମଣ କରିବା ନିମିତ୍ତ ପ୍ରସ୍ତୁତ ହେଲେ । ଭାରତର ବିଭିନ୍ନ ସ୍ଥାନରେ

ଅବସ୍ଥାନ କରୁଥିବା ଆଫଗାନ୍‌ମାନେ ଏକତ୍ର ଠୁଳ ହେଲେ । ସେମାନଙ୍କ ପଦ ମର୍ଯ୍ୟାଦା ଓ ଦାବି ଅନୁଯାୟୀ ବେତନ ପ୍ରଦାନ କରାଗଲା । ୧୫୩୩ ଖ୍ରୀଷ୍ଟାବ୍ଦରେ ବଙ୍ଗଳା ଆକ୍ରମଣ କରିବାକୁ ଶେର ଖାଁ ଅଗ୍ରସର ହେଲେ ।

ନୁସରତ ଶାହାଙ୍କ ମୃତ୍ୟୁ ପରେ ବଙ୍ଗର ସୁଲତାନ ହୋଇଥିଲେ ମାହମୁଦ ଶାହା; କିନ୍ତୁ ରାଜ୍ୟକୁ ଶାସନ କରିବାର ଯୋଗ୍ୟତା ତାଙ୍କଠାରେ ନଥିଲା । ଶେର ଖାଁଙ୍କ ବିରୋଧରେ ବଙ୍ଗଳାର ସାହାଯ୍ୟ ପାଇଁ ଆଶାୟୀ ଥିଲେ ବିହାରର ସୁଲତାନ ଜଲାଲ ଖାଁ । ଲୋହାନୀ ସମ୍ଭ୍ରାନ୍ତମାନେ ସେମାନଙ୍କୁ ସମର୍ଥନ ଜଣାଇଥିଲେ । ଏହିପରି ଆରମ୍ଭ ହେଲା ଶେର ଖାଁ ଓ ବଙ୍ଗ ମଧ୍ୟରେ ୧୫୩୪ ଖ୍ରୀଷ୍ଟାବ୍ଦରେ ସୁରଜଗଡ଼ଠାରେ ଘମାଘୋଟ ଲଢ଼େଇ । ବଙ୍ଗ ସୈନ୍ୟଦଳ କୁତବ ଖାଁଙ୍କ ପୁତ୍ର ଇବ୍ରାହିମ୍ ଖାଁଙ୍କ ସେନାପତିତ୍ୱରେ ଲଢୁଥିଲେ; ମାତ୍ର ଶେର ଖାଁଙ୍କର ରଣ କୌଶଳରେ ସେମାନଙ୍କ ଶକ୍ତି ହାର ମାନିଲା । ବଙ୍ଗଳାର ସହସ୍ର ସହସ୍ର ସୈନ୍ୟଙ୍କୁ ହତ୍ୟା କରାଗଲା । କେ.ଆର.କାନୁନ୍‌ଗୋ ଲେଖିଛନ୍ତି, "ଉକ୍ତ ସୁରଜଗଡ଼ ଯୁଦ୍ଧ ଥିଲା ମଧ୍ୟଯୁଗୀୟ ଭାରତ ଇତିହାସରେ ଏକ ନିଷ୍ପତ୍ତିମୂଳକ ଯୁଦ୍ଧ ।" ଏହି ଯୁଦ୍ଧ ଶେର ଖାଁଙ୍କର ଭାଗ୍ୟ ପରିବର୍ତ୍ତନ କଲା । ଶେର ଖାଁଙ୍କର ହସ୍ତଗତ ହେଲା ପ୍ରଚୁର ଧନଦୌଲତ, ହସ୍ତୀ ଓ ଗୋଳାବାରୁଦ ।

ଅଧିକ ଉତ୍ସାହିତ ହୋଇ ଶେର ଖାଁ ପୁନର୍ବାର ବଙ୍ଗଳା ଆକ୍ରମଣ କଲେ । ସେତେବେଳେ ହୁମାୟୁନ ଗୁଜୁରାଟରେ ବାହାଦୁର ଶାହାଙ୍କ ସହିତ ଯୁଦ୍ଧରେ ଲିପ୍ତ ହୋଇଥିଲେ । ଭୀତ ମାହମୁଦ ଶାହା ଚିନସୁରାର ପର୍ତ୍ତୁଗୀଜ୍‌ମାନଙ୍କ ସାହାଯ୍ୟ ଭିକ୍ଷା କଲେ; କିନ୍ତୁ ଶେର ଖାଁ ବଙ୍ଗଳା ଓ ପର୍ତ୍ତୁଗୀଜ୍ ମିଳିତ ସୈନ୍ୟବାହିନୀ ଜଗିଥିବା ତେଲିଗରହି ଓ ସିକ୍ରି ଗଳିପଥରେ ଗତି ନ କରି ଚତୁରତାର ସହିତ ୧୫୩୬ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ରାଜଧାନୀ ଗୌଡ଼ରେ ପହଞ୍ଚିଲେ । ପର୍ତ୍ତୁଗୀଜ୍‌ମାନଙ୍କ ସହାୟତା ବଙ୍ଗ ସୁଲତାନଙ୍କ କାର୍ଯ୍ୟରେ ଆସିନଥିଲା । ଅନ୍ୟ କିଛି ବିକଳ୍ପ ପନ୍ଥା ନ ପାଇ ମାହମୁଦ ଶାହା ଶେର ଖାଁଙ୍କୁ ୧୩ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ପ୍ରଦାନ କଲେ । ଏପରି ବୁଝାମଣା କ୍ଷଣସ୍ଥାୟୀ ଥିଲା, ଶେର ଖାଁ ବଙ୍ଗଳାକୁ ଅଧିକାର କରିବା ନିମିତ୍ତ ଇଚ୍ଛା କରୁଥିଲେ । ମାହମୁଦ ଶାହା ଯେ ବାର୍ଷିକ କର ଦେବାରେ ଅବହେଳା କରୁଛନ୍ତି, ଏହି ଆଳରେ ୧୫୩୭ ଖ୍ରୀଷ୍ଟାବ୍ଦରେ ଶେର ଖାଁ ବଙ୍ଗ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଲେ । ମାହମୁଦ ଗୌଡ଼ଠାରୁ ଦୂତ ମାଧ୍ୟମରେ ହୁମାୟୁନଙ୍କ ସାହାଯ୍ୟ ଭିକ୍ଷା କଲେ ।

ହୁମାୟୁନଙ୍କ ଆଗମନ (Coming of Humayun)

୧୫୩୭ ଖ୍ରୀଷ୍ଟାବ୍ଦରେ ହୁମାୟୁନ ଆଗ୍ରା ତ୍ୟାଗ କରି ଚୁନାରଠାରେ ପହଞ୍ଚିଲେ । ଏହି ଦୁର୍ଗର ରକ୍ଷା ଦାୟିତ୍ୱରେ ଥିଲେ ଶେର ଖାଁଙ୍କ ପୁତ୍ର କୁତବ ଖାଁ ଏବଂ ଭ୍ରାତା ଗଜି ଖାଁ । ଏହି ଦୁର୍ଗ ଅଧିକାର କରିବାକୁ ହୁମାୟୁନଙ୍କୁ ୬ ମାସ ସମୟ ଲାଗିଥିଲା । ସେଠାରେ ରୁମି ଖାଁଙ୍କୁ

ଅବସ୍ଥାପିତ କରି ସମ୍ରାଟ ବନାରସ ଯାତ୍ରା କଲେ । ସେ ଠିକ୍ କରିପାରୁନଥିଲେ ସିଧା ଗୌଡ଼କୁ ଯାଇ ମାହମୁଦ ଶାହାଙ୍କୁ ସାହାଯ୍ୟ କରିବେ କିମ୍ବା ଶେର ଖାଁଙ୍କ ଶକ୍ତି ହ୍ରାସ କରିବା ନିମିତ୍ତ ଦକ୍ଷିଣ ବିହାର ଯିବେ । ସେହି ସମୟ ମଧ୍ୟରେ ଶେର ଖାଁ ମୋଙ୍ଘିର ଓ ଗୌଡ଼ର ମଧ୍ୟବର୍ତ୍ତୀ ଅଞ୍ଚଳ ଅଧିକାର କଲେ ।

ବନାରସଠାରୁ ହୁମାୟୁନ ମଧ୍ୟ ଶେର ଖାଁଙ୍କ ସହିତ ଏକ ସନ୍ଧି କଲେ । ସର୍ତ୍ତ ଥିଲା, ଶେର ଖାଁ ବିହାରକୁ ଛାଡ଼ି କେବଳ ବଙ୍ଗଳାକୁ ଅଧିକାରଭୁକ୍ତ କରିବେ ଏବଂ ବାର୍ଷିକ ୧୦ ଲକ୍ଷ ଟଙ୍କା କର ସ୍ୱରୂପ ପ୍ରଦାନ କରିବେ । ଏହି ସନ୍ଧିରେ ସମ୍ମତ ହୋଇଥିବାରୁ ହୁମାୟୁନ ଶେର ଖାଁ ନିକଟକୁ ପୋଷାକ ଓ ଅଶ୍ୱ ପ୍ରେରଣ କଲେ । ଏହି ସନ୍ଧି ପୂର୍ବରୁ ଶେର ଖାଁ ବିହାରର ରୋହଟାସ ଗଡ଼ ଅଧିକାର କରିସାରିଥିଲେ । ସେଠିକାର ହିନ୍ଦୁ ରାଜାଙ୍କ ମନ୍ତ୍ରୀଙ୍କୁ ଲାଞ୍ଚ ପ୍ରଦାନ କରି ଶେର ଖାଁ ଉକ୍ତ ଗଡ଼ ଅଧିକାର କରିବାରେ ସଫଳ ହୋଇଥିଲେ । ରୋହଟାସ ଦେଶର ଅନ୍ୟତମ ଶକ୍ତିଶାଳୀ ଦୁର୍ଗ ଥିଲା । କଥା ଅଛି, ସେଠାରେ ୩୦ ଜଣ ହିନ୍ଦୁ ରାଜା ଜମା କରିଥିବା ସମ୍ପତ୍ତି ଶେର ଖାଁଙ୍କ ହସ୍ତଗତ ହୋଇଥିଲା ।

ଶେର ଖାଁଙ୍କ ଗୌଡ଼ ଅଧିକାର (Sher Khan's Occupation of Gaura)

ହୁମାୟୁନଙ୍କ ଆଗମନ ପୂର୍ବରୁ ତ୍ୱରିତ ଗୌଡ଼ ଅଧିକାର କରିବା ନିମିତ୍ତ ଶେର ଖାଁ ଜଲାଲ ଖାଁ ଓ ଖାଓ୍ୱାସ ଖାଁଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଖାଓ୍ୱାସଙ୍କ ଧ୍ୱଂସ କାର୍ଯ୍ୟ ଦେଖି ବ୍ୟତିବ୍ୟସ୍ତ ହୋଇ ମାହମୁଦ ଶାହା ଗୌଡ଼ ତ୍ୟାଗ କରି ଉତ୍ତର ବିହାରକୁ ପଳାୟନ କଲେ । ଆଫଗାନ୍‌ମାନଙ୍କ ଦ୍ୱାରା ଆହତ ହୋଇ ମାହମୁଦ ଖସିଯାଇଥିଲେ ମଧ୍ୟ ଖାଲ ଗାଁଠାରେ ତାଙ୍କର ମୃତ୍ୟୁ ହେଲା । ଗୌଡ଼ ଅଧିକୃତ ହେଲା ।

ହୁମାୟୁନଙ୍କ ସହିତ ସଂଘର୍ଷ (Conflict with Humayun)

ଇତି ମଧ୍ୟରେ ଶେର ଖାଁଙ୍କ ସହିତ ସନ୍ଧି କରିବା ନିଷ୍ପତ୍ତିକୁ ପରିବର୍ତ୍ତନ କରି ହୁମାୟୁନ ଗୌଡ଼ ଯାତ୍ରା କଲେ । ଶେର ଖାଁ ମଧ୍ୟ ତାଙ୍କୁ ପ୍ରତିରୋଧ ନ କରି ନିଜର ଧନସମ୍ପତ୍ତି ଓ ପରିବାରବର୍ଗକୁ ଧରି ରୋହଟାସ ଦୁର୍ଗକୁ ଚାଲିଆସିଲେ । ହୁମାୟୁନ ଗୌଡ଼ ଅଧିକାର କଲେ ଏବଂ ସେଠାରେ ବିଳାସରେ ଦିନ ଅତିବାହିତ କଲେ । ଏହି ସମୟଟି ଥିଲା ଶେର ଖାଁଙ୍କ ପାଇଁ ଖୁବ୍ ସଂଘର୍ଷପୂର୍ଣ୍ଣ । ସେ ହୁମାୟୁନଙ୍କର ସମସ୍ତ ପଥ ଅବରୋଧ କଲେ । ସନ୍ଧି ଭଗ୍ନ କରି ହୁମାୟୁନ ଯେ ବିଶ୍ୱାସ ଭାଙ୍ଗିଛନ୍ତି, ଏହିପରି କହି ସେ ଆଫଗାନ୍‌ମାନଙ୍କୁ ଉତ୍ତେଜିତ କଲେ । ଆଫଗାନ୍‌ମାନେ ତିରିହଟ, ବନାରସ, ଜୌନପୁର ଆଦି ଅଞ୍ଚଳ ଅଧିକାର କରି କନୌଜ ପର୍ଯ୍ୟନ୍ତ ଲୁଣ୍ଠନ କଲେ ।

ଗୌଡ଼ଠାରେ ଆଠମାସ ରହିବା ପରେ ହୁମାୟୁନଙ୍କ ନିଶା ତୁଟିଗଲା । ସେତେବେଳକୁ ତାଙ୍କର ଯୋଗାଯୋଗ ବ୍ୟବସ୍ଥା ଶେର ଖାଁ ବିପର୍ଯ୍ୟସ୍ତ କରିସାରିଥିଲେ । ହତାଶ ହୋଇ ହୁମାୟୁନ ବକ୍ସାରଠାରୁ ୧୦ ମାଇଲ ଦୂରବର୍ତ୍ତୀ ଚୌଷାଠାରେ ଉପସ୍ଥିତ ହେଲେ । ହୁମାୟୁନଙ୍କ ପ୍ରେରିତ ଦୂତ ଶେଖ ଖଲିଲ୍‌ଙ୍କଠାରୁ ତାଙ୍କର ଦୋଷଦୁର୍ବଳତା ବିଷୟରେ ଶେର ଖାଁ ଜାଣିବାକୁ ପାଇଲେ । ସଂଘଟିତ ହେଲା ଚୌଷା ଯୁଦ୍ଧ । ୧୫୩୯ ଜୁନ୍ ମାସ ୨୬ ତାରିଖରେ ମୋଗଲମାନେ ପରାଜିତ ହେଲେ । ହୁମାୟୁନ ପ୍ରାଣ ବିକଳରେ ଗଙ୍ଗାନଦୀକୁ ଲମ୍ଫ ମାରିଥିଲେ । ତାଙ୍କୁ ନିଜାମ ନାମକ ଜଣେ ପାଣିବାହକ ରକ୍ଷା କଲେ । ବହୁସଂଖ୍ୟାରେ ମୋଗଲ ସୈନ୍ୟ ଆଫଗାନ୍‌ମାନଙ୍କ ଦ୍ୱାରା ବନ୍ଦୀ ହେଲେ । ଶେର ଖାଁଙ୍କ ଉଚ୍ଚାକାଂକ୍ଷାର ଦିଗ୍‌ବଳୟ ସହସା ଝଲମଲ ହେଲା । ରାଜା ରୂପେ ଶେର ଖାଁ ହେଲେ ଅଭିଷିକ୍ତ । ତାଙ୍କ ମଥା ଉପରେ ରାଜକୀୟ ଛତ୍ର ଶୋଭାପାଇଲା । ସେ ଶେର ଶାହା ଉପାଧି ଧାରଣ କଲେ, ତାଙ୍କ ନାମରେ ମୁଦ୍ରା ଖୋଦନ କରାଗଲା ଏବଂ ଖୁତ୍‌ବା ପାଠ କରାହେଲା । ଏହାପରେ ଶେର ଶାହା ମୋଗଲ ବାହିନୀକୁ ଗୌଡ଼ଠାରେ ପରାସ୍ତ କଲେ, ସେନାପତି ଜାହାଙ୍ଗୀର କୁଲିବେଗ ଖାଁ ନିହତ ହେଲେ । ସମଗ୍ର ବଙ୍ଗଳା ଅଧିକୃତ ହେଲା ।

ହୁମାୟୁନ ସୈନ୍ୟ ସଂଗ୍ରହ କରି କନୌଜ ଅଭିମୁଖେ ଯାତ୍ରା କଲେ । କୁହାଯାଏ, ମୋଗଲ ବାହିନୀରେ ଥିଲେ ଦୁଇଲକ୍ଷ ଲୋକ; କିନ୍ତୁ ସେଥିରେ ୪୦,୦୦୦ ମାତ୍ର ଯୋଦ୍ଧା ଥିଲେ । କିନ୍ତୁ ମିର୍ଜା ହାଇଦର ଆକଳନ କରିଛନ୍ତି, ଶେର ଶାହାଙ୍କ ସୈନ୍ୟସଂଖ୍ୟା ଥିଲା ମାତ୍ର ୧୫,୦୦୦ । ୧୫୪୦ ଖ୍ରୀଷ୍ଟାବ୍ଦ ମେ ମାସ ୧୭ ତାରିଖରେ ଶେର ଶାହା କନୌଜ ନିକଟସ୍ଥ ବିଲଗ୍ରାମଠାରେ ହୁମାୟୁନଙ୍କୁ ପରାସ୍ତ କଲେ ।

ହୁମାୟୁନଙ୍କୁ ଅନୁସରଣ (Pursuit of Humayun)

ଏହି ବିଜୟ ପରେ ଶେର ଶାହା କନୌଜ ଅଧିକାର କଲେ । ହୁମାୟୁନଙ୍କ ଅନୁସରଣ କରି ଶେର ଶାହା ପଠାଇଥିବା ବର୍ମାଜିତ ଘୋର ଆଗ୍ରାଠାରେ ପହଞ୍ଚିଥିଲେ । ସେଠାରେ ସେ ଅନେକ ମୋଗଲଙ୍କୁ ହତ୍ୟା କଲେ । ଜୟ କରିଥିବା ଅଞ୍ଚଳଗୁଡ଼ିକ ଦୃଢ଼ୀଭୂତ କରି ଶେର ଶାହା ମଧ୍ୟ ଆଗ୍ରାଠାରେ ପହଞ୍ଚିଲେ । ସେଠାରୁ ହୁମାୟୁନଙ୍କ ପଛରେ ବର୍ମାଜିତ ଓ ଖାଓ୍ୱାସ ଖାଁଙ୍କୁ ପ୍ରେରଣ କରାଗଲା । ହୁମାୟୁନ ସେତେବେଳକୁ ଲାହୋରଠାରେ ପହଞ୍ଚି ସାରିଥିଲେ । ଶେର ଶାହା ୧୫୪୦ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନରେ ଆରୋହଣ କରିଥିଲେ; ଭାରତରେ ପୁନଶ୍ଚ ଆଫଗାନ୍ ରାଜତ୍ୱ ପ୍ରତିଷ୍ଠିତ ହେଲା । ଏହାପରେ ହୁମାୟୁନଙ୍କ ଗତିବିଧି ଲକ୍ଷ୍ୟ କରିବାକୁ ଶେର ଶାହା ପଞ୍ଜାବ ଗଲେ । ଲାହୋରଠାରେ କାମରାନ ହୁମାୟୁନଙ୍କୁ ସାହାଯ୍ୟ କରିନଥିଲେ, ତେଣୁ ସେ ସିନ୍ଧୁ ଯାତ୍ରା କଲେ । ହିନ୍ଦୁସ୍ଥାନରୁ ହୁମାୟୁନଙ୍କୁ ତଡ଼ି ଖାଓ୍ୱାସ ଖାଁ ଝେଲମ୍ ନଦୀର ପଶ୍ଚିମ ଉପକୂଳରେ ତାଙ୍କର ପଶ୍ଚାତ୍‌ଗମନ ବନ୍ଦ କଲେ ।

ଶେର ଶାହାଙ୍କ ଅନ୍ୟାନ୍ୟ ରାଜ୍ୟ ଜୟ (Other Conquests of Sher Shah)

ଶେର ଶାହାଙ୍କ ଜୀବନର ସାୟାହ୍ନରେ, ଅର୍ଥାତ୍ ତାଙ୍କୁ ଯେତେବେଳେ ୬୮ ବର୍ଷ, ସେତେବେଳେ ଈଶ୍ୱର ତାହାଙ୍କୁ ରାଜା କରିଥିଲେ । ତଥାପି ସେ ଥିଲେ ଖୁବ୍ ଶକ୍ତିଶାଳୀ । ପରିସ୍ଥିତିକୁ ଖାପ ଖୁଆଇ ସେ ସାହସର ସହିତ ଯୁଦ୍ଧ କରୁଥିଲେ ।

ଗାକ୍‌ଖାର (Gakkhar)

ଶେର ଶାହା ଝେଲମ ଓ ସିନ୍ଧୁ ନଦୀ ଦ୍ୱୟର ଉତ୍ତରରେ ଥିବା ଗାକ୍‌ଖାର ବିରୁଦ୍ଧରେ ଅଭିଯାନ ଚଳାଇଥିଲେ । ଏହା ଏକ ପାର୍ବତ୍ୟପୂର୍ଣ୍ଣ ଅଞ୍ଚଳ । ନିଜ ସୀମାର ସୁରକ୍ଷା ଯୋଗୁଁ ଏ ଅଞ୍ଚଳ ଅଧିକାର କରିବା ଶେର ଶାହାଙ୍କ ପକ୍ଷେ ଜରୁରୀ ହୋଇପଡ଼ିଲା । ଅବଶ୍ୟ ସେ ଗାକ୍‌ଖାର ବିରୋଧରେ ଯୁଦ୍ଧ କରିଥିଲେ ମଧ୍ୟ ଏହାକୁ ଆୟତ୍ତ କରିପାରିନଥିଲେ । ଗାକ୍‌ଖାରମାନଙ୍କୁ ବାଧା ଦେବା ନିମିତ୍ତ ସେ ରୋହଟାସ ନାମକ ଏକ ଶକ୍ତିଶାଳୀ ଦୁର୍ଗ ନିର୍ମାଣ କରିଥିଲେ । ହାଇବତ ଖାଁ ଏବଂ ଖାଓ୍ୱାସ ଖାଁଙ୍କ ଅଧୀନରେ ସେଠାରେ ୫୦୦୦୦ ପାରଙ୍ଗମ ଆଫଗାନ୍ ସୈନ୍ୟଙ୍କୁ ମୁତୟନ କରାଗଲା ।

ବଙ୍ଗଳା ବିଦ୍ରୋହ-୧୫୪୧ (Revolt in Bengal)

ଶେର ଶାହା ବଙ୍ଗଳାରେ ଅନୁପସ୍ଥିତ ରହିବାରୁ ତା'ର ସୁଯୋଗ ନେଇ ବଙ୍ଗଳାର ଶାସକ ଖିଜିର ଖାଁ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ବଙ୍ଗବାସୀମାନଙ୍କର ଅନୁକମ୍ପା ଲାଭ ନିମିତ୍ତ ସେ ମୃତ ସୁଲତାନ ମାହମୁଦ ଶାହାଙ୍କ କନ୍ୟାକୁ ବିବାହ କରିଥିଲେ । ଖିଜିରଙ୍କର ବିଦ୍ରୋହର ସମ୍ବାଦ ପାଇ ଶେର ଶାହା ତାଙ୍କୁ ବନ୍ଦୀ କଲେ । ବଙ୍ଗଳାରେ ଗଭର୍ଣ୍ଣର ଶାସନ ଉଚ୍ଛେଦ କରାଗଲା । ସେଠାରେ ଭବିଷ୍ୟତରେ କିପରି ବିଦ୍ରୋହ ନ ଘଟିବ, ସେଥିପାଇଁ ସେଠି ସେ ଶାସନ ସଂସ୍କାର ଆଣିଲେ ।

ମାଳବ ଜୟ-୧୫୪୨ (Conquest of Malwa)

ନିଜ ରାଜ୍ୟର ସଂହତି ଓ ନିରାପତ୍ତା ରକ୍ଷା ନିମିତ୍ତ ଶେର ଶାହାଙ୍କୁ ୧୫୪୨ ଖ୍ରୀଷ୍ଟାବ୍ଦରେ ମାଳବ ଆକ୍ରମଣ କରିବାକୁ ପଡ଼ିଥିଲା । ମୁଲ୍ଲା ଖାଁ ସେଠି ଉଜ୍ଜୟିନୀ, ସାରଙ୍ଗପୁର ଓ ମାଣ୍ଡୁ ଆଦି ଅଞ୍ଚଳ ଜୟ କରି ନିଜକୁ ମାଳବର ସ୍ୱାଧୀନ ରାଜା ରୂପେ ଘୋଷଣା କଲେ । ସେ ମଧ୍ୟ କାଦିର ଶାହା ଉପାଧି ଗ୍ରହଣ କରିଥିଲେ । ମୋଗଲମାନଙ୍କ ବିପକ୍ଷରେ ସେ ଶେର ଶାହାଙ୍କୁ ସାହାଯ୍ୟ କରିବାର ଶପଥ ରକ୍ଷା କରିପାରିନଥିଲେ । ଏହା ଥିଲା ମାଳବ ଆକ୍ରମଣର କାରଣ । ଶେର ଶାହାଙ୍କ ଅତର୍କିତ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ମୁଲ୍ଲା ଖାଁ ଆତ୍ମ ସମର୍ପଣ କଲେ । ଶେର ଶାହା ମାଳବ ଅଧିକାର କଲେ । କାଦିର ଶାହାଙ୍କ ସ୍ଥାନରେ ଗଭର୍ଣ୍ଣର ରୂପେ

ସୁଜାତ ଖାଁ ଅବସ୍ଥାପିତ ହେଲେ । କାଦିରଙ୍କୁ ବଙ୍ଗଳାର ଲକ୍ଷ୍ମାଉତି (Lakhnauti)ର ଶାସକ ରୂପେ ନିଯୁକ୍ତ କରାଗଲା; କିନ୍ତୁ କାଦିର ଶାହା ଶେର ଶାହାଙ୍କୁ ବିଶ୍ୱାସ ନ କରି ନିଜ ପରିବାର ସହିତ ଗୁଜୁରାଟର ତୃତୀୟ ମହମ୍ମଦଙ୍କ ନିକଟରେ ଆଶ୍ରୟ ନେଲେ ।

ରାଇସିନ ଜୟ-୧୫୪୩ (Conquest of Raisin)

ରାଇସିନର ରାଜା ଥିଲେ ପୁରାନ ମଲ୍ଲ ନାମକ ଜଣେ ଚୌହାନ ରାଜପୁତ୍ । ସେ ଚାନ୍ଦେରୀ ଜୟ କରିଥିଲେ । ସେ ଶେର ଶାହାଙ୍କ ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ ଏବଂ ଶେର ଶାହା ତାଙ୍କୁ ରାଜକୀୟ ଉପହାର ପ୍ରଦାନ କରିଥିଲେ; କିନ୍ତୁ ସେ ଉର୍ବର ରାଜ୍ୟ ରାଇସିନକୁ ଅଧିକାର କରିବାର ଆଶା ରଖିଥିଲେ । ଶେର ଶାହା ଖବର ପାଇଲେ ଯେ ପୁରାନ ମଲ୍ଲ ମୁସ୍‌ଲିମ୍ ପରିବାର ପ୍ରତି ଅସଦ୍ ଆଚରଣ ପ୍ରଦର୍ଶନ କରୁଛନ୍ତି । ମୁସ୍‌ଲିମ୍ ନାରୀମାନଙ୍କୁ ଗୀତ ଓ ନୃତ୍ୟ ଜୀବିକା ଗ୍ରହଣ କରିବାକୁ ସେ ବାଧ୍ୟ କରୁଛନ୍ତି । ଏ କଥାରେ ରାଇସିନ ଅଧିକାର କରିବାକୁ ଶେର ଶାହାଙ୍କୁ ସୁଯୋଗ ମିଳିଗଲା । ଶେର ଶାହାଙ୍କ ଦୃଷ୍ଟିରେ ପୁରାନଙ୍କର ଏପରି କାର୍ଯ୍ୟ ଇସ୍‌ଲାମ୍ ଧର୍ମ ପ୍ରତି ଏକ ଅପରାଧ । ୧୫୪୩ ଖ୍ରୀଷ୍ଟାବ୍ଦରେ ସେ ରାଇସିନ ଅବରୋଧ କଲେ । ଦୁର୍ଗ ଭିତରକୁ ଯୋଗାଣ ବନ୍ଦ କରିଦିଆଗଲା; କିନ୍ତୁ ରାଜପୁତ୍‌ମାନେ ଆତ୍ମ ସମର୍ପଣ ନ କରିବାରୁ ସେ କପଟତାର ଆଶ୍ରୟ ନେଲେ । ଶେର ଶାହା ଶପଥ ନେଲେଯେ ସେ ରାଜପୁତ୍‌ମାନଙ୍କର ଧନ ଓ ଜୀବନର କୌଣସି କ୍ଷତି କରିବେ ନାହିଁ । ତାଙ୍କୁ ବିଶ୍ୱାସ କରି ପୁରାନ ମଲ୍ଲ ଆତ୍ମସମର୍ପଣ କଲେ । ଶେର ଶାହା ନିଜର ପ୍ରତିଜ୍ଞା ଭାଙ୍ଗି ପୁରାନ ମଲ୍ଲଙ୍କ ଉପରେ ଚଢ଼ାଉ କରିଦେଲେ । ବୀରଗତି ପ୍ରାପ୍ତ ହେବା ପୂର୍ବରୁ ରାଜପୁତ୍‌ମାନେ ନିଜ ନିଜର ସ୍ତ୍ରୀ ଓ ପିଲାମାନଙ୍କୁ ହତ୍ୟା କରିଥିଲେ । ଶେର ଶାହା ତାଙ୍କର ଏପରି ବିଶ୍ୱାସଘାତକତା ଯୋଗୁଁ ଐତିହାସିକମାନଙ୍କ ଦ୍ୱାରା ନିନ୍ଦିତ ହୁଅନ୍ତି ।

ମୁଲତାନ ଓ ସିନ୍ଧୁ ଅଧିକାର-୧୫୪୩ (Annexation of Multan and Sindh)

ଶେର ଶାହା ବଙ୍ଗର ବିଦ୍ରୋହ ଦମନ କରିବାକୁ ଯିବାବେଳେ ହାଇବତ ଖାଁଙ୍କୁ ପଞ୍ଜାବର ପ୍ରାଦେଶିକ ଶାସକ ରୂପେ ନିଯୁକ୍ତି କରିଥିଲେ । ବିଦ୍ରୋହୀ ନେତାମାନଙ୍କୁ ଦମନ କରିବା ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ଅଧିକାର କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ହାଇବତଙ୍କୁ ଦୁଇଜଣ ବିଦ୍ରୋହୀ ନେତାଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିଲା । ଜଣେ ହେଉଛନ୍ତି, ଫତେ ଖାଁ ଜାଟ, ଯାହାଙ୍କର ଲୁଣ୍ଠନମୂଳକ କାର୍ଯ୍ୟକଳାପ ଯୋଗୁଁ ଦିଲ୍ଲୀ ଓ ଲାହୋର ମଧ୍ୟରେ ଥିବା ପଥ ବିପଦସଙ୍କୁଳ ଥିଲା । ଅନ୍ୟ ଜଣେ ଥିଲେ ବକ୍ଷୁଲାଙ୍ଗା, ଯିଏ ନିଜକୁ ସ୍ୱାଧୀନ ରାଜା ରୂପେ ମୁଲତାନରେ ପ୍ରତିଷ୍ଠିତ କଲେ । ହାଇବତ ଖାଁ ଫତେ ଖାଁଙ୍କୁ ପରାସ୍ତ ଓ ବନ୍ଦୀ କଲେ । ତା'ପରେ ସେ ମୁଲତାନ ଅଧିକାର କଲେ । ଏହିପରି ମୁଲତାନ ଓ ସିନ୍ଧୁ ରାଜ୍ୟ ଉପରେ ଶେର ଶାହା ଆଧିପତ୍ୟ ବିସ୍ତାର କରିଥିଲେ ।

ମାଳଦେବଙ୍କ ସହିତ ଯୁଦ୍ଧ-୧୫୪୪ (Struggle against Maldeo)

ମାରବାରର ରାଜା ରାଓ ଗଙ୍ଗାଜୀଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ମାଳଦେବ ରାଠୋର ୧୫୩୧ ଖ୍ରୀଷ୍ଟାବ୍ଦରେ ରାଜା ହୋଇଥିଲେ । ସେ ଯୁଦ୍ଧରେ ଅତ୍ୟନ୍ତ ନିପୁଣ ଥିଲେ । ସୋଜାଟ, ନାଗୌର, ଆଜମୀର, ମର୍ତ୍ତା, ବିକାନିର ଏବଂ ସିୱାନ ଆଦି ଅଞ୍ଚଳ ତାଙ୍କ ଅଧୀନସ୍ଥ ହୋଇଥିଲା । ରାଜସ୍ଥାନର ଶକ୍ତିଶାଳୀ ରାଜା ରୂପେ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଦିଲ୍ଲୀ ସମ୍ରାଟ ହୁମାୟୁନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବାକୁ ତାଙ୍କୁ ସେ ଯୋଧପୁରକୁ ଆସିବାକୁ ଆମନ୍ତ୍ରଣ କଲେ ଏବଂ ଦିଲ୍ଲୀ ଫେରି ପାଇବା ନିମିତ୍ତ ହୁମାୟୁନଙ୍କୁ ସହାୟତା ଦେବା ନିମିତ୍ତ ପ୍ରତିଶ୍ରୁତି ଦେଲେ । ଫଳରେ ମାଳଦେବଙ୍କ କାର୍ଯ୍ୟକଳାପରେ ଅସହିଷ୍ଣୁ ହୋଇ ଶେର ଶାହା ମାରବାର ଆକ୍ରମଣ କଲେ । ଯୁଦ୍ଧରେ ମାଳଦେବ ପରାଜୟ ବରଣ କଲେ । ରାଜପୁତ୍‌ମାନେ ଏ ଯୁଦ୍ଧରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିଲେ । ରାଜପୁତନାରେ ଶେର ଶାହାଙ୍କର କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେଲା; କିନ୍ତୁ ଏ ବିଜୟ ଶେର ଶାହାଙ୍କ ପାଇଁ ଥିଲା ଖୁବ୍ କଷ୍ଟସାଧ୍ୟ । ସେ ମନ୍ତବ୍ୟ ଦେଇଥିଲେ, ''ମୁଠାଏ ବାଜରା ପାଇବା ପାଇଁ ମୁଁ ପ୍ରାୟ ହିନ୍ଦୁସ୍ଥାନର ସାମ୍ରାଜ୍ୟ ହରାଇଛି ।''

ବୁନ୍ଦେଲଖଣ୍ଡ ଜୟ-୧୫୪୪ (Conquest of Bundelkhand)

ଶେର ଶାହାଙ୍କର ଅନ୍ୟ ଏକ କୃତିତ୍ୱ ଥିଲା ବୁନ୍ଦେଲଖଣ୍ଡ ଅନ୍ତର୍ଗତ କାଳିଞ୍ଜର ଜୟ । ଏହା ଶେର ଶାହାଙ୍କର ସର୍ବଶେଷ ସାମରିକ ବିଜୟ ଥିଲା । କାଳିଞ୍ଜର ଥିଲା ଏକ ଦୁର୍ଭେଦ୍ୟ ଦୁର୍ଗ । ଶେର ଶାହାଙ୍କର କାଳିଞ୍ଜର ଆକ୍ରମଣ ପଛରେ କେତେକ କାରଣ ଥିଲା । କାଳିଞ୍ଜରର ରାଜା କିରାଟ ସିଂହ ହୁମାୟୁନଙ୍କ ନିର୍ବାସନ ସମୟରେ ତାଙ୍କୁ ସାହାଯ୍ୟ କରିଥିଲେ । ରେୱାର ପଳାତକ ଶାସକ ବୀରଭନ ବାଘେଲାଙ୍କୁ ସେ ଆଶ୍ରୟ ଦେଇଥିଲେ । ବୀରଭନଙ୍କୁ ହସ୍ତାନ୍ତର କରିବା ପାଇଁ ଶେର ଶାହା କରିଥିବା ଅନୁରୋଧ ମଧ୍ୟ କିରାଟ ରଖିଲେ ନାହିଁ । ଏତଦ୍ ବ୍ୟତୀତ କାଳିଞ୍ଜରର ଜଣେ ଅନନ୍ୟା ସୁନ୍ଦରୀ ନର୍ତ୍ତକୀଙ୍କୁ ପାଇବାର ଇଚ୍ଛା ଶେର ଶାହାଙ୍କ ହୃଦୟରେ ସ୍ଥାନ ପାଇଥିଲା । ଆବାସ ଖାଁ କହିଛନ୍ତି, ''ଶେର ଶାହାଙ୍କୁ ସାକ୍ଷାତ କରିବା ପାଇଁ ରାଜା ଆସିଲେ ନାହିଁ, ତେଣୁ ସେ ଦୁର୍ଗ ଅବରୋଧ କରିବାକୁ ଆଦେଶ ଦେଲେ ।'' ଶେର ଶାହା ୧୫୪୪ ଖ୍ରୀଷ୍ଟାବ୍ଦରେ କାଳିଞ୍ଜର ଆକ୍ରମଣ କଲେ । ଦୁର୍ଗକୁ ୬ ମାସ ଅବରୋଧ କରିବା ପରେ ସେ ଏହାକୁ ଜୟ କଲେ; କିନ୍ତୁ ବାରୁଦଗାରର ଆକସ୍ମିକ ବିସ୍ଫୋରଣ ହେତୁ ଶେର ଶାହା ଗୁରୁତର ଭାବରେ ଆଘାତପ୍ରାପ୍ତ ହେଲେ । ଶେଷରେ ୧୫୪୫ ଖ୍ରୀଷ୍ଟାବ୍ଦ ମେ ମାସ ୨୨ ତାରିଖ ଦିନ ସେ ପ୍ରାଣତ୍ୟାଗ କଲେ ।

ଶେର ଶାହାଙ୍କ ଶାସନ ପଦ୍ଧତି (Administrative system of Sher Shah)

ଦିଲ୍ଲୀର ସୁଲତାନ ଭାବରେ ଶେର ଶାହା ମାତ୍ର ପାଞ୍ଚବର୍ଷ ଶାସନ କରିଥିଲେ ହେଁ, ଏହି ସ୍ୱଳ୍ପ ସମୟ ମଧ୍ୟରେ ସୁଶାସନ ପ୍ରବର୍ତ୍ତନ କରି ସେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ଶାସନ ଓ ଜନ କଲ୍ୟାଣ କାର୍ଯ୍ୟ ନିମନ୍ତେ ସେ ଖ୍ୟାତି ଅର୍ଜନ କରିଛନ୍ତି । ଯଦି ସେ ଅଧିକ କିଛି ବର୍ଷ ଜୀବିତ ରହିଥା'ନ୍ତେ, ତେବେ ହୁଏତ ମୋଗଲମାନେ ପୁନଃ ପ୍ରତିଷ୍ଠିତ ହୋଇପାରି ନଥା'ନ୍ତେ ।

ଶେର ଶାହାଙ୍କ ଶାସନକୁ ଉଚ୍ଚ କଣ୍ଠରେ ପ୍ରଶଂସା କରି ଜେ. ଆର. କାନୁନ୍‌ଗୋ ମତ ଦେଇଛନ୍ତି, ''ଶେର ଶାହା ମୋଗଲ ସମ୍ରାଟ ଆକବରଙ୍କଠାରୁ ମଧ୍ୟ ଜଣେ ଉଚ୍ଚକୋଟୀର ସାମ୍ରାଜ୍ୟ ସଂଗଠକ ଓ ଦେଶ ଶାସକ ଥିଲେ ।'' ସେହିପରି ଏଚ୍. ଜି. କିନ୍ କହିଛନ୍ତି, ''କୌଣସି ସରକାର, ଏପରିକି ବ୍ରିଟିଶ୍‌ମାନେ ମଧ୍ୟ ଏହି ମୁସଲମାନଙ୍କ ପରି ଶାସନ କ୍ଷେତ୍ରରେ ଜ୍ଞାନ ଦେଖାଇନାହାନ୍ତି ।'' ଅପର ପକ୍ଷରେ ଅନ୍ୟ କେତେକ ଐତିହାସିକ କୁହନ୍ତି, ଶେର ଶାହା ମଧ୍ୟଯୁଗର ଜଣେ ବିଖ୍ୟାତ ଶାସକ ଥିଲେ; କିନ୍ତୁ ସେ ଆକବରଙ୍କ ସହିତ କୌଣସି କ୍ଷେତ୍ରରେ ସମକକ୍ଷ ହେବେନାହିଁ । ପି. ସରଣ ଓ ଆର. ପି. ତ୍ରିପାଠୀ ମତ ଦିଅନ୍ତି, ଶେର ଶାହା ଜଣେ ଭଲ ଶାସକ ଥିଲେ; କିନ୍ତୁ ନଥିଲେ ଜଣେ ରୀତି ପ୍ରବର୍ତ୍ତକ । ତାଙ୍କ ଦ୍ୱାରା କୌଣସି ନୂତନ ଶାସନ ସଂସ୍ଥା ପ୍ରତିଷ୍ଠା ହୋଇନଥିଲା । ପୂର୍ବ ପ୍ରଚଳିତ ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ସେ ଶାସନ କାର୍ଯ୍ୟ ପରିଚାଳନା କରିଥିଲେ । ସେ କୌଣସି ନୂତନ ପଦବୀ ସୃଷ୍ଟି କରିନଥିଲେ । ତାଙ୍କର ରାଜସ୍ୱ ନୀତି ମଧ୍ୟ ନୂତନ ନଥିଲା । ଶେର ଶାହାଙ୍କର ସାମରିକ ସଙ୍ଗଠନ ମଧ୍ୟ ଆଲ୍ଲାଉଦ୍ଦୀନଙ୍କ ସଙ୍ଗଠନର ଛାୟାରେ ଅନୁସୃତ ହୋଇଥିଲା । ଏସବୁ ସତ୍ତ୍ୱେ ଶାସନକ୍ଷେତ୍ରରେ ଯେ ସେ ଧୁରନ୍ଧର ଥିଲେ, ଏହା ନିଃସନ୍ଦେହ । ପୁରାତନ ଶାସନ ସଂସ୍ଥାଗୁଡ଼ିକୁ ନୂତନ ଭାବରେ ପ୍ରତିଷ୍ଠା କରିବାରେ ତାଙ୍କର ଖୁବ୍ ପାରଦର୍ଶିତା ଥିଲା । ତାଙ୍କ ଶାସନ ପଦ୍ଧତି ଥିଲା ମାର୍ଜିତ ଓ ନିର୍ମଳ ।

କେନ୍ଦ୍ର ଶାସନ (Central Administration)

ଶେର ଶାହା ଏକ କୈନ୍ଦ୍ରିକ ଶାସନ ପଦ୍ଧତି ଗ୍ରହଣ କରିଥିଲେ । ତାଙ୍କ ହସ୍ତରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ହୋଇଥିଲା । ଶାସନର ପ୍ରତ୍ୟେକ ବିଭାଗ ସହିତ ସେ ନିଜକୁ ସଂଶ୍ଳିଷ୍ଟ କରି ରଖିଥିଲେ । ମନ୍ତ୍ରୀମାନେ ତାଙ୍କ ହସ୍ତରେ ଖେଳନା ସଦୃଶ ଥିଲେ ।

କେନ୍ଦ୍ରଶାସନ ଗଠନରେ ପାରସିକ ଶୈଳୀ ସମ୍ପୂର୍ଣ୍ଣ ଭାବରେ ଅନୁକରଣ କରାଯାଇଥିଲା । ଶେର ଶାହା ଥିଲେ ଶାସନ, ବିଚାର ଓ ସାମରିକ ବିଭାଗର ମୁଖ୍ୟ । ତା' ସତ୍ତ୍ୱେ ସେ ଥିଲେ

ଜଣେ ପ୍ରଜାହିତୈଷୀ ଏକଚ୍ଛତ୍ରବାଦୀ । ଧର୍ମକୁ ଶାସନ ସହିତ ସଂଶ୍ଳିଷ୍ଟ ନ କରିବା ଥିଲା ତାଙ୍କ ଶାସନର ବିଶେଷତ୍ୱ । ତାଙ୍କ ରାଜ୍ୟର କାର୍ଯ୍ୟ ପାଇଁ ସେ ଦିବାରାତ୍ର ବ୍ୟସ୍ତ ଥିଲେ, ନିଜକୁ ଅଳସୁଆ କରିଦେବା ନିମିତ୍ତ ସେ କେଉଁ ଚାହୁଁନଥିଲେ ।

ମନ୍ତ୍ରିମଣ୍ଡଳ

ଶେର ଶାହାଙ୍କୁ ସାହାଯ୍ୟ କରିବା ନିମିତ୍ତ କେତୋଟି ବିଭାଗ ଥିଲା । ତନ୍ମଧ୍ୟରୁ ଚାରୋଟି ମୁଖ୍ୟ ବିଭାଗ ଥିଲା । ପ୍ରତ୍ୟେକ ବିଭାଗକୁ ଜଣେ ଜଣେ ମନ୍ତ୍ରୀ ପରିଚାଳନା କରୁଥିଲେ ।

୧ । ଦିୱାନ-ଇ-ୱିଜାରତ (Diwan-i-Wizarat) ବିଭାଗର ମୁଖ୍ୟ ୱାଜିର ଥିଲେ । ସେ ରାଜ୍ୟର ସମସ୍ତ ପ୍ରକାର ଆୟବ୍ୟୟର ବିବରଣୀ ରଖୁଥିଲେ । ମନ୍ତ୍ରୀମାନଙ୍କର ମୁଖ୍ୟ ରୂପେ ସେ ସେମାନଙ୍କର କାର୍ଯ୍ୟ ତଦାରଖ କରୁଥିଲେ । ଶେର ଶାହାଙ୍କର ରାଜସ୍ୱ କ୍ଷେତ୍ରରେ ଅଧିକ ଜ୍ଞାନ ଥିବାରୁ ସେ ଏହି ବିଭାଗ ପ୍ରତି ସ୍ୱତନ୍ତ୍ର ଭାବରେ ଆଗ୍ରହ ପ୍ରକାଶ କରୁଥିଲେ ।

୨ । ଦିୱାନ୍-ଇ-ଆରିଜ୍ (Diwan-i-Ariz) ବିଭାଗର ମୁଖ୍ୟ ଥିଲେ ଆରିଜ-ଇ-ମାମାଲିକ । ଆରିଜ-ଇ-ମାମାଲିକ୍ ପ୍ରତିରକ୍ଷା ବିଭାଗର ମନ୍ତ୍ରୀ ରୂପେ କାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ସୈନ୍ୟ ବାହିନୀର ସେନାଧ୍ୟକ୍ଷ ନଥିଲେ; କିନ୍ତୁ ତାଙ୍କୁ ସୈନ୍ୟବାହିନୀର ନିଯୁକ୍ତି, ତାଲିମ, ସଙ୍ଗଠନ ଓ ଶୃଙ୍ଖଳା ଦେଖାଶୁଣା କରିବାକୁ ପଡୁଥିଲା । ସୈନ୍ୟମାନଙ୍କର ଦରମା ନିର୍ଦ୍ଧାରଣ କରିବା ଓ ସେମାନଙ୍କୁ ଯୁଦ୍ଧକ୍ଷେତ୍ରରେ ପରିଚାଳନା କରିବା କାର୍ଯ୍ୟ ସେ ଚଳାଉଥିଲେ ।

୩ । ଦିୱାନ୍-ଇ-ରସାଲତ (Diwan-i-Rasalat) ବା ଦିୱାନ-ଇ-ମହତାସିବ (Diwan-i-Muhtasib) ବିଭାଗର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ବୈଦେଶିକ ମନ୍ତ୍ରୀ କୁହାଯାଇପାରେ । ଏହି ମନ୍ତ୍ରୀଙ୍କର କାର୍ଯ୍ୟ ଥିଲା ବୈଦେଶିକ ବ୍ୟାପାର ସମ୍ବନ୍ଧରେ ଚିଠିପତ୍ର ଆଦାନପ୍ରଦାନ ।

୪ । ଦିୱାନ୍-ଇ-ଇନ୍‌ଶା (Diwan-i-Insha) ବିଭାଗର ମନ୍ତ୍ରୀ ରାଜକୀୟ ଘୋଷଣାନାମା ଦାୟିତ୍ୱରେ ଥିଲେ । ସେ ରାଜ୍ୟର ସମସ୍ତ ପ୍ରକାର ଦଲିଲ ଲିପିବଦ୍ଧ କରୁଥିଲେ ।

ଶାସନର ସୁବିଧା ପାଇଁ ଅନ୍ୟ ବିଭାଗମାନ ରହିଥିଲା । ଦିୱାନ୍-ଇ-କାଜା ବିଭାଗର ମୁଖ୍ୟ କାଜି ଥିଲେ । ଏହି ବିଭାଗ ସମସ୍ତ ନ୍ୟାୟାଳୟଗୁଡ଼ିକୁ ପରିଚାଳନା କରୁଥିଲା । ଦିୱାନ-ଇ-ବରିଦ୍ ଥିଲା ଗୁପ୍ତଚର ବିଭାଗ । ବରିଦ୍-ଇ-ମାମାଲିକ ଥିଲେ ଏହି ବିଭାଗର ମୁଖ୍ୟ । ରାଜାଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ଘଟଣାର ବିବରଣୀ ଦେବା ତାଙ୍କର କାର୍ଯ୍ୟ ଥିଲା । ସମ୍ବାଦ ପ୍ରେରଣ ପାଇଁ ସମ୍ବାଦବାହକମାନଙ୍କୁ ନିଯୁକ୍ତ କରାଯାଉଥିଲା । ଦିୱାନ୍-ଇ-ସମନ୍ ନାମକ

ଜଣେ କର୍ମଚାରୀ ରାଜ ପରିବାରର ପରିଚାଳନା ଦାୟିତ୍ୱରେ ଥିଲେ । ଶେର ଶାହାଙ୍କ କେନ୍ଦ୍ରଶାସନ ଦାସ ବଂଶଠାରୁ ତୋଗଲକ ବଂଶର ସୁଲତାନମାନଙ୍କର ଶାସନ ସହିତ ପୂରାପୂରି ସମାନ ଥିଲା ।

ପ୍ରାଦେଶିକ ଶାସନ (Provincial Administration)

ଶାସନର ସୁବିଧା ପାଇଁ ଶେର ଶାହା ନିଜର ସାମ୍ରାଜ୍ୟକୁ କେତୋଟି ଭାଗରେ ବିଭକ୍ତ କରିଥିଲେ । ଏହାକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ । କେ. ଆର. କାନୁନ୍‌ଗୋଙ୍କ ମତରେ ଶେର ଶାହାଙ୍କ ସମୟରେ ପ୍ରାଦେଶିକ ଶାସନ ବ୍ୟବସ୍ଥା ନଥିଲା; କିନ୍ତୁ ପି.ଶରଣ କହିଛନ୍ତି, ଶେର ଶାହାଙ୍କ ସାମ୍ରାଜ୍ୟ କେତୋଟି ପ୍ରଦେଶରେ ବିଭକ୍ତ ହୋଇଥିଲା । ସେହିପରି ଏ. ଏଲ୍. ଶ୍ରୀବାସ୍ତବ କହିଛନ୍ତି, ଶେର ଶାହା ସାମ୍ରାଜ୍ୟକୁ କେତୋଟି ଇକ୍‌ତାରେ ବିଭକ୍ତ କରିଥିଲେ । ଆଧୁନିକ ଐତିହାସିକମାନେ ଦ୍ୱନ୍ଦ୍ୱରେ ପଡ଼ିଥା'ନ୍ତି ଯେ ଶେର ଶାହାଙ୍କ ପ୍ରାଦେଶିକ ଶାସନ ବ୍ୟବସ୍ଥାରେ କେଉଁ ଭାଗଟି ବୃହତ୍ତମ ଥିଲା । ସମ୍ଭବତଃ ଶେର ଶାହାଙ୍କ ସମୟରେ ପ୍ରଦେଶର ନାମ ଇକ୍‌ତା ଥିଲା । ଇକ୍‌ତାଦାର ସେହି ବିଭାଗର ଦାୟିତ୍ୱରେ ଥିଲେ । ଲାହୋର, ପଞ୍ଜାବ, ମାଳବ, ଆଜମୀର ଆଦି ଅଞ୍ଚଳଗୁଡ଼ିକ ସାମରିକ ଶାସକମାନେ ପରିଚାଳନା କରୁଥିଲେ । ଇକ୍‌ତାଦାରମାନଙ୍କ ଅଧୀନରେ ସୈନ୍ୟମାନେ ରହୁଥିଲେ । ବଙ୍ଗଳାରେ ଏକ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ରହିଥିଲା ।

ଶେର ଶାହା ପ୍ରତ୍ୟେକ ପ୍ରଦେଶକୁ କେତୋଟି ସରକାର ବା ଜିଲ୍ଲାରେ ଓ ପ୍ରତ୍ୟେକ ସରକାରକୁ କେତୋଟି ପ୍ରଗଣାରେ ବିଭକ୍ତ କରିଥିଲେ ।

ସରକାର ବା ଜିଲ୍ଲା ଶାସନ ବ୍ୟବସ୍ଥା (Sarakar Administration)

ଆବୁଲ୍ ଫାଜଲ କହିଛନ୍ତି, ବଙ୍ଗଳା ବ୍ୟତୀତ ଶେର ଶାହାଙ୍କ ସାମ୍ରାଜ୍ୟ ୪୭ଟି ସରକାର ବା ଜିଲ୍ଲାରେ ବିଭକ୍ତ ହୋଇଥିଲା । ବଙ୍ଗଳାରେ ଥିଲା ପୃଥକ୍ ଭାବରେ ୧୯ଟି ସରକାର ।

ପ୍ରତ୍ୟେକ ସରକାରରେ ଶାସନର ମୁଖ୍ୟ ଶିକ୍‌ଦାର-ଇ-ଶିକ୍‌ଦାରନ (ମୁଖ୍ୟ ଶିକ୍‌ଦାର) ଏବଂ ମୁନ୍‌ସିଫ୍-ଇ-ମୁନ୍‌ସିଫାନ୍ (ମୁଖ୍ୟ ମୁନ୍‌ସିଫ୍) କାର୍ଯ୍ୟ କରୁଥିଲେ । ଜିଲ୍ଲାର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ମୁଖ୍ୟ ଶିକ୍‌ଦାରଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ସେ ପ୍ରଗଣାରେ ଶିକ୍‌ଦାରମାନଙ୍କର କାର୍ଯ୍ୟ ତଦାରଖ କରୁଥିଲେ । ସୈନ୍ୟମାନଙ୍କ ସାହାଯ୍ୟରେ ସେ ବିଦ୍ରୋହ ଦମନ କରୁଥିଲେ । ମୁଖ୍ୟ ମୁନ୍‌ସିଫ୍ ମୁଖ୍ୟ ବିଚାରପତି ରୂପେ ଜିଲ୍ଲାର ସମସ୍ତ ମକଦ୍ଦମା ବିଚାର କରୁଥିଲେ । ତାଙ୍କୁ ମଧ୍ୟ ମୁନ୍‌ସିଫମାନଙ୍କ କାର୍ଯ୍ୟ ତଦାରଖ କରିବାକୁ ପଡୁଥିଲା ।

ପ୍ରଗଣା ଶାସନ (Pragana Administration)

ଗୋଟିଏ ମଧ୍ୟମ ଧରଣର ସହର ଓ ପାଖାପାଖି କେତେଖଣ୍ଡ ଗ୍ରାମକୁ ନେଇ ପ୍ରଗଣା ଗଠିତ ହୋଇଥିଲା । ପ୍ରଗଣାର ମୁଖ୍ୟ ଶାସକ ଥିଲେ ଶିକ୍‌ଦାର । ସେ ପ୍ରଗଣାର ଆଇନ ଶୃଙ୍ଖଳା ରକ୍ଷା କରୁଥିଲେ । ମୁନ୍‌ସିଫ୍ ଓ ଅମୀନ ପ୍ରଗଣାର ସାଧାରଣ ପ୍ରଶାସନର ଦାୟିତ୍ୱ ନେଉଥିଲେ । ପ୍ରଗଣାର ଅନ୍ୟ କର୍ମଚାରୀମାନେ ହେଲେ ଫୋତେଦାର ଏବଂ ଜଣେ ହିନ୍ଦୁ ଓ ଜଣେ ମୁସ୍‌ଲିମ୍ କାରକୁନ୍ । ଫୋତେଦାର ରାଜକୋଷର ରକ୍ଷଣାବେକ୍ଷଣ କରୁଥିଲେ । କାରକୁନ୍‌ମାନେ ଜମା ଖର୍ଚ୍ଚର ହିସାବ ରଖୁଥିଲେ ।

ଗ୍ରାମ (Village)

ଶେର ଶାହାଙ୍କ ଶାସନ ବ୍ୟବସ୍ଥାର ସର୍ବନିମ୍ନ ସଂସ୍ଥା ଥିଲା ଗ୍ରାମ । ଗ୍ରାମଶାସନରେ ହସ୍ତକ୍ଷେପ କରାଯାଉନଥିଲା । ଗ୍ରାମଗୁଡ଼ିକ ସାଧାରଣଭାବେ ପଞ୍ଚାୟତ ଦ୍ୱାରା ଶାସିତ ହେଉଥିଲା । ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ନେଇ ପଞ୍ଚାୟତ ଗଠିତ ହେଉଥିଲା । ସେମାନେ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ ଓ ନିରାପତ୍ତା ଦାୟିତ୍ୱରେ ରହୁଥିଲେ । ସେମାନେ ମଧ୍ୟ ଗ୍ରାମ ବିବାଦ ସମାଧାନ କରୁଥିଲେ । ଗ୍ରାମରେ କାର୍ଯ୍ୟ କରୁଥିବା ପାଟୱାରୀ, ମକଦମ ଓ ଚୌକିଦାରମାନେ ସରକାରୀ କର୍ମଚାରୀ ଥିଲେ ।

ରାଜସ୍ୱ ଶାସନ (Revenue Administration)

ରାଜ୍ୟ ଆୟର ପ୍ରଧାନ ଉତ୍ସଗୁଡ଼ିକ ଥିଲା- କେନ୍ଦ୍ର ରାଜସ୍ୱ ଓ ଆଞ୍ଚଳିକ ରାଜସ୍ୱ । ଭୂ-ରାଜସ୍ୱ, ବାଣିଜ୍ୟ, ମୁଦ୍ରାଶାଳା, ଲବଣକର ଏବଂ ଆମଦାନୀ ଓ ରପ୍ତାନୀଶୁଳ୍କ ଥିଲା କେନ୍ଦ୍ରୀୟ ରାଜସ୍ୱ । ସରକାରଙ୍କର ଆୟର ଅନ୍ୟ ଉତ୍ସଗୁଡ଼ିକ ହେଲା- ଉପହାର, ଜିଜିୟା ଓ କରଦ ରାଜାଙ୍କଠାରୁ ସଂଗୃହୀତ କର । ଅପୁତ୍ରିକ ସମ୍ଭ୍ରାନ୍ତଙ୍କ ମୃତ୍ୟୁ ପରେ ସେମାନଙ୍କ ସମ୍ପତ୍ତି ସରକାର ଅଧିକାର କରୁଥିଲେ । ବାଟକର, ପଥକର ଓ ପଣ୍ୟକର ଆଦି ଥିଲା ସ୍ଥାନୀୟ କର । ଆଞ୍ଚଳିକ କରଗୁଡ଼ିକୁ ଅବୱାବ୍ କୁହାଯାଉଥିଲା ।

ଭୂ-ରାଜସ୍ୱ ସଂସ୍କାର ଥିଲା ଶେର ଶାହାଙ୍କର ଏକ ବିଖ୍ୟାତ ବ୍ୟବସ୍ଥା । ପିତାଙ୍କର ଜାଗିରି ପରିଚାଳନା କରି ରାଜସ୍ୱ ସଂକ୍ରାନ୍ତରେ ସେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ । ସେ କହୁଥିଲେ, ''ସରଳ ସ୍ୱଭାବର କୃଷକମାନଙ୍କ ଉପରେ ଚାଷ ନିର୍ଭର କରେ । ଯଦି ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଏ, ସେମାନେ କିଛି ଉତ୍ପାଦନ କରିପାରିବେ ନାହିଁ; କିନ୍ତୁ ଯଦି ସେମାନେ ଉନ୍ନତ ହେବେ, ସେମାନେ ଅଧିକ ଉତ୍ପାଦନ କରିବେ ।'' ସେ ଦୃଷ୍ଟିରୁ ଶେର ଶାହା କୃଷକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଉପରେ ଯଥେଷ୍ଟ ଧ୍ୟାନ ଦେଇଥିଲେ ।

ରାଜସ୍ୱ ଆଦାୟବେଳେ ସରକାରୀ କର୍ମଚାରୀ, ମୁସ୍‌ଲିମ୍ ସୈନିକ ଏବଂ ହିନ୍ଦୁ ମକଦମମାନେ ନିଃସହାୟ କୃଷକମାନଙ୍କୁ ଶୋଷଣ କରୁଥିଲେ । ଏହି କୁ-ପ୍ରଥା ଶେର ଶାହା ବନ୍ଦ କରିବାକୁ ଉଦ୍ୟମ କଲେ । ଶେର ଶାହା ନିଜର ସାଙ୍ଗ ଅହମଦ ଖାଁଙ୍କ ଦ୍ୱାରା ସମସ୍ତ ଜମିର ମାପ କରିଥିଲେ । ଜମି ମାପରେ ଗଜ ସିକନ୍ଦରି (Gaz Sikandari) ଏବଂ ଜରିବ ଦଉଡ଼ି ବ୍ୟବହୃତ ହେଉଥିଲା । ଚାଷଜମିଗୁଡ଼ିକୁ ଉତ୍ତମ, ମଧ୍ୟମ ଓ ନିକୃଷ୍ଟ-ଏହିପରି ତିନୋଟି ଶ୍ରେଣୀରେ ବିଭକ୍ତ କରାଗଲା । ଜମିର ଶ୍ରେଣୀବିଭାଗ ଅନୁସାରେ କର ନିରୂପିତ ହେଲା । ଜମି ଉତ୍ପାଦନର ଏକ-ତୃତୀୟାଂଶ କୃଷକମାନଙ୍କର ଦେୟ ରୂପେ ଧାର୍ଯ୍ୟ କରାଗଲା । ସେମାନେ ଶସ୍ୟ ବା ମୁଦ୍ରା ଆକାରରେ କର ଦେଉଥିଲେ । ଭୂ-ରାଜସ୍ୱ ବ୍ୟତୀତ କୃଷକମାନଙ୍କୁ ଜରିବାନା (Jaribana) ଏବଂ ମହାସିଲନା (Mahasilana) ନାମକ ଦୁଇଟି କର ଦେବାକୁ ପଡୁଥିଲା । ଜରିବାନା ହେଉଛି ଜରିବକାରୀ ଓ ମହାସିଲନା ହେଉଛି କର ଆଦାୟକାରୀମାନଙ୍କର ଖର୍ଚ୍ଚା । ଏହି ଖର୍ଚ୍ଚା ପାଇଁ କୃଷକକୁ ମୋଟ ଉତ୍ପାଦନର ଶତକଡ଼ା ୨.୫ ରୁ ୫ ଭାଗ ପର୍ଯ୍ୟନ୍ତ କର ଦେବାକୁ ପଡୁଥିଲା । ଖଜଣା ପରିମାଣ ଧାର୍ଯ୍ୟ କରିବା ପାଇଁ ସାଧାରଣତଃ (୧) ଗାଲାବକ୍ଷି (gallabakhshi) ବା ବାଟାଇ (batai)- ଶସ୍ୟ ଭୂମିରେ ଥିବା ସମୟରେ ବା ବୁଣା ବା କଟା ହେଲା ପରେ ସରକାରଙ୍କ ଭାଗ ନିର୍ଣ୍ଣୟ, (୨) ନସ୍କ (nasq) ବା କାନକୁଟ (Kankut)- ଜମିର ଉତ୍ପାଦିକା ଶକ୍ତି ଉପରେ ମୋଟାମୋଟି ରାଜସ୍ୱ ଧାର୍ଯ୍ୟ, (୩) ନାକଦି (naqdi) ବା ଜମାଇ (jamai)- ଚାଷୀ ଏବଂ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇ ଏକ ବର୍ଷରୁ ୩ ବର୍ଷ ବା ତତୋଽଧିକ ସମୟ ପାଇଁ ରାଜସ୍ୱ ନିର୍ଦ୍ଧାରଣ- ଏହିପରି ତିନୋଟି ପଦ୍ଧତି ପ୍ରଚଳିତ ହେଉଥିଲା ।

ସରକାର ପ୍ରଜାମାନଙ୍କ ମଧ୍ୟରେ ପଟ୍ଟା (Patta) ବଣ୍ଟନ କରୁଥିଲେ । ପଟ୍ଟାରେ ପ୍ରଜାର ସତ୍ତ୍ୱ, ଜମିର ପରିମାଣ ଓ ନିର୍ଦ୍ଧାରିତ ରାଜସ୍ୱ ବିଷୟରେ ଲିପିବଦ୍ଧ କରାଯାଉଥିଲା । ଅପର ପକ୍ଷରେ ପ୍ରତ୍ୟେକ ପ୍ରଜା ଧାର୍ଯ୍ୟ ରାଜସ୍ୱ ଦେବା ପାଇଁ ସ୍ୱୀକାର କରି ଏକ ଚୁକ୍ତିପତ୍ର ଲେଖିଦେଉଥିଲେ । ଏହାକୁ କବୁଲିୟତ (qabuliat) କୁହାଯାଉଥିଲା ।

କର ନିର୍ଦ୍ଧାରଣ ସମୟରେ କୃଷକମାନଙ୍କ ପ୍ରତି ଉଦାର ହେବା ଓ ଆଦାୟ ସମୟରେ କଠୋର ନୀତି ଅବଲମ୍ବନ କରିବାକୁ ରାଜସ୍ୱ କର୍ମଚାରୀମାନଙ୍କୁ ଶେର ଶାହା ନିର୍ଦ୍ଦେଶ ଦେଇଥିଲେ । ଯୁଦ୍ଧଯାତ୍ରା ସମୟରେ କୃଷକର ଶସ୍ୟ ହାନି ନ କରିବା ପାଇଁ ସେ ସୈନ୍ୟମାନଙ୍କୁ ସତର୍କ କରିଥିଲେ । ମକଦମମାନଙ୍କର ଜୁଲମ ହ୍ରାସ କରିବା ପାଇଁ ସିଧା ସରକାରୀ ରାଜକୋଷରେ ରାଜସ୍ୱ ଜମା କରିବାକୁ କୃଷକମାନଙ୍କୁ କୁହାଗଲା । ଏହି ପ୍ରଥାକୁ ରୟତୱାରୀ ପଦ୍ଧତି ବୋଲି କୁହାଯାଏ । ଏହାଦ୍ୱାରା ସରକାର ଓ ପ୍ରଜାମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହେଲା ।

ବର୍ଷା, ମରୁଡ଼ି ବା ସୈନ୍ୟମାନଙ୍କର ଯାତାୟାତରେ ଫସଲ ନଷ୍ଟ ହେଲେ ସରକାର କୃଷକମାନଙ୍କୁ 'ତକାଭି' ନାମକ ଏକ କୃଷିଋଣ ଯୋଗାଇଦେଉଥିଲେ ।

କୃଷକମାନଙ୍କର ମଙ୍ଗଳ ସାଧନ କରିବା ଶେର ଶାହାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏ. ଏଲ. ଶ୍ରୀବାସ୍ତବଙ୍କ କଥାରେ, "ନିୟୁତ ନିୟୁତ ପ୍ରଜାଙ୍କର ସ୍ୱାର୍ଥରକ୍ଷା କରିବାରେ ମଧ୍ୟଯୁଗର ସୁଲତାନମାନଙ୍କ ମଧ୍ୟରେ ଫିରୋଜ ତୋଗଲକଙ୍କ ବ୍ୟତୀତ ଏହି ମୁସଲମାନ୍ ରାଜାଙ୍କ ପରି ଅନ୍ୟ କେହି ଉଦ୍ୟମ କରିନାହାନ୍ତି ।" ଅବଶ୍ୟ ଶେର ଶାହାଙ୍କ ରାଜସ୍ୱ ପ୍ରଣାଳୀରେ କେତେକ ତ୍ରୁଟି ରହିଗଲା । କୁହାଯାଏ, ଉତ୍ପାଦନ ତୁଳନାରେ ରାଜସ୍ୱର ପରିମାଣ ମାତ୍ରାଧିକ ଥିଲା । କୃଷି ଉପଯୋଗୀ ଜମିଗୁଡ଼ିକୁ ଠିକ୍ ରୂପେ ଶ୍ରେଣୀଭୁକ୍ତ କରାଯାଇ ପାରିଲା ନାହିଁ । ପୂର୍ବପରି ଜରିବ ପ୍ରଣାଳୀ କାର୍ଯ୍ୟ କରୁଥିଲା । ବର୍ଷେ ପାଇଁ ରାଜସ୍ୱ ଧାର୍ଯ୍ୟ କରିବାରୁ ଉଭୟ ସରକାର ଓ ପ୍ରଜାମାନଙ୍କ ପାଇଁ ସମସ୍ୟା ସୃଷ୍ଟି କଲା । ରାଜସ୍ୱ କର୍ମଚାରୀମାନଙ୍କ ପ୍ରତି ବଦଳି ନୀତି ଲାଗୁ ହୋଇଥିଲେ ମଧ୍ୟ ଏହା ଦୁର୍ନୀତି ବନ୍ଦ କରିନଥିଲା । ଏସବୁ ତ୍ରୁଟି ସତ୍ତ୍ୱେ ଶେର ଶାହାଙ୍କ ରାଜସ୍ୱ ନୀତି ଥିଲା ଯୁଗୋପଯୋଗୀ । ତୋଡ଼ର ମଲ୍ଲଙ୍କ ବନ୍ଦୋବସ୍ତ ପାଇଁ ଏହା ଥିଲା ଏକ ପ୍ରଶସ୍ତ ଭିତ୍ତିଭୂମି ।

ସାମରିକ ଶାସନ (Military Administration)

ସାମରିକ ଶକ୍ତି ବଳରେ ହିଁ ଶେର ଶାହା ରାଜା ହେବା ସମ୍ଭବ ହୋଇପାରିଥିଲା । ତେଣୁ ସେ ଉପଲବ୍ଧି କଲେ ଯେ ତାଙ୍କ ବିଶାଳ ସାମ୍ରାଜ୍ୟର ସୁରକ୍ଷା ନିମିତ୍ତ ଏକ ଶକ୍ତିଶାଳୀ ଓ ସୁସଂଗଠିତ ସୈନ୍ୟବାହିନୀ ଆବଶ୍ୟକ । ଆଲ୍ଲାଉଦ୍ଦୀନ ଖିଲଜୀଙ୍କ ପରି ସେ ଏକ ସ୍ଥାୟୀ ସୈନ୍ୟବାହିନୀ ଗଠନ କରିଥିଲେ । ସାମରିକ କ୍ଷେତ୍ରରେ ସେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଲେ । ଆଫଗାନ୍‌ମାନଙ୍କୁ ଆଣି ସେମାନଙ୍କ ଯୋଗ୍ୟତା ଓ ଅଭିଜ୍ଞତା ଉପରେ ତାଙ୍କ ବାହିନୀରେ ସେ ବିଭିନ୍ନ ପଦବୀରେ ନିଯୁକ୍ତ କରିଥିଲେ । ବ୍ୟକ୍ତିଗତ ଭାବରେ ଶେର ଶାହା ସୈନ୍ୟମାନଙ୍କର ନିଯୁକ୍ତି, ତାଲିମ, ଶୃଙ୍ଖଳା ଓ ବେତନ ଉପରେ ଧ୍ୟାନ ଦେଉଥିଲେ ।

ଶେର ଶାହାଙ୍କ ସୈନ୍ୟବାହିନୀ ମୁଖ୍ୟତଃ ଅଶ୍ୱାରୋହୀମାନଙ୍କୁ ନେଇ ଗଠିତ ହୋଇଥିଲା । ତାଙ୍କ ସୈନ୍ୟବାହିନୀରେ ଥିଲେ ୧,୫୦୦୦୦ ଅଶ୍ୱାରୋହୀ, ୨୫,୦୦୦ ପଦାତିକ ଓ ୩୦୦ ହସ୍ତୀ । ସାମରିକ ଅଫିସରମାନଙ୍କୁ ବକ୍‌ଶି-ଇ-ଲସ୍କର (Bakshi-e-Laskkar) ବୋଲି କୁହାଯାଉଥିଲା । ଉଭୟ ହିନ୍ଦୁ ଓ ମୁସ୍‌ଲିମ୍‌ମାନେ ନିଯୁକ୍ତି ପାଉଥିଲେ । ଶେର ଶାହା ଧର୍ମାନ୍ଧ ନଥିଲେ ମଧ୍ୟ ଆଫଗାନ୍ ଓ ମୁସଲମାନ୍‌ମାନଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତ କରୁଥିଲେ । ସେ ସାଧାରଣତଃ ସୈନ୍ୟମାନଙ୍କୁ ବେତନ ଓ ଅଫିସରମାନଙ୍କୁ ଜାଗିରି ଦିଆଯାଉଥିଲା । ସେ ଆଲ୍ଲାଉଦ୍ଦୀନଙ୍କ ପରି ଅଶ୍ୱମାନଙ୍କ ଉପରେ ରାଜକୀୟ ଦାଗ ଦେଉଥିଲେ । ଫଳରେ ଅଶ୍ୱମାନଙ୍କୁ

ଚିହ୍ନଟ କରାଯାଇପାରିଲା ଓ ବଦଳାଇବା ସମ୍ଭବପର ହେଲାନାହିଁ । ସୈନ୍ୟମାନଙ୍କର ବର୍ଣ୍ଣନା ରହିବାରୁ ସେମାନେ ନିଜ ବଦଳରେ ଅନ୍ୟ କାହାକୁ ଯୁଦ୍ଧକୁ ପଠାଇପାରିଲେ ନାହିଁ । ପଦୋନ୍ନତିର ମାପକାଠି ଥିଲା ଯୋଗ୍ୟତା ଓ କର୍ମନିଷ୍ଠା । ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସୈନ୍ୟମାନଙ୍କୁ ମୁତୟନ କରାଯାଉଥିଲା । ଶେର ଶାହାଙ୍କ ସମୟରେ ମନସବଦାରୀ ପ୍ରଥା ଥିଲା କି ନାହିଁ ଏହା ଉପରେ ଐତିହାସିକମାନେ ଏକମତ ନୁହଁନ୍ତି ।

ପୋଲିସ ଓ ଗୁପ୍ତଚର ବିଭାଗ (Police and Intelligence Department)

ରାଜ୍ୟରେ ଏକ ପୃଥକ୍ ପୋଲିସ ବିଭାଗ ନଥିଲା । ରାଜ୍ୟର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱ ଥିଲା ସୈନ୍ୟମାନଙ୍କର । ସେହିପରି ଗ୍ରାମର ଶାନ୍ତି ଶୃଙ୍ଖଳା ରକ୍ଷା କରିବାର ଭାର ଗ୍ରାମର ମୁଖ୍ୟ ବହନ କରୁଥିଲେ । ଯଦି କୌଣସି ସ୍ଥାନରୁ ଚୋରି ହେଲା, ତେବେ ଚୋର ଧରିବାର ଦାୟିତ୍ୱ ସେଠିକାର କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିଲା । ସମ୍ପୃକ୍ତ କର୍ମଚାରୀ ଚୋର ଧରି ନ ପାରିଲେ ଚୋରି ହୋଇଥିବା ଧନ ତାଙ୍କୁ ଭରଣା କରିବାକୁ ହେଉଥିଲା । ତେଣୁ ସ୍ଥାନୀୟ କର୍ମଚାରୀମାନେ ସର୍ବଦା ନିଜ କର୍ତ୍ତବ୍ୟ ପ୍ରତି ସଜାଗ ଥିଲେ । ଶେର ଶାହାଙ୍କ ଆଇନ ଓ ଦଣ୍ଡ କଠୋର ଥିବାରୁ ଲୋକମାନେ ଅପରାଧ କରିବାକୁ ଭୟ କରୁଥିଲେ । ଇଲିଅଟ (Elliot) କହିଛନ୍ତି, ଶେର ଶାହାଙ୍କ ସମୟରେ ଜଣେ ବୃଦ୍ଧା ବୋଝେ ଅଳଙ୍କାର ହାତରେ ଧରି ଯାତାୟାତ କରିପାରୁଥିଲା ।

ଆଲ୍ଲାଉଦ୍ଦୀନଙ୍କ ପରି ଶେର ଶାହା ଗୁପ୍ତଚର ବିଭାଗ ପ୍ରତିଷ୍ଠା କରିଥିଲେ । ଗୁପ୍ତଚରମାନେ ସାମ୍ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସମ୍ବାଦ ସଂଗ୍ରହ କରୁଥିଲେ । ଡାକଚୌକି ପ୍ରଥାର ପୁନଃ ପ୍ରଚଳନ କରାଗଲା । ଦାରୋଗା-ଇ-ଡାକଚୌକି (Daroga-i-Dak Chauki) ନାମକ କର୍ମଚାରୀ ଡାକ ଓ ଗୁପ୍ତଚର ବିଭାଗକୁ ଚଳାଉଥିଲେ । ବିଭିନ୍ନ ଅଞ୍ଚଳ ମଧ୍ୟରେ ନିୟମିତ ସମ୍ବାଦ ଆଦାନପ୍ରଦାନ କରିବା ପାଇଁ ଶେର ଶାହା ଘୋଡ଼ା ପିଠିରେ ଡାକ ବହନ ବ୍ୟବସ୍ଥା କରିଥିଲେ ।

ବିଚାର ବିଭାଗ (Judicial Department)

ଶେର ଶାହା ଚାହୁଁଥିଲେ ଲୋକମାନଙ୍କ ପ୍ରତି ନିର୍ମଳ ଓ ସାଧୁ ଆଚରଣ । ଶେର ଶାହା ସାମ୍ରାଜ୍ୟର ସର୍ବୋଚ୍ଚ ବିଚାରପତି ଥିଲେ । ପ୍ରତ୍ୟେକ ସପ୍ତାହର ବୁଧବାର ଦିନ ସେ ନିଜେ ବିଚାର କରୁଥିଲେ । ସେ ଥିଲେ ଖୁବ୍ ନ୍ୟାୟ ପରାୟଣ । ତାଙ୍କର ଦଣ୍ଡନୀତି ନିରପେକ୍ଷ ଥିଲା ।

ରାଜ୍ୟର ନ୍ୟାୟ ଓ ବିଚାର ଦାୟିତ୍ୱ ମୁଖ୍ୟ କାଜି ବହନ କରୁଥିଲେ । ପ୍ରତ୍ୟେକ ଜିଲ୍ଲାରେ ରହିଥିବା କାଜିମାନଙ୍କ ସହାୟତାରେ ସେ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ।

ସରକାର ଓ ପ୍ରଗଣା ସ୍ତରରେ ଯଥାକ୍ରମେ ମୁଖ୍ୟ ମୁନ୍‌ସିଫ୍ ଏବଂ ମୁନ୍‌ସିଫ୍ ଦିୱାନୀ ସମ୍ପର୍କିତ ମକଦ୍ଦମା ବିଚାର କରୁଥିଲେ । ସରକାର ଓ ପ୍ରଗଣାର ଫୌଜଦାରୀ ମକଦ୍ଦମାଗୁଡ଼ିକ ବିଚାର କରୁଥିଲେ ଯଥାକ୍ରମେ ମୁଖ୍ୟ ସିକ୍‌ଦାର ଓ ସିକ୍‌ଦାର । ଗ୍ରାମପଞ୍ଚାୟତ ଗ୍ରାମର ଜମି ସମ୍ବନ୍ଧୀୟ ମକଦ୍ଦମା ବିଚାର କରୁଥିଲେ । ବେତ୍ରାଘାତ, ବନ୍ଦି, ଜୋରିମାନା ଏବଂ ଅଙ୍ଗ ଛେଦନ ଆଦି ଥିଲା ଦଣ୍ଡବିଧି ।

ମୁଦ୍ରା (Currency)

ତୁର୍କ ଓ ଆଫଗାନ୍ ଶାସନ ସମୟରେ ଭେଜାଲ ମୁଦ୍ରାଗୁଡ଼ିକ ଉଠାଇ ଦେଇ ତା' ବଦଳରେ ଉତ୍କୃଷ୍ଟ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ଧାତୁରେ ନିର୍ମିତ ମୁଦ୍ରା ପ୍ରଚଳନ କରିବା ଶେର ଶାହାଙ୍କର ଥିଲା ଏକ ବିଶେଷ ଅବଦାନ । ମୁଦ୍ରାଗୁଡ଼ିକ ମଧ୍ୟରୁ କେତୋଟି ଥିଲା ବର୍ଗକ୍ଷେତ୍ର ଓ କେତୋଟି ବୃତ୍ତ ଆକୃତିର । ରୌପ୍ୟ ମୁଦ୍ରାର ଓଜନ ଥିଲା ୧୮୦ ଗ୍ରେନ । ସ୍ୱର୍ଣ୍ଣ ମୁଦ୍ରାଗୁଡ଼ିକ ୧୬୮-୫, ୧୬୭ ଓ ୧୬୬-୪ ଗ୍ରେନ ବିଶିଷ୍ଟ ଓଜନର ଥିଲା । ସ୍ୱର୍ଣ୍ଣ ମୁଦ୍ରାକୁ ଅସରଫି, ରୌପ୍ୟ ମୁଦ୍ରାକୁ ରୂପୟା ଓ ତାମ୍ର ମୁଦ୍ରାକୁ ଦମ କୁହାଯାଉଥିଲା । ମୁଦ୍ରାଗୁଡ଼ିକ ଉପରେ ଶେର ଶାହାଙ୍କ ନାମ, ଉପାଧି ଓ ମୁଦ୍ରାଶାଳାର ସ୍ଥାନ ଉତ୍କୀର୍ଣ୍ଣ କରାଯାଉଥିଲା । ମୁଦ୍ରାଗୁଡ଼ିକର ପ୍ରଚଳନ ପୂରା ମୋଗଲ ସମୟ ଏବଂ ଇଂରେଜ ଶାସନର ୧୮୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଭି. ଏ. ସ୍ମିଥ୍ ଅନୁଭବ କରିଛନ୍ତି, ''ପ୍ରଚଳିତ ବ୍ରିଟିଶ୍ ମୁଦ୍ରାର ଏହା ହେଉଛି ଆଧାର ।''

ବାଣିଜ୍ୟ ବ୍ୟବସାୟ (Trade and Commerce)

ବାଣିଜ୍ୟ ବ୍ୟବସାୟର ଉନ୍ନତି ପାଇଁ ଶେର ଶାହା କେତେକ ପଦକ୍ଷେପ ନେଇଥିଲେ । ଭିନ୍ନ ଭିନ୍ନ ସ୍ଥାନରେ ଆଦାୟ ହେଉଥିବା ବାଣିଜ୍ୟ କର ଉଠାଇଦିଆଯାଇ କେବଳ ଦୁଇଟି ସ୍ଥାନରେ ଆଦାୟ କରାଗଲା– (୧) ବାଣିଜ୍ୟ ଦ୍ରବ୍ୟ ସୋନାର ଗାଁ (ପୂର୍ବ ବଙ୍ଗ) ବା ରୋହଟାସଗଡ଼ (ପଞ୍ଜାବ) ବା କୌଣସି ସୀମାନ୍ତ ଅଞ୍ଚଳରେ ପହଞ୍ଚିବା ସ୍ଥାନ, ଓ (୨) ସାମଗ୍ରୀଗୁଡ଼ିକର ବିକ୍ରୟ ସ୍ଥାନ । ସମ୍ଭବତଃ ସାମଗ୍ରୀର ମୂଲ୍ୟ ଉପରେ ଶତକଡ଼ା ୨.୫ ଭାଗ କର ଆଦାୟ ହେଉଥିଲା । ସାରା ରାଜ୍ୟରେ ଜିନିଷପତ୍ରର ଦରଦାମ୍ ଓ ଓଜନର ସମତା ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା । ତାଙ୍କର ଏହି ସଂସ୍କାର ବାଣିଜ୍ୟ ବ୍ୟବସାୟକ୍ଷେତ୍ରରେ ବିପୁଳ ଉନ୍ନତି ଆଣିଥିଲା ।

ରାସ୍ତା ଓ ସରାଇ (Roads and Sarais)

ଶେର ଶାହା ରାସ୍ତାଘାଟ ନିର୍ମାଣ କରି ରାଜଧାନୀ ସହିତ ସାମ୍ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ସଂଯୋଗ କରିଥିଲେ । ସେ କେତେକ ନୂତନ ରାସ୍ତା ନିର୍ମାଣ କରିବା ସହିତ

ପୁରାତନ ରାସ୍ତାଗୁଡ଼ିକର ପୁନରୁଦ୍ଧାର କରିଥିଲେ । ସେ ଚାରିଗୋଟି ସୁପ୍ରସିଦ୍ଧ ରାଜପଥ ନିର୍ମାଣ କରିଥିଲେ । ବଙ୍ଗ ଦେଶର ସୋନାର ଗାଁଠାରୁ ଆଗ୍ରା, ଦିଲ୍ଲୀ ଏବଂ ଲାହୋର ଦେଇ ସିନ୍ଧୁ ନଦୀ ପର୍ଯ୍ୟନ୍ତ ପଡ଼ିଥିବା ରାଜପଥ ବା ଗ୍ରାଣ୍ଡ ଟ୍ରଙ୍କ ରୋଡ଼ ଥିଲା ଖୁବ୍ ବିସ୍ତୃତ । ଅନ୍ୟ ତିନୋଟି ରାଜପଥ ପଡ଼ିଥିଲା ଆଗ୍ରାଠାରୁ ବରହନପୁର, ଆଗ୍ରାଠାରୁ ଯୋଧପୁର ଏବଂ ଆଗ୍ରାଠାରୁ ମୁଲତାନ ପର୍ଯ୍ୟନ୍ତ । ବାଟୋଇମାନଙ୍କ ପାଇଁ ସେ ରାସ୍ତା କଡ଼ରେ ୧୭୦୦ଟି ସରାଇଘର ନିର୍ମାଣ କରିଥିବାର ଜଣାଯାଏ । ସେଠାରେ ବାଟୋଇମାନଙ୍କ ପାଇଁ ଖାଦ୍ୟ ଓ ଜଳ ଯୋଗାଇଦେବାର ବନ୍ଦୋବସ୍ତ କରାଗଲା । ସେଠାରେ ଉଭୟ ହିନ୍ଦୁ ଓ ମୁସଲିମ୍ ରୋଷେୟାଙ୍କୁ ରଖାଯାଇଥିଲା । ଏଇ ସରାଇ ଘରଗୁଡ଼ିକ ଡାକଘର ଓ ବାଣିଜ୍ୟିକ କେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେଠାରେ ଜଣେ କର୍ମଚାରୀ ରହୁଥିଲେ । ବାଟୋଇମାନଙ୍କର ବିଶ୍ରାମ ନିମିତ୍ତ ରାସ୍ତାକଡ଼ରେ ସେ ପୁରାତନ ରାଜାମାନଙ୍କ ପରି ଛାୟାପ୍ରଦ ବୃକ୍ଷ ରୋପଣ କରିଥିଲେ ଓ କୂପ ଖନନ କରିଥିଲେ । ତାଙ୍କୁ ପ୍ରଶଂସା କରି କାନୁନ୍‌ଗୋ କହିଛନ୍ତି, ''ସେ ରାସ୍ତାଗୁଡ଼ିକ ସାମ୍ରାଜ୍ୟର ପ୍ରକୃତ ଧମନୀ ରୂପେ ସେ ପର୍ଯ୍ୟନ୍ତ ଅବଶ ହୋଇପଡ଼ିଥିବା ଅଙ୍ଗରେ ନୂତନ ଜୀବନ ସଞ୍ଚାର କରିଥିଲା ।''

ନିର୍ମାଣକୃତୀ (Building Activity)

ଶେର ଶାହା ଥିଲେ ଜଣେ ପ୍ରସିଦ୍ଧ ନିର୍ମାତା । ତାଙ୍କ ସମୟରେ ଇନ୍ଦୋ-ସେରାସେନିକ (Indo-Ceracenic) ସ୍ଥାପତ୍ୟ ଶୈଳୀର ସମନ୍ୱୟ ଘଟିଲା । ବିହାରର ସାସାରାମଠାରେ ନିର୍ମିତ ତାଙ୍କର ସମାଧି ସ୍ତମ୍ଭ ଶେର ଶାହାଙ୍କ ସ୍ଥାପତ୍ୟ ପ୍ରତି ଅନୁରାଗ ଦର୍ଶାଇଥାଏ । ପର୍ଶିବ୍ରାଉନ ଏହି ଅଟ୍ଟାଳିକାଟିକୁ ଭୂୟଶୀ ପ୍ରଶଂସା କରିଛନ୍ତି । କାନୁନ୍‌ଗୋ ମଧ୍ୟ ଏହି ଅଟ୍ଟାଳିକାଟିରେ ଧର୍ମନିରପେକ୍ଷତାର ଛାପ ପଡ଼ିଛି ବୋଲି କହିଛନ୍ତି; ଅର୍ଥାତ୍ ଏହାର ବହିର୍ଦ୍ଦେଶରୁ ଇସ୍‌ଲାମୀୟ ଓ ଅଭ୍ୟନ୍ତରରେ ହିନ୍ଦୁ ଶୈଳୀ ପ୍ରତିଭାତ ହୋଇଥିଲା । ଶେର ଶାହାଙ୍କର ଅନ୍ୟ ଏକ ନିର୍ମାଣ କୃତୀ ହେଲା ଝେଲମ ନଦୀ କୂଳରେ ଅବସ୍ଥିତ ରୋହଟାସ ଦୁର୍ଗ । ତାଙ୍କର ପୁରୁଣା କିଲ୍ଲା ଓ ତା' ମଧ୍ୟରେ ଥିବା ମସ୍‌ଜିଦ ଉଚ୍ଚକୋଟୀର ସ୍ଥାପତ୍ୟ କଳାର ପରିଚୟ ଦିଏ । ପୁରୁଣା କିଲ୍ଲାର ନିର୍ମାଣ ଶୈଳୀକୁ ପ୍ରଶଂସା କରି ଫର୍ଗୁସନ କହିଛନ୍ତି, ''ଶେର ଶାହାଙ୍କ ସମୟରେ ଏହା ସର୍ବଶ୍ରେଷ୍ଠ ନିର୍ମାଣ କୃତୀ ।''

ଧର୍ମନୀତି (Religious Policy)

ଶେର ଶାହା ଜଣେ କଠୋର ସୁନ୍ନୀ ମୁସଲମାନ୍ ଥିଲେ । ଇସ୍‌ଲାମ୍‌ର ନିୟମଗୁଡ଼ିକ ସେ ବ୍ୟକ୍ତିଗତ ଭାବରେ ପାଳନ କରୁଥିଲେ । କେତେକ ଐତିହାସିକଙ୍କ ମତରେ, ଶେର ଶାହାଙ୍କର ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ ଭାବ ଥିଲା । ଏସ. ଆର. ଶର୍ମା କହିଛନ୍ତି, ''ଶେର

ଶାହାଙ୍କ ଧର୍ମନୀତି ତାଙ୍କର ପୂର୍ବବର୍ତ୍ତୀ ତୁର୍କ ଆଫଗାନ୍ ଶାସକମାନଙ୍କ ଠାରୁ ଭିନ୍ନ ନଥିଲା । ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ତାଙ୍କ ମନ ଭିତରେ ସ୍ଥାନ ପାଇନଥିଲା ବୋଲି କୁହାଯାଇ ପାରିବ ନାହିଁ । ସେହି ସାମ୍ପ୍ରଦାୟିକତା ଯୋଗୁଁ ରାୟସିନର ହିନ୍ଦୁରାଜା ପୁରାଣ ମଲ୍ଲ ଓ ମାରବାରର ମାଳଦେବଙ୍କ ବିରୁଦ୍ଧରେ ସେ ଯୁଦ୍ଧ କରିଥିଲେ । ଯୋଧପୁର ମନ୍ଦିର ସ୍ଥାନରେ ସେ ମସ୍‌ଜିଦ ନିର୍ମାଣ କରିଥିଲେ । ହିନ୍ଦୁମାନଙ୍କୁ ଜିଜିୟାକର ପ୍ରଦାନରୁ ସେ ନିବୃତ୍ତ କରିନଥିଲେ ।''

କାନୁନ୍‌ଗୋ, ଆର. ପି. ତ୍ରିପାଠୀ ଏବଂ ଓ୍ୱେଲସଲି ହେଗ୍‌ଙ୍କ ସହିତ ଅନ୍ୟ କେତେକ ବିଖ୍ୟାତ ଐତିହାସିକ ମତ ଦିଅନ୍ତି ଯେ ଶେର ଶାହା ହିନ୍ଦୁ ଧର୍ମ ପ୍ରତି ଅସହିଷ୍ଣୁ ନଥିଲେ । ଆର. ପି. ତ୍ରିପାଠୀ ଲେଖିଛନ୍ତି, ''ଶେର ଶାହା ଜଣେ ସହିଷ୍ଣୁ ରାଜା ଥିଲେ ଯାହା ଧର୍ମ, ସାହିତ୍ୟ ଓ ସୂକ୍ଷ୍ମକଳା କ୍ଷେତ୍ରରେ ନେଇଥିବା ତାଙ୍କ ପଦକ୍ଷେପ ଦ୍ୱାରା ପ୍ରମାଣିତ ହୁଏ ।'' ହିନ୍ଦୁମାନଙ୍କର ଧର୍ମ ବା ସାମାଜିକ ବ୍ୟାପାରରେ ସେ ହସ୍ତକ୍ଷେପ କରିନଥିଲେ । ବ୍ରହ୍ମଜିତ ଗୌଡ଼ ନାମକ ଜଣେ ହିନ୍ଦୁ ତାଙ୍କର ସେନାପତି ଥିଲେ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଶେର ଶାହା ହିନ୍ଦୁମାନଙ୍କ ପ୍ରତି ଅତିଶୟ ଉଦାର ନଥିଲେ କିମ୍ବା ତାଙ୍କର ଅନ୍ୟ ଧର୍ମ ପ୍ରତି ସମ୍ପୂର୍ଣ୍ଣ ବିଦ୍ୱେଷ ଭାବ ନଥିଲା । ସେ ଥିଲେ ଜଣେ ଚତୁର ଓ ସୁବିଧାବାଦୀ ରାଜନୀତିଜ୍ଞ । ଗୋଟିଏ ହିନ୍ଦୁରାଜ୍ୟରେ ହିନ୍ଦୁମାନଙ୍କୁ ବିରୋଧ କରିବାର କୁ-ପରିଣାମ କ'ଣ ହେବ, ଏକଥା ସେ ଅନୁଭବ କରିପାରୁଥିଲେ, ଯେଉଁଠି ମୋଗଲମାନେ ମଧ୍ୟ ଥିଲେ ତାଙ୍କର ଶତ୍ରୁ । ସେ ଜାଣିଥିଲେ ଯେ ଏକ ବଡ଼ ସାମ୍ରାଜ୍ୟ ଗଠନ କରିବା ହିନ୍ଦୁମାନଙ୍କର ସହାୟତା ବିନା ଅସମ୍ଭବ । ତାଙ୍କର ଅଧିକାଂଶ ସମୟ କେବଳ ଯୁଦ୍ଧ ଓ ରାଜ୍ୟ ଜୟରେ କଟିଗଲା । ତେଣୁ ଅନ୍ୟ ଧର୍ମ ଉପରେ ତାଙ୍କର ସ୍ପଷ୍ଟ ମନୋଭାବ ଜଣାପଡ଼ିନଥିଲା ।

ଶେର ଶାହାଙ୍କ କୃତିତ୍ୱର ମୂଲ୍ୟାୟନ (Estimate of Sher Shah)

ମଧ୍ୟଯୁଗୀୟ ଭାରତ ଇତିହାସରେ ବର୍ଣ୍ଣିତ ସମ୍ରାଟମାନଙ୍କ ମଧ୍ୟରେ ଶେର ଶାହା ଏକ ଉଚ୍ଚତର ସ୍ଥାନ ଅଧିକାର କରିଛନ୍ତି । ସାମାନ୍ୟ ଜଣେ ଜାଗିରିଦାରଙ୍କ ପୁତ୍ର ରୂପେ ଜନ୍ମ ନେଇ ବିମାତା ଓ ବିମାତା ପୁତ୍ରଙ୍କ ଅତ୍ୟାଚାରରେ ବାଲ୍ୟକାଳ ଅତିବାହିତ କରି ସେ ଯେପରି ଭାବରେ ଏକ ବିଶାଳ ସାମ୍ରାଜ୍ୟ ଗଢ଼ିପାରିଲେ ଇତିହାସରେ ତା'ର ପଟାନ୍ତର ନାହିଁ । ଆର. ପି. ତ୍ରିପାଠୀ ଲେଖିଛନ୍ତି, ''ଦାରିଦ୍ର୍ୟଠାରୁ ଆରମ୍ଭ କରି ନିଜର ନିର୍ଭୀକତା, କାର୍ଯ୍ୟ ଦକ୍ଷତା, ଏକାଗ୍ରତା ଓ ଖଡ଼୍‌ଗ ଶକ୍ତି ବଳରେ ଯେଉଁ କେତେଜଣ ପୂଜନୀୟ ବ୍ୟକ୍ତି ଜୀବନର ଶେଷ ସୋପାନକୁ ଉତ୍‌ଥିତ ହୋଇଥିଲେ, ସେମାନଙ୍କ ମଧ୍ୟରେ ଶେର ଶାହା ଥିଲେ ଅନ୍ୟତମ ।'' ଅନ୍ୟକୁ ଆକର୍ଷିତ କରିବା ପରି ବିଶେଷ ଗୁଣ ତାଙ୍କର ନଥିଲା; କିନ୍ତୁ ତାଙ୍କର ଥିଲା ନିଜ ଲକ୍ଷ୍ୟରେ ପହଞ୍ଚିବା ନିମିତ୍ତ ଅଦମ୍ୟ ଇଚ୍ଛା ଶକ୍ତି ।

ଶେର ଶାହାଙ୍କ ବାଲ୍ୟକାଳ ଦୁଃଖ ଓ ଅତ୍ୟାଚାର ଭିତରେ କଟିଥିଲା । ଉଭୟ ପିତା ଓ ମାତାଙ୍କଠାରୁ ସେ ସ୍ନେହ ପାଇନଥିଲେ । ତେଣୁ ପିତାଙ୍କ ପ୍ରତି ସେ ଉଚିତ କର୍ତ୍ତବ୍ୟ ସମ୍ପାଦନ କରିନଥିଲେ, ମାତାଙ୍କ ପ୍ରତି ମଧ୍ୟ ତାଙ୍କର ମନୋଭାବ କ'ଣ ଥିଲା ତାହା ଖୁବ୍ କ୍ୱଚିତ ଜଣାଯାଏ । ସ୍ତ୍ରୀମାନଙ୍କ ପ୍ରତି ତାଙ୍କର ପ୍ରେମ ନଥିଲା, ପିଲାମାନଙ୍କ ପ୍ରତି ମଧ୍ୟ ସେ ସ୍ୱତନ୍ତ୍ର ସ୍ନେହ ଦେଖାଉନଥିଲେ । ସମ୍ଭବତଃ ସେ ସ୍ୱାର୍ଥବାଦୀ (Utilitarian) ଥିଲେ । ସେ ଜଣେ ବିଦ୍ୱାନ୍ ନଥିଲେ, ଯଦିଚ ତାଙ୍କର ଆରବୀ ଓ ପାରସିକ ଭାଷା ଉପରେ ଖୁବ୍ ଜ୍ଞାନ ଥିଲା ଏବଂ ଇତିହାସ ଅଧ୍ୟୟନ କରି ସେ ଉତ୍ସାହିତ ହେଉଥିଲେ । ସେ ବିଦ୍ୱାନ୍‌ମାନଙ୍କର ପୃଷ୍ଠପୋଷକତା କରୁଥିଲେ । ସେ ଜଣେ ସଚ୍ଚା ମୁସଲମାନ୍ ଥିଲେ ଏବଂ ପ୍ରତିଦିନ କୋରାନ୍ ପାଠ କରୁଥିଲେ । ତା' ସହିତ ସେ ଥିଲେ ଜଣେ ବିଖ୍ୟାତ ନିର୍ମାତା ।

ଶେର ଶାହା ବୃତ୍ତିରେ ସୈନିକ ଥିଲେ; ଜଣେ ସେନାପତିଙ୍କ ପୁତ୍ର ରୂପେ ସେ ଅସ୍ତ୍ରଶସ୍ତ୍ର ଚଳାଇବା ଶିକ୍ଷା କରିଥିଲେ । ତାଙ୍କ ପିତାଙ୍କ ଜାଗିରିର ବିଦ୍ରୋହୀ ଜମିଦାରମାନଙ୍କୁ ପରାସ୍ତ କରିବା କାର୍ଯ୍ୟରୁ ଜଣାଯାଏ ସେ ଜଣେ ଅଭିଜ୍ଞ ସୈନିକ ଥିଲେ । ଜଣେ ସୈନିକର ସାହସ, ଶୌର୍ଯ୍ୟ, ଅସାଧାରଣ ଧୈର୍ଯ୍ୟଶକ୍ତି ଏବଂ କାର୍ଯ୍ୟକଳାପ ତାଙ୍କଠାରେ ଦେଖାଯାଇଥିଲା । ଜଣେ ଅଭିଜ୍ଞ ସେନାପତି ରୂପେ ସେ ନିଜକୁ ପ୍ରତିପାଦନ କରିପାରିଥିଲେ । ଯୁଦ୍ଧକ୍ଷେତ୍ରରେ ଜଣେ ସେନାପତିର ଉତ୍ସାହ, କୌଶଳ ଓ ବୀରତ୍ୱ ପ୍ରଦର୍ଶନ କରି ସେ ଗୋଟିଏ ପରେ ଗୋଟିଏ ଯୁଦ୍ଧ ଜୟ କରୁଥିଲେ । ସୈନ୍ୟମାନଙ୍କ ସହିତ ସେ ନିବିଡ଼ ଭାବରେ ମିଶୁଥିଲେ ଓ ସେମାନଙ୍କ ସୁଖଦୁଃଖରେ ନିଜେ ଅଂଶଗ୍ରହଣ କରୁଥିଲେ । ଭଲ ବା ମନ୍ଦ ଉପାୟ ହେଉ, ସମସ୍ତ ତୁର୍କ ଓ ଆଫଗାନ୍‌ଙ୍କ ପରି ସେ ସର୍ବଦା ଜିତିବା ନିମିତ୍ତ ଯୁଦ୍ଧ କରୁଥିଲେ ।

ଶେର ଶାହା ଶାସନକ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ଲେନ୍‌ପୋଲ୍ କହିଛନ୍ତି, ''ଶାସନକ୍ଷେତ୍ରରେ ଆକବରଙ୍କ ପଦକ୍ଷେପଗୁଡ଼ିକର ଉତ୍ସ ଥିଲା ଶେର ଶାହାଙ୍କର ଶାସନ ସଂସ୍କାର ।'' ତାଙ୍କର ଶାସନରେ ପୁନଃ ସଂଗଠନ, ଭୂ-ରାଜସ୍ୱ, ବନ୍ଦୋବସ୍ତ ଏବଂ ମୁଦ୍ରାନୀତି ଓ ବାଣିଜ୍ୟିକ ସଂସ୍କାର ମଧ୍ୟଯୁଗୀୟ ରାଜାମାନଙ୍କ ଭିତରେ ତାଙ୍କୁ ଏକ ଉଚ୍ଚ ଆସନ ପ୍ରଦାନ କରେ । ପୁରାତନ ଓ ଜୀର୍ଣ୍ଣପ୍ରାୟ ରାଜନୀତିକ ଅନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର କରି ସେଗୁଡ଼ିକୁ ଲୋକମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ସକ୍ରିୟ କରିବାରେ ସେ ସଫଳତା ହାସଲ କରିଥିଲେ । କୃଷକମାନଙ୍କ ଅଧିକାରର ସୁରକ୍ଷା ପାଇଁ ସେ ସର୍ବଦା ସଜାଗ ଥିଲେ ଏବଂ ସେମାନଙ୍କର କ୍ଷତି କରୁଥିବା ଲୋକମାନଙ୍କୁ ସେ ଦଣ୍ଡିତ କରୁଥିଲେ । ଉତ୍ତମ ଶାସନ ପାଇଁ ସେ ଆବଶ୍ୟକସ୍ଥଳେ ହିନ୍ଦୁମାନଙ୍କର ସହଯୋଗ କାମନା କରୁଥିଲେ । ନିଜେ ଶେର ଶାହା ଥିଲେ ଜଣେ ସୁ-ବିଚାରକ । ସେ ଏପରି ନିରପେକ୍ଷ ନ୍ୟାୟ ଦାନ କରୁଥିଲେ ଯେ ଯେତେ

କ୍ଷମତାଶାଳୀ ଅମୀର ବା ସମ୍ପର୍କୀୟ ହୁଅନ୍ତୁ, ଦଣ୍ଡରୁ କେହି ମୁକ୍ତି ପାଇପାରୁ ନଥିଲେ। ପ୍ରାଚୀନ ରାଜାମାନଙ୍କ ପରି ସେ ଲୋକହିତକର କାର୍ଯ୍ୟରେ ମନୋନିବେଶ କରିଥିଲେ । ଏହି କାର୍ଯ୍ୟରେ ସରକାରଙ୍କର ଏକ ବଡ଼ ଅଂଶ ଖର୍ଚ୍ଚ ହେଉଥିଲା । ଦରିଦ୍ର ଓ ଅସହାୟଙ୍କୁ ସ୍ୱତନ୍ତ୍ର ଭାବରେ ସାହାଯ୍ୟ କରାଯାଉଥିଲା ।

ତାଙ୍କର ଲକ୍ଷ୍ୟ ସାଧନରେ ଯେ ଶେର ଶାହା ପ୍ରତାରଣା ଓ ବିଶ୍ୱାସଘାତକତାର ଆଶ୍ରୟ ନେଉନଥିଲେ ତା' ନୁହେଁ; କିନ୍ତୁ ତାଙ୍କର ଏ କୁ-କାର୍ଯ୍ୟ ତାଙ୍କ ସଫଳତାର ଚାକଚକ୍ୟ ଭିତରେ ମ୍ଲାନ ପଡ଼ିଯାଇଥିଲା । ଏସବୁ କୃତିତ୍ୱ ଯୋଗୁଁ ବିଶ୍ୱ ଇତିହାସରେ ମଧ୍ୟ ସେ ସ୍ଥାନ ଅଧିକାର କରିଛନ୍ତି । କେତେକ ଆଧୁନିକ ଐତିହାସିକ ଶେର ଶାହାଙ୍କ ଜ୍ଞାନ ଓ ସାମର୍ଥ୍ୟକୁ ଉଚ୍ଚ ଭାଷାରେ ମୂଲ୍ୟାଙ୍କନ କରିଛନ୍ତି । ଜେ. ଏନ୍. ସରକାର ଲେଖିଛନ୍ତି, "ସେମାନଙ୍କ ଘରର ଅବସ୍ଥା, ବାଲ୍ୟକାଳ ଓ ତାଲିମରେ ଏବଂ ଗୁଣର ବିକାଶରେ ଶାହାଜୀ ଭୌଁସଲାଙ୍କ ପୂର୍ବରୁ ଜଣାପଡ଼ିଥିବା ପୁତ୍ର ଓ ହାସାନ ସୂରଙ୍କ ପୁତ୍ର ପୂରାପୂରି ସମାନ ଥିଲେ ଓ ସେମାନେ ସମାନ ସୋପାନରେ ସିଂହାସନ ଆରୋହଣ କରିଥିଲେ । ଶିବାଜୀ ଓ ଶେର ଶାହା କେବଳ ଗୁଣ ଓ ପ୍ରତିଭାରେ ସମାନ ନଥିଲେ; କିନ୍ତୁ ସେମାନେ ଏକ ସମପରିବେଶ ମଧ୍ୟରେ ବଢ଼ିଥିଲେ ।"

●

ଚତୁର୍ଥ ଅଧ୍ୟାୟ

ଆକବର

(Akbar)

ସାମ୍ରାଜ୍ୟ ବିସ୍ତାର, ରାଜପୁତ୍ ନୀତି, ଧର୍ମନୀତି ଏବଂ ଶାସନ

(Expansion of Empire, Rajput Policy, Religious Policy and Administration)

ହୁମାୟୁନଙ୍କ ନିର୍ବାସନ ସମୟରେ, ଅମରକୋଟ ରାଜା ବୀରସାଲଙ୍କ ପ୍ରାସାଦରେ ୧୫୪୨ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ୧୫ ତାରିଖ ଦିନ ହୁମାୟୁନଙ୍କ ବେଗମ ହାମିଦବାନୁଙ୍କ ଠାରୁ ଜନ୍ମ ହୋଇଥିଲେ ମହାନ୍ ସମ୍ରାଟ ଆକବର । ତାଙ୍କର ପୂରାନାମ ଥିଲା ଜଲାଲୁଦ୍ଦୀନ ମହମ୍ମଦ ଆକବର । ତାଙ୍କର ଶିଶୁ ଅବସ୍ଥା ଅବହେଳା ଓ ଦୁର୍ଦ୍ଦଶା ମଧ୍ୟରେ ଅତିବାହିତ ହୋଇଥିଲା । ତାଙ୍କର ଶିକ୍ଷକ ପୀର ମହମ୍ମଦ ଓ ବୈରାମ ଖାଁ ଆକବରଙ୍କୁ ଶିକ୍ଷା ଦାନ କରି ପାରିନଥିଲେ, କାରଣ ଶିକ୍ଷା ପ୍ରତି ତାଙ୍କର ସ୍ପୃହା ନଥିଲା; ମାତ୍ର ଆକବର ଅସ୍ତ୍ରଚାଳନା, ଅଶ୍ୱାରୋହଣ ଓ ସାମରିକ କୌଶଳ ଶିକ୍ଷା କରିଥିଲେ । ୧୫୫୧ ଖ୍ରୀଷ୍ଟାବ୍ଦରେ ସେ ଗଜନୀର ଶାସନକର୍ତ୍ତା ଓ ଏହାପରେ ପଞ୍ଜାବର ଗଭର୍ଣ୍ଣରଭାବେ ନିଯୁକ୍ତି ପାଇଥିଲେ । ହୁମାୟୁନଙ୍କ ମୃତ୍ୟୁ ପରେ ୧୫୫୬ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୧୫ ତାରିଖ ଦିନ ପଞ୍ଜାବର ଗୁରୁଦାସପୁର ଜିଲ୍ଲା ଅନ୍ତର୍ଗତ କର୍ଣ୍ଣେଲ ନାମକ ସ୍ଥାନରେ ସମ୍ରାଟ ରୂପେ ସେ ଅଭିଷିକ୍ତ ହୋଇଥିଲେ । ସେତେବେଳେ ସେ ଥିଲେ ମାତ୍ର ୧୪ ବର୍ଷର ବାଳକ, ବୈରାମ ଖାଁ ହୋଇଥିଲେ ତାଙ୍କର ଅଭିଭାବକ ।

୧୫୫୬ ଖ୍ରୀଷ୍ଟାବ୍ଦରେ ଭାରତର ଅବସ୍ଥା (Condition of India in 1556)

୧୫୫୬ ଖ୍ରୀଷ୍ଟାବ୍ଦରେ ଭାରତରେ ପ୍ରତିନିଧିତ୍ୱ କରୁଥିଲା ଏକ ଅନ୍ଧକାର ଏବଂ ଏକ ଜଟିଳ ଦୃଶ୍ୟପଟ । ଭାରତର ବିଭିନ୍ନ ଭାଗରେ ପ୍ରତ୍ୟେକ ସ୍ୱାଧୀନ ରାଜ୍ୟ କ୍ଷମତା ପାଇଁ ପରସ୍ପର ମଧ୍ୟରେ ସର୍ବଦା ପ୍ରତିଯୋଗିତାରେ ଲିପ୍ତ ରହୁଥିଲେ । ଆକବର ନାମକୁ ମାତ୍ର ପଞ୍ଜାବର ଏକ କ୍ଷୁଦ୍ର ଅଞ୍ଚଳରେ ଶାସନ କରୁଥିଲେ । ପଞ୍ଜାବ ଅଧିକାର କରିବାରେ ମଧ୍ୟ

ତାଙ୍କର ସିକନ୍ଦର ସୁରଙ୍କ ସହିତ ଶତ୍ରୁତା ବୃଦ୍ଧି ହେଉଥିଲା । ହୁମାୟୁନଙ୍କ ବିୟୋଗ ପରେ ସଙ୍ଗେ ସଙ୍ଗେ ହିମୁ ଆଗ୍ରା ଓ ଦିଲ୍ଲୀ ଅଧିକାର କରିଥିଲେ । ଆକବରଙ୍କ ବୈମାତ୍ରେୟ ଭ୍ରାତା ମୀର୍ଜା ମହମ୍ମଦ ହାକିମ୍ ପ୍ରାୟ ସ୍ୱାଧୀନ ରୂପେ କାବୁଲ୍ ଶାସନ କରୁଥିଲେ । କାଶ୍ମୀର ଥିଲା ଏକ ମୁସଲମାନ୍ ରାଜବଂଶ ଅଧୀନରେ । ହିମାଳୟ ରାଜ୍ୟଗୁଡ଼ିକ ସ୍ୱାଧୀନ ଥିଲା । ସିନ୍ଧୁ ଓ ମୁଲତାନ ଅଞ୍ଚଳ ମୋଗଲ ସାମ୍ରାଜ୍ୟରୁ ପୃଥକ୍ ହୋଇଯାଇଥିଲା । ସୁର ରାଜବଂଶର ଶାସକ ମହମ୍ମଦ ଆଦିଲଙ୍କ ଦ୍ୱାରା ବଙ୍ଗଳା ଶାସିତ ହେବାକୁ ଲାଗିଲା । ଓଡ଼ିଶା, ମାଲୱା, ଗୁଜୁରାଟ ଓ ଗଣ୍ଡୱାନା ପ୍ରଭୃତି ଅଞ୍ଚଳ କୌଣସି ସମ୍ରାଟଙ୍କର ନିୟନ୍ତ୍ରଣରେ ନଥିଲା । ମେବାର, ବୁନ୍ଦି ଓ ଯୋଧପୁର ପ୍ରଭୃତି ରାଜ୍ୟଗୁଡ଼ିକ ରାଜପୁତ୍‌ମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଖାନ୍ଦେଶ, ବେରାର, ବିଦାର, ଅହମଦନଗର ଆଦି ରାଜ୍ୟଗୁଡ଼ିକରେ ମୁସଲମାନ୍ ଶାସକମାନେ ଶାସନ କରୁଥିଲେ । ଉତ୍ତରଭାରତ ରାଜନୀତିରେ ଅଂଶଗ୍ରହଣ କରିବାକୁ ସେମାନଙ୍କର ଉତ୍ସାହ ନଥିଲା । ବିନ୍ଧ୍ୟର ଦକ୍ଷିଣରେ ବିସ୍ତୃତ ଥିଲା ବିଜୟନଗର ସାମ୍ରାଜ୍ୟ । ଏହି ରାଜ୍ୟଗୁଡ଼ିକର ଭାଗ୍ୟ କେବଳ ଖଣ୍ଡା ଦ୍ୱାରା ହିଁ ଧାରଣ କରାଯାଉଥିଲା । ଦେଶର ଆର୍ଥନୀତିକ ଅବସ୍ଥା ମଧ୍ୟ ଖୁବ୍ ଶୋଚନୀୟ ଥିଲା । ଦିଲ୍ଲୀରେ ଦୁର୍ଭିକ୍ଷ ପଡ଼ିବାରୁ ହଜାର ହଜାର ଲୋକଙ୍କର ପ୍ରାଣହାନି ଘଟିଥିଲା । ହିନ୍ଦୁସ୍ଥାନର ବଡ଼ ବଡ଼ ସହରରେ ମହାମାରୀ ଦ୍ୱାରା ଅନେକ ଲୋକ ମୃତାହତ ହୋଇଥିଲେ । ବରାନୀ କହିଛନ୍ତି, ଶବଗୁଡ଼ିକୁ କବରଭୁକ୍ତ କରାଯାଇପାରୁନଥିଲା ଓ ପେଟ ବିକଳରେ ଲୋକେ ସାଙ୍ଗସାଥୀମାନଙ୍କର ମାଂସ ଭକ୍ଷଣ କରୁଥିଲେ ।

ଏହିପରି ପ୍ରତିକୂଳ ଅବସ୍ଥାକୁ ସମ୍ମୁଖୀନ ହେବା ପରି ଆକବରଙ୍କର ଅସାଧାରଣ ସାମର୍ଥ୍ୟ ଓ ବିଚକ୍ଷଣତା ରହିଥିଲା, ଯଦିଚ ତାଙ୍କର ବୟସ ତେର ବର୍ଷରୁ ସାମାନ୍ୟ ଅଧିକ ଥିଲା । ଏହି କ୍ଷେତ୍ରରେ ତାଙ୍କୁ ସାହାଯ୍ୟ ମିଳିଥିଲା ଅଶେଷ ଅନୁରକ୍ତସମ୍ପନ୍ନ ତାଙ୍କର ଅଭିଭାବକ ବୈରାମ ଖାଁଙ୍କ ଠାରୁ । ସ୍ମିଥ୍ ଲେଖିଛନ୍ତି, "ଆକବର ନାମରେ ଓ ବାସ୍ତବରେ ପାଦଶାହ (Padshah) ହେବା ପୂର୍ବରୁ ତାଙ୍କୁ ନିଜକୁ ପ୍ରମାଣ କରିଦେବାକୁ ପଡ଼ିଥିଲା ଯେ ସିଂହାସନ ଏବଂ ଅତି କମ୍‌ରେ ପିତା ହରାଇଥିବା ରାଜ୍ୟ ଫେରି ପାଇବା ପାଇଁ ତାଙ୍କ ବିରୋଧୀ ଦାବିଦାରମାନଙ୍କଠାରୁ ସେ ଅଧିକତର ଉତ୍କୃଷ୍ଟ ଥିଲେ ।"

ହିମୁ ଓ ଦ୍ୱିତୀୟ ପାନିପଥ ଯୁଦ୍ଧ, ୧୫୫୬
(Himu and the Second Battle of Panipat)

ଆକବର ପ୍ରଥମେ ସୁର ଆଫଗାନ୍ ଆଦିଲଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ତାଙ୍କ ସାଥୀରେ ଥିଲେ ଜନୈକ ହିନ୍ଦୁ, ହିମୁ । ତାଙ୍କଠାରେ ଭରି ରହିଥିଲା ଏକ

ଦୃଢ଼ ସାଂଗଠନିକ ଶକ୍ତି ଓ ଅସାଧାରଣ ପ୍ରଶାସନିକ ସାମର୍ଥ୍ୟ । ସେ ନେତୃତ୍ୱ ନେଇଥିବା ୨୪ଥର ଯୁଦ୍ଧରୁ ୨୨ଥର ତାଙ୍କ ପ୍ରଭୁଙ୍କୁ ବିଜୟ ବିମଣ୍ଡିତ କରିପାରିଥିଲେ । ୫୦୦୦ ଅଶ୍ୱାରୋହୀ ଓ ୫୦୦ ହସ୍ତୀଙ୍କ ସହିତ ଆଗ୍ରା ଅଧିକାର କରିବାକୁ ଆଦିଲ ହିମୁଙ୍କୁ ପ୍ରେରଣ କରିଥିଲେ । ହିମୁ ଆଗ୍ରାର ଗଭର୍ଣ୍ଣର ଇସ୍କନ୍ଦର ଖାଁ (Iskandar Khan)ଙ୍କ ଠାରୁ ବିନା ଯୁଦ୍ଧରେ ଆଗ୍ରା ଅଧିକାର କଲେ ଓ ଦିଲ୍ଲୀ ଦିଗକୁ ମୁହାଁଇଥିଲେ । ଦିଲ୍ଲୀର ଗଭର୍ଣ୍ଣର ଥିଲେ ତାର୍‌ଦି ବେଗ୍ (Tardi Beg) । ସେ ତୋଗଲକବାଦଠାରେ ଏକ କ୍ଷୀଣ ପ୍ରତିରୋଧ ଦେଇ ପଛଘୁଞ୍ଚା ଦେଇଥିଲେ । ସମ୍ଭଲର ଗଭର୍ଣ୍ଣର ଆଲିକୁଲି ତାଙ୍କ ଦାୟିତ୍ୱ ଛାଡ଼ି ପଳାୟନ କରିଥିଲେ । ଫଳରେ ଗ୍ୱାଲିଅରଠାରୁ ସତଲେଜ ନଦୀ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ହିମୁଙ୍କ ନିୟନ୍ତ୍ରଣକୁ ଆସିଥିଲା । ସେ ମଧ୍ୟ ହିନ୍ଦୁସ୍ଥାନରେ ଏକ ସାମ୍ରାଜ୍ୟ ଗଠନ କରିବା ପାଇଁ ଆଶାୟୀ ହେଲେ । ତା'ପରେ ସେ ଦିଲ୍ଲୀଠାରେ ମହାରାଜ ବିକ୍ରମାଦିତ୍ୟ ଉପାଧି ଧାରଣ କରି ସ୍ୱାଧୀନ ରୂପେ କାର୍ଯ୍ୟ କଲେ । ଦିଲ୍ଲୀରେ ନିଜର ଆସନ ଦୃଢ଼ କରିବା ପାଇଁ ହିମୁ ଲାଭକରିଥିବା ଧନ ଆଫଗାନ୍ କର୍ମଚାରୀ ଓ ସୈନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ ।

ବୈରାମ ଖାଁ ଦିଲ୍ଲୀ ପୁନଃ ଅଧିକାର କରିବାକୁ ନିଷ୍ପତ୍ତି ନେଲେ ଏବଂ ଆକବର ଏଥିରେ ସମ୍ମତି ପ୍ରଦାନ କରିଥିଲେ । ସିରିହିନ୍ଦଠାରେ ଆଗ୍ରା, ଦିଲ୍ଲୀ ଓ ସମ୍ଭଲର ଗଭର୍ଣ୍ଣରମାନେ ଆକବରଙ୍କ ସହିତ ମିଶିଥିଲେ ଓ ଉପଦେଶ ଦେଲେ ଯେ ସେ କାବୁଲକୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ଏଥିରେ ଉତ୍‌କ୍ଷିପ୍ତ ହୋଇ ବୈରାମ ଖାଁ ତାର୍‌ଦି ବେଗଙ୍କୁ ହତ୍ୟା କଲେ । ଏ ପ୍ରକାର ହତ୍ୟାଯୋଗୁଁ ସେ ଐତିହାସିକମାନଙ୍କ ଦ୍ୱାରା ନିନ୍ଦିତ ହୋଇଛନ୍ତି । ମାତ୍ର କେତେକ କହିଛନ୍ତି ଯେ ସୈନ୍ୟମାନଙ୍କ ମନରେ ବିଶ୍ୱାସ ଫେରାଇ ଆଣିବା ଓ ରାଜଦ୍ରୋହ ବନ୍ଦ କରିବା ଲକ୍ଷ୍ୟରେ ବୈରାମ ଏ କାର୍ଯ୍ୟ କରିଥିଲେ । ମୋଗଲମାନଙ୍କୁ ବାଧା ଦେବା ନିମିତ୍ତ ହିମୁ ଐତିହାସିକ ପାନିପଥଠାରେ ବିପୁଳ ସୈନ୍ୟ ସମାବେଶ କରିଥିଲେ । ବୈରାମ ଖାଁ ୧୦୦୦୦ ଶକ୍ତିଶାଳୀ ମୋଗଲ ସୈନ୍ୟଙ୍କୁ ଧରି ପାନିପଥଠାରେ ପହଞ୍ଚିଥିଲେ । ହିମୁଙ୍କର ବିଶାଳ ବାହିନୀ ଦେଖି ମୋଗଲମାନେ ବିସ୍ମିତ ତଥା ଭଗ୍ନୋତ୍ସାହ ହୋଇଯାଇଥିଲେ । ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ମୋଗଲମାନଙ୍କର ଅନ୍ୟ ସେନାପତିମାନେ ହେଲେ ଆଲିକୁଲି ଖାଁ, ସିକନ୍ଦର ଖାଁ ଏବଂ ଅବଦୁଲ୍ଲା ଖାଁ । ହିମୁଙ୍କର ଯୁଦ୍ଧ କରିବା ବାହିନୀ ମଧ୍ୟରେ ଥିଲେ ୩୦୦୦୦ ରାଜପୁତ ଓ ଆଫଗାନ୍ ଅଶ୍ୱାରୋହୀ ଏବଂ ୫୦୦ ଯୁଦ୍ଧହସ୍ତୀ; କିନ୍ତୁ ତାଙ୍କର ବନ୍ଧୁକ ନଥିଲା ।

ଏହିପରି ୧୫୫୬ ଖ୍ରୀଷ୍ଟାବ୍ଦ ନଭେମ୍ବର ୫ ତାରିଖ ଦିନ ଉଭୟ ପକ୍ଷ ମଧ୍ୟରେ ତୁମୁଳ ସଂଗ୍ରାମ ଆରମ୍ଭ ହୋଇଥିଲା । ହିମୁଙ୍କ ସୈନ୍ୟମାନେ ମୋଗଲମାନଙ୍କୁ ବାମ ଓ ଦକ୍ଷିଣ ପାର୍ଶ୍ୱରୁ ଆକ୍ରମଣ କରିଥିଲେ । ମୋଗଲମାନଙ୍କ ଗୁଳିଗୋଳା ଶବ୍ଦ ଶୁଣି ହିମୁଙ୍କ ଯୁଦ୍ଧହସ୍ତୀମାନେ ଭୟଭୀତ ହୋଇ ଏପରିକି ନିଜ ପକ୍ଷର ସୈନ୍ୟମାନଙ୍କୁ ଦଳିକୁଦି ଦେଇଥିଲେ । ପୁନଶ୍ଚ ହିମୁ

ମୋଗଲମାନଙ୍କ ମଧ୍ୟ ଭାଗ ଉପରେ ଆକ୍ରମଣ କରିବା ପୂର୍ବରୁ ଦୈବାତ୍ ଏକ ତୀର ଆସି ତାଙ୍କର ଚକ୍ଷୁ ବିଦ୍ଧ କରିଥିଲା । ହିମୁ ଅଜ୍ଞାନ ଅବସ୍ଥାରେ କ୍ରମେ ହାଉଦା ଉପରେ ଢଳି ପଡ଼ିଲେ । ହିମୁଙ୍କୁ ନ ଦେଖି ତାଙ୍କର ସୈନ୍ୟମାନେ ଆତଙ୍କିତ ଓ ହତବୁଦ୍ଧି ହୋଇ ଛତ୍ରଭଙ୍ଗ ଦେଇଥିଲେ । ଏହି ବୀରଙ୍କର ଓଜସ୍ୱୀ ସାହସକୁ ପ୍ରଶଂସା କରି ଆବୁଲଫାଜଲଙ୍କ ପରି ବିରୋଧୀ ଲେଖକ ମଧ୍ୟ ଶତମୁଖ ହୋଇପଡ଼ିଥିଲେ । ଆର. ପି. ତ୍ରିପାଠୀ କହିଛନ୍ତି, ''ତାଙ୍କର ପରାଜୟ ଆକସ୍ମିକ ଥିଲା ଏବଂ ଆକବରଙ୍କ ବିଜୟ ଥିଲା ଐଶ୍ୱରିକ ।'' ହିମୁଙ୍କୁ ବିଧର୍ମୀ ବୋଲି କହି ତାଙ୍କର ମସ୍ତକ ଛେଦନ କରି ଗାଜି (Ghazi) ଉପାଧି ଲାଭ କରିବାକୁ ଆକବରଙ୍କୁ ବୈରାମ ଖାଁ ଉତ୍ତେଜିତ କରିଥିଲେ; କିନ୍ତୁ ଦୟାଳୁ ରାଜପୁତ୍ର ଏକ ନିରସ୍ତ୍ର ବୀରପୁରୁଷଙ୍କୁ ହତ୍ୟା କରିବା ଏକ ଅବୀରୋଚିତ କାର୍ଯ୍ୟ ହେବ ବୋଲି ମନାକରିଦେଇଥିଲେ । ତା'ପରେ ବୈରାମ ଖାଁ ତାଙ୍କୁ ନିଜର ଅସି ଦ୍ୱାରା ହତ୍ୟା କରିଥିଲେ । ବିରୋଧୀମାନଙ୍କୁ ସତର୍କ କରିଦେବା ନିମିତ୍ତ ତାଙ୍କର କଟାମୁଣ୍ଡ କାବୁଲକୁ ପ୍ରେରଣ କରାଯାଇଥିଲା ଏବଂ ତାଙ୍କର ଦେହକୁ ଦିଲ୍ଲୀଠାରେ ବ୍ୟଙ୍ଗ କରାଗଲା ।

ଯୁଦ୍ଧର ଫଳାଫଳ (Results of the Battle)

ଦ୍ୱିତୀୟ ପାନିପଥ ଯୁଦ୍ଧର ଫଳାଫଳ ନିଷ୍ପତ୍ତିମୂଳକ ଥିଲା । ଭାରତରେ ପ୍ରାଧାନ୍ୟ ବିସ୍ତାର କରିବା ନିମନ୍ତେ ମୋଗଲ ଓ ଆଫଗାନ୍‌ମାନଙ୍କ ମଧ୍ୟରେ ଯେଉଁ ପ୍ରତିଯୋଗିତା ଚାଲିଥିଲା ତାହାର ଅବସାନ ଘଟିଲା । ଆକବର ବିଜୟ ଦର୍ପରେ ଦିଲ୍ଲୀରେ ପ୍ରବେଶ କରିଥିଲେ । ଉଭୟ ଦିଲ୍ଲୀ ଓ ଆଗ୍ରା ତାଙ୍କର ହସ୍ତମୁଠାକୁ ଚାଲିଆସିଥିଲା । ହିମୁଙ୍କର ମୃତ୍ୟୁ ସୁର ରାଜବଂଶର ଆଶା ଧୂଳିସାତ୍ କରିଦେଇଥିଲା ।

ଏହାପରେ ଆକବର ଭାରତରେ ମୋଗଲ ସାମ୍ରାଜ୍ୟ ଦୃଢ଼ୀଭୂତ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ । ସିକନ୍ଦର ସୁରଙ୍କୁ ଧରିବା ନିମନ୍ତେ ବୈରାମ ଖାଁ ଲାହୋର ଅଭିମୁଖେ ଯାତ୍ରା କରିଥିଲେ । ସିକନ୍ଦର ମାନକୋଟ (Mankot) ଦୁର୍ଗରେ ନିଜକୁ ଅବରୋଧ କରି ରଖିଥିଲେ । ୧୫୫୭ ଖ୍ରୀଷ୍ଟାବ୍ଦ ମେ ମାସରେ ଦୁର୍ଗର ପତନ ଘଟିଥିଲା ଓ ସିକନ୍ଦର ଆତ୍ମ ସମର୍ପଣ କରିଥିଲେ । ବୈରାମ ଖାଁ ତାଙ୍କ ପ୍ରତି ଦୟାଭାବ ପୋଷଣ କରିଥିଲେ ଏବଂ ତାଙ୍କୁ ପୂର୍ବଭାଗରେ କେତୋଟି ଜିଲ୍ଲା ଦିଆଯାଇଥିଲା । ଏହାପରେ ଗ୍ୱାଲିଅର ଓ ଜୌନପୁର ବିଜିତ ହୋଇଥିଲା ।

ରାଜପ୍ରତିନିଧିତ୍ୱର ଶେଷ (End of Regency)

ହୁମାୟୁନଙ୍କ ମୃତ୍ୟୁ ପରେ ବୈରାମ ଖାଁ ଅତୀବ ଶକ୍ତିଶାଳୀ ହୋଇ ବକିଲ ପଦବୀ ଧାରଣ କରିଥିଲେ । ସେ ତାଙ୍କର ଅଭିଜ୍ଞତା, ଦକ୍ଷତା, କୃତିତ୍ୱ ଓ ଅନୁରକ୍ତି ଦ୍ୱାରା ଏପରି

ଉଚ୍ଚାସନ ଲାଭ କରିଥିଲେ । ଏପରିକି ବୈରାମଙ୍କ ସାଧୁ ଚରିତ୍ର, ଶିକ୍ଷା ପ୍ରତି ଉତ୍ସାହ ଓ ଭକ୍ତି ଦେଖି ସୁନ୍ନୀ ବଦାଉନି ଉଚ୍ଚ ପ୍ରଶଂସା କରିଥିଲେ ଓ ତାଙ୍କର ପତନରେ ଦୁଃଖାଭିଭୂତ ହୋଇପଡ଼ିଥିଲେ । ଆକବର ମଧ୍ୟ ତାଙ୍କ ପିଉସୀ କନ୍ୟା ଭଗ୍ନୀ ସଲିମ ବେଗମଙ୍କ ସହିତ ବୈରାମଙ୍କ ବିବାହ ଅନୁମୋଦନ କରିଥିଲେ । ରାଜପରିବାର ସହିତ ଏପରି ବିବାହ ତାଙ୍କର ପ୍ରତିପତ୍ତି ଖୁବ୍ ବୃଦ୍ଧି କରିଦେଇଥିଲା । ଅଶେଷ କ୍ଷମତାର ଅଧିକାରୀ ହୋଇ ବୈରାମ ଖାଁ ଶତ୍ରୁମାନଙ୍କ ପ୍ରତି ନୃଶଂସ ଓ ବର୍ବର ନୀତି ଗ୍ରହଣ କରିଥିଲେ । କ୍ଷମତା ହିଁ ତାଙ୍କୁ ଦୁର୍ନୀତିପୂର୍ଣ୍ଣ କରିଦେଲା । କ୍ଷମତାର ଅପବ୍ୟବହାର କରୁଥିବାରୁ ତାଙ୍କର ଅନେକ ଶତ୍ରୁ ଜାତ ହୋଇଥିଲେ । ଆବୁଲ୍ ଫାଜଲ୍ ଲେଖିଛନ୍ତି, ''ଅବଶେଷରେ ବୈରାମ ଖାଁଙ୍କ କାର୍ଯ୍ୟକ୍ରମ ଧୈର୍ଯ୍ୟର ସୀମା ଲଙ୍ଘନ କରିଥିଲା ।'' ଆକବର ନିଜେ ଚାହିଁଥିଲେ ଉଭୟ ନାମ ଓ ବାସ୍ତବରେ ରାଜା ହେବା ପାଇଁ । ଆକବର ମଧ୍ୟ ଏକ ପୂର୍ଣ୍ଣ ମାନବକୁ ବିକଶିତ ହୋଇଥିଲେ । ଆକବରଙ୍କ ମାତା ହାମିଦବାନୁ, ତାଙ୍କର ଧାଇମା ମହାମ ଅନଙ୍ଗ, ତାଙ୍କ ପୁତ୍ର ଆଦମ୍ ଖାଁ ଓ ଜାମାତା ଶିହାବ ଉଦ୍ଦୀନ ଜିଦି ଧରିଥିଲେ ଯେ ଆକବର ଖୁବ୍ ଶୀଘ୍ର ବୈରାମଙ୍କ ରାଜପ୍ରତିନିଧିତ୍ୱର ଅବସାନ ଘଟାନ୍ତୁ । ବୈରାମ ଖାଁଙ୍କର ଅଖଣ୍ଡ ପ୍ରଭାବ ସେମାନଙ୍କର କ୍ଷମତା ଲିପ୍ସାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ରାଜପରିବାରର ସଭ୍ୟ ଓ ଦରବାରର ଅନ୍ୟାନ୍ୟ ସମ୍ଭ୍ରାନ୍ତମାନେ ସୁନ୍ନୀ ଧର୍ମାବଲମ୍ବୀ ହୋଇଥିବାରୁ ସିଆ ବୈରାମ ଖାଁଙ୍କୁ ସହ୍ୟ କରିପାରୁନଥିଲେ । ଶୁଣାଯାଉଥିଲା, ବୈରାମ ଖାଁ କାମରାନଙ୍କ ପୁତ୍ର ଆବୁଲ କାଶିମଙ୍କୁ ସିଂହାସନରେ ବସାଇବା ନିମନ୍ତେ ଚକ୍ରାନ୍ତ କରିଥିଲେ । ବୈରାମ ଖାଁଙ୍କର ଔଦ୍ଧତ୍ୟ ଓ ଉଚ୍ଛୃଙ୍ଖଳ କର୍ତ୍ତୃତ୍ୱ ଜାରି ଫଳରେ ଦରବାରର ସମ୍ଭ୍ରାନ୍ତ ଓ କର୍ମଚାରୀମାନେ ଅସହିଷ୍ଣୁ ହୋଇଉଠିଥିଲେ । ଏହି କାରଣଗୁଡ଼ିକ ଆକବର ଓ ବୈରାମଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧି କରିଥିଲା ।

ବୈରାମ ଖାଁଙ୍କ ବିରୁଦ୍ଧରେ ହାମିଦବାନୁ, ମହାମ ଅନଙ୍ଗ, ଆଦମ୍ ଖାଁ ଓ ଶିହାବ ଉଦ୍ଦୀନ ଚକ୍ରାନ୍ତ କରିଥିଲେ । ବୈରାମ ମଧ୍ୟ ଏପରି ଷଡ଼ଯନ୍ତ୍ରର ଆଭାସ ପାଇ ଆକବରଙ୍କ ନିକଟରେ ବିନମ୍ର ଭାବରେ ଏହା ପ୍ରକାଶ କଲେ; ମାତ୍ର ଆକବର ତାଙ୍କର ଚାରିବର୍ଷର ଲୋକପ୍ରିୟହୀନ ପ୍ରତିନିଧିମୂଳକ ଶାସନ ଅନ୍ତ କରିଦେବାକୁ ସଂକଳ୍ପ କରିଥିଲେ । ଯେତେବେଳେ ବୈରାମଙ୍କ ବନ୍ଧୁମାନେ ଆକବରଙ୍କୁ ବନ୍ଦୀ କରିବା ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଧ୍ୱଂସ କରିଦେବା ପାଇଁ ପରାମର୍ଶ ଦେଲେ, ସେ ଦୀର୍ଘ ଦିନ ଧରି ରାଜପରିବାର ପ୍ରତି ତାଙ୍କର ବିଶ୍ୱାସ ଓ ସେବାର ଅମର୍ଯ୍ୟାଦା କରିବେ ନାହିଁ ବୋଲି ଉତ୍ତର ଦେଇଥିଲେ । ଶାସନରୁ ଅବ୍ୟାହତି ନେଇ ମକ୍କାକୁ ତୀର୍ଥ କରିଯିବା ପାଇଁ ଆକବର ବୈରାମ ଖାଁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈରାମ ମଧ୍ୟ ପ୍ରଶାନ୍ତ ଚିତ୍ତରେ ଆକବରଙ୍କ ନିର୍ଦ୍ଦେଶ ମାନିନେଇଥିଲେ ଓ ନିଜକୁ ଭାଗ୍ୟ ଉପରେ ସମର୍ପଣ କରିଥିଲେ । ବୈରାମ ଖାଁ ବୟାନା ଗମନ କରିବା ସମୟରେ କାଳେ ବିଦ୍ରୋହ

କରିବେ, ଏଥିପାଇଁ ସତର୍କ ରହିବା ନିମନ୍ତେ ଆକବର ପୀର ମହମ୍ମଦଙ୍କୁ ତାଙ୍କ ନିକଟକୁ ପଠାଇଥିଲେ । ବଦାଉନିଙ୍କ ଭାଷାରେ ଆକବରଙ୍କ ଉଦ୍ଦେଶ୍ୟ ଥିଲା, ''ଯେତେ ଶୀଘ୍ର ସମ୍ଭବ ତାଙ୍କୁ ଜିନିଷପତ୍ର ସହିତ ମକ୍କାକୁ ପଠାଇ ଦେବା ଓ ବିଳମ୍ବ କରିବା ପାଇଁ ସମୟ ନ ଦେବା ।'' ଏ ଘଟଣାରେ ବୈରାମ ଖାଁ ଅପମାନିତ ହୋଇଥିଲେ ଓ ପ୍ରକାଶ୍ୟ ଭାବରେ ବିଦ୍ରୋହ କରିବା ନିମନ୍ତେ ସେ ସ୍ଥିର କଲେ । ଆକବରଙ୍କ ସେନାପତି ବୈରାମ ଖାଁଙ୍କୁ ଜଳନ୍ଧରଠାରେ ପରାସ୍ତ କରିଥିଲେ; କିନ୍ତୁ ବୈରାମ ଖାଁଙ୍କ ପୂର୍ବସେବା ବିଚାରକୁ ନେଇ ଆକବର ତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିଥିଲେ । ବୈରାମ ଖାଁ ମକ୍କା ଯାତ୍ରା କରିବା ସମୟରେ ପଟନ ଠାରେ ଜନୈକ ଆଫଗାନ୍ ଆତତାୟୀଙ୍କ ଦ୍ୱାରା ନିହତ ହୋଇଥିଲେ । ଏହିପରି ଭାବରେ ଜଣେ ଅନୁରକ୍ତ ଓ ବିଶ୍ୱସ୍ତ ସେବକଙ୍କର କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା । ଆଫଗାନ୍‌ମାନେ ସେ ନେଇ ଯାଉଥିବା ସମ୍ପତ୍ତି ଲୁଣ୍ଠନ କରିଥିଲେ; ମାତ୍ର ତାଙ୍କର ପରିବାର ସଦସ୍ୟମାନଙ୍କୁ ଆକବର ସମ୍ମାନର ସହିତ ଗ୍ରହଣ କରିଥିଲେ । ଆକବର ନିଜେ ବୈରାମଙ୍କ ବିଧବା ପତ୍ନୀ ସଲିମା ବେଗମଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଶିଶୁପୁତ୍ର ଅବଦୁଲ ରହିମଙ୍କୁ ପାଳନ କଲେ, ଯିଏ ଦିନେ ତାଙ୍କର କୃତିତ୍ୱ ଓ ଭକ୍ତି ବଳରେ ଖାନ୍-ଇ-ଖାନନ ପଦବୀ ଲାଭ କଲେ ।

ପରଦା ଶାସନ ପଦ୍ଧତି (Purdah Regime or Petticoat Government)

ବୈରାମ ଖାଁଙ୍କ ମୃତ୍ୟୁ ପରେ ଆକବର ହାରେମ (harem)ର ମହିଳାମାନଙ୍କ ପ୍ରଭାବରେ ଶାସନକାର୍ଯ୍ୟ ପରିଚାଳନା କରିଥିଲେ । ହାମିଦବାନୁ, ମହାମ ଅନଙ୍ଗ, ଆଦମ୍ ଖାଁ, ଶିହାବୁଦ୍ଦୀନ, ପୀର ମହମ୍ମଦ ଏବଂ ମୁନିମ ଖାଁ ପ୍ରଭୃତି ସେହି ହାରେମ ଦଳରେ ଅନ୍ତର୍ଭୁକ୍ତ ଥିଲେ । ସେମାନଙ୍କ ମଧ୍ୟରୁ ମହାମ ଅନଙ୍ଗ ଥିଲେ ସବୁଠୁଁ ପ୍ରଭାବଶାଳୀ । ଆକବରଙ୍କର ବିଶ୍ୱସ୍ତ ଭାବରେ ଚାରିବର୍ଷ କାଳ ସେ ଶାସନନୀତିକୁ ନିୟନ୍ତ୍ରଣ କରିଥିଲେ । କେତେକ ଐତିହାସିକ ମତ ଦିଅନ୍ତି ଯେ ସମ୍ରାଟଙ୍କ ବିଶ୍ୱାସ ପାଇଁ ସେ ଅନୁପଯୁକ୍ତ ଥିଲେ । ଭିନ୍‌ସେଣ୍ଟ ସ୍ମିଥ୍ ତାଙ୍କ ଶାସନକୁ ''ଧର୍ମାଧର୍ମ ବିବେଚନାଶୂନ୍ୟ ଏକ ମହିଳାଙ୍କର ମାୟାବୀ ଶାସନ'' ରୂପେ ବର୍ଣ୍ଣନା କରିଛନ୍ତି ।

ମହାମ ଅନଙ୍ଗଙ୍କ ନିୟନ୍ତ୍ରଣରୁ ମୁକ୍ତ ହେବା ପାଇଁ ଆକବର ଆତକ ଖାଁଙ୍କୁ ୧୫୬୧ ଖ୍ରୀଷ୍ଟାବ୍ଦରେ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତି ଦେଇଥିଲେ । ତାଙ୍କର ନିଯୁକ୍ତି ମହାମ ଅନଙ୍ଗ ଓ ହାରେମ ଦଳର ଅନ୍ୟମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ତେଣୁ କ୍ରୋଧ ହୋଇ ମହାମ ଅନଙ୍ଗଙ୍କ ପୁତ୍ର ଆଦମ୍ ଖାଁ ଆତକ ଖାଁଙ୍କୁ ହତ୍ୟା କରିଥିଲେ । ଆକବର ମଧ୍ୟ କମ୍ କ୍ରୋଧ ପ୍ରକାଶ କରିନଥିଲେ । ତାଙ୍କୁ ଦୁର୍ଗର ପାଚେରୀକୁ ଦୁଇଥର ଫିଙ୍ଗାଯାଇଥିଲା, ଏହି ଆଘାତରେ ଆଦମ୍

ଖାଁଙ୍କର ମୃତ୍ୟୁ ହୋଇଥିଲା । ମହାମ ଅନଙ୍ଗଙ୍କୁ ଯେତେବେଳେ ଆକବର ଏହି ସମ୍ବାଦ ଦେଲେ, ସେ କେବଳ କହିଥିଲେ, ''ତୁମର ମହାମହିମ ଉଚିତ କାର୍ଯ୍ୟ କରିଛନ୍ତି ।'' ତା'ପରେ ପୁତ୍ର ଶୋକରେ ୪୦ ଦିନ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଭି. ଏ. ସ୍ମିଥ୍ କହିଛନ୍ତି, ''ଏହି ଘଟଣା ହାରେମ ଦଳର ପ୍ରଭାବରୁ ଆକବରଙ୍କର ଶେଷ ମୁକ୍ତିର ତାରିଖ ଚିହ୍ନଟ କରିଥାଏ ।''

ଆକବରଙ୍କ ସାମ୍ରାଜ୍ୟବାଦ ନୀତି, ଯୁଦ୍ଧ ଓ ରାଜ୍ୟ ଜୟ

(Akbar's Imperial Policy, War and Conquest)

୧୬୦୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆକବରଙ୍କ ଯୁଦ୍ଧ ଓ ରାଜ୍ୟଜୟ କାର୍ଯ୍ୟ ଚାଲୁରହିଥିଲା । ସେ ଥିଲେ ଜଣେ କଠୋର ସାମ୍ରାଜ୍ୟବାଦୀ । ତାଙ୍କ ମତରେ, ''ଜଣେ ସମ୍ରାଟ ସର୍ବଦା ରାଜ୍ୟଜୟ ଇଚ୍ଛା କରିବା ଉଚିତ, ଅନ୍ୟଥା ପଡ଼ୋଶୀମାନେ ତାଙ୍କ ବିପକ୍ଷରେ ଅସ୍ତ୍ର ଉତ୍ତୋଳନ କରିବେ ।'' ଏହି ବିଷୟରେ ଆବୁଲ୍ ଫାଜଲ୍ ଲେଖିଛନ୍ତି ଯେ ଆକବରଙ୍କ ରାଜ୍ୟଜୟ ନୀତି ତାଙ୍କର ଇଚ୍ଛା-ଲୋକମାନଙ୍କୁ ଶାନ୍ତି ଓ ସମୃଦ୍ଧି ଦେବା ଦ୍ୱାରା ତ୍ୱରିତ ହୋଇଥିଲା, ଯେଉଁମାନେ ସ୍ଥାନୀୟ ଶାସକମାନଙ୍କ ଅତ୍ୟାଚାର ଓ ନିର୍ଯ୍ୟାତନାରେ କଷ୍ଟ ପାଉଥିଲେ; କିନ୍ତୁ ଆକବରଙ୍କ ପ୍ରାଥମିକ ବିଜୟ ଏପରି ମନ୍ତବ୍ୟର ସତ୍ୟତା ଧରିରଖେ ନାହିଁ । ମନେହୁଏ ପ୍ରତ୍ୟେକ ମୁସଲିମ୍ ଶାସକମାନଙ୍କର ରାଜ୍ୟଜୟର ପାରମ୍ପରିକ ନୀତି ଦ୍ୱାରା ସେ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ମଧ୍ୟ କ୍ଷମତା ଓ ସ୍ୱର୍ଣ୍ଣ ଲାଭ କରିବା ନିମିତ୍ତ କ୍ଷୁଧା ରହିଥିଲା । ଆକବରଙ୍କର ରାଜ୍ୟଜୟଗୁଡ଼ିକ ଥିଲା ନିମ୍ନ ପ୍ରକାରର ।

ମାଲୱା (ମାଳବ) ବିଜୟ, ଖ୍ରୀ:୧୫୬୧ (Conquest of Malwa, 1561 A.D.)

ମାଲୱାର ରାଜା ଥିଲେ ବାଜବାହାଦୁର । ସଂଗୀତ ଓ ନୃତ୍ୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ତାଙ୍କର ରାଣୀ ରୂପମତୀ ତାଙ୍କ ସୌନ୍ଦର୍ଯ୍ୟ ଓ କବିତ୍ୱ ପାଇଁ ଖୁବ୍ ପ୍ରସିଦ୍ଧ ଥିଲେ । ମାଲୱାକୁ ଅଧିକାର କରିବା ନିମନ୍ତେ ଆକବର ଆଦମ୍ ଖାଁ ଓ ପୀର ମହମ୍ମଦଙ୍କ ନେତୃତ୍ୱରେ ସୈନ୍ୟ ପ୍ରେରଣ କରିଥିଲେ । ଦିଲ୍ଲୀ ସୈନ୍ୟମାନେ ମାଳବର ରାଜଧାନୀ ସାରଙ୍ଗପୁରଠାରୁ ୨୦ ମାଇଲ ଦୂରରେ ପହଞ୍ଚିବା ପୂର୍ବରୁ ବାଜବାହାଦୁରଙ୍କ ଧ୍ୟାନ ଭଗ୍ନ ହୋଇନଥିଲା । ଏହା ତାଙ୍କୁ ''ପ୍ରେମ ଓ ସଂଗୀତର ସ୍ୱପ୍ନରୁ ଉତ୍‌ଥିତ କରିଥିଲା ।'' ସାରଙ୍ଗପୁରଠାରୁ ୩ ମାଇଲ ଦୂରରେ ୧୫୬୧ ମସିହା ମାର୍ଚ୍ଚ ୨୯ ତାରିଖରେ ଦୁଇପକ୍ଷ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହୋଇଥିଲା । ବାଜବାହାଦୁରଙ୍କ ସୈନ୍ୟମାନେ ନୀତିଭ୍ରଷ୍ଟ ଓ ଅସନ୍ତୁଷ୍ଟ ଥିଲେ; ସେମାନେ ଦିଲ୍ଲୀ ସୈନ୍ୟମାନଙ୍କ ଦ୍ୱାରା ଖୁବ୍ ସହଜରେ ପରାଜିତ ହୋଇଥିଲେ ।

ବାଜବାହାଦୁରଙ୍କ ଧନ ଓ ପରିବାର ବିଜେତାମାନଙ୍କର ହସ୍ତଗତ ହୋଇଥିଲା । ରୂପମତୀ ନିଜର ସମ୍ମାନ ରକ୍ଷା କରିବାକୁ ବିଷପାନ କରି ଆତ୍ମହତ୍ୟା କରିଥିଲେ । ବାଜବାହାଦୁରଙ୍କ ସମ୍ପତ୍ତିର ଏକ ବୃହତ ଅଂଶ ଆଦମ୍ ଖାଁ ଆତ୍ମସାତ୍ କରିଥିଲେ । ଆଦମ୍ ଖାଁ ଓ ପୀର ମହମ୍ମଦ ମଧ ମାଲୱାବାସୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଥିଲେ । ଏ ଖବର ଶୁଣି ଆକବର ସାରଙ୍ଗପୁରକୁ ଆସିଥିଲେ । ସେ ଆଦମ ଖାଁଙ୍କୁ କଠୋର ଦଣ୍ଡ ଦେଇଥା'ନ୍ତେ; ମାତ୍ର ମହାମ୍ ଅନଙ୍ଗଙ୍କ ହସ୍ତକ୍ଷେପ ଫଳରେ ଆକବର ତାଙ୍କୁ କ୍ଷମା ପ୍ରଦାନ କରିଥିଲେ । ଆଦମ୍ ଖାଁଙ୍କୁ ପ୍ରଥମେ ମାଲୱାର ଶାସନକର୍ତ୍ତା ରୂପେ ନିଯୁକ୍ତି ଦିଆଯାଇଥିଲା; ମାତ୍ର ତାଙ୍କ ଅତ୍ୟାଚାର ବୃଦ୍ଧି ପାଇବାରୁ ସେ ଆଦମ୍‌ଙ୍କ ସ୍ଥାନରେ ପୀର ମହମ୍ମଦଙ୍କୁ ନିଯୁକ୍ତ କରିଥିଲେ । ପୀର ମହମ୍ମଦ ମଧ ଥିଲେ ଅନୁରୂପ ଅତ୍ୟାଚାରୀ । ତାଙ୍କ ବିରୁଦ୍ଧରେ ମାଲୱାରେ ତୀବ୍ର ଅସନ୍ତୋଷ ଭାବ ପ୍ରକାଶ ପାଇଥିଲା । ଏହାର ସୁଯୋଗ ନେଇ ବାଜବାହାଦୁର ପୀର ମହମ୍ମଦଙ୍କୁ ପରାସ୍ତ କରିଥିଲେ । ପୀର ମହମ୍ମଦଙ୍କୁ ପଛକୁ ଘଉଡ଼ି ଦେବା ସମୟରେ ନର୍ମଦା ନଦୀରେ ବୁଡ଼ିଯିବାରୁ ତାଙ୍କର ପ୍ରାଣହାନି ଘଟିଥିଲା । ମାଲୱାରେ ଅଧିକ କାଳ ଶାସନ କରିବା ବାଜବାହାଦୁରଙ୍କ ଭାଗ୍ୟରେ ନଥିଲା । ଅବଦୁଲ୍ଲା ଖାଁ ଉଜ୍‌ବେଗଙ୍କ ଅଧୀନରେ ଆକବର ପୁନଶ୍ଚ ଏକ ବାହିନୀ ପ୍ରେରଣ କରିଥିଲେ । ସେ ମଧ ମାଲୱା ପୁନଃ ଅଧିକାର କରିଥିଲେ । ବାଜବାହାଦୁର ମାଲୱାରୁ ପଳାୟନ କରି ଶେଷରେ ଆକବରଙ୍କର ଶରଣାପନ୍ନ ହୋଇଥିଲେ । ଆକବର ମଧ ତାଙ୍କ ପ୍ରତି ଦୟା ଦେଖାଇ ତାଙ୍କୁ ୧୦୦୦ର ମନସୁବାଦାର ପଦରେ ନିଯୁକ୍ତି ଦେଇଥିଲେ ।

ଚୂନାର ବିଜୟ, ଖ୍ରୀ:୧୫୬୧ (Conquest of Chunar, 1561 A.D.)

ଆଦମ୍ ଖାଁ ମାଲୱା ଅବରୋଧ କରୁଥିବା ସମୟରେ ଆଦିଲ ଶାହାଙ୍କ ପୁତ୍ର ଶେର ଖାଁ ଜୌନପୁରଠାରେ ବିଦ୍ରୋହ କରିଥିଲେ; ମାତ୍ର ଏହି ବିଦ୍ରୋହ ଖାନ୍ ଜାମାନ (Ali Quli Khan)ଙ୍କ ଦ୍ୱାରା ଦମିତ ହୋଇଥିଲା । ଏହାଦ୍ୱାରା ଖାନ୍ ଜାମାନଙ୍କ ସାହସ ବୃଦ୍ଧି ହୋଇଥିଲା; ସେ ଆକବରଙ୍କ ପ୍ରତି ବିଦ୍ରୋହୀ ମନୋଭାବ ପୋଷଣ କରିଥିଲେ । ଆକବର ତାଙ୍କୁ ଶାସ୍ତି ଦେବାକୁ ଯିବାବେଳେ ସେ ଭୟଭୀତ ହୋଇ କାରାଠାରେ କ୍ଷମାପ୍ରାର୍ଥନା ମାଗିଥିଲେ । ଆକବର ମଧ ଖାନ୍ ଜାମାନଙ୍କୁ କ୍ଷମା ଦେଇ ତାଙ୍କୁ ପୁନର୍ବାର ଜୌନପୁରର ଗଭର୍ଣ୍ଣର ରୂପେ ନିଯୁକ୍ତି ଦେଇଥିଲେ । ସେହିବର୍ଷ ଆସଫ୍ ଖାଁଙ୍କ ଦ୍ୱାରା ଚୂନାର ମଧ ଅଧିକାର କରାଯାଇଥିଲା ।

ଜୟପୁର ଅଧିକାର ଖ୍ରୀ:୧୫୬୨ (Occupation of Jaipur, 1562 A.D.)

ଆକବରଙ୍କର ଆଜମୀର ଯିବା ପଥରେ ଅମ୍ବରର (Jaipur) ରାଜା ବିହାରୀମଲ୍ଲ ଆକବରଙ୍କ ନିକଟରେ ଆତ୍ମସମର୍ପଣ କରିବା ସହିତ ଯୋଧବାଈଙ୍କୁ ତାଙ୍କ ହସ୍ତରେ ଅର୍ପଣ କରିଥିଲେ । ବିହାରୀମଲ୍ଲଙ୍କ ପୁତ୍ର ଭଗବାନ ଦାସ ଓ ନାତି ମାନସିଂହଙ୍କୁ ଆକବର ବିଭିନ୍ନ ପଦପଦବୀରେ ଅବସ୍ଥାପିତ କଲେ ।

ମର୍ତ୍ତା ଅଧିକାର ଖ୍ରୀ:୧୫୬୨ (Occupation of Merta, 1562 A.D.)

ଆଜମୀର ଅଞ୍ଚଳର ଜାଗିରି ଅଧିକାରୀ ଶରଫ ଉଦ୍ଦୀନ ମାରବାରର ମର୍ତ୍ତା ଅଧିକାର କରିବା ନିମିତ୍ତ ପଠାହୋଇଥିଲେ । ମର୍ତ୍ତାଦୁର୍ଗ ଜୟମଲ୍ଲଙ୍କ ତତ୍ତ୍ୱାବଧାନରେ ରହିଥିଲା । ସେ ଥିଲେ ମେବାରର ରାଣା ଉଦୟ ସିଂହଙ୍କର କରଦ ରାଜା । ଜୟମଲ୍ଲ ଆତ୍ମ ସମର୍ପଣ କରିଥିଲେ, ତାଙ୍କର ଲୋକମାନଙ୍କୁ ହତ୍ୟା କରାଯାଇନଥିଲା କିନ୍ତୁ ଯେତେବେଳେ ଦେବଦାସ ନାମକ ଜନୈକ ରାଜପୁତ୍ ଦୁର୍ଗର ସମ୍ପତ୍ତିରେ ଅଗ୍ନି ସଂଯୋଗ କରିଦେଲେ, ସେତେବେଳେ ମୋଗଲମାନେ କ୍ରୋଧାନ୍ୱିତ ହୋଇ ପ୍ରାୟ ଦୁଇଶହ ଲୋକଙ୍କୁ ହତ୍ୟା କରିଥିଲେ ।

ଗଣ୍ଡୱାନା ବିଜୟ ଖ୍ରୀ:୧୫୬୪ (Conquest of Gondwana, 1564 A.D)

ମଧ୍ୟପ୍ରଦେଶର ଏକ କ୍ଷୁଦ୍ର ରାଜ୍ୟ ଥିଲା ଗଣ୍ଡୱାନା । ସେଠାରେ ଦୁର୍ଗାବତୀ ରାଜା ବୀରନାରାୟଣଙ୍କ ପ୍ରତିନିଧି ରୂପେ ରାଜ୍ୟ ଚଳାଉଥିଲେ । ରାଣୀଙ୍କର ୨୦,୦୦୦ ଅଶ୍ୱାରୋହୀ ଓ ୧୦୦୦ ଯୁଦ୍ଧହସ୍ତୀ ସହିତ ଏକ ଶକ୍ତିଶାଳୀ ବାହିନୀ ଥିଲା । ଗଣ୍ଡୱାନା ଅଧିକାର କରିବାକୁ ପ୍ରାୟ ୫୦,୦୦୦ ସୈନ୍ୟଙ୍କ ସହିତ ଆକବର ଆସଫ୍ ଖାଁଙ୍କୁ ପ୍ରେରଣ କରିଥିଲେ । ନରହି (Narhi) ଠାରେ ସେମାନଙ୍କ ବିରୁଦ୍ଧରେ ଦୁର୍ଗାବତୀ ଅପୂର୍ବ ରଣକୌଶଳ ଓ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଶେଷରେ ରାଣୀ ନିଜର ସମ୍ମାନ ରକ୍ଷା କରିବା ନିମିତ୍ତ ଛୁରିକାଘାତ ଦ୍ୱାରା ଆତ୍ମହତ୍ୟା କଲେ । ମାତାଙ୍କ ଅନୁରୋଧରେ ସେଠାରୁ ପଳାୟନ କରିଥିବା ବୀରନାରାୟଣ ମଧ ଅନ୍ୟ ଏକ ସଂଗ୍ରାମରେ ନିହତ ହୋଇଥିଲେ । ଗଣ୍ଡୱାନା ମୋଗଲ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଐତିହାସିକମାନେ ଦୁର୍ଗାବତୀଙ୍କ ବୀରତ୍ୱକୁ ଉଚ୍ଚକଣ୍ଠରେ ପ୍ରଶଂସା କରିଥା'ନ୍ତି । ଅପର ପକ୍ଷରେ ଆକବରଙ୍କୁ ନିନ୍ଦା କରି ସ୍ମିଥ୍ କହିଛନ୍ତି ଯେ ଏପରି ମହତ ଚରିତ୍ରର ରାଜକନ୍ୟାଙ୍କ ବିପକ୍ଷରେ ଆକ୍ରମଣ କେବଳ ବିଜୟ ଓ ଲୁଣ୍ଠନର ପ୍ରବଳ ଆକାଙ୍‌କ୍ଷାଠାରୁ ଥିଲା ସମ୍ପୂର୍ଣ୍ଣ ରୂପେ ଅନୁତ୍ତେଜିତ ଓ ପୂରାପୂରି ଅନୁଚିତ ।

ମେବାର ଅବରୋଧ ଖ୍ରୀ:୧୫୬୭-୬୮ (Siege of Mewar, 1567-68 A.D.)

ମେବାରର ରାଣା ଥିଲେ ରାଜସ୍ଥାନର ଶ୍ରେଷ୍ଠ ନରପତି । ରାଣା ଥିଲେ ରାଜପୁତ୍ ବୀରତ୍ୱର ଏକ ସନ୍ତକ । ମେବାରର ଶିଶୋଦୀୟ ରାଜବଂଶ ରାମାୟଣର ରାଜା ରାମଙ୍କର ବଂଶଧର ବୋଲି ଦାବି କରୁଥିଲେ । ମେବାରର ପ୍ରାଣକେନ୍ଦ୍ର ଥିଲା ଚିତୋର । ମେବାରର ରାଣା ଉଦୟ ସିଂହ ମୋଗଲମାନଙ୍କୁ ମ୍ଳେଚ୍ଛ କହି ଘୃଣା କରୁଥିଲେ । ଆକବରଙ୍କ ବଶ୍ୟତା ସ୍ୱୀକାର କରିଥିବା ଅମ୍ବରର ରାଜା ବିହାରୀମଲ୍ଲଙ୍କୁ ମଧ ସେ ଘୃଣା କରୁଥିଲେ । ସେ ମଧ ମୋଗଲମାନଙ୍କ ଶତ୍ରୁ ମାଳବର ପଳାତକ ରାଜା ବାଜବାହାଦୁରଙ୍କୁ ଆଶ୍ରୟ ଦେଇଥିଲେ । ଧନୀରାଜ୍ୟ ଗୁଜୁରାଟ ଦଖଲ କରିବା ନିମିତ୍ତ ଆକବର ଚିନ୍ତା କରୁଥିବାରୁ ପଥରେ ପଡୁଥିବା

ଚିତୋର ଅଧିକାର କରିବା ଆବଶ୍ୟକ ହେଲା । ଚିତୋର ଅଧିକାରର ମୁଖ୍ୟ କାରଣ ଥିଲା ରାଜନୀତିକ । ଆକବର ଅନୁଭବ କରିଥିଲେ ଯେ ଚିତୋରର ରାଣା ତାଙ୍କର ବଶ୍ୟତା ସ୍ୱୀକାର ନ କଲେ, ଉତ୍ତରଭାରତର ଅନ୍ୟ ରାଜାମାନଙ୍କୁ କରଦ ରାଜ୍ୟରେ ପରିଣତ କରିହେବ ନାହିଁ ।

ଉଦୟ ସିଂହଙ୍କୁ ଟୋଡ୍ (Tod) ଜଣେ ଶ୍ରେଷ୍ଠ ରାଜାଙ୍କର ଅଖ୍ୟାତ ପୁତ୍ର କହି ନିନ୍ଦା କରିଛନ୍ତି । ୧୫୬୭ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସରେ ଆକବର ଚିତୋର ଦୁର୍ଗକୁ ଅବରୋଧ କରିବାକୁ ଆସୁଥିବା ସମୟରେ ଉଦୟ ସିଂହ ନିଜର ପରିବାର ଓ ସମ୍ପତ୍ତି ଧରି ଆରାବଳି ପର୍ବତକୁ ଚାଲିଯାଇଥିଲେ । ୮୦୦୦ ବୀର ରାଜପୁତ୍ଙ୍କ ସହିତ ଚିତୋର ଦୁର୍ଗ ରକ୍ଷା କରିବାର ଦାୟିତ୍ୱ ଜୟମଲ୍ଲ ଓ ପୁତ୍ତାଙ୍କୁ ପ୍ରଦାନ କରାଯାଇଥିଲା । ଟୋଡ୍ ଲେଖିଛନ୍ତି ଯେ ଏହି ବୀରଦ୍ୱୟଙ୍କ ନାମ ସମଗ୍ର ମେବାରରେ ପାରିବାରିକ ନାମ ରୂପେ ଖ୍ୟାତିଲାଭ କରିଥିଲା । କେ. ଏ. ନିଜାମି (K.A.Nizami) ଦୁର୍ଗର ଅବସ୍ଥିତି ଉପରେ ଏକ ଧାରଣା ଦେଇ ଲେଖିଛନ୍ତି, "ଚିତୋର ଦୁର୍ଗ ପାହାଡ଼ ଉପରେ ସ୍ଥାପିତ ହୋଇଥିଲା, ଯାହାର ଉଚ୍ଚତା ଥିଲା ପାଖାପାଖି ଏକ କୋଶ ଏବଂ ଯାହା ଅନ୍ୟ କୌଣସି ପାହାଡ଼ ସହିତ ସଂଲଗ୍ନ ନଥିଲା । ଦୁର୍ଗର ଦୈର୍ଘ୍ୟ ଥିଲା ତିନିକୋଶ । ଏଠାରେ ଭରି ରହିଥିଲା ଜଳସ୍ରୋତ ।" ୧୫୬୮ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୨୩ ତାରିଖ ପର୍ଯ୍ୟନ୍ତ ଯୁଦ୍ଧ ଅବିରତଭାବେ ଚାଲିଥିଲା । ବଳବିକ୍ରମରେ ରାଜପୁତ୍ମାନେ ମୋଗଲମାନଙ୍କ ଉପରେ ଆକ୍ରମଣ କରୁଥିଲେ । ଏପରିକି ନିଜେ ଆକବର କେତେଥର ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ । ହତାଶାରେ ସେ ଶପଥ କରିଥିଲେ ଯେ ଯଦି ଈଶ୍ୱର ତାଙ୍କର ଚିତୋର ବିଜୟ ସଫଳ କରନ୍ତି ତେବେ ସେ ପଦବ୍ରଜରେ ଆଜମୀରଠାରେ ଥିବା ଖ୍ୱାଜାଙ୍କ ମନ୍ଦିରକୁ ତୀର୍ଥ ଯାତ୍ରାରେ ଯିବେ ।

ଯୁଦ୍ଧ କରୁଥିବା ଅବସ୍ଥାରେ ଜୟମଲ୍ଲଙ୍କର ଗୋଟିଏ ଗୋଡ଼ରେ ଗୁଳି ବାଜିଥିଲା । ରାଜପୁତ୍ମାନଙ୍କ ପ୍ରତି ଏହା ଥିଲା ଏକ ଶକ୍ତ ଆଘାତ । ଜୟମଲ୍ଲ ତାଙ୍କ ଲୋକମାନଙ୍କୁ ଆହ୍ୱାନ କରି ଜହରବ୍ରତ ପାଳନ କରିବା ଓ ଶେଷଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ କହିଲେ । ଅନେକ ରାଜକନ୍ୟା ଓ ସମ୍ଭ୍ରାନ୍ତମାନଙ୍କର ପତ୍ନୀମାନେ ଅଗ୍ନିରେ ଝାସ ଦେଇଥିଲେ । ଦୁର୍ଗର ଫାଟକ ଉନ୍ମୋଚନ କରି ରାଜପୁତ୍ମାନେ ମୋଗଲମାନଙ୍କ ଉପରେ ହେଟାବାଘଙ୍କ ପରି ଝାମ୍ପ ମାରିଥିଲେ । ଏକ ସାଧାରଣ ହତ୍ୟାକାଣ୍ଡ ଘଟି ଚିତୋରର ଭୂମି ରକ୍ତରଞ୍ଜିତ ହୋଇଥିଲା । ଆବୁଲ୍ ଫାଜଲ୍ ଲେଖିଛନ୍ତି, ଏହି ଯୁଦ୍ଧରେ ୩୦,୦୦୦ ଲୋକ ନିହତ ହୋଇଥିଲେ । ତାଙ୍କର ଏ ବିବରଣୀ ଅତିରଞ୍ଜିତ ବୋଲି ମନେହେଲେ ମଧ୍ୟ ଜଣାଯାଏ ଯେ ଯୁଦ୍ଧରେ ଅନେକ ଲୋକଙ୍କର ପ୍ରାଣହାନି ଘଟିଥିଲା । ଜୟମଲ୍ଲ ଓ ପୁତ୍ତାଙ୍କର ପ୍ରତିମୂର୍ତ୍ତି ଆଗ୍ରା ଦୁର୍ଗର ଦ୍ୱାରଦେଶରେ ବୀରତ୍ୱର ଚିହ୍ନ ରୂପେ ସ୍ଥାପିତ ହୋଇଥିଲା । ମେବାରର ଗଭର୍ଣ୍ଣର ରୂପେ ଆସଫ୍ ଖାଁଙ୍କୁ ନିଯୁକ୍ତ କରି ଆକବର ଆଗ୍ରା ଫେରିଆସିଥିଲେ ।

ରନ୍ଥାମ୍ବର ବିଜୟ ଖ୍ରୀ:୧୫୬୮-୬୯(Conquest of Ranthambar, 1568-69 A.D.)

ରନ୍ଥାମ୍ବରର ରାଜା ଥିଲେ ଚୌହାନ ବଂଶର ରାଜା ସୁରଜନ ରାୟ । ଏହି ରାଜ୍ୟ ମେବାରର ଏକ କରଦ ରାଜ୍ୟ ଥିଲା । ରନ୍ଥାମ୍ବରର ଅବସ୍ଥିତି ଥିଲା ସୁ-ଉଚ୍ଚ ପାହାଡ଼ର ଉପରି ଭାଗରେ । ୧୫୬୮ ଖ୍ରୀଷ୍ଟାବ୍ଦରେ ଆକବର ରନ୍ଥାମ୍ବର ଅଭିଯାନରୁ ମୀର୍ଜାମାନଙ୍କ ବିଦ୍ରୋହ ଯୋଗୁଁ ଫେରିଆସି ପୁନର୍ବାର ୧୫୬୯ ଖ୍ରୀଷ୍ଟାବ୍ଦରେ ଯୁଦ୍ଧଯାତ୍ରା କରିଥିଲେ । ଦୁର୍ଗ ମଧ୍ୟକୁ ପ୍ରବେଶ କରିବା ଅସମ୍ଭବ ଥିଲା । ତେଣୁ ଆକବର ଅନ୍ୟ ଏକ ପାହାଡ଼ ଉପରୁ ଏହା ଉପରକୁ ଘନ ଘନ ତୋପ ମାଡ଼ କରିଥିଲେ । ଶେଷରେ ଦୁର୍ଗଟି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଗଳିପଡ଼ିଥିଲା । ଦୁର୍ଗଟିକୁ ଆକବର ପ୍ରାୟ ଏକ ମାସ ଧରି ଅବରୋଧ କରିଥିଲେ । ସୁରଜନ ରାୟ ଶେଷରେ ଭଗବାନ ଦାସ ଓ ହୁସେନ କୁଲି ଖାଁଙ୍କ ମଧ୍ୟସ୍ଥତାରେ ଆକବରଙ୍କ ସହିତ ସନ୍ଧି କରିବାକୁ ଚାହିଁଥିଲେ । ଆତ୍ମସମର୍ପଣର ସନ୍ତକ ରୂପେ ସୁରଜନଙ୍କ ଦୁଇପୁତ୍ର ଦଣ୍ଡ ଓ ଭୋଜଙ୍କୁ ଆକବରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ରନ୍ଥାମ୍ବର ଦୁର୍ଗ ଆକବରଙ୍କ ଅଧିକାରଭୁକ୍ତ ହୋଇଥିଲା । ଆକବର ମଧ୍ୟ ସୁରଜନଙ୍କୁ ପ୍ରଥମେ ଗଡ଼କଣ୍ଟକର କିଲାଦାର ଓ ପରେ ନୂନାର ଦୁର୍ଗର ଗଭର୍ଣ୍ଣର ରୂପେ ନିଯୁକ୍ତି ଦେଇଥିଲେ ।

କାଲିଞ୍ଜର ପତନ ଖ୍ରୀ: ୧୫୬୯ (Decline of Kalinjar, 1569)

ରନ୍ଥାମ୍ବର ପରି ଉତ୍ତରପ୍ରଦେଶରେ କାଲିଞ୍ଜର ଥିଲା ଏକ ଶକ୍ତିଶାଳୀ ଦୁର୍ଗ । ଦୁର୍ଗଟି ରାମଚାନ୍ଦଙ୍କ ଅଧୀନରେ ରହିଥିଲା । ଆକବର ଏହାର ଅବରୋଧ ପାଇଁ ମଜନୁନ୍ ଖାଁ (Majnun Khan)ଙ୍କୁ ପ୍ରେରଣ କରିଥିଲେ । ରାମଚାନ୍ଦ ଚିତୋର ଓ ରନ୍ଥାମ୍ବର ଦୁର୍ଗମାନଙ୍କର ପତନ ବିଷୟରେ ଜାଣିଥିଲେ । ତେଣୁ ସେ ୧୫୬୯ ଖ୍ରୀଷ୍ଟାବ୍ଦରେ ଦୁର୍ଗଟିକୁ ଆକବରଙ୍କ ଉଦ୍ଦେଶ୍ୟରେ ସମର୍ପଣ କଲେ । ରାମଚାନ୍ଦଙ୍କୁ ଆଲାହାବାଦଠାରେ ଏକ ଜାଗିରି ପ୍ରଦାନ କରାଯାଇଥିଲା । ଏହି ଦୁର୍ଗର ବିଜୟ ପରେ ଉତ୍ତରଭାରତରେ ଆକବରଙ୍କ ସ୍ଥିତି ଦୃଢ଼ୀଭୂତ ହୋଇଥିଲା । ରାଜପୁତ୍ମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବାରେ ମୋଗଲମାନଙ୍କର ଆଉ ଭୟ ରହିନଥିଲା ।

ଯୋଧପୁର ଓ ବିକାନିର (Jodhpur and Bikanir)

୧୫୭୦ ଖ୍ରୀଷ୍ଟାବ୍ଦରେ ଯୋଧପୁରର ରାଜା ମାଳଦେବଙ୍କ ପୁତ୍ର ଚନ୍ଦ୍ରସେନ ନାଗୌର (Nagaur)ଠାରେ ଆକବରଙ୍କୁ ବନ୍ଧୁତାର ହାତ ବଢ଼ାଇଥିଲେ ଓ ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ସେହିପରି ବିକାନିର ରାଜା କଲ୍ୟାଣମଲ୍ଲଙ୍କ ପୁତ୍ର ରାଇସିଂହ ଆକବରଙ୍କୁ କର ପ୍ରଦାନ କରିଥିଲେ । ବନ୍ଧୁତାକୁ ଦୃଢ଼ୀଭୂତ କରିବା ପାଇଁ କଲ୍ୟାଣ ମଲ୍ଲ ନିଜର କନ୍ୟାକୁ ଆକବରଙ୍କ ସହିତ ବିବାହ ଦେଇଥିଲେ । ତାଙ୍କର ପୁତ୍ରକୁ ମନସୁବାଦାର ପଦବୀ ମିଳିଥିଲା ।

ଟୋଡ଼ ଯଥାର୍ଥରେ କହିଛନ୍ତି, ''ଆକବର ଥିଲେ ମୋଗଲ ସାମ୍ରାଜ୍ୟର ପ୍ରକୃତ ପ୍ରତିଷ୍ଠାତା, ରାଜପୁତ୍ ସ୍ୱାଧୀନତାର ପ୍ରଥମ ସଫଳ ବିଜୟୀ ।''

ଗୁଜୁରାଟ ବିଜୟ, ଖ୍ରୀ: ୧୫୭୨-୭୩ (Conquest of Gujrat, 1572-73)

ରାଜପୁତ୍‌ମାନଙ୍କର ଶକ୍ତି ଭାଙ୍ଗିଦେବାପରେ ଆକବର ଗୁଜୁରାଟ ବିରୁଦ୍ଧରେ ଏକ ଅଭିଯାନ କଢ଼େଇବାକୁ ଚାହିଁଥିଲେ । ଆକବରଙ୍କ ଉଦ୍ଦେଶ୍ୟ ଥିଲା ପିତା ହରେଇଥିବା ଏହି ଅଞ୍ଚଳକୁ ପୁନଃ ଅଧିକାର କରିବା । ଗୁଜୁରାଟ ଥିଲା ଏକ ସମୃଦ୍ଧ ଅଞ୍ଚଳ । ଏହାର ବ୍ରୋଚ, କାମ୍ବେ ଓ ସୁରାଟ ଅଞ୍ଚଳରୁ ଏସୀୟ ଓ ଇଉରୋପୀୟ ଅଞ୍ଚଳକୁ ବ୍ୟବସାୟ ବାଣିଜ୍ୟ କରାଯାଉଥିଲା । ମୁସଲମାନ୍‌ଙ୍କ ତୀର୍ଥସ୍ଥାନ ମକ୍‌କାକୁ ଗୁଜୁରାଟ ପଥ ଦେଇ ଯିବାକୁ ପଡୁଥିଲା । ଗୁଜୁରାଟର ରାଜା ମଧ୍ୟ ଆକବରଙ୍କର ଶତ୍ରୁମାନଙ୍କୁ ଆଶ୍ରୟ ଦେଉଥିଲେ । ଏହିସବୁ କାରଣ ଯୋଗୁଁ ଗୁଜୁରାଟ ବିଜୟ ଆକବରଙ୍କ ପାଇଁ ଖୁବ୍ ଜରୁରୀ ଥିଲା ।

ଗୁଜୁରାଟର ଅବସ୍ଥା ସେତେବେଳେ ଥିଲା ଖୁବ୍ ଶୋଚନୀୟ । ତୃତୀୟ ମୁଜାଫର ଖାଁ ସେଠାରେ ନାମକୁ ମାତ୍ର ଶାସକ ଥିଲେ । ଆଧିପତ୍ୟ ବିସ୍ତାର କରିବା ପାଇଁ ଏଠାରେ ସର୍ବଦା ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ସ୍ୱାର୍ଥପର ଓ ରକ୍ତାକ୍ତ କନ୍ଦଳ ଲାଗିରହିଥିଲା । ସ୍ମିଥ୍‌ଙ୍କ ଭାଷାରେ, ''ଏକ ସ୍ଥିର ସରକାର ବ୍ୟତିରେକେ ସାତଗୋଟି ଯୁଦ୍ଧରତ ରାଜ୍ୟରେ ବିଭକ୍ତ ଥିଲା ସେହି ଦେଶ, ଯାହା ଉପରେ ସନ୍ଦେହଜନକ ବୈଧତାର ନାମକୁ ମାତ୍ର ରାଜା ତୃତୀୟ ମୁଜାଫର ଶାହା ସାମାନ୍ୟ କର୍ତ୍ତୃତ୍ୱ ଜାରି କରୁଥିଲେ ।'' ଏଠାରେ ଚାଲୁଥିବା ଗୃହଯୁଦ୍ଧର ସୁଯୋଗ ନେଇ ଆକବର ଅହମଦାବାଦ ବିରୋଧରେ ସୈନ୍ୟଚାଳନା କରିଥିଲେ । ମୁଜାଫର ଖାଁ ଭୟରେ ଶସ୍ୟକ୍ଷେତ୍ର ମଧ୍ୟରେ ଆତ୍ମଗୋପନ କଲେ । ଆକବର ଅହମଦାବାଦ ଅଧିକାର କରିଥିଲେ । ଖାଁ ଆଜାମ (ଆଜିଜକୋକା)ଙ୍କୁ ଗୁଜୁରାଟର ଗଭର୍ଣ୍ଣର ରୂପେ ନିଯୁକ୍ତ କରାଯାଇଥିଲା ।

ଆକବର ଆଗ୍ରାକୁ ଫେରିଆସିବା ପରେ ମହମ୍ମଦ ହୁସେନ ମୀର୍ଜାଙ୍କ ନେତୃତ୍ୱରେ ଅସନ୍ତୁଷ୍ଟ ମୀର୍ଜା ଓ ସମ୍ଭ୍ରାନ୍ତମାନେ ବିଦ୍ରୋହ କରିଥିଲେ । ଖାଁ ଆଜାମଙ୍କ ସହିତ ଅହମଦାବାଦ ଦୁର୍ଗ ସେମାନଙ୍କ ଦ୍ୱାରା ଅବରୋଧ କରାଯାଇଥିଲା । ଏହି ସମ୍ବାଦ ଶ୍ରବଣ କରି ଆକବର ୧୧ ଦିନରେ ୪୫୦ ମାଇଲ ଦୂର ଯାତ୍ରା କରି ସାବରମତୀ ନଦୀ କୂଳରେ ପହଞ୍ଚିଥିଲେ ଓ ସହସା ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ ଚଳେଇ ସେମାନଙ୍କୁ ଦମନ କଲେ । ଶୁଣାଯାଏ ୨୦୦୦ ମନୁଷ୍ୟଙ୍କର ପଞ୍ଜରା ହାଡ଼ରେ ଏକ ଗୃହ ନିର୍ମିତ ହୋଇଥିଲା । ଗୁଜୁରାଟର ଗଭର୍ଣ୍ଣର ରୂପେ ଖାଁ ଆଜାମଙ୍କୁ ପୁନଃ ନିଯୁକ୍ତି ମିଳିଥିଲା । ସେଠିକାର ରାଜସ୍ୱ ବିଭାଗକୁ ପୁନର୍ଗଠନ କରିବା ନିମନ୍ତେ ଆକବର ତୋଡ଼ର ମଲ୍ଲଙ୍କୁ ଅବସ୍ଥାପନ କରିଥିଲେ ।

ବିହାର ଓ ବଙ୍ଗଳା ବିଜୟ, ଖ୍ରୀ: ୧୫୭୪-୭୬ (Conquest of Bihar and Bengal, 1574-76 A.D)

କୁହାଯାଇଥାଏ ଯେ ବଙ୍ଗଳା ଥିଲା ସର୍ବଦା ଦିଲ୍ଲୀ ସାମ୍ରାଜ୍ୟର ଏକ ଅବାଧ ରାଜ୍ୟ । ୧୫୬୪ ଖ୍ରୀଷ୍ଟାବ୍ଦରେ ସୁଲେମାନ ଖାଁ (Sulaiman Khan) ବିହାରରେ ସ୍ୱାଧୀନ ଭାବରେ ଶାସନ କରିବା ସହିତ ବଙ୍ଗଳା ଓ ଓଡ଼ିଶା ଅଧିକାର କରିଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ସେ ଆକବରଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଦାଉଦ ହେଲେ ଶାସନକର୍ତ୍ତା । ଲେଖକ ତବାକାତ (Tabaqat) ଲେଖିଛନ୍ତି, ''ଯିଏ ଶାସନ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ, ଖୁବ୍ ଶୀଘ୍ର ସେ ପିତାଙ୍କର ବିଜ୍ଞ ପଦକ୍ଷେପ ତ୍ୟାଗ କରିଥିଲେ ।'' ଦାଉଦ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ସେ ମଧ୍ୟ ଜାମାନିଆ (Zamania) (ଉତ୍ତର ପ୍ରଦେଶର ଘାଜିପୁର ଜିଲ୍ଲାରେ ଅନ୍ତର୍ଗତ) ଅଧିକାର କରି ଆକବରଙ୍କୁ ଅସନ୍ତୁଷ୍ଟ କରିଥିଲେ । ୧୫୭୪ ଖ୍ରୀଷ୍ଟାବ୍ଦରେ ଆକବର ତାଙ୍କ ବିରୁଦ୍ଧରେ ଏକ ଅଭିଯାନ ଚଳାଇ ତାଙ୍କୁ ବିହାରରୁ ବିତାଡ଼ିତ କରିଥିଲେ । ଦାଉଦ ବଙ୍ଗଳାରୁ ଓଡ଼ିଶାକୁ ପଳାଇଆସିଥିଲେ । ବଙ୍ଗଳା ଅଭିଯାନ ଦାୟିତ୍ୱ ମୁନିମ ଖାଁଙ୍କୁ ଦେଇ ଆକବର ସିକ୍ରିକୁ ଫେରିଥିଲେ । ମୁନିମ ଖାଁ ତାଣ୍ଡାକୁ ନିୟନ୍ତ୍ରଣରେ ରଖିଥିଲେ । ୧୫୭୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁପରେ ଦାଉଦ ପୁନର୍ବାର ବଙ୍ଗଳା ଅଧିକାର କରିବାକୁ ଅଭିଯାନ କଲେ । ଆକବରଙ୍କର ଜଣେ ସେନାପତିଙ୍କ ଦ୍ୱାରା ସେ ରାଜମହଲ ନିକଟରେ ଏକ ଯୁଦ୍ଧରେ ୧୫୭୬ ଖ୍ରୀଷ୍ଟାବ୍ଦରେ ପରାସ୍ତ ହୋଇ ନିହତ ହେଲେ । ବଙ୍ଗଳା ମୋଗଲ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଭି. ଏ. ସ୍ମିଥ୍ ଲେଖିଛନ୍ତି, ''ବଙ୍ଗଳାର ସ୍ୱାଧୀନ ରାଜ୍ୟ ଯାହା ଦୁଇଶହ ଛତିଶ ବର୍ଷ ଧରି ତିଷ୍ଠି ରହିଥିଲା, ତାହା ଦାଉଦଙ୍କ ସହିତ ଶେଷ ହୋଇଗଲା ।''

ମେବାର ପୁନଃ ଆକ୍ରମଣ: ରାଣାପ୍ରତାପ ଓ ହଳଦୀଘାଟ ଯୁଦ୍ଧ, ୧୫୭୬ (War against Mewar : Rana Pratap and Battle of Haldighati, 1576)

ଜଣେ ପରେ ଜଣେ ରାଜପୁତ୍ ଶାସକ ମୋଗଲମାନଙ୍କର ପ୍ରାଧାନ୍ୟ ସ୍ୱୀକାର କରୁଥିଲେ; କିନ୍ତୁ ଏପରି କରିବାକୁ ମେବାର ପ୍ରତ୍ୟାଖ୍ୟାନ କରିଥିଲା । ପିତାଙ୍କର ମୃତ୍ୟୁପରେ ୧୫୭୨ ଖ୍ରୀଷ୍ଟାବ୍ଦରେ ଏକ ନିରାଡ଼ମ୍ବର ଉତ୍ସବରେ ରାଣାପ୍ରତାପ ଗୋଗୁଣ୍ଡାଠାରେ ରାଜା ରୂପେ ଅଭିଷିକ୍ତ ହୋଇଥିଲେ । ଉଦୟପୁରର ଉତ୍ତର-ପଶ୍ଚିମ ଦିଗରେ ୧୯ ମାଇଲ ଦୂରରେ ଅବସ୍ଥିତ ଥିଲା ଗୋଗୁଣ୍ଡା । ସେ ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ ଚିତୋରକୁ ଶତ୍ରୁମାନଙ୍କଠାରୁ ମୁକ୍ତ ନ କରିଛନ୍ତି, ସେ ପାତ୍ରରେ ଖାଦ୍ୟଗ୍ରହଣ କରିବେ ନାହିଁ ବା ଶେଯରେ ଶୟନ କରିବେ ନାହିଁ । ଅନ୍ୟ ରାଜପୁତ୍ ଶାସକମାନେ ନିଜ ସାମ୍ରାଜ୍ୟର ଗୌରବ ବୃଦ୍ଧି କରିବାକୁ ଚାହୁଁଥିବାବେଳେ ରାଣାପ୍ରତାପ ନିଜ ଜାତିର ଟେକ ରଖିବାକୁ ଚାହୁଁଥିଲେ । ଧନ

ଓ ସମ୍ବଳହୀନ ମେବାରକୁ ଲଢ଼ିବାକୁ ଥିଲା ଏକ ଶକ୍ତିଶାଳୀ ମୋଗଲ ସମ୍ରାଟଙ୍କ ବିରୋଧରେ, ଯିଏ ସେତେବେଳେ ଥିଲେ ପୃଥିବୀ ବକ୍ଷରେ ଅମାପ ବିଭବଶାଳୀ ସମ୍ରାଟ । ରାଣାପ୍ରତାପଙ୍କୁ ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥିଲା ଅମ୍ବର, ମାରବାର, ଜୟସାଲମୀର ଓ ବିକାନିର ରାଜାମାନଙ୍କୁ ଓ ନିଜର ଭ୍ରାତା ଶକ୍ତିସିଂହଙ୍କୁ, ଯେଉଁମାନେ ଆକବରଙ୍କ ସହିତ ହାତ ମିଳାଇଥିଲେ । ରାଣାପ୍ରତାପ ଥିଲେ ସ୍ୱତନ୍ତ୍ର କେତେକ ମହାନ ଉପାଦାନରେ ଗଢ଼ା । ସେ ଚାହୁଁଥିଲେ କିପରି ଜନନୀକୁ ଦୁଗ୍ଧରେ ପୂରଣ କରିବେ ।

ସମ୍ମୁଖରେ ବିପଦ ଆସୁଥିବାର ଜାଣିପାରି ରାଣାପ୍ରତାପ ସୈନ୍ୟମାନଙ୍କୁ ସୁସଂଗଠିତ ଓ ଦୁର୍ଗଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିଥିଲେ । ସେ ଚାହୁଁଥିଲେ, ତାଙ୍କର ରଣନୀତି ହେବ ଗରିଲା ଯୁଦ୍ଧ ।

୧୫୭୬ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ରାଣାପ୍ରତାପଙ୍କ ବିରୁଦ୍ଧରେ ଆକବର ମାନସିଂହ ଓ ଆସଫ୍ ଖାଁଙ୍କୁ ପ୍ରେରଣ କରିଥିଲେ । କଥା ରହିଛି ଯେ ରାଣାପ୍ରତାପଙ୍କର ଥିଲା ୨୦,୦୦୦ ଅଶ୍ୱାରୋହୀ ସୈନିକ ଓ ମାନସିଂହଙ୍କ ସୈନ୍ୟସଂଖ୍ୟା ଥିଲା ୮୦,୦୦୦; କିନ୍ତୁ ଏ ପ୍ରକାର ତଥ୍ୟ ଅବାନ୍ତର ବୋଲି ଜଣାଯାଏ । ପ୍ରକୃତରେ ରାଣାପ୍ରତାପଙ୍କ ସୈନ୍ୟସଂଖ୍ୟା ଥିଲା ୩୦୦୦ ଅଶ୍ୱାରୋହୀ ଓ କେତେଶହ ମାତ୍ର ଭିଲ ପଦାତିକ ସୈନିକ । ସେହିପରି ମାନସିଂହ କଢ଼େଇ ଆଣିଥିଲେ ୧୦,୦୦୦ ବର୍ଚ୍ଛାଧାରୀ ଅଶ୍ୱାରୋହୀ । ଏହିପରି ଆରମ୍ଭ ହୋଇଥିଲା ଭୟାବହ ହଳଦୀଘାଟ ଯୁଦ୍ଧ । ଯୁଦ୍ଧର ପ୍ରତ୍ୟକ୍ଷଦର୍ଶୀ ଐତିହାସିକ ବଦାଉନି ଲେଖିଛନ୍ତି ଯେ ...ଣା ୩୦୦ ଅଶ୍ୱାରୋହୀ ଧରି ପର୍ବତଆଡୁ ଆସିଲେ ଏବଂ ତାଙ୍କର ପ୍ରଥମ ଆକ୍ରମଣରେ ...ାଟଙ୍କ ଆଗୁଆ ସୈନ୍ୟଦଳ ହତାଶରେ ଅନ୍ୟମାନଙ୍କ ସହିତ ମିଶିଗଲେ ଏବଂ ସମ୍ପୂର୍ଣ୍ଣ ...ପେ ପରାଜିତ ହେଲେ । ମୋଗଲମାନଙ୍କର ବାମଭାଗରୁ ରାଜପୁତ୍ ସୈନ୍ୟମାନେ ଦଳେମେଷ ଧାବମାନ ହେବାପରି ଜୀବନ ରକ୍ଷା ନିମିତ୍ତ ଦକ୍ଷିଣ ପାର୍ଶ୍ୱକୁ ପଳାୟନ କଲେ । ଏହାପରେ ତାଙ୍କର ଅଶ୍ୱ ଚେତକ ପୃଷ୍ଠରେ ରାଣାପ୍ରତାପ ପର୍ବତଆଡ଼କୁ ପଳାୟନ କରିଥିଲେ । ସେ ଯାହାହେଉ, ମୋଗଲମାନଙ୍କର ଅଧିକ ସଂଖ୍ୟକ ସୈନ୍ୟ ରାଣାଙ୍କ ବାହିନୀକୁ ସମ୍ପୂର୍ଣ୍ଣ ରୂପେ ପରାଜିତ କରିଥିଲେ । ଗୋଗୁଣ୍ଡା ସହିତ ଅନ୍ୟ ଶକ୍ତିଶାଳୀ ସ୍ଥାନଗୁଡ଼ିକ ମୋଗଲମାନଙ୍କ ଅଧିକାରକୁ ଚାଲିଆସିଲା; ମାତ୍ର ରାଣାପ୍ରତାପଙ୍କ ଉଦ୍ୟମ ନିରର୍ଥକ ହୋଇନଥିଲା । ମଣ୍ଡଳଗଡ଼, ଆଜମୀର ଓ ଚିତୋର ବ୍ୟତୀତ ସେ ଅଧିକାଂଶ ଅଞ୍ଚଳ ମୋଗଲମାନଙ୍କଠାରୁ ଉଦ୍ଧାର କରିଥିଲେ । ୧୫୯୭ ଖ୍ରୀଷ୍ଟାବ୍ଦରେ ୫୭ ବର୍ଷ ବୟସରେ ରାଣାଙ୍କର ଦେହାନ୍ତ ହୋଇଥିଲା ।

ଆବୁଲ ଫାଜଲ ରାଣାଙ୍କ ଅହଂକାର, ଧୃଷ୍ଟତା, ଅବାଧ୍ୟତା ଓ ପ୍ରତାରଣା ଆଦି ବିଷୟରେ ବର୍ଣ୍ଣନା କରିଛନ୍ତି; କିନ୍ତୁ ତାଙ୍କର ଗୌରବ ଏବଂ ତାଙ୍କର ଯୁଦ୍ଧର ଉଦ୍ଦେଶ୍ୟ କଥା ବର୍ଣ୍ଣନା କରିନାହାନ୍ତି । ଐତିହାସିକମାନେ ମଧ୍ୟ ପ୍ରତାପଙ୍କ କୀର୍ତ୍ତିଗାନ କରିବାରେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି । ଭିନ୍‌ସେଣ୍ଟ ସ୍ମିଥ୍ କହିଛନ୍ତି, ''ତାଙ୍କର (ରାଣାପ୍ରତାପ) ଦେଶପ୍ରେମ ହିଁ

ଥିଲା ତାଙ୍କର ଅପରାଧ । ଆକବର ତାଙ୍କର ଚତୁର ନୀତି ଦ୍ୱାରା ଅଧିକାଂଶ ରାଜପୁତ୍ ନାୟକଙ୍କୁ ଜୟ କରିଥିଲେ ଏବଂ ରାଣା ଧରି ରଖିଥିବା ସ୍ୱାଧୀନ ମନୋଭାବ ସହ୍ୟ କରି ପାରୁନଥିଲେ, ଯିଏ ତାଙ୍କ ସାଥୀମାନଙ୍କ ପରି ଯଦି ନତ ନ ହେବେ ତେବେ ତାଙ୍କୁ ଭାଙ୍ଗି ଦିଆଯିବ ।'' ସେହିପରି ଟୋଡ଼ କହିଛନ୍ତି, ''ଅତ୍ୟୁଚ୍ଚ ଆରାବଳିରେ କୌଣସି ସଂକୀର୍ଣ୍ଣ ପଥ ନଥିଲା, ଯାହା ପ୍ରତାପଙ୍କର କିଛି କିଛି କାର୍ଯ୍ୟ ପାଇଁ ପବିତ୍ର ନ ହୋଇଥିଲା- କେତେକ ଦୀପ୍ତିମାନ ବିଜୟ, କିମ୍ବା ପ୍ରାୟଶଃ ଅଧିକତର ଗୌରବମୟ ପରାଜୟ । ହଳଦୀଘାଟ ଥିଲା ମେବାରର ଥର୍ମୋଫାଇଲ (Thermophylae) ।''

୧୫୯୭ ଖ୍ରୀଷ୍ଟାବ୍ଦରେ ରାଣାପ୍ରତାପଙ୍କ ପରେ ତାଙ୍କ ପୁତ୍ର ଅମର ସିଂହ ରାଜା ହୋଇଥିଲେ । ସେ ତାଙ୍କର ସୈନ୍ୟମାନଙ୍କୁ ପୁନର୍ବାର ସଂଗଠନ କରିଥିଲେ । ମେବାର ଆକ୍ରମଣ କରିବା ପାଇଁ ପୁନର୍ବାର ଆକବର ରାଜପୁତ୍ର ସଲିମ୍ ଓ ରାଜା ମାନସିଂହଙ୍କୁ ପ୍ରେରଣ କରିଥିଲେ । ଅମର ପରାସ୍ତ ହୋଇଥିଲେ । ଦିଲ୍ଲୀ ସୈନ୍ୟମାନେ ତାଙ୍କର ସାମ୍ରାଜ୍ୟ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ; ମାତ୍ର ଏ ଅଭିଯାନର ସହସା ପରିସମାପ୍ତି ଘଟିଥିଲା । କାରଣ ବଙ୍ଗଳାରେ ବିଦ୍ରୋହ ଦମନ କରିବା ନିମିତ୍ତ ମାନସିଂହଙ୍କୁ ପ୍ରତ୍ୟାହୃତ କରାଯାଇଥିଲା ।

କାବୁଲ୍ ବିଜୟ, ଖ୍ରୀ:୧୫୮୧ (Conquest of Kabul)

ଆକବରଙ୍କର ସମ୍ପୂର୍ଣ୍ଣ ଧର୍ମ ସହନଶୀଳ ନୀତିକୁ ବିହାର ଓ ବଙ୍ଗଳାର ବିଖ୍ୟାତ ବିଖ୍ୟାତ କର୍ମଚାରୀ ବିରୋଧ କରୁଥିଲେ । ସେମାନେ ଆକବରଙ୍କୁ ଗାଦିଚ୍ୟୁତ କରି ତାଙ୍କ ବୈମାତ୍ରେୟ ଭ୍ରାତା ମୀର୍ଜା ମହମ୍ମଦ ହାକିମ୍‌ଙ୍କୁ ରାଜା କରିବା ନିମିତ୍ତ ଷଡ଼ଯନ୍ତ୍ର କରୁଥିଲେ । ହାକିମ ଥିଲେ କାବୁଲ୍‌ର ଶାସନକର୍ତ୍ତା । ହାକିମ ମଧ୍ୟ ଚାହୁଁଥିଲେ ଯେ ସେ ପଞ୍ଜାବ ଅଧିକାର କରିବେ । ଧର୍ମାନ୍ଧ ମୁସଲମାନ୍‌ମାନେ ତାଙ୍କୁ ସମର୍ଥନ କରୁଥିଲେ । ଜୌନପୁରର କାଜି ଫତୱା (Fatwa) ଜାରି କରି ଘୋଷଣା କରିଥିଲେ ଯେ ଆକବରଙ୍କ ବିରୁଦ୍ଧରେ ବିଦ୍ରୋହ ଏକ ଧର୍ମୀୟ କର୍ତ୍ତବ୍ୟ । ବିହାର ଓ ବଙ୍ଗଳାରେ ବିଦ୍ରୋହ ଘନୀଭୂତ ହୋଇଥିଲା ।

ଆକବର ଠିକ୍ ରୂପେ ବୁଝିପାରିଥିଲେ ଯେ ଏହି ବିଦ୍ରୋହର ମୂଳରେ ରହିଛନ୍ତି ତାଙ୍କ ଭ୍ରାତା ମୀର୍ଜା ହାକିମ୍ । ତେଣୁ ସେ କାବୁଲ୍ ଆକ୍ରମଣ କରିବାକୁ ସାମରିକ ପ୍ରସ୍ତୁତି କରିଥିଲେ ଏବଂ ତତ୍ ସହିତ ବିହାର ଓ ବଙ୍ଗଳାର ବିଦ୍ରୋହ ଦମନ କରିବାକୁ ଏକ ସୈନ୍ୟଦଳ ପ୍ରେରଣ କରିଥିଲେ । ନିଜେ ହାକିମ୍ ୧୫,୦୦୦ ଅଶ୍ୱାରୋହୀ ଧରି ପଞ୍ଜାବରେ ପହଞ୍ଚିଥିଲେ ଓ ତା'ପରେ ଲାହୋରକୁ ଆଗେଇଥିଲେ; କିନ୍ତୁ ପଞ୍ଜାବର ମୁସଲମାନ୍‌ମାନେ ତାଙ୍କୁ ସାହାଯ୍ୟ କରିବାକୁ ମନାକରିଦେବାରୁ ସେ କାବୁଲ୍‌କୁ ଫେରିଯାଇଥିଲେ ।

ମୀର୍ଜାଙ୍କର ଆଗମନ କଥା ଜାଣି ଆକବର ୫୦,୦୦୦ ଅଶ୍ୱାରୋହୀ, ୫୦୦ ହସ୍ତୀ ଓ ଅନେକ ପଦାତିକ ସୈନ୍ୟଙ୍କୁ ଧରି କାବୁଲ୍ ଅଭିମୁଖରେ ବାହାରିଥିଲେ । କାବୁଲ୍ ଅବରୋଧ

କରିବାକୁ ସେ ଏହା ପୂର୍ବରୁ ମାନସିଂହଙ୍କୁ ପ୍ରେରଣ କରିଥିଲେ । ମାନସିଂହ କାବୁଲ୍ ଅଧିକାର
କଲେ । ମୀର୍ଜା ହାକିମ୍ କ୍ଷମାଭିକ୍ଷା କରିବାରୁ ଆକବର କ୍ଷମା ପ୍ରଦାନ କରିଥିଲେ । ଆକବର
ତାଙ୍କର ବୈମାତ୍ରେୟ ଭଗ୍ନୀ ବଖତ-ଉନ୍-ନିସା(Bakht-un-Nisa)ଙ୍କୁ କାବୁଲର ଗଭର୍ଣ୍ଣର
ରୂପେ ନିଯୁକ୍ତି ଦେଇଥିଲେ । ଅନେକ ବିଦ୍ରୋହୀଙ୍କୁ ବନ୍ଦୀ କରାଗଲା ଓ ଅନେକଙ୍କୁ ହତ୍ୟା
ମଧ୍ୟ କରାଗଲା । ଏହାପରେ ଆକବର ସିକ୍ରିକୁ ପ୍ରତ୍ୟାବର୍ତ୍ତନ କରିଥିଲେ; କିନ୍ତୁ ବାସ୍ତବ
କ୍ଷେତ୍ରରେ ହାକିମ୍‌ଙ୍କ ହସ୍ତରେ ରହିଥିଲା କାବୁଲର ଶାସନ ଦାୟିତ୍ୱ ।

କାଶ୍ମୀର ବିଜୟ, ଖ୍ରୀ:୧୫୮୫-୮୬ (Conquest of Kashmir, 1585-86)

କାଶ୍ମୀର ଅବରୋଧ କରିବା ନିମନ୍ତେ ଆକବର ୧୫୮୬ ଖ୍ରୀଷ୍ଟାବ୍ଦରେ କାଶିମ ଖାଁ
ଓ ଭଗବାନ ଦାସଙ୍କୁ ପ୍ରେରଣ କରିଥିଲେ । ସମ୍ରାଟଙ୍କ ସୈନ୍ୟମାନେ ବର୍ଷା ଓ ବରଫପାତ
ନିମନ୍ତେ କେତେଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନଥିଲେ; ମାତ୍ର
ସେମାନେ କାଶ୍ମୀରର ରାଜା ୟୁସୁଫଙ୍କୁ ବାଧ କରି ଆକବରଙ୍କ ବଶ୍ୟତା ସ୍ୱୀକାର କରାଇଲେ ।
ଆକବରଙ୍କ ନାମରେ ଖୁତ୍‌ବା ପାଠ ଓ ମୁଦ୍ରା ପ୍ରଚଳନ କରିବା ପାଇଁ ୟୁସୁଫ ମଧ୍ୟ ସମ୍ମତ
ହେଲେ; କିନ୍ତୁ ୟୁସୁଫଙ୍କ ପୁତ୍ର ୟାକୁବ ଆଶାଶୂନ୍ୟ ଭାବରେ ଦିଲ୍ଲୀ ସୈନ୍ୟମାନଙ୍କୁ ବାଧା
ଦେବାକୁ ଚେଷ୍ଟା କରିଥିଲେ । ସେ ମଧ୍ୟ ପରାସ୍ତ ହେଲେ । ପିତା ଓ ପୁତ୍ରଙ୍କୁ ବନ୍ଦୀ ରୂପେ
ମାନସିଂହଙ୍କ ତତ୍ତ୍ୱାବଧାନରେ ବିହାରଠାରେ ରଖାଯାଇଥିଲା । କାଶ୍ମୀରକୁ କାବୁଲ୍ ସୁବାର ଏକ
ଅଂଶରେ ପରିଣତ କରାଗଲା ।

ସିନ୍ଧୁ ଅଧିକାର, ଖ୍ରୀ: ୧୫୯୧ (Occupation of Sindh, 1591)

ମୋଗଲମାନଙ୍କ ଦ୍ୱାରା ୧୫୭୪ ଖ୍ରୀଷ୍ଟାବ୍ଦରେ ଭାକ୍‌କର (Bhakkar) ଦୁର୍ଗ ଅଧିକୃତ
ହୋଇଥିଲା; ମାତ୍ର ଦକ୍ଷିଣ ସିନ୍ଧୁର ଏକ ବୃହତ୍ ଅଞ୍ଚଳ ତଥାପି ସ୍ୱାଧୀନ ଥିଲା । ଆକବର
ଚାହୁଁଥିଲେ ସିନ୍ଧୁ ଓ ବେଲୁଚିସ୍ତାନ ଅଧିକାର କରି ସୁବିଧାରେ କାନ୍ଦାହାର ଜୟ କରିବେ ।
ଅବଦୁର ରହମନଙ୍କୁ ମୁଲତାନର ଗଭର୍ଣ୍ଣର ରୂପେ ନିଯୁକ୍ତ କରାଯାଇଥିଲା । ମୀର୍ଜା ଜାନି
ବେଗ୍ ଥିଲେ ଥାଓ୍ୱା (Thatta) ବା ନିମ୍ନସିନ୍ଧୁର ଶାସକ । ତାଙ୍କଠାରୁ ନିମ୍ନସିନ୍ଧୁ ଅଞ୍ଚଳ
ଅଧିକାର କରିବାକୁ ଅବଦୁର ରହମନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜାନିବେଗ୍ ସାହସର
ସହିତ ସମ୍ରାଟଙ୍କ ବିପକ୍ଷରେ ଯୁଦ୍ଧ ଚଳାଇ ପରାଜିତ ହେଲେ ଓ ଆତ୍ମସମର୍ପଣ କରିଥିଲେ ।
ଥାଓ୍ୱା ଓ ସିଓ୍ୱାନ ସହିତ ସମଗ୍ର ସିନ୍ଧୁ ମୋଗଲ ସାମ୍ରାଜ୍ୟରେ ମିଶିଯାଇଥିଲା ଓ ଜାନିବେଗଙ୍କୁ
ମନସବଦାର ରୂପେ ଅବସ୍ଥାପିତ କରାଗଲା ।

ଓଡ଼ିଶା ଅଧିକାରଭୁକ୍ତ, ଖ୍ରୀ: ୧୫୯୨ (Annexation of Orissa, 1592)

୧୫୯୨ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ନିର୍ଦ୍ଦେଶରେ ମାନସିଂହ ଓଡ଼ିଶା ବିପକ୍ଷରେ ଏକ
ଅଭିଯାନ ଚଳାଇଥିଲେ । ଓଡ଼ିଶାର ନିସାର ଖାଁ ସାମାନ୍ୟ ପ୍ରତିରୋଧ ପରେ ଆତ୍ମସମର୍ପଣ

କରିଥିଲେ । ତାଙ୍କୁ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ କରାଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ନିସାର ଖାଁ ଜଗନ୍ନାଥ ମନ୍ଦିର ସହିତ ପୁରୀ ଅଞ୍ଚଳ ଅବରୋଧ କରିବାରୁ ରାଜା ମାନସିଂହ ପୁନର୍ବାର ତାହାଙ୍କୁ ପରାସ୍ତ କରିଥିଲେ । ଏହି ପ୍ରଦେଶଟି ସମ୍ରାଟଙ୍କ ସାମ୍ରାଜ୍ୟ ସହିତ ମିଶାଇଦିଆଗଲା ।

ବେଲୁଚିସ୍ତାନ ଅଧିକାର, ଖ୍ରୀ: ୧୫୯୫ (Conquest of Beluchistan, 1595)

ମୋଗଲ ସାମ୍ରାଜ୍ୟରେ ଅମିଶ୍ରିତ ବେଲୁଚିସ୍ତାନ ଅଧିକାର କରିବାକୁ ସମ୍ରାଟ ମୀର ମାସୁମଙ୍କୁ ପଠାଇଥିଲେ । ସେ ପର୍ଯ୍ୟନ୍ତ ବେଲୁଚିସ୍ତାନ ସମ୍ରାଟଙ୍କ ବଶ୍ୟତା ସ୍ୱୀକାର କରିନଥିଲା । ମୀର ମାସୁମ ସିବି ଦୁର୍ଗ ଆକ୍ରମଣ କରିଥିଲେ । ସେଠାରେ ଥିବା ଆଫଗାନ୍‌ମାନେ ପରାସ୍ତ ହେଲେ ଏବଂ ସେହି ଅଞ୍ଚଳ ଆକବରଙ୍କର କରଗତ ହୋଇଥିଲା ।

କାନ୍ଦାହାର ଅଧିକାର, ଖ୍ରୀ: ୧୫୯୫ (Conquest of Kandahar, 1595)

ପାରସିକ ଶାସକଙ୍କ ଅଧୀନରେ କାନ୍ଦାହାର ଶାସିତ ହେଉଥିଲା । ସେଠାରେ ଗଭର୍ଣ୍ଣର ଥିଲେ ମୁଜାଫର ହୁସେନ ମୀର୍ଜା । ପାରସିକ ଶାସକ ଓ ମୁଜାଫରଙ୍କ ମଧ୍ୟରେ ବୁଝାମଣାର ଅଭାବ ଥିଲା । ତେଣୁ ମୁଜାଫର କାନ୍ଦାହାରର ଶାସନ ଦାୟିତ୍ୱ ମୋଗଲ ସେନାପତିଙ୍କ ହସ୍ତରେ ଅର୍ପଣ କରିଥିଲେ । ଆକବର ତାଙ୍କୁ ମନସୁବାଦାର ରୂପେ ନିଯୁକ୍ତି ଦେଇଥିଲେ ।

ଦାକ୍ଷିଣାତ୍ୟ ଜୟ, ୧୫୯୩-୧୬୦୨ (Conquest of Deccan, 1593-1602)

ଉତ୍ତର ଓ ପୂର୍ବଭାରତ ଉପରେ ପ୍ରାଧାନ୍ୟ ବିସ୍ତାର କରିସାରିବା ପରେ ଆକବର ଦକ୍ଷିଣଭାରତ ବିଜୟ ନିମିତ୍ତ ଲକ୍ଷ୍ୟ ରଖିଥିଲେ । ଦକ୍ଷିଣଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଧାନ ପ୍ରଧାନ ରାଜ୍ୟଗୁଡ଼ିକ ଥିଲା ଅହମଦନଗର, ଗୋଲକୁଣ୍ଡା, ବିଜାପୁର ଓ ଖାନ୍ଦେଶ ଇତ୍ୟାଦି । ପ୍ରଥମତଃ, ଆକବର ଚାହୁଁଥିଲେ ଏକ ସର୍ବଭାରତୀୟ ସାମ୍ରାଜ୍ୟ ଗଠନ କରିବେ । ଦ୍ୱିତୀୟତଃ, ଜଣେ ଚତୁର କୂଟନୀତିଜ୍ଞ ଭାବରେ ସେ ଚାହୁଁଥିଲେ ଯେ ପର୍ତ୍ତୁଗୀଜ୍‌ମାନଙ୍କୁ ସମୁଦ୍ର ମଧ୍ୟକୁ ଠେଲିଦେବେ ଓ ସେମାନଙ୍କୁ ଭାରତର ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ସୁଯୋଗ ଦେବେନାହିଁ । ତେଣୁ ତାଙ୍କର ଦାକ୍ଷିଣାତ୍ୟ ନୀତିର ଆଧାର ଥିଲା ତାଙ୍କର ସାମ୍ରାଜ୍ୟବାଦ ମନୋଭାବ ଓ ତାଙ୍କର ଦୂରଦର୍ଶିତା । ଦକ୍ଷିଣଭାରତ ରାଜ୍ୟଗୁଡ଼ିକ ସହିତ ଯୁଦ୍ଧ ନ କରି ସେଗୁଡ଼ିକୁ ତାଙ୍କର ବଶ୍ୟତା ସ୍ୱୀକାର କରାଇବା ପାଇଁ ଆକବର ପ୍ରଥମେ ଦୂତ ପ୍ରେରଣ କରିଥିଲେ; କିନ୍ତୁ ଖାନ୍ଦେଶର ସୁଲତାନ ଅଲ୍ଲୀ ଖାଁଙ୍କ ବ୍ୟତୀତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକର ସୁଲତାନମାନେ ଆକବରଙ୍କର ବଶ୍ୟତା ସ୍ୱୀକାର କରିବାକୁ ଅସ୍ୱୀକାର କରିଥିଲେ । ଫଳରେ ଆରମ୍ଭ ହୋଇଥିଲା ଆକବରଙ୍କ ଅଭିଯାନ ।

ଅହମଦନଗର ବିଜୟ (Conquest of Ahmadnagar)

ଅହମଦନଗରର ଆଭ୍ୟନ୍ତରୀଣ ବିବାଦର ସୁଯୋଗ ନେଇ ଏହାକୁ ଆକ୍ରମଣ କରିବାକୁ ଆକବର ଅବଦୁର ରହିମ୍ ଏବଂ ରାଜପୁତ୍ର ମୁରାଦ୍‌ଙ୍କୁ ପଠାଇଥିଲେ । ଅନେକ ବାଧାବିଘ୍ନ ସତ୍ତ୍ୱେ ଦିଲ୍ଲୀ ସୈନ୍ୟମାନେ ୧୫୯୫ ଖ୍ରୀଷ୍ଟାବ୍ଦରେ ଅହମଦନଗର ଅବରୋଧ କରିଥିଲେ । ଚାନ୍ଦବିବିଙ୍କ ଅସାଧାରଣ ସାହସ ଓ ସଂକଳ୍ପ ଦ୍ୱାରା ଅହମଦନଗର ରକ୍ଷା କରାଯାଇପାରିଥିଲା । ସୈନ୍ୟ ସଂଗଠନ ଓ ପରିଚାଳନା କରିବାରେ ତାଙ୍କର ଖୁବ୍ ପାରଦର୍ଶିତା ଥିଲା । ସେ ଥିଲେ ହୁସେନ ନିଜାମ ଶାହାଙ୍କ କନ୍ୟା । ୧୫୯୬ ଖ୍ରୀଷ୍ଟାବ୍ଦରେ ମୋଗଲମାନଙ୍କର ଚାନ୍ଦବିବିଙ୍କ ସହିତ ଏକ ସନ୍ଧି ହୋଇଥିଲା । ଏହାଦ୍ୱାରା ବେରାର ମୋଗଲ ସାମ୍ରାଜ୍ୟରେ ମିଶିଯାଇଥିଲା ଏବଂ ଅହମଦନଗରର ବାଳକ-ରାଜା ବାହାଦୁର ଆକବରଙ୍କ ବଶ୍ୟତା ସ୍ୱୀକାର କରିବା ନିମିତ୍ତ ପ୍ରତିଜ୍ଞା କରିଥିଲେ; କିନ୍ତୁ ମୋଗଲମାନଙ୍କର ଗମନ ପରେ ଚାନ୍ଦବିବି ତାଙ୍କର କର୍ତ୍ତୃତ୍ୱ ପୁନର୍ବାର ଜାହିର କରିଥିଲେ । ତା'ପର ବର୍ଷ ଅହମଦନଗରର ଗୋଟିଏ ଗୋଷ୍ଠୀ ପୂର୍ବ ସନ୍ଧି ଅଗ୍ରାହ୍ୟ କରି ଚାନ୍ଦବିବିଙ୍କ ଇଚ୍ଛା ବିରୋଧରେ ମୋଗଲମାନଙ୍କୁ ପୁନଃ ଆକ୍ରମଣ କରି ବେରାରକୁ ମୁକ୍ତ କରିବାକୁ ଚାହିଁଥିଲେ । ତେଣୁ ପୁନର୍ବାର ସମ୍ରାଟଙ୍କ ସୈନ୍ୟମାନେ ୧୬୦୦ ଖ୍ରୀଷ୍ଟାବ୍ଦରେ ଅହମଦନଗର ଅଧିକାର କରିଥିଲେ । ଚାନ୍ଦବିବିଙ୍କୁ ହତ୍ୟା କରାଯାଇଥିଲା । ସାମ୍ରାଜ୍ୟବାଦୀମାନେ ନଗରଟିକୁ ଧ୍ୱଂସ କରିଦେଲେ । ମୋଗଲ ଇତିହାସରେ ଚାନ୍ଦବିବିଙ୍କର ବୀରତ୍ୱ ଓ ଆତ୍ମୋତ୍ସର୍ଗର ସ୍ୱଳ୍ପ ଦୃଷ୍ଟାନ୍ତ ରହିଛି । ଦାକ୍ଷିଣାତ୍ୟରେ ମୋଗଲ ଶକ୍ତିକୁ ପ୍ରତିହତ କରିବାରେ ତାଙ୍କର ଚେଷ୍ଟା ଏବେ ମଧ୍ୟ ସ୍ମରଣୀୟ ।

ଖାନ୍ଦେଶ ଅଧିକାର (Occupation of Khandesh)

ଖାନ୍ଦେଶର ସୁଲତାନ ଅଲ୍ଲୀ ଖାଁ ଆକବରଙ୍କ ପ୍ରତି ଅନୁରକ୍ତ ଥିଲେ ଏବଂ ଆକବରଙ୍କ ପକ୍ଷରେ ଯୁଦ୍ଧ କରୁଥିବା ଅବସ୍ଥାରେ ୧୫୯୯ ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରାଣହାନି ହେଲା । ନୂଆ ସୁଲତାନ ମିରାନ ମୋଗଲମାନଙ୍କ ପ୍ରାଧାନ୍ୟ ଅସ୍ୱୀକାର କରିଥିଲେ । ଆକବର ଖାନ୍ଦେଶ ବିରୁଦ୍ଧରେ ଏକ ଅଭିଯାନ ଚଳାଇଥିଲେ । ମିରାନ ଅସୀରଗଡ଼ ଦୁର୍ଗରେ ନିରାପତ୍ତା ଖୋଜିଥିଲେ; କିନ୍ତୁ ଆକବର ଅତର୍କିତ ଭାବରେ ଅସୀରଗଡ଼ ଦୁର୍ଗ ଅବରୋଧ କରିଥିଲେ । ଦୁର୍ଗଟିକୁ ଅଧିକାର କରିବା ଅସମ୍ଭବ ଥିଲା । ୬ ମାସ ବିତିଗଲା । ଚତୁର ଆକବର ଖାନ୍ଦେଶର କର୍ମକର୍ତ୍ତାମାନଙ୍କୁ ଧନଦେଇ ବଶୀଭୂତ କରିଥିଲେ ଏବଂ ଏହିପରି "ସ୍ୱର୍ଣ୍ଣ ଚାବିରେ ଅସୀରଗଡ଼ ଫାଟକ ଉନ୍ମୋଚିତ ହୋଇଥିଲା ।" ମିରାନ ଗ୍ୱାଲିଅର ଦୁର୍ଗରେ ବନ୍ଦୀ ହୋଇଥିଲେ । ୧୬୦୧ ଖ୍ରୀଷ୍ଟାବ୍ଦରେ ଖାନ୍ଦେଶର ମୋଗଲ ସାମ୍ରାଜ୍ୟରେ ମିଶ୍ରଣ ଘଟିଥିଲା ।

ଦାକ୍ଷିଣାତ୍ୟରେ ନବ ବିଜିତ ଅଞ୍ଚଳଗୁଡ଼ିକୁ ଅହମଦନଗର, ବେରାର ଓ ଖାନ୍ଦେଶ ଏହିପରି ତିନିଗୋଟି ସୁବାରେ ଆକବର ସଂଗଠିତ କରିଥିଲେ । ରାଜପୁତ୍ର ଡାନିୟାଲ

ହୋଇଥିଲେ ଭାରତର ଦକ୍ଷିଣ ଓ ପଶ୍ଚିମାଞ୍ଚଳର ଶାସନକର୍ତ୍ତା । ଏହାଦ୍ୱାରା ମୋଗଲ ସାମ୍ରାଜ୍ୟର ସୀମା ନର୍ମଦା ନଦୀଠାରୁ କୃଷ୍ଣାନଦୀର ଉପର ଭାଗ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା ।

ଆକବରଙ୍କ ରାଜପୁତ୍ ନୀତି (Rajput Policy of Akbar)

୧୫୨୭ ଖ୍ରୀଷ୍ଟାବ୍ଦ ଖାନ୍ୱା ଯୁଦ୍ଧରେ ସଂଗ୍ରାମ ସିଂହଙ୍କ ନେତୃତ୍ୱରେ ରାଜପୁତ୍‌ମାନେ ପରାଜୟ ଲାଭ କରିଥିଲେ ମଧ୍ୟ ସେମାନଙ୍କର ଶକ୍ତି ଓ ପ୍ରଭାବ ଚୂର୍ଣ୍ଣୀଭୂତ ହୋଇପାରି ନଥିଲା । ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସେମାନେ ଏକ ଦୁର୍ଜେୟ ଶକ୍ତି ରୂପେ ପୁନର୍ବାର ଆବିର୍ଭୂତ ହୋଇଥିଲେ । ଭାରତରେ ଅମ୍ବର, ମାରବାର, ବିକାନିର, ଜୟସାଲମୀର, ରନ୍ଥାମ୍ବର, କାଲିଞ୍ଜର, ବୁନ୍ଦି ଓ ମେବାର ପ୍ରଭୃତି ଥିଲା ଶକ୍ତିଶାଳୀ ରାଜପୁତ୍ ରାଜ୍ୟ । ରାଜପୁତ୍‌ମାନେ ବୀରତ୍ୱ, ସାହସ, ବିଶ୍ୱାସ ଓ ଦେଶପ୍ରେମ ପାଇଁ ହିନ୍ଦୁସମାଜର ଅନ୍ୟ ଜାତିମାନଙ୍କ ମଧ୍ୟରେ ଥିଲେ ଅଗ୍ରଗଣ୍ୟ ।

ବାବର ଓ ହୁମାୟୁନ ରାଜପୁତ୍‌ମାନଙ୍କ ପ୍ରତି କୌଣସି ନିର୍ଦ୍ଦିଷ୍ଟ ନୀତି ଗ୍ରହଣ କରିନଥିଲେ; କିନ୍ତୁ ଆକବରଙ୍କର ଥିଲା ରାଜନୈତିକ ବିଜ୍ଞତା । ତାଙ୍କର ଦୂରଦର୍ଶିତା ଓ କୂଟନୀତି ଥିଲା ଖୁବ୍ ଉଚ୍ଚମାନର, ଯେହେତୁ ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ସେ ଏକ ଭାରତୀୟ ସାମ୍ରାଜ୍ୟ ଗଠନ କରିବେ ଓ ଏହାର ଦୃଢ଼ୀକରଣ କରିବେ । ଆକବର ଚାହିଁଲେ ରାଜପୁତ୍‌ମାନଙ୍କ ସହିତ ଶତ୍ରୁତା ନ କରି ସେମାନଙ୍କ ନିକଟକୁ ବନ୍ଧୁତାର ହାତ ବଢ଼ାଇବେ ।

ଆକବରଙ୍କର ଉଦାର ରାଜପୁତ୍ ନୀତିର କାରଣ

(Causes of Liberal Rajput Policy of Akbar)

ଉଚ୍ଚମନା ଓ ଉଦାର ହେବା ଥିଲା ଆକବରଙ୍କର ସ୍ୱାଭାବିକ ଗୁଣ । ଶିଶୁ ଅବସ୍ଥାରେ ଅମରକୋଟସ୍ଥିତ ରାଜପୁତ୍ ପରିବାରରେ ସେ ପାଳିତ ହୋଇଥିଲେ, ତେଣୁ ପ୍ରଥମରୁ ହିଁ ସେ ରାଜପୁତ୍‌ମାନଙ୍କୁ ଭଲପାଇବାକୁ ବସିଥିଲେ । ତୋଡ଼ର ମଲ୍ଲ ଓ ବିରବଲ ଆକବରଙ୍କ ଶାସନରେ ଅଂଶଗ୍ରହଣ କରି ହିନ୍ଦୁମାନଙ୍କର ବିଜ୍ଞତା ଓ କାର୍ଯ୍ୟଦକ୍ଷତା ଉପରେ ତାଙ୍କୁ ପ୍ରଭାବିତ କରିଥିଲେ । ଆକବର ଅଧିକରୁ ଅଧିକ ହିନ୍ଦୁମାନଙ୍କ ପ୍ରତି ଅନୁଗ୍ରହ ପ୍ରକାଶ କରିଥିଲେ । ତାଙ୍କ ମନରୁ ଜାତି ଓ ସାମ୍ପ୍ରଦାୟିକ ଭେଦଭାବ କୁହୁଡ଼ି ପରି ଅନ୍ତର୍ଦ୍ଧାନ ହୋଇଯାଇଥିଲା ।

ରାଜପୁତ୍ ଜାତିର ଏକ ଉଚ୍ଚସ୍ତରୀୟ ନୈତିକତା ଆକବରଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେମାନେ ଜୀବନ ବିନିମୟରେ ଦେଶରକ୍ଷା କରିଥା'ନ୍ତି । ସେମାନଙ୍କୁ କ୍ଷମତା ହରାଇବା ଓ ମୃତ୍ୟୁର ଭୟ ଛୁଇଁନଥାଏ । ସେମାନେ ପ୍ରତାରଣାର ଆଶ୍ରୟ ନେଇନଥା'ନ୍ତି । ଏପରି ଗୋଟିଏ ଜାତିପ୍ରତି ଉଦାର ନୀତି ପୋଷଣ କଲେ ସେ ଯେ ଲାଭବାନ୍ ହେବେ, ଏକଥା ବୁଦ୍ଧିମାନ ଆକବର ହୃଦୟଙ୍ଗମ କରିଥିଲେ ।

ଆକବରଙ୍କ ସମୟରେ ଆଫଗାନ୍ ଓ ମୀର୍ଜାମାନେ ତାଙ୍କ ବିରୁଦ୍ଧରେ ବିଦ୍ରୋହ ଓ ଷଡ଼ଯନ୍ତ୍ରରେ ଲିପ୍ତ ରହୁଥିଲେ । ଉଦାହରଣ ସ୍ୱରୂପ ପଦସ୍ଥ କର୍ମଚାରୀ ଶାହା ଅବଦୁଲ ମାଲି ଆକବରଙ୍କ ଅଭିଷେକ ଉତ୍ସବରେ ଯୋଗଦାନ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ସାହାନ ସୁରଙ୍କ ପ୍ରରୋଚନାରେ ମୀର୍ଜା ହାକିମ୍ ତାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ମାଲୱା ଅଭିଯାନ ପରେ ଆଦମ୍ ଖାଁ ଯୁଦ୍ଧ ସମୟର ଲୁଣ୍ଠିତ ସମ୍ପତ୍ତି ଆତ୍ମସାତ୍ କରିବା ସହିତ ଆକବରଙ୍କ ବିରୁଦ୍ଧାଚରଣ କରିଥିଲେ । ମୋଗଲ ସମ୍ଭ୍ରାନ୍ତମାନଙ୍କ ଔଦ୍ଧତ୍ୟ ଆକବରଙ୍କୁ ବିଚଳିତ କରିଥିଲା । ବିରୋଧୀ ଆଫଗାନ୍‌ମାନେ ବଙ୍ଗଳା, ବିହାର ଓ ଓଡ଼ିଶାରେ ଶାସନ କରୁଥିଲେ । ଆକବରଙ୍କ ମନରୁ ନିଜ ଜାତି ଓ ସମ୍ପର୍କୀୟମାନଙ୍କ ଉପରୁ ବିଶ୍ୱାସ ତୁଟି ଯାଉଥିଲା । ଦୂରଦର୍ଶୀ ଆକବର ଅନୁଭବ କରିପାରିଲେ ଯେ ବିଶ୍ୱାସୀ ରାଜପୁତ୍ ଜାତି ସହିତ ମେଣ୍ଟ କରି ସହଜରେ ଶତ୍ରୁର ବିନାଶ ସାଧନ କରିହେବ । ଦିଲ୍ଲୀ ଓ ଆଗ୍ରା ଥିଲା ମୋଗଲ ସାମ୍ରାଜ୍ୟର କେନ୍ଦ୍ରସ୍ଥଳ । ରାଜପୁତନା ଏହାର ନିକଟବର୍ତ୍ତୀ ହୋଇଥିବାରୁ ଦିଲ୍ଲୀ ଓ ଆଗ୍ରା ଉପରେ ଏହାର ଆକ୍ରମଣ ଏଡ଼ାଇ ଦିଆଯାଇପାରୁନଥିଲା । ଦିନେ ରାଣା ସଙ୍ଗ ଉତ୍ତର ଭାରତ ରାଜନୀତିରେ ପ୍ରବେଶ କରିବାକୁ ସ୍ୱପ୍ନ ଦେଖିଥିଲେ । ଆକବର ଅନୁଭବ କଲେ ଯେ ସେମାନଙ୍କ ପ୍ରତି ରକ୍ତ ଓ ଲୌହନୀତି ପ୍ରୟୋଗ କଲେ ସେମାନେ ମୋଗଲ ସାମ୍ରାଜ୍ୟ ପ୍ରତି ଏକ ଭୟଙ୍କର ବିପଦ ସୃଷ୍ଟି କରିବେ । ତେଣୁ ରାଜପୁତ୍‌ମାନଙ୍କର ସହୃଦୟତା ଓ ସହଯୋଗ ଭକଲେ ମୋଗଲମାନେ ଅଧିକ ଲାଭବାନ୍ ହେବେ । ଅତୀତରେ ବଲବନ, ଆଲାଉଦ୍ଦୀନ ମହମ୍ମଦ ବିନ୍ ତୋଗଲକ ରାଜପୁତ୍‌ମାନଙ୍କର ସହଯୋଗ ଖାତିରି କରିନଥିବାରୁ ଏକ ସ୍ଥାୟୀ ମୁସଲିମ୍ ସାମ୍ରାଜ୍ୟ ନିର୍ମାଣ କରିପାରିନଥିଲେ ।

ଆକବରଙ୍କ ରାଜପୁତ୍ ନୀତିର ଲକ୍ଷ୍ୟ (Aims of Rajput Policy of Akbar)

ଆକବର ଚାହିଁଲେ ରାଜପୁତ୍ ଶାସକମାନେ, ଯେଉଁମାନେ ମୋଗଲ ସାମ୍ରାଜ୍ୟର ବଶ୍ୟତା ସ୍ୱୀକାର କରିବେ, ସେମାନଙ୍କୁ ବଡ଼ ବଡ଼ ପଦବୀରେ ନିଯୁକ୍ତି ଦିଆଯିବ । ଏହାଦ୍ୱାରା ସେମାନେ ମୋଗଲ ସମ୍ରାଟଙ୍କ ପ୍ରତି ଅଧିକ କୃତଜ୍ଞ ହୋଇ ରହିବେ ।

ଯେଉଁ ରାଜପୁତ୍‌ମାନେ ମୋଗଲମାନଙ୍କର ବଶ୍ୟତା ସ୍ୱୀକାର ନ କରିବେ ଓ ଖଣ୍ଡା ଧାରଣ କରିବେ, ସେମାନଙ୍କୁ ଖଣ୍ଡାଦ୍ୱାରା ହିଁ ପ୍ରତ୍ୟୁତ୍ତର ଦିଆଯିବ । ପରାଜୟ ପରେ ମଧ୍ୟ ସେମାନେ ଯଦି ସମ୍ରାଟଙ୍କ ପ୍ରାଧାନ୍ୟ ସ୍ୱୀକାର କରିବେ, ସେମାନଙ୍କୁ କ୍ଷମା ଦିଆଯିବ ଓ ସମ୍ମାନିତ କରାଯିବ । ଯେଉଁ ରାଜପୁତ୍‌ମାନେ ମୋଗଲମାନଙ୍କ ପ୍ରତି ଶତ୍ରୁତା ସାଧନ କରିବେ ସେମାନଙ୍କ ରାଜ୍ୟମାନ ଚୂର୍ଣ୍ଣ କରାଯିବ ।

ଆକବର ଚିନ୍ତାକଲେ ଯେ ସେ ରାଜପୁତ୍‌ମାନଙ୍କ ସାମାଜିକ ଚଳଣି, ପ୍ରଥା, ପର୍ବପର୍ବାଣି ଓ କର୍ମକାଣ୍ଡରେ ହସ୍ତକ୍ଷେପ କରିବେ ନାହିଁ । ରାଜପୁତ୍‌ମାନେ ସେମାନଙ୍କ ସ୍ୱାଭିମାନ, ଗର୍ବ

ଓ ସମ୍ମାନ ନେଇ ବଞ୍ଚିବାର ସୁଯୋଗ ପାଇବେ । ଆକବର ଯେ ରାଜପୁତ୍‌ମାନଙ୍କର ଶୁଭଚିନ୍ତକ, ଏ ଧାରଣା ସେମାନଙ୍କ ମନରେ ବଳବତ୍ତର କରାଯିବ । ସେ ମଧ୍ୟ ଚାହୁଁଥିଲେ ଯେ ରାଜପୁତ୍‌ମାନଙ୍କ ସହାୟତାରେ ବିରୋଧୀ ମୋଗଲ ସମ୍ଭ୍ରାନ୍ତମାନଙ୍କୁ ପରାଭୂତ କରିବେ । ଈଶ୍ୱରୀପ୍ରସାଦ କହିଛନ୍ତି, "ରାଜପୁତ୍‌ମାନଙ୍କ ବ୍ୟତୀତ ଏକ ଭାରତୀୟ ସାମ୍ରାଜ୍ୟ ଗଢ଼ାଯାଇ ପାରିବ ନାହିଁ, ସେମାନଙ୍କ ବୁଦ୍ଧି ଓ ପ୍ରତ୍ୟକ୍ଷ ସହଯୋଗ ବିନା ସାମାଜିକ ବା ରାଜନୈତିକ ସମନ୍ୱୟ ଘଟିବ ନାହିଁ । ଏହି ନୂତନ ରାଜନୀତିକ ଅନୁଷ୍ଠାନ ହିନ୍ଦୁ ଓ ମୁସଲମାନ୍‌ଙ୍କୁ ନେଇ ନିଶ୍ଚୟ ଗଠିତ ହେବ ଓ ଉଭୟଙ୍କ ମଙ୍ଗଳ ପାଇଁ ନିଶ୍ଚେ ଅଂଶଗ୍ରହଣ କରିବ ।"

ରାଜପୁତ୍‌ନୀତି ସମ୍ପାଦନ (Execution of Rajput Policy)

ଏହିପରି ସେ ଯୁଗର କୁ-ସଂସ୍କାରରୁ ଉତ୍ଥିତ ହୋଇଥିଲା ସମ୍ରାଟଙ୍କ ମନୋଭାବ ଏବଂ ସେ ରାଜପୁତ୍‌ମାନଙ୍କ ସହିତ ମିଶିବା ପାଇଁ ଖୁବ୍ ଆଗ୍ରହୀ ହୋଇପଡ଼ିଥିଲେ । ୧୫୬୨ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ଆକବର ଖ୍ୱାଜା ମୁଇନୁଦ୍ଦୀନଙ୍କ କବରସ୍ଥଳକୁ ଯିବା ସମୟରେ ମେୱାଟର ଗଭର୍ଣ୍ଣରଙ୍କ ଚାପ ଦ୍ୱାରା ଶଙ୍କିତ ଅମ୍ବରର ରାଜା ବିହାରୀ ମଲ୍ଲ ପରିବାର ସହିତ ଆକବରଙ୍କୁ ଭେଟିଥିଲେ । ସମ୍ରାଟ ମଧ୍ୟ ତାଙ୍କୁ ସମ୍ମାନର ସହିତ ଗ୍ରହଣ କରିଥିଲେ । ଆକବର ବିହାରୀ ମଲ୍ଲଙ୍କ କନ୍ୟା ଯୋଧବାଈଙ୍କୁ ବିବାହ କରିଥିଲେ । ଯୋଧପୁରର ରାଜକୁମାରୀ ଓ ଅମ୍ବରର ଭଗବାନ ଦାସଙ୍କ କନ୍ୟାକୁ ଆକବର ନିଜର ପୁତ୍ର ସଲିମଙ୍କୁ ବିବାହ ଦେଇଥିଲେ । ଏତଦ୍‌ବ୍ୟତୀତ ଆକବର ତାଙ୍କ ଅନୁଗତମାନଙ୍କୁ ରାଜପୁତ୍ ନାରୀମାନଙ୍କୁ ବିଭାହେବା ପାଇଁ ପରାମର୍ଶ ଦେଉଥିଲେ ।

ରାଜପୁତ୍‌ମାନଙ୍କୁ ସେ ଶାସନର ବିଭିନ୍ନ ଉଚ୍ଚ ପଦପଦବୀରେ ନିଯୁକ୍ତ କରିଥିଲେ । ବିହାରୀ ମଲ୍ଲ ନିଜର ପୁତ୍ର ଭଗବାନ ଦାସ ଓ ନାତି ମାନସିଂହଙ୍କ ସହିତ ମୋଗଲ ଶାସନରେ ଉଚ୍ଚପଦରେ ଅଧିଷ୍ଠିତ ହୋଇଥିଲେ । ମାନସିଂହ ସର୍ବୋଚ୍ଚ ସେନାପତି ରୂପେ ବହୁ ଯୁଦ୍ଧ ଜୟ କରିଥିଲେ ଓ ସାମ୍ରାଜ୍ୟରେ ସୁରକ୍ଷା ପାଇଁ ଅଦ୍ଭୁତ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଅନ୍ୟ ରାଜପୁତ୍‌ମାନେ; ଯଥା- ରାୟସିଂହ, ବିରମଲ, ଯଶୋବନ୍ତ ଓ ତୋଡ଼ର ମଲ୍ଲ ଆଦି ମୋଗଲ ଶାସନରେ ଉଚ୍ଚପଦବୀ ଗ୍ରହଣ କରିଥିଲେ ।

ଏହାଦ୍ୱାରା ବିବାଦ ଓ ତିକ୍ତତାର ଅନ୍ତ ହେଲା, ସଦିଚ୍ଛା ଓ ମିଳନର ବାତାବରଣ ସୃଷ୍ଟି ହେଲା । ବେଣୀପ୍ରସାଦ ଅନୁଭବ କରିଛନ୍ତି, "ଭାରତୀୟ ରାଜନୀତିରେ ଏକ ନୂତନ ଯୁଗର ପ୍ରଭାତ ଏହା ଚିହ୍ନଟ କଲା, ଏହା ଦେଶକୁ ପ୍ରଦାନ କରିଥିଲା ଏକ ଧାଡ଼ି ବିଖ୍ୟାତ ସମ୍ରାଟ । ମୋଗଲ ସମ୍ରାଟଙ୍କ ସେବାରେ ଚାରିବଂଶ ଧରି ମଧ୍ୟଯୁଗର ଭାରତ ଜନ୍ମ ଦେଇଥିବା କେତେକ ଶ୍ରେଷ୍ଠ ସେନାଧକ୍ଷ ଓ କୂଟନୀତିଜ୍ଞଙ୍କୁ ଏହା ଲାଭ କରିଥିଲା ।"

ଏତଦ୍‌ବ୍ୟତୀତ ହିନ୍ଦୁ ରମଣୀମାନେ ଆକବରଙ୍କ ରାଜପ୍ରାସାଦରେ ମଧ୍ୟ ନିଜ ନିଜର ଧର୍ମ ଅନୁଯାୟୀ ପୂଜା ଅର୍ଚ୍ଚନା କରିବାକୁ ଅନୁମତି ପାଇଲେ । ଉଦାରମନା ଆକବର ହିନ୍ଦୁମାନଙ୍କ ଉପରୁ ତୀର୍ଥକର ଓ ଜିଜିୟାକର ଉଠାଇ ଦେଇଥିଲେ । ରାଜପୁତ୍‌ମାନଙ୍କୁ ବିଧର୍ମୀ ବୋଲି କହି ସେମାନଙ୍କ ଉପରେ ମୁସଲମାନ୍‌ମାନଙ୍କର ଧର୍ମୀୟ ଅତ୍ୟାଚାର ସେ ବନ୍ଦ କରିଥିଲେ । ଆକବରଙ୍କ ଦରବାରରେ ମୁସଲମାନ୍‌ଙ୍କ ପରି ରାଜପୁତ୍‌ମାନେ ସମାନ ପଦମର୍ଯ୍ୟାଦା ପାଇଥିଲେ ।

ଅମ୍ବର, ମାରବାର, ବିକାନିର ଓ ଜୟସାଲମୀର ଆଦି ରାଜ୍ୟଗୁଡ଼ିକ ଆକବରଙ୍କ ଉଦାରନୀତିରେ ଖୁସି ହୋଇ ତାଙ୍କର ବଶ୍ୟତା ସ୍ୱୀକାର କଲେ । ସେହି ରାଜ୍ୟଗୁଡ଼ିକର ଶାସକମାନଙ୍କୁ ଆକବର ମନସୁବାଦାର ପଦବୀରେ ନିଯୁକ୍ତ କରିଥିଲେ । ରନ୍ଥାମ୍ବର, କାଲିଞ୍ଜର ଓ ବୁନ୍ଦି ଆଦି ରାଜ୍ୟ ମୋଗଲମାନଙ୍କର ଅସ୍ତ୍ରର ସ୍ୱାଦୁ ଚାଖି ପରାଜିତ ହୋଇଥିଲେ ଓ ଆକବରଙ୍କ ସାର୍ବଭୌମତ୍ୱ ମାନିନେଇଥିଲେ; କିନ୍ତୁ ମେବାର କଦାପି ଆକବରଙ୍କ ବଶ୍ୟତା ସ୍ୱୀକାର କରିନଥିଲା । ଆକବର ପ୍ରଥମେ ମେବାରର ରାଣା ଉଦୟସିଂହଙ୍କୁ ପରାସ୍ତ କରିଥିଲେ । ତା'ପରେ ୧୫୭୬ ଖ୍ରୀଷ୍ଟାବ୍ଦରେ ହଳଦୀଘାଟ ଯୁଦ୍ଧରେ ଉଦୟସିଂହଙ୍କ ପୁତ୍ର ରାଣା ପ୍ରତାପଙ୍କୁ ପରାଜିତ କରି ମେବାରର ରାଜଧାନୀ ଚିତୋର ଅଧିକାର କରିଥିଲେ । ଏହି ଯୁଦ୍ଧରେ ବୀର ରାଜପୁତ୍‌ମାନଙ୍କର ଆତ୍ମୋତ୍ସର୍ଗ ଦେଖି ଆକବର ସ୍ତମ୍ଭିତ ହୋଇଥିଲେ । ମେବାର ପରାଜିତ ହେଲା ସତ; କିନ୍ତୁ ମୋଗଲମାନଙ୍କର ବଶ୍ୟତା ସ୍ୱୀକାର କଲାନାହିଁ । ରାଣା ପ୍ରତାପଙ୍କ ମୃତ୍ୟୁ ପରେ ଅମରସିଂହ ହୋଇଥିଲେ ମେବାରର ରାଜା ।

ଫଳାଫଳ (Results)

ମନେହୁଏ ଆକବରଙ୍କର ରାଜପୁତ୍ ନୀତି ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଥିଲା । ହିନ୍ଦୁ ଓ ମୁସ୍‌ଲିମ୍ ପ୍ରଜାମାନଙ୍କ ମଧ୍ୟରେ ଥିବା ତାରତମ୍ୟ ହ୍ରାସ ପାଇ ଯାଇଥିଲା । ହିନ୍ଦୁ ଓ ମୁସ୍‌ଲିମ୍‌ମାନଙ୍କ ମଧ୍ୟରେ ବିବାହ ସମ୍ପର୍କ ଦୁଇ ସମ୍ପ୍ରଦାୟ ମଧ୍ୟରେ ସ୍ନେହ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିଥିଲା । ହିନ୍ଦୁଧର୍ମ ପ୍ରତି ଆକବରଙ୍କର ବିଶ୍ୱାସ ହେବାରୁ ସେ ହିନ୍ଦୁ ସନ୍ନ୍ୟାସୀ ଓ ଦାର୍ଶନିକମାନଙ୍କର ପ୍ରଚାର ଶ୍ରବଣ କଲେ ।

ରାଜପୁତ୍‌ମାନଙ୍କୁ ଆକବର ମନସବଦାର ଉପାଧି ପ୍ରଦାନ କରୁଥିଲେ । ସେମାନେ ହେଲେ ମୋଗଲ ସାମ୍ରାଜ୍ୟର ରକ୍ଷାକର୍ତ୍ତା । ସେମାନଙ୍କ ଭକ୍ତି ଓ ଆନୁଗତ୍ୟ ଲାଭକରି ଆକବରଙ୍କର ସାମ୍ରାଜ୍ୟ ବୃଦ୍ଧି ହେଲା । ରାଜପୁତ୍‌ମାନଙ୍କ ଦ୍ୱାରା ସେ ବହିଃ ଶତ୍ରୁମାନଙ୍କୁ ନିପାତ କରିବା ସହିତ ଅନ୍ତଃ ବିଦ୍ରୋହ ଦମନ କରିଥିଲେ । ଯେଉଁ ରାଜପୁତ୍‌ମାନେ ପର୍ବତ ବା ମରୁଭୂମିରେ ଥିବା ଅଗୌରବିତ ତିମିରାଚ୍ଛନ୍ନ ଦୁର୍ଗ ମଧ୍ୟରେ ବାସ କରୁଥିଲେ, ମନସବଦାର ରୂପେ ସେମାନେ ପ୍ରତିଷ୍ଠିତ ହେଲେ ଓ ଖ୍ୟାତି ଲାଭ କରିଥିଲେ ।

ଆକବରଙ୍କ ରାଜପୁତ ନୀତି ଯୋଗୁଁ ହିନ୍ଦୁ-ମୁସ୍‌ଲିମ୍ ସଂସ୍କୃତି ଅଧିକ ଦୃଢ଼ୀଭୂତ ହୋଇଥିଲା । ସର୍ବୋପରି ଏହା ସାହିତ୍ୟ, ଚିତ୍ରକଳା, ସ୍ଥାପତ୍ୟ ଓ ସଙ୍ଗୀତରେ ପ୍ରତିଫଳିତ ହୋଇଥିଲା । ଏକ ଶାନ୍ତିଯୁଗର ଆବିର୍ଭାବ ଘଟିବାରୁ ବ୍ୟବସାୟ ବାଣିଜ୍ୟର ଉନ୍ନତି ଘଟିଲା । ଏ. ଏଲ. ଶ୍ରୀବାସ୍ତବ ଏକ ସଠିକ୍ ଅନୁଭବ କରି କହିଛନ୍ତି, ''ଆକବରଙ୍କ ରାଜତ୍ୱର ସାମରିକ, ରାଜନୈତିକ, ଶାସନଗତ, ଆର୍ଥନୀତିକ, ସାମାଜିକ, ସାଂସ୍କୃତିକ ଓ କଳାତ୍ମକ କାର୍ଯ୍ୟକଳାପକୁ ରାଜପୁତ୍‌ମାନେ ମୁକ୍ତ ଓ ପ୍ରଚୁର ଭାବରେ ଦାନ କରିଯାଇଛନ୍ତି ।'' ଶେଷରେ ଈଶ୍ୱରୀପ୍ରସାଦଙ୍କର ଏକ ମନ୍ତବ୍ୟକୁ ଉଦ୍ଧୃତ କରାଯାଇପାରେ, ''ହିନ୍ଦୁ-ମୁସ୍‌ଲିମ୍ ସଂସ୍କୃତିର ସେହି ପଥ ପ୍ରଦର୍ଶକଙ୍କୁ କୌଣସି ନିରପେକ୍ଷ ଐତିହାସିକ ସମ୍ମାନ ଦେବାରେ ଅସଫଳ ହେବେନାହିଁ, ଯାହା ମୋଗଲମାନଙ୍କର ଏହି ଦେଶକୁ ଶ୍ରେଷ୍ଠ ଦାନ ଅଟେ ।''

ଆକବରଙ୍କ ଧର୍ମନୀତି (Akbar's Religious Policy)

ଭାରତ ଇତିହାସରେ ଷୋଡ଼ଶ ଶତାବ୍ଦୀ ଥିଲା ଅନୁସନ୍ଧାନ ଓ ସନ୍ଦେହର ଏକ ଯୁଗ । ହିନ୍ଦୁ ଓ ମୁସଲମାନ୍‌ମାନଙ୍କୁ ଅଧିକତର ନିକଟେଇ ଆଣିବା ନିମିତ୍ତ ଧର୍ମପ୍ରଚାରକମାନେ ଚେଷ୍ଟା କରୁଥିଲେ । ଆକବର ଥିଲେ ସେ ଯୁଗର ଜଣେ ଶ୍ରେଷ୍ଠ ପ୍ରତିନିଧି ।

ସତ୍ୟର ଅନୁସନ୍ଧାନ କରିବା ନିମନ୍ତେ ଆକବରଙ୍କ ମନରେ ପ୍ରବଳ ଆକାଂକ୍ଷା ଜାଗ୍ରତ ହୋଇଥିଲା । 'ଅନୁଭବର ଝଡ଼ ତାଙ୍କ ଆତ୍ମାକୁ ଭାଙ୍ଗିରୁଜି ଦେଉଥିଲା ।' ବଦାଉନି ଲେଖିଛନ୍ତି କିପରି ଆକବର ସିକ୍ରିଠାରେ ଏକ ନିଭୃତ ସ୍ଥାନରେ ପ୍ରାତଃକାଳରେ ଏକ ଶିଳାଖଣ୍ଡ ଉପରେ ଧ୍ୟାନ କରୁଥିଲେ । ଏହାଦ୍ୱାରା ସେ ଜୀବନର ରହସ୍ୟ ବୁଝିବା ନିମିତ୍ତ ଚେଷ୍ଟା କରୁଥିଲେ । ସୁନ୍ନୀ, ସିଆ, ମେହଦି ଓ ସୁଫୀମାନଙ୍କର ଧର୍ମବିବାଦ ଦେଖି ସେ ବ୍ୟଥା ପାଉଥିଲେ । ଉଲେମାମାନଙ୍କର ଧର୍ମାନ୍ଧତା ତାଙ୍କୁ କମ୍ ବିଚଳିତ କରିନଥିଲା । ସେ ଚାହିଁଲେ ପ୍ରତ୍ୟେକ ଧର୍ମ ଓ ଧର୍ମମତଗୁଡ଼ିକୁ ଏକତ୍ର କରି ଧର୍ମନୀତିଗୁଡ଼ିକର ସମନ୍ୱୟ ଘଟାଇବେ । ଉଦାରନୀତି ଦ୍ୱାରା ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠା କରିବା ମଧ୍ୟ ଥିଲା ତାଙ୍କର ଅନ୍ତିମ ଲକ୍ଷ୍ୟ ।

ଆକବର କାହିଁକି ଉଦାର ଧର୍ମନୀତି ଅବଲମ୍ବନ କରିଥିଲେ ?

(Why Akbar adopted liberal religious policy ?)

ଆକବରଙ୍କ ଅବଧାରଣାର ମହତ୍ତ୍ୱ, ଉଦାର ମନୋଭାବ ଓ ଆଦର୍ଶ କେତେକ ଘଟଣା ଦ୍ୱାରା ପ୍ରଭାବିତ ହୋଇଥିଲା ।

୧ । ନିଜ ବଂଶର ପ୍ରଭାବ ଆକବରଙ୍କ ମନ ଓ ହୃଦୟକୁ ସ୍ପର୍ଶ କରିଥିଲା । ତୈମୁର ଓ ତାଙ୍କ ବଂଶଧରମାନେ ଥିଲେ କଳା ଓ ସାହିତ୍ୟର ଉପାସକ, ଯାହା ଧର୍ମନୈଷ୍ଠିକତାଠାରୁ

ଊର୍ଦ୍ଧ୍ୱରେ ଥିଲା । ଆକବରଙ୍କ ମାତା ହାମିଦବାନୁ ତାହାଙ୍କୁ ଧର୍ମସହନଶୀଳତା ଦ୍ୱାରା ପ୍ରଭାବିତ କରିଥିଲେ । ସିଆଧର୍ମାବଲମ୍ବୀ ହୋଇଥିବାରୁ ସେ ଖୁବ୍ ଉଦାର ଥିଲେ । ଅଭିଭାବକ ବୈରାମ ଖାଁ ମଧ୍ୟ ଆକବରଙ୍କୁ ଧର୍ମ ସହିଷ୍ଣୁତାର ଉପକାରିତା ସମ୍ବନ୍ଧରେ ଶିକ୍ଷା ଦେଇଥିଲେ ।

୨ । ଆଦ୍ୟ ଜୀବନରେ ଆକବର କାବୁଲ୍ ଦରବାରରେ ରହିଥିବା ସମୟରେ ବିଖ୍ୟାତ ବିଖ୍ୟାତ ସୁଫୀ ସନ୍ୟାସୀଙ୍କ ସଂସ୍ପର୍ଶରେ ଆସିଥିଲେ । ଗୃହ ଶିକ୍ଷକ ଅବଦୁଲ୍ ଲତିଫ୍‌ଙ୍କ ଉଦାରତା ଓ ଅତ୍ୟୁଚ୍ଚ ଧାରଣା ଦ୍ୱାରା ପ୍ରଭାବିତ ହୋଇ ଆକବର ଚାହିଁଲେ ସ୍ୱର୍ଗୀୟ ବାସ୍ତବତା ସହିତ ସମ୍ପର୍କ ରଖି ଅନିର୍ବଚନୀୟ ପରମ ସୁଖ ଲାଭ କରିବେ ।

୩ । ରାଜପୁତ୍ ରାଣୀ ଓ ହିନ୍ଦୁମାନଙ୍କ ସହିତ ତାଙ୍କର ସମ୍ପର୍କ ଏବଂ ସେ ସମୟର ଧର୍ମସଂସ୍କାର ଆନ୍ଦୋଳନ ଆକବରଙ୍କ କଳ୍ପିତ ମନୋଭାବକୁ ଆଲୋଡ଼ନ କରିଥିଲା । ଆବୁଲ୍ ଫାଜଲ ଓ ଫାୟାଜୀଙ୍କ ଧର୍ମସହିଷ୍ଣୁତା ଭାବ ମଧ୍ୟ ଆକବରଙ୍କ ଉପରେ ପ୍ରଭାବ ପକାଇଥିଲା ।

୪ । ଆକବରଙ୍କ ପାର୍ଥିବ ଓ ରାଜନୀତିକ ଲକ୍ଷ୍ୟ ତାଙ୍କର ଧର୍ମକୁ ପ୍ରଭାବିତ କରିଥିଲା, ଯେପରି ରାଜନୀତି ତାଙ୍କର ସମସାମୟିକ ଇଂଲଣ୍ଡର ରାଣୀ ଏଲିଜାବେଥଙ୍କ ଧର୍ମ ବନ୍ଦୋବସ୍ତକୁ ପ୍ରଭାବିତ କରିଥିଲା ।

''ଆକବର ଆଶା କରୁଥିଲେ ଏକ ନୂତନ ଧର୍ମର କ୍ରମିକ ପରିବର୍ତ୍ତନ, ଯାହା ବିରୋଧୀ ଧର୍ମମତଗୁଡ଼ିକର ସମନ୍ୱୟତା ପ୍ରମାଣ କରିଦେବ ଏବଂ ତାଙ୍କର ବୃହତ୍ ସାମ୍ରାଜ୍ୟର ବିରୋଧୀ ମୌଳିକ ଉପାଦାନମାନ ମଧ୍ୟ ଏକତ୍ର କରିବାକୁ ସକ୍ଷମ ହେବ ।''

ଇବାଦତ ଖାନା (Ibadat Khana)

୧୫୭୫ ଖ୍ରୀଷ୍ଟାବ୍ଦରେ ଫତେପୁର ସିକ୍ରିଠାରେ ଇବାଦତ ଖାନା (Ibadat Khana) ବା ଉପାସନା ଗୃହ ନିର୍ମାଣ କରିବା ନିମିତ୍ତ ଆକବର ଆଦେଶ ଦେଇଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଏହିଠାରେ ବିଭିନ୍ନ ଧର୍ମର ପଣ୍ଡିତମାନଙ୍କୁ ନେଇ ସେ ଦର୍ଶନ ଓ ଧର୍ମ ସମ୍ବନ୍ଧୀୟ ଆଲୋଚନାମାନ କରାଇବେ ଏବଂ ସେମାନଙ୍କଠାରୁ ଧର୍ମର ନୀତିଗୁଡ଼ିକ ଅନୁଧ୍ୟାନ କରିବେ । ଜ୍ଞାନୀ ମୁସଲମାନ୍‌ମାନଙ୍କୁ ନେଇ ଆକବର ଆଲୋଚନା ଆରମ୍ଭ କରିଥିଲେ । ସେ କହିଥିଲେ, ''ଓ ଜ୍ଞାନୀ ମୁଲ୍ଲାମାନେ ! ମୋର ଏକମାତ୍ର ଲକ୍ଷ୍ୟ ସତ୍ୟ ନିର୍ଣ୍ଣୟ କରିବା, ପ୍ରକୃତ ଧର୍ମର ନୀତିଗୁଡ଼ିକ ଖୋଜି ବାହାର କରିବା ଓ ପ୍ରକଟ କରିବା ଏବଂ ଏହାର ସ୍ୱର୍ଗୀୟ ଉତ୍ପତ୍ତି ଅନୁକରଣ କରିବା; ତେଣୁ ଯତ୍ନ ନିଅ- ତୁମର ମାନବୀୟ ଭାବାବେଗର ପ୍ରଭାବରେ ସତ୍ୟ ଲୁଚାଇବା ନିମିତ୍ତ ତୁମେ ପ୍ରବର୍ତ୍ତିତ ହୁଅନାହିଁ ଏବଂ ଈଶ୍ୱରଙ୍କ ବିଧାନ ବିରୁଦ୍ଧରେ କିଛି ବ୍ୟକ୍ତ

କର ନାହିଁ । ଯଦି ତୁମେ କରିବ, ତୁମର ଅଧାର୍ମିକତା ପାଇଁ ତୁମେ ଈଶ୍ୱରଙ୍କ ସମ୍ମୁଖରେ ଦାୟୀ ରହିବ ।''

ପଣ୍ଡିତମାନଙ୍କର ଆଲୋଚନା 'ଅଶିଷ୍ଟ, ବିଦ୍ୱେଷଭାବ, ବିକୃତ ଧର୍ମାନ୍ଧତା ଓ ବ୍ୟକ୍ତିଗତ ଆକ୍ରମଣର' ରୂପ ଧାରଣ କଲା । ସେମାନେ ଏପରି କଳିଗୋଳ ଓ ଯୁକ୍ତିତର୍କରେ ଲିପ୍ତ ହୋଇଗଲେ ଯେ ସେମାନେ ସେମାନଙ୍କର ପ୍ରବଳ ଆବେଗକୁ ନିୟନ୍ତ୍ରଣ କରିପାରୁନଥିଲେ । ଧର୍ମାନ୍ଧଦଳର ନେତାମାନେ ଥିଲେ ଶେଖ ମଖଦମ-ଉଲ-ମୁଲକ (Shaikh Makhdum-ul-Mulk) ଏବଂ ଶେଖ ଅବଦୁନ ନବୀ (Shaik Abdun-Nabi) । ମୁବାରକ, ଆବୁଲ୍ ଫାଜଲ ଓ ଫାୟାଜୀ ପ୍ରଭୃତି ଥିଲେ ଧର୍ମସହିଷ୍ଣୁ । ସେମାନେ ଏତେ ଉତ୍ତେଜିତ ହୋଇଯାଉଥିଲେ ଯେ ପରସ୍ପର ଦଳକୁ ଅଶ୍ରାବ୍ୟ ଭାଷାରେ ଗାଳିଦେଉଥିଲେ । ସେହି ନିକୃଷ୍ଟତମ ଦୃଶ୍ୟକୁ ବଦାଉନି ଏହିପରି ପ୍ରକାଶ କରିଛନ୍ତି- ''ଜ୍ଞାନୀ ଲୋକମାନେ ପାରସ୍ପରିକ ପ୍ରତିବାଦ ଓ ବିରୁଦ୍ଧାତ୍ମକ ଯୁଦ୍ଧକ୍ଷେତ୍ରରେ ବାକ୍ ଝଗଡ଼ା ପ୍ରୟୋଗ କରିବାରେ ଅଭ୍ୟସ୍ତ ହେଲେ ଏବଂ ଦଳଗୁଡ଼ିକର ବିରୋଧତା ଏପରି ସୀମାରେ ପହଞ୍ଚିଲା ଯେ ସେମାନେ ଜଣେ ଅନ୍ୟ ଜଣକୁ ଡାକିଲେ ନିର୍ବୋଧ ଓ ନାସ୍ତିକ ।'' ବଦାଉନି ପୁଣି କହିଛନ୍ତି, ''ଅକସ୍ମାତ୍ ଗୋଟିଏ ରାତ୍ରିରେ ସେ ଯୁଗର ଉଲେମାମାନଙ୍କର ଗଳାର ଶିରା ସ୍ଫୀତ ହୋଇଗଲା ଏବଂ ଏକ ଭୟଙ୍କର ଶବ୍ଦ ଓ ଅସ୍ଥିରତା ଆସିଲା ଏବଂ ସେମାନଙ୍କର ଅସଭ୍ୟ ବ୍ୟବହାର ପ୍ରତି ତାଙ୍କର ମହାମହିମ କ୍ରୋଧାନ୍ୱିତ ହେଲେ ।''

ସେମାନେ ଯାହା ଆଲୋଚନା କରୁଥିଲେ ତାହା ସମ୍ରାଟଙ୍କ ଜିଜ୍ଞାସାକୁ ସନ୍ତୁଷ୍ଟ କରି ନଥିଲା, ତାଙ୍କର ଅନୁସନ୍ଧିତ୍ସୁ ଆତ୍ମାକୁ ଶୀତଳ କରିପାରିଲା ନାହିଁ । ଆକବର ସେମାନଙ୍କର ନୀତିଗୁଡ଼ିକର ଅସାରତା ହୃଦୟଙ୍ଗମ କଲେ ଓ ଅନ୍ୟ ଧର୍ମର ପଣ୍ଡିତମାନଙ୍କ ସହିତ ଆଲୋଚନା କରିବାକୁ ଇଚ୍ଛା କଲେ । ତେଣୁ ସେ ଦେଶର ବିଭିନ୍ନ ଧର୍ମର ବ୍ରାହ୍ମଣ, ଜୈନ, ଖ୍ରୀଷ୍ଟିଆନ୍, ଇହୁଦୀ ଓ ଜୋରାଷ୍ଟ୍ରିଆନ୍ (ପାର୍ସି) ଓ ବହୁ ସୁଫୀସନ୍ଥ, ପଣ୍ଡିତ ଓ ଦାର୍ଶନିକମାନଙ୍କୁ ଇବାଦତ ଖାନାକୁ ଆହ୍ୱାନ କରି ତାଙ୍କ ପୀଡ଼ିତ ଆତ୍ମାର ପ୍ରଶ୍ନଗୁଡ଼ିକୁ ସମାଧାନ କରିବାକୁ କହିଥିଲେ ।

ଏହାପରେ ଆକବର ବ୍ରାହ୍ମଣ ପଣ୍ଡିତ ପୁରୁଷୋତ୍ତମ ଓ ଦେବୀଙ୍କୁ ହିନ୍ଦୁଧର୍ମର ନୀତି ବ୍ୟାଖ୍ୟା କରିବା ପାଇଁ ଆମନ୍ତ୍ରଣ କରିଥିଲେ । ଦେବୀ ସମ୍ରାଟଙ୍କୁ ହିନ୍ଦୁଧର୍ମର ଗୁପ୍ତ ରହସ୍ୟ ଓ ପୁରାଣ ବିଷୟରେ ବୁଝାଇଥିଲେ । ସେ ମଧ୍ୟ କହିଥିଲେ କିପରି ପ୍ରତିମା, ଅଗ୍ନି, ସୂର୍ଯ୍ୟ, ତାରା ଏବଂ ବିଭିନ୍ନ ଦେବାଦେବୀ ଯଥା- ବିଷ୍ଣୁ, ମହେଶ୍ୱର, କୃଷ୍ଣ, ରାମ ଓ ମହାମାୟୀଙ୍କୁ ପୂଜିବାକୁ ହୁଏ । ହିନ୍ଦୁଧର୍ମର କର୍ମବାଦ ଓ ମୃତ୍ୟୁପରେ ଆତ୍ମାର ଅନ୍ୟ ଶରୀରକୁ ଗମନ ଆଦି କଥାରେ ସମ୍ରାଟଙ୍କର ବିଶ୍ୱାସ ଜନ୍ମିଥିଲା ।

ସେହିପରି ଜୈନପଣ୍ଡିତ ହୀରାବିଜୟ ସୁରି, ବିଜୟଚନ୍ଦ୍ର ସୁରି, ଭାନୁଚନ୍ଦ୍ର ଉପାଧ୍ୟାୟ ଓ ଜୀନଚନ୍ଦ୍ରଙ୍କ ଦ୍ୱାରା ଆକବରଙ୍କର ଅଭ୍ୟାସ ଓ ଜୀବନ ଶୈଳୀ ବେଶ୍ ପ୍ରଭାବିତ ହୋଇପାରିଥିଲା । ୧୫୮୨ ଖ୍ରୀଷ୍ଟାବ୍ଦରେ ହୀରାବିଜୟଙ୍କ ଶିକ୍ଷାରେ ଆକବର ବନ୍ଦୀମାନଙ୍କୁ ମୁକ୍ତ କରିଦେଇଥିଲେ, ଏପରିକି ପଞ୍ଜୁରି ମଧ୍ୟରେ ଥିବା ପକ୍ଷୀମାନଙ୍କୁ ଉଡ଼ାଇଦିଆଯାଇଥିଲା । ନିଜେ ସେ ଆମିଷ ଭକ୍ଷଣ କରିନଥିଲେ । କେତେକ ନିର୍ଦ୍ଦିଷ୍ଟ ଦିନ ଜୀବହତ୍ୟା କରିବା ପାଇଁ ବାରଣ କରାଯାଇଥିଲା ।

ଆକବର ମଧ୍ୟ ପୁରାତନ ପାର୍ଶୀମାନଙ୍କର ଧର୍ମନୀତି ବିଷୟରେ ଶିକ୍ଷା ଲାଭ କରିଥିଲେ । ସେମାନଙ୍କ ପ୍ରଥା ଅନୁଯାୟୀ ସାରାଦିନ ପବିତ୍ର ଅଗ୍ନି ପ୍ରଜ୍ୱଳନ କରିବା ନିମନ୍ତେ ବନ୍ଦୋବସ୍ତ କରିବା ନିମନ୍ତେ ସେ ଆବୁଲଫାଜଲଙ୍କୁ ଆଦେଶ ଦେଇଥିଲେ । ଗୁଜୁରାଟର ନଉସରିଠାରେ ବାସ କରୁଥିବା ଦସ୍ତୁର ମହରଜୀ ରାଣା ସମ୍ରାଟଙ୍କୁ ଜୋରାଷ୍ଟ୍ରିଆନ ଧର୍ମର ରହସ୍ୟ ବିଷୟରେ ବୁଝାଇଥିଲେ ।

ଗୋଆରୁ ଆସିଥିବା ପାଦ୍ରୀମାନେ ସମ୍ରାଟଙ୍କୁ ଖ୍ରୀଷ୍ଟିଆନ୍ ଧର୍ମର ସାରକଥା ଉପରେ ଏକ ଧାରଣା ଦେଇଥିଲେ । ପାଦ୍ରୀମାନେ ଅବାଞ୍ଛିତ ଭାବରେ କୋରାନ୍‌ର ବାଣୀ ଉପରେ ଆକ୍ରମଣ ଚଳାଇବାରୁ ଗୋଟିଏ ଘଟଣାରେ ରୋଡ଼ଲଫ(Rodolfo)ଙ୍କ ଜୀବନ ବିପନ୍ନ ହୋଇଥିଲା । ଶିଖ୍‌ମାନଙ୍କ ପ୍ରତି ସମ୍ରାଟ ସମ୍ମାନ ପ୍ରଦର୍ଶନ କରି କହିଥିଲେ ଯେ ଗ୍ରନ୍ଥସାହେବଙ୍କୁ ପୂଜା କରିବା ହିତକର ଅଟେ । ପ୍ରତ୍ୟେକ ଧର୍ମ ସହିତ ଆକବର ଏତେଦୂର ସମ୍ପର୍କ ବୃଦ୍ଧି କରିଥିଲେ ଯେ ପ୍ରତ୍ୟେକ ଧର୍ମ ଯଥା- ଖ୍ରୀଷ୍ଟିଆନ୍, ହିନ୍ଦୁ, ଜୈନ, ଜୋରାଷ୍ଟ୍ରିଆନ୍‌ର ଅନୁଗାମୀମାନେ ଭାବୁଥିଲେ ଯେ ଆକବର ସେମାନଙ୍କର ନିଜ ଧର୍ମକୁ ପରିବର୍ତ୍ତିତ ହୋଇଛନ୍ତି ।

ଆକବର ସ୍ପଷ୍ଟଭାବରେ ଦେଖିପାରିଲେ ଯେ ଉଲେମାମାନଙ୍କ ହସ୍ତରେ ଅତ୍ୟଧିକ କ୍ଷମତା ପ୍ରଦାନ କରିବା ଦ୍ୱାରା ବିପଦ ଆସୁଛି । ସେ ଚାହିଁଲେ ନାହିଁ ଯେ ଉଲେମାମାନେ ବିବାଦପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ଏକମାତ୍ର ନିୟନ୍ତା ହୁଅନ୍ତୁ । ସେ ଚାହୁଁଥିଲେ ଯେ ତାଙ୍କର ମଧ୍ୟ ମସଜିଦ ସଂକ୍ରାନ୍ତୀୟ କ୍ଷମତା ରହୁ । ଏ ଦିଗରେ ସେ ଶେଖ୍ ମୁବାରକ ଓ ଫାୟାଜୀଙ୍କ ଦ୍ୱାରା ବିଶେଷ ଭାବରେ ଅନୁପ୍ରାଣୀତ ହୋଇଥିଲେ । ତେଣୁ ଫତେପୁର ସିକ୍ରିର ଇମାମଙ୍କ ସ୍ଥାନ ସେ ନିଜେ ଅଧିକାର କରିଥିଲେ । ୧୫୭୯ ଖ୍ରୀଷ୍ଟାବ୍ଦ ଜୁନ୍ ମାସ ୧୮ ତାରିଖ ଦିନ ଆକବର ସେହି ମସଜିଦରୁ କବି ଫାୟାଜୀଙ୍କ ରଚିତ ଖୁତ୍‌ବା ନିଜେ ପାଠ କରିଥିଲେ । ତା'ର ଅର୍ଥ ଥିଲା-

ଈଶ୍ୱର ମୋତେ ଦେଲେ ଯେ ପ୍ରଭୁତ୍ୱ,
ମୋତେ ପୁଣି ଜ୍ଞାନୀ, ଶକ୍ତିଶାଳୀ, ସାହସୀ କରିଲେ ।
ନ୍ୟାୟ ଆଉ ଦୟାସହ ମୋତେ ସିଏ ଦେଖାଇଲେ ପଥ,
ଭରି ଦେଇ ମୋ ହୃଦୟ ସତ୍ୟ ଓ ପ୍ରେମରେ,

ତାଙ୍କରି ପ୍ରଶଂସା ଆମ ଚିନ୍ତାଠାରୁ ଅସୀମ ଦୂରରେ,
ଆଲ୍ଲା ହୁ ଆକବର, ଈଶ୍ୱର ମହାନ ।

ଆକବରଙ୍କର ଏପରି ଖୁତ୍‌ବା ପାଠ ରକ୍ଷଣଶୀଳ ମୁସଲମାନଙ୍କୁ କମ୍ପିତ କରିଥିଲା । ଏହି ଧର୍ମାନ୍ଧମାନଙ୍କର ପ୍ରତିବାଦ ସତ୍ତ୍ୱେ ଆକବର ପଥଚ୍ୟୁତ ହୋଇନଥିଲେ । 'ଆଲ୍ଲା ହୁ ଆକବର'ର ଅର୍ଥ ଆକବର ହିଁ ଆଲ୍ଲା । ଏପରି ଖୁତ୍‌ବା ଦୁଇମାସ ପାଠ କରିସାରିବା ପରେ ଆକବରଙ୍କ ଇଙ୍ଗିତରେ ଶେଖ୍ ମୁବାରକ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ । ଏହାଦ୍ୱାରା ସମ୍ରାଟ ମୁଜ୍‌ତହିଦ (Mujtahid)ର ଭୂମିକା ନିର୍ବାହ କରିଥିଲେ । ସେ ମୁଲ୍ଲାମାନଙ୍କର କ୍ଷମତା ଓ ସମ୍ମାନ ଅଧିକାର କଲେ । ଇଂଲଣ୍ଡର ଅଷ୍ଟମ ହେନେରୀଙ୍କ ପରି ଶାସନ ଓ ଧର୍ମସଂକ୍ରାନ୍ତୀୟ ସମସ୍ତ ବ୍ୟାପାରର ମୁଖ୍ୟ ହେଲେ ଆକବର । ଏହି ଘୋଷଣା ରାଜ୍ୟର ସମସ୍ତ ଧର୍ମ ଓ ବିଚାର ବିଭାଗୀୟ କର୍ମକର୍ତ୍ତାମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା । ଫଳରେ ଉଲେମା ଓ ସଦର-ଉସ୍-ସଦରମାନଙ୍କର କ୍ଷମତା ହ୍ରାସପାଇଲା । ରକ୍ଷଣଶୀଳ ମୁସଲମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶିତ ହେଲା ।

ଆକବର ଧର୍ମକ୍ଷେତ୍ରରେ ପ୍ରାଧାନ୍ୟ ହାସଲ କରିଥିଲେ ମଧ୍ୟ କୋରାନ୍ ବିରୋଧୀ କାର୍ଯ୍ୟ କରିବାରେ ତାଙ୍କର ସାହସ ନଥିଲା । ଆକବର ମଧ୍ୟ ଆଜମୀରର ଜଣେ ସନ୍ନ୍ୟାସୀଙ୍କ କବରସ୍ଥଳକୁ ତୀର୍ଥଯାତ୍ରାରେ ଗମନ କରିଥିଲେ । ଏହାକୁ ବଦାଉନି ହସି ହସି କହିଥିଲେ, ଏହା ଆଶ୍ଚର୍ଯ୍ୟ ଅଟେ ଯେ ସମ୍ରାଟ ଆଜମୀରର ଉତ୍ତମ ଲୋକଙ୍କଠାରେ ଏପରି ବିଶ୍ୱାସ ସ୍ଥାପନ କରିଛନ୍ତି; ଯେତେବେଳେ ସେ ପ୍ରତ୍ୟେକ ବିଷୟବସ୍ତୁର ମୌଳିକତା ଅଗ୍ରାହ୍ୟ କରିଛନ୍ତି ଏବଂ ଅସ୍ୱୀକାର କରିଛନ୍ତି । ଐତିହାସିକ ସ୍ମିଥ୍ ଓ ହେଗ୍ ବିଶ୍ୱାସ କରନ୍ତି ଯେ ଆକବର ଉଭୟ ସମ୍ରାଟ ଓ ପୋପ୍ ହେବା ପାଇଁ ଚାହୁଁଥିଲେ; କିନ୍ତୁ ରାୟଚୌଧୁରୀ ଏକ ଭିନ୍ନ ମତ ଦେଇ କହିଛନ୍ତି ଯେ ଏହି ଘୋଷଣା ମାଧ୍ୟମରେ ଆକବର ସ୍ୱେଚ୍ଛାଚାରୀ ହେବାକୁ ଚାହୁଁନଥିଲେ, ସେ ଚାହୁଁଥିଲେ ପାରସ୍ୟର ଶାହା ଓ ଖଲିଫାଙ୍କ ପ୍ରଭାବରୁ ଭାରତକୁ ମୁକ୍ତ କରିବେ ।

ଦିନ୍-ଇ-ଇଲାହୀ (Din-i-Ilahi)

ସୁନ୍ନୀମାନଙ୍କର ଧର୍ମାନ୍ଧତାରେ ଆକବର ଏତେଦୂର ଅସନ୍ତୁଷ୍ଟ ଥିଲେ ଯେ ଇବାଦତ୍ ଖାନାର ଧର୍ମ ଉପଦେଶ ଓ ତର୍କଦ୍ୱାରା ପ୍ରଭାବିତ ହୋଇ ଏକ ନୂତନ ଧର୍ମ ପ୍ରବର୍ତ୍ତନ ପାଇଁ ସେ ଆଗ୍ରହୀ ହୋଇପଡ଼ିଲେ । ଶେଷରେ ୧୫୮୧ ଖ୍ରୀଷ୍ଟାବ୍ଦରେ ଦିନ୍-ଇ-ଇଲାହୀ ଧର୍ମ ସରକାରୀ ଭାବରେ ପ୍ରବର୍ତ୍ତନ କରାଯାଇଥିଲା । ଏହି ନୂତନ ଧର୍ମରେ ସମସ୍ତ ଧର୍ମ ସାରତତ୍ତ୍ୱର ସମନ୍ୱୟ ଘଟିଥିଲା । ଏହା ସର୍ବେଶ୍ୱରବାଦ (Eclectic Pantheism) ଉପରେ ଆଧାରିତ ଥିଲା । ଦିନ୍-ଇ-ଇଲାହୀ ଧର୍ମରେ ଗୂଢ଼ଜ୍ଞାନ ତତ୍ତ୍ୱ, ଦର୍ଶନ ଓ ପ୍ରକୃତି ଉପାସନାର ସଂଯୋଗ

ଘଟିଥିଲା । ବରଟୋଲିଙ୍କ ମତରେ, ''ବିଭିନ୍ନ ଉପାଦାନ ଆଂଶିକ ଭାବରେ ମହମ୍ମଦଙ୍କ କୋରାନ୍, ଆଂଶିକ ଭାବରେ ବ୍ରାହ୍ମଣଙ୍କ ଶାସ୍ତ୍ର ଏବଂ କେତେକ ନିର୍ଦ୍ଦିଷ୍ଟ ମାତ୍ରାରେ ଯେତେଦୂର ତାଙ୍କ ଉଦ୍ଦେଶ୍ୟ ଉପଯୋଗୀ ହେଉଥିଲା, ଖ୍ରୀଷ୍ଟଙ୍କ ଧର୍ମରୁ ଗ୍ରହଣ କରାଯାଉଥିଲା ।''

ଏହି ଧର୍ମମତ ବିଶ୍ୱଜନୀନ ସହନଶୀଳତା ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ଏହାର କୌଣସି ଗୀର୍ଜା, ମନ୍ଦିର ବା ମସ୍‌ଜିଦ ନଥିଲା, ନଥିଲା ନିର୍ଦ୍ଦିଷ୍ଟ ଦର୍ଶନ ବା ଏହା ହୋଇନଥିଲା ଅନ୍ଧବିଶ୍ୱାସ ବିଜଡ଼ିତ । ସବୁ ଧର୍ମର ଶ୍ରେଷ୍ଠ ନୀତିମାନ ସେଥିରେ ସ୍ଥାନ ପାଇଥିଲା । ଏହା କୌଣସି ଦେବତା ବା ଧର୍ମପ୍ରଚାରକଙ୍କୁ ସ୍ୱୀକାର କରିନଥିଲା । କାଶ୍ମୀରର ଏକ ମନ୍ଦିର ପାଇଁ ଆକବରଙ୍କ ଧର୍ମୀୟ ଆଭିମୁଖ୍ୟ ଆବୁଲ୍ ଫାଜଲ୍ ଏହିପରି ବର୍ଣ୍ଣନା କରିଛନ୍ତି–

''ହେ ଈଶ୍ୱର, ମୁଁ ଦେଖୁଛି ପ୍ରତ୍ୟେକ ମନ୍ଦିରରେ ଲୋକ
ତୁମକୁ ଖୋଜନ୍ତି ।

ଏବଂ ମୁଁ ଶୁଣିଛି, ପ୍ରତ୍ୟେକ ଭାଷାରେ, ଲୋକେ ତୁମ ସ୍ତୁତି ଗାଇବାର ।
ତୁମ ପଶ୍ଚାତ୍‌ରେ ବହୁ ଦେବବାଦ ଓ ଇସ୍‌ଲାମ୍,
ସବୁ ଧର୍ମ କହିଥାଏ, ତୁମେ ଅଟ ଏକ, କେହି ନୁହେଁ ତୁମ ତୁଲ,
ଏହା ଯଦି ହେବ ମସ୍‌ଜିଦ, ଅସ୍ପଷ୍ଟ ଧ୍ୱନି ଆସିବ
ଲୋକଙ୍କର ପୂତ ପ୍ରାର୍ଥନାରୁ–

ଏବଂ ଏହା ଯଦି ହେବ ଗୀର୍ଜା,
ତୁମରି ପ୍ରେମରେ ଲୋକେ ଘଣ୍ଟି ବଜାଇବେ ।

ବେଳେବେଳେ ମୁହିଁ ଯାଏ ନିରନ୍ତର ଖ୍ରୀଷ୍ଟୀୟ ମଠ
ଏବଂ ବେଳେବେଳେ ମସ୍‌ଜିଦ,
ଏବଂ ଏହା ତୁମେ ଅଟ, ଯାହାଙ୍କୁ ମୁଁ ଖୋଜେ ମନ୍ଦିରେ, ମନ୍ଦିରେ ।''

ଶୁଦ୍ଧପୂତ ଜୀବନଯାପନ କରିବା ପାଇଁ ଏହି ପବିତ୍ର ଧର୍ମ (Divine Faith)ରେ କେତେକ ଉପଦେଶ ଦିଆଯାଇଛି । ଏହି ଧର୍ମମତର ଅନୁଗାମୀମାନେ ପରସ୍ପର ସହିତ ମିଳିତ ହେବା ସମୟରେ ଆଲ୍ଲା ହୁ ଆକବର (Allah-Hu-Akbar) ଏବଂ ଜଲ୍ଲା ଜଲାଲ୍‌ହୁ (Jalla Jallalhu) ଉଚ୍ଚାରଣ କରିଥା'ନ୍ତି । କୌଣସି ବ୍ୟକ୍ତିଙ୍କ ମୃତ୍ୟୁପରେ ଦିଆଯାଉଥିବା ଭୋଜନ ଜୀବନ କାଳରେ ଥରେ ଦେବାପାଇଁ ଏହି ଧର୍ମରେ କୁହାଯାଇଥିଲା । ନିଜେ ମାଂସ ଭକ୍ଷଣ ନ କରିବା ଓ ଅନ୍ୟମାନଙ୍କୁ ଏଥିରୁ ନିବୃତ୍ତ କରିବା ନିମିତ୍ତ ଅନୁଗାମୀମାନଙ୍କୁ ଉପଦେଶ

ଦିଆଯାଇଥିଲା । କଂସେଇ, ମତ୍ସ୍ୟଜୀବୀ, ପକ୍ଷୀ ଶିକାରୀ ଓ ଏହିପରି ଅନ୍ୟମାନଙ୍କ ସହିତ ଭୋଜନ କରିବା ପାଇଁ ଏହି ଧର୍ମର ସଭ୍ୟମାନଙ୍କୁ ବାରଣ କରାଯାଉଥିଲା । ସେମାନଙ୍କୁ ଦାଢ଼ି ରଖିବା ଓ ବୃଦ୍ଧା ବା ଅଳ୍ପ ବୟସ୍କ କନ୍ୟାମାନଙ୍କୁ ବିବାହ କରିବାକୁ ଅନୁମତି ମିଳୁ ନଥିଲା । ଏହି ଧର୍ମାବଲମ୍ବୀମାନଙ୍କୁ ସମ୍ରାଟଙ୍କ ସେବା ନିମିତ୍ତ ଧର୍ମ, ଜୀବନ ଓ ସମ୍ମାନ ଉତ୍ସର୍ଗ କରିବା ପାଇଁ ଆଶା କରାଯାଉଥିଲା ।

ଯେତେବେଳେ ଜଣେ ବ୍ୟକ୍ତି ଦିନ୍-ଇ-ଇଲାହୀର ସଭ୍ୟ ହେବାକୁ ଚାହୁଁଥିଲେ, ଆବୁଲ୍ ଫାଜଲ୍ ତାହାଙ୍କୁ ସମ୍ରାଟଙ୍କ ସହିତ ପରିଚିତ କରାଉଥିଲେ । ତାଙ୍କୁ ପଗଡ଼ି ହସ୍ତରେ ଧରି ସମ୍ରାଟଙ୍କ ପଦ ତଳେ ମଥା ରଖିବାକୁ ପଡୁଥିଲା । ସମ୍ରାଟ ତାଙ୍କୁ ଉଠାଉଥିଲେ ଓ ତାଙ୍କ ମଥାରେ ପୁନର୍ବାର ପଗଡ଼ି ସ୍ଥାପନ କରୁଥିଲେ । ତା'ପରେ ସେ ଭକ୍ତଙ୍କୁ ଶସ୍ତ (Shast) ଦାନ କରୁଥିଲେ, ଯେଉଁଥିରେ ଖୋଦିତ ଥିଲା- ଆଲ୍ଲା ହୁ ଆକବର ।

ଆକବର ଚାହିଁଥିଲେ ନିଜର କ୍ଷମତା ଓ ଶକ୍ତି ବଳରେ ଏହି ନୂତନ ଧର୍ମ ଗ୍ରହଣ କରିବା ପାଇଁ ଲୋକମାନଙ୍କୁ ବାଧ୍ୟ କରିପାରିଥା'ନ୍ତେ; ମାତ୍ର ସେ ଏହା କରିନଥିଲେ । ଭଗବାନ୍ ଦାସ, ମାନସିଂହ, ବଦାଉନି ପ୍ରଭୃତି ଏହି ଧର୍ମ ଗ୍ରହଣ କରିବାକୁ ସମ୍ମତ ହୋଇନଥିଲେ; କିନ୍ତୁ ଅପର ପକ୍ଷରେ ଆବୁଲ୍ ଫାଜଲ୍, ଫାୟାଜୀ, ଶେଖ୍ ମୁବାରକ, ମୀର୍ଜାଜାନି ଓ ଆଜିଜ କୋକା ଏହି ଧର୍ମର ଅନୁଗାମୀ ହୋଇଥିଲେ । ହିନ୍ଦୁମାନଙ୍କ ମଧ୍ୟରୁ କେବଳ ବିରବଲ ଏହି ଧର୍ମ ଗ୍ରହଣ କରିଥିବାର ଜଣାଯାଏ ।

ଦିନ୍-ଇ-ଇଲାହୀର ତାତ୍ପର୍ଯ୍ୟ (Significance of Din-i-Ilahi)

ଆକବରଙ୍କର ଏହି ନୂତନ ଧର୍ମକୁ ବଦାଉନି ଘୃଣା କରୁଥିଲେ; କାରଣ ସେ ଥିଲେ ଜଣେ ଧର୍ମାନ୍ଧ ଓ ନୈଷ୍ଠିକ ମୁଲ୍ଲା । ଆକବରଙ୍କର କାର୍ଯ୍ୟକଳାପର ଦୋଷଦୁର୍ବଳତା ଉପରେ ସେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ; କିନ୍ତୁ ସେ ଜାଣିବା ଉଚିତ ଥିଲା ଯେ ଆକବରଙ୍କର ଧର୍ମକାର୍ଯ୍ୟ ସାମ୍ରାଜ୍ୟର ସ୍ୱାର୍ଥରକ୍ଷା ଓ ଲୋକମାନଙ୍କର କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ଥିଲା । ବାରତୋଲି (Bartoli) ଆକବରଙ୍କ ଧର୍ମନୀତିକୁ ଦୋଷାରୋପ କରି କହିଛନ୍ତି, ''ଚତୁର ଓ ପ୍ରବଞ୍ଚନାପୂର୍ଣ୍ଣ ନୀତି ।'' ସେହିପରି ଭିନ୍‌ସେଣ୍ଟ ସ୍ମିଥ୍ ମଧ୍ୟ ଦିନ୍-ଇ-ଇଲାହୀକୁ ଏକ ସ୍ୱତନ୍ତ୍ର ଧର୍ମ ରୂପେ ମାନ୍ୟତା ଦେଇନାହାନ୍ତି । ତାଙ୍କ ମତରେ, ''ଏହି ସ୍ୱର୍ଗୀୟ ବିଶ୍ୱାସ ଥିଲା ଆକବରଙ୍କର ଜ୍ଞାନର ନୁହେଁ, ନିର୍ବୋଧତାର ଏକ ସ୍ମୃତିସ୍ତମ୍ଭ । ଏ ସମସ୍ତ ପରିକଳ୍ପନା ଥିଲା ତାଙ୍କର ଉପହସିତ ଔଦ୍ଧତ୍ୟର ଏକ ପରିଣତି; ଏକ ଅଦମିତ ସ୍ୱେଚ୍ଛାଚାରିତାର ବିକଟାକାର ଅଭିବୃଦ୍ଧି ।''

କିନ୍ତୁ ଏପରି ମତ ସମ୍ପୂର୍ଣ୍ଣ ରୂପେ ଭ୍ରମାତ୍ମକ ବୋଲି ମନେହୁଏ । ଏହିପରି ଜଣେ ଉଦାର ମନୋଭାବ ଓ ବିଚାର ଶକ୍ତିସମ୍ପନ୍ନ ବ୍ୟକ୍ତିଙ୍କୁ ପ୍ରକାଶ୍ୟରେ ଦୋଷାରୋପ କରିବା

ଅନୁଚିତ, ଯାହାଙ୍କର ଅନ୍ୟ ଧର୍ମପ୍ରତି ମଧ୍ୟ ଅବମାନନା ନଥିଲା । ସେ କେବେହେଲେ କୋରାନ୍‌ର କର୍ତ୍ତୃତ୍ୱକୁ ଅସ୍ୱୀକାର କରିନାହାନ୍ତି । ତାଙ୍କର ଦିନ୍-ଇ-ଇଲାହୀ ଥିଲା ସମସ୍ତ ଧର୍ମର ସମନ୍ୱୟ ମାତ୍ର ଏବଂ ଏହା ପ୍ରତିଷ୍ଠିତ ଥିଲା ଜାତୀୟ ମୂଲ୍ୟବୋଧ ଉପରେ । ଏସ୍. ଆର୍. ଶର୍ମାଙ୍କ ଭାଷାରେ, ''ଦିନ୍-ଇ-ଇଲାହୀ ଥିଲା ଆକବରଙ୍କ ଜାତୀୟ ଆଦର୍ଶର ଏକ ଅଭିବ୍ୟକ୍ତି ।'' ଏ. ଏଲ୍. ଶ୍ରୀବାସ୍ତବ ଆଉ ଟିକିଏ ଆଗକୁ ଯାଇ କହିଛନ୍ତି, ''ଆକବରଙ୍କର ଅତ୍ୟୁଚ୍ଚ ରାଜନୈତିକ ଲକ୍ଷ୍ୟ ଥିଲା ହିନ୍ଦୁ ଓ ମୁସ୍‌ଲିମ୍ ଧର୍ମ ମଧ୍ୟରେ ସଂଯୋଗ ଘଟନ ଏବଂ ସାମ୍ରାଜ୍ୟ ମଧ୍ୟରେ ଏକ ସାଂସ୍କୃତିକ ଓ ରାଜନୈତିକ ଏକତାର ପ୍ରତିଷ୍ଠା ।'' ବିସ୍ମିତ ଲାଗେ, ଆକବର ତାଙ୍କର ଧର୍ମସଂସ୍କାର କ୍ଷେତ୍ରରେ ଯାହା କରିଥିଲେ, ତାଙ୍କଠାରୁ ୩୦୦ ବର୍ଷ ପରେ ବିବେକାନନ୍ଦ ତାହା କରିବାକୁ ଉଦ୍ୟମ କଲେ ।

ସେ ଯାହାହେଉ, ଦିନ୍-ଇ-ଇଲାହୀର ବ୍ୟାପକତା ଥିଲା ଖୁବ୍ ସୀମିତ । ଧର୍ମାନ୍ଧ ଯୁଗରେ ଏପରି ଜାତୀୟ ଧର୍ମର ମହତ୍ତ୍ୱ ଜନସାଧାରଣଙ୍କର ହୃଦ୍‌ବୋଧ ହୋଇପାରିନଥିଲା, ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ଏହି ଧର୍ମର ପୃଷ୍ଠପୋଷକତା କରିନଥିଲେ । ତେଣୁ ଆକବରଙ୍କର ଦେହାନ୍ତ ସହିତ ଦିନ୍-ଇ-ଇଲାହୀ ଖୁବ୍ ଅସହାୟ ଭାବରେ ବିଲୁପ୍ତ ହୋଇଗଲା ।

ଶାସନ ନୀତି (Administrative Policy)

ଆକବର ଏକ ଦୁର୍ବଳ ଓ ମେରୁଦଣ୍ଡବିହୀନ ସାମ୍ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ; କିନ୍ତୁ ଏହାକୁ ଶକ୍ତିଶାଳୀ ଓ ସ୍ଥାୟୀ କରି ଛାଡ଼ିଗଲେ । ଏହି ସଫଳତା ପଛରେ ରହିଥିଲା ତାଙ୍କର ବିସ୍ମୟକର ସାମର୍ଥ୍ୟ । ତାଙ୍କ ପୂର୍ବର ମୋଗଲ ସମ୍ରାଟ ବାବର ଓ ହୁମାୟୁନଙ୍କର ମୋଗଲ ଶାସନ ପ୍ରତି କୌଣସି ଅବଦାନ ନଥିଲା । ଆକବରଙ୍କର ଥିଲା ଏକ ଉଚ୍ଚମାନର ରାଜନୈତିକ ବିଜ୍ଞତା ଓ ଦୂରଦର୍ଶିତା । ଶାସନ ସଂଗଠନରେ ସେ ନିଜର ସ୍ୱାଭାବିକ ଶକ୍ତି ପ୍ରୟୋଗ କରିବା ସହିତ ସୂର ଶାସନ ପଦ୍ଧତିରୁ ଅନେକ ବିଷୟ ଗ୍ରହଣ କରିଥିଲେ । ପୁନଶ୍ଚ ତାଙ୍କ ଶାସନ ସାମରିକ ଭିତ୍ତି ଉପରେ ପ୍ରସ୍ତୁତ କରାଯାଇଥିଲା, ଯେହେତୁ ପ୍ରତ୍ୟେକ କର୍ମଚାରୀ ସାମରିକ ତାଲିକାଭୁକ୍ତ ହେଉଥିଲେ । ଆକବରଙ୍କ ଶାସନରେ ମଧ୍ୟ ଏକ ଭାରତୀୟ ଓ ବୈଦେଶିକ ମୌଳିକ ଉପାଦାନ ପ୍ରତିଫଳିତ ହୋଇଥିଲା । ପ୍ରଫେସର ସରକାର ଏହି ଶାସନକୁ ''ଭାରତୀୟ ସଂସ୍ଥାପନରେ ପାରସିକ-ଆରବୀୟ ପଦ୍ଧତି'' ବୋଲି ବର୍ଣ୍ଣନା କରିଛନ୍ତି ।

ତାଙ୍କର କର୍ତ୍ତୃତ୍ୱ (His Authority)

ଆକବର ଥିଲେ କ୍ଷମତାର ଉତ୍ସ । ସେ ଥିଲେ ରାଜ୍ୟର ମୁଖ୍ୟ ଆଇନ ପ୍ରଣେତା, ମୁଖ୍ୟ ପ୍ରଶାସକ, ମୁଖ୍ୟ ବିଚାରପତି ଓ ମୁଖ୍ୟ ସେନାଧ୍ୟକ୍ଷ । ସେ ବିଶ୍ୱାସ କରୁଥିଲେ ଯେ ରାଜାଙ୍କର ଏକ ସ୍ୱର୍ଗୀୟ ଉତ୍ପତ୍ତି ରହିଛି । ଆବୁଲ୍ ଫାଜଲ୍ କହୁଥିଲେ, ରାଜ୍ୟ ଶାସନ ହେଉଛି ଈଶ୍ୱରଙ୍କର ଏକ ଦାନ ଏବଂ ଜଣେ ବ୍ୟକ୍ତିଠାରେ କେତେ ସହସ୍ର ଉତ୍ତମ ଗୁଣ ଠୁଳ ନ ହେବା ପର୍ଯ୍ୟନ୍ତ ଏହା ଅର୍ପଣ କରାଯାଏ ନାହିଁ । ସେ ଖଲିଫାଙ୍କ ପରି କ୍ଷମତା ପ୍ରୟୋଗ କରୁଥିଲେ ।

ସେ ନିଜକୁ ଉଲେମାମାନଙ୍କର ପ୍ରଭାବରୁ ମୁକ୍ତ ରଖିଥିଲେ । ସେ ଇସ୍‌ଲାମ୍ ଧର୍ମ ବ୍ୟାଖ୍ୟା କରିପାରୁଥିଲେ । ଅବଶ୍ୟ ପବିତ୍ର ଶାସ୍ତ୍ର ଓ ଇସ୍‌ଲାମ୍ ପରମ୍ପରାକୁ ମାନି ଚଳିବା ତାଙ୍କ ପାଇଁ ଆବଶ୍ୟକ ପଡୁଥିଲା । ତାଙ୍କଠାରେ ପ୍ରତିଫଳିତ ହୋଇଥିଲା ଉଭୟ ଲୌକିକ ଓ ଆଧ୍ୟାତ୍ମିକ କ୍ଷମତା । ତେଣୁ ଆକବର ଥିଲେ ସ୍ୱେଚ୍ଛାଚାରୀ ଶାସକ; ମାତ୍ର ତାଙ୍କର ସ୍ୱେଚ୍ଛାଚାରିତା, ନଥିଲା ଦାୟିତ୍ୱହୀନତା । ଉଦାରତା, ମାନବିକତା ଉପରେ ସେ ନୀତି ଘୋଷଣା କରିଥିଲେ । ତାଙ୍କ ଶାସନର ବୈଶିଷ୍ଟ୍ୟ ଥିଲା ଧର୍ମୀୟ ସହନଶୀଳତା । ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ସେ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରୁଥିଲେ ।

ଆକବରଙ୍କ ମନ୍ତ୍ରୀ ଓ ବିଭାଗ (Ministers and departments of Akbar)

ଶାସନକ୍ଷେତ୍ରରେ ସାହାଯ୍ୟ କରିବା ନିମିତ୍ତ ଆକବର ଏକ ମନ୍ତ୍ରିମଣ୍ଡଳ ନିଯୁକ୍ତ କରିଥିଲେ । ମନ୍ତ୍ରୀମାନେ ତାଙ୍କ ଅନୁଗ୍ରହ ଲାଭ କରୁଥିବାଯାଏ ଶାସନରେ ରହୁଥିଲେ ।

ୱାଜିର ବା ବକିଲ ପ୍ରଧାନମନ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ । ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ ଓ ବରଖାସ୍ତ କରିବାର କ୍ଷମତା ତାଙ୍କଠାରେ ରହିଥିଲା । ଅର୍ଥ ଓ ରାଜସ୍ୱ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ତାଙ୍କ ଦାୟିତ୍ୱରେ ଥିଲା । ସମ୍ରାଟ ଅନୁପସ୍ଥିତ ଥିଲେ ତାଙ୍କ ତରଫରୁ ବକିଲ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ତାଙ୍କୁ ଦୁଇଜଣ କର୍ମଚାରୀ ସାହାଯ୍ୟ କରୁଥିଲେ; ଯଥା– ଦିୱାନ୍-ଇ-ଖାବ୍- ସେ ରାଜାଙ୍କର ଭୂ-ସମ୍ପତ୍ତି ଦେଖାଶୁଣା କରୁଥିଲେ ଏବଂ ଦିୱାନ୍-ଇ-ଟନଖ୍ୱା- ସେ କର୍ମଚାରୀମାନଙ୍କର ବେତନ ଓ ଜାଗିରି ଦାୟିତ୍ୱରେ ଥିଲେ । ମୋଗଲ ଶାସନରେ ସବୁଠୁଁ କ୍ଷମତାଶାଳୀ ଥିଲେ ଆକବରଙ୍କ ପ୍ରଧାନମନ୍ତ୍ରୀ ବୈରାମ ଖାଁ ।

ଦିୱାନ୍ ଥିଲେ ଅର୍ଥମନ୍ତ୍ରୀ । ରାଜ୍ୟର ଆୟବ୍ୟୟ କାର୍ଯ୍ୟ ସେ ଅନୁଧ୍ୟାନ କରୁଥିଲେ । ତାଙ୍କର ମଧ୍ୟ ଥିଲା ରାଜସ୍ୱ ନିରୂପଣ ଓ ଆଦାୟ କରିବା କାର୍ଯ୍ୟ । ପ୍ରାଦେଶିକ ଦିୱାନ୍‌ମାନଙ୍କୁ ନିୟନ୍ତ୍ରଣ ଓ ତଦାରଖ କରିବାର କ୍ଷମତା ଦିୱାନ୍ ଉପଭୋଗ କରୁଥିଲେ । ମୁଜାଫର ଖାଁଙ୍କ ପରେ ତୋଡ଼ର ମଲ୍ଲଙ୍କୁ ଦିୱାନ ରୂପେ ନିଯୁକ୍ତି ଦିଆଯାଇଥିଲା ।

ମୀର୍‌କାଶିମ୍ ଥିଲେ ସାମରିକ ବିଭାଗର ମନ୍ତ୍ରୀ । ମନସବଦାରମାନଙ୍କ ଆୟବ୍ୟୟ ବିବରଣୀ ରଖିବା ତାଙ୍କର କାର୍ଯ୍ୟ ଥିଲା । ସେ ଯୁଦ୍ଧ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ । ସୈନ୍ୟମାନଙ୍କର ନିଯୁକ୍ତି, ସେବା ପୁସ୍ତକର ରକ୍ଷଣାବେକ୍ଷଣ, ଅଶ୍ୱମାନଙ୍କଠାରେ ରାଜକୀୟ ମୋହର ପ୍ରଦାନ ଏବଂ ବର୍ଣ୍ଣନା ତାଲିକା ପ୍ରସ୍ତୁତ ଓ ର୍କମଚାରୀମାନଙ୍କୁ ବେତନଦାନ କାର୍ଯ୍ୟ ସେ ସମ୍ପାଦନ କରୁଥିଲେ । ରାଜପ୍ରାସାଦର ପ୍ରହରୀମାନଙ୍କୁ ମଧ୍ୟ ସେ ମନୋନୀତ କରୁଥିଲେ ।

ସଦର-ଉସ୍-ସଦର୍ ଉଲେମାମାନଙ୍କର ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ । ଏସ୍. ଆର. ଶର୍ମାଙ୍କ ଭାଷାରେ, ''ସଦର୍ ଥିଲେ ମୁଖ୍ୟ ବିଚାରପତି, ଧର୍ମୀୟ ବ୍ୟାପାର ମନ୍ତ୍ରୀ,

ଶିକ୍ଷାମନ୍ତ୍ରୀ, ରାଜକୀୟ ଭିକ୍ଷା ବିତରଣ କର୍ତ୍ତା- ଏ ସମସ୍ତ ପଦ ଗୋଟିଏ ହୋଇଯାଉଥିଲା ।" ସମ୍ରାଟଙ୍କ ତରଫରୁ ସେ ଏହି ବିଚାରଗତ କ୍ଷମତା ଖଟାଉଥିଲେ । ଏହି କ୍ଷମତା ଖଟାଇଲାବେଳେ ସେ କାଜିଙ୍କଠାରୁ ଅଧିକ କ୍ଷମତା ସମ୍ପନ୍ନ ହେଉଥିଲେ । ନିମ୍ନ ଅଦାଲତ ନ୍ୟାୟ ବିରୁଦ୍ଧରେ ଆସୁଥିବା ଅପିଲ ସେ ପୁନର୍ବିଚାର କରୁଥିଲେ । ଧର୍ମକ୍ଷେତ୍ରରେ ସଦର ଥିଲେ ମୁସଲିମ୍ ଆଇନର ରକ୍ଷକ । ସେ ମଧ୍ୟ ମୁସଲମାନ୍‌ମାନଙ୍କଠାରୁ ଜାକତ ଓ ହିନ୍ଦୁମାନଙ୍କଠାରୁ ଜିଜିୟା ଆଦାୟ କରୁଥିଲେ । ଖାନ୍-ଇ-ସମନ ଥିଲେ ରାଜକୀୟ ଘରୋଇ ବିଭାଗର ମନ୍ତ୍ରୀ । ଭଣ୍ଡାର, ପ୍ରାସାଦ, ଉଦ୍ୟାନ, ତମ୍ବୁ ଓ ରାସ୍ତା ଆଦି ତାଙ୍କ ଦାୟିତ୍ୱରେ ରହୁଥିଲା ।

ମୁହତାସିବ ମୁସଲମାନ୍‌ମାନଙ୍କର ନୈତିକ ବିକାଶର ଯତ୍ନ ନେଉଥିଲେ । ଯେଉଁମାନେ ମୁସ୍‌ଲିମ୍ ନିୟମ ଉଲଙ୍ଘନ କରୁଥିଲେ ସେମାନଙ୍କୁ ସେ ଦଣ୍ଡିତ କରୁଥିଲେ । ସେ ମାପ ଓ ଓଜନ ତଦାରଖ କରୁଥିଲେ । ଜୁଆଖେଳ ଓ ଅନ୍ୟ ପ୍ରକାର ମନ୍ଦ କାର୍ଯ୍ୟ ବାରଣ କରିବାକୁ ସେ ଉଦ୍ୟମ କରୁଥିଲେ ।

ମୀର୍‌କାଶିମ୍‌ଙ୍କ ଅନୁରୋଧକ୍ରମେ ସମ୍ରାଟ ସମ୍ବାଦ ଲେଖକମାନଙ୍କୁ ନିଯୁକ୍ତି ଦେଉଥିଲେ । ରାଜ୍ୟରେ ଘଟୁଥିବା ବିଭିନ୍ନ ଘଟଣା ସେମାନେ ସମ୍ରାଟଙ୍କୁ ଅବଗତ କରୁଥିଲେ । ଦାରୋଗା-ଇ-ଡାକଚୌକିଙ୍କ ଅଧୀନରେ ଡାକ ବିଭାଗ କାର୍ଯ୍ୟ କରୁଥିଲା । କଟୁଆଲଙ୍କର ଥିଲା ନଗରଗୁଡ଼ିକରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ । ଦାରୋଗା-ଇ-ତୋପଖାନା ବା ମୀର୍-ଇ-ଆତିଶ୍ ରାଜକୀୟ ଅସ୍ତ୍ରଶସ୍ତ୍ର ବାହିନୀର ଦାୟିତ୍ୱରେ ଥିଲେ । ମୀର୍-ଇ-ବହରଙ୍କ ଦାୟିତ୍ୱରେ ନୌକା ଓ ଜାହାଜ ରହୁଥିଲା । ଦାରୋଗା-ଇ-ଟକ୍‌ସାଲଙ୍କ ତତ୍ତ୍ୱାବଧାନରେ ମୁଦ୍ରାଶାଳା ରହୁଥିଲା ।

ଆକବରଙ୍କ ପ୍ରାଦେଶିକ ଶାସନ (Provincial Administration of Akbar)

ଆକବର ଜାଗିରି ପ୍ରଥା ଉଠାଇ ଦେଇ ଶାସନର ସୁବିଧା ନିମିତ୍ତ ସାମ୍ରାଜ୍ୟକୁ ୧୫ଟି ପ୍ରଦେଶ ବା ସୁବାରେ ବିଭକ୍ତ କରିଥିଲେ । ସେଗୁଡ଼ିକ ହେଲା ଆଗ୍ରା, ଆଲାହାବାଦ, ଅଯୋଧ୍ୟା, ଦିଲ୍ଲୀ, ଲାହୋର, ମୁଲତାନ, କାବୁଲ୍, ଆଜମୀର, ବେଙ୍ଗଲ, ବିହାର, ଅହମଦାବାଦ, ମାଲୱା, ବେରାର, ଖାନ୍ଦେଶ ଓ ଅହମଦନଗର । ସୁବାଗୁଡ଼ିକ ପୁନର୍ବାର କେତେକ ସରକାରରେ ଓ ସରକାର କେତେକ ପ୍ରଗଣାରେ ବିଭକ୍ତ ହେଉଥିଲା ।

ସୁବାଦାର ବା ସିପାହସଲାର ଥିଲେ ପ୍ରାଦେଶିକ ଶାସନର ମୁଖ୍ୟ । ସୁବାରେ ସେ ଥିଲେ ସମ୍ରାଟଙ୍କ ପ୍ରତିନିଧି । ସେ ଉଭୟ ସାମରିକ ଓ ବେସାମରିକ କ୍ଷମତା ଉପଭୋଗ କରୁଥିଲେ । ସେ ତାଙ୍କର ଦରବାର ବସାଇପାରୁଥିଲେ । ସମ୍ରାଟଙ୍କ ଅନୁମତି ବିନା ସେ ଯୁଦ୍ଧ ଘୋଷଣା ଓ ଶାନ୍ତି ପ୍ରତିଷ୍ଠା କରିପାରୁନଥିଲେ । ତାଙ୍କର ରହିଥିଲା ବିଚାରଗତ କ୍ଷମତା । କାଜି

ଓ ମୀର ଆଦିଲଙ୍କ ନିଷ୍ପତ୍ତି ବିରୁଦ୍ଧରେ ସେ ଅପିଲ ଶୁଣୁଥିଲେ । ଗୁପ୍ତଚରମାନଙ୍କ ସାହାଯ୍ୟରେ ନିଜର କାର୍ଯ୍ୟ ସମ୍ବନ୍ଧରେ ଲୋକମାନଙ୍କଠାରୁ ସେ ସମ୍ବାଦ ପାଉଥିଲେ ।

ସୁବାଦାରଙ୍କ ପରେ ପରବର୍ତ୍ତୀ ଉଚ୍ଚାସନ ଥିଲା ଦିୱାନ୍‌ଙ୍କର । ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ । ସୁବାଦାରଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା ଓ ଶାସନ ପରିଚାଳନାରେ ତାଙ୍କୁ ସାହାଯ୍ୟ କରିବା ଥିଲା ଦିୱାନ୍‌ଙ୍କ କାର୍ଯ୍ୟ । ସେ ରାଜସ୍ୱ ଶାସନର ଦାୟିତ୍ୱରେ ଥିଲେ । ସେ ପ୍ରାଦେଶିକ ଶାସନର ଆୟବ୍ୟୟ ତନଖି ଦେଖୁଥିଲେ । ରାଜସ୍ୱ ଆଦାୟ ପାଇଁ ସେ ଆଦାୟକାରୀମାନଙ୍କୁ ନିଯୁକ୍ତ କରୁଥିଲେ । ସୁବାଦାର ଅତ୍ୟଧିକ କ୍ଷମତା ସମ୍ପନ୍ନ ହେବାରେ ଦିୱାନ୍ ବାଧା ଦେଉଥିଲେ । ରାୟଚୌଧୁରୀଙ୍କ ମତରେ, ଯଦିଚ ଏପରି କ୍ଷମତା ବଣ୍ଟନ ଶାସନକୁ ଦୁର୍ବଳ କରିଦେଇଥିଲା, ତଥାପି ଏହା ଶାସନର ସ୍ଥାୟିତ୍ୱ ରକ୍ଷା କରିପାରୁଥିଲା ।

ସଦର୍ ନିଯୁକ୍ତ ହେଉଥିଲେ କେନ୍ଦ୍ର ସରକାରଙ୍କ ଦ୍ୱାରା । ସେ ସାଧାରଣତଃ ଥିଲେ ଜଣେ ବିଦ୍ୱାନ୍ ଓ ଧାର୍ମିକ ବ୍ୟକ୍ତି । ତାଙ୍କ ଇଚ୍ଛା ଅନୁଯାୟୀ ଦାନ ଓ ଭୂମି ବଣ୍ଟନ କରାଯାଉଥିଲା ।

ଅମୀଲ ଥିଲେ ଜଣେ ଉଚ୍ଚପଦସ୍ଥ ରାଜସ୍ୱ ଆଦାୟକାରୀ । ଶାନ୍ତି ରକ୍ଷା କରିବା ତାଙ୍କ ଦାୟିତ୍ୱ ଥିଲା । ଡକାୟତ ଓ ଅପରାଧୀମାନଙ୍କୁ ସେ କଠୋର ଭାବରେ ଦଣ୍ଡିତ କରୁଥିଲେ । ତାଙ୍କ ଯତ୍ନରେ ଚାଷଜମିଗୁଡ଼ିକ ରଖାଯାଉଥିଲା । ସେ କରକୁନ୍ ଓ ମକଦ୍ଦମମାନଙ୍କର କାର୍ଯ୍ୟ ତଦାରଖ କରୁଥିଲେ ।

ବିତିକଚି ଅମୀଲଙ୍କୁ ନିୟନ୍ତ୍ରଣ କରୁଥିଲେ ଓ କାନୁନ୍‌ଗୋଙ୍କ କାର୍ଯ୍ୟ ତଦାରଖ କରୁଥିଲେ । ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଚୁକ୍ତି ସଂକ୍ରାନ୍ତରେ ସେ ବିବରଣୀ ରଖୁଥିଲେ । ବାର୍ଷିକ ଆୟବ୍ୟୟ ହିସାବ ସେ ସମ୍ରାଟଙ୍କ ନିକଟକୁ ପଠାଉଥିଲେ ।

ଚାଷୀମାନଙ୍କଠାରୁ ରାଜସ୍ୱ ଆଦାୟ କରି ରାଜକୋଷରେ ଜମା ରଖିବା ଥିଲା ପୋତଦାର ବା ଖଜଣାଦାରମାନଙ୍କ କାର୍ଯ୍ୟ । ତାଙ୍କୁ ଆୟବ୍ୟୟ ସଂକ୍ରାନ୍ତରେ ଏକ ବିବରଣୀ ରଖିବାକୁ ପଡୁଥିଲା ।

ଆବୁଲ୍ ଫାଜଲ୍ ଲେଖିଛନ୍ତି, ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଫୌଜଦାର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରାଦେଶିକ ସୈନ୍ୟବାହିନୀ ତାଙ୍କ ଦାୟିତ୍ୱରେ ରହୁଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସମ୍ଭାବିତ ବିଦ୍ରୋହଗୁଡ଼ିକର ଦମନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ତାଙ୍କର କାର୍ଯ୍ୟ ଥିଲା ।

ଜଣେ ପୋଲିସ ଅଧିକାରୀଙ୍କ ପରି କଟୁଆଲ କାର୍ଯ୍ୟ କରୁଥିଲେ । କେତେକ ନିର୍ଦ୍ଦିଷ୍ଟ କେସ୍‌ରେ ତାଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ଅର୍ପଣ କରାଯାଇଥିଲା । ସହରରେ ଶାନ୍ତିଶୃଙ୍ଖଳା ରକ୍ଷା

କରିବା ଥିଲା ତାଙ୍କ ଦାୟିତ୍ୱ । ଓ୍ୱାକ୍-ଇ-ନବିସ୍‌ଙ୍କ ମାଧ୍ୟମରେ କେନ୍ଦ୍ର ସରକାର ପ୍ରାଦେଶିକ ସରକାରଙ୍କର ଶାସନ ସହିତ ସମ୍ପର୍କ ରଖୁଥିଲେ । ତଥ୍ୟଭିତ୍ତିକ ସମ୍ବାଦ ସମ୍ରାଟଙ୍କ ପାଖକୁ ପ୍ରେରଣ କରିବା ତାଙ୍କର ଦାୟିତ୍ୱ ଥିଲା । କୌଣସି ବିଷୟ ଗୁପ୍ତ ରଖିଲେ ତାଙ୍କୁ ସମ୍ରାଟ କଠୋର ଦଣ୍ଡ ଦେଉଥିଲେ । ପ୍ରାଦେଶିକ ଶାସନରେ ସାହାଯ୍ୟ କରିବା ନିମିତ୍ତ କାରକୁନ, କାନୁନ୍‌ଗୋ ଓ ପଟଓ୍ୱାରୀ ପ୍ରଭୃତି ଅଧିକାରୀମାନେ ମଧ୍ୟ ନିଯୁକ୍ତି ପାଇଥିଲେ ।

ଆକବରଙ୍କ ଜିଲ୍ଲା ଓ ଗ୍ରାମ ଶାସନ (District and Village Administration of Akbar)

ଆକବର ପ୍ରତ୍ୟେକ ପ୍ରଦେଶକୁ କେତେକ ଜିଲ୍ଲା ବା ସରକାରରେ ବିଭକ୍ତ କରିଥିଲେ ।

ସରକାର ଶାସନର ମୁଖ୍ୟ ଥିଲେ ଫୌଜଦାର । ସେ ସମ୍ରାଟଙ୍କ ଦ୍ୱାରା ନିଯୁକ୍ତି ପାଉଥିଲେ; ମାତ୍ର ସୁବାଦାରଙ୍କ ନିୟନ୍ତ୍ରଣରେ ରହୁଥିଲେ । ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବା, ସ୍ଥାନୀୟ ଜମିଦାରମାନଙ୍କ ବିଦ୍ରୋହ ନିୟନ୍ତ୍ରଣ କରିବା, ରାଜସ୍ୱ ଆଦାୟ କ୍ଷେତ୍ରରେ ଅମୀଲକୁ ସାହାଯ୍ୟ କରିବା ଓ ରାସ୍ତାର ଯତ୍ନ ନେବା ପ୍ରଭୃତି ତାଙ୍କର କାର୍ଯ୍ୟ ଥିଲା । ଜିଲ୍ଲାର ରାଜସ୍ୱ ବିଭାଗ ତାଙ୍କ ଦାୟିତ୍ୱରେ ରହୁଥିଲା । ସେ ସମ୍ରାଟଙ୍କ ନିକଟକୁ ପ୍ରଜାମାନଙ୍କର ଆର୍ଥିକ ଅବସ୍ଥା, ଖାଦ୍ୟଶସ୍ୟର ଦରଦାମ୍ ଓ ଜମିଦାରମାନଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପଠାଉଥିଲେ ।

ଜିଲ୍ଲାସ୍ତରୀୟ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ଥିଲା କଟୁଆଲଙ୍କର । ମୂଲ୍ୟ ବୃଦ୍ଧି ରୋକିବା, ମାପ ଓ ଓଜନ ତଦାରଖ କରିବା, ଠକ ବ୍ୟବସାୟୀମାନଙ୍କୁ ଦଣ୍ଡ ଦେବା ତାଙ୍କର କାମ ଥିଲା । ଜିଲ୍ଲା ଶାସନର ବିଚାର ବିଭାଗର ସେ ମୁଖ୍ୟ ଥିଲେ । ଶାସନର ସୁବିଧା ନିମିତ୍ତ ପ୍ରତ୍ୟେକ ଜିଲ୍ଲାକୁ କେତୋଟି ପ୍ରଗଣାରେ ବିଭକ୍ତ କରାଯାଇଥିଲା । ବାସ୍ତବରେ ଏହା ଥିଲା ମକଦମଙ୍କ ଅଧୀନରେ ରାଜସ୍ୱ ଆଦାୟ କରିବା ପାଇଁ ଏକ ବିଭାଗ । ଅମୀଲ ଓ କାନୁନ୍‌ଗୋ ଥିଲେ ପ୍ରଗଣାର ଅନ୍ୟାନ୍ୟ ରାଜସ୍ୱ ବିଭାଗୀୟ କର୍ମଚାରୀ ।

ଗ୍ରାମଗୁଡ଼ିକର ଥିଲା ଅତ୍ୟଧିକ ସ୍ୱାଧୀନତା । ପ୍ରତ୍ୟେକ ଗ୍ରାମର ପଞ୍ଚାୟତ ଥିଲା । ଏହାର ମୁଖ୍ୟ ଥିଲେ ସରପଞ୍ଚ । ଚାଷୀମାନଙ୍କଠାରୁ ଖଜଣା ଆଦାୟ କରି ସେ ରାଜକୋଷରେ ଜମା ଦେଉଥିଲେ । ତାଙ୍କୁ ଏ କାର୍ଯ୍ୟରେ ଜଣେ ପଟଓ୍ୱାରୀ ଓ ଜଣେ ହିସାବ ରକ୍ଷକ ସାହାଯ୍ୟ କରୁଥିଲେ । ଜଳସେଚନ ଓ ଶିକ୍ଷାର ଉନ୍ନତି କରିବା ଥିଲା ସରପଞ୍ଚଙ୍କ କାର୍ଯ୍ୟ । ସେ ଗ୍ରାମବାସୀମାନଙ୍କର ଧର୍ମୀୟ ଓ ନୈତିକ ବିକାଶର ଯତ୍ନ ନେଉଥିଲେ । ସେ ମଧ୍ୟ କ୍ଷୁଦ୍ର କ୍ଷୁଦ୍ର ବିବାଦଗୁଡ଼ିକ ମୀମାଂସା କରୁଥିଲେ । ବାସ୍ତବିକ ଗ୍ରାମପଞ୍ଚାୟତ ଥିଲା ଏକ କ୍ଷୁଦ୍ର ସାଧାରଣତନ୍ତ୍ର ।

ସାମରିକ ବିଭାଗ (Military Organisation)

ଆକବରଙ୍କର ସାମରିକ ସଂଗଠନ ମନସବଦାରୀ (Manasabadari) ପ୍ରଥା ନାମରେ ପରିଚିତ । ସାମରିକ ସଂଗଠନ କାର୍ଯ୍ୟରେ ଆକବର ଆବାସିଦ ଶାସକମାନଙ୍କୁ ଅନୁକରଣ କରିଥିଲେ ଓ ଏହାକୁ ତୈମୁର ଓ ଚେଙ୍ଗିଜ୍ ଖାଁଙ୍କ ସୈନ୍ୟ ସଂଗଠନ ପରି ଉନ୍ନତି କରିଥିଲେ । ମନସବର ଅର୍ଥ ପାହ୍ୟା, ପଦବୀ ବା ସ୍ଥାନ । ସେହି ପାହ୍ୟା ଅଧିକାର କରୁଥିବା ବ୍ୟକ୍ତିଙ୍କୁ ମନସବଦାର କୁହାଯାଉଥିଲା ।

ଆକବର ମନସବଦାରମାନଙ୍କୁ ୩୩ଟି ଶ୍ରେଣୀରେ ବିଭକ୍ତ କରିଥିଲେ । ନିମ୍ନତମ ମନସବଦାରଙ୍କ ଅଧୀନରେ ୧୦ଜଣ ଓ ଉଚ୍ଚତମ ମନସବଦାରଙ୍କ ଅଧୀନରେ ୧୦,୦୦୦ ସୈନ୍ୟ ରହୁଥିଲେ । ୫,୦୦୦ରୁ ଅଧିକ ସୈନ୍ୟଙ୍କୁ ରାଜପୁତ୍ରମାନଙ୍କ ଅଧୀନରେ ରଖାଯାଉଥିଲା । ୫୦୦ରୁ ୨୫୦୦ ପର୍ଯ୍ୟନ୍ତ ସୈନ୍ୟ ରଖୁଥିବା ଅଧିକାରୀଙ୍କୁ ଅମୀର ଓ ୨,୫୦୦ ବା ତତୋଽଧିକ ସୈନ୍ୟ ରଖୁଥିବା ଅଧିକାରୀଙ୍କୁ ଅମୀର-ଇ-ଆଜାମ୍ କୁହାଯାଉଥିଲା । ମନସବଦାରମାନଙ୍କ ନିଯୁକ୍ତି, ପଦୋନ୍ନତି ବା ବରଖାସ୍ତ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନଥିଲା । ଆବୁଲ୍ ଫାଜଲ୍ କହିଛନ୍ତି ଯେ ତାଙ୍କର ମହାମହିମ ପ୍ରଥମ ଦୃଷ୍ଟିପାତରେ କେତେ ଲୋକଙ୍କ ମଧ୍ୟରେ ସେମାନଙ୍କୁ ପାଇଥା'ନ୍ତି ଓ ଉଚ୍ଚ ପାହ୍ୟା ପ୍ରଦାନ କରିଥା'ନ୍ତି ।

ମନସବଦାରମାନଙ୍କୁ ଅର୍ଥ ଆକାରରେ ବେତନ ଦିଆଯାଉଥିଲା; ମାତ୍ର କେତେକ ସ୍ଥଳରେ ଉଚ୍ଚଶ୍ରେଣୀର ଅଧିକାରୀମାନଙ୍କୁ ଜାଗିରି ପ୍ରଦାନ କରାଯାଉଥିଲା । ଆଇନ-ଇ-ଆକବରୀ (Ain-i-Akbari)ରେ ଦର୍ଶାଇ ଦିଆଯାଇଛି ଯେ ଜଣେ ସାଧାରଣ ସୈନିକ ୨୪୦ ରୁ ୫୦୦ ଦମ ପାଉଥିବାବେଳେ ୫,୦୦୦ ସୈନ୍ୟଙ୍କ ମନସବଦାର ପାଉଥିଲେ ୨୮,୦୦୦ ଟଙ୍କା । ସେମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ ।

ପରବର୍ତ୍ତୀ ସମୟରେ ମନସବଗୁଡ଼ିକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଗଲା । ଏହି ଶ୍ରେଣୀଗୁଡ଼ିକୁ ଠିକ୍ ରୂପେ ବୁଝିବା ପାଇଁ ଜାଟ (Zat) ଓ ସଓ୍ୱାର (Sawar) ଶବ୍ଦ ବ୍ୟବହୃତ ହେଲା । ଏହି ଶବ୍ଦଦ୍ୱୟକୁ ନେଇ ଐତିହାସିକମାନେ କୌଣସି ନିର୍ଦ୍ଦିଷ୍ଟ ମତ ଦେଇପାରି ନାହାନ୍ତି । ପାରସିକ ଲେଖକ ବ୍ଲକ୍‌ମାନ (Blochmann) କହିଛନ୍ତି ଯେ ମନସବଦାରଙ୍କର ପ୍ରକୃତ ପଦବୀ ହେଉଛି ଜାଟ ଓ ସେ କେତେସଂଖ୍ୟକ ଅଶ୍ୱ ରଖିପାରିବେ, ଏହାକୁ ସଓ୍ୱାର କୁହାଯାଉଥିଲା । ଉଦାହରଣ ସ୍ୱରୂପ ୨୦୦୦ ଜାଟ ଓ ୧୦୦୦ ସଓ୍ୱାରର ମନସବର ଅର୍ଥ ୨୦୦୦ ବେତନ ଓ ପଦବୀର ଜଣେ ମନସବଦାର ୧୦୦୦ଟି ଅଶ୍ୱ ରଖିପାରିବେ । ଇରଭାଇନ (Ervine) ବିଶ୍ୱାସ କରନ୍ତି ଯେ ସଓ୍ୱାର ହେଉଛି ଜଣେ ମନସବଦାର ଉପଭୋଗ କରୁଥିବା ଅତିରିକ୍ତ ଭତ୍ତା, ଏହାର ଅଶ୍ୱ ରକ୍ଷଣ ସହିତ ସମ୍ପର୍କ ନାହିଁ ।

ପଦାତିକ ବାହିନୀ ବ୍ୟତୀତ ଦଖିଲୀ (Dakhili) ଏବଂ ଅହଦ଼ୀ (Ahadi) ନାମକ ସମ୍ରାଟଙ୍କର ଅନ୍ୟ ଦୁଇ ଶ୍ରେଣୀର ସୈନ୍ୟ ଥିଲେ । ଦଖିଲୀମାନେ ରାଜ୍ୟରୁ ବେତନ ପାଉଥିଲେ ଏବଂ ସେମାନେ ଜଣେ ମନସବଦାରଙ୍କ ଦ୍ୱାରା ପରିଚାଳିତ ହେଉଥିଲେ । ଅହଦ଼ୀମାନେ ଥିଲେ ଭଦ୍ରଲୋକ ସୈନିକ, ଅଶ୍ୱାରୋହୀମାନଙ୍କର ଏକ ସ୍ୱତନ୍ତ୍ର ଶ୍ରେଣୀ । ସେମାନେ ସମ୍ରାଟଙ୍କୁ ଘେରି ରହୁଥିଲେ, ତାଙ୍କ ଭିନ୍ନ ଅନ୍ୟ କାହାରି ପ୍ରତି ଅନୁରକ୍ତ ନଥିଲେ । ଇର୍‌ଭାଇନ୍ ଲେଖିଛନ୍ତି ଯେ ମୋଗଲ ସୈନ୍ୟଦଳ ଦୁର୍ନୀତିମୁକ୍ତ ନଥିଲା । ଏପରିକି ବଜାର ଭିତରେ ବୁଲୁଥିବା ଅଭାବୀ ଓ ଅଳସୁଆ ବ୍ୟକ୍ତିଙ୍କୁ ଜିନିଷପତ୍ର ବହନ କରିବା ଓ କ୍ଷୁଦ୍ର ଘୋଟକରେ ଆରୋହଣ କରିବା ନିମିତ୍ତ ନିଆଯାଉଥିଲା, ଯେଉଁମାନଙ୍କୁ ମଧ୍ୟ ଦକ୍ଷ ସୈନ୍ୟମାନଙ୍କ ସହିତ ଗଣାଯାଉଥିଲା । ଆକବର ଏହି କଳଙ୍କ ଦୂର କରିବାକୁ ଉଦ୍ୟମ କରିଥିଲେ । ମନସବଦାରଙ୍କ ପିତାଙ୍କ ନାମ, ଜାତି, ଗୋଷ୍ଠୀ, ଜନ୍ମସ୍ଥାନ ଏବଂ ତାଙ୍କର ଆକୃତିକୁ ନେଇ ଏକ ବର୍ଣ୍ଣନା ହାଜିରା ବହି ରଖାଗଲା । ଘୋଡ଼ାମାନଙ୍କୁ ମଧ୍ୟ ଚିହ୍ନଟ କରିବା ପାଇଁ ଦାଗ-ଓ-ମାହାଲି (Dagh-O-Mahali) ପ୍ରଥା ପ୍ରଚଳନ କରାଗଲା ।

ପଦାତିକ, ଅଶ୍ୱାରୋହୀ, ବନ୍ଧୁକଧାରୀ, ଯୁଦ୍ଧହସ୍ତୀ ଓ ନୌସେନା- ଏହିପରି ମୋଗଲ ବାହିନୀକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥିଲା । ପଦାତିକମାନେ ଥିଲେ ସ୍ୱଳ୍ପ ବେତନଧାରୀ ଓ ବିଶୃଙ୍ଖଳ ସୈନ୍ୟଦଳ । ବର୍ଚ୍ଛା ଓ ଖଣ୍ଡା ଧାରଣ କରି ସେମାନେ ଯୁଦ୍ଧ କରୁଥିଲେ । ବର୍ଗୀ ଓ ସିଲେଦର- ଏହିପରି ଦୁଇ ପ୍ରକାର ଅଶ୍ୱାରୋହୀ ଥିଲେ । ବର୍ଗୀମାନେ ରାଜ୍ୟ ତରଫରୁ ପୋଷାକ ଓ ଅସ୍ତ୍ରଶସ୍ତ୍ର ଲାଭ କରୁଥିଲେ । ସିଲେଦାରମାନେ ନିଜ ପାଇଁ ଅସ୍ତ୍ର ଓ ଅଶ୍ୱ ରଖୁଥିଲେ । 'ବନ୍ଧୁକଧାରୀ ସୈନିକ'- ଏହା ଥିଲା ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହି ବିଭାଗର ସୈନ୍ୟମାନେ ମୀର ଆତିଶଙ୍କ ଅଧୀନରେ ଥିଲେ । ସେମାନଙ୍କ ସଂଖ୍ୟା ଥିଲା ୧୨,୦୦୦ । ଆର. ପି. ତ୍ରିପାଠୀଙ୍କ ମତରେ ତୁର୍କ ବନ୍ଧୁକଧାରୀମାନଙ୍କୁ ଛାଡ଼ିଦେଲେ ସମଗ୍ର ଏସିଆରେ ଆକବରଙ୍କର ଏହି ବାହିନୀ ଥିଲା ଅଦ୍ୱିତୀୟ । ହସ୍ତୀମାନଙ୍କ ଉପରେ ଆରୋହଣ କରି ଯୁଦ୍ଧ କରାଯାଉଥିଲା । ନୌସେନା ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ଅଂଶଗ୍ରହଣ କରୁନଥିଲା । ଏହି ବିଭାଗର କାର୍ଯ୍ୟ ଥିଲା ବିଭିନ୍ନ ପ୍ରକାର ନୌକା ନିର୍ମାଣ କରିବା, ଦକ୍ଷ ନାବିକମାନଙ୍କୁ ନିଯୁକ୍ତି ଦେବା, ନଦୀ ଉପରେ ଶୁଳ୍କ ପ୍ରଚଳନ କରିବା, ଆଦାୟ କରିବା ବା ମାଫ୍ କରିବା ଓ ଜଳଦସ୍ୟୁମାନଙ୍କ କବଳରୁ ବଙ୍ଗଳା ଓ ଗୁଜୁରାଟ ଉପକୂଳ ରକ୍ଷା କରିବା ।

ଏସବୁ ସତ୍ତ୍ୱେ ମୋଗଲ ବାହିନୀକୁ ଏକ ଜାତୀୟ ବାହିନୀ ରୂପେ ଗଣନା କରାଯାଏ ନାହିଁ । ସୈନ୍ୟମାନେ ପ୍ରତ୍ୟକ୍ଷ ଭାବେ ସମ୍ରାଟଙ୍କ ପ୍ରତି ଅନୁରକ୍ତ ନଥିଲେ । ଉପରିସ୍ଥ ଅଧିକାରୀ ଓ ନିଯୁକ୍ତିଦାତାଙ୍କ ପ୍ରତି ସେମାନଙ୍କର ଅଧିକ ସହାନୁଭୂତି ରହିଥିଲା ।

ରାଜସ୍ୱ ଶାସନ (Revenue Administration)

ବାଣିଜ୍ୟ, ମୁଦ୍ରାଶାଳା, ଉପହାର ଓ ଯୁଦ୍ଧ ସମୟରେ ଲୁଣ୍ଠିତ ଦ୍ରବ୍ୟ ପ୍ରଭୃତି ଥିଲା କେନ୍ଦ୍ର ସରକାରଙ୍କର ଅର୍ଥ ସଂଗ୍ରହ କରିବାର ବିଭିନ୍ନ ଉତ୍ସ । ସରକାର ମଧ୍ୟ ଲବଣ କର, ଆମଦାନୀ ଓ ରପ୍ତାନୀ ଶୁଳ୍କ ଗ୍ରହଣ କରିଥିଲେ । ଇସ୍‌ଲାମ୍ ନୀତି ଅନୁଯାୟୀ ଖାରଜ, ଖାମ, ଜାକତ ଓ ଜିଜିୟା- ଏହିପରି ଚାରୋଟି କର ଆଦାୟ ହେଉଥିଲା । ଆକବର ହିନ୍ଦୁମାନଙ୍କ ଉପରୁ ତୀର୍ଥକର ଓ ଜିଜିୟା କର ଉଚ୍ଛେଦ କରିଥିଲେ ।

ଭୂ-ରାଜସ୍ୱ ଥିଲା ସରକାରୀ ଆୟର ମୁଖ୍ୟ ଉତ୍ସ । ଆକବରଙ୍କ ପୂର୍ବରୁ ଅଧିକାଂଶ ଜମି ସମ୍ଭ୍ରାନ୍ତ, କର୍ମଚାରୀ ଓ ସୈନ୍ୟମାନଙ୍କ ଅଧୀନରେ ଥିଲା । ରାଜକୀୟ ଜମି ବା ଖାରିସା ଜମିର ପରିମାଣ ଥିଲା ଖୁବ୍ ସ୍ୱଳ୍ପ । ରାଜସ୍ୱର ପ୍ରକୃତ ପରିମାଣ ଜଣାଯାଉନଥିଲା । ରାଜସ୍ୱ ପଦ୍ଧତିର ପରିବର୍ତ୍ତନ ଆଣିବା ନିମିତ୍ତ ୧୫୬୩ ଖ୍ରୀଷ୍ଟାବ୍ଦରେ ଆକବର ଖାରିସା ଜମିଗୁଡ଼ିକର ପରିଚାଳନା ଦାୟିତ୍ୱ ଇତ୍‌ମଦ ଖାଁଙ୍କୁ ଦେଇଥିଲେ । ଶେର ଶାହାଙ୍କ ରାଜସ୍ୱ ନୀତି ସାମ୍ରାଜ୍ୟର ସମସ୍ତ ପ୍ରଗଣାରେ ପ୍ରବର୍ତ୍ତନ କରାଗଲା । ୧୫୮୦ ଖ୍ରୀଷ୍ଟାବ୍ଦରେ ରାଜା ତୋଡ଼ର ମଲ୍ଲଙ୍କ 'ବନ୍ଦୋବସ୍ତ' ଅନୁଯାୟୀ ଭୂ-ରାଜସ୍ୱ ନୀତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେଲା । ତାଙ୍କର ନୀତି ସାଧାରଣତଃ ଆଇନ-ଇ-ଦହସାଲା (Ain-i-Dahsala) ପଦ୍ଧତିରୁ ଗ୍ରହଣ କରାଯାଇଥିଲା ।

ତୋଡ଼ର ମଲ୍ଲଙ୍କ ପଦ୍ଧତି ଜମି ସର୍ଭେ ଓ ମାପ, ଜମିର ଶ୍ରେଣୀବିଭାଗ ଏବଂ କର ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ଥିଲା । ପ୍ରଥମେ ଚାଷଜମିଗୁଡ଼ିକ ଲୌହବଳାରେ ଯୋଗ ହୋଇଥିବା ବାଉଁଶଗୁଡ଼ିକ ସାହାଯ୍ୟରେ ମାପ କରାଗଲା । ପ୍ରତି ଗାଁର ପ୍ରତ୍ୟେକ କୃଷକଙ୍କ ଅଧୀନରେ କେତେ ପରିମାଣରେ ଜମି ଅଛି, ଏହାକୁ ନେଇ ସମଗ୍ର ସାମ୍ରାଜ୍ୟର ଜମିର ପରିମାଣ ନିର୍ଦ୍ଧାରଣ କରାଗଲା । ତତ୍‌ପରେ କୃଷି ଉପଯୋଗୀ ଜମିଗୁଡ଼ିକ ପୋଲାଜ (Polaj), ପାରାଉତି (Parauti), ଚାଚାର (Chachar) ଏବଂ ବଞ୍ଜର (Banzar) ଏହିପରି ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ପ୍ରତିବର୍ଷ ଚାଷ କରାଯାଉଥିବା ଜମିକୁ ପୋଲାଜ କୁହାଯାଉଥିଲା । ଉର୍ବରତା ବୃଦ୍ଧି ପାଇଁ ବର୍ଷେ ଚାଷ କରିବା ପରେ ବର୍ଷେ ବା ଦୁଇବର୍ଷ ପଡ଼ିଆ ରଖାଯାଉଥିବା ଜମି ହେଲା ପାରାଉତି ଜମି । ସେହିପରି ତିନି ବା ଚାରିବର୍ଷ ପଡ଼ିଆ ରଖାଯାଉଥିବା ଜମିକୁ କୁହାଯାଉଥିଲା ଚାଚାର । ବଞ୍ଜର ଜମି ପାଞ୍ଚ ବା ତହିଁରୁ ଅଧିକ ବର୍ଷ ପଡ଼ିଆ ପଡୁଥିଲା । ବିଗତ ଦଶ ବର୍ଷର ମୋଟ ଉତ୍ପାଦନକୁ ଭିତ୍ତି କରି ପ୍ରତ୍ୟେକ ପ୍ରକାର ଜମିର ବିଘା ପ୍ରତି ହାରାହାରି ଉତ୍ପାଦନ ବିଷୟରେ ତଥ୍ୟ ନିର୍ଣ୍ଣିତ ହେଲା । ମୁଦ୍ରା ଆକାରରେ ରାଜସ୍ୱ ଦେବା ନୀତି ପ୍ରଣୟନ କରାଗଲା । ଏଥିପାଇଁ ଆକବର ସାମ୍ରାଜ୍ୟକୁ କେତେକ ଦସ୍ତୁରରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ଦସ୍ତୁରରେ ଭିନ୍ନ ଭିନ୍ନ ଶସ୍ୟ ପାଇଁ ଏକ ପ୍ରକାର

ଦର ପ୍ରଚଳିତ ହେଲା । ପ୍ରଥମେ ସମ୍ରାଟଙ୍କ ଜମି ଓ ପରେ ଜାଗିରି ଜମି ସହିତ ସମସ୍ତ ଜମି
ଉପରେ ଏ ପ୍ରଥା ପ୍ରବର୍ତ୍ତନ କରାଗଲା ।
ମଧ୍ୟଯୁଗରେ ସର୍ବଦା ଖଜଣା ଆଦାୟକାରୀ ଓ କୃଷକମାନଙ୍କ ମଧ୍ୟରେ ବିବାଦ ଲାଗି
ରହୁଥିଲା, କାରଣ ସେମାନେ କୃଷକମାନଙ୍କଠାରୁ ଜୁଲମ କରି ନିର୍ଦ୍ଧାରିତ ଦେୟର ଅଧିକ
ଖଜଣା ଆଦାୟ କରୁଥିଲେ । ତା' ସତ୍ତ୍ୱେ ଆକବରଙ୍କର ଏ ଭୂ-ରାଜସ୍ୱ ନୀତି ପାଶ୍ଚାତ୍ୟ
ଐତିହାସିକମାନେ ଭୂୟଶୀ ପ୍ରଶଂସା କରିଥା'ନ୍ତି । ଲେନ୍‌ପୋଲ୍‌ଙ୍କ ଭାଷାରେ, "ମଧ୍ୟଯୁଗୀୟ
ଇତିହାସରେ ତୋଡ଼ର ମଲ୍ଲଙ୍କଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ଅଧିକତର ବିଖ୍ୟାତ ନାମ ନାହିଁ
ଏବଂ ଏହାର କାରଣ ଏହି ମହାନ୍ ଅର୍ଥନୀତିଜ୍ଞଙ୍କର ରାଜସ୍ୱ ନୀତିର ପୁନର୍ଗଠନଠାରୁ
ଆକବରଙ୍କର କୌଣସି ସଂସ୍କାର ଅଧିକତର ଲୋକମାନଙ୍କର ମଙ୍ଗଳକୁ ସ୍ପର୍ଶ କରିନଥିଲା ।"

ବିଚାର ବ୍ୟବସ୍ଥା (Administration of Justice)

ସୁଲତାନୀ ଶାସନର ବିଚାର ବ୍ୟବସ୍ଥା ଅନୁଯାୟୀ ଉଭୟ ମୁସଲମାନ୍ ଓ
ଅଣମୁସଲମାନ୍‌ଙ୍କ ପ୍ରତି ଇସ୍‌ଲାମୀୟ ଆଇନ ଲାଗୁ କରାଯାଉଥିଲା । ଆକବର ଏହି ବିଚାର
ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ଆଣି ଏହାକୁ ଫଳପ୍ରଦ କରିପାରିଲେ । ସେ ଇସ୍‌ଲାମୀୟ
ଆଇନ ପ୍ରତି କଟକଣା ଲାଗୁ କରି ଏ ଦେଶର ପାରମ୍ପରିକ ଆଇନ ପ୍ରଚଳନ କରିବାକୁ
ଯଥାସମ୍ଭବ ଚେଷ୍ଟା କରିଥିଲେ । ଉଦାହରଣ ସ୍ୱରୂପ, ହିନ୍ଦୁ ବିଚାରପତିମାନେ ହିନ୍ଦୁ
ଅପରାଧୀମାନଙ୍କ ମକଦ୍ଦମା ବିଚାର କରିବା ପାଇଁ ନିଯୁକ୍ତି ପାଇଥିଲେ ।

ସ୍ୱୟଂ ଆକବର ଥିଲେ ସର୍ବୋଚ୍ଚ ବିଚାରପତି । ବିଚାର ସହିତ ସେ କେତେକ ନିର୍ଦ୍ଦିଷ୍ଟ
ଦିନରେ ନିମ୍ନ ଅଦାଲତରୁ ଅପିଲ ଶୁଣୁଥିଲେ । ମୁଖ୍ୟ କାଜି ଓ ଅନ୍ୟ ବିଚାରପତିମାନେ ତାଙ୍କ
ଅଦାଲତରେ ଯୋଗଦେଉଥିଲେ । ସମ୍ରାଟଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ପ୍ରାଣଦଣ୍ଡ ବା
ଅଙ୍ଗଚ୍ଛେଦନ କରାଯାଉନଥିଲା । ଆକବର ଥିଲେ ସେ ଯୁଗର ଖଲିଫା । ସେ କହୁଥିଲେ,
"ଯଦି ମୁଁ ଏକ ଅନ୍ୟାୟ କାର୍ଯ୍ୟରେ ଦୋଷୀ ହୁଏ, ମୁଁ ମୋ ବିପକ୍ଷରେ ବିଚାର କରିବି ।"

ସମ୍ରାଟଙ୍କର ପରବର୍ତ୍ତୀ ବିଚାରପତି ଥିଲେ ମୁଖ୍ୟ କାଜି । ସେ ରାଜଧାନୀରେ ଅଦାଲତ
ସ୍ଥାପନ କରୁଥିଲେ । ଇସ୍‌ଲାମୀୟ ଆଇନ ଅନୁଯାୟୀ ମକଦ୍ଦମାଗୁଡ଼ିକ ତାଙ୍କ ଅଦାଲତରେ
ମଧ୍ୟ ପୁନର୍ବିଚାର କରାଯାଉଥିଲା । ତାଙ୍କଠାରୁ ନିମ୍ନ ପାହ୍ୟାରେ ଥିଲେ ପ୍ରାଦେଶିକ କାଜି ।
ମୁସଲମାନ୍‌ମାନଙ୍କ ସଂଖ୍ୟାବହୁଳତାକୁ ଦୃଷ୍ଟିରେ ରଖି ସହର ଓ ବୃହତ୍ ଗ୍ରାମମାନଙ୍କରେ
କାଜିମାନଙ୍କୁ ଅବସ୍ଥାପିତ କରାଗଲା । କାଜିଙ୍କୁ ବିଚାର କାର୍ଯ୍ୟରେ ମୁଫତି ଓ ମୀର୍ ଆଦିଲ୍
ସହାୟତା କରୁଥିଲେ । ସରକାର କହିଛନ୍ତି, "ଯେହେତୁ ପ୍ରାଦେଶିକ କାଜିମାନଙ୍କର ବିଚାର
ପରିସର ବ୍ୟାପକ ଥିଲା ଏବଂ ତାଙ୍କ ଚାପକୁ କୋହଳ କରିବା ପାଇଁ କୌଣସି ଆଞ୍ଚଳିକ
ସହକର୍ମୀ ବା ଡେପୁଟିଙ୍କୁ ନିଯୁକ୍ତ କରାଯାଉନଥିଲା, ତେଣୁ ତାଙ୍କ ଦ୍ୱାରା କେବଳ ପ୍ରାଦେଶିକ

ବିବାଦର ସ୍ୱଳ୍ପ ଅଂଶ ଶୃଙ୍ଖଳିତ ହେଉଥିଲା ।" ସେହି ଦୃଷ୍ଟିରୁ ଅନେକ ମକଦ୍ଦମା ପଞ୍ଚାୟତ ଦ୍ୱାରା
ବିଚାର କରାଯାଉଥିଲା । ଦିୱାନ୍, ଅମଲଗୁଜର, ଅମୀଲ ପ୍ରଭୃତି ଦିୱାନୀ ମକଦ୍ଦମା ବିଚାର
କରୁଥିଲେ; କିନ୍ତୁ ସୁବାଦାର, ଫୌଜଦାର ଓ କଟୁଆଲ ପ୍ରଭୃତି ଫୌଜଦାରୀ ମାମଲାଗୁଡ଼ିକ
ବିଚାର କରୁଥିଲେ ।

ଏହିପରି ବିଚାର ପଦ୍ଧତିକୁ ମୋଗଲ ଶାସନର ସବୁଠୁଁ ଦୁର୍ବଳ ବିଭାଗ ବୋଲି
ଏ. ଏଲ. ଶ୍ରୀବାସ୍ତବ ମତ ଦେଇଛନ୍ତି । ଈଶ୍ୱରୀପ୍ରସାଦ ମଧ୍ୟ ଲେଖିଛନ୍ତି, "ସେଠାରେ ଆଇନରେ
ତାଲିମପ୍ରାପ୍ତ ଏବଂ ସାମାଜିକ ରୀତି ଓ ଦେଶର ନିୟମରେ ପରିଚିତ ବୃତ୍ତିଗତ ଓକିଲ
ନଥିଲେ ଏବଂ ଯେହେତୁ ପ୍ରତିବାଦୀମାନଙ୍କୁ ମକଦ୍ଦମାରେ ନିଜ ନିଜ ଅଭିଯୋଗାଦିର ଉତ୍ତର
ଦେବାକୁ ପଡୁଥିଲା, ଆମେ ମନେକରି ପାରିବା ଯେ ସରଳ ଗ୍ରାମବାସୀମାନଙ୍କୁ ସର୍ବଦା ନ୍ୟାୟ
ଦିଆଯାଉନଥିଲା ।"

କୋରାନ୍ ଅନୁଯାୟୀ ଥିଲା ତିନି ପ୍ରକାର ଅପରାଧ; ଯଥା– ଈଶ୍ୱରଙ୍କ ବିରୋଧରେ
ଅପରାଧ, ରାଜ୍ୟ ବିରୋଧରେ ଅପରାଧ ଓ କୌଣସି ବ୍ୟକ୍ତିଙ୍କ ବିରୋଧରେ ଅପରାଧ ।
ଈଶ୍ୱରଙ୍କ ବିରୋଧରେ ଅପରାଧ ପାଇଁ କୌଣସି କ୍ଷମା ନଥିଲା; କିନ୍ତୁ ରାଜ୍ୟ ଓ ବ୍ୟକ୍ତିଙ୍କ
ବିରୋଧରେ ଅପରାଧ ପାଇଁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିଲା । ସେହିପରି ପବିତ୍ର ଗ୍ରନ୍ଥ
ଅନୁଯାୟୀ ଥିଲା ୪ ପ୍ରକାର ଦଣ୍ଡ- (୧) ହଦ୍ଦ (Hadd), (୨) ନାଜିର (Nazir),
(୩) କିସାସ (Kisas), (୪) ତହଶିର (Tahshir) । ଈଶ୍ୱରଙ୍କ ବିରୋଧରେ ଅପରାଧ
ପାଇଁ ମୃତ୍ୟୁଦଣ୍ଡ ଦିଆଯାଉଥିଲା । ନାଜିର ଦଣ୍ଡରେ ଅପରାଧୀମାନଙ୍କୁ ଅର୍ଥଦଣ୍ଡ, ଜେଲ୍‌ଦଣ୍ଡ
ଓ ନିର୍ବାସନ ଦଣ୍ଡ ଦିଆଯାଉଥିଲା । କିସାସ ଦଣ୍ଡ ହେଲା ମୃତ୍ୟୁଦଣ୍ଡ, ଅଙ୍ଗ ଛେଦନ ଓ
ବେତ୍ରାଘାତ । କାଜିମାନେ ଯେସାକୁ ତେସା ନୀତିରେ ମଧ୍ୟ ଦଣ୍ଡିତ କରୁଥିଲେ ।

ମୁଦ୍ରା ନୀତି (Coinage System)

ଆକବର ମୁଦ୍ରାରେ ସଂସ୍କାର ନିମିତ୍ତ ଅବଦୁସ ସମଦ(Abdus Samad)ଙ୍କୁ ନିଯୁକ୍ତି
ଦେଇଥିଲେ । ସେ ବିଭିନ୍ନ ମୂଲ୍ୟ ଓ ଓଜନର ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ମୁଦ୍ରା ପ୍ରଚଳନ
କରିଥିଲେ । ତାମ୍ର ମୁଦ୍ରା ଦମ (Dam) ବା ପୌସା (Paisa) ରୂପେ ପରିଚିତ ଥିଲା ।
୪୦ଟି ଦମ ମିଶିଲେ ହେଉଥିଲା ଏକ ଟଙ୍କା । ୨୫ଟି ଜିତଲ ହେଉଥିଲା ଏକ ଦମ । ଏକ
ଇଲାହୀ ୧୦ ଟଙ୍କା ସହିତ ସମାନ ଥିଲା । ଶମସଦ ଥିଲା ୧୦୦ ତୋଳାବିଶିଷ୍ଟ ଏକ
ସ୍ୱର୍ଣ୍ଣ ମୁଦ୍ରା ।

ବାସ୍ତବିକ ଆକବର ଥିଲେ ଜଣେ ଶ୍ରେଷ୍ଠ ଶାସକ । ସେ ସମ୍ପୂର୍ଣ୍ଣ ଭାବରେ
ସୁଲତାନ୍‌ମାନଙ୍କର ନୀତି ପରିବର୍ତ୍ତନ କରିଥିଲେ, ଯେଉଁ ସୁଲତାନ୍‌ମାନେ କେବଳ ମୁସ୍‌ଲିମ୍
ନୀତି ଅନୁଯାୟୀ ଦେଶକୁ ଶାସନ କରିବାକୁ ଚେଷ୍ଟା କରୁଥିଲେ ।

ଆକବରଙ୍କ ମୂଲ୍ୟାୟନ (Estimate of Akbar)

ଅଶୋକଙ୍କ ପରି ପୃଥିବୀ ଇତିହାସରେ ଶ୍ରେଷ୍ଠ ନରପତିମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଆକବର । ଟି. କେ. ଶାହା ଲେଖିଛନ୍ତି, "ଆକବର ଥିଲେ ମୋଗଲମାନଙ୍କ ମଧ୍ୟରେ ସବୁଠୁଁ ଶ୍ରେଷ୍ଠ, ଯଦିଚ କ୍ଷମତାଶାଳୀ ମୌର୍ଯ୍ୟମାନଙ୍କର ଦିନଗୁଡ଼ିକରୁ ନୁହେଁ, ତଥାପି ଏକ ହଜାର ବର୍ଷ ଧରି ସମସ୍ତ ଭାରତୀୟ ରାଜାମାନଙ୍କ ମଧ୍ୟରେ ସବୁଠୁଁ ସେ ମହାନ୍ ଥିଲେ ।"

ଆବୁଲ୍ ଫାଜଲ୍ ଓ ବଦାଉନିଙ୍କ ଲେଖାରୁ ଜଣାଯାଏ ଯେ ତାଙ୍କର ଥିଲା ଏକ ଆଦେଶସୂଚକ ବ୍ୟକ୍ତିତ୍ୱ । ପ୍ରତ୍ୟେକ ଇଞ୍ଚ ସେ ଜଣେ ରାଜାଙ୍କ ପରି ଦୃଶ୍ୟମାନ ହେଉଥିଲେ । ଜାହାଙ୍ଗୀର ତାଙ୍କ ସ୍ମରଣିକାରେ ଲେଖିଛନ୍ତି ଯେ ତାଙ୍କ ପିତାଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ଓ ଗତି ପୃଥିବୀର ଲୋକମାନଙ୍କ ପରି ନଥିଲା । ତାଙ୍କ ଉପରେ ଛାଏଁ ଛାଏଁ ଈଶ୍ୱରଙ୍କ କୃପା ପ୍ରକଟ ହୋଇଥିଲା । ସେ ଥିଲେ ଜଣେ ଯୋଦ୍ଧା, ସାହସୀ, ଦକ୍ଷ ସୈନିକ, ସେନାପତି ଓ ପ୍ରଜାହିତୈଷୀ ଶାସକ । ଗ୍ୟାରେଟ୍ ଲେଖିଛନ୍ତି, "ଜଣେ ସୁଦକ୍ଷ ସୈନ୍ୟ ଓ ସେନାପତି, ବିବେକୀ ଓ ପ୍ରଜାହିତୈଷୀ ଶାସକ ଏବଂ ଜଣେ ଉତ୍ତମ ଚରିତ୍ରର ବିଚାରକ ଭାବରେ ସେ ଇତିହାସରେ ଶ୍ରେଷ୍ଠସ୍ଥାନ ଅଧିକାର କରିବା ପାଇଁ ଯୋଗ୍ୟ ।"

ଆକବର ଥିଲେ ଜଣେ ଶ୍ରେଷ୍ଠ ବିଜେତା । ଏକ ବିଶାଳ ସାମ୍ରାଜ୍ୟ ଗଠନ, ଏହାର ଦୃଢ଼ୀକରଣ ଓ ଏକ ସୁଚିନ୍ତିତ ଶାସନ ପଦ୍ଧତି ପ୍ରଚଳନ କ୍ଷେତ୍ରରେ ସେ ଥିଲେ ଅଦ୍ୱିତୀୟ । ସେ "ମ୍ୟାସିଡ଼ନର ଆଲେକ୍‌ଜାଣ୍ଡାରଙ୍କ ପରି ରାଜନୈତିକ ଫଳାଫଳ ପ୍ରତି ଅମନଯୋଗୀ ହୋଇ ନିଜ ଜୀବନରେ ବିପଦ ବରଣ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ ।" ଯଦିଚ ଥିଲେ ଜଣେ ବଳିଷ୍ଠ ବିଜେତା, ସେ ନିଷ୍ଠୁର ନଥିଲେ । ସମ୍ପର୍କୀୟମାନଙ୍କ ପ୍ରତି ସେ ସର୍ବଦା ସ୍ନେହଶୀଳ ଥିଲେ, ନଥିଲେ ପ୍ରତିଶୋଧ ପରାୟଣ । ବିଦ୍ରୋହୀ ଭ୍ରାତା ହାକିମ୍ ଓ ଆଦମ୍‌ଙ୍କୁ ସେ କ୍ଷମା ପ୍ରଦାନ କରିଥିଲେ । ପ୍ରଜାମାନଙ୍କର ସେ ଏତେ ପ୍ରିୟ ଥିଲେ ଯେ ଦିଲ୍ଲୀର ଏହି ସମ୍ରାଟଙ୍କୁ ସେମାନେ ପୃଥିବୀର ସମ୍ରାଟ ହେବା ପାଇଁ କାମନା କରୁଥିଲେ । ଭି.ଏ.ସ୍ମିଥ ଲେଖିଛନ୍ତି, "ଆକବର ଖୁବ୍ ଉଚ୍ଚମନା ଥିଲେ ଏବଂ ସେ ଏକାକୀ ସୁଲହ କୁଲ୍ (Sulah Kul) ବା ବିଶ୍ୱ ସହନଶୀଳ ନୀତି ଅନୁକରଣ କରିଥିଲେ ।"

ଆକବର ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଗଠନ କରିଥିଲେ । ସେ ଉଲେମା ଓ ମୁଲ୍ଲାମାନଙ୍କ ପାଖରେ ନିଜକୁ ସମର୍ପଣ କରିନଥିଲେ । ତେବେ ସେ ଜଣେ ଧର୍ମାନ୍ଧ ନଥିଲେ । ସେ ମୁସଲମାନ୍, ହିନ୍ଦୁ, ଜୈନ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏକତ୍ର ରଖିବା ପାଇଁ ଉଦ୍ୟମ କରିଥିଲେ ।

ମୋଗଲ ସାମ୍ରାଜ୍ୟର ପ୍ରକୃତ ପ୍ରତିଷ୍ଠାତା ଥିଲେ ଆକବର । ମୋଗଲ ସାମ୍ରାଜ୍ୟ ଯେତେବେଳେ କମ୍ପିତ ହେଉଥିଲା, ସେତେବେଳେ ଆକବର ଆସିଲେ ଓ ସାମ୍ରାଜ୍ୟର

ଦୃଢ଼ୀକରଣ କରିଥିଲେ । ମାଲେସନ୍ (Malleson) କହିଛନ୍ତି, "ଆକବରଙ୍କ ମହାନ୍ ଆଦର୍ଶ ଥିଲା ଜଣେ ମୁଖ୍ୟଙ୍କ ଅଧୀନରେ ସମଗ୍ର ଭାରତର ଏକୀକରଣ ।" ସେହିପରି ଲେନ୍‌ପୋଲ୍ କହିଛନ୍ତି, "ଆକବର ଥିଲେ ସାମ୍ରାଜ୍ୟର ପ୍ରକୃତ ପ୍ରତିଷ୍ଠାତା ଓ ସଂଗଠକ । ହିନ୍ଦୁ ଶାସକମାନଙ୍କୁ ନିଜସ୍ୱୀକରଣ କରିବା ଆକବରଙ୍କ ରାଜତ୍ୱର ସବୁଠୁଁ ସ୍ପଷ୍ଟ ବୈଶିଷ୍ଟ୍ୟ ।"

ସାହିତ୍ୟ, କଳା, ସ୍ଥାପତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟର ସେ ମହାନ୍ ପୃଷ୍ଠପୋଷକ ଥିଲେ । କିପରି ପାଠ କରାଯାଏ ବା ଲେଖାଯାଏ ସେ ଜାଣିନଥିଲେ, ତା' ବୋଲି ସେ ଅସଂସ୍କୃତ ନଥିଲେ । ଦର୍ଶନ, ଧର୍ମତତ୍ତ୍ୱ, ଇତିହାସ ଓ ରାଜନୀତିରେ ଜ୍ଞାନ ଆହରଣ କରିବା ପାଇଁ ତାଙ୍କଠି ପ୍ରବଳ ଉତ୍କଣ୍ଠା ଥିଲା । ସମଗ୍ର ସାମ୍ରାଜ୍ୟରେ ପାରସିକ ଭାଷାକୁ ଅଦାଲତ ଭାଷା ରୂପେ ସେ ଘୋଷଣା କରିଥିଲେ । ସଂସ୍କୃତ, ଆରବ, ତୁର୍କୀ, ଗ୍ରୀକ୍‌ରେ ଲିଖିତ ଗ୍ରନ୍ଥମାନ ସେ ପାରସିକ ଭାଷାରେ ଅନୁବାଦ କରିଥିଲେ । ଆବୁଲ୍ ଫାଜଲ୍ ଓ ଫାୟାଜୀଙ୍କ ପରି କବି ଓ ପଣ୍ଡିତମାନେ ଆକବରଙ୍କ ରାଜସଭାକୁ ଅଳଙ୍କୃତ କରିଥିଲେ । ଆକବରଙ୍କ ପୃଷ୍ଠପୋଷକତାରେ ହିନ୍ଦୁ ଓ ପାରସିକ କଳାର ଅଭିବୃଦ୍ଧି ଘଟିଥିଲା । ତାଙ୍କର ମହାର୍ଘ ଦାନ ଥିଲା ଆଗ୍ରା ଦୁର୍ଗ ଓ ସିକ୍ରିର ମନୋହର ସହର । ସେ ମଧ୍ୟ ଚାରୁକଳା, ସଙ୍ଗୀତ ଓ ଚିତ୍ରକଳା ଆଦର କରୁଥିଲେ । ଆବୁଲ୍ ଫାଜଲ୍ ୩୩ ଜଣ ପ୍ରସିଦ୍ଧ ଚିତ୍ରକର ଓ ସଙ୍ଗୀତଜ୍ଞଙ୍କ ତାଲିକା ଦେଇଛନ୍ତି । ସେ ଲେଖିଛନ୍ତି, "ସମ୍ରାଟ ସଙ୍ଗୀତ ପ୍ରତି ଅଧିକ ଧ୍ୟାନ ଦେଉଥିଲେ ଏବଂ ଯେଉଁମାନେ ଏ ସମ୍ମୋହନ କଳା ଅଭ୍ୟାସ କରୁଥିଲେ, ସେମାନଙ୍କର ପୃଷ୍ଠପୋଷକତା କରୁଥିଲେ ।" ବାଜ ବାହାଦୁର ଓ ତାନସେନ ଥିଲେ ତାଙ୍କ ଯୁଗର ଶ୍ରେଷ୍ଠ ସଙ୍ଗୀତଜ୍ଞ ।

କେତେକ ଐତିହାସିକ ଆକବରଙ୍କୁ ଏକ ଜାତୀୟ ରାଜା ରୂପେ ମାନ୍ୟତା ଦେଇଥା'ନ୍ତି । ଦେଶରେ ଗୋଟିଏ ପ୍ରକାର ବିଚାରପଦ୍ଧତି, ମୁଦ୍ରା, ବାଣିଜ୍ୟ ଓ କୃଷିନୀତି ସେ ପ୍ରଚଳନ କରିଥିଲେ । କ୍ରୀତଦାସ ବାଣିଜ୍ୟ, ସତୀ ପ୍ରଥା, ବାଲ୍ୟ ବିବାହ ଓ ଶିଶୁ ହତ୍ୟା ପରି ଘୃଣ୍ୟ ପ୍ରଥାଗୁଡ଼ିକର ଉଚ୍ଛେଦ ନିମିତ୍ତ ସେ ଉଦ୍ୟମ କରିଥିଲେ ।

ସବୁ ଦୃଷ୍ଟିରୁ ତାଙ୍କର ରାଜତ୍ୱ ଥିଲା ଭାରତ ଇତିହାସରେ ଏକ ଦୀପ୍ତିମାନ ଯୁଗ । ସେ ନିଜେ ଥିଲେ ସେ ଯୁଗର ସ୍ରଷ୍ଟା । ସ୍ମିଥ୍ କହିଛନ୍ତି, "ସେ ଥିଲେ ଲୋକମାନଙ୍କର ଜଣେ ଆଜନ୍ମ ରାଜା, ନ୍ୟାୟସଙ୍ଗତ ଦାବି ସହିତ ଇତିହାସରେ ଜଣାଥିବା ସବୁଠୁଁ ଶକ୍ତିଶାଳୀ ରାଜାମାନଙ୍କ ମଧ୍ୟରେ ଅନ୍ୟତମ ।"

ସେହି ମହାନ୍ ସମ୍ରାଟ ଆକବର ମାନସିକ ଯନ୍ତ୍ରଣା ଓ ରୋଗରେ ପୀଡ଼ିତ ହୋଇ ୧୬୦୫ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୧୬ ତାରିଖ ଦିନ ଇହଧାମ ତ୍ୟାଗ କରିଥିଲେ ।

ପଞ୍ଚମ ଅଧ୍ୟାୟ

ଜାହାଙ୍ଗୀର
(Jahangir)

ଆକବରଙ୍କ ସନ୍ତାନମାନେ ଅଧିକ କାଳ ବଞ୍ଚିପାରୁ ନ ଥିବାରୁ ଜଣେ ଉତ୍ତରାଧିକାରୀ ପାଇବା ପାଇଁ ତାଙ୍କ ପ୍ରାଣ ବ୍ୟାକୁଳ ହୋଇପଡୁଥିଲା । ସେଥିପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ଓ ସନ୍ନ୍ୟାସୀମାନଙ୍କର ଶରଣ ପଶୁଥିଲେ । ଫତେପୁର ସିକ୍ରୀର ପ୍ରଖ୍ୟାତ ସୁଫି ସନ୍ଥ ଶେଖ୍ ସଲିମ୍ ତିନୋଟି ପୁତ୍ରର ଜନକ ହେବା ନିମିତ୍ତ ଆକବରଙ୍କୁ ଆଶୀର୍ବାଦ କରିଥିଲେ । ୧୫୬୯ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୩୦ ତାରିଖ ଦିନ ଆକବରଙ୍କ ପ୍ରଥମ ରାଜପୁତ ରାଣୀ ଅମ୍ବରର ରାଜା ବିହାରୀ ମଲ୍ଲଙ୍କ କନ୍ୟା ମରିୟ-ଉଜ-ଜାମନୀଙ୍କଠାରୁ ଜନ୍ମନେଲେ ଜାହାଙ୍ଗୀର । ଶେଖ୍ ସଲିମ୍ ଚିସ୍ତିଙ୍କ ଆଶୀର୍ବାଦର ଫଳ ରୂପେ ସେ ଜନ୍ମ ହୋଇଥିବାରୁ ଆକବର ତାଙ୍କ ନାମ ରଖିଲେ ସଲିମ୍, ଆଉ ସ୍ନେହରେ ଡାକିଲେ- 'ଶେଖ୍‌ବାବା' ।

ବାଲ୍ୟ ଜୀବନ

ସଲିମ୍‌ଙ୍କ ପ୍ରତି ଆକବରଙ୍କର ସ୍ନେହ ଓ ଆଦର ଥିଲା ଅସୀମିତ । ନିଜେ ଅଶିକ୍ଷିତ ଥିଲେ ମଧ୍ୟ ଆକବର ସଲିମ୍‌ଙ୍କ ଶିକ୍ଷା ପ୍ରତି ଖୁବ୍ ଯତ୍ନ ନେଇଥିଲେ । ଖ୍ୟାତି ସମ୍ପନ୍ନ ଶିକ୍ଷକଙ୍କ ଉପରେ ସଲିମ୍‌ଙ୍କ ଶିକ୍ଷାର ଦାୟିତ୍ୱ ନ୍ୟସ୍ତ କରାଗଲା । ସେମାନଙ୍କ ମଧ୍ୟରୁ ଖାନ୍-ଇ-ଖାନମ୍ ଅବଦୁର ରହିମ୍ ସଲିମ୍‌ଙ୍କୁ ପ୍ରଭାବିତ କରିଥିଲେ । ପାରସିକ, ତୁର୍କ ଓ ହିନ୍ଦୀ ଭାଷାରେ ସଲିମ୍ ଜ୍ଞାନ ଆହରଣ କଲେ । ତାଙ୍କୁ ଇତିହାସ ଓ ଭୂଗୋଳ ଶିକ୍ଷା ଦିଆଗଲା । ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ସଙ୍ଗୀତ, ଚିତ୍ରକଳା ଓ ଅନ୍ୟାନ୍ୟ ସୂକ୍ଷ୍ମକଳା ପ୍ରତି ତାଙ୍କର ଅନୁରାଗ ଥିଲା । ତା' ସହିତ ସଲିମ୍ ଶାରୀରିକ ଓ ସାମରିକ ଶିକ୍ଷାରେ ପାରଦର୍ଶିତା ଲାଭ କଲେ । ୧୫୮୫ ଖ୍ରୀଷ୍ଟାବ୍ଦ ବେଳକୁ ସେ ୧୨୦୦୦ ସୈନ୍ୟଙ୍କର ମନସବଦାର ପଦକୁ ଉତ୍ତୀର୍ଣ୍ଣ ହୋଇଥିଲେ । ୧୫୮୫ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୧୫ ତାରିଖ ଦିନ ସେ ଅମ୍ବରର ରାଜା ଭଗବାନ୍ ଦାସଙ୍କ କନ୍ୟା ମାନବାଈଙ୍କୁ ବିବାହ କରିଥିଲେ । ଦୁର୍ଭାଗା ଖୁସ୍ରୁ ତାଙ୍କଠାରୁ ଜନ୍ମ ନେଇଥିଲେ, ଯାହାଙ୍କର ଝଡ଼ ପରି ଜୀବନ ଏକ ରକ୍ତାକ୍ତ ମୃତ୍ୟୁରେ ଅନ୍ତ ହୋଇଥିଲା । ଖୁସ୍ରୁଙ୍କର ଜାହାଙ୍ଗୀରଙ୍କ

ପ୍ରତି ଅସନ୍ତାନୋଚିତ ବ୍ୟବହାରରେ ଦୁଃଖ ପ୍ରକାଶ କରି ମାନବାଈ ଆତ୍ମହତ୍ୟା କରିଥିଲେ । ତାଙ୍କର ମୃତ୍ୟୁରେ ଜାହାଙ୍ଗୀର ଗଭୀର ଦୁଃଖରେ ଭାଙ୍ଗିପଡ଼ିଥିଲେ । ଅବଶ୍ୟ ତାଙ୍କର ଜୀବନକାଳ ମଧ୍ୟରେ ସଲିମ୍ ଅନେକ ତରୁଣୀଙ୍କୁ ବିଭା ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରାଜା ଉଦୟ ସିଂହଙ୍କ କନ୍ୟା ଯୋଧବାଈ । ତାଙ୍କଠାରୁ ଜାତ ହୋଇଥିଲେ ଖୁରମ୍- ଭବିଷ୍ୟତର ଶାହଜାହାନ । ଜାହାଙ୍ଗୀରଙ୍କ ଅନ୍ତଃପୁରରେ ତରୁଣୀମାନଙ୍କର ସଂଖ୍ୟା ବୃଦ୍ଧି ହୋଇ ୮୦୦ରେ ପହଞ୍ଚିଥିଲା ।

ସଲିମ୍‌ଙ୍କ ବିଦ୍ରୋହ ଏବଂ ତାଙ୍କର ସିଂହାସନ ଆରୋହଣ (Salim's Revolt and his Accession)

ସଲିମ୍ ଅତ୍ୟଧିକ ମଦ୍ୟପାନ କରୁଥିଲେ ଓ ବିଳାସରେ ନିମଜ୍ଜିତ ରହି ପଥଭ୍ରଷ୍ଟ ହେଲେ । ତାଙ୍କର ନୈତିକ ଚରିତ୍ର ନିମ୍ନଗାମୀ ହେଉଥିଲା । ଉପଦେଶ ଦେଇ ଓ ଦଣ୍ଡର ଭୟ ଦେଖାଇ ସଲିମ୍‌ଙ୍କୁ ସୁଧାରିବାକୁ ଆକବର ଚେଷ୍ଟା କରିଥିଲେ । ପିତା ଓ ପୁତ୍ରଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧି ହେଉଥିଲା । ପିତାଙ୍କ ମୃତ୍ୟୁ ପୂର୍ବରୁ ସିଂହାସନ ଅଧିକାର କରିବାର ପ୍ରବଳ ବାସନା ସଲିମ୍‌ଙ୍କୁ ବିଦ୍ରୋହଆଡ଼କୁ ମୁହାଁଇ ନେଇଥିଲା । ୧୫୯୧ ଖ୍ରୀଷ୍ଟାବ୍ଦରେ ଆକବର ପୀଡ଼ିତ ଥିବା ସମୟରେ ସଲିମ୍ ତାହାଙ୍କୁ ବିଷ ଦେଇ ହତ୍ୟା କରିବାକୁ ଉଦ୍ୟମ କରିଥିବାର ସନ୍ଦେହ କରାଯାଏ । ୧୫୯୯ ଖ୍ରୀଷ୍ଟାବ୍ଦରେ ଆକବର ଖାନ୍ଦେଶ ପୁନଃ ଅଧିକାର ନିମିତ୍ତ ଯାତ୍ରା କଲାବେଳେ ମେବାରର ରାଣା ଅମରସିଂହଙ୍କୁ ଆକ୍ରମଣ କରିବାକୁ ସଲିମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ସଲିମ୍ ତାହା ନ କରି ଆଜମୀରଠାରେ ପିତାଙ୍କ ବିରୁଦ୍ଧରେ ଖୋଲାଖୋଲି ଭାବରେ ବିଦ୍ରୋହ କଲେ । ସେ ମଧ୍ୟ ଆହ୍ଲାବାଦକୁ ଗମନ କରି ସେଠାରେ ଦରବାର ବସାଇଲେ । ବିହାରର ଏକ ବଡ଼ ଅଂଶ ନିଜ ନିୟନ୍ତ୍ରଣକୁ ଆଣି ସେ ନିଜକୁ ସ୍ୱାଧୀନ ରାଜା ରୂପେ ଘୋଷଣା କଲେ । ଆକବର ଚାହୁଁଥିଲେ, ସଲିମ୍ ଓ ତାଙ୍କ ମଧ୍ୟରେ ସମ୍ପର୍କ ଅତୁଟ ରହୁ । ତେଣୁ ଆକବର ଅସୀରଗଡ଼ଠାରୁ ପୁତ୍ର ସଲିମ୍‌ଙ୍କୁ ବୁଝାଇବା ପାଇଁ ମହମ୍ମଦ ସରିଫ୍‌ଙ୍କୁ ପ୍ରେରଣ କଲେ; କିନ୍ତୁ ସଲିମ୍ କୌଶଳରେ ସରିଫ୍‌ଙ୍କୁ ନିଜର ପକ୍ଷଭୁକ୍ତ କଲେ । ଏ ସମ୍ବାଦ ଶୁଣି ଆକବର ତ୍ୱରିତ ଆଗ୍ରାକୁ ପ୍ରତ୍ୟାବର୍ତ୍ତନ କଲେ । ୩୦,୦୦୦ ସୈନ୍ୟଙ୍କ ସହିତ ସଲିମ୍ ମଧ୍ୟ ଆଗ୍ରାଆଡ଼କୁ ଆସିଲେ; ମାତ୍ର ସେ ଘୋଷଣା କରିଥିଲେ ଯେ ପିତାଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କର ଏ ଯାତ୍ରା । ଆକବର ତାଙ୍କୁ ବିଶ୍ୱାସ ମଧ୍ୟ କରିଥିଲେ । ସଲିମ୍‌ଙ୍କୁ ବଙ୍ଗଳା ଓ ଓଡ଼ିଶାର ଶାସନକର୍ତ୍ତା ରୂପେ ନିଯୁକ୍ତ କରାଗଲା; କିନ୍ତୁ ସଲିମ୍ ବଙ୍ଗଳା ଓ ଓଡ଼ିଶାକୁ ତାଙ୍କର ଲୋକମାନଙ୍କୁ ନ ପଠାଇ ଆହ୍ଲାବାଦ ଫେରିଲେ ଏବଂ ରାଜା ଉପାଧି ଧାରଣ କରି ନିୟମିତ ଭାବରେ ଦରବାର ବସାଇଲେ । ପର୍ତ୍ତୁଗୀଜ୍‌ମାନଙ୍କଠାରୁ ସାମରିକ ସାହାଯ୍ୟ ପାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ସେ ଫଳପ୍ରଦ ହେଲେ ନାହିଁ ।

ସଲିମ୍‌ଙ୍କ ବିଦ୍ରୋହରେ ବ୍ୟତିବ୍ୟସ୍ତ ହୋଇ ଆବୁଲ୍ ଫାଜଲ୍‌ଙ୍କଠାରୁ ଉପଦେଶ ପାଇବା ଆଶାରେ ଆକବର ତାଙ୍କୁ ଦାକ୍ଷିଣାତ୍ୟକୁ ଡକାଇଲେ । ପଥ ମଧ୍ୟରେ ବୁନ୍ଦେଲମାନଙ୍କର ମୁଖ୍ୟ ବୀର ସିଂହଦେବଙ୍କ ଦ୍ୱାରା ସଲିମ୍ ଆବୁଲ୍ ଫାଜଲ୍‌ଙ୍କୁ ୧୬୦୨ ଅଗଷ୍ଟ ମାସରେ ହତ୍ୟା କରାଇଥିଲେ । ଆକବରଙ୍କର ଦୁଃଖ ଓ କ୍ରୋଧ ସୀମା ଲଙ୍ଘନ କରିଥିଲା । ବୀରସିଂହଙ୍କୁ ହତ୍ୟା କରିବା ଲାଗି ସେ ତତ୍‌କ୍ଷଣାତ୍ ଆଦେଶ ଦେଲେ; କିନ୍ତୁ ବୀରସିଂହ ସଲିମ୍‌ଙ୍କ ବାହୁଛାୟା ତଳେ ଆଶ୍ରୟ ନେଇ ବଞ୍ଚିଗଲେ । ଆକବରଙ୍କର ସଲିମ୍‌ଙ୍କ ପ୍ରତି ପ୍ରଗାଢ ମମତା ଥିଲା । ସମ୍ରାଟଙ୍କ ଦ୍ୱିତୀୟ ପୁତ୍ର ମୁରାଦଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ତୃତୀୟ ପୁତ୍ର ଡାନିୟାଲ ମୃତ ଅବସ୍ଥାରେ ଥିଲେ । ତାଙ୍କର ନାତିମାନଙ୍କ ମଧ୍ୟରୁ କାହାର ମଧ୍ୟ ସିଂହାସନରେ ବସିବା ପରି ବୟସ ହୋଇନଥିଲା । ସଲିମ୍‌ଙ୍କ ସାବତ ମାତା ସାଲିମା ବେଗମ୍ ତାଙ୍କୁ ବାଟକୁ ଫେରିଆସିବା ପାଇଁ ବୁଝାଇଥିଲେ । ସଲିମ୍ ଆଗ୍ରାକୁ ଫେରି ପିତାଙ୍କର ପାଦ ଧରି କ୍ଷମା ପ୍ରାର୍ଥନା କଲେ । ପୁତ୍ର ସ୍ନେହରେ ଅନ୍ଧ ଆକବର ସଲିମ୍‌ଙ୍କୁ କୋଳାଗ୍ରସ୍ତ କରିଥିଲେ । ସଲିମ୍‌ଙ୍କୁ ଆକବରଙ୍କ ଉତ୍ତରାଧିକାରୀ ଭାବରେ ନିଯୁକ୍ତ କରିବାକୁ ଆଗ୍ରହୀ ହେଲେ ।

୧୬୦୩ ଖ୍ରୀଷ୍ଟାବ୍ଦରେ ମେବାର ଅଭିଯାନରେ ବାହାରିଯିବାକୁ ସଲିମ୍‌ଙ୍କୁ ନିର୍ଦ୍ଦେଶ ଦିଆଗଲା । ସଲିମ୍ ଫତେପୁର ପର୍ଯ୍ୟନ୍ତ ଆସି ଆଉ ଅଧିକ ଅଗ୍ରସର ହେଲେନାହିଁ । ଆକବରଙ୍କ ଅନୁମତି ନେଇ ସେ ଆହ୍ଲାବାଦ ଆସିଲେ । ଆହ୍ଲାବାଦଠାରେ ତାଙ୍କର ମନ୍ଦ ଉଦ୍ଦେଶ୍ୟ ପୁନର୍ବାର ଜାଗରିତ ହେଲା । ସେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ଏହି ଘଟଣାରେ ଆକବର ଅତିଶୟ କ୍ରୋଧ ପ୍ରକାଶ କରିଥିଲେ ମଧ୍ୟ ସେ ବିବଶ ଥିଲେ ଓ ସଲିମ୍‌ଙ୍କୁ ଦଣ୍ଡ ଦେଇପାରୁ ନଥିଲେ । ଆଗ୍ରାଠାରେ ସେ କେବଳ ତାଙ୍କୁ ୧୦ ଦିନ ପାଇଁ ବନ୍ଦୀ କରି ରଖିଥିଲେ । ଏପରିକି ସେ ଚାହୁଁଥିଲେ ଯେ ସଲିମ୍‌ଙ୍କ ପୁତ୍ର ଖୁସ୍ରୁଙ୍କୁ ନିଜର ଉତ୍ତରାଧିକାରୀ ରୂପେ ଘୋଷଣା କରିବେ; କିନ୍ତୁ ତାହା ମଧ୍ୟ ସେ କରିପାରି ନଥିଲେ । ଆକବରଙ୍କର କନିଷ୍ଠ ପୁତ୍ର ଡାନିୟାଲଙ୍କର ୧୬୦୪ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ବିୟୋଗ ଘଟିଲା । ତେଣୁ ତାଙ୍କର ପୁତ୍ର ଓ ଉତ୍ତରାଧିକାରୀ ରୂପେ କେବଳ ବଞ୍ଚିରହିଲେ ସଲିମ୍ । ୧୬୦୫ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ଆରମ୍ଭରେ ଆକବରଙ୍କ ସ୍ୱାସ୍ଥ୍ୟର ଦ୍ରୁତ ଅବନତି ଘଟିଲା । ସେହି ମାସରେ ଆକବର ସଲିମ୍‌ଙ୍କୁ ତାଙ୍କର ପଗଡ଼ି ଓ ତରବାରୀ ପ୍ରଦାନ କଲେ । ସଲିମ୍ ହେଲେ ଆକବରଙ୍କ ଉତ୍ତରାଧିକାରୀ । ଆକବରଙ୍କ ମୃତ୍ୟୁ ପରେ ୧୬୦୫ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୨୪ ତାରିଖ ଦିନ ନିଜକୁ 'ନୁରୁଦ୍ଦୀନ ମହମ୍ମଦ ଜାହାଙ୍ଗୀର ବାଦଶାହା ଘାଜୀ' ଉପାଧିରେ ଭୂଷିତ କରି ସଲିମ୍ ସିଂହାସନ ଆରୋହଣ କଲେ । ଅଭିଷେକ ଉତ୍ସବ ସମୟରେ ସେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ବିବିଧ ଉପାଧି ପ୍ରଦାନ କରିଥିଲେ । ପାରସ୍ୟର ମିର୍ଜା ଗିୟାସ୍‌ବେଗ୍‌ଙ୍କୁ ଇତିମାଦ ଉଦ୍ଦୌଲା (Itimad-ud-daulha) ଏବଂ ଜାମାନ୍ ବେଗ୍‌ଙ୍କୁ ମହବତ ଖାଁ ଉପାଧିରେ ଗୌରବ

ବିମଣ୍ଡିତ କରାଗଲା । ଆବୁଲ୍ ଫାଜଲ୍‌ଙ୍କ ହତ୍ୟାକାରୀ ବୀରସିଂହଙ୍କୁ ୩,୦୦୦ ସୈନ୍ୟଙ୍କ ମନସବଦାର ପଦବୀ ମିଳିଥିଲା ।

ସମ୍ରାଟ ହେବାପରେ ଲୋକପ୍ରିୟତା ହାସଲ କରିବା ପାଇଁ ଜାହାଙ୍ଗୀର ଚେଷ୍ଟା କଲେ । ଆଜାଦ୍ କହିଛନ୍ତି, ବିଭିନ୍ନ ପଦକ୍ଷେପ ନେଇ ସେ ଚାହିଁଲେ ଜନସାଧାରଣଙ୍କର ହୃଦୟ ଜୟ କରିବେ । ସେ ତାଙ୍କର ବିରୋଧୀମାନଙ୍କୁ କ୍ଷମତା ପ୍ରଦାନ କଲେ । ବନ୍ଦୀମାନଙ୍କୁ ମୁକ୍ତ କରାଗଲା । ଆଗ୍ରା ଦୁର୍ଗଠାରୁ ଯମୁନାନଦୀ କୂଳ ପର୍ଯ୍ୟନ୍ତ ଏକ ସ୍ତମ୍ଭରେ 'ନ୍ୟାୟର ଶିକୁଳି' ବନ୍ଧାଗଲା, ସେଥିରେ ଖଞ୍ଜାଗଲା ଅନେକ ସ୍ୱର୍ଣ୍ଣ ଘଣ୍ଟି । ସମ୍ରାଟଙ୍କୁ ଦେଖା କରିବାକୁ ହେଲେ ପୀଡ଼ିତ ଓ ନିଷ୍ପେଷିତ ବ୍ୟକ୍ତିମାନେ ଶିକୁଳିକୁ ଟାଣି ଘଣ୍ଟି ବଜାଉଥିଲେ । ସେଥିପାଇଁ କୌଣସି ରାଜକର୍ମଚାରୀଙ୍କର ସହାୟତା ନେବାକୁ ପଡୁନଥିଲା । ସେ ଜାରି କରିଥିଲେ ୧୨ଟି ଅନୁଶାସନ (Edicts) ସମ୍ବଳିତ ଏକ ଘୋଷଣାପତ୍ର :

୧ । ତାମଘା (Tamgha), ମୀରବହରି (Mirbahri), ଏବଂ ଏହିପରି ନାମରେ ଆଦାୟ ହେଉଥିବା ସମସ୍ତ ଶୁଳ୍କକ ସେ ଉଠାଇଦେଲେ ।

୨ । ପଥପ୍ରାନ୍ତରେ ସରାଇ ଘର, ମସ୍‌ଜିଦ୍ ଓ କୂପ ଖନନ ନିମିତ୍ତ ସେ ନିର୍ଦ୍ଦେଶ ଦେଲେ ।

୩ । ବଣିକମାନଙ୍କର ବିନା ଅନୁମତିରେ ଓ ବିନା ଜ୍ଞାତସାରରେ ସେମାନଙ୍କ ଗଣ୍ଠୁଲି ଖୋଲିବା ବାରଣ କରାଗଲା ।

୪ । ପୂର୍ବରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ତାଙ୍କର ସମ୍ପତ୍ତି ସାଧାରଣତଃ ଉତ୍ତରାଧିକାରୀମାନେ ପାଉଥିଲେ । ଏହି ଅନୁଶାସନ ଦ୍ୱାରା ମୃତ ବ୍ୟକ୍ତିଙ୍କର ଉତ୍ତରାଧିକାରୀ ନ ଥିଲେ ସେହି ସମ୍ପତ୍ତି ସରକାରଙ୍କ ଅଧୀନକୁ ଆସିବା ଓ ତାହାକୁ ସର୍ବସାଧାରଣଙ୍କର ଗୃହ ନିର୍ମାଣ ଓ ମରାମତି କାର୍ଯ୍ୟରେ ବ୍ୟୟ କରିବା ନିମିତ୍ତ ନିର୍ଦ୍ଦେଶ ଦିଆଗଲା ।

୫ । ମଦ୍ୟ ଓ ଅନ୍ୟ ନିଶାଦ୍ରବ୍ୟଗୁଡ଼ିକର ଉତ୍ପାଦନ ଓ ବିକ୍ରୟ ନିଷେଧ ହେଲା ।

୬ । ସରକାରୀ ଲୋକମାନଙ୍କୁ ଆଦେଶ ଦିଆଗଲା ଯେ ସେମାନେ କୌଣସି ବ୍ୟକ୍ତିଙ୍କର ଗୃହ ଦଖଲ କରିପାରିବେ ନାହିଁ ।

୭ । ନାସା ଓ କର୍ଣ୍ଣ ଛେଦନ ଦଣ୍ଡ ବନ୍ଦ କରାଗଲା ।

୮ । ବଳପୂର୍ବକ କୃଷକମାନଙ୍କର ଜମି ଅଧିକାର କାର୍ଯ୍ୟରୁ ସେ ସରକାରୀ କର୍ମଚାରୀମାନଙ୍କୁ ନିବାରଣ କଲେ ।

୯ । ସ୍ଥିର ହେଲା, ସମ୍ରାଟଙ୍କ ଅନୁମତି ବିନା କୌଣସି ସରକାରୀ କଲେକ୍ଟର କିମ୍ବା ଜାଗିରିଦାର ନିଜ ପ୍ରଗଣାରେ ଥିବା ଲୋକମାନଙ୍କ ସହିତ ବୈବାହିକ ମେଣ୍ଟ ବାନ୍ଧିବେ ନାହିଁ ।

୧୦ । ଦରିଦ୍ର ଲୋକମାନଙ୍କର ଚିକିତ୍ସା ପାଇଁ ବଡ଼ ବଡ଼ ସହରରେ ଚିକିତ୍ସାଳୟମାନ ପ୍ରତିଷ୍ଠିତ ହେଲା ।

୧୧ । ବର୍ଷର କେତୋଟି ନିର୍ଦ୍ଦିଷ୍ଟ ଦିନ ଏବଂ ପ୍ରତ୍ୟେକ ସପ୍ତାହର ଗୁରୁବାର (ଜାହାଙ୍ଗୀରଙ୍କ ଅଭିଷେକ ଦିନ) ଏବଂ ରବିବାର (ଆକବରଙ୍କ ଜନ୍ମଦିନ), ଏହି ଦୁଇଦିନ ପଶୁହତ୍ୟା ନିବାରଣ କରାଗଲା ।

୧୨ । ଆକବରଙ୍କ ସମୟରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ଓ ଜାଗିରିଦାରମାନଙ୍କ ପଦବୀ ଦୃଢ଼ୀକରଣ ହେଲା ।

ଖୁସ୍ରୁଙ୍କ ବିଦ୍ରୋହ-୧୬୦୬ (Rebellion of Khusrav)

ଜାହାଙ୍ଗୀରଙ୍କର ପ୍ରଥମ ସୁଖମୟ ସ୍ୱପ୍ନ ଭାଙ୍ଗିଯାଇଥିଲା ଯେତେବେଳେ ତାଙ୍କର ଜ୍ୟେଷ୍ଠପୁତ୍ର ଖୁସ୍ରୁ ବିଦ୍ରୋହର ବାନା ଉତ୍ତୋଳନ କଲେ । ଆକବରଙ୍କ ଶାସନର ଶେଷବେଳକୁ ଜାହାଙ୍ଗୀର ଓ ଖୁସ୍ରୁଙ୍କ ମଧ୍ୟରେ ସମ୍ପର୍କ ନଷ୍ଟ ହୋଇଯାଇଥିଲା । ଆକବରଙ୍କ ସ୍ନେହ ଓ ଅନୁଗ୍ରହ ଲାଭ କରି ଖୁସ୍ରୁ ସାମ୍ରାଜ୍ୟର ସବୁଠୁଁ ଅଧିକ ଲୋକପ୍ରିୟ ରାଜପୁତ୍ର ରୂପେ ପରିଚିତ ଥିଲେ। ଜାହାଙ୍ଗୀରଙ୍କ ଅଭିଷେକ ପରେ ମଧ୍ୟ ସିଂହାସନ ଆରୋହଣ କରିବାର ନିଶା ତାଙ୍କୁ ଛାଡ଼ିନଥିଲା। ଆଗ୍ରା ଦୁର୍ଗରେ ବନ୍ଦୀ ଅବସ୍ଥାରେ ରହି ସେ ରାଜ୍ୟଲାଭ ନିମିତ୍ତ କୌଶଳ ଚିନ୍ତା କରୁଥିଲେ। ସିକନ୍ଦରାଠାରେ ଥିବା ଆକବରଙ୍କ ସମାଧି ଦେଖିଯିବା ବାହାନା କରି ଖୁସ୍ରୁ ଦିଲ୍ଲୀ ଓ ତା'ପରେ ଲାହୋର ଯାତ୍ରା କଲେ । ପଥ ମଧ୍ୟରେ ତାଙ୍କ ସହିତ ମିଳିତ ହୋଇଥିଲେ ହୁସେନ ବେଗ ଓ ଆବୁଲ୍ ଫାଜଲ୍‌ଙ୍କ ପୁତ୍ର ଅବଦୁର ରହମାନ । ତାଙ୍କର ଅନୁଚରମାନଙ୍କର ସଂଖ୍ୟା ବୃଦ୍ଧି ହୋଇ ୧୨,୦୦୦ରେ ପହଞ୍ଚିଥିଲା । ତାରନ ତରାନ (Taran Taran)ଠାରେ ଖୁସ୍ରୁ ପଞ୍ଚମ ଶିଖଗୁରୁ ଅର୍ଜୁନଙ୍କର ଆଶୀର୍ବାଦ ଲାଭ କଲେ । ଲାହୋରଠାରେ ସେ ପହଞ୍ଚି ଦେଖିଲେ ଦୁର୍ଗଟିର ଫାଟକ ପଡ଼ିଯାଇଛି, ଏହାର ରକ୍ଷା ଦାୟିତ୍ୱରେ ଥିଲେ ଦିଲୱର ଖାଁ । ଖୁସ୍ରୁ ଦୁର୍ଗଟିକୁ ଅବରୋଧ କଲେ; କିନ୍ତୁ ଅଧିକାର କରିପାରିଲେ ନାହିଁ ।

ଖୁସ୍ରୁଙ୍କ ପଳାୟନ ଦେଖି ଜାହାଙ୍ଗୀର ତତ୍‌କ୍ଷଣାତ୍ ଶେଖ୍ ଫରିଦଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପଠାଇଲେ ଏବଂ ନିଜେ ଲାହୋର ଯାତ୍ରା କଲେ । ଖୁସ୍ରୁଙ୍କ ସହିତ ଏକ ଶାନ୍ତିପୂର୍ଣ୍ଣ ବୁଝାମଣା କରିବାକୁ ଜାହାଙ୍ଗୀର ଉଦ୍ୟମ କରିଥିଲେ ମଧ୍ୟ ବ୍ୟର୍ଥ ହେଲେ । ଭରୋୱାଲ

(Bharowal)ଠାରେ ପରାଜିତ ହୋଇ କେତେଜଣ ବିଶ୍ୱସ୍ତ ଅନୁଚରଙ୍କ ସଙ୍ଗରେ ଖୁସ୍ରୁ ପଳାୟନ କଲେ । ଖୁସ୍ରୁଙ୍କର ଉଦ୍ଦେଶ୍ୟ ଥିଲା, ସେ କାବୁଲ୍ ଯାତ୍ରା କରିବେ ଓ ସେଠାରୁ ଆସି ଦିଲ୍ଲୀ ଆକ୍ରମଣ କରିବେ; କିନ୍ତୁ ତାଙ୍କର ଅଭିପ୍ରାୟ ପଣ୍ଡ ହୋଇଗଲା । ସେ ଓ ତାଙ୍କର ବିଶ୍ୱସ୍ତ ଅନୁଚର ଦୁଇଜଣ- ହୁସେନ ବେଗ୍ ଓ ଅବଦୁର ରହମାନ ଚେନାବ ନଦୀ ଅତିକ୍ରମ କରିବାବେଳେ ଧରାପଡ଼ିଗଲେ । ଲାହୋରସ୍ଥିତ ଜାହାଙ୍ଗୀରଙ୍କ ଶିବିରକୁ ଖୁସ୍ରୁଙ୍କୁ ହସ୍ତ ଓ ପଦ ବନ୍ଧାଥିବା ଅବସ୍ଥାରେ ଅଣାଗଲା ।

ଖୁସ୍ରୁଙ୍କ ପାଇଁ ଏହା ଥିଲା ଚରମ ଦୁର୍ଦ୍ଦଶାର ବେଳ । ତାଙ୍କୁ ଅନ୍ଧ କରାଯାଇ ବନ୍ଦୀଶାଳାରେ ନିକ୍ଷେପ କରାଗଲା । ପରେ ସେ ତାଙ୍କର ଶତ୍ରୁ, ରାଜପୁତ୍ର ଖୁରମ୍‌ଙ୍କୁ ହସ୍ତାନ୍ତରିତ ହେଲେ ଏବଂ ଖୁରମ୍‌ଙ୍କ ନିର୍ଦ୍ଦେଶରେ ୧୬୨୨ ଖ୍ରୀଷ୍ଟାବ୍ଦରେ ଖୁସ୍ରୁ ନିହତ ହେଲେ । ଖୁସ୍ରୁଙ୍କର ସମର୍ଥକମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ହତ୍ୟା କରାଗଲା । ଜାହାଙ୍ଗୀର ଲେଖିଛନ୍ତି, ''ଏହି ଦୁଇ ବଦମାସ୍‌ଙ୍କୁ (ହୁସେନ ବେଗ୍ ଓ ଅବଦୁର) ଗୋରୁ ଓ ଗଧ ଚମଡ଼ାରେ ବାନ୍ଧି, ସେମାନଙ୍କୁ ଗଧପୃଷ୍ଠରେ ତାହାର ଲାଞ୍ଜ ଆଡ଼କୁ ମୁହଁ କରି ବସାଇ ନଗର ବୁଲାଇବାକୁ ମୁଁ ଆଦେଶ ଦେଲି ।'' ଏହିପରି ଦଣ୍ଡିତ ହେଉଥିବା ଅବସ୍ଥାରେ ହୁସେନ ବେଗ୍ ପ୍ରାଣତ୍ୟାଗ କଲେ ଏବଂ ଅବଦୁର ରହମାନ କ୍ଷମା ଲାଭ କରି ବର୍ତ୍ତିଗଲେ । ଗୁରୁ ଅର୍ଜୁନଦେବ ଖୁସ୍ରୁଙ୍କୁ ସାହାଯ୍ୟ ଦେଇଥିବାରୁ ତାଙ୍କ ଉପରେ ଦୁଇଲକ୍ଷ ଟଙ୍କା ଜୋରିମାନା ହେଲା; କିନ୍ତୁ ସେ ଅର୍ଥଦେବାକୁ ମନା କରିଦେଲେ । ଫଳସ୍ୱରୂପ ତାଙ୍କୁ ମିଳିଲା ମୃତ୍ୟୁଦଣ୍ଡ । ପୂର୍ବରୁ ଆକବରଙ୍କ ଅନୁଗ୍ରହ ଲାଭ କରିଥିବାରୁ ଅନୁରକ୍ତ ଗୁରୁ ଖୁସ୍ରୁଙ୍କୁ ସାହାଯ୍ୟ କରିଥିଲେ, ଜାହାଙ୍ଗୀରଙ୍କ ପ୍ରତି ତାଙ୍କର ଶତ୍ରୁତାର ସାମାନ୍ୟତମ ମନୋଭାବ ନଥିଲା । ଜାହାଙ୍ଗୀରଙ୍କର ଏପରି ଅବିବେକୀ ଓ ଅପରିଣାମଦର୍ଶୀ କାର୍ଯ୍ୟ ପାଇଁ ଶିଖ୍‌ସମାଜ ମୋଗଲମାନଙ୍କର ଶତ୍ରୁ ରୂପେ ଉଭା ହେଲେ ।

ଜାହାଙ୍ଗୀର ଓ ନୁରଜାହାନ (Jahangir and Noorjahan)

ଜାହାଙ୍ଗୀର ଓ ନୁରଜାହାନଙ୍କ ବିବାହ ସମ୍ବନ୍ଧରେ ରୋମାଞ୍ଚକର କାହାଣୀ ଶୁଣାଯାଏ । ନୁରଜାହାନଙ୍କର ମୂଳନାମ ଥିଲା ମେହେରୁନ୍ନିସା । 'ଇକବାଲ-ନାମା-ଇ-ଜାହାଙ୍ଗୀର'ର ଲେଖକ ମୁତମିଦ ଖାଁଙ୍କ ବିବରଣୀ ଅନୁଯାୟୀ, ମେହେରୁନ୍ନିସାଙ୍କ ପିତା ମିର୍ଜାଗିୟାସ୍ ବେଗ୍ ନିଜର ସ୍ତ୍ରୀ, ଦୁଇପୁତ୍ର ଓ ଜଣେ କନ୍ୟାଙ୍କ ସହିତ ପାରସ୍ୟ ତ୍ୟାଗ କରି ଭାରତକୁ ଆଗମନ କରିଥିଲେ । ପଥରେ କାନ୍ଦାହାରଠାରେ ୧୫୭୭ ଖ୍ରୀଷ୍ଟାବ୍ଦରେ ମେହେରୁନ୍ନିସା ଜନ୍ମଲାଭ କଲେ । ଆକବରଙ୍କ ଅଧୀନରେ ମିର୍ଜା ଗିୟାସ୍ ବେଗ୍ ଖଣ୍ଡିଏ ଚାକିରି ଯୋଗାଡ଼ କଲେ । ନିଜର କୃତିତ୍ୱ ବଳରେ ସେ ୧୫୯୫ ଖ୍ରୀଷ୍ଟାବ୍ଦରେ ହେଲେ କାବୁଲ୍‌ର ଦିୱାନ୍ । ମେହେରୁନ୍ନିସାଙ୍କୁ ଯେତେବେଳେ ୧୭ ବର୍ଷ ବୟସ ହୋଇଥିଲା, ସେ ଆଲିକୁଲି ଖାଁ ନାମକ ପାରସ୍ୟର ଜଣେ ଦୁଃସାହସୀ

ବୀରଙ୍କୁ ବିଭା ହୋଇଥିଲେ । ଜାହାଙ୍ଗୀରଙ୍କ ଶାସନର ପ୍ରାରମ୍ଭରେ ଆଲିକୁଲି ବର୍ଦ୍ଧମାନର ଜାଗିରି ଲାଭ କଲେ । ତାଙ୍କୁ ମଧ୍ୟ ଶେର ଆଫଗାନ୍ ଉପାଧି ମିଳିଲା; କିନ୍ତୁ ଶେର ଆଫଗାନ୍‌ଙ୍କ ଅବାଧ୍ୟତା ଓ ବିଦ୍ରୋହ କାର୍ଯ୍ୟକଳାପରେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଦମନ କରିବାକୁ ଜାହାଙ୍ଗୀର ବଙ୍ଗଳାର ଶାସନକର୍ତ୍ତା କୁତବୁଦ୍ଦୀନଙ୍କୁ ପ୍ରେରଣ କଲେ । ବର୍ଦ୍ଧମାନଠାରେ ଶେର ଆଫଗାନ୍ ଓ କୁତବୁଦ୍ଦୀନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । କୁତବୁଦ୍ଦୀନ ନିହତ ହୋଇଥିଲେ; କିନ୍ତୁ ତାଙ୍କର ଅନୁଚରମାନେ ଶେର ଆଫଗାନ୍‌ଙ୍କୁ ହତ୍ୟା କଲେ । ମେହେରୁନ୍ନିସା ଓ ତାଙ୍କ କନ୍ୟାଙ୍କୁ ଦରବାରକୁ ଅଣାଗଲା । ଚାରିବର୍ଷ ପରେ ଜାହାଙ୍ଗୀର ମେହେରୁନ୍ନିସାଙ୍କୁ ନାଇରୋଜ ଉତ୍ସବରେ ଦେଖି ତାଙ୍କ ରୂପରେ ମୁଗ୍ଧ ହେଲେ ଏବଂ ଏହାର କେତେମାସ ପରେ ୧୬୧୧ ଖ୍ରୀଷ୍ଟାବ୍ଦ ମେ ମାସରେ ସେ ମେହେରୁନ୍ନିସାଙ୍କୁ ବିବାହ କରିଥିଲେ । ସମ୍ରାଟ ଜାହାଙ୍ଗୀର ନିଜେ ନୁରୁଦ୍ଦୀନ ନାମ ଧାରଣ କରିଥିବାରୁ ମେହେରୁନ୍ନିସାଙ୍କ ନାମ ସେ ରଖିଲେ- ନୁରମହଲ ବା ପ୍ରାସାଦର ଆଲୋକ; କିନ୍ତୁ ପରେ ତାଙ୍କର ନାମ ହେଲା ନୁରଜାହାନ ବା ଜଗତର ଆଲୋକ । ବେଣୀପ୍ରସାଦ ଅନୁଭବ କରିଛନ୍ତି, ''ଜାହାଙ୍ଗୀରଙ୍କ ରାଜତ୍ୱରେ କୌଣସି ଘଟଣା ନୁରଜାହାନଙ୍କ ସହିତ ତାଙ୍କର ବିବାହଠାରୁ ଅଧିକ ଧ୍ୟାନ ଆକର୍ଷଣ କରିନାହିଁ । ପୂରା ପନ୍ଦରବର୍ଷ ଧରି ସେହି ପ୍ରସିଦ୍ଧ ମହିଳା ମୋଗଲ ସାମ୍ରାଜ୍ୟର ସବୁଠାରୁ ଅଧିକ ଚିତ୍ତାକର୍ଷକ ଓ ସବୁଠାରୁ ଅଧିକ କ୍ଷମତାସମ୍ପନ୍ନ ମଣିଷ ରୂପେ ବିଦ୍ୟମାନ ହୋଇଛନ୍ତି ।''

ଜାହାଙ୍ଗୀରଙ୍କର ବିବାହର କାହାଣୀକୁ ନେଇ ଐତିହାସିକମାନେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି । ଅନେକ ସମୟରେ କୁହାଯାଏ ଯେ ପୂର୍ବରୁ ଅବିବାହିତ ମେହେରୁନ୍ନିସାଙ୍କ ସହିତ ରାଜପୁତ୍ର ସଲିମ୍‌ଙ୍କର ନିବିଡ଼ ପ୍ରେମ ସମ୍ପର୍କ ଥିଲା । ସେତେବେଳେ ଆକବର ସେମାନଙ୍କ ବିବାହରେ ବାଧା ଦେଇଥିଲେ । ପୂର୍ବ ସ୍ମୃତିକୁ ପାସୋରି ନ ପାରି ସମ୍ରାଟ ହେବାପରେ ଜାହାଙ୍ଗୀର ଶେର ଆଫଗାନ୍‌ଙ୍କୁ ହତ୍ୟା କରିଥିଲେ ଓ ମେହେରୁନ୍ନିସାଙ୍କୁ ବିବାହ କଲେ । ଏହି ଉକ୍ତିକୁ ଐତିହାସିକ ଶ୍ରୀବାସ୍ତବ ଓ ଈଶ୍ୱରୀ ପ୍ରସାଦ ସମର୍ଥନ କରିଛନ୍ତି; କିନ୍ତୁ ସେତେବେଳେ ଭାରତୀୟ ଐତିହାସିକମାନେ ଏବଂ ଇଉରୋପର ଭ୍ରମଣକାରୀମାନେ ଏହି ଘଟଣା ଉପରେ ନୀରବ । ବେଣୀପ୍ରସାଦ, କେ. କେ. ଦତ୍ତ ଓ ଆର. ପି. ତ୍ରିପାଠୀଙ୍କ ପରି ଐତିହାସିକମାନେ ପ୍ରଶ୍ନ କରିଛନ୍ତି, କାହିଁକି ମେହେରୁନ୍ନିସାଙ୍କୁ ତାଙ୍କ ପିତାଙ୍କ ନିକଟକୁ ପ୍ରେରଣ ନ କରି ଜାହାଙ୍ଗୀର ତାହାଙ୍କୁ ଦରବାରକୁ ଆଣିଲେ, ଯେତେବେଳେ ତାଙ୍କ ପିତା ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିଲେ । ଦରବାରର ନାରୀମାନଙ୍କର ପ୍ରେମରେ ପଡ଼ିବା ସଲିମ୍‌ଙ୍କର ଅଭ୍ୟାସ ଥିଲା । ଏହା ଆନାରକଲିଙ୍କ ଘଟଣାରୁ ଜଣାଯାଏ, ଯାହାଙ୍କ ପାଇଁ ଜାହାଙ୍ଗୀର ୧୬୧୫ ଖ୍ରୀଷ୍ଟାବ୍ଦରେ ଏକ ମାର୍ବଲ ସମାଧି ନିର୍ମାଣ କରିଥିଲେ । ସେଠାରେ ମର୍ମାହତ ଜାହାଙ୍ଗୀର କହିଥିଲେ- ''ମୁଁ ମୋର ପ୍ରିୟାର ମୁଖକୁ ଆଉଥରେ ଦେଖନ୍ତିକି ?''

ନୁରଜାହାନଙ୍କ ପ୍ରଭାବ ଓ ତା'ର ଫଳାଫଳ (Noorjahan's Influence and its effects)

ଜାହାଙ୍ଗୀରଙ୍କ ପ୍ରତି ନୁରଜାହାନଙ୍କର ଥିଲା ଅଗାଧ ପ୍ରେମ ଓ ଭକ୍ତି । ସେ ଖୁବ୍ ବିଶ୍ୱସ୍ତ ଥିଲେ ଏବଂ ନିଷ୍ଠାର ସହିତ ଜାହାଙ୍ଗୀରଙ୍କ ସେବା କରୁଥିଲେ । ଜାହାଙ୍ଗୀରଙ୍କର ମଦ୍ୟପାନ ସେ ହ୍ରାସ କରିପାରିଥିଲେ । ତାଙ୍କ ଚେଷ୍ଟାରେ ଜାହାଙ୍ଗୀରଙ୍କର ନୈତିକ ଚରିତ୍ର ଉନ୍ନତି ହେଲା । ଜାହାଙ୍ଗୀରଙ୍କ ସହିତ ସେ ଅଶ୍ୱଚାଳନା କରୁଥିଲେ, ଶିକାର ମଧ୍ୟ କରୁଥିଲେ । କ୍ଷମତା ପାଇଁ ତାଙ୍କର ଖୁବ୍ ଅଭିଳାଷ ଥିଲା । ସେ ସମ୍ରାଟ ଜାହାଙ୍ଗୀରଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରିଥିଲେ । ୧୬୧୩ ଖ୍ରୀଷ୍ଟାବ୍ଦରେ ବାଦଶାହା ବେଗମ୍ ବା ସାମ୍ରାଜ୍ୟର ପ୍ରଥମ ମହିଳା ରୂପେ ସେ ବିଭୂଷିତ ହୋଇଥିଲେ । ଜାହାଙ୍ଗୀର ବିଳାସରେ ନିମଜ୍ଜିତ ହୋଇ ନୁରଜାହାନଙ୍କୁ କ୍ଷମତା ଅର୍ପଣ କରିବାରେ କୁଣ୍ଠିତ ହେଲେନାହିଁ । ସେ ଖୁସିରେ କହିଥିଲେ, ''ମୁଁ ସାର୍ବଭୌମ କ୍ଷମତା ନୁରଜାହାନଙ୍କୁ ପ୍ରଦାନ କରିଛି; ଯେତେ ସମୟ ପର୍ଯ୍ୟନ୍ତ ସେ ତା'ର ହସ୍ତରେ ଶାସନର ଲଗାମ ଧରିଥିବ । ମୋତେ ଖୁସି କରିବା ପାଇଁ ମୁଁ ଏକସେର ମଦ ଓ ଅଧସେର ମାଂସଠାରୁ ଅଧିକା କିଛି ଚାହେଁ ନାହିଁ ।''

ଏହିପରି ନୁରଜାହାନ ଅଧିକ ପ୍ରଭାବଶାଳୀ ହୋଇ ଏକ ରାଜନୈତିକ ଗୋଷ୍ଠୀ ଗଢ଼ିଥିଲେ । ଏହା 'ନୁରଜାହାନ ଜନ୍ତା' (Noorjahan Junta) ରୂପେ ବେଶ୍ ପରିଚିତ ଥିଲା । ଏହି ଗୋଷ୍ଠୀ ବା ସଂଗଠନରେ ରହିଥିଲେ ନିଜେ ନୁରଜାହାନ, ତାଙ୍କର ପିତା ଇତିମାଦ ଉଦ୍ଦୌଲା, ଭ୍ରାତା ଆସଫ୍ ଖାଁ ଏବଂ ରାଜପୁତ୍ର ଖୁରମ୍ । ଏହି ଗୋଷ୍ଠୀ ୧୬୨୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କରିଥିଲା । ପ୍ରକୃତ ପକ୍ଷେ ଏହା ଥିଲା ଚାରି ବ୍ୟକ୍ତିଙ୍କ ଶାସନ । ନୁରଜାହାନଙ୍କ ପିତା ଇତିମାଦ ଉଦ୍ଦୌଲା ଥିଲେ ଦକ୍ଷ ପ୍ରଶାସକ । ଆସଫ୍ ଖାଁ ଥିଲେ ଅର୍ଥ ବିଭାଗର ମନ୍ତ୍ରୀ, ଜଣେ ଦକ୍ଷ ଅର୍ଥନୀତିଜ୍ଞ । ସେମାନେ ଥିଲେ ପରିଶ୍ରମୀ ଓ ଧୀଶକ୍ତିସମ୍ପନ୍ନ । ରାଜପୁତ୍ର ଖୁରମ୍ ଆସଫ୍ ଖାଁଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ତାଙ୍କୁ ମିଳିଥିଲା ୩୦,୦୦୦ ଜାଟ ଓ ୨୦,୦୦୦ ସୱାରର ମନସବଦାର ପଦବୀ । ସେମାନେ ଥିଲେ ନୁରଜାହାନ ଶାସନର ଗୋଟିଏ ଗୋଟିଏ ସ୍ତମ୍ଭ ।

ନୁରଜାହାନ ଶାସନକୁ ନିଜ ହାତମୁଠିରେ ରଖିପାରିଲେ । ସେ ମୋଗଲ ଦରବାରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲେ । ଜାହାଙ୍ଗୀରଙ୍କର କଳା ଓ ଶିକ୍ଷାର ପୃଷ୍ଠପୋଷକତା ନୁରଜାହାନଙ୍କ ଦ୍ୱାରା ବଜାୟ ରହିଲା । ନିଜ ନାମକୁ ସେ ମୁଦ୍ରା ଉପରେ ଖୋଦିତ କଲେ । ଦୁଃଖୀ, ଦରିଦ୍ର, ନିଃସହାୟ ପିତୃମାତୃହୀନ ପିଲା ଓ ବିଧବାମାନଙ୍କୁ ସେ ସାହାଯ୍ୟ କରୁଥିଲେ ।

ରାଜନୈତିକ ଓ ପ୍ରଶାସନିକ ବ୍ୟାପାରରେ ନୁରଜାହାନଙ୍କ ହସ୍ତକ୍ଷେପ ରାଜ୍ୟ ପ୍ରତି କ୍ଷତିକାରକ ହେଲା । ୧୬୧୧ରୁ ୧୬୨୧ ପର୍ଯ୍ୟନ୍ତ ନୁରଜାହାନ ଜନ୍ତା ରାଜ୍ୟର ସମସ୍ତ କ୍ଷମତାକୁ ଏକଚାଟିଆ କରି ରଖିଲା । ଏହି ଜନ୍ତାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଦୂରେଇ ଦିଆଗଲା । ନୁରଜାହାନ ତାଙ୍କର ପିତା, ମାତା, ଭ୍ରାତା ଓ ଅନ୍ୟାନ୍ୟ ସମ୍ପର୍କୀୟମାନଙ୍କୁ ଉଚ୍ଚ ପଦବୀ ଦେଇ ଅନ୍ୟମାନଙ୍କ ପାଇଁ ଶାସନରେ ପ୍ରବେଶପଥକୁ ରୁଦ୍ଧ କରିଦେଲେ । ଏହି ସମୟରେ ରାଜପୁତ୍ର ଖୁରମ୍ ଥିଲେ ଖୁବ୍ କ୍ଷମତାଶାଳୀ ।

୧୬୨୨ ଖ୍ରୀଷ୍ଟାବ୍ଦରୁ ରାଜନୀତିରେ ଏକ ନବଯୁଗ ଆସିଲା । ଏହିଠାରୁ ଆରମ୍ଭ ହେଲା ନୁରଜାହାନ ଶାସନର ଦ୍ୱିତୀୟ ପର୍ଯ୍ୟାୟ । ସେତେବେଳକୁ ତାଙ୍କର ପିତା ଓ ମାତାଙ୍କର ଦେହାନ୍ତ ହୋଇସାରିଥିଲା । ଶାସନକ୍ଷେତ୍ରରେ ସେ ଥିଲେ ସ୍ୱାଧୀନ, ଅଖଣ୍ଡ କ୍ଷମତାର ଅଧିକାରିଣୀ । ଶେର ଆଫଗାନ୍‌ଙ୍କ ଆଡୁ ଜନ୍ମିତ ନିଜ କନ୍ୟା ଲାଡ଼ଲି ବେଗମ୍‌ଙ୍କୁ ସେ ଜାହାଙ୍ଗୀରଙ୍କର କନିଷ୍ଠ ପୁତ୍ର ସାହାରିୟାରଙ୍କୁ ବିବାହ ଦେଲେ । ସେ ଖୁରମ୍‌ଙ୍କ କ୍ଷମତା ହ୍ରାସ କଲେ ଓ ନିଜର ଜାମାତା ସାହାରିୟାରଙ୍କୁ ମୋଗଲ ସିଂହାସନରେ ବସାଇବା ନିମିତ୍ତ ଚେଷ୍ଟା ଚଳାଇଲେ । ଫଳରେ ଖୁରମ୍ ବିଦ୍ରୋହୀ ହୋଇଉଠିଲେ । ସାମ୍ରାଜ୍ୟ ଗୃହଯୁଦ୍ଧ ଆଡ଼କୁ ମୁହାଁଇଲା । ମହବତ ଖାଁ ଥିଲେ ଖୁବ୍ ଯୋଗ୍ୟ ଓ କ୍ଷମତାସମ୍ପନ୍ନ । ସେ ନୁରଜାହାନ ଜନ୍ତାର ଥିଲେ ଦୃଢ଼ ବିରୋଧୀ । ସେ ଜାହାଙ୍ଗୀରଙ୍କୁ କହିଥିଲେ, ''ସମଗ୍ର ବିଶ୍ୱ ବିସ୍ମିତ ହେଉଛି ଯେ ଜାହାଙ୍ଗୀରଙ୍କ ପରି ଏପରି ଜ୍ଞାନୀ ଓ ବୁଦ୍ଧିମାନ୍ ସମ୍ରାଟ ତାଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇବାକୁ ଜଣେ ମହିଳାଙ୍କୁ ଅନୁମତି ଦେଉଛନ୍ତି ।'' ତିନିବର୍ଷ ପାଇଁ ଗୃହଯୁଦ୍ଧ ଶକ୍ତିଶାଳୀ ମୋଗଲ ସାମ୍ରାଜ୍ୟକୁ ଚହଲାଇ ଦେଇଥିଲା । ଶାସନକ୍ଷେତ୍ରରେ ନୁରଜାହାନଙ୍କ କ୍ରମବର୍ଦ୍ଧିଷ୍ଣୁ କ୍ଷମତାକୁ ହ୍ରାସ କରିବା ପାଇଁ ମହବତ ଖାଁ ମଧ୍ୟ ବିଦ୍ରୋହ କଲେ । ନିଜର ଯୋଗ୍ୟତା ବଳରେ ସେ 'ଅମୀର-ଉଲ୍-ଉମରା' ପଦରେ ପହଞ୍ଚିଥିଲେ । ରାଜପୁତ୍ର ପରଭେଜ ହେଲେ ତାଙ୍କର ନିକଟତର । ଏହା ନୁରଜାହାନଙ୍କୁ ବିଚଳିତ କରିଥିଲା । ଯଦି ସେ ବିଜ୍ଞତାର ସହିତ କାର୍ଯ୍ୟ କରିଥା'ନ୍ତେ, ତେବେ ଗୃହଯୁଦ୍ଧ ସଂଘଟିତ ହୋଇନଥା'ନ୍ତା ।

ଜାହାଙ୍ଗୀରଙ୍କ ରାଜ୍ୟଜୟ (Conquest of Jahangir)

ଜାହାଙ୍ଗୀର ତାଙ୍କ ରାଜତ୍ୱର ପ୍ରଥମ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ସାଫଲ୍ୟ ହାସଲ କରିଥିଲେ । ଆକବରଙ୍କ ଅସମ୍ପୂର୍ଣ୍ଣ ରହିଥିବା ରାଜ୍ୟଗୁଡ଼ିକୁ ଜୟକରି ଜାହାଙ୍ଗୀର ପୂର୍ଣ୍ଣତା ଆଣିଥିଲେ ।

ବଙ୍ଗଳା ବିଦ୍ରୋହ ଦମନ (Suppression of Bengal Revolt)

ମୋଗଲମାନଙ୍କ ଦ୍ୱାରା ବଙ୍ଗଳା ଅଧିକୃତ ହୋଇଥିଲେ ମଧ୍ୟ ଆଫଗାନ୍‌ମାନେ ଏହାକୁ ଛିନ୍ନ କରିନେବା ପାଇଁ ସର୍ବଦା ଚେଷ୍ଟା କରୁଥିଲେ । ବଙ୍ଗଳାର ଶାସନକର୍ତ୍ତାମାନଙ୍କୁ ବାରମ୍ବାର ପରିବର୍ତ୍ତନ କରାଯାଉଥିବାରୁ ଏହା ଆଫଗାନ୍‌ମାନଙ୍କ ପାଇଁ ବିଦ୍ରୋହ କରିବାକୁ ସୁଯୋଗ ସୃଷ୍ଟି କରୁଥିଲା । ସେମାନେ ସାହସ ସଞ୍ଚୟ କରୁଥିଲେ । ଯେତେବେଳେ ଇସଲାମ୍ ଖାଁ ବଙ୍ଗଳାର ଶାସନକର୍ତ୍ତା ଥିଲେ, ସେତେବେଳେ ଉସମାନ୍ ଖାଁଙ୍କ ନେତୃତ୍ୱରେ ୧୬୧୨ ଖ୍ରୀଷ୍ଟାବ୍ଦରେ ଆଫଗାନ୍‌ମାନେ ବିଦ୍ରୋହ କଲେ । ଅବଶ୍ୟ ଇସଲାମ୍ ଖାଁ ସେହି ବିଦ୍ରୋହକୁ ଦମନ କଲେ । ଗଭୀର ଭାବରେ କ୍ଷତାକ୍ତ ହୋଇ ଉସମାନ୍ ଖାଁ ପ୍ରାଣତ୍ୟାଗ କଲେ; କିନ୍ତୁ ଆଫଗାନ୍‌ମାନଙ୍କ ପ୍ରତି ଜାହାଙ୍ଗୀରଙ୍କ ଉଦାରନୀତି ସେମାନଙ୍କୁ ମୋଗଲମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବାକୁ ଆକର୍ଷିତ କରିଥିଲା ।

ମେବାର ବିଜୟ (Conquest of Mewar)

ପ୍ରଥମେ ରାଣାପ୍ରତାପ ଓ ତା'ପରେ ତାଙ୍କ ପୁତ୍ର ଅମର ସିଂହଙ୍କ ପ୍ରତିରୋଧ ଯୋଗୁଁ ଆକବର ସମଗ୍ର ମେବାର ବିଜୟ କରିପାରିନଥିଲେ । ତାଙ୍କର ରାଜପୁତ୍ ନୀତି ଜାହାଙ୍ଗୀର ଚାଲୁ ରଖିଥିଲେ । ୧୬୦୫ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ଅମର ସିଂହଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ପୁତ୍ର ପରଭେଜ ଓ ଆସଫ ଖାଁ ଜାଫର ବେଗ୍‌ଙ୍କ ନେତୃତ୍ୱରେ ୨୦,୦୦୦ ଜଣ ଅଶ୍ୱାରୋହୀଙ୍କୁ ପ୍ରେରଣ କରିଥିଲେ । ମୋଗଲବାହିନୀ ଓ ରାଜପୁତ୍‌ମାନଙ୍କ ମଧ୍ୟରେ ଆରାବଳି ପର୍ବତମାଳାର ଦେୱାର ଗିରିପଥଠାରେ ଏକ ସଂଘର୍ଷ ଅନିର୍ଣ୍ଣୀତ ଭାବରେ ଶେଷ ହେଲା । ଖୁସ୍ରୁଙ୍କ ବିଦ୍ରୋହ ଯୋଗୁଁ ଜାହାଙ୍ଗୀର ମେବାର ଆକ୍ରମଣ ସ୍ଥଗିତ ରଖି ସୈନ୍ୟମାନଙ୍କୁ ଫେରାଇ ଆଣିଥିଲେ ।

୧୬୦୮ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ମହବତ ଖାଁଙ୍କୁ ଏକ ବିଶାଳ ସୈନ୍ୟବାହିନୀର ନେତୃତ୍ୱ ପ୍ରଦାନ କରି ରାଣାଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ପଠାଇଥିଲେ । ମହବତ ରାଣାଙ୍କର ସାମ୍ରାଜ୍ୟ ଧ୍ୱସ୍ତବିଧ୍ୱସ୍ତ କରିଦେଲେ । ରାଣା ନିଜର ନିରାପତ୍ତା ନିମିତ୍ତ ଦୁର୍ଗମ ପାହାଡ଼ ଅଞ୍ଚଳରେ ଆଶ୍ରୟ ନେଲେ । ୧୬୦୯ ଖ୍ରୀଷ୍ଟାବ୍ଦରେ ମହବତ ଖାଁଙ୍କ ସ୍ଥାନରେ ଅବଦୁଲ ଖାଁ ମେବାର ଅଭିଯାନର ନେତୃତ୍ୱ ନେଲେ । ରଣପୁରଠାରେ ରାଜପୁତ୍‌ମାନଙ୍କ ଆକ୍ରମଣରେ ଅବଦୁଲ ପଛଘୁଞ୍ଚା ଦେଲେ । ୧୬୧୩ ଖ୍ରୀଷ୍ଟାବ୍ଦରେ ଅଜିଜ କୋକା ଓ ରାଜପୁତ୍ର ଖୁରମ୍ ନେଲେ ମେବାର ଆକ୍ରମଣର ଦାୟିତ୍ୱ । ସେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ସେନାପତି ରୂପେ ଯୁଦ୍ଧ ପରିଚାଳନା କଲେ ଖୁରମ୍ । ଖୁରମ୍ ପୂର୍ଣ୍ଣଦକ୍ଷତା,

ଆତିଶଯ୍ୟ ନିର୍ମମତା ଏବଂ ସୌଭାଗ୍ୟର ସହିତ ଅଭିଯାନ ଆଗେଇନେଲେ । ରାଣାଙ୍କର ସାମ୍ରାଜ୍ୟ ଧ୍ୱଂସ କରିଦିଆଗଲା । ଗାଁ ଓ ସହର ପୋଡ଼ିଦିଆଗଲା । ମନ୍ଦିରଗୁଡ଼ିକ ନଷ୍ଟ କରାଗଲା । ତଥାପି ଶତ୍ରୁମାନଙ୍କୁ ପୁନଃ ପୁନଃ ଆକ୍ରମଣ କରି ରାଜପୁତ୍‌ମାନେ ନିଜର ବୀରତ୍ୱ ପ୍ରତିପାଦନ କରିପାରୁଥିଲେ । ଉଭୟ ଦଳର କ୍ଷୟକ୍ଷତି ଘଟିଥିଲେ ମଧ୍ୟ ରାଜପୁତ୍‌ମାନଙ୍କର ଅଶେଷ କ୍ଷତି ହେଲା । ଶେଷରେ ୧୬୧୫ ଖ୍ରୀଷ୍ଟାବ୍ଦରେ ମୋଗଲ ଓ ରାଜପୁତ୍‌ମାନଙ୍କ ମଧ୍ୟରେ ଏକ ସନ୍ଧି ହେଲା ।

ଅମର ସିଂହ ମହାର୍ଘ ଉପହାର ପ୍ରଦାନ କରି ଖୁରମ୍‌ଙ୍କୁ ସମ୍ମାନୀତ କଲେ । ଅପର ପକ୍ଷରେ ଖୁରମ୍ ମଧ୍ୟ ମୂଲ୍ୟବାନ୍ ଉପହାରମାନ ଦେଇ ଉଭୟ ଅମର ସିଂହ ଓ କରଣ ସିଂହଙ୍କୁ ଅଭ୍ୟର୍ଥନା କଲେ । ସନ୍ଧିର ସର୍ତ୍ତଗୁଡ଼ିକ ହେଲା–

୧ । ଅମର ସିଂହ ଜାହାଙ୍ଗୀରଙ୍କ ବଶ୍ୟତା ସ୍ୱୀକାର କଲେ ।

୨ । ଆକବରଙ୍କ ସମୟରୁ ଚିତୋର ସମେତ ମୋଗଲମାନଙ୍କ ଦ୍ୱାରା ଅଧିକୃତ ମେବାରର ସମସ୍ତ ଅଞ୍ଚଳ ରାଣାଙ୍କୁ ପ୍ରତ୍ୟର୍ପଣ କରାଗଲା ।

୩ । ରାଣା ଚିତୋର ଦୁର୍ଗର ପୁନଃ ନିର୍ମାଣ କିମ୍ବା ମରାମତି କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଲେ ।

୪ । ରାଣାଙ୍କ ପୁତ୍ର କରଣ ସିଂହଙ୍କୁ ମୋଗଲବାହିନୀର ଜଣେ ମନସବଦାର ରୂପେ ଗ୍ରହଣ କରାଗଲା । ମୋଗଲ ଦରବାରରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ରାଣାଙ୍କୁ ବାଧ୍ୟ କରାଗଲା ନାହିଁ ।

୫ । ମୋଗଲମାନଙ୍କ ସହିତ ବୈବାହିକ ସମ୍ପର୍କରେ ଆବଦ୍ଧ ରହିବା ପାଇଁ ରାଣାଙ୍କୁ ବାଧ୍ୟ କରାଯାଇନଥିଲା ।

ଏହି ସନ୍ଧି ଫଳରେ ରାଜପୁତ୍ ଓ ମୋଗଲମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠିତ ହେଲା । ଦୀର୍ଘଦିନ ଧରି ଦୁଇ ଶକ୍ତି ମଧ୍ୟରେ ଚାଲିଥିବା ସଂଘର୍ଷର ପରିସମାପ୍ତି ଘଟିଲା । ଆଉରଙ୍ଗଜେବ୍‌ଙ୍କ ଶାସନ ପର୍ଯ୍ୟନ୍ତ ମେବାରର ରାଣା ମୋଗଲମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ । ଜାହାଙ୍ଗୀର ଥିଲେ ବିଚକ୍ଷଣ ରାଜନୀତିଜ୍ଞ । ପିତା ଆକବରଙ୍କ ପରି ସେ ରାଜପୁତ୍‌ମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଥିଲେ । ଏହା ସତ୍ତ୍ୱେ ରାଣା ଅମର ସିଂହ ନିଜର ସ୍ୱାଧୀନତା ହରାଇଥିବାରୁ ବିଶେଷ ଅନୁତାପ କରିଥିଲେ ।

ଅହମଦନଗର ସହିତ ସଂଘର୍ଷ (Conflict with Ahmadnagar)

ଜାହାଙ୍ଗୀର ତାଙ୍କ ପିତାଙ୍କର ଦାକ୍ଷିଣାତ୍ୟ ନୀତି ବଜାୟ ରଖିଥିଲେ । ଶାନ୍ତିପୂର୍ଣ୍ଣ ଭାବରେ ଦାକ୍ଷିଣାତ୍ୟ ଅଧିକାର କରିବା ଥିଲା ଜାହାଙ୍ଗୀରଙ୍କ ନୀତି । ୧୬୦୮ ଖ୍ରୀଷ୍ଟାବ୍ଦବେଳକୁ ମୋଗଲମାନେ ଅହମଦନଗରର ଏକ ଅଂଶ ଅଧିକାର କରିଥିଲେ । ତେଣୁ ଜାହାଙ୍ଗୀର ସ୍ୱାଭାବିକ ଭାବରେ ପୂରା ଅହମଦନଗର ଅଧିକାର କରିବା ନିମନ୍ତେ ବ୍ରତୀ ହେଲେ ।

୧୬୦୮ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀରଙ୍କ ନିର୍ଦ୍ଦେଶରେ ଖାନ୍ ଖାଁ ୧୨,୦୦୦ ଜଣ ବର୍ଛାଧାରୀ ଅଶ୍ୱାରୋହୀଙ୍କୁ ଧରି ଦାକ୍ଷିଣାତ୍ୟ ଦିଗରେ ଅଗ୍ରସର ହେଲେ । ମାଲିକ ଅମ୍ବରଙ୍କର ସାମରିକ ଶକ୍ତିକୁ କ୍ଷୁଣ୍ଣ କରିବା ଖାନ୍ ଖାଁଙ୍କ ପାଇଁ ଅସମ୍ଭବ ଥିଲା । ମାଲିକ୍ ଅମ୍ବରଙ୍କ ଜନ୍ମସ୍ଥାନ ଥିଲା ଆବିସିନିଆ । ତାଙ୍କର କୃତିତ୍ୱବଳରେ ସେ ଅହମଦନଗରର ପ୍ରଧାନମନ୍ତ୍ରୀ ହୋଇଥିଲେ । ସେ ଥିଲେ ଆଜନ୍ମ ନେତା ଓ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ । ସେ ରାଜ୍ୟରେ ଆର୍ଥନୀତିକ ପ୍ରଗତି ଆଣିବାରେ ସକ୍ଷମ ହୋଇଥିଲେ । ମରହଟ୍ଟାମାନଙ୍କୁ ଗରିଲା ପଦ୍ଧତିରେ ତାଲିମ ଦେଇ ସେ ସେମାନଙ୍କୁ ଦୁର୍ଦ୍ଧର୍ଷ ଯୋଦ୍ଧାରେ ପରିଣତ କରିଥିଲେ । ମୋଗଲ ଦରବାରରେ ଥିବା ମୁତାମିଦ୍ ଖାଁ ଲେଖିଛନ୍ତି, "ଏହି ଅମ୍ବର ଜଣେ ଦାସ ହେଲେ ବି ଥିଲେ ଜଣେ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି । ଯୁଦ୍ଧ ପରିଚାଳନା କରିବାରେ, ତ୍ରୁଟିହୀନ ବିଚାର କରିବାରେ ଏବଂ ଶାସନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବା ସମକକ୍ଷ କେହି ନଥିଲେ ।" ୧୬୧୦ ଖ୍ରୀଷ୍ଟାବ୍ଦରେ ଦାକ୍ଷିଣାତ୍ୟ ଯୁଦ୍ଧର ପରିଚାଳନା ଦାୟିତ୍ୱ ରାଜପୁତ୍ର ପରଭେଜଙ୍କ ହସ୍ତରେ ଜାହାଙ୍ଗୀର ନ୍ୟସ୍ତ କରିଥିଲେ । ତାଙ୍କର ଅଭିଭାବକ ରୂପେ ଆସିଥିଲେ ଆସଫ୍ ଖାଁ । ସେମାନେ ଖାନ୍ ଖାଁଙ୍କଠାରୁ ଅଧିକ କିଛି ସଫଳତା ଲାଭ କରିନଥିଲେ । ଖାନ୍-ଇ-ଜାହାନ୍ ଲୋଦୀ ଏବଂ ଅବଦୁଲ୍ଲାଙ୍କ ପରି ସେନାଧ୍ୟକ୍ଷମାନେ ଦାକ୍ଷିଣାତ୍ୟ ଅଭିଯାନରେ ଜୈତ୍ର ପତାକା ଉଡ଼ାଇପାରିଲେ ନାହିଁ ।

୧୬୧୬ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ବରହନପୁରଠାରେ ଅବସ୍ଥାନ କରି ଦାକ୍ଷିଣାତ୍ୟ ଯୁଦ୍ଧ ପରିଚାଳନା ଦାୟିତ୍ୱ ଖୁରମ୍‌ଙ୍କୁ ଦେଲେ । ଅମ୍ବରଙ୍କ ସହିତ ସନ୍ଧି କରିବାକୁ ଖୁରମ୍ ପ୍ରସ୍ତାବ ଦେଲେ । ମାଲିକ୍ ଅମ୍ବର ଥିଲେ ଦୂରଦର୍ଶୀ । ମୋଗଲ ଶକ୍ତିର ପ୍ରଚଣ୍ଡତା ଉପରେ ତାଙ୍କର ସମ୍ୟକ୍ ଧାରଣା ଥିଲା । ସେ ଖୁରମ୍‌ଙ୍କ ସନ୍ଧି ପ୍ରସ୍ତାବକୁ ସ୍ୱାଗତ କଲେ । ୧୬୧୭ ଖ୍ରୀଷ୍ଟାବ୍ଦରେ ଅହମଦନଗର ଓ ଜାହାଙ୍ଗୀରଙ୍କ ମଧ୍ୟରେ ସନ୍ଧି ହେଲା । ସନ୍ଧି ଅନୁଯାୟୀ ମାଲିକ୍ ଅମ୍ବର ମୋଗଲ ସାମ୍ରାଜ୍ୟରୁ ଅବରୋଧ କରିଥିବା ବାଲଘାଟର ସମସ୍ତ ଅଞ୍ଚଳ ଫେରାଇଦେଲେ । ଅହମଦନଗର ଦୁର୍ଗ ମଧ୍ୟ ତାଙ୍କୁ ଜାହାଙ୍ଗୀରଙ୍କୁ ପ୍ରତ୍ୟର୍ପଣ କରିବାକୁ ପଡ଼ିଥିଲା । ରାଜା ଆଦିଲ ଶାହା ଉପହାର ସ୍ୱରୂପ ୧୬ ଲକ୍ଷ ଟଙ୍କା ରାଜପୁତ୍ର ଖୁରମ୍‌ଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ । ଏହି ଘଟଣାରେ ଜାହାଙ୍ଗୀର ଅସୀମିତ ଆନନ୍ଦ ଲାଭ କରି ଖୁରମ୍‌ଙ୍କୁ ଶାହଜାହାନ ଉପାଧିରେ ବିଭୂଷିତ କଲେ ।

ଏହି ସନ୍ଧି ଥିଲା କ୍ଷଣସ୍ଥାୟୀ । ମାଲିକ୍ ଅମ୍ବର ପରାଜିତ ହୋଇନଥିଲେ । ଦୁଇବର୍ଷ ପରେ ସେ ପୁନର୍ବାର ମଥା ଉତ୍ତୋଳନ କଲେ ।

୧୬୨୦ ଖ୍ରୀଷ୍ଟାବ୍ଦରେ ବିଜାପୁର ଓ ଗୋଲକୁଣ୍ଡା ସହିତ ମେଣ୍ଟ କରି ମାଲିକ୍ ଅମ୍ବର ଖାନ୍ ଖାଁଙ୍କ ଉପରେ ଆକ୍ରମଣ କଲେ ଏବଂ ଅହମଦନଗର ଦୁର୍ଗ ଅବରୋଧ କଲେ। ମୋଗଲମାନଙ୍କୁ ବରହନପୁର ପର୍ଯ୍ୟନ୍ତ ପଛଘୁଞ୍ଚା ଦେବାକୁ ପଡ଼ିଥିଲା । ଦାକ୍ଷିଣାତ୍ୟ ବିରୁଦ୍ଧରେ ଜାହାଙ୍ଗୀର ପୁନର୍ବାର ଖୁରମ୍‌ଙ୍କୁ ନିୟୋଜିତ କଲେ । ଖୁରମ୍ ମରହଟ୍ଟାମାନଙ୍କୁ ମାଣ୍ଡୁଠାରୁ ବିତାଡ଼ିତ କରିବାକୁ ଉଜ୍ଜୟିନୀଠାରୁ ଅବଦୁଲ ହାସାନ ଓ ବୈରାମ ବେଗ୍‌ଙ୍କୁ ପଠାଇଥିଲେ। ଖୁରମ୍‌ଙ୍କ ଲୋକମାନେ ଅହମଦନଗରକୁ ଧସାଇ ପ୍ରବେଶ କଲେ । ଦାକ୍ଷିଣାତ୍ୟବାସୀମାନେ ଅହମଦନଗର ଅବରୋଧ କାର୍ଯ୍ୟରୁ କ୍ଷାନ୍ତ ହେଲେ । ସେତେବେଳକୁ ନୁରଜାହାନଙ୍କ ଆଭିମୁଖ୍ୟ ଖୁରମ୍‌ଙ୍କ ପ୍ରତି ପରିବର୍ତ୍ତନ ହୋଇସାରିଥିଲା । ଖୁରମ୍ ଶୁଣିଲେ ସାହାରିୟାରଙ୍କୁ ସମ୍ରାଟ କରିବା ନିମିତ୍ତ ନୁରଜାହାନ ଚେଷ୍ଟା ଚଳାଇଛନ୍ତି । ଅସ୍ଥିରତା ମଧ୍ୟରେ ଖୁରମ୍ ମାଲିକ୍ ଅମ୍ବରଙ୍କ ସହିତ ତରତର ହୋଇ ଗୋଟିଏ ସନ୍ଧି କଲେ । ଏହା ଫଳରେ ଅହମଦନଗର, ଗୋଲକୁଣ୍ଡା ଓ ବିଜାପୁର ମୋଗଲ ସମ୍ରାଟଙ୍କର ବଶ୍ୟତା ସ୍ୱୀକାର କଲେ । ସେମାନଙ୍କୁ ମୋଗଲମାନଙ୍କ ସାମ୍ରାଜ୍ୟରୁ ଅଧିକାର କରିଥିବା ଅଞ୍ଚଳ ଫେରାଇଦେବାକୁ ପଡ଼ିଥିଲା ।

ଏହି ସମୟରେ ଖୁରମ୍ ନିଜର ଭ୍ରାତା ଖୁସ୍ରୁଙ୍କୁ ରାଜା ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ହତ୍ୟା କରାଇଲେ । ମୋଗଲ ଦରବାରରେ ଗୃହଯୁଦ୍ଧର ସୁଯୋଗ ନେଇ ମାଲିକ୍ ଅମ୍ବର ହରାଇଥିବା ଅହମଦନଗର ଅଞ୍ଚଳକୁ ପୁନର୍ବାର ଅଧିକାର କଲେ ଏବଂ ଏହାକୁ ୧୬୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଧରି ରଖିପାରିଥିଲେ । ମୋଗଲମାନଙ୍କ ବିଜୟ ଆଖିଦୃଶିଆ ଥିଲା, ନଥିଲା ବାସ୍ତବ । କୁହାଯାଏ, ମୋଗଲମାନଙ୍କର ଏ ଅଭିଯାନର ଫଳ ହେଲା ନିୟୁତ ନିୟୁତ ଟଙ୍କା ଖର୍ଚ୍ଚ ଓ ସହସ୍ର ସହସ୍ର ଲୋକଙ୍କର ଜୀବନ ହାନି । ୧୬୦୫ ଖ୍ରୀଷ୍ଟାବ୍ଦର ମୋଗଲ ସାମ୍ରାଜ୍ୟର ସୀମା କିଛି ବୃଦ୍ଧି ହୋଇପାରିନଥିଲା ।

କାଙ୍ଗ୍ରା ଅଭିଯାନ, ୧୬୨୦ (Kangra Expedition)

ଆକବର କାଶ୍ମୀର ଉପତ୍ୟକାରେ ଆଧିପତ୍ୟ ବିସ୍ତାର କରିଥିଲେ ମଧ୍ୟ କାଙ୍ଗ୍ରା ଅଧିକାର କରିବାରେ ସଫଳତା ହାସଲ କରିନଥିଲେ । ଉତ୍ତର-ପୂର୍ବ ପଞ୍ଜାବର ପାହାଡ଼ଗୁଡ଼ିକ ମଧ୍ୟରେ କାଙ୍ଗ୍ରା ଦୁର୍ଗର ଅବସ୍ଥିତି ଥିଲା । ସେହି ଅଞ୍ଚଳ ଥିଲା ହିନ୍ଦୁମାନଙ୍କର ନିବାସସ୍ଥଳୀ। ଏହାକୁ ଅଧିକାର କରିବାକୁ ଯାଇ ଜାହାଙ୍ଗୀର ଲାହୋରର ଶାସନକର୍ତ୍ତା ମୁତାର୍ଜା ଖାଁଙ୍କୁ ପ୍ରେରଣ କଲେ । ତାଙ୍କର ଉଦ୍ୟମ ବ୍ୟର୍ଥ ହେବାରୁ ଖୁରମ୍‌ଙ୍କୁ କାଙ୍ଗ୍ରା ଅଭିଯାନରେ ପଠାଗଲା। ନିଜେ ସମ୍ରାଟ ଜାହାଙ୍ଗୀର ଲାହୋରଠାରେ ଡେରା ପକାଇ ହିନ୍ଦୁମାନଙ୍କ ଉପରେ ପ୍ରବଳ ଚାପ ପକାଇଲେ । ଦୁର୍ଗକୁ ୧୪ ମାସ ଧରି ଅବରୋଧ କରାଗଲା । ଶେଷରେ କ୍ଷୁଧାର୍ଥ ଓ ତୃଷାତୁର ହୋଇ ୧୬୨୦ ଖ୍ରୀଷ୍ଟାବ୍ଦରେ ହିନ୍ଦୁମାନେ ଆତ୍ମସମର୍ପଣ କଲେ । ଏହି ବିଜୟରେ ଜାହାଙ୍ଗୀର ଉଲ୍ଲସିତ ହୋଇଥିଲେ । ଏହାପରେ ତାଙ୍କୁ ଦୁର୍ଘଟଣା ଓ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଯାହା ଜାହାଙ୍ଗୀରଙ୍କର ଅନ୍ତିମ ଦିନ ପର୍ଯ୍ୟନ୍ତ ମଧ୍ୟ ଶେଷ ହୋଇନଥିଲା ।

କାନ୍ଦାହାର ପତନ (Fall of Kandhar)

କାନ୍ଦାହାର ଦୁର୍ଗକୁ ଅଧିକାର କରିବା ନିମିତ୍ତ ସର୍ବଦା ମୋଗଲ ଓ ପାରସିକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହୁଥିଲା । ଆକବରଙ୍କ ସମୟରେ କାନ୍ଦାହାର ଅଧିକାର କରିବାବେଳେ ପାରସ୍ୟର ଶାହା ଏକ ଯୁଦ୍ଧରେ ପରାଜୟ ବରଣ କରିଥିଲେ । ସେଥିପାଇଁ ସେ ଆକବରଙ୍କୁ କ୍ଷମା ମାଗିଥିଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ଶାହା ଆବାସ ଉପହାରମାନ ପଠାଇ ଜାହାଙ୍ଗୀରଙ୍କୁ ଖୁସି କରିବା ପାଇଁ ଚେଷ୍ଟା କଲେ ଏବଂ ତା' ସହିତ ଅଭିସନ୍ଧି ରଖିଲେ ଯେ ସୁଯୋଗ ଦେଖି ସେ କାନ୍ଦାହାର ଦୁର୍ଗ ଖଣ୍ଡିତ କରିନେବେ । ଜାହାଙ୍ଗୀରଙ୍କ ସମୟରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିଶୃଙ୍ଖଳା ଦେଖି ୧୬୨୨ ଖ୍ରୀଷ୍ଟାବ୍ଦରେ ଶାହା କାନ୍ଦାହାର ଅବରୋଧ କଲେ । ପାରସିକ ଅବରୋଧରୁ କାନ୍ଦାହାର ମୁକ୍ତ କରିବାକୁ ଜାହାଙ୍ଗୀର ଖୁରମ୍‌ଙ୍କୁ ନିର୍ଦ୍ଦେଶ ଦେଲେ; କିନ୍ତୁ ସେତେବେଳେ ଖୁରମ୍ ପିତାଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ସେ ସମ୍ରାଟଙ୍କ ଆଦେଶ ମାନିଲେ ନାହିଁ । କାନ୍ଦାହାର ଦୁର୍ଗକୁ ୪୫ ଦିନ ଅବରୋଧ କରିବା ପରେ ପାରସିକମାନେ ଏହାକୁ ଅଧିକାର କଲେ । ଅନ୍ୟ ଉପାୟ ନ ଦେଖି ସମ୍ରାଟ କାନ୍ଦାହାର ପୁନଃ ଅଧିକାର କରିବାକୁ ରାଜପୁତ୍ର ପରଭେଜଙ୍କୁ ପଠାଇଲେ; କିନ୍ତୁ ଶାହଜାହାନଙ୍କ ବିଦ୍ରୋହ ଯୋଗୁଁ ପରଭେଜ ଅସଫଳ ହେଲେ ।

ଖୁରମ୍‌ଙ୍କ ବିଦ୍ରୋହ (Rebellion of Khurram)

ନୁରଜାହାନ ସର୍ବାଧିକ ଶକ୍ତିଶାଳୀ ହୋଇ ଜାହାଙ୍ଗୀରଙ୍କ ଅନ୍ତେ ତାଙ୍କର ଜାମାତା ସାହାରିୟାରଙ୍କୁ ସମ୍ରାଟ କରିବା ନିମିତ୍ତ ଉଦ୍ୟମ ଜାରି ରଖିଥିଲେ । ଖୁରମ୍ ଅନୁଭବ କଲେ, ଏହାଦ୍ୱାରା ତାଙ୍କର ସମ୍ରାଟ ହେବାର ସ୍ୱପ୍ନ ଧୂଆଁ ପରି ମିଳାଇଯିବ । ଏହି କାରଣରୁ ଏକଦା ନୁରଜାହାନଙ୍କ ପ୍ରିୟ ରାଜପୁତ୍ର ଖୁରମ୍ ବିଦ୍ରୋହୀ ହୋଇପଡ଼ିଲେ । ବେଣୀପ୍ରସାଦଙ୍କ ଭାଷାରେ, କୌଣସି ସାମ୍ରାଜ୍ୟରେ ନୁରଜାହାନ ଓ ଶାହଜାହାନଙ୍କ ପରି ଦୁଇ ଶକ୍ତିଶାଳୀ ବ୍ୟକ୍ତିଙ୍କର ସ୍ଥାନ ନଥାଏ । ସିଂହାସନ ଲାଭ ପାଇଁ ପିତାଙ୍କ ବିରୋଧରେ ବିଦ୍ରୋହ କରିବାର ପରମ୍ପରା ନିଜେ ଜାହାଙ୍ଗୀର ସୃଷ୍ଟି କରିଥିଲେ । ଖୁରମ୍, ତାଙ୍କର ଦୁଇଭ୍ରାତା- ପରଭେଜ ଓ ସାହାରିୟାରଙ୍କ ମଧ୍ୟରେ ଭ୍ରାତୃପ୍ରେମ ନଥିଲା, ପ୍ରତ୍ୟେକ ସିଂହାସନ ଲାଭ ଆଶାରେ ବ୍ୟଗ୍ର ହୋଇପଡୁଥିଲେ । ରାଜପଣ ଅଭିଲିପ୍ସାରେ କୌଣସି ସମ୍ପର୍କର ସ୍ଥାନ ନଥାଏ ।

ରାଜପୁତ୍ର ଖୁରମ୍‌ଙ୍କୁ ରାଜଧାନୀଠାରୁ ଦୂରରେ ରଖିବା ଉଦ୍ଦେଶ୍ୟରେ ଜାହାଙ୍ଗୀରଙ୍କର ଅନୁମତିକ୍ରମେ ନୁରଜାହାନ ତାଙ୍କୁ ଦାକ୍ଷିଣାତ୍ୟ ପଠାଇଥିଲେ; କିନ୍ତୁ ନୁରଜାହାନଙ୍କ ଉଦ୍ଦେଶ୍ୟ ବୁଝିପାରି ଖୁରମ୍ ବିଦ୍ରୋହ କଲେ । ସେ ଖାନ୍-ଇ-ଖାନାନଙ୍କ ସହିତ ଯୋଗଦେଲେ ଓ ନିଜର ସୈନ୍ୟଦଳ ଧରି ଫତେପୁର ସିକ୍ରୀକୁ ଗମନ କଲେ । ସେଠାରେ ଥିବା ରାଜକୋଷ ଅଧିକାର କରିବା ଥିଲା ତାଙ୍କର ଉଦ୍ଦେଶ୍ୟ; କିନ୍ତୁ ଆଗ୍ରାଠାରେ ନୁରଜାହାନଙ୍କ ପ୍ରଭାବ ଯୋଗୁଁ ସେ ସଫଳ ହେଲେ ନାହିଁ । ତେଣୁ ସେ ଦିଲ୍ଲୀ ଅଗ୍ରସର ହେଲେ । ତାଙ୍କୁ ରାଜପୁତ୍ର ପରଭେଜ ଓ ମହବତ ଖାଁଙ୍କ ଦ୍ୱାରା ପରିଚାଳିତ ଏକ ଶକ୍ତିଶାଳୀ ସୈନ୍ୟଦଳକୁ ସମ୍ମୁଖୀନ ହେବାକୁ ପଡ଼ିଲା । ବିଲୋଛପୁରଠାରେ ୧୬୨୩ ଖ୍ରୀଷ୍ଟାବ୍ଦରେ ଖୁରମ୍ ପରାସ୍ତ ହେଲେ । ଏହାପରେ ସେ ଦାକ୍ଷିଣାତ୍ୟ ଯାତ୍ରା କଲେ । ନୁରଜାହାନଙ୍କ ନିର୍ଦ୍ଦେଶରେ ତାଙ୍କୁ ମହବତ ଖାଁ ଅନୁଧାବନ କଲେ । ଦାକ୍ଷିଣାତ୍ୟରେ ଖୁରମ୍ ଇତସ୍ତତଃ ଭାବରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଳାୟନ କରିଥିଲେ । ସେ ଗୁଜୁରାଟ, ଗୋଲକୁଣ୍ଡା ଓ ବିଜାପୁରଠାରେ ଆଶ୍ରୟ ନେଇପାରିଲେ ନାହିଁ । ତାଙ୍କ ପଶ୍ଚାତ୍‌ରେ ଧାଉଁଥିଲେ ମହବତ ଖାଁଙ୍କ ନେତୃତ୍ୱରେ ସମ୍ରାଟଙ୍କ ସୈନ୍ୟଦଳ । ଖୁରମ୍ ବିହାର ଓ ବଙ୍ଗଳା ଅଧୀନସ୍ଥ କରିପାରିଥିଲେ; କିନ୍ତୁ ଆହ୍ଲାବାଦ ଅଧିକାର କରିବା କାର୍ଯ୍ୟରେ ଅସଫଳ ହେଲେ ।

ପୁନର୍ବାର ଖୁରମ୍ ଓଡ଼ିଶା ଓ ତେଲେଙ୍ଗାନା ଦେଇ ଦାକ୍ଷିଣାତ୍ୟକୁ ଆସିଲେ । ମହବତ ଖାଁଙ୍କ ବିରୁଦ୍ଧରେ ସେ ମାଲିକ୍ ଅମ୍ବରଙ୍କ ସହିତ ଏକ ମେଣ୍ଟ କଲେ । ଅମ୍ବରଙ୍କ ସହାୟତାରେ ଖୁରମ୍ ବରହନପୁର ଦୁର୍ଗ ଅବରୋଧ କଲେ; କିନ୍ତୁ ଏହାକୁ ଅଧିକାର କରିପାରିଲେ ନାହିଁ । ତାଙ୍କୁ ବାଧାଦେବାକୁ ପରଭେଜ ଓ ମହବତ ଖାଁ ସେତେବେଳକୁ ଦାକ୍ଷିଣାତ୍ୟରେ ପୁନଃ ପ୍ରବେଶ କରିସାରିଥିଲେ । ନିଷ୍ଫଳ ଖୁରମ୍ ବାଲାଘାଟର ରୋହନଗଡ଼ଠାରେ ପହଞ୍ଚିଲେ । ସେହିଠାରେ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ ଅନ୍ୟ କିଛି ଉପାୟ ନ ଦେଖି ସେ ପିତାଙ୍କ ପାଖରେ ଆତ୍ମସମର୍ପଣ କଲେ । ଖୁରମ୍‌ଙ୍କୁ ତାଙ୍କର ପୁତ୍ର ଦାରା ଓ ଆଉରଙ୍ଗଜେବଙ୍କୁ ତାଙ୍କର ଉତ୍ତମ ବ୍ୟବହାରର ପଣ ରୂପେ ମୋଗଲ ଦରବାରରେ ରଖିବାକୁ ପଡ଼ିଥିଲା । ତାଙ୍କୁ କ୍ଷମା ମିଳିଥିଲା ଏବଂ ସେ ବାଲାଘାଟର ଶାସନକର୍ତ୍ତା ରୂପେ ଅବସ୍ଥାପିତ ହେଲେ । ଏହିପରି ୧୬୨୬ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା ଖୁରମ୍‌ଙ୍କ ବିଦ୍ରୋହ ।

ମହବତ ଖାଁଙ୍କ ବିଦ୍ରୋହ ୧୬୨୬ (Revolt of Mahabat Khan)

ଜାହାଙ୍ଗୀରଙ୍କ ରାଜତ୍ୱର ଆରମ୍ଭରେ ମହବତ ଖାଁ ଜଣେ ସାମାନ୍ୟ ମନସବଦାର ଥିଲେ; କିନ୍ତୁ ସମ୍ରାଟଙ୍କ ପ୍ରତି ତାଙ୍କର ଉଲ୍ଲେଖନୀୟ ସେବା ଯୋଗୁଁ ସେ ଖୁବ୍ ଶୀଘ୍ର ଉଚ୍ଚସ୍ତରକୁ ଉତ୍ତୀର୍ଣ୍ଣ ହେଲେ । ଖୁରମ୍‌ଙ୍କ ବିଦ୍ରୋହ ଦମନ କରି ସେ ରାଜପୁତ୍ର ପରଭେଜଙ୍କର ଦୃଢ଼

ସମର୍ଥକ ରୂପେ ଉଭା ହେଲେ । ତାଙ୍କର ମନସବ ୪୦,୦୦୦ ଜାଟ ଓ ୩୦,୦୦୦ ସଓ୍ୱାରକୁ ବୃଦ୍ଧି ହେଲା । ମହବତ ଖାଁଙ୍କର ଏପରି ଉତ୍‌ଥାନ ଦେଖି ନୁରଜାହାନ ଆତଙ୍କିତ ଓ ଈର୍ଷାନ୍ୱିତ ହୋଇପଡ଼ିଲେ ଏବଂ ସେ ତାଙ୍କର ଶକ୍ତି ନାଶ କରିବାକୁ ଚାହିଁଲେ । ଆସଫ୍ ଖାଁ ମଧ୍ୟ ଇଚ୍ଛାକଲେ ଯେ ସେ ମହବତ ଖାଁଙ୍କ ଶକ୍ତି ଚୂର୍ଣ୍ଣ କରିବେ, ଯାହା ଫଳରେ ପରଭେଜଙ୍କ ଶକ୍ତି ଦୁର୍ବଳ ହୋଇପଡ଼ିବ ଏବଂ ତାଙ୍କର ଜାମାତା ଖୁରମ୍‌ଙ୍କ ପାଇଁ ରାଜଗାଦି ଅଧିକାର କରିବା ପଥ ସୁଗମ ହେବ ।

ଜାହାଙ୍ଗୀରଙ୍କଠାରୁ ଅନୁମତି ଆଣି ନୁରଜାହାନ ମହବତ ଖାଁଙ୍କୁ ବଙ୍ଗଳାକୁ ସ୍ଥାନାନ୍ତରିତ କଲେ । ତାଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଅଣାଗଲା । ବଙ୍ଗଳା ଓ ବିହାର ଜାଗିରିଦାରମାନଙ୍କଠାରୁ ଆଦାୟ କରିଥିବା ଅର୍ଥର ହିସାବ ତାଙ୍କୁ ମଗାଗଲା ଏବଂ ସେଠାରୁ ଆଣିଥିବା ହସ୍ତୀମାନଙ୍କୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଗଲା । ତତ୍ ସହିତ ମହବତ ଖାଁଙ୍କ ଉପରେ ଆରୋପ ଲଗାଗଲା ଯେ ସେ କାହିଁକି ବିନା ଅନୁମତିରେ ତାଙ୍କ କନ୍ୟାର ବିବାହ ଖ୍ୱାଜା ଉସ୍‌ମାନ ନକଶବନ୍ଦୀଙ୍କ ପୁତ୍ର ସହିତ ଅନୁଷ୍ଠିତ କଲେ । ସେଥିପାଇଁ ତାଙ୍କ ଜାମାତାଙ୍କୁ ମଧ୍ୟ ବନ୍ଦି କରାଗଲା । ଏହାଦ୍ୱାରା ମହବତ ଖାଁ ତାଙ୍କ ଉପରକୁ ଘନେଇ ଆସୁଥିବା ବିପଦକୁ ଅନୁଭବ କରିପାରିଲେ ଏବଂ ଦୃଢ଼ ପଦକ୍ଷେପ ନେବା ପାଇଁ ବଦ୍ଧ ପରିକର ହେଲେ ।

୧୬୨୬ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ସମ୍ରାଟ ଜାହାଙ୍ଗୀର କାଶ୍ମୀରରୁ ପ୍ରତ୍ୟାବର୍ତ୍ତନ କରି କାବୁଲ୍ ଅଭିମୁଖେ ଯାତ୍ରା କରୁଥିଲେ । ତାଙ୍କ ସହିତ ଥିଲେ ନୁରଜାହାନ, ଆସଫ୍ ଖାଁ ଏବଂ ଅନ୍ୟ କେତେଜଣ ସମ୍ଭ୍ରାନ୍ତ । ସେମାନେ ଝେଲମ୍ ନଦୀକୂଳରେ ଶିବିର ପକାଇଥିଲେ । ହଠାତ୍ ମହବତ ଖାଁ ପ୍ରାୟ ୪,୦୦୦ ବିଶ୍ୱସ୍ତ ରାଜପୁତ୍ ସୈନ୍ୟଙ୍କୁ ଧରି ସମ୍ରାଟଙ୍କ ପାଖେ ପହଞ୍ଚିଲେ । ସେତେବେଳକୁ ନୁରଜାହାନ ଓ ଆସଫ୍ ଖାଁ ନଦୀ ପାରିହୋଇ ସାରିଥିଲେ । ମହବତ ଖାଁ ସମ୍ରାଟଙ୍କ ପାଖରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଆଚରଣ ବିରୁଦ୍ଧରେ ଅଭିଯୋଗ କଲେ । ସେତେବେଳକୁ ମହବତ ଖାଁଙ୍କ ଲୋକମାନେ ସମ୍ରାଟଙ୍କୁ ଘେରିଯାଇଥିଲେ । ସମ୍ରାଟଙ୍କୁ ମହବତ ଖାଁଙ୍କ ଶିବିରକୁ ନିଆଯାଇଥିଲା । ସମ୍ରାଟଙ୍କୁ ମୁକ୍ତ କରିବାକୁ ଫେରି ଆସିଥିବା ନୁରଜାହାନ ମଧ୍ୟ ମହବତ ଖାଁଙ୍କ ଦ୍ୱାରା ଅବରୁଦ୍ଧ ହୋଇଥିଲେ । ସିଂହାସନର ଉତ୍ତରାଧିକାରୀ ନିର୍ଦ୍ଧାରଣ କରିବାରେ ମହବତ ଖାଁ ହେଲେ ପ୍ରକୃତ ଶକ୍ତିଶାଳୀ ବ୍ୟକ୍ତି । ସେ ନଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ଅଧିକ କାଳ ପର୍ଯ୍ୟନ୍ତ ସେ ନିଜର କର୍ତ୍ତୃତ୍ୱ ଜାହିର କରିପାରିଲେ ନାହିଁ । ଏହି ସେନାଧ୍ୟକ୍ଷଙ୍କ ବିରୁଦ୍ଧରେ ମହବତଙ୍କ ସମର୍ଥକମାନେ ତାଙ୍କ ନିକଟରୁ ଦୂରେଇଯାଉଥିଲେ । ଜାହାଙ୍ଗୀର ଓ ନୁରଜାହାନ ମହବତ ଚକ୍ରାନ୍ତ କରିବାକୁ ନୁରଜାହାନଙ୍କୁ ସୁଯୋଗ ମିଳିଗଲା । ଜାହାଙ୍ଗୀର ଓ ନୁରଜାହାନ ମହବତ ଖାଁଙ୍କୁ ଠକିଦେଇ ରୋହଟାସ ଚାଲିଆସିଲେ, ଯେଉଁଠାରେ ସମ୍ରାଟଙ୍କ ଲୋକମାନେ ଏକ

ବିଶାଳ ସୈନ୍ୟବାହିନୀ ସଂଗ୍ରହ କରିଥିଲେ । ଏହି ଘଟଣାରେ ଭୟଭୀତ ହୋଇ ଆସଫ୍ ଖାଁ ଓ ଅନ୍ୟ କେତେଜଣଙ୍କୁ ନେଇ ମହବତ ଖାଁ ଲାହୋର ପଳାୟନ କଲେ । ତାଙ୍କର ଏକଶତ ଦିନର ରାଜତ୍ୱ ଶେଷ ହେଲା ।

ନୁରଜାହାନଙ୍କ ଲୋକମାନେ ମହବତଙ୍କ ଅନୁଧାବନ କଲେ । ସେ ବାଧ୍ୟ ହୋଇ ଆସଫ୍ ଖାଁ ଓ ଅନ୍ୟମାନଙ୍କୁ ମୁକ୍ତ କରି ବିନା ସର୍ତ୍ତରେ ସମ୍ରାଟଙ୍କର ଶରଣ ପଶିଲେ । ଜାହାଙ୍ଗୀର ମଧ୍ୟ ତାଙ୍କୁ କ୍ଷମାଦେଇ ଥାଟ୍ଟା (Thatta) ପ୍ରେରଣ କଲେ, ଯେଉଁ ଅଞ୍ଚଳ ରାଜପୁତ୍ର ଖୁରମ୍‌ଙ୍କ ଦ୍ୱାରା ଅବରୋଧ କରାଯାଇଥିଲା । ମହବତ ଖାଁ ଖୁରମ୍‌ଙ୍କ ସହିତ ହାତ ମିଳାଇଥିଲେ ଓ ଦାକ୍ଷିଣାତ୍ୟରେ ଖୁରମ୍‌ଙ୍କ ଶକ୍ତିକୁ ଦୃଢ଼ୀଭୂତ କଲେ । ୧୬୨୬ ଖ୍ରୀଷ୍ଟାବ୍ଦରେ ପରଭେଜଙ୍କ ମୃତ୍ୟୁ ହେଲା । ଏହି ଦୁହିଁଙ୍କ ବିପକ୍ଷରେ କିଛି ପଦକ୍ଷେପ ନେବା ପୂର୍ବରୁ ଅକ୍ଟୋବର ୨୮ ତାରିଖ ୧୬୨୭ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀରଙ୍କର ମୃତ୍ୟୁ ହେଲା । ତାଙ୍କର ଶବକୁ ରାବୀନଦୀ କୂଳରେ ଅବସ୍ଥିତ ଶାହଦାରଠାରେ ଏକ ସୁନ୍ଦର ସମାଧିରେ ଆବଦ୍ଧ କରାଗଲା ।

ଜାହାଙ୍ଗୀରଙ୍କ ମୂଲ୍ୟାୟନ (An Estimate of Jahangir)

ଭାରତ ଇତିହାସରେ ଜାହାଙ୍ଗୀରଙ୍କ ପରି ବିଚିତ୍ର ବ୍ୟକ୍ତିତ୍ୱ କ୍ୱଚିତ୍ ଦେଖାଯା'ନ୍ତି । ପାଶ୍ଚାତ୍ୟ ଐତିହାସିକମାନେ ଜାହାଙ୍ଗୀରଙ୍କୁ ଜଣେ ବିଳାସୀ ଓ ଅପାରଗ ଶାସକ ରୂପେ ଅଭିହିତ କଲାବେଳେ ଭାରତୀୟ ଐତିହାସିକମାନେ ତାଙ୍କୁ ଜଣେ ପ୍ରକୃତ ଓ ବିଜ୍ଞ ଶାସକ ରୂପେ ପ୍ରଶଂସା କରନ୍ତି । ଭି.ଏ. ସ୍ମିଥ୍ ଲେଖିଛନ୍ତି, "ସେ ଥିଲେ ଦୟା ଓ ନିଷ୍ଠୁରତା, ନ୍ୟାୟ ଓ ଖିଆଲ, ସୂକ୍ଷ୍ମତା ଓ ପାଶବିକତା, ଉତ୍ତମବୋଧତା ଓ ଶିଶୁ ସୁଲଭତାର ଏକ ବିଚିତ୍ର ସମାହାର ।" ଟେରି ତାଙ୍କ ବିଷୟରେ ଲେଖିଛନ୍ତି, "ସେହି ରାଜାଙ୍କର ମିଜାଜକୁ ନେଇ ଏହା ମୋର ସର୍ବଦା ମନେହୁଏ ଯେ ତାଙ୍କଠାରେ ଥିଲା ଦୁଇଟି ବିରୋଧୀ ଗୁଣ, ଯେହେତୁ କେତେବେଳେ ସେ ଥିଲେ ନିଷ୍ଠୁର ଏବଂ ଅନ୍ୟ ସମୟରେ ଖୁବ୍ କୋମଳ ଓ ଭଦ୍ର ।" ବେଭେରିଜ୍ ମନ୍ତବ୍ୟ ଦେଇଛନ୍ତି, "ଏହିଲୋକ ଯିଏ ଲୋକମାନଙ୍କର ଜୀବନ୍ତ ଦଗ୍ଧ ସ୍ଥଳରେ ଠିଆ ହୋଇପାରୁଥିଲେ ଓ ଦେଖିପାରୁଥିଲେ... ସେ ମଧ୍ୟ ହୋଇପାରୁଥିଲେ ନ୍ୟାୟର ଉପାସକ ଏବଂ ତାଙ୍କର ଗୁରୁବାର ସନ୍ଧ୍ୟାଗୁଡ଼ିକ ମହାନ୍ ବାକ୍ୟାଳାପରେ କଟୁଥିଲା ।"

ଜାହାଙ୍ଗୀରଙ୍କର ମାନବିକତା ଓ ଉଦାରତା ଥିଲା ଉଚ୍ଚକୋଟୀର । ପିତାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ମଧ୍ୟ ସେ ଥିଲେ ତାଙ୍କ ପ୍ରତି ଖୁବ ବିଶ୍ୱସ୍ତ । ପିତା ରୂପେ ସେ ସନ୍ତାନମାନଙ୍କୁ ଖୁବ୍ ସ୍ନେହ କରୁଥିଲେ । ନୁରଜାହାନଙ୍କୁ ସାମ୍ରାଜ୍ୟର ଶାସନଭାର ପ୍ରତ୍ୟର୍ପଣ

କରିବାରେ ସେ ସମାଲୋଚିତ ହୋଇଛନ୍ତି; କିନ୍ତୁ ସେ ଏହା କରିଛନ୍ତି ଯେତେବେଳେ ସେ ଅତିଶୟ ଦୁର୍ବଳ ହୋଇପଡ଼ିଲେ ଏବଂ ଶାସନ ସମ୍ବନ୍ଧୀୟ ପ୍ରତ୍ୟେକ କଥା ବୁଝିବା ପାଇଁ ଅକ୍ଷମ ହେଲେ । ଅତ୍ୟଧିକ ଅଫିମ ଖାଇବା ଫଳରେ ତାଙ୍କର ମାନସିକ ଶକ୍ତି ହ୍ରାସ ହେଉଥିଲା ।

ଜାହାଙ୍ଗୀର ଥିଲେ ଉଚ୍ଚଶିକ୍ଷିତ, ସଂସ୍କୃତ ଓ ସଭ୍ୟ । ତାଙ୍କର ପାରସିକ ଓ ତୁର୍କ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା । ସେ ବିଭିନ୍ନ ଅସ୍ତ୍ରଚାଳନା ଶିକ୍ଷା କରିଥିଲେ । ସେ ଉତ୍ତମ ଅଶ୍ୱଚଢ଼ାଳି ଥିଲେ । ତାଙ୍କର ତୁଜୁକ (Tuzuk) ବା ଆତ୍ମକଥା ତାଙ୍କ ରାଜତ୍ୱର ଇତିହାସ ଧରି ରଖିଅଛି । ସେ ଥିଲେ ପ୍ରକୃତିର ପୂଜାରୀ । ଜଳବାୟୁ ଓ ପକ୍ଷୀମାନଙ୍କ ଉପରେ ଜାଣିବା ତାଙ୍କର ନିଶା ଥିଲା । ଉଦ୍ୟାନ ବିଦ୍ୟା ପ୍ରତି ତାଙ୍କର ଗଭୀର ଉତ୍ସାହ ଥିଲା । ଲାହୋରସ୍ଥିତ ଦିଲଖୁସ୍ ଉଦ୍ୟାନ, କାଶ୍ମୀରର ନିଶାତ୍ ଓ ଶାଲିମାର ଉଦ୍ୟାନ, ଉଦୟପୁରସ୍ଥିତ ଉଦ୍ୟାନ ନିର୍ମାଣ କରି ଜାହାଙ୍ଗୀର ଖ୍ୟାତିଲାଭ କରିଛନ୍ତି । ଜାହାଙ୍ଗୀର ସଙ୍ଗୀତ, ସ୍ଥାପତ୍ୟ ଓ ଚିତ୍ରକଳାକୁ ଖୁବ୍ ଆଦର କରୁଥିଲେ । ସେ ନିଜେ ଥିଲେ ଜଣେ ଦକ୍ଷ ଚିତ୍ରକର । ଆଗ୍ରାରେ ସିକନ୍ଦରାଠାରେ ସେ ଆକବରଙ୍କ ସମାଧି ସ୍ତମ୍ଭ ନିର୍ମାଣ କରିଥିଲେ । ନୁରଜାହାନଙ୍କ ପିତା ଇତିମାଦ ଉଦ୍ଦୌଲାଙ୍କ ସମାଧି ତାଙ୍କ ସମୟର ଏକ ଅକ୍ଷୟ କୀର୍ତ୍ତି ।

ଜାହାଙ୍ଗୀରଙ୍କ ଧର୍ମ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତ କରାଯାଇନାହିଁ । ଭି.ଏ. ସ୍ମିଥ୍ କହିଛନ୍ତି, ଜାହାଙ୍ଗୀରଙ୍କର କେଉଁ ଧର୍ମମତ ଥିଲା- ତାହା ବୁଝିବା ଖୁବ୍ କଷ୍ଟକର । ଇଂରେଜ ଦୂତ ଟମାସ୍‌ରୋ ତାଙ୍କୁ ନାସ୍ତିକ ବୋଲି କହିଛନ୍ତି । ଅବଶ୍ୟ ଏପରି ମନ୍ତବ୍ୟ ତ୍ରୁଟିପୂର୍ଣ୍ଣ । କାରଣ ଈଶ୍ୱରଙ୍କ ପ୍ରତି ତାଙ୍କର ବିଶ୍ୱାସ ଥିଲା । କେତେକ ମୁସଲିମ୍ ବିଦ୍ୱାନ୍ ତାଙ୍କୁ ଖ୍ରୀଷ୍ଟଧର୍ମର ଅନୁଗାମୀ ବୋଲି ନିନ୍ଦା କରିଛନ୍ତି । ବାସ୍ତବିକ ତାଙ୍କର ମୁସଲିମ୍, ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ଆଦି ସମସ୍ତ ଧର୍ମ ପ୍ରତି ଉଦାରତା ଥିଲା । ଧର୍ମଗତ କାରଣରୁ ସେ ଗୁରୁ ଅର୍ଜୁନଙ୍କୁ ହତ୍ୟା କରିନଥିଲେ । କୌଣସି ନିର୍ଦ୍ଦିଷ୍ଟ ଧର୍ମମତର ସିଦ୍ଧାନ୍ତ ତାଙ୍କୁ ସନ୍ତୁଷ୍ଟ କରିପାରୁ ନଥିଲା । ସମ୍ଭବତଃ ସେ ଏକେଶ୍ୱରବାଦୀ ଥିଲେ ।

ଜଣେ ଦକ୍ଷ ସେନାପତି ରୂପେ ଜାହାଙ୍ଗୀର ନିଜକୁ ପ୍ରମାଣିତ କରିପାରି ନାହାନ୍ତି । ଶାହଜାହାନଙ୍କ ଯୋଗୁଁ କେବଳ ତାଙ୍କର ରାଜ୍ୟଜୟ ସମ୍ଭବ ହୋଇପାରିଥିଲା । ମେବାର ଓ କାଙ୍ଗ୍ରା ବିଜୟ ତାଙ୍କୁ ଗୌରବ-ବିମଣ୍ଡିତ କରିଥିଲା । କାରଣ ଏ ଅଞ୍ଚଳଦ୍ୱୟ ଆକବରଙ୍କ ସମୟରେ ଜୟ କରାଯାଇନଥିଲା । ଶାସକ ହିସାବରେ ଜାହାଙ୍ଗୀର ଖୁବ୍ ଉଦାର ଥିଲେ; କିନ୍ତୁ ସେ ଜଣେ ଦକ୍ଷ ପ୍ରଶାସକ ନଥିଲେ । ପ୍ରଜାମାନଙ୍କ ହିତ ପାଇଁ ସେ ସର୍ବଦା ଦୃଷ୍ଟି ଦେଉଥିଲେ । ବେଣୀପ୍ରସାଦ ଲେଖିଛନ୍ତି, ଜାହାଙ୍ଗୀରଙ୍କ ଶାସନ ସାମ୍ରାଜ୍ୟର ଶାନ୍ତି ଓ ସମୃଦ୍ଧି ଦିଗରେ

ସଫଳତା ହାସଲ କରିଥିଲା । ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ସେ ଥିଲେ ଅଧିକତମ ନ୍ୟାୟବାନ୍ । ସେ ଲେଖିଛନ୍ତି, ''ନ୍ୟାୟ ଶିକୁଳି ବାନ୍ଧିବା ମୋର ପ୍ରଥମ ଆଦେଶ ଥିଲା ।'' ବିଚାର କ୍ଷେତ୍ରରେ ସେ ନିରପେକ୍ଷତା ଅବଲମ୍ବନ କରିଥିଲେ । ସେ ଚାହିଁଲେ କେବଳ ମୃତ୍ୟୁଦଣ୍ଡ ଦିଆଯାଉଥିଲା, ଅନ୍ୟ କୌଣସି ବିଚାରକ ନୁହଁ ।

ହୁଏତ ଜାହାଙ୍ଗୀରଙ୍କ ଚରିତ୍ରରେ କିଛି ତ୍ରୁଟି ରହିଥିଲା । କୁହାଯାଏ ମଦ୍ୟ ଓ ନାରୀ ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା; କିନ୍ତୁ ନୁରଜାହାନଙ୍କ ପ୍ରତି ତାଙ୍କଠାରେ ଅଗାଧ ପ୍ରେମ ଥିଲା । ମାନବାଈଙ୍କ ମୃତ୍ୟୁରେ ସେ ଶୋକାତୁର ହୋଇ କେତେଦିନ ଖାଦ୍ୟ ଓ ଜଳ ସ୍ପର୍ଶ କରିନଥିଲେ । ସେ ମଦ୍ୟପାନ କରୁଥିଲେ; କିନ୍ତୁ ଦୀର୍ଘ ୧୭ ବର୍ଷ ପରେ ଏହାର କୁ-ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା, ଯେତେବେଳେ ସେ ତାଙ୍କର ଆତ୍ମଚରିତ ଲେଖା ବନ୍ଦ କରିଦେଲେ ।

ଏହିପରି ଜାହାଙ୍ଗୀରଙ୍କ ବ୍ୟକ୍ତିତ୍ୱ ଥିଲା ସୁଗୁଣ ଓ ଦୁର୍ଗୁଣର ମିଶ୍ରଣ । ସମ୍ରାଟଙ୍କ ସର୍ବଶେଷ ଜୀବନ ଚରିତ ଲେଖକଙ୍କ ମତରେ, ''ପରିବାର ପ୍ରତି ଅକୁଣ୍ଠ ସ୍ନେହ ଏବଂ ସମସ୍ତଙ୍କ ପ୍ରତି ଅବାଧିତ ବଦାନ୍ୟତା ଏବଂ ଅତ୍ୟାଚାର ପ୍ରତି ପ୍ରଜ୍ୱଳିତ ଘୃଣା ଏବଂ ନ୍ୟାୟ ପ୍ରତି ପ୍ରଗାଢ଼ ଅନୁରାଗ ସହିତ ସେ ଜଣେ ବିଜ୍ଞ ଓ ଦୟାଳୁ ବ୍ୟକ୍ତି ଥିଲେ । ରାଜପୁତ୍ର ଓ ସମ୍ରାଟ ଭାବରେ ସେ ଜୀବନରେ ପ୍ରତାରିତ ହୋଇଛନ୍ତି; କିନ୍ତୁ ସମ୍ପୂର୍ଣ୍ଣ ଭାବରେ ମାନବୀୟ ଧର୍ମ, ଶିଷ୍ଟାଚାର ଏବଂ ଖୋଲା ହୃଦୟ ପାଇଁ ସେ ଥିଲେ ଅସାଧାରଣ ।''

•

ଷଷ୍ଠ ଅଧ୍ୟାୟ

ଶାହଜାହାନ
(Shah Jahan)

(ଦାକ୍ଷିଣାତ୍ୟ ନୀତି, ଉତ୍ତର-ପଶ୍ଚିମ ନୀତି, ମଧ୍ୟ ଏସିଆ ନୀତି, କଳା ଓ ସ୍ଥାପତ୍ୟର ବିକାଶ)
(Deccan Policy, North-West Policy, Central Asian Policy, Development of Art and Architecture)

ବାଲ୍ୟ ଜୀବନ (Early Life)

ସମ୍ରାଟ ଜାହାଙ୍ଗୀରଙ୍କର ତୃତୀୟ ପୁତ୍ର ହେଉଛନ୍ତି ଶାହଜାହାନ । ୧୫୯୨ ଖ୍ରୀଷ୍ଟାବ୍ଦ ଜାନୁଆରୀ ୫ ତାରିଖ ଦିନ ଉଦୟ ସିଂହଙ୍କ କନ୍ୟା ଜଗତ ଗୋସାଇଁ (Jagat Gosain)ଙ୍କ ଠାରୁ ସେ ଜନ୍ମଲାଭ କରିଥିଲେ । ତାଙ୍କ ପିଲାଦିନର ନାମ ଥିଲା ଖୁରମ୍ । ଜାହାଙ୍ଗୀରଙ୍କ ପୁତ୍ରମାନଙ୍କ ମଧ୍ୟରୁ ଖୁରମ୍‌ଙ୍କୁ ଶ୍ରେଷ୍ଠ ବୋଲି ବିବେଚନା କରାଯାଉଥିବାରୁ ସେ ଆକବରଙ୍କର ଖୁବ୍ ପ୍ରିୟ ଥିଲେ । ତାଙ୍କର ଯେ ଭବିଷ୍ୟତ ଖୁବ୍ ଗୌରବମୟ ହେବ, ଏକଥା ପିଲାଦିନରୁ ଜଣାପଡୁଥିଲା । ଖୁରମ୍‌ଙ୍କ ଲାଳନପାଳନ ଦାୟିତ୍ୱରେ ଥିଲେ ଆକବରଙ୍କର ନିଃସନ୍ତାନ ସ୍ତ୍ରୀ ମାନବେଗମ୍ । ତାଙ୍କର ବାଲ୍ୟଶିକ୍ଷା ଉପରେ ଖୁବ୍ ଧ୍ୟାନ ଦିଆଯାଇଥିଲା । ପାରସିକ ଓ ହିନ୍ଦୀ ସାହିତ୍ୟରେ ସେ ଶିକ୍ଷାଲାଭ କଲେ । ଇତିହାସ, ରାଜନୀତି ବିଜ୍ଞାନ, ଧର୍ମତତ୍ତ୍ୱ, ଭୂଗୋଳ ଆଦି ବିଷୟରେ ଖୁରମ୍ ଜ୍ଞାନ ହାସଲ କରିଥିଲେ । ତୁର୍କୀ ଭାଷାରେ ତାଙ୍କର ଦଖଲ ନଥିଲା । ସେ ଅଶ୍ୱାରୋହଣ, ଖଣ୍ଡାଚାଳନା ଓ ତୀରବିନ୍ଧାରେ ଖୁବ୍ ପାରଦର୍ଶିତା ଲାଭ କରିଥିଲେ । ତତ୍ ସହିତ ସୈନ୍ୟ ସଙ୍ଗଠନ ଓ ଯୁଦ୍ଧ କୌଶଳ ମଧ୍ୟ ସେ ଶିକ୍ଷାଲାଭ କଲେ । ଅନ୍ୟ ରାଜପୁତ୍ରମାନେ ମଦ୍ୟପାନ କରୁଥିବାବେଳେ ଖୁରମ୍ ଏ କାର୍ଯ୍ୟରୁ ନିଜକୁ ନିବୃତ୍ତ ରଖିଥିଲେ । ଯେହେତୁ ଖୁସ୍ରୁ ସମ୍ରାଟଙ୍କ ଅନୁଗ୍ରହରୁ ବଞ୍ଚିତ ହୋଇଥିଲେ ଏବଂ ପରଭେଜ ଥିଲେ ନିର୍ବୋଧ, ତେଣୁ ହିନ୍ଦୁସ୍ତାନର ଭବିଷ୍ୟତ ସମ୍ରାଟ ରୂପେ ଖୁରମ୍‌ଙ୍କଠାରେ ଆଶା ଥିଲା । ୧୬୧୨ ଖ୍ରୀଷ୍ଟାବ୍ଦରେ ଆସଫ୍ ଖାଁଙ୍କ କନ୍ୟା ଅର୍ଜୁମନ୍ଦବାନୁ ବେଗମଙ୍କୁ ଖୁରମ୍ ବିବାହ କରିଥିଲେ, ଯିଏ ମମତାଜ ମହଲ

ବା ତାଙ୍କର ପ୍ରଣୟିନୀ ରୂପେ ଖ୍ୟାତ । ତାଙ୍କର ଉଚ୍ଚାଭିଳାଷକୁ ସଫଳ କରିବା ପାଇଁ ନୁରଜାହାନ ଖୁରମ୍‌ଙ୍କ ସହିତ ଏକ ମେଣ୍ଟ ବାନ୍ଧିଥିଲେ । ଖୁରମ୍‌ଙ୍କୁ ସମ୍ରାଟ ୩୦,୦୦୦ ଜାଟ ଓ ୨୦,୦୦୦ ସୱାର ମନସବଦାର ପଦ ପ୍ରଦାନ କରିଥିଲେ ।

ଜାହାଙ୍ଗୀରଙ୍କର ଗୁରୁତ୍ୱପୂର୍ଣ୍ଣ ରାଜ୍ୟଜୟ ଖୁରମ୍‌ଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା । ମେବାରର ରାଣା ଅମର ସିଂହ ମୋଗଲମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ଖୁରମ୍‌ଙ୍କୁ ଦାକ୍ଷିଣାତ୍ୟର ଶାସନକର୍ତ୍ତା ରୂପେ ନିଯୁକ୍ତ କରାଗଲା । ମୋଗଲମାନଙ୍କୁ ବାଲାଘାଟ ଅଞ୍ଚଳ ଫେରାଇବା ଓ ଅହମଦନଗର ପ୍ରତ୍ୟର୍ପଣ କରିବାରେ ଖୁରମ୍ ସଫଳତାର ସହିତ ମାଲିକ୍ ଅମ୍ବରଙ୍କ ସହିତ ଏକ ସନ୍ଧି ସ୍ୱାକ୍ଷର କରିଥିଲେ । ଖୁରମ୍‌ଙ୍କ ସାମରିକ ପ୍ରତିଭା ଦେଖି ଜାହାଙ୍ଗୀର ତାଙ୍କୁ ଶାହଜାହାନ ବା ବିଶ୍ୱବିଜୟୀ ପଦରେ ବିଭୂଷିତ କଲେ । ଗୁଜୁରାଟ ପ୍ରଦେଶ ମଧ୍ୟ ତାଙ୍କ ଦାୟିତ୍ୱରେ ରହିଥିଲା ।

ନୁରଜାହାନ ଚାହୁଁଥିଲେ ତାଙ୍କର ଜାମାତା ସାହାରିୟାର ଜାହାଙ୍ଗୀରଙ୍କର ଉତ୍ତରାଧିକାରୀ ହୁଅନ୍ତୁ । ଖୁରମ୍‌ଙ୍କ ପ୍ରତି ସେ ଈର୍ଷାନ୍ୱିତ ହୋଇପଡ଼ିଥିଲେ । ଏହା ଖୁରମ୍‌ଙ୍କୁ ପିତାଙ୍କ ବିରୁଦ୍ଧରେ ପ୍ରକାଶ୍ୟ ବିଦ୍ରୋହ କରିବାକୁ ଟାଣିନେଇଥିଲା । ସମ୍ରାଟଙ୍କ ସୈନ୍ୟବାହିନୀକୁ ପ୍ରତିହତ କରିନପାରି ସେ ସ୍ଥାନରୁ ସ୍ଥାନକୁ ଘୂରି ବୁଲିଲେ । ୧୬୨୬ ଖ୍ରୀଷ୍ଟାବ୍ଦରେ ସେ ପିତାଙ୍କ ପାଖରେ ଆତ୍ମ ସମର୍ପଣ କଲେ । ୧୬୨୭ ଅକ୍ଟୋବର ମାସରେ ସମ୍ରାଟ ଜାହାଙ୍ଗୀରଙ୍କର ମୃତ୍ୟୁ ହେଲା ।

ତାଙ୍କର ସିଂହାସନ ଆରୋହଣ, ୧୬୨୮ (His Accession)

ଜାହାଙ୍ଗୀରଙ୍କ ମୃତ୍ୟୁ ପରେ କିଛି ସମୟ ପାଇଁ ରାଜଗାଦି ଆଶାୟୀ ଖୁରମ୍ ଓ ସାହାରିୟାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା । ନୁରଜାହାନ ସାହାରିୟାରଙ୍କୁ ସମ୍ରାଟ ହେବା ପାଇଁ ଚାହୁଁଥିବାବେଳେ ଆସଫ୍ ଖାଁ ଶାହଜାହାନଙ୍କ ପଶ୍ଚାତ୍‌ରେ ଦୃଢ଼ ରୂପେ ଦଣ୍ଡାୟମାନ ହେଲେ । ଦେଶ ଗୃହଯୁଦ୍ଧ ଆଡ଼କୁ ମୁହାଁଇଲା । ସେତେବେଳକୁ ଖୁସ୍ରୁ ଓ ପରଭେଜଙ୍କର ମୃତ୍ୟୁ ହୋଇସାରିଥିଲା ଏବଂ ଶାହଜାହାନ ଦାକ୍ଷିଣାତ୍ୟରେ ଓ ସାହାରିୟାର ଲାହୋରଠାରେ ଅବସ୍ଥାନ କରୁଥିଲେ । ନୁରଜାହାନଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ସାହାରିୟାର ଲାହୋରଠାରେ ନିଜକୁ ସମ୍ରାଟ ବୋଲି ଘୋଷଣା କଲେ । ଦାକ୍ଷିଣାତ୍ୟରୁ ଶାହଜାହାନଙ୍କ ପ୍ରତ୍ୟାବର୍ତ୍ତନକୁ କିଛି ସମୟ ପାଇଁ ବନ୍ଦ ରଖି ଆସଫ୍ ଖାଁ ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ରାଜଗାଦି ଶୂନ୍ୟ ନ ରଖି ଦାୱର ବଖଶ (Dawar Bakhsh)ଙ୍କୁ ସମ୍ରାଟ ରୂପେ ଅଭିଷିକ୍ତ କରିଥିଲେ ।

ସେତେବେଳକୁ ସାହାରିୟାର ଏକ ବିଶାଳ ସୈନ୍ୟବାହିନୀ ଗଠନ କରିସାରିଥିଲେ । ଲାହୋର ନିକଟରେ ଶାହଜାହାନଙ୍କ ତରଫରୁ ଆସଫ୍ ଖାଁଙ୍କ ସହିତ ତାଙ୍କୁ ଏକ ସଂଗ୍ରାମ

କରିବାକୁ ପଡ଼ିଥିଲା । ସାହାରିୟାର ପରାଜିତ ହେଲେ, ତାଙ୍କୁ ବନ୍ଦୀ ଓ ଅନ୍ଧ କରିଦିଆଗଲା । ୧୬୨୮ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ମାସରେ ଶାହଜାହାନ ଆଗ୍ରାକୁ ଫେରିଲେ । ଖୁବ୍ ଜାକଜମକରେ ତାଙ୍କର ଅଭିଷେକ ଉତ୍ସବ ପାଳନ କରାଗଲା । ସେ 'ଦ୍ୱିତୀୟ ଆବୁଲ ମୁଜାଫର ଶିହାବଉଦ୍ଦୀନ ମହମ୍ମଦ ସାହିବ୍-ଇ-କିରାନ, ଶାହଜାହାନ ପାଦଶାଘାଜି' ଉପାଧି ଧାରଣ କଲେ । ତାଙ୍କ ନାମରେ ଖୁତ୍‌ବା ପାଠ କରାଗଲା ଓ ମୁଦ୍ରା ଅଙ୍କିତ ହେଲା । ଦାୱର ବଖଶଙ୍କୁ ବନ୍ଦୀ କରାଗଲା ଏବଂ ପରେ ତାଙ୍କୁ ପାରସ୍ୟ ପଠାଇ ଦିଆଗଲା, ସେଠାରେ ସେ ଶାହାଙ୍କ ଅଧୀନରେ ପେନ୍‌ସନ୍ ପାଇ ଚଳିଲେ । ସାହାରିୟାରଙ୍କୁ ହତ୍ୟା କରାଗଲା । ଏହିପରି ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପୃଥିବୀରୁ ବିଦାୟ କରିଦିଆଗଲା । ସମ୍ମାନର ସହିତ ରାଜନୀତିରୁ ଓହରିଯିବାକୁ ନୁରଜାହାନଙ୍କୁ କୁହାଗଲା । ସେ ଲାହୋରଠାରେ ବାସ କଲେ । ୧୬୪୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା, ସେହି ସମୟ ପର୍ଯ୍ୟନ୍ତ ନୁରଜାହାନ ଜନସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ଶାହଜାହାନ ପିତାମହଙ୍କ ନାମରେ ଆଗ୍ରାର ନାମ ରଖିଲେ 'ଆକବରାବାଦ' । ଆସଫ୍ ଖାଁଙ୍କୁ ଓ୍ୱାଜିର ଆସନ ମିଳିଲା, ତାଙ୍କର ମନସବ ୮,୦୦୦ ଜାଟ ଓ ୮,୦୦୦ ସୱାରକୁ ଉତ୍ତୀର୍ଣ୍ଣ କରାଗଲା । ମହବତ ଖାଁ ୭,୦୦୦ ଜାଟ ଓ ୭,୦୦୦ ସୱାର ମନସବ ପଦ ପାଇଥିଲେ । ସେ ହେଲେ ଆଜମୀରର ଶାସକ । ମୋଗଲ ରାଜବଂଶରେ ଏକ ନୂତନ ଯୁଗ ଆରମ୍ଭ ହେଲା ।

ବୁନ୍ଦେଲା ବିଦ୍ରୋହ, ୧୬୨୮-୧୬୨୯ ଏବଂ ୧୬୩୫-୧୬୩୬ (Bundela Rebellions)

ବୀରସିଂହ ବୁନ୍ଦେଲାଙ୍କ ପୁତ୍ର ଜୁଝାର ସିଂହ ଶାହଜାହାନଙ୍କୁ ପ୍ରଥମେ ବିଦ୍ରୋହର ପ୍ରତିଧ୍ୱନି ଶୁଣାଇଥିଲେ । ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ଅନୁଗ୍ରହ ପାଇ ସେ ଉଚ୍ଚପଦରେ ଗୌରବ ଲାଭ କରିଥିଲେ । ଜୁଝାର ସିଂହ ମୋଗଲ ଦରବାରରେ ଅବସ୍ଥାନ କରୁଥିବା ସମୟରେ ତାଙ୍କର ପୁତ୍ର ବିକ୍ରମଜିତ୍ ସିଂହ ବୁନ୍ଦେଲାଖଣ୍ଡର ଶାସନ ଦାୟିତ୍ୱରେ ଥିଲେ । ସେ ଥିଲେ ଖୁବ୍ ଅତ୍ୟାଚାରୀ । ଲୋଭର ବଶବର୍ତ୍ତୀ ହୋଇ ସେ ଅଧିକ ରାଜସ୍ୱ ଆଦାୟ କଲେ । ନୂଆ ସମ୍ରାଟ ଶାହଜାହାନ ପୂର୍ବରୁ ଆଦାୟ ହୋଇଥିବା ରାଜସ୍ୱର ହିସାବ ଜାଣିବାକୁ ଚାହିଁଥିଲେ । ଏଥିରେ ବିଚଳିତ ହୋଇ ମୋଗଲ ଦରବାରରୁ ଜୁଝାର ସିଂହ ଓର୍ଚ୍ଛା ପଳାଇଆସିଲେ ଓ ନିଜକୁ ସ୍ୱାଧୀନ କରିବା ନିମନ୍ତେ ପ୍ରସ୍ତୁତ ହେଲେ । ଶାହଜାହାନ ହଠାତ୍ ରାଜାଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଲେନାହିଁ ।

ଯେତେବେଳେ ସୀମା ବିବାଦ ତୁଟିଗଲା, ବୁନ୍ଦେଲଖଣ୍ଡର ବିଦ୍ରୋହ ଦମନ କରିବାକୁ ଶାହଜାହାନ ମହବତ ଖାଁଙ୍କୁ ଆଦେଶ ଦେଲେ । ଅବଦୁଲ୍ଲା ଖାଁ ଓ ଖାନ୍‌ଜାହାନ ସେମାନଙ୍କ

ସୈନ୍ୟଦଳ ଧରି ମହବତ ଖାଁଙ୍କୁ ସାହାଯ୍ୟ କରିଥିଲେ । ମୋଗଲମାନଙ୍କୁ ସାହାଯ୍ୟ କରିବା ପାଇଁ ବୁନ୍ଦେଲଖଣ୍ଡର ସମୃଦ୍ଧି ପ୍ରତି ହିଂସା କରୁଥିବା ରାଜା ଭରତ ସିଂହଙ୍କୁ କୁହାଗଲା । ନିଜେ ଶାହଜାହାନ ମଧ୍ୟ ଗ୍ୱାଲିଅର ଯାତ୍ରାକରି ବୁନ୍ଦେଲାମାନଙ୍କ ଉପରେ ଚାପ ପ୍ରୟୋଗ କଲେ । ପ୍ରତ୍ୟେକ ଦିଗରୁ ଶତ୍ରୁମାନଙ୍କ ଆଗମନ ଦେଖି ହତାଶ ହୋଇ ଜୁଝାର ସିଂହ ଆତ୍ମ ସମର୍ପଣ କଲେ । ତାଙ୍କ ଜାଗିରିର କିଛି ଅଂଶ ସେ ଶାହଜାହାନଙ୍କୁ ଅର୍ପଣ କଲେ । ଜୁଝାର ମଧ୍ୟ ପାଞ୍ଚବର୍ଷ ଦାକ୍ଷିଣାତ୍ୟରେ ରହି ମୋଗଲମାନଙ୍କ ପାଇଁ ବିଶ୍ୱସ୍ତର ସହିତ କାର୍ଯ୍ୟ କରିଥିଲେ ।

୧୬୩୫-୩୬ ଖ୍ରୀଷ୍ଟାବ୍ଦରେ ଜୁଝାର ସିଂହ ପୁନର୍ବାର ବିଦ୍ରୋହୀ ହୋଇପଡ଼ିଲେ । ୧୬୩୪ ଖ୍ରୀଷ୍ଟାବ୍ଦରେ ସେ ଓର୍ଚ୍ଛା ଆସିଥିଲେ । ସେ ଚାହିଁଲେ ଗଣ୍ଡୱାନା ଅଧିକାର କରିବେ । ୧୬୩୫ ଖ୍ରୀଷ୍ଟାବ୍ଦରେ ସେ ଚୂନାର ଦୁର୍ଗ ଅବରୋଧ କଲେ ଏବଂ ଶଠତାର ଆଶ୍ରୟ ନେଇ ସେ ତାହାର ରାଜା ପ୍ରେମ ନାରାୟଣଙ୍କୁ ହତ୍ୟା କରିଥିଲେ । ପ୍ରେମ ନାରାୟଣଙ୍କ ପୁତ୍ର ଜୁଝାର ସିଂହଙ୍କ ବିରୋଧରେ ଶାହଜାହାନଙ୍କ ପାଖେ ଅଭିଯୋଗ କଲେ; କିନ୍ତୁ ଶାହଜାହାନ ତାଙ୍କ କଥା ବିଚାର କଲେନାହିଁ; ବରଂ ଗଣ୍ଡୱାନା ଅଞ୍ଚଳ ତାଙ୍କୁ ଅର୍ପଣ କରିବାକୁ ସେ ଜୁଝାରଙ୍କୁ ନିର୍ଦ୍ଦେଶ ଦେଲେ । ତାଙ୍କ ବିନା ଅନୁମତିରେ ଗଣ୍ଡୱାନା ଅଧିକାର କରିଥିବାରୁ ଶାହଜାହାନ ଜୁଝାରଙ୍କୁ ୫ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ଆଦେଶ ଦେଲେ । ଜୁଝାର ଶାହଜାହାନଙ୍କ ଆଦେଶ ମାନିବାକୁ ମନା କରିଦେବାରୁ ଶାହଜାହାନ ତାଙ୍କୁ ଦମନ କରିବାକୁ ଆଉରଙ୍ଗଜେବ୍‌ଙ୍କୁ ପଠାଇଲେ ।

ଆଉରଙ୍ଗଜେବ୍ ଓର୍ଚ୍ଛା ଓ ଧମୋଣି ଅଧିକାର କଲେ, ତା'ପରେ ଜୁଝାର ସିଂହ ଆଶ୍ରୟ ନେଇଥିବା ଚୂନାର ଦୁର୍ଗ ଆଡ଼କୁ ଆଗେଇଲେ । ସେତେବେଳେ ଜୁଝାର ତାଙ୍କ ପରିବାର ଲୋକମାନଙ୍କ ସହିତ ଦାକ୍ଷିଣାତ୍ୟକୁ ପଳାୟନ କଲେ । ମୋଗଲ ସୈନ୍ୟବାହିନୀ ତାଙ୍କୁ ଗୋଡ଼ାଇଯାଇ ଏକ ଯୁଦ୍ଧରେ ପରାସ୍ତ କଲେ । ଜୁଝାର ସିଂହ ଓ ତାଙ୍କ ପୁତ୍ର ବିକ୍ରମଜିତ୍ ଗଣ୍ଡମାନଙ୍କ ଦ୍ୱାରା ନିହତ ହେଲେ । ବୁନ୍ଦେଲାମାନେ ଇତସ୍ତତ ହୋଇ ପଳାୟନ କରିଥିଲେ । ସେମାନଙ୍କ ସ୍ତ୍ରୀଲୋକମାନେ ଜହରବ୍ରତ ପାଳନ କରିବାକୁ ସମୟ ପାଇଲେ ନାହିଁ । ଅଧିକାଂଶ ନାରୀଙ୍କୁ ମୋଗଲ ଅନ୍ତଃପୁରରେ ଭର୍ତ୍ତି ହେବାକୁ ପଡ଼ିଥିଲା । ଜୁଝାରଙ୍କ ଦୁଇପୁତ୍ର ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ, ତୃତୀୟ ପୁତ୍ର ଏହା ନ କରିବାରୁ ତାଙ୍କୁ ହତ୍ୟା କରାଗଲା । ଓର୍ଚ୍ଛାଠାରେ ଥିବା ରାଜାଙ୍କ ମନ୍ଦିର ଭଙ୍ଗାଯାଇ ତା' ସ୍ଥାନରେ ମସ୍‌ଜିଦ୍ ଗଢ଼ାଗଲା । ଜୁଝାରଙ୍କ ଜଣେ ସମ୍ପର୍କୀୟ ଦେବୀ ସିଂହଙ୍କୁ ଓର୍ଚ୍ଛା ପ୍ରଦାନ କରାଗଲା; କିନ୍ତୁ ବୁନ୍ଦେଲାମାନେ ତାଙ୍କୁ ଶାସକ ରୂପେ ଗ୍ରହଣ କଲେନାହିଁ । ଦେବୀ ସିଂହଙ୍କ ବଶ୍ୟତା ମହୋବା (Mahoba) ସ୍ୱୀକାର କରିନଥିଲେ, ତାଙ୍କ ପୁତ୍ର ଛତ୍ରସାଳ ଅନେକବର୍ଷ ଧରି ମୋଗଲମାନଙ୍କ ବିପକ୍ଷରେ ସ୍ୱାଧୀନତାର ସଂଗ୍ରାମ ଚଳାଇଲେ ।

ଖାନ୍‌ଜାହାନ ଲୋଦୀଙ୍କ ବିଦ୍ରୋହ, ୧୬୨୮-୩୧ (Rebellion of Khan Jahan Lodi)

ଶାହଜାହାନଙ୍କ ବିରୋଧରେ ବିଦ୍ରୋହର ସୂତ୍ରପାତ କରିଥିଲେ ଦୌଲତ ଖାଁ ଲୋଦୀଙ୍କ ପୁତ୍ର ଖାନ୍‌ଜାହାନ ଲୋଦୀ, ଜଣେ କ୍ଷମତାସମ୍ପନ୍ନ ଆଫଗାନ୍ । ଜାହାଙ୍ଗୀରଙ୍କ ସମୟରେ ଖାନଜାହାନ ଲୋଦୀ ଗୁଜୁରାଟ ଓ ଦାକ୍ଷିଣାତ୍ୟର ଶାସନକର୍ତ୍ତା ଥିଲେ । ନୁରଜାହାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା । ୧୬୨୫ ଖ୍ରୀଷ୍ଟାବ୍ଦରେ ତାଙ୍କୁ ରାଜପୁତ୍ର ପରଭେଜଙ୍କର ପରାମର୍ଶଦାତା ରୂପେ ନିଯୁକ୍ତି ମିଳିଥିଲା । ପରଭେଜଙ୍କ ମୃତ୍ୟୁପରେ ସେ ଦାକ୍ଷିଣାତ୍ୟର ଶାସନକର୍ତ୍ତା ରୂପେ ଦାୟିତ୍ୱ ଗ୍ରହଣ କଲେ । ଖୁରମ୍‌ଙ୍କ ବିଦ୍ରୋହକୁ ସେ ସମର୍ଥନ ନ କରି ନୁରଜାହାନଙ୍କର ଦୃଢ଼ ସମର୍ଥକ ହୋଇଥିଲେ । କାରଣ ସେ ଭାବୁଥିଲେ, ସାହାରିୟାର ହେଉଛନ୍ତି ଭବିଷ୍ୟତର ସମ୍ରାଟ; କିନ୍ତୁ ଶାହଜାହାନଙ୍କର ଆଜମୀରଠାରୁ ଆଗ୍ରା ପର୍ଯ୍ୟନ୍ତ ଦୃଢ଼ ବିଜୟଯାତ୍ରାରୁ ଜଣାପଡ଼ିଲା ଯେ ସେ ଯାହା ଭାବୁଥିଲେ ସବୁ ନିରର୍ଥକ । ଅବଶ୍ୟ ସମ୍ରାଟ ହେବାପରେ ଶାହଜାହାନ ତାଙ୍କୁ କ୍ଷମା ଦେଲେ ଏବଂ ତାକୁ ଦାକ୍ଷିଣାତ୍ୟର ଶାସନକର୍ତ୍ତା ପଦରୁ ଦୂରେଇ ଦିଆଯାଇନଥିଲା । ବାଲାଘାଟ ପୁନଃ ଅଧିକାର କରିବା ନିମିତ୍ତ ତାଙ୍କୁ ଆଦେଶ ଦିଆଗଲା, ଯେଉଁ କାର୍ଯ୍ୟରେ ସେ ସଫଳ ହେଲେନାହିଁ । ଫଳରେ ତାଙ୍କୁ ଦରବାରକୁ ପ୍ରତ୍ୟାହୃତ କରାଯାଇ ତାଙ୍କ ସ୍ଥାନରେ ମହବତ ଖାଁଙ୍କୁ ଅବସ୍ଥାପିତ କରାଗଲା । ଖାନଜାହାନ ଏଥିରେ ଖୁବ୍ ଅସନ୍ତୁଷ୍ଟ ହୋଇଥିଲେ ।

ଏହାପରେ ଖାନ୍‌ଜାହାନ ଦାକ୍ଷିଣାତ୍ୟକୁ ପଳାଇ ଆସୁଥିଲେ । ସମ୍ରାଟଙ୍କ ସୈନ୍ୟବାହିନୀ ସହିତ ଖାନ୍‌ଜାହାନଙ୍କ ସୈନ୍ୟଦଳର ଏକ ସଂଗ୍ରାମ ହେଲା । ଯାହା ହେଉ, ଖାନ୍‌ଜାହାନ ତାଙ୍କର ପୁତ୍ର ଓ ଅନୁଚରମାନଙ୍କୁ ନେଇ ବୁନ୍ଦେଲଖଣ୍ଡ ଓ ଗଣ୍ଡୱାନା ମଧ୍ୟରେ ଅଗ୍ରସର ହେଲେ ଏବଂ ଅହମଦନଗରରେ ପହଞ୍ଚିଲେ । ଅହମଦନଗରର ନିଜାମ ଶାହୀ ସୁଲତାନ ତାଙ୍କୁ ସ୍ୱାଗତ କରିଥିଲେ ଓ ସାମରିକ ସାହାଯ୍ୟ ପ୍ରଦାନ କରିଥିଲେ । ଦାକ୍ଷିଣାତ୍ୟରେ ଖାନ୍‌ଜାହାନ ଲୋଦୀ ମୋଗଲମାନଙ୍କୁ ଏପରି ଅସ୍ଥିରତା ଭିତରକୁ ଠେଲିଦେଲେ ଯେ ୧୬୨୯ ଖ୍ରୀଷ୍ଟାବ୍ଦରେ ତାଙ୍କୁ ଦମନ କରିବା ପାଇଁ ମହବତ ଖାଁଙ୍କୁ ଯିବାକୁ ପଡ଼ିଲା । ପରିଶେଷରେ ଶାହଜାହାନ ଖାନ୍‌ଜାହାନଙ୍କ ବିଦ୍ରୋହକୁ ଦମନ କଲେ । ଖାନ୍‌ଜାହାନ ପଳାୟନ କରି ଆଶ୍ରୟ ଖୋଜି ବୁଲିଲେ । ବିଜାପୁରଠାରେ ତାଙ୍କୁ ଆଶ୍ରୟ ମିଳିନଥିଲା । ପଳାୟନ କରୁଥିବା ସମୟରେ ମଧ୍ୟ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା । ମାଲୱା ଦେଇ ପଞ୍ଜାବକୁ ଯାତ୍ରା କରିବା ସମୟରେ ପଥରେ ତାଙ୍କର ସହକର୍ମୀ ଦରିୟା ଖାଁ ନିହତ ହେଲେ । ତାଙ୍କର ମୃତ୍ୟୁ ଖାନ୍‌ଜାହାନଙ୍କ ସ୍ଥିତି ଦୋହଲାଇଦେଲା । ଭିମବର ନିକଟରେ ତାଙ୍କୁ ମୁଜାଫର ଖାଁଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଠାରେ

ଖାନ୍‌ଜାହାନ ଗଭୀର ଭାବରେ କ୍ଷତାକ୍ତ ହୋଇପଡ଼ିଲେ । ସେ ନିଜର ପୁତ୍ର ଓ ଅନେକ ସମର୍ଥକଙ୍କୁ ହରାଇଲେ । କାଲିଞ୍ଜରଠାରେ ଖାନ୍‌ଜାହାନଙ୍କ ଅନ୍ୟ ସମର୍ଥକବୃନ୍ଦ ଓ ଦ୍ୱିତୀୟ ପୁତ୍ର ମଧ୍ୟ ନିହତ ହେଲେ । ତାଙ୍କୁ ସିହୋଣ୍ଡାଠାରେ ଶେଷ ଯୁଦ୍ଧ କରିବାକୁ ପଡ଼ିଥିଲା, ଯେଉଁଠାରେ ମାଧୋସିଂହ ତାଙ୍କୁ ହତ୍ୟା କରିଥିଲେ । ତାଙ୍କର ମୁଣ୍ଡ ଶାହଜାହାନଙ୍କ ନିକଟକୁ ପ୍ରେରଣ କରାଯାଇଥିଲା ।

ହୁଗୁଳି ଅଧିକାର (Capture of Hugli)

୧୫୭୯ ଖ୍ରୀଷ୍ଟାବ୍ଦବେଳକୁ ପର୍ତ୍ତୁଗୀଜ୍‌ମାନେ ବଙ୍ଗଳାର ସାତ ଗାଁ ଅଧିକାର କରିଥିଲେ । ହୁଗୁଳିକୁ କେନ୍ଦ୍ରକରି ସେମାନେ ବିଭିନ୍ନ ଦେଶ ସହିତ ବାଣିଜ୍ୟ କରୁଥିଲେ । ଧୀରେ ଧୀରେ ସେମାନେ ହୁଗୁଳିର ଚାରିପାଖରେ ବଡ଼ ବଡ଼ ଅଟ୍ଟାଳିକାମାନ ନିର୍ମାଣ କରିଥିଲେ । ସେମାନଙ୍କର କେତୋଟି କାର୍ଯ୍ୟକଳାପ ଶାହଜାହାନଙ୍କୁ ଅସନ୍ତୁଷ୍ଟ କରିଥିଲା । ପର୍ତ୍ତୁଗୀଜ୍‌ମାନେ ଭାରତୀୟ ବଣିକମାନଙ୍କଠାରୁ ଚଢ଼ା ଦରରେ ଶୁଳ୍କ ଆଦାୟ କରୁଥିଲେ । ତା' ସହିତ ସେମାନେ କ୍ରୀତଦାସ ବ୍ୟବସାୟରେ ଲିପ୍ତ ଥିଲେ । ପିତୃମାତୃଶୂନ୍ୟ ବାଳକବାଳିକାମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଯାଉଥିଲା । ସେମାନେ ଦସ୍ୟୁତା ବୃତ୍ତିରେ ଲିପ୍ତ ଥିଲେ । ବଙ୍ଗଳାର ଧନଶାଳୀ ଅଞ୍ଚଳଗୁଡ଼ିକୁ ସେମାନେ ଲୁଣ୍ଠନ କରୁଥିଲେ । ବିନା ପ୍ରତିବନ୍ଧକରେ ସମସ୍ତ କାର୍ଯ୍ୟ ସେମାନେ କରିଯାଉଥିଲେ । ଶାହଜାହାନଙ୍କ କ୍ରୋଧ ବୃଦ୍ଧି ହୋଇଥିଲା, ଯେତେବେଳେ ସେମାନେ ମମତାଜ୍ ମହଲଙ୍କର ଦୁଇଜଣ ଦାସୀଙ୍କୁ ଧରିନେଲେ । ସମ୍ରାଟ ହେବାପରେ ଶାହଜାହାନ ବଙ୍ଗଳାର ଶାସନକର୍ତ୍ତା ରୂପେ କାସିମ୍ ଅଲ୍ଲୀ ଖାଁଙ୍କୁ ଅବସ୍ଥାପିତ କଲେ ଓ ପର୍ତ୍ତୁଗୀଜ୍‌ମାନଙ୍କୁ ଦଣ୍ଡଦେବା ନିମିତ୍ତ ତାଙ୍କୁ ନିର୍ଦ୍ଦେଶ ଦେଲେ । ହୁଗୁଳି ମୋଗଲମାନଙ୍କର ଅଧିକାରକୁ ଆସିଲା । ଅନେକ ପର୍ତ୍ତୁଗୀଜଙ୍କୁ ହତ୍ୟା କରାଗଲା ଓ ଅନେକଙ୍କୁ ବନ୍ଦୀ ରୂପେ ଆଗ୍ରା ପଠାଇ ଦିଆଗଲା । ସେହି ସମସାମୟିକ ଜନୈକ ଐତିହାସିକ କହିଛନ୍ତି, ''ଇଉରୋପୀୟ କ୍ରୀତଦାସ ଓ ଦାସକନ୍ୟାଙ୍କୁ ମିଶାଇ ପ୍ରାୟ ୪୪୦୦ ଜଣ ଲୋକଙ୍କୁ ବନ୍ଦୀ କରାଗଲା, ଯେଉଁମାନେ ବଳପୂର୍ବକ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତିତ ହୋଇଥିଲେ ଏବଂ ପଡ଼ୋଶୀ ପ୍ରଗଣା ଓ ଗ୍ରାମଗୁଡ଼ିକରୁ ପର୍ତ୍ତୁଗୀଜ୍‌ମାନଙ୍କ ଦ୍ୱାରା କବଳିତ ପ୍ରାୟ ୧୦,୦୦୦ ଅଧିବାସୀ ମୁକ୍ତିଲାଭ କଲେ ।''

ଶାହଜାହାନଙ୍କ ଦାକ୍ଷିଣାତ୍ୟ ନୀତି (The Deccan Policy of Shahjahan)

ମୋଗଲମାନଙ୍କର ସାମ୍ରାଜ୍ୟବାଦ ନୀତି ସେମାନଙ୍କୁ ଦାକ୍ଷିଣାତ୍ୟ ଅଧିକାର କରିବା ଦିଗରେ ପ୍ରଲୁବ୍ଧ କରିଥିଲା । ଦାକ୍ଷିଣାତ୍ୟର ଅହମଦନଗର ଅଧିକାର କରିବାକୁ ଜାହାଙ୍ଗୀର ଚେଷ୍ଟା କରିଥିଲେ; କିନ୍ତୁ ଏହା ମାଲିକ୍ ଅମ୍ବରଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲା । ବିଜାପୁର

ଓ ଗୋଲକୁଣ୍ଡା ରାଜ୍ୟଦ୍ୱୟ ତଥାପି ସ୍ୱାଧୀନ ଥିଲେ । ଶାହଜାହାନଙ୍କ ସମୟରେ ମୋଗଲମାନଙ୍କର ଦାକ୍ଷିଣାତ୍ୟ ନୀତିର ପରିବର୍ତ୍ତନ ଘଟିଲା । ତାଙ୍କ ଦାକ୍ଷିଣାତ୍ୟ ନୀତି ଥିଲା ଉଭୟ ରାଜନୀତିକ ଓ ଧର୍ମଭିତ୍ତିକ । ଶାହଜାହାନ ନିଜେ ସୁନ୍ନୀ ଥିଲେ, ତେଣୁ ସେ ଗୋଲକୁଣ୍ଡା ଓ ବିଜାପୁରର ସିହା ସମ୍ପ୍ରଦାୟ ଶାସକମାନଙ୍କର ପତନ ଘଟାଇବାକୁ ତତ୍ପର ହୋଇପଡ଼ିଲେ ।

୧୫୯୯ ଖ୍ରୀଷ୍ଟାବ୍ଦରେ ଆକବର ଖାନ୍ଦେଶ ଅଧିକାର କରିଥିଲେ । ୧୬୦୦ ଖ୍ରୀଷ୍ଟାବ୍ଦରେ ସେ ଅହମଦନଗର ଜୟ କରିବାକୁ ବାହାରିଥିଲେ । ଅସୀରଗଡ଼ଠାରେ ଥିବା ସମୟରେ ସଲିମ୍‌ଙ୍କ ବିଦ୍ରୋହ ଯୋଗୁଁ ଅହମଦନଗର ଅଭିଯାନକୁ ଆକବର ବାଧ୍ୟ ହୋଇ ବନ୍ଦକଲେ । ତେଣୁ ଏହାକୁ ସମ୍ପୂର୍ଣ୍ଣ ରୂପେ କରାଗତ କରାଯାଇପାରିଲା ନାହିଁ । ଅହମଦନଗରର ଖଣ୍ଡେ ଖଣ୍ଡେ ଅଞ୍ଚଳ ଅଧିକାର କରି ଗୋଲକୁଣ୍ଡା ଓ ବିଜାପୁରର ଶାସକମାନେ ରାଜ୍ୟବୃଦ୍ଧି କରିଥିଲେ ।

ଅହମଦନଗର (Ahmadnagar)

ମୋଗଲ ସାମ୍ରାଜ୍ୟର ଦକ୍ଷିଣ ସୀମାରେ ଅହମଦନଗରର ଅବସ୍ଥିତି ଥିବାରୁ ଏହା ପ୍ରଥମେ ମୋଗଲ ଆକ୍ରମଣର ଶିକାର ହୋଇଥିଲା । ମାଲିକ୍ ଅମ୍ବରଙ୍କ ମୃତ୍ୟୁ ପରେ ଅହମଦନଗରର ନିଜାମ୍ ଶାହୀ ରାଜତ୍ୱ ମୁମୂର୍ଷୁ ଅବସ୍ଥାରେ ଥିଲା । ଅମ୍ବରଙ୍କ ପରେ ତାଙ୍କ ପୁତ୍ର ଫତେ ଖାଁ ଅହମଦନଗରର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ତାଙ୍କ ପିତାଙ୍କପରି ବିଶ୍ୱସ୍ତ ଓ ଦେଶପ୍ରେମୀ ନଥିଲେ । ୧୬୩୦ ଖ୍ରୀଷ୍ଟାବ୍ଦରେ ମୋଗଲମାନେ ଅହମଦନଗରର ଶକ୍ତିଶାଳୀ ଦୁର୍ଗ ପାରେଣ୍ଡା ଅଧିକାର କରିପାରିନଥିଲେ । ସୁଲତାନ ନିଜାମ-ଉଲ୍-ମୁଲକ୍‌ଙ୍କ ଆଚରଣରେ ଅସନ୍ତୁଷ୍ଟ ହୋଇ ଫତେ ଖାଁ ମୋଗଲ ସମ୍ରାଟଙ୍କ ନିର୍ଦ୍ଦେଶରେ ସୁଲତାନଙ୍କୁ ବନ୍ଦୀ କଲେ । ଫତେ ଖାଁ ମଧ୍ୟ ଓ୍ୱାଜିର ଆସଫ୍ ଖାଁଙ୍କ ଦ୍ୱାରା ଉତ୍ତେଜିତ ହୋଇ ସୁଲତାନଙ୍କୁ ହତ୍ୟା କରିଥିଲେ । ଅହମଦନଗରର ସିଂହାସନରେ ସୁଲତାନଙ୍କ ଦଶବର୍ଷର ପୁତ୍ର ହୁସେନଙ୍କୁ ଅଧିଷ୍ଠିତ କରାଗଲା । ଫତେ ଖାଁ ମୋଗଲମାନଙ୍କର ବଶ୍ୟତା ସ୍ୱୀକାର କଲେ । ଶାହଜାହାନଙ୍କ ନାମରେ ଖୁତ୍‌ବା ପାଠ କରାଗଲା ଓ ମୁଦ୍ରା ଖୋଦିତ ହେଲା ।

ମୋଗଲମାନଙ୍କର ବଶ୍ୟତା ସ୍ୱୀକାର କରିଥିବାରୁ ଫତେ ଖାଁଙ୍କ ଅଧୀନରେ ଥିବା କେତେକ ଅଞ୍ଚଳ ଶିବାଜୀଙ୍କ ପିତା ଶାହଜୀଙ୍କୁ ପ୍ରଦାନ କରାଯାଇଥିଲା । ଆସଫ୍ ଖାଁଙ୍କ ନିର୍ଦ୍ଦେଶରେ ଅହମଦନଗରର ସୁଲତାନଙ୍କୁ ହତ୍ୟା କରିଥିବାରୁ ଫତେ ଖାଁଙ୍କୁ ତାଙ୍କ ଅଞ୍ଚଳମାନ ମଧ୍ୟ ଫେରାଇ ଦିଆଗଲା । ଏଥିରେ କ୍ଷୁବ୍ଧ ହୋଇ ଶାହଜୀ ଦୌଲତାବାଦ ଦୁର୍ଗ ଅବରୋଧ

କରିବାକୁ ଚାହିଁଲେ । ସେଥିପାଇଁ ସେ ବିଜାପୁର ସୁଲତାନଙ୍କୁ ସାହାଯ୍ୟ ମାଗିଲେ । ଫତେ ଖାଁ ନିଜର ସୁରକ୍ଷା ନିମିତ୍ତ ମୋଗଲ ସେନାଧ୍ୟକ୍ଷ ମହବତ ଖାଁଙ୍କୁ ଅନୁରୋଧ କଲେ ଏବଂ ତାଙ୍କୁ ଦୌଲତାବାଦ ଦୁର୍ଗ ପ୍ରଦାନ କରିବାକୁ କଥା ଦେଲେ । ବିଜାପୁରର ସେନାପତି ଲାଞ୍ଚ ପ୍ରଲୋଭନ ଦେଖାଇ ଫତେ ଖାଁଙ୍କୁ ନିଜ ପକ୍ଷଭୁକ୍ତ କଲେ ଓ ମୋଗଲମାନଙ୍କ ବିପକ୍ଷରେ ଯୁଦ୍ଧ ଆୟୋଜନ କଲେ । ୧୬୩୧ ଖ୍ରୀଷ୍ଟାବ୍ଦରେ ମହବତ ଖାଁ ଦୌଲତାବାଦ ଦୁର୍ଗ ଅବରୋଧ କଲେ । ଏହି ଦୁର୍ଗକୁ ରକ୍ଷା କରିବାରେ ଫତେ ଖାଁ ନିଜକୁ ଅସମର୍ଥ ମନେକଲେ । ଫତେ ଖାଁଙ୍କୁ ଦଶଲକ୍ଷ ପଚାଶ ହଜାର ଟଙ୍କା ଲାଞ୍ଚ ଲୋଭ ଦେଖାଇ ମହବତ ଖାଁ ଅଧୀନକୁ ଆଣିଲେ । ଫତେ ଖାଁଙ୍କୁ ଦୌଲତାବାଦ ଦୁର୍ଗ ମୋଗଲମାନଙ୍କୁ ହସ୍ତାନ୍ତର କରିବାକୁ ପଡ଼ିଲା । ଏହିପରି ଯେଉଁ ନୀଚ ପନ୍ଥା ଦ୍ୱାରା ମୋଗଲମାନେ ଅସୀରଗଡ଼ ଦୁର୍ଗ ପାଇଥିଲେ, ସେହିପରି ସେମାନେ ଅଧିକାର କଲେ ଦୌଲତାବାଦ ଦୁର୍ଗ । ୧୬୩୩ ଖ୍ରୀଷ୍ଟାବ୍ଦରେ ଅହମଦନଗର ମୋଗଲମାନଙ୍କ ସାମ୍ରାଜ୍ୟରେ ମିଶିଗଲା । ନାମମାତ୍ର ରାଜା ହୁସେନ ଶାହା ଗ୍ୱାଲିଅର ଦୁର୍ଗରେ ଆଜୀବନ ବନ୍ଦି ହୋଇଥିଲେ । ନିଜାମଶାହୀ ରାଜବଂଶର ପତନ ଘଟିଲା । ଫତେ ଖାଁ ପେନ୍‌ସନ୍ ପାଇ ଲାହୋରଠାରେ ବାସ କଲେ ।

ଗୋଲକୁଣ୍ଡା ଓ ବିଜାପୁର (Golkunda and Bijapur)

ଦୁଇ ସ୍ୱାଧୀନ ରାଜ୍ୟ ଗୋଲକୁଣ୍ଡା ଓ ବିଜାପୁର ପ୍ରତି ସାମ୍ରାଜ୍ୟବାଦୀ ଶାହଜାହାନଙ୍କର ସର୍ବଦା ଆକ୍ରମଣଶୀଳ ମନୋଭାବ ଥିଲା । ଏହି ଦୁଇ ରାଜ୍ୟର କିଛି କିଛି ଅଞ୍ଚଳ ଅଧିକାର କରିବାର କାର୍ଯ୍ୟ ସମ୍ରାଟଙ୍କ ସୈନ୍ୟମାନେ ଯଥାକ୍ରମେ ମେ ୧୬୨୯ ଓ ୧୬୩୧ ଖ୍ରୀଷ୍ଟାବ୍ଦରୁ ଆରମ୍ଭ କରିଦେଇଥିଲେ । ୧୬୩୧ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ଆଦିଲ ଶାହା ମୋଗଲମାନଙ୍କ ବିରୋଧରେ ଅହମଦନଗରକୁ ସାହାଯ୍ୟ କରିଥିଲେ । ମୋଗଲମାନଙ୍କର ଦୌଲତାବାଦ ଅବରୋଧ ଓ ପାରେଣ୍ଡା ଦୁର୍ଗ ଅଧିକାର ସମୟରେ ମଧ୍ୟ ସେମାନଙ୍କ ପ୍ରତି ଆଦିଲ ଶାହା ଶତ୍ରୁତାର ଆଚରଣ କଲେ । ୧୬୩୫ ଖ୍ରୀଷ୍ଟାବ୍ଦରେ ବିଲୁପ୍ତ ଅହମଦନଗର ରାଜ୍ୟର ନାମମାତ୍ର ସୁଲତାନ ରୂପେ ନିଜାମ ଶାହୀ ବାଳକଙ୍କୁ ପ୍ରତିଷ୍ଠିତ କରିବାରେ ଶାହଜୀଙ୍କ ଉଦ୍ୟମକୁ ଉଭୟ ଗୋଲକୁଣ୍ଡା ଓ ବିଜାପୁର ରାଜ୍ୟଦ୍ୱୟ ଗୁପ୍ତ ଭାବରେ ସାହାଯ୍ୟ କରୁଥିଲେ । ୧୬୩୫ ଖ୍ରୀଷ୍ଟାବ୍ଦରେ ଶାହଜାହାନ ଶାହଜୀଙ୍କ ବିରୁଦ୍ଧରେ ପଦକ୍ଷେପ ନେବାକୁ ଚାହିଁଲେ । ତେଣୁ ତାଙ୍କର ବଶ୍ୟତା ସ୍ୱୀକାର କରିବା, ଶାହଜୀଙ୍କୁ ସାହାଯ୍ୟ ନ କରିବା ଓ ତାଙ୍କ ନିକଟକୁ ବାର୍ଷିକ କର ପଠାଇବା ପାଇଁ ଶାହଜାହାନ ବିଜାପୁର ଓ ଗୋଲକୁଣ୍ଡାର ଶାସକମାନଙ୍କୁ ନିର୍ଦ୍ଦେଶ ଦେଲେ । ୧୬୩୬ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ମାସରେ ସମ୍ରାଟ ଦୌଲତାବାଦଠାରେ ପହଞ୍ଚି ଦାକ୍ଷିଣାତ୍ୟ ରାଜ୍ୟଗୁଡ଼ିକୁ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ । ଏଥିରେ ବିଚଳିତ

ହୋଇ ଗୋଲକୁଣ୍ଡାର ସୁଲତାନ ଅବଦୁଲ୍ଲା ଶାହା ସମ୍ରାଟ ଶାହଜାହାନଙ୍କ ବଶ୍ୟତା ସ୍ୱୀକାର କଲେ । ସମ୍ରାଟଙ୍କ ନାମରେ ଖୁତ୍‌ବା ପାଠ ଓ ମୁଦ୍ରା ପ୍ରଚଳନ କରାଗଲା । ସମ୍ରାଟଙ୍କୁ ବାର୍ଷିକ କର ପ୍ରଦାନ କରିବାକୁ ମଧ୍ୟ ଅବଦୁଲ୍ଲା ଶାହାଙ୍କୁ କୁହାଗଲା ।

ବିଜାପୁରର ସୁଲତାନ ଆଦିଲ ଶାହା ମୋଗଲମାନଙ୍କ ଆନୁଗତ୍ୟ ସ୍ୱୀକାର କରିବାକୁ ସାହସର ସହିତ ମନା କରିଦେଲେ । ଫଳରେ ତିନିଦିଗରୁ ତାଙ୍କ ରାଜ୍ୟକୁ ଆକ୍ରମଣ କରିବାକୁ ଶାହଜାହାନଙ୍କର ତିନୋଟି ସୈନ୍ୟଦଳ ମାଡ଼ିଆସିଲେ । ଖାନ୍-ଇ-ଦୁରାନଙ୍କ ଅଧୀନରେ ଥିବା ସୈନ୍ୟଦଳ ଉତ୍ତର-ପୂର୍ବ ଦିଗରେ ଥିବା ବିଦାରରୁ ଆସୁଥିଲେ । ସେହିପରି ଖାନ୍‌ଜାହାନ ଓ ଖାନ୍-ଇ-ଜମାନଙ୍କ ନେତୃତ୍ୱରେ ଦୁଇଟି ସୈନ୍ୟଦଳ ଯଥାକ୍ରମେ ଶୋଲାପୁର ମଧ୍ୟରେ ପଶ୍ଚିମରୁ ଓ ଇନ୍ଦାପୁର ରାସ୍ତାଦେଇ ଉତ୍ତର-ପଶ୍ଚିମ ଦିଗରୁ ଆଗେଇ ଆସୁଥିଲେ । ସେମାନେ ବିଜାପୁର ରାଜ୍ୟର ବହୁ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ କରିଦେଲେ । ସହସ୍ର ସହସ୍ର ଲୋକଙ୍କୁ ହତ୍ୟା କରାଗଲା । ଖୁବ୍ ଶୀଘ୍ର ଉଭୟ ପକ୍ଷ ଯୁଦ୍ଧଯୋଗୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ସନ୍ଧି କରିବାକୁ ଉଦ୍ୟମ କଲେ । ଶେଷରେ ସନ୍ଧି ହେଲା । ସନ୍ଧିର ସର୍ତ୍ତ ଅନୁଯାୟୀ ଆଦିଲ ଶାହା ମୋଗଲ ସମ୍ରାଟଙ୍କ ଆଧିପତ୍ୟ ସ୍ୱୀକାର କଲେ । ଅହମଦନଗର ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ସେ ପ୍ରତିଜ୍ଞା କଲେ । ତାଙ୍କୁ ୨୦ ଲକ୍ଷ ଟଙ୍କା ସମ୍ରାଟଙ୍କୁ ପ୍ରଦାନ କରିବାକୁ ହେଲା । ପୂର୍ବତନ ନିଜାମ ଶାହୀ ରାଜ୍ୟ ଓ ଅହମଦନଗରର କେତେକାଞ୍ଚଳ ବିଜାପୁର ସୁଲତାନଙ୍କୁ ହସ୍ତାନ୍ତର କରାଗଲା । ମରହଟ୍ଟା ନେତା ଶାହଜୀଙ୍କୁ ତାଙ୍କ ରାଜ୍ୟରେ ସ୍ଥାନ ନ ଦେବା ପାଇଁ ଆଦିଲ ଶାହା ସମ୍ମତ ହୋଇଥିଲେ । ଗୋଲକୁଣ୍ଡା ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ନିମିତ୍ତ ସେ ମଧ୍ୟ ପ୍ରତିଶ୍ରୁତି ଦେଲେ । ଜେ.ଏନ୍. ସରକାର ଲେଖିଛନ୍ତି, "ଏହିପରି ଦାକ୍ଷିଣାତ୍ୟ ବ୍ୟାପାରରେ ୪୦ ବର୍ଷ ଧରି ଚାଲିଥିବା ବିବାଦ (୧୫୯୫-୧୬୩୬) ଶେଷରେ ମୀମାଂସିତ ହେଲା । ବିନା ଯୁଦ୍ଧରେ ସମ୍ରାଟଙ୍କ ସ୍ଥିତି ଦୃଢ଼ୀଭୂତ ହେଲା, ତାଙ୍କ ସାମ୍ରାଜ୍ୟର ସୀମା ସ୍ପଷ୍ଟ ରୂପେ ନିରୂପିତ ହେଲା ଏବଂ ଦାକ୍ଷିଣାତ୍ୟ ସାମ୍ରାଜ୍ୟରେ ତାଙ୍କର ପ୍ରାଧାନ୍ୟ ଯଥାବିଧି ପ୍ରତିପାଦିତ ହେଲା ।" ୧୬୩୬ ଜୁଲାଇ ୧୧ ତାରିଖ ଦିନ ସମ୍ରାଟ ଶାହଜାହାନ ଦାକ୍ଷିଣାତ୍ୟ ତ୍ୟାଗ କଲେ । ଏହାର ଶାସନକର୍ତ୍ତା ରୂପେ ନିଯୁକ୍ତ ହେଲେ ଆଉରଙ୍ଗଜେବ ।

ଆଉରଙ୍ଗଜେବ ଓ ଦାକ୍ଷିଣାତ୍ୟ ରାଜ୍ୟମାନ (Aurangzeb and Deccan States)

୧୬୩୬ରୁ ୧୬୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆଉରଙ୍ଗଜେବ ଦାକ୍ଷିଣାତ୍ୟର ଶାସନକର୍ତ୍ତା ରୂପେ କାର୍ଯ୍ୟ କରିଥିଲେ । ୧୬୩୭ ଏବଂ ୧୬୪୪ ଖ୍ରୀଷ୍ଟାବ୍ଦରେ ସେ ଆଗ୍ରା ଫେରିଥିଲେ । ୧୬୩୭ ଖ୍ରୀଷ୍ଟାବ୍ଦରେ ତାଙ୍କର ବିବାହ ହୋଇଥିଲା ଓ ୧୬୪୪ ଖ୍ରୀଷ୍ଟାବ୍ଦରେ ନିଜର ପୋଡ଼ିହୋଇ ଯାଇଥିବା ଭଗ୍ନୀ ଜାହାନାରାଙ୍କୁ ଦେଖିବା ପାଇଁ ତାଙ୍କୁ ଆସିବାକୁ ପଡ଼ିଥିଲା ।

ଗୁଜୁରାଟ ଓ ମଧ୍ୟଏସିଆର ଶାସନ ଦାୟିତ୍ୱରେ ରହି ଆଉରଙ୍ଗଜେବ ପୁନର୍ବାର ୧୬୫୩ ଖ୍ରୀଷ୍ଟାବ୍ଦରେ ଦାକ୍ଷିଣାତ୍ୟକୁ ଫେରିଥିଲେ । ସେ ଖୁବ୍ ଧର୍ମାନ୍ଧ ଥିଲେ । ସିହା ରାଜ୍ୟଦ୍ୱୟ ଅଧିକାର କରିବା ପାଇଁ ସେ ବ୍ୟଗ୍ର ହେଉଥିଲେ ।

ଗୋଲକୁଣ୍ଡାର ସୁଲତାନ ମୋଗଲ ସମ୍ରାଟଙ୍କୁ ନିୟମିତ କର ପ୍ରଦାନ କରୁନଥିଲେ । ସେତେବେଳେ ଗୋଲକୁଣ୍ଡାର ସୁଲତାନ କୁତବ ଶାହା ଓ ୱାଜିର ମୀରଜୁମଲାଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା । ସେମାନଙ୍କ କଳହରେ ହସ୍ତକ୍ଷେପ କରିବାକୁ ମୀରଜୁମଲା ଆଉରଙ୍ଗଜେବ୍‌ଙ୍କୁ ଆମନ୍ତ୍ରଣ କଲେ । ବକେୟା ଦେୟ ଶୀଘ୍ର ପ୍ରଦାନ କରିବା ପାଇଁ ଆଉରଙ୍ଗଜେବ୍ ସୁଲତାନଙ୍କୁ ଆଦେଶ ଦେଲେ । ମୀରଜୁମଲାଙ୍କ ପରିବାରର ସଭ୍ୟମାନଙ୍କୁ ମୁକ୍ତ କରିଦେବା ପାଇଁ ତାଙ୍କ ଉପରେ ଚାପ ପ୍ରୟୋଗ କରାଗଲା । ଆଉରଙ୍ଗଜେବ ମଧ୍ୟ କୁତବ ଶାହାଙ୍କୁ ଏକ ସଂଗ୍ରାମରେ ପରାସ୍ତ କଲେ । ତାଙ୍କର ରାଜ୍ୟକୁ ଲୁଣ୍ଠନ କରାଗଲା । ଶାହଜାହାନଙ୍କ ହସ୍ତକ୍ଷେପ ଯୋଗୁଁ ସେ ଗୋଲକୁଣ୍ଡା ଅଧିକାର କରିନଥିଲେ । କୁତବ ଶାହାଙ୍କୁ ବକେୟା କର ପ୍ରଦାନ କରିବାକୁ ହେଲା । ମୀରଜୁମଲାଙ୍କୁ ମୋଗଲ ଦରବାରକୁ ନିଆଗଲା । ପରେ ସେ ଶାହଜାହାନଙ୍କ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ପାଇଥିଲେ ।

୧୬୫୭ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ଆଦିଲ ଶାହାଙ୍କ ମୃତ୍ୟୁ ହେବାରୁ ତାଙ୍କର ଅଷ୍ଟାଦଶ ବର୍ଷିୟ ପୁତ୍ର ସିଂହାସନ ଆରୋହଣ କଲେ । ଆଉରଙ୍ଗଜେବ ଶାହଜାହାନଙ୍କ ଅନୁମତି ଲାଭକରି ବିଜାପୁର ରାଜନୀତିରେ ହସ୍ତକ୍ଷେପ କଲେ । ତାଙ୍କୁ ସାହାଯ୍ୟ କରିବାକୁ ମୀରଜୁମଲାଙ୍କୁ ପଠାଗଲା । ଆଉରଙ୍ଗଜେବ ବିଦର, କଲ୍ୟାଣୀ ଏବଂ ପାରେଣ୍ଡା ଦୁର୍ଗ ଅଧିକାର କଲେ । ଆଉରଙ୍ଗଜେବ ବିଜାପୁରକୁ ମୋଗଲ ସାମ୍ରାଜ୍ୟରେ ମିଶାଇଦେଇ ପାରିଥା'ନ୍ତେ; କିନ୍ତୁ ଏପରି କରିବାକୁ ଶାହଜାହାନ ଚାହୁଁନଥିଲେ । ସେତେବେଳେ ଶାହଜାହାନ ଅସୁସ୍ଥ ହୋଇପଡ଼ିବାରୁ ଆଉରଙ୍ଗଜେବଙ୍କୁ ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା ।

ଉତ୍ତର-ପଶ୍ଚିମ ନୀତି (North–West Policy)

କାନ୍ଦାହାର ଦୁର୍ଗ ଅଧିକାର କରିବା ନିମନ୍ତେ ସର୍ବଦା ପାରସିକ ଓ ମୋଗଲମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହୁଥିଲା । ଜାହାଙ୍ଗୀରଙ୍କ ରାଜତ୍ୱର ଶେଷବେଳକୁ ଏହି ଦୁର୍ଗଟି ପାରସିକମାନଙ୍କ ଅଧିକାରକୁ ଚାଲିଗଲା । ଶାହଜାହାନ ଏହି ଦୁର୍ଗ ଅଧିକାର କରିବାକୁ ଚାହିଁଲେ, ଯାହା ବ୍ୟତିରେକେ ଉତ୍ତର-ପଶ୍ଚିମ ସୀମାରେ ମୋଗଲ ସ୍ଥିତି ଆପେକ୍ଷିକ ଭାବରେ ଦୁର୍ବଳ ଥିଲା ।

ଆଲିମର୍ଦ୍ଦନ ଖାଁ ଥିଲେ କାନ୍ଦାହାରର ଶାସନକର୍ତ୍ତା । ପାରସ୍ୟର ଦରବାର ସହିତ ତାଙ୍କର ସୁସମ୍ପର୍କ ନଥିଲା । ତେଣୁ କାନ୍ଦାହାର ଦୁର୍ଗକୁ ସମର୍ପଣ କରିବା ପାଇଁ ଆଲିମର୍ଦ୍ଦନଙ୍କୁ ଶାହଜାହାନ ପ୍ରସ୍ତାବ ଦେଲେ । ଆଲିମର୍ଦ୍ଦନ ତାହାହିଁ କରିଥିଲେ । ୧୬୩୮ ଖ୍ରୀଷ୍ଟାବ୍ଦରେ ବିନା

କଷ୍ଟରେ କାନ୍ଦାହାର ମୋଗଲ ସମ୍ରାଟଙ୍କ ଅଧିକାରଭୁକ୍ତ ହେଲା । ଆଲିମର୍ଦ୍ଦନଙ୍କୁ ଶାହଜାହାନ ସେନାପତି ରୂପେ ନିଯୁକ୍ତ କଲେ । ସେ ହେଲେ ୬,୦୦୦ ଜାଟ ଓ ୬,୦୦୦ ସୱାର ଜଣେ ମନସବଦର ।

କିନ୍ତୁ ମୋଗଲମାନେ ଅଧିକକାଳ ପର୍ଯ୍ୟନ୍ତ କାନ୍ଦାହାର ଧରି ରଖିପାରିଲେ ନାହିଁ । ୧୬୪୮ ଖ୍ରୀଷ୍ଟାବ୍ଦରେ ପାରସ୍ୟର ଦ୍ୱିତୀୟ ଶାହା ଆବାସ କାନ୍ଦାହାର ଅବରୋଧ କଲେ । ଏହି ଦୁର୍ଗକୁ ରକ୍ଷା କରିବା ନିମିତ୍ତ ଶାହଜାହାନ ଏକ ଶକ୍ତିଶାଳୀ ସୈନ୍ୟଦଳ ସହିତ ଆଉରଙ୍ଗଜେବ ଓ ପ୍ରଧାନମନ୍ତ୍ରୀ ସାଦୁଲ୍ଲା ଖାଁଙ୍କୁ ପ୍ରେରଣ କଲେ; କିନ୍ତୁ ପାରସିକମାନଙ୍କର ଅପୂର୍ବ ରଣକୌଶଳ ଯୋଗୁଁ ସେମାନେ ହାର ମାନିଲେ । ୧୬୫୨ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ଅଧିକାର ପାଇଁ ଆଉରଙ୍ଗଜେବ ପୁନର୍ବାର ଆସିଥିଲେ । ଏଥର ମଧ୍ୟ ଦୁର୍ଜେୟ ପାରସିକମାନଙ୍କ ଅଧିକାରରୁ ସେ କାନ୍ଦାହାର ମୁକ୍ତ କରିପାରିନଥିଲେ । ବେଣୀପ୍ରସାଦ ଲେଖିଛନ୍ତି, କାନ୍ଦାହାରଠାରେ ତାଙ୍କ ସୈନ୍ୟମାନେ ପାଇଥିବା ଅପମାନକୁ ଆଉରଙ୍ଗଜେବ ଜୀବନକାଳ ମଧ୍ୟରେ ଭୁଲିଯାଇନଥିଲେ ।

ଶାହଜାହାନ ୧୬୫୩ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ଅଭିଯାନରେ ଦାରାଙ୍କୁ ପଠାଇଲେ । ଦାରା ମଧ୍ୟ ତାଙ୍କର ଅକ୍ଷମତା ପ୍ରକାଶ କଲେ । କାନ୍ଦାହାର ଅଧିକୃତ ହୋଇପାରିଲା ନାହିଁ; କିନ୍ତୁ ମୋଗଲ ରାଜକୋଷରୁ ୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଗଲା । ତା' ସହିତ ମୋଗଲମାନଙ୍କ ସମ୍ମାନରେ କଳଙ୍କ ଲାଗିଲା । ସେମାନଙ୍କ ବିଫଳତାକୁ ସମାଲୋଚନା କରି ଈଶ୍ୱରୀପ୍ରସାଦ ଲେଖିଛନ୍ତି, ''ସମ୍ରାଟଙ୍କ ବୃଥା ଅହଙ୍କାର ତୃପ୍ତ କରିବାକୁ ଚିନ୍ତାଶୂନ୍ୟ ଭାବରେ ମନୁଷ୍ୟ ଓ ପଶୁମାନଙ୍କୁ ବଳି ପକାଗଲା, ଯାହାଙ୍କର ନଥିଲା ସୁସଙ୍ଗଠିତ ଯୋଜନା ଏବଂ ଯିଏ ଏକ ସମ୍ପ୍ରଦାୟର ଏକତା ଓ କ୍ଷିପ୍ର କାର୍ଯ୍ୟାନୁଷ୍ଠାନର ଗୁରୁତ୍ୱ ହୃଦୟଙ୍ଗମ କରିବାକୁ ସଫଳ ହେଲେ ନାହିଁ ।''

ମଧ୍ୟଏସିଆ ନୀତି (Central Asian Policy)

ତାଙ୍କ ପିତା ଓ ପିତାମହଙ୍କ ପରି ମଧ୍ୟଏସିଆରେ ପୂର୍ବପୁରୁଷମାନଙ୍କର ପୁରୁଣା ଅଞ୍ଚଳଗୁଡ଼ିକ ପୁନର୍ବାର ଜୟ କରିବା ପାଇଁ ଶାହଜାହାନ ଚାହିଁଥିଲେ । ସମ୍ରାଟ ହେବା ଦିନଠାରୁ ସେ ଚାହିଁଥିଲେ ବଲଖ ଓ ବଦଖସାନ ରାଜ୍ୟଦ୍ୱୟ ଜୟ କରିବେ, ତଦ୍ୱାରା ତାଙ୍କ ପ୍ରସିଦ୍ଧ ପୂର୍ବପୁରୁଷ ତିମୁର ବା ତୈମୁରଲଙ୍ଗଙ୍କ ରାଜଧାନୀ ସମରକନ୍ଦ ଜୟ କରିବାକୁ ପଥ ସୁଗମ ହେବ । ଜେ. ଏନ. ସରକାର ଲେଖିଛନ୍ତି, ''ତାଙ୍କ (ଶାହଜାହାନ) ରାଜ୍ୟର ସମୃଦ୍ଧି ଓ ତାଙ୍କ ସଭାସଦମାନଙ୍କର ତୋଷାମଦ ଶାହଜାହାନଙ୍କ ମନ ପରିବର୍ତ୍ତନ କରିଥିଲା ଏବଂ ସେ ସ୍ୱପ୍ନ ଦେଖିବା ଆରମ୍ଭ କଲେ- ବ୍ୟର୍ଥ ସ୍ୱପ୍ନଗୁଡ଼ିକ ମଧ୍ୟରେ ଅଧିକତମ ବ୍ୟର୍ଥ ସ୍ୱପ୍ନ ।'' ଏହି ସ୍ୱପ୍ନଗୁଡ଼ିକ ମଧ୍ୟରୁ ତାଙ୍କର ବଲ୍‌ଖ ଅଭିଯାନ ଗୋଟିଏ । ବାସ୍ତବିକ ହିନ୍ଦୁକୁଶର ଉଚ୍ଚଶ୍ରେଣୀ

ମଧ୍ୟଦେଇ ସୈନ୍ୟ ପରିଚାଳନା କରିବା ଖୁବ୍ କଷ୍ଟସାଧ୍ୟ ଥିଲା । ୧୬୪୬ ଖ୍ରୀଷ୍ଟାବ୍ଦରେ ଏ ଦୁଇ ରାଜ୍ୟର ଆଭ୍ୟନ୍ତରୀଣ ଗଣ୍ଡଗୋଳ ଶାହଜାହାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା । ରାଜପୁତ୍ର ମୁରାଦ ଓ ଆଲିମର୍ଦ୍ଦନ ଏହି ରାଜ୍ୟଗୁଡ଼ିକ ଦଖଲ କରିଥିଲେ ମଧ୍ୟ ସେମାନଙ୍କ ବିଜୟକୁ ଦୃଢ଼ୀଭୂତ କରିପାରିନଥିଲେ । ସେଠିକାର ଜଳବାୟୁ ମୁରାଦଙ୍କ ଦେହ ପକ୍ଷେ ହିତକର ନ ହେବାରୁ ସେ ଭାରତକୁ ଫେରିଆସିଲେ । ତେଣୁ ଶାହଜାହାନ ସାଦୁଲ୍ଲା ଖାଁଙ୍କୁ ବଲ୍ଖ ପ୍ରେରଣ କଲେ । ତା' ପରବର୍ଷ ଏକ ବିଶାଳ ସୈନ୍ୟବାହିନୀ ନେଇ ଆଉରଙ୍ଗଜେବ ବଲ୍ଖଠାରେ ଉପନୀତ ହେଲେ; କିନ୍ତୁ ଉଜବେଗ୍‌ମାନଙ୍କ ପ୍ରତିଆକ୍ରମଣ ସହ୍ୟ କରିନପାରି ସେ କୃତକାର୍ଯ୍ୟ ନ ହୋଇ ଫେରିଆସିଥିଲେ । ଏହି ବଲ୍ଖ ଅଭିଯାନରେ ଭାରତୀୟ ରାଜକୋଷରୁ ଚାରିକୋଟି ଟଙ୍କା ଖର୍ଚ୍ଚ ହେଲା; କିନ୍ତୁ ମୋଗଲ ସାମ୍ରାଜ୍ୟରେ ଏକ ଇଞ୍ଚ ଜମି ମଧ୍ୟ ମିଶିପାରିଲା ନାହିଁ ।

ସିଂହାସନ ପାଇଁ ବିବାଦ (Conflict for the throne)

ଶାହଜାହାନଙ୍କ ରାଜତ୍ୱ ସମୟରେ ଏକ କଳଙ୍କିତ ଦୃଶ୍ୟ ହେଉଛି ସିଂହାସନ ଲାଭ ଆଶାରେ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସଂଘର୍ଷ । ଶାହଜାହାନଙ୍କ ଚାରିପୁତ୍ର ଦାରା, ସୁଜା, ମୁରାଦ ଓ ଆଉରଙ୍ଗଜେବଙ୍କ ମଧ୍ୟରେ ଶେଷଜଣକ ଥିଲେ ଶ୍ରେଷ୍ଠ । ଜ୍ୟେଷ୍ଠପୁତ୍ର ଦାରା ଥିଲେ ଶାହଜାହାନଙ୍କର ଖୁବ୍ ବିଶ୍ୱସ୍ତ । ଶାହଜାହାନ ତାଙ୍କୁ ଉତ୍ତରାଧିକାରୀ ହେବା ନିମିତ୍ତ ଇଚ୍ଛା କରୁଥିଲେ; କିନ୍ତୁ ଦାରା ପିତାଙ୍କ ପାଖେ ପାଖେ ସର୍ବଦା ଉପସ୍ଥିତ ଥିବାରୁ ଜଣେ ବିଚକ୍ଷଣ ରାଜନୀତିଜ୍ଞ ଓ ସେନାପତି ହେବା ନିମନ୍ତେ ସୁଯୋଗ ପାଇପାରିନଥିଲେ । ଦ୍ୱିତୀୟ ପୁତ୍ର ସୁଜା ଥିଲେ ବଙ୍ଗଳାର ଶାସକ । ସେ ଚତୁର ଓ ଯୋଦ୍ଧା ଥିଲେ ମଧ୍ୟ ବିଳାସିତ ଜୀବନ ଅତିବାହିତ କରି ଦୁର୍ବଳ ହୋଇପଡ଼ିଲେ । କନିଷ୍ଠ ପୁତ୍ର ମୁରାଦଙ୍କୁ ଗୁଜୁରାଟର ଶାସନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେ ନିର୍ବୋଧ, ଉଚ୍ଛୃଙ୍ଖଳ ଓ ମଦ୍ୟପ ଥିଲେ । ନେତୃତ୍ୱ ନେବାର ଗୁଣ ତାଙ୍କଠାରେ ନଥିଲା । ଚତୁର୍ଥ ପୁତ୍ର ଆଉରଙ୍ଗଜେବ ଥିଲେ ଭ୍ରାତାମାନଙ୍କ ମଧ୍ୟରେ ସର୍ବାଧିକ ସମର୍ଥ ।

୧୬୫୭ ଖ୍ରୀଷ୍ଟାବ୍ଦରେ ଶାହଜାହାନ ହଠାତ୍ ରୋଗରେ ପୀଡ଼ିତ ହୋଇପଡ଼ିଲେ । ତାଙ୍କ ପାଖରେ ଥିଲେ ଦାରା । ତାଙ୍କର ଅନ୍ୟ ତିନିଭ୍ରାତା ଭାବିଲେ ଶାହଜାହାନଙ୍କର ମୃତ୍ୟୁ ହୋଇଛି ଏବଂ ଏହିକଥା ଦାରା ଗୋପନ ରଖୁଛନ୍ତି । ବଙ୍ଗଳାର ସେତେବେଳର ରାଜଧାନୀ ରାଜମହଲଠାରେ ନିଜକୁ ସମ୍ରାଟ ବୋଲି ସୁଜା ଘୋଷଣା କଲେ । ତାଙ୍କ ନାମରେ ମୁଦ୍ରା ପ୍ରଚଳନ କରିବା ସହିତ ଖୁତ୍‌ବା ପାଠ ପାଇଁ ସେ ନିର୍ଦ୍ଦେଶ ଦେଲେ; କିନ୍ତୁ ତାଙ୍କୁ ବନାରସଠାରେ ପରାସ୍ତ କରିଥିଲେ ଦାରାଙ୍କ ପୁତ୍ର ସୁଲେମାନ (Sulaiman)ଙ୍କ ଦ୍ୱାରା ପ୍ରେରିତ ଏକ

ସୈନ୍ୟଦଳ । ତେଣୁ ସୁଜା ବାଧ୍ୟ ହୋଇ ବଙ୍ଗଳାକୁ ପ୍ରତ୍ୟାବର୍ତ୍ତନ କଲେ । ଅହମ୍ମଦାବାଦଠାରେ ମୁରାଦ ନିଜକୁ ସମ୍ରାଟ ରୂପେ ଅଭିହିତ କଲେ । ସେ ମାଲୱାଠାରେ ଆଉରଙ୍ଗଜେବଙ୍କ ସହିତ ମେଣ୍ଟ ବାନ୍ଧିଲେ । ଆଉରଙ୍ଗଜେବ ମୁରାଦଙ୍କୁ ପ୍ରସ୍ତାବ ଦେଲେ ଯେ ଦାରା ପରାଜିତ ହେବା ପରେ ସେ ଦୁହେଁ ସାମ୍ରାଜ୍ୟ ବଣ୍ଟନ କରିବେ । ମୁରାଦ ପାଇବେ ପଞ୍ଜାବ, ଆଫଗାନିସ୍ତାନ, କାଶ୍ମୀର ଓ ସିନ୍ଧୁ ପ୍ରଦେଶ ଏବଂ ଅବଶିଷ୍ଟ ଅଞ୍ଚଳ ପାଇବେ ଆଉରଙ୍ଗଜେବ । ୧୬୫୮ ଖ୍ରୀଷ୍ଟାବ୍ଦ ଅପ୍ରେଲ ୨୫ ତାରିଖ ଦିନ ଉଜ୍ଜୟିନୀ ନିକଟସ୍ଥ ଧର୍ମାଟ୍‌ଠାରେ ଦାରାଙ୍କ ଦ୍ୱାରା ପ୍ରେରିତ ମହାରାଜ ଯଶୋବନ୍ତ ସିଂହ ଓ କାଶିମ୍ ଖାଁଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ଏବଂ ଆଉରଙ୍ଗଜେବ ଓ ମୁରାଦଙ୍କ ସୈନ୍ୟବାହିନୀ ମଧ୍ୟରେ ଯୁଦ୍ଧ ହେଲା । କାଶିମ୍ ଖାଁ ଯୁଦ୍ଧ ନ କରି ଚୁପ୍ ହୋଇଗଲେ । ରାଠୋରମାନେ ବୀରତ୍ୱର ସହିତ ଯୁଦ୍ଧ କରି ବିପୁଳ କ୍ଷତିର ସମ୍ମୁଖୀନ ହେଲେ ।

ଯୁଦ୍ଧରେ ବିଜୟୀ ହୋଇ ଆଉରଙ୍ଗଜେବ ଓ ମୁରାଦ ଗ୍ୱାଲିଅର ଓ ଚମ୍ବଲ ଅତିକ୍ରମ କରି ଆଗ୍ରା ଦୁର୍ଗଠାରୁ ୮ ମାଇଲ ଦୂରରେ ଅବସ୍ଥିତ ସାମୁଗଡ଼ଠାରେ ପହଞ୍ଚିଲେ । ଦାରାଙ୍କ ଅଧୀନରେ ଥିଲେ ୫୦,୦୦୦ ଜଣ ସୈନ୍ୟ । ୧୬୫୮ ଖ୍ରୀଷ୍ଟାବ୍ଦ ମେ ମାସ ୨୯ ତାରିଖ ଦିନ ସାମୁଗଡ଼ଠାରେ ଦୁଇପକ୍ଷ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ହେଲା । ଦାରାଙ୍କ ପାଇଁ ଭାଗ୍ୟ ଅନୁକୂଳ ନଥିଲା । ତାଙ୍କର ହସ୍ତୀ ଆଘାତପ୍ରାପ୍ତ ହେବାରୁ ଅନ୍ୟ ଏକ ଅଶ୍ୱ ଆରୋହଣ କରି ଦାରା ଯୁଦ୍ଧ କରିଥିଲେ । ଫଳରେ ତାଙ୍କୁ ଦେଖିନପାରି ଦାରାଙ୍କ ସୈନ୍ୟମାନେ ହତୋତ୍ସାହ ହୋଇପଡ଼ିଲେ । ପରାଜିତ ହୋଇ ନିରାଶରେ ଦାରା ପଳାୟନ କଲେ । ଆଉରଙ୍ଗଜେବ ଆଗ୍ରା ଦୁର୍ଗ ଅଧିକାର କଲେ ଓ ନିଜକୁ ସମ୍ରାଟ ବୋଲି ଘୋଷଣା କଲେ । ଶାହଜାହାନଙ୍କୁ ବନ୍ଦୀ କରାଗଲା ।

ଆଉରଙ୍ଗଜେବ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ସମୟରେ ମଥୁରା ନିକଟବର୍ତ୍ତୀ ରୂପନଗରଠାରେ ଅଟକି ଯାଇଥିଲେ, ଉଦ୍ଦେଶ୍ୟ ଥିଲା ମୁରାଦଙ୍କର ପତନ ଘଟାଇବେ । ସେ ତାଙ୍କୁ ଏକ ଭୋଜିକୁ ନିମନ୍ତ୍ରଣ କରି ସଲିମଗଡ଼ ଦୁର୍ଗରେ ବନ୍ଦୀ କଲେ । ୧୬୫୯ ଖ୍ରୀଷ୍ଟାବ୍ଦରେ ତାଙ୍କୁ ଗ୍ୱାଲିଅର ଦୁର୍ଗକୁ ସ୍ଥାନାନ୍ତରିତ କରାଗଲା ଓ ୧୬୬୧ ଖ୍ରୀଷ୍ଟାବ୍ଦରେ ତାଙ୍କୁ ହତ୍ୟା କରାଗଲା । ଆହ୍ଲାବାଦ ନିକଟସ୍ଥ ଖାଜୱା (Khajwah) ଠାରେ ଆଉରଙ୍ଗଜେବ ୧୬୫୯ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ସୁଜାଙ୍କୁ ପରାସ୍ତ କଲେ । ସୁଜା ଆରାକାନକୁ ପଳାୟନ କଲେ । ତାଙ୍କ ବିଷୟରେ ଆଉ କିଛି ଶୁଣାଯାଇନଥିଲା । ଆଉରଙ୍ଗଜେବ ମଧ୍ୟ ଦାରାଙ୍କ ପୁତ୍ର ସୁଲେମାନଙ୍କୁ ବନ୍ଦୀ କଲେ । ପ୍ରତିଦିନ ପ୍ରଭାତରେ ତାଙ୍କୁ ଏକ ଭୟଙ୍କର ପାନୀୟ ଦିଆଯାଉଥିଲା । ୧୬୬୨ ଖ୍ରୀଷ୍ଟାବ୍ଦରେ ଏହି ହତଭାଗ୍ୟ ରାଜପୁତ୍ର ପ୍ରାଣତ୍ୟାଗ କଲେ ।

ଦାରା ଦିଲ୍ଲୀଠାରୁ ଲାହୋର ପଳାୟନ କଲେ । ଆଉରଙ୍ଗଜେବଙ୍କ ସୈନ୍ୟମାନେ ତାଙ୍କର ପଶ୍ଚାତ୍‌ଧାବନ କରିବାରୁ ଦାରା ମୁଲତାନ ପଳାଇଲେ । ଏହାପରେ ଯୋଧପୁରର ରାଜା ଯଶୋବନ୍ତ ସିଂହଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ସେ ଆଜମୀର ଯାତ୍ରା କଲେ; କିନ୍ତୁ ଅମ୍ବରର ରାଜା ଜୟ ସିଂହଙ୍କ ଦ୍ୱାରା ପ୍ରଭାବିତ ହୋଇ ଯଶୋବନ୍ତ ଆଉରଙ୍ଗଜେବଙ୍କ ପକ୍ଷ ଗ୍ରହଣ କଲେ । ତେଣୁ ଦାରାଙ୍କୁ ଅହମ୍ମଦାବାଦ ଯାତ୍ରା କରିବାକୁ ପଡ଼ିଥିଲା । ଗୁଜୁରାଟରେ ତାଙ୍କୁ ଆଶ୍ରୟ ମିଳିଲା ନାହିଁ । ଶେଷରେ ୧୬୫୯ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ଆଜମୀରର ଦକ୍ଷିଣକୁ ଚାରି ମାଇଲ ଦୂରସ୍ଥ ଦେଓରାଇ (Deorai) ସଂକୀର୍ଣ୍ଣ ପଥରେ ଏକ ତିନିଦିନିଆ ଯୁଦ୍ଧରେ ଦାରା ପରାସ୍ତ ହେଲେ । ନିଜର ସୁରକ୍ଷା ପାଇଁ ସେ ଖୁବ୍ ଶୀଘ୍ର ଭାରତର ଉତ୍ତର-ପଶ୍ଚିମ ସୀମାକୁ ପଳାୟନ କଲେ । ଦାଦରର ଆଫଗାନ୍ ମୁଖ୍ୟଙ୍କ ପାଖରେ ସେ ଆଶ୍ରା ଖୋଜିଥିଲେ । ଦାଦର ଯିବା ପଥରେ ଦାରାଙ୍କ ବିଶ୍ୱସ୍ତ ରାଣୀ ନାଦିରା ବେଗମ୍‌ଙ୍କର ମୃତ୍ୟୁ ହେଲା । ଦୁଃଖର ପାହାଡ଼ ଉପରେ ପାହାଡ଼ ତାଙ୍କ ହୃଦୟକୁ ଚାପି ଦେଉଥିଲା । ଅବିଶ୍ୱସ୍ତ ଆଫଗାନ୍ ମୁଖ୍ୟ ଦାରାଙ୍କୁ ପ୍ରତାରଣା କରି ବାହାଦୁର ଖାଁଙ୍କୁ ଅର୍ପଣ କଲେ । ଦାରାଙ୍କୁ ବନ୍ଦୀ କରାଯାଇ ଦିଲ୍ଲୀକୁ ଅଣାଗଲା । ପରିଶେଷରେ ୧୬୫୯ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୩୦ ତାରିଖ ଦିନ ଦାରାଙ୍କୁ ହତ୍ୟା କରାଗଲା । ଏହିପରି ଅତି ନିଷ୍ଠୁର ଭାବରେ ଭ୍ରାତାମାନଙ୍କୁ ହତ୍ୟା କରି ଆଉରଙ୍ଗଜେବ ନିଜକୁ ନିଷ୍କଣ୍ଟକ କରିଥିଲେ ।

ଶାହଜାହାନଙ୍କ ମୃତ୍ୟୁ (Death of Shahjahan)

ସମ୍ରାଟ ଶାହଜାହାନଙ୍କର ଅନ୍ତିମ ପରିଣତି ମଧ୍ୟ ଖୁବ୍ କଷ୍ଟଦାୟକ ଥିଲା । ୧୬୫୮ ଖ୍ରୀଷ୍ଟାବ୍ଦରେ ବୃଦ୍ଧ ପିତା ଶାହଜାହାନଙ୍କୁ ଆଗ୍ରା ଦୁର୍ଗ ମଧ୍ୟରେ ଆଉରଙ୍ଗଜେବ ବନ୍ଦି କଲେ । ଆଗ୍ରା ଦୁର୍ଗର ପ୍ରତିରକ୍ଷକମାନଙ୍କ ବିରୁଦ୍ଧରେ ଆଉରଙ୍ଗଜେବ୍ ଆକ୍ରମଣଶୀଳ ପଦକ୍ଷେପ ଗ୍ରହଣ କରିଥିଲେ । ଦୁର୍ଗ ମଧ୍ୟକୁ ଯମୁନା ନଦୀର ଜଳଯୋଗାଣ ସେ ବନ୍ଦ କରିଦେଲେ । ଗ୍ରୀଷ୍ମକାଳରେ ଶାହଜାହାନଙ୍କୁ ଆଗ୍ରା ଦୁର୍ଗ ମଧ୍ୟରେ ଥିବା ଖାରିଆ ଜଳରେ ତୃଷ୍ଣା ମେଣ୍ଟାଇବାକୁ ପଡ଼ିଥିଲା । ଜଣେ ସାଧାରଣ ବନ୍ଦୀ ପାଇଁ ଉଦ୍ଦିଷ୍ଟ ସୁବିଧା ମଧ୍ୟ ତାଙ୍କୁ ଦିଆଗଲା ନାହିଁ । ତାଜମହଲକୁ ସେ ବ୍ୟଥିତ ହୃଦୟରେ ଚାହୁଁଥିଲେ । ପ୍ରାର୍ଥନା ଓ ଧ୍ୟାନ ଭିତରେ ସେ ଶାନ୍ତି ଖୋଜୁଥିଲେ । ପାଖେ ପାଖେ ଥିଲେ ତାଙ୍କ କନ୍ୟା ଜାହାନାରା । ଦୀର୍ଘ ୮ ବର୍ଷ ବନ୍ଦିଶାଳାରେ କଟାଇ ୭୪ ବର୍ଷ ବୟସରେ ୧୬୬୬ ଖ୍ରୀଷ୍ଟାବ୍ଦ ଜାନୁଆରୀ ୩୧ ତାରିଖ ଦିନ ତାଙ୍କର ଦୁଃଖ ଓ ଯନ୍ତ୍ରଣାପୂର୍ଣ୍ଣ ଜୀବନର ପରିସମାପ୍ତି ଘଟିଲା ।

କଳା ଓ ସ୍ଥାପତ୍ୟର ବିକାଶ (Development of Art and Architecture)

କେଉଁ ସ୍ମରଣାତୀତ କାଳରୁ ବିଦେଶର ସ୍ଥାପତ୍ୟ ଶୈଳୀ ଗ୍ରହଣ କରିବାରେ ଭାରତୀୟ ସ୍ଥପତିମାନଙ୍କର ନିଜସ୍ୱ ସାମର୍ଥ୍ୟ ଥିଲା; କିନ୍ତୁ ଏହା ସତ୍ୟ ଯେ ଭାରତୀୟ ସ୍ଥପତିମାନଙ୍କୁ

ବିଦେଶୀଶୈଳୀ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରିନଥିଲା । ପରବର୍ତ୍ତୀ ତୁର୍କ-ଆଫଗାନ୍ ଯୁଗରୁ ଆରମ୍ଭ ହୋଇଥିବା କଳା ସ୍ଥାପତ୍ୟ ମୋଗଲମାନଙ୍କ ଦ୍ୱାରା ଅଭିବୃଦ୍ଧି ଘଟି ଏକ ଚୂଡ଼ାନ୍ତ ରୂପ ନେଲା । ବାସ୍ତବିକ ୧୫୨୬ ଖ୍ରୀଷ୍ଟାବ୍ଦରେ ଉଭୟ ମୁସଲିମ୍ ଓ ହିନ୍ଦୁ ନିର୍ମାଣ କଳାର ଏକ ସୁନ୍ଦର ସମନ୍ୱୟ ଘଟିଲା, ଅର୍ଥାତ୍ ହିନ୍ଦୁକଳାର ବନ୍ଧନୀ (Bracket), କ୍ରମସୂକ୍ଷ୍ମ ଗମ୍ବୁଜ (Tapering domes), ଅପ୍ରଶସ୍ତ ସ୍ତମ୍ଭ (Narrow columns) ଏବଂ ସୌନ୍ଦର୍ଯ୍ୟବର୍ଦ୍ଧକ ଅଳଙ୍କାର ପ୍ରଭୃତି ମୁସଲିମ୍ ସ୍ଥାପତ୍ୟକଳାର ଖିଲାଣ (Arches), ବର୍ତ୍ତୁଳାକାର ଗମ୍ବୁଜ (Spherical dome), ଜ୍ୟାମିତିକ ପ୍ରତିକୃତି (Geographical Patterns) ଏବଂ ଗବାକ୍ଷ ବେଷ୍ଟନୀ (Window Screening) ସହିତ ମିଳିତ ହେଲା ।

ମୋଗଲମାନେ ଥିଲେ ଶ୍ରେଷ୍ଠ ନିର୍ମାତା । ସେମାନଙ୍କ ହସ୍ତରେ ଥିବା ପ୍ରଚୁର ଧନ ଓ କ୍ଷମତା ସେମାନଙ୍କୁ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଟ୍ଟାଳିକା, ଉଦ୍ୟାନ ଓ ସହର ନିର୍ମାଣ ପାଇଁ ସକ୍ଷମ କରିଥିଲା । ମୋଗଲମାନଙ୍କର ସ୍ଥାପତ୍ୟର ବୈଶିଷ୍ଟ୍ୟ ଥିଲା ଅଭିନବତା । ସେମାନଙ୍କ ପୂର୍ବବର୍ତ୍ତୀ ଦିନଗୁଡ଼ିକରେ ସ୍ଥାପତ୍ୟକଳାରେ ଦେଖାଯାଇଥିବା ବିଶାଳତା ଓ ସାରଲ୍ୟ ପରିବର୍ତ୍ତେ ଏହା ହେଲା ଚିତ୍ତାକର୍ଷକ ଓ କାରୁକାର୍ଯ୍ୟପୂର୍ଣ୍ଣ । ବୃହତ୍ ଉଦ୍ୟାନ ମଧ୍ୟରେ ସୁଦୃଶ୍ୟ କବର ସ୍ତମ୍ଭ ନିର୍ମାଣ କରିବା ଅଭ୍ୟାସ ମୋଗଲମାନଙ୍କଠାରୁ ହିଁ ଆରମ୍ଭ ହୋଇଥିଲା । ଏହି ଦୃଷ୍ଟିରୁ ସେମାନଙ୍କୁ ପ୍ରାଚୀନ ମିଶରର ଫାରୋମାନଙ୍କ ସହିତ ତୁଳନା କରାଯାଇପାରେ ।

ବାବରଙ୍କ ସମୟରୁ ମୋଗଲ ସ୍ଥାପତ୍ୟ ଆରମ୍ଭ ହେଲା । ନୂତନ ସୌଧମାନ ନିର୍ମାଣ କରିବା ପାଇଁ ସେ ଆଲବାନିଆର ସ୍ଥପତି ସିନାନଙ୍କ ଶିଷ୍ୟମାନଙ୍କୁ କନ୍‌ଷ୍ଟାଣ୍ଟିନୋପଲରୁ ଭାରତକୁ ଅଣାଇଥିଲେ । ତାଙ୍କ ଦ୍ୱାରା ନିର୍ମିତ ପାନିପଥସ୍ଥିତ ମସ୍‌ଜିଦ୍ ଓ ସମ୍ବଲର ଜୁମା ମସ୍‌ଜିଦ୍ ଏବେ ମଧ୍ୟ ବିଦ୍ୟମାନ । ହୁମାୟୁନ ଆଗ୍ରାଠାରେ ଏକ ସୌଧ ଓ ପଞ୍ଜାବର ହିସାର ଜିଲ୍ଲାରେ ଫତେହାବାଦ ମସ୍‌ଜିଦ୍ ନିର୍ମାଣ କରିଥିଲେ । ଶେରଶାହାଙ୍କ ସମୟର ପ୍ରସିଦ୍ଧ କୀର୍ତ୍ତି ହେଲା ଦିଲ୍ଲୀ ନିକଟସ୍ଥ ପୁରୁଣାକିଲ୍ଲାର ମସ୍‌ଜିଦ୍ ଓ ସାସାରାମଠାରେ ଥିବା ତାଙ୍କର ସମାଧି ସ୍ତୂପ । ଆକବରଙ୍କ ସମୟରେ ହିନ୍ଦୁ ଓ ପାରସିକ କଳାର ଅପୂର୍ବ ମିଶ୍ରଣ ହେଲା । ତାଙ୍କ ସ୍ଥାପତ୍ୟର ନମୁନା ହେଲା ଆଗ୍ରା ଦୁର୍ଗ । ଫତେପୁର ସିକ୍ରୀ ସ୍ଥିତ ଦିୱାନ୍-ଇ-ଖାସ୍, ଦିୱାନ୍-ଇ-ଆମ୍, ପଞ୍ଚମହଲା, ବୁଲନ୍ଦ ଦରୱାଜ, ଯୋଧବାଈ ପ୍ରାସାଦ, ବିରବଲ ପ୍ରାସାଦ ଓ ହିରନ ମହଲ ପ୍ରଭୃତି ଥିଲା ତାଙ୍କର ବିଖ୍ୟାତ ବିଖ୍ୟାତ କୀର୍ତ୍ତି । ଚିସ୍ତିଙ୍କର ଜୁମା ମସ୍‌ଜିଦ୍‌କୁ 'ଫତେପୁର ଗୌରବ' ରୂପେ ବର୍ଣ୍ଣନା କରାଯାଇଛି । ଇତିମାଦ୍ ଉଦ୍ଦୌଲା କବର ଓ ଲାହୋରସ୍ଥିତ ଜାହାଙ୍ଗୀର କବର ଥିଲା ଜାହାଙ୍ଗୀରଙ୍କ ସମୟର ବିଶିଷ୍ଟ ସୌଧମାନ ।

ଶାହଜାହାନଙ୍କ ସ୍ଥାପତ୍ୟକଳା

ମୋଗଲମାନଙ୍କ ମଧ୍ୟରେ ସବୁଠୁଁ ବିଳାସୀ ନିର୍ମାତା ଥିଲେ ଶାହଜାହାନ । ତାଙ୍କର ସୌଧଗୁଡ଼ିକରେ ପ୍ରଚୁର ମାର୍ବଲ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଚାରୁକଳାର ପୂର୍ଣ୍ଣ ବିକାଶ

ଘଟିଥିଲା । ପର୍ସିବ୍ରାଉନ୍ କହିଛନ୍ତି, ତାଙ୍କର ରାଜତ୍ୱ ଥିଲା 'ମର୍ମର ପ୍ରସ୍ତରର ରାଜତ୍ୱ' । ବିପୁଳ ପରିମାଣରେ ମାର୍ବଲ ବ୍ୟବହାର ଦ୍ୱାରା ସେ ଏକ ନୂତନ ପ୍ରଥା ଆରମ୍ଭ କଲେ । ତାଙ୍କ ସମୟରେ ପ୍ରକୃତରେ ହିନ୍ଦୁ ଓ ମୁସଲିମ୍ କଳାର ସମନ୍ୱୟ ଘଟିଥିଲା । ପିଏତ୍ରଡୁରା ପ୍ରୟୋଗ, ଉପମିନାର (Minerets)ଗୁଡ଼ିକର ଉପଯୁକ୍ତ ବିନ୍ୟାସ, ପଞ୍ଝଧାର ଖିଲାଣ ପରିବର୍ତ୍ତେ ନବଧାର ଖିଲାଣ ଓ କନ୍ଦାକାର (bultous) ଗମ୍ବୁଜ, ଛତ୍ରି, ପଦ୍ମପତ୍ର, କ୍ରମଶ କ୍ଷୀଣ ସ୍ତମ୍ଭ ଓ ଅନ୍ୟ କେତେକ ମାଧ୍ୟମ ପ୍ରୟୋଗ ଶାହଜାହାନଙ୍କ ନିର୍ମାଣ କଳାର ବିଶେଷତ୍ୱ ଥିଲା ।

.ଆଗ୍ରା, ଦିଲ୍ଲୀ, ଲାହୋର, କାଶ୍ମୀର, କାବୁଲ୍, କାନ୍ଦାହାର, ଆଜମୀର ଓ ଅହମ୍ମଦାବାଦ ପ୍ରଭୃତି ସ୍ଥାନରେ ଶାହଜାହାନଙ୍କ ଦ୍ୱାରା ନିର୍ମିତ ନବର, ମସ୍‌ଜିଦ, ସମାଧିସ୍ତୂପ, ଓ ମଣ୍ଡପମାନ ତାଙ୍କ କଳାସ୍ଥାପତ୍ୟର ଆଭାସ ଦେଇଥାଏ । ଦନବାର କହିଛନ୍ତି, ''ଶାହଦାରଠାରେ ଜାହାଙ୍ଗୀରଙ୍କ କବର, ଦିଲ୍ଲୀର ଜୁମା ମସ୍‌ଜିଦ୍, ଆଗ୍ରାର ମୋତି ମସ୍‌ଜିଦ୍ ଏବଂ ସେଠାରେ ଯମୁନା ନଦୀ କୂଳରେ ଜଣେ ନାରୀଙ୍କର ସ୍ମୃତି ରକ୍ଷା ପାଇଁ ଗଢା ସବୁଠୁ ଅଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ ତାଜମହଲରେ ସେ (ଶାହଜାହାନ) ତାଙ୍କ ଦେଶକୁ ଦାନ କରିଗଲେ ଭାରତ-ପାରସିକ ଶୈଳୀର ଅଧିକତର ସୁନ୍ଦର ନମୁନା ।''

ଲାଲକିଲ୍ଲା

ଶାହଜାହାନ ଦିଲ୍ଲୀ ନିକଟରେ ୧୬୩୮ ଖ୍ରୀଷ୍ଟାବ୍ଦରେ ଶାହଜାହାନବାଦ ସହର ନିର୍ମାଣ କରିଥିଲେ । ଏହି ସହରରେ ସେ ଗଢିଥିଲେ ପ୍ରସିଦ୍ଧ ଲାଲକିଲ୍ଲା । ଏହି ଦୁର୍ଗ ମଧ୍ୟରେ ଥିବା ସୌଧଗୁଡ଼ିକ ମଧ୍ୟରେ ରଙ୍ଗମହଲ, ହୀରାମହଲ, ମୋତିମହଲ, ଦିଓ୍ୱାନ୍-ଇ-ଖାସ୍, ଦିଓ୍ୱାନ୍-ଇ-ଆମ୍ ପ୍ରଭୃତି ଅତୀବ ମନୋହର । ଲାଲକିଲ୍ଲାର ୫୦ଟି ଦୁର୍ଗ ମଧ୍ୟରୁ ଏବେ ୨୦ଟି ଦୁର୍ଗ ଅକ୍ଷତ ଅବସ୍ଥାରେ ରହିଅଛି । ଦୁର୍ଗରେ ଥିଲା ତିନୋଟି ପ୍ରବେଶ ଦ୍ୱାର । ଏହା ଆଗ୍ରା ଦୁର୍ଗର ନିର୍ମାଣ କୌଶଳ ଅନୁଯାୟୀ ନିର୍ମିତ ହୋଇଥିଲା । ମୋଗଲଯୁଗରୁ ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ଆକର୍ଷଣୀୟ ଦୁର୍ଗ ଆଜି ପର୍ଯ୍ୟନ୍ତ ଆମ ଜାତୀୟ ରାଜନୀତିକ ଜୀବନ ସହିତ ସଂଶ୍ଳିଷ୍ଟ ।

ଦିଓ୍ୱାନ୍-ଇ-ଖାସ୍ ଥିଲା ସର୍ବୋଚ୍ଚ ଆଳଙ୍କାରିକ ସୌଧ । କାବ୍ୟରେ କଳ୍ପିତ କୌଣସି ମନୋରମ୍ୟ ସୌଧଠାରୁ ବାସ୍ତବରେ ଏହା ଊଣା ନଥିଲା । ଦିଓ୍ୱାନ୍-ଇ-ଖାସ୍ ମଧ୍ୟରେ ରଖାଯାଇଥିଲା ପ୍ରସିଦ୍ଧ ମୟୂର ସିଂହାସନ । ଏହି ସୌଧର ଛାତର ଭିତର ପାଖ ରୌପ୍ୟ ଅସ୍ତର (Silver lining) ଦ୍ୱାରା ଆଚ୍ଛାଦିତ ଥିଲା । ଏହାର ତିନୋଟି ମାର୍ବଲ କାନ୍ଥ ସ୍ୱର୍ଣ୍ଣ ଓ ମୂଲ୍ୟବାନ୍ ଅଳଙ୍କାର ଦ୍ୱାରା ହୋଇଥିଲା ସୁଶୋଭିତ । ଗୋଟିଏ କାନ୍ଥରେ ଖୋଦିତ ହୋଇଥିଲା-

''ଯଦି ପୃଥିବୀପୃଷ୍ଠରେ ଏକ ସ୍ୱର୍ଗ ଥାଏ,
ତାହା ଏହା, ତାହା ଏହା, କୌଣସିଟି ନୁହେଁ କିନ୍ତୁ ଏହା ।''

"If there be an Eden of bliss on earth
It is this, it is this, none but this."

ଦିଓ୍ୱାନ୍-ଇ-ଆମ୍ ଏପରି ନିର୍ମିତ ହୋଇଥିଲା ଯେ, ସ୍ତମ୍ଭଗୁଡ଼ିକ ମାଧ୍ୟମ ଦେଇ ସିଂହାସନ ପୃଷ୍ଠରୁ ସମ୍ରାଟ ଏହାର ପ୍ରତ୍ୟେକ କୋଣ ଦେଖିପାରୁଥିଲେ । ସେହିପରି ରଙ୍ଗମହଲ ବା ଇମ୍‌ତିଆଜ ମହଲର (Imtiaj-mahal) କାରୁକାର୍ଯ୍ୟ ଓ ସୌନ୍ଦର୍ଯ୍ୟ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଆକର୍ଷଣ କରୁଥିଲା । ପର୍ସିବ୍ରାଉନ୍ ଏହି ସୌଧଟିକୁ ଶାହଜାହାନଙ୍କ ରାଣୀହଂସପୁରର 'ରାଜ୍ୟାଭିଷେକମଣି' ରୂପେ ବିବେଚନା କରିଛନ୍ତି । ସାରାକକ୍ଷ ସ୍ୱର୍ଣ୍ଣପାତ ଓ ପୁଷ୍ପରେ ଛାଇ ହୋଇଥିଲା । କାଳକ୍ରମେ ଏହି ମହଲଟି ଦୁର୍ମୂଲ୍ୟ ଅଳଙ୍କାରମାନ ହରାଇବସିଛି, କିନ୍ତୁ ଯାହା ରହିଛି ତାହା ଶାହଜାହାନଙ୍କ ସୌନ୍ଦର୍ଯ୍ୟାତ୍ମକ ରୁଚିର ପରିଚୟ ପ୍ରଦାନ କରେ । ଶାହାବୁର୍ଜ୍ଜୁଠାରୁ ସମସ୍ତ ସୌଧକୁ ଜଳଯୋଗାଣ ବ୍ୟବସ୍ଥା ଥିଲା ।

ମୋତି ମସ୍‌ଜିଦ୍ ନିର୍ମାଣରେ ବିଶୁଦ୍ଧତା ଓ ସରଳତାର ଏକ ଛାପା ପଡ଼ିଅଛି । ଏହି ସୌଧଟି କାରୁକାର୍ଯ୍ୟ ବିହୀନ । ମୋତି ମସ୍‌ଜିଦ୍ ଅପେକ୍ଷା ଜୁମା ମସ୍‌ଜିଦ୍ ଥିଲା ଅଧିକତର ଚିତ୍ତାକର୍ଷକ । ଏହା ଭାରତରେ ବୃହତ୍ତମ ପ୍ରାର୍ଥନାଗାର । ଏହାର ଉଦ୍ଦେଶ୍ୟ ଥିଲା ଦୂର ସ୍ଥାନରୁ ଆଗମନ କରୁଥିବା ଧର୍ମବିଶ୍ୱାସୀମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଓ ଇସଲାମ୍‌ର ଗୌରବ ଘୋଷଣା କରିବା । ଜୁମା ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ୧୬୪୪ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୧୬୫୮ ଖ୍ରୀଷ୍ଟାବ୍ଦରେ ଶେଷ ହେଲା । ଏଠାରେ ସମ୍ରାଟ ଓ ତାଙ୍କର ସଭାସଦମାନେ ଆନୁଷ୍ଠାନିକ ଭାବରେ ଯୋଗ ଦେଉଥିଲେ । ଏହି ମସ୍‌ଜିଦ୍‌କୁ ଲକ୍ଷ୍ୟ କରି ଈଶ୍ୱରୀପ୍ରସାଦ କହିଛନ୍ତି, ''ଶାହଜାହାନଙ୍କର ଆଡ଼ମ୍ବରପୂର୍ଣ୍ଣ ଅଟ୍ଟାଳିକା ସହିତ ସାଧାରଣଭାବେ ମିଳିତ ହେଉଥିବା ଶୋଭା ଓ ସୌନ୍ଦର୍ଯ୍ୟ ଜୁମା ମସ୍‌ଜିଦ୍‌ରେ ନାହିଁ । ତଥାପି ଅନୁପାତର ଉତ୍କର୍ଷ ଓ ନିର୍ମାଣ କାରିଗରୀର ସମରୂପତାରେ ଯେକୌଣସି ସ୍ଥାନରେ ଦେଖାଯାଉଥିବା ଏହି ଶ୍ରେଣୀର ଅଧିକତମ ବିଶୁଦ୍ଧ ଓ ଅଧିକତମ ରମଣୀୟ ସୌଧମାନଙ୍କ ମଧ୍ୟରୁ ଏହା ଗୋଟିଏ ବୋଲି ଚିହ୍ନିତ ହୁଏ ।''

ଆଗ୍ରା ଦୁର୍ଗ

ଆଗ୍ରା ଦୁର୍ଗରେ ପିତାମହଙ୍କର ଅନେକ ସୌଧ ଭାଙ୍ଗିଦେଇ ସେଗୁଡ଼ିକ ସ୍ଥାନରେ ଶାହଜାହାନ ଦିଓ୍ୱାନ୍-ଇ-ଖାସ୍, ଦିଓ୍ୱାନ୍-ଇ-ଆମ୍, ଶିଶୁମହଲ, ମୁସମମବୁର୍ଜ୍ଜ ପ୍ରଭୃତି ସୌଧମାନ ନିର୍ମାଣ କରିଥିଲେ । ଆଗ୍ରାର ମୋତି ମସ୍‌ଜିଦ୍ ନିଜର କନ୍ୟା ଜାହାନାରାଙ୍କ ସମ୍ମାନାର୍ଥେ

ଶାହଜାହାନ ନିର୍ମାଣ କରିଥିଲେ । ଏହା ଶ୍ୱେତ ମର୍ମର ପ୍ରସ୍ତରରେ ନିର୍ମିତ ହୋଇଥିଲା । ଏହାର ଆୟତନ ଥିଲା ୨୪୩ × ୧୮୭ ଫୁଟ । ମଧ୍ୟଏସିଆର ନିର୍ମାଣ ଶୈଳୀରେ ଏହା ଉପରେ ତିନିଗୋଟି ଗମ୍ବୁଜ ସୁଶୋଭିତ ଥିଲା । ପୃଥିବୀର ଲାଳିତ୍ୟମୟ ପ୍ରାର୍ଥନା କକ୍ଷ ରୂପେ ଏହାକୁ ବର୍ଣ୍ଣନା କରାଯାଇଛି । ଏହାର ଅଭ୍ୟନ୍ତର ଗୋଟିଏ ମୁକ୍ତା ପରି ମନେହୁଏ । ସତେ ଯେପରି ଧବଳ ମର୍ମର ପ୍ରସ୍ତରରେ ଧୂସର, ନୀଳ ଓ ଶ୍ୱେତରଙ୍ଗ ପ୍ରବାହିତ ହୋଇ ଏହାକୁ ଆକର୍ଷଣୀୟ କରିଦେଉଛି । ମୁସମମବୁର୍ଜ୍ଜ ଚାରିମହଲାବିଶିଷ୍ଟ ଏକ ସୌଧ ଅଟେ । ଏହା "ଏକ କଦାକାର ଦୁର୍ଗ ଉପରେ ଯାଦୁକରୀ କୁଞ୍ଜପ୍ରାୟ ।" ଏହିଠାରେ ଶାହଜାହାନ ତାଙ୍କର ଅନ୍ତିମକାଳ ଅତିବାହିତ କରିଥିଲେ । ଉତ୍ତମ ନିର୍ମାଣ ସାମଗ୍ରୀ ଓ କୁଶଳୀ ମିସ୍ତ୍ରୀମାନଙ୍କ ଦ୍ୱାରା ସେ ସମୟର ମୋଗଲ ନିର୍ମାଣ ଶୈଳୀ ଶେଷ ସୋପାନରେ ପହଞ୍ଚିପାରିଥିଲା ।

ତାଜମହଲ

ତାଜମହଲ ହେଉଛି ଶାହଜାହାନଙ୍କର ସର୍ବଶ୍ରେଷ୍ଠ କୀର୍ତ୍ତି । ରାଣୀ ମମତାଜଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ୪.୫ ନିୟୁତ ପାଉଣ୍ଡ ବ୍ୟୟରେ ଶାହଜାହାନ ଆଗ୍ରାଠାରେ ପୃଥିବୀର ବିସ୍ମୟ ଏହି ସୁଦୃଶ୍ୟ କବରଟି ନିର୍ମାଣ କରିଥିଲେ । ଈଶ୍ୱରୀପ୍ରସାଦଙ୍କ ଭାଷାରେ, "ତାଜମହଲ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପ୍ରେମ ଓ ଆନୁଗତ୍ୟର ଅନୁପମ ସ୍ମୃତି-ସୌଧରୂପେ ବିଶ୍ୱରେ ବିରାଜିତ । ଏହାକୁ ଯିଏ ନ ଦେଖିଛି, ଏହାର ସୌନ୍ଦର୍ଯ୍ୟ ବିଷୟରେ କଳ୍ପନା କରିବା ତାଙ୍କ ପକ୍ଷେ ଅସମ୍ଭବ ।" ୧୬୩୦ ଖ୍ରୀଷ୍ଟାବ୍ଦରେ ମମତାଜ ମହଲଙ୍କ ମୃତ୍ୟୁ ହେଲା, ତାହାପରେ ନିର୍ମାଣ ହେଲା ବିଶ୍ୱବିଖ୍ୟାତ ସୁଦୃଶ୍ୟ ସମାଧି । ୨୦,୦୦୦ ଶିଳ୍ପୀଙ୍କର ଦୀର୍ଘ ୨୨ ବର୍ଷର ଫଳ ରୂପେ ଉଭା ହୋଇଥିଲା ତାଜ୍ ।

ତାଜର ମୁଖ୍ୟ ଦ୍ୱାର ୨୧୧ ବର୍ଗ ଫୁଟ ଅଞ୍ଚଳରେ ଦଣ୍ଡାୟମାନ । ଏହାକୁ ସମ୍ପୂର୍ଣ୍ଣ ରୂପେ ଶ୍ୱେତ ମର୍ମର ପ୍ରସ୍ତରରେ ଗଢାଯାଇଛି, ମଧ୍ୟସ୍ଥଳରେ ରହିଛି କବରସ୍ଥଳୀ । ଏହାର ପ୍ରଶସ୍ତ ଗହ୍ୱରଗୁଡ଼ିକ ସହିତ ବକ୍ରୋଦର ଛାତ (Cupolas) ଆଞ୍ଚଳିକ ନିର୍ମାଣଶୈଳୀରୁ ଉଦ୍ଭବ । ପ୍ରଫେସର ହ୍ୟାଭେଲ କୁହନ୍ତି ଯେ ତାଜମହଲ, ଯାହା ଶାହଜାହାନଙ୍କ ପ୍ରଗାଢ ପ୍ରେମର ଏକ ପବିତ୍ର ମନ୍ଦିର, ତାହା ଏକ ସ୍ୱତନ୍ତ୍ର ଶ୍ରେଣୀରେ ଅନ୍ତର୍ଭୁକ୍ତ ।

କେତେକ ଇଉରୋପୀୟ ଲେଖକ ତାଜ୍‌ର ନକ୍‌ସାକାରଙ୍କୁ ଜଣେ ଇଉରୋପୀୟ ରୂପେ ଅଭିହିତ କରିଛନ୍ତି । ସ୍ପେନୀୟ ଭ୍ରମଣକାରୀ ମାନରିକ (Manrique) ଦାବି କରିଛନ୍ତି ଯେ ସ୍ଥପତି ଜେରୋନିମ୍‌ସ ଭେରୋନିଓ (Geronims Verroneo) ତାଜମହଲର ନକ୍‌ସା କରିଥିଲେ; କିନ୍ତୁ ଏପରି ମତାମତରେ ସତ୍ୟତା ନଥିବା ପରି ମନେହୁଏ । ତା' ହୋଇଥିଲେ ସେହି ସ୍ଥପତିଙ୍କ ନାମ ସେ ସମୟର ଐତିହାସିକ ବା ଲେଖକମାନଙ୍କର ଲେଖାରେ ସ୍ଥାନ

ପାଇଥା'ନ୍ତା । ସ୍ମିଥ୍ ମଧ୍ୟ ମତ ପ୍ରଦାନ କରିଛନ୍ତି ଯେ ଇଉରୋପ ଓ ଏସିଆର କୁଶଳୀ ଶିଳ୍ପୀମାନଙ୍କର ମିଳିତ ଉଦ୍ୟମରେ ତାଜ୍ ଗଠିତ । ଏହି ମତାମତ ମଧ୍ୟ ଗ୍ରହଣୀୟ ନୁହେଁ । କାରଣ କୌଣସି ବିଦେଶୀ ଶୈଳୀ ପରି ତାଜ୍‌ର ଅଭ୍ୟନ୍ତର ଗଠିତ ନୁହେଁ । ୧୬୬୬ ଖ୍ରୀଷ୍ଟାବ୍ଦରେ ତାଜମହଲକୁ ଦେଖିବାକୁ ଆସିଥିବା ଦେୟେନୋଟ(Theyenot) ନାମକ ଜଣେ ଫରାସୀ ମତ ଦିଅନ୍ତି, "ଭାରତୀୟମାନେ ଯେ ସ୍ଥାପତ୍ୟକଳାରେ ଅନଭିଜ୍ଞ ନୁହନ୍ତି, ଏହା ପ୍ରଦର୍ଶନ କରିବା ପାଇଁ ଏ ଚମତ୍କାର ସୌଧଟି ଯଥେଷ୍ଟ ।"

ଈଶ୍ୱରୀପ୍ରସାଦଙ୍କ କଥାରେ, ତାଜମହଲର ନକ୍‌ସା ପ୍ରସ୍ତୁତ କରିବା ନିମିତ୍ତ ପାରସ୍ୟ, ଆରବ, ତୁର୍କୀ ଏବଂ ସାମ୍ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ଥପତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । କେତେଗୁଡ଼ିଏ ନକ୍‌ସା ମଧ୍ୟରୁ ଗୋଟିକୁ ମନୋନୀତ କରାଗଲା । ଇସ୍ତାଦ ଇସା ଥିଲେ ମୁଖ୍ୟ ସ୍ଥପତି । ସେ ମାସକୁ ୧୦୦୦ ଟଙ୍କା ବେତନ ପାଉଥିଲେ । ଜଣାଯାଏ, ମୁଖ୍ୟତଃ ପାରସିକ ନକ୍‌ସା ଦ୍ୱାରା ତାଜମହଲ ନିର୍ମିତ ହୋଇଛି, ଏଠାରେ ହିନ୍ଦୁ ସ୍ଥାପତ୍ୟ ଓ କାରୁକାର୍ଯ୍ୟ ପ୍ରକାଶିତ ହୋଇଛି । ପର୍ସିବ୍ରାଉନ କୁହନ୍ତି ଯେ, ଆକାରଗତ ଅଂଶ ମୁଖ୍ୟତଃ ମୁସଲମାନ୍‌ଙ୍କ ହସ୍ତରେ ନିର୍ମିତ ହେବାବେଳେ କାରୁକାର୍ଯ୍ୟ ହିନ୍ଦୁ ଭାସ୍କର ଶିଳ୍ପୀମାନଙ୍କ ଦ୍ୱାରା କରାଯାଇଥିଲା । ଏ ପ୍ରକାର ମତ ସି.ଇ.ଏମ୍.ଜୋଡ୍ (C.E.M. Joad) ଗ୍ରହଣ କରି କୁହନ୍ତି, "ଏ ଯୁଗରେ ଅନ୍ତର୍ଭୁକ୍ତ ହୋଇଥିବା ତାଜମହଲ ଭାରତ ଓ ଇସ୍‌ଲାମ୍ ପ୍ରୀତିପଦ ବିବାହର ଫଳଗୁଡ଼ିକ ମଧ୍ୟରୁ ଗୋଟିଏ ।"

ଯାହାହେଉ, ତାଜମହଲ ସୌନ୍ଦର୍ଯ୍ୟର ତୁଳନା ନାହିଁ । ତାହାର ଶୋଭା ଅସାଧାରଣ । ଭାବବିହ୍ୱଳ ହୋଇ ରବୀନ୍ଦ୍ରନାଥ ଟାଗୋର ତାଜମହଲକୁ "ଶୋକସନ୍ତପ୍ତ ଆତ୍ମାର ଚକ୍ଷୁରୁ ଅନନ୍ତତାର ଗଣ୍ଡସ୍ଥଳରେ ବୁନ୍ଦାଏ ଲୋତକ" ରୂପେ ବର୍ଣ୍ଣନା କରିଛନ୍ତି ।

ମୟୂର ସିଂହାସନ

ବିଖ୍ୟାତ ମୟୂର ସିଂହାସନ ହେଉଛି ଶାହଜାହାନଙ୍କର ଏକ ଚମତ୍କାର ସୃଷ୍ଟି । ବେବାଦାଲ ଖାଁ (Bebadal Khan) ନାମକ ଜନୈକ କଳାକାର ଏହାକୁ ନିର୍ମାଣ କରିଥିଲେ । ୮୬ ଲକ୍ଷ ଟଙ୍କା ମୂଲ୍ୟର ମଣିମୁକ୍ତା ଓ ଏକଲକ୍ଷ ସ୍ୱର୍ଣ୍ଣରେ ସିଂହାସନଟି ନିର୍ମିତ ହୋଇଥିଲା । ସିଂହାସନର ଦୈର୍ଘ୍ୟ ଥିଲା ୯ ଫୁଟ, ପ୍ରସ୍ଥ ୬୩ ଫୁଟ ଏବଂ ଉଚ୍ଚତା ୧୫ ଫୁଟ । ଏହାକୁ ନିର୍ମାଣ କରିବା ପାଇଁ ସାତବର୍ଷ ସମୟ ଲାଗିଥିଲା ଏବଂ ଆଠକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

ଅନ୍ୟାନ୍ୟ କୀର୍ତ୍ତି

ଶାହଜାହାନ ଲାହୋରଠାରେ ଓ୍ୱାଜିର ଖାଁ ମସ୍‌ଜିଦ୍, ଆଲି ମର୍ଦ୍ଦନ ଖାଁ, ଶରଫୁନିସ୍ୱା ଏବଂ ନୁରଜାହାନଙ୍କ କବର ସୌଧ ନିର୍ମାଣ କରିଛନ୍ତି । ଏଠାରେ ଓ୍ୱାଜିର ଖାଁ ମସ୍‌ଜିଦ୍‌ର ଏକ

ବିଶେଷତ୍ୱ ଅଛି । ମହମ୍ମଦ ଲତିଫ କୁହନ୍ତି, ''ଲାହୋର ନଗରରେ ଏହା ହେଉଛି ଶ୍ରେଷ୍ଠ ରତ୍ନ ।'' ଗୋଟିଏ ପୀଠ ଉପରେ ପାରସ୍ୟ ଓ ମୋଗଲ ଶୈଳୀରେ ମସ୍‌ଜିଦ୍‌ଟି ନିର୍ମିତ । ଏହା ପାଞ୍ଚ ଭାଗରେ ବିଭକ୍ତ, ପ୍ରତ୍ୟେକ ଭାଗରେ ରହିଛି ଗୋଟିଏ ଗମ୍ବୁଜ ଓ ଅଗଣାକୁ ଏକ ଦ୍ୱାର । ମସ୍‌ଜିଦ୍‌ର ପ୍ରତ୍ୟେକ କୋଣରେ ଗଠନ କରାଯାଇଛି ସୁଉଚ୍ଚ ମିନାର ।

ଚିତ୍ରକଳା

କୋରାନ୍‌ର ବାରଣ ସତ୍ତ୍ୱେ ମୋଗଲ ସମ୍ରାଟମାନେ ଚିତ୍ରକଳା ପ୍ରେମୀ ଥିଲେ । କୁହାଯାଏ, ଚିତ୍ରକଳା ଏକ ଚୀନ ଶୈଳୀ ଏବଂ ଏହା ପାରସ୍ୟରେ ପ୍ରଥମେ ଆଦରଲାଭ କଲା । ମୋଗଲମାନଙ୍କ ସହାୟତାରେ ତ୍ରୟୋଦଶ ଶତାବ୍ଦୀରେ ଏହା ଭାରତରେ ପ୍ରବେଶ କରିଥିଲା ଏବଂ ଖୁବ୍ ଶୀଘ୍ର ଭାରତୀୟ ଚିତ୍ରଶୈଳୀକୁ ରୂପାନ୍ତରିତ ହେଲା । ତେଣୁ ମୋଗଲ ଚିତ୍ରକଳା ଭାରତୀୟ ଓ ପାରସିକମାନଙ୍କର ମିଶ୍ରିତ ଶୈଳୀ ପ୍ରଦର୍ଶନ କରିଥାଏ । ଏଡ୍‌ୱାର୍ଡସ ଓ ଗାରେଟ (Edwards and Garrett) ଯଥାର୍ଥ ଭାବରେ ସମାଲୋଚନା କରିଛନ୍ତି, ''ଯଦି ପାରସ୍ୟରେ ଉଦ୍ଭବ ହୋଇଥିଲା ବାସ୍ତବିକ ମୋଗଲଯୁଗରେ ଚିତ୍ରକଳା ଥିଲା ପାରସିକ ଓ ହିନ୍ଦୁ ଚିନ୍ତାଧାରାର ମିଳିତ ସୃଷ୍ଟି ।''

ବାବର ଥିଲେ ଚିତ୍ରକଳାର ଜଣେ ଉପାସକ । ଉଭୟ ହୁମାୟୁନ ଓ ଆକବର ଚିତ୍ରକଳା ପ୍ରତି ଆକୃଷ୍ଟହୋଇ ଚିତ୍ରାଙ୍କନ ଅଭ୍ୟାସ କରୁଥିଲେ । ଚିତ୍ରଶିଳ୍ପୀମାନେ ଆକବରଙ୍କ ପୃଷ୍ଠପୋଷକତା ଲାଭ କରୁଥିଲେ । ତାଙ୍କ ସମୟରେ ଅଜନ୍ତା ରୀତି ଅନୁଯାୟୀ ପ୍ରାଚୀର ଚିତ୍ରକଳାର (Fresco-Printings) ଉନ୍ନତି ବିଧାନ କରାଗଲା । ଚିତ୍ରକଳାର ଶ୍ରେଷ୍ଠ ଉପାସକ ଥିଲେ ଜାହାଙ୍ଗୀର । ନିଜକୁ ଜଣେ ଉତ୍ସାହୀ ଚିତ୍ରଶିଳ୍ପୀ ବୋଲି ତାଙ୍କ ଆତ୍ମ ଚରିତରେ ସେ ବର୍ଣ୍ଣନା କରିଛନ୍ତି । ଜାହାଙ୍ଗୀରଙ୍କ ସମୟର ଏକ ବିଶେଷତ୍ୱ ହେଲା ଯେ ବୈଦେଶିକ ପ୍ରଭାବରୁ ଚିତ୍ରକଳା ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇଗଲା । ତାଙ୍କ ମୃତ୍ୟୁ ପରେ ଚିତ୍ରକଳାର ଅବକ୍ଷୟ ଘଟିଥିଲା ।

ଶାହଜାହାନ ଚିତ୍ରକଳା ପ୍ରତି ଅଳ୍ପ ଧ୍ୟାନ ଦେଇଥିଲେ । ଚିତ୍ରକଳାର ଉନ୍ନତି ନିମିତ୍ତ ତାଙ୍କ ପିତାଙ୍କ ଇଚ୍ଛାକୁ ସେ ଆଗେଇନେବାକୁ ଚେଷ୍ଟା କରିଥିଲେ । ଏସ. ଏମ. ଜାଫର ମତ ଦିଅନ୍ତି ଯେ ଶାହଜାହାନ ନିଜେ ଜଣେ ଉତ୍ତମ ଚିତ୍ରଶିଳ୍ପୀ ଥିଲେ । କୁହାଯାଏ, ଶାହଜାହାନଙ୍କ କାଳର ଚିତ୍ରଗୁଡ଼ିକ ମୌଳିକତା ହରାଇଥିଲା ଏବଂ ସେଗୁଡ଼ିକ ଥିଲା କାଳ୍ପନିକ । ଚିତ୍ର ଅଙ୍କନ ସମୟରେ ଛାୟା ଓ ଆଲୋକ ପ୍ରତି ଧ୍ୟାନ ଦିଆଯାଉନଥିଲା । ଚିତ୍ରଶିଳ୍ପୀମାନେ ଦରବାରର ଚିତ୍ରାଙ୍କନ ଉପରେ ଅଧିକ ଯତ୍ନଶୀଳ ଥିଲେ । ସେଗୁଡ଼ିକ ମଧ୍ୟ ନିମ୍ନମାନର ଥିଲା । ତା' ସତ୍ତ୍ୱେ ଦରବାରରେ ଅନେକ ଚିତ୍ରଶିଳ୍ପୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଅମୀର ଓ ପଦାଧିକାରୀମାନେ

ସେମାନଙ୍କର ପୃଷ୍ଠପୋଷକତା କରୁଥିଲେ । ମୀରହାସାନ, ଅନୁପଚିତ୍ର ଓ ଚିନ୍ତାମଣୀ ଥିଲେ ତାଙ୍କ ସମୟର ଚିତ୍ରଶିଳ୍ପୀ । ଆସଫ ଖାଁ ତାଙ୍କର ଲାହୋରସ୍ଥିତ ପ୍ରାସାଦରେ ସୁନ୍ଦର ଚିତ୍ର ଆଙ୍କିଥିଲେ । ଶାହଜାହାନଙ୍କ ପୁତ୍ର ଦାରା ମଧ୍ୟ ଚିତ୍ରକଳାର ପୃଷ୍ଠପୋଷକତା କରୁଥିଲେ । ଚିତ୍ର ସମ୍ୱଳିତ ଏକ ଆଲବମ୍ ସେ ନାଦିରା ବେଗମଙ୍କୁ ଭେଟି ଦେଇଥିଲେ । ଶାହଜାହାନଙ୍କ ପରେ ମୋଗଲ ଚିତ୍ରକଳାର ପତନ ଘଟିଥିଲା ।

ସଙ୍ଗୀତ କଳା

କେବଳ ସୂକ୍ଷ୍ମକଳା ପ୍ରତି ନୁହେଁ, ସଙ୍ଗୀତ କଳା ପ୍ରତି ମୋଗଲ ସମ୍ରାଟଗଣ ଉତ୍ସାହ ପ୍ରଦର୍ଶନ କରୁଥିଲେ । ବାବର ଓ ହୁମାୟୁନଙ୍କର ସଙ୍ଗୀତ ପ୍ରତି ଯଥେଷ୍ଟ ଆଦର ଥିଲା । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଆକବରଙ୍କର ପ୍ରଗାଢ ଅନୁରକ୍ତି ଥିଲା । ସଙ୍ଗୀତ ପ୍ରତି ଜାହାଙ୍ଗୀରଙ୍କର ଖୁବ୍ ଦୁର୍ବଳତା ଥିଲା । ଅନେକ ସଙ୍ଗୀତଜ୍ଞଙ୍କୁ ସେ ଦରବାରରେ ସ୍ଥାନ ଦେଇଥିଲେ ।

ଶାହଜାହାନ କେବଳ ସଙ୍ଗୀତକୁ ପ୍ରଶଂସା କରୁନଥିଲେ, ସେ ନିଜେ କେତେକ ନିର୍ଦ୍ଦିଷ୍ଟ ହିନ୍ଦୀ ଗୀତ ରଚନା କରିଥିଲେ । ତାଙ୍କର ଗୀତ ଶ୍ରବଣ କରି ଏପରିକି ସୁଫୀମାନଙ୍କର ପବିତ୍ର ଆତ୍ମା ବାସ୍ତବ ଦୁନିଆଁକୁ ଫେରି ଆସୁଥିଲା । ପ୍ରତ୍ୟହ ସାନ୍ଧ୍ୟକାଳରେ ଦିୱାନ୍-ଇ-ଖାସ୍‌ଠାରେ ଶାହଜାହାନ ତାଙ୍କର ପାରିଷଦମାନଙ୍କ ସହିତ କଣ୍ଠ ଓ ଯନ୍ତ୍ର ସଙ୍ଗୀତ ଶ୍ରବଣ କରୁଥିଲେ । ଶାହଜାହାନଙ୍କ ପ୍ରିୟ ସଙ୍ଗୀତଜ୍ଞ ତାନ୍‌ସେନଙ୍କ ଜାମାତା ଲାଲାଖ ସେଧ୍ରୁପଦ ସଙ୍ଗୀତ ଶୈଳୀର ପ୍ରବର୍ତ୍ତକ ଥିଲେ । ତାଙ୍କ ଦରବାରରେ ହିନ୍ଦୁ ଗାୟକମାନଙ୍କୁ ପୃଷ୍ଠପୋଷକତା ମିଳୁଥିଲା । ସେମାନଙ୍କ ମଧ୍ୟରେ ଜଗନ୍ନାଥ ଓ ଜନାର୍ଦ୍ଦନ ଭଟ୍ଟ ଅଗ୍ରଣୀ ଥିଲେ । ତାଙ୍କ ଦରବାର ଅନ୍ୟ ଦୁଇଜଣ ପ୍ରସିଦ୍ଧ କଣ୍ଠଶିଳ୍ପୀ ହେଉଛନ୍ତି ରାମଦାସ ଓ ମହାପାତ୍ର । ସୁରସେନ ଓ ସୁଖସେନ ଯନ୍ତ୍ର ସଙ୍ଗୀତରେ ବିଖ୍ୟାତ ଥିଲେ ।

ଶାହଜାହାନଙ୍କ ମୂଲ୍ୟାୟନ; ତାଙ୍କର ରାଜତ୍ୱ ସୁବର୍ଣ୍ଣ ଯୁଗ ଥିଲାକି ? Estimate of Shahjahan; was his reign a Golden age ?

ଶାହଜାହାନଙ୍କ ରାଜତ୍ୱ ସମ୍ବନ୍ଧରେ ଐତିହାସିକମାନେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି । ତାଙ୍କର ସମସାମୟିକ ଭାରତୀୟ ଐତିହାସିକ ଓ ଇଉରୋପୀୟ ଭ୍ରମଣକାରୀମାନେ ଶାହଜାହାନଙ୍କୁ ଜଣେ ଶ୍ରେଷ୍ଠ ଓ ସଫଳ ସମ୍ରାଟ ରୂପେ ବର୍ଣ୍ଣନା କରିଛନ୍ତି । ତାଙ୍କ ସାମ୍ରାଜ୍ୟର ଶାନ୍ତି ଓ ସମୃଦ୍ଧି ଦେଖି ଖ୍ୱାଫି ଖାଁ, ଇଉରୋପୀୟ ପର୍ଯ୍ୟଟକ ଟାଭେର୍ଣ୍ଣିୟର, ବର୍ଣ୍ଣିୟର ମାନୁକି ଏବଂ ପିଟର ମୁଣ୍ଡି ପ୍ରଭୃତି ଶାହଜାହାନଙ୍କ ସମୟକୁ ସୁବର୍ଣ୍ଣ ଯୁଗ ରୂପେ ଅଭିହିତ କରିଛନ୍ତି ।

ହଣ୍ଟର ଲେଖିଛନ୍ତି, ଶାହଜାହାନଙ୍କ ଅଧୀନରେ ମୋଗଲ ସାମ୍ରାଜ୍ୟ ସର୍ବୋଚ୍ଚ ଶକ୍ତି ଓ ଚମତ୍କାରିତା ହାସଲ କରିଥିଲା । ଅପର ପକ୍ଷରେ ଭି.ଏ. ସ୍ମିଥ୍ ଲେଖିଛନ୍ତି, ଶାହଜାହାନ ଜଣେ ମାନବ ଓ ଜଣେ ଶାସକ ରୂପେ ସଫଳ ହୋଇପାରିନାହାନ୍ତି, ଚକ୍ଷୁ ଝଲସେଇ ଦେଉଥିବା ତାଙ୍କର ଦରବାର ଓ ସୌନ୍ଦର୍ଯ୍ୟମୟ ସୌଧମାନଙ୍କ ଯୋଗୁଁ ତାଙ୍କ ରାଜତ୍ୱକୁ ସୁବର୍ଣ୍ଣ ଯୁଗରେ ଅଭିହିତ କରିବା ବିଡ଼ମ୍ବନା ମାତ୍ର । ଏ. ଏଲ. ଶ୍ରୀବାସ୍ତବ ଯଥାର୍ଥରେ ପ୍ରତିପାଦନ କରିଛନ୍ତି ଯେ ଏ ଦୁଇ ଚରମ ମତରେ ସମ୍ପୂର୍ଣ୍ଣ ସତ୍ୟତା ନାହିଁ ।

ବ୍ୟକ୍ତି ହିସାବରେ ଶାହଜାହାନ (Shahjahan as a man)

ଶାହଜାହାନ ଅନେକ ଗୁଣର ଅଧିକାରୀ ଥିଲେ । ସେ ଥିଲେ ଜଣେ ଉଦାର ଓ ପ୍ରଗତିଶୀଳ ବ୍ୟକ୍ତି । ପିତାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବାରୁ ଭି. ଏ. ସ୍ମିଥ୍ ଶାହଜାହାନଙ୍କୁ ଜଣେ ଅବିଶ୍ୱସ୍ତ ପୁତ୍ର ରୂପେ ଚିତ୍ରଣ କରିଛନ୍ତି । କିନ୍ତୁ ରାଣୀ ନୁରଜାହାନ ତାଙ୍କ ପ୍ରତି କଠୋର ଆଚରଣ ପ୍ରଦର୍ଶନ କରିଥିବାରୁ ସେ ବାଧ୍ୟ ହୋଇ ବିଦ୍ରୋହ କରିଥିଲେ, ଯାହା ଥିଲା ସେ ସମୟର ଆବଶ୍ୟକତା । ଅବଶ୍ୟ ତାଙ୍କ ଅନ୍ତଃପୁରରେ ଅନେକ ରମଣୀ ଥିଲେ, କିନ୍ତୁ ପତ୍ନୀ ମମତାଜ ମହଲଙ୍କ ପ୍ରତି ତାଙ୍କର ଗଭୀର ପ୍ରେମ ଥିଲା । ବ୍ୟକ୍ତିଗତ ଜୀବନରେ ଶାହଜାହାନ ଥିଲେ ଭଦ୍ର, ଦୟାବାନ୍ ଓ ସଂସ୍କୃତ ।

ତାଙ୍କର ସାମରିକ ସଫଳତା (His Military Success)

ଆକବରଙ୍କ ନୀତି ଅନୁସରଣ କରି ଶାହଜାହାନ ଏକ ସୁଦୃଢ଼ ଶାସନ ପ୍ରତିଷ୍ଠା କରିଥିଲେ । ତାଙ୍କ ରାଜତ୍ୱରେ ଶାନ୍ତି ଓ ଶୃଙ୍ଖଳା ବିରାଜମାନ କରିଥିଲା । ରାଜ୍ୟରେ ଚୋରି ଡକାୟତି ହ୍ରାସ ପାଇଥିଲା । ଲୋକମାନେ ନିର୍ଭୟରେ ବିଚରଣ କରିପାରୁଥିଲେ । ସମ୍ରାଟ ସମସ୍ତଙ୍କୁ ଉଚିତ ନ୍ୟାୟ ଦେଉଥିଲେ । ନ୍ୟାୟ ପ୍ରଦାନରେ ପଦବୀ, ଜାତି, ଓ ଧର୍ମମତ ବିଚାରକୁ ନିଆଯାଉନଥିଲା । କଠୋର ଦଣ୍ଡ ପ୍ରଦାନ କରାଯାଉଥିବାରୁ ଲୋକମାନେ ଅପରାଧ କରୁନଥିଲେ ।

ସାମ୍ରାଜ୍ୟର ଆର୍ଥନୀତିକ ସ୍ଥିତି ଅତ୍ୟନ୍ତ ସୁଦୃଢ଼ ଥିଲା । ମୂଲ୍ୟବାନ୍ ରତ୍ନ ସହିତ ଶାହଜାହାନଙ୍କ ରାଜକୋଷର ପରିମାଣ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଜଣାଯାଏ । ରାଜ୍ୟରେ ବାଣିଜ୍ୟ ଓ ଶିଳ୍ପର ପ୍ରସାର ଘଟିଥିଲା । ରାଜସ୍ୱ ବିଭାଗରେ ଶାହଜାହାନ କେତେକ ପରିବର୍ତ୍ତନ ଆଣିଥିଲେ । ପୂର୍ବରୁ ଲୋକମାନେ ଉପାର୍ଜନର ୧/୩ ଭାଗ ରାଜସ୍ୱ ଆକାରରେ ଦେଉଥିଲେ । ଶାହଜାହାନ ଏହାକୁ ମୋଟ ଉତ୍ପାଦନର ୧/୨ ଭାଗକୁ ବୃଦ୍ଧି କଲେ । ସାମ୍ରାଜ୍ୟର ଆୟ ବୃଦ୍ଧିରେ ଏହା ସହାୟକ ହେଲା । ଖ୍ୱାଫି ଖାଁ ଲେଖିଛନ୍ତି, ଯଦିଚ ଆକବର

ଜଣେ ବିଜେତା ଓ ଆଇନଦାତା ଥିଲେ, ତଥାପି ଯଥୋଚିତ ଶୃଙ୍ଖଳା, ରାଜ୍ୟ ଓ ରାଜସ୍ୱର ବ୍ୟବସ୍ଥା ଏବଂ ରାଜ୍ୟର ପ୍ରତ୍ୟେକ ବିଭାଗର ଉତ୍ତମ ଶାସନ ପାଇଁ ଭାରତରେ ଶାସନ କରିଥିବା କୌଣସି ରାଜପୁତ୍ର ଶାହଜାହାନଙ୍କର ସମକକ୍ଷ ନଥିଲେ ।

ତାଙ୍କ ଜନକଲ୍ୟାଣ କାର୍ଯ୍ୟ (His works of Public Welfare)

ଜନକଲ୍ୟାଣ କାର୍ଯ୍ୟ ପ୍ରତି ଶାହଜାହାନ ଖୁବ୍ ସଚେତନ ଥିଲେ । ଇଉରୋପୀୟ ପର୍ଯ୍ୟଟକ ଟାଭେର୍ଣ୍ଣିୟର ଲେଖିଛନ୍ତି, ଶାହଜାହାନ ପ୍ରଜାମାନଙ୍କୁ ରାଜା ଭାବରେ ଶାସନ କରୁନଥିଲେ; କିନ୍ତୁ ପରିବାର ଓ ସନ୍ତାନମାନଙ୍କୁ ପିତା ଶାସନ କଲାଭଳି କରୁଥିଲେ । 'ସାମରିକ ଅଭିଯାନ ଓ ଶାସନକ୍ଷେତ୍ରରେ ତାଙ୍କର ସଫଳତା ପ୍ରମାଣ କରେଯେ ମଧ୍ୟଯୁଗରେ ତାଙ୍କର ଯୁଗ ନିଶ୍ଚିତ ରୂପେ ସୁବର୍ଣ୍ଣ ଯୁଗ ଥିଲା ।' ଚାଷୀମାନଙ୍କ ପାଇଁ ଜଳସେଚନ ଓ ଋଣ ବ୍ୟବସ୍ଥା କରାଗଲା । ଯମୁନାଠାରୁ ବାହାରିଥିବା ଫିରୋଜ ଶାହାଙ୍କ ଦ୍ୱାରା ନିର୍ମିତ କେନାଲର ଶାହଜାହାନ ସଂସ୍କାର କରିଥିଲେ । ବିଦ୍ୟାଳୟ, ମହାବିଦ୍ୟାଳୟ, ମସ୍‌ଜିଦ୍, ସରାଇ ଗୃହ ଓ ଉଦ୍ୟାନ ପ୍ରଭୃତି ନିର୍ମିତ ହେଲା । ୧୬୩୧-୩୨ ଖ୍ରୀଷ୍ଟାବ୍ଦରେ ପଡ଼ିଥିବା ଦୁର୍ଭିକ୍ଷକୁ ସରକାର ଦୃଢ଼ ଭାବରେ ସମ୍ମୁଖୀନ ହୋଇଥିଲେ ।

ଶିକ୍ଷା ଓ ସାହିତ୍ୟରେ ବିକାଶ (Progress in Education and Literature)

ଶାହଜାହାନ ଶିକ୍ଷା ଓ ସାହିତ୍ୟର ଜଣେ ଉତ୍ସାହୀ ପୃଷ୍ଠପୋଷକ ଥିଲେ । ଆକବରଙ୍କ ସମୟର ଶିକ୍ଷାନୁଷ୍ଠାନଗୁଡ଼ିକ ସେ ଉନ୍ନତି ସାଧନ କଲେ । ଦିଲ୍ଲୀର ଜୁମା ମସ୍‌ଜିଦ୍ ନିକଟରେ ସେ ଏକ ନୂତନ ମହାବିଦ୍ୟାଳୟ ସ୍ଥାପନ କଲେ । ହିନ୍ଦୀ ଭାଷା ଓ ସାହିତ୍ୟର ଉନ୍ନତି ନିମିତ୍ତ ବିଶେଷ ଧ୍ୟାନ ଦିଆଗଲା । ତାଙ୍କ ସମୟରେ ବିଶିଷ୍ଟ ବିଶିଷ୍ଟ ହିନ୍ଦୀ କବିମାନେ ହେଲେ ସୁନ୍ଦର ଦାସ, ଚିନ୍ତାମଣି ଏବଂ ଜଗନ୍ନାଥ । ଅନେକ ସଂସ୍କୃତ ପୁସ୍ତକ ପାରସିକ ଭାଷାରେ ଅନୁବାଦିତ ହୋଇଥିଲା । ମୁନ୍‌ସି ବନମାଳୀ ଦାସଙ୍କ ସଂସ୍କୃତ ଭାଷାରେ ପ୍ରଣୀତ ପ୍ରମୋଦ ଚନ୍ଦ୍ରୋଦୟ କାବ୍ୟ ପାରସିକ ଭାଷାକୁ ଅନୁବାଦିତ ହେଲା । ଅବଦୁଲ୍ ହମିଦ୍ ଲାହୋରୀ, ଖ୍ୱାଫି ଖାଁ ଆଦି ଐତିହାସିକ ସମ୍ରାଟଙ୍କର ଉଦାର ପୃଷ୍ଠପୋଷକତା ଲାଭ କରିଥିଲେ । ବିଜ୍ଞାନ, ଉଦ୍ୟୋଗ ଶାସ୍ତ୍ର, ଜ୍ୟୋତିଷଶାସ୍ତ୍ରର ବିକାଶ ଘଟିଥିଲା ।

ବିଭିନ୍ନ କଳାର ବିକାଶ (Development of Various Arts)

କଳା ପ୍ରତି ଶାହଜାହାନଙ୍କର ଥିଲା ଗଭୀର ଅନ୍ତର୍ଦୃଷ୍ଟି । ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ସେ ଥିଲେ ଶ୍ରେଷ୍ଠ ନିର୍ମାତା । ଦିଲ୍ଲୀ, ଆଗ୍ରା ଓ ଅନ୍ୟାନ୍ୟ ସ୍ଥାନରେ ସେ ସବୁ ଅଟ୍ଟାଳିକା ନିର୍ମାଣ କରିଛନ୍ତି । ଶିଳ୍ପୀ ଓ କଳାକାରମାନଙ୍କୁ ସମ୍ରାଟ ପୃଷ୍ଠପୋଷକତା ଦେଉଥିଲେ ।

'ଦିଲ୍ଲୀଠାରେ ଲାଲକିଲ୍ଲା ଓ ଏଥିସହ ସମ୍ପୃକ୍ତ ଅଟ୍ଟାଳିକାଗୁଡ଼ିକର ସୌନ୍ଦର୍ଯ୍ୟ ଚମତ୍କାର ଥିଲା ଏବଂ ମୋତି ମସଜିଦ୍, ଦିୱାନ୍-ଇ-ଆମ୍, ଦିୱାନ୍-ଇ-ଖାସ୍ ଏବଂ ମୁସମମବୁର୍ଜ ପରି ଆଗ୍ରା ଦୁର୍ଗରେ ଶାହଜାହାନଙ୍କ ଦ୍ୱାରା ନିର୍ମିତ ଅଟ୍ଟାଳିକା ସ୍ଥାପତ୍ୟର ସୂକ୍ଷ୍ମ ନମୁନାମାନ ଅଟେ। ତାଜମହଲ ଥିଲା ତାଙ୍କର ସର୍ବଶ୍ରେଷ୍ଠ କୀର୍ତ୍ତି । ଏହାକୁ ଐତିହାସିକ, ବିଦ୍ୱାନ୍, ପର୍ଯ୍ୟଟକ, ଗବେଷକ ଓ ଦର୍ଶକମାନେ ଭୂୟଶୀ ପ୍ରଶଂସା କରିଛନ୍ତି । ବି. ପି. ସାକ୍ସେନା (B. P. Saxena) ଲେଖିଛନ୍ତି, ତାଜମହଲ ଶାହଜାହାନଙ୍କ ରାଜତ୍ୱରେ ନିର୍ମିତ ଅଟ୍ଟାଳିକାମାନଙ୍କ ମଧ୍ୟରେ ଅନତିକ୍ରାନ୍ତ ଯାନ୍ତ୍ରିକ କୌଶଳର ଜୀବନ୍ତ ସୌଧ (ତାଜମହଲ) ରୂପେ ଦଣ୍ଡାୟମାନ। ଏତଦ୍ ବ୍ୟତୀତ ଚିତ୍ରକଳା ଓ ସଙ୍ଗୀତରେ ଶାହଜାହାନଙ୍କ ଯୁଗ ପ୍ରସିଦ୍ଧିଲାଭ କରିଛି । ଏ.ଏଲ୍. ଶ୍ରୀବାସ୍ତବଙ୍କ ଭାଷାରେ, ''ଭାରତର ମଧ୍ୟଯୁଗୀୟ ଇତିହାସରେ ଶାହଜାହାନଙ୍କ ରାଜତ୍ୱକୁ ସୁବର୍ଣ୍ଣ ଯୁଗ ରୂପେ ବର୍ଣ୍ଣନା କରାଯାଇଛି । ଗୋଟିଏ ବିଷୟରେ ଏହା କେବଳ ସତ୍ୟ ଏବଂ ତାହା ହେଉଛି କଳାରେ, ବିଶେଷ କରି ସ୍ଥାପତ୍ୟରେ ।''

ଉପରିଲିଖିତ ବିଷୟଗୁଡ଼ିକୁ ତର୍ଜମା କଲେ ଜଣାଯାଏ ଯେ ଶାହଜାହାନଙ୍କ ଯୁଗକୁ ଅନେକାଂଶରେ ସୁବର୍ଣ୍ଣ ଯୁଗ ରୂପେ ଅଭିହିତ କରିବା ଯୁକ୍ତିଯୁକ୍ତ ଅଟେ । ଅବଶ୍ୟ ଆଡ଼ମ୍ବର ଓ ଚାକଚକ୍ୟ ତଳେ ଶାହଜାହାନଙ୍କ ଅର୍ଥନୀତି ବିପର୍ଯ୍ୟସ୍ତ ଥିଲା । ବର୍ଣ୍ଣିୟର ମତପ୍ରକାଶ କରିଛନ୍ତି, ପ୍ରାଦେଶିକ ଶାସନକର୍ତ୍ତାମାନଙ୍କର କୁଶାସନ କୃଷକ ଓ କାରିଗରମାନଙ୍କୁ ସେମାନଙ୍କର ସାଧାରଣ ଆବଶ୍ୟକତାରୁ ବଞ୍ଚିତ କରୁଥିଲା । ଅତି ବିସ୍ତୃତ ଅମଲାତନ୍ତ୍ର ଏବଂ ବୃହତ୍ ସୈନ୍ୟଦଳର ପରିଚାଳନା ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଟ୍ଟାଳିକା ନିର୍ମାଣ ଖର୍ଚ୍ଚର ଚାପ କୃଷକ, ଶ୍ରମିକ ଓ କାରିଗରମାନଙ୍କ ଉପରେ ଲଦି ଦିଆଯାଉଥିଲା । ଫଳରେ ରାଜ୍ୟ ଦେବାଳିଆ ଅବସ୍ଥାରେ ପଦାର୍ପଣ କଲା, ଯାହା ଦିନେ ଏହି ଶକ୍ତିଶାଳୀ ମୋଗଲ ସାମ୍ରାଜ୍ୟର ବିଖଣ୍ଡୀକରଣକୁ ତ୍ୱରାନ୍ୱିତ କରିଥିଲା । ମଜୁମଦାର, ରାୟ ଚୌଧୁରୀ ଓ ଦତ୍ତ ଲେଖିଛନ୍ତି, ''ସଂକ୍ଷେପରେ ଶାହଜାହାନଙ୍କ ଅଧୀନରେ ଥିବା ଭାରତ ଚତୁର୍ଦ୍ଦଶ ଲୁଇଙ୍କ ଅଧୀନରେ ଥିବା ଫ୍ରାନ୍ସ ଦେଶ ମଧ୍ୟରେ ବିଭିନ୍ନ ବିଷୟରେ ସାମଞ୍ଜସ୍ୟ ଅଛି ।''

सप्तम अध्याय

ଆଉରଙ୍ଗଜେବ
(Aurangzeb)
(ରାଜପୁତ୍‌ନୀତି, ଧର୍ମନୀତି ଏବଂ ଦାକ୍ଷିଣାତ୍ୟନୀତି)
(Rajput Policy, Religious Policy and Deccan Policy)

ଦୀର୍ଘ ପଚାଶବର୍ଷ ଧରି ଆଉରଙ୍ଗଜେବଙ୍କ ଶାସନ ଥିଲା ଇତିହାସରେ ଏକ ଘଟଣା ବହୁଳ ଅଧ୍ୟାୟ । ତାଙ୍କର ଶାସନକାଳରେ ମୋଗଲ ସାମ୍ରାଜ୍ୟ ଏକ ବିଶାଳ ସୌଧପରି ଗଢ଼ିଉଠିଥିଲା, ଏବଂ ତାଙ୍କର ଶାସନକାଳରେ ମଧ୍ୟ ସେହି ବୃହତ୍ ସୌଧରୁ ଖଣ୍ଡିଏ ଖଣ୍ଡିଏ ପଥର ଝଡ଼ି ମୋଗଲ ସାମ୍ରାଜ୍ୟ ପତନର ଆରମ୍ଭ ଘଣ୍ଟି ବଜାଇଲା । ଯାହାହେଉ ଜଣେ ଦକ୍ଷ ଶାସକ ଓ ସେନାପତିରୂପେ ଆଉରଙ୍ଗଜେବ ତାଙ୍କର ଶକ୍ତି ପ୍ରଦର୍ଶନ କରିଛନ୍ତି । ୧୬୫୮ ରୁ ୧୬୮୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ସାମ୍ରାଜ୍ୟର ଉତ୍ତରରେ ଅବସ୍ଥାନ କଲେ ଓ ଉତ୍ସାହର ସହିତ ଦେଶ ଶାସନ କରିଥିଲେ । ୧୬୮୧ ଖ୍ରୀଷ୍ଟାବ୍ଦ ପରେ ସେ ତାଙ୍କର ପରିବାର, ଦରବାର ଓ ସୈନ୍ୟସାମନ୍ତଙ୍କ ସହିତ ଦାକ୍ଷିଣାତ୍ୟକୁ ଯାତ୍ରା କଲେ ଓ ଦୀର୍ଘ ଛବିଶବର୍ଷ ସେଠାରେ ଅଭିଯାନ ଚଳାଇଥିଲେ । ଏହାଫଳରେ ଉତ୍ତର ଓ ମଧ୍ୟଭାରତର ଶାସନ ଦୁର୍ବଳ ହୋଇପଡ଼ିଲା । ଦାକ୍ଷିଣାତ୍ୟରେ ତାଙ୍କର ରହଣି ହିଁ ମୋଗଲ ସାମ୍ରାଜ୍ୟ ପ୍ରତି ଏକ ଭୟଙ୍କର ବିପଦ ସୃଷ୍ଟି କଲା ।

ବାଲ୍ୟକାଳ (Earlylife)

ପିତା ଶାହଜାହାନ ଓ ମାତା ମମତାଜଙ୍କର ଚଉଦ ଜଣ ସନ୍ତାନସନ୍ତତିଙ୍କ ମଧ୍ୟରୁ ଆଉରଙ୍ଗଜେବ ଷଷ୍ଠ ଥିଲେ । ୧୬୧୮ ଖ୍ରୀଷ୍ଟାବ୍ଦରେ ତାଙ୍କର ଜନ୍ମ ହୋଇଥିଲା । ଜାହାଙ୍ଗୀରଙ୍କ ବିରୁଦ୍ଧରେ ପିତା ଶାହଜାହାନ ବିଦ୍ରୋହ କରି ଇତସ୍ତତ ଭାବେ ଘୂରି ବୁଲିଥିବାରୁ ଆଉରଙ୍ଗଜେବଙ୍କ ବାଲ୍ୟକାଳ ଅସ୍ଥିରତା ମଧ୍ୟରେ କଟିଥିଲା । ତେଣୁ ଦଶବର୍ଷ ବୟସରେ ଆଉରଙ୍ଗଜେବ ଶିକ୍ଷା ଆରମ୍ଭ କରିଥିଲେ । ସେ ଜଣେ ଚତୁର ଓ ଉତ୍ସାହୀ ଛାତ୍ର ଥିଲେ । ସେ ସମ୍ପୂର୍ଣ୍ଣରୂପେ କୋରାନ୍ ଓ ହଦ୍ଦିଜ ଆୟତ୍ତ କରିଥିଲେ । ପାରସିକ, ତୁର୍କୀ ଓ ହିନ୍ଦୀଭାଷାରେ ସେ ପାରଦର୍ଶିତା ଲାଭ

କଲେ । କବିତା, ସଙ୍ଗୀତ ଓ ଚିତ୍ରକଳା ପ୍ରତି ସେ ଖୁବ୍ ବୀତସ୍ପୃହ ଥିଲେ । ସାମରିକ ଶିକ୍ଷାରେ ମଧ୍ୟ ସେ ଖୁବ୍ ଶୀଘ୍ର ପ୍ରବୀଣ ହୋଇପଡ଼ିଥିଲେ । ଧର୍ମ ପୁସ୍ତକ ପାଠ କରିବାରେ ତାଙ୍କର ଥିଲା ଅପାର ଆନନ୍ଦ । ୧୬୩୭ ଖ୍ରୀଷ୍ଟାବ୍ଦରେ ମେ ମାସରେ ସେ ଦିଲରାସବାନୁ ବେଗମଙ୍କୁ ବିବାହ କରିଥିଲେ । ସେ ଖୁବ୍ ଶୀଘ୍ର ନିଜକୁ ଜଣେ ଉତ୍ତମ ସୈନିକ, ଶାସକ ଓ କୂଟନୀତିଜ୍ଞ ରୂପେ ପ୍ରତିଷ୍ଠା କରିପାରିଲେ ।

ତାଙ୍କର ଉତ୍‌ଥାନ ଓ ସିଂହାସନ ଲାଭ (His rise and accession)

୧୬୩୪ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ବୁନ୍ଦେଲଖଣ୍ଡ ବିଦ୍ରୋହ ଦମନ କରିବାରେ ସଫଳ ହେଲେ । ୧୬୩୬ ରୁ ୧୬୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଦାକ୍ଷିଣାତ୍ୟର ସୁବାଦାରଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିଲେ । ୧୬୪୪ ଖ୍ରୀଷ୍ଟାବ୍ଦରେ ତାଙ୍କର ଜ୍ୟେଷ୍ଠଭ୍ରାତା ଦାରାଙ୍କ ସହିତ ଶତ୍ରୁତା ହେବାରୁ ଆଉରଙ୍ଗଜେବଙ୍କୁ ଏ ପଦରୁ ହଟେଇ ଦିଆଗଲା । ୧୬୪୭ ଖ୍ରୀଷ୍ଟାବ୍ଦରେ ତାଙ୍କର ବଲ୍‌ଖ ଅଭିଯାନ ଫଳପ୍ରଦ ହୋଇପାରିନଥିଲା । ୧୬୪୮ ରୁ ୧୬୫୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ହୋଇଥିଲେ ମୁଲତାନ ଓ ସିନ୍ଧୁର ଶାସନକର୍ତ୍ତା । ଏହି ସମୟ ମଧ୍ୟରେ ସେ ଦୁଇଥର କାନ୍ଦାହାର ଅବରୋଧ କରିଥିଲେ । ଏହି କାର୍ଯ୍ୟ ସେ ସୁଚାରୁ ରୂପେ ତୁଲେଇ ନ ପାରିବାରୁ ଏଥିରେ ଶାହଜାହାନ ବିରକ୍ତି ପ୍ରକାଶ କରି ତାଙ୍କୁ ଦାକ୍ଷିଣାତ୍ୟ ପ୍ରେରଣ କଲେ । ସେତେବେଳେ ଦାକ୍ଷିଣାତ୍ୟରେ ରାଜନୀତିକ ଓ ଆର୍ଥନୀତିକ ଅବସ୍ଥା ଅସ୍ଥିରତା ମଧ୍ୟରେ ଗତି କରୁଥିଲା; କିନ୍ତୁ ଆଉରଙ୍ଗଜେବ ସେଠାରେ ଶାନ୍ତି ଫେରାଇ ଆଣିବା ସହିତ ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇଲେ । ସେ ମଧ୍ୟ ଗୋଲକୁଣ୍ଡା ଓ ବିଜାପୁର ରାଜ୍ୟଦ୍ୱୟ ଜୟ କରି ମୋଗଲ ସାମ୍ରାଜ୍ୟରେ ମିଶାଇବାକୁ ଚାହିଁଲେ; କିନ୍ତୁ ଶାହଜାହାନଙ୍କ ବାରଣ ଯୋଗୁଁ ତାହା କରିନଥିଲେ ।

ଶାହଜାହାନଙ୍କ ପୀଡ଼ିତ ଅବସ୍ଥାରେ ତାଙ୍କର ପୁତ୍ରମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଗ୍ରାମ ହେଲା । ଆଉରଙ୍ଗଜେବ ଜଣେ ଚତୁର ରାଜନୀତିଜ୍ଞ ଓ ଦକ୍ଷ ସେନାପତି ଥିଲେ । ନିଷ୍ଠୁର ଭାବରେ ସେ ଭ୍ରାତାମାନଙ୍କୁ ହତ୍ୟା କଲେ । ସିଂହାସନ ଲାଭ ପାଇଁ ବାଟ ପରିଷ୍କୃତ ହେଲା । ୧୬୫୮ ଖ୍ରୀଷ୍ଟାବ୍ଦ ଜୁଲାଇ ୨୧ ତାରିଖ ଦିନ 'ଆବୁଲ ମୁଜାଫର ମୁହିଉଦ୍ଦୀନ ମହମ୍ମଦ ଆଉରଙ୍ଗଜେବ ବାହାଦୁର ଆଲମଗିରି (ବିଶ୍ୱବିଜୟୀ) ବାଦଶାହ ଘାଜୀ (ପବିତ୍ରଯୋଦ୍ଧା) ଉପାଧିରେ ନିଜକୁ ଭୂଷିତ କରି ସେ ସିଂହାସନ ଆରୋହଣ କଲେ । ୧୬୫୯ ଖ୍ରୀଷ୍ଟାବ୍ଦ ଜୁନ୍ ୫ ତାରିଖ ଦିନ ତାଙ୍କୁ ଅଭିଷିକ୍ତ କରାଗଲା । ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ପଦବୀ ଓ ଉପହାର ବଣ୍ଟନକରି ସେ ନିଜକୁ ଶକ୍ତିଶାଳୀ କରିବାକୁ ଯତ୍ନ କଲେ । ଉତ୍ତରାଧିକାରୀଙ୍କ ମଧ୍ୟରେ ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧିକୁ ନେଇ ସାଧାରଣ ପ୍ରଶାସନର ବିଶୃଙ୍ଖଳାଜନିତ ଲୋକମାନଙ୍କର କ୍ଲେଶ ଦୂର କରିବାକୁ ଅନ୍ୟ ମୁସଲମାନ ଶାସକମାନଙ୍କ ପରି ସେ ପ୍ରୟାସୀ ହେଲେ । ସେ କେତେକ ହଇରାଣକାରୀ କର ଉଠାଇ ଦେଇଥିଲେ ମଧ୍ୟ ତଦ୍ୱାରା ଲୋକମାନେ ଉପକୃତ ହେଲେ ନାହିଁ ।

ସାମ୍ରାଜ୍ୟ ବିସ୍ତାର (Expansion of Empire)

ଆଉରଙ୍ଗଜେବ ଥିଲେ ଉଗ୍ର ସାମ୍ରାଜ୍ୟବାଦୀ । ଆସାମ ବିପକ୍ଷରେ ଅଭିଯାନ ଚଳାଇ ସେ ସାମ୍ରାଜ୍ୟବିସ୍ତାରର ଶୁଭାରମ୍ଭ କଲେ । ସିଂହାସନ ପାଇଁ ଶାହଜାହାନଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଘଟିଥିବା ସଂଗ୍ରାମର ସୁଯୋଗ ନେଇ କୁଚବିହାର ଓ ଆସାମର ଶାସକମାନେ କେତେକ ମୋଗଲ ଅଞ୍ଚଳ ଅଧିକାର କରିଥିଲେ । ଦୁର୍ଦ୍ଦାନ୍ତ ଆହୋମ୍‌ମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ୧୬୬୧ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ବଙ୍ଗଳାର ଶାସନକର୍ତ୍ତା ମୀରଜୁମଲାଙ୍କୁ ନିର୍ଦ୍ଦେଶ ଦେଲେ । ଆହୋମମାନେ ମଙ୍ଗୋଲୀୟମାନଙ୍କ ବଂଶଧର ଥିଲେ । ସଙ୍ଗରେ ୧୨,୦୦୦ ଅଶ୍ୱାରୋହୀ ଓ ୩୦,୦୦୦ ପଦାତିକ ସୈନ୍ୟଦଳ ନେଇ ମୀରଜୁମଲା କୁଚବିହାର ଓ ଆସାମ ଅଧିକାର କଲେ । ସାମାନ୍ୟ ବାଧାଦେଇ ଆହୋମ୍‌ମାନେ ପଛଘୁଞ୍ଚା ଦେଇଥିଲେ । ମୀରଜୁମଲାଙ୍କ ବିଜୟ ଯାତ୍ରା ସେମାନଙ୍କର ରାଜଧାନୀ ଗରଗାଁ (Garhgaon) ପର୍ଯ୍ୟନ୍ତ ଚାଲିଥିଲା ।

କିନ୍ତୁ ଖୁବ୍ ଶୀଘ୍ର ପ୍ରକୃତି ଆହୋମ୍‌ମାନଙ୍କ ସପକ୍ଷରେ ଲଢ଼ିଥିଲା । ବର୍ଷାଋତୁ ଆସିବାରୁ ଖାଦ୍ୟ ସାମଗ୍ରୀ ଓ ଔଷଧ ଯୋଗାଣରେ ବାଧା ସୃଷ୍ଟି ହେଲା । ଏହାର ଅଭାବରେ ମୀରଜୁମଲାଙ୍କ ସୈନ୍ୟମାନେ ଅଶେଷକଷ୍ଟ ଭୋଗିଲେ । ସେତେବେଳେ ଆହୋମ୍‌ମାନେ ମୋଗଲମାନଙ୍କୁ ପ୍ରତିଆକ୍ରମଣ କରି ବ୍ୟତିବ୍ୟସ୍ତ କରିପକାଇଲେ; କିନ୍ତୁ ବର୍ଷାକାଳ ପରେ ସେମାନଙ୍କୁ ଦମନ କରିବାରେ ମୋଗଲମାନେ ସଫଳ ହେଲେ । ଆହୋମ୍‌ମାନଙ୍କୁ ସାମ୍ରାଜ୍ୟବାଦୀମାନଙ୍କ ସହିତ ସନ୍ଧି କରିବାକୁ ପଡ଼ିଥିଲା । ଐତିହାସିକ ଜେ. ଏନ. ସରକାର ମତ ଦେଇଛନ୍ତି, ସାମରିକ କାର୍ଯ୍ୟକଳାପ ଦୃଷ୍ଟିରୁ ମୀରଜୁମଲାଙ୍କ ଆସାମ ଅଭିଯାନ ସଫଳତା ହାସଲ କରିଥିଲା । ଆହୋମ୍ ରାଜା ଜୟଧ୍ୱଜ ଯୁଦ୍ଧର କ୍ଷତିପୂରଣ ଓ ବାର୍ଷିକ କର ପ୍ରଦାନ କରିବାକୁ ସମ୍ମତ ହେଲେ । ମୋଗଲମାନେ ଦରାଙ୍ଗ (Darrang) ପ୍ରଦେଶର ଅର୍ଦ୍ଧାଧିକ ସ୍ଥାନ ଅଧିକାର କଲେ । ଏହି ବିଜୟ ମୋଗଲମାନଙ୍କ ପାଇଁ ଖୁବ୍ କଷ୍ଟଦାୟକ ଥିଲା । ଏହି ଅଭିଯାନରେ ମୀରଜୁମଲାଙ୍କ ସହିତ ଅନେକ ଲୋକଙ୍କର ପ୍ରାଣହାନି ଘଟିଲା । ଏହି ବିଜୟ ମଧ୍ୟ ଥିଲା କ୍ଷଣସ୍ଥାୟୀ । ଅଳ୍ପକେତେକ ବର୍ଷ ପରେ ଆହୋମ୍‌ମାନେ କାମରୁପ ଅଧିକାର କଲେ ।

ମୀରଜୁମଲାଙ୍କ ପରେ ଆଉରଙ୍ଗଜେବ ତାଙ୍କ ମାତୁଳ ଶାୟସ୍ତ ଖାଁଙ୍କୁ ବଙ୍ଗଳାର ଶାସନ କର୍ତ୍ତା ରୂପେ ନିଯୁକ୍ତ କଲେ । ସେ ପର୍ତ୍ତୁଗୀଜ୍ ଜଳଦସ୍ୟୁମାନଙ୍କ ଦୁର୍ଗ ସୋନ୍ଦିପ (Sondip) ଦ୍ୱୀପ ଓ ଚଟଗାଁ ଅଧିକାର କଲେ । ୧୬୬୬ ଖ୍ରୀଷ୍ଟାବ୍ଦରେ ସେ ଆରାକାନ ରାଜାଙ୍କୁ ଜୟ କଲେ; କିନ୍ତୁ ଜଳଦସ୍ୟୁମାନଙ୍କୁ ସମ୍ପୂର୍ଣ୍ଣରୂପେ ଦମନ କରାଯାଇପାରିନଥିଲା ।

ଉତ୍ତର-ପଶ୍ଚିମ ସୀମାନୀତି (North-west Frontier Policy)

ମୋଗଲ ସାମ୍ରାଜ୍ୟର ଉତ୍ତର-ପଶ୍ଚିମ ସୀମାରେ କେତେକ ଦଙ୍ଗାବାଜ ମୁସ୍‌ଲିମ୍ ଜାତି ବାସ କରୁଥିଲେ । ସେମାନଙ୍କ ସ୍ଥିତି ମୋଗଲମାନଙ୍କ ପାଇଁ ଉଦ୍‌ବେଗର କାରଣ ଥିଲା । ସେଠାରେ

ବାସ କରୁଥିବା ଆଫଗାନ୍‌ମାନେ ଉତ୍ତର-ପଶ୍ଚିମ ପଞ୍ଜାବର ବିତ୍ତଶାଳୀ ସହରଗୁଡ଼ିକରେ ଦସ୍ୟୁବୃତ୍ତି ଅବଲମ୍ବନ କରୁଥିଲେ । ତେଣୁ ଉତ୍ତର-ପଶ୍ଚିମ ସୀମାର ସୁରକ୍ଷା ନିମିତ୍ତ ସେଠାରେ ବାସକରୁଥିବା ପାହାଡ଼ିଆ ଲୋକମାନଙ୍କୁ ଅର୍ଥବଳରେ ବଶୀଭୂତ କରିବାକୁ ଆଉରଙ୍ଗଜେବ ଚେଷ୍ଟା କଲେ । ୧୬୬୭ ଖ୍ରୀଷ୍ଟାବ୍ଦରେ ଭାଗୁ (Bhagu)ଙ୍କ ନେତୃତ୍ୱରେ ୟୁସୁଫଜାଇ (Yusufzai) ମାନେ ହଜାର ଜିଲ୍ଲା ବିପକ୍ଷରେ ଅସ୍ତ୍ର ଉତ୍ତୋଳନ କଲେ । ୟୁସୁଫଜାଇମାନଙ୍କର ଅନ୍ୟ ଏକ ଦଳ ପଶ୍ଚିମ ପେଶବାର ଓ ଆଟକ ଜିଲ୍ଲାଗୁଡ଼ିକୁ ଲୁଣ୍ଠନ କରିଥିଲେ । ଯାହାହେଉ, ସେମାନଙ୍କୁ କେତେମାସ ମଧ୍ୟରେ ଦମନ କରାଯାଇ ପାରିଥିଲା ।

୧୬୭୨ ଖ୍ରୀଷ୍ଟାବ୍ଦରେ ସୀମା ଅଞ୍ଚଳରେ ଆଫ୍ରିଦମାନେ ବିଦ୍ରୋହ କରିଥିଲେ । ସେମାନଙ୍କ ନେତା ଆକମଲ ଖାଁ ନିଜକୁ ରାଜା ରୂପେ ଘୋଷଣା କଲେ ଏବଂ ମୋଗଲମାନଙ୍କ ବିରୁଦ୍ଧରେ ପବିତ୍ର ଯୁଦ୍ଧ କରିବାକୁ ସମସ୍ତ ମୁସଲ୍‌ମାନ୍‌ମାନଙ୍କୁ ଆହ୍ୱାନ ଦେଲେ । ବିଦ୍ରୋହୀମାନେ ବଳଶାଳୀ ହୋଇ ଆଫଗାନିସ୍ତାନର ଶାସନକର୍ତ୍ତା ଅମୀନ ଖାଁଙ୍କୁ ଆକ୍ରମଣ କଲେ । ଅମୀନ ଖାଁ ପରାଜିତ ହୋଇ ପଳାୟନ କଲେ । ଖାଟକ (Khattak) ବଂଶଜ ମୁସଲ୍‌ମାନ୍‌ମାନେ ଆଫ୍ରିଦମାନଙ୍କ ସହିତ ଯୋଗ ଦେଲେ । ସେହି ବଂଶର ଖୁଶ-ହାଲ ଖାଁ (Khush-hal Khan) ନାମକ ଜଣୈକ କବି ମୁସଲ୍‌ମାନ୍ ଜାତୀୟ ଜାଗରଣର ଜୀବନୀ ଶକ୍ତି ରୂପେ ଉଭା ହୋଇଥିଲେ । ୧୬୭୪ ଫେବ୍ରୁଆରୀ ମାସରେ ସମ୍ରାଟ ଆଉରଙ୍ଗଜେବ ସୁଜାତ ଖାଁଙ୍କ ନେତୃତ୍ୱରେ ପ୍ରେରଣ କରିଥିବା ଏକ ସୈନ୍ୟଦଳ ମଧ୍ୟ ଆଫଗାନ୍‌ମାନଙ୍କର ବିଦ୍ରୋହ ଦମନ କରିବାରେ ବିଫଳ ହୋଇଥିଲା । ସେଠାରେ ସୁଜାତ ଖାଁ ନିହତ ହୋଇଥିଲେ । ପରିସ୍ଥିତି ଭୟଙ୍କର ହେବାରୁ ନିଜେ ଆଉରଙ୍ଗଜେବ ପେଶବାର ନିକଟକୁ ଯାତ୍ରା କଲେ । ସେ ଉଭୟ କୂଟନୀତି ଓ ଯୁଦ୍ଧର ଆଶ୍ରୟ ନେଲେ । ଆଫଗାନ୍ ବଂଶର ବହୁ ମୁସଲ୍‌ମାନ୍‌ଙ୍କୁ ଉପହାର, ପେନ୍‌ସନ୍, ଜାଗିରି ଓ ବିଭିନ୍ନ ପଦ ପଦବୀ ପ୍ରଦାନ କରାଯାଇ ବଶ କରାଗଲା । ଯେଉଁମାନେ ମୋଗଲମାନଙ୍କୁ ବିରୋଧ କଲେ ସେମାନେ ଦମିତ ହେଲେ । ସେଠିକାର ଅବସ୍ଥା ଉନ୍ନତି ହେବାରୁ ସମ୍ରାଟ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ । ଆଉରଙ୍ଗଜେବଙ୍କର ଏ ସଫଳତା କେବଳ ଆଫଗାନିସ୍ତାନର ଶାସନକର୍ତ୍ତା ଅମୀନ ଖାଁଙ୍କ ନୀତି ଯୋଗୁଁ ସମ୍ଭବ ହୋଇପାରିଥିଲା । ଆକମଲ ଖାଁଙ୍କ ମୃତ୍ୟୁପରେ ଆଫ୍ରିଦମାନେ ସମ୍ରାଟଙ୍କ ସହିତ ଶାନ୍ତିପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କଲେ । ଖାଟକ ବୀର ଖୁଶ-ହାଲ କେତେ ବର୍ଷ ଧରି ମୋଗଲମାନଙ୍କ ବିରୁଦ୍ଧରେ ଅଭିଯାନ ଚାଲୁରଖିଥିଲେ । ଶେଷରେ ତାଙ୍କ ପୁତ୍ରର ପ୍ରତାରଣାରେ ଶିକାର ହୋଇ ସେ ମୋଗଲମାନଙ୍କ ହସ୍ତରେ ଧରାପଡ଼ିଲେ ।

ଆଉରଙ୍ଗଜେବଙ୍କ ଉତ୍ତର-ପଶ୍ଚିମ ସୀମାନୀତି ସଫଳ ହୋଇଥିଲେ ମଧ୍ୟ ଏହାଦ୍ୱାରା ଧନ ଓ ଜୀବନ କ୍ଷୟପ୍ରାପ୍ତ ହୋଇଥିଲା । ଅବଶ୍ୟ ସେହି ଅଞ୍ଚଳରୁ ନିଯୁକ୍ତି ପାଇଥିବା ଲୋକମାନେ ପ୍ରକୃତରେ ମୋଗଲମାନଙ୍କର ସାମରିକ ଶକ୍ତି ରୂପେ ଆବିର୍ଭୂତ ହେଲେ । ଦାକ୍ଷିଣାତ୍ୟରେ ଆଉରଙ୍ଗଜେବଙ୍କର ଦୁର୍ବଳତାର ସୁଯୋଗ ନେଇ ଶିବାଜୀ କର୍ଣ୍ଣାଟକ ଅଧିକାର କଲେ ।

ଆଉରଙ୍ଗଜେବଙ୍କ ଧର୍ମନୀତି (Religious Policy of Aurangzeb)

ଆଉରଙ୍ଗଜେବ ଜଣେ ନୈଷ୍ଠିକ ସୁନ୍ନୀ ମୁସଲମାନ୍ ଥିଲେ । ତାଙ୍କ ସମୟରେ ଭାରତ ଏକ ଧର୍ମକୈନ୍ଦ୍ରିକ ଦେଶରେ ପରିଣତ ହୋଇଥିଲା । ଆକବରଙ୍କର ଉଦାର ଧର୍ମନୀତି ପରିବର୍ତ୍ତେ ଆଉରଙ୍ଗଜେବ ଧର୍ମ ବିଦ୍ୱେଷଭାବ ପୋଷଣ କରିଥିଲେ । ଲେନ୍‌ପୋଲ୍ ଲେଖିଛନ୍ତି, "ମୋଗଲ ଇତିହାସରେ ପ୍ରଥମ ଥର ପାଇଁ ଲୋକମାନେ ସେମାନଙ୍କ ସମ୍ରାଟରୂପେ ଦେଖିବାକୁ ପାଇଲେ ଜଣେ କଠୋର ମୁସଲମାନ୍, ଜଣେ ମୁସ୍‌ଲିମ୍ ଯିଏ ତାଙ୍କ ନିଜ ପ୍ରତି ଯେତିକି କଠୋର ଥିଲେ, ତାଙ୍କ ଚାରିପାଖରେ ଥିବା ଲୋକମାନଙ୍କ ପାଇଁ ସେହିପରି ଥିଲେ, ଜଣେ ରାଜା ଯିଏ ତାଙ୍କ ଧର୍ମର ଖାତିରରେ ସିଂହାସନକୁ ସଙ୍କଟାପନ୍ନ କରିବାକୁ ପ୍ରସ୍ତୁତ ଥିଲେ ।" ସେ ଇସ୍‌ଲାମ୍ ଧର୍ମକୁ ରାଜ୍ୟର ଧର୍ମରୂପେ ଘୋଷଣା କଲେ । କୋରାନ୍‌ର ନିୟମଗୁଡ଼ିକୁ ବଳପୂର୍ବକ ପ୍ରଚଳନ କରିବା ନିମିତ୍ତ ସେ ଚେଷ୍ଟା ଚଳାଇଲେ, ଯେଉଁ ନିୟମ ଅନୁଯାୟୀ ଅଣମୁସଲମାନ୍ ରାଜ୍ୟକୁ (ଦାର-ଉଲ୍-ହର୍ବ) ପ୍ରକୃତ ଇସ୍‌ଲାମ୍ ରାଜ୍ୟରେ (ଦାର-ଉଲ୍-ଇସ୍‌ଲାମ୍) ପରିଣତ କରିବା ପର୍ଯ୍ୟନ୍ତ ଜିହାଦ ବା ପବିତ୍ର ଯୁଦ୍ଧ ଚାଲିଥିବ । ଏହିପରି ଧର୍ମାନୁରାଗୀ ହୋଇ ଆଉରଙ୍ଗଜେବ ଧର୍ମାନ୍ଧ ହେଲେ ଓ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ କାଫେର ବା ବିଧର୍ମୀ ରୂପେ ବିଚାର କଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ ନକରିବା ପର୍ଯ୍ୟନ୍ତ ଅଣମୁସଲମାନ୍‌ମାନେ ସମସ୍ତ ରାଜନୈତିକ ଓ ଆର୍ଥନୀତିକ ସୁବିଧାରୁ ବଞ୍ଚିତ ହେଲେ ।

ମୁସ୍‌ଲିମ୍ ବିରୋଧୀ ପରମ୍ପରାର ଉଚ୍ଛେଦ (Suppression of Antimuslim tradition)

ଆଉରଙ୍ଗଜେବ ତାଙ୍କର ଜନ୍ମଦିନ ଓ ରାଜ୍ୟାଭିଷେକ ଦିନ ପାଳିତ ହେଉଥିବା ଉତ୍ସବଗୁଡ଼ିକ ସରଳ ଓ ନିରାଡମ୍ବର କରିଥିଲେ । ତାଙ୍କ ରାଜତ୍ୱର ଏକାଦଶ ବର୍ଷଠାରୁ 'ଝରୋଖା ଦର୍ଶନ' ବନ୍ଦ କରାଗଲା । ଏହି ପ୍ରଥା ଅନୁଯାୟୀ ପ୍ରାସାଦର ଏକ ବାରଣ୍ଡା ଉପରେ ଦଣ୍ଡାୟମାନ ହୋଇ ପ୍ରତିଦିନ ପ୍ରଭାତରେ ସମ୍ରାଟ ପ୍ରଜାମାନଙ୍କୁ ଦର୍ଶନ ଦେଉଥିଲେ ଏବଂ ସେମାନଙ୍କର ଅଭିବାଦନ ଗ୍ରହଣ କରିବା ସହିତ ଅଭିଯୋଗ ଶୁଣୁଥିଲେ । ଆଉରଙ୍ଗଜେବଙ୍କ ମତରେ ଏହାଦ୍ୱାରା ବ୍ୟକ୍ତି ପୂଜାକୁ ପ୍ରୋତ୍ସାହିତ କରାଯାଉଛି । ସେହିବର୍ଷ ସେ ଦରବାରରେ ସଙ୍ଗୀତ ନିଷେଧ କଲେ । ସଙ୍ଗୀତଜ୍ଞ ଓ ଗାୟକମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲା; କିନ୍ତୁ ଲୋକମାନଙ୍କ ଆତ୍ମାରୁ ସଙ୍ଗୀତ ଅନ୍ତର୍ହିତ ହୋଇନଥିଲା । ସମ୍ରାଟଙ୍କ ବାରଣ ସତ୍ତ୍ୱେ ସମ୍ଭ୍ରାନ୍ତମାନେ ସଙ୍ଗୀତର ପୃଷ୍ଠପୋଷକତା କରୁଥିଲେ । କେବଳ ବଡ଼ ବଡ଼ ସହରରେ ସଙ୍ଗୀତକୁ ନିଷେଧ କରିବା ସମ୍ଭବ ହୋଇଥିଲା ।

ରାଜତ୍ୱର ଦ୍ୱାଦଶ ବର୍ଷରେ ତୁଳାଦାନ (Tuladan) ବା ସମ୍ରାଟଙ୍କ ଜନ୍ମଦିନରେ ତାଙ୍କୁ ସ୍ୱର୍ଣ୍ଣ ଓ ରୂପାଦ୍ୱାରା ଓଜନ କରାଯାଉଥିବା ପ୍ରଥା ଉଚ୍ଛେଦ କରାଗଲା । ଗଣକ ଓ ଜ୍ୟୋତିଷମାନଙ୍କୁ ବରଖାସ୍ତ କରାଗଲା । କିନ୍ତୁ ଫଳିତ ଜ୍ୟୋତିଷରେ (Astrology) ଲୋକମାନଙ୍କର ବିଶ୍ୱାସ ଏତେ ଗଭୀର ଥିଲା ଯେ ସମ୍ରାଟଙ୍କ ନିଷେଧ ସତ୍ତ୍ୱେ ଏହା ସକ୍ରିୟ ଥିଲା ଏବଂ ଅଷ୍ଟାଦଶ

ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏହି ବିଶ୍ୱାସ ଲୋକମାନଙ୍କର ଜୀବନ ଧାରାରେ ବସାବାନ୍ଧି ରହିଥିଲା । ସେ ମଧ୍ୟ ମୁଦ୍ରା ଉପରେ କାଲିମା (Kalima) ଅଙ୍କନ କରିବା ପ୍ରଥା ନିବାରଣ କଲେ । ସେ ବିଶ୍ୱାସ କରୁଥିଲେ ଯେ ଅନ୍ୟ ଧର୍ମବିଶ୍ୱାସୀ ଲୋକମାନେ ଏହି ମୁଦ୍ରା ବ୍ୟବହାର କରିବା ଦ୍ୱାରା ଧର୍ମ ନଷ୍ଟ ହେଉଛି । ଆକବରଙ୍କ ସମୟରୁ ପ୍ରଚଳିତ ନାଉରୋଜ (Nauroz) ବା ପାରସିକ ନବବର୍ଷ ପାଳନ ପ୍ରଥା ଆଉରଙ୍ଗଜେବ ବନ୍ଦ କରିଥିଲେ । ମୁସଲମାନ୍‌ମାନେ କୋରାନ୍‌ର ନିୟମ ଅନୁଯାୟୀ ଚଳୁଛନ୍ତି କି ନାହିଁ ଏହା ତଦାରଖ କରିବାକୁ ମୁହତାସିବମାନଙ୍କୁ (Muhatasib) ନିଯୁକ୍ତ କରାଗଲା । ମୁସଲମାନ୍‌ମାନେ ପ୍ରତ୍ୟହ ପାଞ୍ଚଥର ପ୍ରାର୍ଥନା କରୁଛନ୍ତି କି ନାହିଁ ଓ ରମଜାନରେ ଉପବାସରେ ରହୁଛନ୍ତି କି ନାହିଁ ଏହା ଉପରେ ମୁହତାସିବମାନେ ସତର୍କ ଦୃଷ୍ଟି ରଖୁଥିଲେ ।

ସାଧାରଣ ନୈତିକ ଚରିତ୍ରର ଉନ୍ନତି ନିମିତ୍ତ ଆଉରଙ୍ଗଜେବ କେତେକ ନିୟମ ପ୍ରବର୍ତ୍ତନ କଲେ । ମଦ୍ୟ ଓ ଭାଙ୍ଗ ପ୍ରସ୍ତୁତି, ବିକ୍ରି ଏବଂ ବ୍ୟବହାର ନିବାରଣ କରାଗଲା । ମାନୁକି (Manucci) କହିଛନ୍ତି ଯେ ନୃତ୍ୟରତା କନ୍ୟା ଓ ବେଶ୍ୟାମାନଙ୍କୁ ବିବାହ କରିବା ବା ରାଜ୍ୟ ତ୍ୟାଗକରି ପଳାୟନ କରିବା ଏ ଦୁଇଟିରୁ ଗୋଟିକୁ ବାଛିନେବା ପାଇଁ ସମ୍ରାଟ ଆଦେଶ ଦେଇଥିଲେ । ଅଶ୍ଳୀଳ ସଙ୍ଗୀତ ଗାନ କରି ରାଜ୍ୟରେ ରହିବା ବିରୁଦ୍ଧରେ ନିର୍ଦ୍ଦେଶନାମା ଜାରିହେଲା । କେତେକ ନିର୍ଦ୍ଦିଷ୍ଟ ଧର୍ମ ଉତ୍ସବରେ କାଠଗୋଛା ଜାଳିବା ଓ ଶୋଭାଯାତ୍ରା କରିବା ପ୍ରଥା ବନ୍ଦ କରିବାକୁ ସମ୍ରାଟ ଆଦେଶ ଦେଲେ । ୧୬୬୩ ଖ୍ରୀଷ୍ଟାବ୍ଦରେ ସେ ସତୀଦାହ ପ୍ରଥା ନିଷେଧ କଲେ; କିନ୍ତୁ ସେ ସମୟର ଇଉରୋପୀୟ ପର୍ଯ୍ୟଟକମାନେ ମତ ଦେଇଛନ୍ତି ଯେ ସମ୍ରାଟଙ୍କର ଏହି ନିଷେଧ କ୍ୱଚିତ କାର୍ଯ୍ୟକରୁଥିଲା । 'ସଲମ ୱାଲେକମ୍' - ଏହି ଶବ୍ଦ ଉଚ୍ଚାରଣ କରି ପରସ୍ପରକୁ ଅଭିବାଦନ କରିବା ପ୍ରଥାରୁ ନିବୃତ୍ତ ହେବାକୁ ସମ୍ରାଟ ରାଜକର୍ମଚାରୀମାନଙ୍କୁ ସତର୍କ କରିଦେଲେ ।

ଆଉରଙ୍ଗଜେବଙ୍କର ଗୋଟିଏ ଭଲ ଗୁଣ ହେଲା ଯେ ସେ ଯେଉଁ ନିୟମଗୁଡ଼ିକ ଅନ୍ୟମାନଙ୍କ ଉପରେ ଲଦି ଦେଉଥିଲେ ସେଗୁଡ଼ିକ ନିଜେ ଅଭ୍ୟାସ କରୁଥିଲେ । ସେ ନିୟମିତ କୋରାନ୍ ପାଠ କରୁଥିଲେ । ତାଙ୍କର ଜୀବନ ଥିଲା ଖୁବ୍ ସରଳ ଓ ଆଡ଼ମ୍ବରହୀନ । ସେଥିଯୋଗୁଁ ମୁସଲମାନ୍‌ମାନେ ଆଉରଙ୍ଗଜେବଙ୍କୁ ଜିନ୍ଦାପୀର (Zindapir) ବା ଜୀବନ୍ତ ସନ୍ନ୍ୟାସୀ (Living Saint) ରୂପେ ପୂଜା କରୁଥିଲେ ।

ତାଙ୍କର ହିନ୍ଦୁ ବିରୋଧୀ ନୀତ (His Anti-Hindu Policy)

ଆଉରଙ୍ଗଜେବ ଇସ୍‌ଲାମ୍ ଧର୍ମର ପ୍ରାଧାନ୍ୟ ବିସ୍ତାର କଲେ ଏବଂ ତତ୍ ସହିତ ହିନ୍ଦୁମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ କେତେକ ହିନ୍ଦୁ ବିରୋଧୀ ନୀତି ପ୍ରଣୟନ କଲେ । ୧୬୬୯ ଖ୍ରୀଷ୍ଟାବ୍ଦରେ ବିଧର୍ମୀମାନଙ୍କର ସ୍କୁଲ ଓ ମନ୍ଦିରଗୁଡ଼ିକ ଭୂମିସାତ୍ କରିବା ଓ ସେମାନଙ୍କର ଶିକ୍ଷା ଓ ଧର୍ମ ଅଭ୍ୟାସ ଦୃଢ଼ଭାବେ ଦମନ କରିବାକୁ ସେ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କୁ ଆଦେଶ ଦେଲେ । ପୁରାତନ ମନ୍ଦିରଗୁଡ଼ିକର ମରାମତି ପାଇଁ ହିନ୍ଦୁମାନଙ୍କୁ ବାରଣ କରାଗଲା ।

ମୁହତାସିବମାନେ ସେମାନଙ୍କ ଅଞ୍ଚଳରେ ଥିବା ହିନ୍ଦୁମନ୍ଦିରଗୁଡ଼ିକ ଭାଙ୍ଗିଦେଲେ । ଉତ୍ତରଭାରତର ବନାରସ ଠାରେ ଅବସ୍ଥିତ ବିଶ୍ୱନାଥ ମନ୍ଦିର, ମଥୁରାସ୍ଥିତ କେଶବରାୟ ମନ୍ଦିର, ପାଟଣାର ସୋମନାଥ ମନ୍ଦିରମାନ ଧ୍ୱଂସ କରିଦିଆଗଲା । ଗୁଜୁରାଟ, କାଶ୍ମୀର, ଯୋଧପୁର, ଉଦୟପୁର, ଜୟପୁର, ଓଡ଼ିଶା, ବିଜାପୁର ଓ ଗୋଲକୁଣ୍ଡା ପ୍ରଭୃତି ସ୍ଥାନରେ ଶୋଭାପାଉଥିବା ମନ୍ଦିରଗୁଡ଼ିକ ଭୂମିସାତ୍ କରାଗଲା । ମଥୁରାର ନୂତନ ନାମ ହେଲା ଇସଲାମବାଦ । କେବଳ ରାଜସ୍ଥାନରେ ଆଉରଙ୍ଗଜେବ ୨୪୦ଟି ମନ୍ଦିର ଭାଙ୍ଗି ଦେଇଥିଲେ । ମନ୍ଦିର ସହିତ ପ୍ରତିମାଗୁଡ଼ିକୁ ମଧ୍ୟ ନଷ୍ଟ କରି ଦିଆଗଲା । ହିନ୍ଦୁବିଦ୍ୟାଳୟଗୁଡ଼ିକ ଭାଙ୍ଗିଦିଆଯାଇ ସେଗୁଡ଼ିକ ସ୍ଥାନରେ ମୁସଲମାନ୍ ବିଦ୍ୟାଳୟ ବା ମଦ୍ରାସା ସ୍ଥାପନ କରାଗଲା । ଏହି କାର୍ଯ୍ୟକରି ସେ ମୁସଲମାନ୍‌ମାନଙ୍କର ଯେତିକି ପ୍ରିୟ ହୋଇପାରିଲେ ତା'ଠାରୁ ଅଧିକ ହିନ୍ଦୁମାନଙ୍କ ଦ୍ୱାରା ନିନ୍ଦିତ ହେଲେ ।

୧୬୭୯ ଖ୍ରୀଷ୍ଟାବ୍ଦରେ ଇସ୍‌ଲାମ୍ ଧର୍ମ ପ୍ରଚାର ଓ ବିଧର୍ମୀମାନଙ୍କର ଧର୍ମ ଅଭ୍ୟାସ ବନ୍ଦ କରିବାକୁ ସମ୍ରାଟ ଅଣମୁସଲମାନ୍‌ମାନଙ୍କ ଉପରେ ଜିଜିୟାକର ପୁନଃ ପ୍ରଚଳନ କଲେ । କେବଳ ମହିଳା, ଶିଶୁ, ଭିକ୍ଷୁକ, କ୍ରୀତଦାସ ଓ ଦେବାଳିଆ ବ୍ୟକ୍ତିମାନଙ୍କ ଉପରେ ଏହି କର ଲାଗୁ ହୋଇ ନଥିଲା । ହିନ୍ଦୁମାନଙ୍କ ଉପରେ ମଧ୍ୟ ତୀର୍ଥକର ବସାଗଲା । ମୁସଲମାନ୍‌ମାନେ ଶତକଡ଼ା ୨.୫ ଶୁଳ୍କ ଦେଉଥିବାବେଳେ ହିନ୍ଦୁମାନେ ଶତକଡ଼ା ୫ ଭାଗ ଦେଉଥିଲେ । ହିନ୍ଦୁ ଦିୱାନ, ପେସ୍କାର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲା ଓ ସେମାନଙ୍କ ସ୍ଥାନରେ ମୁସଲମାନ୍‌ମାନେ ନିଯୁକ୍ତି ପାଇଲେ । ଆଇନଦ୍ୱାରା ହିନ୍ଦୁମାନଙ୍କ ଉତ୍ସବ, ମେଳା ଓ ଶୋଭାଯାତ୍ରା ବାରଣ କରାଗଲା । ସତୀଦାହ ପ୍ରଥା ନିଷେଧ ହେଲା । ରାଜପୁତ୍‌ମାନଙ୍କ ବ୍ୟତୀତ ଅନ୍ୟସମସ୍ତ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ବା ଜିମ୍ମି (Jimmi) ବୋଲି ବିବେଚନା କରାଗଲା । ସେମାନଙ୍କୁ ଅଶ୍ୱ ଓ ପାଲିଙ୍କିରେ ଯାତ୍ରା କରିବା ପାଇଁ ମନା କରାଗଲା । ଆଉରଙ୍ଗଜେବଙ୍କର ଏହି ଧର୍ମନୀତି ଦ୍ୱାରା କେବଳ ହିନ୍ଦୁ ନୁହେଁ, ସିହା ସମ୍ପ୍ରଦାୟର ମୁସଲମାନ୍‌ମାନେ ମଧ୍ୟ ଅସନ୍ତୁଷ୍ଟ ଥିଲେ ଏବଂ ଏହି ଅସନ୍ତୋଷ ଦିନେ ଅଗ୍ନିପରି ପ୍ରଜ୍ୱଳିତ ହୋଇ ମୋଗଲ ରାଜତ୍ୱକୁ ଜାଳିଦେଇଥିଲା ।

ତାଙ୍କ ଧର୍ମନୀତିର ପରିଣାମ (Effects of his Religious policy)

ଭାରତକୁ ଏକ ମୁସଲିମ୍ ରାଜ୍ୟରେ ପରିଣତ କରିବାରେ ଆଉରଙ୍ଗଜେବଙ୍କର ସୁଚିନ୍ତିତ ନୀତିକୁ ପ୍ରତିବାଦ କରି ରାଜସ୍ଥାନ, ମାଲୱା, ବୁନ୍ଦେଲଖଣ୍ଡ ଓ ଖାନ୍ଦେଶରେ ବିଦ୍ରୋହର ସୂତ୍ରପାତ ହେଲା । ମୁଖ୍ୟତଃ ଜାଠ, ବୁନ୍ଦେଲା, ସତନାମୀ, ଶିଖ୍ ଓ ରାଜପୁତ୍ ସମ୍ପ୍ରଦାୟର ଲୋକମାନେ ଆଉରଙ୍ଗଜେବଙ୍କ ନୀତି ବିରୁଦ୍ଧରେ ବିଦ୍ରୋହୀ ହୋଇପଡ଼ିଥିଲେ ।

ଜାଠ ବିଦ୍ରୋହ - ୧୬୬୯ (Jat Rebellion) :

ଆଉରଙ୍ଗଜେବଙ୍କ ଧର୍ମାନ୍ଧତା ବିରୁଦ୍ଧରେ ପ୍ରଥମେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଥିଲେ ମଥୁରାର ଜାଠମାନେ । ସେମାନେ କୃଷକ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଥିଲେ । ତତ୍କାଳୀନ ଫୌଜଦାର ଅବଦୁଲ ନବି ମଥୁରାରେ ଅନେକ ମନ୍ଦିର ଓ ମୂର୍ତ୍ତି ଭାଙ୍ଗିଦେଇ ସେଗୁଡ଼ିକ ସ୍ଥାନରେ ମସ୍‌ଜିଦ ନିର୍ମାଣ କଲେ । ଏହା ବିରୁଦ୍ଧରେ ଜାଠମାନେ ଗୋକୁଳନାମକ ତିଲପତର ଜନୈକ ଜମିଦାରଙ୍କ ନେତୃତ୍ୱରେ ସଙ୍ଗଠିତ ହେଲେ । ସେମାନେ ଅବଦୁଲ ନବିଙ୍କୁ ହତ୍ୟା କଲେ । ବର୍ଷସାରା ସେଠାରେ ଅସ୍ଥିରତା ଲାଗି ରହିଥିଲା । ମୁତ୍ତାର ଫୌଜଦାର ହାସାନ ଅଲି ଖାଁଙ୍କ ନେତୃତ୍ୱରେ ସମ୍ରାଟଙ୍କର ଏକ ସୈନ୍ୟଦଳ ଜାଠମାନଙ୍କର ବିଦ୍ରୋହ ଦମନ କଲେ । ଗୋକୁଳଙ୍କୁ ହତ୍ୟା ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ କରାଗଲା । ୧୬୮୫ ଖ୍ରୀଷ୍ଟାବ୍ଦରେ ଜାଠମାନେ ରାଜାରାମଙ୍କ ନେତୃତ୍ୱରେ ପୁନର୍ବାର ବିଦ୍ରୋହ କରିଥିଲେ । ସେମାନେ ସିକନ୍ଦରାସ୍ଥିତ ଆକବରଙ୍କର ସୁଦୃଶ୍ୟ କବରକୁ ଲୁଣ୍ଠନ କଲେ; କିନ୍ତୁ ରାଜାରାମ ମଧ୍ୟ ମୋଗଲମାନଙ୍କ ଦ୍ୱାରା ପରାଜିତ ଓ ନିହତ ହେଲେ । ରାଜାରାମଙ୍କ ପରେ ଜାଠ ବିଦ୍ରୋହର ନେତୃତ୍ୱ ନେଇଥିଲେ ତାଙ୍କର ପୁତୁରା ଚୁରାମନ । ସେ ଖୁବ୍ ଦୁର୍ଦ୍ଧର୍ଷ ଥିଲେ । ଜାଠମାନେ ତାଙ୍କ ଅଧୀନରେ ଏକ ଶକ୍ତିଶାଳୀ ସାମରିକ ଦଳରେ ପରିଣତ ହେଲେ । ଆଉରଙ୍ଗଜେବ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଜାଠବିଦ୍ରୋହ ଦମନ କରି ପାରିଲେ ନାହିଁ ।

ବୁନ୍ଦେଲା ବିଦ୍ରୋହ (Bundela Rebellion)

ବୁନ୍ଦେଲଖଣ୍ଡର ବୁନ୍ଦେଲାମାନେ ଆଉରଙ୍ଗଜେବଙ୍କ ଧର୍ମନୀତିକୁ ପ୍ରତିବାଦ କଲେ । ବୁନ୍ଦେଲା ବିଦ୍ରୋହର ନେତୃତ୍ୱ ନେଇଥିଲେ ଚମ୍ପତରାୟଙ୍କ ପୁତ୍ର ଛତ୍ରସାଳ । ଆଉରଙ୍ଗଜେବଙ୍କ ଶାସନର ପ୍ରଥମ ଭାଗରେ ଚମ୍ପତରାୟ ସମ୍ରାଟଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ମଧ୍ୟ ତାଙ୍କ ଦମନ କାର୍ଯ୍ୟରେ ଭୟଭୀତ ହୋଇ ଆତ୍ମହତ୍ୟା କଲେ । ଦାକ୍ଷିଣାତ୍ୟରେ ଆଉରଙ୍ଗଜେବଙ୍କ କାର୍ଯ୍ୟ କରୁଥିବା ଛତ୍ରସାଳ ଶିବାଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନ ହେବାର ସ୍ୱପ୍ନ ଦେଖିଥିଲେ । ବିଭିନ୍ନ ସ୍ଥାନରେ ସେ ମୋଗଲମାନଙ୍କୁ ପରାସ୍ତ କରିଥିଲେ । ସେମାନଙ୍କ ଠାରୁ ଚୌଥ ନାମକ ଏକ କର ଆଦାୟ କରାଗଲା । ୧୭୦୫ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ବାଧ ହୋଇ ସେମାନଙ୍କ ସହିତ ସନ୍ଧି କଲେ । ୧୭୦୭ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କ ମୃତ୍ୟୁ ହେଲା । ଏହାପରେ ଛତ୍ରସାଳ ୧୭୩୧ ଖ୍ରୀଷ୍ଟାବ୍ଦ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ । ପାନ୍ନା ହୋଇଥିଲା ଏହାର ରାଜଧାନୀ ।

ସତନାମୀ ବିଦ୍ରୋହ (Satnami Rebellion)

ସତନାମୀମାନେ ନାରନୋଲ ଓ ମେୱାତ୍ ଅଞ୍ଚଳରେ ବାସ କରୁଥିଲେ । ସେମାନେ କୃଷିଜୀବୀ ଥିଲେ । ଆଉରଙ୍ଗଜେବଙ୍କ ସଂକୀର୍ଣ୍ଣ ଧର୍ମନୀତି ପ୍ରତିବାଦ କରି ସେମାନେ ୧୬୭୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ବିଦ୍ରୋହ କଲେ । ସେମାନଙ୍କୁ ବର୍ଣ୍ଣନା କରି ଖ୍ୱାଫି ଖାଁ ଲେଖିଛନ୍ତି, "ଏହି ଲୋକମାନେ ଭକ୍ତମାନଙ୍କ ପରି ପୋଷାକ ପରିଧାନ କରୁଥିଲେ, ତଥାପି ସେମାନେ

ବ୍ୟବସାୟ ଓ କୃଷିକାର୍ଯ୍ୟ କରୁଥିଲେ, ଯଦିଚ ସେମାନଙ୍କର ବ୍ୟବସାୟ ଛୋଟ ଥିଲା । ଧାର୍ମିକ ଦୃଷ୍ଟିକୋଣରୁ ସେମାନେ 'ଉତ୍ତମନାମ' ବା 'ସତ୍‌ନାମ' ଉପାଧି ବହନ କରି ନିଜକୁ ଗୌରବାନ୍ୱିତ କରୁଥିଲେ । ବେଆଇନ ଭାବରେ ସମ୍ପତ୍ତି ଅଧିକାର କରିବାକୁ ସେମାନଙ୍କୁ ଅନୁମତି ଦିଆଯାଉନଥିଲା; କିନ୍ତୁ ଯଦି କେହି ସେମାନଙ୍କର କ୍ଷତି କରିବାକୁ ଉଦ୍ୟମ କରୁଥିଲା ବା ସେମାନଙ୍କ ଉପରେ ବଳପୂର୍ବକ ଅତ୍ୟାଚାର କରୁଥିଲା, କିମ୍ବା ସେମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରୁଥିଲା, ସେମାନେ ଏହା ସହ୍ୟକରି ପାରୁନଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ରଖୁଥିଲେ ।" ଜଣେ ସତନାମୀଙ୍କୁ ଜନୈକ ମୋଗଲ ସୈନ୍ୟ ହତ୍ୟା କରିବାରୁ ସତନାମୀମାନେ ହଠାତ୍ ବିଦ୍ରୋହ ଆରମ୍ଭ କଲେ । ସେମାନେ ନାରନୋଲ ଅଧିକାର କଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ସେମାନେ ହେଉଛନ୍ତି ଐଶ୍ୱରିକ ଶକ୍ତିର ଅଧିକାରୀ, ସେମାନଙ୍କୁ ଖଡ୍‌ଗ ହାଣି ପାରିବ ନାହିଁ ବା ଗୁଳି ଭେଦ କରି ପାରିବ ନାହିଁ । ସେମାନେ କେବଳ ନିଜର ନିରାପତ୍ତା ପାଇଁ ଅସ୍ତ୍ର ଧାରଣ କଲେ । ମୋଗଲ ସମ୍ରାଟଙ୍କ ପ୍ରତି ସେମାନଙ୍କର କୌଣସି ଶତ୍ରୁତା ନଥିଲା; କିନ୍ତୁ ପରିଶେଷରେ ଆଉରଙ୍ଗଜେବ ସେମାନଙ୍କୁ ଦମନ କଲେ । ୨୦୦୦ ଜଣ ସରଳ ଧର୍ମବିଶ୍ୱାସୀ ସତନାମୀଙ୍କୁ ହତ୍ୟା କରି ଆଉରଙ୍ଗଜେବ ନିଜକୁ କଳଙ୍କିତ କଲେ । ଅଧିକାଂଶ ସତନାମୀ ଆତ୍ମସମର୍ପଣ କରିଥିଲେ ।

ଶିଖ୍ ବିଦ୍ରୋହ (Sikh Rebellion)

ଆଉରଙ୍ଗଜେବଙ୍କ ଧର୍ମନୀତି ବିରୁଦ୍ଧରେ ଶାନ୍ତିପ୍ରିୟ ଶିଖ୍‌ମାନେ ଅସ୍ତ୍ରଧାରଣ କରିଥିଲେ । ଗୁରୁନାନକ ହେଉଛନ୍ତି ଶିଖ୍‌ଧର୍ମର ପ୍ରତିଷ୍ଠାତା । ଶିଖ୍‌ମାନେ ପ୍ରତିମାପୂଜା, ଜାତିପ୍ରଥା ଏବଂ ମୁଲ୍ଲା ଓ ପଣ୍ଡିତମାନଙ୍କର ପ୍ରାଧାନ୍ୟ ବିରୋଧ କରୁଥିଲେ । ଗୁରୁ ରାମଦାସଙ୍କ ପରେ ୧୫୮୧ ଖ୍ରୀଷ୍ଟାବ୍ଦରେ ଅର୍ଜୁନ ସିଂହ ଶିଖ୍‌ମାନଙ୍କର ଗୁରୁପଦ ଲାଭ କଲେ । ସେ 'ଗ୍ରନ୍ଥ ସାହେବ' ସଂକଳନ କରିଥିଲେ । ଏହାର ଅନ୍ୟନାମ ଥିଲା ଆଦିଗ୍ରନ୍ଥ । ସେ ମଧ୍ୟ ଅମୃତସରଠାରେ ସ୍ୱର୍ଣ୍ଣମନ୍ଦିର ନିର୍ମାଣ କରିଥିଲେ । ଖୁସ୍ରୁଙ୍କର ବିଦ୍ରୋହ ପରେ ଗୁରୁ ଅର୍ଜୁନଙ୍କୁ ହତ୍ୟାକରାଗଲା । ତାଙ୍କ ପୁତ୍ର ଗୁରୁ ହରଗୋବିନ୍ଦ ଶିଖ୍‌ମାନଙ୍କୁ ଏକ ସାମରିକ ଶକ୍ତିରେ ପରିଣତ କରିଥିଲେ ।

ତେଗ୍‌ବାହାଦୁର ଥିଲେ ଶିଖ୍‌ମାନଙ୍କର ନବମଗୁରୁ । ସେ ଆନନ୍ଦପୁରଠାରେ ବାସ କଲେ, ସମ୍ରାଟଙ୍କ ଶାସନ ତାଙ୍କୁ ଅସହ୍ୟବୋଧ ହେଲା । ସେ ଆଉରଙ୍ଗଜେବଙ୍କ ହିନ୍ଦୁନୀତି ପ୍ରତିବାଦ କଲେ ଏବଂ ଏପରି କରିବାକୁ କାଶ୍ମୀରିର ବ୍ରାହ୍ମଣମାନଙ୍କୁ ଉତ୍ତେଜିତ କଲେ । ଖ୍ୱାଫି ଖାଁ ଲେଖିଛନ୍ତି ଯେ ଶିଖ୍‌ମାନଙ୍କର ଗୁରୁଦ୍ୱାର ଭାଙ୍ଗିଦେବାକୁ ଆଉରଙ୍ଗଜେବ ଆଦେଶ ଦେଇଥିଲେ । ଶିଖ୍‌ଗୁରୁ ତାଙ୍କର ଏ ଆଦେଶକୁ ବିରୋଧ କଲେ । ଫଳରେ ତାଙ୍କୁ ବନ୍ଦି କରାଯାଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ କରାଗଲା । କିନ୍ତୁ ତେଗ୍‌ବାହାଦୁର ଏହା ନ କରିବାରୁ ୧୬୭୫ ଖ୍ରୀଷ୍ଟାବ୍ଦରେ ଅତି ନିର୍ମମ ଭାବରେ ତାଙ୍କୁ ହତ୍ୟା କରାଗଲା । ତାଙ୍କର ପଗଡ଼ିତଳୁ ଗୋଟିଏ

ଲେଖା ବାହାରିଥିଲା - 'ଶିର ଦିଅ କିନ୍ତୁ ଧର୍ମଦିଅ ନାହିଁ ।' ତାଙ୍କ ପୁତ୍ର ଗୋବିନ୍ଦ ସିଂହ ଶିଖ୍‌ମାନଙ୍କର ଦଶମଗୁରୁରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଭାରତ ଇତିହାସରେ ତାଙ୍କର ବ୍ୟକ୍ତିତ୍ୱ ଥିଲା ଅସାଧାରଣ । ସେ 'ଗୁରୁବାଦ' ଉଚ୍ଛେଦ କଲେ । ତେଗ୍‌ବାହାଦୁରଙ୍କ ହତ୍ୟା ମୋଗଲ ଓ ଶିଖ୍‌ମାନଙ୍କର ସମ୍ପର୍କ ବିଷମୟ କରିଦେଲା । ପିତୃହତ୍ୟାର ପ୍ରତିଶୋଧ ନେବାପାଇଁ ଦଶମଗୁରୁ ସଂକଳ୍ପବଦ୍ଧ ହେଲେ । ସେ ଶିଖ୍‌ମାନଙ୍କୁ ଏକ ଦୁର୍ଦ୍ଧର୍ଷ ଶକ୍ତିରୂପେ ପ୍ରତିଷ୍ଠାକଲେ ଏବଂ ସେମାନଙ୍କୁ ସଂଗଠିତ କରି ଖାଲ୍‌ସା ନାମକ ଏକ ସାମରିକ ବାହିନୀ ଗଠନ କଲେ । ଏହି ସଂଗଠନର ସଭ୍ୟମାନଙ୍କୁ ସିଂହ ଉପାଧି ପ୍ରଦାନ କରାଗଲା । ସେହି ସମୟରୁ ଶିଖ୍‌ମାନେ କେଶ, କଙ୍ଗୀ, କୃପାଣ, କଛ ଓ କଡ଼ା ଧାରଣ କଲେ । ଯୁଦ୍ଧକ୍ଷେତ୍ରରେ ସେମାନଙ୍କୁ ନିଜର ପଶ୍ଚାଦ୍‌ଭାଗ ପ୍ରଦର୍ଶନ କରିବାକୁ ଦିଆଯାଉ ନଥିଲା । ସେମାନେ ମଧ୍ୟ ଦରିଦ୍ର ଓ ଦୁର୍ଭାଗାମାନଙ୍କୁ ସାହାଯ୍ୟ କରୁଥିଲେ ।

ଗୁରୁ ଗୋବିନ୍ଦ ମୋଗଲମାନଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କରିଥିଲେ । ତାଙ୍କ ପୁତ୍ରମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ମୋଗଲମାନେ ହତ୍ୟା କଲେ । ଜଣେ ଧର୍ମାନ୍ଧ ଆଫଗାନ୍‌ଙ୍କ ହସ୍ତରେ ମଧ୍ୟ ଗୁରୁଗୋବିନ୍ଦ ନିହତ ହେଲେ । ତାଙ୍କ ପରେ ଶିଖ୍‌ମାନେ ବନ୍ଦାବାହାଦୁରଙ୍କ ନେତୃତ୍ୱରେ ଯୁଦ୍ଧ କଲେ । ଶିଖ୍‌ମାନେ ମୋଗଲମାନଙ୍କର କ୍ଷତିଘଟାଇ ଥିଲେ । ସେମାନଙ୍କ ସହିତ ଆଉରଙ୍ଗଜେବଙ୍କ ଶତ୍ରୁତା ତାଙ୍କ ସାମ୍ରାଜ୍ୟ ପତନର ଅନ୍ୟତମ କାରଣ ହେଲା ।

ଆଉରଙ୍ଗଜେବଙ୍କ ରାଜପୁତ୍ ନୀତି (Aurangzeb's Rajput Policy)

ରାଜପୁତ୍‌ମାନଙ୍କର ସାହାଯ୍ୟ ଓ ସମର୍ଥନରେ ମୋଗଲ ସାମ୍ରାଜ୍ୟର ଉତ୍ତରୋତ୍ତର ବିକାଶ ଘଟିଥିଲା । ଆକବରଙ୍କର ଉଦାରନୀତି ଯୋଗୁଁ ସେମାନେ ମୋଗଲମାନଙ୍କର ପରମ ମିତ୍ର ରୂପେ ଠିଆ ହୋଇଥିଲେ; କିନ୍ତୁ ଆଉରଙ୍ଗଜେବଙ୍କର ସଂକୀର୍ଣ୍ଣ ଓ ବିଦ୍ୱେଷନୀତି ପାଇଁ ରାଜପୁତ୍‌ମାନେ ମୋଗଲମାନଙ୍କର ଶତ୍ରୁରେ ପରିଣତ ହେଲେ । ସେମାନଙ୍କ ପ୍ରତି ଆଉରଙ୍ଗଜେବଙ୍କର ଅବିଶ୍ୱସ୍ତତା ଆରମ୍ଭ ହେଲା, ଯେତେବେଳେ ଅଧିକାଂଶ ରାଜପୁତ୍ ସେନାପତି ଦାରାଙ୍କ ପକ୍ଷଭୁକ୍ତ ହେଲେ । ଶାହଜାହାନଙ୍କ ଅମଳର ମନସବଦାର ଯଶୋବନ୍ତ ସିଂହ ମଧ୍ୟ ଦାରାଙ୍କ ପକ୍ଷ ସମର୍ଥନ କରି ଧର୍ମାଟ୍‌ଠାରେ ଆଉରଙ୍ଗଜେବଙ୍କ ବିପକ୍ଷରେ ଲଢ଼ିଥିଲେ । ଜୟସିଂହ ମଧ୍ୟ ଆଉରଙ୍ଗଜେବଙ୍କ ସନ୍ଦେହର ବଳୟ ମଧ୍ୟରେ ଘୂରିବୁଲୁଥିଲେ । ରାଜପୁତ୍‌ମାନେ ହେଉଛନ୍ତି ହିନ୍ଦୁ । ଆଉରଙ୍ଗଜେବ ଅନୁଭବ କଲେ ଯେ ଭାରତକୁ ଇସ୍‌ଲାମୀୟ ଦେଶରେ ପରିଣତ କରିବାକୁ ସେ ଉଦ୍ୟମ କରିବା ସମୟରେ ରାଜପୁତ୍‌ମାନେ ପ୍ରତିବନ୍ଧକ ହୋଇ ଠିଆ ହେବେ । ମୋଗଲ ସାମ୍ରାଜ୍ୟ ଗଠନରେ ରାଜପୁତ୍‌ମାନଙ୍କର ଅବଦାନ ଅନୁଭବ କରିନପାରି ସେମାନଙ୍କ ପ୍ରତି ଆଉରଙ୍ଗଜେବ ଅନୁଦାର ନୀତି ପ୍ରଣୟନ କଲେ ।

ଆକବରଙ୍କ ସମୟରୁ ଅମ୍ବରର ରାଜା ଜୟସିଂହଙ୍କର ମୋଗଲ ଦରବାରରେ ଅଖଣ୍ଡ ପ୍ରଭାବ ଥିଲା । ନିଜେ ଆଉରଙ୍ଗଜେବ ଓ ଅନ୍ୟ କେତେଜଣ ପଦସ୍ଥ କର୍ମଚାରୀ ଜୟସିଂହଙ୍କୁ

ଘୃଣା କରୁଥିଲେ । ବିରୋଧୀ ରାଜପୁତ୍‌ମାନଙ୍କର ଶକ୍ତିଶାଳୀ ନେତାରୂପେ ଆଉରଙ୍ଗଜେବ ତାଙ୍କୁ ବିଚାର କରୁଥିଲେ । ତାଙ୍କୁ ପଥରୁ ନିଷ୍କ୍ରାନ୍ତ କରିବା ଉଚିତ ବୋଲି ଆଉରଙ୍ଗଜେବଙ୍କର ମନେହେଲା । ଦାକ୍ଷିଣାତ୍ୟ ଅଭିଯାନ ସମୟରେ ୧୬୬୭ ଖ୍ରୀଷ୍ଟାବ୍ଦରେ ଜୟସିଂହଙ୍କର ମୃତ୍ୟୁ ହେଲା । କୁହାଯାଏ, ଆଉରଙ୍ଗଜେବ ତାଙ୍କୁ ବିଷ ପ୍ରଦାନ କରି ହତ୍ୟା କଲେ ।

ଅମ୍ବର ପରେ ଆଉରଙ୍ଗଜେବଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ମାରବାର । ମାରବାରର ଭୌଗୋଳିକ ଅବସ୍ଥିତି ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୋଗଲ ରାଜଧାନୀରୁ ପଶ୍ଚିମ ଭାରତର ଧନଶାଳୀ ନଗର ଓ ବନ୍ଦର ପର୍ଯ୍ୟନ୍ତ ପଡ଼ିଥିବା କେତୋଟି ରାସ୍ତା ମାରବାର ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ମାରବାର ମଧ୍ୟ ଥିଲା ଏକ ଶକ୍ତିଶାଳୀ ସାମରିକ ରାଜ୍ୟ । ଏହାର ମୁଖ୍ୟ ଯଶୋବନ୍ତ ସିଂହ ଦାରାଙ୍କ ପକ୍ଷ ଗ୍ରହଣ କରିଥିଲେ । ରାଜା ଯଶୋବନ୍ତ ସିଂହଙ୍କ ଉପରେ ଖାଇବର ଗିରିପଥ ଓ ପେଶବାର ଜିଲ୍ଲାର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ୧୬୭୮ ଖ୍ରୀଷ୍ଟାବ୍ଦ ଡିସେମ୍ବର ୧୦ ତାରିଖ ଦିନ ସେ ମୃତ୍ୟୁ ମୁଖରେ ପଡ଼ିଲେ । ଏହାପରେ ଆଉରଙ୍ଗଜେବ ମାରବାରକୁ ସାମ୍ରାଜ୍ୟଭୁକ୍ତ କରିବାକୁ ପ୍ରୟାସ କରିଥିଲେ । ସେଠାରେ ସେ ଫୌଜଦାର, ସିକଦାର, କଟ୍‌ୱାଲ ଓ ଅମୀନ ପଦବୀରେ ନିଜର ଲୋକମାନଙ୍କୁ ନିଯୁକ୍ତି ଦେଲେ । ମାରବାର ପ୍ରତ୍ୟକ୍ଷ ଭାବରେ ମୋଗଲ ଶାସନାଧୀନ ହେଲା । ମୃତ ଯଶୋବନ୍ତ ସିଂହଙ୍କ ପରେ ତାଙ୍କର ଜଣେ ଆତ୍ମୀୟ-ନାଗୋରର ମୁଖ୍ୟ ଇନ୍ଦ୍ରସିଂହଙ୍କ ଠାରୁ ୩୬ ଲକ୍ଷ ଟଙ୍କା ଗ୍ରହଣ କରି ତାଙ୍କୁ ଆଉରଙ୍ଗଜେବ ଯୋଧପୁରର ରାଣା ରୂପେ ସ୍ୱୀକୃତି ଦେଲେ । ସେ ଥିଲେ ନାମକୁ ମାତ୍ର ଜଣେ ଶାସକ । ଆଉରଙ୍ଗଜେବଙ୍କର ଏପରି କାର୍ଯ୍ୟ ରାଠୋରମାନଙ୍କୁ ବିସ୍ମୟାଭିଭୂତ କରିଦେଲା ।

କିନ୍ତୁ ପ୍ରକୃତରେ ମାରବାର ଅବିଜିତ ଥିଲା । ମୋଗଲ ଶାସନର ପତନ ଘଟାଇବାକୁ ପ୍ରତ୍ୟକ ରାଜପୁତ୍ ଦୃଢ଼ ସଂକଳ୍ପ କଲେ । ସେତେବେଳେ ଅନ୍ୟ ଏକ ଘଟଣା ଘଟିଗଲା । ୧୬୭୯ ଫେବ୍ରୁଆରୀ ମାସରେ ମୃତ ରାଜା ଯଶୋବନ୍ତଙ୍କର ଦୁଇଟି ଶିଶୁପୁତ୍ର ଜାତ ହେଲେ; କିନ୍ତୁ ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଗଲା । ଅଜିତ ସିଂହ ନାମକ ଅନ୍ୟ ଶିଶୁ ପୁତ୍ରକୁ ନେଇ ଯଶୋବନ୍ତ ସିଂହଙ୍କର କେତେକ ବିଶ୍ୱସ୍ତ ଅନୁଚର ଦିଲ୍ଲୀ ଯାତ୍ରାକଲେ ଏବଂ ଅଜିତ୍‌ଙ୍କୁ ମାରବାରର ରାଜାରୂପେ ସ୍ୱୀକାର କରିବାକୁ ସେମାନେ ଆଉରଙ୍ଗଜେବଙ୍କୁ ନିବେଦନ କଲେ । ଆଉରଙ୍ଗଜେବ ସ୍ପଷ୍ଟଭାବରେ ଜଣାଇ ଦେଲେ ଯେ ଅଜିତ୍ ସିଂହ ଇସ୍‌ଲାମ୍ ଧର୍ମ ଗ୍ରହଣ ନ କଲେ ତାଙ୍କୁ ମାରବାର ସିଂହାସନ ଅର୍ପଣ କରାଯିବ ନାହିଁ । ସମ୍ରାଟଙ୍କର ଏହିପରି ଅଯୌକ୍ତିକ ପ୍ରସ୍ତାବ ରାଠୋରମାନଙ୍କ ମନୋଭାବକୁ କ୍ଷତବିକ୍ଷତ କରିଦେଲା । ସେମାନେ ଶପଥ ନେଲେ ଯେ ସେମାନେ ବରଂ ଜୀବନକୁ ଉତ୍ସର୍ଗ କରିବେ; କିନ୍ତୁ ଆଉରଙ୍ଗଜେବଙ୍କ ପ୍ରସ୍ତାବ ଗ୍ରହଣ କରିବେ ନାହିଁ । ସୌଭାଗ୍ୟକୁ ସେତେବେଳେ ମାରବାରର ରାଜନୀତିକ ଦୃଶ୍ୟପଟକୁ ଆସିଥିଲେ ଦୁର୍ଗାଦାସ ।

ରାଜା ଯଶୋବନ୍ତ ସିଂହଙ୍କର ମନ୍ତ୍ରୀ ଅସ୍କାରନଙ୍କ ପୁତ୍ର ଥିଲେ ଦୁର୍ଗାଦାସ । ରାଠୋର ରାଜପୁତ୍ରମାନଙ୍କୁ ନେତୃତ୍ୱ ପ୍ରଦାନ କରି ପ୍ରାୟ ୨୫ ବର୍ଷକାଳ ସେ ମୋଗଲମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ମୋଗଲମାନଙ୍କର ଅସ୍ତ୍ରର ପ୍ରଚଣ୍ଡତା ଦୁର୍ଗାଦାସଙ୍କୁ ଭୟଭୀତ କରିପାରିଲା ନାହିଁ । ମୋଗଲମାନଙ୍କର ସ୍ୱର୍ଣ୍ଣ ପ୍ରଦାନ ପ୍ରଦର୍ଶନର ଲୋଭ ତାଙ୍କୁ ପଥଚ୍ୟୁତ କଲା ନାହିଁ । ସେ ମାରବାରର ରାଣୀ ଓ ଶିଶୁପୁତ୍ର ଅଜିତଙ୍କୁ ଦିଲ୍ଲୀ ସ୍ଥିତ ମୋଗଲ ଅନ୍ତଃପୁରରୁ ନେଇ ଆସିବା ପାଇଁ ଯୋଜନା କଲେ । କେତେଜଣ ଦୁର୍ଦ୍ଧର୍ଷ ରାଜପୁତ୍‌ଙ୍କ ସହାୟତାରେ ସେ ଦୁହିଁଙ୍କୁ ୧୬୭୯ ଜୁଲାଇ ୨୩ ତାରିଖ ଦିନ ମାରବାରର ରାଜଧାନୀ ଯୋଧପୁରକୁ ନେଇ ଆସିବାରେ ଦୁର୍ଗାଦାସ ସଫଳ ମଧ୍ୟ ହେଲେ । ଏହା ଦେଖି ଆଉରଙ୍ଗଜେବଙ୍କ ସମର୍ଥିତ ଶାସକ ଇନ୍ଦ୍ରସିଂହ ଭୟଭୀତହୋଇ ପଳାୟନ କଲେ । ଏହି ଘଟଣାରେ ଆଉରଙ୍ଗଜେବଙ୍କ କ୍ରୋଧର ସୀମା ରହିଲା ନାହିଁ । ସେ ରାଜପୁତ୍ର ମୁଆଜାମ, ଆଜାମ ଓ କାମବକ୍‌ଶଙ୍କ ନେତୃତ୍ୱରେ ପୃଥକ୍ ପୃଥକ୍ ତିନିଦଳ ସୈନ୍ୟ ମାରବାର ବିରୁଦ୍ଧରେ ପଠାଇଲେ । ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ପରିଚାଳନା କରିବାକୁ ନିଜେ ସମ୍ରାଟ ଆଜମୀର ଯାତ୍ରା କଲେ । ମୋଗଲମାନଙ୍କ ବିରୁଦ୍ଧରେ ବୀରତ୍ୱର ସହିତ ଯୁଦ୍ଧକରି ରାଜପୁତ୍‌ମାନେ ପରାସ୍ତ ହେଲେ । ମୋଗଲମାନଙ୍କ ଦ୍ୱାରା ଯୋଧପୁର ସମେତ କେତେକ ଅଞ୍ଚଳ ଅଧିକୃତ ହେଲା । ଯୋଧପୁର ଧ୍ୱସ୍ତବିଧ୍ୱସ୍ତ ହେଲା । ମାରବାରର ବିଭିନ୍ନ ସ୍ଥାନରେ ମୋଗଲ ଫୌଜଦାରମାନଙ୍କୁ ନିଯୁକ୍ତ କରାଗଲା ।

ଆଉରଙ୍ଗଜେବଙ୍କର ଆକ୍ରମଣଶୀଳ ନୀତିରେ ଉତ୍ତେଜିତ ହୋଇ ମେବାରର ଶିଶୋଦିଆ ରାଜପୁତ୍‌ମାନେ ରାଠୋରମାନଙ୍କ ପକ୍ଷରେ ଯୋଗଦେଲେ । ଯଶୋବନ୍ତ ସିଂହଙ୍କ ରାଣୀ ମେବାରର ରାଜକନ୍ୟା ଥିଲେ । ମାରବାରର ବିପଦ ସମୟରେ ତାହାର ରାଣୀ ଓ ତାଙ୍କ ପୁତ୍ର ଅଜିତଙ୍କୁ ମେବାର ଆଶ୍ରୟ ଦେଇଥିଲା । ଏତଦ୍‌ବ୍ୟତୀତ ମୋଗଲମାନଙ୍କଦ୍ୱାରା ମାରବାର ଅଧିକୃତ ହେବା ପରେ ମେବାର ପ୍ରତି ବିପଦ ମାଡ଼ି ଆସିଥିଲା । ଆଉରଙ୍ଗଜେବଙ୍କ ଦ୍ୱାରା ଜିଜିୟା କର ପୁନଃ ପ୍ରଚଳନ ମେବାରର ରାଣା ରାଜସିଂହଙ୍କୁ ଉତ୍ତେଜିତ କଲା । ସେ ଅଜିତ୍‌ଙ୍କ ପକ୍ଷ ସମର୍ଥନ କରି ଆଉରଙ୍ଗଜେବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ମଜୁମଦାର, ରାୟଚୌଧୁରୀ ଓ ଦତ୍ତଙ୍କ ଭାଷାରେ, ରାଠୋର-ଶିଶୋଦିଆ ମେଣ୍ଟ ମାଧ୍ୟମରେ ରାଜପୁତ୍ ଯୁଦ୍ଧ ସ୍ୱାଧୀନତା ରକ୍ଷା ନିମନ୍ତେ ଜାତୀୟ ଜାଗରଣ ରୂପ ଧାରଣ କରିଥିଲା । ଏହି ଯୁଦ୍ଧ ଦୀର୍ଘକାଳ ପର୍ଯ୍ୟନ୍ତ ଚାଲିଲା ।

ସମ୍ରାଟ ଆଉରଙ୍ଗଜେବ ମଧ୍ୟ ଅକସ୍ମାତ ମେବାର ଆକ୍ରମଣ କଲେ । ରାଜସିଂହ ପ୍ରତ୍ୟକ୍ଷ ଭାବରେ ମୋଗଲମାନଙ୍କୁ ପ୍ରତିଆକ୍ରମଣ ନ କରି ପାର୍ବତ୍ୟ ଅଞ୍ଚଳରେ ଆଶ୍ରୟ ନେଲେ । ମୋଗଲମାନେ ଖୁବ୍ ସହଜରେ ଚିତୋର ଅଧିକାର କଲେ । ବହୁ ମନ୍ଦିର ଭୂମିସାତ୍ ଓ ଲୁଣ୍ଠିତ ହେଲା । ଚିତୋରରେ ରାଜପୁତ୍ର ଆକବରଙ୍କ ଅଧୀନରେ ଏକ ଶକ୍ତିଶାଳୀ ସୈନ୍ୟଦଳ ରଖି ଆଉରଙ୍ଗଜେବ ଆଜମୀର ଯାତ୍ରା କଲେ । ଅପରପକ୍ଷେ ରାଜପୁତ୍‌ମାନେ ମୋଗଲ ବାହିନୀ ଉପରେ ଅତର୍କିତ ଭାବରେ ଆକ୍ରମଣ କରି ସେମାନଙ୍କୁ ବିବ୍ରତ କରିଦେଲେ । ୧୬୮୦ ଖ୍ରୀଷ୍ଟାବ୍ଦରେ

ସେମାନେ ଆକବରଙ୍କ ଶିବିରରୁ ସମସ୍ତ ଦ୍ରବ୍ୟ ଲୁଣ୍ଠନ କଲେ । ବହୁସଂଖ୍ୟାରେ ମୋଗଲ ସୈନ୍ୟ ମୃତାହତ ହେଲେ । ଆକବର କହିଥିଲେ, ମୋଗଲ ସୈନ୍ୟମାନେ ଭୟରେ ନିଶ୍ଚଳ ହୋଇ ଠିଆ ହେଲେ । ଏହି ପରାଜୟ ଯୋଗୁଁ ଆକବରଙ୍କୁ ଦାୟୀ କରାଗଲା । ଆକବର ମାରବାରକୁ ସ୍ଥାନାନ୍ତରିତ ହେଲେ ଓ ଚିତୋର ଦୁର୍ଗର ଦାୟିତ୍ୱ ନେଲେ ରାଜପୁତ୍ର ଆଜାମ ।

ମେବାରରୁ ବହିଷ୍କୃତ ହୋଇଥିବାରୁ ରାଜପୁତ୍ର ଆକବରଙ୍କୁ ଖୁବ୍ ଅପମାନ ହୋଇଥିଲା । ରାଜପୁତ୍ ମୁଖ୍ୟମାନେ ଆକବରଙ୍କୁ ବୁଝାଇଲେ, କିପରି ତାଙ୍କ ପିତାଙ୍କର ନୀତି ମୋଗଲ ସାମ୍ରାଜ୍ୟର ସ୍ଥିରତା ନଷ୍ଟ କରିଦେଉଛି ଏବଂ ପ୍ରତିଜ୍ଞା କଲେ, ଦିଲ୍ଲୀ ସିଂହାସନରେ ଜଣେ ଜାତୀୟ ସମ୍ରାଟଙ୍କୁ ବସାଇବା ପାଇଁ ନିଜ ଦଳବଳ ସହିତ ସେମାନେ ଆକବରଙ୍କୁ ସାହାଯ୍ୟ କରିବେ । ରାଜପୁତ୍‌ମାନଙ୍କ ସହିତ ମେଣ୍ଟ କରି ପିତାଙ୍କଠାରୁ ଦିଲ୍ଲୀ ସିଂହାସନ ଛଡ଼ାଇ ଆଣିବାକୁ ଆକବର ଆଶା ବାନ୍ଧିଲେ । ତାଙ୍କୁ ଶିଶୋଦିଆ-ରାଠୋରମାନଙ୍କର ସାହାଯ୍ୟ ମିଳିଗଲା । ଆକବର ୭୦୦୦୦ଜଣ ସୈନ୍ୟଙ୍କୁ ନେଇ ୧୬୮୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ୧୫ ତାରିଖରେ ଆଜମୀର ନିକଟରେ ପହଞ୍ଚିଲେ । ଆଉରଙ୍ଗଜେବ ଏକ ଜଟିଳ ସମସ୍ୟାରେ ପଡ଼ିଲେ, ତାଙ୍କ ବାହିନୀର ଦୁଇଟି ବଡ଼ ଅଂଶ ଚିତୋର ଓ ରାଜସମୁଦ୍ର ହ୍ରଦ ପାଖରେ ରହିଥିଲା । ଯଦି ସଙ୍ଗେ ସଙ୍ଗେ ସମ୍ରାଟଙ୍କୁ ଆକବର ଆକ୍ରମଣ କରିଦେଇଥା'ନ୍ତେ, ହୁଏତ ସେ ପରାଜିତ ହୋଇଥା'ନ୍ତେ; କିନ୍ତୁ ଆକବର ଆଳସ୍ୟ ଓ ବିଳାସ ମଧ୍ୟରେ ସମୟ ଅତିବାହିତ କଲେ, ଯେଉଁଥିରେ ଆଉରଙ୍ଗଜେବ ଏକ ପ୍ରତାରଣାର ଆଶ୍ରୟ ନେବାକୁ ଚିନ୍ତା କରିପାରିଲେ । ସେ ଆକବରଙ୍କ ନିକଟକୁ ଏକ ଚିଠିଲେଖିଲେ ଯେ ରାଜପୁତ୍‌ମାନଙ୍କୁ ଛଳନା କରି ନେଇ ଆସିଥିବାରୁ ତାଙ୍କୁ ଅଭିନନ୍ଦନ, ଏହାଦ୍ୱାରା ସେମାନେ ଅନାୟାସରେ ପରାସ୍ତ ହେବେ । ଉଦ୍ଦେଶ୍ୟମୂଳକ ଭାବରେ ଚିଠିଟିକୁ ରାଜପୁତ୍‌ମାନଙ୍କ ହାତରେ ପକାଇ ଦିଆଗଲା । ଏହି ଚିଠିଟି ପଢ଼ି ରାଜପୁତ୍‌ମାନେ ଆକବରଙ୍କୁ ସନ୍ଦେହ କଲେ ଓ ତାଙ୍କୁ ତ୍ୟାଗ କଲେ; କିନ୍ତୁ ଖୁବ୍ ଶୀଘ୍ର ରାଜପୁତ୍‌ମାନେ ଆଉରଙ୍ଗଜେବଙ୍କ ଷଡଯନ୍ତ୍ର ହୃଦୟଙ୍ଗମ କରିପାରିଲେ । ଆକବରଙ୍କର ସୁରକ୍ଷା ପାଇଁ ତାଙ୍କୁ ଦୁର୍ଗାଦାସ ମରହଟ୍ଟା ରାଜା ଶମ୍ଭୁଜୀଙ୍କ ପାଖକୁ ପଠାଇଦେଲେ; କିନ୍ତୁ ସେ ଆକବରଙ୍କୁ ସାହାଯ୍ୟ କରିପାରିଲେ ନାହିଁ । ଛଅବର୍ଷ ପରେ ହତାଶ ରାଜପୁତ୍ର ପାରସ୍ୟକୁ ପଳାୟନ କଲେ, ସେଠାରେ ୧୭୦୪ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେଲା ।

୧୬୮୦ ଖ୍ରୀଷ୍ଟାବ୍ଦରେ ରାଜସିଂହଙ୍କର ଅକାଳ ବିୟୋଗ ଘଟିଲା । ତାଙ୍କ ପୁତ୍ର ଜୟସିଂହ ମେବାରର ରାଜାରୂପେ ଅଭିଷିକ୍ତ ହେଲେ । ମୋଗଲମାନଙ୍କ ବିରୁଦ୍ଧରେ ସେ ଦୀର୍ଘଦିନ ଧରି ଯୁଦ୍ଧ ଚଳାଇଲେ । ମୋଗଲମାନେ ରାଜପୁତ୍‌ମାନଙ୍କ ବିପକ୍ଷରେ ନିର୍ଦ୍ଦିଷ୍ଟ ସଫଳତା ହାସଲ କରିପାରିଲେ ନାହିଁ । ୧୬୮୧ ଜୁନ୍ ମାସରେ ମୋଗଲ ସମ୍ରାଟ ଓ ଜୟସିଂହଙ୍କ ମଧ୍ୟରେ ସନ୍ଧି ହେଲା । ଜିଜିୟାକର ପରିବର୍ତ୍ତେ ମେବାରର ରାଣାଙ୍କୁ ମଦଲ, ପୁର ଏବଂ ବେଦନୋର ଆଦି ପ୍ରଗଣା ଆଉରଙ୍ଗଜେବଙ୍କୁ ହସ୍ତାନ୍ତର କରିବାକୁ ପଡ଼ିଲା । ମୋଗଲମାନେ ମଧ୍ୟ ମେବାରରୁ ପ୍ରତ୍ୟାହୃତ

ହେଲେ । ମୋଗଲ ସମ୍ରାଟ ରାଣାଙ୍କୁ ୫୦୦୦ର ମନସବ ପଦବୀ ପ୍ରଦାନ କଲେ । ରାଣାଙ୍କ ପୁତ୍ର ଭୀମସିଂହଙ୍କୁ ମୋଗଲ ଦରବାରରେ ନିଯୁକ୍ତି ମିଳିଥିଲା ।

ଶିଶୋଦିଆମାନେ ମୋଗଲମାନଙ୍କ ସହିତ ସନ୍ଧି କରିଥିଲେ ମଧ୍ୟ ରାଠୋରମାନେ ପୂର୍ବପରି ସଂଘର୍ଷ ଚାଲୁ ରଖିଥିଲେ । ମୋଗଲ ସମ୍ରାଟଙ୍କ ବିପକ୍ଷରେ ମାରବାର ଦୀର୍ଘ ୨୭ ବର୍ଷରୁ ଅଧିକ ସମୟ ମୁକ୍ତି ସଂଗ୍ରାମରେ ଲିପ୍ତଥିଲା । ରାଜପୁତ୍ର ଆକବରଙ୍କ ମୃତ୍ୟୁପରେ ତାଙ୍କର କନ୍ୟା ସାଫିୟାତ୍ ଉନିସା (Safiat-un-nisa) ଏବଂ ପୁତ୍ର ବୁଲନ୍ଦ ଅଖତାର (Buland Akhtar) ଦୁର୍ଗାଦାସଙ୍କ ଦ୍ୱାରା ଇସ୍‌ଲାମ୍‌ର ବିଧି ଅନୁଯାୟୀ ପାଳିତ ହେଉଥିଲେ । ଆକବରଙ୍କ କନ୍ୟା ଓ ପୁତ୍ରକୁ ଯଥାକ୍ରମେ ୧୬୯୪ ଓ ୧୬୯୮ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ମୋଗଲ ଓ ରାଠୋରମାନଙ୍କ ମଧ୍ୟରେ ମିଳନର ସୂତ୍ରପାତ କରିଥିଲା ।

୧୭୦୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୩ ତାରିଖ ଦିନ ଆଉରଙ୍ଗଜେବଙ୍କ ବିୟୋଗ ଘଟିଥିଲା । ଏହାଥିଲା ଅଜିତ୍ ସିଂହଙ୍କ ପାଇଁ ଏକ ସୁଯୋଗ । ସେ ନିଜର ରାଜଧାନୀ ଯୋଧପୁର ଅଧିକାର କରିବା ଉଦ୍ଦେଶ୍ୟରେ ମୋଗଲମାନଙ୍କୁ ଆକ୍ରମଣ କଲେ । ଜେ. ଏନ. ସରକାର ଲେଖିଛନ୍ତି, "ଯେତେବେଳେ ଅଜିତ୍ ସିଂହ ଯୋଧପୁରରେ ପ୍ରବେଶ କଲେ ମୋଗଲମାନେ ଧନସମ୍ପତ୍ତି ଛାଡ଼ି ପଳାୟନ କଲେ, ସେମାନଙ୍କୁ ହତ୍ୟା କିମ୍ବା ବନ୍ଦି କରାଗଲା । ୨୬ ବର୍ଷ ଧରି ଅତ୍ୟାଚାରରେ ଯାତନା ଭୋଗୁଥିବା ରାଜପୁତ୍‌ମାନଙ୍କର ନିର୍ଦ୍ଦୟ ପ୍ରତିଶୋଧରୁ ରକ୍ଷା ପାଇବା ନିମିତ୍ତ ସେମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁମାନଙ୍କ ଛଦ୍ମବେଶରେ ପଳାୟନ କଲେ ।" ଆଉରଙ୍ଗଜେବଙ୍କ ପରେ ତାଙ୍କର ପୁତ୍ର ସମ୍ରାଟ ବାହାଦୁର ଶାହା ଅଜିତ୍ ସିଂହଙ୍କୁ ମାରବାରର ରାଜା ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ ।

ରାଜପୁତ୍‌ନୀତିର ଫଳାଫଳ (Effects of Rajput Policy)

ଜେ.ଏନ. ସରକାରଙ୍କ ମତରେ, ରାଜପୁତ୍ ଯୁଦ୍ଧର ଫଳାଫଳ ସାମ୍ରାଜ୍ୟ ପ୍ରତି ସର୍ବନାଶୀ ଥିଲା । ଏହି ଯୁଦ୍ଧରେ ବିପୁଳ ଧନ ବ୍ୟୟ ହେବା ସହିତ ବହୁ ସୈନିକ ମୃତ୍ୟୁବରଣ କରିଥିଲେ । ଆଉରଙ୍ଗଜେବ ତାଙ୍କର ନିର୍ବୋଧ ରାଜପୁତ୍‌ନୀତି ଯୋଗୁଁ ରାଜପୁତ୍ ଯୋଦ୍ଧାମାନଙ୍କର ସହାୟତା ହରାଇ ବସିଥିଲେ, ଯେଉଁମାନେ ତାଙ୍କ ପାଇଁ ଦକ୍ଷିଣରେ ମରହଟ୍ଟା ଓ ଉତ୍ତର-ପଶ୍ଚିମ ସୀମାରେ ଆଫଗାନ୍‌ମାନଙ୍କ ବିପକ୍ଷରେ ଯୁଦ୍ଧ କରିଥା'ନ୍ତେ । ସେ ରାଜପୁତ୍‌ମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ହେବା ଫଳରେ ଦାକ୍ଷିଣାତ୍ୟର ରାଜ୍ୟଗୁଡ଼ିକ ଉପରେ ଦୃଷ୍ଟି ଦେଇପାରିନଥିଲେ, ଫଳରେ ସେଠିକାର ଶାସକମାନେ କ୍ଷମତାସମ୍ପନ୍ନ ହୋଇପଡ଼ିଲେ । ମୋଗଲ ସାମ୍ରାଜ୍ୟରେ ବିଶୃଙ୍ଖଳା ଓ ଅରାଜକତା ଦେଖାଗଲା ।

ତାଙ୍କର ଦାକ୍ଷିଣାତ୍ୟ ନୀତି (His Deccan Policy)

ରାଜନୀତିକ ଜୀବନର ଆରମ୍ଭରେ ଦାକ୍ଷିଣାତ୍ୟ ଅଧିକାର କରିବା ଥିଲା ଆଉରଙ୍ଗଜେବଙ୍କର ଦୁର୍ବାର ଆକାଂକ୍ଷା । ଦାକ୍ଷିଣାତ୍ୟରେ ସେ ଦୁଇଥର ଶାସନକର୍ତ୍ତାରୂପେ ଅବସ୍ଥାପିତ ହୋଇଥିଲେ । ଉକ୍ତ ଅଞ୍ଚଳର ରାଜନୀତିକ ଅବସ୍ଥା ସମ୍ପର୍କରେ ତାଙ୍କର ଯଥେଷ୍ଟ ଜ୍ଞାନ ଥିଲା । ରାଜତ୍ୱର ପ୍ରଥମ ୨୩ ବର୍ଷ ଉତ୍ତର ଭାରତ ରାଜନୀତିକ ଜୀବନରେ ସେ ନିଜକୁ ନିମଜ୍ଜିତ ରଖିଥିଲେ; ଏହାପରେ ୧୬୮୧ ରୁ ୧୭୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଦାକ୍ଷିଣାତ୍ୟ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରଖିଲେ । ଦକ୍ଷିଣ ଭାରତ ହେଲା ତାଙ୍କ ଶାସନର ମୁଖ୍ୟକେନ୍ଦ୍ର । ସେଠାରେ ସେ ନିଜର ଦରବାର ଏବଂ ଅନ୍ଦରମହଲ ସ୍ଥାପନ କଲେ । ମୋଗଲ ସୈନ୍ୟବାହିନୀର ମୁଖ୍ୟ ଅଂଶ ଦାକ୍ଷିଣାତ୍ୟରେ ସମ୍ରାଟଙ୍କ ଅଧୀନରେ ବ୍ୟବସ୍ଥିତ ହେଲା । ଆଉରଙ୍ଗଜେବଙ୍କ ଦାକ୍ଷିଣାତ୍ୟ ଅଭିଯାନମୂଳରେ କେତୋଟି କାରଣ ନିହିତ ଅଛି :

ପ୍ରଥମ- ମେବାର ସହିତ ସନ୍ଧି କରିବାପରେ ମୋଗଲ ଓ ରାଜପୁତ୍‌ମାନଙ୍କ ମଧ୍ୟରେ ସୁ-ସମ୍ପର୍କ ସ୍ଥାପିତ ହେଲା । ଉତ୍ତର ଭାରତରେ ସମ୍ଭାବ୍ୟ ବିଦ୍ରୋହଗୁଡ଼ିକ ଦମନ କରିବା ପାଇଁ ଆଉରଙ୍ଗଜେବ ସମର୍ଥ ଥିଲେ; କିନ୍ତୁ ଦାକ୍ଷିଣାତ୍ୟରେ ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନଙ୍କର ଉତ୍‌ଥାନ ତାଙ୍କୁ ବିଚଳିତ କରିଥିଲା । ସେମାନଙ୍କୁ ସିଆ ସୁଲତାନମାନେ ସାହାଯ୍ୟ ଦେଉଥିଲେ । ତେଣୁ ପ୍ରାରମ୍ଭିକ ଅବସ୍ଥାରେ ମରହଟ୍ଟା ଶକ୍ତିକୁ ଚୂର୍ଣ୍ଣ କରିବା ତାଙ୍କ ପାଇଁ ଆହ୍ୱାନ ଥିଲା ।

ଦ୍ୱିତୀୟ - ସମ୍ରାଟ ଆଉରଙ୍ଗଜେବଙ୍କ ବିଦ୍ରୋହୀ ପୁତ୍ର ଆକବର ଶମ୍ଭୁଜୀଙ୍କ ଦରବାରରେ ଆଶ୍ରୟ ନେଇଥିଲେ । ସମ୍ରାଟ ଅନୁଭବ କଲେ ଯେ ତାଙ୍କ ପୁତ୍ର ଆକବର, ସିଆ ସୁଲତାନୀ ରାଜ୍ୟ ଓ ମରହଟ୍ଟା ଶକ୍ତି ଏକତ୍ର ହୋଇଗଲେ ମୋଗଲ ସାମ୍ରାଜ୍ୟ ପ୍ରତି ବିପଦ ସୃଷ୍ଟି କରିବେ ।

ତୃତୀୟ- ଶାହଜାହାନଙ୍କ ରାଜତ୍ୱରେ ଦାକ୍ଷିଣାତ୍ୟର ସୁବେଦାର ରହିଥିବା ସମୟରେ ଆଉରଙ୍ଗଜେବ ସ୍ୱାଧୀନ ବିଜାପୁର ଓ ଗୋଲକୁଣ୍ଡା ରାଜ୍ୟଦ୍ୱୟକୁ ପରାସ୍ତ କରିଥିଲେ । ଏଗୁଡ଼ିକ ମୋଗଲ ସାମ୍ରାଜ୍ୟରେ ମିଶାଇ ଦେବାପାଇଁ ସେ ଚାହୁଁଥିଲେ ମଧ୍ୟ ଶାହଜାହାନଙ୍କ ବାରଣ ଯୋଗୁଁ ଏହା କରିପାରିନଥିଲେ । ସମ୍ରାଟ ହେବା ପରେ ସେ ଉତ୍ତର ଭାରତର ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇ ଦାକ୍ଷିଣାତ୍ୟ ପ୍ରତି ଦୃଷ୍ଟି ଦେଇପାରିନଥିଲେ । ଉତ୍ତର ଭାରତରେ ନିଜକୁ ସୁଦୃଢ଼ କରି ସେ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଅଧିକାର କରିବାରେ ମନ ଦେଲେ ।

ଚତୁର୍ଥ- ଧର୍ମଗତ କାରଣରୁ ଆଉରଙ୍ଗଜେବଙ୍କ ଦାକ୍ଷିଣାତ୍ୟ ଅଭିଯାନ ନିଶ୍ଚିତ ହୋଇ ପଡ଼ିଲା । ସେ ନୈଷ୍ଠିକ ସୁନ୍ନୀଥିବାବେଳେ ବିଜାପୁର ଓ ଗୋଲକୁଣ୍ଡା ରାଜ୍ୟଦ୍ୱୟ ସିଆ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଥିଲା । ଏହି ଦୁଇ ରାଜ୍ୟର ସୁଲତାନ ସିଆ ସମ୍ପ୍ରଦାୟର ସଭ୍ୟ ପାରସ୍ୟର ଶାହାଙ୍କୁ ଭକ୍ତି କରୁଥିଲେ । ସେଥିପାଇଁ ସମ୍ରାଟ ନିଜକୁ ଅପମାନିତ ମନେକରୁଥିଲେ ।

ପଞ୍ଚମ- ଗୋଲକୁଣ୍ଡା ଓ ବିଜାପୁର ରାଜ୍ୟଦ୍ୱୟ ଖୁବ୍ ଧନଶାଳୀ ଥିଲେ । ସମ୍ରାଟ ଚାହିଁଲେ ସେଠାରୁ ଧନସମ୍ପତ୍ତି ଲୁଟି ଆଣି ରାଜକୋଷ ବୃଦ୍ଧି କରିବେ ।

ସଂକ୍ଷେପରେ ବିଜାପୁର ଓ ଗୋଲକୁଣ୍ଡା ଅଧିକାର ଓ ମରହଟ୍ଟା ଶକ୍ତିର ବିଲୋପ ସାଧନ କରିବା ପାଇଁ ସମ୍ରାଟ ଦାକ୍ଷିଣାତ୍ୟ ଅଭିଯାନ କରିଛନ୍ତି ।

ବିଜାପୁର ଜୟ - ୧୬୮୬

ବିଜାପୁର ସୁଲତାନଙ୍କର ଶାହଜାହାନଙ୍କ ସହିତ ଯେଉଁ ସନ୍ଧି ହୋଇଥିଲା, ତାହାର ସର୍ତ୍ତ ଅନୁଯାୟୀ ସେ ସମ୍ରାଟଙ୍କୁ ବାର୍ଷିକ କର ଦେବାକୁ ବାଧ ହେଉଥିଲେ; କିନ୍ତୁ ବିଜାପୁରର ସୁଲତାନ ଠିକ୍ ରୂପେ କର ପଇଠ ନକରି ବିଦ୍ରୋହ କଲେ । ଆଉରଙ୍ଗଜେବ ଉଭୟ ବିଜାପୁରର ସୁଲତାନ ଓ ଶିବାଜୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଜୟସିଂହଙ୍କୁ ପ୍ରେରଣ କଲେ । ଦକ୍ଷିଣରେ ଶିବାଜୀଙ୍କୁ ପରାସ୍ତ କରି ଜୟସିଂହ ପୁରନ୍ଦର ସନ୍ଧି ସ୍ୱାକ୍ଷର କଲେ । ଏହାପରେ ଶିବାଜୀଙ୍କ ସହାୟତାରେ ସେ ବିଜାପୁର ଆକ୍ରମଣ କଲେ । ବିଜାପୁରର ସୈନ୍ୟମାନେ ଗରିଲା ଯୁଦ୍ଧ କୌଶଳର ଆଶ୍ରୟ ନେଲେ । ଜୟସିଂହଙ୍କ ଯୁଦ୍ଧାଭିଯାନ ସଫଳ ହୋଇନଥିଲା ।

୧୬୭୨ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ଆଦିଲଶାହଙ୍କ ମୃତ୍ୟୁ ପରେ ଏହାର ପତନ ଆରମ୍ଭ ହେଲା । ତାଙ୍କ ଚାରିବର୍ଷର ନାବାଳକ ପୁତ୍ର ବିଜାପୁରର ସୁଲତାନ ହେଲେ । ଶାସନ କ୍ଷେତ୍ରରେ ଚରମ ବିଶୃଙ୍ଖଳା ଉପୁଜିଲା । ରାଜ୍ୟର ସମ୍ଭ୍ରାନ୍ତମାନେ ଗୃହବିବାଦରେ ଲିପ୍ତ ହେଲେ । ତା'ର ସୁଯୋଗ ନେଇ ଦାକ୍ଷିଣାତ୍ୟରେ ଥିବା ସୁବେଦାର ବାହାଦୁର ଖାଁ ୧୬୭୬ ଖ୍ରୀଷ୍ଟାବ୍ଦରେ ବିଜାପୁର ଆକ୍ରମଣ କଲେ; କିନ୍ତୁ ସେ ଏ କାର୍ଯ୍ୟରେ କୃତକାର୍ଯ୍ୟ ନ ହେବାରୁ ଆଉରଙ୍ଗଜେବ ତାଙ୍କ ସ୍ଥାନରେ ଦିଲେର ଖାଁଙ୍କୁ ଦାକ୍ଷିଣାତ୍ୟର ସୁବେଦାର ରୂପେ ନିଯୁକ୍ତ କଲେ । ୧୬୭୯ ଖ୍ରୀଷ୍ଟାବ୍ଦରେ ତାଙ୍କର ବିଜାପୁର ଆକ୍ରମଣ ନିଷ୍ଫଳ ହୋଇଗଲା । ପୂର୍ବପରି ଦିଲେର ଖାଁଙ୍କୁ ମଧ ପଦବୀ ହରାଇବାକୁ ପଡ଼ିଥିଲା ।

୧୬୮୦ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ବିଜାପୁର ଅଭିଯାନରେ ରାଜପୁତ୍ର ଆଜାମଙ୍କୁ ପ୍ରେରଣ କରିଥିଲେ । ତାଙ୍କ ଅଧୀନରେ ଥିଲା ଏକ ବିଶାଳ ସୈନ୍ୟବାହିନୀ । ପ୍ରଥମେ ଆଜାମ ବିଜାପୁରର କେତେକ ଅଞ୍ଚଳ ଧ୍ୱଂସ କରିଦେଲେ । ତା'ପରେ ୧୬୮୫ ଖ୍ରୀଷ୍ଟାବ୍ଦରେ ସେ ବିଜାପୁର ଅବରୋଧ କଲେ । ତାଙ୍କୁ ସାହାଯ୍ୟ କରିବାକୁ ଆଉରଙ୍ଗଜେବ ନିଜେ ଯାତ୍ରା କରିଥିଲେ । ବିଜାପୁରବାସୀ ନିଜଦୁର୍ଗକୁ ଏକ ବର୍ଷ କାଳ ଶତ୍ରୁ ଆକ୍ରମଣରୁ ରକ୍ଷା କରିପାରିଥିଲେ; କିନ୍ତୁ ୧୬୮୬ ଖ୍ରୀଷ୍ଟାବ୍ଦରେ ସୈନ୍ୟବାହିନୀ ଖାଦ୍ୟାଭାବର ସମ୍ମୁଖୀନ ହେଲା । ସେହିବର୍ଷ ସେପ୍ଟେମ୍ବର ୨୨ ତାରିଖ ଦିନ ମୋଗଲମାନଙ୍କ ନିକଟରେ ଆତ୍ମସମର୍ପଣ କରିବା ବ୍ୟତୀତ ସିକନ୍ଦର ଶାହଙ୍କର ଅନ୍ୟ ଉପାୟ ନଥିଲା । ସିକନ୍ଦର ଶାହଙ୍କୁ ବନ୍ଦି କରି ଆଉରଙ୍ଗଜେବ ଦୌଲତାବାଦ ଦୁର୍ଗରେ ରଖିଥିଲେ । ବିଜାପୁର ରାଜ୍ୟ ମୋଗଲ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହେଲା । ଏହିପରି ପରିସମାପ୍ତ ହେଲା ୟୁସୁଫ୍ ଆଦିଲଶାହଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିଲ ଶାହୀ ବଂଶ । ସିକନ୍ଦରଙ୍କ ରାଜପ୍ରାସାଦର ଚିତ୍ରକଳା ଆଉରଙ୍ଗଜେବ ନଷ୍ଟ କରିଦେଲେ । ବିଜାପୁର କେବଳ ସ୍ୱାଧୀନତା ହରାଇ ନଥିଲା, ଏହା ଏକ ଧ୍ୱଂସ ପ୍ରାପ୍ତ ରାଜ୍ୟରେ ପରିଣତ ହେଲା । ଜେ.ଏନ୍. ସରକାର ଲେଖିଛନ୍ତି, "ଅଳ୍ପ

କେତୋଟି ବର୍ଷପରେ ଭୀମସେନ ଦେଖିଥିଲେ କିପରି ଏହି ସହର ଓ ତାହାର ଉପକଣ୍ଠରେ ଅବସ୍ଥିତ ତାହାର ସମକକ୍ଷ ନୌରସପୁର ଜନଶୂନ୍ୟ ଓ ଧ୍ୱଂସାବଶେଷରେ ପରିଣତ ହୋଇଗଲା ।"

ଗୋଲକୁଣ୍ଡା ବିଜୟ - ୧୬୮୭

ବିଜାପୁର ଅଧିକାର କରିବା ପରେ ଆଉରଙ୍ଗଜେବଙ୍କ ଦୃଷ୍ଟି ଗୋଲକୁଣ୍ଡା ପ୍ରତି ଆକର୍ଷିତ ହୋଇଥିଲା । ୧୬୫୭ ଖ୍ରୀଷ୍ଟାବ୍ଦରେ ଗୋଲକୁଣ୍ଡାର ସୁଲତାନ ଅବଦୁଲ କୁତବ ଶାହ ନିଜର କନ୍ୟାକୁ ଆଉରଙ୍ଗଜେବଙ୍କ ଜ୍ୟେଷ୍ଠପୁତ୍ର ମହମ୍ମଦ ସୁଲତାନଙ୍କ ସହିତ ବିବାହ ଦେଇ ମୋଗଲମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ସମ୍ପର୍କ ରଖିଥିଲେ । ୧୬୭୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର କୌଣସି ପୁତ୍ର ସନ୍ତାନ ନ ଥିବାରୁ ଆବୁଲହାସନ ନାମକ ସେହି ବଂଶର ଜନୈକ ରାଜପୁତ୍ରଙ୍କୁ ସିଂହାସନ ଅର୍ପଣ କରାଯାଇଥିଲା । ଆବୁଲହାସନ ଆମୋଦପ୍ରମୋଦରେ ସମୟ ଅତିବାହିତ କରୁଥିଲେ । ଶାସନକ୍ଷେତ୍ରରେ ତାଙ୍କର କୌଣସି ଯୋଗ୍ୟତା ନଥିଲା । ରାଜ୍ୟର ଶାସନ ପରିଚାଳନା କରୁଥିଲେ ମଦନ୍ନ ନାମକ ଆବୁଲହାସନଙ୍କ ବ୍ରାହ୍ମଣ ମନ୍ତ୍ରୀ । ମଦନ୍ନଙ୍କ ଭ୍ରାତା ଆକନ୍ନଙ୍କୁ ରାଜ୍ୟର ପ୍ରଧାନ ସେନାପତି ରୂପେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଜଣେ ହିନ୍ଦୁଙ୍କ ହସ୍ତରେ ଶାସନର ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ଧର୍ମାନ୍ଧ ସମ୍ରାଟ ଆଉରଙ୍ଗଜେବ ସହ୍ୟ କରିପାରିଲେ ନାହିଁ । ଗୋଲକୁଣ୍ଡା ଏକ ଧନାଢ଼୍ୟ ରାଜ୍ୟ ଥିଲା । ଏହା ହୀରା ଓ ଲୌହଖଣି ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଏହି ରାଜ୍ୟର ଅଧିକାରରେ ଥିଲା କେତୋଟି ସମୃଦ୍ଧ ବନ୍ଦର । ଏହିପରି ଧନଶାଳୀ ରାଜ୍ୟ ଅଧିକାର କରିବାକୁ ଆଉରଙ୍ଗଜେବ ଲୋଭାସକ୍ତ ହୋଇପଡ଼ିଲେ । ମୋଗଲମାନଙ୍କର ବିଜାପୁର ଆକ୍ରମଣ ସମୟରେ ଏହାକୁ ଗୋଲକୁଣ୍ଡା ସାହାଯ୍ୟ କରିଥିବାରୁ ଆଉରଙ୍ଗଜେବ କ୍ଷୁବ୍‌ଧ ହେଲେ । ଏତଦ୍‌ବ୍ୟତୀତ ୧୬୫୭ ଖ୍ରୀଷ୍ଟାବ୍ଦରେ ମୋଗଲମାନଙ୍କ ସହିତ ହୋଇଥିବା ସନ୍ଧିର ସର୍ତ୍ତ ଅନୁଯାୟୀ ଗୋଲକୁଣ୍ଡା ନିର୍ଦ୍ଧାରିତ ପରିମାଣର ଯୁଦ୍ଧ କ୍ଷତିପୂରଣ ଦେଇପାରିନଥିଲା । ଏହିସବୁ କାରଣରୁ ଆଉରଙ୍ଗଜେବ ଗୋଲକୁଣ୍ଡା ଆକ୍ରମଣ କଲେ ।

୧୬୮୫ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦ ଅଧିକାର କରିବା ପାଇଁ ରାଜପୁତ୍ର ମୁଆଜାମଙ୍କୁ ନିର୍ଦ୍ଦେଶ ଦିଆଗଲା । ମାଲଖେରାଠାରେ (Malkhera) ଗୋଲକୁଣ୍ଡାର ସୈନ୍ୟମାନେ ମୋଗଲ ବାହିନୀକୁ ବାଧା ଦେଇଥିଲେ । ଦୁଇମାସ ଧରି ଯୁଦ୍ଧ ଚାଲିଥିଲେ ମଧ କୌଣସି ନିଷ୍ପତ୍ତି ହୋଇନଥିଲା । ଶେଷରେ ଗୋଲକୁଣ୍ଡାର ପ୍ରଧାନ ସେନାପତି ମହମ୍ମଦ ଇବ୍ରାହିମ୍ ମୋଗଲମାନଙ୍କଠାରୁ ଅର୍ଥ ଗ୍ରହଣ କରି ବିଶ୍ୱାସଘାତକତା କଲେ । ସୁଲତାନ ଆବୁଲହାସନଙ୍କୁ ହାଇଦ୍ରାବାଦ ତ୍ୟାଗକରି ଗୋଲକୁଣ୍ଡାରେ ଆଶ୍ରୟ ନେବାକୁ ହେଲା । ମୋଗଲମାନେ ହାଇଦ୍ରାବାଦ ଲୁଣ୍ଠନ କଲେ ଏବଂ ଗୋଲକୁଣ୍ଡା ଅବରୋଧ କଲେ । ନିଜେ ସମ୍ରାଟ ମୋଗଲ ସୈନ୍ୟବାହିନୀକୁ ପରିଚାଳନା କରିଥିଲେ । ଦୀର୍ଘଦିନ ଧରି ଦୁର୍ଗକୁ ଅବରୋଧ କରାଯାଇଥିଲା । ଗୋଲକୁଣ୍ଡାର ସୁଲତାନ ଆବୁଲହାସନ ଶେଷରେ ମୋଗଲମାନଙ୍କ ସହିତ ସନ୍ଧି ସ୍ୱାକ୍ଷର କରିବାକୁ ବାଧହେଲେ ।

ସନ୍ଧିର ସର୍ତ୍ତ ଅନୁଯାୟୀ ଗୋଲକୁଣ୍ଡାର ସୁଲତାନ ସଙ୍ଗେ ସଙ୍ଗେ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ବାର୍ଷିକ ୨ ଲକ୍ଷ ମୁଦ୍ରା ରାଜକର ଦେବାକୁ ସ୍ୱୀକାର କଲେ । ଏହା ସହିତ ସେରମ ଓ ମାଲଖେରା ଅଞ୍ଚଳ ମୋଗଲମାନଙ୍କୁ ପ୍ରଦାନ କରାଗଲା । ମଦନ୍ନ ଓ ଆକନ୍ନଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ପାଇଁ ସେ ସମ୍ମତ ହେଲେ; କିନ୍ତୁ ସୁଲତାନ ସେ ଦୁହିଁଙ୍କୁ କାର୍ଯ୍ୟରୁ ବହିଷ୍କାର କଲେ ନାହିଁ । ଏଥିରେ କ୍ରୋଧିତ ହୋଇ ମୁସ୍‌ଲିମ୍ ସମ୍ଭ୍ରାନ୍ତମାନେ ମଦନ୍ନ ଓ ଆକନ୍ନଙ୍କୁ ହତ୍ୟାକଲେ । ହିନ୍ଦୁମାନଙ୍କ ଉପରେ ମଧ୍ୟ ସେମାନେ ଅତ୍ୟାଚାର କଲେ । ଏହାପରେ ସେମାନଙ୍କର କ୍ରୋଧ ଶାନ୍ତ ହେବାରୁ ସେମାନେ ଗୋଲକୁଣ୍ଡା ପରିତ୍ୟାଗ କଲେ ।

ବିଜାପୁର ଅଧିକାର କରିସାରିବା ପରେ ୧୬୮୭ ଖ୍ରୀଷ୍ଟାବ୍ଦରେ ମୋଗଲମାନେ ପୁନର୍ବାର ଗୋଲକୁଣ୍ଡା ଆକ୍ରମଣ କଲେ । ଏହି ଆକ୍ରମଣରେ ଆବୁଲହାସନ ବିସ୍ମିତ ହୋଇପଡ଼ିଲେ । ରାଜପୁତ୍ର ମୁଆଜାମଙ୍କ ସହାୟତାରେ ସେ ଏକ ସନ୍ଧି କରିବାକୁ ଚେଷ୍ଟା କଲେ । ମୁଆଜାମ ମଧ୍ୟ ଆବୁଲହାସନଙ୍କ ଠାରୁ ଉପହାର ଗ୍ରହଣ କରି ତାଙ୍କୁ କ୍ଷମା ଦେବାପାଇଁ ପ୍ରସ୍ତୁତ ହେଲେ । ମୁଆଜାମଙ୍କର ଏତାଦୃଶ କାର୍ଯ୍ୟରେ ବିରକ୍ତ ହୋଇ ଆଉରଙ୍ଗଜେବ ତାଙ୍କୁ ୭ ବର୍ଷ କାରାଦଣ୍ଡ ଦେଇଥିଲେ; କିନ୍ତୁ ଶତ୍ରୁମାନଙ୍କର ଘନଘନ ଆକ୍ରମଣ ମୋଗଲ ସୈନ୍ୟମାନଙ୍କ ପକ୍ଷେ ଅସହ୍ୟ ହେଲା । ସଂକ୍ରାମକ ରୋଗ ଓ ଖାଦ୍ୟାଭାବ ଯୋଗୁଁ ବହୁ ସଂଖ୍ୟାରେ ମୋଗଲ ସୈନ୍ୟ ପ୍ରାଣ ହରାଇଲେ । ଏପରି ବିପଦର ସମ୍ମୁଖୀନ ହୋଇ ମଧ୍ୟ ଆଉରଙ୍ଗଜେବଙ୍କର ଧୈର୍ଯ୍ୟଚ୍ୟୁତି ଘଟିନଥିଲା । ଯେତେବେଳେ ସେ ଅନୁଭବ କଲେ ଯେ ପ୍ରତ୍ୟକ୍ଷ ଯୁଦ୍ଧରେ ଜୟଲାଭ କରିବା ସମ୍ଭବ ନୁହେଁ, ସେ ବିଶ୍ୱାସଘାତକତାର ଆଶ୍ରୟ ନେଲେ । ଅବଦୁଲ୍ଲା ପାଣି ନାମକ ସୁଲତାନଙ୍କର ଜଣେ ଆଫଗାନ୍ କର୍ମଚାରୀ ସମ୍ରାଟଙ୍କଠାରୁ ଅର୍ଥଲାଭ କରି ଗୁପ୍ତ ଭାବରେ ଦୁର୍ଗର ଦ୍ୱାର ଖୋଲି ଦେଲେ । ଫଳରେ ମୋଗଲ ବାହିନୀ ଦୁର୍ଗ ମଧ୍ୟରେ ପ୍ରବେଶ କରିପାରିଲେ; କିନ୍ତୁ ସୁଲତାନଙ୍କର ଜଣେ ବିଶ୍ୱସ୍ତ ସମ୍ଭ୍ରାନ୍ତ-ଅବଦୁର ରାଜାକ ଲାରି ସାହସର ସହିତ ମୋଗଲ ସୈନ୍ୟମାନଙ୍କର ସମ୍ମୁଖୀନ ହେଲେ । ଯୁଦ୍ଧରେ ତାଙ୍କର ୭୦ଟି କ୍ଷତ ହୋଇଥିଲା । ତାଙ୍କର ପରାଜୟ ସହିତ ଗୋଲକୁଣ୍ଡାର ପତନ ଘଟିଲା । ଶୁଶ୍ରୂଷା ଦ୍ୱାରା ଅବଦୁର ରାଜାକ ଆରୋଗ୍ୟ ଲାଭ କରିଥିଲେ । ଶେଷରେ ସେ ସମ୍ରାଟ ଆଉରଙ୍ଗଜେବଙ୍କଠାରୁ ଉଚ୍ଚପଦବୀ ଲାଭ କଲେ । ଗୋଲକୁଣ୍ଡା ଅଧିକୃତ ହେଲା । ସୁଲତାନ ଆବୁଲହାସନ ବାର୍ଷିକ ୫୦,୦୦୦ ମୁଦ୍ରା ଲାଭ କରି ଦୌଲତାବାଦ ଦୁର୍ଗରେ ବନ୍ଦୀରୂପେ ଜୀବନ କଟାଇଲେ । ସମ୍ରାଟଙ୍କର ଦୀର୍ଘଦିନର ସ୍ୱପ୍ନ ଚରିତାର୍ଥ ହେଲା । ବାସ୍ତବିକ ତଲବାର ଦ୍ୱାରା ନୁହେଁ, କିନ୍ତୁ ଷଡଯନ୍ତ୍ର ଦ୍ୱାରା ଗୋଲକୁଣ୍ଡା ଦୁର୍ଗ ଜୟ କରାଗଲା ।

ମରହଟ୍ଟାମାନଙ୍କ ସହିତ ସଂଘର୍ଷ

ଦାକ୍ଷିଣାତ୍ୟରେ ତୃତୀୟ ଶକ୍ତିରୂପେ ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନେ ଜାଗ୍ରତ ହେଲେ । ସେଠାରେ ଶାସନ ଦାୟିତ୍ୱରେ ଥିବା ସମୟରେ ଆଉରଙ୍ଗଜେବ ଶିବାଜୀଙ୍କୁ ଉଗ୍ର

ରୂପେ ବୁଝିଥିଲେ । ଶିବାଜୀ ଥିଲେ ଦକ୍ଷିଣ ଭାରତରେ ହିନ୍ଦୁମାନଙ୍କର ମୁକ୍ତିଦାତା । ଅହମଦନଗରର ପୂର୍ବତନ ମନ୍ତ୍ରୀ ଅମ୍ବର ମାଲିକ୍ ମରହଟ୍ଟା ଚାଷୀମାନଙ୍କୁ ସଂଗଠିତ କରି ଗରିଲା ଯୁଦ୍ଧ ପ୍ରଣାଳୀ ଶିକ୍ଷା ଦେଇଥିଲେ । ଶିବାଜୀ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଏକ ସାମରିକ ବାହିନୀ ଗଠନ କଲେ ଏବଂ ସେମାନଙ୍କୁ ଗରିଲା ଯୁଦ୍ଧ କୌଶଳରେ ତାଲିମପ୍ରାପ୍ତ ହେବାକୁ ଉତ୍ସାହିତ କଲେ । ନିଜର ଧର୍ମ ଓ ରାଜ୍ୟର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାପାଇଁ ସେ ମରହଟ୍ଟାମାନଙ୍କୁ ଉତ୍ସାହିତ କରିଥିଲେ । ଏକ ମିଳିତ ହିନ୍ଦୁରାଜ୍ୟ ଗଠନ କରିବା ତାଙ୍କର ଥିଲା ଏକମାତ୍ର ସ୍ୱପ୍ନ ।

ଆଉରଙ୍ଗଜେବ ଭ୍ରାତୃଯୁଦ୍ଧରେ ଲିପ୍ତ ଥିବା ସମୟରେ ଶିବାଜୀ ନିଜର ସୈନ୍ୟବାହିନୀକୁ ଶକ୍ତିଶାଳୀ କରିଥିଲେ । ଶିବାଜୀଙ୍କ ଶକ୍ତିର ଅଭିବୃଦ୍ଧି ଦେଖି ତାଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ୧୬୬୩ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ତାଙ୍କର ଖୁଡ଼ୁତା ଶାୟସ୍ତ ଖାଁଙ୍କୁ ପଠାଇଥିଲେ; କିନ୍ତୁ ଶିବାଜୀଙ୍କ ଦ୍ୱାରା ସେ ପରାଜିତ ହେଲେ । ୧୬୬୫ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଆଉରଙ୍ଗଜେବ ଶିବାଜୀଙ୍କ ବିରୁଦ୍ଧରେ ଜୟସିଂହଙ୍କୁ ପ୍ରେରଣ କଲେ । ଜୟସିଂହ କୂଟନୀତି ବଳରେ ଗୋଟିଏ ପରେ ଗୋଟିଏ ଦୁର୍ଗ ଅଧିକାର କଲେ । ତାଙ୍କର ପୁରନ୍ଦର ଦୁର୍ଗ ଅବରୋଧ ପରେ ଶିବାଜୀ ବାଧ୍ୟହୋଇ ଆତ୍ମସମର୍ପଣ କଲେ । ୧୬୬୫ ଖ୍ରୀଷ୍ଟାବ୍ଦରେ ପୁରନ୍ଦର ସନ୍ଧି ସ୍ୱାକ୍ଷରିତ ହେଲା । ସେ ଆଉରଙ୍ଗଜେବଙ୍କର ବଶ୍ୟତା ସ୍ୱୀକାର କଲେ ଏବଂ ୨୩ଟି ଦୁର୍ଗ ଓ ନିଜ ଅଞ୍ଚଳର ତିନି-ଚତୁର୍ଥାଂଶ ସମ୍ରାଟଙ୍କୁ ପ୍ରଦାନ କଲେ । ଜୟସିଂହଙ୍କ ପ୍ରରୋଚନାରେ ସେ ମଧ୍ୟ ସମ୍ରାଟଙ୍କୁ ସାକ୍ଷାତ କରିବାକୁ ଆଗ୍ରା ଯାତ୍ରା କଲେ । ଧୂର୍ତ୍ତ ଆଉରଙ୍ଗଜେବ ତାଙ୍କୁ ବନ୍ଦି କଲେ; କିନ୍ତୁ ଚତୁର ଶିବାଜୀ ନିଜକୁ ବନ୍ଦିଶାଳାରୁ ମୁକ୍ତ କରିଥିଲେ । ୧୬୭୦ ଖ୍ରୀଷ୍ଟାବ୍ଦରେ ସେ ପୁରନ୍ଦର ସନ୍ଧିର ସର୍ତ୍ତଗୁଡ଼ିକ ଅବମାନନା କଲେ । ସେହି ସନ୍ଧିରେ ହରାଇଥିବା ଅଧିକାଂଶ ଦୁର୍ଗ ସେ ପୁନଃ ଅଧିକାର କଲେ । ସେ ମଧ୍ୟ ଦ୍ୱିତୀୟ ଥର ପାଇଁ ସୁରାଟ ବନ୍ଦର ଲୁଣ୍ଠନ କରିଥିଲେ । ୧୬୭୪ ଖ୍ରୀଷ୍ଟାବ୍ଦରେ ଶିବାଜୀ ଛତ୍ରପତି ଉପାଧି ଧାରଣ କଲେ । ୧୬୮୦ ଖ୍ରୀଷ୍ଟାବ୍ଦରେ ସେ ଇହଲୋକ ତ୍ୟାଗ କଲେ ।

ଶିବାଜୀଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଶମ୍ଭୁଜୀ ରାଜାରୂପେ ଅଭିଷିକ୍ତ ହେଲେ । ପିତାଙ୍କ ପରି ସେ ମୋଗଲ ଅଞ୍ଚଳଗୁଡ଼ିକ ଉପରେ ଆକ୍ରମଣ ଚଳାଇଲେ । ସେ ମଧ୍ୟ ଆଉରଙ୍ଗଜେବଙ୍କ ବିଦ୍ରୋହୀ ପୁତ୍ର ଆକବରଙ୍କୁ ଆଶ୍ରୟ ଦେଇଥିଲେ । ଏଥିରେ ବ୍ୟସ୍ତ ହୋଇ ଆଉରଙ୍ଗଜେବ ଶମ୍ଭୁଜୀଙ୍କୁ ଆକ୍ରମଣ କଲେ । ଶମ୍ଭୁଜୀ ପରାଜିତ ହେଲେ । ୧୬୮୯ ଖ୍ରୀଷ୍ଟାବ୍ଦରେ ତାଙ୍କୁ ହତ୍ୟା କରାଗଲା । ତାଙ୍କର ସାତବର୍ଷର ପୁତ୍ର ସାହୁଜୀଙ୍କୁ ବନ୍ଦି କରାଯାଇ ମୋଗଲଦରବାରରେ ରଖାଗଲା । କିଛି ସମୟ ମରହଟ୍ଟା ଶକ୍ତି ଦୁର୍ବଳ ହୋଇପଡ଼ିଥିଲେ ମଧ୍ୟ ଏ ଜାତିର ବିପର୍ଯ୍ୟୟ ଘଟିନଥିଲା ।

ମରହଟ୍ଟାମାନେ ଶିବାଜୀଙ୍କ ଦ୍ୱିତୀୟ ପୁତ୍ର ରାଜାରାମଙ୍କୁ ସିଂହାସନରେ ବସାଇଲେ । ସେମାନେ ମୋଗଲମାନଙ୍କୁ ଆକ୍ରମଣ କରି ସେମାନଙ୍କର ବହୁ କ୍ଷତିସାଧନ କଲେ । ମୋଗଲ ପ୍ରଦେଶଗୁଡ଼ିକରୁ ଚୌଥ ଓ ସରଦେଶମୁଖୀ ଆଦାୟ କରିବା ପାଇଁ ସେ ସାମରିକ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଲେ । ୧୭୦୭ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କର ମୃତ୍ୟୁ ହେଲା । ମରହଟ୍ଟା ଶକ୍ତିକୁ ବିଲୋପ କରିବା ସ୍ୱପ୍ନ ତାଙ୍କର ସାକାର ହେଲାନାହିଁ ।

ଦାକ୍ଷିଣାତ୍ୟ ନୀତିର ଫଳାଫଳ (Results of Deccan Policy)

୧୬୯୦ ଖ୍ରୀଷ୍ଟାବ୍ଦ ବେଳକୁ ଆଉରଙ୍ଗଜେବ ଭାରତରେ କାବୁଲ ଠାରୁ ଚିଟ୍ଟାଗଙ୍ଗ ଏବଂ କାଶ୍ମୀରଠାରୁ କାବେରୀ ପର୍ଯ୍ୟନ୍ତ ଏକ ବିଶାଳ ଭୂଖଣ୍ଡ ଅଧିକାର କରିଥିଲେ । ଯଦୁନାଥ ସରକାର ଲେଖିଛନ୍ତି, ''ମନେହୁଏ ଆଉରଙ୍ଗଜେବ ସବୁକିଛି ଜୟ କରିଥିଲେ, କିନ୍ତୁ ପ୍ରକୃତରେ ସେ ସବୁକିଛି ହରାଇ ବସିଲେ । ତାଙ୍କର ପତନର ଏହା ଥିଲା ଆରମ୍ଭ ମାତ୍ର । ତାଙ୍କ ଜୀବନର ଅଧିକତମ ଦୁଃଖଦ ଓ ହତାଶାପୂର୍ଣ୍ଣ ଅଧ୍ୟାୟ ଏବେ ଆରମ୍ଭ ହେଲା । ମୋଗଲ ସାମ୍ରାଜ୍ୟକୁ ଜଣେ ବ୍ୟକ୍ତି ଦ୍ୱାରା ବା ଗୋଟିଏ କେନ୍ଦ୍ରରୁ ଶାସନ ଦେବା ତାହାର ବିଶାଳତା ଯୋଗୁଁ ଅସମ୍ଭବ ହୋଇପଡ଼ିଲା ।''

ଦୀର୍ଘ ୨୬ ବର୍ଷ ଆଉରଙ୍ଗଜେବ ଦାକ୍ଷିଣାତ୍ୟ ଅଭିଯାନରେ ଲିପ୍ତ ହୋଇଥିଲେ । ଏହି ସମୟରେ ଆଗ୍ରାଠାରେ ଯେଉଁ ରାଜନୀତିକ ଶୂନ୍ୟସ୍ଥାନ ଘଟିଲା, ତାହା ସମ୍ଭ୍ରାନ୍ତମାନଙ୍କ ଦ୍ୱାରା ପୂରଣ କରାଗଲା, ଯେଉଁମାନେ ଠିକ୍‌ରୂପେ ଶାସନ ପରିଚାଳନା କରିନଥିଲେ । ଶାସନ କଳ କୋହଳ ଓ ଦୁର୍ନୀତିପୂର୍ଣ୍ଣ ହୋଇପଡ଼ିଲା । ସମ୍ରାଟ ସମ୍ଭ୍ରାନ୍ତମାନଙ୍କୁ ସଂଶୋଧନ କରିପାରିଲେ ନାହିଁ । ଦକ୍ଷିଣ ଭାରତରେ ଅନେକ ସୁବାଦାର, ଦିୱାନ ଓ ଫୌଜଦାର ରାଜସ୍ୱ ପଇଠ କଲେ ନାହିଁ । ଜାଠ ଓ ଶିଖ୍‌ପରି ଅନ୍ୟ ଜାତିର ଲୋକେ ନିଜକୁ ସ୍ୱାଧୀନ ଘୋଷଣା କଲେ । ଉତ୍ତର-ଭାରତ ଓ ମଧ୍ୟ ଭାରତର ସବୁ ଅଞ୍ଚଳରେ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି ହେଲା । ଦାକ୍ଷିଣାତ୍ୟରେ ରାଜାରାମଙ୍କ ମୃତ୍ୟୁପରେ ତାରାବାଈଙ୍କ ନେତୃତ୍ୱରେ ମରହଟ୍ଟାମାନେ ମୋଗଲମାନଙ୍କ ବିପକ୍ଷରେ ସଂଗ୍ରାମ ଚାଲୁ ରଖିଥିଲେ । ମରହଟ୍ଟାମାନଙ୍କ ସହିତ ସଂଗ୍ରାମ କରିବାରେ ରାଜକୋଷରୁ ବିପୁଳ ପରିମାଣରେ ଅର୍ଥ ବ୍ୟୟ ହେଲା । ଏପରିକି ସୈନ୍ୟମାନଙ୍କୁ ବେତନ ଦେବାରେ ଅସୁବିଧା ହେଲା । ବଙ୍ଗଳାର ଦିୱାନ ମୁର୍ଶିଦକୁଲି ପଠାଉଥିବା ଅର୍ଥ କେବଳ ଥିଲା ସମ୍ରାଟଙ୍କ ଆଶ୍ରୟ । 'ନେପୋଲିୟନ ବୋନାପାର୍ଟଙ୍କୁ ସ୍ପେନୀୟ କ୍ଷତ ଧ୍ୱଂସ କରିଦେବା ପରି ଆଉରଙ୍ଗଜେବଙ୍କୁ ଧ୍ୱଂସ କରିଥିଲା ଦାକ୍ଷିଣାତ୍ୟର କ୍ଷତ ।' ତାଙ୍କର ଏହି ଦାକ୍ଷିଣାତ୍ୟ ନୀତି ମୋଗଲ ସାମ୍ରାଜ୍ୟ ପତନର କାରଣ ହେଲା ।

ତାଙ୍କର ଶେଷ ଜୀବନ (His Last Life)

୧୭୦୬ ଜାନୁଆରୀ ୨୦ ତାରିଖ ଦିନ ପୀଡ଼ିତ ଆଉରଙ୍ଗଜେବ ଅହମଦନଗରରେ ପହଞ୍ଚିଲେ । ଏହି ଦିନଗୁଡ଼ିକ ତାଙ୍କ ପାଇଁ ଖୁବ୍ ବିଷାଦମୟ ଥିଲା । ଆଉରଙ୍ଗଜେବଙ୍କ ପୁତ୍ରମାନେ ତାଙ୍କ ସେବା କରିବାକୁ ଇଚ୍ଛା କଲେ; କିନ୍ତୁ ନିଜ ନିଜ ଦାୟିତ୍ୱ ତୁଲେଇବା ନିମନ୍ତେ ସେ ସେମାନଙ୍କୁ ପଠାଇ ଦେଇଥିଲେ । ଶାହଜାହାନଙ୍କ ଶେଷଦିନଗୁଡ଼ିକ ମନେ ପକାଇ ସେ ଖୁବ୍ ଯନ୍ତ୍ରଣା ଲାଭ କଲେ । ନିଜ ସାମ୍ରାଜ୍ୟ ଓ ବଂଶଧର କଥା ଚିନ୍ତା କରି ସେ ଦୁଃଖ ଅନୁଭବ କରୁଥିଲେ । ସେତେବେଳକୁ ତାଙ୍କ ପରିବାର ସଦସ୍ୟମାନଙ୍କ ମଧ୍ୟରୁ କେତେ ଜଣଙ୍କର ମୃତ୍ୟୁହୋଇ ସାରିଥିଲା । ୧୭୦୪ ଖ୍ରୀଷ୍ଟାବ୍ଦରେ ତାଙ୍କ ବିଦ୍ରୋହୀପୁତ୍ର ଆକବର ପାରସ୍ୟଠାରେ ମୃତ୍ୟୁ ଲାଭ କଲେ । ତାଙ୍କ ପ୍ରିୟ କନ୍ୟା ଜେବୁନ୍ନିସା ୧୭୦୨ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁରେ ଆଉରଙ୍ଗଜେବ ଦୁଃଖରେ ଭାଙ୍ଗିପଡ଼ିଲେ । ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ଘଟାଇ ନଦେବା ପାଇଁ ସାମ୍ରାଜ୍ୟକୁ ସମାନଭାବରେ ବାଣ୍ଟିନେବାକୁ ସେ ପୁତ୍ରମାନଙ୍କୁ ଉପଦେଶ ଦେଲେ; କିନ୍ତୁ ପୁତ୍ରମାନେ ସେଥିରେ ସମ୍ମତ ହେଲେ ନାହିଁ ।

ଆଉରଙ୍ଗଜେବ ଆଗରେ ଏକ ନିଶ୍ଚିତ ବିଦ୍ରୋହ ଦେଖିପାରିଲେ । ସେ ପୁତ୍ର ଆଜାମଙ୍କ ପାଖକୁ ଲେଖିଲେ, ''ମୁଁ ଏକୁଟିଆ ଆସିଛି, ଏବଂ ଏକୁଟିଆ ଯାଉଛି । ମୁଁ ମୋର ଦେଶ ଓ ଲୋକମାନଙ୍କ ପାଇଁ କିଛି ଭଲ କରିନାହିଁ ଏବଂ ଭବିଷ୍ୟତରେ ମଧ୍ୟ କୌଣସି ଆଶା ନାହିଁ ।'' ସେହିପରି କାମବକ୍ସଙ୍କ ପାଖକୁ ସେ ଅନ୍ୟ ଏକ ଚିଠି ଲେଖିଥିଲେ, ''ମୋ ତ୍ରୁଟିର ଭାର ମୁଁ ବହନ କରି ନେଉଛି ।'' ଏହିପରି ହୃଦୟସ୍ପର୍ଶୀ ଥିଲା ତାଙ୍କର ଲେଖା । ସାମ୍ରାଜ୍ୟ ଓ ଧର୍ମପାଇଁ ସେ ଜୀବନ ସାରା ସଂଗ୍ରାମ କରିଥିଲେ । ଶୁକ୍ରବାର ଦିନ ପ୍ରାଣତ୍ୟାଗ କରିବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ, ଦୟାଳୁ ଆଲ୍ଲା ତାଙ୍କ ପ୍ରାର୍ଥନା ଶୁଣିଲେ । ୧୭୦୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୩ ତାରିଖ ଶୁକ୍ରବାର ଦିନ ତାଙ୍କର ବିୟୋଗ ଘଟିଲା । ଦୌଲତାବାଦଠାରେ ତାଙ୍କର କବର ପୀଠ ନିର୍ମିତ ହୋଇଥିଲା ।

ମୂଲ୍ୟାୟନ

ଆଉରଙ୍ଗଜେବଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ବିବାଦ ଦେଖାଯାଏ । କେତେକ ତାଙ୍କର ଗୁଣକୀର୍ତ୍ତନ କରିଥିବାବେଳେ ଅନ୍ୟ କେତେକ ତାଙ୍କ ଦୁର୍ଗୁଣଗୁଡ଼ିକ ସମାଲୋଚନା କରିଛନ୍ତି । ତାଙ୍କ ଚରିତ୍ରରେ ଉଭୟ ସୁଗୁଣ ଓ ଦୁର୍ଗୁଣ ପ୍ରତିଫଳିତ ହୋଇଥିଲା ।

ସିଂହାସନ ପାଇଁ ସେ ଅତି ନିଷ୍ଠୁର ଭାବରେ ଭ୍ରାତାମାନଙ୍କୁ ହତ୍ୟା ଓ ବୃଦ୍ଧପିତାଙ୍କୁ କାରାରୁଦ୍ଧ କଲେ । ସେ ପୁତ୍ରମାନଙ୍କୁ ସନ୍ଦେହ କରୁଥିଲେ ଏବଂ ସେମାନେ ତାଙ୍କ ପାଖରେ

ରହିଥିବା ପର୍ଯ୍ୟନ୍ତ ସେ ଦୁଃଖ ଅନୁଭବ କରୁଥିଲେ । ନିଜର ପୁତ୍ର ସୁଲତାନଙ୍କୁ ମୃତ୍ୟୁପର୍ଯ୍ୟନ୍ତ ସେ କାରାଗାରରେ ରଖିଥିଲେ । କେତେକ ମତଦିଅନ୍ତି ଯେ ତାଙ୍କର ଏତାଦୃଶ କାର୍ଯ୍ୟ ସ୍ୱାଭାବିକ ଥିଲା । ସିଂହାସନ ପାଇଁ ଭ୍ରାତାମାନଙ୍କୁ ହତ୍ୟା ଓ ପିତାଙ୍କୁ ବନ୍ଦିକରିବା ଥିଲା ତିମୁରିଦ ବଂଶର ପରମ୍ପରା । ନିଜେ ଶାହଜାହାନ ସିଂହାସନ ପାଇଁ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପଥରୁ ହଟାଇଥିଲେ । ସେହି ଦୃଷ୍ଟିରୁ ଆଉରଙ୍ଗଜେବଙ୍କ ପରେ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡ଼ିଲା ।

ଆଉରଙ୍ଗଜେବଙ୍କର ନୈତିକତା ଖୁବ୍ ଉଚ୍ଚମାନର ଥିଲା । ସେ ଶୃଙ୍ଖଳିତ, ସରଳ, ନିରାଡମ୍ବର, ପବିତ୍ର ଓ ସନ୍ନ୍ୟାସ ଜୀବନଯାପନ କରୁଥିଲେ । ଜଣେ ଧାର୍ମିକ ଓ ନୈଷ୍ଠିକ ମୁସଲମାନ୍‌ରୂପେ ସେ ଖ୍ୟାତି ଲାଭ କରିଥିଲେ । ସେ ମଦ୍ୟପାନ ବା କୌଣସି ନିଶାଦ୍ରବ୍ୟ ସେବନ କରୁନଥିଲେ । ସେ ସମସ୍ତ କାମନାରୁ ନିଜକୁ ମୁକ୍ତ ରଖିପାରିଥିଲେ । ତାଙ୍କର ତିନିଜଣ ପତ୍ନୀ ଥିଲେ, ଯଦିଚ କୋରାନ୍‌ରେ ଚାରିଜଣ ପତ୍ନୀ ରଖିବା ପାଇଁ ସ୍ୱୀକୃତି ଦିଆଯାଇଥିଲା । ଫେଜ (Fez) ବା ଏକ ପ୍ରକାର ଟୋପି ସିଲାଇ କରି ସେ ଦରବାରର ସଭ୍ୟମାନଙ୍କୁ ବିକ୍ରି କରୁଥିଲେ । ବିକ୍ରୟଲବ୍ଧ ଅର୍ଥ ସେ ଜୀବିକା ନିର୍ବାହ ନିମନ୍ତେ ରଖୁଥିଲେ । ସେ ଚାହିଁଥିଲେ ଯେ ତାଙ୍କ ପରିଶ୍ରମରୁ ମିଳିଥିବା ଅର୍ଥରେ ତାଙ୍କର ସମାଧି ନିର୍ମିତ ହେବ ।

ମୁସଲିମ୍ ଶାସ୍ତ୍ରରେ ସମ୍ରାଟଙ୍କର ଖୁବ୍ ପାଣ୍ଡିତ୍ୟ ଥିଲା । ସେ ଫତୱା-ଇ-ଆଲମଗିରି (Fatawa-i-Alamgiri) ପୁସ୍ତକ ଲେଖିଥିଲେ । ସେଥିରେ ମୁସ୍‌ଲିମ୍ ଆଇନଗୁଡ଼ିକ ସଂକଳିତ ହୋଇଥିଲା । ସେ ଦିନକୁ ପାଞ୍ଚଥର ନୱାଜ କରିବା ସହିତ ରମଜାନ ମାସରେ ଉପବାସ ପାଳନ କରୁଥିଲେ । ବଲ୍‌ଖ ଅଭିଯାନ ସମୟରେ ଯେତେବେଳେ ତାଙ୍କ ଚତୁଷ୍ପାର୍ଶ୍ୱରେ ଘମାଘୋଟ ଯୁଦ୍ଧ ଚାଲିଥିଲା, ସେ ନିର୍ଦ୍ଦିଷ୍ଟ ସମୟରେ ଆଣ୍ଠେଇ ପଡ଼ି ପ୍ରାର୍ଥନା କରୁଥିଲେ ।

ପର୍ସିଭାଲ ସ୍ପିୟର (Percival Spear) ଲେଖିଛନ୍ତି, ଆଉରଙ୍ଗଜେବ ଉତ୍ତରଭାରତରେ ଥିବା ସମୟରେ ନୈଷ୍ଠିକ ସୁନ୍ନୀ ଥିଲେ ଏବଂ ଦାକ୍ଷିଣାତ୍ୟରେ ଜଣେ ଫକିର ପରି ଚଳିଥିଲେ । ସେଥିଯୋଗୁଁ ଲୋକେ ତାହାଙ୍କୁ 'ଜିନ୍ଦାପୀର' ଆଖ୍ୟା ପ୍ରଦାନ କରିଥିଲେ । ତାଙ୍କର ଉଗ୍ର ଧର୍ମାନ୍ଧତା ତାଙ୍କୁ କଠୋର କରିଦେଇଥିଲା । ସେଥିପାଇଁ ତାଙ୍କଠାରେ ଅନୁକମ୍ପା ଓ ଧୀଶକ୍ତି ନଥିଲା । ବିଜ୍ଞାନ, ସାହିତ୍ୟ, ସଂଗୀତ, ଚିତ୍ରକଳା ଏବଂ ସ୍ଥାପତ୍ୟ ପ୍ରତି ସେ ଆଦୌ ଉତ୍ସାହ ପ୍ରଦର୍ଶନ କରୁନଥିଲେ ।

ରାଜନୀତିରେ ସେ ମାକିଆଭେଲିଙ୍କ ପରି କୁଶଳୀ ଥିଲେ । ପ୍ରତାରଣା ଦ୍ୱାରା ସେ ନିଜର ଭ୍ରାତାମାନଙ୍କୁ ପରାସ୍ତ କରିଥିଲେ । ଯେମିତି ଏକ ମିଥ୍ୟା ଚିଠି ଦେଇ ସେ ତାଙ୍କ ପୁତ୍ର ଆକବରଙ୍କୁ ରାଜପୁତ୍‌ମାନଙ୍କ ଠାରୁ ବିଚ୍ଛିନ୍ନ କରିଥିଲେ, ସେମିତି ଦୃଷ୍ଟାନ୍ତ କ୍ୱଚିତ୍ ଦେଖାଯାଏ । ମନେହୁଏ, ତାଙ୍କ ରାଜନୀତିକ ଖେଳରେ ନୈତିକତାର ସ୍ଥାନ ନଥିଲା ।

ଆଉରଙ୍ଗଜେବ ନିଜକୁ ଜଣେ ଦକ୍ଷ ସେନାପତି ରୂପେ ପ୍ରତିଷ୍ଠା କରିପାରିଥିଲେ । ସେ ଖୁବ୍ କ୍ୱଚିତ୍ ଯୁଦ୍ଧରେ ପରାଜୟ ବରଣ କରିଛନ୍ତି । ଈଶ୍ୱରୀପ୍ରସାଦ ଲେଖିଛନ୍ତି, ''ମୋଗଲ ବଂଶର ଶ୍ରେଷ୍ଠ ନରପତିମାନଙ୍କ ମଧ୍ୟରେ ସେ ଜଣେ ଥିଲେ ।'' ଶାସନର ପ୍ରତ୍ୟେକ ବିଭାଗ ଉପରେ ସେ ସଜାଗ ଦୃଷ୍ଟି ରଖୁଥିଲେ । ଥରେ ଆଇନ ଜାରି କଲେ ସେ ଏହାକୁ ପରିବର୍ତ୍ତନ କରୁନଥିଲେ । ଏସବୁ ସତ୍ତ୍ୱେ ଆଉରଙ୍ଗଜେବ ଜଣେ ସଫଳ ଶାସକ ନଥିଲେ । ଜଣେ ରାଜାଙ୍କର ଯେଉଁ ଗୁଣଗୁଡ଼ିକ ରହିବା କଥା ସେଗୁଡ଼ିକ ତାଙ୍କର ଅଭାବ ଥିଲା । ସେ ନିଜକୁ କେବଳ ସୁନ୍ନୀ ଧର୍ମାବଲମ୍ବୀମାନଙ୍କର ସମ୍ରାଟରୂପେ ବିଚାର କରୁଥିଲେ । ଅଣମୁସଲମାନ୍‌ମାନଙ୍କୁ ସେ ନିକୃଷ୍ଟ ଲୋକ କହି ହେୟ ଜ୍ଞାନ କରୁଥିଲେ । ସେମାନଙ୍କୁ ସେ କାଫେର ବା ଧର୍ମଦ୍ରୋହୀ ଆଖ୍ୟା ଦେଇଥିଲେ । ତାଙ୍କର ଧର୍ମ ବିଦ୍ୱେଷ ନୀତି ଯୋଗୁଁ ଜାଟ, ସତନାମୀ, ଶିଖ୍, ରାଜପୁତ୍ ଓ ମରହଟ୍ଟାମାନେ ବିଦ୍ରୋହ କରିଥିଲେ । ସେ ଥିଲେ ଖୁବ୍ ଉଚ୍ଚାଭିଳାଷୀ; କିନ୍ତୁ ନିଜର ଉଚ୍ଚାଭିଳାଷ ପୂରଣ କରିବାରେ ସେ ଅସହାୟ ଭାବରେ ହାରିଯାଇଥିଲେ । ତାଙ୍କର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାରୁ ସାମ୍ରାଜ୍ୟର ତିନି-ଚତୁର୍ଥାଂଶ ଲୋକ ବଞ୍ଚିତ ହୋଇଥିଲେ । ସେ ଅନୁଭବ କରିପାରିନଥିଲେ ଯେ ସାମ୍ରାଜ୍ୟର ଗୌରବ ସମସ୍ତ ଅଧିବାସୀଙ୍କର ଉନ୍ନତି ଉପରେ ନିର୍ଭର କରେ । ମଜୁମଦାର, ରାୟଚୌଧୁରୀ ଓ ଦତ୍ତ ଲେଖିଛନ୍ତି, ''ବିଶେଷ ଭାବରେ ସମ୍ରାଟଙ୍କର ରାଜନୀତିକ ଦୂରଦୃଷ୍ଟିର ଅଭାବ ଯୋଗୁଁ ସେ ପୃଥିବୀ ତ୍ୟାଗ କରିବା ପୂର୍ବରୁ ମୋଗଲ ସାମ୍ରାଜ୍ୟ ପତନର ଲକ୍ଷଣ ଦେଖାଗଲା । ତାଙ୍କର ଦୁର୍ବଳ ଉତ୍ତରାଧିକାରୀମାନେ କେବଳ ଏ ପତନର ଧାରାକୁ ତ୍ୱରାନ୍ୱିତ କରିଥିଲେ ।''

ଅଷ୍ଟମ ଅଧ୍ୟାୟ

ମୋଗଲ ସାମ୍ରାଜ୍ୟର ବିଖଣ୍ଡିକରଣ
(Disintegration of Mughal Empire)

ଭାରତ ଇତିହାସରେ ବହୁ ରାଜନୈତିକ ଉତ୍‌ଥାନ ଓ ପତନ ମଧ୍ୟରେ ଅଷ୍ଟାଦଶ ଶତାବ୍ଦୀ ଆଗେଇ ଯାଇଥିଲା । ସବୁଠୁଁ ଶ୍ରେଷ୍ଠ ଐତିହାସିକ ଘଟଣାମାନ ଥିଲା ମୋଗଲ ସାମ୍ରାଜ୍ୟର ବିଖଣ୍ଡିକରଣ, ସ୍ୱାଧୀନ ରାଜ୍ୟଗୁଡ଼ିକର ଉତ୍‌ଥାନ ଓ ପତନ, ବୈଦେଶିକ ଆକ୍ରମଣ ଓ ଶେଷରେ ବ୍ରିଟିଶ୍ ଶକ୍ତିର ଅଭ୍ୟୁଦୟ ।

ଯେଉଁ ମୋଗଲ ସାମ୍ରାଜ୍ୟ ଆକବର, ଜାହାଙ୍ଗୀର, ଶାହଜାହାନ ଓ ଆଉରଙ୍ଗଜେବଙ୍କ ସମୟରେ ଦୀର୍ଘ ଦେଢ଼ଶହ ବର୍ଷ ଧରି ବିସ୍ତାରିତ ଓ ଦୃଢ଼ୀଭୂତ ହୋଇଥିଲା, ଆଉରଙ୍ଗଜେବଙ୍କ ମୃତ୍ୟୁର ମାତ୍ର ୩୦ ବର୍ଷ ମଧ୍ୟରେ ତାହା ଖଣ୍ଡିତ ହେବା ଅବଶ୍ୟମ୍ଭାବୀ ହୋଇପଡ଼ିଲା । ମୋଗଲ ସାମ୍ରାଜ୍ୟର ବିଖଣ୍ଡନ ମୂଳରେ ଅନେକ କାରଣ ଅନ୍ତର୍ହିତ ।

ଆଉରଙ୍ଗଜେବଙ୍କ ନୀତି (Policy of Aurangzeb)

ମୋଗଲ ସାମ୍ରାଜ୍ୟର ପତନ ପାଇଁ କେତେକ ଦୃଷ୍ଟିରୁ ଆଉରଙ୍ଗଜେବ ବ୍ୟକ୍ତିଗତ ଭାବେ ଦାୟୀ ଥିଲେ । ଲେନ୍‌ପୋଲ୍ କହିଛନ୍ତି, "ଆଉରଙ୍ଗଜେବଙ୍କର ଅନେକ ଉତ୍ତମ ଗୁଣ ଥିଲା, ସେ ସମସ୍ତ ପୁଣ୍ୟ ଅଭ୍ୟାସ କରୁଥିଲେ; କିନ୍ତୁ ଜନସାଧାରଣଙ୍କର ନେତା ହେବା ପାଇଁ ତାଙ୍କର ଗୋଟିଏ ଆବଶ୍ୟକ ଜିନିଷର ଅଭାବ ଥିଲା, ସେ ଜୟ କରିପାରୁନଥିଲେ । ଏପରି ବ୍ୟକ୍ତି ଏକ ସାମ୍ରାଜ୍ୟ ଶାସନ କରିପାରନ୍ତି; କିନ୍ତୁ ଲୋକମାନଙ୍କର ହୃଦୟରେ ରାଜତ୍ୱ କରିପାରନ୍ତି ନାହିଁ ।"

ଧର୍ମନୀତି :

ମୋଗଲ ସାମ୍ରାଜ୍ୟର ପତନ ନିମନ୍ତେ ଆଉରଙ୍ଗଜେବଙ୍କ ଧର୍ମାନ୍ଧତା ଓ ହିନ୍ଦୁ ବିଦ୍ୱେଷ ନୀତି ଥିଲା ପ୍ରଧାନ କାରଣ । ଆକବର, ତାଙ୍କର ସହନଶୀଳ ଗୁଣ ଯୋଗୁଁ ହିନ୍ଦୁ, ବିଶେଷ ଭାବରେ ରାଜପୁତ୍‌ମାନଙ୍କର ସମର୍ଥନ ଲାଭ କରିପାରିଥିଲେ । ସେ ହିନ୍ଦୁରମଣୀଙ୍କୁ ବିବାହ କରି ଓ ହିନ୍ଦୁମାନଙ୍କୁ ବଡ଼ ବଡ଼ ପଦବୀରେ ନିଯୁକ୍ତି ଦେଇ ସେମାନଙ୍କ ମନରେ ବିଶ୍ୱାସ ସ୍ଥାପନ କରିପାରିଥିଲେ । ମୋଗଲ ସାମ୍ରାଜ୍ୟ ଗଠନରେ ସେ ମାନସିଂହ, ତୋଡରମଲ୍ଲ, ବିରବଲ ଓ

ଅନ୍ୟାନ୍ୟ ହିନ୍ଦୁରାଜାମାନଙ୍କର ସାହାଯ୍ୟ ଓ ସହାନୁଭୂତି ଲାଭ କରିପାରିଥିଲେ । ସେ ଜିଜିୟା କର ଉଠାଇ ଦେଇଥିଲେ ।

କିନ୍ତୁ ଆଉରଙ୍ଗଜେବ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କଲେ । ହିନ୍ଦୁମାନଙ୍କୁ ପଦପଦବୀରୁ ବହିଷ୍କାର କରିବା, ସେମାନଙ୍କ ଉପରେ ଜିଜିୟା କର ପୁନଃ ପ୍ରବର୍ତ୍ତନ କରିବା, ହିନ୍ଦୁମନ୍ଦିର ଭାଙ୍ଗିଦେବା, ମନ୍ଦିର ନିର୍ମାଣରେ କଟକଣା ରଖିବା ଓ ସେମାନଙ୍କ ପର୍ବପର୍ବାଣିଗୁଡ଼ିକ ବନ୍ଦ କରିଦେବା ପ୍ରଭୃତି ଥିଲା ଆଉରଙ୍ଗଜେବଙ୍କ ହିନ୍ଦୁବିରୋଧୀ ନୀତି । ତେଣୁ ତାଙ୍କ ବିରୋଧରେ ଜାଠ ଓ ବୁନ୍ଦେଲାମାନେ ବିଦ୍ରୋହ କରିଥିଲେ ଏବଂ ଗୁରୁ ତେଗ ବାହାଦୁରଙ୍କୁ ହତ୍ୟା କରିବାରୁ ଶିଖ୍‌ମାନେ କ୍ରୋଧରେ କମ୍ପିତ ହେଲେ । ମରହଟ୍ଟା ଜାତିର ଉତ୍‌ଥାନ ହେଲା, ସେମାନେ ହେଲେ ମୋଗଲମାନଙ୍କର ପରମ ଶତ୍ରୁ ।

ରାଜପୁତ୍‌ନୀତି

ଆକବରଙ୍କ ସମୟରୁ ରାଜପୁତ୍‌ମାନେ ମୋଗଲମାନଙ୍କର ସେବା କରିଆସୁଥିଲେ; କିନ୍ତୁ ଆଉରଙ୍ଗଜେବ ଓ ଅନେକ ମୋଗଲ ସମ୍ଭ୍ରାନ୍ତଙ୍କର ମନୋଭାବ ଥିଲା ରାଜପୁତ୍ ବିରୋଧୀ । ଯଶୋବନ୍ତ ସିଂହ ଓ ଜୟସିଂହଙ୍କର ମୋଗଲମାନଙ୍କ ସହିତ ସମ୍ପର୍କ ଯୋଗୁଁ ପ୍ରଥମେ ପ୍ରଥମେ ଆଉରଙ୍ଗଜେବ ରାଜପୁତ୍‌ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ; କିନ୍ତୁ ସେମାନଙ୍କ ମୃତ୍ୟୁପରେ ସେ ଚାହିଁଲେ ରାଜପୁତ୍ ରାଜ୍ୟଗୁଡ଼ିକ ଅଧିକାର କରିବେ । ଜୟସିଂହଙ୍କ ଶିଶୁପୁତ୍ର ଅଜିତ ସିଂହଙ୍କୁ ରାଜାରୂପେ ସ୍ୱୀକାର ନ କରି ସେ ମାରବାର ଅଧିକାର କରିଥିଲେ ।

ଦାକ୍ଷିଣାତ୍ୟ ନୀତି

କେବଳ ହିନ୍ଦୁମାନଙ୍କ ଉପରେ ନୁହେଁ, ଅତ୍ୟଧିକ ଧର୍ମାନ୍ଧତା ଯୋଗୁଁ ଆଉରଙ୍ଗଜେବ ସିଆ ମୁସଲମାନମାନଙ୍କ ଉପରେ ମଧ୍ୟ ଅତ୍ୟାଚାର ଚଳାଇଥିଲେ । ବିଜାପୁର, ଗୋଲକୁଣ୍ଡା ଆଦି ଦାକ୍ଷିଣାତ୍ୟର ସିଆ ରାଜ୍ୟ ବିରୁଦ୍ଧରେ ସେ ଯୁଦ୍ଧ ଆରମ୍ଭ କରିଥିଲେ । ମରହଟ୍ଟାମାନଙ୍କ ବିରୁଦ୍ଧରେ ମଧ୍ୟ ଅସମାପ୍ତ ଯୁଦ୍ଧ ଆରମ୍ଭ ହୋଇଗଲା । ମରହଟ୍ଟାମାନେ ପ୍ରଥମେ ଆତ୍ମରକ୍ଷା ପାଇଁ ଯୁଦ୍ଧ କରୁଥିଲେ; ମାତ୍ର ପରେ ସେମାନଙ୍କର ଆକ୍ରମଣଶୀଳ ମନୋବୃତ୍ତି ଆସିଥିଲା । ସମୟ ଆସିଲା, ଯେତେବେଳେ ସେମାନେ ନର୍ମଦା ନଦୀ ଲଙ୍ଘନ କରି ଉତ୍ତର ଭାରତରେ ମୋଗଲ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ସେ ଯୁଦ୍ଧ ଥିଲା ବ୍ୟୟବହୁଳ । ସେ ଯୁଦ୍ଧରେ ଅନେକ ବୀର ସୈନିକ ନିହତ ହୋଇଥିଲେ । ଦୀର୍ଘ ୨୫ ବର୍ଷ ଧରି ଦାକ୍ଷିଣାତ୍ୟରେ ରହିବାରୁ ସେ ଉତ୍ତର ଭାରତର ଶାସନ ଠିକ୍ ରୂପେ ଚଳେଇପାରିନଥିଲେ । ଏହା ଉତ୍ତର ଭାରତରେ ରାଜସ୍ୱ ଆଦାୟ କରିବାରେ ସମସ୍ୟା ସୃଷ୍ଟି କରିଥିଲା । ଜେ.ଏନ୍. ସରକାର କହିଛନ୍ତି, "ହିନ୍ଦୁସ୍ଥାନରେ ଶାସନର ଦ୍ରୁତ ଅବକ୍ଷୟ ଘଟିଥିଲା, ଶାନ୍ତି, ସମୃଦ୍ଧି ଓ କଳା ହ୍ରାସ ପାଇଥିଲା ଏବଂ ସମସ୍ତ ସଭ୍ୟତା ପଶ୍ଚାତ୍‌ବର୍ତ୍ତୀ ହୋଇଯାଇଥିଲା ।" ଆଉରଙ୍ଗଜେବଙ୍କ କୁଶାସନରେ ଅସନ୍ତୁଷ୍ଟ ହୋଇ

ପ୍ରଜାମାନେ ବିଦ୍ରୋହ କଲେ, ତେଣୁ ମୋଗଲ ସାମ୍ରାଜ୍ୟର ପରବର୍ତ୍ତୀ ଶାସନକାଳ ସେମାନଙ୍କର ଶ୍ରଦ୍ଧା ବା ବିଶ୍ୱାସ ଫେରି ପାଇଲେ ନାହିଁ ।

ଗୃହଯୁଦ୍ଧ ଓ ପରବର୍ତ୍ତୀ ଦୁର୍ବଳ ସମ୍ରାଟଗଣ
(Civil War and Weak Successors)

ଆଉରଙ୍ଗଜେବ କଳ୍ପନା କରିଥିଲେ ଯେ ତାଙ୍କର ମୃତ୍ୟୁ ପରେ ସିଂହାସନ ଲାଭ କରିବା ନିମିତ୍ତ ସାମ୍ରାଜ୍ୟରେ ଗୃହଯୁଦ୍ଧ ଲାଗିଯିବ । ଆଉରଙ୍ଗଜେବଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ତାଙ୍କ ଜୀବିତ ତିନି ପୁତ୍ର ମୁଆଜାମ, କାମବକ୍ସ ଓ ଆଜାମ ସିଂହାସନ ଲାଭ କରିବା ଆଶାରେ ଗୃହଯୁଦ୍ଧ ଆରମ୍ଭ କଲେ । ଜ୍ୟେଷ୍ଠପୁତ୍ର ମୁଆଜାମ ଥିଲେ କାବୁଲରେ ଗଭର୍ଣ୍ଣର । ସେ ସହସା ଦିଲ୍ଲୀକୁ ଅଗ୍ରସର ହେଲେ । କାମବକ୍ସ ଥିଲେ ଦାକ୍ଷିଣାତ୍ୟର ଶାସନକର୍ତ୍ତା, ସେ ରାଜକୀୟ ଉପାଧି ଧାରଣ କଲେ ଓ ନିଜ ନାମରେ ମୁଦ୍ରା ପ୍ରଚଳନ କଲେ । ଆଜାମ ମଧ୍ୟ ଗୁଜୁରାଟରୁ ଆଗ୍ରା ଅଭିମୁଖେ ଗମନ କରିଥିଲେ । ମୁଆଜାମ ଚାହୁଁଥିଲେ, ପିତାଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ବଣ୍ଟନ କରାଯିବ; କିନ୍ତୁ ଆଜାମ କହିଲେ, କିଏ ସିଂହାସନରେ ବସିବ, ଏହା ଖଣ୍ଡାଦ୍ୱାରା ନିର୍ଦ୍ଧାରଣ କରାଯିବ । ଦୁଇ ଭ୍ରାତାଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ୧୭୦୭ ଖ୍ରୀଷ୍ଟାବ୍ଦରେ ଆଜାମ ପ୍ରାଣତ୍ୟାଗ କଲେ । ମୁଆଜାମ ମଧ୍ୟ କାମବକ୍ସଙ୍କୁ ପ୍ରସ୍ତାବ ଦେଲେ ଯେ ସେ ବିଜାପୁର ଓ ହାଇଦ୍ରାବାଦ ଉପରେ ଶାସନ କରନ୍ତୁ; ମାତ୍ର କାମବକ୍ସ ଚାହୁଁଥିଲେ ଦିଲ୍ଲୀର ସିଂହାସନ । ତେଣୁ କାମବକ୍ସ ହାଇଦ୍ରାବାଦ ନିକଟରେ ଏକ ସଂଗ୍ରାମରେ ପରାଜିତ ହେଲେ ଓ କ୍ଷତ ବିକ୍ଷତ ହୋଇ ୧୭୦୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

ଏହିପରି ମୁଆଜାମ ୬୭ ବର୍ଷ ବୟସରେ ବାହାଦୁର ଶାହ ଉପାଧି ଧାରଣ କରି ସିଂହାସନରେ ଉପବେଶନ କଲେ । ସେ ମଧ୍ୟ ଲାଲକିଲ୍ଲାରେ ପଦ ସ୍ଥାପନ କରିପାରିନଥିଲେ । ଶାସନର ଚାରିବର୍ଷକାଳ ସେ କ୍ରମାଗତ ଭାବେ ଭ୍ରମଣ କରି ରାଜପୁତ୍ ଓ ମରହଟ୍ଟାମାନଙ୍କ ସହିତ ସୁ-ସମ୍ପର୍କ ଗଢ଼ିବାକୁ ଚେଷ୍ଟିତ ଥିଲେ । ୧୭୧୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁପରେ ପୁଣି ଗୃହଯୁଦ୍ଧ ଆରମ୍ଭ ହେଲା । ବାହାଦୁର ଶାହଙ୍କ ଚାରି ପୁତ୍ର ମଧ୍ୟରୁ ଜାହାନ୍ଦର ଶାହ ଅନ୍ୟ ତିନି ଭ୍ରାତାଙ୍କୁ ହତ୍ୟାକରି ସିଂହାସନ ଅଧିକାର କରିଥିଲେ । ଜାହାନ୍ଦରଙ୍କ ସମୟରେ ଦିଲ୍ଲୀ କୁ-ଶାସନର ଶିକାର ହେଲା ଓ ବିଶୃଙ୍ଖଳାର ଦିନଗୁଡ଼ିକ ଘନେଇ ଆସିଲା । ଦେଶର ଆର୍ଥିକ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଲା । ଜାହାନ୍ଦର ଥିଲେ ଖୁବ୍ ନିର୍ବୋଧ; ସେ ଲାଲକୁମାରୀ ନାମ୍ନୀ ଜନୈକା ମହିଳାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ବଶୀଭୂତ ହୋଇଥିଲେ । ଖାଫି ଖାଁ ଅନୁଭବ କରିଛନ୍ତି, ଜାହାନ୍ଦରଙ୍କ କ୍ଷଣିକ ଶାସନରେ ହିଂସାଭାବ ପୂରାପୂରି ବ୍ୟାପି ଯାଇଥିଲା । ବର୍ଷକ ମଧ୍ୟରେ ତାଙ୍କୁ ହତ୍ୟାକରି ତାଙ୍କର ଭ୍ରାତୃଷ୍ପୁତ୍ର ଫାରୁକ-ସିୟାର (Farrukh-Siyar) ହେଲେ ଦିଲ୍ଲୀର ସମ୍ରାଟ । ତାଙ୍କୁ ସିଂହାସନରେ ବସାଇଥିବା ସୈୟଦ ଭ୍ରାତୃଦ୍ୱୟ-

ହୁସେନ ଅଲି ଓ ଅବଦୁଲ୍ଲା ବାସ୍ତବରେ ହେଲେ ରାଜ୍ୟର ସର୍ବେସର୍ବା । ଫାରୁକ-ସିୟାର ଥିଲେ ଦୁର୍ବଳ, ଭୀରୁ ଓ ନୀଚ଼, ତାଙ୍କଠି ନଥିଲା ଭଲ ମନ୍ଦର ବାଛବିଚାର । ସେତେବେଳେ ଚାଲିଥିଲା ହିଂସାର ରାଜତ୍ୱ । ତାଙ୍କ ଶାସନକାଳରେ ଗୁରୁ ବାନ୍ଦାବାହାଦୁରଙ୍କୁ ଯେପରି ନିର୍ମମ ଭାବରେ ହତ୍ୟା କରାଗଲା, ଇତିହାସରେ ଏପରି କ୍ୱଚିତ୍ ଦୃଷ୍ଟାନ୍ତ ରହିଛି । ଫାରୁକ-ସିୟାର ନିଜର କ୍ଷମତା ଖଟେଇବାକୁ ଚେଷ୍ଟା କଲେ ଓ ପ୍ରଥମରୁ ଅକୃତଜ୍ଞ ହୋଇ ସୈୟଦ୍ ଭ୍ରାତାମାନଙ୍କୁ ବିରୋଧ କଲେ । ସୈୟଦ ଭ୍ରାତୃଦ୍ୱୟଙ୍କ ପ୍ରତିହିଂସା ଏତେ ପ୍ରବଳ ଥିଲା ଯେ ଫାରୁକ-ସିୟାରଙ୍କୁ ଗାଦିଚ୍ୟୁତ କରାଯାଇ ଅନ୍ଧ ଓ ହତ୍ୟା କରାଗଲା । ଅଳ୍ପ ସମୟ ମଧ୍ୟରେ ସେମାନେ ଜଣକ ପରେ ଜଣେ ଦୁଇଜଣ ଅପଦାର୍ଥ ରାଜପୁତ୍ରଙ୍କୁ ସିଂହାସନରେ ବସାଇଲେ । ତାହାପରେ ସେମାନେ ମହମ୍ମଦ ଶାହ ନାମକ ଅନ୍ୟ ଜଣେ ରାଜପୁତ୍ରଙ୍କୁ ସିଂହାସନରେ ଅଧିଷ୍ଠିତ କଲେ । ଉଭୟ ଅବଦୁଲ୍ଲା ଓ ହୁସେନ ଥିଲେ ଦୁଇଜଣ ଛାୟା ରାଜା (Phantom Kings) ।

ମହମ୍ମଦ ଶାହ ୧୭୧୯ ରୁ ୧୭୪୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସିଂହାସନ ଅଧିକାର କରିଥିଲେ । ଯଦୁନାଥ ସରକାରଙ୍କ ଭାଷାରେ, "ତାଙ୍କୁ ବାବରଙ୍କ ବଂଶର ଶେଷ ସମ୍ରାଟ ବୋଲି କୁହାଯାଇପାରେ, ଯେହେତୁ ତାଙ୍କ ପରେ ରାଜତ୍ୱ ନାମକୁ ମାତ୍ର ବଞ୍ଚି ରହିଥିଲା ।" ସେ ସୈୟଦ ଭ୍ରାତୃଦ୍ୱୟଙ୍କୁ ଧ୍ୱଂସ କଲେ । ନିଜାମଙ୍କୁ ଗାଦିଚ୍ୟୁତ କରିବାକୁ ହୁସେନ ଅଲି ମାଲୱାକୁ ଯିବା ସମୟରେ ତାଙ୍କୁ ହତ୍ୟା କରାଗଲା । ଅବଦୁଲ୍ଲା ମଧ୍ୟ ଅନ୍ୟ ଜଣକୁ ସିଂହାସନରେ ବସାଇବାକୁ ଯାଇ ନିହତ ହେଲେ ।

ମହମ୍ମଦ ଶାହଙ୍କ ସମୟରେ ଦୁଇଟି ଘଟଣାରୁ ଜଣାଯାଏ କିପରି ମୋଗଲ ସାମ୍ରାଜ୍ୟ ଖୁବ୍ ଶୀଘ୍ର ତାଙ୍କର ହସ୍ତମୁଠିରୁ ଖସିଯାଉଥିଲା । ପ୍ରଥମ- ପେଶବା ବାଜୀରାଓ ମରହଟ୍ଟାମାନଙ୍କୁ ସଂଗଠିତ କରି ଦାକ୍ଷିଣାତ୍ୟ ଓ ଉତ୍ତର ଭାରତର ଏକ ବିଶାଳ ଭୂଖଣ୍ଡରେ ଶାସନ କରିଥିଲେ । ଏପରିକି ମରହଟ୍ଟାମାନେ ଦିଲ୍ଲୀଠାରୁ ମାତ୍ର ୬ ମାଇଲ ଦୂରରେ ଅମୀର ଖାଁଙ୍କୁ ପରାସ୍ତ କରିଥିଲେ । ଦ୍ୱିତୀୟ- ସେତେବେଳେ ନାଦିରଶାହ ଭାରତ ଆକ୍ରମଣ କରିଥିଲେ । ୧୭୨୨ ଖ୍ରୀଷ୍ଟାବ୍ଦରେ ନିଜାମ-ଉଲ୍-ମୁଲକ୍ ୱାଜିର ପଦବୀ ଅଧିକାର କରିଥିଲେ । ସେ ଥିଲେ ଜଣେ କର୍ମଠ ବ୍ୟକ୍ତି, କିନ୍ତୁ ରାଜପ୍ରାସାଦର ବାତାବରଣରେ ଅଣନିଶ୍ୱାସୀ ହୋଇ ସେ ଦାକ୍ଷିଣାତ୍ୟ ଗମନ କରିଥିଲେ ଓ ସେଠାରେ ଏକ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ସୈୟଦମାନଙ୍କର ପତନ ଓ ନିଜାମଙ୍କ ଦାକ୍ଷିଣାତ୍ୟ ଗମନ ମହମ୍ମଦ ଶାହଙ୍କ କ୍ଷମତା ଓ ଗୌରବ ବୃଦ୍ଧି କରିପାରିନଥିଲା । ଗୁଲାମ ହୁସେନ ଲେଖିଛନ୍ତି, "ତରୁଣ ଓ ସୁନ୍ଦର ଏବଂ ସବୁ ସୁଖରେ ଆସକ୍ତ, ସେ ନିଜେ ଏକ ଆଳସ୍ୟ ଜୀବନ ପ୍ରତି ଅଭ୍ୟସ୍ତ ହେଲେ, ଯାହା ସମ୍ପୂର୍ଣ୍ଣରୂପେ ସମ୍ରାଟଙ୍କ ଶକ୍ତି ଦୁର୍ବଳ କରିଦେଲା ।" ଅଧିକ କାଳ ଶାସନ କରିଥିଲେ ମଧ୍ୟ ସମସ୍ତ ଘଟଣା ନିଜ ନିଜ ପଥରେ ଯିବା ପାଇଁ ସେ ଛାଡ଼ିଦେଉଥିଲେ, ଯାହାର ପରିଣତି ଥିଲା ଦୁଃଖମୟ । ଦାକ୍ଷିଣାତ୍ୟ, ଅଯୋଧ୍ୟା ଓ ବଙ୍ଗଳା

ଗୋଟିଏ ପରେ ଗୋଟିଏ ତାଙ୍କ ନିୟନ୍ତ୍ରଣରୁ ଚାଲିଯାଉଥିଲା । ମରହଟ୍ଟାମାନଙ୍କ ବ୍ୟତୀତ ଜାଠମାନେ ଆଗ୍ରା ନିକଟରେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ରୋହିଲା ଆଫଗାନ୍‌ମାନେ 'ରୋହିଲା ଖଣ୍ଡ' ଗଠନ କଲେ । ପଞ୍ଜାବରେ ହେଲେ ଶିଖ୍‌ମାନେ ବଳଶାଳୀ ।

ମହମ୍ମଦ ଶାହଙ୍କ ପରେ ଅହମ୍ମଦ ଶାହ ହେଲେ ମୋଗଲ ସମ୍ରାଟ । ସାମ୍ରାଜ୍ୟର ପୁନର୍ଗଠନ କରିବାରେ ସେ ଅକ୍ଷମତା ପ୍ରକାଶ କରିଥିଲେ । ସେ ବିଳାସୀ ଥିଲେ । ତାଙ୍କୁ ସଫଦରଜଙ୍ଗ ଓ ଅଯୋଧ୍ୟାର ସୁବାଦାର ନିୟନ୍ତ୍ରଣରେ ରଖିଥିଲେ । ସେହି ସମୟରେ ମରହଟ୍ଟାମାନଙ୍କ ସାହାଯ୍ୟରେ ଇମାଦ-ଉଲ୍-ମୁଲକ୍ ନିଜକୁ ୱାଜିର କରାଇ ପାରିଥିଲେ ଏବଂ ସୈୟଦ ଭ୍ରାତୃଦ୍ୱୟଙ୍କ ପରି କ୍ଷମତାଶାଳୀ ହୋଇଥିଲେ । ସେ ଅହମ୍ମଦଶାହଙ୍କୁ ସିଂହାସନଚ୍ୟୁତ କରି ବାହାଦୁରଶାହଙ୍କ ନାତି ଆଜିଜ ଉଦ୍ଦୀନ ବା ଦ୍ୱିତୀୟ ଆଲାମଗିରିଙ୍କୁ ରାଜା କରିଥିଲେ । ଖଣ୍ଡବିଖଣ୍ଡିତ ହୋଇଯାଉଥିବା ମୋଗଲ ସାମ୍ରାଜ୍ୟକୁ ଉଚ୍ଚାଭିଳାଷୀ ଓ ବିବେକଶୂନ୍ୟ ତରୁଣ ୱାଜିର ଧରି ରଖିବାକୁ ଅକ୍ଷମ ହେଲେ । ସରକାର ସମ୍ପୂର୍ଣ୍ଣରୂପେ ଦେବାଳିଆ ହୋଇଥିଲେ । ସାମ୍ରାଜ୍ୟର ଦ୍ରୁତ ଅବକ୍ଷୟ ଘଟି ଦିଲ୍ଲୀର ଚତୁଃପାର୍ଶ୍ୱ, ଅର୍ଥାତ ପୂର୍ବରେ ମିରଟ ଓ ପଶ୍ଚିମରେ ରୋହଟାକ ଓ ଗୁର୍‌ଗାଁ ଜିଲ୍ଲାମାନଙ୍କ ମଧ୍ୟରେ ସୀମିତ ରହିଥିଲା । ଦ୍ୱିତୀୟ ଆଲାମଗିରିଙ୍କର କ୍ଷମତା ନଥିଲା, ସିଂହାସନ ଉପରେ ସେ ନିଜକୁ ଏକ ବନ୍ଦୀ ରୂପେ ବିବେଚନା କରୁଥିଲେ । ସେ ୱାଜିରଙ୍କ ପ୍ରଭାବରୁ ମୁକ୍ତି ପାଇବା ନିମନ୍ତେ ଚେଷ୍ଟା କରିବାରୁ ତାଙ୍କୁ ହତ୍ୟା କରାଗଲା ।

ଶତ୍ରୁତା ସାଧନ କରୁଥିବା ଏପରି ୱାଜିରଙ୍କଠାରୁ ଦୂରେଇ ରହିବା ପାଇଁ ଦ୍ୱିତୀୟ ଆଲାମଗିରିଙ୍କ ପୁତ୍ର ଦ୍ୱିତୀୟ ଶାହାଆଲାମ ଇଂରେଜମାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ୧୮୦୬ ଖ୍ରୀଷ୍ଟାବ୍ଦରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ମୋଗଲ ରାଜବଂଶର ଶେଷ ସମ୍ରାଟ ଥିଲେ ଦ୍ୱିତୀୟ ବାହାଦୁରଶାହ, ଯାହାଙ୍କୁ ସିପାହୀ ବିଦ୍ରୋହ ସମୟରେ ଇଂରେଜମାନେ ରେଙ୍ଗୁନକୁ ସ୍ଥାନାନ୍ତରିତ କରିଥିଲେ । ୧୮୬୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେଲା ।

ପରବର୍ତ୍ତୀ ମୋଗଲ ସମ୍ଭ୍ରାନ୍ତମାନଙ୍କର ପରିବର୍ତ୍ତିତ ଚରିତ୍ର

(Changed Character of Later Mughal Nobility)

ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସମ୍ଭ୍ରାନ୍ତମାନଙ୍କର ଚରିତ୍ରର ଅଧଃପତନ ଘଟିଥିଲା । ଏ. ଏଲ୍. ଶ୍ରୀବାସ୍ତବ କହିଛନ୍ତି, ''ଧନ ଓ ସୁବିଧା, ଯାହା ବିଦେଶୀ ମୁସଲମାନ୍‌ମାନେ ଭାରତରେ ଲାଭ କଲେ, ତାହା ପରିପୁଷ୍ଟ କଲା ବିଳାସ ଓ ଆଳସ୍ୟ ଏବଂ ସେମାନଙ୍କର ହାରେମରେ ଅନେକ ନାରୀଙ୍କର ସଙ୍ଗ ଭ୍ରଷ୍ଟାଚାରକୁ ଉତ୍ସାହିତ କରିଥିଲା, ଯାହା ଏହାର ପ୍ରତିବଦଳରେ ସେମାନଙ୍କର ଚରିତ୍ର ଓ ଦୁଃସାହସିକ କାର୍ଯ୍ୟ କରିବାର ଅନୁରାଗକୁ ଦୁର୍ବଳ କରିଦେଲା ।'' ଅନେକ ସମୟରେ ଦୁର୍ବଳ ବା ଭାଗ୍ୟ-ବିଡ଼ମ୍ବିତ ସମ୍ରାଟମାନେ ସାମ୍ରାଜ୍ୟର ସ୍ତମ୍ଭ ପରି ଦକ୍ଷ ସାମନ୍ତମାନଙ୍କ ସହାୟତାରେ ରାଜ୍ୟର ଗୌରବ ଅକ୍ଷୁଣ୍ଣ ରଖିଥା'ନ୍ତି । ବୈରାମ ଖାଁ, ଆସଫ ଖାଁ,

ମୁନିମ ଖାଁ, ମୁଜାଫର ଖାଁ, ମହବତ ଖାଁ ଆଦି ଥିଲେ ଯୋଗ୍ୟ ଓ ପ୍ରସିଦ୍ଧ ଅମୀର । କିନ୍ତୁ ସୈୟଦ ଭ୍ରାତୃଦ୍ୱୟ ଓ ନିଜାମ-ଉଲ୍-ମୁଲକ୍ ଆଦି ସାମନ୍ତମାନେ ନିଜ ନିଜର ସ୍ୱାର୍ଥ ସାଧନରେ ଲାଗି ପଡ଼ିଥିଲେ । ଷୋଡଶ ଓ ସପ୍ତଦଶ ଶତାବ୍ଦୀରେ ନିର୍ବାହ କରୁଥିବା ଉପଯୋଗୀ କାର୍ଯ୍ୟଗୁଡ଼ିକ ସେମାନେ ବନ୍ଦ କରିଦେଲେ । ଆତ୍ମମର୍ଯ୍ୟାଦା ବୃଦ୍ଧି ଓ ଆଧିପତ୍ୟ ବିସ୍ତାର କରିବା ନିମନ୍ତେ ସମ୍ଭ୍ରାନ୍ତମାନେ ପରସ୍ପର ମଧ୍ୟରେ କଳହ ଓ ଗୃହ ଯୁଦ୍ଧରେ ଲିପ୍ତ ରହିଲେ । ଯୋଗ୍ୟ ସମ୍ଭ୍ରାନ୍ତମାନଙ୍କର ଗୋଟିଏ ବଂଶ ପରେ ଯୋଗ୍ୟ ଉତ୍ତରାଧିକାରୀ ରହିଲେ ନାହିଁ । ଏସବୁ ପରବର୍ତ୍ତୀ ମୋଗଲମାନଙ୍କ ଅଯୋଗ୍ୟତା ଯୋଗୁଁ ସମ୍ଭବ ହେଲା । ସେମାନେ ଶାସନକ୍ଷେତ୍ରରେ ଦକ୍ଷ ଲୋକଙ୍କୁ ନିଯୁକ୍ତି ଦେଇପାରିଲେ ନାହିଁ । ରାଜପୁତ୍ରମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଚାଲିଥିବାବେଳେ ସେମାନେ ଭିନ୍ନ ଭିନ୍ନ ବିରୋଧୀମାନଙ୍କ ପକ୍ଷନେଇ ସଙ୍କଟ ଉପୁଯାଉଥିଲେ ।

ଭାରତରେ ଥିଲେ ଦୁଇଶ୍ରେଣୀର ସମ୍ଭ୍ରାନ୍ତ; ଯଥା- ଯେଉଁମାନେ ଏ ଦେଶରେ ଜନ୍ମଲାଭ କରୁଥିଲେ ଓ ଯେଉଁମାନେ ଏ ଦେଶରେ ଦୀର୍ଘଦିନ ଧରି ବାସ କରୁଥିଲେ । ଦ୍ୱିତୀୟ ଶ୍ରେଣୀରେ ଥିଲେ ଆଫଗାନ୍, ସୈୟଦ ଓ ତୁରାଣୀ ସମ୍ଭ୍ରାନ୍ତମାନେ । ସେମାନେ ହିନ୍ଦୁସ୍ଥାନୀ ସମ୍ଭ୍ରାନ୍ତମାନଙ୍କୁ ବିରୋଧ କରୁଥିଲେ । ବାହାଦୁର ଶାହ ଓ ଜାହାନ୍ଦର ଶାହଙ୍କ ରାଜତ୍ୱ କାଳରେ ତୁରାଣୀ ସମ୍ଭ୍ରାନ୍ତମାନେ ଅଧିକ କ୍ଷମତାଶାଳୀ ଥିଲେ । ଫାରୁକ ସିୟାରଙ୍କ ଶାସନ ସମୟରେ ହିନ୍ଦୁସ୍ଥାନୀ ଓ ତୁରାଣୀ ଦଳ ମିଶି ଅଧିକ କ୍ଷମତାସମ୍ପନ୍ନ ହୋଇଥିଲେ । ତା'ପରେ ତୁରାଣୀ ଓ ଇରାଣୀମାନେ ମିଶି ହିନ୍ଦୁସ୍ଥାନୀମାନଙ୍କୁ କ୍ଷମତାରୁ ବହିଷ୍କାର କରିବାକୁ ଚେଷ୍ଟା କରିଥିଲେ । ସେ ସମୟରେ ଅମୀର ଓ ସମ୍ଭ୍ରାନ୍ତମାନଙ୍କର ଭୂମିକା ଥିଲା ଖୁବ୍ ଦୁଃଖଦାୟକ ଏବଂ ଏହା ମୋଗଲ ସାମ୍ରାଜ୍ୟ ପତନକୁ ଦ୍ରୁତତର କରିଥିଲା ।

ମୋଗଲ ସାମରିକବାହିନୀର ଅଧଃପତନ

(Degeneration of Mughal Army)

ମୋଗଲ ସୈନ୍ୟବାହିନୀର ଉତ୍ପତ୍ତି ଓ ଗଠନ ଥିଲା ଦୁର୍ବଳ ଓ ତ୍ରୁଟି ବିଜଡ଼ିତ । ପ୍ରକୃତରେ ମୋଗଲମାନଙ୍କର ନଥିଲା ଏକ ପଦାତିକ ବାହିନୀ । ଆକବରଙ୍କ ଦ୍ୱାରା ପ୍ରଚଳିତ ମନସବଦାରୀ ପ୍ରଥା ଥିଲା ମୋଗଲ ସାମରିକବାହିନୀର ମେରୁଦଣ୍ଡ । ଅଧିକ ସଂଖ୍ୟକ ଓ ଦକ୍ଷ ସୈନ୍ୟମାନଙ୍କର ରକ୍ଷଣାବେକ୍ଷଣ ପାଇଁ ମନସବଦାରମାନଙ୍କୁ ଜାଗିରି ଦିଆଯାଉଥିଲା । ଶାହଜାହାନଙ୍କ ସମୟକୁ ଏହା ଉପଯୁକ୍ତ ଭାବରେ କାର୍ଯ୍ୟ କରିପାରିଲା ନାହିଁ । ସୈନ୍ୟମାନେ ସମ୍ରାଟଙ୍କ ଅପେକ୍ଷା ନିଜର ମାଲିକ ବା ମନସବଦାରମାନଙ୍କ ପ୍ରତି ଅଧିକ ଅନୁରକ୍ତ ଥିଲେ । ଅନେକ ସମୟରେ ମନସବଦାରମାନେ ନିଜ ନିଜର ଅଧୀନସ୍ଥ ସୈନ୍ୟମାନଙ୍କ ସହାୟତାରେ ସମ୍ରାଟମାନଙ୍କୁ ବିରୋଧ କରୁଥିଲେ । ମନସବଦାରମାନେ ମଧ୍ୟ ପରସ୍ପର ପ୍ରତି ଈର୍ଷା ଭାବ ପୋଷଣ କରୁଥିଲେ । ପାରସିକ, ତୁର୍କୀ, ଆଫଗାନ୍, ଭାରତୀୟ ମୁସ୍‌ଲିମ୍, ରାଜପୁତ୍ ଓ ଜାଠ ଜାତିର ଥିଲେ ମନସବଦାର ଓ

ସୈନ୍ୟମାନେ । ତେଣୁ ଭିନ୍ନ ଭିନ୍ନ ଜାତି ଓ ଉପାଦାନରେ ଗଢ଼ା ମୋଗଲବାହିନୀ ଏକ ଜାତୀୟ ବାହିନୀର କାର୍ଯ୍ୟ ସମ୍ପାଦନ କରିପାରୁନଥିଲା । ଶେଷ ପର୍ଯ୍ୟନ୍ତ ମଧ୍ୟ ମନସବଦାରୀ ସୈନ୍ୟମାନଙ୍କ ଉପରେ ଆସ୍ଥା ରଖାଯାଇ ପାରୁନଥିଲା ।

ପରବର୍ତ୍ତୀ ମୋଗଲ ସମ୍ରାଟଙ୍କ ସମୟରେ ସେନାବାହିନୀ ବିଶୃଙ୍ଖଳିତ ଓ ଯୁଦ୍ଧ କରିବାର ଶକ୍ତି ହରାଇ ବସିଥିଲେ । ସେମାନେ ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା ବା ବୈଦେଶିକ ଆକ୍ରମଣ ପ୍ରତିରୋଧ କରିପାରିଲେ ନାହିଁ । ସେମାନଙ୍କ ଭିତରେ ଆଳସ୍ୟ ଓ ବ୍ୟଭିଚାରିତା ପ୍ରବେଶ କରିଥିଲା । ଡବ୍ଲ୍ୟୁ. ହେଗଙ୍କ ଭାଷାରେ, ''ମୋଗଲ ସୈନ୍ୟମାନଙ୍କର ନୀତିଭ୍ରଷ୍ଟତା ଥିଲା ମୋଗଲ ସାମ୍ରାଜ୍ୟ ବିଖଣ୍ଡିକରଣର ମୁଖ୍ୟ କାରଣମାନଙ୍କ ମଧ୍ୟରୁ ଗୋଟିଏ । ଏହା ଅନ୍ୟର କ୍ରୀଡ଼ାପୁତ୍ତଳିକା (Puppet) ସ୍ୱରୂପ ଥିବା ରାଜାମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ, ଯେଉଁମାନେ ଅଷ୍ଟାଦଶ ଶତାବ୍ଦୀର ଅର୍ଦ୍ଧ ଯାଏ ବାବର, ଆକବର, ଏପରିକି ଆଉରଙ୍ଗଜେବଙ୍କ ସିଂହାସନ ପ୍ରତି ବିଦ୍ୱେଷଭାବ ରଖିଥିଲେ । ଦୁର୍ବଳତାର ଉତ୍ସ ଥିଲା ସୈନ୍ୟ ସଂଗଠନ ।''

କ୍ରମାଗତ ଯୁଦ୍ଧ ଯୋଗୁଁ ରାଜକୋଷ ଶୂନ୍ୟ ହୋଇଯାଇଥିଲା । ଫଳରେ ବେତନ ନପାଇ ସୈନ୍ୟମାନେ ବିଦ୍ରୋହୀ ହୋଇପଡ଼ିଥିଲେ । ଦାକ୍ଷିଣାତ୍ୟ, କାନ୍ଦାହାର ଓ ମଧ୍ୟଏସିଆ ଅଭିଯାନରେ ପରାଜିତ ହେବାରୁ ସୈନ୍ୟ ସେନାପତିମାନଙ୍କର ନୈତିକ ମନୋବଳ ଭାଙ୍ଗିଯାଇଥିଲା । ମରହଟ୍ଟାମାନେ ଅଧିକ ଶକ୍ତିଶାଳୀ ହୋଇ ମୋଗଲ ଶକ୍ତିକୁ ଚୂର୍ଣ୍ଣ କରିଥିଲେ । ଯୁଦ୍ଧକ୍ଷେତ୍ରକୁ ଯିବା ସମୟରେ ସ୍ତ୍ରୀ ଓ ରକ୍ଷିତାମାନଙ୍କୁ ସଙ୍ଗରେ ନେବା ପରମ୍ପରା ସାମରିକ ଗତିକୁ ଦୁର୍ବଳ କରିଦେଲା । ମୋଗଲ ଶିବିରର ବିଳାସବ୍ୟସନ ମଧ୍ୟ ସୈନ୍ୟମାନଙ୍କର ଅକ୍ଷମତା ବୃଦ୍ଧି କରିଥିଲା । ଇରଭାଇନ (Irvine) ଙ୍କ ମତରେ, ''ଏହା ଥିଲା ମୁଖ୍ୟ, ଯଦିଚ ସାମ୍ରାଜ୍ୟର ଅନ୍ତିମ ଧ୍ୱଂସ ପାଇଁ ଏକମାତ୍ର କାରଣ ନଥିଲା ।''

ଆର୍ଥିକ ବିପର୍ଯ୍ୟୟ

(Economic Depression)

ଆକବର ଓ ଜାହାଙ୍ଗୀରଙ୍କ ସମୟରେ ଦେଶର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା; କିନ୍ତୁ ଶାହଜାହାନଙ୍କ ଯୁଦ୍ଧ ଓ ବିଳାସପୂର୍ଣ୍ଣ ଅଟ୍ଟାଳିକା ନିର୍ମାଣ ଯୋଗୁଁ ରାଜକୋଷର ଅବକ୍ଷୟ ଘଟିଲା । ଆଉରଙ୍ଗଜେବଙ୍କ କ୍ରମାଗତ ଯୁଦ୍ଧ ଯୋଗୁଁ ଆର୍ଥିକ ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିଲା । ପରବର୍ତ୍ତୀ ମୋଗଲମାନଙ୍କର ଲମ୍ପଟ ଜୀବନ ଓ ପରସ୍ପର ମଧ୍ୟରେ ବିବାଦ ଯୋଗୁଁ ରାଜକୋଷ ଶୂନ୍ୟ ହୋଇଗଲା । ଦ୍ୱିତୀୟ ଆଲାମଗିରିଙ୍କ ସମୟରେ ଦେଶ ଦେବାଳିଆ ହେଲା । ରାଜପରିବାରର ଆର୍ଥିକ ବିପର୍ଯ୍ୟୟକୁ ଲକ୍ଷ୍ୟକରି ସରକାର ଲେଖିଛନ୍ତି ଯେ ଦିନ ଦିନ ଧରି ହାରେମରେ ଚୁଲି ଜଳୁ ନଥିଲା ଓ ରାଜକନ୍ୟାମାନେ କ୍ଷୁଧାର ଦାଉ ସମ୍ଭାଳି ପାରୁନଥିଲେ । ଦ୍ୱିତୀୟ ଆଲାମଗିରିଙ୍କୁ ପାଦରେ ଚାଲି ଚାଲି ମସଜିଦ୍‌କୁ ଯିବାକୁ ପଡୁଥିଲା ।

ବୈଦେଶିକ ଆକ୍ରମଣ (Foreign Invasion)

ମୋଗଲରାଜ୍ୟ ହେଲା ଦୁର୍ନୀତିପୂର୍ଣ୍ଣ ଓ ଅପାରଗ । ବିଦେଶରେ ମଧ୍ୟ ଏହାର ସମ୍ମାନ ହାନି ଘଟିଲା । ଆମ ଦେଶର ସମ୍ପତ୍ତି ପ୍ରତି ଲୋଭାନ୍ୱିତ ହୋଇ ପାରସ୍ୟର ଆକ୍ରମଣକାରୀମାନେ ଭାରତ ଆକ୍ରମଣ କଲେ । ସେମାନେ ମୋଗଲମାନଙ୍କଠାରୁ କାନ୍ଦାହାର ଛଡ଼ାଇ ନେଇଥିଲେ । ଆଉରଙ୍ଗଜେବଙ୍କ ସମୟରୁ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳର ନିରାପତ୍ତା ଦୁର୍ବଳ ହୋଇ ପଡ଼ିଥିଲା । କାବୁଲ ଓ ପଞ୍ଜାବ ସୁରକ୍ଷିତ ରଖାଯାଇ ପାରିଲା ନାହିଁ । ଅଷ୍ଟାଦଶ ଶତାବ୍ଦୀର ଜଣେ ଭାରତୀୟ ଲେଖକ ବର୍ଣ୍ଣନା କରିଛନ୍ତି, ''ରାସ୍ତା ଓ ସଂକୀର୍ଣ୍ଣ ପଥର ଯତ୍ନ ନିଆଗଲାନାହିଁ, ସମସ୍ତେ ପ୍ରବେଶ କଲେ ଓ ପ୍ରସ୍ଥାନ କଲେ, କାହାରି ଉପରେ ଦୃଷ୍ଟି ରଖାଗଲାନାହିଁ, କ'ଣ ଘଟୁଥିଲା ତା'ର ଗୁପ୍ତବାର୍ତ୍ତା ଦରବାରକୁ ପ୍ରେରଣ କରାଗଲାନାହିଁ ଏବଂ ସମ୍ରାଟ ବା ମନ୍ତ୍ରୀ କେହି କେବେ ପଚାରିଲେନାହିଁ ସେହି ପ୍ରକାର ବାର୍ତ୍ତା କାହିଁକି ସେମାନେ ଶୁଣୁନାହାନ୍ତି ।''

ନାଦିରଶାହଙ୍କ ଭାରତ ଆକ୍ରମଣ ଥିଲା ମୋଗଲ ଶାସନ ପତନର ଏକ ବହିଃକାରଣ । ନାଦିରଶାହ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ପ୍ରଥମେ ସେ ଥିଲେ ଜଣେ ଦସ୍ୟୁ ସର୍ଦ୍ଦାର । ଆଫଗାନ୍‌ମାନଙ୍କ ହସ୍ତରୁ ପାରସ୍ୟ ଛଡେଇ ନେବାରେ ସେ ସାହାଯ୍ୟ କରିଥିଲେ । ତହମାସପ (Tahmasp)ଙ୍କୁ ସିଂହାସନରେ ବସାଇ ସେ ହୋଇଥିଲେ ପ୍ରକୃତ ଶାସକ । ତହମାସପଙ୍କ ଶିଶୁପୁତ୍ରର ମୃତ୍ୟୁ ପରେ ନାଦିର ହୋଇଥିଲେ ପାରସ୍ୟର ରାଜା ।

କୁହାଯାଏ ଯେ ନାଦିରଙ୍କ ଦୂତଙ୍କୁ ଦିଲ୍ଲୀ ଦରବାରରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଯୋଗୁଁ ସେ ୧୭୩୮ ଖ୍ରୀଷ୍ଟାବ୍ଦରେ ଭାରତ ବିରୁଦ୍ଧରେ ଅଭିଯାନ ଚଳାଇଲେ । ୧୭୩୯ ଖ୍ରୀଷ୍ଟାବ୍ଦରେ ସେ ଗଜନୀ, କାବୁଲ ଓ ଲାହୋର ଅଧିକାର କରିଥିଲେ । ପାରସିକ ସୈନ୍ୟମାନେ ପାନିପଥର ଉତ୍ତର ଦିଗରେ ୨୦ ମାଇଲ ଦୂରରେ ଅବସ୍ଥିତ କର୍ଣ୍ଣାଲ ନାମକ ସ୍ଥାନରେ ମୋଗଲ ସୈନ୍ୟମାନଙ୍କୁ ପରାସ୍ତ କରିଥିଲେ । ଦିଲ୍ଲୀ ସମ୍ରାଟ ନାଦିରଙ୍କ ସହିତ ଏକ ସନ୍ଧି କରିବା ପାଇଁ ପ୍ରସ୍ତାବ ଦେଲେ । ନାଦିର ଶାହ ଦିଲ୍ଲୀଠାରେ ଶାହଜାହାନଙ୍କ ପ୍ରାସାଦ-କକ୍ଷ ଦିୱାନ-ଇ-ଖାସ୍‌ରେ ଅବସ୍ଥାନ କରିବା ସମୟରେ ହଠାତ୍ ଜନରବ ହେଲା ଯେ ନାଦିରଙ୍କର ମୃତ୍ୟୁ ଘଟିଛି । ତାହା ଶୁଣି ଦିଲ୍ଲୀବାସୀ ନାଦିରଙ୍କର କେତେକ ସୈନ୍ୟଙ୍କୁ ହତ୍ୟା କରିଥିଲେ । ଏଥିରେ ନାଦିର ଉତ୍ତେଜିତ ହୋଇ ଦିଲ୍ଲୀ ସହରବାସୀଙ୍କୁ ହତ୍ୟା କରିବା ପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଗୃହଗୁଡ଼ିକ ଲୁଣ୍ଠନ କରାଗଲା, ଦାହ କରାଗଲା, ଯାହାକୁ ଦେଖିଲେ ସୈନ୍ୟମାନେ ହତ୍ୟାକଲେ, ମହିଳାମାନଙ୍କୁ କ୍ରୀତଦାସୀରେ ପରିଣତ କରାଗଲା । ଅତି ନିର୍ଯ୍ୟାତନାଦେଇ ଦିଲ୍ଲୀର ଅସହାୟ ଓ ଭୋକିଲା ଲୋକମାନଙ୍କଠାରୁ ନାଦିର ୩ କୋଟି ଟଙ୍କା ଆଦାୟ କଲେ । ଦୀର୍ଘ ୮ ସପ୍ତାହ ଧରି ଧ୍ୱଂସଲୀଳା ଛୁଟାଇ ସମ୍ରାଟଙ୍କ ଅନୁରୋଧରେ ନାଦିର ଏ କାର୍ଯ୍ୟରୁ ନିବୃତ୍ତ ରହିଥିଲେ । ସେ ସଙ୍ଗରେ ନେଇଯାଇଥିଲେ ବିଶ୍ୱବିଖ୍ୟାତ କୋହିନୁର ହୀରା, ମୟୂର ସିଂହାସନ ଓ ହିନ୍ଦୁ ସଙ୍ଗୀତ ଉପରେ ଲିଖିତ ପାରସିକ ପାଣ୍ଡୁଲିପି, ୧୫ କୋଟି ଟଙ୍କା, ପ୍ରଚୁର ଅଳଙ୍କାର, ୩୦୦ ହସ୍ତୀ, ୧୦,୦୦୦ ଅଶ୍ୱ ଏବଂ ଏହାଠାରୁ ଅଧିକ ସଂଖ୍ୟକ ଓଟ । ଏହାଦ୍ୱାରା ମୋଗଲମାନେ ଘୋର ଆର୍ଥିକ ସଙ୍କଟରେ

ସମ୍ମୁଖୀନ ହୋଇଥିଲେ । ସିନ୍ଧୁ, କାବୁଲ ଓ ପଞ୍ଜାବର ପଶ୍ଚିମାଞ୍ଚଳ ପାରସିକମାନଙ୍କୁ ଅର୍ପଣ କରାଯାଇଥିଲା । ସଂକ୍ଷେପରେ ନାଦିରଙ୍କ ଆକ୍ରମଣ ମୋଗଲମାନଙ୍କୁ ରକ୍ତସ୍ରାବ ଓ ଭୂପତିତ କରିଥିଲା ।

୧୭୪୭ ଖ୍ରୀଷ୍ଟାବ୍ଦରେ ନାଦିରଙ୍କ ହତ୍ୟା ପରେ ଅହମଦ ଶାହ ଅବଦାଲୀ ନିଜର ସ୍ଥିତି ସୁରକ୍ଷିତ ରଖି ୧୭୪୮ରୁ ୧୭୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅନେକ ଥର ଭାରତ ଆକ୍ରମଣ କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଭାରତର ଏକ ଅଂଶରେ ରାଜନୈତିକ କର୍ତ୍ତୃତ୍ୱ ବିସ୍ତାର କରିବା ଓ ଭାରତରୁ ଲୁଣ୍ଠିତ ଧନରେ ସୈନ୍ୟ ସଂଗଠନ କରି ନିଜର ସାମ୍ରାଜ୍ୟ ଦୃଢ଼ୀକରଣ କରିବା । ତାଙ୍କର ପ୍ରଥମ ଭାରତ ଆକ୍ରମଣରେ ସେ ମାଣପୁରଠାରେ ମୋଗଲମାନଙ୍କ ଦ୍ୱାରା ପରାସ୍ତ ହେଲେ । ୧୭୫୦ରେ ସେ ପଞ୍ଜାବ ଓ ୧୭୫୧ ଖ୍ରୀ.ଅ.ରେ କାଶ୍ମୀର ଅଧିକାର କଲେ । ସେ ମଧ୍ୟ ସମ୍ରାଟ ଅହମଦ ଶାହଙ୍କୁ ସିରହିନ୍ଦ ପର୍ଯ୍ୟନ୍ତ ଅଞ୍ଚଳ ଛାଡ଼ି ଦେବାପାଇଁ ବାଧ୍ୟ କଲେ । ମୀର ମନୁ ହେଲେ ଲାହୋରଠାରେ ଅବଦାଲୀଙ୍କ ଗଭର୍ଣ୍ଣର । ୧୭୫୩ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ମୀର ମନୁଙ୍କ ମୃତ୍ୟୁପରେ ପଞ୍ଜାବରେ ପୁନର୍ବାର ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି ହୋଇଥିଲା । ୧୭୫୬ ଖ୍ରୀଷ୍ଟାବ୍ଦରେ ୱାଜିର ଇମାଦ-ଉଲ୍-ମୁଲକ୍ ପଞ୍ଜାବ ଅବରୋଧ କଲେ । ଏଥିରେ କ୍ରୋଧ ପ୍ରକାଶ କରି ଅବଦାଲୀ ଦିଲ୍ଲୀ ଆକ୍ରମଣ କଲେ ଓ ଏହାକୁ ଲୁଣ୍ଠନ କଲେ । ଇମାଦ-ଉଲ୍-ମୁଲକ୍ ତାଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ । ମୋଗଲ ସମ୍ରାଟ ମଧ୍ୟ ତାଙ୍କର ଅଧିକାର ପଞ୍ଜାବ, କାଶ୍ମୀର, ସିନ୍ଧୁ ଓ ସିରହିନ୍ଦ ଜିଲ୍ଲାରୁ ଛାଡ଼ି ଦେଇଥିଲେ । ଅବଦାଲୀଙ୍କ ପୁତ୍ର ତୈମୁର ଶାହ ହେଲେ ଲାହୋରର ଶାସନକର୍ତ୍ତା । ତାଙ୍କ ସମୟରେ ଶିଖ୍ମାନେ ବିଦ୍ରୋହ କରିଥିଲେ । ମରହଟ୍ଟାମାନେ ରଘୁନାଥ ରାୟଙ୍କ ନେତୃତ୍ୱରେ ଲାହୋର ଅଧିକାର କରିଥିଲେ । ତେଣୁ ୧୭୫୯ ଖ୍ରୀଷ୍ଟାବ୍ଦରେ ଅବଦାଲୀ ପଞ୍ଚମ ଥର ଭାରତ ଆକ୍ରମଣ କରି ପଞ୍ଜାବ ଅଧିକାର କରିଥିଲେ; କିନ୍ତୁ ପରେ ପରେ ଶିଖ୍ମାନେ ଲାହୋର ଅଧିକାର କଲେ । ଶେଷ ଥର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଅବଦାଲୀ ଶିଖ୍ମାନଙ୍କୁ ଦମନକରି ପାରିନଥିଲେ ।

ନୂତନ ରାଜ୍ୟମାନଙ୍କର ଉତ୍ଥାନ (Rise of New States)

ଦିଲ୍ଲୀରେ ମୋଗଲମାନଙ୍କର ପ୍ରାଧାନ୍ୟ ହ୍ରାସ ପାଇବାରୁ ପ୍ରାଦେଶିକ ଶାସନକର୍ତ୍ତାମାନେ ନିଜକୁ ସ୍ୱାଧୀନ ଘୋଷଣାକରି ନାମକୁ ମାତ୍ର ମୋଗଲ ସମ୍ରାଟମାନଙ୍କ ସହିତ ସମ୍ପର୍କ ରଖିଥିଲେ । ତେଣୁ ଦାକ୍ଷିଣାତ୍ୟ, ଅଯୋଧ୍ୟା, ବଙ୍ଗ, ବିହାର ଓ ଓଡ଼ିଶା ପରି ପ୍ରଦେଶମାନଙ୍କର ଆବିର୍ଭାବ ଘଟିଥିଲା ।

ଦାକ୍ଷିଣାତ୍ୟ ସୁବା :

ନିଜାମ-ଉଲ୍-ମୁଲକ୍‌ଙ୍କ ସମୟରେ ଦାକ୍ଷିଣାତ୍ୟ ସୁବା ସ୍ୱାଧୀନଲାଭ କରିଥିଲା । ସେ ମୋଗଲ ସୈନ୍ୟବାହିନୀରେ ଏକ ଉଚ୍ଚ ପଦବୀକୁ ଉତ୍ତୀର୍ଣ୍ଣ ହୋଇଥିଲେ; ତାଙ୍କୁ କ୍ୟୁଲିଚ ଖାଁ (Qulich Khan) ଉପାଧି ପ୍ରଦାନ କରାଯାଇଥିଲା । ବାହାଦୁର ଶାହଙ୍କ ସମୟରେ ସେ ଅଯୋଧ୍ୟାର ଓ ଫାରୁକସିୟାରଙ୍କ ସମୟରେ ଦାକ୍ଷିଣାତ୍ୟର ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଥିଲେ । ତାଙ୍କୁ

ଖାନ୍-ଇ-ଖାନ୍ ଉପାଧି ମଧ୍ୟ ପ୍ରଦାନ କରାଯାଇଥିଲା । ତାଙ୍କୁ ଖୁବ୍ ଶୀଘ୍ର ଦିଲ୍ଲୀ ଦରବାର ବିବାଦର ଶିକାର ହେବାକୁ ପଡ଼ିଥିଲା । ଫାରୁକସିୟାରଙ୍କ ମୃତ୍ୟୁପରେ ସେ ମାଲୱା ଚାଲି ଆସି ନିଜର ଭବିଷ୍ୟତ ଗୌରବ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । ସୈୟଦ ଭ୍ରାତୃଦ୍ୱୟ ତାଙ୍କ ବିପକ୍ଷରେ ଯିବାରୁ ସେ ହୁସେନ ଅଲିଙ୍କୁ ହତ୍ୟା କରିଥିଲେ ଓ ୧୭୨୦ ଖ୍ରୀଷ୍ଟାବ୍ଦ ବେଳକୁ ସେ ଦାକ୍ଷିଣାତ୍ୟରେ ପ୍ରଭୁତ୍ୱ ବିସ୍ତାର କରିଥିଲେ । ଦିଲ୍ଲୀଠାରେ ତାଙ୍କ ବିରୋଧରେ ଚକ୍ରାନ୍ତ ଚାଲିଥିଲା । ତାଙ୍କୁ ଦମନ କରିବା ପାଇଁ ହାଇଦ୍ରାବାଦର ଶାସନକର୍ତ୍ତା ମୁବାରିଜ ଖାଁଙ୍କୁ ମଧ୍ୟ ପ୍ରେରଣ କରାଯାଇଥିଲା; ମାତ୍ର ନିଜାମ-ଉଲ୍-ମୁଲକ୍ ମୁବାରିଜଙ୍କୁ ହତ୍ୟା କଲେ ଓ ଆସଫଝା ଉପାଧି ଗ୍ରହଣ କରି ସ୍ୱାଧୀନ ଭାବରେ ଦାକ୍ଷିଣାତ୍ୟରେ ଶାସନ କଲେ । ତାଙ୍କର ମୃତ୍ୟୁ ପରେ ଇଉରୋପୀୟ କମ୍ପାନୀଗୁଡ଼ିକୁ ଏହି ସୁବାର ରାଜନୀତିରେ ହସ୍ତକ୍ଷେପ କରିବାକୁ ସୁବିଧା ମିଳିଗଲା ।

ଅଯୋଧ୍ୟା :

ଅଯୋଧ୍ୟା ସୁବା ଆଧୁନିକ ଅଯୋଧ୍ୟା, ବନାରସ, ଆଲାହାବାଦ ଓ କାନପୁରର କେତେକ ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ସାଦତ ଖାଁ (Sadat Khan) ଥିଲେ ଅଯୋଧ୍ୟାର ସୁବାଦାର । ଅଯୋଧ୍ୟାର ପରବର୍ତ୍ତୀ ଶାସନକର୍ତ୍ତା ଥିଲେ ସାଦତ ଖାଁଙ୍କ ପୁତୁରା ଓ ଜାମାତା ସଫଦର ଜଙ୍ଗ । ୧୭୪୮ ଖ୍ରୀଷ୍ଟାବ୍ଦରେ ସେ ଦିଲ୍ଲୀର ୱାଜିର ହୋଇ ଭାରତର ସମସାମୟିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୭୫୪ ଖ୍ରୀଷ୍ଟାବ୍ଦରେ ସେ ପ୍ରାଣତ୍ୟାଗ କରିଥିଲେ । ତା'ପରେ ତାଙ୍କର ପୁତ୍ର ସୁଜାଉଦ୍ଦୌଲା ହୋଇଥିଲେ ଅଯୋଧ୍ୟାର ଶାସକ । ୧୭୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉତ୍ତର ଭାରତ ରାଜନୀତିକୁ ସେ ବିପୁଳ ଭାବରେ ପ୍ରଭାବିତ କରିଥିଲେ ।

ବଙ୍ଗଳା ସୁବା :

ବଙ୍ଗଳାରେ ଜାଫର ଖାଁଙ୍କୁ ପ୍ରଥମେ ଉପସୁବାଦାର ଓ ୧୭୧୭ ଖ୍ରୀଷ୍ଟାବ୍ଦରେ ସୁବାଦାର ରୂପେ ନିଯୁକ୍ତି ଦିଆଯାଇଥିଲା । ସେ ଥିଲେ ଖୁବ୍ କ୍ଷମତାଶାଳୀ । ତାଙ୍କ ସମୟରେ ବଙ୍ଗଳାର ରାଜଧାନୀ ଢ଼ାକାରୁ ମୁର୍ଶିଦାବାଦକୁ ଉଠିଯାଇଥିଲା । ୧୭୨୭ ଖ୍ରୀଷ୍ଟାବ୍ଦରେ ଜାଫରଙ୍କ ମୃତ୍ୟୁ ପରେ ତାଙ୍କର ଜାମାତା ସୁଜାଉଦ୍ଦୀନ ବଙ୍ଗଳାର ଶାସନଭାର ଗ୍ରହଣ କରିଥିଲେ । ତାଙ୍କ ରାଜତ୍ୱ କାଳରେ ବିହାର ସୁବା ବଙ୍ଗଳାରେ ମିଶିଯାଇଥିଲା, ଏବଂ ଆଲିବର୍ଦ୍ଦିଙ୍କୁ ଏହାର ନାଏବ ନାଜିମ (Naib Nazim) ରୂପେ ପ୍ରେରଣ କରାଯାଇଥିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ସୁଜାଉଦ୍ଦୀନଙ୍କ ମୃତ୍ୟୁ ହୋଇଥିଲା, ଏବଂ ତାଙ୍କର ପୁତ୍ର ସରଫରାଜ ଖାଁ (Sarfaraz Khan) ହୋଇଥିଲେ ବଙ୍ଗର ନବାବ । ଆଲିବର୍ଦ୍ଦି ବିହାରରୁ ଯାତ୍ରାକରି ରାଜମହଲ ନିକଟସ୍ଥ ଗିରିଆ ଠାରେ ୧୭୪୦ ଖ୍ରୀଷ୍ଟାବ୍ଦରେ ସରଫରାଜଙ୍କୁ ପରାସ୍ତ ଓ ହତ୍ୟା କଲେ ଓ ବଙ୍ଗଳାର ମସନନ୍ଦ (Masnand) ଦଖଲ କରିଥିଲେ । ଏହାପରେ ସେ ସ୍ୱାଧୀନ ଭାବରେ ଶାସନ କରିଥିଲେ । ସେ ମଧ୍ୟ ନିଜକୁ ଜଣେ ଦକ୍ଷ ଶାସକ ରୂପେ ପ୍ରତିଷ୍ଠିତ କଲେ; କିନ୍ତୁ ଶାନ୍ତିରେ ଶାସନ କରିବା ପାଇଁ ତାଙ୍କ ଭାଗ୍ୟରେ ନଥିଲା । ବର୍ଷକୁ ବର୍ଷ ମରହଟ୍ଟାମାନଙ୍କର ଆକ୍ରମଣ ଓ ଆଫଗାନ୍ ସେନାପତିମାନଙ୍କର

ତାଙ୍କ ବିରୁଦ୍ଧରେ ବିଦ୍ରୋହ ଆଲିବର୍ଦ୍ଦିଙ୍କୁ ବିପଦରେ ପକାଇଥିଲା । ସେ ମରହଟ୍ଟାମାନଙ୍କୁ ପ୍ରତିହତ କରିବାରେ ତାଙ୍କର ଅକ୍ଷମତା ପ୍ରକାଶ କରିଥିଲେ । ୧୭୫୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନଙ୍କ ସହିତ ସନ୍ଧିକରି ସେମାନଙ୍କୁ ବାର୍ଷିକ ୧୨ ଲକ୍ଷ ଟଙ୍କା ଚୌଥ ଆକାରରେ ଦେବାପାଇଁ ସେ ସମ୍ମତ ହେଲେ, ଏହା ପରିଶେଷରେ ମରହଟ୍ଟାମାନଙ୍କୁ ଓଡ଼ିଶା ଅଧିକାର କରିବାରେ ପଥ ସୁଗମ କରିଥିଲା । ୧୭୫୬ ଖ୍ରୀଷ୍ଟାବ୍ଦରେ ଆଲିବର୍ଦ୍ଦିଙ୍କ ମୃତ୍ୟୁ ହୋଇଥିଲା ଓ ବଙ୍ଗର ମସନନ୍ଦ ସିରାଜଉଦ୍ଦୌଲାଙ୍କ ହସ୍ତକୁ ଚାଲିଯାଇଥିଲା ।

ହିନ୍ଦୁମାନଙ୍କର ରାଜନୈତିକ ପୁନରଭ୍ୟୁଦୟ
(Political Revival of the Hindus)

ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସାମ୍ରାଜ୍ୟ ପତନର ସୁଯୋଗ ନେଇ ରାଜପୁତ୍, ଶିଖ୍, ଜାଠ ଓ ମରହଟ୍ଟାମାନେ ରାଜନୈତିକ ପ୍ରାଧାନ୍ୟ ବିସ୍ତାର କରିବାକୁ ଆଗେଇଥିଲେ ।

ରାଜପୁତ୍ :

ମେୱାର (ଉଦୟପୁର), ମାରବାର (ଯୋଧପୁର) ଓ ଅମ୍ବର (ଜୟପୁର)ର ରାଜାମାନେ ଆଉରଙ୍ଗଜେବଙ୍କ ମୃତ୍ୟୁପରେ ସ୍ୱାଧୀନ ହେବାକୁ ଚେଷ୍ଟା କରିଥିଲେ । ଖୁବ୍ ଶୀଘ୍ର ଯୋଧପୁରର ଅଜିତ୍ ସିଂହ, ଅମ୍ବରର ଦ୍ୱିତୀୟ ଜୟସିଂହ ଏବଂ ଦୁର୍ଗାଦାସ ଦିଲ୍ଲୀ ସମ୍ରାଟଙ୍କ ବିରୋଧରେ ଏକ ମେଣ୍ଟ ଗଠନ କରିଥିଲେ । ମାତ୍ର ବାହାଦୁର ଶାହ ସେମାନଙ୍କ ସହିତ ସୁସମ୍ପର୍କ ରଖି ପରିସ୍ଥିତିକୁ ଶାନ୍ତ କରିଥିଲେ; ତାଙ୍କର ମୃତ୍ୟୁପରେ ଅଜିତ୍ ସିଂହ ମୋଗଲ ସାମ୍ରାଜ୍ୟର କେତେକ ଅଞ୍ଚଳ ଉପରେ ଆକ୍ରମଣ କରିଥିଲେ । ତାହାଙ୍କୁ ଦମନ କରିବା ପାଇଁ ଫାରୁକସିୟାର ହୁସେନ ଅଲିଙ୍କୁ ପଠାଇଥିଲେ । ବିନା ଯୁଦ୍ଧରେ ୧୭୧୪ ଖ୍ରୀଷ୍ଟାବ୍ଦରେ ଅଜିତ୍ ସିଂହ ସମ୍ରାଟଙ୍କ ସହିତ ସନ୍ଧି କରିଥିଲେ ଓ ତାହାଙ୍କର ଜଣେ କନ୍ୟା ସମ୍ରାଟଙ୍କୁ ବିବାହ କରିଥିଲେ ।

ଏହାପରେ ଯୋଧପୁର ଓ ଜୟପୁରର ରାଜାମାନେ ଦିଲ୍ଲୀ ରାଜନୀତିରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ନିଜର ରାଜ୍ୟ ସହିତ ଅଜିତ୍ ସିଂହ ଗୁଜୁରାଟ ଓ ଆଜମୀରର ଶାସନକର୍ତ୍ତା ହୋଇଥିଲେ । ମହମଦ ଶାହଙ୍କ ସମୟରେ ଜୟପୁରର ରାଜା ଦ୍ୱିତୀୟ ଜୟସିଂହ ସୁରାଟର ଗଭର୍ଣ୍ଣର ହୋଇଥିଲେ । ସୈୟଦ ଭ୍ରାତୃଦ୍ୱୟଙ୍କ ମୃତ୍ୟୁପରେ ସେ ଆଗ୍ରାର ଶାସନଭାର ମଧ୍ୟ ଗ୍ରହଣ କରିଥିଲେ । ଏହିପରି ଦିଲ୍ଲୀର ଦକ୍ଷିଣକୁ ୬୦ ମାଇଲ ଧରି ସୁରାଟ ପର୍ଯ୍ୟନ୍ତ ଯୋଧପୁର ଓ ଜୟପୁରର ରାଜାମାନଙ୍କ ଅଧୀନକୁ ଚାଲିଆସିଥିଲା । ଅଜିତ୍ ସିଂହ ମରହଟ୍ଟାମାନଙ୍କ ସହିତ ସମ୍ପର୍କ ରଖିବାରୁ ଗୁଜୁରାଟର ଶାସନଦାୟିତ୍ୱ ତାଙ୍କଠାରୁ କାଢ଼ି ନିଆଯାଇଥିଲା । ତେଣୁ ରାଜପୁତ୍‌ମାନଙ୍କର ଏପରି ଉତ୍‌ଥାନ ଥିଲା କ୍ଷଣସ୍ଥାୟୀ ।

ଶିଖ୍ :

ଗୁରୁଗୋବିନ୍ଦଙ୍କ ମୃତ୍ୟୁପରେ ବାନ୍ଦା ଶିଖ୍‌ମାନଙ୍କୁ ସଂଗଠିତ କରିଥିଲେ । ଫୌଜଦାର ୱାଜିର ଖାଁଙ୍କୁ ପରାସ୍ତ କରି ସେ ସିରହିନ୍ଦ୍ ଅଧିକାର କରିଥିଲେ । ସତଲେଜ୍ ଓ ଯମୁନାର

ମଧ୍ୟବର୍ତ୍ତୀ ଅଞ୍ଚଳଗୁଡ଼ିକ ତାଙ୍କର ନିୟନ୍ତ୍ରଣାଧୀନ ହୋଇଥିଲା । ୧୭୧୫ ଖ୍ରୀଷ୍ଟାବ୍ଦରେ ମୋଗଲମାନେ ତାଙ୍କୁ ଦମନ କରି ହସ୍ତୀପଦତଳେ ଚପେଇ ହତ୍ୟା କରିଥିଲେ । ଏହାଦ୍ୱାରା ଶିଖ୍‌ମାନଙ୍କର ସାମରିକ କ୍ଷମତା ଲୋପ ପାଇନଥିଲା । ସେମାନେ କପୁର ସିଂହଙ୍କ ନେତୃତ୍ୱରେ ସଂଗଠିତ ହୋଇ ଏହାକୁ 'ଦଳ ଖାଲସା' ନାମରେ ପରିଚିତ କରିଥିଲେ । ନାଦିର ଓ ଅବଦାଲୀଙ୍କ ଭାରତ ଆକ୍ରମଣ ସମୟରେ ସେମାନେ କ୍ଷମତା ବୃଦ୍ଧି କରିଥିଲେ । ତୃତୀୟ ପାନିପଥ ଯୁଦ୍ଧ ସମୟରେ ସେମାନେ ନିଜକୁ ଶକ୍ତିଶାଳୀ ଓ ସୁସଂଗଠିତ କରିପାରିଥିଲେ ।

ଜାଠ :

ଅଷ୍ଟାଦଶ ଶତାବ୍ଦୀର ଅର୍ଦ୍ଧ ପର୍ଯ୍ୟନ୍ତ କୌଣସି ଜାଠରାଜ୍ୟ ବା ଜାଠରାଜା ନଥିଲେ । ଜାଠଜାତି ଏକ ରାଜନୈତିକ ଶକ୍ତିରୂପେ ସଂଗଠିତ ହୋଇନଥିଲେ । କେବଳ ରହିଥିଲେ ଗ୍ରାମର ମୁଖିଆମାନେ । ରାଜାରାମ, ଭଜ୍ଜ ଓ ଚୁରାମନ ପ୍ରଭୃତି ଗାଁ ମୁଖିଆମାନେ ଦିଲ୍ଲୀ ଓ ଆଗ୍ରାର ଆଖପାଖ ଅଞ୍ଚଳରେ ଲୁଣ୍ଠନ କାର୍ଯ୍ୟ ଚଳାଇ ଶକ୍ତିବୃଦ୍ଧି କରୁଥିଲେ; କିନ୍ତୁ ଜାଠ ଅଞ୍ଚଳଗୁଡ଼ିକ ଇତସ୍ତତ ଭାବରେ ରହିଥିଲା । ବଦନ ସିଂହ ଜାଠମାନଙ୍କୁ ଏକତ୍ରିତ କରି ଏକ ଶକ୍ତିରେ ପରିଣତ କରିଥିଲେ । ସେ ସମଗ୍ର ଆଗ୍ରା ଓ ମୁତ୍ରା ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇଥିଲେ । ୧୭୫୬ ଖ୍ରୀଷ୍ଟାବ୍ଦରେ ବଦନ ସିଂହଙ୍କ ମୃତ୍ୟୁପରେ ତାଙ୍କର ପୋଷ୍ୟପୁତ୍ର ସୂରଜମଲ ମଧ୍ୟ ପ୍ରଭାବଶାଳୀ ଥିଲେ । ତାଙ୍କୁ କୁହାଯାଉଥିଲା- 'ଜାଠ ଜାତିର ପ୍ଲାଟୋ' । ସେ ମଧ୍ୟ ଆଗ୍ରା, ଧୋଲପୁର, ହାଥ୍ରା, ଆଲିଗଡ଼, ଇଟାୱା, ମିରଟ, ରୋହଟାକ ପ୍ରଭୃତି ଅଞ୍ଚଳ ଉପରେ କର୍ତ୍ତୃତ୍ୱ ବିସ୍ତାର କରିପାରିଥିଲେ । ସୂରଜଙ୍କ ଦ୍ୱାରା ସଂଗଠିତ ଜାଠଜାତି ଏହିପରି ମୋଗଲ ସାମ୍ରାଜ୍ୟ ପତନରେ ସାହାଯ୍ୟ କରିଥିଲା ।

ମରହଟ୍ଟା :

ମରହଟ୍ଟା ଜାତି ଥିଲା ଏକ ଦୁର୍ବାର ଶକ୍ତି । ସେମାନଙ୍କ ଚରିତ୍ର ବୁଝିବାରେ ଆଉରଙ୍ଗଜେବ ଅକ୍ଷମ ଥିଲେ । ଆଉରଙ୍ଗଜେବ ଆଗ୍ରାଠାରେ ଶିବାଜୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ତେଣୁ ଶିବାଜୀଙ୍କ ବିଶ୍ୱାସ ଆଉରଙ୍ଗଜେବଙ୍କ ଉପରୁ ତୁଟିଯାଇଥିଲା । କୌଶଳରେ ସେ ଦାକ୍ଷିଣାତ୍ୟ ପଳାଇ ଆସି ମୋଗଲମାନଙ୍କ ବିରୁଦ୍ଧରେ ସୈନ୍ୟସଜ୍ଜା କରିଥିଲେ । ମରହଟ୍ଟାମାନଙ୍କର ଗରିଲା ଯୁଦ୍ଧ ମଧ୍ୟ ଆଉରଙ୍ଗଜେବଙ୍କ ମନରେ ଭିତି ସଞ୍ଚାର କରିଥିଲା । ତେଣୁ ସେମାନଙ୍କୁ ଦମନ କରିବା ପାଇଁ ଆଉରଙ୍ଗଜେବଙ୍କୁ ଦାକ୍ଷିଣାତ୍ୟ ଆସିବାକୁ ପଡ଼ିଥିଲା । ସେ ମଧ୍ୟ ଶିବାଜୀଙ୍କ ପୁତ୍ର ଶମ୍ଭୁଜୀଙ୍କୁ ପରାସ୍ତ ଓ ନିହତ କରିଥିଲେ । ଉତ୍ତର ଭାରତରେ ଶାସନ ବୋଲି କିଛି ରହିନଥିଲା, ମୋଗଲ ସାମ୍ରାଜ୍ୟ ସାରା ଅରାଜକତା ବ୍ୟାପି ଯାଇଥିଲା । ଏହାର ସୁଯୋଗ ନେଇ ପେଶବା ବାଜୀରାଓ ଉତ୍ତରରେ ମରହଟ୍ଟା ଶକ୍ତି ବୃଦ୍ଧି କରିଥିଲେ ଓ ଏକ ବିଶାଳ ରାଜ୍ୟ ଗଠନ କରିଥିଲେ । ସତୀଶ ଚନ୍ଦ୍ରଙ୍କ ଭାଷାରେ, ''ମରହଟ୍ଟାମାନଙ୍କର ଉତ୍ତର ଭାରତକୁ ଗମନ ସାମ୍ରାଜ୍ୟର୍ ଭିତିରି ସମସ୍ୟା ବୃଦ୍ଧି କରିଥିଲା ଏବଂ ଏହାର ଆଭ୍ୟନ୍ତରୀଣ କ୍ଷୟକୁ ତ୍ୱରାନ୍ୱିତ କରିଥିଲା ।''

ବାହାଦୁର ଶାହ ମଧ୍ୟ ମରହଟ୍ଟା-ମୋଗଲ ସମସ୍ୟା ସମାଧାନ କରିପାରିନଥିଲେ। ସେ ଜୁଲଫିକର ଖାଁଙ୍କୁ ଦାକ୍ଷିଣାତ୍ୟର ମୀରବକ୍‌ଶି ଓ ଗଭର୍ଣ୍ଣର ପଦରେ ନିଯୁକ୍ତ କରିଥିଲେ। ଏହାଥିଲା ଏକ ତ୍ରୁଟିପୂର୍ଣ୍ଣ ପଦକ୍ଷେପ । ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଏହି ଦୁଇଟି ପଦବୀ ମିଳୁନଥିଲା। ତେଣୁ ଜୁଲଫିକର ଓ ତାଙ୍କର ଉତ୍ତରାଧିକାରୀମାନେ ଦାକ୍ଷିଣାତ୍ୟରେ ସ୍ୱାଧୀନଭାବରେ ଶାସନ କରିବାକୁ ଚାହିଁଥିଲେ ।

ଅବଦାଲୀଙ୍କ ପ୍ରସ୍ଥାନ ପରେ ରଘୁନାଥ ରାୟଙ୍କ ନେତୃତ୍ୱରେ ମରହଟ୍ଟାମାନେ ଏକ ଶକ୍ତିଶାଳୀ ସୈନ୍ୟଦଳ ଗଠନ କରିଥିଲେ । ସେମାନଙ୍କର ସମ୍ମୁଖୀନ ହୋଇ ନ ପାରି ନାଜିବୁଦ୍ଦୀନ ରୋହିଲାଖଣ୍ଡକୁ ପଳାଇ ଯାଇଥିଲେ । ମରହଟ୍ଟାମାନେ ପଞ୍ଜାବ ଅଧିକାର କରିଥିଲେ ଓ ଏହାର ଶାସନକର୍ତ୍ତା ତୈମୁରଙ୍କୁ ପଳାଇ ଯିବାପାଇଁ ବାଧ୍ୟ କରିଥିଲେ । ପଞ୍ଜାବ ସେମାନଙ୍କ ଅଧିକାରକୁ ଆସିଥିଲା । ଫଳରେ ମରହଟ୍ଟାମାନଙ୍କ ଦ୍ୱାରା ମୋଗଲ ସାମ୍ରାଜ୍ୟ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇଯାଇଥିଲା ।

ଏହିପରି ଭାବରେ ହିନ୍ଦୁଜାତିଗୁଡ଼ିକର ପୁନରୁତ୍ଥାନ ହୋଇଥିଲା ଏବଂ ସେମାନଙ୍କର ସାମରିକ ମୂଲ୍ୟବୋଧ ଓ ମୋଗଲ ବିରୋଧୀ ମନୋଭାବ ମୋଗଲ ସାମ୍ରାଜ୍ୟ ଉପରେ କୁଠାରାଘାତ କରୁଥିଲା । ଯଦୁନାଥ ସରକାର ଲେଖିଛନ୍ତି, ''ହିନ୍ଦୁମାନେ ପରବର୍ତ୍ତୀ ମୋଗଲମାନଙ୍କର ଅନୁରକ୍ତ କରଦରାଜା ହେବାକୁ କେବଳ ବନ୍ଦ କରିନଥିଲେ; କିନ୍ତୁ ପ୍ରକାଶ୍ୟ ଭାବରେ ଶତ୍ରୁ ହୋଇଗଲେ, ଯେଉଁମାନଙ୍କ ବିରୁଦ୍ଧରେ ବିଦେଶୀ ଆକ୍ରମଣର ବିପଦକାଳରେ ମଧ୍ୟ ସମ୍ରାଟଙ୍କୁ ବୃହତ୍ ସୈନ୍ୟଦଳ ପଠାଇବାକୁ ପଡ଼ିଥିଲା ।''

ପରବର୍ତ୍ତୀ ମୋଗଲ ସମ୍ରାଟମାନେ ହେଲେ ଦୁର୍ବଳ ଓ ପରାକ୍ରମହୀନ; ସାମନ୍ତମାନେ ହେଲେ କ୍ଷମତାଲିପ୍‌ସୁ ଓ କୁଚକ୍ରୀ; ସୈନ୍ୟବାହିନୀ ତାଲିମ ପାଇଲେ ନାହିଁ, ଫଳରେ ହେଲେ ବିଶୃଙ୍ଖଳିତ; ସାମ୍ରାଜ୍ୟରୁ ଖଣ୍ଡେ ଖଣ୍ଡେ ରାଜ୍ୟ ବିଚ୍ଛିନ୍ନ ହୋଇ ନିଜ ନିଜକୁ ସ୍ୱାଧୀନ ଘୋଷଣା କଲେ; ହିନ୍ଦୁମାନଙ୍କର ରାଜନୈତିକ ଅଭ୍ୟୁତ୍‌ଥାନ ଘଟିଲା; ବୈଦେଶିକ ଆକ୍ରମଣକାରୀମାନେ ଭିତରୁ ବାହାରୁ ସାମ୍ରାଜ୍ୟର ଦୁର୍ଗକୁ ଆଘାତ କଲେ- ଏହିପରି ମୋଗଲ ସାମ୍ରାଜ୍ୟ ହୋଇଯାଇଥିଲା ଖଣ୍ଡ ବିଖଣ୍ଡିତ ଏବଂ ଆସିଥିଲା ଏହାର ପତନ ।

•

ନବମ ଅଧ୍ୟାୟ

ମରହଟ୍ଟାମାନଙ୍କର ଉତ୍‌ଥାନ : ଶିବାଜୀ-ଜୀବନର ଗତି ଓ ଶାସନ (Rise of Marathas : Shivaji-Career and Administration)

ଆଞ୍ଚଳିକ ଶକ୍ତିର ଅଭ୍ୟୁତ୍‌ଥାନ-ମରହଟ୍ଟା ଜାତି (Rise of Regional Power-Marathas)

ମରହଟ୍ଟାଜାତିର ଉତ୍‌ଥାନ ଭାରତ ଇତିହାସରେ ଏକ ପ୍ରସିଦ୍ଧ ଘଟଣା । ସାତପୁରା ପର୍ବତର ଦକ୍ଷିଣରେ ଓ ପଶ୍ଚିମ ଘାଟ ପର୍ବତର ପୂର୍ବରେ ଥିଲା ଏକ ରାଜ୍ୟ, ଯାହାର ବାସିନ୍ଦାମାନଙ୍କୁ ମରହଟ୍ଟା କୁହାଯାଉଥିଲା । ଆଧୁନିକ ମହାରାଷ୍ଟ୍ର ହେଉଛି ସେହି ରାଜ୍ୟ । ମହାରାଷ୍ଟ୍ରର ଥିଲା ଏକ ସ୍ୱତନ୍ତ୍ର ଭୌଗୋଳିକ ଅବସ୍ଥିତି । ଏ ଅଞ୍ଚଳର ଲୋକମାନେ ଥିଲେ ଗରିବ, କୃଷି ଥିଲା ସେମାନଙ୍କର ମୁଖ୍ୟ ଜୀବିକା । ସେମାନଙ୍କ ମଧ୍ୟରେ ଥିଲେ କେତେକ ସମ୍ଭ୍ରାନ୍ତ ପରିବାରର ଲୋକ, ଯେଉଁମାନଙ୍କର ଜାଗିରି ଥିଲା ଓ ସେମାନେ ମୁସ୍‌ଲିମ୍ ଶାସକମାନଙ୍କ ଅଧୀନରେ ସେନାପତି ରୂପେ କାର୍ଯ୍ୟ କରୁଥିଲେ । ମରହଟ୍ଟାମାନଙ୍କର ଥିଲା ଏକ ସମଜାତୀୟ (Homogeneous) ସମାଜ, ଯାହାର ଥିଲା ଏକ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା, ଏକ ସାଧାରଣ ଧର୍ମ ଓ ସଂସ୍କୃତି ଏବଂ ଜୀବନ ପ୍ରତି ସମ ଦୃଷ୍ଟିକୋଣ । ତୁକାରାମ, ରାମଦାସ, ବାମନ, ଏକନାଥ ଓ ଅନ୍ୟ କେତେଜଣ ଏକ ଧର୍ମ ଓ ଏକ ସାମାଜିକତା ପ୍ରଚାର କରିଥିଲେ । ମରହଟ୍ଟାମାନେ ମଧ୍ୟ ଥିଲେ କଠୋର, କର୍ମନିପୁଣ ଓ ଆତ୍ମନିର୍ଭରଶୀଳ । ସେଠିକାର ନାରୀମାନେ ଥିଲେ ପୁରୁଷମାନଙ୍କର ଅନୁପୂରକ । ସେମାନେ ପୁରୁଷମାନଙ୍କଠାରେ ଶକ୍ତି ଓ ଦେଶପ୍ରେମ ଭାବ ଭରିଦେଉଥିଲେ । ମରହଟ୍ଟାମାନଙ୍କର ଅଭାବ ଥିଲା ଏକ ରାଜନୈତିକ ଶକ୍ତି ଓ ସ୍ୱାଧୀନତା, ଯାହା ସପ୍ତଦଶ ଶତାବ୍ଦୀରେ ସେମାନଙ୍କୁ ଶିବାଜୀ ଯୋଗାଇ ଦେଇଥିଲେ ।

ସାଧାରଣରେ ବିଶ୍ୱାସ କରାଯାଏ ଯେ ମରହଟ୍ଟା ଶକ୍ତିର ଅଭ୍ୟୁତ୍‌ଥାନ ଶିବାଜୀଙ୍କ ପାଇଁ ସମ୍ଭବ ହୋଇଥିଲା । ଏହା ମଧ୍ୟ ସତ୍ୟ ଯେ ମହାରାଷ୍ଟ୍ରର ଭୌଗୋଳିକ ଅବସ୍ଥା ମରହଟ୍ଟାଜାତିର ଉତ୍‌ଥାନ ନିମିତ୍ତ ଭିତ୍ତିସ୍ଥାପନ କରିଥିଲା । ଈଶ୍ୱରୀପ୍ରସାଦଙ୍କ ଭାଷାରେ, ''ଶିବାଜୀଙ୍କ ଉତ୍‌ଥାନ

ମହାରାଷ୍ଟ୍ର ଇତିହାସରେ ଏକ ବିସ୍ମୟକର ଘଟଣା ନୁହେଁ । ଶିବାଜୀ କ୍ଷମତାକୁ ଉତ୍‌ଥିତ ହେଲେ କେବଳ ପୂରା ସାହସ ଦ୍ୱାରା ନୁହେଁ, ମାତ୍ର ଭୌଗୋଳିକ ଅବସ୍ଥିତି ଯୋଗୁଁ, ସେହି ଅଞ୍ଚଳର ଲୋକମାନଙ୍କର ଏହାପ୍ରତି ବହୁଳ ଅବଦାନ ଥିଲା ।''

ଶିବାଜୀ (Shivaji) :

ମହାରାଷ୍ଟ୍ରର ପୁନା ଜିଲ୍ଲା ଅନ୍ତର୍ଗତ ଶିବନିର ଗିରି ଦୁର୍ଗରେ ୧୬୨୭ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୦ ତାରିଖରେ ଶିବାଜୀ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଶାହଜୀ ଭୌଁସଲା ଓ ମାତାଙ୍କ ନାମ ଜିଜାବାଈ ଥିଲା । ପ୍ରଥମେ ଶାହଜୀ ଅହମ୍ମଦନଗର ଓ ପରେ ବିଜାପୁର ସୁଲତାନଙ୍କ ଅଧୀନରେ କର୍ମଚାରୀ ରୂପେ ଯୋଗ ଦେଇଥିଲେ । ଶାହଜୀଙ୍କର ଦ୍ୱିତୀୟ ବିବାହ ହେବାରୁ ଜିଜାବାଈ ଶିବାଜୀଙ୍କୁ ନେଇ ପୁନା ଚାଲି ଆସିଥିଲେ, ସେଠାରେ ଦାଦାଜୀ କୋଣ୍ଡଦେବ ନାମକ ପୁନାର ଜଣେ ଦକ୍ଷ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଶିବାଜୀଙ୍କ ବାଲ୍ୟଜୀବନ ଅତିବାହିତ ହୋଇଥିଲା । ପିଲାଦିନେ ଶିବାଜୀଙ୍କୁ ଜିଜାବାଈ ହିନ୍ଦୁ ବୀରମାନଙ୍କର ବୀରତ୍ୱ କାହାଣୀ ଶୁଣାଇ ପ୍ରଭାବିତ କରିଥିଲେ । ପାଠ ପଢ଼ିଲେଖି ଜାଣିନଥିଲେ ମଧ୍ୟ ରାମାୟଣ ଓ ମହାଭାରତର କାହାଣୀଗୁଡ଼ିକ ଶ୍ରଦ୍ଧାରେ ଶ୍ରବଣକରି ସେ ମନେରଖିଥିଲେ । ରାଣାଡେ କହିଛନ୍ତି ଯଦି ଜଣକ ବ୍ୟକ୍ତିତ୍ୱର ବିକାଶ ଦିଗରେ ନିଜ ମାତାଙ୍କର ପ୍ରେରଣା ଦାୟୀ ହୋଇଥାଏ, ତା'ହେଲେ ଶିବାଜୀଙ୍କର ଜୀବନ ଗଠନ ଦିଗରେ ମାତା ଜିଜାବାଈଙ୍କ ପ୍ରେରଣା ଥିଲା ସବୁଠୁଁ ତାତ୍ପର୍ଯ୍ୟପୂର୍ଣ୍ଣ । ଦାଦାଜୀ ଶିବାଜୀଙ୍କୁ ଅଶ୍ୱାରୋହଣ ଓ ଯୁଦ୍ଧବିଦ୍ୟା ଶିକ୍ଷା ଦେଇଥିଲେ । ଗୁରୁ ରାମଦାସ ହିନ୍ଦୁଧର୍ମର ପୁନରୁତ୍‌ଥାନ ପାଇଁ ତାଙ୍କଠାରେ ଜାତୀୟତାଭାବ ଜନ୍ମାଇଥିଲେ । ମାୱାଲୀ ନାମକ ଏକ ପାହାଡ଼ିଆ ଜାତିର ଲୋକମାନଙ୍କ ସଂସ୍ପର୍ଶରେ ଆସି ଶିବାଜୀଙ୍କ ସାମରିକ ଜୀବନ ଅଧିକ ଦୀପ୍ତିମନ୍ତ ହୋଇଥିଲା । ଶିବାଜୀଙ୍କୁ ୧୨ ବର୍ଷ ହୋଇଥିବା ସମୟରେ ଶାହଜୀ ତାଙ୍କୁ ପୁନା ଜାଗିରି ଦେଖାଶୁଣା କରିବାର ଦାୟିତ୍ୱ ଅର୍ପଣ କରିଥିଲେ । ୧୬୪୧ ଖ୍ରୀଷ୍ଟାବ୍ଦରେ ସାଇବାଈଙ୍କ ସହିତ ତାଙ୍କର ବିବାହ ହୋଇଥିଲା ।

ଯୁଦ୍ଧ ଓ ରାଜ୍ୟ ଗଠନ (Conquest and kingdom making) :

ମାୱାଲୀ ଓ ମରହଟ୍ଟାମାନଙ୍କୁ ନେଇ ଶିବାଜୀ ଏକ ସୈନ୍ୟଦଳ ଗଠନ କରିଥିଲେ । ସେମାନଙ୍କୁ ଉଦ୍‌ବୋଧନ ଦେଇ ସେ କହୁଥିଲେ, ''ଆମ୍ଭେମାନେ ହିନ୍ଦୁ, ଏହି ସମଗ୍ର ଦେଶ ଆମର; ମାତ୍ର ଏହା ମୁସଲମାନ୍‌ମାନଙ୍କ ଦ୍ୱାରା ଅଧିକୃତ । ସେମାନଙ୍କ ହସ୍ତରୁ ହିନ୍ଦୁରାଜ୍ୟକୁ ମୁକ୍ତ କରିବା ଗୋଟିଏ ବିଦ୍ରୋହ ନୁହଁ, ବରଂ ମାତୃଭୂମି ପ୍ରତି ଗୋଟିଏ ପବିତ୍ର କର୍ତ୍ତବ୍ୟ ।''

୧୬୪୬ ଖ୍ରୀଷ୍ଟାବ୍ଦରେ ବିଜାପୁରରେ ଅରାଜକତା ରାଜତ୍ୱ କରୁଥିଲା । ସମଗ୍ର ବିଜାପୁର ସାମ୍ରାଜ୍ୟ ଥିଲା ନିରାପତ୍ତା ବଳୟର ବହିର୍ଦ୍ଦେଶରେ । ପ୍ରଥମେ ଶିବାଜୀ ତୋର୍ଣ୍ଣା ଦୁର୍ଗ ଆକ୍ରମଣ କରି ସେଠାରୁ ଦୁଇ ଲକ୍ଷ ହୁଣ (Hun) ଲାଭ କରିଥିଲେ । ସେହି ସମ୍ପତ୍ତିରେ ତୋର୍ଣ୍ଣା ଦୁର୍ଗର ପାଞ୍ଚ ମାଇଲ ପୂର୍ବରେ ସେ ନିର୍ମାଣ କରିଥିଲେ ରାୟଗଡ଼ ଦୁର୍ଗ । ସେ ମଧ ଚାକନ ଓ କୋଣ୍ଡନାଦୁର୍ଗ

ଅଧିକାର କରିଥିଲେ । ଏଥିରେ ବିରକ୍ତି ପ୍ରକାଶ କରି ବିଜାପୁରର ସୁଲତାନ ଶିବାଜୀଙ୍କ ପିତା ଶାହଜୀଙ୍କୁ ବନ୍ଦୀ କରିଥିଲେ । ପିତାଙ୍କର ଉଦ୍ଧାର ନିମିତ୍ତ ଶିବାଜୀ ତାଙ୍କ ଉପରେ କୂଟନୀତିକ ଚାପ ପକାଇଥିଲେ ମଧ ସେ ସଫଳ ହେଲେ ନାହିଁ; ଶେଷରେ ପିତାଙ୍କର ମୁକ୍ତି ପାଇଁ ତାଙ୍କୁ ବିଜାପୁରର ବିଜିତ ଅଞ୍ଚଳଗୁଡ଼ିକ ଫେରାଇବାକୁ ପଡ଼ିଥିଲା । ୧୮୪୭ ଖ୍ରୀଷ୍ଟାବ୍ଦରେ ଦାଦାଜୀଙ୍କ ମୃତ୍ୟୁ ହେଲା; ସେହିଦିନଠାରୁ ଶିବାଜୀ ହେଲେ ନିଜର ଭାଗ୍ୟ ବିଧାତା ।

ଜାବଲୀ ଅଧିକାର (Capture of Javli)

ଜାବଲୀର ଅବସ୍ଥିତି ଥିଲା ସାତାରା ଜିଲ୍ଲାର ଉତ୍ତର-ପଶ୍ଚିମ କୋଣରେ, ଏହାର ଜମିଦାରୀ ଚନ୍ଦ୍ର ରାଓଙ୍କ ଅଧୀନରେ ଥିଲା । ଚନ୍ଦ୍ର ରାଓ ସେହି ଅଞ୍ଚଳର ବିଜାପୁର ଶାସନକର୍ତ୍ତାଙ୍କ ସହିତ ଏକ ଶିବାଜୀ ବିରୋଧୀ ମେଣ୍ଟ ଗଢ଼ି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ତାଙ୍କ ସାମ୍ରାଜ୍ୟ ବିସ୍ତାରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ । ତେଣୁ ଚନ୍ଦ୍ର ରାଓଙ୍କୁ ହତ୍ୟାକରି ୧୬୫୬ ଖ୍ରୀଷ୍ଟାବ୍ଦରେ ଶିବାଜୀ ଜାବଲୀ ଅଧିକାର କରିଥିଲେ । ସରକାର କହିଛନ୍ତି, ଶିବାଜୀଙ୍କ ପକ୍ଷରେ ସ୍ୱେଚ୍ଛାକୃତ ହତ୍ୟା ଓ ସଙ୍ଗଠିତ ରାଜଦ୍ରୋହର ପରିଣାମ ଥିଲା ଜାବଲୀ ବିଜୟ । ଏହି ବିଜୟ ଦ୍ୱାରା ଶିବାଜୀ ନିଜ ରାଜ୍ୟର ସୀମା କୋହ୍ଲାପୁର ପର୍ଯ୍ୟନ୍ତ ବୃଦ୍ଧି କରିବାରେ ସୁଯୋଗ ପାଇଥିଲେ । ବହୁ ଧନସମ୍ପତ୍ତି ମଧ ଶିବାଜୀଙ୍କର ଅଧିକାରକୁ ଆସିଥିଲା । ଜାବଲୀ ମଧ ଥିଲା ସୈନ୍ୟ ସଂଗ୍ରହପାଇଁ ଉପଯୁକ୍ତ କ୍ଷେତ୍ର ।

ମୋଗଲ ଓ ବିଜାପୁର ସହିତ ସମ୍ପର୍କ (Mughal and Bijapur Relation) :

ବିଜାପୁରର ସୁଲତାନଙ୍କର ୧୬୫୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ଆଦିଲ ଶାହା ହେଲେ ବିଜାପୁର ଶାସକ । ସେତେବେଳେ ଦାକ୍ଷିଣାତ୍ୟରେ ଆଉରଙ୍ଗଜେବ ଥିଲେ ଶାସନକର୍ତ୍ତା । ଶିବାଜୀ ତାଙ୍କୁ ପ୍ରସ୍ତାବ ଦେଲେ ଯେ ବିଜାପୁରର ସେ ଅଧିକାର କରିଥିବା ସମସ୍ତ ଅଞ୍ଚଳ ଓ ଦୁର୍ଗ ଯଦି ଆଉରଙ୍ଗଜେବ ଆଇନସମ୍ମତ ବୋଲି ଗ୍ରହଣ କରନ୍ତି ତେବେ ଶିବାଜୀ ତାଙ୍କୁ ସମର୍ଥନ କରିବେ; କିନ୍ତୁ ଏ ବିଷୟରେ ଆଉରଙ୍ଗଜେବ ଚୁପ୍ ରହିବାରୁ ଶିବାଜୀ ମୋଗଲ ସାମ୍ରାଜ୍ୟର ଜୁନ୍ନାର ଓ ଅହମ୍ମଦନଗର ଆକ୍ରମଣ ଓ ଲୁଣ୍ଠନ କଲେ । ଜୁନ୍ନାରରୁ ସେ ପ୍ରାୟ ୩ ଲକ୍ଷ ହୁଣ ସଂଗ୍ରହ କରିଥିଲେ । ଏହି ସମୟରେ ମୋଗଲମାନଙ୍କ ବିରୁଦ୍ଧରେ ଶିବାଜୀ ବିଜାପୁର ସୁଲତାନଙ୍କ ସମର୍ଥନ ଲାଭ କରିଥିଲେ । ତେଣୁ ଆଉରଙ୍ଗଜେବ ଶିବାଜୀଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କରିଥିଲେ । ବିଜାପୁରର ସୁଲତାନ ମୋଗଲମାନଙ୍କ ସହିତ ସନ୍ଧି କରିଥିବାରୁ ଶିବାଜୀ ମଧ ଆତ୍ମସମର୍ପଣ କଲେ ।

କୋନକାନ ଅଧିକାର (Conquest of Konkan)

ଆଧୁନିକ ଥାନେ ଓ କୋଲାବ ଜିଲ୍ଲାମାନଙ୍କୁ ନେଇ ଗଠିତ ହୋଇଥିଲା କୋନକାନ । ଶିବାଜୀ ସହଜରେ ଭିବାଣ୍ଡୀ ଓ କଲ୍ୟାଣ ଅଧିକାର କରିଥିଲେ । ସେ ଉତ୍ତର କୋନକାନ

ଉପରେ ପ୍ରାଧାନ୍ୟ ବିସ୍ତାର କରି ସେଠାରେ ଏକ ସ୍ଥାୟୀ ଶାସନ ପ୍ରତିଷ୍ଠା କରିଥିଲେ । ତାଙ୍କର ସୈନ୍ୟମାନେ ପର୍ତ୍ତୁଗୀଜ୍ ଅଧିକୃତ ଦାମନ ଉପରେ ଲୁଣ୍ଠନ କାର୍ଯ୍ୟ ଚଳାଇଲେ । ପର୍ତ୍ତୁଗୀଜ୍‌ମାନେ ମଧ୍ୟ ମରହଟ୍ଟାମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ ଓ ବାର୍ଷିକ କର ଦେବାକୁ ରାଜି ହୋଇଥିଲେ ।

ଆଫଜଲ ଖାଁ ଉପାଖ୍ୟାନ (Afzal Khan episode) :

ଆଉରଙ୍ଗଜେବ ଦାକ୍ଷିଣାତ୍ୟରୁ ଫେରିଯିବା ପରେ ବିଜାପୁର ସୁଲତାନ ଶିବାଜୀଙ୍କର ପରାକ୍ରମ ଓ ପ୍ରଭାବ ଚୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଶିବାଜୀଙ୍କୁ ଦମନ କରିବା ପାଇଁ ସେ ଆଫଜଲ ଖାଁଙ୍କୁ ପ୍ରେରଣ କରିଥିଲେ । ତାଙ୍କର ଦୃଢ଼ୋକ୍ତି ଥିଲା, ‘‘ଅଶ୍ୱପୃଷ୍ଠରୁ ଅବତରଣ ନ କରି ମୁଁ ଶିବାଜୀଙ୍କୁ ବନ୍ଦି କରିବି ।’’ ସେ ୧୬୫୯ ଖ୍ରୀଷ୍ଟାବ୍ଦରେ ଏକ ସୈନ୍ୟଦଳ ସହ ଅଭିଯାନ ଆରମ୍ଭ କରିଥିଲେ ଏବଂ ମାୱାଲ ଅଞ୍ଚଳର ମରହଟ୍ଟା କର୍ମଚାରୀ ଓ ଦେଶମୁଖମାନଙ୍କୁ ପ୍ରଲୋଭିତ କରି ନିଜର ପକ୍ଷଭୁକ୍ତ କରିବାକୁ ଚେଷ୍ଟା କରିଥିଲେ । ଆଫଜଲ ପନ୍ଧାରପୁରଠାରେ ପହଞ୍ଚିଥିଲେ । ସେ ବିଥୋବାଠାରେ ଅନେକ ହିନ୍ଦୁମନ୍ଦିର ଭାଙ୍ଗିଦେଇଥିଲେ । ଆଫଜଲ ଖାଁ ମହାରାଷ୍ଟ୍ରର ପାର୍ବତ୍ୟପୂର୍ଣ୍ଣ ଅଞ୍ଚଳରେ ମରହଟ୍ଟାମାନଙ୍କର ସମ୍ମୁଖୀନ ହୋଇପାରିନଥିଲେ । ଶିବାଜୀ ପ୍ରତାପଗଡ଼ ଦୁର୍ଗରେ ଆଶ୍ରୟ ନେଇଥିଲେ । ଶିବାଜୀଙ୍କୁ ପ୍ରତ୍ୟକ୍ଷ ଯୁଦ୍ଧରେ ସମ୍ମୁଖୀନ ହୋଇନପାରି ଆଫଜଲ କୂଟନୀତି ଗ୍ରହଣ କରିଥିଲେ । ସେ ଯେ ଶିବାଜୀଙ୍କ ସହିତ ସନ୍ଧି କରିବାକୁ ଇଚ୍ଛା କରୁଛନ୍ତି, ଏପରି ପ୍ରସ୍ତାବ କ୍ରିଷ୍ଣାଜୀ ଭାସ୍କରଙ୍କ ମାଧ୍ୟମରେ ଆଫଜଲ ପଠାଇଲେ । ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ଶିବାଜୀଙ୍କୁ ପାଖରେ ପାଇଲେ ସେ ତାଙ୍କୁ ହତ୍ୟା କରିବେ । ଶିବାଜୀ ମଧ୍ୟ ତାଙ୍କ ପ୍ରତି ଅନୁରୂପ ଆଚରଣ ଦେଖାଇବା ନିମନ୍ତେ ଚିନ୍ତା କରିଥିଲେ । ଶିବାଜୀ ପ୍ରସ୍ତାବ ଦେଲେ ଯେ ସେ ପ୍ରତାପଗଡ଼ର ଦକ୍ଷିଣକୁ ଏକ ମାଇଲ ଦୂର ପାର (Par) ଗ୍ରାମରେ ଆଫଜଲଙ୍କୁ ସାକ୍ଷାତ କରିବେ । ଶିବାଜୀ ସେଠାରେ ବର୍ଚ୍ଛାଧାରୀ ସୈନିକମାନଙ୍କୁ ଗୁପ୍ତରେ ରଖିଥିଲେ । ନିଜେ ମଧ୍ୟ ସାଞ୍ଜୁ ଓ ଲୌହ ଟୋପି ପିନ୍ଧିଲେ । ଏକ ପଗଡ଼ି ସାହାଯ୍ୟରେ ସେ ଲୌହଟୋପିକୁ ଲୁଚାଇ ରଖିଥିଲେ । ପୁଣି ଆତ୍ମରକ୍ଷା ପାଇଁ ସେ ସାଙ୍ଗରେ ନେଇ ଯାଇଥିଲେ ବାଘନଖ (Baghnakh) ଓ ବିଛୁଓ୍ୱା (Bichhwa) । ଆଫଜଲ ଶିବାଜୀଙ୍କୁ ଆଲିଙ୍ଗନ କରି ଏକ ଛୁରୀ ଦ୍ୱାରା ହତ୍ୟା କରିବାକୁ ଚେଷ୍ଟା କରିବା ସମୟରେ ସେ ବାଘନଖ ଓ ବିଛୁଓ୍ୱା ସାହାଯ୍ୟରେ ତାଙ୍କୁ କ୍ଷତବିକ୍ଷତ କରି ଦେଇଥିଲେ ଓ ଶିବାଜୀଙ୍କ ଦେହରକ୍ଷୀମାନେ ଆଫଜଲଙ୍କୁ ହତ୍ୟା କରିଥିଲେ । ଅପର ପକ୍ଷରେ ଆଫଜଲଙ୍କ ରକ୍ଷୀ ଶିବାଜୀଙ୍କ ମୁଣ୍ଡରେ ଖଣ୍ଡାରେ ଏକ ଚୋଟ ବସାଇଥିଲେ ମଧ୍ୟ ଲୌହଟୋପି ପିନ୍ଧିଥିବାରୁ ତାଙ୍କର କ୍ଷତି ହୋଇନଥିଲା । ଏହି ଘଟଣା ଘଟିଥିଲା ୧୬୫୯ ଖ୍ରୀଷ୍ଟାବ୍ଦ ନଭେମ୍ବର ୨ ତାରିଖ ଦିନ । ଓ୍ୱାଜିର ନିଜାମ-ଉଲ୍-ମୁଲକ ଲେଖିଛନ୍ତି, ‘‘.... ଖାଁ ଏକ ବୀର ବୋଲି ଗର୍ବରେ ଉନ୍ମତ୍ତ ହୋଇଯାଇଥିଲେ .... କଠୋର ଭାବରେ ଆଲିଙ୍ଗନ କରି ଶିବାଜୀଙ୍କୁ ଜାବୁଡ଼ି ଧରିଲେ ଏବଂ ତାଙ୍କର କଟିବନ୍ଧ ଛୁରାରେ ତାଙ୍କୁ ଆଘାତ କଲେ ।’’

ବୁଦା ମଧ୍ୟରୁ ମରହଟ୍ଟା ସୈନ୍ୟମାନେ ଆତ୍ମପ୍ରକାଶ କରି ବିଜାପୁରୀ ସୈନ୍ୟମାନଙ୍କ ଉପରେ ଆକ୍ରମଣ କଲେ ଓ ସେମାନଙ୍କୁ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ବହୁପରିମାଣରେ ଅସ୍ତ୍ରଶସ୍ତ୍ର, ହସ୍ତୀ, ଅର୍ଥ ଓ ଅଳଙ୍କାର ଶିବାଜୀଙ୍କର ହସ୍ତଗତ ହୋଇଥିଲା ।

ପାନହାଲା ଓ ଚାକନ୍ ଦୁର୍ଗ ପତନ (Loss of Panhala and Chakan) :

ଅତି ଉତ୍ସାହର ସହିତ ବିଜୟୀ ମରହଟ୍ଟା ସୈନ୍ୟମାନେ କୋହ୍ଲାପୁର ଆକ୍ରମଣ କଲେ ଓ ପାନହାଲା ଦୁର୍ଗ ଅବରୋଧ କରିଥିଲେ । ବିଜାପୁରର ସୁଲତାନ ମରହଟ୍ଟାମାନଙ୍କ ବିରୋଧରେ ସିଦୀ ଜୌହରଙ୍କୁ ପଠାଇଥିଲେ । ତାଙ୍କ ସାଥୀରେ ଯାଇଥିଲେ ଆଫଜଲ ଖାଁଙ୍କ ପୁତ୍ର ଫାଜଲ ଖାଁ । ଶିବାଜୀ ଖୁବ୍ ଚାଲାକିର ସହିତ ସିଦୀଙ୍କୁ ନିଜ ପକ୍ଷଭୁକ୍ତ କରିଥିଲେ; ମାତ୍ର ତାଙ୍କର ଶତ୍ରୁ ଫାଜଲ ଏକାକୀ ଦୁର୍ଗ ଅଧିକାର କରିବାକୁ ଚେଷ୍ଟା କରିଥିଲେ । ଯେତେବେଳେ ଶିବାଜୀ ଦେଖିଲେ ଦୁର୍ଗ ପତନ ଅବଶ୍ୟମ୍ଭାବୀ ସେ ବିଶାଳଗଡ଼ ପଳାୟନ କଲେ । ୧୬୬୦ ଅକ୍ଟୋବର ୨ ତାରିଖ ଦିନ ପାନହାଲା ଦୁର୍ଗର ପତନ ଘଟିଥିଲା । ସେ ମଧ୍ୟ ଚାକନ୍ ଦୁର୍ଗ ହରାଇଥିଲେ ।

ଶାୟସ୍ତ ଖାଁ (Shayista Khan)

ସମ୍ରାଟ ହେବାପରେ ଆଉରଙ୍ଗଜେବ ଶାୟସ୍ତ ଖାଁଙ୍କୁ ଦାକ୍ଷିଣାତ୍ୟର ଶାସନକର୍ତ୍ତା ରୂପେ ନିଯୁକ୍ତି ଦେଇଥିଲେ । ଶିବାଜୀଙ୍କୁ ଦମନ କରିବା ନିମିତ୍ତ ତାଙ୍କୁ ଆଦେଶ ଦିଆଯାଇଥିଲା । ସେ ୧୬୬୦ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଅହମ୍ମଦନଗର ଯାତ୍ରା ଆରମ୍ଭ କରିଥିଲେ ଓ ପୁନା ପଥରେ ସମସ୍ତ ସହର ଜୟ କଲେ । ଏହାପରେ ସେ ଚାକନ୍ ଦୁର୍ଗ ଅଧିକାର କଲେ ଓ କଲ୍ୟାଣ ଜିଲ୍ଲାରୁ ମରହଟ୍ଟାମାନଙ୍କୁ ବହିଷ୍କାର କରିଥିଲେ । ଶିବାଜୀ ମଧ୍ୟ ଅନୁରୂପ ଦକ୍ଷତାସମ୍ପନ୍ନ ଥିଲେ । ସେ ଖୁବ୍ ଶୀଘ୍ର ମୋଗଲମାନଙ୍କଠାରୁ କୋନକାନ, କୋଲାବ ଓ ରତ୍ନଗିରି ପୁନଃ ଅଧିକାର କରିଥିଲେ । ତା'ପରେ ସେ ଅଧିକାର କରିଥିଲେ ପାଲ୍ଲି-ଓ୍ୱାନା । ମରହଟ୍ଟାମାନେ ମଧ୍ୟ ଶ୍ରୀଙ୍ଗାରପୁର ଅଧିକାର କଲେ, ଯାହାର ରାଜା ସୂର୍ଯ୍ୟ ରାଓ ଭୟଭୀତ ହୋଇ ପଳାୟନ କରିଥିଲେ ।

ଶାୟସ୍ତ ଖାଁ ପୁନାକୁ ଫେରି ଲାଲମହଲଠାରେ ଆଶ୍ରୟ ନେଇଥିଲେ । ତାଙ୍କ ବିରୁଦ୍ଧରେ ରାତ୍ରକାଳରେ ଏକ ଅଭିଯାନ ଚଳାଇବାକୁ ଶିବାଜୀ ଯୋଜନା କରିଥିଲେ । ସେଥିପାଇଁ ସେ ୪୦୦ ବିଶ୍ୱସ୍ତ ଯୋଦ୍ଧାଙ୍କୁ ଧରି ଶାୟସ୍ତ ଖାଁଙ୍କ ଶୟନ କକ୍ଷରେ ପ୍ରବେଶ କଲେ ଓ ଅତର୍କିତ ଭାବରେ ତାଙ୍କ ଉପରେ ଆକ୍ରମଣ କରିଥିଲେ । ସେ ଝରକା ଦେଇ ପଳାୟନ କରୁଥିବାବେଳେ ଶିବାଜୀଙ୍କ ଖଣ୍ଡାଚୋଟରେ ତାଙ୍କର ବୃଦ୍ଧା ଆଙ୍ଗୁଳି ହରାଇଥିଲେ । ପିତାଙ୍କୁ ରକ୍ଷା କରିବାକୁ ଆସିବା ସମୟରେ ତାଙ୍କର ପୁତ୍ର ଅବଦୁଲ ଫତେଙ୍କୁ ମଧ୍ୟ ହତ୍ୟା କରାଗଲା । ଶିବାଜୀଙ୍କର ଏପରି ଆକ୍ରମଣ ମୋଗଲବାହିନୀକୁ ସଂକାକୁଳ କରିଥିଲା । ଶାୟସ୍ତ ଖାଁ ଅପମାନରେ ମ୍ରିୟମାଣ ହୋଇପଡ଼ିଥିଲେ । ଆଉରଙ୍ଗଜେବ ମଧ୍ୟ ଅତିଶୟ କ୍ରୋଧ ପ୍ରକାଶ କରି ଶାୟସ୍ତଙ୍କୁ ବଙ୍ଗଳାକୁ ପଠାଇଦେଲେ ।

ସୁରାଟ ଲୁଣ୍ଠନ, ୧୬୬୪ (Sack of Surat, 1664) :

୧୬୬୪ ଖ୍ରୀଷ୍ଟାବ୍ଦ ଜାନୁଆରୀ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଶିବାଜୀ ମୋଗଲମାନଙ୍କର ସମୃଦ୍ଧ ବନ୍ଦର ସୁରାଟ ଲୁଣ୍ଠନ କରିଥିଲେ । ମରହଟ୍ଟାମାନଙ୍କର ଏପରି ସହସା ଆକ୍ରମଣରେ ଲୋକମାନେ ଭୟଭୀତ ହୋଇ ନିଜନିଜର ପରିବାର ସହ ପଳାୟନ କଲେ । ମରହଟ୍ଟାମାନେ ଧନୀଲୋକମାନଙ୍କ ଠାରୁ ସମ୍ପତ୍ତି ସଂଗ୍ରହ କଲେ ଓ ସେମାନଙ୍କ ଗୃହରେ ଅଗ୍ନି ସଂଯୋଗ କରିଥିଲେ । ଗଭର୍ଣ୍ଣର ଇନାୟାତ ଖାଁ (Inayat Khan) ଦୁର୍ଗ ମଧ୍ୟରେ ଆଶ୍ରୟ ନେଲେ । ସେ ଶିବାଜୀଙ୍କୁ ହତ୍ୟା କରିବା ପାଇଁ ଯେଉଁ ଆତତାୟୀଙ୍କୁ ପ୍ରେରଣ କରିଥିଲେ, ତାଙ୍କର ଦକ୍ଷିଣ ହସ୍ତ ଶିବାଜୀଙ୍କ ଦେହରକ୍ଷୀଙ୍କ ଦ୍ୱାରା କଟିଯାଇଥିଲା । ଯେତେବେଳେ ଶିବାଜୀ ଜାଣିବାକୁ ପାଇଲେ ଯେ ସୁରାଟକୁ ରକ୍ଷା କରିବା ପାଇଁ ଦିଲ୍ଲୀ ସୈନ୍ୟମାନେ ଆସୁଛନ୍ତି, ସେ ନିଜର ସୈନ୍ୟସାମନ୍ତ ଓ ଲୁଣ୍ଠନ ଦ୍ରବ୍ୟ ଧରି ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଏହି ଲୁଣ୍ଠନରେ ଶିବାଜୀଙ୍କର ପ୍ରାୟ ଏକକୋଟି ଟଙ୍କା ହସ୍ତଗତ ହୋଇଥିଲା । ଜଣେ ଇଂରେଜ ଲେଖିଛନ୍ତି, "ସ୍ୱର୍ଣ୍ଣ, ରୌପ୍ୟ, ମୋତି, ହୀରା ଏବଂ ଏପରି ମୂଲ୍ୟବାନ୍ ଜିନିଷ ବ୍ୟତୀତ ଯେ କୌଣସି ଜିନିଷ ନେବାକୁ ଶିବାଜୀ ଅବଜ୍ଞା କରିଥିଲେ ।" ଆମ ଦେଶ ଉପରେ ମୋଗଲମାନଙ୍କର ଆକ୍ରମଣର ପ୍ରତିଶୋଧ ନେବାକୁ ସେ ସୁରାଟ ଲୁଣ୍ଠନ କରିଥିଲେ ବୋଲି ଜଣାଯାଏ ।

ଜୟସିଂହଙ୍କ ମହାରାଷ୍ଟ୍ର ଆକ୍ରମଣ (Jaisimha's invasion of Maharastra)

ଶାୟସ୍ତ ଖାଁଙ୍କ ବିଫଳତା ପରେ ଆଉରଙ୍ଗଜେବ ଅମ୍ବରର ରାଜା ଜୟସିଂହଙ୍କୁ ଶିବାଜୀଙ୍କୁ ଦମନ କରିବା ନିମିତ୍ତ ପଠାଇଥିଲେ । ସେ ଥିଲେ ଜଣେ ଚତୁର, ଦୂରଦର୍ଶୀ ଓ କୂଟନୀତିସମ୍ପନ୍ନ ରାଜନୀତିଜ୍ଞ । ସେ ୧୬୬୫ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ପୁନାରେ ପ୍ରବେଶ କରିଥିଲେ । ଶିବାଜୀଙ୍କୁ ଦମନ କରିବା ପାଇଁ ସେ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କର ଯୋଜନା ଥିଲା ଯେ ସେ ଶିବାଜୀ ବିରୋଧୀ ସମସ୍ତ ଶକ୍ତିକୁ ଏକଜୁଟ କରି ତାଙ୍କୁ ଭୟଭୀତ କରିଦେବେ । ଖୁବ୍ ଚତୁରତାର ସହିତ ସେ ବିଜାପୁରର ସୁଲତାନଙ୍କୁ ଶିବାଜୀଙ୍କଠାରୁ ପୃଥକ୍ କରିଦେଲେ । ପର୍ତ୍ତୁଗୀଜ୍ ଓ ସିଦୀମାନଙ୍କୁ ଶିବାଜୀଙ୍କ ରାଜ୍ୟ ଆକ୍ରମଣ କରି ଲାଭବାନ୍ ହେବାକୁ ସେ ପରାମର୍ଶ ଦେଲେ । ଶିବାଜୀଙ୍କର ଶତ୍ରୁ ଫାଜଲ ଖାଁ, କୋଲିଦେଶର ରାଜା ଓ ଜାବଲୀର ମୋରମାନେ ଜୟସିଂହଙ୍କ ପକ୍ଷରେ ଯୋଗଦେଲେ ।

ବିନା ବାଧାରେ ମୋଗଲମାନେ ମହାରାଷ୍ଟ୍ରରେ ପ୍ରବେଶ କରିଥିଲେ । ବଜ୍ରଗଡ଼ ଦୁର୍ଗର ପତନ ହେଲା । ଜୟସିଂହଙ୍କ ଲକ୍ଷ୍ୟ ଥିଲା ପୁରନ୍ଦରଗଡ଼ ଅବରୋଧ କରି ଶିବାଜୀଙ୍କର କ୍ଷତି ଘଟାଇବେ । ମୋଗଲମାନେ ମଧ୍ୟ ରାୟଗଡ଼ ଓ ସିନଗଡ଼ ପ୍ରଭୃତି ଅଞ୍ଚଳରେ ମରହଟ୍ଟା ଗ୍ରାମମାନ ଧ୍ୱସ୍ତବିଧ୍ୱସ୍ତ କରିଦେଲେ । ସେନାପତି ମୁରାର ବାଜି ପ୍ରଭୁ ସାହସର ସହିତ ମୋଗଲମାନଙ୍କୁ ପ୍ରତିରୋଧ କଲେ; ମାତ୍ର ଶତ୍ରୁ ହସ୍ତରେ ତାଙ୍କର ବିନାଶ ଘଟିଥିଲା । ଏପରିକି ଶିବାଜୀଙ୍କର

ମୁଖ୍ୟ ଆସ୍ଥାନ ରାୟଗଡ଼ ଦୁର୍ଗକୁ ଥରାଇ ଦିଆଗଲା । ପୁରନ୍ଦର ଦୁର୍ଗ ଅବରୋଧ ସମୟରେ ଅନେକ ମରହଟ୍ଟା ସୈନିକ ପ୍ରାଣ ବିସର୍ଜନ କରିଥିଲେ । ପ୍ରଥମେ ଶିବାଜୀ ମରହଟ୍ଟାମାନଙ୍କୁ ହତ୍ୟା କରିବା କାର୍ଯ୍ୟରୁ ମୋଗଲମାନଙ୍କୁ ନିବୃତ୍ତ ହେବାକୁ ଜୟସିଂହଙ୍କୁ ଅନୁରୋଧ କରିଥିଲେ ଏବଂ ସନ୍ଧି କରିବା ପାଇଁ ପ୍ରସ୍ତାବ ଦେଲେ । ୧୬୬୫ ଜୁନ୍ ୨୨ ତାରିଖଦିନ ପୁରନ୍ଦର ସନ୍ଧି ଲାଗୁ କରାଗଲା ।

ପୁରନ୍ଦର ସନ୍ଧି, ୧୬୬୫ (Treaty of Purandar, 1665)

ପୁରନ୍ଦର ସନ୍ଧିର ଧାରାଗୁଡ଼ିକ ହେଲା :

୧ । ଶିବାଜୀ ତାଙ୍କର ୨୩ଟି ଦୁର୍ଗ ଓ ସଂପୃକ୍ତ ଅଞ୍ଚଳ ମୋଗଲମାନଙ୍କୁ ଛାଡ଼ିଦେବେ, ଯେଉଁଠୁ ବାର୍ଷିକ ୪ ଲକ୍ଷ ହୁଣ ରାଜସ୍ୱ ଆଦାୟ ହୋଇପାରିବ ।

୨ । ସେହିପରି ବାର୍ଷିକ ଏକ ଲକ୍ଷ ହୁଣ ରାଜସ୍ୱ ଦେଉଥିବା ରାୟଗଡ଼ ସହିତ ୧୨ଟି ଦୁର୍ଗ ଓ ସଂପୃକ୍ତ ଅଞ୍ଚଳ ଶିବାଜୀ ନିଜ ଅଧୀନରେ ରଖିବେ, ଯେଉଁ ପର୍ଯ୍ୟନ୍ତ ସେ ସମ୍ରାଟଙ୍କ ପ୍ରତି ଅନୁରକ୍ତ ରହିଥିବେ ।

୩ । ଶିବାଜୀଙ୍କ ପୁତ୍ର ଶମ୍ଭୁଜୀ ୫୦୦୦ ଅଶ୍ୱାରୋହୀ ସୈନ୍ୟଦଳର ମନସବଦାର ରୂପେ ସମ୍ରାଟଙ୍କ ସେବାରେ ନିୟୋଜିତ ହେବେ ଏବଂ ଦାକ୍ଷିଣାତ୍ୟ ଯୁଦ୍ଧରେ ଶିବାଜୀ ମୋଗଲମାନଙ୍କୁ ସାହାଯ୍ୟ କରିବେ ।

ଶିବାଜୀ ମଧ୍ୟ ପ୍ରସ୍ତାବ ଦେଇଥିଲେ ଯେ ବିଜାପୁରୀ ପ୍ରଦେଶ ବାଲଘାଟ ଓ କୋନକାନ ସେ ନିଜ ନିୟନ୍ତ୍ରଣରେ ରଖିବେ ଏବଂ ପ୍ରତିବଦଳରେ ସେ ସମ୍ରାଟଙ୍କୁ ୧୩ଟି କିସ୍ତିରେ ୪୦ ଲକ୍ଷ ହୁଣ ପ୍ରଦାନ କରିବେ । ତାଙ୍କର ଏ ପ୍ରସ୍ତାବ ଆଉରଙ୍ଗଜେବ ଗ୍ରହଣ କରିଥିଲେ ।

ଈଶ୍ୱରୀପ୍ରସାଦ ଲେଖିଛନ୍ତି, "ଏହି ସନ୍ଧି ଥିଲା ଜୟସିଂହଙ୍କ ପାଇଁ ଏକ କୂଟନୀତିକ ବିଜୟ ଏବଂ ଏହା ସାମ୍ରାଜ୍ୟ ସହିତ ଶିବାଜୀଙ୍କ ସଂଘର୍ଷର ଏକ ନିଷ୍ପତ୍ତିମୂଳକ ସ୍ଥିତି ଚିହ୍ନଟ କଲା ।" ଶିବାଜୀ ମଧ୍ୟ ନିଜର ପ୍ରତିଶ୍ରୁତି ରକ୍ଷା କରିଥିଲେ ଏବଂ ରାଜକୀୟ ଉପାଧି ଓ ଉପହାର ଗ୍ରହଣ କଲେ ।

ଶିବାଜୀଙ୍କର ଆଗ୍ରା ଯାତ୍ରା - ୧୬୬୬ (Shivaji's visit to Agra, 1666)

ଶିବାଜୀଙ୍କ ସାହାଯ୍ୟରେ ଜୟସିଂହ ଅକସ୍ମାତ ବିଜାପୁର ଆକ୍ରମଣ କରିଥିଲେ; କିନ୍ତୁ ଶତ୍ରୁ ପକ୍ଷ ଏକ ଆଶ୍ଚର୍ଯ୍ୟଜନକ ନିରାପତ୍ତା ଗ୍ରହଣ କରିଥିଲେ । ଜୟସିଂହ ପାନହାଲା ଅଧିକାର କରିବାରେ ବିଫଳ ହୋଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଐତିହାସିକ ଆଗ୍ରା ଯାତ୍ରା ।

ଐତିହାସିକ ସରଦେଶାଇ କହିଛନ୍ତି ଯେ ଆଗ୍ରା ଯାତ୍ରାକରି ଶିବାଜୀ ଚାହୁଁଥିଲେ ମୋଗଲ ଶକ୍ତି କଳନା କରିବେ ଓ ତଦନୁଯାୟୀ ଭବିଷ୍ୟତ କାର୍ଯ୍ୟକ୍ରମ ସ୍ଥିର କରିବେ; କିନ୍ତୁ ଈଶ୍ୱରୀପ୍ରସାଦ ଏପରି ମତକୁ ଗ୍ରହଣ କରିନାହାନ୍ତି, କାରଣ ଆଗ୍ରା ଯିବାପାଇଁ ଶିବାଜୀଙ୍କୁ ରାଜି କରାଇବାକୁ

ଜୟସିଂହଙ୍କୁ ସହସ୍ର ଉପାୟ ଅବଲମ୍ବନ କରିବାକୁ ପଡ଼ିଥିଲା । ତାଙ୍କ କଥାରୁ ଶିବାଜୀ ବୁଝିଲେ ଯେ ଏହାଦ୍ୱାରା ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରେ, ଯଥା ତାଙ୍କୁ ଦାକ୍ଷିଣାତ୍ୟର ଶାସନକର୍ତ୍ତା ଉପାଧି ମିଳିଯାଇପାରେ ଏବଂ ସେ ଚାହୁଁଥିବା ଜଞ୍ଜିରା ଦ୍ୱୀପ ମଧ୍ୟ ତାଙ୍କୁ ଲାଭ ହୋଇପାରେ । ସେ ଯାହାହେଉ, ଯେତେବେଳେ ଜୟସିଂହ ଓ ତାଙ୍କର ପୁତ୍ର ରାମ ସିଂହ ସମ୍ରାଟଙ୍କ ଦରବାରରେ ଶିବାଜୀଙ୍କ ଜୀବନର ସୁରକ୍ଷା ଦାୟିତ୍ୱ ନେଲେ, ସେ ରାଜି ହୋଇଥିଲେ ।

ଆଗ୍ରା ଯିବା ପୂର୍ବରୁ ଶିବାଜୀ ଶାସନ ଦାୟିତ୍ୱ ତାଙ୍କ ମାତାଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । ୧୬୬୬ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରସିଦ୍ଧ ଆଗ୍ରା ଯାତ୍ରା; ସାଥୀରେ ଯାଇଥିଲେ ପୁତ୍ର ଶମ୍ଭୁଜୀ, କେତେଜଣ ଉଚ୍ଚ ପଦାଧିକାରୀ ଓ ୩୫୦ ଜଣ ମରହଟ୍ଟା ଯୋଦ୍ଧା । ଶିବାଜୀ ଆଉରଙ୍ଗଜେବଙ୍କୁ ଭେଟିଦେଇଥିଲେ ୧,୦୦୦ ସ୍ୱର୍ଣ୍ଣ ମୋହର ଏବଂ ନଜର (Nazr) ଓ ନିସାର (Nisar) ପାଇଁ ଯଥାକ୍ରମେ ୨,୦୦୦ ଓ ୫,୦୦୦ ଟଙ୍କା । ଦରବାରରେ ଶିବାଜୀଙ୍କୁ ୩ୟ ଶ୍ରେଣୀ ମନସବଦାର ଦଣ୍ଡାୟମାନ ହୋଇଥିବା ଧାଡ଼ିରେ ଛିଡ଼ା କରେଇଦିଆଯାଇଥିଲା । ଏପରିକି ତାଙ୍କୁ ରାଜକୀୟ ପୋଷାକ ଦେଇ ସମ୍ମାନିତ କରାଯାଇନଥିଲା । ଜଣାଗଲା ଶିବାଜୀ ଯେପରି କ୍ରୋଧରେ ଫାଟି ପଡ଼ିବେ । ସେ ଉଚ୍ଚ ସ୍ୱରରେ ତାଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ଅମର୍ଯ୍ୟାଦାକୁ ବିରୋଧ କଲେ । କ'ଣ ଘଟିଲା ବୋଲି ଆଉରଙ୍ଗଜେବ ଯେତେବେଳେ ଜାଣିବାକୁ ଚାହିଁଲେ, ରାମ ସିଂହ ଏକ କୂଟନୀତିକ ଉତ୍ତର ଦେଇଥିଲେ, ''ବାଘଟି ହେଉଛି ଜଙ୍ଗଲର ଗୋଟିଏ ହିଂସ୍ର ଜନ୍ତୁ । ଏପରି ସ୍ଥାନରେ ଉତ୍ତାପ ଦ୍ୱାରା ସେ ଉତ୍ପୀଡ଼ିତ ହୋଇଛନ୍ତି ଏବଂ ଅସୁସ୍ଥ ହୋଇପଡ଼ିଛନ୍ତି ।'' ତାଙ୍କ ମୁଖରେ ଗୋଲାପ ଜଳ ଛିଞ୍ଚିବା ପାଇଁ ଆଉରଙ୍ଗଜେବ ଆଦେଶ ଦେଇଥିଲେ । ସେ ପ୍ରକାଶ୍ୟ ଭାବରେ ଦୋଷାରୋପ କଲେ ଯେ ସମ୍ରାଟ ବିଶ୍ୱାସଘାତକତା କରିଛନ୍ତି । ଏହାପରେ ଶିବାଜୀଙ୍କୁ ଗୃହବନ୍ଦୀ ରୂପେ ରଖାଯାଇଥିଲା । ପ୍ରକୃତରେ ଆଉରଙ୍ଗଜେବଙ୍କ ଉଦ୍ଦେଶ୍ୟ ଥିଲା ଯେ ସୁଯୋଗ ଦେଖି ଶିବାଜୀଙ୍କୁ ହତ୍ୟା କରିବେ ।

ଶିବାଜୀଙ୍କୁ ଗୃହକୁ ଫେରିବାକୁ ଅନୁମତି ଦିଆଗଲାନାହିଁ । ତେଣୁ ଆଉରଙ୍ଗଜେବଙ୍କ କବଳରୁ ଖସି ଯିବା ପାଇଁ ଶିବାଜୀ ଉପାୟ ଚିନ୍ତା କଲେ । ନିଜେ ପୀଡ଼ିତ ବୋଲି ସେ ଛଳନା କରିଥିଲେ ଓ ଆଶୁ ଆରୋଗ୍ୟ ନିମିତ୍ତ ବଡ଼ବଡ଼ ବୋଝରେ ଫଳ ଓ ମିଠେଇ ବାହାରେ ବିତରଣ କରିବାକୁ ପଠାଇଲେ । ଦିନେ ସୁଯୋଗ ଦେଖି ସେ ଓ ତାଙ୍କ ପୁତ୍ର ମିଠେଇ ଟୋକେଇରେ ଲୁଚି ବାହାରକୁ ପଳାଇ ଆସିଥିଲେ । ସେମାନେ ଅଶ୍ୱପୃଷ୍ଠରେ ମଥୁରାକୁ ଆସିଲେ, ସେଠାରେ ଜଣେ ମରହଟ୍ଟା ବ୍ରାହ୍ମଣଙ୍କ ଦାୟିତ୍ୱରେ ଶମ୍ଭୁଜୀଙ୍କୁ ଛାଡ଼ି ସନ୍ନ୍ୟାସୀ ବେଶରେ ଆଲାହାବାଦ, ବାରାଣାସୀ, ଗୟା, ଗଣ୍ଡୱାନା, ଗୋଲକୁଣ୍ଡା ଓ ବିଜାପୁର ଦେଇ ସେ ଦାକ୍ଷିଣାତ୍ୟରେ ପହଞ୍ଚିଥିଲେ । ଶିବାଜୀଙ୍କର ଏପରି ଅନ୍ତର୍ଦ୍ଧାନ ହୋଇଯିବାରେ ଫୈଲଦ ଖାଁ ସମ୍ରାଟଙ୍କୁ କହିଲେ, ଶିବାଜୀ ଆକାଶକୁ ଉଡ଼ିଯାଇଛନ୍ତି କିମ୍ବା ଯାଦୁ ବଳରେ ମାଟି ଭିତରେ ଲୁଚିଯାଇଛନ୍ତି ।

ପରବର୍ତ୍ତୀ କାର୍ଯ୍ୟକଳାପ :

ଆଉରଙ୍ଗଜେବଙ୍କର ମନେହେଲା ଶିବାଜୀଙ୍କର ଏପରି ପଳାୟନରେ ରାମସିଂହଙ୍କ ହାତ ରହିଛି । ତାଙ୍କ ପିତା ଜୟସିଂହଙ୍କୁ ଦାକ୍ଷିଣାତ୍ୟରୁ ପ୍ରତ୍ୟାହୃତ କରାଗଲା । ରାଜପୁତ୍ର ମୁଆଜାମ ହେଲେ ଦାକ୍ଷିଣାତ୍ୟର ଶାସନକର୍ତ୍ତା । ତାଙ୍କୁ ସାହାଯ୍ୟ କରିବା ପାଇଁ ମଧ୍ୟ ସମ୍ରାଟ ଯଶୋବନ୍ତ ସିଂହଙ୍କୁ ପଠାଇଥିଲେ । ଜୟସିଂହ ଆଗ୍ରା ଫେରୁଥିବାବେଳେ ୧୬୬୭ ଖ୍ରୀଷ୍ଟାବ୍ଦରେ ବର୍ହାନପୁରଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।

୧୬୬୭-୬୯ ବର୍ଷଗୁଡ଼ିକରେ ଶିବାଜୀ ମୋଗଲମାନଙ୍କ ସହିତ ଶାନ୍ତି ସ୍ଥାପନ କରିଥିଲେ । ମୁଆଜାମ ଓ ଯଶୋବନ୍ତ ଶିବାଜୀଙ୍କୁ ରାଜା ଉପାଧି ଓ ଶମ୍ଭୁଜୀଙ୍କୁ ବେରାରର ଜାଗିରି ଦେବାକୁ ପ୍ରବର୍ତ୍ତାଇ ଥିଲେ । ଶମ୍ଭୁଜୀଙ୍କୁ ପାଞ୍ଚହଜାରୀ (Panjhazari) ସମ୍ଭ୍ରାନ୍ତ ବର୍ଗକୁ ଉନ୍ନୀତ କରାଯାଇଥିଲା; ମାତ୍ର ଏହା ଥିଲା ଏକ ସାମାନ୍ୟ ଶାନ୍ତିଚୁକ୍ତି । ୧୬୭୦ ଖ୍ରୀଷ୍ଟାବ୍ଦରୁ ମୋଗଲମାନଙ୍କ ବିପକ୍ଷରେ ପୁଣି ଯୁଦ୍ଧ ଚାଲୁହେଲା । ମୋଗଲମାନଙ୍କର ପୂର୍ବଶକ୍ତି ରହିନଥିଲା । ଶିବାଜୀ କୋନ୍ଦନ, ପୁରନ୍ଦର, ମହୁଲୀ ପ୍ରଭୃତି ଅଧିକାର କରିଥିଲେ ଓ ମୋଗଲ ଫୌଜଦାରଙ୍କୁ କୋନକାନ ଅଞ୍ଚଳରୁ ବହିଷ୍କାର କରିଥିଲେ । ଏହି ସମୟରେ ମୁଆଜାମଙ୍କର ମୋଗଲ ସେନାପତି ଦିଲେର ଖାଁଙ୍କ ସହିତ ତୀବ୍ର ମତଭେଦ ଦେଖାଦେଇଥିଲା । ତା'ର ସୁଯୋଗ ନେଇ ଶିବାଜୀ ୧୬୭୦ ଅକ୍ଟୋବର ମାସରେ ପୁନର୍ବାର ସୁରାଟ ବନ୍ଦର ଲୁଣ୍ଠନ କରି ସହରର ଦୋକାନ ଓ ଗୃହଗୁଡ଼ିକ ଧ୍ୱଂସ କରି ଦେଇଥିଲେ । ମରହଟ୍ଟାମାନଙ୍କର ଆଗମନ ବାର୍ତ୍ତା ପାଇଲେ ଲୋକମାନେ ଭୟରେ ଘରଦ୍ୱାର ତ୍ୟାଗ କରି ଦୂରବର୍ତ୍ତୀ ସ୍ଥାନକୁ ଚାଲିଯାଉଥିଲେ । ପ୍ରାୟ ୬୬ ଲକ୍ଷ ମୁଦ୍ରା ଶିବାଜୀଙ୍କର ହସ୍ତଗତ ହୋଇଥିଲା । ସେହିବର୍ଷ ମରହଟ୍ଟାମାନେ ବାର୍ହାନପୁର ନିକଟବର୍ତ୍ତୀ କେତେକ ଗ୍ରାମ ଲୁଣ୍ଠନ କରିଥିଲେ । ସେ ମଧ୍ୟ କାରିଞ୍ଜା ସହର ଲୁଣ୍ଠନ କରିଥିଲେ । ୧୬୭୨ ଖ୍ରୀଷ୍ଟାବ୍ଦରେ ଏକ ମୋଗଲବାହିନୀ ପରାସ୍ତ ହେବାରୁ ଶିବାଜୀ ବଗଲାନ ଓ ରାମନଗର ପ୍ରଭୃତି ଅଞ୍ଚଳ ଅଧିକାର କରିଥିଲେ ।

୧୬୭୪ ଖ୍ରୀଷ୍ଟାବ୍ଦ ଜୁନ ମାସ ୧୬ ତାରିଖରେ ଶିବାଜୀ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ଛତ୍ରପତି ଉପାଧି ଧାରଣ କଲେ । ପୃଥିବୀକୁ ବାର୍ତ୍ତା ଦିଆଗଲା ଯେ ମୁସଲମାନଙ୍କ ବିରୋଧ ସତ୍ତ୍ୱେ ଏକ ସ୍ୱାଧୀନ ହିନ୍ଦୁରାଜ୍ୟ ସ୍ଥାପନ କରାଯାଇପାରିଛି । ତାଙ୍କ ରାଜ୍ୟରେ କର୍ଣ୍ଣାଟକ, ମହୀଶୂର, ମହାରାଷ୍ଟ୍ର, କୋନକାନ ଆଦି ଅଞ୍ଚଳ ମିଶାଇଦିଆଯାଇଥିଲା ।

୧୬୮୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୪ ତାରିଖ ଦିନ ଏହି ମହାନ୍ ବୀରଙ୍କର ଦେହାବସାନ ଘଟିଥିଲା । ଲେନ୍‌ପୋଲ୍‌ଙ୍କ ଭାଷାରେ, ''ଯେତେବେଳେ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା, ଏକ ଆକସ୍ମିକ ରୋଗ ୧୬୮୦ ଖ୍ରୀଷ୍ଟାବ୍ଦରେ ତାଙ୍କର ଅସାଧାରଣ ଜୀବନର ଗତି ନିଃଶେଷ କରିଦେଇଥିଲା ।''

ଶିବାଜୀଙ୍କ ଶାସନ (Shivaji's Administration) :

"ଶିବାଜୀ ଥିଲେ ଜଣେ ମହାନ୍ ଯୋଦ୍ଧା ଓ ଶାସକ, ଯିଏ ସମୟର ଆବଶ୍ୟକତାକୁ ଉତ୍ତମ ରୂପେ ବୁଝିପାରିଥିଲେ ।" ଶାସକ ହିସାବରେ ତାଙ୍କର ଥିଲା ଅଖଣ୍ଡ କ୍ଷମତା । ସେ ଏକଚ୍ଛତ୍ରବାଦୀ ଶାସକ ଥିଲେ ମଧ୍ୟ ସ୍ୱେଚ୍ଛାଚାରୀ ଶାସକ ନଥିଲେ । ପ୍ରଜାଙ୍କ ମଙ୍ଗଳ ପାଇଁ ସେ ସମସ୍ତ କ୍ଷମତା ପ୍ରୟୋଗ କରୁଥିଲେ । ତତ୍କାଳୀନ ଶାସନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ସେ ଅନେକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ଶିବାଜୀ ଥିଲେ ସମସ୍ତ କ୍ଷମତାର ଉତ୍ସ । ରାଜ୍ୟର ଶାସନ ବ୍ୟାପାରରେ ସାହାଯ୍ୟ କରିବା ଏବଂ ଶାସନ ସମ୍ବନ୍ଧୀୟ ପରାମର୍ଶ ଦେବା ନିମିତ୍ତ ସେ ଆଠଜଣ ସଭ୍ୟବିଶିଷ୍ଟ ମନ୍ତ୍ରୀ ପରିଷଦ ଗଠନ କରିଥିଲେ । ତାଙ୍କ ମନ୍ତ୍ରିମଣ୍ଡଳକୁ ଅଷ୍ଟପ୍ରଧାନ କୁହାଯାଉଥିଲା । ମନ୍ତ୍ରୀମାନେ ହେଲେ ପେଶବା, ଅମାତ୍ୟ, ମନ୍ତ୍ରୀ, ସଚିବ, ସୁମନ୍ତ, ସେନାପତି, ଦଣ୍ଡାଧ୍ୟକ୍ଷ ବା ପଣ୍ଡିତ ରାଓ ଓ ନ୍ୟାୟାଧୀଶ । ଏହି ମନ୍ତ୍ରୀମାନେ ନିଜ ନିଜ ବିଭାଗରେ ସ୍ୱାଧୀନ ରୂପେ ଦାୟିତ୍ୱ ତୁଲାଉଥିଲେ । ଶିବାଜୀ ମଧ୍ୟ ମିଳିତଭାବରେ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରୁଥିଲେ; ମାତ୍ର ସେମାନଙ୍କର ପରାମର୍ଶ ମାନିନେବା ପାଇଁ ସେ ବାଧ୍ୟ ନଥିଲେ । ତାଙ୍କର ମନ୍ତ୍ରିମଣ୍ଡଳ ଆଧୁନିକ ମନ୍ତ୍ରିସଭା ତୁଲ୍ୟ ନଥିଲା ।

ପେଶବା (Peshwa) :

ପେଶବା ଥିଲେ ପ୍ରଧାନମନ୍ତ୍ରୀ । ସାଧାରଣ ପ୍ରଶାସନ ଓ ଜନମଙ୍ଗଳ ଥିଲା ତାଙ୍କ ଦାୟିତ୍ୱରେ । ରାଜାଙ୍କ ଅନୁପସ୍ଥିତିରେ ସେ ରାଜକାର୍ଯ୍ୟ ବୁଝୁଥିଲେ । ପ୍ରଜାଙ୍କ ପ୍ରତି ସମସ୍ତ ନିର୍ଦ୍ଦେଶନାମାରେ ତାଙ୍କର ସ୍ୱାକ୍ଷର ରହୁଥିଲା ।

ଅମାତ୍ୟ (Amatya) :

ସେ ଥିଲେ ଅର୍ଥ ବିଭାଗୀୟ ମନ୍ତ୍ରୀ । ସେ ରାଜ୍ୟର ଆୟବ୍ୟୟ ବିବରଣୀ ରଖୁଥିଲେ । ଆୟବ୍ୟୟ ସମ୍ବନ୍ଧୀୟ ସମସ୍ତ କାଗଜପତ୍ରରେ ତାଙ୍କର ଦସ୍ତଖତ ରହୁଥିଲା ।

ମନ୍ତ୍ରୀ (Mantri) :

ତାଙ୍କୁ ମଧ୍ୟ ୱାକିଆନବିସ (Wakia Navis)-ବୋଲି କୁହାଯାଉଥିଲା । ସେ ରାଜାଙ୍କର ଦୈନନ୍ଦିନ କାର୍ଯ୍ୟର ବିବରଣୀ ରଖୁଥିଲେ ।

ସଚିବ (Sachiva) :

ସେ ଥିଲେ ଘରୋଇ ବିଭାଗର ମନ୍ତ୍ରୀ । ରାଜ୍ୟର ଚିଠିପତ୍ର ଆଦାନପ୍ରଦାନ କରିବା ଥିଲା ତାଙ୍କ ଦାୟିତ୍ୱରେ । ରାଜାଙ୍କର ଚିଠିପତ୍ର ସଂଶୋଧନ କରିବା ମଧ୍ୟ ତାଙ୍କ କାର୍ଯ୍ୟ ଥିଲା । ସେ ମଧ୍ୟ ପ୍ରଗଣାମାନଙ୍କର ଆୟବ୍ୟୟ ହିସାବ ତନଖି ଦେଖୁଥିଲେ ।

ସୁମନ୍ତ (Sumanta) :

ସେ ବୈଦେଶିକ ମନ୍ତ୍ରୀଙ୍କର କାର୍ଯ୍ୟ ସମ୍ପାଦନ କରୁଥିଲେ । ରାଜାଙ୍କ ସହିତ ସେ ଯୁଦ୍ଧ ଓ ଶାନ୍ତି ବିଷୟରେ ଆଲୋଚନା କରୁଥିଲେ । ସେ ବୈଦେଶିକ ବ୍ୟାପାର ସମ୍ବନ୍ଧରେ ରାଜାଙ୍କୁ ଉପଦେଶ ଦେଉଥିଲେ । ତାଙ୍କର ଦାୟିତ୍ୱ ଥିଲା ଅନ୍ୟ ରାଜ୍ୟମାନଙ୍କ ସହିତ ସମ୍ପର୍କ ରଖିବା ।

ପଣ୍ଡିତ ରାଓ (Pandit Rao) :

ସେ ଥିଲେ ସମସ୍ତ ଧର୍ମ ବ୍ୟାପାରର ମୁଖ୍ୟ । ଧର୍ମସମ୍ବନ୍ଧୀୟ ଉତ୍ସବଗୁଡ଼ିକ ପାଇଁ ସେ ଦିନ ଧାର୍ଯ୍ୟ କରୁଥିଲେ । ଧର୍ମ ଅନୁଷ୍ଠାନ ଓ ଜ୍ଞାନୀଲୋକମାନଙ୍କୁ ଅନୁଦାନ ଦେବା କାର୍ଯ୍ୟ ସେ ଦେଖାଶୁଣା କରୁଥିଲେ ।

ସେନାପତି (Senapati) :

ସେ ଥିଲେ ସାମରିକ ବିଭାଗର ମୁଖ୍ୟ । ସେ ସୈନ୍ୟମାନଙ୍କର ନିଯୁକ୍ତି, ସଂଗଠନ ଓ ଶୃଙ୍ଖଳା ଦାୟିତ୍ୱରେ ଥିଲେ ।

ନ୍ୟାୟାଧୀଶ (Nyayadhisha) :

ସେ ଥିଲେ ମୁଖ୍ୟ ବିଚାରପତି । ତାଙ୍କ ତତ୍ତ୍ୱାବଧାନରେ ବିଚାର ବିଭାଗ ପରିଚାଳିତ ହେଉଥିଲା । ପଣ୍ଡିତ ରାଓ ଓ ନ୍ୟାୟାଧୀଶଙ୍କ ବ୍ୟତୀତ ଅନ୍ୟ ପ୍ରଧାନମାନେ ସୈନ୍ୟ ପରିଚାଳନା ଦାୟିତ୍ୱରେ ଥିଲେ । କାର୍ଯ୍ୟଦକ୍ଷତା ଉପରେ ଶିବାଜୀ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେଉଥିଲେ ।

ପ୍ରାଦେଶିକ ଶାସନ (Administration of Province) :

ଶାସନର ସୁବିଧା ନିମିତ୍ତ ଶିବାଜୀ ରାଜ୍ୟକୁ ତିନୋଟି ପ୍ରାନ୍ତ ବା ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ପ୍ରଦେଶର ଶାସନ ଦାୟିତ୍ୱରେ ଥିଲେ ଜଣେ ଶାସନକର୍ତ୍ତା ବା ପ୍ରାନ୍ତକାଳ । ପ୍ରାଦେଶିକମାନଙ୍କୁ ଆଠ ଜଣ ଉଚ୍ଚ କର୍ମଚାରୀ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

ପ୍ରତ୍ୟେକ ପ୍ରଦେଶ କେତେଗୁଡ଼ିଏ ପ୍ରଗଣା ଓ ପ୍ରତ୍ୟେକ ପ୍ରଗଣାକୁ କେତେଗୁଡ଼ିଏ ତରଫ ଓ ତରଫକୁ କେତେଗୁଡ଼ିଏ ଗ୍ରାମରେ ବିଭକ୍ତ କରାଯାଇଥିଲା । ଗ୍ରାମ ଥିଲା କ୍ଷୁଦ୍ରତମ ଶାସନ ସଂସ୍ଥା । ପ୍ରତ୍ୟେକ ପ୍ରଗଣା ଜଣେ ଲେଖାଁଏ କଲେକ୍ଟରଙ୍କ ଅଧୀନରେ ଶାସିତ ହେଉଥିଲା । ତାଙ୍କ ନେତୃତ୍ୱରେ ମଧ୍ୟ ଏକ ସୈନ୍ୟଦଳ ରହିଥିଲା । ଗ୍ରାମର ଶାସନ ଥିଲା ଗ୍ରାମପଞ୍ଚାୟତ ଦାୟିତ୍ୱରେ ।

ରାଜସ୍ୱ ବ୍ୟବସ୍ଥା (Revenue System) :

ଶେରଶାହ ଓ ଆକବରଙ୍କ ପରି ଶିବାଜୀ ଏକ କାଠି (Kathi) ସାହାଯ୍ୟରେ ଜମି ମାପ ବା ଜରିବ କରିଥିଲେ । ଉତ୍ପନ୍ନ ଦ୍ରବ୍ୟର ପାଞ୍ଚଭାଗରୁ ଦୁଇଭାଗ ରାଜସ୍ୱ ରୂପେ ଆଦାୟ କରାଯାଉଥିଲା । ନୂଆ ଚାଷୀମାନଙ୍କୁ ବିହନ ଓ ବଳଦ ଋଣ ଆକାରରେ ଯୋଗାଇ ଦିଆଯାଉଥିଲା ଏବଂ ଏହି ଋଣ ସରକାର କେତେକ କିସ୍ତିରେ ଆଦାୟ କରୁଥିଲେ । ଚାଷୀମାନେ ଉଭୟ ଶସ୍ୟ

ଓ ମୁଦ୍ରା ଆକାରରେ କର ଦାଖଲ କରିବାର ସୁବିଧା ପାଉଥିଲେ । ପି. କେନେଡୀ (P. Kennedy) ଅନୁଭବ କରିଛନ୍ତି ଯେ, ମନେହୁଏ ବିନା କ୍ଲେଶରେ ଚାଷୀ କର ଦେବାକୁ ସକ୍ଷମ ହୋଇପାରୁଥିଲେ; କିନ୍ତୁ ଇଂରେଜୀ ଭ୍ରମଣକାରୀ ଫ୍ରାୟର (Fryer) ଏକ ଭିନ୍ନମତ ଦେଇ କହିଛନ୍ତି, ଅଧିକାରୀମାନେ ଅସାଧୁ ଓ ସ୍ୱାର୍ଥପର ଥିଲେ, ଚାଷୀମାନେ ଅତ୍ୟାଚାରିତ ଓ ନିଷ୍ଠୁର ଭାବେ ପୀଡ଼ିତ ହେଉଥିଲେ ... ଏପରିକି ଶିବାଜୀଙ୍କଠାରୁ ବିଜାପୁରୀ ଶାସନ ଅଧିକତର କୋମଳ ଥିଲା; କିନ୍ତୁ ଫ୍ରାୟରଙ୍କ ମତାମତକୁ ଅନେକ ଐତିହାସିକ ଅସ୍ୱୀକାର କରିଥା'ନ୍ତି । ପ୍ରକୃତରେ ଶିବାଜୀ ଦୟାଳୁ ଥିଲେ, ସେ ଚାଷୀମାନଙ୍କର ମଙ୍ଗଳ ନିମିତ୍ତ ସର୍ବଦା ଦୃଷ୍ଟି ଦେଉଥିଲେ । ସେ ଜାଗିରଦାରୀ ପଦ୍ଧତିକୁ ଉତ୍ସାହିତ ନ କରି ରୟତୱାରୀ ପ୍ରଥା ଉପରେ ବିଶ୍ୱାସ କରୁଥିଲେ; କାରଣ ଏହାଦ୍ୱାରା କୃଷକମାନଙ୍କ ସହିତ ପ୍ରତ୍ୟକ୍ଷଭାବେ ସମ୍ପର୍କ ରଖାଯାଇପାରିବ । ଜମିଦାର ଓ ଦେଶମୁଖମାନଙ୍କ ଅତ୍ୟାଚାରରୁ ପ୍ରଜାମାନଙ୍କୁ ରକ୍ଷା କରିବାର ଉପଯୁକ୍ତ ବ୍ୟବସ୍ଥା ହୋଇଥିଲା ।

ଶିବାଜୀଙ୍କର ପାହାଡ଼ିଆ ରାଜ୍ୟ ହୋଇଥିବାରୁ ସେ ଯଥେଷ୍ଟ ରାଜସ୍ୱ ପାଉନଥିଲେ । ତେଣୁ ପାର୍ଶ୍ୱବର୍ତ୍ତୀ ରାଜ୍ୟଗୁଡ଼ିକରୁ ସେ ଚୌଥ ଓ ସରଦେଶମୁଖୀ ନାମକ କର ଆଦାୟ କରୁଥିଲେ । ସମୁଦାୟ ରାଜସ୍ୱର ଏକ-ଚତୁର୍ଥାଂଶ ଆଦାୟକୁ ଚୌଥ କୁହାଯାଉଥିଲା । ଚୌଥ ଆଦାୟ ଉପରେ ମଧ୍ୟ ବିଭିନ୍ନ ମତ ପୋଷଣ କରାଯାଇଥାଏ । ରାଣାଡେ କହିଛନ୍ତି ଚୌଥ କେବଳ ଏକ ସାମରିକ ଦାନ ନଥିଲା; ମାତ୍ର ଏକ ତୃତୀୟ ଶକ୍ତିର ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଏହା ଆଦାୟ କରାଯାଉଥିଲା । ସେ ଏହାକୁ ୱେଲସେଲିଙ୍କ ସାମନ୍ତ ସନ୍ଧି ସହିତ ତୁଳନା କରିଛନ୍ତି । ସରଦେଶାଇ କହିଛନ୍ତି ଯେ ଚୌଥ ଥିଲା ବିଜିତ ଅଞ୍ଚଳରୁ ଆଦାୟ କରାଯାଉଥିବା ଏକ କର । ଶିବାଜୀଙ୍କ ପୂର୍ବରୁ ଏପରି ପ୍ରଥା ଭାରତର ପଶ୍ଚିମାଞ୍ଚଳରେ ବଳବତ୍ତର ଥିଲା । ସେ ଯାହାହେଉ, ଐତିହାସିକମାନେ ସାଧାରଣରେ ବିଶ୍ୱାସ କରନ୍ତି ଯେ ଚୌଥ ଏକ ସାମରିକ ଦାନ ଥିଲା । ଶିବାଜୀ ମଧ୍ୟ ଥିଲେ ମରହଟ୍ଟା ରାଜ୍ୟର ମୁଖ୍ୟ ବା ସରଦେଶମୁଖ । ତେଣୁ ପଡୋଶୀ ରାଜ୍ୟମାନଙ୍କଠାରୁ ସେ ରାଜସ୍ୱର ଏକ-ଦଶମାଂଶ ବା ସରଦେଶମୁଖୀ ଗ୍ରହଣ କରୁଥିଲେ ।

ଏତଦ୍‌ବ୍ୟତୀତ କ୍ରୟ ଓ ବିକ୍ରି କର, ବାଣିଜ୍ୟ କର ଓ ଜଙ୍ଗଲ କର ଆଦାୟ ହେଉଥିଲା, ଉପହାର ଓ ଲୁଣ୍ଠନ ଦ୍ରବ୍ୟ ମଧ୍ୟ ଲାଭ କରାଯାଉଥିଲା ।

ବିଚାରଗତ ଶାସନ (Administration of Justice) :

ଈଶ୍ୱରୀ ପ୍ରସାଦ କହିଛନ୍ତି ଯେ ଶିବାଜୀଙ୍କର ବିଚାରଗତ ଶାସନ ଥିଲା ଆଦିମ ପ୍ରକାରର । ରାଜ୍ୟରେ କୌଣସି ସ୍ଥାୟୀ ନ୍ୟାୟାଳୟ ନଥିଲା, ନିୟମିତ ବିଚାର ବ୍ୟବସ୍ଥା ମଧ୍ୟ ନଥିଲା । ଗ୍ରାମମାନଙ୍କରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପଞ୍ଚାୟତ ମାଧ୍ୟମରେ ବିବାଦ ମୀମାଂସା କରୁଥିଲେ । ଫୌଜଦାରୀ ବିବାଦଗୁଡ଼ିକ ପଟେଲ ନାମକ ଏକ କର୍ମଚାରୀ ସମାଧାନ କରୁଥିଲେ । ଆଧୁନିକ ତହସିଲଦାରମାନଙ୍କ ପରି ପଟେଲମାନଙ୍କର ଯୋଗ୍ୟତା ଥିଲା । ଶୁଣାଯାଏ ଲୋକମାନେ ନିର୍ଭୀକ ଭାବରେ ଉତ୍ତପ୍ତ ଲାଲ ଲୌହ ଦଣ୍ଡ ଧରୁଥିଲେ ବା ଫୁଟନ୍ତା ଜଳ ବା ତୈଳ ମଧ୍ୟରେ ହାତ

ବୁଡ଼ାଇ ଦେଉଥିଲେ । ଦିୱାନୀ ଓ ଫୌଜଦାରୀ ମକଦ୍ଦମା ସଂକ୍ରାନ୍ତୀୟ ଅପିଲଗୁଡ଼ିକ ବ୍ରାହ୍ମଣ ନ୍ୟାୟାଧୀଶମାନେ ବୁଝୁଥିଲେ ଓ ପ୍ରାଚୀନ ସ୍ମୃତିକୁ ଭିତ୍ତିକରି ନ୍ୟାୟ ଦେଉଥିଲେ ।

ସାମରିକ ଶାସନ (Military Administration) :

ଶିବାଜୀ ତାଙ୍କ ପୂର୍ବପୁରୁଷଙ୍କ ସାମରିକ ସଂଗଠନ କୌଶଳ ଅନୁକରଣ କରିଥିଲେ ଏବଂ ନିଜେ ଏହାର ଉନ୍ନତି ଘଟାଇଥିଲେ । ତାଙ୍କର ସେନାବାହିନୀ ଅଶ୍ୱାରୋହୀ, ପଦାତିକ, କମାଣବାହିନୀ, ଯୁଦ୍ଧହସ୍ତୀ, ଓଟ ଓ ନୌବାହିନୀକୁ ନେଇ ଗଠିତ ହୋଇଥିଲା । ମୃତ୍ୟୁବେଳକୁ ଶିବାଜୀଙ୍କ ବାହିନୀରେ ଥିଲେ ୪୫ ହଜାର ବର୍ଗୀ, ୭୦ ହଜାର ସିଲେଦାର ଏବଂ ଏକ ଲକ୍ଷ ମାଭେଲ (Mavle) ପଦାତିକ । ଉଭୟ ହିନ୍ଦୁ ଓ ମୁସଲମାନ୍‌ମାନଙ୍କୁ ନେଇ ତାଙ୍କର ବାହିନୀ ଗଠିତ ହୋଇଥିଲା । ପାଗା ବା ବର୍ଗୀମାନେ ସ୍ଥାୟୀ ଭାବରେ ନିଯୁକ୍ତି ପାଇଥିଲେ । ସେମାନେ ଦରମା ପାଉଥିଲେ ଓ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଅସ୍ତ୍ରଶସ୍ତ୍ର ଓ ଅଶ୍ୱ ଯୋଗାଇ ଦିଆଯାଉଥିଲା । ସିଲେଦାରମାନଙ୍କୁ ନିଜର ଅସ୍ତ୍ରଶସ୍ତ୍ର ଓ ଅଶ୍ୱ ବ୍ୟବହାର କରିବାକୁ ପଡୁଥିଲା । ସେମାନେ ଆବଶ୍ୟକ ବେଳେ ଯୁଦ୍ଧରେ ଯୋଗ ଦେଉଥିଲେ, ସେମାନେ ଥିଲେ ଏକ ପ୍ରକାର ଜାତୀୟବାହିନୀ । ୨୫ ଜଣ ଅଶ୍ୱାରୋହୀଙ୍କ ଉପରେ ଜଣେ ହାବିଲ୍‌ଦାର, ୫ ଜଣ ହାବିଲ୍‌ଦାରଙ୍କ ଉପରେ ଜଣେ ଜୁମଲଦାର, ୧୦ ଜଣ ଜୁମଲଦାରଙ୍କ ଉପରେ ଜଣେ ଏକହଜାରୀ ଏବଂ ୫ ଜଣ ଏକହଜାରୀଙ୍କ ଉପରେ ଜଣେ ପାଞ୍ଚହଜାରୀ ରହୁଥିଲେ । ଅଶ୍ୱବାହିନୀର ମୁଖ୍ୟ ସେନାପତିଙ୍କୁ ସର-ଇ-ନୌବତ (Sar-i-Naubat) କୁହାଯାଉଥିଲା ।

ସେହିପରି ପଦାତିକ ବାହିନୀର ସର୍ବନିମ୍ନ ଅଧିକାରୀ ଥିଲେ ନାୟକ । ଜଣେ ନାୟକ ୯ ଜଣ ପଦାତିକଙ୍କ ଉପରେ ରହୁଥିଲେ । ୧୦ ଜଣ ନାୟକଙ୍କ ଉପରେ ଜଣେ ହାବିଲଦାର, ଦୁଇ ବା ତିନିଜଣ ହାବିଲଦାରଙ୍କ ଉପରେ ଜଣେ ଜୁମଲଦାର ଏବଂ ୧୦ ଜଣ ଜୁମଲଦାରଙ୍କ ଉପରେ ଜଣେ ହଜାରୀ ମନସବଦାରଙ୍କୁ ନିଯୁକ୍ତି ଦିଆଯାଇଥିଲା । ପଦାତିକ ବାହିନୀର ସର୍ବୋଚ୍ଚ ପଦବୀ ଥିଲା ସାତହଜାରୀ; ମାତ୍ର ସେ ସର-ଇ-ନୌବତଙ୍କ ନିୟନ୍ତ୍ରଣରେ ରହୁଥିଲେ ।

ଶିବାଜୀଙ୍କ ସୈନ୍ୟଦଳରେ ବିଭିନ୍ନ ଜାତିର ଲୋକ ରହୁଥିଲେ, ସେମାନଙ୍କୁ ରାଜା ଆହ୍ୱାନ କଲେ ସେମାନେ ଏପରିକି ପ୍ରାଣପାତ କରୁଥିଲେ । ବର୍ଷାଋତୁ ଛଡ଼ା ବର୍ଷର ଅନ୍ୟ ସମୟରେ ସେମାନେ ଯୁଦ୍ଧରତ ଥିଲେ । ବୃଦ୍ଧ ଓ ସ୍ତ୍ରୀଲୋକମାନଙ୍କୁ ଖରାପ ବ୍ୟବହାର ନ ଦେଖାଇବା ନିମିତ୍ତ ସୈନ୍ୟମାନଙ୍କୁ ତାଗିଦ୍ କରାଯାଉଥିଲା ।

ଶିବାଜୀଙ୍କ ସାମରିକ ଶାସନରେ ଦୁର୍ଗଗୁଡ଼ିକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଥିଲା । ଇତିହାସ ଲେଖକମାନେ କହିଛନ୍ତି ଯେ ଶିବାଜୀଙ୍କ ଅଧୀନରେ ପ୍ରାୟ ୨୮୦ଟି ଦୁର୍ଗ ରହିଥିଲା । ଦୁର୍ଗଗୁଡ଼ିକର ତାତ୍ପର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ରଲିନସନ ଲେଖିଛନ୍ତି, "ଦୁର୍ଗକୁ ଜନନୀ ପରି ଶ୍ରଦ୍ଧା କରିବାକୁ ଲୋକମାନଙ୍କୁ ଶିକ୍ଷା ଦିଆଯାଉଥିଲା, ଯେହେତୁ ବାସ୍ତବିକ ଏହାର ପାରିପାର୍ଶ୍ୱିକ

ଗ୍ରାମଗୁଡ଼ିକର ଲୋକମାନେ ଯୁଦ୍ଧ ସମୟରେ ସେଠାରେ ଆଶ୍ରୟ ନେଉଥିଲେ ।'' ଦୁର୍ଗର ପରିଚାଳନା ଦାୟିତ୍ୱ ଥିଲା ଜଣେ ହାବିଲଦାରଙ୍କ ଉପରେ, ତାଙ୍କୁ ସାହାଯ୍ୟ କରୁଥିଲେ ଜଣେ ବ୍ରାହ୍ମଣ ସୁବାଦାର । ସୁବାଦାର ରାଜସ୍ୱ ଶାସନ ଦାୟିତ୍ୱରେ ଥିଲେ । ପ୍ରଭୁ (Kayastha) ଜାତିର ଜଣେ ଅଧିକାରୀ ସାମରିକ କୋଷାଗାର ପରିଚାଳନା କରୁଥିଲେ ଓ ଖାଦ୍ୟଶସ୍ୟ ଯୋଗାଯୋଗ ଦାୟିତ୍ୱରେ ଥିଲେ । ସୈନ୍ୟମାନଙ୍କ ଶିବିରରେ ସ୍ତ୍ରୀ ଓ ନର୍ତ୍ତକୀମାନଙ୍କର ପ୍ରବେଶ ନିଷେଧ ଥିଲା । ଏହାର ଅବମାନନା କଲେ ମୃତ୍ୟୁଦଣ୍ଡ ମିଳୁଥିଲା । ଶିବାଜୀଙ୍କର ୧୨୬୦ଟି ହସ୍ତୀ ଥିବାର ଜଣାଯାଏ । ତାଙ୍କର ନୌବାହିନୀ ୪୦୦ଟି ଜାହାଜକୁ ନେଇ ଗଠିତ ହୋଇଥିଲା । ଦୌଲତ ଖାଁ ଓ ମିଶ୍ରି ଥିଲେ ସବୁଠୁଁ ଦକ୍ଷ ଓ ବିଶ୍ୱସ୍ତ ନୌସେନାପତି । ଯୁଦ୍ଧ କରିବା ଅପେକ୍ଷା ସେମାନେ ବାଣିଜ୍ୟିକ ଶୁଳ୍କ ଆଦାୟ କାର୍ଯ୍ୟରେ ବିଶେଷ ଧ୍ୟାନ ଦେଉଥିଲେ । ନୌବାହିନୀକୁ ଡଚ୍, ପର୍ତ୍ତୁଗୀଜ୍ ଓ ବ୍ରିଟିଶ୍‌ମାନଙ୍କ ବିରୋଧରେ ସଂଘର୍ଷ କରିବାକୁ ପଡୁଥିଲା ।

ସର୍ବଦା ଶତ୍ରୁମାନଙ୍କ ସହିତ ଜୁଝିବାକୁ ପଡୁଥିବାରୁ ଶିବାଜୀ ନିଜର ସାମ୍ରାଜ୍ୟର ଦୃଢ଼ୀକରଣ ନିମିତ୍ତ ସମୟ ଦେଇପାରୁନଥିଲେ । ତେଣୁ ତାଙ୍କର ଶାସନ ଦୀର୍ଘକାଳ ପର୍ଯ୍ୟନ୍ତ ତିଷ୍ଠି ନଥିଲା । ଉତ୍ତରାଧିକାର ସୂତ୍ରରେ ଜମି ବଣ୍ଟନକୁ କେନ୍ଦ୍ରକରି ମରହଟ୍ଟାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିରହୁଥିଲା । ଏହି ସମସ୍ୟା ଶିବାଜୀ ସମାଧାନ କରିପାରି ନଥିଲେ, ଯେଉଁମାନେ ଅଶାନ୍ତି ହେଉଥିଲେ ସେମାନେ ଶିବାଜୀଙ୍କ ଶତ୍ରୁପକ୍ଷକୁ ସମର୍ଥନ କରୁଥିଲେ । ମହାରାଷ୍ଟ୍ର ଲୋକମାନଙ୍କର ଜ୍ଞାନ ଓ ଚରିତ୍ର ବିକାଶ କରିବା ପାଇଁ କୌଣସି ସଂଗଠିତ ଉଦ୍ୟମ କରାଯାଉନଥିଲା । ଜନସାଧାରଣ ଅନଭିଜ୍ଞ ଥିଲେ । ମରହଟ୍ଟା ଜାତି ଶକ୍ତିଶାଳୀ ହୋଇପାରିନଥିଲା ।

ଶମ୍ଭୁଜୀ (Shambhuji) :

୧୬୮୦ ଖ୍ରୀଷ୍ଟାବ୍ଦରେ ଶିବାଜୀଙ୍କର ମୃତ୍ୟୁ ହୋଇଥିଲା । ଶିବାଜୀଙ୍କର ଜ୍ୟେଷ୍ଠ ପୁତ୍ର ଶମ୍ଭୁଜୀ କନିଷ୍ଠ ଭ୍ରାତା ରାଜାରାମଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ରାଜା ହୋଇଥିଲେ । ଶମ୍ଭୁଜୀ ବିଳାସପ୍ରିୟ ଥିଲେ ମଧ୍ୟ ସାହସୀ ଥିଲେ । କବି କୁଳଶ (Kavi-Kulash) ନାମକ ଜନୈକ ବ୍ରାହ୍ମଣ ଥିଲେ ଶମ୍ଭୁଜୀଙ୍କ ପରାମର୍ଶଦାତା । ମରହଟ୍ଟାମାନଙ୍କଠାରୁ ମୋଗଲମାନଙ୍କର ଭୟ ଦୂରୀଭୂତ ହୋଇ ନଥିଲା । ୧୬୮୯ ଫେବ୍ରୁଆରୀ ମାସରେ ଜଣେ ପରାକ୍ରମୀ ମୋଗଲ କର୍ମଚାରୀ ମୁକାରବ ଖାଁଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ମୋଗଲବାହିନୀ ଦାକ୍ଷିଣାତ୍ୟ ଯାତ୍ରା କରି ରତ୍ନଗିରି ଠାରୁ ୨୨ ମାଇଲ ଦୂରରେ ଥିବା ସଙ୍ଗମେଶ୍ୱର ଠାରେ ମରହଟ୍ଟାମାନଙ୍କୁ ପରାସ୍ତ କରିଥିଲେ । ମୋଗଲମାନେ ରାୟଗଡ଼ ଦୁର୍ଗ ମଧ୍ୟ ଅଧିକାର କରିଥିଲେ । ଶମ୍ଭୁଜୀ ବୀରତ୍ୱର ସହିତ ଯୁଦ୍ଧକରି ବନ୍ଦି ହୋଇଥିଲେ । ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ମୋଗଲ ସାମ୍ରାଜ୍ୟବାଦୀମାନେ ଅନେକ ମରହଟ୍ଟା ଦୁର୍ଗ ଅବରୋଧ କରିଥିଲେ । ଶମ୍ଭୁଜୀଙ୍କ ପୁତ୍ର ଶାହୁ ଏବଂ ତାଙ୍କ ପରିବାରର କେତେକ ସଦସ୍ୟଙ୍କୁ ମୋଗଲମାନେ ବନ୍ଦି କରିଥିଲେ ।

ରାଜାରାମ (Rajaram) :

ଶମ୍ଭୁଜୀଙ୍କ ପରେ ରାଜାରାମ ଛତ୍ରପତି ଉପାଧି ଧାରଣ କରି ସିଂହାସନ ଆରୋହଣ କରିଥିଲେ । ରାୟଗଡ଼ ଦୁର୍ଗର ପତନ ପରେ ସେ କର୍ଣ୍ଣାଟକରେ ଥିବା ଜିଞ୍ଜି ଦୁର୍ଗରେ ଆଶ୍ରୟ ନେଇଥିଲେ । ମରହଟ୍ଟାମାନଙ୍କଠାରେ ଶିବାଜୀଙ୍କ ପ୍ରେରଣା ତଥାପି ଜୀବିତ ଥିଲା । ମୋଗଲମାନଙ୍କର କ୍ଷତି ଘଟାଇବା ପାଇଁ ରାଜାରାମ ବିଭିନ୍ନ ଦିଗକୁ ସୈନ୍ୟ ପ୍ରେରଣ କରିଥିଲେ । ବାସ୍ତବିକ ମରହଟ୍ଟାମାନଙ୍କର ଏକ ସରକାର ବା ରାଜ୍ୟ ଅଧୀନରେ ଏକ ସୈନ୍ୟବାହିନୀ ନଥିଲା, ଯାହାକୁ ଆଉରଙ୍ଗଜେବ୍ ଧ୍ୱଂସ କରିଦେଇଥା'ନ୍ତେ । ତାଙ୍କୁ ଲଢ଼ିବାକୁ ପଡୁଥିଲା ଏକ ଆକ୍ରମଣଶୀଳ ଜନତାଙ୍କ ବିରୁଦ୍ଧରେ । ସନ୍ତାଜୀ ଓ ଧନାଜୀ ନାମକ ମରହଟ୍ଟାମାନଙ୍କର ଦୁଇଜଣ ସେନାପତି ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଅଭିଯାନ କରି ମୋଗଲମାନଙ୍କର ଅଶେଷ କ୍ଷତି ସାଧନ କରୁଥିଲେ ।

୧୬୯୧ ଖ୍ରୀଷ୍ଟାବ୍ଦରେ ଜିଞ୍ଜି ଦୁର୍ଗ ଆକ୍ରମଣ କରିବା ପାଇଁ ଆଉରଙ୍ଗଜେବ ଏକ ମୋଗଲବାହିନୀ ପଠାଇଥିଲେ । ମୋଗଲ ସେନାପତି ଜୁଲିଫିକର ଖାଁ ଜିଞ୍ଜି ଦୁର୍ଗ ୮ ବର୍ଷ ଅବରୋଧ କରିବା ପରେ ଏହାକୁ ୧୬୯୮ରେ ଅଧିକାର କରିଥିଲେ । ରାଜାରାମ ସାତାରାକୁ ପଳାୟନ କରିଥିଲେ ଏବଂ ଉତ୍ତର ଦାକ୍ଷିଣାତ୍ୟରେ ଏକ ଶକ୍ତିଶାଳୀ ସୈନ୍ୟଦଳ ସଂଗ୍ରହ କରି ଯୁଦ୍ଧ ଚଳାଇଲେ । ସାମ୍ରାଜ୍ୟବାଦୀମାନେ ୧୬୯୯ ଡିସେମ୍ବରରେ ସାତାରା ଅବରୋଧ କଲେ । ମରହଟ୍ଟାମାନେ ବୀରତ୍ୱର ସହିତ ରାଜାରାମଙ୍କ ମୃତ୍ୟୁ ୧୭୦୦ ମାର୍ଚ୍ଚ ମାସ ୧୨ ତାରିଖ ପର୍ଯ୍ୟନ୍ତ ମୋଗଲମାନଙ୍କୁ ପ୍ରତିହତ କରିପାରିଥିଲେ । ତା'ପରେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିଥିଲା ।

ତାରାବାଈ (Tarabai) :

ରାଜାରାମଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ତାରାବାଈ ନାବାଳକ ପୁତ୍ର ତୃତୀୟ ଶିବାଜୀଙ୍କୁ ସିଂହାସନରେ ବସାଇ ନିଜେ ରାଜପ୍ରତିନିଧି ରୂପେ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ମରହଟ୍ଟାମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଆଗେଇ ଆସିଥିଲେ । ଏପରିକି ତାଙ୍କର ବିରୋଧୀ ସମାଲୋଚକ ଖାଫି ଖାଁ ସ୍ୱୀକାର କରିଛନ୍ତି, ତାରାବାଈ ଥିଲେ, ''ଜଣେ ଚତୁର ଓ ବିଜ୍ଞ ମହିଳା ଏବଂ ତାଙ୍କର ପ୍ରଶାସନିକ ଓ ସାମରିକ କ୍ଷେତ୍ରରେ ଜ୍ଞାନ ଥିବା ଯୋଗୁଁ ସ୍ୱାମୀଙ୍କର ଜୀବନକାଳ ମଧ୍ୟରେ ସେ ଖ୍ୟାତି ଅର୍ଜନ କରିଥିଲେ ।'' ତାଙ୍କର ନେତୃତ୍ୱରେ ମରହଟ୍ଟାବାହିନୀ ସାହସ ଓ ଉତ୍ସାହର ସହିତ ମୋଗଲମାନଙ୍କ ବିରୁଦ୍ଧରେ ଅଭିଯାନ କରିଥିଲେ । ମରହଟ୍ଟା ଶକ୍ତିକୁ ମଧ୍ୟ ଦମନ କରିବାରେ ଆଉରଙ୍ଗଜେବ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ମରହଟ୍ଟାମାନେ ସୁରାଟ, ମାଳବ, ଗୁଜରାଟ, ବରୋଦା ଓ ବେରାର ଆଦି ମୋଗଲ ଅଞ୍ଚଳ ଲୁଣ୍ଠନ କରିଥିଲେ । ଏପରିକି ସେମାନେ ଅହମଦନଗରଠାରେ ଥିବା ମୋଗଲ ଶିବିର ଲୁଣ୍ଠନ

କଲେ । ସେହି ସମୟରେ ମରହଟ୍ଟାମାନେ ଅଧିକ ଉତ୍ସାହର ସହିତ ମୋଗଲମାନଙ୍କୁ ଆକ୍ରମଣ କରିଥିଲେ ଏବଂ ମଧ୍ୟଭାରତ ଓ ଦାକ୍ଷିଣାତ୍ୟର ଅନେକ ସ୍ଥାନରେ ଫଳପ୍ରଦ ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀ ଭୀମସେନ ଲେଖିଛନ୍ତି, "ମରହଟ୍ଟାମାନେ ସମ୍ପୂର୍ଣ୍ଣ ରୂପେ ସମଗ୍ର ରାଜ୍ୟ ଉପରେ ଆଧିପତ୍ୟ ବିସ୍ତାର କଲେ ଏବଂ ରାସ୍ତା ବନ୍ଦ କରିଥିଲେ । ଲୁଣ୍ଠନ ଦ୍ୱାରା ସେମାନଙ୍କ ଦାରିଦ୍ର୍ୟ ଲାଘବ ହେଲା ଏବଂ ସେମାନେ ଧନୀ ହେଲେ ।"

ଶାହୁ (Shahu) :

୧୭୦୭ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କ ମୃତ୍ୟୁପରେ ଶାହୁଙ୍କୁ ବାହାଦୁର ଶାହା କାରାମୁକ୍ତ କରିଥିଲେ । ସମ୍ଭବତଃ ଶାହୁଙ୍କୁ ମୁକ୍ତି କରିବାରେ ବାହାଦୁର ଶାହାଙ୍କର ଦୁରଭିସନ୍ଧି ରହିଥିଲା । ତାଙ୍କର ମନେହେଲା, ଶାହୁ ମୁକ୍ତ ହେଲା ପରେ ରାଜା ହେବାପାଇଁ ଚାହିଁବେ ଏବଂ ଫଳସ୍ୱରୂପ ମରହଟ୍ଟାମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଲାଗିଯିବ । ତାହାହିଁ ହେଲା । ଶାହୁ ୧୭୦୮ରେ ମରହଟ୍ଟା ସିଂହାସନ ଦାବି କରିଥିଲେ । ତାରାବାଈ ଶାହୁଙ୍କୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗୃହଯୁଦ୍ଧ ଲାଗିଗଲା । ବାଲାଜୀ ବିଶ୍ୱନାଥଙ୍କ ସାହାଯ୍ୟରେ ଶାହୁ ସିଂହାସନ ଅଧିକାର କରିଥିଲେ । ସାତାରା ତାଙ୍କର ରାଜଧାନୀ ହେଲା । ତାରାବାଈ ମଧ୍ୟ କୋହ୍ଲାପୁର ଗମନ କରି ସେଠାରେ ନିଜର ପୁତ୍ରକୁ ସିଂହାସନରେ ବସାଇ ଶାସନ ଚଳାଇଥିଲେ । ୧୭୧୩ ନଭେମ୍ବର ୧୬ ତାରିଖରେ ଶାହୁ ପେଶବା ବା ପ୍ରଧାନମନ୍ତ୍ରୀ ରୂପେ ବାଲାଜୀ ବିଶ୍ୱନାଥଙ୍କୁ ନିଯୁକ୍ତ କରିଥିଲେ । ବାଲାଜୀ ବିଶ୍ୱନାଥ ବିଶେଷ ପ୍ରତିଭାଶାଳୀ ଥିଲେ । ତାଙ୍କର ଶାସନ ଓ ସାଙ୍ଗଠନିକ ପ୍ରତିଭାଯୋଗୁଁ ମରହଟ୍ଟାମାନେ ପ୍ରସିଦ୍ଧ ଶକ୍ତିରେ ଜାଗି ଉଠିଥିଲେ । ଶାହୁଙ୍କୁ ନାମକୁ ମାତ୍ର ରାଜା କରି ବାଲାଜୀ ନିଜେ ଶାସନ ଚଳାଇଲେ । ସେହିଦିନଠାରୁ ପେଶବା ପଦ ପୁରୁଷାନୁକ୍ରମିକ ଅଧିକାର କରାଗଲା ।

ଦଶମ ଅଧ୍ୟାୟ

ବ୍ରିଟିଶ୍ ରାଜତ୍ୱର ବିସ୍ତୃତି ଓ ଦୃଢ଼ୀକରଣ

(Expansion and consolidation of British rule)

ବଙ୍ଗଳା, ମହୀଶୂର, ମରହଟ୍ଟା, ଅଯୋଧ୍ୟା ଏବଂ ପଞ୍ଜାବ ସହିତ ବ୍ରିଟିଶ୍‌ର ସମ୍ପର୍କ

(British relation with Bengal, Mysore, Marathas, Oudh and Punjab)

ସପ୍ତଦଶ ଶତାବ୍ଦୀରେ ଭାରତକୁ ଇଂରେଜମାନଙ୍କର ଆଗମନ ଆଧୁନିକ ଇତିହାସର ଏକ ଯୁଗାନ୍ତକାରୀ ଘଟଣା । ଇଂରେଜମାନେ ଆସିଥିଲେ ଏକ ବଣିକ ଜାତି ରୂପେ । ଭାରତର ବିଭିନ୍ନ ସ୍ଥାନରେ ସେମାନେ ଗଢ଼ିଲେ ବାଣିଜ୍ୟ କେନ୍ଦ୍ର । ସେମାନଙ୍କର ଆର୍ଥିକ ସମୃଦ୍ଧି ଘଟିଲା । ତତ୍ ସହିତ ସେମାନେ ଭାରତରେ ରାଜନୈତିକ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଅଧିକ ଉତ୍ସାହିତ ହୋଇଥିଲେ । ଭାରତରେ ଇଂରେଜ ଶାସନ ବିସ୍ତାର ଦିଗରେ ସେ ସମୟର ଭାରତୀୟ ରାଜନୈତିକ ଅବସ୍ଥା ସେମାନଙ୍କୁ ସାହାଯ୍ୟ କରିଥିଲା । ସେତେବେଳର ପ୍ରଧାନ ପ୍ରଧାନ ରାଜ୍ୟଗୁଡ଼ିକ ଥିଲା ବଙ୍ଗଳା, ମରହଟ୍ଟା ରାଜ୍ୟ, ମହୀଶୂର, ପଞ୍ଜାବ ଓ ଆଫଗାନିସ୍ତାନ । ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ନଥିଲା ଏକତା ଓ ସହଯୋଗ, ସର୍ବଦା ଲାଗି ରହୁଥିଲା ବିଶୃଙ୍ଖଳା ଓ ଅରାଜକତା । ଭାରତରେ ସାମ୍ରାଜ୍ୟ ବିସ୍ତାର କରିବାକୁ ଇଂରେଜମାନଙ୍କୁ ଏହିସବୁ ରାଜ୍ୟଗୁଡ଼ିକ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ସେମାନଙ୍କର ହୁଗୁଳିଠାରେ ଏକ ବାଣିଜ୍ୟ କେନ୍ଦ୍ର ଥିଲା । ଏହାକୁ କେନ୍ଦ୍ର କରି ବଙ୍ଗଳାରୁ ଆରମ୍ଭ ହୋଇଥିଲା ସେମାନଙ୍କର ରାଜନୈତିକ ଜୀବନ ।

ବ୍ରିଟିଶ୍-ବଙ୍ଗଳା ସମ୍ପର୍କ

(British-Oudh relation)

ବଙ୍ଗଳାର ରାଜନୈତିକ ଅବସ୍ଥା (Political condition of Bengal)

ଦାକ୍ଷିଣାତ୍ୟ ପରି ବଙ୍ଗଳା ଜଣେକ ସୁବାଦାରଙ୍କ ଅଧୀନରେ ଶାସିତ ହେଉଥିଲା, ଯିଏ ନାମକୁ ମାତ୍ର ମୋଗଲ ସମ୍ରାଟଙ୍କ ପ୍ରାଧାନ୍ୟ ସ୍ୱୀକାର କରୁଥିଲେ । ବଙ୍ଗଳାରେ

କୌଣସି ରାଜନୈତିକ ଶକ୍ତି ନଥିଲା । ଯଦିବି କିଛି ଥିଲା, ତା'ର ସ୍ଥାୟିତ୍ୱ ନଥିଲା। ଷଡ଼ଯନ୍ତ୍ର ଓ ବିଦ୍ରୋହ ଥିଲା ସେ ଦିନଗୁଡ଼ିକର ନିତିଦିନିଆ ଘଟଣା । ଶାସକମାନଙ୍କର ଦୁର୍ନୀତି ଓ ଅପାରଗତା ରାଜ୍ୟର ସ୍ଥିରତାକୁ ଦୁର୍ବଳ କରିଦେଉଥିଲା । ଆଉରଙ୍ଗଜେବଙ୍କ ମୃତ୍ୟୁପରେ ବଙ୍ଗଳାର ଶାସନକର୍ତ୍ତା ମୁର୍ଶିଦ କୁଲୀ ଖାଁ ସ୍ୱାଧୀନ ଭାବରେ ଶାସନ କରିଥିଲେ। ତାଙ୍କର ମୃତ୍ୟୁ ପରେ ତାଙ୍କର ଜାମାତା ସୁଜାଖାଁ ହେଲେ ବଙ୍ଗଳାର ଶାସନକର୍ତ୍ତା । ସେ ବିହାର ଅଧିକାର କରି ସେଠାରେ ଆଲିବର୍ଦ୍ଦୀ ଖାଁଙ୍କୁ ଶାସକ ରୂପେ ଅବସ୍ଥାପନ କଲେ। ସୁଜାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ସରଫରାଜ ଖାଁ ୧୭୩୯ରେ ହେଲେ ବଙ୍ଗଳାର ଶାସନକର୍ତ୍ତା । ସରଫରାଜଙ୍କ ବିରୋଧରେ ବିଦ୍ରୋହ କରି ଓ ତାଙ୍କୁ ହତ୍ୟା କରି ଆଲିବର୍ଦ୍ଦୀ ଖାଁ ୧୭୪୦ ଖ୍ରୀଷ୍ଟାବ୍ଦରେ ନିଜକୁ ବଙ୍ଗଳାର ନବାବ ବୋଲି ଘୋଷଣା କଲେ । ସେ ମଧ୍ୟ ନିଜକୁ ଜଣେ ଦକ୍ଷ ଓ ଶକ୍ତିଶାଳୀ ଶାସକ ରୂପେ ପ୍ରମାଣିତ କଲେ । ତାଙ୍କୁ ମରହଟ୍ଟା ବର୍ଗୀମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ପଡୁଥିଲା, ଯେଉଁମାନେ ବଙ୍ଗବାସୀମାନଙ୍କ ଉପରେ ଅକଥନୀୟ ଉପଦ୍ରବ କରୁଥିଲେ । ଶାନ୍ତିକ୍ରୟ କରିବା ପାଇଁ ଆଲିବର୍ଦ୍ଦୀଙ୍କୁ ମରହଟ୍ଟାମାନଙ୍କୁ ଓଡ଼ିଶାର ଏକ ଅଂଶ ଓ ବାର୍ଷିକ ୧୨ ଲକ୍ଷ ଟଙ୍କା ଚୌଥ ସ୍ୱରୂପ ଦେବାକୁ ପଡ଼ିଥିଲା । ତାଙ୍କ ରାଜତ୍ୱର ଶେଷ ପାଞ୍ଚବର୍ଷରେ ବଙ୍ଗଳାରେ ସ୍ଥିରତା ଫେରାଇ ଆଣିବା ପାଇଁ ଓ ଲୋକମାନଙ୍କୁ ଏକ ସ୍ଥାୟୀ ଶାସନ ଦେବାପାଇଁ ସେ ସଂକଳ୍ପ କରିଥିଲେ; ମାତ୍ର ବାର୍ଦ୍ଧକ୍ୟ ଓ ଭଗ୍ନ ସ୍ୱାସ୍ଥ୍ୟ ଯୋଗୁଁ ତାଙ୍କର ଉଦ୍ଦେଶ୍ୟ ପୂରଣ ହୋଇପାରିନଥିଲା । ଉତ୍ତରାଧିକାରୀ ହେବା ନିମିତ୍ତ ତାଙ୍କର ମଧ୍ୟ କୌଣସି ପୁତ୍ରସନ୍ତାନ ନଥିଲେ । ତାଙ୍କର କନ୍ୟା ତିନିଜଣ ଢାକା, ପୂର୍ଣ୍ଣିଆ ଓ ପାଟନାର ଗଭର୍ଣ୍ଣରମାନଙ୍କୁ ବିବାହ କରିଥିଲେ । ଆଲିବର୍ଦ୍ଦୀଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଜାମାତାମାନଙ୍କର ଦେହାନ୍ତ ହୋଇସାରିଥିଲା । ତେଣୁ ସେ ତାଙ୍କର କନିଷ୍ଠ କନ୍ୟାର ପୁତ୍ର ସିରାଜ ଉଦ୍ଦୌଲାଙ୍କୁ ଉତ୍ତରାଧିକାରୀ ରୂପେ ମନୋନୀତ କରିଥିଲେ। ଏହାଦ୍ୱାରା ଢାକା ଓ ପୂର୍ଣ୍ଣିଆର ଗଭର୍ଣ୍ଣରମାନେ ଅସନ୍ତୁଷ୍ଟ ହୋଇଥିଲେ ।

ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ୧୭୫୬ ଅପ୍ରେଲ ମାସ ୯ତାରିଖରେ ଆଲିବର୍ଦ୍ଦୀ ପରଲୋକ ଗମନ କରିଥିଲେ । ଅନାୟାସରେ ସିରାଜ ଉଦ୍ଦୌଲା ହୋଇଥିଲେ ବଙ୍ଗ, ବିହାର ଓ ଓଡ଼ିଶାର ନବାବ । ତାଙ୍କର ସିଂହାସନ ଆରୋହଣକୁ ବାଧା ଦିଆଯାଉନଥିଲେ ମଧ୍ୟ ପରିସ୍ଥିତି ଥିଲା ବିଶୃଙ୍ଖଳିତ । ଏପରିକି ଆଲିବର୍ଦ୍ଦୀ ପୀଡ଼ିତ ଥିବା ସମୟରେ ସିରାଜ ଦେଶ ଶାସନ କରୁଥିଲେ । ଆଲିବର୍ଦ୍ଦୀ ଓ ଇଂରେଜମାନଙ୍କ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ଥିଲା; କିନ୍ତୁ ଇଂରେଜମାନଙ୍କ ଶକ୍ତିବୃଦ୍ଧି ଦେଖି ସେ ଆଶଙ୍କା ପ୍ରକାଶ କରୁଥିଲେ । ସିରାଜଙ୍କୁ ସତର୍କ କରିଦେବାକୁ ସେ କହିଥିଲେ, ''ସେମାନଙ୍କୁ ଦୁର୍ଗ ନିର୍ମାଣ କରିବାକୁ ଓ ସୈନ୍ୟ ରଖିବାକୁ ଦିଅନାହିଁ । ଯଦି ଦେବ, ତା'ହେଲେ ଦେଶ ତୁମର ନୁହେଁ ।''

ସିରାଜ ଉଦ୍ଦୌଲା (Siraj-ud-Daula)

ବଙ୍ଗଳାର ନବାବ ହେବା ସମୟରେ ସିରାଜ ଉଦ୍ଦୌଲା ଥିଲେ ୨୦ ବର୍ଷର ଜଣେ ଉଦ୍ଦାମ ଯୁବକ । ପ୍ରାଚ୍ୟର ସବୁ ରାଜପୁତ୍ରମାନଙ୍କ ପରି ତାଙ୍କର ସ୍ୱଭାବ ଥିଲା ତ୍ରୁଟିପୂର୍ଣ୍ଣ । ସମସ୍ତ ପ୍ରକାର ବିଳାସ ମଧ୍ୟରେ ସେ ପ୍ରତିପାଳିତ ହୋଇଥିଲେ । ସେ ଥିଲେ ଆବେଗମୟ ଓ ଅସ୍ଥିରମତିସମ୍ପନ୍ନ । ତାଙ୍କର ସ୍ୱଚ୍ଛବୁଦ୍ଧି ବା ସଂକଳ୍ପ ତାଙ୍କଠି ଥିବା ଦୋଷଗୁଡ଼ିକୁ ମୋଚନ କରିପାରୁନଥିଲା । ତାଙ୍କର ନଥିଲା ଅଭିଜ୍ଞତା, ଚିନ୍ତାଗୁଡ଼ିକ ଥିଲା ପରସ୍ପର ବିରୋଧୀ । ଦରକାର ସମୟରେ ସେ ନିଜକୁ ନିରାପଦରେ ରଖିପାରୁନଥିଲେ । ମାଇକେଲ ଏଡ୍ୱାର୍ଡସ୍ କହିଛନ୍ତି, ''ସେ ଥିଲେ ଉଗ୍ର ପ୍ରକୃତିବିଶିଷ୍ଟ ଦୁର୍ନାମଗ୍ରସ୍ତ ଏକ ଦୁର୍ବଳ ଯୁବକ ।'' ଏପରି ଚରିତ୍ର ଧରି ସେ ଜନସାଧାରଣଙ୍କୁ ପ୍ରଭାବିତ କରିପାରୁନଥିଲେ ।

ସିରାଜଙ୍କ ସିଂହାସନ ଆରୋହଣ ନଥିଲା ବାଧା ଶୂନ୍ୟ । ବଙ୍ଗର ସିଂହାସନ ପାଇଁ ଚକ୍ରାନ୍ତ କରୁଥିଲେ ଆଲିବର୍ଦ୍ଦୀ ଖାଁଙ୍କର ଅନ୍ୟତମ ବଂଶଧର ସୌକତ ଜଙ୍ଗ । ଢାକାର ଘାସିଟି ବେଗମ ମଧ୍ୟ ତାଙ୍କର ଦିୱାନ ରାଜବଲ୍ଲଭଙ୍କ ଦ୍ୱାରା ପ୍ରଲୋଭିତ ହୋଇ ବଙ୍ଗ ସିଂହାସନ ଚାହୁଁଥିଲେ । ସିରାଜ ରାଜବଲ୍ଲଭଙ୍କୁ ଏକ ଉଚ୍ଚପଦବୀ ଦେଇ ନିଜ ପକ୍ଷକୁ ଆଣିଥିଲେ । ସୌକତ ଜଙ୍ଗଙ୍କୁ ମଧ୍ୟ ଭୟଭୀତ କରି ସେ ଚୁପ୍ କରେଇ ଦେଇପାରିଥିଲେ; କିନ୍ତୁ ସେତେବେଳକୁ ଇଂରେଜମାନେ ବଙ୍ଗଳାରେ ସେମାନଙ୍କର ସ୍ଥିତି ଦୃଢ଼ୀଭୂତ କରିଥିଲେ । ଆଲିବର୍ଦ୍ଦୀ ଖାଁଙ୍କ ଉପଦେଶ ଅନୁଯାୟୀ ସିରାଜ ଚାହୁଁଥିଲେ ଇଂରେଜମାନଙ୍କ କ୍ଷମତା ହ୍ରାସ କରିବେ ଏବଂ ସେମାନଙ୍କ ପ୍ରତି ଶତ୍ରୁତାଭାବ ପୋଷଣ କରିବେ ନାହିଁ; କିନ୍ତୁ ଇଂରେଜମାନଙ୍କ ପ୍ରତି ତାଙ୍କର ଶତ୍ରୁତା ସ୍ୱାଭାବିକ ଭାବରେ ବୃଦ୍ଧି ପାଇଥିଲା, ଯେଉଁଥିରୁ ଉଦ୍ଭବ ହୋଇଥିଲା ପଲାସୀଯୁଦ୍ଧ ।

ପଲାସୀ ଯୁଦ୍ଧ (The Battle of Plassey)

ବଙ୍ଗଳାରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ରୂପେ କମ୍ପାନୀ ଆବିର୍ଭୂତ ହୋଇଥିଲା । ନବାବଙ୍କ ପ୍ରତି ନଥିଲା ଏହାର ନମ୍ର ବ୍ୟବହାର । ନବାବଙ୍କ ଶତ୍ରୁମାନଙ୍କ ସହିତ ଇଂରେଜମାନେ ଗୋପନ ସମ୍ପର୍କ ରଖି ତାଙ୍କର କ୍ରୋଧ ବୃଦ୍ଧି କରୁଥିଲେ । ତେଣୁ ଏକ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁ କାରଣଗୁଡ଼ିକ ପଲାସୀ ଯୁଦ୍ଧ ସଂଘଟିତ କରିଥିଲା୍ ସେଗୁଡ଼ିକ ନିମ୍ନ ପ୍ରକାରର-

୧। ସିରାଜ ଉଦ୍ଦୌଲାଙ୍କ ସମ୍ପର୍କୀୟମାନେ ତାଙ୍କୁ ବିରୋଧ କରିଥିଲେ । ଆଲିବର୍ଦ୍ଦୀଙ୍କ ବଂଶଧର ସୌକତ ଜଙ୍ଗ ବଙ୍ଗଳା ସିଂହାସନ ପାଇଁ ଆଶାୟୀ ଥିଲେ । ସୌକତଙ୍କୁ ଇଂରେଜମାନେ ସମର୍ଥନ କରୁଥିଲେ ।

୨ । ରାଜବଲ୍ଲଭ ଥିଲେ ନବାବଙ୍କର ଅନ୍ୟ ଜଣେ ଶତ୍ରୁ । ସିରାଜଙ୍କ ରାଜକୋଷରୁ ସେ ପ୍ରଚୁର ଅର୍ଥ ଆତ୍ମସାତ୍ କରିଥିଲେ । ସେହି ଧନ ସହିତ ତାଙ୍କର ପୁତ୍ର କୃଷ୍ଣଦାସ ଓ ତାଙ୍କର ପରିବାରବର୍ଗଙ୍କୁ ରାଜବଲ୍ଲଭ ଇଂରେଜମାନଙ୍କ ସୁରକ୍ଷାରେ କଳିକତାଠାରେ ରଖାଇଥିଲେ । ଶତ୍ରୁମାନଙ୍କୁ ସମର୍ପଣ କରିବାକୁ ସିରାଜ ଯେତେବେଳେ ଇଂରେଜମାନଙ୍କୁ ନିର୍ଦ୍ଦେଶ ଦେଲେ, ସେମାନେ କର୍ଣ୍ଣପାତ କଲେ ନାହିଁ ।

୩ । ୧୭୧୬-୧୭ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଫାରୁକସିୟାର କମ୍ପାନୀକୁ ବିନା ଶୁଳ୍କରେ ବାଣିଜ୍ୟ କରିବାକୁ ଅନୁମତି ପତ୍ର ବା ଦସ୍ତକ ଦେଇଥିଲେ । ଇଂରେଜମାନେ ଏହି ଦସ୍ତକର ଅପବ୍ୟବହାର କରୁଥିଲେ । କମ୍ପାନୀର ଲୋକମାନେ ବ୍ୟକ୍ତିଗତ ବାଣିଜ୍ୟରେ ଦସ୍ତକ ବ୍ୟବହାର କଲେ ଓ କର ଫାଙ୍କିଲେ । ସ୍ଥାନୀୟ ବଣିକମାନଙ୍କର ମଧ୍ୟ କ୍ଷତି ହେଉଥିଲା । ତେଣୁ ସିରାଜ ଦସ୍ତକର ଉଚ୍ଛେଦ ଘୋଷଣା କଲେ; କିନ୍ତୁ ଇଂରେଜମାନେ ତାଙ୍କ ଘୋଷଣାକୁ ଅବମାନନା କରିଥିଲେ ।

୪ । ଆଲିବର୍ଦ୍ଦୀ ଖାଁ ଉଭୟ ଫରାସୀ ଓ ଇଂରେଜମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ବଙ୍ଗଳାରେ ବାଣିଜ୍ୟ କରିବାକୁ ଅନୁମତି ଦେଇଥିଲେ, ଦୁର୍ଗ ନିର୍ମାଣ କରିବା ପାଇଁ ନୁହେଁ; କିନ୍ତୁ ତାଙ୍କର ମୃତ୍ୟୁ ପରେ ଉଭୟ ଫରାସୀ ଓ ଇଂରେଜମାନେ ଦୁର୍ଗ ନିର୍ମାଣ କରି ନିଜକୁ ଶକ୍ତିଶାଳୀ କରୁଥିଲେ । ଇଂରେଜମାନେ କଳିକତା ଦୁର୍ଗର ଚାରିପାଖରେ ଗଭୀର ପରିଖା ଖନନ କରିବାକୁ ଲାଗିଲେ । ଦୁର୍ଗଗୁଡ଼ିକ ଭାଙ୍ଗି ଦେବାପାଇଁ ଓ ପରିଖା ପୋତିଦେବା ପାଇଁ ସିରାଜ ଆଦେଶ ଦେଇଥିଲେ । ଫରାସୀମାନେ ତାଙ୍କର ଆଦେଶ ମାନି ନେଇଥିଲେ ମଧ୍ୟ ଇଂରେଜମାନେ ତାହାପ୍ରତି କର୍ଣ୍ଣପାତ କରିନଥିଲେ । ଇଂରେଜମାନେ ବାହାନା କରି କହିଲେ ଯେ ଫରାସୀମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେମାନେ ଦୁର୍ଗ ନିର୍ମାଣ କରିଛନ୍ତି । ପୁନଶ୍ଚ କେତେଜଣ ଉଦ୍ଧତ ଇଂରେଜ କର୍ମଚାରୀ କହିଥିଲେ, କେବଳ ମୁର୍ (Moors)ମାନଙ୍କର ମସ୍ତକରେ ଗଡ଼ଖାଇଟି ପୋତି ହୋଇପାରିବ । ଏହା ଶ୍ରବଣ କରି ସିରାଜଙ୍କର ଧୈର୍ଯ୍ୟ ଚ୍ୟୁତି ଘଟିଥିଲା । ସେ ଈଶ୍ୱରଙ୍କ ନାମରେ ଶପଥ ନେଇ କହିଥିଲେ ଯେ ଯଦି ଇଂରେଜମାନେ ପରିଖାଗୁଡ଼ିକ ପୂରଣ କରିବାକୁ ରାଜି ନହେବେ, ଦୁର୍ଗଗୁଡ଼ିକ ନଭାଙ୍ଗିବେ ଏବଂ ଜାଫର ଖାଁଙ୍କ ସମୟରୁ କରାଯାଇଥିବା ସର୍ତ୍ତ ଅନୁଯାୟୀ ବାଣିଜ୍ୟ ନକରିବେ ତେବେ ସେ ସେମାନଙ୍କୁ ତାଙ୍କ ଦେଶରୁ ସମ୍ପୂର୍ଣ୍ଣରୂପେ ବିତାଡ଼ିତ କରିଦେବେ; କିନ୍ତୁ ଇଂରେଜମାନଙ୍କର ତାଙ୍କର କଥାପ୍ରତି ଟିକେ ହେଲେ ଭ୍ରୂକ୍ଷେପ ନଥିଲା ।

ଇଂରେଜମାନଙ୍କ ସହିତ ଯୁଦ୍ଧ

ଇଂରେଜମାନଙ୍କର ତାଙ୍କପ୍ରତି ଏପରି ଅବମାନନା ନବାବଙ୍କୁ ଅସହିଷ୍ଣୁ କରିଦେଇଥିଲା । ତେଣୁ ସେ ଇଂରେଜମାନଙ୍କର କାସିମ ବଜାରସ୍ଥିତ କାରଖାନା ଅବରୋଧ କରିଥିଲେ ଏବଂ ୫୦, ୦୦୦ ସୈନ୍ୟ ଧରି କଳିକତା ଅଭିମୁଖରେ ଯାତ୍ରା କଲେ । ଏହା ଇଂରେଜମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ସେମାନେ ଫରାସୀ ଓ ଡଚ୍‌ମାନଙ୍କୁ ସାହାଯ୍ୟ ଭିକ୍ଷା କରିଥିଲେ ମଧ୍ୟ ସାହାଯ୍ୟ ପାଇପାରି ନଥିଲେ । ନବାବଙ୍କ ସୈନ୍ୟମାନେ ଫୋର୍ଟ ଉଇଲିୟମକୁ ମଧ୍ୟ ଅବରୋଧ କଲେ । ଏହାର ଶାସନକର୍ତ୍ତା ଡ୍ରେକ୍ ଥିଲେ ଭୀରୁ । ସେ ଇଂରେଜ ମହିଳା ଓ ପିଲାମାନଙ୍କୁ ନେଇ ହୁଗୁଳି ନଦୀରେ ଜାହାଜ ଚଳାଇ ନିରାପଦ ସ୍ଥାନକୁ ପଳାୟନ କରିଥିଲେ । ଦୁର୍ଗରକ୍ଷାର ଦାୟିତ୍ୱ ପଡ଼ିଲା ହଲୱେଲଙ୍କ ଉପରେ । ହଲୱେଲ ନବାବଙ୍କ ଆକ୍ରମଣ ପ୍ରତିହତ କରି ନପାରି ଅବଶିଷ୍ଟ ଇଂରେଜମାନଙ୍କ ସହିତ ବନ୍ଦି ହୋଇଥିଲେ । କଳିକତାର ଦାୟିତ୍ୱ ମାଣିକ ଚାନ୍ଦଙ୍କୁ ଅର୍ପଣ କରି ସିରାଜ ମୁର୍ଶିଦାବାଦ ଫେରିଥିଲେ ।

ଅନ୍ଧକୂପ ହତ୍ୟା (Black-hole Tragedy)

ଅନ୍ଧକୂପ ହତ୍ୟାର କାହାଣୀଟି ଥିଲା ଏହିପରି- ଯେଉଁ ଇଂରେଜମାନେ ଆତ୍ମସମର୍ପଣ କରିଥିଲେ, ସେମାନଙ୍କୁ ନେଇ ସିରାଜଙ୍କ ସୈନ୍ୟମାନେ ଫୋର୍ଟ ଉଇଲିୟମର ଏକ କ୍ଷୁଦ୍ର କକ୍ଷରେ ଆବଦ୍ଧ କରି ରଖିଥିଲେ । ସେହି ଦିନଟି ଥିଲା ୧୭୫୬ ଖ୍ରୀଷ୍ଟାବ୍ଦ ଜୁନ୍ ୨୦ ତାରିଖ ।

ନୋଏଲ ବାର୍ବର (Noel Barber) ସେହି ହତ୍ୟାର ଏପରି ଏକ ଚିତ୍ର ଦେଇଛନ୍ତି, "କକ୍ଷଟି ଥିଲା ୧୮ ଫୁଟ ଦୈର୍ଘ୍ୟ ଓ ୧୪ ଫୁଟ ୧୦ ଇଞ୍ଚ ପ୍ରସ୍ଥ ବିଶିଷ୍ଟ । ଏଠାରେ ଥିଲା ଅନ୍ଧକାର, ତଥାପି ଘଟିଥିଲା ଉଜ୍ଜ୍ୱଳତାର ପ୍ରତିଫଳନ; ବାହ୍ୟ ଦେଶରେ ପ୍ରଜ୍ୱଳିତ ଅଗ୍ନିରେ ରକ୍ତିମ ଝିଲାଣ ଦିଆ ଛାତରୁ ଲୌହଦଣ୍ଡ ଦ୍ୱାରା ଆବଦ୍ଧ କେବଳ ଦୁଇଟି ରନ୍ଧ୍ର ଦେଇ ବାୟୁ ପ୍ରବେଶ କରୁଥିଲା । ଏକ ପ୍ରକାର ଦାନ୍ତେସ୍କ ଦୁଃସ୍ୱପ୍ନ (Dantesque nightmare)ର ପ୍ରତିମୂର୍ତ୍ତି ପରି ଝୁଣ୍ଟିପଡୁଥିବା ହତବୁଦ୍ଧିସମ୍ପନ୍ନ ପୁରୁଷ ଓ ଜଣେ ମହିଳାଙ୍କୁ ଏକମାତ୍ର ଦ୍ୱାର ଦେଇ ଜଣକ ପରେ ଜଣକୁ ପେଷାଯାଉଥିଲା; ଉପରୁ ଫୋପାଡ଼ି ଦିଆଯାଉଥିବା ଜଣେ ଅନ୍ୟ ଜଣଙ୍କ ଉପରେ ହସ୍ତ ପଦ ଖୋଲାକରି ପଡୁଥିଲେ; ଏକ ପାଦ ଥାପିବାକୁ ସେମାନେ ସ୍ଥାନ ପାଇଁ ସଂଘର୍ଷ କରୁଥିଲେ, କେତେକ ଦଣ୍ଡାୟମାନ ଥିଲେ, କେତେକ, ଯେଉଁମାନେ ଅଧିକତର ଭାଗ୍ୟବାନ୍, ଆଗକୁ ଥିବା ସେହି ଦୀର୍ଘ

ରାତ୍ରିର ପ୍ରଥମ ଚଳନରେ ମରିଯାଇଥିଲେ । ଶେଷରେ ସେହି ୧୪୬ ଜଣଙ୍କୁ ଦ୍ୱାର ବନ୍ଦ କରାଯାଇ ତାଲା ପକାଇ ଦିଆଯାଇଥିଲା, ସେତେବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣ କ୍ଷତବିକ୍ଷତ କର୍ମଚାରୀ ଓ ଜଣେ ମହିଳା ମେରୀ କେୟାରଙ୍କୁ ସବଳେ ଧକ୍କା ଦିଆଯାଇ ଠେସି ଭର୍ତ୍ତି କରାଯାଇଥିଲା ।'' ପ୍ରଭାତ ସମୟକୁ ଶ୍ୱାସରୁଦ୍ଧ ହୋଇ ୧୨୩ ଜଣ ଇଂରେଜଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ନିଜେ ହଲୱେଲ ଥିଲେ ଏ ଯନ୍ତ୍ରଣାର ଅନୁଭବୀ ।

ଇଂରେଜମାନେ ଏହି ଘଟଣା ପାଇଁ ସିରାଜଙ୍କୁ ଦାୟୀ କରିଥିଲେ । ଯଦି କାହାଣୀଟି ସତ୍ୟ ହୋଇଥାଏ, ତେବେ ସିରାଜଙ୍କୁ ଦାୟୀ କରାଯାଇପାରିବ ନାହିଁ, କାରଣ ତାଙ୍କ ଅଧୀନସ୍ଥ କର୍ମଚାରୀମାନେ ଏପରି କାଣ୍ଡ ଭିଆଇଥିଲେ । ନବାବଙ୍କର ଏତିକି ଦୋଷ ଥିଲା ଯେ ସେ ଏପରି ଭୟାବହ କାଣ୍ଡ କରିଥିବା କର୍ମଚାରୀମାନଙ୍କୁ ଦଣ୍ଡଦେଇ ନଥିଲେ । ସେ ଯାହାହେଉ କାହାଣୀଟି ସତ୍ୟ ବୋଲି ମନେହୁଏ ନାହିଁ, କାରଣ ସେହି ସମସାମୟିକ ଐତିହାସିକ ଗୁଲାମ ହୁସେନଙ୍କ ପୁସ୍ତକ ସିୟାର-ଉଲ-ମୁତାଖେରିନରେ ଏହି ହତ୍ୟା ବିଷୟରେ ଆଲୋଚନା କରାଯାଇନାହିଁ । କଲିକତା କାଉନସିଲର ନଥିପତ୍ରରେ ମଧ୍ୟ ଏ ବିଷୟରେ ସୂଚନା ଦିଆଯାଇନାହିଁ । ଯଦିବି ଏ ଘଟଣା ସତ୍ୟ ହୋଇଥିବ, ତେବେ ଇଂରେଜ ଜାତିକୁ ସିରାଜଙ୍କ ବିରୁଦ୍ଧରେ ଉତ୍ତେଜିତ କରିବାକୁ ଏହାକୁ ଅତିରଞ୍ଜିତ କରାଯାଇ ଏକ ବିଭତ୍ସ ରୂପ ପ୍ରଦାନ କରାଯାଇଥିବ ।

ନବାବଙ୍କ ବିରୋଧରେ ପ୍ରତିଶୋଧ ନେବାପାଇଁ ଇଂରେଜମାନେ ସଂକଳ୍ପ କରିଥିଲେ । ଫୋର୍ଟଉଇଲିୟମର ପତନ କଥାଶୁଣି ମାନ୍ଦ୍ରାଜରୁ ରବର୍ଟ କ୍ଲାଇବ୍ ଓ ଆଡ଼ମିରାଲ ୱାଟ୍‌ସନ୍ କଲିକତାଠାରେ ପହଞ୍ଚିଥିଲେ । ସେମାନେ ମାଣିକଚାନ୍ଦଙ୍କୁ ପ୍ରଚୁର ଉତ୍କୋଚ ଦେଇ ବଶୀଭୂତ କଲେ ଏବଂ ଫୋର୍ଟଉଇଲିୟମକୁ ପୁନଃ ଅଧିକାର କରିଥିଲେ । ସିରାଜ ମଧ୍ୟ ୪୦,୦୦୦ ସୈନ୍ୟ ସଂଗ୍ରହ କରି କଲିକତାକୁ ଆସିଥିଲେ; ମାତ୍ର କ୍ଲାଇବ୍ ସିରାଜ ଉଦ୍ଦୌଲାଙ୍କୁ ପରାସ୍ତ କରିଥିଲେ । ୧୭୫୭ ଫେବ୍ରୁଆରୀ ୯ ତାରିଖ ଦିନ ସିରାଜ ଓ କ୍ଲାଇବ୍‌ଙ୍କ ପକ୍ଷରେ ସ୍ୱାକ୍ଷରିତ ହୋଇଥିଲା ଆଲିନଗର ସନ୍ଧି । ଏହାଦ୍ୱାରା ଇଂରେଜମାନେ ମୋଗଲ ସମ୍ରାଟଙ୍କଠାରୁ ପାଉଥିବା ପୂର୍ବ ସୁବିଧାମାନ ଫେରିପାଇଥିଲେ । ବଙ୍ଗ, ବିହାର ଓ ଓଡ଼ିଶାରେ ଦସ୍ତକ ବ୍ୟବହାର କରିବାର ଅଧିକାର ସେମାନେ ବଜାୟ ରଖିଲେ । କଲିକତାରେ ଦୁର୍ଗ ନିର୍ମାଣ ପାଇଁ ସେମାନଙ୍କୁ ଅନୁମତି ଦିଆଗଲା । ନିଜର ମୁଦ୍ରା ପ୍ରଚଳନ କରିବାକୁ ଇଂରେଜମାନେ କ୍ଷମତା ଲାଭ କଲେ । ଇଂରେଜମାନଙ୍କୁ କ୍ଷତିପୂରଣ ଦେବାପାଇଁ ନବାବ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଏହି ସନ୍ଧି ନବାବଙ୍କୁ ସଙ୍କୁଚିତ କରିଦେଇଥିବାବେଳେ ଇଂରେଜମାନଙ୍କୁ ଲାଭ ପ୍ରଦାନ କରିଥିଲା । ନବାବ ଆଶା କରିଥିଲେ ଯେ ସନ୍ଧି ପରେ

ଇଂରେଜମାନେ ମାନ୍ଦ୍ରାଜ ପ୍ରତ୍ୟାବର୍ତ୍ତନ କରିଯିବେ; କିନ୍ତୁ କ୍ଲାଇବ୍ ଇଂରେଜମାନେ ଲାଭ କରିଥିବା ସୁବିଧାରେ ସନ୍ତୁଷ୍ଟ ନଥିଲେ ଏବଂ ଅଧିକ ସୁବିଧା ହାସଲ କରିବା ନିମିତ୍ତ ଉଦ୍ୟମ ଚାଲୁ ରଖିଥିଲେ । କ୍ଲାଇବ୍ ଫରାସୀମାନଙ୍କର ଚନ୍ଦନନଗର ଅଧିକାର କରିବା ସମୟରେ ମଧ୍ୟ ସିରାଜ ଚୁପ୍ ରହିଥିଲେ, ଯଦିବି ଫରାସୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହିଥିଲା ।

ସିରାଜଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର

ନବାବଙ୍କ ଦରବାରର ଅନେକ ପାରିଷଦ ସିରାଜଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ, ସେମାନେ ଚାହୁଁଥିଲେ ସିରାଜଙ୍କୁ ଗାଦିଚ୍ୟୁତ କରି ତା'ସ୍ଥାନରେ ତାଙ୍କର ଜନୈକ ସେନାପତି ମୀରଜାଫରଙ୍କୁ ନବାବ ପଦରେ ଅଧିଷ୍ଠିତ କରିବେ । ନଦିଆର ହିନ୍ଦୁରାଜା କୃଷ୍ଣଚନ୍ଦ୍ର ଓ ଜଣେ ଧନୀ ବ୍ୟକ୍ତି ଜଗତ ସେଠ ନବାବଙ୍କ ହିନ୍ଦୁ ବିଦ୍ୱେଷ ନୀତି ଯୋଗୁଁ ତାଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିଲେ । ଓମିଚାନ୍ଦ ଓ ମାଣିକଚାନ୍ଦ ଥିଲେ ଅନ୍ୟାନ୍ୟ ଷଡ଼ଯନ୍ତ୍ରକାରୀ । ସେମାନେ ଏକତ୍ରିତ ହୋଇ ଅଧିକ ଶକ୍ତିଶାଳୀ ହେବାକୁ ଇଂରେଜମାନଙ୍କ ପକ୍ଷ ଲୋଡ଼ିଥିଲେ । ଏହାଥିଲା କ୍ଲାଇବ୍‌ଙ୍କ ପାଇଁ ଅପୂର୍ବ ସୁଯୋଗ । କ୍ଲାଇବ ମୀରଜାଫରଙ୍କ ସହିତ ଏକ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିଥିଲେ । କଥାହେଲା, ବଙ୍ଗଳାର ନବାବ ହେବେ ମୀରଜାଫର, ରାୟଦୁର୍ଲଭ ହେବେ ତାଙ୍କର ଜଣେ ମନ୍ତ୍ରୀ । ପ୍ରତି ବଦଳରେ ମୀରଜାଫର କମ୍ପାନୀକୁ ଏକକୋଟି ଟଙ୍କା ଏବଂ ତା'ର ଅର୍ଦ୍ଧେକ ଅର୍ଥ କ୍ଲାଇବ୍‌ଙ୍କୁ ଓ ଅନ୍ୟାନ୍ୟ ଇଂରେଜ କର୍ମଚାରୀଙ୍କୁ ପ୍ରଦାନ କରିବେ । ଏହି ଷଡ଼ଯନ୍ତ୍ରରେ ଯୋଗସୂତ୍ର ରକ୍ଷାକରିବା ପାଇଁ ଓମିଚାନ୍ଦ ନାମକ ଜନୈକ ଧନୀ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଥିଲା । ତା'ର ବିନିମୟରେ ସେ ଦାବି କରି ବସିଲେ ସିରାଜଙ୍କ ରାଜକୋଷରେ ସଞ୍ଚିତ ଅର୍ଥର ଶତକଡ଼ା ୫ ଭାଗ ଓ ମୂଲ୍ୟବାନ୍ ରତ୍ନର ଏକ-ଚତୁର୍ଥାଂଶ । ଏହି ସଂକ୍ରାନ୍ତରେ ଏକ ଚୁକ୍ତିପତ୍ର କରିବାକୁ ସେ ଅଡ଼ିବସିଲେ । ସେ ମଧ୍ୟ କ୍ଲାଇବ୍‌ଙ୍କ ଉପରେ ଚାପ ପ୍ରୟୋଗ କରି କହିଥିଲେ ଯେ ଚୁକ୍ତିପତ୍ର ସ୍ୱାକ୍ଷର ନହେଲେ ସେ ନବାବଙ୍କୁ ଏହି ଷଡ଼ଯନ୍ତ୍ର ବିଷୟରେ ଜଣାଇଦେବେ ।

କ୍ଲାଇବ୍ ଥିଲେ ଜଣେ ରାଜନୀତିଜ୍ଞ । ସେ ଓମିଚାନ୍ଦଙ୍କ ପାଇଁ ଅନ୍ୟ ଏକ ଚୁକ୍ତିପତ୍ର ତିଆରି କଲେ । ସେଥିରେ ଓମିଚାନ୍ଦଙ୍କୁ ପୁରସ୍କାର ଦେବାକଥା ଲିଖିତ ହୋଇଥିଲା । କ୍ଲାଇବ୍ ମଧ୍ୟ ସେଥିରେ ନିଜର ଦସ୍ତଖତ କରିଥିଲେ । ୱାଟ୍‌ସନ୍ ଉକ୍ତ ପତ୍ରରେ ନିଜର ଦସ୍ତଖତ ଦେବାକୁ ମନାକରିବାରୁ କ୍ଲାଇବ୍ ତାଙ୍କର ଦସ୍ତଖତ ମଧ୍ୟ ଜାଲ୍ କରିଦେଲେ । ଏହି ଚୁକ୍ତିପତ୍ର ଥିଲା ମିଥ୍ୟା ଓ ପ୍ରବଞ୍ଚନାର ଏକ ଚିହ୍ନ । ଏହି ପ୍ରସଙ୍ଗରେ ଈଶ୍ୱରୀପ୍ରସାଦ ଲେଖିଛନ୍ତି, ''ବଙ୍ଗରେ ନବାବଙ୍କ ପତନ କେବଳ ବିଦେଶୀ ବଣିକମାନଙ୍କର ଧୃଷ୍ଟତା ଓ

ଷଡ଼ଯନ୍ତ୍ର ଯୋଗୁଁ ନୁହଁ; କିନ୍ତୁ ନବାବଙ୍କ କର୍ମଚାରୀମାନଙ୍କ ବିଶ୍ୱାସଘାତକତା ଓ ହିନ୍ଦୁମାନଙ୍କର ସହସା ଅସନ୍ତୋଷ ଯୋଗୁଁ ଘଟିଥିଲା, ଯେଉଁମାନେ ତାଙ୍କୁ ଧ୍ୱଂସ କରିବାକୁ ଇଂରେଜମାନଙ୍କ ସହିତ ଷଡ଼ଯନ୍ତ୍ର କରିଥିଲେ।'' କ୍ଲାଇଭ୍‌ଙ୍କ ଅନୈତିକତା ଏତିକିରେ ଶେଷ ହୋଇଯାଇନଥିଲା। ଆଲିନଗର ସନ୍ଧି ସିରାଜ ଭଗ୍ନ କରିଛନ୍ତି ବୋଲି କ୍ଲାଇଭ୍ ତାଙ୍କ ଉପରେ ମିଥ୍ୟା ଆରୋପ ଲଗାଇଥିଲେ ଓ ଏକ ସୈନ୍ୟଦଳ ସହ ପଲାସୀ ଦିଗକୁ ଆଗେଇଥିଲେ।

ଯୁଦ୍ଧର ଘଟଣା ପ୍ରବାହ (Events of the war)

୧୭୫୭ ଜୁନ୍ ୨୩ ତାରିଖ ଦିନ ନବାବ ଓ କ୍ଲାଇଭ୍‌ଙ୍କ ସୈନ୍ୟଦଳ ପଲାସୀ ଯୁଦ୍ଧକ୍ଷେତ୍ରରେ ମୁହାଁମୁହିଁ ହୋଇଥିଲେ। ମୁର୍ଶିଦାବାଦର ଦକ୍ଷିଣକୁ ୨୬ ମାଇଲ ଦୂରରେ ଥିଲା ପଲାସୀର ଅବସ୍ଥିତି। ଏହା ମଧ୍ୟରେ ଥିଲା ଏକ ସୁରମ୍ୟ ଆମ୍ରକାନନ। ନବାବଙ୍କର ଥିଲା ୫୦,୦୦୦ ସୈନ୍ୟବିଶିଷ୍ଟ ଏକ ବିଶାଳ ବାହିନୀ। ଏକ କ୍ଷୁଦ୍ର ସୈନ୍ୟଦଳ ଧରି ତାଙ୍କୁ ସାହାଯ୍ୟ କରିଥିଲେ ଫରାସୀମାନେ। ସିରାଜଙ୍କ ବାହିନୀର ସେନାପତି ଥିଲେ ପ୍ରତାରକ ମୀରଜାଫର। ମୀରମଦନ ଓ ମୋହନଲାଲ ଥିଲେ ନବାବଙ୍କର ଅନ୍ୟ ସେନାପତିଦ୍ୱୟ। ଇଂରେଜମାନଙ୍କ ପକ୍ଷରେ ଥିଲେ ୯୫୦ ଜଣ ଇଉରୋପୀୟ ପଦାତିକ ସୈନ୍ୟ, ୧୦୦ ଜଣ ତୋପ ଚାଳକ, ୫୦ ଜଣ ନାବିକ ଏବଂ ୨୧୦୦ ଭାରତୀୟ ସୈନିକ। ନବାବ ମଧ୍ୟ ୨୦୦୦ ଅଶ୍ୱାରୋହୀଙ୍କ ସହିତ ପଦାର୍ପଣ କରିଥିଲେ।

ମୀରମଦନ ଓ ମୋହନଲାଲଙ୍କ ଆଗୁଆ ବାହିନୀକୁ ପ୍ରତିହତ କରି ନପାରି କ୍ଲାଇଭ୍ ଆମ୍ରକାନନ ମଧ୍ୟରେ ଆତ୍ମଗୋପନ କରିଥିଲେ। ଇତସ୍ତତଃ ଭାବରେ ଗୁଳି ଚଳାଇବା ସମୟରେ ମୀରମଦନ ନିହତ ହୋଇଥିଲେ। ତେଣୁ ସିରାଜ ତାଙ୍କର ଉଚ୍ଚପଦସ୍ଥ ସାମରିକ କର୍ମଚାରୀମାନଙ୍କୁ ଡାକି ସେମାନଙ୍କର ଉପଦେଶ ଲୋଡ଼ିଥିଲେ। ନବାବ ଥିଲେ ଭୀତତ୍ରସ୍ତ। ତା'ର ସୁଯୋଗ ନେଇ ମୀରଜାଫର ଉପଦେଶ ଦେଲେ ଯେ ଆଗୁଆ ବାହିନୀକୁ ପ୍ରତ୍ୟାହାର କରାଯାଉ ଓ ଯୁଦ୍ଧରେ ଦାୟିତ୍ୱ ସେନାପତିମାନଙ୍କୁ ଦେଇ ନବାବ ମୁର୍ଶିଦାବାଦ ପଳାୟନ କରନ୍ତୁ। ତାଙ୍କର ଉପଦେଶକ୍ରମେ ନବାବ ମୁର୍ଶିଦାବାଦ ଫେରିଗଲେ ଏବଂ ମୀରଜାଫର ଖୁବ୍ ଚତୁରତାର ସହିତ ବିଶ୍ୱାସଘାତକତାର ଖେଳ ଖେଳିଥିଲେ। ସିରାଜଙ୍କ ସମର୍ଥିତ କ୍ଷୁଦ୍ର ଫରାସୀବାହିନୀ କ୍ଲାଇଭ୍‌ଙ୍କ ସୈନ୍ୟଦଳ ଦ୍ୱାରା ପରାଜିତ ହୋଇଥିଲେ। ମୀରଜାଫର କେବଳ ମାତ୍ର ଚାହିଁ ରହିଥିଲେ। ସେହି ଦିବସର ବିଜେତା ହୋଇଥିଲେ କ୍ଲାଇଭ୍। ମୀରଜାଫର ୨୫ ତାରିଖ ଦିନ ମୁର୍ଶିଦାବାଦରେ ପହଞ୍ଚି ନିଜକୁ ନବାବ ବୋଲି ଘୋଷଣା କରିଥିଲେ। ସିରାଜ ବନ୍ଦୀ ହେଲେ। ମୀରଜାଫରଙ୍କ ନିର୍ଦ୍ଦେଶରେ ତାଙ୍କ ପୁଅ ମୀରାନ ହତ୍ୟା କରିଥିଲେ ସିରାଜଙ୍କୁ।

ପଲାସୀ ଯୁଦ୍ଧର ତାତ୍ପର୍ଯ୍ୟ (Importance of the Battle of Plassey)

ସାମରିକ ଦୃଷ୍ଟିକୋଣରୁ ପଲାସୀ ଯୁଦ୍ଧ ଏକ ନଗଣ୍ୟ ଯୁଦ୍ଧ ଥିଲା; କିନ୍ତୁ ବିଶ୍ୱର ଅନେକ ଶ୍ରେଷ୍ଠ ଯୁଦ୍ଧଠାରୁ ଏହା ଥିଲା ଅଧିକତର ଗୁରୁତ୍ୱପୂର୍ଣ୍ଣ। ଏହି ଯୁଦ୍ଧରେ ସାମାନ୍ୟ ରକ୍ତପାତ ଘଟିଥିଲା। କ୍ଲାଇଭ୍‌ଙ୍କ ପକ୍ଷ ୬୫ ଜଣ ସୈନ୍ୟଙ୍କୁ ହରାଇଥିବାବେଳେ, ସିରାଜଙ୍କର ୫୦୦ ସୈନ୍ୟ ନିହତ ହୋଇଥିଲେ। କମ୍ପାନୀର ସୈନ୍ୟମାନେ ପାଶ୍ଚାତ୍ୟ ଯୁଦ୍ଧକୌଶଳ ପ୍ରଦର୍ଶନ କରିନଥିଲେ, କ୍ଲାଇଭ୍‌ଙ୍କ ପାଇଁ ଏହା ସାମରିକ ଖ୍ୟାତି ଆଣି ନଥା'ନ୍ତା। ମୀରଜାଫର ଓ ରାୟଦୁର୍ଲଭ ଯଦି ସିରାଜଙ୍କ ପ୍ରତି ବିଶ୍ୱସ୍ତ ରହିଥା'ନ୍ତେ, ତେବେ ଯୁଦ୍ଧର ପରିଣାମ ସିରାଜଙ୍କୁ ସୁହାଇଥା'ନ୍ତା। ଏହି ଯୁଦ୍ଧ ଥିଲା କ୍ଲାଇଭ୍‌ଙ୍କର ଏକ କୂଟନୀତିକ ଖେଳ। ବିନା ଯୁଦ୍ଧରେ ସେ ବିଜୟୀର ମୁକୁଟ ହସ୍ତଗତ କରିଥିଲେ।

କିନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ଏ ଯୁଦ୍ଧର ତାତ୍ପର୍ଯ୍ୟ ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ। ମାଲେସନ (Malleson) ଲେଖିଛନ୍ତି, ''କଦାଚିତ୍ କୌଣସି ଯୁଦ୍ଧ ଏପରି ସଂଘଠିତ ହୋଇନଥିଲା, ଯାହାର ଫଳାଫଳ ଥିଲା ଏହିପରି ବ୍ୟାପକ, ଏହିପରି ପ୍ରତ୍ୟକ୍ଷ ଏବଂ ଏହିପରି ସ୍ଥାୟୀ।'' ବାସ୍ତବିକ ଇଂରେଜମାନେ ସମଗ୍ର ଭାରତରେ ପ୍ରାଧାନ୍ୟ ଲାଭ କରିବାରେ ଯେଉଁ ଘଟଣାଗୁଡ଼ିକ ସାହାଯ୍ୟ କରିଥିଲା ତନ୍ମଧ୍ୟରୁ ପଲାସୀ ଯୁଦ୍ଧ ଥିଲା ପ୍ରଧାନ। ସେନାପତି ୱାଟ୍‌ସନ୍ ମଧ୍ୟ ଏହିପରି ମତ ଦେଇଥାନ୍ତି- ''ବ୍ରିଟିଶ୍ ଜାତି ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରେ ଏହି ଯୁଦ୍ଧ ଥିଲା ଗୋଟିଏ ଅସାମାନ୍ୟ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ।'' ନିମ୍ନଲିଖିତ କାରଣଗୁଡ଼ିକରୁ ପଲାସୀ ଯୁଦ୍ଧର ଐତିହାସିକ ଗୁରୁତ୍ୱ ବିଷୟରେ ଅନୁଭବ କରିହୁଏ।

୧। ବଙ୍ଗଳାର ରାଜନୈତିକ ଜୀବନ ଉପରେ ଇଂରେଜମାନେ ପ୍ରାଧାନ୍ୟ ବିସ୍ତାର କରିପାରିଥିଲେ। ମୀରଜାଫର ଥିଲେ ନାମକୁମାତ୍ର ନବାବ-କ୍ଲାଇଭ୍‌ଙ୍କ ହସ୍ତରେ ଏକ ସାକ୍ଷୀଗୋପାଳ। ଯେ କୌଣସି ମୁହୂର୍ତ୍ତରେ କମ୍ପାନୀ ତାଙ୍କୁ ହଟାଇ ଦେବାର କ୍ଷମତା ଲାଭ କରିଥିଲା। ମୀରଜାଫର ଏତେ ନିଃସହାୟ ହୋଇପଡ଼ିଲେ ଯେ ଯେତେବେଳେ ତାଙ୍କ ପ୍ରତି ଦିୱାନ ରାୟ ଦୁର୍ଲଭ ଓ ବିହାରର ଡେପୁଟି ଗଭର୍ଣ୍ଣର ରାମନାରାୟଣ ବିଶ୍ୱାସଘାତକତା କଲେ ସେ ସେମାନଙ୍କୁ ଦଣ୍ଡିତ କରିବାକୁ ଗଲାବେଳେ ଇଂରେଜମାନେ ବାଧା ଦେଇଥିଲେ। ଇଂରେଜମାନେ ମଧ୍ୟ ବଙ୍ଗଳାରୁ ଫରାସୀମାନଙ୍କୁ ବହିଷ୍କାର କରିବାରେ ସଫଳ ହୋଇପାରିଥିଲେ। ଫରାସୀମାନଙ୍କର ବିପର୍ଯ୍ୟୟ ଦେଖି ଅନ୍ୟ ଇଉରୋପୀୟ ଶକ୍ତିଗୁଡ଼ିକ ଇଂରେଜମାନଙ୍କୁ ସମ୍ମୁଖୀନ ହେବାକୁ ଚିନ୍ତା ମଧ୍ୟ କରିପାରିନଥିଲେ।

୨ । ପଲାସୀ ଯୁଦ୍ଧ ଦ୍ୱାରା କମ୍ପାନୀକୁ ଉଭୟ ଆର୍ଥିକ ଓ ଆଞ୍ଚଳିକ ଲାଭ ହୋଇଥିଲା । କମ୍ପାନୀ ଲାଭକରିଥିଲା 'ଚବିଶ ପରଗଣା' । କମ୍ପାନୀ ଉପଭୋଗ କରୁଥିବା ଯେଉଁ ବାଣିଜ୍ୟ ସୁବିଧାଗୁଡ଼ିକ ସିରାଜ ଉଠାଇଦେଇଥିଲେ ମୀରଜାଫର ସେଗୁଡ଼ିକ ଫେରସ୍ତ କରିଥିଲେ । ତାହାଦ୍ୱାରା କମ୍ପାନୀର ବଣିକମାନେ ବଙ୍ଗଳାରେ ଅବାଧ ବାଣିଜ୍ୟ କରିବାର ସୁଯୋଗ ପାଇଥିଲେ । କମ୍ପାନୀ ପ୍ରଚୁର ଲାଭବାନ୍ ହୋଇଥିଲା । ନିଜେ କ୍ଲାଇବ୍ ଓ ଅନ୍ୟ ଇଂରେଜ କର୍ମଚାରୀମାନେ ନୂତନ ନବାବଙ୍କଠାରୁ ପ୍ରଚୁର ଅର୍ଥ ପାଇ ଧନଶାଳୀ ହୋଇପାରିଥିଲେ । ପାନିକର ବିଶ୍ୱାସ କରନ୍ତି ଯେ ପଲାସୀ ଥିଲା ଏକ ଦେଣନେଣ, ଯେଉଁଥିରେ ବଙ୍ଗଳାର ବିତ୍ତଶାଳୀ ବ୍ୟାଙ୍କରମାନେ ଓ ମୀରଜାଫର ନବାବଙ୍କୁ ଇଂରେଜମାନଙ୍କୁ ବିକ୍ରି କରି ଦେଇଥିଲେ ।

୩ । କମ୍ପାନୀର ବଙ୍ଗ ବିଜୟ ଦ୍ୱାରା ପ୍ରଚୁର ସମ୍ବଳ ଆଦାୟ ହୋଇପାରିଥିଲା । ବଙ୍ଗଳାରୁ ସୈନ୍ୟ ଓ ଅର୍ଥ ନେଇ କମ୍ପାନୀ ତୃତୀୟ କର୍ଣ୍ଣାଟ ସମରରେ ଫରାସୀମାନଙ୍କୁ ପରାସ୍ତ କରିପାରିଥିଲା । ଗାଙ୍ଗେୟ ଉପତ୍ୟକାର ପ୍ରାଚୁର୍ଯ୍ୟ ଲାଭକରି କମ୍ପାନୀ ଭାରତରେ ସାମ୍ରାଜ୍ୟ ବିସ୍ତାର କରିବାକୁ ସମର୍ଥ ହୋଇଥିଲା । ଅପର ପକ୍ଷରେ ବଙ୍ଗବାସୀମାନଙ୍କଠାରେ ଘୋର ଆର୍ଥିକ ସଙ୍କଟ ଦେଖାଯାଇଥିଲା ।

୪ । ସିରାଜଙ୍କ ପତନରୁ ଜଣାପଡ଼ିଗଲା ଯେ ଭାରତରେ ଅନ୍ୟତ୍ର ଶାସନ କରୁଥିବା ମୁସଲମାନ୍‌ମାନଙ୍କ ଅବସ୍ଥା ବିପଦପୂର୍ଣ୍ଣ । ମୁସ୍‌ଲିମ୍ ଶାସନର ଦୁର୍ବଳତା ବାହାରେ ପ୍ରକଟିତ ହୋଇଥିଲା । ଦେଶଦ୍ରୋହୀମାନଙ୍କୁ ହାତ କରି ଭାରତରେ ସାମ୍ରାଜ୍ୟ ବିସ୍ତାର କରିବାର କୌଶଳ ଇଂରେଜମାନେ ଶିକ୍ଷାଲାଭ କରିଥିଲେ ।

ଏହିପରି ପଲାସୀ ଯୁଦ୍ଧ ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ । ମୋଗଲ ସାମ୍ରାଜ୍ୟ ହୋଇଥିଲା ଧ୍ୱଂସାଭିମୁଖୀ ଏବଂ ତହିଁରୁ ଆରମ୍ଭ ହୋଇଥିଲା ଇଂରେଜଶାସନ । ଇତିହାସରେ ଆସିଲା ଏକ ନୂତନ ମୋଡ଼ ।

ମୀରଜାଫର (Mir-Jafar)

ସିରାଜଉଦ୍ଦୌଲାଙ୍କ ପରେ ବଙ୍ଗଳାର ନବାବ ପଦରେ ଅଭିଷିକ୍ତ ହୋଇଥିଲେ ମୀରଜାଫର । ଧୂର୍ତ୍ତ ଇଂରେଜମାନଙ୍କୁ ସେ ଠିକ୍ ରୂପେ ବୁଝିପାରିନଥିଲେ । ସେ ହୋଇଥିଲେ କମ୍ପାନୀ ହସ୍ତରେ ଏକ କ୍ରୀଡ଼ା ପୁତ୍ତଳିକା ।

ଚତୁର ଇଂରେଜମାନେ ବାରମ୍ବାର ତାଙ୍କ ପାଖରେ ଅଧିକରୁ ଅଧିକ ଅର୍ଥ ଦାବି କରୁଥିଲେ । ମୀରଜାଫର ମଧ୍ୟ କ୍ଲାଇବ୍ ଓ କମ୍ପାନୀର ଲୋକମାନଙ୍କୁ ଅର୍ଥ ଦେଇ ସନ୍ତୁଷ୍ଟ

ରଖିବାକୁ ଚେଷ୍ଟା କରୁଥିଲେ; କିନ୍ତୁ ସମୟ ଆସିଲା, ରାଜକୋଷ ଶୂନ୍ୟ ହୋଇଗଲା । ଇଂରେଜମାନଙ୍କର ଦେୟ, ମରହଟ୍ଟାମାନଙ୍କର ଚୌଥ ଓ ମୋଗଲ ସମ୍ରାଟଙ୍କୁ ଉପହାର ପଠାଇବା ଥିଲା ନବାବଙ୍କ ସାଧ ବାହାରେ । ବଙ୍ଗଳାରେ ଜନତା ଅସନ୍ତୁଷ୍ଟ ହୋଇଥିଲେ । ବେତନ ନପାଇ ସୈନ୍ୟମାନେ ନବାବଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ତାଙ୍କର ଆର୍ଥିକ ସଙ୍କଟ ସମୟରେ କ୍ଲାଇବ୍ ମଧ୍ୟ ତାଙ୍କ ପ୍ରତି କୌଣସି ରିହାତି ଦେଇନଥିଲେ ।

ଧୀରେ ଧୀରେ କମ୍ପାନୀର ପ୍ରକୃତି ମଧ୍ୟ ପରିବର୍ତ୍ତିତ ହୋଇଥିଲା । ବାଣିଜ୍ୟିକ କମ୍ପାନୀ ବଦଳିଲା ସାମରିକ କମ୍ପାନୀକୁ । ଇଂରେଜମାନଙ୍କର ମନୋଭାବ ଆସିଲା ଯେ କେବଳ କମ୍ପାନୀର ସ୍ୱାର୍ଥରକ୍ଷା ପାଇଁ ନବାବ କାର୍ଯ୍ୟ କରିବେ । ଇଂରେଜ ସୈନ୍ୟମାନେ ଯୁଦ୍ଧ କରୁଥିବା ସମୟରେ ସେମାନଙ୍କୁ ମାସିକ ଏକଲକ୍ଷ ଟଙ୍କା ଦେବାକୁ ମୀରଜାଫର ରାଜି ହୋଇଥିଲେ । ଏହି ଅର୍ଥ ଓ କମ୍ପାନୀର ଅନ୍ୟାନ୍ୟ ଦେୟ ପ୍ରଦାନ କରାଯାଇପାରୁ ନଥିବାରୁ ବାକି ରହିଯାଉଥିଲା । ମୀରଜାଫର କମ୍ପାନୀକୁ ଦେଇଥିବା କଲିକତାର ପାରିପାର୍ଶ୍ୱିକ ଅଞ୍ଚଳ ମଧ୍ୟ ବାର୍ଷିକ ପାଞ୍ଚରୁ ଛଲକ୍ଷ ପର୍ଯ୍ୟନ୍ତ ଆୟ ଦେଉଥିଲା । ଏହାପରେ ମଧ୍ୟ ମୀରଜାଫର କମ୍ପାନୀକୁ ବର୍ଦ୍ଧମାନ ଓ ନଦିଆ ଜିଲ୍ଲାର କେତେକ ଅଂଶ ଛାଡ଼ି ଦେଇଥିଲେ । ଏହିଠାରୁ ଆସୁଥିବା ଆୟ ମଧ୍ୟ ଥିଲା ଅପର୍ଯ୍ୟାପ୍ତ । ୧୭୬୦ ଖ୍ରୀଷ୍ଟାବ୍ଦରେ ମୀରଜାଫର କମ୍ପାନୀକୁ ପରିଶୋଧ କରିବାର ଅର୍ଥର ପରିମାଣ ହେଲା ୨୫ ଲକ୍ଷ । ସେହିବର୍ଷ ଅସୁସ୍ଥତା କାରଣ ଯୋଗୁଁ କ୍ଲାଇବ୍ ଇଂଲଣ୍ଡ ଫେରିଗଲେ ।

କ୍ଲାଇବ୍‌ଙ୍କ ଉତ୍ତରାଧିକାରୀ ହଲୱେଲ୍ ମଧ୍ୟ ମୀରଜାଫରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ସେ କହିଥିଲେ ନବାବ ଡଚ୍‌ମାନଙ୍କ ସହିତ ଷଡ଼ଯନ୍ତ୍ର କରି ଏବଂ ଦ୍ୱିତୀୟ ଶାହଆଲାମଙ୍କ ସହିତ ମିଶି ବ୍ରିଟିଶ୍ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । ବାସ୍ତବିକ୍ ମୀରଜାଫରଙ୍କର ପ୍ରକୃତ ଦୋଷ ଥିଲା ଯେ ସେ ଥିଲେ ବିତ୍ତଶୂନ୍ୟ ।

ହଲୱେଲ୍‌ଙ୍କର ପରବର୍ତ୍ତୀ ଗଭର୍ଣ୍ଣର ଭନ୍‌ଶୀଟାର୍ଟ ଚାହୁଁଥିଲେ ଯେ ବାର୍ଷିକ ୫୦ ଲକ୍ଷ ଆୟ ଦେଉଥିବା ବର୍ଦ୍ଧମାନ ଓ ନଦିଆ ଜିଲ୍ଲାଦ୍ୱୟ ନବାବ କମ୍ପାନୀକୁ ସମର୍ପଣ କରନ୍ତୁ । ତାହାଥିଲା ମୀରଜାଫରଙ୍କର କ୍ଷମତାର ବାହାରେ ।

ତେଣୁ ମୀରଜାଫରଙ୍କର ପତନ ଘଟିଲା । ହତଭାଗ୍ୟ ମୀରଜାଫର କିଛି ହାସଲ କରିପାରିଲେ ନାହିଁ; କିନ୍ତୁ ଇତିହାସରେ ସେ ଚିରଦିନ ପାଇଁ ଦେଶଦ୍ରୋହୀ ଓ ବିଶ୍ୱାସଘାତକ ରୂପେ ଆଖ୍ୟାତ ହୋଇ ରହିଗଲେ ।

ମୀରକାଶୀମ (Mir Kasim) :

ମୀରଜାଫରଙ୍କର ଜାମାତା ମୀରକାଶୀମ; ନବାବ ପଦପାଇଁ ତାଙ୍କର ବଡ଼ ଯୋଗ୍ୟତା ଥିଲା ଯେ ସେ ଥିଲେ ପ୍ରଚୁର ଧନର ଅଧିକାରୀ । ୧୭୬୦ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୨୭ ତାରିଖ ଦିନ ମୀରକାଶୀମ ଓ କଲିକତା ପରିଷଦ ମଧ୍ୟରେ ଗୋଟିଏ ସନ୍ଧି ହୋଇଥିଲା । ଏହି ସନ୍ଧି ଦ୍ୱାରା ମୀରକାଶୀମ କମ୍ପାନୀକୁ ବର୍ଦ୍ଧମାନ, ମିଦ୍‌ନାପୁର ଏବଂ ଚିଟାଗଞ୍ଜ ଜିଲ୍ଲାତ୍ରୟ ଛାଡ଼ିଦେବେ । ସେ ମଧ୍ୟ କମ୍ପାନୀର ଦାକ୍ଷିଣାତ୍ୟ ଯୁଦ୍ଧ ପରିଚାଳନା ପାଇଁ ୫ ଲକ୍ଷ ମୁଦ୍ରା ପ୍ରଦାନ କରିବେ । କମ୍ପାନୀର ଶତ୍ରୁ ହେବେ ମୀରକାଶୀମଙ୍କ ଶତ୍ରୁ; ସେହିପରି ମୀରକାଶୀମଙ୍କ ଶତ୍ରୁମାନେ କମ୍ପାନୀର ଶତ୍ରୁ ବୋଲି ବିବେଚିତ ହେବେ । ଅପରପକ୍ଷରେ ମୀରକାଶୀମଙ୍କୁ ଡେପୁଟି ସୁବାଦାର ରୂପେ ନିଯୁକ୍ତି ଦିଆଯିବ ଏବଂ ସେ ହେବେ ମୀରଜାଫରଙ୍କର ଉତ୍ତରାଧିକାରୀ । ଏହାପରେ ଭନ୍‌ଶୀଟାର୍ଟ ଓ କୈଲଉଦ (Caillaud), କମ୍ପାନୀର ସେନାପତିଦ୍ୱୟ ମୁର୍ଶିଦାବାଦ ଗମନ କରିଥିଲେ; କିନ୍ତୁ ମୀରକାଶୀମଙ୍କୁ ଡେପୁଟି ସୁବାଦାର ରୂପେ ନିଯୁକ୍ତି ଦେବାକୁ ମୀରଜାଫର ମନାକରି ଦେଇଥିଲେ । ତେଣୁ କୈଲଉଦ ଜାଫରଙ୍କର ପ୍ରାସାଦ ଅଧିକାର କରିବାକୁ ଆଦେଶ ଦେଲେ । ଅସହାୟ ମୀରଜାଫର ଇଂରେଜମାନଙ୍କର ଦାବିନମାନି ବରଂ ସିଂହାସନ ତ୍ୟାଗ କରିଥିଲେ । ଫଳସ୍ୱରୂପ ୧୭୬୦ ଖ୍ରୀଷ୍ଟାବ୍ଦରେ ମୀରକାଶୀମଙ୍କୁ ନବାବ ବୋଲି ଘୋଷଣା କରାଗଲା । ମୀରଜାଫର ମଧ୍ୟ ପେନ୍‌ସନ୍ ପାଇ କଲିକତାରେ ବାସ କରିବାକୁ ଚାହିଁଥିଲେ । ରାୟ ଚୌଧୁରୀଙ୍କ ଭାଷାରେ ଏ ପରିବର୍ତ୍ତନ ଆଧୁନିକ ଭାରତ ଇତିହାସରେ ବଙ୍ଗଳାର ଦ୍ୱିତୀୟ ବିଦ୍ରୋହ ରୂପେ ପରିଚିତ ହୁଏ । ଏହି ବିଦ୍ରୋହ ବିନା ରକ୍ତପାତରେ ସଂଘଟିତ ହୋଇଥିଲା ।

ସ୍ଥିର କରାଯାଇଥିଲା ଯେ କମ୍ପାନୀର ଏକ ସୈନ୍ୟଦଳ ନୂଆ ନବାବଙ୍କୁ ସାହାଯ୍ୟ କରିବା ପାଇଁ ରହିବେ; କିନ୍ତୁ ସାଧାରଣ ପ୍ରଶାସନରେ ହସ୍ତକ୍ଷେପ କରିବେ ନାହିଁ । ପ୍ରଥମେ ମୀରକାଶୀମ କମ୍ପାନୀ ଓ ଏହାର କର୍ମଚାରୀମାନଙ୍କୁ ଦେବାକୁ ଥିବା ଅର୍ଥ ପ୍ରଦାନ କରିଥିଲେ । ମୀରଜାଫରଙ୍କ ସମୟର ଅପାରଗ କର୍ମଚାରୀମାନଙ୍କୁ ଦକ୍ଷ ଶାସକ ମୀରକାଶୀମ ବରଖାସ୍ତ କରିଥିଲେ । ଜମିଦାରମାନଙ୍କର ଏକ ବିଦ୍ରୋହ ସେ ଦମନ କଲେ । ନିଜ ସୈନ୍ୟବାହିନୀକୁ ଶକ୍ତିଶାଳୀ କରିବାକୁ ସେ ପଦକ୍ଷେପ ନେଇଥିଲେ । ଅସ୍ତ୍ର ନିର୍ମାଣ ପାଇଁ ଏକ କାରଖାନା ପ୍ରତିଷ୍ଠିତ ହୋଇଥିଲା । ଇଂରେଜମାନଙ୍କ ଠାରୁ ଦୂରେଇ ରହିବାକୁ ସେ ନିଜର ରାଜଧାନୀ ମୁର୍ଶିଦାବାଦରୁ ମୁଙ୍ଗେରକୁ ଉଠାଇ ନେଇଥିଲେ । ଇଂରେଜମାନଙ୍କ ସହାୟତାରେ ବୀରଭୂମର ଶାସକ ଜାମାନ ଖାଁଙ୍କୁ ସେ ପରାସ୍ତ କରି ତାଙ୍କର ବଶ୍ୟତା ସ୍ୱୀକାର କରାଇଥିଲେ ।

ବିହାରର ଡେପୁଟି ସୁବାଦାର ରାମନାରାୟଣ ମୀରକାଶୀମଙ୍କ ପ୍ରତି ଅନୁରକ୍ତି ପ୍ରକାଶ କରିନଥିଲେ । ନବାବଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାମନାରାୟଣ ବିହାରର ରାଜସ୍ୱ ହିସାବ ତାଙ୍କୁ ଜଣାଇଲେ ନାହିଁ । ଫଳରେ ଗଭର୍ଣ୍ଣର ଭନ୍‌ଶୀଟାର୍ଟଙ୍କ ସମର୍ଥନରେ ନବାବ ରାମନାରାୟଣଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ ଓ ପରେ ତାଙ୍କୁ ହତ୍ୟା କଲେ । ରାଜପୁତ୍ର ଅଲି ଗୌହରଙ୍କୁ ପ୍ରଥମେ ବିରୋଧ କରୁଥିଲେ ମଧ୍ୟ ଯେତେବେଳେ ସେ ଦିଲ୍ଲୀର ସମ୍ରାଟରୂପେ ଅଧିଷ୍ଠିତ ହେଲେ, ମୀରକାଶୀମ ତାଙ୍କୁ ୧୨ ଲକ୍ଷ ଟଙ୍କା ଦେଇ ତାଙ୍କର ପ୍ରାଧାନ୍ୟ ସ୍ୱୀକାର କରିଥିଲେ । ନିଜ ରାଜ୍ୟର ଆର୍ଥିକ ବିକାଶ ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରିଥିଲେ । ମୀରକାଶୀମ ଭାବିଥିଲେ ଯେ ଇଂରେଜମାନଙ୍କଠାରୁ ଦୂରେଇ ରହି ସେ ସ୍ୱାଧୀନ ଭାବରେ ଦେଶ ଶାସନ କରିବେ । ତେଣୁ ଇଂରେଜମାନଙ୍କ ସହିତ ଅନେକ କ୍ଷେତ୍ରରେ ତାଙ୍କର ବିବାଦ ହେଉଥିଲା । ଶେଷରେ ଏହି ବିବାଦରୁ ଉପୁଜିଥିଲା ଅନ୍ୟ ଏକ ସଂଘର୍ଷ, ବକ୍ସାର ଯୁଦ୍ଧ ।

ବକ୍ସାର ଯୁଦ୍ଧ, ୧୭୬୪ (The Battle of Buxar, 1764)

କୁହାଯାଏ, ବ୍ରିଟିଶ୍ ସାମ୍ରାଜ୍ୟର ମୂଳଦୁଆକୁ ବକ୍ସାର ଯୁଦ୍ଧ ସୁଦୃଢ଼ କରିଥିଲା । ମୀରକାଶୀମଙ୍କର ସ୍ୱାଧୀନ ଭାବରେ ଶାସନ କରିବାର ଚେଷ୍ଟା ଓ ତାହାକୁ ଇଂରେଜମାନଙ୍କର ବିରୋଧଭାବର ଫଳ ହେଲା ବକ୍ସାର ଯୁଦ୍ଧ । ଏହି ଯୁଦ୍ଧର କେତୋଟି କାରଣ ନିମ୍ନରେ ପ୍ରଦାନ କରାଗଲା ।

୧ । ମୀରକାଶୀମଙ୍କ ସ୍ୱାଧୀନ ମନୋଭାବ ଇଂରେଜମାନଙ୍କୁ ଅସହ୍ୟ ହୋଇ ଉଠିଥିଲା । ଇଂରେଜମାନେ ଭାବୁଥିଲେ, ଯେହେତୁ ନବାବ ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି, ସେମାନଙ୍କ ନିର୍ଦ୍ଦେଶରେ ସେ ପରିଚାଳିତ ହେବା ଉଚିତ; କିନ୍ତୁ ନବାବ୍ ଇଂରେଜମାନଙ୍କ ହସ୍ତରେ କ୍ରୀଡ଼ାପୁତ୍ତଳିକା ରୂପେ ରହିବାକୁ ଇଚ୍ଛା କରୁ ନଥିଲେ । ରାମସେ ମୁର (Ramsey Muir) ଲେଖିଛନ୍ତି, ''ଯେତେବେଳେ ୧୭୬୩ ଖ୍ରୀଷ୍ଟାବ୍ଦରେ ସେ (ମୀରକାଶୀମ) ସ୍ୱାଧୀନତାର ଚିହ୍ନ ପ୍ରଦର୍ଶନ କଲେ, ପ୍ରତିବଦଳରେ ତାଙ୍କୁ ଅଦୃଶ୍ୟ ହେବାକୁ ପଡ଼ିଥିଲା ।''

୨ । ଚୁକ୍ତି ହୋଇଥିଲା, କମ୍ପାନୀର ପାଉଣା ମୀରକାଶୀମ ନିୟମିତ ରୂପେ ଦେଉଥିବା ପର୍ଯ୍ୟନ୍ତ ଇଂରେଜମାନେ ତାଙ୍କ ଶାସନରେ ହସ୍ତକ୍ଷେପ କରିବେ ନାହିଁ; ମାତ୍ର ଇଂରେଜମାନେ ତାଙ୍କ ଶାସନରେ ବାରମ୍ବାର ହସ୍ତକ୍ଷେପ କରୁଥିଲେ । ମୀରକାଶୀମ ମଧ୍ୟ କମ୍ପାନୀ ବିରୋଧରେ ଆପତ୍ତି ଉଠାଇଲେ ଯେ ଇଂରେଜମାନେ ୧୭୬୦ ଖ୍ରୀଷ୍ଟାବ୍ଦର ସନ୍ଧି ଖିଲାପ କରିଛନ୍ତି । ଯେଉଁ ତିନୋଟି ଜିଲ୍ଲା କମ୍ପାନୀକୁ ପ୍ରଦାନ

କରାଯାଇଥିଲା, ସେଗୁଡ଼ିକୁ କମ୍ପାନୀ ନବାବଙ୍କ ବିରୋଧରେ ବ୍ୟବହାର କରୁଥିଲା। ତେଣୁ ଏ ତିନୋଟି ଜିଲ୍ଲା ଫେରାଇଦେବା ପାଇଁ ନବାବ ଦାବି କରିଥିଲେ। କମ୍ପାନୀର କର୍ମକର୍ତ୍ତାମାନେ ମୀରକାଶୀମଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁ ନଥିଲେ, କଥା କଥାକେ ମୀରକାଶୀମ ଅପମାନିତ ହେଉଥିଲେ। ଯେତେବେଳେ ମୀରକାଶୀମ ତତ୍କାଳୀନ ଗଭର୍ଣ୍ଣର ଭାନ୍‌ସୀଟାର୍ଟଙ୍କୁ ସେମାନଙ୍କ ବିରୋଧରେ ପ୍ରତିବାଦ କଲେ, ଗଭର୍ଣ୍ଣର ତାଙ୍କର ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରୁଥିଲେ।

୩। ମୋଗଲ ସମ୍ରାଟ ଦ୍ୱିତୀୟ ଆଲାମଗିରଙ୍କ ମୃତ୍ୟୁ ସମୟରେ ତାଙ୍କ ପୁତ୍ର ଅଲି ଗୌହର ଥିଲେ ବିହାରରେ। ସେ ଦ୍ୱିତୀୟ ଶାହଆଲାମ ପଦ ଗ୍ରହଣ କରି ନିଜକୁ ସମ୍ରାଟ ବୋଲି ଘୋଷଣା କଲେ। ତାଙ୍କଠାରୁ କିଛି ସୁବିଧା ପାଇବାର ଆଶାରଖି ଇଂରେଜମାନେ ମୀରକାଶୀମଙ୍କୁ ଶାହଆଲାମଙ୍କ ପ୍ରାଧାନ୍ୟ ସ୍ୱୀକାର କରିବାକୁ ନିର୍ଦ୍ଦେଶ ଦେଲେ। ମୀରକାଶୀମଙ୍କ ମନରେ ସନ୍ଦେହ ଆସିଲା ଯେ ଏହାଦ୍ୱାରା ଇଂରେଜମାନେ ବଙ୍ଗଳାର ନବାବ ପଦବି ହସ୍ତକୁ ନେବେ। ତେଣୁ ମୀରକାଶୀମ ସମ୍ମତ ହୋଇ ନଥିଲେ; କିନ୍ତୁ କହିଥିଲେ ଯେ ଶାହଆଲାମ ବିହାର ଛାଡ଼ି ଚାଲିଗଲେ ସେ ତାଙ୍କର ବଶ୍ୟତା ସ୍ୱୀକାର କରିବେ, ଯେଉଁଥିରେ ଇଂରେଜମାନେ ଅସନ୍ତୁଷ୍ଟ ହୋଇଥିଲେ।

୪। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା ବଙ୍ଗଳାର ଆର୍ଥନୀତିକ ବ୍ୟାପାର। 'ଦସ୍ତକ' ମାଧ୍ୟମରେ କମ୍ପାନୀ ଯେଉଁ ଆର୍ଥନୀତିକ ସୁବିଧା ଉପଭୋଗ କରୁଥିଲା, ସେହି ସୁବିଧା ଇଂରେଜମାନେ ବ୍ୟକ୍ତିଗତ ବାଣିଜ୍ୟରେ ମଧ୍ୟ ଲଗାଉଥିଲେ। ବ୍ୟକ୍ତିଗତ ଭାବରେ ଏପରି କରମୁକ୍ତ ଅବାଧ ବାଣିଜ୍ୟ ଦ୍ୱାରା ନବାବଙ୍କର ରାଜସ୍ୱହାନି ଘଟୁଥିଲା, ତେଣୁ ସେ ଏହାକୁ ବେଆଇନ ବୋଲି କହୁଥିଲେ। ବାଣିଜ୍ୟକୁ ନେଇ କମ୍ପାନୀ ଓ ନବାବଙ୍କ ମଧ୍ୟରେ ଗଣ୍ଡଗୋଳ ବୃଦ୍ଧି ହେଉଥିଲା। ଇଂରେଜମାନେ ଯେକୌଣସି ବାଣିଜ୍ୟିକ ଶୁଳ୍କ ଦେବାକୁ ପ୍ରସ୍ତୁତ ନଥିଲେ। ଶେଷରେ ସେ ବିରକ୍ତ ହୋଇ ଦସ୍ତକ ପ୍ରଥା ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରିଦେଲେ। ଭାରତୀୟ ବଣିକ ସମ୍ପ୍ରଦାୟ ଏହାଦ୍ୱାରା ପ୍ରାୟ ଦୁଇବର୍ଷ ଧରି ପ୍ରଚୁର ଲାଭବାନ୍ ହେଲେ, ଏବଂ କମ୍ପାନୀର ପ୍ରବୃଦ୍ଧ କ୍ଷତି ହୋଇଥିଲା। ଇଂରେଜ ବଣିକମାନେ ଲାଭବାନ୍ ହେଉଥିଲେ, କାରଣ ସେମାନେ କର ଦେଉନଥିଲେ ଏବଂ ଅପରପକ୍ଷରେ ସ୍ଥାନୀୟ ବଣିକମାନେ କର ପ୍ରଦାନ କରୁଥିଲେ। ସେଥିପାଇଁ ଡଡ୍‌ୱେଲ (Dodwell) କହିଛନ୍ତି ଯେ ନବାବ ଓ କମ୍ପାନୀ ମଧ୍ୟରେ ଯୁଦ୍ଧ ଥିଲା ପରିସ୍ଥିତିର ଯୁଦ୍ଧ; ଉଦ୍ଦେଶ୍ୟ ପାଇଁ ଯୁଦ୍ଧ ନୁହେଁ; କିନ୍ତୁ ଅନେକ ଐତିହାସିକ ଏପରି ଉକ୍ତିକୁ

ବିଶ୍ୱାସ କରନ୍ତି ନାହିଁ, କାରଣ ଇଂରେଜମାନେ ସେମାନଙ୍କ ସୁବିଧାଗୁଡ଼ିକ ତ୍ୟାଗ କରିବାକୁ ପ୍ରସ୍ତୁତ ନଥିଲେ।

୫। ଉପରିଲିଖିତ କାରଣଗୁଡ଼ିକ ଯୋଗୁଁ ଇଂରେଜମାନେ ମୀରକାଶୀମଙ୍କୁ ଗାଦିଚ୍ୟୁତ କରି ପୁନର୍ବାର ମୀରଜାଫରଙ୍କୁ ନବାବ କରିବା ପାଇଁ ନିଷ୍ପତ୍ତି ନେଲେ। ମୀରଜାଫରଙ୍କ ସହିତ କଥାବାର୍ତ୍ତା ଚାଲିଲା। ସେତେବେଳେ ସେ ଏକ ପେନ୍‌ସନ୍ ପାଇ କଲିକତାଠାରେ ବାସ କରୁଥିଲେ। ମୀରଜାଫର ମଧ୍ୟ ଅନୁଭବ କଲେ ଯେ ନବାବ ହେଲେ ସେ ପୁଣି ତାଙ୍କର ଗୌରବ ଓ କ୍ଷମତା ଫେରିପାଇବେ। ଇଂରେଜମାନଙ୍କ ପକ୍ଷରୁ ମେଜର ଆଡ଼ାମ୍‌ସ ୧୧୦୦ ଇଉରୋପୀୟ ସୈନିକ ଓ ୪୦୦୦ ସିପାହୀ ଧରି ନବାବଙ୍କ ବିରୁଦ୍ଧରେ ଯୁଦ୍ଧାଭିଯାନ କରିଥିଲେ। ନବାବଙ୍କର ଥିଲା ବଛା ବଛା ୧୫,୦୦୦ ଶକ୍ତିଶାଳୀ ସୈନ୍ୟଦଳ। ପ୍ରଥମେ ଆଡ଼ାମ୍‌ସ ୧୭୬୩ରେ ନବାବଙ୍କୁ କଟୱାଠାରେ ପରାସ୍ତ କରିଥିଲେ। ଏହା ପରେ ପରେ ଘେରିଆ, ସୂତି, ଉଦୟନଳଠାରେ ନବାବ ପରାଜିତ ହେଲେ। ନବାବ ହୁଏତ ବିଜୟ ଲାଭ କରିଥା'ନ୍ତେ; ମାତ୍ର ତାଙ୍କର ଯୁଦ୍ଧକୌଶଳ ଥିଲା ନିକୃଷ୍ଟ ଧରଣର। ସେ ତାଙ୍କର ସୈନ୍ୟମାନଙ୍କୁ କେତେକ ଭାଗରେ ବିଭକ୍ତ କରିଦେଇଥିଲେ। ପ୍ରତ୍ୟେକ ଦଳର ନେତୃତ୍ୱ ନେଉଥିଲେ ଜଣେ ଜଣେ ସେନାପତି, ଯେଉଁମାନେ ପରସ୍ପର ପ୍ରତି ଈର୍ଷାଭାବ ପୋଷଣ କରୁଥିଲେ; ଦଳଗୁଡ଼ିକ ମଧ୍ୟ ନଥିଲା ସୁ-ସଂହତ।

ତେଣୁ ନବାବ ପାଟନାକୁ ପଳାୟନ କଲେ। ସେଠାରେ ସେ ହେ (Hay) ଓ ଇଲିସ (Ellis) ଙ୍କ ପରି ବିଖ୍ୟାତ କର୍ମଚାରୀମାନଙ୍କ ସହିତ ଅନେକ ଇଂରେଜବନ୍ଦୀଙ୍କୁ ହତ୍ୟା କରିଥିଲେ। ଏହି ପ୍ରକାର ଅତ୍ୟାଚାର ନବାବଙ୍କୁ ଲୋକଚକ୍ଷୁରେ ଘୃଣିତ କରିଥିଲା, ଇଂରେଜମାନଙ୍କର ତାଙ୍କ ପ୍ରତି ସମସ୍ତ କରୁଣାର ଭାବ ନିଃଶେଷ ହୋଇଥିଲା। ସେମାନେ ନବାବଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ସଂକଳ୍ପ କଲେ। ଏହାହିଁ ଥିଲା ବକ୍ସାର ଯୁଦ୍ଧର ଏକ ଆଶୁଘଟଣା।

ଯୁଦ୍ଧର ଘଟଣା ପ୍ରବାହ (Event of the war) :

ଘଟଣାର ପୁନରାବୃତ୍ତି ଘଟିଲା। ପାଟନାଠାରେ ପରାଜିତ ହୋଇ ମୀରକାଶୀମ ଅଯୋଧ୍ୟା ଯାତ୍ରା କରିଥିଲେ ଏବଂ ସୁଜାଉଦ୍ଦୌଲାଙ୍କ ଶରଣାପନ୍ନ ହେଲେ। କେତେକ ସ୍ୱାର୍ଥ ଯୋଗୁଁ ସୁଜା ମୀରକାଶୀମଙ୍କୁ ସମର୍ଥନ କରିବାପାଇଁ ନିଷ୍ପତ୍ତି ନେଇଥିଲେ। ମୋଗଲ

ସମ୍ରାଟ ଦ୍ୱିତୀୟ ଶାହଆଲାମ ସେମାନଙ୍କ ମେଣ୍ଟରେ ଯୋଗଦେଲେ । ସେମାନେ ଇଂରେଜମାନଙ୍କୁ ପତ୍ର ଲେଖି ଜଣାଇଦେଲେ ଯେ ଇଂରେଜମାନେ ରାଜନୈତିକ କାର୍ଯ୍ୟକଳାପରୁ ଓହରି ଯାଇ କେବଳ ବାଣିଜ୍ୟ କରନ୍ତୁ; ଯଦି ଏହା ନ କରିବେ ତେବେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରାଯିବ । ପରିଶେଷରେ ୪୦,୦୦୦ରୁ ୬୦,୦୦୦ ପର୍ଯ୍ୟନ୍ତ ମିଳିତ ସୈନ୍ୟ ସମ୍ରାଟଙ୍କ ନେତୃତ୍ୱରେ ପାଟନାରୁ ଇଂରେଜମାନଙ୍କୁ ବହିଷ୍କାର କରିବା ନିମିତ୍ତ ଯାତ୍ରା କରିଥିଲେ । ୧୭୬୪ ମେ ମାସରେ ପଞ୍ଚ ପାହାରି (Panch Pahari) ନାମକ ସ୍ଥାନରେ ପରାଜିତ ହୋଇ ମେଣ୍ଟ ସୈନ୍ୟବାହିନୀ ବକ୍ସାରକୁ ପଛଘୁଞ୍ଚା ଦେଇଥିଲେ । ଉଭୟ ପକ୍ଷ ନିଜ ନିଜର ଶକ୍ତି ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହେଲେ । ବ୍ରିଟିଶ୍‌ମାନଙ୍କ ସୈନ୍ୟସଂଖ୍ୟା ୭୦୭୨ ଥିଲା, ଏବଂ ଏହାକୁ ମେଜର ମୁନ୍‌ରୋ ପରିଚାଳନା କରୁଥିଲେ । ୧୭୬୪ ଅକ୍ଟୋବର ୨୨ ତାରିଖରେ ସଂଘଟିତ ହେଲା ବକ୍ସାର ଯୁଦ୍ଧ ।

ପ୍ରଥମେ ନବାବ ଉଜୀରଙ୍କର ଯୁଦ୍ଧରେ ଜୟ କରିବାର ସମ୍ଭାବନା ଥିଲା, ସେ ଇଂରେଜବାହିନୀକୁ ପଛକୁ ଠେଲିଦେଇ ପାରିଥିଲେ । ଚତୁର ଇଂରେଜମାନେ ପ୍ରତାରଣା କରି ଅନେକ ମୋଗଲ ସାମରିକ କର୍ମକର୍ତ୍ତାଙ୍କୁ ନିଜ ପରିସରଭୁକ୍ତ କରିପାରିଥିଲେ । ଶେଷରେ ଇଂରେଜମାନେ ଜୟଯୁକ୍ତ ହୋଇଥିଲେ; ମୋଗଲ ସମ୍ରାଟ ଦଳ ପରିବର୍ତ୍ତନ କରି ଇଂରେଜମାନଙ୍କ ପକ୍ଷଭୁକ୍ତ ହୋଇଥିଲେ । ନବାବ ହେବା ସମୟରୁ ଯେଉଁ ଡେମୋକ୍ଲସ (Democles) ଖଣ୍ଡା ମୀରକାଶୀମଙ୍କ ମସ୍ତକ ଉପରେ ଝୁଲୁଥିଲା ତାହା ପତିତ ହେଲା । ଏକ ପଳାତକର ଜୀବନ ଧାରଣ କରିଥିଲେ ମୀରକାଶୀମ୍ । ବକ୍ସାର୍ ଯୁଦ୍ଧ ପରେ ଇଂରେଜମାନେ ପୁନର୍ବାର ବନାରସଠାରେ ସୁଜାଙ୍କୁ ପରାସ୍ତ କରିଥିଲେ । ସେମାନେ ଚୂନାର ଓ ଆଲାହାବାଦ ଦୁର୍ଗ ଅଧିକାର କରିଥିଲେ । ପରିଶେଷରେ କୋରାଠାରେ ପରାଜିତ ହୋଇ ସୁଜା ଆତ୍ମସମର୍ପଣ କରିଥିଲେ ।

ବକ୍ସାର ଯୁଦ୍ଧର ତାତ୍ପର୍ଯ୍ୟ (Importance of the Battle of Buxar) :

ଭାରତ ଇତିହାସରେ ବକ୍ସାର ଯୁଦ୍ଧ ଥିଲା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା । ପଲାସୀ ଯୁଦ୍ଧ ଅପେକ୍ଷା ଏହାଥିଲା ଅଧିକତର ନିଷ୍ପତ୍ତିମୂଳକ । ପଲାସୀ ଯୁଦ୍ଧର ବିଜୟ ଆଧାରିତ ଥିଲା ଷଡ଼ଯନ୍ତ୍ର ଓ କୂଟନୀତି ଉପରେ; କିନ୍ତୁ ବକ୍ସାର ଥିଲା ବୀରତ୍ୱ ଓ ରଣକୌଶଳ ପ୍ରଦର୍ଶନ କରିବାର ଏକ କ୍ଷେତ୍ର । ଶାହଆଲାମ୍, ସୁଜାଉଦ୍ଦୌଲା ଓ ମୀରକାଶୀମଙ୍କ ମିଳିତ ସୈନ୍ୟବାହିନୀକୁ ଇଂରେଜମାନେ ଯେପରି ଭାବରେ ପରାଜିତ କଲେ, ଏହା ସାମରିକ କ୍ଷେତ୍ରରେ ଇଂରେଜମାନଙ୍କର ଶ୍ରେଷ୍ଠତା ପ୍ରତିପାଦନ କରିଥିଲା । ବକ୍ସାର ଯୁଦ୍ଧରେ ଇଂରେଜମାନଙ୍କର ମୃତ ଓ ଆହତ ସଂଖ୍ୟା ୮୪୭ ଥିବାବେଳେ ମେଣ୍ଟ ବାହିନୀର

ମୃତାହତ ସଂଖ୍ୟା ଥିଲା ୨୦୦୦ରୁ ଅଧିକ । ସ୍ପଷ୍ଟତଃ, ଏହା ଥିଲା ଏକ ଉତ୍କୃଷ୍ଟ ସାମରିକ ଶକ୍ତିର ବିଜୟ ।

ଏହି ଯୁଦ୍ଧପରେ ଉତ୍ତର ଭାରତର ଆଉ କୌଣସି ଶକ୍ତି ଇଂରେଜମାନଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ପାରିନଥିଲେ । ବଙ୍ଗଳାର ନବାବ ହୋଇଥିଲେ ଅକର୍ମଣ୍ୟ ବୃଦ୍ଧ ମୀରଜାଫର । ସେ କମ୍ପାନୀର ଅଧିକ ଦୟାର ପାତ୍ର ହୋଇ ବଞ୍ଚିଥିଲେ । କମ୍ପାନୀ ଅର୍ଥ ଶୋଷଣ କରିବାକୁ ଲାଗିଲା, ବଙ୍ଗଦେଶରେ ଅରାଜକତା ଘୋଟିଆସିଲା । ଅଯୋଧ୍ୟାର ଉଜୀର ଆତ୍ମସମର୍ପଣ କରି କମ୍ପାନୀ ହସ୍ତକୁ ଟେକିଦେଲେ କୋରା, ଆଲାହାବାଦ, ଚୁନାର ଏବଂ ବନାରସର ଜମିଦାରୀ । ଯୁଦ୍ଧର କ୍ଷତିପୂରଣ ପାଇଁ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ରାଜ୍ୟରେ କରମୁକ୍ତ ବାଣିଜ୍ୟ ଚଳାଇବାକୁ କମ୍ପାନୀ ଅଧିକାର ପାଇଲା । କେବଳ ଏତିକି ନୁହେଁ, ସମ୍ରାଟ ଶାହଆଲାମଙ୍କ କ୍ଷମତା ହ୍ରାସ ପାଇଥିଲା । ସେ ଇଂରେଜମାନଙ୍କୁ ବନ୍ଧୁତାର ହାତ ବଢ଼ାଇଥିଲେ । ସେ ଇଂରେଜମାନଙ୍କଠାରୁ ପାଇଥିଲେ କୋରା ଓ ଆଲାହାବାଦ ଅଞ୍ଚଳ ଏବଂ ୨୬ ଲକ୍ଷ ଟଙ୍କାର ସଲାମୀ । ଏହିପରି ମୋଗଲ ସମ୍ରାଟ ଇଂରେଜମାନଙ୍କ ଦ୍ୱାରା ବଶୀଭୂତ ହୋଇଥିଲେ । ଆଲାହାବାଦ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଚାଲିଆସିଲା ଇଂରେଜମାନଙ୍କ ଅଧୀନକୁ ଏବଂ ସେମାନଙ୍କ ପାଇଁ ଦିଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଉନ୍ମୋଚିତ ହୋଇଥିଲା । ରାମସେ ମୁର୍ ଲେଖିଛନ୍ତି, "ବକ୍ସାର ଶେଷରେ କମ୍ପାନୀ ବଙ୍ଗଳା ଉପରେ ଶାସନ ସ୍ଥିର ଭାବରେ ନିବଦ୍ଧ କରିଥିଲା; ଏବଂ ଏହା କମ୍ପାନୀର ଦୟା ଉପରେ ଅଯୋଧ୍ୟାକୁ ସ୍ଥାପନ କରିଥିଲା ।"

ବକ୍ସାର ଯୁଦ୍ଧପରେ ଉତ୍ତର ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଏକ ମହାନ୍ ଶକ୍ତିରେ ପରିଗଣିତ ହେଲା ଏବଂ ସମଗ୍ର ଭାରତରେ ଏହାର ପ୍ରଭାବ ବିସ୍ତାରିତ ହୋଇଥିଲା । ହିନ୍ଦୁସ୍ଥାନରେ ସାମ୍ରାଜ୍ୟ ବିସ୍ତାର କରିବାକୁ ଏବେ ଇଂରେଜମାନେ ଆଫଗାନ ଓ ମରହଟ୍ଟା ଶକ୍ତିକୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇପାରିଲେ । ଏଡ୍‌ୱାର୍ଡସ ଲେଖିଛନ୍ତି, "ବକ୍ସାର ଯୁଦ୍ଧ ଭାରତରେ ବ୍ରିଟିଶ୍ ରାଜ୍ୟର ପ୍ରକୃତ ଭିତ୍ତି ସ୍ଥାପନ କରିଥିଲା ।"

ରବର୍ଟ କ୍ଲାଇବ୍ (Robert Clive) :

୧୭୨୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ସର୍ପସାୟାରଠାରେ ଏକ ଅଖ୍ୟାତ ପରିବାରରେ କ୍ଲାଇବ୍ ଜନ୍ମଲାଭ କରିଥିଲେ । ୧୭୪୪ ଖ୍ରୀଷ୍ଟାବ୍ଦରେ 'ଇଷ୍ଟ ଇଣ୍ଡିଆ କମ୍ପାନୀ'ର ଜଣେ କିରାଣି ରୂପେ ମାନ୍ଦ୍ରାଜଠାରେ ପହଞ୍ଚି ସେ କାର୍ଯ୍ୟାରମ୍ଭ କରିଥିଲେ । ଏହି ପଦବିରୁ ନିଜର ସାମର୍ଥ୍ୟ ବଳରେ ସେ କମ୍ପାନୀର ଉଚ୍ଚତମ ପଦବିକୁ ଉନ୍ନୀତ ହୋଇଥିଲେ । ସେ ଥିଲେ ଜଣେ ଶ୍ରେଷ୍ଠ ସୈନିକ ଓ ପ୍ରଖ୍ୟାତ ରାଜନୀତିଜ୍ଞ । ଦ୍ୱିତୀୟ କର୍ଣ୍ଣାଟ ସମରରେ ଜଣେ

ସେନାପତିଙ୍କ ବିଚକ୍ଷଣତା ପ୍ରଦର୍ଶନ କରି ୧୭୫୧ରେ ସେ ଆରକୋଟ ଅଧିକାର କରିଥିଲେ । ଡୁ୍ୟପ୍ଲେଙ୍କ ଅଧୀନରେ ଥିବା ଫରାସୀମାନଙ୍କ ଇଚ୍ଛା ଧୂଳିସାତ କରିବାରେ କ୍ଲାଇବ୍ ଲରେନ୍ସଙ୍କୁ ସାହାଯ୍ୟ କରିଥିଲେ । ୧୭୫୭ରେ ପଲାସୀ ଯୁଦ୍ଧରେ ବିଜୟ ଲାଭକରି ସେ ହୋଇପାରିଥିଲେ ବଙ୍ଗଳାରେ ଗଭର୍ଣ୍ଣର । କ୍ଲାଇବ୍‌ଙ୍କୁ ପ୍ରଶଂସାକରି ଉଇଲିୟମ ପିଟ୍ ତାହାଙ୍କୁ 'ସ୍ୱର୍ଗ-ଜାତ ସେନାପତି' ରୂପେ ଅଭିହିତ କରିଥା'ନ୍ତି ।

୧୭୫୭ରୁ ୧୭୬୦ ପର୍ଯ୍ୟନ୍ତ – ଏହି ତିନୋଟି ବର୍ଷ କ୍ଲାଇବ୍ କମ୍ପାନୀର ପ୍ରଥମ ଗଭର୍ଣ୍ଣର ଭାବରେ କାର୍ଯ୍ୟ କରିଥିଲେ । ଏହି ସମୟ ମଧ୍ୟରେ ତାଙ୍କଠାରେ ଜଣେ ଶାସକର ଦକ୍ଷତା ଓ କୂଟନୀତି ପରିଲକ୍ଷିତ ହୋଇଥିଲା । ସେତେବେଳେ କ୍ଲାଇବ୍‌ଙ୍କୁ ଦୁଇଥର ଅସ୍ତ୍ର ଧାରଣ କରିବାକୁ ପଡ଼ିଥିଲା । ବିହାର ଅଧିକାର କରିବା ପାଇଁ ଚେଷ୍ଟା କରୁଥିବା ମୋଗଲ ରାଜପୁତ୍ର ଅଲି ଗୌହରଙ୍କୁ ସେ ପରାସ୍ତ କରିଥିଲେ । ପୁନଶ୍ଚ ଯେତେବେଳେ ଡଚ୍‌ମାନେ ବଙ୍ଗ ଆକ୍ରମଣ କରିବା ପାଇଁ ଉଦ୍ୟମ କଲେ, କ୍ଲାଇବ୍ ୧୭୫୯ରେ ସେମାନଙ୍କୁ ସେଦରା (Sedara) ଠାରେ ନିସ୍ୱଭାବରେ ପରାସ୍ତ କରିଥିଲେ । ତାଙ୍କର କୂଟନୀତିରେ ମୀରଜାଫର ହୋଇଥିଲେ ବଙ୍ଗଳାର ନବାବ । ତାଙ୍କ ଠାରୁ କ୍ଲାଇବ୍ ପାଇଥିଲେ ନଦିଆ ଓ ହୁଗୁଳି ଜିଲ୍ଲାର ରାଜସ୍ୱ ଆଦାୟ କରିବା କ୍ଷମତା । ଏହିପରି କେତେକ କାର୍ଯ୍ୟ ସଂପାଦନ କରି କ୍ଲାଇବ୍ ୧୭୬୦ ଫେବ୍ରୁଆରୀ ୨୫ ତାରିଖ ଦିନ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ବଙ୍ଗର ଗଭର୍ଣ୍ଣର ରୂପେ କ୍ଲାଇବ୍‌ଙ୍କ ପୁନଃ ନିଯୁକ୍ତି

(Re appointment of Clive as Governor of Bengal)

ଇଂଲଣ୍ଡରେ ଏକ ସାଧାରଣ ମତ ପ୍ରକାଶ ପାଇଥିଲା ଯେ ଯେଉଁ ବ୍ୟକ୍ତି ବଙ୍ଗଳାରେ କମ୍ପାନୀର ରାଜନୈତିକ ଶକ୍ତି ପ୍ରତିଷ୍ଠା କରିଛନ୍ତି, ତାହାର ଦୃଢ଼ୀକରଣ ପାଇଁ ତାଙ୍କୁ ସେଠାକୁ ପ୍ରେରଣ କରିବା ଉଚିତ । ତେଣୁ କ୍ଲାଇବ୍‌ଙ୍କୁ ବଙ୍ଗଳାରେ ବ୍ରିଟିଶ୍ ଅଧିକୃତ ଅଞ୍ଚଳରେ ଗଭର୍ଣ୍ଣର ଓ ମୁଖ୍ୟ ସେନାପତିରୂପେ (୧୭୬୫-୧୭୬୭) ପୁନଃ ନିଯୁକ୍ତି ଦିଆଗଲା । କ୍ଲାଇବ୍ କଲିକତାଠାରେ ୧୭୬୫ ଖ୍ରୀଷ୍ଟାବ୍ଦ ମେ ମାସରେ ପଦାର୍ପଣ କରିଥିଲେ । ଉକ୍ତ ସମୟ ମଧ୍ୟରେ କ୍ଲାଇବ୍‌ଙ୍କ କାର୍ଯ୍ୟକଳାପକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ- (୧) ଆଭ୍ୟନ୍ତରୀଣ ସଂସ୍କାର, (୨) ବୈଦେଶିକ ନୀତି, (୩) ଦେୱାନୀ ଲାଭ ।

କ୍ଲାଇବ୍‌ଙ୍କ ସଂସ୍କାର :

ପ୍ରଥମେ କ୍ଲାଇବ୍ କଲିକତା ପରିଷଦର ସଭ୍ୟମାନଙ୍କର ଏଜେନ୍ସି ପ୍ରଥା ବନ୍ଦ କରିଥିଲେ । ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ନହୋଇ କେବଳ ନିଜ ନିଜ କାର୍ଯ୍ୟ

ତୁଲାଇବା ପାଇଁ ସଭ୍ୟମାନଙ୍କୁ ଆଦେଶ ଦିଆଗଲା । କଲିକତା ଛାଡ଼ି ବାହାରକୁ ଯିବାପାଇଁ ମଧ୍ୟ ସେମାନଙ୍କୁ ବାରଣ କରାଗଲା ।

ସେତେବେଳେ ସାନରୁ ବଡ଼ ପର୍ଯ୍ୟନ୍ତ କମ୍ପାନୀର କର୍ମଚାରୀମାନେ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଥିଲେ, ସେମାନଙ୍କର ନୈତିକତା ଦ୍ରୁତ ହ୍ରାସ ପାଉଥିଲା । ସେତେବେଳେ ବେସାମରିକ କର୍ମଚାରୀମାନେ ମଧ୍ୟ ଥିଲେ ନୀତିହୀନ ଓ ଲମ୍ପଟ । ନିଜର କାର୍ଯ୍ୟ ସଂପାଦନ କରିବା ପରିବର୍ତ୍ତେ ସେମାନେ ଅସାଧୁ ଉପାୟରେ ଧନ ସଂଗ୍ରହ କରୁଥିଲେ । ମ୍ୟାକଲେ ଲେଖିଛନ୍ତି, "ବଙ୍ଗ ଥିଲା ଏପରି ଏକ ସ୍ଥାନ, ଯେଉଁଠାକୁ ଯେକୌଣସି ଉପାୟରେ ସ୍ୱଳ୍ପ ସମୟ ମଧ୍ୟରେ ବିତ୍ତଶାଳୀ ହେବା ନିମିତ୍ତ ଇଂରେଜମାନଙ୍କୁ ପ୍ରେରଣ କରାଯାଉଥିଲା । ନିମ୍ନତମ କିରାଣିଙ୍କଠାରୁ ଆରମ୍ଭ କରି ଫୋର୍ଟ ଉଇଲିୟମର ଉଚ୍ଚତମ ସଭାପତି (ପ୍ରେସିଡେଣ୍ଟ)ଙ୍କ ପର୍ଯ୍ୟନ୍ତ ସମସ୍ତେ ଉପହାର ଗ୍ରହଣ କରୁଥିଲେ । ସେମାନଙ୍କ ପାଇଁ ମୀରଜାଫର ଥିଲେ ଏକ ସ୍ୱର୍ଣ୍ଣଥାଳୀ, ଯେଉଁଥିରେ ସେମାନେ ଇଚ୍ଛା ଅନୁସାରେ ହସ୍ତ ପୂରାଇ ପାରୁଥିଲେ ।"

'ଶୀଘ୍ର ଧନୀ ହୋଇ ଯାଅ' ଏ ପ୍ରକାର ଚିନ୍ତାଧାରା ସମଗ୍ର ପରିବେଶକୁ ବିକୃତ କରି ଦେଉଥିଲା । ତେଣୁ କମ୍ପାନୀର କର୍ମଚାରୀମାନେ କୌଣସି ପ୍ରକାର ଉପହାର ଗ୍ରହଣ କରିପାରିବେ ନାହିଁ ବୋଲି କ୍ଲାଇବ୍ ସେମାନଙ୍କୁ ଚୁକ୍ତି ସ୍ୱାକ୍ଷର କରାଇଥିଲେ । ଉପହାର ବନ୍ଦ କରିବା ଦ୍ୱାରା କମ୍ପାନୀର ଆୟ ବୃଦ୍ଧି ହୋଇଥିଲା । ରାମସେ ମୁର କହିଛନ୍ତି ଯେ ସେ ପର୍ଯ୍ୟନ୍ତ ଯେଉଁ ଉପହାର ବ୍ୟକ୍ତିମାନଙ୍କୁ ଦିଆଯାଉଥିଲା, ତାହା କମ୍ପାନୀ ହସ୍ତକୁ ଯିବାକୁ ଚାଲୁ କରାଗଲା ।

ସେ ପର୍ଯ୍ୟନ୍ତ କମ୍ପାନୀର କର୍ମଚାରୀମାନେ ବ୍ୟକ୍ତିଗତ ବାଣିଜ୍ୟରେ ଲିପ୍ତ ରହୁଥିଲେ, ସେମାନେ କମ୍ପାନୀର ଦସ୍ତକ ଅପବ୍ୟବହାର କରୁଥିଲେ । ଏପରି ଅବୈଧ ବାଣିଜ୍ୟ ବ୍ୟବସାୟ ପ୍ରଥାକୁ କ୍ଲାଇବ୍ ବନ୍ଦ କରି ଦେଇଥିଲେ । ତତ୍‌ସହିତ ସେ କର୍ମଚାରୀମାନଙ୍କ ବେତନ ବୃଦ୍ଧି ପାଇଁ ସୁପାରିସ କରିଥିଲେ; କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିଲାନାହିଁ ।

ବଙ୍ଗଳାର ସାମରିକ କର୍ମଚାରୀମାନେ ଦରମା ସହିତ ଭତ୍ତା ଉପଭୋଗ କରୁଥିଲେ । ଯୁଦ୍ଧ ସମୟରେ ସେମାନଙ୍କ ଭତ୍ତା ଦ୍ୱିଗୁଣ କରିଦିଆଯାଉଥିଲା; କିନ୍ତୁ ମୀରଜାଫରଙ୍କ ସମୟରୁ ଏହି ଦୋହରା ଭତ୍ତା ଶାନ୍ତି ସମୟରେ ମଧ୍ୟ ପ୍ରଦାନ କରାଗଲା । ଜଣେ ବଙ୍ଗଳା ସାମରିକ କର୍ମଚାରୀଙ୍କ ଭତ୍ତା ତାଙ୍କର ସମାନ ପଦବିରେ ଥିବା ମାନ୍ଦ୍ରାଜ କର୍ମଚାରୀଙ୍କ ତୁଳନାରେ ଦ୍ୱିଗୁଣ ଅଧିକ ଥିଲା । ତେଣୁ ନିର୍ଦ୍ଦେଶକମାନେ ଆଦେଶ ଦେଲେ ଯେ ଉଭୟ

ବଙ୍ଗଳା ଓ ମାନ୍ଦ୍ରାଜଠାରେ ଥିବା ସାମରିକ କର୍ମଚାରୀଙ୍କ ଭତ୍ତା ସମାନ କରାଯାଉ । ଏହି ସଂକ୍ରାନ୍ତରେ କ୍ଲାଇବ୍ ୧୭୬୬ରେ ବଙ୍ଗଳା ସାମରିକ କର୍ମଚାରୀଙ୍କ ଭତ୍ତା ହ୍ରାସ କରିଥିଲେ ।

କ୍ଲାଇବ୍‌ଙ୍କ ବୈଦେଶିକ ନୀତି :

କ୍ଲାଇବ୍ ଭାରତକୁ ଆସି ପ୍ରଥମେ ଅଯୋଧ୍ୟାର ଉଜୀର ସୁଜାଉଦ୍ଦୌଲାଙ୍କ ସହିତ ୧୭୬୫ ଅଗଷ୍ଟ ମାସ ୧୬ ତାରିଖ ଦିନ ଆଲାହାବାଦ ସନ୍ଧି ସ୍ୱାକ୍ଷର କରିଥିଲେ । ଏହି ସନ୍ଧି ଅନୁଯାୟୀ କମ୍ପାନୀ ପାଇବ କୋରା ଓ ଆଲାହାବାଦ ଜିଲ୍ଲାଦ୍ୱୟ ଏବଂ ଯୁଦ୍ଧର କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା । ଆବଶ୍ୟକବେଳେ ଉଜୀର କମ୍ପାନୀକୁ ସୈନ୍ୟ ସାହାଯ୍ୟ କରିବେ; କମ୍ପାନୀ ମଧ୍ୟ ଉଜୀରଙ୍କ ଖର୍ଚ୍ଚରେ ତାଙ୍କ ସୀମା ସୁରକ୍ଷାର ଦାୟିତ୍ୱ ନେବ । ପି. ଇ. ରବର୍ଟସ କହିଛନ୍ତି, ଆଲାହାବାଦ ସନ୍ଧି କ୍ଲାଇବ୍‌ଙ୍କ ସମସ୍ତ ରାଜନୈତିକ କାର୍ଯ୍ୟକଳାପ ମଧ୍ୟରେ ସବୁଠୁଁ ଦୀର୍ଘସ୍ଥାୟୀ ବୋଲି ପ୍ରମାଣିତ ହୋଇଥିଲା ।

ସେହିବର୍ଷ କ୍ଲାଇବ୍ ଶାହଆଲାମଙ୍କ ସହିତ ମଧ୍ୟ ଏକ ସନ୍ଧି ସ୍ୱାକ୍ଷର କରିଥିଲେ । କମ୍ପାନୀର ପ୍ରତିରକ୍ଷାରେ ସମ୍ରାଟଙ୍କୁ ଅବସ୍ଥାପିତ କରାଗଲା । ଉଜୀରଙ୍କଠାରୁ ପାଇଥିବା କୋରା ଓ ଆଲାହାବାଦ ଅଞ୍ଚଳ ମୋଗଲ ସମ୍ରାଟଙ୍କୁ ଅର୍ପଣ କରାଗଲା । ତା'ର ବଦଳରେ ବଙ୍ଗଳା, ବିହାର ଓ ଓଡ଼ିଶାର ଦେଓ୍ୱାନୀ ଆଦାୟ କରିବାର କ୍ଷମତା ସମ୍ରାଟ ଫିରମାନ ମାଧ୍ୟମରେ କମ୍ପାନୀ ହସ୍ତରେ ନ୍ୟସ୍ତ କରିଥିଲେ । ସମ୍ରାଟଙ୍କୁ ମଧ୍ୟ ବାର୍ଷିକ ୨୬ ଲକ୍ଷ ଟଙ୍କା ସଲାମୀ ଦିଆଯିବାର ସ୍ଥିର କରାଗଲା । କମ୍ପାନୀ ଏହି କ୍ଷମତା ଲାଭ କରିବା ଥିଲା ଦ୍ୱୈତ ଶାସନର ପ୍ରଥମ ପଦକ୍ଷେପ । ବଙ୍ଗଳାରେ କମ୍ପାନୀର ଅଞ୍ଚଳ ଲାଭ ସମ୍ରାଟଙ୍କ ଫିରମାନଦ୍ୱାରା ଆଇନ ସଙ୍ଗତ ହୋଇଥିଲା । ମୋଗଲ ସମ୍ରାଟଙ୍କ ସହିତ କ୍ଲାଇବ୍‌ଙ୍କ ବ୍ୟବସ୍ଥା ତାଙ୍କର ବାସ୍ତବ ଜ୍ଞାନର ପରିଚୟ ଦିଏ ।

ଦ୍ୱୈତ ଶାସନ (Dual Government) :

ବଙ୍ଗ, ବିହାର ଓ ଓଡ଼ିଶାର ଦେଓ୍ୱାନୀ ଲାଭ କରି କ୍ଲାଇବ୍ ପ୍ରଚଳନ କଲେ ଦ୍ୱୈତ ଶାସନ (Dual Government) । ଏହି ଦ୍ୱୈତ ଶାସନ ସେ ୧୭୬୫ ଖ୍ରୀଷ୍ଟାବ୍ଦରେ ବଙ୍ଗରେ ପ୍ରଚଳନ କଲେ । ଏହାଦ୍ୱାରା ଶାସନ ଦୁଇଭାଗରେ ବିଭକ୍ତ ହୋଇଗଲା, କମ୍ପାନୀ ହସ୍ତରେ ରହିଲା ବାସ୍ତବ କ୍ଷମତା ଓ ନବାବଙ୍କ ଉପରେ ପଡ଼ିଲା ଶାସନ ଦାୟିତ୍ୱ । ଶାହଆଲାମଙ୍କ ଫିରମାନ ବଳରେ ବାର୍ଷିକ ୨୬ ଲକ୍ଷ ଟଙ୍କା ଦେୟ ବଦଳରେ କମ୍ପାନୀ ଉପଭୋଗ କଲା ବଙ୍ଗ ଦେଓ୍ୱାନୀ ଆଦାୟ କରିବା କ୍ଷମତା । ମୀରଜାଫରଙ୍କ ହସ୍ତରେ

ରହିଲା ନିଜାମତ କ୍ଷମତା । ତାଙ୍କର ମୃତ୍ୟୁପରେ ଏହି ନିଜାମତ କ୍ଷମତାର ଅଧିକାରୀ ହେଲେ ତାଙ୍କ ପୁତ୍ର ନିଜାମଉଦ୍ଦୌଲା । ସେ ନବାବ ହେବା ପାଇଁ କ୍ଲାଇବ୍‌ଙ୍କ ସହିତ ସର୍ତ୍ତ ରଖିଥିଲେ ଯେ ନିଜାମତ କ୍ଷମତାର ସାମରିକ, ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ସେ ହସ୍ତାନ୍ତର କରିବେ କମ୍ପାନୀକୁ ଓ ନିଜ ଅଧୀନରେ ରଖିବେ ବିଚାର, ଆଇନ ଓ ପ୍ରଜାମଙ୍ଗଳ ବିଭାଗମାନ । ଏହି ନିଜାମତ କ୍ଷମତା ହାସଲ କରିବାକୁ କମ୍ପାନୀ ଶାହଆଲାମଙ୍କୁ ୫୩ ଲକ୍ଷ ଟଙ୍କା ପୈଠ କରିଥିଲା । ଏହିପରି ଭାବରେ କମ୍ପାନୀ ସମ୍ରାଟଙ୍କ ଠାରୁ ଦେଓ୍ୱାନୀ ଓ ନବାବ (ସୁବାଦାର)ଙ୍କ ଠାରୁ ନିଜାମତ କ୍ଷମତା ହାସଲ କରିଥିଲା; କିନ୍ତୁ କମ୍ପାନୀ ପ୍ରତ୍ୟକ୍ଷ ଭାବରେ ରାଜସ୍ୱ ଆଦାୟ କରିବାକୁ ଇଚ୍ଛା ପ୍ରକାଶ କରିନଥିଲା କିମ୍ବା କରିବାକୁ ସକ୍ଷମ ହୋଇନଥିଲା । ଦେଓ୍ୱାନୀ କ୍ଷମତା କାର୍ଯ୍ୟକାରୀ କରିବା ପାଇଁ କମ୍ପାନୀ ବଙ୍ଗଳା ଓ ବିହାର ପାଇଁ ଯଥାକ୍ରମେ ମହମ୍ମଦ ରେଜା ଖାଁ ଏବଂ ରାଜା ସୀତାବ ରାୟଙ୍କୁ ଡେପୁଟି ଦିଓ୍ୱାନ ରୂପେ ନିଯୁକ୍ତି ଦେଇଥିଲା । ରେଜା ଖାଁ ନାଏବ ନିଜାମ ରୂପେ ସାମରିକ ପ୍ରସ୍ତୁତି ଓ ଅପରାଧ ସଂକ୍ରାନ୍ତୀୟ ଆଇନ ଦେଖାଶୁଣା କରୁଥିଲେ । ବିନା ଅର୍ଥରେ ନବାବ ସାଧାରଣ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିପାରୁନଥିଲେ । ଗୁରୁତ୍ୱପୂର୍ଣ୍ଣ କ୍ଷମତାଗୁଡ଼ିକ ହରାଇ ସେ କ୍ଲାଇବ୍‌ଙ୍କ ହାତରେ ଏକ ଦୟାର ପାତ୍ର ରୂପେ ବଞ୍ଚି ରହିଲେ ।

ଦ୍ୱୈତ ଶାସନର ତ୍ରୁଟି (Defects of the Dual Government) :

ଦ୍ୱୈତ ଶାସନ ୧୭୬୭ରୁ ୧୭୭୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବଙ୍ଗଳାରେ କାର୍ଯ୍ୟକାରୀ ହୋଇଥିଲା । ଏହି ଶାସନରେ ବଙ୍ଗବାସୀ ଅତୀବ ଦୁଃଖ ଓ ଯନ୍ତ୍ରଣାରେ ସମୟ ବିତାଉଥିଲେ । ୧୭୬୯ ମେ ମାସ ୨୪ ତାରିଖ ଦିନ ଦ୍ୱୈତ ଶାସନ ପ୍ରଥାକୁ ନିନ୍ଦା କରି ନବାବ ଇଂଲଣ୍ଡକୁ ଏକ ଚିଠି ଲେଖି ଜଣାଇଥିଲେ ଯେ ଭାରତୀୟମାନଙ୍କ ନିୟନ୍ତ୍ରଣରେ ଥିବାବେଳେ ସୁନ୍ଦର ବଙ୍ଗ ଥିଲା ଏକ ବିଖ୍ୟାତ ଓ ସମୃଦ୍ଧ ପ୍ରଦେଶ; କିନ୍ତୁ ଇଂରେଜମାନେ ଏହା ଉପରେ ଆଧିପତ୍ୟ ବିସ୍ତାର କଲାପରେ ଏହାର ପତନ ଆରମ୍ଭ ହେଲା । ଦ୍ୱୈତ ଶାସନର କେତୋଟି ତ୍ରୁଟି ନିମ୍ନରେ ପ୍ରଦତ୍ତ ହେଲା ।

୧ । କମ୍ପାନୀ ହେଲା ଅର୍ଥର ମାଲିକ, ପ୍ରଜାମାନଙ୍କର ମଙ୍ଗଳ ପାଇଁ ଏହାର କର୍ତ୍ତବ୍ୟ ରହିଲା ନାହିଁ । ଲୋକମାନଙ୍କର ନିରାପତ୍ତାର ଦାୟିତ୍ୱ ନବାବଙ୍କ ହସ୍ତରେ ଥିଲେ ମଧ୍ୟ ଅର୍ଥ ଅଭାବରୁ ସେ ଏକ ସୈନ୍ୟବାହିନୀ ରଖିପାରୁ ନଥିଲେ । ରାଜ୍ୟରେ ଚୋରି, ଡକାୟତି ବୃଦ୍ଧି ପାଇଥିଲା । ନବାବ ରାଜ୍ୟର ଆଇନ ଓ ଶୃଙ୍ଖଳା ରକ୍ଷା କରିପାରିଲେ ନାହିଁ ଏବଂ ସ୍ଥିର ଭାବରେ ଶାସନ କରିପାରିଲେ ନାହିଁ ।

୨। କମ୍ପାନୀ ହାତରେ ଥିଲା ରାଜସ୍ୱ ଆଦାୟ କରିବାର କ୍ଷମତା। ନବାବଙ୍କ ଠାରେ ଅର୍ଥର ଅଭାବ ଯୋଗୁଁ ସେ କୃଷି ବା କୃଷକର ଉନ୍ନତି ପାଇଁ ଦୃଷ୍ଟି ଦେଇପାରି ନଥିଲେ। ରାଜସ୍ୱ ଆଦାୟ କରିବାର ଦାୟିତ୍ୱରେ ଥିଲେ ନିଲାମ ଧରାଳିମାନେ। ସେମାନେ ଚାଷୀମାନଙ୍କଠାରୁ ଅତ୍ୟଧିକ କର ଆଦାୟ କରୁଥିଲେ। ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିଲା। କମ୍ପାନୀର ଜଣେ କର୍ମଚାରୀ ଉଇଲିୟମ ବୋଲ୍‌ଟସ୍ ଲେଖିଛନ୍ତି ଯେ ରାଜସ୍ୱ କର୍ମଚାରୀମାନଙ୍କ ଦ୍ୱାରା କୃଷକମାନେ ଉତ୍ପୀଡ଼ିତ ହେଉଥିଲେ ଏବଂ ବାରମ୍ବାର ଏହି ଅତିଲୋଭୀ ଓ ଅନିଷ୍ଟକାରୀ ରାକ୍ଷସମାନଙ୍କୁ ରାଜସ୍ୱ ଦେବା ପାଇଁ ଆବଶ୍ୟକ ପଡୁଥିବାରୁ ସେମାନେ ପିଲାମାନଙ୍କୁ ବିକ୍ରିକରି ଦେଉଥିଲେ, ଅନ୍ୟଥା ଦେଶରୁ ପଳାୟନ କରୁଥିଲେ। ୧୭୭୦ ଖ୍ରୀଷ୍ଟାବ୍ଦରେ ବଙ୍ଗରେ ଦୁର୍ଭିକ୍ଷ ପଡ଼ିଥିଲା ଏବଂ ଲୋକମାନଙ୍କ ଦୁଃଖ ଓ ଅଭାବର ସୀମା ନଥିଲା। ଦୁର୍ଭିକ୍ଷ ସମୟରେ ମଧ୍ୟ ନିଷ୍ଠୁରତାର ସହିତ ସେମାନଙ୍କଠାରୁ କର ଆଦାୟ କରାଯାଉଥିଲା। କୃଷି ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା।

୩। କୃଷିର ଅବନତି ଘଟିବା ସହିତ ବ୍ୟବସାୟ ବାଣିଜ୍ୟରେ ମଧ୍ୟ ସ୍ଥାଣୁତା ଆସିଥିଲା। କମ୍ପାନୀର କର୍ମଚାରୀ ତଥା ଅନ୍ୟ ଇଂରେଜମାନେ କରମୁକ୍ତ ଅବାଧ ବାଣିଜ୍ୟରେ ଲିପ୍ତ ରହି ପ୍ରଚୁର ସମ୍ପତ୍ତି ଲାଭ କଲେ। ଭାରତୀୟ ବଣିକମାନଙ୍କ ଅବସ୍ଥା ଦ୍ରୁତ ଗତିରେ ପତିତ ହେଲା। ବାଣିଜ୍ୟ ଶୁଳ୍କ ଦେଇ ସେମାନେ ଇଂରେଜ ବଣିକମାନଙ୍କ ସହିତ ପ୍ରତିଯୋଗିତା କରିପାରିଲେ ନାହିଁ। ଏହି ସଂକ୍ରାନ୍ତରେ ଥରେ କ୍ଲାଇବ୍ ହାଉସ ଅଫ୍ କମନ୍‌ସରେ କହିଥିଲେ, "କମ୍ପାନୀର ବଣିକମାନେ କେବଳ ମାତ୍ର ବଣିକ ରୂପେ ନୁହଁ, ପ୍ରଭୁ ପରି ବାଣିଜ୍ୟ କରୁଛନ୍ତି ଏବଂ ସେମାନେ ସହସ୍ର ସହସ୍ର ବଣିକଙ୍କ ମୁହଁରୁ ରୁଟି ଛଡ଼େଇ ନେଉଛନ୍ତି, ଯେଉଁମାନେ ପୂର୍ବରୁ ବାଣିଜ୍ୟରେ ଲିପ୍ତ ଥିଲେ ଏବଂ ଯେଉଁମାନେ ବର୍ତ୍ତମାନ ଭିକାରି ହୋଇଯାଇଛନ୍ତି।"

୪। ଦ୍ୱୈତ ଶାସନ ଫଳରେ ବାଣିଜ୍ୟ ପରି ଭାରତୀୟ ଶିଳ୍ପ ମଧ୍ୟ ଧ୍ୱଂସ ହୋଇଯାଇଥିଲା। ବଙ୍ଗଳାର ବୟନ ଶିଳ୍ପ ନଷ୍ଟଭ୍ରଷ୍ଟ ହୋଇଗଲା। ଇଂଲଣ୍ଡର ସିଲ୍‌କ ବସ୍ତ୍ର ସହିତ ବଙ୍ଗଳାର ସିଲ୍‌କ ବସ୍ତ୍ରର ଚାହିଦା ଅଧିକ ଥିବାରୁ ରାଜନୈତିକ ଶକ୍ତି ପ୍ରୟୋଗ କରି ଇଂରେଜମାନେ ବଙ୍ଗଳାର ବୟନ ଶିଳ୍ପକୁ ନିରୁତ୍ସାହିତ କରୁଥିଲେ। ଏତଦ୍‌ବ୍ୟତୀତ କମ୍ପାନୀ ଦ୍ୱାରା ନିଯୁକ୍ତ ଗୁମାସ୍ତାମାନେ କମ୍ପାନୀର କାରଖାନାରେ ସ୍ଥାନୀୟ ତନ୍ତୀମାନଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିଲେ। ଏହା ଅବଜ୍ଞା କଲେ ତନ୍ତୀମାନଙ୍କୁ ବେତ୍ରାଘାତ, ଅର୍ଥଦଣ୍ଡ ଓ ଜେଲ ଆଦି ଭୋଗିବାକୁ ପଡୁଥିଲା। ଶୁଣାଯାଏ, ଏପରି ଅତ୍ୟାଚାର ଓ ନିର୍ଯ୍ୟାତନାରୁ ମୁକ୍ତି ଲାଭ କରିବା ନିମନ୍ତେ ଅନେକ ତନ୍ତୀ ସେମାନଙ୍କର ବୃଦ୍ଧାଙ୍ଗୁଳି କାଟି ଦେଉଥିଲେ।

୫। ଦ୍ୱୈତ ଶାସନ ଯୋଗୁଁ ବିଚାର ବିଭାଗର ମଧ୍ୟ ଅଧଃପତନ ଘଟିଥିଲା। ନୂଆ ନୂଆ ଆଇନର ପ୍ରବର୍ତ୍ତନ କରାଗଲା। ବିଚାରକ୍ଷେତ୍ରରେ ବେଳେବେଳେ ସ୍ଥାନୀୟ ଆଇନ ଓ ବେଳେବେଳେ ବିଦେଶୀ ଆଇନ ବ୍ୟବହାର କରାଯାଉଥିଲା। ଅପରାଧ ସଂକ୍ରାନ୍ତୀୟ କୋର୍ଟଗୁଡ଼ିକରେ ନବାବଙ୍କ ମୁସଲିମ୍ ଆଇନ ଲାଗୁ କରାଯିବାବେଳେ ସିଭିଲ କୋର୍ଟଗୁଡ଼ିକ ଇଂରେଜୀ ଆଇନ ଅନୁଯାୟୀ କାର୍ଯ୍ୟ କରୁଥିଲା। ନବାବଙ୍କ ବିଚାରପତିମାନେ ନିରପେକ୍ଷ ବିଚାର କରିପାରୁ ନଥିଲେ, କାରଣ ସେମାନଙ୍କ ନିଯୁକ୍ତିରେ ଇଂରେଜମାନଙ୍କର ହାତ ରହୁଥିଲା। ଇଂରେଜମାନଙ୍କ ପ୍ରଭାବରେ ସେମାନେ ଭାରତୀୟମାନଙ୍କୁ ନିରପେକ୍ଷ ନ୍ୟାୟ ଦେଇପାରୁନଥିଲେ।

୬। ସର୍ବାପେକ୍ଷା ଦୁଃଖପୂର୍ଣ୍ଣ ଥିଲା ବଙ୍ଗୀୟ ସମାଜର ନୈତିକ ଅଧଃପତନ। ଚାଷୀମାନେ ଅନୁଭବ କଲେ ଯେ ସେମାନେ ଅଧିକ ଉତ୍ପାଦନ କଲେ ଅଧିକ ରାଜସ୍ୱ ଦେବେ। ସେଥିପାଇଁ ସେମାନେ କେବଳ ନିଜର ଚଳଣି ପାଇଁ ଉପାର୍ଜନ କଲେ। ବୁଣାକାରମାନେ ମଧ୍ୟ ପରିଶ୍ରମର ମୂଲ୍ୟ ପାଉନଥିବାରୁ କାର୍ଯ୍ୟରେ ନିଜର ବିଚକ୍ଷଣତା ପ୍ରଦର୍ଶନ କରୁନଥିଲେ। କମ୍ପାନୀ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନେ ମଧ୍ୟ ଠକିବାକୁ ଆରମ୍ଭ କଲେ। ଏହିପରି ଲୋକମାନଙ୍କର ନୈତିକତା ନଷ୍ଟ ହୋଇଗଲା। ସମାଜ ସ୍ଥାଣୁ ହୋଇଗଲା, ଏହା ଅଧୋଗତି ଆଡ଼କୁ ମୁହାଁଇଥିଲା।

ଏହିପରି ଦ୍ୱୈତ ଶାସନ ଥିଲା ଅନେକ କୁଫଳ ବିଜଡ଼ିତ। ସବୁ ଦିଗରୁ ଏହା ଥିଲା ଭାରତୀୟମାନଙ୍କ ପାଇଁ ଏକ ଅଭିଶାପ। କ୍ଲାଇବ୍‌ଙ୍କ ପରେ ୱାରେନ୍ ହେଷ୍ଟିଙ୍ଗସ୍ ବଙ୍ଗଳାର ଗଭର୍ଣ୍ଣର ହୋଇ ଆସିଥିଲେ ଏବଂ ସେ ଦ୍ୱୈତ ଶାସନ ପ୍ରଥା ଉଚ୍ଛେଦ କରିଥିଲେ।

୧୭୬୭ ଖ୍ରୀଷ୍ଟାବ୍ଦରେ କ୍ଲାଇବ୍ ଭାରତରୁ ବିଦାୟ ନେଇଥିଲେ। ୧୭୭୩ରେ ତାଙ୍କୁ ବିଭିନ୍ନ ଦୋଷରେ ଅଭିଯୁକ୍ତ କରାଗଲା। ତାଙ୍କ ବିରୋଧରେ ଅଭିଯୋଗ ଆସିଲା- ରାଷ୍ଟ୍ରକୁ ଅସମ୍ମାନ କରି ଓ ସାଧାରଣ ଜନତା ତଥା କର୍ମଚାରୀଙ୍କଠାରେ କୁଦୃଷ୍ଟାନ୍ତ ସୃଷ୍ଟି କରି କ୍ଲାଇବ୍ କ୍ଷମତାର ଅପବ୍ୟବହାର କରିଛନ୍ତି। ବ୍ରିଟିଶ୍ ପାର୍ଲିଆମେଣ୍ଟରେ ତାଙ୍କର ବିଚାର ହେଲା। ସେ ଦୋଷୀ ସାବ୍ୟସ୍ତ ହେଲେ ନାହିଁ ସତ କିନ୍ତୁ ମର୍ମପୀଡ଼ାରେ ସନ୍ତୁଳିତ ହୋଇ ୧୭୭୪ରେ ନିଜର ବୈଠକ କକ୍ଷରେ ବନ୍ଧୁକରେ ଆତ୍ମହତ୍ୟା କରିଥିଲେ।

ବ୍ରିଟିଶ୍-ମହୀଶୂର ସମ୍ପର୍କ

(British-Mysore Relation)

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହୀଶୂରରେ ହାଇଦର ଅଲି ଓ ଟିପୁଙ୍କ ଉତ୍‌ଥାନ ଭାରତରେ ଥିଲା ଇଂରେଜମାନଙ୍କ ପାଇଁ ଏକ ବିପଦର ଉତ୍ସ । ହାଇଦର ଅଲିଙ୍କ ନେତୃତ୍ୱରେ ଦକ୍ଷିଣଭାରତ ରାଜନୀତିରେ ମହୀଶୂର ପ୍ରଖ୍ୟାତ ଲାଭ କରିଥିଲା । ହାଇଦର ମହୀଶୂରର ବୁଡ଼ିକୋଟଠାରେ ୧୭୨୨ ଖ୍ରୀଷ୍ଟାବ୍ଦରେ ଜନ୍ମଲାଭ କରିଥିଲେ । ସେ ଆଜନ୍ମ ଜଣେ ଦୁଃସାହସିକ ବୀର ଥିଲେ । ହାଇଦର ଥିଲେ ନିରକ୍ଷର; କିନ୍ତୁ ତାଙ୍କଠାରେ ଭରି ରହିଥିଲା ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସ ଓ ତୀକ୍ଷଣ ବୁଦ୍ଧି । ତାଙ୍କ ପିତା ମହୀଶୂର ହିନ୍ଦୁରାଜାଙ୍କ ଅଧୀନରେ ଜଣେ ଫୌଜଦାର ଥିଲେ ଏବଂ ବୁଡ଼ିକୋଟ ଜାଗିରି ଲାଭ କରିଥିଲେ । ମହୀଶୂର ରାଜ୍ୟ ଥିଲା ବିଜୟନଗର ସାମ୍ରାଜ୍ୟର ଏକ ଅଂଶ; ମାତ୍ର ମହୀଶୂରର ପ୍ରକୃତ ଶାସକ ଥିଲେ ନନ୍ଦରାଜ । ହାଇଦ୍ରାବାଦର ନିଜାମ ନାସିର ଜଙ୍ଗଙ୍କ ହତ୍ୟା ସମୟରେ ତାଙ୍କ ସମ୍ପତ୍ତିର ଏକ ଅଂଶ ହାଇଦରଙ୍କର ହସ୍ତଗତ ହୋଇଥିଲା । ସେହି ସମ୍ପତ୍ତିରେ ସେ ସୈନ୍ୟସଂଖ୍ୟା ବୃଦ୍ଧି କରିଥିଲେ ଓ ଫରାସୀ ରଣନୀତି ଅନୁଯାୟୀ ସେମାନଙ୍କୁ ସଂଗଠିତ କରିଥିଲେ । ନନ୍ଦରାଜଙ୍କ ସହିତ ସେ ତ୍ରିଚିନାପଲ୍ଲୀ ଆକ୍ରମଣ କରିବାକୁ ଯାତ୍ରା କରିଥିଲେ ଏବଂ ସେଠାରେ କେତେଗୁଡ଼ିଏ ଇଂରେଜ କମାଣ ଅଧିକାର କରିଥିଲେ । ୧୭୫୫ରେ ତାଙ୍କୁ ଦିଣ୍ଡିଗଲ (Dindigul)ର ଫୌଜଦାର ରୂପେ ନିଯୁକ୍ତ କରାଯାଇଥିଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ହାଇଦର ଅଲି ହୋଇଥିଲେ ମହୀଶୂରର ପ୍ରକୃତ ଶାସକ । ମହୀଶୂର ରାଜାଙ୍କଠାରେ ରହିଥିଲା ନାମକୁ ମାତ୍ର ସାର୍ବଭୌମତ୍ୱ, ଯାହାଙ୍କୁ କେବଳ ବର୍ଷକୁ ଥରେ ମାତ୍ର ପ୍ରଜାମାନଙ୍କୁ ପ୍ରଦର୍ଶନ କରି ଦିଆଯାଉଥିଲା । କର୍ଣ୍ଣାଟ ଓ ହାଇଦ୍ରାବାଦର ଉତ୍ତରାଧିକାର ଯୁଦ୍ଧ, ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ବିବାଦ, ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କର ପରାଜୟ ଆଦି ହାଇଦରଙ୍କ ଉତ୍‌ଥାନ ଓ ତାଙ୍କର ମହୀଶୂର ରାଜ୍ୟକୁ ଦୃଢ଼ୀକରଣରେ ସାହାଯ୍ୟ କରିଥିଲା । ବେଦନୋର, ସୁନ୍ଦା, ସେରା, କାନାରା ପ୍ରଭୃତି ଅଞ୍ଚଳ ଜୟ କରି ସେ ମହୀଶୂରର ସାମ୍ରାଜ୍ୟ ବିସ୍ତାର କରିଥିଲେ । ଦକ୍ଷିଣ ଭାରତର ପୋଲିଗାରମାନେ ମଧ୍ୟ ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ହାଇଦରଙ୍କର ଏପରି ସହସା ଉତ୍‌ଥାନ ଦେଖି ନିଜାମ, ମରହଟ୍ଟା ଓ ଇଂରେଜମାନେ ତାଙ୍କ ପ୍ରତି ଈର୍ଷାଭାବ ପୋଷଣ କରିଥିଲେ ।

ପ୍ରଥମ ଇଂରେଜ-ମହୀଶୂର ଯୁଦ୍ଧ (୧୭୬୬-୬୯) The First Anglo-Mysore War (1766-1769)

ହାଇଦର ଅଲି ଫରାସୀମାନଙ୍କୁ ଅର୍ଥ ଓ ସୈନ୍ୟଦଳ ସାହାଯ୍ୟ ଦେଇ ଇଂରେଜମାନଙ୍କର ଶତ୍ରୁତା ଅର୍ଜନ କରିଥିଲେ । ଇଂରେଜମାନଙ୍କର ଶତ୍ରୁ କର୍ଣ୍ଣାଟର ଚାନ୍ଦାସାହେବଙ୍କ ପୁତ୍ର ରାଜାସାହେବଙ୍କ ପ୍ରତି ହାଇଦରଙ୍କ ସମର୍ଥନ ମଧ୍ୟ ଇଂରେଜମାନଙ୍କୁ କ୍ରୋଧାନ୍ୱିତ କରିଥିଲା । ୧୭୬୫ରେ ହାଇଦ୍ରାବାଦର ନିଜାମ ହାଇଦରଙ୍କ ବିରୋଧରେ ମାଡ୍ରାସଠାରେ ଇଂରେଜମାନଙ୍କର ସାହାଯ୍ୟ ଭିକ୍ଷା କରିଥିଲେ । ତା'ପର ବର୍ଷ ନିଜାମ, ମରହଟ୍ଟା ଓ ଇଂରେଜମାନେ ତ୍ରିଶକ୍ତି ମେଣ୍ଟ ଗଠନ କରିଥିଲେ । ହାଇଦର ବୁଝିଥିଲେ ଯେ, ସେମାନଙ୍କର ମେଣ୍ଟ ଦୃଢ଼ ନୁହେଁ, କାରଣ ନିଜାମ ଓ ମରହଟ୍ଟାମାନେ ଥିଲେ ପରସ୍ପରର ଶତ୍ରୁ । ହାଇଦର ମରହଟ୍ଟାମାନଙ୍କୁ ୩୫ ଲକ୍ଷ ଟଙ୍କା ଉତ୍କୋଚ ଦେଇ ସେମାନଙ୍କ ମେଣ୍ଟରୁ ବାହାର କରି ଆଣିଲେ ।

ଜୋସେଫ ସ୍ମିଥ୍‌ଙ୍କ ଦ୍ୱାରା ପରିଚାଳିତ ଇଂରେଜ ସୈନ୍ୟଙ୍କ ସହିତ ମିଶି ନିଜାମ ୧୭୬୭ ଅପ୍ରେଲ ମାସରେ ମହୀଶୂର ଆକ୍ରମଣ କରିଥିଲେ । ଏହି ଆକ୍ରମଣ ସଫଳ ହୋଇନଥିଲା । ୧୭୬୭ ସେପ୍ଟେମ୍ବର ମାସରେ ନିଜାମ ଇଂରେଜମାନଙ୍କ ଦଳତ୍ୟାଗ କଲେ ଓ ହାଇଦରଙ୍କ ସହିତ ମିଳିତ ହୋଇଥିଲେ । ସେହି ମିଳିତ ଶକ୍ତି ବିପକ୍ଷରେ ସ୍ମିଥ୍ ଯୁଦ୍ଧ କରିବାକୁ ସାହସ ନ କରି ତ୍ରିଚିନାପଲ୍ଲୀକୁ ଫେରିଗଲେ; ସେଠାରେ କଲୋନେଲ ଉଡ଼ ତାଙ୍କ ସହିତ ଯୋଗଦେଲେ । ତା'ପରେ ସ୍ମିଥ୍ ଚାଙ୍ଗାମାଠାରେ ନିଜାମ ଓ ହାଇଦରଙ୍କ ସୈନ୍ୟଦଳକୁ ପରାସ୍ତ କରିଥିଲେ । ଖୁବ୍ ଶୀଘ୍ର ହାଇଦରଙ୍କୁ ତାଙ୍କ ଅସ୍ଥିର ମନୋଭାବ ସମ୍ପନ୍ନ ସହଯୋଗୀ ନିଜାମ ତ୍ୟାଗ କରି ପୁନଶ୍ଚ ଇଂରେଜମାନଙ୍କ ପକ୍ଷଭୁକ୍ତ ହୋଇଥିଲେ । ୧୭୬୮ ମାର୍ଚ୍ଚ ମାସରେ ନିଜାମ ଓ ଇଂରେଜମାନଙ୍କ ମଧ୍ୟରେ ଏକ ସନ୍ଧି ମଧ୍ୟ ସ୍ୱାକ୍ଷରିତ ହୋଇଥିଲା । ଏହାଦ୍ୱାରା ନିଜାମ ଇଂରେଜମାନଙ୍କ ସହିତ ହୋଇଥିବା ତାଙ୍କର ପୂର୍ବ ସନ୍ଧିର ସର୍ତ୍ତମାନି ନେବା ନିମିତ୍ତ ରାଜି ହୋଇଥିଲେ । ହାଇଦରଙ୍କୁ ଜଣେ 'ବିଦ୍ରୋହୀ ଓ ଅବୈଧ ରାଜପଦାଧିକାରୀ' (Rebel and Usurper) ବୋଲି ସେ ଘୋଷଣା କଲେ । ସେ ମଧ୍ୟ ହାଇଦରଙ୍କୁ ପରାସ୍ତ କରିବାରେ ଇଂରେଜ ଓ କର୍ଣ୍ଣାଟର ନବାବଙ୍କୁ ସାହାଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ଦୋଳାୟମାନ ନିଜାମଙ୍କ ସହିତ ମେଣ୍ଟ ଇଂରେଜମାନଙ୍କୁ ସାହାଯ୍ୟ କରି ନଥିଲା ବରଂ ହାଇଦରଙ୍କ ପ୍ରତି ସେମାନଙ୍କ ଶତ୍ରୁତାକୁ ଅଧିକ ତେଜି ଦେଇଥିଲା । ନିର୍ଦ୍ଦେଶକମଣ୍ଡଳୀ କହିଥିଲେ, "ତୁମେ ଆମକୁ ଏପରି ବିଷମ ସମସ୍ୟାରେ ପକାଇଛ ।" ନିର୍ଦ୍ଦେଶକମାନେ ଚାହୁଁଥିଲେ ଯେ ଇଂରେଜ ସାମ୍ରାଜ୍ୟକୁ ଆଉ ଅଧିକତର ବିସ୍ତାର ନକରି ଯାହା ଅଧିକାର କରାଯାଇଛି ସେଗୁଡ଼ିକ ଧାରଣ କରିବେ । ସେମାନେ

ଲେଖିଥିଲେ, "ଦେଶର ଶକ୍ତିଗୁଡ଼ିକ ସେମାନଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ଉଚିତ । ଆମେ ଚାହୁଁଛୁ ଭାରତୀୟ ରାଜପୁତ୍ରମାନେ ଆମମାନଙ୍କର ହସ୍ତକ୍ଷେପ ବିନା ଜଣେ ଅନ୍ୟଜଣଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ରୁହନ୍ତୁ ।"

ନିଜାମଙ୍କ ଦଳ ତ୍ୟାଗରେ ବିଚଳିତ ନହୋଇ ହାଇଦର ଅଲି ଅପୂର୍ବ ସାହସ ସହିତ ଇଂରେଜମାନଙ୍କ ବିରୁଦ୍ଧରେ ସଂଘର୍ଷ ଚାଲୁ ରଖିଥିଲେ । ସେ ବମ୍ବେ ସୈନ୍ୟମାନଙ୍କୁ ପରାସ୍ତ କରି ମାଙ୍ଗାଲୋର ଅଧିକାର କଲେ ଏବଂ ମାନ୍ଦ୍ରାଜର ପାଞ୍ଚମାଇଲ ଦୂରରେ ଉପସ୍ଥିତ ହେଲେ । ତେଣୁ ଇଂରେଜମାନେ ୧୭୬୯ ଅପ୍ରେଲ ୪ ତାରିଖରେ ହାଇଦରଙ୍କ ସହିତ ଏକ ସନ୍ଧି କଲେ । ଏହାଦ୍ୱାରା ପ୍ରତ୍ୟେକ ପ୍ରତ୍ୟେକଙ୍କର ଅଧିକୃତ ଅଞ୍ଚଳଗୁଡ଼ିକ ଫେରାଇଦେବେ, ହାଇଦର ଅଲି କର୍ଣ୍ଣାଟର ନବାବଙ୍କୁ କାରୁର (Karur) ଜିଲ୍ଲା ପ୍ରଦାନ କରିବେ ଏବଂ କୌଣସି ତୃତୀୟ ଶକ୍ତି ଆକ୍ରମଣ କଲେ ଉଭୟ ଦଳ ଉଭୟଙ୍କୁ ମିତ୍ର ଶକ୍ତି ରୂପେ ସାହାଯ୍ୟ କରିବେ ।

ଏହିପରି ପ୍ରଥମ ଇଂରେଜ-ମହୀଶୂର ଯୁଦ୍ଧର ସମାପ୍ତି ହୋଇଥିଲା । ଇଂରେଜମାନଙ୍କୁ ସନ୍ଧି ପାଇଁ ବାଧ୍ୟ କରାଇ ହାଇଦର ତାଙ୍କର ଖ୍ୟାତି ବୃଦ୍ଧି କରିଥିଲେ ।

ଦ୍ୱିତୀୟ ଇଂରେଜ-ମହୀଶୂର ଯୁଦ୍ଧ (୧୭୮୦-୮୪) The Second Anglo-Mysore War (1780-1784)

ଉଭୟ ହାଇଦ୍ରାବାଦର ନିଜାମ ଓ ହାଇଦର ଅଲି ଇଂରେଜମାନଙ୍କ କାର୍ଯ୍ୟ ଯୋଗୁଁ ଅସନ୍ତୁଷ୍ଟ ଥିଲେ । ୧୭୬୮ ଖ୍ରୀଷ୍ଟାବ୍ଦ ଚୁକ୍ତି ଅନୁଯାୟୀ ଇଂରେଜମାନେ ନିଜାମଙ୍କୁ ବାର୍ଷିକ ୭ ଲକ୍ଷ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ; ମାତ୍ର ସେହି ଅର୍ଥ ପ୍ରଦାନ କଲେ ନାହିଁ । ତାଞ୍ଜୋର ଅଧିକାର କରିବାରେ ଇଂରେଜମାନେ କର୍ଣ୍ଣାଟର ନବାବଙ୍କୁ ସାହାଯ୍ୟ କରିଥିଲେ ଓ ନିଜାମଙ୍କ ସମ୍ପର୍କୀୟ ବସଲତ ଜଙ୍ଗଙ୍କଠାରୁ ଗୁଣ୍ଟୁର ଜିଲ୍ଲା ଅଧିକାର କରିଥିଲେ, ଫଳରେ ନିଜାମ ଗଭୀର ରୂପେ ଅଶାନ୍ତି ହୋଇଥିଲେ ।

୧୭୬୯ ଖ୍ରୀଷ୍ଟାବ୍ଦ ସନ୍ଧିର ସର୍ତ୍ତ ମଧ୍ୟ ମାନ୍ଦ୍ରାଜ ସରକାର ପୂରଣ କରି ନଥିଲେ, କାରଣ ଯେତେବେଳେ ମରହଟ୍ଟାମାନେ ହାଇଦରଙ୍କ ଅଞ୍ଚଳ ଆକ୍ରମଣ କଲେ, ଇଂରେଜମାନେ ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେଲେ ନାହିଁ । ଏହାଦ୍ୱାରା ହାଇଦର ଅଲି ନିଜକୁ ଅପମାନିତ ମନେକଲେ । ଫରାସୀମାନଙ୍କର ମାହି ବନ୍ଦରର ସୁରକ୍ଷା ଦାୟିତ୍ୱ ହାଇଦରଙ୍କ ଉପରେ ନ୍ୟସ୍ତ ଥିଲା । ୱାରେନ ହେଷ୍ଟିଂସ୍ ଭାବିଥିଲେ, ମହୀଶୂର ରାଜା ଏହି ବନ୍ଦର ଦେଇ ଓ ଫରାସୀମାନଙ୍କଠାରୁ ସାହାଯ୍ୟ ଲାଭକରି ଇଂରେଜମାନଙ୍କ ବିରୋଧରେ ଅସ୍ତ୍ରଧାରଣ କରିପାରନ୍ତି । ପୁନଶ୍ଚ ଗୁଣ୍ଟୁର ଅଧିକାର କରିବାକୁ ଇଂରେଜମାନେ ହାଇଦରଙ୍କ ବିନା

ଅନୁମତିରେ ତାଙ୍କ ରାଜ୍ୟ ଦେଇ ଗତି କରିଥିଲେ । ଇଂରେଜମାନଙ୍କର ଏପରି ଆଚରଣ ହାଇଦରଙ୍କର ସହ୍ୟ କରିବାର ଶକ୍ତିର ବାହାରେ ଥିଲା । ସେତେବେଳକୁ ପ୍ରଥମ ଇଂରେଜ-ମରହଟ୍ଟା ସମର ସଂଘଟିତ ହୋଇସାରିଥିଲା । ତେଣୁ ମରହଟ୍ଟାମାନେ ଥିଲେ ଇଂରେଜ ବିରୋଧୀ । ନିଜାମ, ହାଇଦର ଅଲି ଓ ମରହଟ୍ଟାମାନେ ଇଂରେଜମାନଙ୍କ ବିରୋଧରେ ସନ୍ଧି ସୂତ୍ରରେ ଆବଦ୍ଧ ହେଲେ ।

୧୭୮୦ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ହାଇଦର ଅଲି ୮୦,୦୦୦ ସୈନ୍ୟ ଓ ଏକଶତ କମାଣ ସହିତ କର୍ଣ୍ଣାଟରେ ପ୍ରବେଶ କରିଥିଲେ । ଇଂରେଜମାନଙ୍କ ପକ୍ଷରୁ ବେଲି ଓ ହେକ୍ଟର ମୁନ୍‌ରୋଙ୍କ ଅଧୀନରେ ଏକ ଏକ ସୈନ୍ୟଦଳ ହାଇଦରଙ୍କୁ ମୁକାବିଲା କରିବା ନିମନ୍ତେ ଆଗେଇଥିଲେ । ବେଲିଙ୍କ ଦଳ ସହିତ ହାଇଦରଙ୍କ ପୁତ୍ର ଟିପୁ କାଞ୍ଜିବରମ ନିକଟରେ ଏକ ଯୁଦ୍ଧ କରି ସେମାନଙ୍କୁ ସମୂଳେ ଧ୍ୱଂସ କରିଥିଲେ । ଏହି ଘଟଣାରେ ଭୟଭୀତ ହୋଇ ମୁନ୍‌ରୋ ସଙ୍ଗେ ସଙ୍ଗେ ମାନ୍ଦ୍ରାଜକୁ ପଛଘୁଞ୍ଚା ଦେଇଥିଲେ । ୧୭୮୦ ସୁଦ୍ଧା ହାଇଦର ଆର୍କଟ ଅଧିକାର କଲେ । ମହୀଶୂର ରାଜ୍ୟର କର୍ଣ୍ଣାଟ ଉପରେ କର୍ତ୍ତୃତ୍ୱ ସ୍ଥାପିତ ହେଲା । ଆଲଫ୍ରେଡ ଲ୍ୟାଲ (Alfred Lyall) କହିଛନ୍ତି, ଭାରତରେ ଇଂରେଜମାନଙ୍କ ଭାଗ୍ୟ ନିମ୍ନତମ ସ୍ତରକୁ ଖସି ଆସିଥିଲା ।

ଇଂରେଜମାନଙ୍କର ଏପରି ଦୁଃଖଦ ପରିସ୍ଥିତିରେ ମଧ୍ୟ କଲିକତାରେ ଥିବା ଗଭର୍ଣ୍ଣର-ଜେନେରାଲ ହୃଦୟ ହରାଇ ନଥିଲେ । ସେ ଉଭୟ ଶକ୍ତି ଓ କୂଟନୀତି ପ୍ରୟୋଗ କରି ହାଇଦରଙ୍କୁ ଦମନ କରିବା ପାଇଁ ଚାହିଁଲେ । କୂଟନୀତି ବଳରେ ହେଷ୍ଟିଂସ୍ ମରହଟ୍ଟା ନେତା ସିନ୍ଧିଆ ଓ ବେରାର ରାଜାଙ୍କୁ ହାଇଦରଙ୍କ ପକ୍ଷ ତ୍ୟାଗ କରିବାକୁ ସମ୍ମତ କରାଇଲେ । ସେ ଗୁଣ୍ଟୁର ଜିଲ୍ଲାକୁ ନିଜାମଙ୍କୁ ପ୍ରତ୍ୟର୍ପଣ କରି ତାହାଙ୍କୁ ହାଇଦରଙ୍କ ପକ୍ଷ ତ୍ୟାଗ କରାଇଲେ । ଫଳରେ ହାଇଦରଙ୍କୁ ଏକାକୀ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼ିଥିଲା । ଇଂରେଜ ସେନାପତି ଆୟାରକୁଟଙ୍କ ଅଧୀନରେ ଏକ ଇଂରେଜ ସୈନ୍ୟଦଳ ଦକ୍ଷିଣକୁ ଚାଳିତ ହେଲେ । ସେ ପୋର୍ଟୋନୋଭୋ (PortoNovo) ଠାରେ ୧୭୮୧ରେ ହାଇଦରଙ୍କୁ ପରାସ୍ତ କରିଥିଲେ । ଇଂରେଜମାନେ ମଧ୍ୟ ଡଚ୍ ଅଧିକୃତ ପୋତାଶ୍ରୟ ତ୍ରିନ୍‌କୋମାଲି ଅଧିକାର କଲେ; କିନ୍ତୁ କଲୋନେଲ ବ୍ରେଥୱେଟ (Colonel Braithwaite)ଙ୍କ ଦ୍ୱାରା ପରିଚାଳିତ ଏକ ଇଂରେଜ ସୈନ୍ୟଦଳ ମହୀଶୂର ସୈନ୍ୟଙ୍କ ଦ୍ୱାରା ପରାଜିତ ହୋଇଥିଲେ । ୧୭୮୨ର ଆରମ୍ଭ କାଳରେ ଆଡ଼ମିରାଲ ସୁଫ୍ରେନଙ୍କ (Suffren) ଅଧୀନରେ ଏକ ଫରାସୀ ନୌବାହିନୀ ହାଇଦରଙ୍କୁ ସାହାଯ୍ୟ କରିବା ପାଇଁ ଦାକ୍ଷିଣାତ୍ୟ ଉପକୂଳରେ ପହଞ୍ଚିଥିଲେ । ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ କେତେ

ଥର ନୌଯୁଦ୍ଧ ସଂଘଟିତ ହୋଇଥିଲା । ମାଲବାର ଉପକୂଳରେ ଟିପୁ ଇଂରେଜମାନଙ୍କ ଆକ୍ରମଣ ପ୍ରତିହତ କଲେ । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଅଧିକକାଳ ଇଂରେଜମାନଙ୍କ ସହିତ ଲଢ଼ିବାକୁ ହାଇଦରଙ୍କ ଭାଗ୍ୟରେ ନଥିଲା । ୧୭୮୨ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ହାଇଦରଙ୍କର ଦେହାବସାନ ଘଟିଥିଲା । କୁଟ ମଧ୍ୟ ଅସୁସ୍ଥ ହୋଇ ସୈନ୍ୟ ପରିଚାଳନା କରିବା ଦାୟିତ୍ୱ ଷ୍ଟୁଆର୍ଟଙ୍କୁ ଅର୍ପଣ କରିଥିଲେ । ପର ବର୍ଷ ଅପ୍ରେଲ ମାସରେ ମାନ୍ଦ୍ରାଜଠାରେ ତାଙ୍କର ଦେହାନ୍ତ ହୋଇଥିଲା ।

ପିତାଙ୍କ ପରି ସାହସୀ ଓ ଯୁଦ୍ଧଖୋର ଟିପୁ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଚାଲୁ ରଖିଥିଲେ । ବମ୍ବେ ସରକାରଙ୍କ ଦ୍ୱାରା ନିଯୁକ୍ତ ବ୍ରିଗାଡ଼ିୟର ମାଥ୍ୟୁସ୍ (Mathews) ତାଙ୍କ ସୈନ୍ୟମାନଙ୍କ ସହିତ ଟିପୁଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ଏହାପରେ ରାଜନୈତିକ ଘଟଣା ପ୍ରବାହ ଟିପୁଙ୍କ ବିରୋଧରେ ଗତି କରିଥିଲା । ୧୭୮୩ରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଏକ ଶାନ୍ତିଚୁକ୍ତି ସମ୍ପାଦିତ ହେବାରୁ ଫରାସୀମାନେ ଟିପୁଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିନେଲେ । ଇଂରେଜମାନେ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗାପତ୍ତନ ଅଧିକାର କରିବାକୁ ଯୋଜନା କରିଥିଲେ; କିନ୍ତୁ ମାଡ୍ରାସଠାରେ ଲର୍ଡ ମାକାର୍ଟନେ (Lord Maccartney) ଟିପୁଙ୍କ ସହିତ ଏକ ଶାନ୍ତିଚୁକ୍ତି କରିବାକୁ ଆଗ୍ରହୀ ହୋଇଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ୧୭୮୪ରେ ମାଙ୍ଗାଲୋର ସନ୍ଧି ସ୍ୱାକ୍ଷରିତ ହୋଇଥିଲା । ଏହାଦ୍ୱାରା ଉଭୟ ପକ୍ଷ ପରସ୍ପରର ଅଧିକାର କରିଥିବା ଅଞ୍ଚଳ ପ୍ରତ୍ୟର୍ପଣ କରିବାକୁ ଓ ଯୁଦ୍ଧବନ୍ଦୀମାନଙ୍କୁ ମୁକ୍ତି ଦେବାକୁ ରାଜି ହୋଇଥିଲେ । ଏପରି ଚୁକ୍ତି ହେଷ୍ଟିଂସଙ୍କୁ ଭଲ ଲାଗିନଥିଲା; ସେ କହିଥିଲେ, "ଲର୍ଡ ମାକାର୍ଟନେ କେଉଁ ପ୍ରକାର ଲୋକ ! ତଥାପି ମୁଁ ବିଶ୍ୱାସ କରେ ଯେ ଶାନ୍ତି ସତ୍ତ୍ୱେ ସେ କର୍ଣ୍ଣାଟ ପ୍ରାପ୍ୟରୁ କ୍ଷତି ଘଟାଇବେ ।"

ତୃତୀୟ ଇଂରେଜ-ମହୀଶୂର ଯୁଦ୍ଧ (The Third Anglo-Mysore war)

ବ୍ରିଟିଶ୍ ସାମ୍ରାଜ୍ୟବାଦ ପ୍ରତ୍ୟେକ କ୍ଷେତ୍ରରେ ଏହାର ପ୍ରକୃତ ଚରିତ୍ର ଉନ୍ମୁକ୍ତ କରୁଥିଲା । କୁହାଯାଉଥିଲା ଯେ ଅନ୍ୟ ଏକ ଯୁଦ୍ଧ ଘୋଷଣା କରିବା ପୂର୍ବରୁ ମହୀଶୂର ସହିତ ଇଂରେଜମାନଙ୍କ ସନ୍ଧି ଥିଲା ନିଃଶ୍ୱାସ ନେବା ପାଇଁ କିଛି ସମୟ । କେବଳ ନିଜର ନିରାପତ୍ତା ଭିନ୍ନ ଯୁଦ୍ଧ ଓ ବିଜୟ ନୀତିରୁ ନିବୃତ୍ତ ରହିବାକୁ ପିଟ୍‌ଙ୍କ ଭାରତୀୟ ଆଇନ (Pitt's India Act) ପ୍ରଣୟନ କରାଯାଇଥିଲା । ଲର୍ଡ କର୍ଣ୍ଣୱାଲିସ୍ କଲିକତାର ଗଭର୍ଣ୍ଣର ଜେନେରାଲ ହୋଇ ଆସିବା ପରେ ହୃଦୟଙ୍ଗମ କଲେ ଯେ ପିଟ୍‌ଙ୍କ ଆଇନ ପୂରାପୂରି ପାଳନ କରିବା ସମ୍ଭବ ନୁହଁ । ବିଶ୍ୱ ରାଜନୀତିକୁ ଲକ୍ଷ୍ୟ କରି ସେ ଅନୁଭବ କଲେ ଯେ

ଇଉରୋପରେ ଇଂରେଜ-ଫରାସୀମାନଙ୍କ ଶତ୍ରୁତା ଭାରତରେ ପ୍ରତିଫଳିତ ହେବ, ଏବଂ ଟିପୁ ଫରାସୀମାନଙ୍କ ସହିତ ମିତ୍ରତା ସୂତ୍ରରେ ଆବଦ୍ଧ ହେବେ ।

ଟିପୁ ଥିଲେ ଇଂରେଜମାନଙ୍କର ଦୃଢ଼ପ୍ରତିଜ୍ଞ ଶତ୍ରୁ । ଇଂରେଜମାନଙ୍କ ବିପକ୍ଷରେ ସାହାଯ୍ୟ ପାଇବା ପାଇଁ ସେ ତୁର୍କୀ ଓ ଫ୍ରାନ୍ସକୁ ରାଜଦୂତ ପ୍ରେରଣ କରିଥିଲେ; ମାତ୍ର ସଙ୍ଗେ ସଙ୍ଗେ ସକ୍ରିୟ ସାହାଯ୍ୟ ନ ପାଇ ଭବିଷ୍ୟତରେ ପାଇବା ପାଇଁ ସେ କେବଳ ପ୍ରତିଶ୍ରୁତି ପାଇଥିଲେ । ମାଙ୍ଗାଲୋର ସନ୍ଧି ଥିଲା କେବଳ ଏକ ଫମ୍ପା ଶାନ୍ତି ଚୁକ୍ତି । ଟିପୁଙ୍କର ଯୁଦ୍ଧଲିପ୍ସା ମତିଗତି ଦେଖି କର୍ଣ୍ଣୱାଲିସ୍ କହିଥିଲେ ଯେ, ଟିପୁଙ୍କ ସହିତ ଯୁଦ୍ଧ ଏକ ନିଷ୍ଠୁର ଆବଶ୍ୟକତା ।

ଟିପୁଙ୍କ ସହିତ ଯୁଦ୍ଧ ଘୋଷଣା କରିବା ପୂର୍ବରୁ କର୍ଣ୍ଣୱାଲିସ୍ ସାବଧାନ ହୋଇଥିଲେ । ସେତେବେଳେ ଟିପୁଙ୍କ ଶକ୍ତି ଓ ସାହସ ଦେଖି ହାଇଦ୍ରାବାଦର ନିଜାମ ଓ ମରହଟ୍ଟାମାନେ ପ୍ରସ୍ତୁତ ହେଉଥିଲେ । କର୍ଣ୍ଣୱାଲିସ୍‌ଙ୍କ ନେତୃତ୍ୱରେ ଇଂରେଜ, ନିଜାମ ଓ ମରହଟ୍ଟାମାନେ ତ୍ରିଶକ୍ତି ମେଣ୍ଟ ଗଠନ କରିଥିଲେ । ନିଜାମ ଓ ମରହଟ୍ଟାମାନେ ଟିପୁଙ୍କ ସହ ଯୁଦ୍ଧ କରିବାକୁ ସମ୍ମତ ହେଲେ । ଏହା ମଧ୍ୟ ସ୍ଥିର ହେଲା ଯେ ବିଜିତ ଅଞ୍ଚଳଗୁଡ଼ିକ ଉକ୍ତ ତିନିଶକ୍ତି ମଧ୍ୟରେ ବଣ୍ଟନ କରାଯିବ ଏବଂ ଇଂରେଜମାନେ ଯୁଦ୍ଧର ଖର୍ଚ୍ଚ ବହନ କରିବେ । ଏହି ମେଣ୍ଟ ଯୋଗୁଁ କର୍ଣ୍ଣୱାଲିସ୍‌ଙ୍କର ଅଧିକ ଲାଭ ପାଇବାର ଥିଲା; ମାତ୍ର ତାହା ସମ୍ଭବ ହେଲା ନାହିଁ । ତାଙ୍କର ଏତିକି ଆତ୍ମସନ୍ତୋଷ ଆସିଲା ଯେ ଟିପୁଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ ନାହିଁ ଏବଂ ସେ ଇଂରେଜମାନଙ୍କ ବିପକ୍ଷରେ ଏକାକୀ ଯୁଦ୍ଧ କରିବେ ।

ଏହା ମଧ୍ୟରେ ତ୍ରିବାଙ୍କୁଡ଼ ରାଜାଙ୍କ ସହିତ ଟିପୁଙ୍କର ମନୋମାଳିନ୍ୟ ଘଟିଥିଲା । ତ୍ରିବାଙ୍କୁଡ଼ ରାଜା ଥିଲେ ଇଂରେଜମାନଙ୍କର ମିତ୍ର, ଏବଂ ସେମାନଙ୍କର ଏହି ରାଜାଙ୍କୁ ରକ୍ଷା କରିବାର ଦାୟିତ୍ୱ ଥିଲା । ତ୍ରିବାଙ୍କୁଡ଼ର ରାଜା ଡଚ୍‌ମାନଙ୍କଠାରୁ କୋଚିନ ରାଜ୍ୟ ସ୍ଥିତ ଜୈକୋଟାଇ ଏବଂ କ୍ରାଙ୍ଗାନୋର (Jaikottai and Cranganore) କ୍ରୟ କରିଥିଲେ । ଟିପୁ ବିଚାର କଲେ ଯେ କୋଚିନ ତାଙ୍କର କରଦ ରାଜ୍ୟ ହୋଇଥିବାରୁ ସେଠାରେ ଥିବା ତାଙ୍କର ସାର୍ବଭୌମ ଅଧିକାର ତ୍ରିବାଙ୍କୁଡ଼ ରାଜା ଭଗ୍ନ କରିଛନ୍ତି । ତେଣୁ ସେ ୧୭୯୦ ଖ୍ରୀଷ୍ଟାବ୍ଦରେ ତ୍ରିବାଙ୍କୁଡ଼ ଆକ୍ରମଣ କରିବା ପାଇଁ ନିଷ୍ପତ୍ତି ନେଲେ । ୧୭୮୪ ସନ୍ଧି ଅନୁଯାୟୀ ତ୍ରିବାଙ୍କୁଡ଼ ରାଜାଙ୍କୁ ସାହାଯ୍ୟ କରିବାକୁ ଯାଇ କର୍ଣ୍ଣୱାଲିସ୍ ଟିପୁଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ।

ତିନିଗୋଟି ଅଭିଯାନରେ ତୃତୀୟ ଇଂରେଜ-ମହୀଶୂର ଯୁଦ୍ଧ ସମାହିତ ହୋଇଥିଲା । ପ୍ରଥମେ ମେଡ଼ୋସ୍‌ଙ୍କ ନେତୃତ୍ୱରେ ଟିପୁଙ୍କ ବିପକ୍ଷରେ ପରିଚାଳିତ ଏକ ବାହିନୀ ସଫଳ

ହୋଇ ନଥିଲା । ଟିପୁ ତାଙ୍କଠାରୁ ଅଧିକ ଯୁଦ୍ଧକୌଶଳ ପ୍ରଦର୍ଶନ କରି ପାରିଲେ । ୧୭୯୧ ଜାନୁଆରୀ ୨୯ ତାରିଖ ଦିନ ସ୍ୱୟଂ କର୍ଣ୍ଣୱାଲିସ୍ ଯୁଦ୍ଧାଭିଯାନ ଆରମ୍ଭ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଟିପୁଙ୍କୁ ଗାଦିଚ୍ୟୁତ କରି ମହୀଶୂର ପୁରାତନ ରାଜବଂଶର ଉତ୍ତରାଧିକାରୀଙ୍କୁ ସିଂହାସନରେ ବସାଇବେ । ସେ ଭେଲୋର ଓ ଅମ୍ବର ମଧ ଦେଇ ବାଙ୍ଗାଲୋରରେ ପହଞ୍ଚିଲେ ଓ ଏହାକୁ ୧୭୯୧ ମାର୍ଚ୍ଚରେ ଅଧିକାର କଲେ । ତା'ପରେ ଇଂରେଜ ସେନା ପହଞ୍ଚିଥିଲେ ଅରିକେରଠାରେ, ଏହା ଶ୍ରୀରଙ୍ଗାପତ୍ତନଠାରୁ ଥିଲା ୯ ମାଇଲ ବ୍ୟବଧାନରେ । ଟିପୁ ସାହସର ସହିତ ଯୁଦ୍ଧ କରିଥିଲେ, ଇଂରେଜମାନେ ମଧ ବର୍ଷାଋତୁରେ ମାଙ୍ଗାଲୋରକୁ ପଶ୍ଚାଦ୍‌ଗମନ କରିଥିଲେ । ଗ୍ରୀଷ୍ମଋତୁରେ ପୁଣି ଅଭିଯାନ ଆରମ୍ଭ ହେଲା । ଇତି ମଧରେ ଟିପୁ କୋଏମ୍ବାଟୁର ଅଧିକାର କରି ସାରିଥିଲେ । କର୍ଣ୍ଣୱାଲିସ୍ ବମ୍ବେରୁ ଆସିଥିବା ଏକ ସୈନ୍ୟଦଳ ସହାୟତାରେ ଶ୍ରୀରଙ୍ଗାପତ୍ତନ ପଥରେ ଅନେକଗୁଡ଼ିଏ ଗିରିଦୁର୍ଗ ଅଧିକାର କରିନେଲେ । ଟିପୁଙ୍କର ସାମରିକ ଓ କୂଟନୈତିକ ଶକ୍ତି କର୍ଣ୍ଣୱାଲିସ୍‌ଙ୍କ ପାଖରେ ହାର ମାନିଲା । ସେ ସନ୍ଧି ପାଇଁ ପ୍ରସ୍ତାବ ଦେଲେ । ତୃତୀୟ ମହୀଶୂର ଯୁଦ୍ଧର ଅବସାନ ଘଟିଲା । ୧୭୯୨ ମାର୍ଚ୍ଚ ମାସରେ ଶ୍ରୀରଙ୍ଗାପତ୍ତନ ସନ୍ଧି ସ୍ୱାକ୍ଷରିତ ହେଲା । ଏହାଦ୍ୱାରା ନିଜ ରାଜ୍ୟର ଅର୍ଦ୍ଧେକ ବିପକ୍ଷ ମେଣ୍ଟକୁ ପ୍ରଦାନ କରିବା ପାଇଁ ଟିପୁ ରାଜି ହୋଇଥିଲେ । କୃଷ୍ଣା ନଦୀଠାରୁ ପେନାର ନଦୀ ପର୍ଯ୍ୟନ୍ତ ଅଞ୍ଚଳ ନିଜାମଙ୍କୁ ପ୍ରଦାନ କରାଗଲା । ମରହଟ୍ଟାମାନଙ୍କର ରାଜ୍ୟ ତୁଙ୍ଗଭଦ୍ରା ନଦୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ଇଂରେଜମାନଙ୍କର ହସ୍ତଗତ ହୋଇଥିଲା ଡିଣ୍ଡିଗଲ, ବରମହାଲ ଓ ମାଲବାର ଅଞ୍ଚଳ । ଇଂରେଜମାନଙ୍କୁ ଟିପୁଙ୍କୁ ୩,୦୦୦,୦୦୦ ପାଉଣ୍ଡ ଠାରୁ ଅଧିକ ମୁଦ୍ରା କ୍ଷତିପୂରଣ ବାବଦ ଦେବାକୁ ପଡ଼ିଥିଲା । ସେ ମଧ କର୍ଣ୍ଣୱାଲିସ୍‌ଙ୍କ ଶିବିରକୁ ପଣବନ୍ଦୀ ରୂପେ ତାଙ୍କର ଦୁଇପୁତ୍ରଙ୍କୁ ପଠାଇଥିଲେ ।

ଏହି ସନ୍ଧି ସ୍ୱାକ୍ଷର କରିଥିବାରୁ କର୍ଣ୍ଣୱାଲିସ୍‌ଙ୍କୁ କେତେକ ସମାଲୋଚନା କରିଛନ୍ତି । ସେମାନେ ମତ ଦିଅନ୍ତି, କର୍ଣ୍ଣୱାଲିସ୍‌ଙ୍କର ଟିପୁଙ୍କୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବା ଉଚିତ ଥିଲା; କିନ୍ତୁ ଏହା ଜାଣି ରଖିବା ଉଚିତ ଯେ କେତେକ ବାସ୍ତବ ଅସୁବିଧା ଯୋଗୁଁ କର୍ଣ୍ଣୱାଲିସ୍‌ଙ୍କୁ ଏପରି ଚୁକ୍ତି କରିବାକୁ ପଡ଼ିଥିଲା । ସେତେବେଳେ ଇଂରେଜ ସୈନ୍ୟମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ । ଫରାସୀମାନେ ଟିପୁଙ୍କୁ ସାହାଯ୍ୟ କରିବାର ମଧ ସମ୍ଭାବନା ଥିଲା । କମ୍ପାନୀର ନିର୍ଦ୍ଦେଶକମାନେ ଏ ଯୁଦ୍ଧର ବିରତି ପାଇଁ କର୍ଣ୍ଣୱାଲିସ୍‌ଙ୍କୁ ନିର୍ଦ୍ଦେଶ ଦେଉଥିଲେ । ଯଦି ଇଂରେଜମାନେ ସମଗ୍ର ମହୀଶୂର ଅଧିକାର କରିଥା'ନ୍ତେ, ନିଜାମ ଓ ମରହଟ୍ଟାମାନଙ୍କ ମଧରେ ଏହା ବଣ୍ଟନ କରିବା ପାଇଁ ଅଧିକ ଅସୁବିଧା

ହୋଇଥା'ନ୍ତା । କର୍ଣ୍ଣୱାଲିସ୍ କହିଥିଲେ, "ଆମେ ଆମର ମିତ୍ରମାନଙ୍କୁ ଅଧିକ ଦୁର୍ଜ୍ଜୟ ହେବାକୁ ନଦେଇ, ଆମେ ସଫଳତାର ସହିତ ଆମର ଶତ୍ରୁକୁ ଭାଙ୍ଗିଦେଇଅଛୁ ।"

ଚତୁର୍ଥ ଇଂରେଜ-ମହୀଶୂର ଯୁଦ୍ଧ (The Fourth Anglo-Mysore War)

ଚତୁର୍ଥ ଇଂରେଜ-ମହୀଶୂର ଯୁଦ୍ଧ ଥିଲା ଟିପୁ ଓ ଇଂରେଜମାନଙ୍କ ମଧରେ ଶେଷ ଯୁଦ୍ଧ । ତୃତୀୟ ଇଂରେଜ-ମହୀଶୂର ଯୁଦ୍ଧରେ ପରାଜୟ ଓ ଅପମାନର ଗ୍ଲାନି ଟିପୁ ବିସ୍ମୃତ ହୋଇ ନଥିଲେ । ତାଙ୍କର ହୃତ କ୍ଷମତା ଓ ସମ୍ମାନ ଫେରାଇ ଆଣିବାକୁ ସେ ନିଜକୁ ପ୍ରସ୍ତୁତ କଲେ । ସେ ତାଙ୍କର ରାଜଧାନୀର ଦୁର୍ଗଗୁଡ଼ିକ ଅଧିକ ସୁଦୃଢ଼ କରିଥିଲେ । ପଦାତିକ ଓ ଅଶ୍ୱାରୋହୀ ସୈନ୍ୟମାନଙ୍କର ସଂଖ୍ୟାବୃଦ୍ଧି କରି ସେମାନଙ୍କୁ ସେ ଉନ୍ନତ ପଦ୍ଧତିରେ ତାଲିମ ଦେଇଥିଲେ । ସେ ବିଦ୍ରୋହୀ ମୁଖ୍ୟମାନଙ୍କୁ ଦମନ କରିଥିଲେ । କୃଷିକୁ ଉତ୍ସାହିତ କରି ସେ ରାଜ୍ୟର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇଥିଲେ । ମହୀଶୂରର ନାମକୁ ମାତ୍ର ହିନ୍ଦୁ ରାଜାଙ୍କର ମୃତ୍ୟୁ ହେବା ପରେ ତାଙ୍କର ନାବାଳକ ପୁତ୍ରକୁ ଟିପୁ ସିଂହାସନରେ ଉପବେଶିତ କରାଇଲେ ନାହିଁ, ବରଂ ନିଜକୁ ସୁଲତାନ ବୋଲି ଘୋଷଣା କଲେ । ଏଥି ସହିତ ସେ କାବୁଲ, ତୁର୍କୀ ଓ ଆରବ ଦେଶ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କଲେ । ସେତେବେଳେ ଇଉରୋପରେ ଫ୍ରାନ୍‌ସ ଓ ଇଂଲଣ୍ଡ ମଧରେ ସାଙ୍ଘାତିକ ଯୁଦ୍ଧ ଲାଗି ରହିଥାଏ । ଟିପୁ ଭାରତରେ ଇଂରେଜମାନଙ୍କ ବିରୋଧରେ ଫରାସୀମାନଙ୍କ ସହିତ ଏକ ମେଣ୍ଟ ଗଠନ କରିବାକୁ ଚେଷ୍ଟା କରିଥିଲେ । ସେ ଫ୍ରାନ୍‌ସ ଜାକୋବିନ କ୍ଲବ୍‌ର ଜଣେ ସଭ୍ୟ ହେବା ସହିତ ନିଜକୁ 'ନାଗରିକ ଟିପୁ' (Citizen Tipu) ରୂପେ ଅଭିହିତ କରିଥିଲେ । ଶ୍ରୀରଙ୍ଗାପତ୍ତନଠାରେ ମୁକ୍ତି ବୃକ୍ଷ (The Tree of Liberty) ରୋପଣ କରାଗଲା । କେତେକ ଫରାସୀ ସ୍ୱେଚ୍ଛାସେବୀ ଭାରତରୁ ଇଂରେଜମାନଙ୍କୁ ବହିଷ୍କାର କରିବା କାର୍ଯ୍ୟରେ ଟିପୁଙ୍କୁ ସାହାଯ୍ୟ କରିବାକୁ ୧୭୯୮ ଅପ୍ରେଲ ମାସରେ ମାଙ୍ଗାଲୋରଠାରେ ଉପସ୍ଥିତ ହେଲେ । କର୍ଣ୍ଣୱାଲିସ୍‌ଙ୍କ ପରେ ୧୭୯୮ ଖ୍ରୀଷ୍ଟାବ୍ଦରେ ଲର୍ଡ଼ ୱେଲ୍‌ସେଲି ଭାରତକୁ ଗଭର୍ଣ୍ଣର-ଜେନେରାଲ ହୋଇ ଆସିଥିଲେ । ସେ ଥିଲେ ଜଣେ ଉଗ୍ର ସାମ୍ରାଜ୍ୟବାଦୀ । ସେ ଚାହୁଁଥିଲେ, ଟିପୁଙ୍କୁ ଇଂରେଜମାନଙ୍କ ପାଖରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରାଇବେ କିମ୍ବା ତାଙ୍କୁ ପୂରାପୂରି ଧ୍ୱଂସ କରିଦେବେ । ଟିପୁଙ୍କର କାର୍ଯ୍ୟକଳାପ ତାଙ୍କ ପାଇଁ ଅସହ୍ୟ ହୋଇଥିଲା । ୧୭୯୦ରେ ତ୍ରିଶକ୍ତି ମେଣ୍ଟକୁ ପୁନରୁଦ୍ଧାର କରିବା ନିମନ୍ତେ ସେ ନିଜାମ ଓ ମରହଟ୍ଟାମାନଙ୍କୁ ପ୍ରସ୍ତାବ ଦେଲେ । ନିଜାମ ଇଂରେଜମାନଙ୍କର ସାମନ୍ତ ସନ୍ଧି ଗ୍ରହଣ

କଲେ; କିନ୍ତୁ ମରହଟ୍ଟାମାନେ ତାଙ୍କ ପ୍ରସ୍ତାବର ଉତ୍ତର ଦେଲେ ନାହିଁ । ତେଣୁ ୱେଲସେଲି ପେଶବାଙ୍କୁ ଯୁଦ୍ଧ ପରେ ଟିପୁଙ୍କ ଠାରୁ ଲାଭ କରିଥିବା ରାଜ୍ୟର ଅର୍ଦ୍ଧେକ ଦେବେ କହି ତାଙ୍କୁ ବଶୀଭୂତ କରିଥିଲେ । ଏହିପରି ସେ ୧୭୯୯ ଖ୍ରୀଷ୍ଟାବ୍ଦରେ ମହୀଶୂର ବିପକ୍ଷରେ ଯୁଦ୍ଧ ଘୋଷଣା କଲେ ।

ଟିପୁଙ୍କ ବିରୋଧରେ ଯୁଦ୍ଧ ଥିଲା ସ୍ୱଳ୍ପକାଳ ପାଇଁ; କିନ୍ତୁ ଏହା ଥିଲା ନିଷ୍ପତ୍ତିମୂଳକ। ଏକ ଇଂରେଜବାହିନୀ ହାରିସ ଓ ୱେଲ୍‌ସେଲିଙ୍କ ନେତୃତ୍ୱରେ ଭେଲୋରରୁ ଯାତ୍ରାକରି ୧୭୯୯ ମାର୍ଚ୍ଚ ମାସ ପ୍ରାରମ୍ଭରେ ମହୀଶୂର ଆକ୍ରମଣ କରିଥିଲେ । ଅନ୍ୟ ଏକ ଇଂରେଜ ସୈନ୍ୟ ଦଳ ଷ୍ଟୁଆର୍ଟଙ୍କ ଦ୍ୱାରା ପରିଚାଳିତ ହୋଇ ମହୀଶୂରର ପଶ୍ଚିମରେ ଆକ୍ରମଣ ଚଳାଇଲେ । ସେ ଟିପୁଙ୍କୁ ସେଦାସୀର (Sedaseer) ଠାରେ ପରାସ୍ତ କଲେ । ଷ୍ଟୁଆର୍ଟ ମଧ୍ୟ ଏକ ସଂଘର୍ଷରେ ତାଙ୍କୁ ମାଲଭେଲୀ (Malvelly) ଠାରେ ପରାସ୍ତ କଲେ । ହାରିସ ଶ୍ରୀରଙ୍ଗାପତ୍ତନରେ ଆଶ୍ରୟ ନେଲେ । ମେ ମାସ ୪ ତାରିଖରେ ଇଂରେଜମାନେ ଶ୍ରୀରଙ୍ଗାପତ୍ତନ ଅବରୋଧ କଲେ । ସାହସର ସହିତ ଯୁଦ୍ଧ କରୁଥିବା ଅବସ୍ଥାରେ ଟିପୁ ନିହତ ହେଲେ। ଏହିପରି ଭାବରେ ଏକ ପ୍ରମୁଖ ଭାରତୀୟ ଶକ୍ତି ଇଂରେଜମାନଙ୍କର ଭୟଙ୍କର ଶତ୍ରୁତା ପାଖରେ ବିଲୟ ହୋଇଯାଇଥିଲା । ଟିପୁଙ୍କ ପରିବାରବର୍ଗଙ୍କୁ ଭେଲୋର ଦୁର୍ଗରେ ବନ୍ଦୀ ରୂପେ ରଖାଗଲା ।

ମରହଟ୍ଟାମାନଙ୍କୁ ମହୀଶୂର ରାଜ୍ୟର ଉତ୍ତର-ପଶ୍ଚିମ ଭାଗରେ କେତୋଟି ଜିଲ୍ଲା କେତେକ ସର୍ତ୍ତରେ ଦେବା ନିମିତ୍ତ ୱେଲ୍‌ସେଲିଙ୍କ ପ୍ରସ୍ତାବ ସେମାନେ ମନା କରିଥିଲେ। ନିଜାମ ତାଙ୍କ ରାଜ୍ୟ ନିକଟରେ ପାଇଥିଲେ ଗୁଟି ଓ ଗୁରୁମକୋଣ୍ଡା ଅଞ୍ଚଳ । ଇଂରେଜମାନେ ଅଧିକାର କଲେ କାନାରା, କୋଏମ୍ବାଟୁର, ଧର୍ମପୁରମ୍, ଶ୍ରୀରଙ୍ଗାପତନ ପ୍ରଭୃତି ମହୀଶୂରର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ । ମହୀଶୂରର ସିଂହାସନ ପୂର୍ବତନ ହିନ୍ଦୁରାଜାଙ୍କ ନାବାଳକ ପୁତ୍ରକୁ ଅର୍ପଣ କରାଯାଇଥିଲା । ସେ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ । ଏହିପରି ଭାବରେ ମହୀଶୂର ରାଜ୍ୟକୁ ବଣ୍ଟନ କରି ୱେଲ୍‌ସେଲି ବିଜ୍ଞତାର ପରିଚୟ ଦେଇଥିଲେ । ଦାକ୍ଷିଣାତ୍ୟର ଗୋଟିଏ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ମହୀଶୂର ରାଜ୍ୟ ବିସ୍ତାର ଲାଭ କଲା । ଇଂରେଜମାନେ ବାଣିଜ୍ୟିକ ଓ ସାମରିକ ସୁବିଧା ହାସଲ କରିଥିଲେ । ହୁଟନ (Hutton)ଙ୍କ ଭାଷାରେ, "ଏକ ସାମରିକ, ବିତ୍ତୀୟ ଏବଂ ଶାନ୍ତିପ୍ରଦ ବ୍ୟବସ୍ଥା ରୂପେ କ୍ଲାଇବ୍‌ଙ୍କ ଦିନଗୁଡ଼ିକଠାରୁ ମହୀଶୂର ବିଜୟ ଥିଲା ବ୍ରିଟିଶ୍ ଶକ୍ତିର ସର୍ବଶ୍ରେଷ୍ଠ ସଫଳତା ।"

ବ୍ରିଟିଶ-ମରହଟ୍ଟା ସମ୍ପର୍କ
(British-Maratha Relation)

ମୋଗଲ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଯାଉଥିବା ସମୟରେ ତା'ର ପୃଷ୍ଠରେ ଯେପରି ଭାବରେ ମରହଟ୍ଟାମାନେ ସାମ୍ରାଜ୍ୟ ଗଠନ କରୁଥିଲେ, ସେହିପରି ବାତାବରଣ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀର ରାଜନୈତିକ ଅଭିଳାଷ ମଧ୍ୟ ପୁଷ୍ଟ କରୁଥିଲା । ସେମାନେ ନିଜ ନିଜ ଅଞ୍ଚଳରେ କାର୍ଯ୍ୟରତ ରହୁଥିଲେ । ମରହଟ୍ଟାମାନେ ଥିଲେ ସମସ୍ତ ଭାରତୀୟ ରାଜପୁତ୍ରମାନଙ୍କ ମଧ୍ୟରେ ଅଧିକତମ ଶକ୍ତିଶାଳୀ । ମରହଟ୍ଟା ଜାତିର ସର୍ବୋଚ୍ଚ ନେତା ପେଶବା ପ୍ରଥମ ବାଜୀରାଓ ଏକ ବିଶାଳ ହିନ୍ଦୁ ସାମ୍ରାଜ୍ୟ ବା ହିନ୍ଦୁ-ପଦ-ପାଦଶାହୀ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ତାଙ୍କର ଅକାଳ ବିୟୋଗ ପରେ ଅନ୍ୟ କୌଣସି ମରହଟ୍ଟା ନେତା ଏକ ବୃହତ୍ ସାମ୍ରାଜ୍ୟ ଗଠନ କରିବାକୁ ସ୍ୱପ୍ନ ମଧ୍ୟ ଦେଖି ନଥିଲେ । ଭାରତବ୍ୟାପୀ ସେମାନେ ଚଳାଉଥିଲେ ଯୁଦ୍ଧ ଓ ଲୁଣ୍ଠନ କାର୍ଯ୍ୟ । ମରହଟ୍ଟା ଜାତି ଏକ ଅସଂଗଠିତ ରାଜଶକ୍ତି ରୂପେ ଭାରତୀୟମାନଙ୍କର ଆସ୍ଥା ହରାଇ ବସିଲା । ମରହଟ୍ଟାମାନେ ଐକ୍ୟବଦ୍ଧ ହେଲେ ନାହିଁ । ପେଶବା, ଗାଏକବାଡ଼, ହୋଲକାର, ଭୌଁସଲା ଓ ସିନ୍ଧିଆ- ଏହିପରି ମରହଟ୍ଟାମାନଙ୍କ ମଧ୍ୟରେ ପାଞ୍ଚଗୋଟି ପୃଥକ୍ ପୃଥକ୍ ଶକ୍ତିର ଉତ୍‌ଥାନ ଘଟିଥିଲା । ତୃତୀୟ ପାନିପଥ ଯୁଦ୍ଧରେ ପରାଜୟ ହେବାଦ୍ୱାରା ମରହଟ୍ଟାମାନଙ୍କର ନୈତିକ ମନୋବଳ ଭାଙ୍ଗିଯାଇଥିଲା ।

ସେହିପରି ଇଉରୋପୀୟ ବାଣିଜ୍ୟିକ କମ୍ପାନୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଭାବରେ ଆବିର୍ଭୂତ ହୋଇଥିଲା ଇଂରେଜ କମ୍ପାନୀ । ପୂର୍ବାଞ୍ଚଳରେ ଇଂରେଜମାନେ ଅଧିକ ଶକ୍ତିଶାଳୀ ହୋଇଉଠୁଥିଲେ । ବଙ୍ଗ, ବିହାର ଓ ଓଡ଼ିଶା ଥିଲା ଇଂରେଜମାନଙ୍କର ଅଭେଦ୍ୟ ଦୁର୍ଗପରି । ମରହଟ୍ଟା ବା ଅନ୍ୟ କୌଣସି ରାଜନୈତିକ ଶକ୍ତି ଇଂରେଜମାନଙ୍କର ଉତ୍‌ଥାନରେ ପ୍ରତିବନ୍ଧକ ସୃଷ୍ଟି କରିପାରି ନଥିଲେ । ଭାରତ ନିୟାମକ ଆଇନ, ୧୭୭୩ (Regulating Act of India, 1773) ବଳରେ ୱାରେନ ହେଷ୍ଟିଂସ୍ ବଙ୍ଗର ଗଭର୍ଣ୍ଣର-ଜେନେରାଲ ପଦବି ଗ୍ରହଣ କରି କମ୍ପାନୀର ସାମ୍ରାଜ୍ୟ ଉପରେ ନୀତି ନିର୍ଦ୍ଧାରଣ କରିବାର କ୍ଷମତା ଲାଭ କରିଥିଲେ । ହେଷ୍ଟିଂସ୍‌ଙ୍କ ମନରେ ଧାରଣା ହେଲା ଯେ ମରହଟ୍ଟାମାନେ ଇଂରେଜମାନଙ୍କର ରାଜନୈତିକ ଅଭିଳାଷରେ ବିପଦ ସୃଷ୍ଟି କରିବେ । ତେଣୁ ସେମାନଙ୍କ ପ୍ରତି ହେଷ୍ଟିଂସ ଏକ କଠୋର ନୀତି ଅବଲମ୍ବନ କରିଥିଲେ । ଅଷ୍ଟାଦଶ ଶତାବ୍ଦୀର ଶେଷ ପଚିଶ ବର୍ଷରେ ନିଜ ନିଜ ଅଞ୍ଚଳରେ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଯୁଦ୍ଧ କରୁ କରୁ ମରହଟ୍ଟା ଓ ଇଂରେଜମାନେ ମୁହାଁମୁହିଁ ହୋଇଥିଲେ । ସେମାନଙ୍କ ମଧ୍ୟରେ ବିବାଦ ଶେଷରେ ଯୁଦ୍ଧର ସୂତ୍ରପାତ

ହୋଇଥିଲା । ଇଂରେଜମାନଙ୍କର ରାଜନୈତିକ ଅଭ୍ୟୁତ୍ଥାନରେ ମରହଟ୍ଟା ଶକ୍ତି ହୋଇଥିଲା ଶଂକିତ ଓ କ୍ଷୟଶୀଳ । ଚାରିଥର ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ବ୍ୟାପୃତ ରହି ପରିଶେଷରେ ଇଂରେଜମାନେ ସେମାନଙ୍କୁ ବିନାଶ କରିଥିଲେ ।

ପ୍ରଥମ ଇଂରେଜ-ମରହଟ୍ଟା ସମର, ୧୭୭୫-୮୨ (The First Anglo-Maratha War, 1775-82) :

ପାନିପଥ ଯୁଦ୍ଧରେ ଶକ୍ତ ଆଘାତ ପାଇ ମଧ୍ୟ ମରହଟ୍ଟାମାନେ ଉତ୍ତର ଭାରତରେ ସେମାନଙ୍କର ଶକ୍ତିର ପୁନରୁଦ୍ଧାର କରିପାରିଥିଲେ । ସେମାନେ ଅସହାୟ ମୋଗଲ ସମ୍ରାଟ ଦ୍ୱିତୀୟ ଶାହ ଆଲାମଙ୍କୁ ନିଜର ନିୟନ୍ତ୍ରଣରେ ରଖିପାରିଥିଲେ । ୱାରେନ ହେଷ୍ଟିଂସ୍ ବନାରସ ସନ୍ଧି, ୧୭୭୩ ଦ୍ୱାରା ଉତ୍ତରରେ ମରହଟ୍ଟା ଶକ୍ତିକୁ ବାଧାଦେବା ପାଇଁ ଚେଷ୍ଟା କରିଥିଲେ; କିନ୍ତୁ ଏହି ସମୟରେ ମରହଟ୍ଟାମାନଙ୍କ ଉପରେ ଏକ ଭୟଙ୍କର ବିପଦ ପଡ଼ିଥିଲା । ଲୋକପ୍ରିୟ ତରୁଣ ପେଶବା ପ୍ରଥମ ମାଧବ ରାଓଙ୍କର ୧୭୭୨ରେ ମୃତ୍ୟୁ ହୋଇଥିଲା । ମରହଟ୍ଟାମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦ ହେଲା ଘନୀଭୂତ । ମାଧବରାଓଙ୍କର କନିଷ୍ଠ ଭ୍ରାତା ନାରାୟଣ ରାଓ ପେଶବା ହେଲେ । ନଅ ମାସ ମଧ୍ୟରେ ତାହାଙ୍କ ଦାଦା ରଘୁନାଥ ରାଓ ବା ରାଘୋବା ପେଶବା ପଦ ଲାଭ କରିବା ପାଇଁ ନାରାୟଣ ରାଓଙ୍କୁ ହତ୍ୟା କରିଥିଲେ । ସେହି ସମୟରେ ନାରାୟଣଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ତାଙ୍କର ନାମ ରଖାଗଲା ମାଧବରାଓ ନାରାୟଣ । ସେତେବେଳେ ମରହଟ୍ଟାମାନଙ୍କର ବିଚକ୍ଷଣ ନେତା ନାନା ଫଡ଼ନାବିସ୍ ମାଧବ ରାଓ ନାରାୟଣଙ୍କୁ ପେଶବା ବୋଲି ଘୋଷଣା କଲେ । ରଘୁନାଥ ରାଓଙ୍କ ଉଦ୍ଦେଶ୍ୟ ବ୍ୟର୍ଥ ହେବାରୁ ସେ ବମ୍ବେଠାରେ ଇଂରେଜମାନଙ୍କର ଶରଣାପନ୍ନ ହୋଇଥିଲେ । ବମ୍ବେ ସରକାର ତାଙ୍କ ସହିତ ୧୭୭୫ ଖ୍ରୀଷ୍ଟାବ୍ଦରେ ସୁରାଟ ସନ୍ଧି ସ୍ୱାକ୍ଷର କରିଥିଲେ । ଏହି ସନ୍ଧି ଅନୁଯାୟୀ ଇଂରେଜମାନେ ୨୫୦୦ ସଂଖ୍ୟାର ଏକ ସୈନ୍ୟଦଳ ରଘୁନାଥ ରାଓଙ୍କୁ ସାହାଯ୍ୟ କରିବେ, ଯେଉଁମାନଙ୍କର ସମସ୍ତ ଖର୍ଚ୍ଚ ରଘୁନାଥ ବହନ କରିବେ । ତାଙ୍କ ଠାରୁ ମଧ୍ୟ ଇଂରେଜମାନେ ପାଇବେ ସାଲସେଟ ଓ ବେସିନ ନାମକ ଦୁଇଗୋଟି ଅଞ୍ଚଳ ଏବଂ ବ୍ରୋଚ୍ ଓ ସୁରାଟ୍ ଜିଲ୍ଲାମାନଙ୍କର ରାଜସ୍ୱର ଏକ ଅଂଶ । ତେଣୁ କର୍ଣ୍ଣେଲ କିଟିଙ୍ଗଙ୍କ ନେତୃତ୍ୱରେ ଏକ ବ୍ରିଟିଶ୍ ସୈନ୍ୟଦଳ ରଘୁନାଥ ରାଓଙ୍କ ସହିତ ମିଶି ୧୭୭୫ ମେ ମାସରେ ପୁନା ସୈନ୍ୟମାନଙ୍କୁ ପରାସ୍ତ କରିଥିଲେ । କିନ୍ତୁ ସୁରାଟ ସନ୍ଧି ସ୍ୱାକ୍ଷର ବେଳେ ବମ୍ବେ ସରକାର କଲିକତାସ୍ଥିତ ଶାସନ ପରିଷଦର ଅନୁମତି ନେଇ ନଥିବାରୁ ସେହି ସନ୍ଧିକୁ 'ଅଶିଷ୍ଟ, ବିପଦପୂର୍ଣ୍ଣ, ଅନନୁମତ ଏବଂ ଅନ୍ୟାୟ' ବୋଲି ଅଭିହିତ କରାଗଲା ।

କଲିକତା ଶାସନ ପରିଷଦ ଏକ ପ୍ରତିଷ୍ଠିତ ମରହଟ୍ଟାଶକ୍ତି ସହିତ ଚୁକ୍ତି କରିବା ପାଇଁ ଚାହୁଁଥିଲା । ୧୭୭୬ ଖ୍ରୀଷ୍ଟାବ୍ଦରେ ହେଷ୍ଟିଂସ୍ ଓ ନାନା ଫଡ଼ନାବିସ୍‌ଙ୍କ ମଧ୍ୟରେ ସ୍ୱାକ୍ଷରିତ ହେଲା ପୁରନ୍ଦର ସନ୍ଧି । ଏହି ସନ୍ଧି ଦ୍ୱାରା ସୁରାଟ ସନ୍ଧିକୁ ରଦ୍ଦ କରିଦିଆଗଲା ଏବଂ ନିଷ୍ପତ୍ତି ହେଲାଯେ ଇଂରେଜମାନେ ପାଇବେ ସାଲସେଟ ଅଞ୍ଚଳ ଓ ବ୍ରୋଚର ରାଜସ୍ୱ । ଇଂରେଜମାନେ ରଘୁନାଥଙ୍କ ପକ୍ଷତ୍ୟାଗ କରିବାକୁ ସେମାନେ ପାଇବେ ୧୨ ଲକ୍ଷ ଟଙ୍କା । ଶେଷରେ ଏହି ସନ୍ଧି ଅନୁଯାୟୀ ରଘୁନାଥ ୨୫,୦୦୦ ଟଙ୍କା ପେନ୍‌ସନ୍ ପାଇ ଗୁଜୁରାଟଠାରେ ବାସ କରିବେ; ମାତ୍ର ପୁରନ୍ଦର ସନ୍ଧି କାର୍ଯ୍ୟକାରୀ ହୋଇନଥିଲା । ନାନା ଫଡ଼ନାବିସ୍ ସେତେବେଳେ ଫରାସୀମାନଙ୍କ ସହିତ ସମ୍ପର୍କ ରଖି ସେମାନଙ୍କୁ ପଶ୍ଚିମ ଭାରତରେ ଏକ ବନ୍ଦର ଦେବାକୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । କମ୍ପାନୀର ନିର୍ଦ୍ଦେଶକମାନେ ବମ୍ବେ ସରକାରଙ୍କର ସୁରାଟ ସନ୍ଧି କାର୍ଯ୍ୟକାରିତା ପାଇଁ ଆଦେଶ ଦେଇଥିଲେ । ବମ୍ବେ ସରକାର ରଘୁନାଥ ରାଓଙ୍କୁ ସମର୍ଥନ କରି ନାନା ଫଡ଼ନାବିସ୍‌ଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ; ମାତ୍ର ନାନା ଫଡ଼ନାବିସ୍‌ଙ୍କ ସୈନ୍ୟମାନେ ଇଂରେଜମାନଙ୍କୁ ଶୋଚନୀୟ ଭାବରେ ତେଲେଗାଓଁଠାରେ ପରାଜିତ କଲେ । ୧୭୭୯ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ନାନା ଫଡ଼ନାବିସ୍‌ଙ୍କ ସହିତ ଅପମାନସୂଚକ ୱାଡ଼ଗାଓଁ ସନ୍ଧି ସ୍ୱାକ୍ଷର କରିଥିଲେ । ଉକ୍ତ ସନ୍ଧି ଦ୍ୱାରା ୧୭୭୩ରୁ ଦଖଲ କରିଥିବା ସମସ୍ତ ମରହଟ୍ଟା ଅଞ୍ଚଳ ନାନା ଫଡ଼ନାବିସ୍‌ଙ୍କୁ ଫେରାଇଦେବାକୁ ଇଂରେଜମାନେ ବାଧ୍ୟ ହୋଇଥିଲେ । ନାନା ଫଡ଼ନାବିସ୍‌ଙ୍କୁ ରଘୁନାଥ ରାଓଙ୍କୁ ହସ୍ତାନ୍ତର କରାଯିବାର ପ୍ରସ୍ତାବ ରହିଲା; ମାତ୍ର ସେ ସେତେବେଳକୁ ଗ୍ୱାଲିଅରକୁ ପଳାୟନ କରିସାରିଥିଲେ । ଏପରି ସନ୍ଧି ଥିଲା ଇଂରେଜମାନଙ୍କ ପାଇଁ ଖୁବ୍ ଅପମାନଜନକ । ତେଣୁ ହେଷ୍ଟିଂସ୍ ୱାଡ଼ଗାଓଁ ଚୁକ୍ତିକୁ ଅଗ୍ରାହ୍ୟ କଲେ ଓ ନାନା ଫଡ଼ନାବିସ୍‌ଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ବଙ୍ଗଳାରୁ ଗୋଡ଼ାର୍ଡଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ବାହିନୀ ୧୭୮୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଅହମଦାବାଦ ଓ ତା'ପରେ ବେସିନ ଅଧିକାର କରିଥିଲେ । ଏହାପରେ ପୁନା ଦିଗକୁ ଆଗେଇ ଯିବାବେଳେ ଇଂରେଜମାନେ ପରାଜିତ ହୋଇଥିଲେ । ଯୁଦ୍ଧ କିଛିକାଳ ଧରି ଚାଲିଥିଲା । ଶେଷରେ ସିନ୍ଧିଆଙ୍କ ମଧ୍ୟସ୍ଥତାରେ ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ୧୭୮୨ ଖ୍ରୀଷ୍ଟାବ୍ଦରେ ଏକ ସନ୍ଧି ସ୍ୱାକ୍ଷରିତ ହେଲା, ତାହା କଥିତ ହେଲା ସାଲବାଇ ସନ୍ଧି ନାମରେ । ସନ୍ଧିର ସର୍ତ୍ତଗୁଡ଼ିକ ହେଲା-

୧ । ୧୭୭୬ ଖ୍ରୀଷ୍ଟାବ୍ଦରେ କମ୍ପାନୀ ଜୟଲାଭ କରିଥିବା ଅଞ୍ଚଳ ମରହଟ୍ଟାମାନଙ୍କୁ ଫେରସ୍ତ ଦେବା ସହିତ ବ୍ରୋଚର ରାଜସ୍ୱ ବାବଦ ତିନି ଲକ୍ଷ ଟଙ୍କା ପ୍ରଦାନ କରିବ ।

୨। ମାଧବ ରାଓ ନାରାୟଣଙ୍କୁ ଇଂରେଜମାନେ ପେଶବା ରୂପେ ସ୍ୱୀକାର କଲେ। ରଘୁନାଥଙ୍କୁ ସାହାଯ୍ୟ କରିବାକୁ ତାଙ୍କର ପେନ୍‌ସନ୍ ବାବଦ ପେଶବା ମାସିକ ୨୫,୦୦୦ ଟଙ୍କା ପ୍ରଦାନ କରିବାକୁ ସମ୍ମତ ହେଲେ।

୩। ଇଂରେଜମାନେ ସାଲସେଟ ଅଞ୍ଚଳ ରଖିବା ନିମିତ୍ତ ଅନୁମତି ଲାଭ କଲେ। ଗାଇକବାଡ଼ଙ୍କ ସ୍ୱାଧୀନତାକୁ ସ୍ୱୀକୃତି ଦିଆଗଲା।

ଏହି ସନ୍ଧି ଦ୍ୱାରା ଇଂରେଜମାନେ କୌଣସି ଦ୍ରବ୍ୟ ଲାଭ କରି ନଥିଲେ, ସେମାନଙ୍କ ପାଇଁ ଏହାର ଫଳାଫଳ ନଥିଲା ଚିତ୍ତାକର୍ଷକ। ହେଷ୍ଟିଂସ୍ କେବଳ ଏତିକି କହିଥିଲେ, "ଦୁଃଖର ଏକ ହତାଶାମୟ ସମୟରେ ଏହା ଶାନ୍ତି ପାଇଁ ଏକ ସଫଳ ଚୁକ୍ତି ଅଟେ।" ଅବଶ୍ୟ ଭାରତରେ ପ୍ରାଧାନ୍ୟ ଲାଭ କରିବାକୁ ଏହା ଥିଲା ଇଂରେଜମାନଙ୍କର ଏକ ସାହସିକ ପଦକ୍ଷେପ। ଡ଼ଡ଼ୱେଲ ମତ ଦିଅନ୍ତି, "ଭାରତରେ ଇଂରେଜ ଆଧିପତ୍ୟର ଇତିହାସରେ ସାଲବାଇ ସନ୍ଧି ଥିଲା ଏକ ସନ୍ଧିକ୍ଷଣ।" ଏହା ଇଂରେଜମାନଙ୍କୁ ମରହଟ୍ଟାମାନଙ୍କର ସମ୍ଭାବ୍ୟ ବିପଦରୁ ରକ୍ଷା କରିଥିଲା। ଏହାଦ୍ୱାରା ସେମାନେ ନିଜାମ ଓ ଅଯୋଧ୍ୟା ସହିତ ଉପଯୁକ୍ତ କାରବାର କରିବାକୁ ସୁଯୋଗ ଲାଭ କଲେ। ସ୍ମିଥ୍ କହିଛନ୍ତି ଯେ ଭାରତ ଇତିହାସରେ ପ୍ରସିଦ୍ଧ ଘଟଣାବଳୀଗୁଡ଼ିକ ମଧ୍ୟରୁ ସାଲବାଇ ସନ୍ଧି ହେଉଛି ଗୋଟିଏ, କାରଣ ଏହା ମରହଟ୍ଟାମାନଙ୍କର ଦୁର୍ଜୟ ଶକ୍ତି ସହିତ କୋଡ଼ିଏ ବର୍ଷ କାଳ ଶାନ୍ତି ନିଶ୍ଚୟ କରିଥିଲା ଏବଂ ଏକ ନିୟନ୍ତ୍ରଣକାରୀ ରୂପେ ଇଂରେଜମାନଙ୍କର ପ୍ରାଧାନ୍ୟ ଚିହ୍ନଟ କରିଥିଲା ଯଦିଚ ଏହା (ବ୍ରିଟିଶ୍) ଭାରତରେ ତଥାପି ନଥିଲା ଏକ ସାର୍ବଭୌମ ସରକାର।

କିନ୍ତୁ ଏହି ସନ୍ଧି ମରହଟ୍ଟାମାନଙ୍କର ରାଜନୈତିକ ଦୂରଦୃଷ୍ଟି ନଥିବାର ପ୍ରମାଣ କରିଥିଲା। ଯଦି ମରହଟ୍ଟାମାନେ ଇଂରେଜମାନଙ୍କୁ ସମୂଳେ ବିନାଶ କରିଦେଇଥା'ନ୍ତେ ତେବେ ଭାରତର ଐତିହାସିକଧାରା ନିଶ୍ଚିତ ରୂପେ ପରିବର୍ତ୍ତିତ ହୋଇଥା'ନ୍ତା।

ଦ୍ୱିତୀୟ ଇଂରେଜ-ମରହଟ୍ଟା ସମର, ୧୮୦୩-୦୫ (The Second Anglo-Maratha War, 1803-05) :

ୱେଲ୍‌ସେଲି ୧୭୯୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଗଭର୍ଣ୍ଣର ଜେନେରାଲ ହୋଇ ଆସିଥିଲେ। ସେ ଥିଲେ ଜଣେ ଉଗ୍ର ସାମ୍ରାଜ୍ୟବାଦୀ। ସେତେବେଳେ ଭାରତରେ ଫରାସୀମାନଙ୍କର ଭୟ ଲାଗି ରହିଥିଲା। ଫରାସୀମାନଙ୍କର ପ୍ରଭାବ ହ୍ରାସ କରିବା ନିମନ୍ତେ ଭାରତର ସାମରିକ ଶକ୍ତି ପୂରାପୂରି ବ୍ରିଟିଶ୍ କମ୍ପାନୀ ଉପରେ ନିର୍ଭର କରୁ ବୋଲି ୱେଲ୍‌ସେଲି ଚାହୁଁଥିଲେ। ସେହି ଉଦ୍ଦେଶ୍ୟରେ ସେ ପ୍ରଚଳନ କରିଥିଲେ ଅଖ୍ୟାତ ସାମନ୍ତ

ସନ୍ଧି। ମରହଟ୍ଟାମାନେ ସାମନ୍ତ ସନ୍ଧି ଗ୍ରହଣ କରିବାକୁ ସମ୍ମତ ହେଉନଥିଲେ; ମାତ୍ର ସେମାନଙ୍କର ଆଭ୍ୟନ୍ତରୀଣ କଳହର ସୁଯୋଗ ନେଇ ୱେଲ୍‌ସେଲି ସେମାନଙ୍କୁ ତାଙ୍କର ଅଭିନବ ଯନ୍ତା ମଧ୍ୟକୁ ଆକର୍ଷଣ କରିଥିଲେ।

୧୮୦୦ ଖ୍ରୀଷ୍ଟାବ୍ଦରେ ପୁନାର ମୁଖ୍ୟମନ୍ତ୍ରୀ ନାନାଫଡ୍‌ନାବିସ୍‌ଙ୍କର ଦେହାନ୍ତ ହୋଇଥିଲା। ପୁନାସ୍ଥିତ ବ୍ରିଟିଶ୍ ରେସିଡ଼େଣ୍ଟ ଯାଲମର କହିଥିଲେ, "ତାଙ୍କ ସହିତ ଚାଲିଯାଇଥିଲା ମରହଟ୍ଟାମାନଙ୍କର ବିଜ୍ଞତା ଓ ସମଭାବ।" ମରହଟ୍ଟାମାନଙ୍କ ବ୍ୟାପାରରେ ଇଂରେଜମାନଙ୍କର ହସ୍ତକ୍ଷେପର ଭୟାବହତା ନାନା ଉଚିତ ରୂପେ ହୃଦୟଙ୍ଗମ କରିଥିଲେ। ନାନାଙ୍କ ସତର୍କତାରୁ ଅନିୟନ୍ତ୍ରିତ ହୋଇଥିଲେ ପେଶବା ଦ୍ୱିତୀୟ ବାଜୀରାଓ। ତାଙ୍କ ଚରିତ୍ରର ଦୁର୍ବଳତା ଥିଲା ଯେ ସେ ସର୍ବଦା ଚକ୍ରାନ୍ତରେ ନିଜକୁ ଲିପ୍ତ ରଖିବାକୁ ଭଲ ପାଉଥିଲେ। ଜଣେ ମରହଟ୍ଟା ମୁଖ୍ୟଙ୍କୁ ଅନ୍ୟ ଜଣକ ବିପକ୍ଷରେ ଲଗାଇ ଦେବାରେ ସେ ଆନନ୍ଦିତ ହେଉଥିଲେ; କିନ୍ତୁ ସମୟ ଆସିଲା ସେ ନିଜ ଚକ୍ରାନ୍ତରେ ନିଜେ ଧରା ପଡ଼ିଗଲେ। ନାନାଙ୍କ ମୃତ୍ୟୁପରେ ଦୌଲତ ରାଓ ସିନ୍ଧିଆ ଓ ଯଶୋବନ୍ତ ରାଓ ହୋଲକାର ଉଭୟ ଚାହିଁଥିଲେ ପୁନାସ୍ଥିତ ପେଶବାଙ୍କୁ ନିୟନ୍ତ୍ରଣ କରିବା ପାଇଁ; କିନ୍ତୁ ପେଶବା ବାଜୀରାଓ ସିନ୍ଧିଆଙ୍କ ପ୍ରତି ଢଳିଥିଲେ। ୧୮୦୧ରେ ସେ ଯଶୋବନ୍ତ ରାଓ ହୋଲକାରଙ୍କ ଭ୍ରାତାଙ୍କୁ ବର୍ବରଙ୍କ ପରି ହତ୍ୟା କରିଥିଲେ। ତେଣୁ ହୋଲକାର ଏକ ବିଶାଳ ସୈନ୍ୟବାହିନୀ ଧରି ଉଭୟ ପେଶବା ଓ ସିନ୍ଧିଆଙ୍କ ମିଳିତ ବାହିନୀକୁ ପୁନା ନିକଟରେ ପରାସ୍ତ କରିଥିଲେ ଓ ହୋଲକାର ବିନାୟକ ରାଓଙ୍କୁ ପେଶବାଗାଦିରେ ବସାଇଥିଲେ। ତେଣୁ ଦ୍ୱିତୀୟ ବାଜୀରାଓ ବେସିନକୁ ପଳାୟନ କରି ଇଂରେଜମାନଙ୍କ ସହିତ ୧୮୦୨, ଡିସେମ୍ବର ୩୧ ତାରିଖ ଦିନ ଏକ ସନ୍ଧି ସ୍ୱାକ୍ଷର କରିଥିଲେ। ବେସିନ ସନ୍ଧି ନାମରେ ଏହା ରଚିତ ହୋଇଥିଲା। ସନ୍ଧିର ଧାରାଗୁଡ଼ିକ ଥିଲା ଏହିପରି-

୧। ଉଭୟ ପେଶବା ଓ ଇଂରେଜ ପରସ୍ପରର ଅଞ୍ଚଳ ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ ହେଲେ।

୨। ପେଶବାଙ୍କ ରାଜ୍ୟରେ ୬୦୦୦ ଇଂରେଜ ସୈନ୍ୟଙ୍କୁ ଅବସ୍ଥାପିତ କରାଯିବାର ନିଷ୍ପତ୍ତି ନିଆଗଲା।

୩। ୨୬ ଲକ୍ଷ ଟଙ୍କା ଆଦାୟ ହୋଇପାରୁଥିବା କେତେକ ଅଞ୍ଚଳ ପେଶବା ଇଂରେଜମାନଙ୍କୁ ଅର୍ପଣ କରିବାର ସ୍ଥିର ହେଲା। ସେ ଅଞ୍ଚଳଗୁଡ଼ିକ ଥିଲା ଗୁଜୁରାଟରେ : ତାପ୍ତି ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ଅଞ୍ଚଳ, ତାପ୍ତି ଓ ନର୍ମଦା ମଧ୍ୟସ୍ଥିତ ଅଞ୍ଚଳ ଏବଂ ତୁଙ୍ଗଭଦ୍ରା ନିକଟବର୍ତ୍ତୀ କେତେକ ଅଞ୍ଚଳ।

୪ । କୌଣସି ଇଉରୋପୀୟ ବା ଆମେରିକୀୟ ନାଗରିକଙ୍କୁ ଇଂରେଜମାନଙ୍କ ଅନୁମୋଦନ ବିନା ପେଶବା ରାଜ୍ୟରେ ସ୍ଥାନ ଦେବେ ନାହିଁ ।

୫ । ସୁରାଟ ଅଞ୍ଚଳ ଇଂରେଜମାନଙ୍କ ହସ୍ତରେ ଅର୍ପଣ କରାଯିବ ।

୬ । ଇଂରେଜମାନଙ୍କର ବିନା ଅନୁମତିରେ ପେଶବା କୌଣସି ସ୍ଥାନୀୟ ରାଜାଙ୍କ ସହିତ ସନ୍ଧି ସ୍ଥାପନ କରିପାରିବେ ନାହିଁ । ତାଙ୍କର ବୈଦେଶିକ ନୀତି ମଧ୍ୟ ଇଂରେଜମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବ ।

ସାମନ୍ତ ସନ୍ଧି ଗ୍ରହଣ କରି ପେଶବା ନିଜର ସ୍ୱାଧୀନତା ଇଂରେଜମାନଙ୍କ ନିକଟରେ ବଳି ଦେଇଥିଲେ । ଏହି ସନ୍ଧିକୁ ଭିନ୍ନ ଭିନ୍ନ ଭାବରେ ସମାଲୋଚନା କରାଯାଇଥାଏ । ପେଶବା ଥିଲେ ମରହଟ୍ଟା ସାମ୍ରାଜ୍ୟ ଓ ସଂଘର ମୁଖ୍ୟ । ଏହି ସନ୍ଧି ଫଳରେ ତାଙ୍କୁ ଅକ୍ତିଆର କରିବା ଦ୍ୱାରା ଇଂରେଜମାନେ ଭାରତୀୟ ସାମ୍ରାଜ୍ୟ ଲାଭ କରିଥିଲେ ବୋଲି କୁହାଯାଇପାରେ । ପି. ଇ. ରବର୍ଟସ କହିଛନ୍ତି, ''ବେସିନ ସନ୍ଧି ଦାକ୍ଷିଣାତ୍ୟରେ ଇଂରେଜମାନଙ୍କୁ ପ୍ରାଧାନ୍ୟ ପ୍ରଦାନ କରିଥିଲା ।'' ସେହିପରି ଓୱେନ କହିଛନ୍ତି, ''ଏହି ସନ୍ଧିର କାର୍ଯ୍ୟକାରିତା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କମ୍ପାନୀକୁ ଦେଇଥିଲା ଭାରତୀୟ ସାମ୍ରାଜ୍ୟ ।'' ନିଜେ ୱେଲ୍‌ସେଲି ଅନୁଭବ କରିଛନ୍ତି, ଏହି ସନ୍ଧି ଦ୍ୱାରା ଭାରତରେ ଶାନ୍ତି ଓ ବିକାଶ ଚାଲୁ ରଖିବାରେ କମ୍ପାନୀ ପ୍ରଥମ ଥର ପାଇଁ ନିରାପତ୍ତା ହାସଲ କରିଥିଲା; ମାତ୍ର ୱେଲ୍‌ସେଲିଙ୍କର ଏତାଦୃଶ କାର୍ଯ୍ୟକୁ ଲଣ୍ଡନରେ ଥିବା କମ୍ପାନୀର ନିର୍ଦ୍ଦେଶକମାନେ ସମର୍ଥନ କରି ନଥିଲେ । ଏହି ସନ୍ଧିକୁ ସମାଲୋଚନା କରି କେସଲରି କହିଥିଲେ ଯେ ମରହଟ୍ଟାମାନଙ୍କ ସହିତ କାରବାର କରିବାରେ ୱେଲ୍‌ସେଲି ସମସ୍ତ ନ୍ୟାୟୋଚିତ କ୍ଷମତା ଅତିକ୍ରମ କରିଥିଲେ । ଏହି ସନ୍ଧି ଭାରତରେ କମ୍ପାନୀର ପ୍ରାଧାନ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରତିଷ୍ଠା କରି ପାରିନଥିଲା । ବାସ୍ତବ ଲାଭ ନିମନ୍ତେ କମ୍ପାନୀକୁ ଅତି ଶୀଘ୍ର ମରହଟ୍ଟାମାନଙ୍କ ବିପକ୍ଷରେ ସଂଘର୍ଷ କରିବାକୁ ପଡ଼ିଥିଲା । କେସଲରି ଯଥୋଚିତ ଭାବରେ ଅନୁଭବ କଲେ ଯେ ଏହି ସନ୍ଧି କମ୍ପାନୀକୁ ଅଧିକତର କଠୋର ପ୍ରତିଜ୍ଞାରେ ଜଡ଼ିତ କରିବ ଏବଂ ଭାରତୀୟ ଶକ୍ତିମାନଙ୍କ ସହିତ ଯୁଦ୍ଧକୁ ଆକର୍ଷଣ କରିବ ।

ଅପରପକ୍ଷରେ ଏହି ସନ୍ଧି ପାଇଁ ମରହଟ୍ଟା ନେତୃବୃନ୍ଦ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ସନ୍ଧି ଅପମାନଜନକ ଓ ଜାତୀୟତାବିରୋଧୀ ବୋଲି ସେମାନେ ମତବ୍ୟକ୍ତ କଲେ । ବାଜୀରାଓ ମଧ୍ୟ ଏହି ସନ୍ଧି ଯୋଗୁଁ ଖୁବ୍ ଅସନ୍ତୁଷ୍ଟ ହୋଇଥିଲେ ଏବଂ ସେ ଇଂରେଜମାନଙ୍କ ବିରୋଧରେ ମରହଟ୍ଟା ମୁଖ୍ୟମାନଙ୍କ ସହିତ ଗୁପ୍ତ ଭାବରେ ସନ୍ଧି ପାଇଁ କଥାବାର୍ତ୍ତା କଲେ । ଉଭୟ ସିନ୍ଧିଆ ଓ ଭୋଁସଲା ବ୍ରିଟିଶ୍ ଶକ୍ତିକୁ ଆହ୍ୱାନ ଦେଲେ । ଗାଏକବାଡ଼ ଓ ହୋଲକାର ସେମାନଙ୍କଠାରୁ ଦୂରେଇ ରହିଥିଲେ ।

ଏହିପରି ୧୮୦୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ଇଂରେଜ-ମରହଟ୍ଟା ଯୁଦ୍ଧ । ଉତ୍ତର ଭାଗରେ ସୈନ୍ୟ ପରିଚାଳନା କରିବାର ଦାୟିତ୍ୱ ନେଲେ ଜେନେରାଲ ଲେକ୍; ଏବଂ ଦାକ୍ଷିଣାତ୍ୟ ସୈନ୍ୟବାହିନୀର ନେତୃତ୍ୱ ନେଇଥିଲେ ୱେଲ୍‌ସେଲି । ଗୁଜୁରାଟ, ବୁନ୍ଦେଲଖଣ୍ଡ ଓ ଓଡ଼ିଶାରେ ଯୁଦ୍ଧ କରିବା ପାଇଁ ଇଂରେଜମାନେ ପ୍ରସ୍ତୁତ ହେଲେ । ଇଂରେଜମାନଙ୍କର କୌଶଳ ହେଲା ଯେ ସେମାନେ ଏକ ସମୟରେ ବିଭିନ୍ନ ସ୍ଥାନରେ ମରହଟ୍ଟାମାନଙ୍କୁ ଆକ୍ରମଣ କରିବେ, ଯଦ୍ୱାରା ସେମାନେ ମିଳିତ ହେବାର ସୁଯୋଗ ପାଇବେ ନାହିଁ । ୧୮୦୩, ଅଗଷ୍ଟ ୧୨ ତାରିଖରେ ୱେଲ୍‌ସେଲି ଅହମ୍ମଦନଗର ଅଧିକାର କଲେ । ଆରଗନ (Argon) ଠାରେ ଭୋଁସଲା ପରାସ୍ତ ହେଲେ । ସେହିପରି ଉତ୍ତର ଭାରତରେ ଲେକ୍ ସଫଳତାର ସହିତ ଆଲିଗଡ଼ ଓ ଦିଲ୍ଲୀ ପ୍ରଭୃତି ଅଧିକାର କଲେ । ସର୍ବୋପରି ଇଂରେଜମାନେ ମରହଟ୍ଟାମାନଙ୍କ ବିରୋଧରେ ଗୁଜୁରାଟ, ବୁନ୍ଦେଲଖଣ୍ଡ, ଓଡ଼ିଶା ଓ ଆଗ୍ରା ପ୍ରଭୃତି ସ୍ଥାନଗୁଡ଼ିକରେ ବିଜୟ ଲାଭ କଲେ । ସମରର ପାଞ୍ଚମାସ ମଧ୍ୟରେ ଭୋଁସଲା ଓ ସିନ୍ଧିଆ ୧୮୦୩ ସେପ୍ଟେମ୍ବର ୨୩ ତାରିଖ ଦିନ ଆସାଇ (Assaye)ଠାରେ ପୂରାପୂରି ପରାଜିତ ହୋଇ ସନ୍ଧି ସ୍ୱାକ୍ଷର କରିଥିଲେ ।

୧୮୦୩, ଡିସେମ୍ବର ୧୭ ତାରିଖ ଦିନ ଭୋଁସଲା ଇଂରେଜମାନଙ୍କ ସହିତ ଦେଓଗାଁ ସନ୍ଧି ସ୍ୱାକ୍ଷର କଲେ । ଉକ୍ତ ସନ୍ଧି ଅନୁଯାୟୀ ଭୋଁସଲା ରାଜା କଟକ, ବାଲେଶ୍ୱର ଏବଂ ୱାର୍ଦ୍ଧା ନଦୀର ପଶ୍ଚିମ ଅଞ୍ଚଳ ଇଂରେଜମାନଙ୍କୁ ଅର୍ପଣ କରିଥିଲେ । ସ୍ଥିର ହେଲା ଯେ ନାଗପୁରଠାରେ ଏକ ଇଂରେଜବାହିନୀକୁ ସ୍ଥାପନ କରାଯିବ ।

ସେହିପରି ୧୮୦୩ ଖ୍ରୀଷ୍ଟାବ୍ଦ ଡିସେମ୍ବର ୩୦ ତାରିଖ ଦିନ ସୁରଜୀ-ଅର୍ଜନ ଗାଁ ସନ୍ଧି ସ୍ୱାକ୍ଷରିତ ହେଲା । ଏହାଦ୍ୱାରା ସିନ୍ଧିଆଙ୍କୁ ଗଙ୍ଗା ଓ ଯମୁନା ନଦୀ ଦ୍ୱୟ ମଧ୍ୟରେ ଥିବା ସମସ୍ତ ଅଞ୍ଚଳ ଇଂରେଜମାନଙ୍କ ପାଇଁ ଛାଡ଼ିଦେବାକୁ ପଡ଼ିଥିଲା । ଇଂରେଜମାନେ ମଧ୍ୟ ଅହମ୍ମଦନଗର, ବ୍ରୋଚ ଏବଂ ଅଜନ୍ତା ପାହାଡ଼ର ପଶ୍ଚିମକୁ ଥିବା ତାଙ୍କର ସମସ୍ତ ଅଞ୍ଚଳ ଲାଭ କଲେ । ଏହି ସନ୍ଧି ଦୁଇଟି ଦ୍ୱାରା ଇଂରେଜମାନଙ୍କର ବିନା ଅନୁମତିରେ ଭୋଁସଲା ଓ ସିନ୍ଧିଆ କୌଣସି ଇଉରୋପୀୟ ଓ ଆମେରିକୀୟ ନାଗରିକଙ୍କୁ କାର୍ଯ୍ୟରେ ରଖିପାରିଲେ ନାହିଁ । ଉଭୟଙ୍କର ବିଦେଶନୀତି ଇଂରେଜମାନଙ୍କ ନିୟନ୍ତ୍ରଣାଧୀନ ହେଲା ଓ ଉଭୟ ବେସିନ ସନ୍ଧିର ଧାରାଗୁଡ଼ିକୁ ମର୍ଯ୍ୟାଦା ଦେଲେ ।

ସିନ୍ଧିଆ ଓ ଭୋଁସଲା ପରାଜିତ ହେବାପରେ ହୋଲକାର ନିଜକୁ ଅଧିକ କାଳ ନିରପେକ୍ଷ ରଖିପାରି ନଥିଲେ । ସେ ଜୟପୁର ଲୁଣ୍ଠନ କରିଥିଲେ ଏବଂ ୧୮୦୪ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ଇଂରେଜମାନେ ତାଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ ।

ଯାହାହେଉ, ହୋଲକାର କଲୋନେଲ ମନସନ (Monson)ଙ୍କୁ ପରାସ୍ତ କରିଥିଲେ ଓ ଦିଲ୍ଲୀ ଅବରୋଧ କଲେ । କମ୍ପାନୀର କର୍ତ୍ତୃପକ୍ଷ ୱେଲ୍‌ସେଲିଙ୍କ ଅବିରାମ ଯୁଦ୍ଧନୀତି ଯୋଗୁଁ ଅସନ୍ତୁଷ୍ଟ ହୋଇ ତାଙ୍କୁ ଇଂଲଣ୍ଡକୁ ପ୍ରତ୍ୟାହୃତ କରିନେଲେ । ଦ୍ୱିତୀୟ ଥର ପାଇଁ କର୍ଣ୍ଣୱାଲିସ୍‌ଙ୍କୁ ଗଭର୍ଣ୍ଣର ଜେନେରାଲ ପଦବିରେ ୧୮୦୫, ଜୁଲାଇ ମାସରେ ନିଯୁକ୍ତି ଦିଆଯାଇଥିଲା । ସେ ଯୁଦ୍ଧରୁ ବିରତ ରହିବା ନିମିତ୍ତ ନିର୍ଦ୍ଦେଶିତ ହୋଇଥିଲେ; କିନ୍ତୁ କିଛି କରିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା । ଜର୍ଜ ବାର୍ଲୋ (George Barlow) ଅସ୍ଥାୟୀ ରୂପେ ହେଲେ ଗଭର୍ଣ୍ଣର-ଜେନେରାଲ । ବାର୍ଲୋ ଶାନ୍ତିକାମୀ ଥିଲେ । ଜେନେରାଲ ଲେକ୍ ଅମୃତସର ପର୍ଯ୍ୟନ୍ତ ହୋଲକାରଙ୍କର ପଶ୍ଚାଦ୍‌ଗମନ କରିଥିଲେ । ଶିଖ୍‌ମାନଙ୍କଠାରୁ ସାହାଯ୍ୟ ପାଇବା ଆଶା ରଖି ହୋଲକାର ସେଠାକୁ ଗମନ କରିଥିଲେ; କିନ୍ତୁ ତାଙ୍କୁ ନିରାଶା ହେବାକୁ ପଡ଼ିଲା । ପରିଶେଷରେ ହୋଲକାରଙ୍କୁ ୧୮୦୫ ଖ୍ରୀଷ୍ଟାବ୍ଦରେ ରାଜପୁର ଘାଟ ନାମକ ସ୍ଥାନରେ ଏକ ସନ୍ଧି କରିବାକୁ ପଡ଼ିଥିଲା । ଟଙ୍କ୍ (Tonk), ରାମପୁରା, ବୁନ୍ଦି, କୁଚ (Kooch), ବୁନ୍ଦେଲଖଣ୍ଡ ଏବଂ ଚମ୍ବଲ ନଦୀର ଉତ୍ତରାଞ୍ଚଳରୁ ହୋଲକାର ନିଜର ଅଧିକାର ଛାଡ଼ିଦେଇଥିଲେ; କିନ୍ତୁ ନିଜ ସାମ୍ରାଜ୍ୟର ଏକ ବୃହତ୍ ଅଂଶ ସେ ଇଂରେଜମାନଙ୍କଠାରୁ ଫେରି ପାଇଥିଲେ ।

ଏହିପରି ଭାବରେ ଇଂରେଜମାନେ ମରହଟ୍ଟା ଶକ୍ତିକୁ ଏକ ପ୍ରଚଣ୍ଡ ଧକ୍କା ଦେଇଥିଲେ । କୁହାଯାଏ ଯେ ଯଦି ୱେଲ୍‌ସେଲି ତାଙ୍କର ଉଗ୍ର ଯୁଦ୍ଧନୀତି ଆଉ କିଛି ଦିନ ଚାଲୁ ରଖିଥା'ନ୍ତେ, ତେବେ ଭାରତବର୍ଷରେ ମରହଟ୍ଟା ଶକ୍ତି ସମୂଳେ ଧ୍ୱଂସ ହୋଇଥା'ନ୍ତା । ମରହଟ୍ଟାମାନଙ୍କ ସହିତ ଶାନ୍ତିଚୁକ୍ତି କେତେକ ବିଦ୍ୱାନ୍ ସମାଲୋଚନା କରିଥା'ନ୍ତି । ଏସ୍.ଏମ୍.ଏଡ଼ୱାର୍ଡ କହିଛନ୍ତି ଯେ ୧୮୦୫ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନଙ୍କ ସହିତ ସମାପନ କରାଯାଇଥିବା ଶାନ୍ତି ଥିଲା ଏକ ଦୁର୍ବଳ ତୁଷ୍ଟି ସାଧନ । ପରିଶେଷରେ ଇଣ୍ଡିଆ ହାଉସ୍‌ରେ ଭୟାଳୁ ଶାସକ ଦଳଦ୍ୱାରା ଯାହା କରିବାକୁ ୱେଲ୍‌ସେଲିଙ୍କୁ ବାରଣ କରାଯାଇଥିଲା, ହେଷ୍ଟିଂସ୍‌ଙ୍କୁ ଦୀର୍ଘ ୧୩ ବର୍ଷରେ ସେହି କାର୍ଯ୍ୟ ସମାପ୍ତ କରିବାକୁ ବାଧ କରିଥିଲା । ଏହା ମଧ କୁହାଯାଇପାରେ ଯେ ୱେଲ୍‌ସେଲି କ୍ରମାଗତ ଭାବରେ ଯୁଦ୍ଧକରି କମ୍ପାନୀକୁ ଏକ ସାଂଘାତିକ ଆର୍ଥନୀତିକ ଦୁର୍ଗତି ମଧ୍ୟରେ ପକାଇଥିଲେ, ଏପରିକି ଶାସନ ଚଳାଇବା ନିମନ୍ତେ ଅର୍ଥର ଘୋର ଅଭାବ ହେଲା । ତେଣୁ ଅଧିକକାଳ ଯୁଦ୍ଧ ଚାଲୁ ରଖିବା ଥିଲା ମୂର୍ଖାମି । ଯଦି ସିନ୍ଧିଆ ଓ ଭୋଁସଲା ହୋଲକାରଙ୍କ ସହିତ ହାତ ମିଳାଇଥା'ନ୍ତେ, ତେବେ ଯୁଦ୍ଧର ଗତି ସମ୍ପୂର୍ଣ୍ଣ ରୂପେ ବିପରୀତ ହୋଇପଡ଼ିଥା'ନ୍ତା, ଭାରତରେ ଇଂରେଜ ସାମ୍ରାଜ୍ୟ ପୂରାପୂରି ବିପର୍ଯ୍ୟସ୍ତ ହୋଇଯାଇଥା'ନ୍ତା ।

ତୃତୀୟ ଇଂରେଜ-ମରହଟ୍ଟା ଯୁଦ୍ଧ, ୧୮୧୭-୧୮୧୮ (The 3rd Anglo-Maratha War 1817-1818) :

ଅଷ୍ଟାଦଶ ଶତାବ୍ଦୀର ଶେଷ ପଚିଶବର୍ଷରେ ଶକ୍ତିର ଅଭିବୃଦ୍ଧି ପାଇଁ ଯେଉଁସବୁ ଉପାଦାନ ଲୋଡ଼ା ସେଗୁଡ଼ିକ ମରହଟ୍ଟାମାନେ ହରାଇ ବସିଥିଲେ । ମରହଟ୍ଟାମାନଙ୍କର ରାଜନୈତିକ ଓ ଶାସନଗତ ଅବସ୍ଥା ଥିଲା ଖୁବ୍ ଗୋଳମାଳିଆ ଓ ବିଷାଦମୟ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବ୍ରିଟିଶ୍ ନିରପେକ୍ଷ ନୀତିର ସୁଯୋଗ ପାଇ ମଧ ମରହଟ୍ଟାମାନେ ନିଜକୁ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିନଥିଲେ, ବରଂ ସେମାନଙ୍କ ଅବସ୍ଥା ଅଧିକ କ୍ଷୟଶୀଳ ହେଉଥିଲା ।

ଯଶୋବନ୍ତ ରାଓ ହୋଲକାର ନିଜର ଭ୍ରାତା କାଶୀରାଓ ଓ ପୁତୁରା ଖଣ୍ଡେରାଓଙ୍କୁ ହତ୍ୟା କରି ମାନସିକ ଦୁଃଶ୍ଚିନ୍ତାରେ ପାଗଳ ହୋଇଯାଇଥିଲେ । ୧୮୧୧ ଅକ୍ଟୋବର ମାସରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ପରେ ତାଙ୍କର ନାବାଳକ ପୁତ୍ର ଦ୍ୱିତୀୟ ମହ୍ଲାର ରାଓ ରାଜା ହେଲେ । ଯଶୋବନ୍ତଙ୍କ ସ୍ତ୍ରୀ ତୁଳସୀବାଈ ଶାସନ ପରିଚାଳନା କରିବାର ଦାୟିତ୍ୱ ନେଇଥିଲେ । ସେ ମଧ ଅତି ଶୋଚନୀୟ ଭାବରେ ଅକୃତକାର୍ଯ୍ୟ ହୋଇଥିଲେ । ସମ୍ବଳର ଅଭାବ ଥିବାରୁ ଦୌଲତ ରାଓ ସିନ୍ଧିଆ ନିଜ ସୈନ୍ୟମାନଙ୍କର ଖର୍ଚ୍ଚ ତୁଲାଇ ପାରୁନଥିଲେ । ସେମାନଙ୍କୁ ନିଜ ନିଜ ଜିଲ୍ଲାରୁ ଅର୍ଥ ଆଦାୟ ନିମନ୍ତେ ଅନୁମତି ଦିଆଯାଇଥିଲା, ଫଳରେ ସେମାନଙ୍କ ନୈତିକତା ହ୍ରାସ ପାଇଥିଲା । ରଘୁଜୀ ଭୋଁସଲାଙ୍କ ଅବସ୍ଥା ମଧ ଥିଲା ଖୁବ୍ ଦୁଃଖପୂର୍ଣ୍ଣ । ପିଣ୍ଡାରୀ ଓ ମୁସଲ୍‌ମାନ୍‌ମାନଙ୍କର ଉତ୍ପୀଡ଼ନ ଯୋଗୁଁ ସେ ସର୍ବଦା ଶଙ୍କିତ ହୋଇ ରହୁଥିଲେ । ୧୮୦୫ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ବରୋଦାର ଗାଏକବାଡ଼ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ । ଏହାକୁ ଲଂଘନ କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା, ସେ ଇଂରେଜମାନଙ୍କ ସହିତ ମିତ୍ରତା ବଜାୟ ରଖୁଥିଲେ । ଏହିପରି ମରହଟ୍ଟା ଶକ୍ତି ବିଖଣ୍ଡିତ ଥିଲା, ସେମାନେ ସଂଘବଦ୍ଧ ଭାବରେ ଇଂରେଜମାନଙ୍କୁ ବିରୋଧ କରିବା ପାଇଁ ପ୍ରୟାସ କରୁନଥିଲେ ।

ନିଜର ସ୍ଥିତିକୁ ନେଇ ସର୍ବାପେକ୍ଷା ଅସନ୍ତୁଷ୍ଟ ଥିଲେ ପେଶବା ବାଜୀରାଓ । ସେ ଭୋଁସଲା, ସିନ୍ଧିଆ ଓ ହୋଲକାରଙ୍କ ନିକଟକୁ ଦୂତ ପଠାଇ ସେମାନଙ୍କୁ ଏକତ୍ରିତ କରି ଇଂରେଜମାନଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଚେଷ୍ଟା କଲେ । ସେ ନିଜର ସାମରିକ ଶକ୍ତି ବୃଦ୍ଧି କଲେ ଏବଂ ପିଣ୍ଡାରୀ ଓ ମୁସଲ୍‌ମାନ୍‌ମାନଙ୍କ ସହିତ ସନ୍ଧି କରିବାକୁ ଉଦ୍ୟମ କରିଥିଲେ । ଗାଏକବାଡ଼ଙ୍କ ଠାରୁ ସେ ଅହମ୍ମଦନଗର ଦାବି କରିଥିଲେ । ବିବାଦମାନ

ଅଞ୍ଚଳ ଉପରେ ମୀମାଂସା କରିବା ପାଇଁ ଗାଏକବାଡ଼ ତାଙ୍କର ମନ୍ତ୍ରୀ ଗଙ୍ଗାଧର ଶାସ୍ତ୍ରୀଙ୍କୁ ପେଶବାଙ୍କ ନିକଟକୁ ପ୍ରେରଣ କରିଥିଲେ । ଗଙ୍ଗାଧରଙ୍କୁ ବିଶ୍ୱାସଘାତକତା କରାଯାଇ ପୁନାଠାରେ ହତ୍ୟା କରାଯାଇଥିଲା । ପୁନାସ୍ଥିତ ବ୍ରିଟିଶ୍ ରେସିଡେଣ୍ଟ ଏଲଫିନ୍‌ଷ୍ଟୋନ ସନ୍ଦେହ କଲେ ଯେ ଏହି ହତ୍ୟାରେ ତ୍ରିମ୍ବକଜୀଙ୍କର ହାତ ରହିଛି । ଏଲଫିନ୍‌ଷ୍ଟୋନଙ୍କ ନିର୍ଦ୍ଦେଶରେ ପେଶବା ତ୍ରିମ୍ବକଜୀଙ୍କୁ ତାଙ୍କ ହସ୍ତରେ ଅର୍ପଣ କରିଥିଲେ । ତ୍ରିମ୍ବକଜୀଙ୍କୁ ଥାନା ଦୁର୍ଗରେ ବନ୍ଦୀ କରାଯାଇଥିଲା; ମାତ୍ର ସେ ବନ୍ଦୀଶାଳାରୁ ଖସି ଚାଲିଯାଇଥିଲେ । ଏହି ଘଟଣାରେ ପେଶବାଙ୍କର ହାତ ରହିଛି ବୋଲି ସନ୍ଦେହ କରାଗଲା । ଇଂରେଜମାନଙ୍କ ସହିତ ଏକ ନୂତନ ସନ୍ଧି କରିବାକୁ ଏଲଫିନ୍‌ଷ୍ଟୋନ ବାଜୀରାଓଙ୍କୁ ବାଧ କରିଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦ ଜୁନ୍ ୧୩ ତାରିଖ ଦିନ ପୁନା ସନ୍ଧି ସ୍ୱାକ୍ଷରିତ ହେଲା । ଏହି ସନ୍ଧି ଫଳରେ :

୧ । ତ୍ରିମ୍ବକଜୀଙ୍କୁ ବନ୍ଦୀ କରି ପୁନର୍ବାର ତାହାଙ୍କୁ ଇଂରେଜମାନଙ୍କୁ ହସ୍ତାନ୍ତର କରିବା ପାଇଁ ପେଶବା ରାଜି ହେଲେ ।

୨ । ସେ ମରହଟ୍ଟାମାନଙ୍କର ମୁଖ୍ୟ ପଦରୁ ଅବ୍ୟାହତି ନେବା ପାଇଁ ସମ୍ମତ ହେଲେ । ବ୍ରିଟିଶ୍ ରେସିଡେଣ୍ଟଙ୍କ ଅନୁମତି ବିନା ସେ କୌଣସି ଶକ୍ତି ସହିତ ସନ୍ଧି କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଗଲା ।

୩ । ଗାଏକବାଡ଼ଙ୍କ ଉପରେ ଥିବା ତାଙ୍କର ସମସ୍ତ ଦାବି ସେ ତ୍ୟାଗ କଲେ । ବିବାଦମାନ ଅଞ୍ଚଳ ପାଇଁ ଗାଏକବାଡ଼ ତାହାଙ୍କୁ ବାର୍ଷିକ ଚାରିଲକ୍ଷ ଟଙ୍କା ଦେବାପାଇଁ ରାଜି ହେଲେ ।

୪ । ତାଙ୍କ ଅଧୀନରେ ଥିବା ବୁନ୍ଦେଲଖଣ୍ଡ ଓ ମାଳବ ଅଞ୍ଚଳ କମ୍ପାନୀ ହାତରେ ଅର୍ପଣ କରିବା ପାଇଁ ସେ ସମ୍ମତ ହେଲେ ।

ଇଂରେଜମାନେ ଗାଏକବାଡ଼ଙ୍କ ସହିତ ମଧ୍ୟ ନୂତନ ସନ୍ଧି କରିଥିଲେ । ସେ ନିଜର ସାମରିକ ଶକ୍ତି ହ୍ରାସ କରି ଇଂରେଜମାନଙ୍କର ଦୁଇ ଦଳ ସୈନ୍ୟ ରଖିଥିଲେ ଏବଂ ସାମନ୍ତ ସନ୍ଧି ଅନୁଯାୟୀ ସେମାନଙ୍କ ଖର୍ଚ୍ଚ ପାଇଁ କେତୋଟି ଅଧିକ ଜିଲ୍ଲା ଇଂରେଜମାନଙ୍କୁ ଛାଡ଼ି ଦେଇଥିଲେ । ଏହା ଫଳରେ ଗାଏକବାଡ଼ଙ୍କୁ ସମ୍ପୂର୍ଣ୍ଣ ରୂପେ ଇଂରେଜମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥିଲା ।

ଭୋଁସଲାଙ୍କ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ମଧ୍ୟ ଇଂରେଜମାନେ ସୁଯୋଗ ପାଇଲେ । ରଘୁଜୀ ଭୋଁସଲା ୧୮୧୬ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୨୨ ତାରିଖରେ ମୃତ୍ୟୁ ମୁଖରେ

ପଡ଼ିଥିଲେ । ତାଙ୍କ ପୁତ୍ର ପାର୍ଶଜୀ ଥିଲେ କ୍ଷୀଣମତିସମ୍ପନ୍ନ, ତେଣୁ ସିଂହାସନରେ ଆସୀନ ହେଲେ ଭୋଁସଲାଙ୍କ ପୁତୁରା ଆପ୍ପା ସାହେବ । ପାର୍ଶଜୀଙ୍କ ମାତା ଆପ୍ପା ସାହେବଙ୍କୁ ଉତ୍ତରାଧିକାରୀ ରୂପେ ଚାହୁଁନଥିଲେ । ତେଣୁ ଗାଦିକୁ କେନ୍ଦ୍ରକରି ଏକ ଗୃହଯୁଦ୍ଧ ଲାଗିଥିଲା । ଏହି ଆଭ୍ୟନ୍ତରୀଣ କଳହର ସୁଯୋଗ ନେଇ ଇଂରେଜମାନେ ଆପ୍ପା ସାହେବଙ୍କ ସହିତ ଏକ ସନ୍ଧି କରିବାକୁ ଚାହିଁଥିଲେ । ୧୮୧୬ ଖ୍ରୀଷ୍ଟାବ୍ଦ ମେ ୨୭ ତାରିଖ ଦିନ ସ୍ୱାକ୍ଷରିତ ହେଲା ନାଗପୁର ସନ୍ଧି । ଏହିପରି ନାଗପୁରର ସ୍ୱାଧୀନତା ଇଂରେଜମାନଙ୍କ ନିକଟରେ ବିକ୍ରି ହୋଇଗଲା । ମାଲକମ (Malcolm) ଲେଖିଛନ୍ତି, ''ଭାରତର ବାସ୍ତବ ସ୍ଥିତିରେ ନାଗପୁର ସହିତ ସାମନ୍ତ ସନ୍ଧି ଠାରୁ କୌଣସି ଘଟଣା ଅଧିକତର ଭାଗ୍ୟଶାଳୀ ହୋଇ ନପାରେ ।''

ଇଂରେଜମାନେ ମଧ୍ୟ ୧୮୧୭ ନଭେମ୍ବର ୫ ତାରିଖ ଦିନ ଗ୍ୱାଲିଅର ସନ୍ଧି ସ୍ୱାକ୍ଷର କରିବାକୁ ଦୌଲତ ରାଓ ସିନ୍ଧିଆଙ୍କୁ ବାଧ କରିଥିଲେ । ଉକ୍ତ ସନ୍ଧି ଅନୁଯାୟୀ ପିଣ୍ଡାରୀମାନଙ୍କ ବିରୋଧରେ ଇଂରେଜମାନଙ୍କୁ ସାହାଯ୍ୟ କରିବାକୁ ସିନ୍ଧିଆ ରାଜି ହୋଇଥିଲେ । ଚମ୍ବଲ ନଦୀର ବାମ ପାର୍ଶ୍ୱରେ ଥିବା ଉଦୟପୁର, ଯୋଧପୁର, ବୁନ୍ଦି ଓ କୋଟା ଆଦି ଅଞ୍ଚଳରୁ ତାଙ୍କୁ ଅଧିକାର ଛାଡ଼ିବାକୁ ପଡ଼ିଥିଲା । ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଏହିପରି ଇଂରେଜମାନେ କୂଟନୈତିକ ଉପାୟରେ ନିଜର ଶକ୍ତି ବୃଦ୍ଧି କରିଥିଲେ ।

ଏହି ସମୟ ମଧ୍ୟରେ ୧୮୧୩ ଖ୍ରୀଷ୍ଟାବ୍ଦରେ ଲର୍ଡ଼ ହେଷ୍ଟିଂସ୍ ଗଭର୍ଣ୍ଣର ଜେନେରାଲ ହୋଇ ଭାରତକୁ ଆଗମନ କରିଥିଲେ । ବ୍ରିଟିଶ୍‌ମାନଙ୍କର ନିରପେକ୍ଷ ନୀତି ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରାଗଲା । ସେ ୱେଲସେଲିଙ୍କ ସାମ୍ରାଜ୍ୟବାଦ ନୀତି ଗ୍ରହଣ କଲେ । ସେ ଲେଖିଥିଲେ, ''ଭାରତରେ ବ୍ରିଟିଶ୍ ସରକାରଙ୍କୁ ସାର୍ବଭୌମ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ ।''

ପ୍ରଥମେ ପେଶବା ପୁନାସ୍ଥିତ ବ୍ରିଟିଶ୍ ରେସିଡେଣ୍ଟଙ୍କ ବାସସ୍ଥଳୀ ଉପରେ ଆକ୍ରମଣ କଲେ । ସେ ମଧ୍ୟ ଏହି ସ୍ଥାନକୁ ଅଗ୍ନି ସଂଯୋଗ କରି ଭସ୍ମ କରି ଦେଇଥିଲେ । ଏଲଫିନ୍‌ଷ୍ଟୋନ୍ ପେଶବାଙ୍କ ବିରୋଧରେ ଯୁଦ୍ଧ ଚଳାଇ ତାହାଙ୍କୁ ୧୮୧୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ଓ ଫେବ୍ରୁଆରୀ ମାସରେ କୋରଗାଁ ଓ ଅଷ୍ଟି ଯୁଦ୍ଧକ୍ଷେତ୍ରରେ ପରାସ୍ତ କଲେ । ହେଷ୍ଟିଂସ୍ ମଧ୍ୟ ବାଜୀରାଓଙ୍କୁ ଗାଦିଚ୍ୟୁତ କଲେ ଓ ପେଶବା ପଦ ଉଚ୍ଛେଦ କରିଥିଲେ । ତାଙ୍କର ମନ୍ତ୍ରୀ ତ୍ରିମ୍ବକଜୀଙ୍କୁ ବନ୍ଦୀ ରୂପେ ଚୂନାର ଦୁର୍ଗରେ ରଖାଯାଇଥିଲା । ଆଠ ଲକ୍ଷ ଟଙ୍କା ବାର୍ଷିକ ଭତ୍ତା ପାଇ ବିଠୁର (Bithur) ଠାରେ ବାସ କରିବାକୁ ତାଙ୍କୁ ସୁଯୋଗ ମିଳିଗଲା । ପେଶବାଙ୍କ ମନରେ ବିଶ୍ୱାସ ଥିଲା ଯେ ମରହଟ୍ଟା ଜାତି ମିଳିତ ଭାବରେ ତାଙ୍କୁ ସାହାଯ୍ୟ କରିବ; ମାତ୍ର ଏପରି ଆଶା କରିବା ତାଙ୍କ ପାଇଁ ଉଚିତ ନଥିଲା । ସରଦେଶାଇ

କହିଛନ୍ତି, "ନିଜର ସ୍ୱାଧୀନତା ବିସର୍ଜନ ଦେଇ ସେ ନିଜେ ବେସିନଠାରେ ପ୍ରଥମ ଇଂରେଜମାନଙ୍କ ସାହାଯ୍ୟ ଗ୍ରହଣ କରିଥିବାରୁ ମରହଟ୍ଟାମାନେ ଅତି ମାତ୍ରାରେ ଅସନ୍ତୁଷ୍ଟ ହୋଇଥିଲେ ।"

ସେହି ସମୟରେ ନାଗପୁରର ଆପ୍‌ପା ସାହେବ ଓ ଇନ୍ଦୋରର ଦ୍ୱିତୀୟ ମହ୍ଲାର ରାଓ ଇଂରେଜମାନଙ୍କ ବିରୋଧରେ ଅସ୍ତ୍ରଧାରଣ କଲେ । ୧୮୧୭ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୭ ତାରିଖ ଦିନ ଆପ୍‌ପା ସାହେବ ସିତାବାଲଦି ଯୁଦ୍ଧକ୍ଷେତ୍ରରେ ଶୋଚନୀୟ ଭାବରେ ପରାସ୍ତ ହୋଇଥିଲେ । ଆପ୍‌ପା ପାହାଡ଼କୁ ପଳାୟନ କରିଥିଲେ । ଦ୍ୱିତୀୟ ରଘୁଜୀ ଭୋଁସଲାଙ୍କର ଜଣେ ନାତିକୁ ରାଜଗାଦି ଅର୍ପଣ କରାଗଲା । ହୋଲକାର ରାଜା ଦ୍ୱିତୀୟ ଯଶୋବନ୍ତ ରାଓ ମଧ୍ୟ ମହିଦପୁର ଯୁଦ୍ଧକ୍ଷେତ୍ରରେ ପରାସ୍ତ ଲାଭ କଲେ । ୧୮୧୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ୬ ତାରିଖ ଦିନ ବାଧ୍ୟ ହୋଇ ତାଙ୍କୁ ମାଣ୍ଡାସୋର ସନ୍ଧି ଗ୍ରହଣ କରିବାକୁ ପଡ଼ିଥିଲା । କେତେକ ରାଜପୁତ୍ ରାଜ୍ୟ ଉପରେ ହୋଲକାରଙ୍କୁ ପୂର୍ବ ଅଧିକାର ତ୍ୟାଗ କରିବାକୁ ପଡ଼ିଥିଲା । ସେ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ ।

ଏହିପରି ସବୁଦିନ ପାଇଁ ମରହଟ୍ଟା ଶକ୍ତି ନିଃଶେଷ ହୋଇଗଲା । ସିନ୍ଧିଆ, ହୋଲକାର ଓ ପେଶବା ନିଜେ ନିଜର କ୍ଷମତା ହରାଇଲେ । ସେମାନଙ୍କ ରାଜ୍ୟଗୁଡ଼ିକ ଅଧିକତର କ୍ଷୁଦ୍ର ହୋଇଗଲା । ସେମାନଙ୍କର ବିଦେଶ ନୀତି ଇଂରେଜମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା । ବ୍ରିଟିଶ୍ ପ୍ରଭୁତ୍ୱକୁ ଆହ୍ୱାନ ଦେବା ପରି ଆଉ କାହାର ଶକ୍ତି ରହିଲା ନାହିଁ । ସେମାନଙ୍କୁ ଇଂରେଜମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଏହି ଯୁଦ୍ଧ ପରେ ଇଂରେଜମାନେ ଭାରତବର୍ଷରେ ସାର୍ବଭୌମତ୍ୱ ପ୍ରତିଷ୍ଠା କଲେ । ପ୍ରିନ୍‌ସେପ ଲେଖିଛନ୍ତି, "ଦେଶରେ ବ୍ରିଟିଶ୍ ପ୍ରଭାବ ଓ କର୍ତ୍ତୃତ୍ୱ କୁହୁକ ଗତିରେ ବ୍ୟାପି ଯାଇଥିଲା ।

ବ୍ରିଟିଶ୍-ଅଯୋଧ୍ୟା ସମ୍ପର୍କ

(British-Oudh Relation)

ମୋଗଲ ସାମ୍ରାଜ୍ୟର ପତନ ସମୟରେ ଅଯୋଧ୍ୟା ବର୍ତ୍ତମାନର ଅଯୋଧ୍ୟା ସହିତ ବନାରସ, ଆହ୍ଲାବାଦ ଏବଂ କାନପୁର ଆଦି ଅଞ୍ଚଳଗୁଡ଼ିକୁ ନେଇ ଗଠିତ ହୋଇଥିଲା । ଅଯୋଧ୍ୟା ଥିଲା ମୋଗଲ ସାମ୍ରାଜ୍ୟର ଏକ ସୁବା । ୧୭୨୪ ଖ୍ରୀଷ୍ଟାବ୍ଦରେ ଅଯୋଧ୍ୟାର ଗଭର୍ଣ୍ଣର ଥିଲେ ସାଦତ୍ ଖାଁ । ସାଦତଙ୍କ ପରେ ତାଙ୍କ ପୁତୁରା ଓ ଜାମାତା ସଫଦରଜଙ୍ଗ ହେଲେ ଅଯୋଧ୍ୟାର ନବାବ । ଦିଲ୍ଲୀର ଉଜୀର ବା ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ପାଇ ସଫଦର ତାଙ୍କ ମୃତ୍ୟୁ ୧୭୫୪ ପର୍ଯ୍ୟନ୍ତ ଜଣେ ଦୃଢ଼ ଶାସକ ରୂପେ ଖ୍ୟାତି ଅର୍ଜନ

କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ସୁଜାଉଦ୍ଦୌଲା ନବାବ-ଉଜୀର ପଦ ଲାଭ କଲେ । ନାମକୁ ମାତ୍ର ସେ ମୋଗଲ ସମ୍ରାଟଙ୍କର ଉଜୀର ଥିଲେ; ଶାସନକ୍ଷେତ୍ରରେ ତାଙ୍କର ସବୁ ପ୍ରକାର ସ୍ୱାଧୀନତା ଥିଲା ।

ବକ୍‌ସାର ଯୁଦ୍ଧ ଓ ସୁଜାଉଦ୍ଦୌଲା

୧୭୬୪ ବକ୍‌ସାର ଯୁଦ୍ଧ ସମୟରେ ବଙ୍ଗଳାର ନବାବ ମୀର୍‌କାଶିମ୍ ସୁଜାଉଦ୍ଦୌଲାଙ୍କ ଶରଣାପନ୍ନ ହୋଇଥିଲେ । କେତେକ ସ୍ୱାର୍ଥ ଯୋଗୁଁ ସୁଜା ମୀର୍‌କାଶିମ୍‌ଙ୍କୁ ସମର୍ଥନ କଲେ । ମୋଗଲ ସମ୍ରାଟ ଶାହଆଲାମ୍ ମଧ୍ୟ ସେମାନଙ୍କ ମେଣ୍ଟରେ ଯୋଗଦାନ କଲେ । ଏହାପରେ ସଂଘଟିତ ହେଲା ବକ୍‌ସାର ଯୁଦ୍ଧ । ପ୍ରଥମେ ନବାବ ଉଜୀରଙ୍କର ଯୁଦ୍ଧରେ ଜୟଲାଭ କରିବାର ସମ୍ଭାବନା ଥିଲା । ତାଙ୍କ ଆକ୍ରମଣରେ ଇଂରେଜବାହିନୀ ପଛଘୁଞ୍ଚା ଦେଲେ; କିନ୍ତୁ ମୋଗଲ ସମ୍ରାଟ ଦଳ ପରିବର୍ତ୍ତନ କରି ଇଂରେଜମାନଙ୍କର ପକ୍ଷଭୁକ୍ତ ହୋଇଥିଲେ । ଯୁଦ୍ଧରେ ପରାଜିତ ହୋଇ ଏକ ପଳାତକର ଜୀବନ ଧାରଣ କରିଥିଲେ ମୀର୍‌କାଶିମ୍ । ବକ୍‌ସାର ଯୁଦ୍ଧ ପରେ ଇଂରେଜମାନେ ପୁନର୍ବାର ବନାରସଠାରେ ସୁଜାଙ୍କୁ ପରାସ୍ତ କରିଥିଲେ । ସେ ପଳାୟନ କରି ଆତ୍ମରକ୍ଷା କଲେ । ସେମାନେ ଚୂନାର ଓ ଆହ୍ଲାବାଦ ଦୁର୍ଗ ଅଧିକାର କଲେ । ପରିଶେଷରେ କୋରାଠାରେ ପରାସ୍ତ ହୋଇ ସୁଜା ଆତ୍ମସମର୍ପଣ କଲେ ।

କ୍ଲାଇବ୍ ଅଯୋଧ୍ୟାର ଉଜୀର ସୁଜାଉଦ୍ଦୌଲାଙ୍କ ସହିତ ୧୭୬୫ ଅକ୍ଟୋବର ମାସରେ ଆହ୍ଲାବାଦ ସନ୍ଧି ସ୍ୱାକ୍ଷର କଲେ । ସର୍ତ୍ତ ଥିଲା, ଆବଶ୍ୟକବେଳେ ଉଜୀର କମ୍ପାନୀକୁ ସୈନ୍ୟ ସାହାଯ୍ୟ ଦେବେ । କମ୍ପାନୀ ମଧ୍ୟ ଅନୁରୂପ ନବାବଙ୍କ ଖର୍ଚ୍ଚରେ ତାଙ୍କ ସୀମା ସୁରକ୍ଷାର ଦାୟିତ୍ୱ ନେବ । ଉତ୍ତର ଏବଂ ପଶ୍ଚିମରେ ଥିବା ସ୍ୱାଧୀନ ରାଜ୍ୟ ଓ ଇଂରେଜ ସାମ୍ରାଜ୍ୟ ମଧ୍ୟରେ ଅଯୋଧ୍ୟା ଏକ ବନ୍ଧୁ ରାଜ୍ୟର ସ୍ଥାନ ପାଇଲା । ସେଠାରେ କରମୁକ୍ତ ବାଣିଜ୍ୟ ଚଳାଇବାକୁ ନବାବ ଇଂରେଜମାନଙ୍କୁ ଅଧିକାର ଦେଲେ । କମ୍ପାନୀର ଦୟା ଉପରେ ଅଯୋଧ୍ୟାକୁ ବଞ୍ଚିବାକୁ ହେଲା । ସେତେବେଳେ କ୍ଲାଇବ୍ ଅଯୋଧ୍ୟାକୁ ଅଧିକାର କରିପାରିଥା'ନ୍ତେ; କିନ୍ତୁ କ୍ଲାଇବ୍ ତାହା କଲେନାହିଁ । କାରଣ ସେ ଅନୁଭବ କଲେ ଯେ ଏତେବଡ଼ ରାଜ୍ୟ ଶାସନ କରିବା କମ୍ପାନୀ ପକ୍ଷରେ ସହଜ ହେବନାହିଁ ।

ୱାରେନ୍ ହେଷ୍ଟିଂସ୍‌ଙ୍କ ଅଯୋଧ୍ୟା ନୀତି

ମରହଟ୍ଟା ଓ ଆଫଗାନ୍‌ମାନଙ୍କର ଆକ୍ରମଣରୁ ଇଂରେଜମାନଙ୍କୁ ରକ୍ଷାକରିବା ପାଇଁ ଅଯୋଧ୍ୟା ଥିଲା ଏକ ପ୍ରାଚୀର ଦୁର୍ଗ । ୧୭୭୦-୭୧ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସମ୍ରାଟ ଦ୍ୱିତୀୟ ଶାହଆଲାମ୍ ମରହଟ୍ଟାମାନଙ୍କର ତତ୍ତ୍ୱାବଧାନରେ ରହିବାରୁ ୱାରେନ୍ ହେଷ୍ଟିଂସ୍

କହିଛନ୍ତି, "ନିଜର ସ୍ୱାଧୀନତା ବିସର୍ଜନ ଦେଇ ସେ ନିଜେ ବେସିନଠାରେ ପ୍ରଥମ ଇଂରେଜମାନଙ୍କ ସାହାଯ୍ୟ ଗ୍ରହଣ କରିଥିବାରୁ ମରହଟ୍ଟାମାନେ ଅତି ମାତ୍ରାରେ ଅସନ୍ତୁଷ୍ଟ ହୋଇଥିଲେ ।"

ସେହି ସମୟରେ ନାଗପୁରର ଆପ୍‌ପା ସାହେବ ଓ ଇନ୍ଦୋରର ଦ୍ୱିତୀୟ ମହ୍ଲାର ରାଓ ଇଂରେଜମାନଙ୍କ ବିରୋଧରେ ଅସ୍ତ୍ରଧାରଣ କଲେ । ୧୮୧୭ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୭ ତାରିଖ ଦିନ ଆପ୍‌ପା ସାହେବ ସିତାବାଲଦି ଯୁଦ୍ଧକ୍ଷେତ୍ରରେ ଶୋଚନୀୟ ଭାବରେ ପରାସ୍ତ ହୋଇଥିଲେ । ଆପ୍‌ପା ପାହାଡ଼କୁ ପଳାୟନ କରିଥିଲେ । ଦ୍ୱିତୀୟ ରଘୁଜୀ ଭୋଁସଲାଙ୍କର ଜଣେ ନାତିକୁ ରାଜଗାଦି ଅର୍ପଣ କରାଗଲା । ହୋଲକାର ରାଜା ଦ୍ୱିତୀୟ ଯଶୋବନ୍ତ ରାଓ ମଧ ମହିଦପୁର ଯୁଦ୍ଧକ୍ଷେତ୍ରରେ ପରାସ୍ତ ଲାଭ କଲେ । ୧୮୧୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ୬ ତାରିଖ ଦିନ ବାଧ ହୋଇ ତାଙ୍କୁ ମାଣ୍ଡାସୋର ସନ୍ଧି ଗ୍ରହଣ କରିବାକୁ ପଡ଼ିଥିଲା । କେତେକ ରାଜପୁତ୍ ରାଜ୍ୟ ଉପରେ ହୋଲକାରଙ୍କୁ ପୂର୍ବ ଅଧିକାର ତ୍ୟାଗ କରିବାକୁ ପଡ଼ିଥିଲା । ସେ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ ।

ଏହିପରି ସବୁଦିନ ପାଇଁ ମରହଟ୍ଟା ଶକ୍ତି ନିଃଶେଷ ହୋଇଗଲା । ସିନ୍ଧିଆ, ହୋଲକାର ଓ ପେଶବା ନିଜେ ନିଜର କ୍ଷମତା ହରାଇଲେ । ସେମାନଙ୍କ ରାଜ୍ୟଗୁଡ଼ିକ ଅଧିକତର କ୍ଷୁଦ୍ର ହୋଇଗଲା । ସେମାନଙ୍କର ବିଦେଶ ନୀତି ଇଂରେଜମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା । ବ୍ରିଟିଶ୍ ପ୍ରଭୁତ୍ୱକୁ ଆହ୍ୱାନ ଦେବା ପରି ଆଉ କାହାର ଶକ୍ତି ରହିଲା ନାହିଁ । ସେମାନଙ୍କୁ ଇଂରେଜମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଏହି ଯୁଦ୍ଧ ପରେ ଇଂରେଜମାନେ ଭାରତବର୍ଷରେ ସାର୍ବଭୌମତ୍ୱ ପ୍ରତିଷ୍ଠା କଲେ । ପ୍ରିନ୍‌ସେପ ଲେଖିଛନ୍ତି, "ଦେଶରେ ବ୍ରିଟିଶ୍ ପ୍ରଭାବ ଓ କର୍ତ୍ତୃତ୍ୱ କୁହୁକ ଗତିରେ ବ୍ୟାପି ଯାଇଥିଲା ।

ବ୍ରିଟିଶ୍-ଅଯୋଧ୍ୟା ସମ୍ପର୍କ

(British-Oudh Relation)

ମୋଗଲ ସାମ୍ରାଜ୍ୟର ପତନ ସମୟରେ ଅଯୋଧ୍ୟା ବର୍ତ୍ତମାନର ଅଯୋଧ୍ୟା ସହିତ ବନାରସ, ଆହ୍ଲାବାଦ ଏବଂ କାନପୁର ଆଦି ଅଞ୍ଚଳଗୁଡ଼ିକୁ ନେଇ ଗଠିତ ହୋଇଥିଲା । ଅଯୋଧ୍ୟା ଥିଲା ମୋଗଲ ସାମ୍ରାଜ୍ୟର ଏକ ସୁବା । ୧୭୨୪ ଖ୍ରୀଷ୍ଟାବ୍ଦରେ ଅଯୋଧ୍ୟାର ଗଭର୍ଣ୍ଣର ଥିଲେ ସାଦତ୍ ଖାଁ । ସାଦତଙ୍କ ପରେ ତାଙ୍କ ପୁତୁରା ଓ ଜାମାତା ସଫଦରଜଙ୍ଗ ହେଲେ ଅଯୋଧ୍ୟାର ନବାବ । ଦିଲ୍ଲୀର ଉଜୀର ବା ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ପାଇ ସଫଦର ତାଙ୍କ ମୃତ୍ୟୁ ୧୭୫୪ ପର୍ଯ୍ୟନ୍ତ ଜଣେ ଦୃଢ଼ ଶାସକ ରୂପେ ଖ୍ୟାତି ଅର୍ଜନ

କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ସୁଜାଉଦ୍ଦୌଲା ନବାବ-ଉଜୀର ପଦ ଲାଭ କଲେ । ନାମକୁ ମାତ୍ର ସେ ମୋଗଲ ସମ୍ରାଟଙ୍କର ଉଜୀର ଥିଲେ; ଶାସନକ୍ଷେତ୍ରରେ ତାଙ୍କର ସବୁ ପ୍ରକାର ସ୍ୱାଧୀନତା ଥିଲା ।

ବକ୍‌ସାର ଯୁଦ୍ଧ ଓ ସୁଜାଉଦ୍ଦୌଲା

୧୭୬୪ ବକ୍‌ସାର ଯୁଦ୍ଧ ସମୟରେ ବଙ୍ଗଳାର ନବାବ ମୀର୍‌କାଶିମ୍ ସୁଜାଉଦ୍ଦୌଲାଙ୍କ ଶରଣାପନ୍ନ ହୋଇଥିଲେ । କେତେକ ସ୍ୱାର୍ଥ ଯୋଗୁଁ ସୁଜା ମୀର୍‌କାଶିମ୍‌ଙ୍କୁ ସମର୍ଥନ କଲେ । ମୋଗଲ ସମ୍ରାଟ ଶାହଆଲାମ୍ ମଧ ସେମାନଙ୍କ ମେଣ୍ଟରେ ଯୋଗଦାନ କଲେ । ଏହାପରେ ସଂଘଟିତ ହେଲା ବକ୍‌ସାର ଯୁଦ୍ଧ । ପ୍ରଥମେ ନବାବ ଉଜୀରଙ୍କର ଯୁଦ୍ଧରେ ଜୟଲାଭ କରିବାର ସମ୍ଭାବନା ଥିଲା । ତାଙ୍କ ଆକ୍ରମଣରେ ଇଂରେଜବାହିନୀ ପଛଘୁଞ୍ଚା ଦେଲେ; କିନ୍ତୁ ମୋଗଲ ସମ୍ରାଟ ଦଳ ପରିବର୍ତ୍ତନ କରି ଇଂରେଜମାନଙ୍କର ପକ୍ଷଭୁକ୍ତ ହୋଇଥିଲେ । ଯୁଦ୍ଧରେ ପରାଜିତ ହୋଇ ଏକ ପଳାତକର ଜୀବନ ଧାରଣ କରିଥିଲେ ମୀର୍‌କାଶିମ୍ । ବକ୍‌ସାର ଯୁଦ୍ଧ ପରେ ଇଂରେଜମାନେ ପୁନର୍ବାର ବନାରସଠାରେ ସୁଜାଙ୍କୁ ପରାସ୍ତ କରିଥିଲେ । ସେ ପଳାୟନ କରି ଆତ୍ମରକ୍ଷା କଲେ । ସେମାନେ ଚୂନାର ଓ ଆହ୍ଲାବାଦ ଦୁର୍ଗ ଅଧିକାର କଲେ । ପରିଶେଷରେ କୋରାଠାରେ ପରାସ୍ତ ହୋଇ ସୁଜା ଆତ୍ମସମର୍ପଣ କଲେ ।

କ୍ଲାଇବ୍ ଅଯୋଧ୍ୟାର ଉଜୀର ସୁଜାଉଦ୍ଦୌଲାଙ୍କ ସହିତ ୧୭୬୫ ଅକ୍ଟୋବର ମାସରେ ଆହ୍ଲାବାଦ ସନ୍ଧି ସ୍ୱାକ୍ଷର କଲେ । ସର୍ତ୍ତ ଥିଲା, ଆବଶ୍ୟକବେଳେ ଉଜୀର କମ୍ପାନୀକୁ ସୈନ୍ୟ ସାହାଯ୍ୟ ଦେବେ । କମ୍ପାନୀ ମଧ ଅନୁରୂପ ନବାବଙ୍କ ଖର୍ଚ୍ଚରେ ତାଙ୍କ ସୀମା ସୁରକ୍ଷାର ଦାୟିତ୍ୱ ନେବ । ଉତ୍ତର ଏବଂ ପଶ୍ଚିମରେ ଥିବା ସ୍ୱାଧୀନ ରାଜ୍ୟ ଓ ଇଂରେଜ ସାମ୍ରାଜ୍ୟ ମଧ୍ୟରେ ଅଯୋଧ୍ୟା ଏକ ବନ୍ଧୁ ରାଜ୍ୟର ସ୍ଥାନ ପାଇଲା । ସେଠାରେ କରମୁକ୍ତ ବାଣିଜ୍ୟ ଚଳାଇବାକୁ ନବାବ ଇଂରେଜମାନଙ୍କୁ ଅଧିକାର ଦେଲେ । କମ୍ପାନୀର ଦୟା ଉପରେ ଅଯୋଧ୍ୟାକୁ ବଞ୍ଚିବାକୁ ହେଲା । ସେତେବେଳେ କ୍ଲାଇବ୍ ଅଯୋଧ୍ୟାକୁ ଅଧିକାର କରିପାରିଥା'ନ୍ତେ; କିନ୍ତୁ କ୍ଲାଇବ୍ ତାହା କଲେନାହିଁ । କାରଣ ସେ ଅନୁଭବ କଲେ ଯେ ଏତେବଡ଼ ରାଜ୍ୟ ଶାସନ କରିବା କମ୍ପାନୀ ପକ୍ଷରେ ସହଜ ହେବନାହିଁ ।

ୱାରେନ୍ ହେଷ୍ଟିଂସ୍‌ଙ୍କ ଅଯୋଧ୍ୟା ନୀତି

ମରହଟ୍ଟା ଓ ଆଫଗାନ୍‌ମାନଙ୍କର ଆକ୍ରମଣରୁ ଇଂରେଜମାନଙ୍କୁ ରକ୍ଷାକରିବା ପାଇଁ ଅଯୋଧ୍ୟା ଥିଲା ଏକ ପ୍ରାଚୀର ଦୁର୍ଗ । ୧୭୭୦-୭୧ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସମ୍ରାଟ ଦ୍ୱିତୀୟ ଶାହଆଲାମ୍ ମରହଟ୍ଟାମାନଙ୍କର ତତ୍ତ୍ୱାବଧାନରେ ରହିବାରୁ ୱାରେନ୍ ହେଷ୍ଟିଂସ୍

ତାଙ୍କଠାରୁ କୋରା ଓ ଆହ୍ଲାବାଦ ଜିଲ୍ଲାଦ୍ୱୟ ଆଣି ଅଯୋଧାର ନବାବଙ୍କୁ ହସ୍ତାନ୍ତର କଲେ । ପ୍ରତିବଦଳରେ ସେ ଲାଭକଲେ ୫୦ ଲକ୍ଷ ଟଙ୍କା ଏବଂ ନବାବଙ୍କ ସୁରକ୍ଷା ନିମିତ୍ତ କମ୍ପାନୀର ଏକ ସୈନ୍ୟଦଳର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ଅର୍ଥ ସାହାଯ୍ୟ (Annual Subsidy) । ଏହି ବ୍ୟବସ୍ଥା ୧୭୭୩ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସର ବନାରସ ସନ୍ଧିରେ ଅନୁମୋଦନ କରାଯାଇଥିଲା ।

ରୋହିଲା ଯୁଦ୍ଧ

ଅଯୋଧାର ଉତ୍ତର-ପଶ୍ଚିମ ଦିଗରେ ଥିଲା ରୋହିଲାଖଣ୍ଡର ଅବସ୍ଥିତି । ସେଠିକାର ଅଧିବାସୀମାନେ ମୁଖ୍ୟତଃ ହିନ୍ଦୁ ଥିଲେ । ୱାରେନ୍ ହେଷ୍ଟିଂସ୍‌ଙ୍କ ସମୟରେ ରୋହିଲାଖଣ୍ଡର ଶାସକ ଥିଲେ ହାଫିଜ୍ ରହମତ ଖାଁ । ୧୭୭୧ରୁ ରୋହିଲାମାନଙ୍କୁ ମରହଟ୍ଟାମାନେ ସର୍ବଦା ଶଙ୍କିତ ଅବସ୍ଥାରେ ରଖିଥିଲେ । ମରହଟ୍ଟାମାନଙ୍କର ଭୟ ଦୂରେଇଦେବା ପାଇଁ ରହମତ ଖାଁ ଅଯୋଧାର ନବାବଙ୍କଠାରୁ ସାମରିକ ସାହାଯ୍ୟ ଆଶା କଲେ । ରବର୍ଟ ବାର୍କରଙ୍କ ଉପସ୍ଥିତିରେ ୧୭୭୨ ଜୁନ୍ ୧୭ ତାରିଖ ଦିନ ମରହଟ୍ଟାମାନଙ୍କର ଶତ୍ରୁତା ବିପକ୍ଷରେ ରୋହିଲା ଓ ଅଯୋଧାର ନବାବ ସୁଜାଉଦ୍ଦୌଲାଙ୍କ ମଧ୍ୟରେ ଏକ ସନ୍ଧି ହେଲା । ସ୍ଥିର ହେଲା, ମରହଟ୍ଟାମାନେ ରୋହିଲାଖଣ୍ଡ ଆକ୍ରମଣ କଲେ ସେମାନଙ୍କୁ ଅଯୋଧାର ନବାବ ବିତାଡ଼ିତ କରିବେ । ଏହି ସାହାଯ୍ୟର ମୂଲ୍ୟ ସ୍ୱରୂପ ନବାବ ପାଇବେ ୪୦ ଲକ୍ଷ ଟଙ୍କା ।

୧୭୭୩ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ରୋହିଲାଖଣ୍ଡ ଆକ୍ରମଣ କରିଥିଲେ ଏବଂ ସେମାନଙ୍କୁ ଅଯୋଧା ଓ ଇଂରେଜମାନଙ୍କର ଏକ ସୈନ୍ୟଦଳ ପ୍ରତିହତ କରିବାରେ ସଫଳ ହେଲେ । ପୁନର୍ବାର ମରହଟ୍ଟାମାନେ ରୋହିଲାଖଣ୍ଡ ଆକ୍ରମଣ କରିନଥିଲେ କାରଣ ପେଶବା ମାଧବ ରାଓଙ୍କ ମୃତ୍ୟୁ ପରେ ପୁନାରେ ଅସ୍ଥିରତା ଲାଗି ରହିଥିଲା । ପୂର୍ବ ସର୍ତ୍ତ ଅନୁଯାୟୀ ରୋହିଲାଖଣ୍ଡର ଶାସକ ଅଯୋଧାର ନବାବଙ୍କୁ ୪୦ ଲକ୍ଷ ଟଙ୍କା ଦେବାକୁ ଅସ୍ୱୀକାର କଲେ । ତେଣୁ ନବାବ ଉଜୀର ବନାରସଠାରେ ହେଷ୍ଟିଂସ୍‌ଙ୍କୁ ଭେଟି ରୋହିଲାଖଣ୍ଡ ଅଧିକାର କରିବାକୁ ସାମରିକ ସାହାଯ୍ୟ ମାଗିଲେ । ସେ ମଧ୍ୟ ହେଷ୍ଟିଂସ୍‌ଙ୍କୁ ୪୦ ଲକ୍ଷ ଟଙ୍କା ଦେବା ସହିତ ଯୁଦ୍ଧଖର୍ଚ୍ଚ ବହନ କରିବେ ବୋଲି କଥା ଦେଲେ । ହେଷ୍ଟିଂସ୍ ତାଙ୍କ କଥାରେ ଆଗ୍ରହ ଦେଖାଇଲେ ଏବଂ ନବାବଙ୍କୁ ସାହାଯ୍ୟ କରିବା ପାଇଁ ଚମ୍ପିଆନଙ୍କ ଅଧୀନରେ ଏକ ସୈନ୍ୟଦଳ ପ୍ରେରଣ କଲେ । ଅଯୋଧା ବାହିନୀ ଓ ବ୍ରିଟିଶର ଏକ ସୈନ୍ୟଦଳ ୧୭୭୪ ଅପ୍ରେଲ ୧୭ ତାରିଖରେ ରୋହିଲାଖଣ୍ଡ ଯାତ୍ରା କଲେ । ଛ'ଦିନ ପରେ ମିରନପୁର କର୍ତ୍ତା (Miranpur Karta)ଠାରେ ଏକ ନିଷ୍ପତ୍ତିମୂଳକ ଯୁଦ୍ଧରେ ରୋହିଲାମାନେ

ପରାସ୍ତ ହେଲେ । ଯୁଦ୍ଧରେ ରହମତ ଖାଁ ନିହତ ହେଲେ । ୨୦,୦୦୦ ରୋହିଲାଙ୍କୁ ଗଙ୍ଗାନଦୀର ଅପର ପାର୍ଶ୍ୱକୁ ବିତାଡ଼ିତ କରିବା ସହିତ ରୋହିଲାଖଣ୍ଡର ଏକ ବଡ଼ ଅଂଶ ଅଯୋଧା ସହିତ ମିଶାଇ ଦିଆଗଲା । ଏହି ରାଜ୍ୟର ଏକ ଅଂଶ (ରାମପୁର) ରୋହିଲାଶକ୍ତିର ପ୍ରତିଷ୍ଠାତା ଅଲି ମହମ୍ମଦଙ୍କ ପୁତ୍ର ଫୈଜୁଲା ଖାଁ (Faizullah Khan)ଙ୍କ ଅଧୀନରେ ରଖାଗଲା ।

ଇଂରେଜମାନଙ୍କର ରୋହିଲା ଯୁଦ୍ଧରେ ଅଂଶଗ୍ରହଣକୁ ବିଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରାଯାଇଛି । ବର୍କ, ମ୍ୟାକଲେ, ମିଲ୍ ଓ ଅନ୍ୟମାନେ ହେଷ୍ଟିଂସ୍‌ଙ୍କ ରୋହିଲାନୀତିକୁ କଠୋର ଭାବରେ ନିନ୍ଦା କରିଛନ୍ତି । ସେମାନଙ୍କ ମତରେ ସ୍ୱାର୍ଥସିଦ୍ଧି ପାଇଁ ହେଷ୍ଟିଂସ୍ ସ୍ୱେଚ୍ଛାକୃତ ଭାବରେ ସ୍ୱାଧୀନ ରୋହିଲାମାନଙ୍କର ଜୀବନ ଓ ସ୍ୱତନ୍ତ୍ରତା ବିକ୍ରି କରିଛନ୍ତି ଏବଂ ଅଯୋଧା ସୈନ୍ୟମାନଙ୍କର ରୋହିଲାମାନଙ୍କ ଉପରେ ହୋଇଥିବା ଭୟଙ୍କର ନିଷ୍ଠୁରତାକୁ ଉପେକ୍ଷା କରିଛନ୍ତି; କିନ୍ତୁ ଜନ୍ ଷ୍ଟ୍ରାଚି (John Strachey)ଙ୍କ ପରି କେତେକ ଆଧୁନିକ ଲେଖକ ହେଷ୍ଟିଂସ୍‌ଙ୍କ ନୀତିକୁ ଦୃଢ଼ ସମର୍ଥନ କରନ୍ତି । ସେମାନଙ୍କ ମତରେ କମ୍ପାନୀର ସୁରକ୍ଷା ପାଇଁ ହେଷ୍ଟିଂସ୍ ରୋହିଲାଖଣ୍ଡକୁ ବିନିଯୋଗ କରିଥିଲେ । ରୋହିଲାଖଣ୍ଡକୁ ଅଯୋଧାରେ ମିଶାଇଦେଇ ହେଷ୍ଟିଂସ୍ ପ୍ରତ୍ୟକ୍ଷ ଭାବରେ ଅଯୋଧା ଓ ପରୋକ୍ଷ ଭାବରେ ବଙ୍ଗଳାର ସ୍ଥିତିକୁ ଦୃଢ଼ୀଭୂତ କଲେ ।

ହେଷ୍ଟିଂସ୍ ଓ ଅଯୋଧାର ବେଗମ୍‌ମାନେ (Hastings and the Begums of Oudh)

ସୁଜା ଉଦ୍ଦୌଲା ଜଣେ ବିଚକ୍ଷଣ, କର୍ମଠ ଓ ଚତୁର ଶାସକ ଥିଲେ । ୧୭୭୫ ଜାନୁଆରୀ ୨୬ ତାରିଖ ଦିନ ତାଙ୍କର ଦେହାନ୍ତ ହେଲା । ସୁଜାଙ୍କ ଅନ୍ତେ ତାଙ୍କର ପୁତ୍ର ଆସଫ୍ ଉଦ୍ଦୌଲା ଉତ୍ତରାଧିକାରୀ ରୂପେ କାର୍ଯ୍ୟଭାର ଗ୍ରହଣ କଲେ । ସେ କମ୍ପାନୀ ସହିତ ଫୈଜାବାଦ ଚୁକ୍ତି ସ୍ୱାକ୍ଷର କଲେ । ଏହା ଦ୍ୱାରା ନିଜ ରାଜ୍ୟରେ ରହୁଥିବା କମ୍ପାନୀର ସୈନ୍ୟମାନଙ୍କର ରକ୍ଷଣାବେକ୍ଷଣ ପାଇଁ ଆସଫଙ୍କୁ ଅତିରିକ୍ତ ଅର୍ଥ ଦେବାକୁ ପଡ଼ିଲା । ତାଙ୍କ ଅଧୀନରେ ଅଯୋଧା ହେଲା ଅଧିକ ଦୁର୍ନୀତିଗ୍ରସ୍ତ । ଚୁକ୍ତି ଅନୁଯାୟୀ ନବାବଙ୍କର କମ୍ପାନୀକୁ ଦେୟ ଅର୍ଥ ବକେୟା ରୂପେ ରହିଗଲା । ନବାବଙ୍କ ଆର୍ଥିକ ସ୍ଥିତି ଟଳମଳ ହେଲା ।

ଆସଫଙ୍କର ମାତା ଓ ପିତାମହୀ ମୃତ ନବାବଙ୍କଠାରୁ ବଡ଼ ବଡ଼ ଜମିଦାରୀ ଓ ପ୍ରଚୁର ସମ୍ପତ୍ତି ଲାଭ କରିଥିଲେ । ଆସଫଙ୍କ ମାତା ପୁତ୍ରକୁ ୫୦ ଲକ୍ଷ ଟଙ୍କା ସାହାଯ୍ୟ କରିଥିଲେ; କିନ୍ତୁ ନବାବଙ୍କର ଆର୍ଥିକ ଦୁର୍ଦ୍ଦଶା ଦୂର ହୋଇନଥିଲା । କମ୍ପାନୀ ସୈନ୍ୟମାନଙ୍କର ଖର୍ଚ୍ଚ ତୁଲେଇବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇପଡ଼ିଥିଲା । ତେଣୁ ବେଗମ୍ ଦୁହିଁଙ୍କର

ସମ୍ପତ୍ତି ଅଧିକାର କରିବାକୁ ଆସଫ୍ ଉଦ୍ଦୌଲା ହେଷ୍ଟିଂସ୍‌ଙ୍କ ମତ ନେଲେ । ବେଗମ୍‌ମାନେ ସେମାନଙ୍କ ସମ୍ପତ୍ତି ଭାଗ କରିବାକୁ ଚାହିଁଲେ ନାହିଁ । ନବାବ ଚିନ୍ତା କରିଥିଲେ, ବେଗମ୍‌ମାନଙ୍କର ସମ୍ପତ୍ତି ନେଇ ସେ ଇଂରେଜମାନଙ୍କର ବକେୟା ଅର୍ଥ ପରିଶୋଧ କରିବେ । ନବାବଙ୍କୁ ଅନୁମତି ଦେବାରେ ହେଷ୍ଟିଂସ୍ ମଧ ଦ୍ୱିଧା କଲେ ନାହିଁ । ବେଗମ୍‌ମାନଙ୍କୁ ଦେଇଥିବା ସୁରକ୍ଷା ସେ ପ୍ରତ୍ୟାହାର କରିନେଲେ । ବେଗମ୍‌ମାନେ କ୍ରୋଧରେ ଅସ୍ଥିର ହୋଇପଡ଼ିଲେ । ସେମାନଙ୍କର କ୍ରୋଧ ଦେଖି ନବାବ ଭୟରେ ଥରିବାକୁ ଲାଗିଲେ; କିନ୍ତୁ ସେତେବେଳେ ନବାବଙ୍କୁ ହେଷ୍ଟିଂସ୍ ସାହସ ପ୍ରଦାନ କରିଥିଲେ । ହେଷ୍ଟିଂସ୍‌ଙ୍କ ନିର୍ଦ୍ଦେଶରେ ମିଡ଼ିଲଟନ ଏକ ଦଳ ବ୍ରିଟିଶ୍ ସୈନ୍ୟ ନେଇ ଫୈଜାବାଦ ଯାତ୍ରା କଲେ । ବେଗମ୍‌ମାନେ ସେମାନଙ୍କୁ ପ୍ରତିରୋଧ କରିପାରିଲେ ନାହିଁ । ସେମାନଙ୍କ ସମ୍ପତ୍ତି ବଳପୂର୍ବକ ଅଧିକୃତ ହେଲା ।

ବାସ୍ତବିକ ହେଷ୍ଟିଂସ୍‌ଙ୍କର ଏପରି ଆଚରଣ ସମସ୍ତ ଶିଷ୍ଟାଚାର ଓ ନ୍ୟାୟର ସୀମା ଉଲ୍ଲଙ୍ଘନ କଲା । କୁହାଯାଇପାରେ ଯେ ନବାବ ବେଗମ୍‌ମାନଙ୍କ ଉପରେ ଅତ୍ୟାଚାର କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ; କିନ୍ତୁ ସେ କାର୍ଯ୍ୟରେ ଆଗେଇଯିବା ପାଇଁ ହେଷ୍ଟିଂସ୍ ବ୍ରିଟିଶ୍ ରେସିଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାର୍ଥ ପାଇଁ ଉଚିତ ପଦକ୍ଷେପ ନେଇଛନ୍ତି ବୋଲି ହେଷ୍ଟିଂସ୍ ଯୁକ୍ତି କରିଥିଲେ । ନିର୍ଦ୍ଦେଶନା ମଣ୍ଡଳୀର ଆଦେଶକ୍ରମେ ଅଯୋଧ୍ୟା ବେଗମ୍‌ମାନଙ୍କର ଜାଗିରିର ଏକ ଅଂଶ ସେମାନଙ୍କୁ ଫେରାଇଦେବାକୁ ପଡ଼ିଥିଲା ।

କର୍ଣ୍ଣୱାଲିସ୍ ଏବଂ ସାର୍ ଜନ୍ ସୋର୍‌ଙ୍କ ଅଯୋଧ୍ୟା ନୀତି (Oudh Policy of Cornwallis and Sir John Shore)

କୁ-ଶାସନ ଓ ଆର୍ଥିକ ଦୁର୍ଗତି ଯୋଗୁଁ ଅଯୋଧ୍ୟାର ପରିସ୍ଥିତି ଉଦ୍‌ବେଗଜନକ ହେଲା । କର୍ଣ୍ଣୱାଲିସ୍‌ଙ୍କୁ ନବାବ ଆସଫ୍ ଉଦ୍ଦୌଲା ନିବେଦନ କଲେ ଯେ କାନପୁର ଓ ଫତେଗଡ଼ଠାରେ ଥିବା ବ୍ରିଟିଶ୍ ବାହିନୀକୁ ପ୍ରତ୍ୟାହାର କରାଯାଉ; କିନ୍ତୁ କର୍ଣ୍ଣୱାଲିସ୍ ନବାବଙ୍କଠାରୁ ବ୍ରିଟିଶ୍‌ର ପ୍ରାପ୍ୟ ୭୪ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କାକୁ ହ୍ରାସ କରିଦେଲେ ସିନା ଇଂରେଜ ବାହିନୀକୁ ଓହରେଇ ଆଣିଲେ ନାହିଁ ।

୧୭୯୭ ଖ୍ରୀଷ୍ଟାବ୍ଦରେ ଆସଫ୍‌ଙ୍କର ମୃତ୍ୟୁ ହେଲା । ତାଙ୍କର ଉତ୍ତରାଧିକାରୀ ହେବା ପାଇଁ ଆସଫ୍‌ଙ୍କ ପୁତ୍ର ୱାଜିର ଅଲ୍ଲୀ ଏବଂ ଜ୍ୟେଷ୍ଠଭ୍ରାତା ସାଦତ ଅଲ୍ଲୀଙ୍କ (Saadat Ali) ମଧ୍ୟରେ ବିବାଦ ହେଲା । ସାର୍ ଜନ୍ ସୋର୍ ଏହି ବିବାଦରେ ହସ୍ତକ୍ଷେପ କରି ସାଦତ ଅଲ୍ଲୀଙ୍କୁ ଅଯୋଧ୍ୟାର ନବାବ ପଦରେ ଅଧିଷ୍ଠିତ କଲେ । ସାଦତଙ୍କର ଇଂରେଜମାନଙ୍କ ସହିତ ଗୋଟିଏ ସନ୍ଧି ହେଲା । ଏହି ସନ୍ଧି ଫଳରେ ନବାବଙ୍କର କମ୍ପାନୀକୁ ଦେବାକୁ ଥିବା ବାର୍ଷିକ ଅର୍ଥ ପରିମାଣ ୫୦ ଲକ୍ଷରୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ।

ନୂଆ ନବାବ କମ୍ପାନୀକୁ ପ୍ରଦାନ କଲେ ଆହ୍ଲାବାଦ ଦୁର୍ଗ । ଆହ୍ଲାବାଦ ଦୁର୍ଗକୁ ମାର୍ଶମାନ 'ପ୍ରଦେଶର ସାମରିକ ଚାବି' ବୋଲି ବର୍ଣ୍ଣନା କରିଛନ୍ତି । ୧୭୯୮ ଖ୍ରୀଷ୍ଟାବ୍ଦର ଏହି ସନ୍ଧି ଅଯୋଧ୍ୟାରେ କମ୍ପାନୀର ପ୍ରଭାବ ବୃଦ୍ଧି କଲା; କିନ୍ତୁ ଅଯୋଧ୍ୟା ଶାସନର ଉନ୍ନତି ହେଲା ନାହିଁ । ଅଯୋଧ୍ୟାରେ ଅସ୍ଥିରତା ଲାଗି ରହିଲା । ସୈନ୍ୟମାନେ ବିଶୃଙ୍ଖଳିତ ହେଲେ । କୃଷକମାନଙ୍କୁ ଭୟଭୀତ କରାଯାଇ ଖଜଣା ଆଦାୟ କରାଗଲା । ନ୍ୟାୟ ଥିଲା ଅଜଣା ।

ୱେଲ୍‌ସେଲିଙ୍କ ଅଯୋଧ୍ୟା ନୀତି (Wellesley's Oudh Policy)

ୱେଲ୍‌ସେଲି ଅନୁଭବ କରିଥିଲେ ଯେ ବ୍ରିଟିଶ୍ ସାମ୍ରାଜ୍ୟର ଉତ୍ତର-ପଶ୍ଚିମ ସୀମା ସୁରକ୍ଷା ପାଇଁ ଅଯୋଧ୍ୟା ରାଜ୍ୟକୁ ନିୟନ୍ତ୍ରଣ କରାଯିବା ଉଚିତ । ସେ ଆଳ ଦେଖାଇ କହିଲେ ଯେ କାବୁଲ୍‌ର ଜମାନ ଶାହ ପଞ୍ଜାବ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ହେଲେଣି, ଏହାଦ୍ୱାରା ଉଭୟ ଅଯୋଧ୍ୟା ଓ ବ୍ରିଟିଶ୍‌ର ସାମ୍ରାଜ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି । ସେ ନବାବ ସାଦତ ଅଲ୍ଲୀଙ୍କୁ କହିଲେ ଯେ ସେ ଏକ ଅଧିକ ଶକ୍ତିଶାଳୀ ବାହିନୀ ତାଙ୍କ ରାଜ୍ୟରେ ରଖନ୍ତୁ ଏବଂ ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟର ଏକ ଅଂଶ କମ୍ପାନୀକୁ ହସ୍ତାନ୍ତର କରନ୍ତୁ । ୧୮୦୧ ନଭେମ୍ବର ୧୦ ତାରିଖ ଦିନ ନବାବଙ୍କୁ ୱେଲ୍‌ସେଲି ସାମନ୍ତସନ୍ଧି ଗ୍ରହଣ କରିବାକୁ ବାଧ କଲେ । ଅନିଚ୍ଛା ସତ୍ତ୍ୱେ ନବାବଙ୍କୁ ନିଜ ରାଜ୍ୟରେ ଏକ ଅତିରିକ୍ତ ବ୍ରିଟିଶ୍ ବାହିନୀକୁ ସ୍ଥାନ ଦେବା ସହିତ ସମୃଦ୍ଧ ରୋହିଲାଖଣ୍ଡ ଏବଂ ନିମ୍ନ ଦୋଆବ ଅଞ୍ଚଳ ବ୍ରିଟିଶ୍‌କୁ ଛାଡ଼ିଦେବାକୁ ପଡ଼ିଲା । ଅଯୋଧ୍ୟାକୁ ଆଭ୍ୟନ୍ତରୀଣ ଓ ବାହ୍ୟ ଶତ୍ରୁମାନଙ୍କଠାରୁ ରକ୍ଷା କରିବାକୁ ନବାବଙ୍କ ପାଖରେ କମ୍ପାନୀ ସଂକଳ୍ପ କଲା ।

ୱେଲ୍‌ସେଲିଙ୍କ ଅଯୋଧ୍ୟା ନୀତିକୁ କେବଳ ଐତିହାସିକ ନୁହେଁ, କମ୍ପାନୀର ନିର୍ଦ୍ଦେଶକମାନେ ମଧ ନିନ୍ଦା କରିଛନ୍ତି । ଅଯୋଧ୍ୟାରେ ବ୍ରିଟିଶ୍‌ର ହସ୍ତକ୍ଷେପ ଏହାର ଶାନ୍ତି ଓ ସୁଶାସନ ବୃଦ୍ଧି ପାଇଁ ବିଫଳ ହୋଇଥିଲା । କେବଳ ଅଯୋଧ୍ୟା ନୁହେଁ, ସାମନ୍ତ ସନ୍ଧି ଗ୍ରହଣ କରିଥିବା ଅନେକ ରାଜ୍ୟ କୁଶାସନଜନିତ ଦୁର୍ଭାଗ୍ୟରୁ ମୁକ୍ତି ପାଇ ନଥିଲେ । ଏହି କୁ-ଶାସନକୁ ଭିତ୍ତି କରି ଡ୍ୟାଲହାଉସୀ କେତେକ ରାଜ୍ୟକୁ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

ଅଯୋଧ୍ୟାର ଭାଗ୍ୟ (The Fate of Oudh)

୧୮୧୪ ଖ୍ରୀଷ୍ଟାବ୍ଦରେ ସାଦତ ଅଲ୍ଲୀ ମୃତ୍ୟୁ ମୁଖରେ ପଡ଼ିଲେ । ତାଙ୍କର ଉତ୍ତରାଧିକାରୀ ରୂପେ ଆସିଥିଲେ ନବାବ ଘାଜୀ-ଉଦ୍ଦୀନ-ହାଇଦର । ୧୮୧୮ରେ ସେ ଲର୍ଡ ହେଷ୍ଟିଂସ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇ ନବାବ ପଦ ତ୍ୟାଗ କଲେ ଏବଂ ରାଜା ଉପାଧି ଧାରଣ କଲେ । ଘାଜୀଙ୍କ ଉତ୍ତରାଧିକାରୀ ରୂପେ ୧୮୨୭ରେ ଅଯୋଧ୍ୟାର ରାଜା ହେଲେ

ନାସିରଉଦ୍ଦୀନ-ହାଇଦର । ତାଙ୍କର ଅପାରଗତା ଯୋଗୁଁ ଶାସନ ଅଧିକ ବିଶୃଙ୍ଖଳିତ ହୋଇପଡ଼ିଲା । ନାସିରଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ମହମ୍ମଦ ଅଲ୍ଲୀଙ୍କ ସହିତ ନୂତନ ବଡ଼ଲାଟ୍ ଆକ୍‌ଲ୍ୟାଣ୍ଡ୍ ୧୮୩୭ ଖ୍ରୀଷ୍ଟାବ୍ଦରେ ଏକ ସନ୍ଧି କଲେ । ଏହି ସନ୍ଧିର ସର୍ତ୍ତ ହେଲା ଯେ ରାଜା ଅଯୋଧ୍ୟା ଶାସନରେ ଗୁଣାତ୍ମକ ପରିବର୍ତ୍ତନ ଆଣନ୍ତୁ କିମ୍ବା ନିଜେ ନାମକୁ ମାତ୍ର ସାର୍ବଭୌମ କ୍ଷମତା ରଖି ଅଯୋଧ୍ୟାର ଶାସନ ବ୍ରିଟିଶ୍ ସରକାରଙ୍କୁ ହସ୍ତାନ୍ତର କରନ୍ତୁ । ତାଙ୍କ ପରେ ବଡ଼ଲାଟ୍ ହାର୍ଡ଼ିଞ୍ଜ ମଧ୍ୟ ଅଯୋଧ୍ୟାର ନୂଆ ରାଜା ଆମଜାଦ ଅଲ୍ଲୀ ଶାହଙ୍କୁ ଅଯୋଧ୍ୟା ଶାସନର ଉନ୍ନତି ଘଟାଇବାକୁ ଚେତାଇଦେଲେ ।

ଅଯୋଧ୍ୟା ଅଧିକାର (Occupation of Oudh)

୧୮୪୮ ଖ୍ରୀଷ୍ଟାବ୍ଦରେ ଡ୍ୟାଲହାଉସୀ ଦେଖିଲେ ଯେ ଅଯୋଧ୍ୟା ଅବସ୍ଥା ଅଧିକ ଦୁଃଖପୂର୍ଣ୍ଣ ହୋଇପଡ଼ିଛି । ଅଯୋଧ୍ୟାର ଦୁଃଖଦ ପରିଣତି ପାଇଁ ସେ ରାଜା ୱାଲିଦ ଅଲ୍ଲୀ ଶାହ (୧୮୪୭-୧୮୫୬)ଙ୍କୁ ଦାୟୀ କଲେ । ଅଯୋଧ୍ୟାରେ କୁ-ଶାସନର ପତନ ଘଟାଇବାକୁ ସେ କଠୋର ପଦକ୍ଷେପ ନେଲେ । ୧୮୫୬ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ମାସ ୧୩ ତାରିଖ ଦିନ ଅଯୋଧ୍ୟା ବ୍ରିଟିଶ୍ ସାମ୍ରାଜ୍ୟରେ ମିଶିଗଲା । ଡ୍ୟାଲହାଉସୀ ଦୃଢ଼ ମତପୋଷଣ କଲେ, ଏହି ମିଶ୍ରଣ ଫଳରେ ଅଯୋଧ୍ୟା ଲୋକମାନଙ୍କର ଅବସ୍ଥା ଉନ୍ନତି ଘଟିବ । ଅଯୋଧ୍ୟାର ଶେଷ ରାଜା ୱାଲିଦଙ୍କୁ ଏକ ପେନ୍‌ସନ୍ ଦେଇ ଡ୍ୟାଲହାଉସୀ କଲିକତା ପ୍ରେରଣ କଲେ; କିନ୍ତୁ ପ୍ରକୃତ ପକ୍ଷେ ଅଯୋଧ୍ୟାରେ କୁ-ଶାସନର ଉନ୍ନତି ଘଟିନଥିଲା । ଅଯୋଧ୍ୟାରୁ ବ୍ରିଟିଶ୍‌ର ଆର୍ଥିକ ଶୋଷଣ ଥିଲା ଏପରି କୁଶାସନର ବଡ଼ କାରଣ । କମ୍ପାନୀର କର୍ମଚାରୀମାନେ ନବାବଙ୍କ ନବର ଓ ସମ୍ପତ୍ତି ଲୁଣ୍ଠନ କରିଥିଲେ ।

ବ୍ରିଟିଶ୍-ପଞ୍ଜାବ ସମ୍ପର୍କ
(British-Punjab Relation)

ବାନ୍ଦା ଶିଖ୍‌ମାନଙ୍କୁ ସଙ୍ଗଠିତ କରି ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରସ୍ତୁତ କରିଥିଲେ । ସେ ମୋଗଲମାନଙ୍କ ଦ୍ୱାରା ନିହତ ହେଲେ, ତା' ସତ୍ତ୍ୱେ ଖାଲ୍‌ସା ସାମରିକ ଶକ୍ତି ଭାଙ୍ଗିଯାଇ ନଥିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ନାଦିର ଶାହ ଓ ୧୭୪୮ରୁ ୧୭୫୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅବଦାଲୀଙ୍କ ଆକ୍ରମଣ ସମୟରେ ପଞ୍ଜାବରୁ ମୋଗଲ ପ୍ରାଧାନ୍ୟ ହ୍ରାସ ପାଇଥିଲା । ନିଜର ସାମରିକ ଶକ୍ତି ଓ ରାଜନୈତିକ ପ୍ରଭାବ ବିସ୍ତାର କରିବାକୁ ଏହା ଦ୍ୱାରା ଶିଖ୍‌ମାନେ ସୁଯୋଗ ପାଇଥିଲେ । ସେମାନଙ୍କ ଶକ୍ତିକୁ ଭାଙ୍ଗିଦେବା ପାଇଁ ଅବଦାଲୀଙ୍କ ସମସ୍ତ ଉଦ୍ୟମକୁ ଶିଖ୍‌ମାନେ ବ୍ୟର୍ଥ କରିଦେଇଥିଲେ । ୧୭୬୪ରେ ପଞ୍ଜାବରେ ଥିବା ଅବଦାଲୀଙ୍କ ସେନାପତିଙ୍କଠାରୁ ଶିଖ୍‌ମାନେ ଲାହୋର ଅଧିକାର କଲେ । ଝେଲମ୍‌ଠାରୁ

ସତଲେଜ୍ ନଦୀ ପର୍ଯ୍ୟନ୍ତ ବ୍ୟାପିଥିବା ଭୂଖଣ୍ଡ ଶିଖ୍ ସର୍ଦ୍ଦାର ଓ ସେମାନଙ୍କ ଅନୁଗାମୀମାନଙ୍କ ଦ୍ୱାରା ବିଭାଜିତ ହେଲା । ପରିଶେଷରେ ୧୭୬୭ରେ ଅହମଦ ଶାହ ଅବଦାଲୀ ଭାରତ ତ୍ୟାଗ କଲେ । ତାଙ୍କର ଦୁର୍ବଳ ଉତ୍ତରାଧିକାରୀ ତିମୂର ଶାହଙ୍କଠାରୁ ଶିଖ୍‌ମାନେ ୧୭୭୩ ସୁଦ୍ଧା ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ଛଡାଇ ଆଣିଥିଲେ । ଶିଖ୍‌ମାନଙ୍କର ପ୍ରାଧାନ୍ୟ ପୂର୍ବରେ ଶାହରାନପୁରରୁ ପଶ୍ଚିମରେ ଆଟୋକ ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ମୁଲତାନଠାରୁ ଉତ୍ତରରେ କାଙ୍ଗ୍ରା ଓ ଜାମ୍ମୁ ପର୍ଯ୍ୟନ୍ତ ବିସ୍ତାର ଲାଭ କଲା । ଅବଶ୍ୟ ଶିଖ୍ ସର୍ଦ୍ଦାରମାନେ ଏକତାବଦ୍ଧ ହୋଇ ଗୋଟିଏ ବୃହତ୍ ଶିଖ୍ ରାଜ୍ୟ ଗଠନ କରିପାରିଲେ ନାହିଁ । ସେତେବେଳେ ୧୨ଟି ଶିଖ୍ ରାଜ୍ୟ ଥିଲା, ସେଗୁଡ଼ିକୁ କୁହାଯାଉଥିଲା ଶିଖ୍ ମିସଲ (Misls) । ଶିଖ୍ ସର୍ଦ୍ଦାରମାନେ ପରସ୍ପର ମଧ୍ୟରେ କଳହ କରୁଥିଲେ । ସେମାନେ ଧର୍ମଭିତ୍ତିକ ସାମନ୍ତବାଦ ନୀତିରେ ଶାସନ କରୁଥିଲେ । ଯେତେବେଳେ ଇଂରେଜ ସାମ୍ରାଜ୍ୟ ବିସ୍ତାର ଲାଭ କରୁଥିଲା, ସେତେବେଳେ ରଣଜିତ୍ ସିଂହ ଶିଖ୍ ସାମନ୍ତବାଦକୁ ଧ୍ୱଂସ କରି ଜଣେ ଜାତୀୟ ସମ୍ରାଟଙ୍କ ଅଧୀନରେ ଶିଖ୍‌ମାନଙ୍କୁ ସଂଗଠିତ କରିବାକୁ ଆଗେଇଆସିଲେ ।

ରଣଜିତ୍ ସିଂହ ଓ ତାଙ୍କର ରାଜ୍ୟ ଜୟ (Ranjit Singh and His Conquest)

ରଣଜିତ୍ ସିଂହଙ୍କ ଆଗମନ ଫଳରେ ପଞ୍ଜାବ ରାଜନୀତିରେ ବିପୁଳ ପରିବର୍ତ୍ତନ ଆସିଥିଲା । ଶିଖ୍ ସାମନ୍ତବାଦ ବଦଳରେ ପ୍ରତିଷ୍ଠିତ ହୋଇଥିଲା ସାମରିକ ରାଜତନ୍ତ୍ର । ୧୭୮୦ ନଭେମ୍ବର ୧୩ ତାରିଖ ଦିନ ରଣଜିତ୍ ଜନ୍ମ ହୋଇଥିଲେ । ତାଙ୍କ ପିତା ମହାସିଂହ ଥିଲେ ସୁକେରଚାକିଆ (Sukerchakia) ନାମକ ଶିଖ୍ ଦଳର ନେତା । ୧୦ ବର୍ଷ ବୟସରେ ରଣଜିତ୍ ପିତାଙ୍କୁ ହରାଇଥିଲେ । ବସନ୍ତ ରୋଗରେ ତାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇଯାଇଥିଲା । ତାଙ୍କର ଶିକ୍ଷା ପ୍ରତି ଆଗ୍ରହ ନଥିଲା । ଖେଳ ଓ ଯୁଦ୍ଧବିଦ୍ୟା ପ୍ରତି ସେ ଅନୁରାଗ ପ୍ରକାଶ କରିଥିଲେ । ରଣଜିତ୍ ସିଂହ ପିତାଙ୍କଠାରୁ ଏକ କ୍ଷୁଦ୍ର ରାଜ୍ୟ ଲାଭ କରିଥିଲେ । ଗୁଜୁରାନୱାଲା, ୱାଜିରାବାଦ, ସିଆଲକୋଟ ଓ ରୋହଟାସକୁ ନେଇ ତାଙ୍କ ରାଜ୍ୟ ଗଠିତ ହୋଇଥିଲା । ୧୭୯୩ରୁ ୧୭୯୮ ପର୍ଯ୍ୟନ୍ତ କାବୁଲର ଜମାନ ଶାହ ଭାରତ ଆକ୍ରମଣ କରିଥିଲେ । ରଣଜିତ୍‌ଙ୍କଠାରୁ ସାହାଯ୍ୟ ପାଇ ଜମାନ ଶାହ ତାଙ୍କୁ ଲାହୋରର ଶାସନକର୍ତ୍ତା ଭାବରେ ନିଯୁକ୍ତି ଦେଲେ । ୧୭୯୮ରେ ଜମାନ ଶାହ ରଣଜିତ୍‌ଙ୍କୁ ରାଜା ଉପାଧି ପ୍ରଦାନ କରିଥିଲେ । ସେହିଠାରୁ ଆରମ୍ଭ ହୋଇଥିଲା ରଣଜିତ୍‌ଙ୍କ ଅଭୂତପୂର୍ବ ସାମରିକ କାର୍ଯ୍ୟକଳାପ । ସେ ପଞ୍ଜାବରୁ ଆଫଗାନ୍ ପ୍ରଭାବ ଚୂର୍ଣ୍ଣ କଲେ । ରଣଜିତ୍‌ଙ୍କ ସାମରିକ ପ୍ରତିଭାରେ ଶିଖ୍ ସର୍ଦ୍ଦାରମାନେ କେବଳ ବିସ୍ମିତ ହେଲେ ନାହିଁ, ସେମାନେ ତାଙ୍କୁ ଈର୍ଷା ମଧ୍ୟ କଲେ । ସେମାନେ ଏକତ୍ରିତ ହୋଇ ରଣଜିତ୍‌ଙ୍କୁ ଯୁଦ୍ଧ ପାଇଁ

ଆହ୍ୱାନ କଲେ; କିନ୍ତୁ ସେମାନଙ୍କ ମଧ୍ୟରେ କଳହ ଲାଗି ରହିବାରୁ ଯୁଦ୍ଧ କରିବା ସମ୍ଭବ ହେଲା ନାହିଁ । 'ଜୋର ଯାହାର, ମୂଲକ ତାହାର' ନୀତିରେ ରଣଜିତ୍ ସିଂହ ଆଗେଇଗଲେ ଓ ଗୋଟିଏ ପରେ ଗୋଟିଏ ମିସଲ (ଶିଖ୍ ରାଜ୍ୟ) ଅଧିକାର କଲେ । ୧୮୦୨ ଖ୍ରୀଷ୍ଟାବ୍ଦରେ ସେ ଅମୃତସର ଅଧିକାର କଲେ । ସେ ଗୁଜୁରାଟ ଆକ୍ରମଣ କରି ସେଠିକାର ରାଜାଙ୍କୁ ପରାସ୍ତ କଲେ । ୧୮୦୭ରେ ଦାଲେଓ୍ୱାଲା (Dallewala) ଏବଂ ଏହାପରେ କାରୋସିଙ୍ଘିଆ (Karosinghia) ତାଙ୍କର ଅଧିକାରକୁ ଆସିଥିଲା । ୧୮୧୧ ଖ୍ରୀଷ୍ଟାବ୍ଦରେ ରଣଜିତ୍ କଂଗ୍ରା ଜିଲ୍ଲା ଅଧିକାର କଲେ । ୧୮୧୨ ଖ୍ରୀଷ୍ଟାବ୍ଦ ସୁଦ୍ଧା ଜଳନ୍ଧର, ଦୋଆବ୍, ଫତେପୁର ଏବଂ ମିର୍ଥାଲ ତାଙ୍କର ସାମ୍ରାଜ୍ୟଭୁକ୍ତ ହେଲା । ୧୮୧୫ରେ ସେ ଜୟ କଲେ ରାମଗଡ଼ । ଯେତେବେଳେ ଆଫଗାନ୍ ରାଜା ଶାହ-ସୁଜା ଲାହୋରଠାରେ ରଣଜିତ୍‌ଙ୍କ ଆଶ୍ରୟ ପ୍ରାର୍ଥୀ ହେଲେ, ସେ ତାଙ୍କଠାରୁ ଲାଭ କଲେ ବିଶ୍ୱ ବିଖ୍ୟାତ କୋହିନୂର ହୀରା । ସେ ମଧ୍ୟ ମୁଲତାନ (୧୮୧୮) ଓ କାଶ୍ମୀର (୧୮୧୯) ଅଧିକାର କରିବାରେ ସଫଳ ହୋଇଥିଲେ । ୧୮୨୪ ଖ୍ରୀଷ୍ଟାବ୍ଦ ସୁଦ୍ଧା ସିନ୍ଧୁ ଅଞ୍ଚଳର ଏକ ବିସ୍ତୃତ ଅଞ୍ଚଳ ରଣଜିତ୍‌ଙ୍କ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଏହିପରି ଖୁବ୍ ଅଳ୍ପକାଳ ମଧ୍ୟରେ ବିକ୍ଷିପ୍ତ ହୋଇ ରହିଥିବା ଶିଖ୍ ରାଜ୍ୟଗୁଡ଼ିକ ଏକତ୍ର କରି ସେ ଏକ ସାମ୍ରାଜ୍ୟ ଗଢ଼ିଥିଲେ । ଏହା କେବଳ ତାଙ୍କର 'ରକ୍ତ ଓ ଲୌହନୀତି' ଯୋଗୁଁ ସମ୍ଭବ ହୋଇପାରିଲା । ତା' ସହିତ ସେ ପଞ୍ଜାବରେ ଏକ ସ୍ଥିର ଓ ନିର୍ମଳ ଶାସନ ପ୍ରଦାନ କଲେ ।

ବ୍ରିଟିଶ୍-ରଣଜିତ୍ ସମ୍ପର୍କ (British-Ranjit Relation)

ସେ ସମୟର ରାଜନୈତିକ ସ୍ଥିତିକୁ ବିଚାରକୁ ନେଇ ଉଭୟ ରଣଜିତ୍ ସିଂହ ଓ ଇଂରେଜମାନେ ପରସ୍ପରର ମିତ୍ରତା କାମନା କରିଥିଲେ । ମନେହୁଏ, ରଣଜିତ୍ ସିଂହ ଓ ଇଂରେଜମାନଙ୍କ ମଧ୍ୟରେ ୧୮୦୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ସମ୍ପର୍କ ଆରମ୍ଭ ହେଲା । ସେତେବେଳେ ଆଫଗାନିସ୍ତାନର ରାଜା ଜମାନ ଶାହ ଭାରତ ଆକ୍ରମଣ କରିବାକୁ ଆସିଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଟିପୁ ସୁଲତାନ ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କଲେ । ତେଣୁ ଇଂରେଜମାନେ ରଣଜିତ୍‌ଙ୍କ ସମର୍ଥନ ପାଇବା ପାଇଁ ଏକ ସ୍ୱତନ୍ତ୍ର ଦୂତ ତାଙ୍କ ଦରବାରକୁ ପଠାଇଥିଲେ । ପୁନଶ୍ଚ ୧୮୦୫ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନଙ୍କର ନେତା ହୋଲକାର ଇଂରେଜମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ସେ ରଣଜିତ୍‌ଙ୍କ ସାହାଯ୍ୟ ଭିକ୍ଷା କଲେ । ରଣଜିତ୍ ଅନୁଭବ କରିଥିଲେ ଯେ ହୋଲକାରଙ୍କୁ ସାହାଯ୍ୟ କରିବା ଅର୍ଥ ତାଙ୍କୁ ବ୍ରିଟିଶ୍ ବିରୁଦ୍ଧରେ ଅସ୍ତ୍ର ଧରିବାକୁ ହେବ, ଯାହା ସେ ଚାହିଁଲେ ନାହିଁ । ଏହା ରଣଜିତ୍ ଓ ଇଂରେଜମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିଥିଲା ।

ସିସ୍-ସତଲେଜ୍ (Cis-Sutlej) ଅଞ୍ଚଳ ଅଧିକାର କରିବା ଥିଲା ରଣଜିତ୍ ସିଂହଙ୍କ ଲକ୍ଷ୍ୟ । ତାହାକୁ ନେଇ ରଣଜିତ୍‌ଙ୍କର ଇଂରେଜମାନଙ୍କ ସହିତ ସଂଘର୍ଷ ଘଟିବାର ଆଶଙ୍କା ହେଲା; କିନ୍ତୁ ସେତେବେଳେ ଫରାସୀ ସମ୍ରାଟ ନେପୋଲିୟନଙ୍କର ଭାରତ ଉପରେ ଆକ୍ରମଣର ସମ୍ଭାବନା ଥିବାରୁ ଇଂରେଜମାନେ ଭାରତର ଉତ୍ତର-ପଶ୍ଚିମ ସୀମା ସୁରକ୍ଷିତ ରଖିବାକୁ ଚାହୁଁଥିଲେ । ଇଂରେଜଦୂତ ମେଟକାଫ୍ (Metcalf) ରଣଜିତ୍‌ଙ୍କ ଦରବାରକୁ ଆସି ତାଙ୍କୁ ବ୍ରିଟିଶ୍ ପକ୍ଷରେ ଅନ୍ତର୍ଭୁକ୍ତ କଲେ । ରଣଜିତ୍ ମଧ୍ୟ ସିସ୍-ସତଲେଜ୍ ରାଜ୍ୟଗୁଡ଼ିକୁ ତାଙ୍କର ତୃତୀୟ ଅଭିଯାନ ଚଳାଇଲେ । ଠିକ୍ ସେତେବେଳେ ଇଉରୋପର ରାଜନୀତିକ ସ୍ଥିତି ବଦଳିଗଲା । ନେପୋଲିୟନଙ୍କର ଭାରତ ଆକ୍ରମଣର ଭୟ ରହିଲା ନାହିଁ । ତା'ର ସୁଯୋଗ ନେଇ ଇଂରେଜମାନେ ୧୮୦୯ ଖ୍ରୀଷ୍ଟାବ୍ଦରେ ରଣଜିତ୍ ସିଂହଙ୍କ ସହିତ ଅମୃତସର ସନ୍ଧି ସ୍ୱାକ୍ଷର କରାଇନେଲେ । ଏହାଦ୍ୱାରା ସତଲେଜ୍ ନଦୀକୁ ନିଜ ରାଜ୍ୟର ଦକ୍ଷିଣ-ପୂର୍ବ ସୀମା ରୂପେ ରଣଜିତ୍‌ଙ୍କୁ ସ୍ୱୀକାର କରିବାକୁ ପଡ଼ିଲା । ଅବଶ୍ୟ ସମଗ୍ର ପଞ୍ଜାବ ରଣଜିତ୍ ସିଂହଙ୍କ ଶାସନାଧୀନ ହେଲା । ୧୮୨୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରଣଜିତ୍ ଇଂରେଜମାନଙ୍କ ବିରୋଧରେ ଶତ୍ରୁତାର ମନୋଭାବ ରଖି ନଥିଲେ; କିନ୍ତୁ ଇଂରେଜମାନେ ରଣଜିତ୍ ସିଂହଙ୍କ କାର୍ଯ୍ୟକଳାପ ପ୍ରତି ସର୍ବଦା ସଜାଗ ଥିଲେ । ଯାହାହେଉ ୧୮୩୧ରେ ଲର୍ଡ ବେଣ୍ଟିକ୍ ଓ ରଣଜିତ୍ ସିଂହ ରୁପାରଠାରେ ମିଳିତ ହୋଇ ସେମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପୁନଶ୍ଚ ଦୃଢ଼ୀଭୂତ କରିଥିଲେ । ୧୮୩୪ ଖ୍ରୀଷ୍ଟାବ୍ଦରେ ରଣଜିତ୍ ସିଂହ ଶିକରପୁର ଆକ୍ରମଣ କରିଥିଲେ ମଧ୍ୟ ଇଂରେଜମାନଙ୍କର ବିରୋଧତା ଯୋଗୁଁ ପଛକୁ ହଟି ଆସିଲେ । ୧୮୩୯ ଖ୍ରୀଷ୍ଟାବ୍ଦ ଜୁନ୍ ୨୭ ତାରିଖ ଦିନ ରଣଜିତ୍ ସିଂହଙ୍କର ମୃତ୍ୟୁ ହୋଇଥିଲା ।

ରଣଜିତ୍ ସିଂହଙ୍କ ମୂଲ୍ୟାୟନ (Estimate of Ranjit Singh)

କେବଳ ପଞ୍ଜାବ ନୁହେଁ, ଭାରତ ଇତିହାସରେ ରଣଜିତ୍ ସିଂହ ଏକ ଉଚ୍ଚସ୍ଥାନ ଅଧିକାର କରିଛନ୍ତି । ତାଙ୍କର କଦାକାର ଚେହେରା ମଧ୍ୟରୁ ଏକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଉଇଁ ଆସିଥିଲା । ରଣଜିତ୍ ଥିଲେ ଜଣେ ଦୁଃସାହସୀ ବୀର । କେବଳ ଖଣ୍ଡା ବଳରେ ହିଁ ସେ ଏକ ବୃହତ୍ ସାମ୍ରାଜ୍ୟ ଗଢ଼ିବାରେ ସଫଳ ହୋଇପାରିଥିଲେ । ଜନୈକ ଫରାସୀ ପର୍ଯ୍ୟଟକ ରଣଜିତ୍‌ଙ୍କୁ 'କ୍ଷୁଦ୍ର ନେପୋଲିୟନ' ରୂପେ ଅଭିହିତ କରିଛନ୍ତି । ସେ ଅତ୍ୟାଚାରୀ ନଥିଲେ । ନିଜେ ଶିଖ୍ ହେଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ସେ ଥିଲେ ଖୁବ୍ ସହନଶୀଳ ।

ସେ ଥିଲେ ଜଣେ ଦକ୍ଷ ଶାସକ । ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ମଧ୍ୟ ସେ ସ୍ୱେଚ୍ଛାଚାରୀ ନଥିଲେ । ତାଙ୍କର ଶାସନ ସ୍ୱଚ୍ଛ ଓ ନିର୍ମଳ ଥିଲା । ସେ ଏକ ପ୍ରଜାମଙ୍ଗଳ ରାଷ୍ଟ୍ର ଗଠନ ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କ ରାଜ୍ୟ ଉତ୍ପାଦନ ଓ ବାଣିଜ୍ୟ କ୍ଷେତ୍ରରେ ଅଗ୍ରଗତି କରିଥିଲା ।

ଅବଶ୍ୟ ସମାଲୋଚନା କରାଯାଏ ଯେ ରଣଜିତ୍ ସିଂହ ଉଚ୍ଚକୋଟୀର ରାଷ୍ଟ୍ରନୀତିଜ୍ଞ ନଥିଲେ । ସେ ଇଂରେଜମାନଙ୍କୁ ଠିକ୍ ରୂପେ ବୁଝିଥିଲେ ମଧ୍ୟ ଭାରତୀୟ ଶକ୍ତିକୁ ଏକଜୁଟ କରି ସେମାନଙ୍କୁ ଦମନ କରିବାକୁ ଚେଷ୍ଟା କରିନଥିଲେ । ତାଙ୍କ ମୃତ୍ୟୁର ମାତ୍ର ଦଶ ବର୍ଷ ମଧ୍ୟରେ ତାଙ୍କ ବୃହତ୍ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିଥିଲା । ତା' ସତ୍ତ୍ୱେ ରଣଜିତ୍‌ଙ୍କ ନାମ ପଞ୍ଜାବର ପ୍ରତ୍ୟେକ ପରିବାର ମଧ୍ୟରେ ଏବେ ମଧ୍ୟ ପ୍ରତିଧ୍ୱନିତ ।

ପ୍ରଥମ ଶିଖ୍ ଯୁଦ୍ଧ ୧୮୪୫-୪୬ (The First Sikh War)

ରଣଜିତ୍ ସିଂହଙ୍କ ଦ୍ୱାରା ଗଠିତ ଶିଖ୍ ସାମରିକ ଶାସନ ଦଶବର୍ଷଠାରୁ ଅଧିକ କାଳ ତିଷ୍ଠି ରହିପାରିନଥିଲା । ତାଙ୍କର ମୃତ୍ୟୁ ପରେ ଶିଖ୍ ସାମ୍ରାଜ୍ୟରେ ଅସ୍ଥିରତା ଓ ଅରାଜକତା ଘନେଇ ଆସିଲା । ୧୮୪୩ ଖ୍ରୀଷ୍ଟାବ୍ଦ, ରଣଜିତ୍ ସିଂହଙ୍କର ନାବାଳକ ପୁତ୍ର ଦାଲିପ ସିଂହ ରାଜା ହେବା ପର୍ଯ୍ୟନ୍ତ, ଜଣକ ପରେ ଜଣେ ଦୁର୍ବଳ ଶାସକ ସିଂହାସନଚ୍ୟୁତ ହୋଇଥିଲେ । ଶିଖ୍ ସର୍ଦ୍ଦାର ଓ ସାମରିକ କର୍ମକର୍ତ୍ତାମାନେ ପଞ୍ଜାବ ଶାସନକୁ ନିୟନ୍ତ୍ରଣ କରୁଥିଲେ । ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତା କାର୍ଯ୍ୟରେ ସେମାନେ ସର୍ବଦା ନିଜକୁ ଲିପ୍ତ ରଖୁଥିଲେ । ଏହି ସମୟରେ ସୈନ୍ୟବାହିନୀ ଖୁବ୍ ଶକ୍ତିଶାଳୀ ହୋଇ ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କଲା । ସୈନ୍ୟମାନେ ନିଜର ପଞ୍ଚାୟତ ଗଠନ କରି ରାଜ୍ୟ ବିଷୟରେ ନିଷ୍ପତ୍ତି ନେଉଥିଲେ, ଅଥଚ ସେମାନେ ରାଜ୍ୟର ମଙ୍ଗଳ ପାଇଁ କୌଣସି କାର୍ଯ୍ୟ କରିବାରେ ବିଫଳ ହେଉଥିଲେ । ସେମାନେ ଉଚ୍ଛୃଙ୍ଖଳ ଓ କ୍ରୋଧୀ ଥିଲେ । ଦାଲିପ ସିଂହ ନାବାଳକ ଥିବା ଯୋଗୁଁ ରାଣୀ ଜିନ୍ଦନ ତାଙ୍କର ପ୍ରତିନିଧି ରୂପେ ରାଜ୍ୟ କାର୍ଯ୍ୟ ହାତକୁ ନେଲେ। ସେ କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଥିଲେ ଜଣେ ନୀତିଜ୍ଞାନହୀନା ନାରୀ । ଏକଛତ୍ରବାଦୀ ସୈନ୍ୟମାନଙ୍କୁ ରାଣୀ ନିୟନ୍ତ୍ରଣ କରିପାରି ନଥିଲେ । ଅଧିକାଂଶ ଶିଖ୍ ସର୍ଦ୍ଦାର ମତଦେଲେ ଯେ ସୈନ୍ୟଶକ୍ତିକୁ ବିନାଶ କରିବା ଉଚିତ ହେବ ଏବଂ ସେମାନଙ୍କୁ ଇଂରେଜମାନଙ୍କ ସହିତ ଯୁଦ୍ଧରେ ଲିପ୍ତ କରିଦେଲେ ଏହା ସମ୍ଭବ ହୋଇପାରିବ । ମନେହେଲା, ଶକ୍ତିଶାଳୀ ଇଂରେଜମାନେ କେବଳ ଦୁର୍ଦ୍ଧର୍ଷ ଶିଖ୍ ସୈନ୍ୟଙ୍କୁ ଧ୍ୱଂସ କରିଦେଇ ପାରିବେ, ଆଉ ଯଦି ବି ଶିଖ୍‌ସେନା ଇଂରେଜମାନଙ୍କ ଉପରେ ବିଜୟ ଲାଭ କରନ୍ତି, ତା'ହେଲେ ନୂତନ ନୂତନ ସାମରିକ ଅଭିଯାନରେ ଯାତ୍ରା କରି ସେମାନେ ନିଜେ ନିଜର ଶକ୍ତି କ୍ଷୟ କରିଦେବେ। ବିଶ୍ୱାସ କରାଯାଏ ଯେ, ରାଣୀ ଜିନ୍ଦନ ଏବଂ ଲାଲ ସିଂହ, ତେଜ ସିଂହ ଓ ଗୋଲାବ ସିଂହ ଇଂରେଜମାନଙ୍କ ବିରୁଦ୍ଧରେ ଖାଲସା ସୈନ୍ୟମାନଙ୍କୁ ଉତ୍ତେଜିତ କରୁଥିଲେ ।

ଇଂରେଜମାନେ ପଞ୍ଜାବରେ ଘଟିଯାଉଥିବା ରାଜନୀତିକ ଦୃଶ୍ୟଗୁଡ଼ିକର ନୀରବ ଦ୍ରଷ୍ଟା ନଥିଲେ । ରଣଜିତ୍ ସିଂହଙ୍କ ପରେ ସେମାନଙ୍କୁ ପଞ୍ଜାବ ଅଧିକାର କରିବା ନିଶା

ଘାରିଥିଲା । ଇଂରେଜମାନଙ୍କର ପଞ୍ଜାବ ଅଧିକାର କରିବା ତୃଷ୍ଣା ଯେ ପ୍ରବଳ ଥିଲା, ଏକଥା ଶ୍ରୀମତୀ ହେନରୀ ଲରେନ୍ସ ୧୮୪୧, ମେ ୨୬ ତାରିଖ ଦିନ ପଠାଇଥିବା ଚିଠିରୁ ସୂଚନା ମିଳେ । "ନିଃସନ୍ଦେହରେ ମନେହୁଏ ଯେ ପରବର୍ତ୍ତୀ ଥଣ୍ଡା ଜଳବାୟୁ ଅନେକ ଦିନରୁ ସ୍ଥଗିତ ଥିବା ପଞ୍ଜାବ ଅଧିକାର ପ୍ରଶ୍ନ ସ୍ଥିର କରିବ ।" ସେମାନେ ପଞ୍ଜାବର ବଡ ବଡ ଶିଖ୍ ସମ୍ଭ୍ରାନ୍ତଙ୍କ ସହିତ ସମ୍ପର୍କ ରଖୁଥିଲେ । ବଡ଼ଲାଟ୍ ଲର୍ଡ ଏଲେନ୍‌ବରୋ (୧୮୪୨-୪୪) ପଞ୍ଜାବ ଅଧିକାର କରିବାକୁ ଖୁବ୍ ଲାଳାୟିତ ଥିଲେ । ସତଲେଜ୍ ନଦୀ ଉପରେ ପୋଲ ନିର୍ମାଣ କରି ଓ ଏହି ନଦୀକୁ ନୌକାରେ ପାରିହେବା ପାଇଁ ସେ ଯୋଜନା କରିଥିଲେ । ପଞ୍ଜାବ ସୀମାରେ ସେ ଇଂରେଜ ସାମରିକ ଶକ୍ତି ବୃଦ୍ଧି କଲେ । ଏଲେନ୍‌ବରୋଙ୍କ ପରେ ବଡ଼ଲାଟ ହୋଇ ଆସିଥିବା ଲର୍ଡ ହାର୍ଡିଞ୍ଜ ମଧ୍ୟ ପୂର୍ବ ପଞ୍ଜାବ ନୀତି ଗ୍ରହଣ କଲେ । ପଞ୍ଜାବ ସୀମାରେ ଠୁଳ ହୋଇଥିଲେ ୪୦ ହଜାର ବ୍ରିଟିଶ୍ ସୈନ୍ୟ । ଫିରୋଜପୁର ନିକଟକୁ କେତେକ ଡଙ୍ଗା ଅଣାଯାଇଥିଲା । ଶିଖ୍ ସୈନ୍ୟଙ୍କ ସହିତ ସତଲେଜ୍ ନଦୀ ଅତିକ୍ରମ କରିବାକୁ ତେଜ ସିଂହ ଓ ଗୋଲାବ ସିଂହଙ୍କୁ ମେଜର ବ୍ରେଡଫୁଟ୍ ପ୍ରବର୍ତ୍ତାଉଥିଲେ । ଶିଖ୍ ସୈନ୍ୟମାନେ ଆଶଙ୍କା କଲେ ଯେ ପଞ୍ଜାବ ଆକ୍ରମଣ କରିବାକୁ ଇଂରେଜମାନେ ପ୍ରସ୍ତୁତ ହେଉଛନ୍ତି । ସେମାନେ ଭାବିଲେ ସତଲେଜ୍ ନଦୀ ପାର ହୋଇ ଇଂରେଜମାନଙ୍କୁ ଅତର୍କିତ ଆକ୍ରମଣ କରିପାରିଲେ ପଞ୍ଜାବ ରକ୍ଷା ପାଇଯିବ ।।

୧୮୪୫ ଡିସେମ୍ବର ୧୧ ତାରିଖ ଦିନ ଶିଖ୍ ସେନା ସତଲେଜ୍ ନଦୀ ଅତିକ୍ରମ କଲେ । ହାର୍ଡିଞ୍ଜଙ୍କ ପ୍ରତି ଏହା ବଡ଼ ଆହ୍ୱାନ ଥିଲା । ସେ ପଞ୍ଜାବ ବିରୁଦ୍ଧରେ ୧୩ ତାରିଖ ଦିନ ଯୁଦ୍ଧ ଘୋଷଣା କଲେ । ମୁଡ଼କି ନାମକ ସ୍ଥାନରେ ଦୁଇଦଳ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଦୁର୍ଦ୍ଧର୍ଷ ଶିଖ୍ ସୈନ୍ୟ ପ୍ରଚଣ୍ଡ ଆକ୍ରମଣ କରି ଇଂରେଜମାନଙ୍କର ଅଶେଷ କ୍ଷୟକ୍ଷତି ଘଟାଇଥିଲେ । ଇଂରେଜମାନେ ପରାଜୟର ଦ୍ୱାରଦେଶରେ ପହଞ୍ଚିଲେ; ମାତ୍ର ସେତେବେଳେ ଲାଲସିଂହ ବିଶ୍ୱାସଘାତକତା କରି ନିଜ ସୈନ୍ୟଙ୍କୁ ତ୍ୟାଗ କରି ଚାଲିଆସିଲେ, ଶିଖ୍‌ମାନଙ୍କର ପରାଜୟ ଘଟିଲା । ୧୮୪୫, ଡିସେମ୍ବର ୨୧ ତାରିଖ ଦିନ ଇଂରେଜସୈନ୍ୟ ଫିରୋଜଶାହ (ଫିରୋଜସହର)ଠାରେ ଥିବା ଶିଖ୍ ସୈନ୍ୟଙ୍କ ଉପରେ ଆକ୍ରମଣ କଲେ । ଉଭୟ ପକ୍ଷ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ଇଂରେଜ ସେନାପତି ଲେଖିଥିଲେ, "ସେହି ଭୟଙ୍କର ରାତ୍ରିରେ ଆମେ ଏକ କଠିନ ଓ ବିପଜ୍ଜନକ ଅବସ୍ଥାରେ ଥିଲୁ ।" ହାରିବା ଜିତିବା ସମୟରେ ଶିଖ୍ ସେନାପତି ତେଜ ସିଂହ ପ୍ରତାରଣା କରି ତତ୍‌କ୍ଷଣାତ୍ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିଥିଲେ । ଫଳରେ ଶିଖ୍‌ସେନା ପରାଜିତ ହୋଇ ପଛଘୁଞ୍ଚା ଦେଲେ । ୧୮୪୬ ଜାନୁଆରୀ ୨୧ ତାରିଖରେ ଇଂରେଜମାନେ ବୁଦ୍ଦେୱାଲ (Buddewal)ଠାରେ ପରାଜିତ ହୋଇଥିଲେ ମଧ୍ୟ ଅତିରିକ୍ତ ସୈନ୍ୟଦଳ ଆଣି ସେମାନେ ଆଲିୱାଲଠାରେ

ଶିଖ୍‌ମାନଙ୍କୁ ଜାନୁଆରୀ ୨୮ ତାରିଖ ଦିନ ପରାସ୍ତ କରିଥିଲେ । ପରିଶେଷରେ ଫେବୃଆରୀ ୧୦ ତାରିଖ ଦିନ ସତଲେଜ୍ ନଦୀକୂଳରେ ଥିବା ସୋବରାଓନ (Sobraon)ଠାରେ ଶିଖ ସୈନ୍ୟମାନେ ବିସ୍ମୟକର ଧୈର୍ଯ୍ୟ ଓ ସଂକଳ୍ପ ନେଇ ଯୁଦ୍ଧ କଲେ । ସେମାନଙ୍କର ଶପଥ ଥିଲା- "ଆମେମାନେ ଶତ୍ରୁଙ୍କୁ ଜୟ କରିବୁ କିମ୍ବା ଖଣ୍ଡା ହସ୍ତରେ ଧାରଣ କରି ନିହତ ହେବୁ ।" ଏଥର ମଧ ଶିଖ୍ ସେନାପତିଙ୍କ ଉଦାସୀନ ଭାବ ଓ ପ୍ରତାରଣା ଯୋଗୁଁ ଶିଖ୍‌ସେନା ହାରିଗଲା । କ୍ରୁଦ୍ଧ ଇଂରେଜମାନେ ଅଧିକ ସଂଖ୍ୟକ ଶିଖ୍‌ଙ୍କୁ ହତ୍ୟା କଲେ । ଏହି ଯୁଦ୍ଧ ହେଲା ନିଷ୍ପତ୍ତିମୂଳକ । ଇଂରେଜମାନେ ଗୋଟିଏ ବୀର ଓ ସ୍ଥିର ଶତ୍ରୁଠାରୁ ଆସୁଥିବା କ୍ରମାଗତ ବିପଦରୁ ମୁକ୍ତ ହୋଇଗଲେ । ଯୁଦ୍ଧର ସଫଳତା ପାଇଁ କୃତଜ୍ଞ ଇଂରେଜମାନେ ବଡ଼ଲାଟ୍ ହାର୍ଡିଞ୍ଜଙ୍କୁ ପିଅର (Peer) ପଦ ଦାନ କଲେ । ମୁଖ୍ୟ ସେନାପତି ସାର୍ ହଗ୍ ଗୋଙ୍କୁ (Sir Hugh Gough) ସମ୍ମାନିତ କରାଗଲା । ୧୮୪୬ ଫେବୃଆରୀ ୨୦ ତାରିଖ ଦିନ ଇଂରେଜମାନେ ଲାହୋର ଅଧିକାର କଲେ ।

ଶିଖ୍‌ମାନେ ପରାଜିତ ହେବାର କାରଣ (Causes for the defeat of the Sikhs)

ଶିଖ୍‌ମାନେ ଖୁବ୍ ବୀରତ୍ୱର ସହିତ ଯୁଦ୍ଧ କରିଥିଲେ ମଧ ପରାସ୍ତ ହେଲେ । ଏହା କେବଳ ସମ୍ଭବ ହୋଇଥିଲା ଶିଖ୍ ସର୍ଦ୍ଦାର ଓ ସେନାପତିମାନଙ୍କର ବିଶ୍ୱାସଘାତକତା ଯୋଗୁଁ । ଜେ. ହୁଇଲର ଲେଖିଛନ୍ତି, "ବ୍ରିଟିଶ୍-ଭାରତ ଇତିହାସରେ ସୋବରାଓନ ଅଧିକତମ କଷ୍ଟଦାୟକ ଯୁଦ୍ଧ ବୋଲି ପ୍ରମାଣିତ ହୁଏ ।" ସେମାନଙ୍କର ବିଶ୍ୱାସଘାତକ ସେନାପତି ତେଜ ସିଂହଙ୍କ ଭିନ୍ନ ଶିଖ୍ ସୈନ୍ୟମାନେ ଖାଲସାର ଗୌରବ ନିମିତ୍ତ ବିଜୟ ଲାଭ କରିବା କିମ୍ବା ନିହତ ହେବାକୁ ପ୍ରସ୍ତୁତ ଥିଲେ । ଅଧିକାଂଶ ଶିଖ୍ ସେନାପତି ନିଜ ସୈନ୍ୟମାନଙ୍କ ବିରୁଦ୍ଧରେ ଇଂରେଜମାନଙ୍କ ସହିତ ମେଣ୍ଟ ବାନ୍ଧୁଥିଲେ । ସେମାନେ ଇଂରେଜମାନଙ୍କ ନିକଟକୁ ଉପଯୋଗୀ ସମ୍ବାଦ ପଠାଇବା ସଙ୍ଗେ ସଙ୍ଗେ ବିଜୟର ସୁଯୋଗ ଆସୁଥିବା ସମୟରେ ନିଜକୁ ଯୁଦ୍ଧକାର୍ଯ୍ୟରୁ ନିବୃତ୍ତ ରଖୁଥିଲେ । ଖାଲସା ବାହିନୀକୁ ଧ୍ୱଂସ କରିବା ଥିଲା ସେମାନଙ୍କର ଅସଲ ଉଦ୍ଦେଶ୍ୟ । ଫିରୋଜଶାହ (ଫିରୋଜସହର)ଠାରେ ଥିବା ଇଂରେଜ ପ୍ରତିନିଧି ନିକୋଲସନ୍‌ଙ୍କ ପାଖକୁ ଲାଲ ସିଂହ ଲେଖିଥିଲେ, "ଶିଖ୍ ସୈନ୍ୟମାନଙ୍କୁ ନେଇ ମୁଁ ସତଲେଜ୍ ଅତିକ୍ରମ କରିଛି । ବ୍ରିଟିଶ୍‌ମାନଙ୍କ ସହିତ ମୋର ବନ୍ଧୁତା ବିଷୟରେ ତୁମେ ଜାଣ । କ'ଣ କରିବାକୁ ହେବ ମୋତେ କୁହ ।" ନିକୋଲସନ୍ ଉତ୍ତର ଦେଇଥିଲେ, "ଫିରୋଜଶାହ ଆକ୍ରମଣ କରନାହିଁ । ଯେତେଦିନ ପାରୁଛ ସେଠି ଅବସ୍ଥାନ କର୍ ଏବଂ ତା' ପରେ ବଡ଼ଲାଟଙ୍କ ଆଡକୁ ଗତିକର ।" ଲାଲ ସିଂହ ତାଙ୍କର ଉପଦେଶ ଅନୁଯାୟୀ କାର୍ଯ୍ୟ କଲେ । ସେହିଦିନ ଯଦି ଶିଖ୍ ସୈନ୍ୟମାନେ ଆକ୍ରମଣ କରିଥା'ନ୍ତେ ତେବେ

ଇଂରେଜମାନେ ପରାସ୍ତ ହୋଇଥା'ନ୍ତେ । ସେହିପରି ତେଜ ସିଂହ ମଧ ଯୁଦ୍ଧରୁ ପଳାୟନ କଲେ । ସମ୍ଭ୍ରାନ୍ତ ଗୋଲାବ ସିଂହ ମଧ ଇଂରେଜମାନଙ୍କ ସହିତ କୂଟନୈତିକ ସମ୍ପର୍କ ରଖିଥିଲେ । ସୋବରାଓନ ଯୁଦ୍ଧ ପୂର୍ବରୁ ଲାଲ ସିଂହ ଓ ତେଜ ସିଂହ ପଳାଇ ଆସିବା ସମୟରେ ସତଲେଜ୍ ଉପରେ ନିର୍ମିତ ପୋଲ ଭାଙ୍ଗି ଦେଇଥିଲେ; ଉଦ୍ଦେଶ୍ୟ ଥିଲା ଶିଖ୍ ସୈନ୍ୟମାନେ ଆଉ ନ ଫେରନ୍ତୁ, ସେମାନେ ପୂରା ଧ୍ୱଂସ ପାଇଯାଆନ୍ତୁ । ତେଣୁ ଶିଖ୍‌ମାନେ କେବଳ ପରିସ୍ଥିତିରେ ପଡ଼ି ପରାସ୍ତ ହୋଇଥିଲେ । ଡକ୍ଟର ବିଶେଶ୍ୱର ପ୍ରସାଦ ଲେଖିଛନ୍ତି, "ତେଜ ସିଂହ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରାଯାଇଥିବା ଖାଲସାର ସ୍ୱେଚ୍ଛାକୃତ ଧ୍ୱଂସ ସାଧନ ଇଂରେଜମାନଙ୍କ ଲାହୋର ଯାତ୍ରା ସମ୍ଭବ କରିଥିଲା, ଯେଉଁମାନେ ୧୮୪୬ ମାର୍ଚ୍ଚ ମାସରେ ଲାହୋର ସନ୍ଧି ପାଇଁ ଆଦେଶ ଦେଇଥିଲେ ।"

ଲାହୋର ସନ୍ଧି, ୧୮୪୬ (The Treaty of Lahore, 1846)

୧୮୪୬ ଖ୍ରୀଷ୍ଟାବ୍ଦ ମାର୍ଚ୍ଚମାସ ୯ ତାରିଖ ଦିନ ଶିଖ୍ ଓ ଇଂରେଜମାନଙ୍କ ମଧ୍ୟରେ ଲାହୋର ସନ୍ଧି ସ୍ୱାକ୍ଷରିତ ହେଲା । ସେମାନଙ୍କ ଠାରୁ ସତଲେଜ୍ ନଦୀର ଦକ୍ଷିଣ ଦିଗରେ ଥିବା ସମସ୍ତ ଅଞ୍ଚଳ ଏବଂ ଜଳନ୍ଧର ଦୋଆବ ଅଞ୍ଚଳ (ସତଲେଜ୍ ଓ ବେଆସ ମଧ୍ୟରେ ଥିବା ଅଞ୍ଚଳ) ଇଂରେଜମାନେ ଲାଭକଲେ । ଇଂରେଜମାନେ ଯୁଦ୍ଧର କ୍ଷତିପୂରଣ ବାବଦ ପାଇଲେ ଦେଢ଼କୋଟି ଟଙ୍କା; ମାତ୍ର ଲାହୋର ରାଜକୋଷରେ ଥିଲା ୫୦ ଲକ୍ଷ ଟଙ୍କା । ତେଣୁ ଲାହୋର ଦରବାର ଗୋଲାବ ସିଂହଙ୍କୁ ଜାମ୍ମୁ ଓ କାଶ୍ମୀର ବିକ୍ରିକରି ଏକ କୋଟି ପାଇଲେ ଏବଂ କ୍ଷତିପୂରଣ ପଇଠ କଲେ । ଶିଖ୍ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରାଯାଇ ୨୨ ହଜାର ପଦାତିକ ଓ ୧୨ ହଜାର ଅଶ୍ୱାରୋହୀ ସୈନ୍ୟ ମଧ୍ୟରେ ସୀମିତ ରଖାଗଲା । ସର୍ତ୍ତ ହେଲା, ଶିଖ୍‌ମାନେ କୌଣସି ଆମେରିକୀୟ ବା ଇଉରୋପୀୟଙ୍କୁ ନିଯୁକ୍ତି ପ୍ରଦାନ କରିପାରିବେ ନାହିଁ । ବର୍ଷେ ପର୍ଯ୍ୟନ୍ତ ଏକ ବ୍ରିଟିଶ୍ ସୈନ୍ୟଦଳ ଲାହୋର ଠାରେ ଅବସ୍ଥାପନ କରିବା ପାଇଁ ସ୍ଥିର ହେଲା । ଲାହୋର ଦରବାରରେ ଜଣେ ବ୍ରିଟିଶ୍ ପ୍ରତିନିଧି ରହିଲେ । ନାବାଳକ ଦାଲିପ ସିଂହ ମହାରାଜା ଉପାଧି ରଖିବାକୁ ଅନୁମତି ପାଇଲେ । ଏହିପରି ପ୍ରଥମ ଶିଖ୍ ସମର ପରେ ବ୍ରିଟିଶ୍ ସରକାର ଲାହୋର ଦରବାରକୁ ସମ୍ପୂର୍ଣ୍ଣରୂପେ ନିୟନ୍ତ୍ରଣ କରିପାରିଥିଲେ ।

ଦ୍ୱିତୀୟ ଶିଖ୍ ଯୁଦ୍ଧ, ୧୮୪୮-୧୮୪୯ (Second Sikh War, 1848-1849)

ପ୍ରଥମ ଶିଖ୍‌ଯୁଦ୍ଧରେ ପରାସ୍ତ ହୋଇଥିଲେ ମଧ ଶିଖ୍‌ମାନଙ୍କର ଜାତୀୟ ଆକାଂକ୍ଷା ଲୋପ ପାଇନଥିଲା । ଶିଖ୍‌ମାନଙ୍କର ହୃଦ୍‌ବୋଧ ହେଲା ଯେ ଶିଖ୍ ସମ୍ଭ୍ରାନ୍ତମାନଙ୍କର ପ୍ରତାରଣା ଓ ବ୍ରିଟିଶ୍‌ର କୂଟନୀତି ଯୋଗୁଁ ସେମାନେ ଏପରି ପରାଜୟର ଗ୍ଲାନି ମୁଣ୍ଡରେ

ବହନ କରିଛନ୍ତି । ଶିଖ୍ ସର୍ଦ୍ଦାରମାନେ ସେମାନଙ୍କ ଶାସନରେ ବ୍ରିଟିଶ୍ ପ୍ରତିନିଧିଙ୍କର ଅଯଥା ହସ୍ତକ୍ଷେପ ଯୋଗୁଁ ଅଧୈର୍ଯ୍ୟ ହୋଇପଡିଲେ । ରାଣୀ ଜିନ୍ଦନ ଷଡଯନ୍ତ୍ର କରିଛନ୍ତି ବୋଲି ଅଭିଯୋଗ ଅଣାଯାଇ ତାଙ୍କୁ ସାମାନ୍ୟ ଏକ ଭତ୍ତାରେ ବନାରସ ପଠାଇ ଦିଆଗଲା । ରାଣୀଙ୍କ ପ୍ରତି ଏପରି ବ୍ୟବହାର ଶିଖ୍ମାନଙ୍କୁ ଅସହ୍ୟବୋଧ ହେଲା । ଲାହୋର ସନ୍ଧି ଦ୍ୱାରା କାର୍ଯ୍ୟଚ୍ୟୁତ ସହସ୍ର ସହସ୍ର ଶିଖ୍ ଯୁବକ ବ୍ରିଟିଶ୍ ଶତ୍ରୁତାକୁ ଆହ୍ୱାନ କଲେ । ପଞ୍ଜାବରେ ବାସ କରୁଥିବା ମୁସଲିମ୍ମାନଙ୍କୁ ଇଂରେଜମାନେ କେତେକ ନିର୍ଦ୍ଦିଷ୍ଟ ସୁବିଧା ଦେବାରୁ ଏହା ଶିଖ୍ମାନଙ୍କର ଧାର୍ମିକ ମନୋଭାବକୁ ଉତ୍କ୍ଷିପ୍ତ କରିଥିଲା ।

ସେତେବେଳେ ଗୋଟିଏ ବିଶେଷ ଘଟଣା ଘଟିଗଲା । ମୁଲତାନର ସୁବେଦାର ମୁଲରାଜ ନିଜ ଜିଲ୍ଲାରୁ ନିର୍ଦ୍ଧାରିତ ରାଜସ୍ୱ ଆଦାୟ କରିପାରି ନ ଥିଲେ । ଲାହୋର ଦରବାର ମୁଲରାଜଙ୍କ ଉପରେ ଚାପ ପ୍ରୟୋଗ କଲେ ଯେ ଯଦି ସେ ଏକ ନିୟୁତ ପାଉଣ୍ଡ ପୈଠ କରିବେ ତେବେ ତାଙ୍କ ପଦବୀ ରକ୍ଷା କରିପାରିବେ । ମୁଲରାଜ ମଧ୍ୟ ତାଙ୍କର ଅକ୍ଷମତା ପ୍ରକାଶ କରି ୧୮୪୮ ଖ୍ରୀଷ୍ଟାବ୍ଦରେ ଇସ୍ତଫା ଦେଲେ । ମୁଲତାନର ଦାୟିତ୍ୱ ନେବାପାଇଁ ଖାଁ ସିଂହଙ୍କୁ ପ୍ରେରଣ କରାଗଲା ଏବଂ ତାଙ୍କ ସହିତ ଆସିଲେ ପି.ଏ. ଆଗନିଉ ଓ ଡବ୍ଲ୍ୟୁ.ଏ. ଆଣ୍ଡରସନ ନାମକ ଦୁଇଜଣ ବ୍ରିଟିଶ୍ କର୍ମଚାରୀ । ମୁଲରାଜ ମଧ୍ୟ ଦୁର୍ଗର ଦାୟିତ୍ୱ ଖାଁ ସିଂହଙ୍କୁ ହସ୍ତାନ୍ତର କଲେ; କିନ୍ତୁ ସେହିଦିନ ତାଙ୍କ ସହିତ ଆସିଥିବା ଦୁଇ ଇଂରେଜ କର୍ମଚାରୀଙ୍କୁ ହତ୍ୟା କରାଗଲା । ଏହି ଘଟଣା ପାଇଁ ମୁଲରାଜଙ୍କୁ ସନ୍ଦେହ କରାଗଲା । ଆଧୁନିକ ଐତିହାସିକମାନେ ମତ ଦିଅନ୍ତି ଯେ, ମୁଲରାଜଙ୍କ ପରିବର୍ତ୍ତନରେ ମୁଲତାନର ସୈନ୍ୟମାନେ ଅସନ୍ତୋଷ ପ୍ରକାଶ କରି ଦୁଇ ବ୍ରିଟିଶ୍ କର୍ମଚାରୀଙ୍କୁ ହତ୍ୟା କଲେ ଏବଂ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ମୁଲରାଜଙ୍କୁ ବାଧ୍ୟ କଲେ ।

୧୮୪୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ହାର୍ଡିଞ୍ଜ୍‌ଙ୍କ ସ୍ଥାନରେ ବଡ଼ଲାଟ ହୋଇ ଆସିଲେ ସାମ୍ରାଜ୍ୟବାଦୀ ଡ୍ୟାଲହାଉସୀ । ମୁଲରାଜଙ୍କ ବିଦ୍ରୋହ ଦମନ କରିବାକୁ ସେ ପଦକ୍ଷେପ ନେଲେ ନାହିଁ । ଉଚ୍ଚ କର୍ତ୍ତୃପକ୍ଷଙ୍କ ଉକ୍ତି ଥିଲା, "ଅପେକ୍ଷା କର ଏବଂ ଦେଖ" । ଡ୍ୟାଲହାଉସୀ ଚାହିଁଲେ ବିଦ୍ରୋହ ସାରା ପଞ୍ଜାବରେ ବ୍ୟାପିଯାଉ, ଯାହାକୁ ଆଳକରି ସେ ପଞ୍ଜାବ ଅଧିକାର କରିବେ । ଖୁବ୍ ଶୀଘ୍ର ବିଦ୍ରୋହ ବାନ୍ନୁ, ପେଶବାର ଓ ପଞ୍ଜାବର ଉତ୍ତର-ପଶ୍ଚିମ ଭାଗରେ ବ୍ୟାପିଗଲା । ନାବାଳକ ପୁତ୍ରଠାରୁ ଦୂରେଇ ରଖି ମହାରାଣୀ ଜିନ୍ଦନଙ୍କୁ ପଞ୍ଜାବରୁ ଦେଶାନ୍ତର କରିବା ଥିଲା ଶିଖ୍ମାନଙ୍କର ବଡ ଅସନ୍ତୋଷର କାରଣ । ପୁନଶ୍ଚ ହାଜରା ଜିଲ୍ଲାର ସୁବେଦାର ଚାଟର ସିଂହ ମଧ୍ୟ ଇଂରେଜମାନଙ୍କ ପ୍ରତି ଖୁବ୍ ଅସନ୍ତୁଷ୍ଟ ଥିଲେ । ସେ ମହାରାଜା ଦାଲିପ ସିଂହଙ୍କ ସହିତ ତାଙ୍କ କନ୍ୟାର ବିବାହ

ସ୍ଥିର କରିଥିଲେ; କିନ୍ତୁ ଇଂରେଜମାନଙ୍କ ପ୍ରତିବାଦ ଯୋଗୁଁ ଏ ବିବାହ ଅନୁଷ୍ଠିତ ହୋଇ ପାରିଲା ନାହିଁ । ଇଂରେଜ ପ୍ରତିନିଧି ଆବୋଟଙ୍କ ଚାଟରଙ୍କ ଶାସନରେ ହସ୍ତକ୍ଷେପ ମଧ୍ୟ ତାଙ୍କୁ ଖୁବ୍ ବାଧୁଥିଲା । ସେତେବେଳେ ତାଙ୍କ ପୁତ୍ର ଶେର ସିଂହଙ୍କୁ ମୁଲରାଜଙ୍କ ବିଦ୍ରୋହ ଦମନ କରିବାକୁ ଲାହୋର ଦରବାର ପଠାଇଥିଲେ । ତାଙ୍କ ପିତାଙ୍କର ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ମନୋଭାବ ଶେର ସିଂହ ଜାଣିଥିଲେ । ତେଣୁ ସେ ମୁଲରାଜଙ୍କୁ ଦମନ କରିବା ପରିବର୍ତ୍ତେ ତାଙ୍କ ସହିତ ମିଶି ବିଦ୍ରୋହ କଲେ । ମୁଲତାନ ବିଦ୍ରୋହ ଖୁବ୍‌ଶୀଘ୍ର ଶିଖ୍ ଜାତୀୟ ଆନ୍ଦୋଳନର ରୂପରେଖ ନେଇଥିଲା । ଶିଖ୍ମାନେ ମଧ୍ୟ ଆଫଗାନିସ୍ତାନର ଦୋସ୍ତ ମହମ୍ମଦଙ୍କୁ ପେଶବାର ପ୍ରଦାନ କରିବାର ଲୋଭ ଦେଖାଇ ତାଙ୍କ ସହିତ ଇଂରେଜମାନଙ୍କ ବିରୁଦ୍ଧରେ ମେଣ୍ଟ କଲେ ।

୧୮୪୮ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୧୦ ତାରିଖ ଦିନ ଡ୍ୟାଲହାଉସୀ ଶିଖ୍ମାନଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲେ । ଏହିପରି ଦ୍ୱିତୀୟ ଶିଖ୍ ଯୁଦ୍ଧ ଆରମ୍ଭ ହୋଇଗଲା । ଲର୍ଡ ଗୋ ଏକ ବ୍ରିଟିଶ୍ ବାହିନୀ ନେଇ ରାବୀ ନଦୀ ଅତିକ୍ରମ କଲେ, ଏବଂ ରାମନଗର ଠାରେ ଶେର ସିଂହଙ୍କ ସହିତ ଯୁଦ୍ଧ କଲେ । ଏହି ଯୁଦ୍ଧ ଅମୀମାଂସିତ ହୋଇ ସମାପ୍ତ ହେଲା । ୧୮୪୯, ଜାନୁଆରୀ ୧୩ ତାରିଖ ଦିନ ଚିଲିଓ୍ୱାନଓ୍ୱାଲା ଠାରେ ଅନ୍ୟ ଏକ ରକ୍ତାକ୍ତ ସମର ସଂଗଠିତ ହେଲା । ଏହି ଯୁଦ୍ଧରେ ଶିଖ୍ମାନଙ୍କ ଅପେକ୍ଷା ଇଂରେଜମାନେ ଅଧିକତର କ୍ଷତିଗ୍ରସ୍ତ ହେଲେ; କିନ୍ତୁ ଇଂରେଜମାନେ ମୁଲତାନ ଯୁଦ୍ଧରେ ଫଳପ୍ରଦ ହେଲେ । ଜାନୁଆରୀ ୨୨ ତାରିଖ ଦିନ ମୁଲରାଜ ଆତ୍ମସମର୍ପଣ କଲେ । ୧୮୪୯ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୨୧ ତାରିଖ ଦିନ ଚେନାବ ନିକଟସ୍ଥ ଗୁଜୁରାଟ ସହରରେ ଏକ ନିଷ୍ପତ୍ତିମୂଳକ ଯୁଦ୍ଧ ହେଲା । ଶିଖ୍ ଓ ଆଫଗାନ୍ମାନଙ୍କର ମେଣ୍ଟ ସେଠାରେ ହାର ମାନିଲା । ଶିଖ୍ମାନେ ପରାସ୍ତ ହେଲେ, ଆଫଗାନ୍ମାନେ ପଛଘୁଞ୍ଚା ଦେଲେ । ୧୮୪୯, ମାର୍ଚ୍ଚ ୧୨ ତାରିଖରେ ଶେର ସିଂହ, ଚାଟର ସିଂହ ଓ ଅନ୍ୟ ଶିଖ୍ ସେନାପତିମାନେ ଇଂରେଜମାନଙ୍କ ନିକଟରେ ଆତ୍ମସମର୍ପଣ କଲେ । ତାଙ୍କର ଅସ୍ତ୍ରଶସ୍ତ୍ର ସମର୍ପଣ କରିବା ସମୟରେ ଜଣେ ପୁରାତନ ଶିଖ୍ ସୈନ୍ୟ କହିଥିଲେ, "ଆଜି ରଣଜିତ୍ ସିଂହ ମୃତ୍ୟୁ ଲାଭକଲେ ।" ଏହି ଯୁଦ୍ଧରେ ଉଭୟ ପକ୍ଷରୁ ଆଗ୍ନେୟାସ୍ତ୍ର ବ୍ୟବହୃତ ହୋଇଥିଲା । ମାଲେସନଙ୍କ ଭାଷାରେ, "ଶିଖ୍ମାନେ ଯୁଦ୍ଧ କରିବା ଠାରୁ କୌଣସି ସୈନ୍ୟଦଳ ଅଧିକ ଉତ୍ତମ ଭାବରେ ଯୁଦ୍ଧ କରିନାହାନ୍ତି, ଏବଂ ସେମାନଙ୍କ ପରି କୌଣସି ସୈନ୍ୟ ଦଳକୁ ଏହିପରି ନିକୃଷ୍ଟ ଭାବେ ନେତୃତ୍ୱ ଦିଆଯାଇ ନାହିଁ ।" ଯୁଦ୍ଧରେ ଶିଖ୍ମାନଙ୍କର ଏତେ କ୍ଷତି ହେଲା ଯେ, ସେମାନେ ପୁନର୍ବାର ଅସ୍ତ୍ର ଧରିବାକୁ ସକ୍ଷମ ହେଲେ ନାହିଁ । ଡ୍ୟାଲହାଉସୀ ୧୮୪୯, ମାର୍ଚ୍ଚ ୩୦ ତାରିଖରେ

ପଞ୍ଜାବ ଅଧିକାର କଲେ । ସେ ଘୋଷଣା କଲେ, ''ପଞ୍ଜାବ ରାଜ୍ୟର ପରିସମାପ୍ତି ଘଟିଲା ଏବଂ ମହାରାଜା ଦାଲିପ ସିଂହଙ୍କ ସମସ୍ତ ଅଞ୍ଚଳ ବର୍ତ୍ତମାନ ଏବଂ ଏହାପରେ, ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ଅଂଶବିଶେଷ ହେଲା ।'' ବ୍ରିଟିଶ୍ ସାମ୍ରାଜ୍ୟ ବୃଦ୍ଧି ପାଇ ଭାରତର ପ୍ରାକୃତିକ ସୀମାକୁ ସ୍ପର୍ଶ କରିଥିଲା । ଦାଲିପ ସିଂହ ବାର୍ଷିକ ୫ ଲକ୍ଷ ଟଙ୍କା ପେନ୍‌ସନ୍ ପାଇ ଲଣ୍ଡନ ଠାରେ ବାସ କଲେ, ତାଙ୍କ ସହିତ ରହିଲେ ରାଣୀ ଜିନ୍ଦନ । ଦାଲିପଙ୍କ ଠାରୁ କୋହିନୂର ହୀରା ଛଡାଇ ନିଆଯାଇ ମହାରାଣୀ ଭିକ୍ଟୋରିଆଙ୍କ ପାଖକୁ ଉପହାର ସ୍ୱରୂପ ପଠାଇ ଦିଆଗଲା ।

ବଡଲାଟ ଡ୍ୟାଲହାଉସୀ ପଞ୍ଜାବରେ ଉତ୍ତମ ଶାସନ ପ୍ରଣାଳୀ ପ୍ରଚଳନ କଲେ । ରାଜ୍ୟରେ ପୁନଶ୍ଚ ଆଇନ ଓ ଶୃଙ୍ଖଳା ପ୍ରତିଷ୍ଠିତ ହେଲା । ସାମରିକ, ବିଚାର, ଭୂ-ରାଜସ୍ୱ, ଶିକ୍ଷା, କୃଷି ଓ ଅନ୍ୟାନ୍ୟ ବିଭାଗରେ ସଂସ୍କାର ଅଣାଗଲା । ଆରମ୍ଭରେ ପଞ୍ଜାବର ଶାସନ କାର୍ଯ୍ୟର ଦାୟିତ୍ୱ ନେବାପାଇଁ ତିନିଜଣ କମିଶନରଙ୍କୁ ନେଇ ଗୋଟିଏ ବୋର୍ଡ଼ ଗଠିତ ହୋଇଥିଲା; କିନ୍ତୁ ପରେ ଏହି ବୋର୍ଡଟିକୁ ଭାଙ୍ଗି ଦିଆଗଲା । ରାଜ୍ୟର ଶାସନ କାର୍ଯ୍ୟ ଜଣେ ମୁଖ୍ୟ କମିଶନରଙ୍କ ହସ୍ତରେ ନ୍ୟସ୍ତ କରାଗଲା । ରାସ୍ତା ନିର୍ମିତ ହେଲା; କେନାଲ ଖନନ କରାଗଲା । ଲୋକମାନେ ସୁଖଶାନ୍ତିରେ ବାସ କଲେ । ଧୀରେ ଧୀରେ ସେମାନେ ବ୍ରିଟିଶ୍ ଶାସନ ପ୍ରତି ଆନୁଗତ୍ୟ ପ୍ରକାଶ କଲେ । ୧୮୫୭, ସିପାହୀ ବିଦ୍ରୋହ ସମୟରେ ଶିଖ୍‌ମାନେ ଏକ ବଡ ଶକ୍ତି ରୂପେ ଇଂରେଜମାନଙ୍କୁ ସହାୟତା କରିଥିଲେ ।

ଏକାଦଶ ଅଧ୍ୟାୟ

ସାମନ୍ତ ସନ୍ଧି
(Subsidiary Alliance)

ଏହାର ସର୍ତ୍ତାବଳୀ, ପ୍ରୟୋଗ, ଉପକାରିତା, ଅପକାରିତା
(Its features, Application, Advantages, Dis-advantages)

ଦଳେ ଇଂରେଜ ବଣିକ ଏକ କମ୍ପାନୀ ଗଠନ କରି ଭାରତକୁ ଆସି ଏହାର ସାର୍ବଭୌମ କ୍ଷମତା ଅଧିକାର କରିବା ହେଉଛି ବିଶ୍ୱ ଇତିହାସରେ ଏକ ଅସାମାନ୍ୟ ଘଟଣା । ବଙ୍ଗ ଅଧିକାର କରିବା ସମୟରେ ସେହି କମ୍ପାନୀ ତାହାର ସାମରିକ ଶକ୍ତିର ଅସଲ ରୂପ ପ୍ରଦର୍ଶନ କରିଥିଲା । ପଲାସୀ ଯୁଦ୍ଧ ପରେ ଭାରତୀୟ ରାଜନୀତିରେ କମ୍ପାନୀ ପ୍ରତ୍ୟକ୍ଷଭାବେ ହସ୍ତକ୍ଷେପ କଲା । ୱାରେନ ହେଷ୍ଟିଂସ୍‌ଙ୍କ ଭାରତରୁ ପ୍ରତ୍ୟାବର୍ତ୍ତନ ପରେ କମ୍ପାନୀର ସାମ୍ରାଜ୍ୟବାଦ ନୀତିରେ କିଛି ସମୟ ଭଟ୍ଟା ପଡିଯାଇଥିଲା; କିନ୍ତୁ ୱେଲ୍‌ସେଲି ଭାରତକୁ ବଡଲାଟ ହୋଇ ଆସିବା ପରେ ଆରମ୍ଭ ହେଲା ଏକ ଅବିଚ୍ଛିନ୍ନ ସାମ୍ରାଜ୍ୟ ବିସ୍ତାର ଯୁଗ । ସେ ୧୭୯୮ ରୁ ୧୮୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତର ବଡଲାର୍ଟ ରୂପେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ପି. ଇ. ରବର୍ଟସ୍ ତାଙ୍କୁ ବର୍ଣ୍ଣନା କରି କୁହନ୍ତି ଯେ, ୱେଲ୍‌ସେଲି ଥିଲେ ଭାରତର ଶ୍ରେଷ୍ଠ ବ୍ରିଟିଶ୍ ଶାସକମାନଙ୍କ ମଧ୍ୟରେ ଅନ୍ୟତମ; ମାତ୍ର ସାତବର୍ଷ ମଧ୍ୟରେ ସେ ବ୍ରିଟିଶ୍-ଭାରତ ସାମ୍ରାଜ୍ୟର ମାନଚିତ୍ରରେ ଏକ ବିସ୍ମୟକର ପରିବର୍ତ୍ତନ ଆଣିଲେ ।

ୱେଲ୍‌ସେଲି ଅନୁଭବ କଲେ ଯେ, ଦେଶୀୟ ରାଜ୍ୟଗୁଡିକ ବିଦେଶୀ ଶକ୍ତିର ସାହାଯ୍ୟରେ ଇଂରେଜମାନଙ୍କୁ ଭାରତରୁ ବିତାଡିତ କରିବାକୁ ପ୍ରୟାସ କରି ପାରନ୍ତି । ସେତେବେଳେ କେତେକ ରାଜ୍ୟ ନିଜ ସୈନ୍ୟବାହିନୀକୁ ଫରାସୀମାନଙ୍କ ଦ୍ୱାରା ସାମରିକ ତାଲିମ ପ୍ରଦାନ କରୁଥିଲେ । ୱେଲ୍‌ସେଲି ଖୁବ୍ ସାହସ ଓ ଚତୁରତାର ସହିତ ସେ ଅବସ୍ଥାର ସମ୍ମୁଖୀନ ହେଲେ ଓ କମ୍ପାନୀ ଶତ୍ରୁମାନଙ୍କ ମଥାନତ କଲେ । ପୂର୍ବ ବଡଲାଟଙ୍କ ଶାନ୍ତିନୀତି ତ୍ୟାଗକରି ସେ ଯୁଦ୍ଧ ଓ ସାମ୍ରାଜ୍ୟ ବିସ୍ତାର କାର୍ଯ୍ୟରେ ଲିପ୍ତ ରହିଲେ । ଏହି କାର୍ଯ୍ୟ ପାଇଁ ଭାରତୀୟ ରାଜନୀତିରେ ଅସ୍ଥିରତା ତାଙ୍କୁ ଖୁବ୍ ସୁହାଇଥିଲା । ହାଇଦ୍ରାବାଦର ନିଜାମ

ମରହଟ୍ଟାମାନଙ୍କ ଦ୍ୱାରା ପରାଜିତ ହୋଇ ପୃଥକ୍ ହୋଇ ରହିଥିଲେ । ଅଯୋଧ୍ୟାର ନବାବ ଥିଲେ ଖୁବ୍ ଦୁର୍ବଳ । ଟିପୁ ସୁଲତାନ ତାଙ୍କ କ୍ଷମତା ଓ ସମ୍ମାନ ଫେରାଇ ଆଣିବା ନିମିତ୍ତ ଆପ୍ରାଣ ଚେଷ୍ଟା କରୁଥିଲେ । ନାମକୁ ମାତ୍ର ମୋଗଲ ସମ୍ରାଟ ଶାହଆଲାମ କେବଳ ପୂର୍ବ ପୁରୁଷଙ୍କ କୀର୍ତ୍ତି ଉପରେ ବଞ୍ଚିରହିଥିଲେ । ମରହଟ୍ଟା ଶକ୍ତି ବିଭାଜିତ ହୋଇଯାଇଥିଲା । ଭାରତର ଉତ୍ତର ଓ ଦକ୍ଷିଣ ଭାଗ ବୈଦେଶିକ ଆକ୍ରମଣ ଯୋଗୁଁ ଶଙ୍କିତ ହୋଇ ରହୁଥିଲା । ଭାରତର ରାଜନୀତିକ ଅବସ୍ଥାକୁ ସମୀକ୍ଷା କରି ୱେଲ୍‌ସେଲିଙ୍କର ବିଶ୍ୱାସ ଆସିଲା ଯେ, ଭାରତରେ ବ୍ରିଟିଶ୍ ସାର୍ବଭୌମ କ୍ଷମତା ଲାଭ କରିପାରିବ । 'ସାମନ୍ତ ସନ୍ଧି' ବା 'ଅଧୀନତାମୂଳକ ମିତ୍ରତା' ନୀତି ପ୍ରୟୋଗ କରି ସେ ସ୍ୱାଧୀନ ଦେଶୀୟ ରାଜାମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କଲେ ।

ସାମନ୍ତ ସନ୍ଧି (Subsidiary Alliance)

ଲର୍ଡ ୱେଲ୍‌ସେଲି ଅନୁଭବ କରିଥିଲେ ଯେ ଭାରତରେ କମ୍ପାନୀ ନିଜକୁ ଏକ ମହାନ୍ ଶକ୍ତିରେ ପରିଣତ କରିବା ଉଚିତ । ତାହା ନ କରି ପାରିଲେ କମ୍ପାନୀ ଏହି ଦେଶ ତ୍ୟାଗ କରି ଚାଲିଯିବା ଯଥାର୍ଥ ହେବ । ତାଙ୍କର ବିଶ୍ୱାସକୁ କାର୍ଯ୍ୟକାରୀ କରିବା ପାଇଁ ସେ ସାମନ୍ତ ସନ୍ଧି ପ୍ରୟୋଗ କରିଥିଲେ । ରାଣାଡେଙ୍କ ପରି କେତେକ ବିଦ୍ୱାନ୍ ମତ ଦେଇଥା'ନ୍ତି ଯେ ସାମନ୍ତ ସନ୍ଧି ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି କରାଯାଇ ନଥିଲା । ଏହା ଥିଲା ମରହଟ୍ଟାମାନଙ୍କର ଚୌଥ ଓ ସରଦେଶମୁଖୀ ପ୍ରଥାର ପ୍ରତିରୂପ ମାତ୍ର । ଅନ୍ୟ ଐତିହାସିକମାନେ ଗ୍ରହଣ କରିଥା'ନ୍ତି ଯେ ସାମନ୍ତ ସନ୍ଧିର କେତେକ ବ୍ୟବସ୍ଥା ପ୍ରୟୋଗ କରିବାର ଉପାୟ ଡୁପ୍ଲେ ବାହାର କରିଥିଲେ । ସେ ପଡୋଶୀ ରାଜ୍ୟଗୁଡିକୁ ସାମରିକ ସାହାଯ୍ୟ ଦେଇ ଅର୍ଥ ଆଣୁଥିଲେ । ଇଂରେଜମାନେ ମଧ ଏହି ପ୍ରଥା ଗ୍ରହଣ କରିଥିଲେ । କ୍ଲାଇବ୍‌ଙ୍କ ଠାରୁ ୱେଲ୍‌ସେଲିଙ୍କ ପର୍ଯ୍ୟନ୍ତ ଏହାକୁ ରାଜନୈତିକ ପ୍ରଭାବ ବୃଦ୍ଧି କରିବା ନିମନ୍ତେ ବ୍ୟବହାର କରାଯାଇଥିଲା । ଭାରତୀୟ ରାଜ୍ୟଗୁଡିକ ଉପରେ ଇଂରେଜମାନଙ୍କର ପ୍ରଭାବ ବୃଦ୍ଧି କରିବା ପାଇଁ ୱେଲ୍‌ସେଲି ଏହି ପ୍ରଥାକୁ ଅବଲମ୍ବନ କରିଥିଲେ ।

ସାମନ୍ତ ସନ୍ଧି ପ୍ରୟୋଗ କରିବାରେ ତାଙ୍କର ଦୁଇଟି ଆଭିମୁଖ୍ୟ ରହିଥିଲା ।

୧ । ସେ ଚାହୁଁଥିଲେ ଭାରତୀୟ ରାଜ୍ୟଗୁଡିକୁ କବଳିତ କରିବେ, ଯେପରି ସେଗୁଡିକ ମିଳିତ ଭାବରେ କମ୍ପାନୀକୁ ପ୍ରତିରୋଧ କରିବାରେ ସୁଯୋଗ ନ ପାଆନ୍ତି ।

୨ । ସେ ମଧ ଇଚ୍ଛା କରୁଥିଲେ ଯେ ସାମନ୍ତ ସନ୍ଧି ରୂପକ ଅସ୍ତ୍ର ଦ୍ୱାରା ସେ ଫରାସୀମାନଙ୍କୁ ଧ୍ୱଂସ କରିଦେବେ ।

ସାମନ୍ତ ସନ୍ଧିର ସର୍ତ୍ତାବଳୀ (Features of Subsidiary Alliance)

ସାମନ୍ତ ସନ୍ଧି ଗ୍ରହଣ କରୁଥିବା ରାଜ୍ୟପାଇଁ ନିମ୍ନ ଲିଖିତ ସର୍ତ୍ତଗୁଡିକ ଲାଗୁ ହେଉଥିଲା ।

(କ) ସଂପୃକ୍ତ ରାଜ୍ୟର ବୈଦେଶିକ ନୀତି କମ୍ପାନୀ ସରକାର ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବେ । କମ୍ପାନୀ ମାଧ୍ୟମରେ ଉକ୍ତ ରାଜ୍ୟ ଅନ୍ୟ ରାଜ୍ୟ ସହିତ ସନ୍ଧି କରିପାରିବେ ।

(ଖ) ରାଜ୍ୟର ଶାସକ ଜଣେ ଇଂରେଜ ପ୍ରତିନିଧି ବା ରେସିଡେଣ୍ଟଙ୍କୁ ନିଜ ଦରବାରରେ ରଖିବେ । ଉକ୍ତ ପ୍ରତିନିଧି ତାଙ୍କୁ ଶାସନକ୍ଷେତ୍ରରେ ପରାମର୍ଶ ଦେବେ ।

(ଗ) ସଂପୃକ୍ତ ରାଜ୍ୟ ଯୁଦ୍ଧ ଘୋଷଣା କରିପାରିବ ନାହିଁ ଏବଂ ସେହି ରାଜ୍ୟକୁ ଶତ୍ରୁ କବଳରୁ କମ୍ପାନୀ ରକ୍ଷା କରିବ ।

(ଘ) ସେହି ରାଜ୍ୟ କମ୍ପାନୀର ବିନା ପରାମର୍ଶରେ କୌଣସି ଇଉରୋପୀୟଙ୍କୁ ଚାକିରିରେ ନିଯୁକ୍ତି କରିପାରିବ ନାହିଁ । ପୂର୍ବରୁ ଯଦି କୌଣସି ଇଉରୋପୀୟ ଚାକିରିରେ ଥା'ନ୍ତି ତେବେ ତାଙ୍କୁ ବାହାର କରିବାକୁ ପଡିବ ।

(ଙ) ସଂପୃକ୍ତ ରାଜ୍ୟର ଶାସକଙ୍କର ଅନ୍ୟ ରାଜ୍ୟର ଶାସକଙ୍କ ସହିତ ବିବାଦ ହେଲେ ସେ ନିଜେ ଏହାର ସମାଧାନ ନ କରି କମ୍ପାନୀ ଉପରେ ଭାର ଅର୍ପଣ କରିବେ । କମ୍ପାନୀର ସମାଧାନକୁ ତାଙ୍କୁ ଗ୍ରହଣ କରିବାକୁ ପଡିବ ।

(ଚ) ସଂପୃକ୍ତ ରାଜ୍ୟର ଶାନ୍ତି ରକ୍ଷା କରିବା ନିମିତ୍ତ ଏହି ଅଞ୍ଚଳରେ ବ୍ରିଟିଶ୍ ସାମରିକ ଅଫିସରଙ୍କ ଅଧ୍ୟକ୍ଷତାରେ ଏକ ସୈନ୍ୟବାହିନୀ ଅବସ୍ଥାପିତ ହେବ । ସୈନ୍ୟବାହିନୀର ଖର୍ଚ୍ଚ ପାଇଁ ଚୁକ୍ତିବଦ୍ଧ ରାଜ୍ୟର ଶାସକ ନିଜ ରାଜ୍ୟରୁ ଖଣ୍ଡେ ଅଞ୍ଚଳ କମ୍ପାନୀକୁ ପ୍ରଦାନ କରିବେ । କ୍ଷୁଦ୍ରତର ରାଜ୍ୟଗୁଡିକ ଅଞ୍ଚଳ ପରିବର୍ତ୍ତେ କମ୍ପାନୀକୁ କର ପ୍ରଦାନ କରିବେ ।

(ଛ) ସଂପୃକ୍ତ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ବ୍ରିଟିଶ୍ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପାରିବେ ନାହିଁ; କିନ୍ତୁ ସେହି ରାଜ୍ୟରେ ଘଟୁଥିବା ବିଦ୍ରୋହକୁ କମ୍ପାନୀ ଦମନ କରିବ ଓ ସଂପୃକ୍ତ ରାଜ୍ୟକୁ ବହିଃ ଆକ୍ରମଣରୁ ରକ୍ଷା କରିବ ।

ସନ୍ଧିର ପ୍ରୟୋଗ (Application of the Alliance)

ସାମନ୍ତ ସନ୍ଧି ପ୍ରୟୋଗ କରି ୱେଲ୍‌ସେଲି ହାଇଦ୍ରାବାଦ, ଅଯୋଧ୍ୟା, ତାଞ୍ଜୋର, ସୁରାଟ ଏବଂ କର୍ଣ୍ଣାଟକ ପ୍ରଭୃତି ଅଞ୍ଚଳ ନିଜ ଅଧୀନକୁ ଆଣିପାରିଥିଲେ ।

ହାଇଦ୍ରାବାଦ:- ପ୍ରଥମେ ୱେଲସେଲି ହାଇଦ୍ରାବାଦର ନିଜାମଙ୍କୁ ସାମନ୍ତସନ୍ଧିରେ ସାମିଲ କରିଥିଲେ । ମରହଟ୍ଟା ଓ ଟିପୁଙ୍କର କ୍ରମବର୍ଦ୍ଧିଷ୍ଣୁ ଶକ୍ତି ପ୍ରତି ଭୟଭୀତ ହୋଇ ନିଜାମ ସାମନ୍ତ ସନ୍ଧି ଗ୍ରହଣ କଲେ । ୧୭୯୮ ସେପ୍ଟେମ୍ବର ମାସରେ ନିଜାମ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ । ସନ୍ଧି ଅନୁଯାୟୀ (୧) ନିଜାମଙ୍କ ଦରବାରରେ ଥିବା ସାମନ୍ତ ସୈନ୍ୟ (Subsidiary Force)ମାନଙ୍କ ସଂଖ୍ୟା ବୃଦ୍ଧି ହେଲା ଏବଂ ସେମାନଙ୍କୁ ସ୍ଥାୟୀ କରାଗଲା । ସୈନ୍ୟମାନଙ୍କର ରକ୍ଷଣାବେକ୍ଷଣ ନିମିତ୍ତ ନିଜାମଙ୍କୁ ୨୪ ଲକ୍ଷ ଟଙ୍କା ଦେବାକୁ ପଡିଥିଲା, (୨) ନିଜାମଙ୍କ ଅଧୀନରେ ଥିବା ଫରାସୀ ସୈନ୍ୟବାହିନୀକୁ ଭାଙ୍ଗିଦିଆଗଲା । (୩) ନିଜାମ ଓ ମରହଟ୍ଟାମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଇଂରେଜମାନେ ସମାଧାନ କରିବେ ବୋଲି ସ୍ଥିର ହେଲା । ଯଦି ମରହଟ୍ଟାମାନେ ବିବାଦ ସମାଧାନ ପାଇଁ ରାଜି ନ ହୁଅନ୍ତି ତେବେ ଇଂରେଜମାନେ ନିଜାମଙ୍କୁ ସୁରକ୍ଷା ଦେବେ । ଦୁଇବର୍ଷ ପରେ ମଧ ଇଂରେଜମାନେ ନିଜାମଙ୍କ ସହିତ ଅନ୍ୟ ଏକ ସନ୍ଧି କରିଥିଲେ । ନିଜାମ ସମ୍ପୂର୍ଣ୍ଣ ରୂପେ ଇଂରେଜମାନଙ୍କ ଅଧୀନତା ସ୍ୱୀକାର କଲେ । ତାଙ୍କ ଦରବାରରେ ଥିବା ଇଂରେଜ ସୈନ୍ୟଙ୍କ ସଂଖ୍ୟା ପୁନଶ୍ଚ ବୃଦ୍ଧି କରାଗଲା ଏବଂ ଏଥିପାଇଁ ନିଜାମଙ୍କୁ ତାଙ୍କ ସାମ୍ରାଜ୍ୟର କେତେକ ଅଞ୍ଚଳ କମ୍ପାନୀକୁ ଦେବାକୁ ପଡିଥିଲା । ଏହା ଦ୍ୱାରା ନିଜାମଙ୍କ ବୈଦେଶିକ ନୀତି କମ୍ପାନୀ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରିତ ହେଲା । ନିଜାମଙ୍କ ଆଭ୍ୟନ୍ତରୀଣ ସାର୍ବଭୌମତ୍ୱରେ ହସ୍ତକ୍ଷେପ ନ କରିବାକୁ କମ୍ପାନୀ ତାଙ୍କୁ କେବଳ ଭରସା ଦେଇଥିଲା ।

ମହୀଶୂର:- ମହୀଶୂରର ରାଜା ଟିପୁ ସୁଲତାନ ସାମନ୍ତ ସନ୍ଧି ଗ୍ରହଣ କରିବାକୁ ମନାକରି ଦେଇଥିଲେ । ତେଣୁ ଟିପୁଙ୍କୁ ଚୂର୍ଣ୍ଣ କରିବା ପାଇଁ ୱେଲ୍‌ସେଲି ମରହଟ୍ଟା ଏବଂ ନିଜାମଙ୍କ ସମର୍ଥନରେ ୧୭୯୯ ଖ୍ରୀଷ୍ଟାବ୍ଦରେ ତାଙ୍କ ବିରୁଦ୍ଧରେ ସମର କରିଥିଲେ । ଯୁଦ୍ଧ କରୁଥିବା ଅବସ୍ଥାରେ ଟିପୁଙ୍କର ମୃତ୍ୟୁ ହୋଇଥିଲା । ୱେଲ୍‌ସେଲି ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗାପତ୍ତନ ଅଧିକାର କଲେ । ପୂର୍ବ ହିନ୍ଦୁ ରାଜବଂଶର ଜଣେ ରାଜପୁତ୍ରଙ୍କୁ ମହୀଶୂରର ରାଜା କରାଗଲା । ହିନ୍ଦୁ ରାଜପୁତ୍ର ଜଣକ ସାମନ୍ତ ସନ୍ଧି ଗ୍ରହଣ କରିଥିଲେ । ତାଙ୍କ ରାଜ୍ୟରେ ଅବସ୍ଥାପିତ ଥିବା ସାମନ୍ତ ସେନାବାହିନୀର ଖର୍ଚ୍ଚ ରୂପେ ତାଙ୍କୁ ବାର୍ଷିକ ସାତଲକ୍ଷ ପାଗୋଡା (Pagodas) ଦେବାକୁ ଚୁକ୍ତିବଦ୍ଧ ହେବାକୁ ପଡ଼ିଥିଲା ।

ଅଯୋଧ୍ୟା:- ୱେଲ୍‌ସେଲି ଜାଣିଥିଲେ ଯେ ଅଯୋଧ୍ୟାକୁ ଅଧୀନରେ ରଖିଲେ ଏହା ଆଫଗାନ୍ ବା ମରହଟ୍ଟାମାନଙ୍କ ସହିତ ସମ୍ପର୍କ ରକ୍ଷା କରି ପାରିବ ନାହିଁ । ୧୮୦୧ ଖ୍ରୀଷ୍ଟାବ୍ଦରେ ସେ ବାଧ୍ୟକରି ଅଯୋଧ୍ୟାର ନବାବଙ୍କୁ ସାମନ୍ତ ସନ୍ଧି ଗ୍ରହଣ କରାଇଥିଲେ । ଏହି ସନ୍ଧି ଅନୁଯାୟୀ କମ୍ପାନୀ ନବାବଙ୍କ ଠାରୁ ଲାଭ କରିଥିଲା ଗୋରଖପୁର, ରୋହିଲାଖଣ୍ଡ ଏବଂ

ଗଙ୍ଗା ଯମୁନା ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳ । ଏକ ଇଂରେଜ ସେନାବାହିନୀ ଅଯୋଧ୍ୟାରେ ଅବସ୍ଥାପିତ ହୋଇଥିଲା । ବୈଦେଶିକ ଆକ୍ରମଣରୁ ଅଯୋଧ୍ୟାକୁ ରକ୍ଷା କରିବା ପାଇଁ ୱେଲ୍‌ସେଲି ଦାୟିତ୍ୱ ଗ୍ରହଣ କଲେ । ଅଯୋଧ୍ୟାରେ ନିଜର ଶାସନ ଉନ୍ନତି କରିବା ପାଇଁ ନବାବ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ତାଙ୍କର ସାମରିକ ଶକ୍ତି ହ୍ରାସ କରିବା ସହିତ ନବାବଙ୍କୁ ଅନ୍ୟମାନଙ୍କ ଠାରୁ ବିଚ୍ଛିନ୍ନ କରି ରଖିବାରେ କମ୍ପାନୀ ସଫଳ ହୋଇଥିଲା ।

ତାଞ୍ଜୋର:- ତାଞ୍ଜୋର ରାଜାଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ହେବାପାଇଁ ସରଫୌଜୀ ଓ ଅମୀର ସିଂହଙ୍କ ମଧ୍ୟରେ ଗୃହବିବାଦ ଚାଲିଥିଲା । ୱେଲ୍‌ସେଲିଙ୍କ ସମର୍ଥନ ପାଇ ସରଫୌଜୀ ରାଜା ହୋଇଥିଲେ । ସେ ୧୭୯୯ ଅକ୍ଟୋବର ମାସରେ ସାମନ୍ତ ସନ୍ଧି ଗ୍ରହଣ କଲେ । ବାର୍ଷିକ ୪୦ ହଜାର ପାଉଣ୍ଡ ବଦଳରେ ତାଙ୍କୁ ବ୍ରିଟିଶ୍ କମ୍ପାନୀକୁ ଶାସନ ହସ୍ତାନ୍ତର କରିବାକୁ ପଡିଲା ।

ସୁରାଟ:- ୧୭୯୯ ଖ୍ରୀଷ୍ଟାବ୍ଦରେ ସୁରାଟର ନବାବଙ୍କର ମୃତ୍ୟୁ ହେଲା । ନବାବଙ୍କ ଭ୍ରାତାଙ୍କ ସହିତ ୱେଲ୍‌ସେଲି ଏକ ସନ୍ଧି ସ୍ୱାକ୍ଷର କଲେ । ବାର୍ଷିକ ଏକ ଲକ୍ଷ ଟଙ୍କା ବୃତ୍ତି ନେଇ ନବାବ କମ୍ପାନୀ ହସ୍ତରେ ରାଜ୍ୟର ଶାସନଭାର ଅର୍ପଣ କରିବାକୁ ବାଧ୍ୟ ହୋଇଥିଲେ ।

କର୍ଣ୍ଣାଟକ:- ୱେଲ୍‌ସେଲିଙ୍କ ସମୟରେ କର୍ଣ୍ଣାଟକରେ ନବାବ ଥିଲେ ଅଲ୍ଲୀ ହୁସେନ । ଟିପୁଙ୍କ ସହିତ ସମ୍ବନ୍ଧ ରଖିଛନ୍ତି ବୋଲି ନବାବଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ହୋଇଥିଲା । କମ୍ପାନୀକୁ ଶାସନ ଦାୟିତ୍ୱ ଦେଇ ଏକ ପେନ୍‌ସନ୍ ଗ୍ରହଣ କରିବାକୁ ତାଙ୍କୁ ବାଧ୍ୟ କରାଗଲା । ସେ ସମ୍ମତ ନ ହେବାରୁ ୱେଲ୍‌ସେଲି ଅଜିମୁଦ୍ଦୌଲାଙ୍କୁ କର୍ଣ୍ଣାଟକର ନବାବରୂପେ ଘୋଷଣା କଲେ । ୧୮୦୧ ଜୁଲାଇ ୨୫ ତାରିଖରେ ତାଙ୍କ ସହିତ ସାମନ୍ତ ସନ୍ଧି ସ୍ୱାକ୍ଷର କରାଗଲା । ନବାବ କମ୍ପାନୀକୁ ଶାସନ କ୍ଷମତା ଅର୍ପଣ କରିବାକୁ ବାଧ୍ୟ ହେଲେ । ପେନ୍‌ସନ୍ ରୂପେ ନବାବ ପାଇଲେ ତାଙ୍କ ରାଜ୍ୟର ସମସ୍ତ ରାଜସ୍ୱର ଏକ-ପଞ୍ଚମାଂଶ । ଏହା ଥିଲା ନବାବଙ୍କ ସହିତ ଏକ ଅପମାନଜନକ ବ୍ୟବସ୍ଥା ।

ଏତଦ୍‌ବ୍ୟତୀତ ବେରାର, ଯୋଧପୁର, ଜୟପୁର, ମଚେରୀ, ବୁନ୍ଦି ଓ ଭରତପୁର ଆଦି ରାଜ୍ୟ ସାମନ୍ତ ସନ୍ଧି ଗ୍ରହଣ କଲେ । ଏହିପରି ୱେଲ୍‌ସେଲି ସମସ୍ତ ଶତ୍ରୁଙ୍କୁ କବଳିତ କରି କମ୍ପାନୀ ପାଇଁ ଲାଭ କରାଇଲେ ସମୃଦ୍ଧ ଅଞ୍ଚଳମାନ । "ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟ ଭାରତର ବ୍ରିଟିଶ୍ ସାମ୍ରାଜ୍ୟକୁ ପରିବର୍ତ୍ତିତ ହେଲା ।"

ସାମନ୍ତ ସନ୍ଧିର ଉପକାରିତା (Advantages of Subsidiary Alliance)

ଭାରତରେ ଇଂରେଜମାନଙ୍କ ସ୍ୱାର୍ଥ ପାଇଁ ସାମନ୍ତ ସନ୍ଧି ଖୁବ୍ ଉପକାର ସାଧନ କରିଥିଲା ।

୧ । ଦେଶୀୟ ରାଜାମାନଙ୍କ ରାଜ୍ୟରେ କମ୍ପାନୀର ଏକ ସେନାବାହିନୀ ରହିବାରୁ ଏହାର ସାମରିକ ଶକ୍ତି ବୃଦ୍ଧି ହୋଇଥିଲା । ସେହି ସୈନ୍ୟବାହିନୀର ଖର୍ଚ୍ଚ ଦେଶୀୟ ରାଜାମାନଙ୍କୁ ବହନ କରିବାକୁ ପଡୁଥିଲା । ସେମାନେ ସମ୍ପୂର୍ଣ୍ଣ ରୂପେ କମ୍ପାନୀ ଉପରେ ନିର୍ଭର କରୁଥିଲେ । କମ୍ପାନୀ ସରକାର ହସ୍ତରେ ରହିଲା ରାଜ୍ୟର ବାସ୍ତବ ଶାସନ। ଦେଶୀୟ ରାଜାମାନେ ମଧ୍ୟ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଗଲେ, କାରଣ ସେମାନଙ୍କର ବୈଦେଶିକ ନୀତି କମ୍ପାନୀ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା ।

୨ । କମ୍ପାନୀର ସେନାବାହିନୀର ରକ୍ଷଣାବେକ୍ଷଣ ଥିଲା ବ୍ୟୟବହୁଳ । ଦେଶୀୟ ରାଜାମାନେ ସେହି ବ୍ୟୟ ବହନ କରି ନ ପାରି ନିଜ ନିଜ ରାଜ୍ୟରୁ କିଛି କିଛି ଅଞ୍ଚଳ ବାଧହୋଇ କମ୍ପାନୀକୁ ହସ୍ତାନ୍ତର କରୁଥିଲେ । କମ୍ପାନୀ ହେଲା ବିଶାଳ ସାମ୍ରାଜ୍ୟର ଅଧିକାରୀ।

୩ । ଦେଶୀୟ ରାଜାମାନଙ୍କ ଖର୍ଚ୍ଚରେ କମ୍ପାନୀ ଏକ ବିଶାଳ ସେନାବାହିନୀ ରଖିପାରିଲା। ଏହା କମ୍ପାନୀକୁ ଯୁଦ୍ଧ ଓ ରାଜ୍ୟଜୟରେ ସାହାଯ୍ୟ କରିଥିଲା । କମ୍ପାନୀ ମଧ୍ୟ ଯୁଦ୍ଧ ବିପଦରୁ ନିଜକୁ ମୁକ୍ତ କରିପାରିଲା, କାରଣ ଅନେକ ଯୁଦ୍ଧ ଦେଶୀୟ ରାଜାଙ୍କ ସୈନ୍ୟଦଳ ଦ୍ୱାରା ବିଜିତ ହେଉଥିଲା । ସୈନ୍ୟଚାଳନା ଓ ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଦେବାରେ କମ୍ପାନୀକୁ ଦାୟିତ୍ୱ ନେବାକୁ ପଡୁନଥିଲା ।

୪ । ଦେଶୀୟ ରାଜାମାନେ ନିଜ ନିଜ ମଧ୍ୟରେ ବିବାଦ ସମାଧାନ କରିବାକୁ କମ୍ପାନୀକୁ କ୍ଷମତା ପ୍ରଦାନ କରିଥିଲେ । ଏହା ଫଳରେ ଅନ୍ୟ ଇଉରୋପୀୟ ଶକ୍ତି ସମ୍ମୁଖରେ କମ୍ପାନୀର ସମ୍ମାନ ବୃଦ୍ଧି ହୋଇଥିଲା ।

୫ । ନିଜ ଅଧିକାରରେ ଥିବା ଅଞ୍ଚଳକୁ ଯୁଦ୍ଧମୁକ୍ତ କରିବାରେ କମ୍ପାନୀ ସଫଳତା ଲାଭକଲା। କମ୍ପାନୀର ଯୁଦ୍ଧଗୁଡିକ ଦେଶୀୟ ରାଜାମାନଙ୍କ ଭୂମିରେ ଘଟୁଥିଲା । ତେଣୁ ଯୁଦ୍ଧଜନିତ ଧ୍ୱଂସରୁ କମ୍ପାନୀ ନିଜର ଅଞ୍ଚଳକୁ ମୁକ୍ତ ରଖିପାରିଥିଲା ।

୬ । ଫରାସୀମାନଙ୍କ ପ୍ରଭାବକୁ କମ୍ପାନୀ କ୍ଷୁଣ୍ଣ କରି ଦେଇପାରିଥିଲା । ସାମନ୍ତ ସନ୍ଧିର ଚୁକ୍ତିବଦ୍ଧ ରାଜ୍ୟମାନେ ଫରାସୀମାନଙ୍କୁ ନିଜ ନିଜ ରାଜ୍ୟରେ ନିଯୁକ୍ତି ଦେଲେ ନାହିଁ।

୭ । ଦେଶୀୟ ରାଜ୍ୟଗୁଡିକରେ କମ୍ପାନୀର ପ୍ରତିନିଧିମାନେ ଅବସ୍ଥାପିତ ହୋଇଥିଲେ। ସେମାନେ ଇଂରେଜମାନଙ୍କ ସପକ୍ଷରେ ସେହି ରାଜ୍ୟର ଶାସକମାନଙ୍କୁ ପ୍ରଭାବିତ

କରିପାରିଲେ । ସେମାନଙ୍କୁ ଧାରଣା ଦିଆଗଲା ଯେ ସେମାନଙ୍କୁ କମ୍ପାନୀ ଯଥେଷ୍ଟ ସାହାଯ୍ୟ କରିବ । ଫଳରେ ଦେଶୀୟ ରାଜ୍ୟଗୁଡିକର ରାଜାମାନେ କମ୍ପାନୀ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ ।

ସାମନ୍ତ ସନ୍ଧିର ଅପକାରିତା (Disadvantages of the subsidiary Alliance)

ଯଦିଚ ସାମନ୍ତ ସନ୍ଧି ଦ୍ୱାରା କମ୍ପାନୀ ବହୁମାତ୍ରାରେ ଉପକାର ପାଇଥିଲା, ଏହା ସେହିଭଳି ଭାରତୀୟ ରାଜାମାନଙ୍କ ପ୍ରତି ହେଲା କ୍ଷତିକାରକ ।

୧ । ଦେଶୀୟ ରାଜାମାନେ ପୂର୍ବକ୍ଷମତା ହରାଇବସିଲେ । ପ୍ରତ୍ୟେକ କାର୍ଯ୍ୟ ଗ୍ରହଣ କରିବା ପୂର୍ବରୁ ସେମାନଙ୍କୁ ଇଂରେଜମାନଙ୍କର ପରାମର୍ଶ ନେବାକୁ ପଡିଲା । ସେମାନଙ୍କର ପ୍ରେରଣା ଶକ୍ତି ଓ ଦାୟିତ୍ୱ ରହିଲା ନାହିଁ । ସେମାନେ ବ୍ୟସନ ଓ ଦୁର୍ନୀତିରେ ନିଜକୁ ଲିପ୍ତ କରିଥିଲେ । ସେମାନଙ୍କର ଶାସନ କରିବାର ଦକ୍ଷତା ରହିଲା ନାହିଁ । ରାଜ୍ୟରେ କୁ-ଶାସନ ଦେଖାଗଲା । ପ୍ରଜାମାନେ ମଧ୍ୟ କୁ-ଶାସନ ବିରୋଧରେ ବିଦ୍ରୋହ କରି ପାରିଲେ ନାହିଁ, କାରଣ ଅତ୍ୟାଚାରୀ ରାଜାମାନଙ୍କୁ କମ୍ପାନୀ ସହାୟ ହେଉଥିଲା । ପ୍ରଜାମାନଙ୍କ ଅବସ୍ଥାର ମଧ୍ୟ ଅବନତି ଘଟିଲା । ମୁନ୍‌ରୋଙ୍କ ଭାଷାରେ, ''ଭାରତରେ କୁ-ଶାସନରୁ ମୁକ୍ତ ହେବା ପାଇଁ ସାଧାରଣ ପ୍ରତିକାର ହେଉଛି ନବର ମଧ୍ୟରେ ଏକ ନିସ୍ତବ୍ଧ ବିପ୍ଳବ ବା ଏକ ହିଂସ୍ରବିଦ୍ରୋହ କିମ୍ବା ଏକ ବିଦେଶୀ ବିଜୟ; କିନ୍ତୁ ବ୍ରିଟିଶ-ସୈନ୍ୟମାନଙ୍କର ଉପସ୍ଥିତି ପ୍ରତିକାରର ପ୍ରତ୍ୟେକ ସୁଯୋଗକୁ ବଞ୍ଚିତ କରୁଥିଲା । ସିଂହାସନରେ ଉପବେଶିତ ରାଜପୁତ୍ରଙ୍କୁ ପ୍ରତ୍ୟେକ ବିଦେଶୀ ଓ ଆଭ୍ୟନ୍ତରୀଣ ଶତ୍ରୁମାନଙ୍କ ବିରୋଧରେ ସମର୍ଥନ ମିଳୁଥିଲା ।''

୨ । ଇଂରେଜମାନଙ୍କ ବିନାନୁମତିରେ କୌଣସି ରାଜା ଅନ୍ୟ ଜଣେ ରାଜାଙ୍କ ବିରୋଧରେ ଯୁଦ୍ଧ କରିପାରିଲେ ନାହିଁ । ତେଣୁ ସ୍ଥାନୀୟ ରାଜାମାନଙ୍କ ସାମରିକ ଶକ୍ତି ଭାଙ୍ଗିଯାଇଥିଲା । ସେମାନଙ୍କୁ ନିଜର ସେନାବାହିନୀକୁ ଶକ୍ତିଶାଳୀ କରିବାର ଅବକାଶ ନଥିଲା । ସ୍ଥାନୀୟ ରାଜାମାନଙ୍କର ସୈନ୍ୟବାହିନୀ ଭାଙ୍ଗିଯିବାରୁ ସେଥିରେ କାର୍ଯ୍ୟକରୁଥିବା ସୈନ୍ୟ ଓ ସାମରିକ କର୍ମଚାରୀମାନେ ଜୀବିକା ହରାଇଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଦସ୍ୟୁ ବୃତ୍ତି ଗ୍ରହଣ କଲେ କିମ୍ବା ପିଣ୍ଡାରୀମାନଙ୍କ ସହିତ ଯୋଗ ଦେଲେ । ସେହି ପିଣ୍ଡାରୀମାନେ ଉନବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧି ଧରି ଭାରତକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲେ ।

୩। କମ୍ପାନୀ ଦାବି କରୁଥିବା ଅର୍ଥ ରାଜାମାନଙ୍କର ସମ୍ବଳର ଅନୁପାତକୁ ଅତିକ୍ରମ କରିଯାଉଥିଲା । ରାଜାମାନେ ପ୍ରଜାମାନଙ୍କର କଲ୍ୟାଣ ନିମିତ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଲେ ନାହିଁ । ରାଜାମାନଙ୍କଠାରୁ ବିଭିନ୍ନ ପ୍ରକାର ଉପାୟ କରି ଅର୍ଥ ସଂଗ୍ରହ କରିବାକୁ କମ୍ପାନୀ କୌଶଳ କରୁଥିଲା । ରାଜାମାନେ ସେମାନଙ୍କର ଉର୍ବର ଓ ଯୁଦ୍ଧ ଉପଯୋଗୀ ଅଞ୍ଚଳଗୁଡିକ କମ୍ପାନୀକୁ ଛାଡିଦେବାକୁ ବାଧ୍ୟ ହେଉଥିଲେ, କାରଣ ସେମାନେ ବଳକା ଦେୟ ପରିଶୋଧ କରିପାରୁନଥିଲେ ।

୪। କମ୍ପାନୀର ଦେୟ ଦେବାପାଇଁ ରାଜାମାନେ କୃଷକମାନଙ୍କଠାରୁ ଅଧିକରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ଆରମ୍ଭ କଲେ । ଏହା କୃଷକମାନଙ୍କର ଆର୍ଥିକ ସ୍ଥିତି ଭାଙ୍ଗି ଦେଲା । ମୁନ୍‌ରୋ କହିଛନ୍ତି, ''ଯେଉଁ ରାଜ୍ୟରେ ସାମନ୍ତ ସନ୍ଧି ପ୍ରୟୋଗ କରାଗଲା, ସେହି ରାଜ୍ୟ ଶୀଘ୍ର କ୍ଷୟ ହୋଇଯାଉଥିବା ଗ୍ରାମ ଓ ହ୍ରାସ ପାଇଯାଉଥିବା ଲୋକସଂଖ୍ୟା ଦ୍ୱାରା ଚିହ୍ନିତ ହେଲା ।''

ଲର୍ଡ ୱେଲ୍‌ସେଲିଙ୍କ ସାମନ୍ତ ସନ୍ଧିଥିଲା ଇଂରେଜମାନଙ୍କ ପାଇଁ ଏକ ଐତିହାସିକ ସଫଳତା । ଇଂରେଜମାନେ ନିଜକୁ ଆଭ୍ୟନ୍ତରୀଣ ଓ ବାହ୍ୟ ବିପଦରୁ ରକ୍ଷାକରି ପାରିଲେ । ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ଲାଭ କଲା । ସ୍ଥାନୀୟ ରାଜାମାନଙ୍କର ରାଜ୍ୟଗୁଡିକ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ସ୍ୱୟଂ ୱେଲ୍‌ସେଲି କହିଛନ୍ତି, ''ଆମର ନୀତି ଓ ଆମର ଲକ୍ଷ୍ୟ ଭାରତର ଶକ୍ତିଗୁଡିକୁ ସିଫାର (Sifars) ରାଜ୍ୟରେ ପରିଣତ କରିଥିଲା ।''

ଦ୍ୱାଦଶ ଅଧ୍ୟାୟ

ରାଜ୍ୟସ୍ୱତ୍ୱ ଲୋପ ନୀତି
(The Doctrine of Lapse)
ସର୍ତ୍ତାବଳୀ, ପ୍ରୟୋଗ, ଐତିହାସିକ ବିଶ୍ଳେଷଣ
(Principle, Application, Historical Analysis)

ଲର୍ଡ ଡ୍ୟାଲହାଉସୀ ୧୮୪୮ ରୁ ୧୮୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତରେ ବଡ଼ଲାଟ ରୂପେ କାର୍ଯ୍ୟ କରିଥିଲେ । ତାଙ୍କ ଶାସନ ଇଷ୍ଟଇଣ୍ଡିଆ କମ୍ପାନୀ ଇତିହାସରେ ଥିଲା ଖୁବ୍ ମହତ୍ୱପୂର୍ଣ୍ଣ । ଯେକୌଣସି ଉପାୟରେ ବ୍ରିଟିଶ୍ ସାମ୍ରାଜ୍ୟ ବୃଦ୍ଧି କରିବାରେ ସେ ଥିଲେ ୱେଲ୍‌ସେଲିଙ୍କ ପରେ ପ୍ରଥମ ବଡଲାଟ । ଅଯୋଧ୍ୟାରେ ଶାସନ ଯେ ବିଫଳ ହୋଇଛି, ଏହି ଆଳରେ ସେ ଅଯୋଧ୍ୟା ଅଧିକାର କଲେ । ସେ ଦ୍ୱିତୀୟ ଶିଖ୍ ଯୁଦ୍ଧରେ ପଞ୍ଜାବ ଓ ବ୍ରିଟିଶ୍-ବର୍ମା ଯୁଦ୍ଧରେ ବର୍ମାର ନିମ୍ନଭାଗ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶାଇଲେ । ନାମମାତ୍ର ନବାବଙ୍କ ମୃତ୍ୟୁ ପରେ କର୍ଣ୍ଣାଟ ଏବଂ ଦ୍ୱିତୀୟ ପେଶବା ବାଜୀରାଓଙ୍କ ମୃତ୍ୟୁପରେ ସେ ପୁନା ଅଧିକାର କଲେ । ତାଞ୍ଜୋର ରାଜପରିବାର ଉପାଧି ଓ ପେନ୍‌ସନ୍ ଉଚ୍ଛେଦ କରିବାରେ ସେ ଦ୍ୱିଧା କରି ନ ଥିଲେ । ତାଙ୍କର ସାମ୍ରାଜ୍ୟ ବୃଦ୍ଧି କରିବାର ଉପାୟଗୁଡିକ ମଧ୍ୟରେ ରାଜ୍ୟସ୍ୱତ୍ୱ ଲୋପ ନୀତି ଥିଲା ସର୍ବୋତ୍କୃଷ୍ଟ । ଏହିନୀତି ବଳରେ ଡ୍ୟାଲହାଉସୀ ସାତାରା, ସମ୍ବଲପୁର, ନାଗପୁର, ଝାନ୍‌ସୀ, ଜୈତପୁର ଆଦି ରାଜ୍ୟ ଅଧିକାର କଲେ । ଡ୍ୟାଲହାଉସୀଙ୍କ ପୂର୍ବରୁ ରାଜ୍ୟସ୍ୱତ୍ୱ ଲୋପନୀତି ସମ୍ପୂର୍ଣ୍ଣ ଭାବରେ ଅଜଣା ନଥିଲା । ୧୮୩୪ ଖ୍ରୀଷ୍ଟାବ୍ଦରେ କମ୍ପାନୀର ନିର୍ଦ୍ଦେଶକମାନେ ଘୋଷଣା କରିଥିଲେ ଯେ ପ୍ରକୃତ ଉତ୍ତରାଧିକାରୀ ନଥିଲେ ସେଥିପାଇଁ ପୋଷ୍ୟପୁତ୍ର ଗ୍ରହଣ ହେଉଛି ବ୍ୟତିକ୍ରମ । ଆଇନ ଦ୍ୱାରା ନୁହେଁ ବରଂ ପୋଷ୍ୟପୁତ୍ର ଗ୍ରହଣ ପାଇଁ ଅନୁମତି ଅନୁଗ୍ରହକରି ଦିଆଯାଇପାରେ । ଯଦିବା ପୂର୍ବବର୍ତ୍ତୀ ବଡଲାଟମାନେ ଏହି ନୀତିକୁ ପ୍ରୟୋଗ କରିଥିଲେ, ଡ୍ୟାଲହାଉସୀଙ୍କ ସମୟରେ ଏହା ଚରମ ସୀମାରେ ପହଞ୍ଚି ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିଥିଲା । ୱେଲ୍‌ସେଲିଙ୍କ ସାମନ୍ତ ସନ୍ଧି ପରି ସାମ୍ରାଜ୍ୟ ବିସ୍ତାର କରିବାରେ ରାଜ୍ୟସ୍ୱତ୍ୱ ଲୋପ ନୀତି ଥିଲା ଅନ୍ୟ ଏକ ଅସ୍ତ୍ର ।

ସାଧାରଣତଃ ଜଣେ ଅପୁତ୍ରିକ ବ୍ୟକ୍ତି ପୋଷ୍ୟପୁତ୍ର ଗ୍ରହଣ କରିଥା'ନ୍ତି । ଜନ୍ମିତ ପୁତ୍ର ପରି ପୋଷ୍ୟପୁତ୍ର ପରିବାରର ବହୁସୁବିଧା ଓ ଅଧିକାର ଉପଭୋଗ କରିଥା'ନ୍ତି । ପରିବାର ପ୍ରତି ମଧ୍ୟ ପୋଷ୍ୟପୁତ୍ର ଜନ୍ମିତ ପୁତ୍ରପରି କର୍ତ୍ତବ୍ୟ ସମ୍ପାଦନ କରନ୍ତି । ଏପ୍ରକାର ପ୍ରଥାକୁ ହିନ୍ଦୁସମାଜ ଓ ଧର୍ମ ସ୍ୱୀକାର କରିଥାଏ । ଆରମ୍ଭରୁ ଇଂରେଜମାନେ ଭାରତୀୟ ହିନ୍ଦୁ ରାଜାମାନଙ୍କର ଅଧିକାର ମାନିନେଉଥିଲେ; କିନ୍ତୁ କାଳକ୍ରମେ ଯେତେବେଳେ ଇଂରେଜମାନେ ଉତ୍ତରାଧିକାର ପାଇଁ ପୋଷ୍ୟପୁତ୍ର ଗ୍ରହଣ ନିମିତ୍ତ କେତେକ କ୍ଷେତ୍ରରେ ଅନୁମତି ଦେଲେ, ଅନ୍ୟକେତେକ କ୍ଷେତ୍ରରେ ଦେଲେନାହିଁ ।

ଇଂରେଜମାନେ ଚିନ୍ତା କରୁଥିଲେ ଯେ ଭାରତରେ ସେମାନଙ୍କଠାରେ ସାର୍ବଭୌମ କ୍ଷମତା ନିହିତ ଅଛି ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ରାଜ୍ୟଗୁଡିକ ସେମାନଙ୍କ ବିନାଅନୁମତିରେ ଉତ୍ତରାଧିକାର ପାଇଁ ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ । ଏହି ପ୍ରକାର ଚିନ୍ତାରୁ ଜନ୍ମ ନେଇଥିଲା "ରାଜ୍ୟସ୍ୱତ୍ୱ ଲୋପ ନୀତି ।"

ସର୍ତ୍ତାବଳୀ (Principles)

ଡ୍ୟାଲହାଉସୀ ଭାରତୀୟ ରାଜ୍ୟଗୁଡିକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରିଥିଲେ–

(କ) ଯେଉଁ ରାଜ୍ୟଗୁଡିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା ।

(ଖ) ଯେଉଁ ରାଜ୍ୟଗୁଡିକ ଇଂରେଜମାନଙ୍କ ଉପରେ ନିର୍ଭରଶୀଳ ଥିଲେ ଏବଂ ବ୍ରିଟିଶ୍ ସରକାରର ସାର୍ବଭୌମତ୍ୱ ସ୍ୱୀକାର କରୁଥିଲେ ।

(ଗ) ଯେଉଁ ରାଜ୍ୟଗୁଡିକ କରଦରାଜ୍ୟ ନୁହେଁ ଏବଂ ଇଂରେଜ ସାର୍ବଭୌମ କ୍ଷମତାର ଅଧୀନସ୍ଥ ନୁହେଁ କିମ୍ବା ସ୍ୱାଧୀନ ରାଜ୍ୟ ।

ପ୍ରଥମଶ୍ରେଣୀ ରାଜ୍ୟର ରାଜାମାନେ ଗାଦି ପାଇଁ କୌଣସି ପୋଷ୍ୟପୁତ୍ର ଗ୍ରହଣ କରିପାରିବେ ନାହିଁ, ସେମାନଙ୍କ ମୃତ୍ୟୁ ପରେ ସେମାନଙ୍କର ରାଜ୍ୟଗୁଡିକ ସ୍ୱତ୍ୱଲୋପ ନୀତି ବଳରେ ଇଂରେଜ ସାମ୍ରାଜ୍ୟରେ ମିଶିଯିବ ।

ଦ୍ୱିତୀୟଶ୍ରେଣୀ ରାଜ୍ୟର ରାଜାମାନେ ଇଂରେଜ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ; କିନ୍ତୁ ସେମାନଙ୍କ ଆବେଦନ ଇଂରେଜମାନେ ଗ୍ରହଣ କରିପାରନ୍ତି, ନ କରିପାରନ୍ତି ।

ତୃତୀୟଶ୍ରେଣୀ ରାଜ୍ୟର ରାଜାମାନେ ଗାଦି ପାଇଁ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ ।

ରାଜ୍ୟସ୍ୱତ୍ୱ ଲୋପନୀତିର ପ୍ରୟୋଗ

(Application of the Doctrine of Lapse)

ସେତେବେଳେ ଅଧିକାଂଶ ଭାରତୀୟ ରାଜା ଅପୁତ୍ରିକ ହୋଇ ମୃତ୍ୟୁ ମୁଖରେ ପଡୁଥିଲେ । ଏହାର ସୁଯୋଗ ନେଇ ଡ୍ୟାଲହାଉସୀ ସାତାରା (୧୮୪୮), ଜୈତପୁର ଓ ସମ୍ବଲପୁର (୧୮୪୯), ଭଗତ (୧୮୫୦), ଉଦୟପୁର (୧୮୫୨), ଝାନ୍ସୀ (୧୮୫୩) ଏବଂ ନାଗପୁର (୧୮୫୩) ଆଦି ରାଜ୍ୟ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

କେତୋଟି ରାଜ୍ୟର ମିଶ୍ରଣ ସମ୍ପର୍କରେ ଆଲୋଚନା କରାଯିବାଟା ଉଚିତ ହେବ ।

୧ । ସାତାରା : ସାତାରାର ରାଜା ଆପପା ସାହେବ୍ ନିଜର ଉତ୍ତରାଧିକାର ପାଇଁ ଏକ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ସେଥିପାଇଁ ସେ ସରକାରଙ୍କ ଅନୁମତି ନେଇ ନଥିଲେ । ଆପପାଙ୍କ ମୃତ୍ୟୁପରେ ତାଙ୍କର ପୋଷ୍ୟପୁତ୍ରକୁ ଡ୍ୟାଲହାଉସୀ ଉତ୍ତରାଧିକାରୀ ରୂପେ ସ୍ୱୀକାର ନ କରି ୧୮୪୮ରେ ସାତାରା ଅଧିକାର କଲେ । ଇଷ୍ଟଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକମାନେ ଡ୍ୟାଲହାଉସୀଙ୍କ ପଦକ୍ଷେପକୁ ଯୁକ୍ତିଯୁକ୍ତ ବୋଲି ଘୋଷଣା କରିଥିଲେ । ସାତାରା ଅଧିକାରକୁ ନେଇ ବିଦ୍ୱାନ୍‌ମାନେ ଭିନ୍ନଭିନ୍ନ ମତ ପୋଷଣ କରିଥା'ନ୍ତି । ବ୍ରିଟିଶ୍ ହାଉସ ଅଫ୍ କମନ୍ସରେ ସାତାରା ଅଧିକାରକୁ ନେଇ ହିଉମ କହିଥିଲେ, ଏହା ଥିଲା ସବଳର ଦୁର୍ବଳ ଉପରେ ବିଜୟ ।

୨ । ସମ୍ବଲପୁର : ୧୮୪୯ ଖ୍ରୀଷ୍ଟାବ୍ଦରେ ସମ୍ବଲପୁରର ରାଜା ନାରାୟଣ ସିଂହଙ୍କର ଦେହାନ୍ତ ହୋଇଥିଲା । ସେ ପୋଷ୍ୟପୁତ୍ର ଗ୍ରହଣ କରିନଥିଲେ, ତେଣୁ ତାଙ୍କ ରାଜ୍ୟ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶିଯାଇଥିଲା ।

୩ । ନାଗପୁର : ନାଗପୁରର ରାଜା ରଘୁଜୀ ଭୋଁସଲାଙ୍କର ୧୮୫୩ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁ ପୂର୍ବରୁ ଏକ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ରାଜା ରାଣୀଙ୍କୁ ପରାମର୍ଶ ଦେଇଥିଲେ । ରାଣୀ ମଧ୍ୟ ଯଶୋବନ୍ତ ରାଓଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ହିନ୍ଦୁ ଆଇନ ଅନୁଯାୟୀ ଏପରି ପୋଷ୍ୟପୁତ୍ର ଗ୍ରହଣ କରିବା ଯଥାର୍ଥ ଥିଲା; କିନ୍ତୁ ବ୍ରିଟିଶ୍ ରେସିଡେଣ୍ଟ ଯଶୋବନ୍ତଙ୍କୁ ସ୍ୱୀକୃତି ଦେଲେ ନାହିଁ । ୧୮୫୩ରେ ନାଗପୁର ରାଜ୍ୟ ବ୍ରିଟିଶ୍ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । କେବଳ ସେତିକି ନୁହେଁ ରାଜାଙ୍କର ପ୍ରାସାଦ, ଅଳଙ୍କାର ଓ ଉପକରଣମାନ ନିଲାମକରି ଦୁଇଲକ୍ଷ ପାଉଣ୍ଡ ମୁଦ୍ରା କମ୍ପାନୀ ଲାଭ କରିଥିଲା ।

୪ । ଝାନ୍ସୀ : ଦିନେ ଝାନ୍ସୀ ଥିଲା ପେଶବାଙ୍କର ଏକ କରଦ ରାଜ୍ୟ । ପେଶବାଙ୍କ ଠାରୁ ଇଷ୍ଟଇଣ୍ଡିଆ କମ୍ପାନୀ ୧୮୧୭ ଖ୍ରୀଷ୍ଟାବ୍ଦରେ ଏହି ରାଜ୍ୟ ଅଧିକାର କରିଥିଲା

ଏବଂ ରାମଚନ୍ଦ୍ର ରାଓଙ୍କୁ ଗାଦିରେ ବସାଇଥିଲା । ୧୮୩୫ ରେ ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କର ପୋଷ୍ୟପୁତ୍ରକୁ କମ୍ପାନୀ ସ୍ୱୀକୃତି ଦେଇନଥିଲା । କମ୍ପାନୀ ନିର୍ଦ୍ଦେଶରେ ରଘୁନାଥ ରାଓ ଗାଦି ଅଧିକାର କଲେ । ୧୮୩୮ ରେ ରଘୁନାଥଙ୍କ ମୃତ୍ୟୁପରେ ତାଙ୍କର ଉତ୍ତରାଧିକାରୀ ହେଲେ ଗଙ୍ଗାଧର ରାଓ । ଅପୁତ୍ରିକ ହୋଇ ଗଙ୍ଗାଧର ରାଓ ୧୮୫୩ ରେ ପ୍ରାଣତ୍ୟାଗ କରିଥିଲେ; ମାତ୍ର ମୃତ୍ୟୁ ପୂର୍ବରୁ ଗଙ୍ଗାଧର ରାଓ ଆନନ୍ଦ ରାଓଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ଏବଂ ଏହାର ଅନୁମୋଦନ ନିମିତ୍ତ ଡ୍ୟାଲହାଉସୀଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ବିଳମ୍ବରେ ପତ୍ର ପାଇଥିବା ଦର୍ଶାଇ ଡ୍ୟାଲହାଉସୀ ଗଙ୍ଗାଧର ରାଓଙ୍କ ମୃତ୍ୟୁ ପରେ ଝାନ୍ସୀ ଅଧିକାର କଲେ । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ଇଂରେଜମାନଙ୍କର ଏପରି କାର୍ଯ୍ୟକୁ ପ୍ରତିରୋଧ କରି ୧୮୫୭ ର ମହାନ୍ ବିଦ୍ରୋହର ନେତୃତ୍ୱ ନେଇଥିଲେ ।

୫ । ଜୈତପୁର ଓ ଭଗତ : ଜୈତପୁର ଥିଲା ବୁନ୍ଦେଲଖଣ୍ଡ ଅନ୍ତର୍ଗତ ଏକ ରାଜ୍ୟ । ପଞ୍ଜାବର ଏକ କ୍ଷୁଦ୍ର ପାହାଡୀ ରାଜ୍ୟ ଥିଲା ଭଗତ । ଏହି ରାଜ୍ୟଦ୍ୱୟର ରାଜାମାନେ ଅପୁତ୍ରିକ ଥିଲେ । ତେଣୁ ଡ୍ୟାଲହାଉସୀ ୧୮୪୯ ରେ ଜୈତପୁର ଓ ୧୮୫୦ ରେ ଭଗତ ଅଧିକାର କରିଥିଲେ ।

ଉପାଧି ଓ ବୃତ୍ତି ଉଚ୍ଛେଦ (Abolition of title and profession)

ପୁରୁଷାନୁକ୍ରମିକ ବହୁ ଭାରତୀୟ ରାଜା ଉପାଧି ଓ ବୃତ୍ତି ଲାଭ କରୁଥିଲେ; ମାତ୍ର ଡ୍ୟାଲହାଉସୀ ସେହି ଉପାଧି ଓ ବୃତ୍ତି ଉଚ୍ଛେଦ କରିଥିଲେ । ତାଙ୍କର ଯୁକ୍ତି ଥିଲା ଏଗୁଡ଼ିକ ହେଉଛି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଏବଂ ଉତ୍ତରାଧିକାରୀମାନଙ୍କର ଏହା ଉପରେ ଅଧିକାର ନାହିଁ ।

ପେଶବା ଦ୍ୱିତୀୟ ବାଜୀରାଓ ବାର୍ଷିକ ଆଠ ଲକ୍ଷ ଟଙ୍କା ଭତ୍ତା ପାଉଥିଲେ । ତାଙ୍କ ପୋଷ୍ୟପୁତ୍ର ନାନା ସାହେବଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଉଥିଲା; କିନ୍ତୁ ଡ୍ୟାଲହାଉସୀ ଏହା ବନ୍ଦ କରିଦେଇଥିଲେ । କର୍ଣ୍ଣାଟକର ନବାବ ମଧ୍ୟ ଦୀର୍ଘ ଦିନ ଧରି ବୃତ୍ତି ଉପଭୋଗ କରୁଥିଲେ । ୧୮୫୫ ରେ ତାଙ୍କର ମୃତ୍ୟୁପରେ ତାଙ୍କର ଉତ୍ତରାଧିକାରୀ ଅଜିମ ଶାହାଙ୍କୁ ଏହି ବୃତ୍ତି ଦିଆଗଲା ନାହିଁ । ଡ୍ୟାଲହାଉସୀ ମଧ୍ୟ ତାଞ୍ଜୋରର ରାଜା ଶିବାଜୀ ରାଓଙ୍କ ମୃତ୍ୟୁ ପରେ ସେ ପାଉଥିବା ଜାଗିରି ଓ ଭତ୍ତା ଉଚ୍ଛେଦ କରିଥିଲେ ।

ଐତିହାସିକ ବିଶ୍ଳେଷଣ (Historical Analysis)

ବିଭିନ୍ନ ଦୃଷ୍ଟିକୋଣରୁ ଡ୍ୟାଲହାଉସୀଙ୍କ ରାଜ୍ୟସ୍ୱତ୍ୱ ଲୋପ ନୀତି ସମାଲୋଚିତ ହୋଇଛି । ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟ ବିସ୍ତାରଲାଭ କରୁଥିବାବେଳେ କମ୍ପାନୀ ଭରସା ଦେଇଥିଲା ଯେ ଭାରତୀୟମାନଙ୍କର ଚଳଣି, ପ୍ରଥା ଓ ବିଶ୍ୱାସ ଉପରେ ଇଂରେଜମାନେ

ହସ୍ତକ୍ଷେପ କରିବେ ନାହିଁ । ପୋଷ୍ୟପୁତ୍ର ଗ୍ରହଣ କରିବା ଥିଲା ହିନ୍ଦୁ ସମାଜର ଏକ ମହାନ୍ ପରମ୍ପରା । ଏହା ଭାରତୀୟ ସମାଜରେ ନୂଆ ନ ଥିଲା । ଭାରତୀୟ ସାମାଜିକ ଓ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରିବାରେ କମ୍ପାନୀର କୌଣସି ଆଇନଗତ ଓ ନୈତିକ ଅଧିକାର ନଥିଲା । ଡ୍ୟାଲହାଉସୀ ଏହି ପରମ୍ପରାର ଉଚ୍ଛେଦ ସାଧନ କଲେ । ତାଙ୍କର ସାତାରା, ଝାନ୍ସୀ ଓ ନାଗପୁର ଅଧିକାର ଥିଲା ଖୁବ୍ ଅନ୍ୟାୟ । କମ୍ପାନୀ ଦାବି କରୁଥିଲା ଯେ, ଭାରତୀୟ ରାଜ୍ୟଗୁଡ଼ିକ ତାହାର ପ୍ରତିରକ୍ଷାରେ ତିଷ୍ଠିଛନ୍ତି, କିନ୍ତୁ ତାହା ନୁହେଁ । ଆଇନତଃ, ୧୮୫୭ ଖ୍ରୀଷ୍ଟାବ୍ଦ ଯାଏ ମୋଗଲ ସମ୍ରାଟଙ୍କ ହସ୍ତରେ ଭାରତର ସାର୍ବଭୌମ କ୍ଷମତା ରହିଥିଲା । ଅନେକ କ୍ଷେତ୍ରରେ କମ୍ପାନୀ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ରାଜାମାନଙ୍କୁ ଅନୁମତି ଦେଉନଥିଲା, କାରଣ ପୁତ୍ରହୀନ ରାଜାମାନଙ୍କର ରାଜ୍ୟ ଅଧିକାର କରିବା ଥିଲା କମ୍ପାନୀର ଉଦ୍ଦେଶ୍ୟ । ଏହା ଥିଲା ଇଂରେଜମାନଙ୍କର ଶକ୍ତି ଓ କ୍ଷମତାର ଏକ ନଗ୍ନ ପ୍ରଦର୍ଶନ । 'ଜୋର ଯାହାର ମୂଲକ ତାହାର', ଏହି ନୀତି ଉପରେ ଡ୍ୟାଲହାଉସୀ ବିଶ୍ୱାସ ରଖିଥିଲେ ।

ରାଜ୍ୟସ୍ୱତ୍ୱ ଲୋପ ନୀତି କେବଳ ନିର୍ଭରଶୀଳ ରାଜାମାନଙ୍କ ପ୍ରତି ଲାଗୁ ହୋଇଥିଲା । ଆଇନ ଅନୁଯାୟୀ କେଉଁ ରାଜ୍ୟ ନିର୍ଭରଶୀଳ ଓ କେଉଁ ରାଜ୍ୟ ନୁହେଁ, ତାହା ସ୍ଥିର କରିବା କଷ୍ଟସାଧ ଥିଲା । ଏହି ପରିପ୍ରେକ୍ଷୀରେ ବେଲ୍ (Bell) ଲେଖିଛନ୍ତି ଯେ ଦିଲ୍ଲୀର ରାଜାମାନେ ବା ପେଶବା କେହି କେବେହେଲେ ନିର୍ଭରଶୀଳ ଶାସକଙ୍କ ପରିବାରରେ ପୋଷ୍ୟପୁତ୍ର ଗ୍ରହଣ କରିବା ଅଧିକାରକୁ କ୍ଷୁଣ୍ଣ କରିନାହାନ୍ତି ଏବଂ ଏହା ସମ୍ପର୍କରେ ଗୋଟିଏ ବି ଦୃଷ୍ଟାନ୍ତ ନାହିଁ । ଏଡ୍‌ମଣ୍ଡ ବର୍କଙ୍କ ଭାଷାରେ, "ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତରେ ଜଣେ ମଧ୍ୟ ରାଜପୁତ୍ର ରହିନଥିଲେ, ଯାହାସହିତ ଇଂରେଜମାନେ ସଂସ୍ପର୍ଶରେ ଆସିନଥିଲେ ଏବଂ ଯାହାକୁ ସେମାନେ ବିକ୍ରି କରି ନଥିଲେ ।" ରିଚାର୍ଡ ଟେମ୍ପୁଲ ଲେଖିଛନ୍ତି, "ଯେତେବେଳେ କ୍ଲାଇବ୍ ଇଂରେଜମାନଙ୍କୁ ଏକ ଶକ୍ତି ରୂପେ ଗଢିଥିଲେ ଏବଂ ୱେଲ୍‌ସେଲି ସେମାନଙ୍କୁ ଏହି ଦେଶରେ ଏକ ଶ୍ରେଷ୍ଠ ଶକ୍ତିରେ ପରିଣତ କଲେ, ଡ୍ୟାଲହାଉସୀ ସେହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କଲେ ଏବଂ ଇଂରେଜମାନଙ୍କୁ ଭାରତରେ କେବଳ ମାତ୍ର ଶକ୍ତିରେ ରୂପାନ୍ତର କଲେ ।"

ଇଂରେଜ ଶାସନ ପ୍ରତି ଉଭୟ ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ସନ୍ଦେହ ବୃଦ୍ଧି ହୋଇଥିଲା । ରାଜ୍ୟସ୍ୱତ୍ୱ ଲୋପ ନୀତି ଇଂରେଜ ଶାସନ ପ୍ରତି ଖୁବ୍ ବିପଦ ଆଣି ଦେଇଥିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ଘଟିଲା ମହାନ୍ ବିଦ୍ରୋହ । ବିଦ୍ରୋହର ଫଳ ସ୍ୱରୂପ ଇଂରେଜମାନେ ଭାରତୀୟ ରାଜାମାନଙ୍କର ଉତ୍ତରାଧିକାର ପାଇଁ ପୋଷ୍ୟପୁତ୍ର ଗ୍ରହଣ ଅଧିକାରକୁ ଫେରାଇ ଦେଇଥିଲେ । ୧୮୬୦ରେ ଭାରତୀୟ ରାଜ୍ୟ ସଚିବ (Secretary of State of India) ଚାର୍ଲସ୍ ଉଡ୍ କହିଥିଲେ, "ଆମେ ଅନ୍ୟର ଅଧିକାରକୁ ସମ୍ମାନ ଦେବାକୁ ଇଚ୍ଛା କରୁଛୁ, ଯେପରି ଆମେ ଆମର ଅଧିକାର ଧରିରଖିବାକୁ ସକ୍ଷମ ହୋଇଛୁ ।"

●

ତ୍ରୟୋଦଶ ଅଧ୍ୟାୟ

୧୮୫୭ର ବିଦ୍ରୋହ
(Revolts of 1857)

ବିଦ୍ରୋହର ସ୍ୱରୂପ, କାରଣ ଓ ଫଳାଫଳ
(Nature, Causes and Results of Revolt)

୧୭୫୭ର ପଲାସୀ ଯୁଦ୍ଧଠାରୁ ପ୍ରାୟ ଏକଶତ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା । ବହୁ ବର୍ଷ ଧରି ଇଂରେଜମାନଙ୍କ ସାମ୍ରାଜ୍ୟ ବିସ୍ତାର ନୀତି, ଆର୍ଥିକ ଶୋଷଣ ଓ ଶାସନ ନୀତି ପ୍ରତ୍ୟେକ ଶ୍ରେଣୀ ଏବଂ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ କ୍ରୋଧ ଓ ଅସନ୍ତୋଷ ପୁଞ୍ଜିଭୂତ କରିଥିଲା । ଭାରତୀୟ ରାଜା, ସିପାହୀ, ଜମିଦାର, କୃଷକ, ପଣ୍ଡିତ ଓ ମୌଲବୀ ଆଦି କେହି ବାଦ୍ ଯାଇନଥିଲେ । ଲକ୍ଷ୍ନୌ ଘୋଷଣାରୁ ସ୍ପଷ୍ଟ ହୋଇଉଠିଲା ଯେ ହିନ୍ଦୁ-ମୁସଲମାନ୍‌ଙ୍କ ପ୍ରିୟ ବିଷୟ ଧର୍ମ, ସମ୍ମାନ, ଜୀବନ ଓ ଧନକୁ ଇଂରେଜମାନେ ବିପଦପୂର୍ଣ୍ଣ କରିଛନ୍ତି । ବେଣ୍ଟିକ୍ ଓ ଡ୍ୟାଲହାଉସୀଙ୍କ ସଂସ୍କାର ଭାରତୀୟମାନଙ୍କର ସାମାଜିକ ଓ ଧର୍ମୀୟ ଜୀବନରେ ବହୁ ପରିବର୍ତ୍ତନ ଆଣିଥିଲା । ଇଂରେଜମାନଙ୍କ ବିରୋଧରେ ଭାରତୀୟମାନେ ଯେ ବିରୋଧତା ଭାବ ପ୍ରଦର୍ଶନ କରି ନଥିଲେ ତା' ନୁହେଁ, ସେମାନଙ୍କୁ ବିରୋଧ କରି ୧୮୦୬ ରେ ଭେଲୋର, ୧୮୨୪ ରେ ବାରାକପୁର, ୧୮୪୨ ରେ ଫିରୋଜପୁର, ୧୮୧୬ ରେ ବରେଲୀ, ୧୮୪୮ ରେ କଙ୍ଗ୍ରା ଆଦି ସ୍ଥାନରେ ବିଦ୍ରୋହମାନ ସଂଘଟିତ ହୋଇଥିଲା । ୧୮୫୫-୫୬ ରେ ସାନ୍ତାଳମାନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ଶେଷରେ ଆରମ୍ଭ ହେଲା ୧୮୫୭ର ମହାନ୍ ବିଦ୍ରୋହ । ଯଦିବି ଏ ବିଦ୍ରୋହ ଭାରତୀୟ ସୈନିକମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଏହା ଖୁବ୍ ଶୀଘ୍ର ସମଗ୍ର ଭାରତବର୍ଷରେ ବ୍ୟାପିଗଲା । ନିୟୁତ ନିୟୁତ କୃଷକ, କାରିଗର, ସୈନିକ ଓ ରାଜାମାନେ ବୀରମାନଙ୍କ ପରି ଏକ ବର୍ଷ ଧରି ଇଂରେଜ ଶାସନ ବିରୁଦ୍ଧରେ ଲଢେଇ କରିଥିଲେ । ହିନ୍ଦୁ-ମୁସଲମାନ୍‌ମାନେ କାନ୍ଧକୁ କାନ୍ଧ ମିଳାଇ ବିଦେଶୀଶାସନ ଉଚ୍ଛେଦ କରିବାକୁ ବିଦ୍ରୋହକୁ ଲମ୍ଫ ପ୍ରଦାନ କରିଥିଲେ । ବ୍ରିଟିଶ୍ ଐତିହାସିକମାନେ ଏହାକୁ ସିପାହୀ ବିଦ୍ରୋହ ରୂପେ ଅଭିହିତ କରିବାବେଳେ ଭାରତୀୟ ଐତିହାସିକମାନେ ଏ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରିଥା'ନ୍ତି ।

ବିଦ୍ରୋହର ସ୍ୱରୂପ (Nature of the Revolt) :

୧୮୫୭ ବିଦ୍ରୋହର ସ୍ୱରୂପ ନେଇ ଐତିହାସିକମାନେ ବିବିଧ ମତ ପୋଷଣ କରିଥା'ନ୍ତି । ସାର୍ ମାର୍ଶମ୍ୟାନ, ଜନ୍ ଲରେନ୍‌ସ, ପି.ଇ. ରବର୍ଟ, ମ୍ୟାଲେସନ୍ ଆଦି ଐତିହାସିକମାନେ କହିଥା'ନ୍ତି ଯେ ଏହା ହେଉଛି ସାମାନ୍ୟ ସିପାହୀ ବିଦ୍ରୋହ ଯେଉଁଥିରେ ସେନାପତିତ୍ୱ ନଥିଲା ବା ଯାହାକୁ ଭାରତୀୟ ଜନସାଧାରଣ ସମର୍ଥନ କରୁନଥିଲେ । ଜୀବନ ଲାଲ୍, ମୋଇନୁଦ୍ଦୀନ, ଦୁର୍ଗାଦାସ ବନ୍ଦୋପାଧ୍ୟାୟ, ସୈୟଦ ଅହମ୍ମଦ ଆଦି କେତେକ ସମସାମୟିକ ଭାରତୀୟ ଏହି ମତ ଦେଇଛନ୍ତି । ୧୮୫୭ ର ବିଦ୍ରୋହକୁ ବର୍ଣ୍ଣନା କରି ଶେଲୀ କହିଛନ୍ତି, "ଏହାଥିଲା ସ୍ଥାନୀୟ ନେତୃତ୍ୱ ଏବଂ ଲୋକପ୍ରିୟ ସମର୍ଥନ ବିନା ଏକ ସମ୍ପୂର୍ଣ୍ଣ ଦେଶପ୍ରେମହୀନ ଓ ସ୍ୱାର୍ଥପର ସିପାହୀ ବିଦ୍ରୋହ ।" ଏହାଥିଲା ଭାରତୀୟ ସୈନ୍ୟମାନଙ୍କର ଏକ ବିଦ୍ରୋହ, ଯେଉଁମାନଙ୍କୁ ଚର୍ବିବୋଳା ଗୁଳି ବ୍ୟବହାର କରିବା ନିମିତ୍ତ ବାଧ୍ୟ କରାଯାଇଥିଲା । ଏହି ଗୋଷ୍ଠୀର ଐତିହାସିକମାନଙ୍କ ମତରେ ଅସନ୍ତୁଷ୍ଟ ସିପାହୀମାନେ ଜମିଦାର ଓ ଗାଦିଚ୍ୟୁତ ରାଜପୁତ୍ରମାନଙ୍କ ଦ୍ୱାରା ଉତ୍ତେଜିତ ହୋଇ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହରେ ସମସ୍ତ ଭାରତୀୟ ଅଂଶଗ୍ରହଣ କରିନଥିଲେ ବା ଏହା ସମଗ୍ର ଭାରତରେ ବ୍ୟାପି ନଥିଲା । ତେଣୁ ସେମାନଙ୍କ ମତରେ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମ ନୁହେଁ ।

ଅନ୍ୟ ଐତିହାସିକମାନେ ଏହାକୁ 'ଖ୍ରୀଷ୍ଟିଆନ୍‌ମାନଙ୍କ ବିରୋଧରେ ଏକ ଧର୍ମଯୁଦ୍ଧ' ବା 'କୃଷ୍ଣକାୟ ଓ ଶ୍ୱେତକାୟ ବ୍ୟକ୍ତିଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭ ପାଇଁ ଏକ ଜାତିଗତ ସଂଘର୍ଷ' ବୋଲି ବର୍ଣ୍ଣନା କରିଥା'ନ୍ତି । ପୁଣି ଅନ୍ୟ ଐତିହାସିକମାନେ ଏହାକୁ କହିଥା'ନ୍ତି- "ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଏକ ସଂଘର୍ଷ ।" ଅଳ୍ପ କେତେକ ଐତିହାସିକ ଏ ବିଦ୍ରୋହକୁ "ବ୍ରିଟିଶ୍ ଶାସନ ସମ୍ପୂର୍ଣ୍ଣ ରୂପେ ପରାଭୂତ କରିବା ପାଇଁ ହିନ୍ଦୁ-ମୁସଲମାନ୍ ଚକ୍ରାନ୍ତର ଏକ ଫଳ" ବୋଲି ବର୍ଣ୍ଣନା କରନ୍ତି ।

କିନ୍ତୁ ଭାରତୀୟ ଜାତୀୟତାବାଦୀ ନେତା ଦାମୋଦର ସଭରକର ଏବଂ ଜବାହରଲାଲ ନେହେରୁ ଆଦି ୧୮୫୭ ର ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରିଛନ୍ତି । ଜବାହର ତାଙ୍କର 'ଡିସ୍‌କଭରୀ ଅଫ୍ ଇଣ୍ଡିଆ' (Discovery of India) ପୁସ୍ତକରେ ଲେଖିଛନ୍ତି, "ଏକ ସାମରିକ ବିଦ୍ରୋହଠାରୁ ଏହାଥିଲା ଖୁବ୍ ଅଧିକ ଏବଂ ଏହା ଖୁବ୍ ଶୀଘ୍ର ବ୍ୟାପକ ହେଲା ଏବଂ ଏକ ଲୋକପ୍ରିୟ ବିଦ୍ରୋହ ଓ ଭାରତ ସ୍ୱାଧୀନତା ସଂଗ୍ରାମର ସ୍ୱରୂପ ଧାରଣ କଲା ।"

ସଭରକରଙ୍କ ମତରେ, "ସ୍ୱଧର୍ମ ଓ ସ୍ୱରାଜ ଥିଲା ବିଦ୍ରୋହର ଦୁଇ ନୀତି ଏବଂ ସେହି ଦୁଇନୀତିରେ ନିହିତ ଥିଲା ବିଦ୍ରୋହାତ୍ମକ ସଂଘର୍ଷର ମୂଳମନ୍ତ୍ର ।" ଐତିହାସିକ

ଏସ.ଏନ. ସେନ ଏହି ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମ ବୋଲି କହିଥା'ନ୍ତି । ଇଂଲଣ୍ଡର ବିଶିଷ୍ଟ ନେତା ବେଞ୍ଜାମିନ୍ ଡିଜ୍ରାଇଲି ଏହି ଘଟଣାକୁ ଜାତୀୟ ଜାଗରଣ ବୋଲି ଅଭିହିତ କରିଥା'ନ୍ତି । ବାସ୍ତବିକ ବିଦେଶୀ ଶାସନ ଉଠାଇ ଦେବାପାଇଁ ଏହି ବିଦ୍ରୋହ ଥିଲା ଦେଶପ୍ରେମୀ ଭାରତୀୟମାନଙ୍କର ମହାନ୍ ଓ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ । ଏହିପରି ଏକ ଗୌରବମୟ ଘଟଣାରେ ହିନ୍ଦୁ ଓ ମୁସଲମାନ୍‌ମାନେ ପାଦକୁ ପାଦ ମିଳାଇ ସେମାନଙ୍କ ହୃତ ସ୍ୱାଧୀନତା ଫେରାଇ ଆଣିବାକୁ ଯୁଦ୍ଧ କରିଥିଲେ । ସ୍ଥାନେ ସ୍ଥାନେ ନାରୀମାନେ ଖଣ୍ଡା ଧାରଣ କରି ବିଦେଶୀମାନଙ୍କ ବିପକ୍ଷରେ ଲଢ଼ିଥିଲେ । 'ହରହର ମହାଦେବ', 'ଦିନ୍‌ଦିନ୍' ଏବଂ 'ମାରେ ଫିରିଙ୍ଗି କୋ' ଧ୍ୱନିରେ ସାରାଦେଶ ଧ୍ୱନିତ ହୋଇଥିଲା । ବ୍ୟାପକ ନ ହେଲେ ମଧ୍ୟ ଯେଉଁ ଅଞ୍ଚଳରେ ଏ ବିଦ୍ରୋହ ଦେଖାଯାଇଥିଲା ଏହା ଥିଲା 'ଇଂରେଜୀ ଶକ୍ତି ବିରୋଧୀ' । ତେଣୁ ୧୮୫୭ର ମହାନ୍ ବିଦ୍ରୋହକୁ 'ସିପାହୀ ବିଦ୍ରୋହ' କହି ସୀମିତ ନ କରି ଏହାକୁ 'ଭାରତୀୟମାନଙ୍କର ପ୍ରଥମ ସଂଗ୍ରାମ' ରୂପେ ବର୍ଣ୍ଣନା କରାଯିବା ଉଚିତ । ମଜୁମଦାର କହିଛନ୍ତି, ''ଏହାର ମୌଳିକ ଗୁଣ ଯାହା ହେଉନା କାହିଁକି, ଭାରତରେ ବ୍ରିଟିଶ୍ ଶକ୍ତିକୁ ଆହ୍ୱାନ କରିବାରେ ଏହା ଖୁବ୍ ଶୀଘ୍ର ଗୋଟିଏ ଚିହ୍ନ ହୋଇ ରହିଗଲା । ଭାରତର ବିକାଶଶୀଳ ଜାତୀୟତା ପୂର୍ବରୁ ବ୍ରିଟିଶ୍ ଜୁଆଳିରୁ ମୁକ୍ତି ପାଇବା ନିମିତ୍ତ ସଂଗ୍ରାମରେ ଏହା ଏକ ଉଜ୍ଜ୍ୱଳ ଉଦାହରଣ ହୋଇଥିଲା ।''

୧୮୫୭ ବିଦ୍ରୋହର କାରଣ (Causes of the Revolt of 1857) :

୧୮୫୭ର ମହାନ୍ ବିଦ୍ରୋହ କେତେଗୁଡ଼ିଏ କାରଣ ଯୋଗୁଁ ସଂଘଟିତ ହୋଇଥିଲା; ଯଥା- ରାଜନୈତିକ, ପ୍ରଶାସନିକ, ସାମାଜିକ, ଆର୍ଥନୀତିକ, ଧର୍ମଗତ ଏବଂ ସାମରିକ କାରଣମାନ । ଏହି କାରଣଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

ରାଜନୈତିକ କାରଣ

କମ୍ପାନୀ ନୀତିର ଫଳପ୍ରଦ ନିୟନ୍ତ୍ରଣ ଏବଂ ଭାରତୀୟ ରାଜ୍ୟଗୁଡ଼ିକର କ୍ରମିକ ବିନାଶ ୱେଲ୍‌ସେଲିଙ୍କ ସାମନ୍ତ ସନ୍ଧି ପ୍ରୟୋଗରେ ଏକ ନିର୍ଦ୍ଦିଷ୍ଟ ରୂପ ନେଇଥିଲା । ସାମନ୍ତ ସନ୍ଧି ଦ୍ୱାରା ୱେଲ୍‌ସେଲି ଅଯୋଧ୍ୟା, ହାଇଦ୍ରାବାଦ, ତାଞ୍ଜୋର, କର୍ଣ୍ଣାଟକ ଆଦି ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଫଳରେ ସଂପୃକ୍ତ ରାଜ୍ୟର ଶାସକମାନେ ଇଂରେଜମାନଙ୍କୁ ଘୃଣା କରୁଥିଲେ; କିନ୍ତୁ ପ୍ରତିରୋଧର ତୀବ୍ରତା ଅନୁଭୂତ ହୋଇଥିଲା ଡ୍ୟାଲହାଉସୀଙ୍କ ରାଜ୍ୟସ୍ୱତ୍ୱ ଲୋପନୀତି ବିରୁଦ୍ଧରେ । ଏହି ନୀତିଦ୍ୱାରା ସାତାରା, ଜୈତପୁର, ଭଗତ, ଝାନ୍‌ସୀ, ସମ୍ବଲପୁର, ଉଦୟପୁର, ନାଗପୁର ଆଦି ରାଜ୍ୟଗୁଡ଼ିକ ଇଂରେଜ ସାମ୍ରାଜ୍ୟରେ ମିଶିଗଲା । ହିନ୍ଦୁ ରାଜପୁତ୍ରମାନଙ୍କୁ ଉତ୍ତରାଧିକାର ଅଧିକାର ମନା କରିଦିଆଗଲା । ପୋଷ୍ୟପୁତ୍ରମାନଙ୍କର ସିଂହାସନ ଅଧିକାର ବିଷୟରେ ନିଶ୍ଚିତ କିଛି କୁହାଗଲା ନାହିଁ । କମ୍ପାନୀର ତ୍ରୁଟି ବିରୁଦ୍ଧରେ

ନ୍ୟାୟ ଖୋଜିବା ପାଇଁ କୌଣସି ଉଚ୍ଚନ୍ୟାୟାଳୟ ନଥିଲା । ପେଶବା ଦ୍ୱିତୀୟ ବାଜୀରାଓଙ୍କ ପୋଷ୍ୟପୁତ୍ର ନାନା ସାହେବ ପେନ୍‌ସନ୍ ପାଇଲେ ନାହିଁ ବା ରାଣୀ ଲକ୍ଷ୍ମୀବାଈଙ୍କ ପୋଷ୍ୟପୁତ୍ରଙ୍କୁ ସିଂହାସନରେ ବସିବା ପାଇଁ ଅନୁମତି ଦିଆଗଲା ନାହିଁ ।

୧୮୫୬ ଖ୍ରୀଷ୍ଟାବ୍ଦରେ ଅଯୋଧ୍ୟାର ପ୍ରଜାମାନଙ୍କୁ ଉତ୍ତମ ଶାସନ ଦିଆଯିବ, ଏହି ଆଳରେ କମ୍ପାନୀର ସାମ୍ରାଜ୍ୟରେ ଅଯୋଧ୍ୟା ମିଶାଇଦିଆଗଲା । କମ୍ପାନୀର ବାକି ଅର୍ଥ ପୈଠ ନ କରିବା ଅଭିଯୋଗରେ ଡ୍ୟାଲହାଉସୀ ବେରାର ଅଧିକାର କରିଥିଲେ । ପଞ୍ଜାବ, ପେଗୁ ଓ ସିକିମ ଆଦି ଅଞ୍ଚଳକୁ ନିଜର ଉଗ୍ର ସାମ୍ରାଜ୍ୟବାଦ ତୃଷ୍ଣା ଯୋଗୁଁ ଡ୍ୟାଲହାଉସୀ ଯୁଦ୍ଧ ଦ୍ୱାରା ଜୟ କଲେ । ଦେଶୀୟ ରାଜାମାନେ ଚିନ୍ତା କଲେ ଯେ ଅସାଧୁ ଉପାୟରେ କମ୍ପାନୀ ଶୀଘ୍ର ବା ବିଳମ୍ବରେ ହେଉ ସେମାନଙ୍କ ରାଜ୍ୟଗୁଡ଼ିକ ମଧ୍ୟ ଅଧିକାର କରିବ । ଭାରତୀୟ ରାଜପୁତ୍ରମାନଙ୍କ ପ୍ରତି ଇଂରେଜମାନେ କଠୋର ବ୍ୟବହାର କରୁଥିଲେ । ଇଂରେଜମାନଙ୍କୁ ଶତ୍ରୁ ବୋଲି ବିଚାର କରିବା ରାଜା ଓ ପ୍ରଜାମାନଙ୍କର ଏକ ସ୍ୱାଭାବିକ ଧାରଣା ଥିଲା । ଚାର୍ଲସ ନେପିୟର ଲେଖିଥିଲେ, ''ବାରବର୍ଷ ଧରି ମୁଁ ଯଦି ଭାରତର ସମ୍ରାଟ ହୋଇଥା'ନ୍ତି କେହି ଭାରତୀୟ ରାଜପୁତ୍ର ରହିନଥା'ନ୍ତେ, ନିଜାମଙ୍କ କଥା ଶୁଣା ଯାଉନଥା'ନ୍ତା, ନେପାଳ ଆମମାନଙ୍କର ହୋଇଯାଇ ସାରନ୍ତାଣି ।'' ମ୍ୟାଲେସନ ଯଥାର୍ଥରେ କହିଛନ୍ତି ଯେ ଡ୍ୟାଲହାଉସୀଙ୍କ ନୀତି ଏବଂ ଉଚ୍ଚ କର୍ମକର୍ତ୍ତାଙ୍କ କଥା ଏବଂ ଲେଖା ଭାରତୀୟମାନଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିଥିଲା ଏବଂ ଭାରତୀୟମାନଙ୍କର ଧାରଣା ହେଲା ଯେ ବ୍ରିଟିଶ୍‌ମାନେ ମେଣ୍ଢାର ପୋଷାକରେ ହେଟାବାଘର ଖେଳ ଖେଳୁଛନ୍ତି ।

ମୋଗଲ ସାମ୍ରାଜ୍ୟ ସ୍ଥିତି ପ୍ରତି ଡ୍ୟାଲହାଉସୀଙ୍କର ଅସହିଷ୍ଣୁ ଭାବ ଥିଲା । ମୋଗଲ ସମ୍ରାଟଙ୍କର ରାଜ୍ୟ ଓ କ୍ଷମତା ନଥିଲେ ମଧ୍ୟ ତାଙ୍କୁ ଭାରତୀୟମାନେ ପରମ୍ପରାଗତ ସମ୍ରାଟ ବୋଲି ସମ୍ମାନ ଦେଉଥିଲେ । ମୋଗଲ ସମ୍ରାଟଙ୍କର ରାଜପ୍ରାସାଦ, ଦୁର୍ଗ, ଉପାଧି ପ୍ରଭୃତି ଛଡାଇ ନେଇ ଇଂରେଜମାନେ ତାଙ୍କୁ ଅସହାୟ କରିଦେବା ପାଇଁ ଚକ୍ରାନ୍ତ କରୁଛନ୍ତି- ଏକଥା ମୁସଲମାନ୍‌ମାନଙ୍କୁ ଯଥେଷ୍ଟ ଆଘାତ ଦେଇଥିଲା ।

କମ୍ପାନୀର କର୍ମକର୍ତ୍ତାମାନେ ଇଂଲଣ୍ଡରେ ରହି ଭାରତକୁ ଶାସନ କରୁଥିଲେ । ସେମାନେ ଭାରତୀୟମାନଙ୍କର ପ୍ରକୃତ ଅଭାବ ଅସୁବିଧା ଉପଲବ୍ଧି କରିପାରୁନଥିଲେ । ତେଣୁ ଲୋକମାନେ ସ୍ୱାଭାବିକ ଭାବରେ ଇଂରେଜ ବିରୋଧୀ ହୋଇଯାଇଥିଲେ । ମୁସଲମାନ୍ ଓ ମୋଗଲମାନେ ଭାରତକୁ ଜୟ କରିଥିଲେ ଏବଂ ସମୟାନୁକ୍ରମେ ଭାରତରେ ବସବାସ କରିଥିଲେ । ସେମାନେ ଯେଉଁ ରାଜସ୍ୱ ଆଦାୟ କରୁଥିଲେ ତାହା ଏ ଦେଶରେ ଖର୍ଚ୍ଚ କରୁଥିଲେ; କିନ୍ତୁ ଇଂରେଜମାନଙ୍କ ପ୍ରତି ଭାରତୀୟମାନଙ୍କର ଧାରଣା ଆସିଲା ଯେ ସେମାନେ

ଭାରତକୁ ସହସ୍ର ସହସ୍ର ମାଇଲ ଦୂରରୁ ଶାସନ କରୁଛନ୍ତି ଏବଂ ଭାରତର ସମ୍ପତ୍ତି ନିଜ ଦେଶକୁ ଲୁଟିନେଉଛନ୍ତି । ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ କରାଯାଇ ପାରୁନାହିଁ ।

ଦେଶୀୟ ରାଜାମାନଙ୍କର ସୈନ୍ୟବାହୀନରେ ପିଣ୍ଡରୀ, ଠଗ ଏବଂ ଅସ୍ଥାୟୀ ସୈନ୍ୟମାନେ ଅନ୍ତର୍ଭୁକ୍ତ ଥିଲେ । ଦେଶୀୟ ରାଜ୍ୟଗୁଡିକ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶିଯିବାରୁ ଏହି ସୈନ୍ୟମାନେ ଜୀବିକା ହରାଇଲେ ଏବଂ ଉପାର୍ଜନ ପାଇଁ ଲୁଣ୍ଠନ କାର୍ଯ୍ୟ ଚଳାଉଥିଲେ । ଇଂରେଜମାନେ ସେମାନଙ୍କୁ ଦମନ କରିବାରୁ ସେମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିଲେ । ୧୮୫୭ ରେ ସେମାନେ ବିଦ୍ରୋହ କରି ବିଶୃଙ୍ଖଳା ସୃଷ୍ଟି କରିଥିଲେ ।

ପ୍ରଶାସନିକ କାରଣ

ଇଂରେଜମାନଙ୍କର ଭାରତୀୟ ରାଜ୍ୟଗୁଡିକ ଅଧିକାର ବହୁ ପ୍ରଶାସନିକ ସମସ୍ୟା ସୃଷ୍ଟି କରିଥିଲା । ଇଂରେଜମାନଙ୍କର ନୂଆ ଶାସନ ନୀତି ଭାରତୀୟମାନେ ବୁଝିପାରୁନଥିଲେ । ଶାସକମାନଙ୍କ ପ୍ରତି ସେମାନଙ୍କ ମନରେ ଅବିଶ୍ୱାସ ସୃଷ୍ଟି ହେଉଥିଲା । ଭାରତୀୟ ସମ୍ଭ୍ରାନ୍ତମାନେ ସେମାନଙ୍କ କ୍ଷମତା ଓ ଉଚ୍ଚ ପଦବୀ ହରାଇଥିଲେ । ନୂଆ ଶାସନରେ ସେମାନେ ସେମାନଙ୍କ ପୁରୁଣା ପଦବୀ ଲାଭକରିବାର ସୁଯୋଗ ନଥିଲା । ଉଚ୍ଚ ପ୍ରଶାସନିକ ଓ ସାମରିକ ପଦଗୁଡିକ ଇଉରୋପୀୟମାନଙ୍କ ପାଇଁ ସଂରକ୍ଷିତ ହେଉଥିଲା । ଭାରତୀୟମାନଙ୍କୁ କୁଲି, ପିଅନ, ଚପରାସୀ, ଖାନସମା, କିରାଣି ଆଦି ନିମ୍ନପଦରେ ନିଯୁକ୍ତ କରାଯାଉଥିଲା ଏବଂ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରାହେଉଥିଲା । ଜଣେ ଭାରତୀୟ ଉପଭୋଗ କରୁଥିବା ସର୍ବୋଚ୍ଚ ସାମରିକ ପଦବୀ ଥିଲା ସୁବେଦାର; ତାଙ୍କର ମାସିକ ଦରମା ଥିଲା ୬୦ ବା ୭୦ ଟଙ୍କା । ସେହିପରି ପ୍ରଶାସନିକକ୍ଷେତ୍ରରେ ଉଚ୍ଚତମ ପଦବୀ ଥିଲା ସଦର ଅମୀନ । ସେ ମାସକୁ ୫୦୦ ଟଙ୍କା ବେତନ ପାଉଥିଲେ । ରାଜାମାନଙ୍କ ଅଧୀନରେ ଥିବା ରାଜକର୍ମଚାରୀ, ପଣ୍ଡିତ, ସୈନ୍ୟ, ନର୍ତ୍ତକୀ, ବିଦୂଷକ, ସଙ୍ଗୀତଜ୍ଞ, ଦୂତ ଆଦି ଚାକିରି ହରାଇ ଦୁଃଖରେ ବାସ କରୁଥିଲେ ଏବଂ ଇଂରେଜ ଶାସନ ପ୍ରତି ବିଦ୍ରୋହୀ ହୋଇଉଠୁଥିଲେ ।

କମ୍ପାନୀର ଶାସନକଳ ଥିଲା ଦୁର୍ବଳ ଓ ନ୍ୟୂନ । ସେମାନଙ୍କର ରାଜସ୍ୱ ନୀତି ଥିଲା ସବୁଠାରୁ ଜନ ଅପ୍ରିୟ । ଯେତେବେଳେ ଜାଗିରିଦାର ଓ ତାଲୁକଦାରମାନଙ୍କୁ ଉଚ୍ଛେଦ କରାଗଲା, ସେମାନଙ୍କଠାରୁ ସୁବିଧା ସୁଯୋଗ ଲାଭକରୁଥିବା ଲୋକମାନେ ଅସନ୍ତୁଷ୍ଟ ହୋଇଥିଲେ । କୃଷକମାନଙ୍କୁ ଅଧିକ ରାଜସ୍ୱ ଦେବାକୁ ପଡୁଥିଲା । ଜମିଦାରମାନେ ସ୍ୱତନ୍ତ୍ର ସୁବିଧାମାନ ହରାଇବସିଥିଲେ । ସୈନ୍ୟ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଲୋକମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଥିଲା । ବ୍ରିଟିଶ୍ ପ୍ରଶାସକମାନେ ଲୋକମାନଙ୍କର ଦୁଃଖ ବୁଝିଲେ ନାହିଁ ।

ନୂଆ କରି ଅଧିକାର କରାଯାଇଥିବା ରାଜ୍ୟର ଅଧିକାଂଶ ଜିଲ୍ଲାଗୁଡିକରେ ସ୍ଥାୟୀ ଭାବରେ ବିଦ୍ରୋହ ଲାଗି ରହୁଥିଲା । ତେଣୁ ଭୂରାଜସ୍ୱ ଆଦାୟ କରିବା ପାଇଁ ସୈନ୍ୟମାନଙ୍କୁ ପ୍ରେରଣ କରାଯାଉଥିଲା । ଉଦାହରଣସ୍ୱରୂପ ପାନିପଥ ଜିଲ୍ଲାରେ ରାଜସ୍ୱ ଆଦାୟ କରିବା ପାଇଁ ୧୩୬ ଜଣ ଅଶ୍ୱାରୋହୀଙ୍କୁ ରଖାଯାଇଥିବାବେଳେ ପୋଲିସର କାର୍ଯ୍ୟ କରିବା ପାଇଁ ମାତ୍ର ୨୨ ଜଣଙ୍କୁ ନିଯୁକ୍ତ କରାଯାଇଥିଲା । ସେଥିପାଇଁ ହେନରୀ ଲରେନ୍ସ କହିଛନ୍ତି, ''ଜ୍ୟାକସନ୍, ଜନ୍ ଲରେନ୍ସ, ଥମ୍ପସନ୍ ଏବଂ ଆଡମନଷ୍ଟୋନ୍ ଆଦି ଭାରତକୁ ଏହିପରି ଏକ ସ୍ଥିତିକୁ ନେଇଆସିଲେ ।''

ଇଂରେଜମାନଙ୍କର ବିଚାର ପଦ୍ଧତି ଥିଲା ବ୍ୟୟବହୁଳ, ଯାନ୍ତ୍ରିକ ଓ ବିଳମ୍ବଜନିତ । ଓକିଲମାନଙ୍କୁ ଅର୍ଥ ପ୍ରଦାନ କରି ମଧ୍ୟ ନ୍ୟାୟ ଲାଭରେ ମହକିଲମାନେ ସନ୍ତୁଷ୍ଟ ନଥିଲେ । ଓକିଲମାନେ ବିଚାରପତିମାନଙ୍କ ସମ୍ମୁଖରେ ଓକିଲାତି କରି କହୁଥିବା ବିଷୟ, ତାହାର ଅନୁବାଦ ଓ ବିଚାରପତି ଲିପିବଦ୍ଧ କରୁଥିବା ବିଷୟ ମଧ୍ୟରେ ବହୁତ ତଫାତ୍ ରହୁଥିଲା । ଗରିବଲୋକମାନେ ଏପରି ବିଚାର ପଦ୍ଧତିରୁ ନ୍ୟାୟ ପାଇ ପାରୁନଥିଲେ । ଧନୀ ଲୋକମାନେ ମଧ୍ୟ ଏହି ପଦ୍ଧତି ପ୍ରତି ଅସହିଷ୍ଣୁ ଥିଲେ, କାରଣ ଜଣେ ଗରିବ ବ୍ୟକ୍ତି ଧନୀବ୍ୟକ୍ତିଙ୍କ ବିରୁଦ୍ଧରେ କେଶ୍ କରିପାରୁଥିଲେ । ଅର୍ଥ ଦ୍ୱାରା ପ୍ରତିଷ୍ଠିତ ବ୍ୟକ୍ତିମାନେ ନ୍ୟାୟ ଓଲଟପାଲଟ କରିଦେଇପାରୁଥିଲେ । ନ୍ୟାୟାଳୟରୁ ପାରସିକ ଭାଷା ଉଠାଇଦେଇ ତା'ସ୍ଥାନରେ ଇଂରାଜୀ ଭାଷା ପ୍ରଚଳନ କରିବା ପ୍ରସ୍ତାବକୁ ଲୋକମାନେ ନିଶ୍ଚିତ ଭାବରେ ବିରୋଧ କରିଥିଲେ । ବିଚାରପତି ରେକ୍ସଙ୍କ ଭାଷାରେ- ''ଭାରତୀୟମାନେ ଆମର ବିଚାର ବ୍ୟବସ୍ଥାକୁ ବହୁକାରଣରୁ ଘୃଣା କରୁଥିଲେ ।''

ସାମାଜିକ କାରଣ :

ଇଂରେଜମାନେ ଭାରତୀୟମାନଙ୍କ ସାମାଜିକ ରୀତିନୀତିରେ ହସ୍ତକ୍ଷେପ କରି ଅନେକ ଲୋକଙ୍କୁ ଅସନ୍ତୁଷ୍ଟ କରୁଥିଲେ । ସେମାନଙ୍କର ଅନେକ ସାମାଜିକ ସଂସ୍କାର ରକ୍ଷଣଶୀଳ ଲୋକମାନେ ବିରୋଧ କରୁଥିଲେ ।

ବେଣ୍ଟିକ୍ଙ୍କ ସତୀଦାହ ପ୍ରଥା ଉଚ୍ଛେଦକୁ ପ୍ରଗତିବାଦୀମାନେ ସ୍ୱାଗତ କରିଥିଲେ ମଧ୍ୟ ନୈଷ୍ଠିକ ଲୋକମାନେ ଏଥିରେ କ୍ଷୁବ୍ଧ ହୋଇଥିଲେ । ବଙ୍ଗର କୁଳୀନ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ଏହି ପ୍ରଥାର ଉଚ୍ଛେଦ ଯୋଗୁଁ କ୍ରୋଧର ସୀମା ରହିଲା ନାହିଁ । ୧୮୫୬ ରେ ଡ୍ୟାଲହାଉସୀଙ୍କ ବିଧବା ପୁନର୍ବିବାହ ଆଇନ ପ୍ରଚଳନ ଭାରତୀୟ ରକ୍ଷଣଶୀଳ ସମାଜରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

୧୮୫୦ ଖ୍ରୀଷ୍ଟାବ୍ଦରେ ଅନଗ୍ରସର ଜାତିର ଲୋକମାନଙ୍କୁ ସମସ୍ତଙ୍କ ସହିତ ସମାନ କରିଦେବା ପାଇଁ 'ଜାତି ଅକ୍ଷମତା ଆଇନ' ପ୍ରଚଳିତ ହେଲା । ଅନଗ୍ରସର ଲୋକଙ୍କୁ ପାଦ୍ରିମାନେ ଖ୍ରୀଷ୍ଟିଆନ୍ କରି ଦେଉଥିଲେ । ଭାରତୀୟ ଜାତିବିଭାଗକୁ ଧ୍ୱଂସ କରିଦେବା ପାଇଁ ଏହା ଥିଲା ଏକ ପ୍ରକାଶ୍ୟ ଆହ୍ୱାନ । ଉଭୟ ହିନ୍ଦୁ ଓ ମୁସଲମାନ୍ ଏହି ଆଇନକୁ ବିରୋଧ କରୁଥିଲେ ।

୧୮୩୫ ରେ ବେଣ୍ଟିକ୍‌ଙ୍କ ଇଂରାଜୀ ଶିକ୍ଷା ପ୍ରଚଳନ ଓ ୧୮୫୪ ରେ ଉଡ୍‌ଙ୍କ ସନନ୍ଦ କାର୍ଯ୍ୟକାରୀ ହେବାରୁ ପ୍ରଗତିବାଦୀ ଯୁବକମାନେ ଏହାକୁ ସ୍ୱାଗତ କରିଥିଲେ । ଅପରପକ୍ଷରେ ରକ୍ଷଣଶୀଳ ବ୍ୟକ୍ତିମାନେ ଇଂରାଜୀ ଶିକ୍ଷା ପଦ୍ଧତିକୁ ଦୃଢ଼ଭାବରେ ବିରୋଧ କଲେ । ମନେହେଉଥିଲା ଯେ ଭାରତୀୟ ଶିକ୍ଷାବ୍ୟବସ୍ଥା ଏହା ଦ୍ୱାରା ଭୁଶୁଡ଼ି ପଡ଼ିବ । ଡ୍ୟାଲହାଉସୀଙ୍କ ରେଲ, ଡାକ ଓ ଟେଲିଗ୍ରାଫ୍ ବ୍ୟବସ୍ଥା ପ୍ରଚଳନ ଦେଖି ଭାରତୀୟମାନେ ଭାବିଲେ ଯେ ଏହାଦ୍ୱାରା ଭାରତୀୟ ମୌଳିକତା ଏବଂ ସାମାଜିକ ମୂଲ୍ୟବୋଧକୁ ଇଂରେଜମାନେ ଭାଙ୍ଗିଦେବେ ।

ଭାରତୀୟମାନଙ୍କ ପ୍ରତି ଇଂରେଜମାନେ ଖୁବ୍ ନିଷ୍ଠୁର ଥିଲେ । ସେମାନଙ୍କର ଜାତିଗତ ଅହଂକାର ଥିଲା ଅସୀମ । ସେମାନେ ଭାରତୀୟମାନଙ୍କୁ ଘୃଣା କରୁଥିଲେ । ହିନ୍ଦୁମାନଙ୍କୁ ସେମାନେ ସଂସ୍କୃତି ଓ ସଭ୍ୟତାବିହୀନ ବର୍ବର ବୋଲି କହୁଥିବାବେଳେ ମୁସଲମାନ୍‌ଙ୍କୁ ନିଷ୍ଠୁର, ଧର୍ମାନ୍ଧ ଓ ଅବିଶ୍ୱାସୀ ବୋଲି ବର୍ଣ୍ଣନା କରୁଥିଲେ । ଭାରତୀୟମାନଙ୍କୁ ସର୍ବସାଧାରଣ ସ୍ଥାନରେ ଅସମ୍ମାନ କରାଯାଉଥିଲା । ରେଳରେ ପ୍ରଥମ ଶ୍ରେଣୀରେ ଯାତ୍ରା କରିବାକୁ ସେମାନଙ୍କୁ ବାରଣ କରାଯାଉଥିଲା । ଇଂରେଜମାନଙ୍କ ଦ୍ୱାରା ପରିଚାଳିତ କ୍ଲବ୍ ବା ହୋଟେଲରେ ଭାରତୀୟମାନଙ୍କୁ ପ୍ରବେଶ କରିବାକୁ ନିଷେଧ କରାଯାଉଥିଲା । ପ୍ରବେଶ ଦ୍ୱାରରେ ଲିଖିତ ଥିଲା- "ଭାରତୀୟ ଏବଂ କୁକୁରମାନଙ୍କ ପାଇଁ ପ୍ରବେଶ ନିଷେଧ ।" ଭାରତୀୟ ମହିଳାମାନଙ୍କୁ ମଧ୍ୟ ନିର୍ଯ୍ୟାତନା ଦିଆଯାଉଥିଲା । ଭାରତୀୟମାନଙ୍କୁ ଏପରିକି ଶାରୀରିକ ଦଣ୍ଡ ପ୍ରଦାନ କରାଯାଉଥିଲା । ସେମାନଙ୍କୁ ନିଗର (Niggers) ଏବଂ ସୋର (Suars) କୁହାଯାଇ ଭର୍ତ୍ସନା କରାଯାଉଥିଲା । ଭାରତୀୟମାନଙ୍କ ପ୍ରତି ଏପରି କୁ-ବ୍ୟବହାର ନିଶ୍ଚିତ ରୂପେ ସେମାନଙ୍କୁ କ୍ଷୁବ୍ଧ କରିଥିଲା ।

ଆର୍ଥନୀତିକ କାରଣ :

ଷୋଡ଼ଶ ଏବଂ ସପ୍ତଦଶ ଶତାବ୍ଦୀରେ ଇଷ୍ଟଇଣ୍ଡିଆ କମ୍ପାନୀ ନିଜକୁ ବାଣିଜ୍ୟ ବ୍ୟବସାୟ କାର୍ଯ୍ୟରେ ସୀମିତ ରଖିଥିଲା । ତାହାର ନଥିଲା ରାଜନୈତିକ ଅଭିଳାଷ । ଭାରତରୁ କମ୍ପାନୀ କାର୍ପାସ ବସ୍ତ୍ର, ନୀଳ, ସୋରା, ମସଲା ଓ ଖାଦ୍ୟଶସ୍ୟ କ୍ରୟ କରୁଥିଲା । ଭାରତ ତା' ବଦଳରେ ପାଉଥିଲା ସ୍ୱର୍ଣ୍ଣ ଏବଂ ମୂଲ୍ୟବାନ୍ ଧାତୁ । ଭାରତୀୟ ଦ୍ରବ୍ୟଗୁଡ଼ିକର ଚାହିଦା ଇଂଲଣ୍ଡରେ ଏପରି ଭାବରେ ବୃଦ୍ଧି ହେଲା ଯେ ୧୭୨୦ ଖ୍ରୀଷ୍ଟାବ୍ଦରେ ଭାରତୀୟ କାର୍ପାସ

ବସ୍ତ୍ର ବ୍ୟବହାର ନ କରିବା ପାଇଁ ବ୍ରିଟିଶ୍ ସରକାର ଏକ ଆଇନ ଜାରି କରିଥିଲେ । ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟିଶ୍ ବ୍ୟବସାୟ ବାଣିଜ୍ୟର ଦ୍ରୁତ ପରିବର୍ତ୍ତନ ଘଟିଥିଲା ।

ଶିଳ୍ପ ବିପ୍ଳବ ଆସିବାରୁ ଇଂଲଣ୍ଡ ଏହାର ବୟନ ଶିଳ୍ପ ପ୍ରତିଷ୍ଠା କରିଥିଲା । ଭାରତରୁ ଝୋଟ ଓ ତୁଳା କ୍ରୟ କରି କଞ୍ଚାମାଲ ରୂପେ ଲିଭରପୁଲ ଏବଂ ମାଞ୍ଚେଷ୍ଟର ଆଦି ଶିଳ୍ପାଞ୍ଚଳକୁ ଇଂରେଜ ବଣିକମାନେ ବୋହି ନେଉଥିଲେ । ସେମାନେ ସେଠାରେ ଜିନିଷ ତିଆରି କରି ସେଗୁଡ଼ିକ ପୁଣି ଭାରତୀୟ ବଜାରରେ ବିକ୍ରି କରୁଥିଲେ । ଏପରି ଦୁଇ ପାଖରେ ଇଂରେଜମାନେ ପ୍ରଚୁର ଲାଭବାନ୍ ହୋଇଥିଲେ । ଇଂଲଣ୍ଡର ଯନ୍ତ୍ରତିଆରି ଦ୍ରବ୍ୟଗୁଡ଼ିକର ଚାହିଦା ଭାରତରେ ଖୁବ୍ ବୃଦ୍ଧି ହୋଇଥିଲା । ସେଗୁଡ଼ିକ ପୁଣି ଶସ୍ତାରେ ବିକ୍ରି ହେଉଥିଲା ।

ଇଂରେଜ କାର୍ପାସ ବସ୍ତ୍ରର ଚାହିଦା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ବୟନ ଶିଳ୍ପର ଅବକ୍ଷୟ ଘଟିଥିଲା । ଭାରତୀୟ ବୁଣାକାର ଏବଂ କାରିଗରମାନେ ଯନ୍ତ୍ରନିର୍ମିତ ଦ୍ରବ୍ୟ ସହିତ ପ୍ରତିଯୋଗିତା କରିପାରିଲେ ନାହିଁ । ଭାରତରେ ତୁଳା ଅଭାବ ହେବାରୁ ବୁଣାକାରମାନେ ଗୁଣାତ୍ମକ ବସ୍ତ୍ର ତିଆରି କରିବାରେ ଅକ୍ଷମ ହେଲେ । ସହସ୍ର ସହସ୍ର ବୁଣାକାର ଓ କାରିଗର ଜୀବିକା ହରାଇ ବ୍ରିଟିଶ୍ ଶାସନକୁ ବିରୋଧ କରିଥିଲେ । ଅଳ୍ପ ସଂଖ୍ୟକ ବୁଣାକାର ଓ କାରିଗର ଦେଶୀୟ ରାଜାଙ୍କ ପୃଷ୍ଠପୋଷକତାରେ ବଞ୍ଚିରହିଥିଲେ; କିନ୍ତୁ ଦେଶୀୟ ରାଜ୍ୟଗୁଡ଼ିକ ବ୍ରିଟିଶ୍ ସାମ୍ରାଜ୍ୟରେ ମିଶିଯିବାରୁ ତାହା ମଧ୍ୟ ହେଲା ନାହିଁ । ଦିନେ ଧନ ଓ ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରିଥିବା ଭାରତ ଗରିବ ଓ ଅନୁନ୍ନତ ରାଷ୍ଟ୍ରରେ ପରିଣତ ହୋଇଗଲା ।

ଭାରତରେ ବ୍ରିଟିଶ୍‌ର ଅର୍ଥନୀତି ଭାରତୀୟ ବ୍ୟବସାୟ ବାଣିଜ୍ୟର ସ୍ୱାର୍ଥ ବିପକ୍ଷରେ କାର୍ଯ୍ୟକଲା । କମ୍ପାନୀ ତାହାର ରାଜନୈତିକ କ୍ଷମତା ପ୍ରୟୋଗ କରି ଭାରତୀୟ କୁଟୀର ଶିଳ୍ପ ଓ କାରଖାନା ଭାଙ୍ଗିଦେଲା । କାର୍ଲ ମାର୍କ୍ସ ୧୮୫୩ ଖ୍ରୀଷ୍ଟାବ୍ଦରେ ଅନୁଭବ କରି ଲେଖିଥିଲେ, "ଏହା ଥିଲା ବ୍ରିଟିଶ୍ ଅନଧିକାର ପ୍ରବେଶକାରୀ, ଯିଏ ଭାରତୀୟ ତନ୍ତ ଭାଙ୍ଗିଦେଇଥିଲା ଏବଂ ଚରଖା ନଷ୍ଟ କରିଦେଲା । ଇଂଲଣ୍ଡ ଇଉରୋପୀୟ ବଜାରକୁ ଭାରତୀୟ ବସ୍ତ୍ର ବନ୍ଦ କରିବାକୁ ଆରମ୍ଭ କଲା, ଏହା ତା'ପରେ ହିନ୍ଦୁସ୍ଥାନରେ ସୂତାକାଟିବା ପ୍ରଚଳନ କଲା ଏବଂ ଶେଷରେ ତୁଳାର ମା' ଦେଶକୁ ବସ୍ତ୍ର ଦ୍ୱାରା ପ୍ଲାବିତ କଲା ।" ଭାରତୀୟ ଶିଳ୍ପ ଭାଙ୍ଗିଯିବା ଫଳରେ ଚାଷ ଓ ଜମି ଉପରେ ଚାପ ବୃଦ୍ଧି ହେଲା ଏବଂ ଶେଷରେ ଦେଶ ଗରିବ ହୋଇଗଲା ।

ଚିରସ୍ଥାୟୀ ବନ୍ଦୋବସ୍ତ ଫଳରେ ଜମିଦାରମାନେ କୃଷକ ଓ କମ୍ପାନୀ ମଧ୍ୟରେ ମଧ୍ୟସ୍ଥି ହୋଇ ଅର୍ଥ ଆଦାୟ କରୁଥିଲେ । ଜମିଦାରମାନେ ଇଚ୍ଛା ଅନୁଯାୟୀ ଲୋକମାନଙ୍କୁ ଶୋଷଣ କରୁଥିଲେ । ଇଂରେଜମାନେ ଭାରତୀୟମାନଙ୍କଠାରୁ ଅଧିକରୁ ଅଧିକ କର ଆଦାୟ କଲେ । ୧୮୩୭-୩୮ ରେ ଭାରତୀୟମାନଙ୍କ ଠାରୁ ୨୦.୮ ଲକ୍ଷ ପାଉଣ୍ଡ କର ଆଦାୟ

କରାଯାଇଥିବାବେଳେ ୧୮୫୭-୫୮ ରେ କରର ପରିମାଣ ୨୩.୨୫ ଲକ୍ଷ ପାଉଣ୍ଡରେ ପହଞ୍ଚିଥିଲା ।

କମ୍ପାନୀ ମଧ୍ୟ ଅଯୋଧ୍ୟା ଓ ଅନ୍ୟସ୍ଥାନରେ ଅନେକ ଜମିଦାରୀ ଓ ତାଲୁକଦାରୀ ବାଜ୍ୟାପ୍ତି କରିଥିଲେ । ତେଣୁ ଅସନ୍ତୁଷ୍ଟ ଜମିଦାର ଓ ତାଲୁକଦାରମାନେ ବିଦ୍ରୋହର ନେତୃତ୍ୱ ନେଇଥିଲେ ।

ଧର୍ମଗତ କାରଣ :

ଇଂରେଜମାନେ ପ୍ରତ୍ୟେକ ଶ୍ରେଣୀର ଭାରତୀୟମାନଙ୍କୁ ଖ୍ରୀଷ୍ଟିଆନ୍ ଧର୍ମକୁ ପରିବର୍ତ୍ତନ କରିବାକୁ ଚେଷ୍ଟାକରୁଥିବାରୁ ସେମାନେ ଭୟଭୀତ ହେଉଥିଲେ । ଏପରିକି ଇଂଲଣ୍ଡ ପାର୍ଲିଆମେଣ୍ଟରେ କମ୍ପାନୀର ନିର୍ଦ୍ଦେଶକମାନଙ୍କ ସଭାପତି ମଙ୍ଗଲେସ୍ (Mangles) କହିଥିଲେ, "ଇଂଲଣ୍ଡ ହସ୍ତରେ ହିନ୍ଦୁସ୍ଥାନର ସୁବିସ୍ତୃତ ସାମ୍ରାଜ୍ୟ ବିଧିଦ୍ୱାରା ନ୍ୟସ୍ତ ହୋଇଛି, କାରଣ ଖ୍ରୀଷ୍ଟଙ୍କ ପତାକା ଭାରତରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ଉତ୍ତୋଳନ କରାଯିବ । ପ୍ରତ୍ୟେକ ବ୍ୟକ୍ତି ଯଥାଶକ୍ତି ଉଦ୍ୟମ କରି ସମସ୍ତ ଭାରତୀୟଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ପାଇଁ କୌଣସି ପ୍ରକାର ବିଳମ୍ବ ନ କରି ଅବିଶ୍ରାନ୍ତ ଭାବରେ ସେହି ମହାନ୍ କାର୍ଯ୍ୟ କରିଯିବେ ।"

୧୮୧୩ ଖ୍ରୀଷ୍ଟାବ୍ଦ ପୂର୍ବରୁ ଇଂରେଜ ସରକାର ଖ୍ରୀଷ୍ଟଧର୍ମ ପ୍ରଚାରକ ବା ପାଦ୍ରିମାନଙ୍କୁ ଭାରତରେ ପ୍ରବେଶ କରିବାକୁ ଅନୁମତି ଦେଇନଥିଲେ; ମାତ୍ର ଚାର୍ଟର ଆଇନ ଦ୍ୱାରା ଏ ପ୍ରକାର କଟକଣା ଉଠାଇ ଦିଆଗଲା । ଫଳରେ ପାଦ୍ରିମାନେ ଭାରତରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଉଦ୍ୟମ କରିଥିଲେ । ଅନଗ୍ରସର ଲୋକମାନେ ରହିବା ସ୍ଥାନରେ ସେମାନେ ସ୍କୁଲ ବସାଇଥିଲେ । ସ୍କୁଲରେ ବାଇବେଲ ପଢିବା ବାଧ୍ୟତାମୂଳକ କରାଗଲା । ସେମାନେ ଭାରତୀୟ ଦେବାଦେବୀ, ପ୍ରତିମା ପୂଜା, ସତୀପ୍ରଥା ଏବଂ ପୂଜାର୍ଚ୍ଚନା ବିପକ୍ଷରେ ପ୍ରଚାର ଚଳାଇଲେ । ଆମେରିକାର ପାଦ୍ରିମାନେ ଆଗ୍ରାଠାରେ ଏକ ଛାପାକଳ ପ୍ରତିଷ୍ଠାକରି ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକମାନ ପ୍ରକାଶ କଲେ । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଗଲା ଯେ ଯୀଶୁ ହେଉଛନ୍ତି ସେମାନଙ୍କର ଇଶ୍ୱର । ଯେଉଁ ବନ୍ଦୀମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରୁଥିଲେ ସେମାନଙ୍କୁ ମୁକ୍ତ କରିଦିଆଗଲା । ଏହି ଧର୍ମ ଗ୍ରହଣ କଲେ ଚାକିରି, ଅର୍ଥ ଏବଂ ସମ୍ମାନ ଦିଆଯିବ ବୋଲି ଭାରତୀୟମାନଙ୍କୁ ପ୍ରଲୋଭିତ କରାଗଲା । ମେଜର ଏଡୱାର୍ଡସ କହୁଥିଲେ, "ସମସ୍ତ ଭାରତୀୟଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ହେଉଛି ଆମର (ଇଂରେଜମାନଙ୍କର) ଭାରତ ଅଧିକାର କରିବାର ଉଦ୍ଦେଶ୍ୟ ।" ସଭରକର ଅଭିଯୋଗ କରିଥିଲେ ଯେ ଉପରିସ୍ଥ ସାମରିକ ଓ ବେସାମରିକ କର୍ମଚାରୀମାନେ ରାମ ଓ ମହମ୍ମଦଙ୍କର ପ୍ରତିଚିନାମକୁ କଳଙ୍କିତ କରୁଥିଲେ ଏବଂ ସିପାହୀ ଓ ବେସାମରିକ ବ୍ୟକ୍ତିମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁଥିଲେ ।

୧୮୫୬ ଖ୍ରୀଷ୍ଟାବ୍ଦରେ ଧର୍ମୀୟ ଅକ୍ଷମତା ଆଇନ (Religious Disabilities Act) ପ୍ରଣୟନ କରାଗଲା । ଏହି ଆଇନ ଦ୍ୱାରା ହିନ୍ଦୁ ବା ମୁସଲମାନ୍ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ମଧ୍ୟ ପରିବାର ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ । ପୂର୍ବରୁ ହିନ୍ଦୁଧର୍ମ ତ୍ୟାଗ କରି ଅନ୍ୟଧର୍ମ ଗ୍ରହଣ କଲେ ପୈତୃକ ସମ୍ପତ୍ତିରୁ ଭାଗ ମିଳୁନଥିଲା । ଏହି ଆଇନ କ୍ୟାନିଂ ଖୁବ୍ କଡା ଭାବରେ ପ୍ରୟୋଗ କରିଥିଲେ ।

ଇଂରେଜମାନେ ଶିକ୍ଷାନୁଷ୍ଠାନଗୁଡିକରେ ସାମ୍ୟବାଦ ପ୍ରଚାର କରିଥିଲେ । ସେତେବେଳେ ଜାତିପ୍ରଥା ଖୁବ୍ ଜଟିଳ ଥିଲା । ସ୍କୁଲ ଓ କଲେଜରେ ସବୁଜାତିର ଛାତ୍ର ଏକାଠି ବସିବା ଓ ଅଧ୍ୟୟନ କରିବା ନିମିତ୍ତ ଆଇନ ହେଲା । ରକ୍ଷଣଶୀଳ ଭାରତୀୟମାନେ ଏହାକୁ ବିରୋଧ କରୁଥିଲେ । ଏହିପରି ଭାବରେ ଖ୍ରୀଷ୍ଟଧର୍ମର ପ୍ରଚାରକାର୍ଯ୍ୟ ବଢି ବଢି ଚାଲିଥିଲା । ସୈୟଦ ଅହମ୍ମଦ ଅନୁଭବ କରିଥିଲେ, "ଏହା ସାଧାରଣରେ ବିଶ୍ୱାସ କରାଯାଉଥିଲା ଯେ ସରକାର ଧର୍ମ ପ୍ରଚାରକମାନଙ୍କୁ ନିଯୁକ୍ତି ଦେଇଥିଲେ ଏବଂ ଏହାର ନିଜର ଖର୍ଚ୍ଚରେ ସେମାନଙ୍କର ରକ୍ଷଣାବେକ୍ଷଣ କରୁଥିଲେ ।"

ମନସ୍ତାତ୍ତ୍ୱିକ କାରଣ :

ଭାରତୀୟମାନଙ୍କ ମଧ୍ୟରେ ଏକ ସାଧାରଣ ବିଶ୍ୱାସ ଥିଲା ଯେ ପଲାସୀ ଯୁଦ୍ଧ ପରେ ଅର୍ଥାତ୍ ୧୭୫୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଭାରତକୁ ଆସିଥିଲେ ଏବଂ ସେମାନଙ୍କ ଶାସନ ୧୮୫୭ ରେ ଏକଶତ ବର୍ଷ ପୂରଣ ହେଲେ ଅବସାନ ଘଟିବ । ଏହି ଖୁସିରେ ସୈନ୍ୟମାନେ 'ରୋଟି ଓ ପଦ୍ମଫୁଲ' ବଣ୍ଟନ କରିଥିଲେ ।

ଇଂରେଜମାନେ ପ୍ରଥମ ଆଫଗାନ୍ ଯୁଦ୍ଧ ଏବଂ ଆଙ୍ଗ୍ଲୋ-ଶିଖ୍ ସମରରେ ପରାସ୍ତ ହେବାରୁ ଭାରତୀୟମାନେ ଭାବିଲେ ଇଂରେଜମାନେ ଦୁର୍ଜ୍ଜୟ ନୁହନ୍ତି । ପୁନଶ୍ଚ ୧୮୫୫-୫୬ ରେ ବଙ୍ଗଳା ଓ ବିହାରରେ ସାନ୍ତାଳ ବିଦ୍ରୋହ ସମ୍ମୁଖୀନ ହେଉଥିବା ସମୟରେ ଇଂରେଜମାନଙ୍କୁ ଅପଦସ୍ଥ ହେବାକୁ ପଡିଥିଲା । ଲୋକମାନଙ୍କର ଧାରଣା ଆସିଲା ଯେ ସେମାନେ ଇଂରେଜମାନଙ୍କ ଠାରୁ କମ୍ ଶକ୍ତିସମ୍ପନ୍ନ ନୁହଁନ୍ତି । ଏହିପରି ସମ୍ଭାବନା ଅସନ୍ତୁଷ୍ଟ ଭାରତୀୟ ଏବଂ ସିପାହୀମାନଙ୍କୁ ବିଦ୍ରୋହ କରିବାକୁ ଉତ୍ସାହିତ କରିଥିଲା ।

ସାମରିକ କାରଣ :

କମ୍ପାନୀ ଶାସନ ବିରୋଧରେ ଭାରତୀୟ ସିପାହୀମାନଙ୍କର ଅସନ୍ତୁଷ୍ଟ ହେବାର କେତେକ ନିର୍ଦ୍ଦିଷ୍ଟ କାରଣ ରହିଥିଲା । ସାମରିକ ବିଭାଗରେ ଶୃଙ୍ଖଳା ସାଂଘାତିକ ଭାବରେ ହ୍ରାସ ପାଇଯାଇଥିଲା । ଘରୋଇ କର୍ତ୍ତୃପକ୍ଷଙ୍କୁ ଡ୍ୟାଲହାଉସୀ ଲେଖିଥିଲେ, "ଉପରୁ ତଳ ପର୍ଯ୍ୟନ୍ତ ସାମରିକ ବାହିନୀର ଅଧିକାରୀ ଓ ଲୋକମାନଙ୍କର ଶୃଙ୍ଖଳା ଏକାପରି ଲଜ୍ଜାକର ।"

୧ । ବଙ୍ଗଳାର ସୈନ୍ୟମାନେ ଭ୍ରାତୃତ୍ୱ ସୂତ୍ରରେ ବନ୍ଧାହୋଇ ଏକ ହୋଇଯାଇଥିଲେ । ବଙ୍ଗଳା ସେନାବାହୀନିର ପାଞ୍ଚଭାଗରୁ ତିନିଭାଗ ସୈନ୍ୟ ଆସିଥିଲେ ଅଯୋଧ୍ୟା ଏବଂ ଉତ୍ତର-ପଶ୍ଚିମ ପ୍ରଦେଶରୁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବ୍ରାହ୍ମଣ ଏବଂ ଉଚ୍ଚ ରାଜପୁତ୍ ବଂଶର । ନିମ୍ନଜାତିରୁ ଆସିଥିବା ସୈନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଶୃଙ୍ଖଳା ମାନିବାକୁ ସେମାନେ ପ୍ରସ୍ତୁତ ନଥିଲେ । ଉଚ୍ଚଜାତିର ଭଡାଟିଆ ସୈନ୍ୟଙ୍କ ଆନୁଗତ୍ୟ ପ୍ରତି ଚାର୍ଲସ ନେପିୟରଙ୍କ ବିଶ୍ୱାସ ନଥିଲା । ଡ୍ୟାଲହାଉସୀଙ୍କ ଶାସନକାଳରେ ସୈନ୍ୟବିଭାଗରେ ୧୮୪୯, ୧୮୫୦ ଏବଂ ୧୮୫୨ ରେ ତିନିଥର ବିଦ୍ରୋହ ଘଟିଥିଲା ।

୨ । ଭାରତୀୟ ସିପାହୀମାନଙ୍କର ମାସିକ ବେତନ ଥିଲା ଖୁବ୍ ସ୍ୱଳ୍ପ । ସେହି ବେତନରୁ ଜଣେ ସୈନିକଙ୍କୁ ନିଜର ପୋଷାକ ଓ ଖାଦ୍ୟ ପାଇଁ ଖର୍ଚ୍ଚ କରିବାକୁ ପଡୁଥିଲା । ପଦାତିକ ସୈନ୍ୟଙ୍କ ମାସିକ ଦରମା ଥିଲା ଏକ ବା ଦେଢ ଟଙ୍କା । ଅଶ୍ୱାରୋହୀମାନେ ମଧ୍ୟ ସେହିପରି ଅବସ୍ଥା ଭୋଗୁଥିଲେ । ଭାରତୀୟ ରାଜାମାନଙ୍କ ଅଧୀନରେ ଚାକିରି କରି ଅପୂର୍ବ ରଣକୌଶଳ ଦେଖାଇଲେ ସୈନ୍ୟମାନଙ୍କୁ ପୁରସ୍କାର ବା ଉପାଧି ମିଳୁଥିଲା; କିନ୍ତୁ ଇଂରେଜ ସାମରିକ ବାହିନୀରେ ସେପରି ସୁବିଧା ନଥିଲା । ସୈନ୍ୟମାନେ ଦୂରବର୍ତ୍ତୀ ସ୍ଥାନକୁ ଯୁଦ୍ଧ କରିବାକୁ ଗଲେ ମଧ୍ୟ ସେମାନଙ୍କୁ ଅତିରିକ୍ତ ଭତ୍ତା ମିଳୁ ନଥିଲା; କିନ୍ତୁ ପୂର୍ବରୁ ଦୂରବର୍ତ୍ତୀ ସ୍ଥାନକୁ ଯାଇ ଯୁଦ୍ଧ କରୁଥିଲେ ଅତିରିକ୍ତ ଭତ୍ତା ମିଳୁଥିଲା । ଏହି ପରିବର୍ତ୍ତନକୁ ସିପାହୀମାନେ ବିରୋଧ କରିଥିଲେ; କିନ୍ତୁ ସେମାନଙ୍କୁ କୌଣସି ପ୍ରକାର ସୁବିଧା ଦେବାକୁ ସରକାର ମନାକରିଦେଇଥିଲେ । ସେଥିପାଇଁ ଯେତେବେଳେ ୧୮୨୪ ଖ୍ରୀଷ୍ଟାବ୍ଦରେ ବାରାକପୁର ସୈନ୍ୟମାନେ ବର୍ମାକୁ ଯିବାକୁ ମନାକରିଦେଲେ, ସେମାନଙ୍କର ରେଜିମେଣ୍ଟକୁ ଭାଙ୍ଗିଦିଆଗଲା । ୧୮୪୪ରେ ବଙ୍ଗଳାର ଚାରିଗୋଟି ରେଜିମେଣ୍ଟ ଯେତେବେଳେ ସିନ୍ଧୁକୁ ଯିବାକୁ ମନାକଲେ, କମ୍ପାନୀ ସରକାର ବାଧ୍ୟ ହୋଇ ସେମାନଙ୍କୁ ଅତିରିକ୍ତ ଭତ୍ତା ପ୍ରଦାନ କରିଥିଲେ ।

୩ । ଲର୍ଡ କ୍ୟାନିଂ ୧୮୫୬ ଖ୍ରୀଷ୍ଟାବ୍ଦରେ ସାଧାରଣ ଚାକିରି ପଞ୍ଜିକରଣ ଆଇନ (General Service Enlistment Act) ଜାରି କରିଥିଲେ । ଏହି ଆଇନ ଦ୍ୱାରା ବଙ୍ଗର ସୈନ୍ୟମାନଙ୍କୁ ଚାକିରିରେ ଯୋଗଦାନ କରିବା ପୂର୍ବରୁ ଲେଖିଦେବାକୁ ପଡୁଥିଲା ଯେ ସେମାନଙ୍କୁ ବିଦେଶ ପଠାଗଲେ ସେମାନେ ଯିବାକୁ ବାଧ୍ୟ ହେବେ । ଯଦି ବିଦେଶରେ ସେମାନେ ଚାକିରି କରିବାରେ ଅକୃତକାର୍ଯ୍ୟ ହେବେ ତେବେ ସେମାନଙ୍କ ପେନ୍ସନ୍ କାଟିଦିଆଯିବ । ଏହି ଆଇନକୁ ମଧ୍ୟ ସିପାହୀମାନେ ପ୍ରତିବାଦ କରିଥିଲେ । ପୁନଶ୍ଚ ବଙ୍ଗର ସୈନ୍ୟମାନେ ବଙ୍ଗ ମଧ୍ୟରେ ରହୁଥିଲେ । ବାହାରକୁ ଗଲେ ଜାତି ଚାଲିଯିବା ଭୟରେ ଅଧିକାଂଶ ବ୍ରାହ୍ମଣ ଓ କ୍ଷତ୍ରିୟ ସୈନ୍ୟ କ୍ଷୁବ୍ଧ ହୋଇଥିଲେ ।

୪ । ସିପାହୀମାନଙ୍କର ପଦୋନ୍ନତିର ଆଶା ନ ଥିଲା । ସାମରିକ ବିଭାଗରେ ଜଣେ ଭାରତୀୟଙ୍କର ସର୍ବୋଚ୍ଚ ପଦବୀ ଥିଲା ହାବିଲଦାର । ଜଣେ ସିଧାସଳଖ ହାବିଲଦାର ପଦରେ ନିଯୁକ୍ତି ପାଉଥିଲେ ମଧ୍ୟ ସେହି ପଦବୀରେ ଅବସର ନେଉଥିଲେ ।

୫ । ସୈନ୍ୟମାନଙ୍କର ବେତନ ସ୍ୱଳ୍ପଥିବାରୁ ସେମାନେ ମାଗଣାରେ ଡାକଯୋଗେ ସମ୍ବାଦ ପଠାଇ ପାରୁଥିଲେ; ମାତ୍ର ୧୮୫୪ରେ ପୋଷ୍ଟ ଅଫିସ ଆଇନ ଦ୍ୱାରା ସେମାନଙ୍କୁ ଏ ସୁବିଧାରୁ ବଞ୍ଚିତ କରାଗଲା ।

୬ । ଇଂରେଜ ସୈନ୍ୟଙ୍କ ତୁଳନାରେ ଭାରତୀୟ ସୈନ୍ୟଙ୍କ ଅନୁପାତ ଥିଲା ଖୁବ୍ ଅଧିକ । ୧୮୫୬ ଖ୍ରୀଷ୍ଟାବ୍ଦରେ ଇଂରେଜ ସୈନ୍ୟବାହିନୀରେ ୨୩୮,୦୦୦ ଜଣ ଭାରତୀୟ ସୈନ୍ୟ ଥିବାବେଳେ ଇଉରୋପୀୟମାନଙ୍କ ସୈନ୍ୟସଂଖ୍ୟା ଥିଲା ମାତ୍ର ୪୫,୩୨୨ । ସାମରିକ ଅଫିସରମାନେ ମଧ୍ୟ ପଦୋନ୍ନତି ପାଇ ପ୍ରଶାସନିକ ବିଭାଗରେ ଯୋଗ ଦେଉଥିଲେ । ତେଣୁ ଅଫିସରମାନଙ୍କ ସଂଖ୍ୟା ଖୁବ୍ କମିଯାଇଥିଲା । କେତେକ ବ୍ରିଟିଶ୍ ସୈନିକ ମଧ୍ୟ କ୍ରିମିୟାକୁ ପଠାହୋଇଥିଲେ । ତେଣୁ ସଂଖ୍ୟାରେ ଅଧିକ ଥିବାରୁ ଭାରତୀୟ ସୈନ୍ୟମାନେ ନିଜକୁ ବଳଶାଳୀ ମନେକଲେ ।

୭ । ସିପାହୀମାନଙ୍କର ଧର୍ମବିଶ୍ୱାସରେ ମଧ୍ୟ ଇଂରେଜ ସରକାର ହସ୍ତକ୍ଷେପ କରିଥିଲେ । ସିପାହୀମାନଙ୍କର ମଥାରେ ତିଳକ ବ୍ୟବହାର ନିଷେଧ କରାଗଲା । ଦେଶୀୟ ଟୋପି ପରିବର୍ତ୍ତେ ସିପାହୀମାନେ ସାମରିକ ଟୋପି ପିନ୍ଧିବାକୁ ବାଧ୍ୟ ହେଲେ । ସେଥିରେ ଚମଡା ଲାଗିଥିବାରୁ ନୈଷ୍ଠିକ ସିପାହୀମାନଙ୍କୁ ତାହା ଭଲ ଲାଗିଲା ନାହିଁ । ସିପାହୀମାନେ ଆତଙ୍କିତ ହେଲେ ଯେ ଖୁବ୍ ଶୀଘ୍ର ପାଦ୍ରିମାନେ ସେମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇ ନେବେ । ଏହାର ପ୍ରତିକାର ଥିଲା କେବଳ ମାତ୍ର ବ୍ରିଟିଶ୍ ଶାସନର ପରିସମାପ୍ତି ।

ଆଶୁକାରଣ :

୧୮୫୭ ଖ୍ରୀଷ୍ଟାବ୍ଦରେ ଏନ୍‌ଫିଲ୍ଡ ବନ୍ଧୁକ ପ୍ରଚଳନ ଥିଲା ବିଦ୍ରୋହର ଆଶୁକାରଣ । ସୈନ୍ୟମାନେ ଏନ୍‌ଫିଲ୍ଡ ବନ୍ଧୁକକୁ କିପରି ବ୍ୟବହାର କରିବେ ସେଥିପାଇଁ ଦମଦମ, ଅମ୍ବାଲା ଏବଂ ସିଆଲକୋଟଠାରେ ତାଲିମ ଦେବାର ବନ୍ଦୋବସ୍ତ କରାଯାଇଥିଲା । ଏହି ବନ୍ଧୁକ

ବ୍ୟବହାର କରିବାକୁ ହେଲେ ଗୁଳି ଥିବା ଟୋଟା ବା ଖୋଳର ଅଗ୍ରଭାଗକୁ ଦାନ୍ତରେ ଛିଣ୍ଡାଇ ଗୁଳି ବାହାର କରିବାକୁ ପଡୁଥିଲା ଏବଂ ବନ୍ଧୁକରେ ଭରିଦିଆଯାଇ ଫୁଟାଯାଉଥିଲା । ୧୮୫୭ରେ ଏକ ଜନରବ ହେଲା ଯେ ଗୁଳିର ଟୋଟାରେ ଗାଈ ଓ ଘୁଷୁରିର ଚର୍ବି ବୋଳାଯାଇଛି । ସିପାହୀମାନଙ୍କର ବିଶ୍ୱାସ ହେଲା ଯେ ଇଂରେଜମାନେ ଉଦ୍ଦେଶ୍ୟମୂଳକ ଭାବରେ ଉଭୟ ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଧର୍ମ ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି । ହଠାତ୍ ସାମରିକ ଅଫିସରମାନେ ବିନା ଅନୁସନ୍ଧାନରେ ଏହି ଘଟଣାକୁ ଅସ୍ୱୀକାର କରିଥିଲେ; ମାତ୍ର ଯେତେବେଳେ ଘଟଣାଟି ଅନୁସନ୍ଧାନ କରାଗଲା ଏହାର ସତ୍ୟତା ଜଣାପଡିଲା । ଭି.ଏ. ସ୍ମିଥ୍ ଲେଖିଛନ୍ତି ଯେ ଗାଈ ବା ବୃଷଭର ଚର୍ବି ପ୍ରକୃତରେ ଉଲଉଇଚ ଆର୍ସେନାଲ (Woolwich arsenal)ରେ ବ୍ୟବହାର କରାଯାଇଥିଲା । ଯୁକ୍ତି କରାଗଲା ଯେ ଇଷ୍ଟଇଣ୍ଡିଆ କମ୍ପାନୀ ଆଉରଙ୍ଗଜେବଙ୍କ ଭୂମିକା ନିର୍ବାହ କରୁଛି, ତେଣୁ ଏହା ସ୍ୱାଭାବିକ ଯେ ସିପାହୀମାନେ ଶିବାଜୀଙ୍କ ଖେଳ ଖେଳିବା ଉଚିତ । ଏହା କୁହାଯାଇପାରେ ଯେ "୧୮୫୭ରେ ମହାନ୍ ବିଦ୍ରୋହ ଗୋଟିଏ ସୁଯୋଗର କାରଣ ନଥିଲା, ଚର୍ବିବୋଳା ଗୁଳିର ଖୋଳ କେବଳ ମାତ୍ର ସମସ୍ୟାକୁ ଶୀଘ୍ର ଘଟାଇ ଦେଇଥିଲା ।"

ବିଦ୍ରୋହର ଅଗ୍ରଗତି (Course of the Revolt) :

ଚର୍ବିବୋଳା ଟୋଟା ଗୁଳି ବ୍ୟବହାର କରିବାକୁ ସିପାହୀମାନେ ମନାକରିଦେବାରୁ ଇଂରେଜମାନେ ଏ କାର୍ଯ୍ୟକୁ ଅବାଧ୍ୟତା କହି ସେମାନଙ୍କୁ କଠୋର ଭାବରେ ଦଣ୍ଡିତ କରିଥିଲେ । ୧୮୫୭ ମାର୍ଚ୍ଚ ୨୯ ତାରିଖରେ ମଙ୍ଗଳପାଣ୍ଡେ ବାରାକପୁରଠାରେ ଏନ୍‌ଫିଲ୍ଡ ବନ୍ଧୁକ ବ୍ୟବହାର କରିବାକୁ କେବଳ ମନାକରିନଥିଲେ, ସେ ତାଙ୍କ ଉପରିସ୍ଥ ସର୍ଜେଣ୍ଟ ମେଜରଙ୍କୁ ହତ୍ୟା ମଧ୍ୟ କରିଥିଲେ । ଜେନେରାଲ ହିଅର ସେଙ୍କ ଆଦେଶରେ ମଙ୍ଗଳପାଣ୍ଡେଙ୍କୁ ଆୟତ୍ତ କରାଯାଇ ଫାଶୀ ଦିଆଗଲା । ୩୪ ରେଜିମେଣ୍ଟକୁ ମଧ୍ୟ ଭାଙ୍ଗିଦିଆଗଲା ।

୧୮୫୭ ମେ ମାସରେ ଅନ୍ୟ ଏକ ଘଟଣା ଘଟିଗଲା । ମିରଟଠାରେ ୮୫ ଜଣ ସିପାହୀ ଚର୍ବିବୋଳା ଗୁଳି ବ୍ୟବହାର କରିବାକୁ ମନାକରିଦେଲେ । ସେହି ସିପାହୀମାନଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡ ଦିଆଯାଇଥିଲା । ଅନ୍ୟ ସିପାହୀମାନେ ଏହାକୁ ଦୃଢ ଭାବରେ ବିରୋଧ କଲେ । ସେମାନେ ଜେଲ୍ ଭାଙ୍ଗି ନିଜର ସାଥୀମାନଙ୍କୁ ମୁକ୍ତ କଲେ ଏବଂ ସେଠାରେ ଥିବା ଇଂରେଜ ଅଫିସର ଓ ଅନ୍ୟମାନଙ୍କୁ ହତ୍ୟା କରି ଦିଲ୍ଲୀ ଅଭିମୁଖେ ଆଗେଇ ଗଲେ ।

୧୮୫୭ ମେ ୧୧ ତାରିଖରେ ବିଦ୍ରୋହୀମାନେ ଦିଲ୍ଲୀଠାରେ ପହଞ୍ଚିଲେ । ସେଠାରେ ସେମାନେ ଇଂରେଜମାନଙ୍କର ସାମାନ୍ୟ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । ବିଦ୍ରୋହୀମାନେ ସେଠାରେ ଥିବା ଇଉରୋପୀୟମାନଙ୍କୁ ହତ୍ୟା କରିଥିଲେ । ସେମାନେ ମୋଗଲ ସମ୍ରାଟ

ବାହାଦୁର ଶାହଙ୍କୁ ଦିଲ୍ଲୀଠାରେ ଭାରତର ସମ୍ରାଟ ରୂପେ ଘୋଷଣା କରିଥିଲେ । ବିଦ୍ରୋହୀମାନଙ୍କର ଦିଲ୍ଲୀ ଅଧିକାର ଗୁରୁତର ଭାବରେ ଇଂରେଜମାନଙ୍କର ସମ୍ମାନ କ୍ଷୁଣ୍ଣ କରିଥିଲା ।

ମିରଟ, ଫିରୋଜପୁର ଏବଂ ମୁଜାଫରନଗରଠାରେ ଘଟିଥିବା ବିଦ୍ରୋହ ଭାରତର ଅନ୍ୟାନ୍ୟ ସ୍ଥାନରେ ଥିବା ବିଦ୍ରୋହୀମାନଙ୍କୁ ଉତ୍ସାହିତ କରିଥିଲା । ଖୁବ୍ ଶୀଘ୍ର ଦିଲ୍ଲୀଠାରୁ ବିହାର ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳରେ ବିଦ୍ରୋହ ବ୍ୟାପି ଯାଇଥିଲା ।

୧୮୫୭ ଜୁନ୍ ୪ ତାରିଖରେ ବିଦ୍ରୋହ ଲକ୍ଷ୍ନୌଠାରେ ସଂଘଟିତ ହେଲା । ସେଠାରେ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ତାଙ୍କୁ ସାହାଯ୍ୟ କରିଥିଲେ ଲକ୍ଷ୍ନୌର ସିପାହୀ ଏବଂ ଅଯୋଧ୍ୟାର ଜମିଦାର ଓ ତାଲୁକଦାରମାନେ । ବିଦ୍ରୋହୀମାନେ ଇଂରେଜ ରେସିଡେଣ୍ଟଙ୍କ ବାସଭବନ ଅବରୋଧ କରିଥିଲେ । ଅବରୋଧ ସମୟରେ ସାର ହେନ୍‌ରୀ ଲରେନ୍‌ସ ନିହତ ହେଲେ ।

୧୮୫୭ ଜୁନ୍ ୫ ତାରିଖରେ କାନପୁରଠାରେ ବିଦ୍ରୋହର ପଦଧ୍ୱନି ଶୁଣାଗଲା । ବିଦ୍ରୋହର ନେତୃତ୍ୱ ନେଇଥିଲେ ଦ୍ୱିତୀୟ ବାଜୀରାଓଙ୍କ ପୋଷ୍ୟପୁତ୍ର ନାନାସାହେବ ଏବଂ ତାଙ୍କର ସୁଦକ୍ଷ ମନ୍ତ୍ରୀ ତାନ୍ତିଆଟୋପି । ନାନାଙ୍କୁ ପେଶବା ରୂପେ ଘୋଷଣା କରାଗଲା । ଜୁନ୍ ୨୭ ତାରିଖରେ ଜେନେରାଲ ହୁଇଲର ବିଦ୍ରୋହୀମାନଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ । କେତେକ ଇଉରୋପୀୟ ପୁରୁଷ, ମହିଳା ଓ ପିଲାମାନଙ୍କୁ ହତ୍ୟା କରାଗଲା ।

୧୮୫୭ ଜୁନ୍ ଆରମ୍ଭରେ ଝାନ୍‌ସୀର ସୈନ୍ୟମାନେ ବିଦ୍ରୋହ କରିଥିଲେ । ରାଜା ଗଙ୍ଗାଧର ରାଓଙ୍କ ବିଧବା ପତ୍ନୀ ରାଣୀ ଲକ୍ଷ୍ମୀବାଈଙ୍କୁ ରାଜ୍ୟର ଶାସିକା ରୂପେ ଘୋଷଣା କରାଗଲା । କାନପୁରର ପତନ ହେବାରୁ ତାନ୍ତିଆଟୋପି ରାଣୀଙ୍କ ସହିତ ମିଶିଥିଲେ । ତାନ୍ତିଆଟୋପିଙ୍କ ସହିତ ମିଶି ରାଣୀ ନିଜର ବିଶ୍ୱସ୍ତ ଆଫଗାନ୍‌ବାହିନୀ ଦ୍ୱାରା ଗ୍ୱାଲିଅର ଅଧିକାର କରିଥିଲେ । ରାଣୀଙ୍କ ବୀରତ୍ୱକୁ ସମ୍ମାନ ଜଣାଇ ସାର ହିଉ ରୋଜ କହିଛନ୍ତି- "ସାମରିକ ବିଦ୍ରୋହୀ ନେତାମାନଙ୍କ ମଧ୍ୟରେ ରାଣୀ ଲକ୍ଷ୍ମୀବାଈ ଥିଲେ ସର୍ବାପେକ୍ଷା ସାହସୀ ଓ ଉତ୍ତମ ।"

ପଞ୍ଜାବରେ ସିପାହୀମାନଙ୍କୁ ଅସ୍ତ୍ରହୀନ କରି ଦିଆଗଲା । ରାଜସ୍ଥାନ ଓ ଇନ୍ଦୋରରେ କେତେକ ସ୍ଥାନରେ ବିଦ୍ରୋହ ହୋଇଥିଲା, ମାତ୍ର ସେଗୁଡିକ ଦମନ କରାଗଲା । ବରେଲିଠାରେ ଖାଁ ବାହାଦୁର ଖାଁ ନିଜକୁ ନବାବ ରୂପେ ଘୋଷଣା କରିଥିଲେ । ବିହାରଠାରେ ସ୍ଥାନୀୟ ଜମିଦାର କନୱାର ସିଂହ ବିଦ୍ରୋହର ନେତୃତ୍ୱ ନେଇଥିଲେ । ବିହାରରେ ଯୁଦ୍ଧ ପରିଚାଳନା କରିବା ସହିତ ସେ ଅଯୋଧ୍ୟା ଓ ମଧ୍ୟଭାରତକୁ ସୈନ୍ୟ ପଠାଇଥିଲେ । ଅଶୀ ବର୍ଷ ବୟସରେ ତାଙ୍କର ଏପରି ଅପୂର୍ବ ବୀରତ୍ୱ ପ୍ରଦର୍ଶନର ଇତିହାସରେ ପଟାନ୍ତର ନାହିଁ ।

ଦକ୍ଷିଣ ଭାରତରେ ବିଦ୍ରୋହର ଗତି ସୀମିତ ଥିଲା । ଅହମଦାବାଦ, ହାଇଦ୍ରାବାଦ ଏବଂ ସିନ୍ଧୁଠାରେ ବିଦ୍ରୋହର ଉଦ୍ୟମରେ ବାଧା ସୃଷ୍ଟି କରାଯାଇଥିଲା । ବିଦ୍ରୋହର କେନ୍ଦ୍ର ଥିଲା ଦିଲ୍ଲୀ, ଲକ୍ଷ୍ନୌ, କାନପୁର, ଝାନ୍ସୀ ଓ ଗ୍ୱାଲିଅର ଠାରେ । ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ଏବଂ ଚାଖିଖୁଣ୍ଟିଆ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ମିରଟଠାରେ ବିଦ୍ରୋହ ଆରମ୍ଭ ହେଲା; ମାତ୍ର ଖୁବ୍ ଶୀଘ୍ର ଏହା ବଙ୍ଗ, ଅଯୋଧ୍ୟା, ଆଲାହାବାଦ, କାନପୁର, ଆଲିଗଡ, ରୋହିଲାଖଣ୍ଡ, ଦୋଆବ, ବୁନ୍ଦେଲଖଣ୍ଡ, ମଧ୍ୟଭାରତ, ବିହାର ଓ ପୂର୍ବ ପଞ୍ଜାବର ବହୁ ଅଂଶରେ ବ୍ୟାପି ଯାଇଥିଲା ।

ବିଦ୍ରୋହ ଦମନ (Suppression of the Revolt) :

ଯଦି ବିଦ୍ରୋହୀମାନଙ୍କୁ ଠିକ୍ ରୂପେ ନେତୃତ୍ୱ ଯୋଗାଇ ଦିଆଯାଇଥା'ନ୍ତା, ତେବେ ଇଂରେଜ ସେନାମାନେ ପରାଜିତ ହେବାର ଯଥେଷ୍ଟ ସମ୍ଭାବନା ଥିଲା । ନେତୃତ୍ୱର ଅଭାବରୁ ସିପାହୀମାନେ ଏକତ୍ର ହୋଇ ଇଂରେଜମାନଙ୍କ ବିପକ୍ଷରେ ଲଢ଼ିପାରି ନଥିଲେ, ତେଣୁ ସେମାନଙ୍କୁ ବିଭିନ୍ନ ସ୍ଥାନରେ ପରାସ୍ତ କରିବା ସହଜ ହୋଇଥିଲା ।

ବିଦ୍ରୋହ ଆରମ୍ଭ ହେବା ଦେଖି ଇଂରେଜ ସରକାର ପ୍ରଥମେ ଆତଙ୍କିତ ହୋଇ ପଡ଼ିଥିଲେ; ମାତ୍ର ବିଦ୍ରୋହ ଦମନ କରିବା ନିମନ୍ତେ କ୍ୟାନିଂ ତତ୍‌କ୍ଷଣାତ୍ ପଦକ୍ଷେପ ନେଇଥିଲେ । ମାଡ୍ରାସ, ବମ୍ବେ, ଶ୍ରୀଲଙ୍କା ଓ ବର୍ମାରୁ ସୈନ୍ୟ ମଗାଯାଇଥିଲା । ଇଂରେଜମାନଙ୍କ ସୌଭାଗ୍ୟ ଯୋଗୁଁ ଭାରତୀୟ ଶାସକମାନେ ଇଂରେଜମାନଙ୍କ ପ୍ରତି ଅନୁରକ୍ତ ରହିଥିଲେ ଏବଂ ସେମାନେ ବିଦ୍ରୋହ ଦମନରେ ବରଂ ସାହାଯ୍ୟ କରିଥିଲେ । ଭାରତର ନର୍ମଦା ନଦୀର ଦକ୍ଷିଣରେ ଅବସ୍ଥା ଶାନ୍ତିପୂର୍ଣ୍ଣ ଥିଲା ।

ମନସ୍ତତ୍ତ୍ୱ ଦୃଷ୍ଟିକୋଣରୁ ଦିଲ୍ଲୀ ପୁନଃ ଅଧିକାର ଥିଲା ଇଂରେଜମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପଞ୍ଜାବରୁ ସୈନ୍ୟମାନେ ଆସି ଉତ୍ତର ଦିଲ୍ଲୀରେ ଆସ୍ଥାନ ପକାଇଲେ । ଭାରତୀୟ ସୈନ୍ୟମାନେ ଇଂରେଜମାନଙ୍କୁ ପ୍ରବଳଭାବରେ ବିରୋଧ କରିଥିଲେ । ନିକୋଲସନ୍ ୧୮୫୭ ସେପ୍ଟେମ୍ବର ମାସରେ ଦିଲ୍ଲୀ ପୁନଃ ଅଧିକାର କଲେ; କିନ୍ତୁ ସେ ସାଂଘାତିକ ଭାବରେ ଆହତ ହୋଇଥିଲେ । ବାହାଦୁର ଶାହଙ୍କ ଦୁଇ ପୁତ୍ରଙ୍କୁ ହତ୍ୟା କରାଗଲା, ତାଙ୍କୁ ବନ୍ଦୀ ଭାବରେ ରେଙ୍ଗୁନକୁ ପଠାଯାଇଥିଲା । ୧୮୬୨ ଖ୍ରୀଷ୍ଟାବ୍ଦରେ ସେଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଐତିହାସିକ ମ୍ୟାଲେସନଙ୍କ ଭାଷାରେ, "ଏହାଠାରୁ ଅଧିକତର ପାଶବିକ କିମ୍ବା ଅଧିକତର ଅନାବଶ୍ୟକ ନୃଶଂସତା ଆଉ କେବେ ଘଟିନଥିଲା । ଏହା ଗୋଟିଏ ପ୍ରମାଦ ତଥା ଏକ ଅପରାଧ ଥିଲା ।"

ଜେନେରାଲ୍ ନେଲ (Neill) ପ୍ରଥମେ ବନାରସ ଓ ତା'ପରେ ଆଲାହାବାଦ ଅଧିକାର କରିଥିଲେ । କ୍ୟାମ୍ପବେଲ୍ ଗୁର୍ଖା ରେଜିମେଣ୍ଟ ସାହାଯ୍ୟରେ ୧୮୫୮ ମାର୍ଚ୍ଚ ମାସରେ ଲକ୍ଷ୍ନୌ ଅଧିକାର କଲେ; କିନ୍ତୁ ସେହି ବର୍ଷ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସେଠାରେ ଗରିଲା ଯୁଦ୍ଧ ଚାଲିଥିଲା । ସେତେବେଳକୁ ନାନାସାହେବ ନିଜକୁ କାନପୁରର ପେଶବା ରୂପେ ଘୋଷଣା କରି ସାରିଥିଲେ । ଗ୍ୱାଲିଅରର ବିଦ୍ରୋହୀ ସୈନ୍ୟମାନେ ମଧ୍ୟ ନାନାଙ୍କ ସହିତ କାନପୁରରେ ଯୋଗଦେଇଥିଲେ । ଡିସେମ୍ବର ୬ ତାରିଖରେ କ୍ୟାମ୍ପବେଲ୍ କାନପୁର ଅଧିକାର କଲେ । ନାନାସାହେବ ନେପାଳର ଘଞ୍ଚ ଅରଣ୍ୟ ମଧ୍ୟକୁ ପଳାଇ ଯାଇଥିବାର ଜଣାଯାଏ ।

୧୮୫୮ ଅପ୍ରେଲ ୩ ରେ ହିଉରୋଜ ଝାନ୍ସୀ ଅଧିକାର କଲେ । ରାଣୀ ଲକ୍ଷ୍ମୀବାଈ ଗ୍ୱାଲିଅରଠାରେ ତାନ୍ତିଆ ଟୋପିଙ୍କ ଦ୍ୱାରା ପରିଚାଳିତ ସୈନ୍ୟମାନଙ୍କ ସହିତ ଯୋଗଦେଲେ । ୧୮୫୮ ରେ ଗ୍ୱାଲିଅର ଅଧିକୃତ ହୋଇଥିଲା । କାଲପୀଠାରେ ରାଣୀ ଯୁଦ୍ଧକ୍ଷେତ୍ରରେ ଜୀବନ ହରାଇଲେ । ତାନ୍ତିଆ ଟୋପିଙ୍କୁ ଫାଶୀ ଦିଆଗଲା । ବିହାରର ଜଗଦୀଶପୁରଠାରେ କନ୍‌ୱାର ସିଂହଙ୍କୁ ଦମନ କରାଗଲା ।

୧୮୫୮ ଜୁଲାଇ ସୁଦ୍ଧା ପ୍ରତ୍ୟେକ ବିଦ୍ରୋହୀଙ୍କୁ ଦମନ କରିବାରେ ଇଂରେଜମାନେ ସକ୍ଷମ ହୋଇଥିଲେ ।

ବିଦ୍ରୋହ ବିଫଳ ହେବାର କାରଣ

(Causes for the failure of the Revolt)

ପ୍ରାରମ୍ଭିକ ଅବସ୍ଥାରେ ବିଦ୍ରୋହୀମାନେ ସଫଳ ହୋଇଥିଲେ; କିନ୍ତୁ ପରିଶେଷରେ ସେମାନେ ନିଜର ଲକ୍ଷ୍ୟ ହାସଲ କରିବା ଦିଗରେ ବିଫଳ ହେଲେ । ବିଦ୍ରୋହ ବିଫଳ ହେବାର କେତେକ କାରଣ ନିମ୍ନରେ ପ୍ରଦାନ କରାଗଲା ।

୧ । ବିଦ୍ରୋହ ଥିଲା ଆଞ୍ଚଳିକ ସ୍ତରର, ଭାରତର ବୃହତ୍ ଅଂଶରେ ବିଦ୍ରୋହ ସଂଘଟିତ ହୋଇନଥିଲା । ଉଦାହରଣ ସ୍ୱରୂପ, ନର୍ମଦା ନଦୀର ଦକ୍ଷିଣକୁ ବିଦ୍ରୋହ ପ୍ରଭାବିତ କରିପାରିନଥିଲା । ସିନ୍ଧୁ ଓ ରାଜପୁତନା ଏବଂ ମଧ୍ୟ ଓ ପୂର୍ବ ବଙ୍ଗଳାରେ ଅବସ୍ଥା ଖୁବ୍ ଶାନ୍ତ ଥିଲା । ବମ୍ବେ ଏବଂ ମାଡ୍ରାସରେ ସୈନ୍ୟମାନେ ଇଂରେଜମାନଙ୍କ ପ୍ରତି ଅନୁରକ୍ତ ଥିଲେ । ବିଦ୍ରୋହ ଆଞ୍ଚଳିକ ସ୍ତରର ନ ହୋଇଥିଲେ ଇଂରେଜମାନେ ଏହାକୁ ଦମନ କରିପାରିନଥା'ନ୍ତେ ।

୨ । ଭାରତର ବହୁ ରାଜ୍ୟ ବିଦ୍ରୋହ ଦମନ କରିବାରେ ଇଂରେଜମାନଙ୍କୁ ସାହାଯ୍ୟ ଦେଇଥିଲେ । ସିନ୍ଧିଆ, ହୋଲକାର, ସାର ଦିନକର ରାଓ ଏବଂ ସାର ସଲରଜଙ୍ଗ

ନିଜ ନିଜ ରାଜ୍ୟର କେବଳ ଶାନ୍ତିରକ୍ଷା କରୁନଥିଲେ, ସେମାନେ ଇଂରେଜମାନଙ୍କୁ ମଧ୍ୟ ସାହାଯ୍ୟ କରିଥିଲେ । ପାତିଆଲା, ହାଇଦ୍ରାବାଦ ଓ ଗ୍ୱାଲିଅରର ରାଜାମାନେ ଖୋଲାଖୋଲି ଭାବରେ ଇଂରେଜମାନଙ୍କର ସହାୟତା କରିଥିଲେ । ନେପାଳର ଗୁର୍ଖାମାନେ ଇଂରେଜମାନଙ୍କୁ ସାହାଯ୍ୟ କଲେ । ବିଦ୍ରୋହ ଦମନରେ ଜମିଦାରମାନେ ମଧ୍ୟ ଇଂରେଜମାନଙ୍କର ଅସ୍ତ୍ରରୂପେ କାର୍ଯ୍ୟ କରିଥିଲେ ।

୩ । ସମ୍ବଳ ଓ ସାମରିକ ଶକ୍ତିରେ ଇଂରେଜମାନେ ସିପାହୀମାନଙ୍କ ଠାରୁ ଶ୍ରେଷ୍ଠ ଥିଲେ । ସେମାନେ ତାଙ୍କର ସୈନ୍ୟ କ୍ରିମିୟା ଓ ଅନ୍ୟ ସ୍ଥାନଗୁଡ଼ିକରୁ ଚଳେଇ ନେବାକୁ ସକ୍ଷମ ଥିଲେ । ଅଟକଳ କରାଯାଏ ଯେ ସେମାନେ ପ୍ରାୟ ୧,୧୨,୦୦୦ ଜଣ ସୈନ୍ୟଙ୍କୁ ଭାରତକୁ ଆଣିଥିଲେ । ଭାରତରୁ ମଧ୍ୟ ୩,୧୦,୦୦୦ ଜଣ ସୈନ୍ୟଙ୍କୁ ସେମାନେ ସଂଗଠିତ କରିଥିଲେ । ଇଂରେଜ ସୈନ୍ୟମାନେ ଆଧୁନିକ ବନ୍ଧୁକ ଧରି ଯୁଦ୍ଧ କରୁଥିବାବେଳେ ସିପାହୀମାନେ ପାରମ୍ପରିକ ଧନୁ ଓ ବର୍ଛା ଧରି ଯୁଦ୍ଧ କରୁଥିଲେ । ସେମାନଙ୍କର ଏନ୍‌ଫିଲ୍‌ଡ ବନ୍ଧୁକ ଦେଖି ନାନା କହିଥିଲେ, "ନୀଳ ଟୋପି ଫାୟାର ହେବା ପୂର୍ବରୁ ମାରିଦିଏ ।" ଇଲେକ୍ଟ୍ରିକ, ଟେଲିଗ୍ରାଫ୍ ମଧ୍ୟ ଯୁଦ୍ଧକୌଶଳ ସିଦ୍ଧାନ୍ତ କରିବାରେ ଇଂରେଜମାନଙ୍କୁ ଖୁବ୍ ସାହାଯ୍ୟ କରିଥିଲା । ଭାରତୀୟ ସୈନ୍ୟମାନଙ୍କର ଗତି ବିଷୟରେ ସେମାନେ ଖୁବ୍ ଆଗରୁ ସମ୍ବାଦ ପାଇଯାଉଥିଲେ । ସଂକ୍ଷେପରେ, ଇଂରେଜମାନଙ୍କର କେବଳ ଅତ୍ୟଧିକ ସୈନ୍ୟ ନଥିଲେ, ଯୁଦ୍ଧ କରିବା ନିମନ୍ତେ ସେମାନଙ୍କର ଉତ୍କୃଷ୍ଟ ଅସ୍ତ୍ରଶସ୍ତ୍ର ଓ ଉପକରଣ ଥିଲା ।

୪ । ବିଦ୍ରୋହୀମାନଙ୍କର ଅଧିକ ସଂଖ୍ୟାରେ ଉତ୍ତମ ସେନାପତି ନଥିଲେ । ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପି ଆଦି ଥିଲେ ବିଚକ୍ଷଣ ଯୋଦ୍ଧା; କିନ୍ତୁ ସେମାନଙ୍କର ଅଭିଜ୍ଞତା ନଥିଲା । ବିଦ୍ରୋହୀମାନଙ୍କର ଏକତାର ଘୋର ଅଭାବ ଥିଲା, ସେମାନଙ୍କର ନଥିଲା ଏକ ନିର୍ଦ୍ଦିଷ୍ଟ ନୀତି ଓ ରଣକୌଶଳ । ଅପରପକ୍ଷରେ ଇଂରେଜମାନଙ୍କର ଥିଲା ଏକ ସେନାପତିତ୍ୱ, ଏକ ପରିଚାଳନା ଏବଂ ଏକ ନିର୍ଦ୍ଦିଷ୍ଟ ନୀତି । ଆର୍. ସି. ମଜୁମଦାର ଯଥାର୍ଥରେ କହିଛନ୍ତି, "ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା ସମଗ୍ର ବିଦ୍ରୋହକୁ କଢେଇ ନେବା ପାଇଁ ଏକ ସାଧାରଣ ନୀତି ଓ କେନ୍ଦ୍ରୀୟ ସଂଗଠନର ଅଭାବ ।" ହ୍ୟାଭେଲକ୍, କ୍ୟାମ୍ପବେଲ୍, ନିକୋଲସନ୍, ହିଉରୋଜ, ଆଉଟରାମ, ଜନ୍ ଲରେନ୍‌ସଙ୍କ ପରି କମାଣ୍ଡରମାନଙ୍କ ନେତୃତ୍ୱ ଓ ସଂକଳ୍ପ ବିଦ୍ରୋହୀମାନଙ୍କ ବିପକ୍ଷରେ ଇଂରେଜମାନଙ୍କୁ ସଫଳତାର ମୁକୁଟ ପିନ୍ଧାଇ ପାରିଥିଲା । ଇଂରେଜମାନଙ୍କ କୂଟନୀତି ମଧ୍ୟ ଥିଲା ଖୁବ୍ ବିଚକ୍ଷଣ । ଉଦାହରଣ ସ୍ୱରୂପ, ସେମାନେ

ଥିଲେ ଏକ ଚତୁର ଜାତି ଯେଉଁମାନେ ଶିଖମାନଙ୍କୁ ବିହାରୀମାନଙ୍କ ବିପକ୍ଷରେ ଲଢେଇ କରେଇ ଦେଇ ପାରୁଥିଲେ ।

୫ । ଭାରତର ଶିକ୍ଷିତ ଶ୍ରେଣୀର ଚିନ୍ତାଧାରା ଥିଲା ବିଦ୍ରୋହୀମାନଙ୍କ ବିରୋଧରେ । ଇଂରେଜମାନେ ଯେ ଭାରତକୁ ଏକ ଆଧୁନିକ ଦେଶରେ ପରିଣତ କରିଦେବେ, ସେଥିଯୋଗୁଁ ଶିକ୍ଷିତମାନେ ଇଂରେଜମାନଙ୍କୁ ସମର୍ଥନ କରୁଥିଲେ । ତେଣୁ ୧୮୫୭ ବିଦ୍ରୋହରେ ନଥିଲା ବିଜ୍ଞତା ଓ ଭାବପ୍ରବଣତା । ଶିକ୍ଷିତମାନଙ୍କର ଧାରଣା ହେଲା ଯେ ବିଦ୍ରୋହୀମାନେ ଜୟଯୁକ୍ତ ହେଲେ ଭାରତ ପୁଣି ମଧ୍ୟଯୁଗକୁ ଚାଲିଯିବ ।

୬ । ବିଦ୍ରୋହୀମାନଙ୍କର ଏକ ସାଧାରଣ ଆଦର୍ଶ ନ ଥିଲା, ତେଣୁ ସମ୍ମିଳିତ କାର୍ଯ୍ୟାନୁଷ୍ଠାନ କରାଯାଇପାରୁ ନଥିଲା । ମୋଗଲ ସମ୍ରାଟଙ୍କୁ ଫେରାଇ ଆଣିବା ପାଇଁ ମୁସଲମାନମାନେ ଯୁଦ୍ଧ କରୁଥିଲେ, ହିନ୍ଦୁମାନେ ଚାହୁଁଥିଲେ ନାନାସାହେବ ଓ ରାଣୀ ଲକ୍ଷ୍ମୀବାଈଙ୍କୁ ସିଂହାସନରେ ଅଧିଷ୍ଠିତ କରିବେ ।

୭ । ନେତାମାନଙ୍କର ପାରସ୍ପରିକ କଳହ ଯୋଗୁଁ ବିଦ୍ରୋହୀମାନେ ପରାସ୍ତ ହୋଇଥିଲେ । ଏହି ପ୍ରସଙ୍ଗରେ ମୌଲାନା ଆବୁଲ କାଲାମ ଆଜାଦ୍ କହିଛନ୍ତି, "ମୁଁ ବାଧ୍ୟ ହୋଇ ସିଦ୍ଧାନ୍ତରେ ପହଞ୍ଚିଛି ଯେ ଭାରତୀୟ ଜାତୀୟ ଚରିତ୍ର ନିମ୍ନକୁ ଅଧଃପତିତ ହୋଇଥିଲା । ବିଦ୍ରୋହର ନେତାମାନେ ଏକମତ ହୋଇପାରିନଥିଲେ । ସେମାନେ ପରସ୍ପର ପ୍ରତି ଈର୍ଷାନ୍ୱିତ ଥିଲେ ଏବଂ ଅବିରତ ଜଣେ ଜଣକ ବିରୁଦ୍ଧରେ ଚକ୍ରାନ୍ତ କରୁଥିଲେ । ବାସ୍ତବିକ ବ୍ୟକ୍ତିଗତ ଈର୍ଷା ବହୁଳ ଭାବରେ ଭାରତୀୟ ପରାଜୟ ପାଇଁ ଦାୟୀ ଥିଲା ।"

ବିଦ୍ରୋହର ଫଳାଫଳ (Effects of the Mutiny) :

ଭାରତ ଇତିହାସରେ ୧୮୫୭ର ମହାନ୍ ବିଦ୍ରୋହ ଗୋଟିଏ ଯୁଗର ଅବସାନ ଘଟାଇ ଅନ୍ୟ ଏକ ନୂତନ ଯୁଗର ଶୁଭାରମ୍ଭ କରିଥିଲା । ଭାରତରୁ କମ୍ପାନୀ ଶାସନର ଅବସାନ ଘଟିଲା ଏବଂ ଭାରତ ଶାସିତ ହେଲା ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନରେ । ଇଂରେଜମାନଙ୍କ ପ୍ରଶାସନିକ ସଂଗଠନ ଏବଂ ଭାରତରେ ଇଂରେଜ ସରକାରଙ୍କ ନୀତି ଏବଂ ମନୋଭାବରେ ଏହି ବିଦ୍ରୋହ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା । ଇଂରେଜମାନଙ୍କର ସାମ୍ରାଜ୍ୟ ବିସ୍ତାର ତୃଷ୍ଣା ନିଃଶେଷ ହୋଇଯାଇଥିଲା, ତା'ର ପ୍ରତିବଦଳରେ ସେମାନଙ୍କର ନୀତି ହେଲା ଅର୍ଥନୈତିକ ଶୋଷଣ । ଭାରତରେ ସ୍ଥାୟୀଭାବେ ଶାସନ କରିବାକୁ ଇଂରେଜମାନେ

'ବିଭାଜନ ଓ ଶାସନ' ନୀତି ଗ୍ରହଣ କରିଥିଲେ । ବିଦ୍ରୋହର କେତେକ ଫଳାଫଳ ନିମ୍ନରେ ଆଲୋଚନା କରାଗଲା ।

ସୁଫଳ (Good effects) :

୧ । ଭାରତଶାସନ ନିୟନ୍ତ୍ରଣ ଇଷ୍ଟଇଣ୍ଡିଆ କମ୍ପାନୀଠାରୁ ବ୍ରିଟିଶ୍ ସମ୍ରାଟଙ୍କ ହସ୍ତକୁ ଚାଲିଯାଇଥିଲା । କିନ୍ତୁ ଏଚ.ଏସ. କନିଙ୍ଗହାମ୍ କୁହନ୍ତି ଯେ ଏହି ପରିବର୍ତ୍ତନ ଥିଲା ଆନୁଷ୍ଠାନିକ, ନଥିଲା ବାସ୍ତବ । ଇଂଲଣ୍ଡ ପାର୍ଲିଆମେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ୧୮୫୮ ଭାରତ ଶାସନ ଆଇନ ପ୍ରଣୟନ କରାଯାଇଥିଲା । ଏଥିରେ ଘୋଷଣା କରାଗଲା ଯେ ଭବିଷ୍ୟତରେ ଇଂଲଣ୍ଡର ରାଣୀଙ୍କ ନାମରେ ଏବଂ ରାଣୀଙ୍କ ଦ୍ୱାରା ହିଁ ଭାରତ ଶାସିତ ହେବ । ଆଇନର ବ୍ୟବସ୍ଥା ଅନୁଯାୟୀ କମ୍ପାନୀ ଦ୍ୱାରା ସ୍ଥାପିତ ନିୟନ୍ତ୍ରଣ ପରିଷଦ (Board of Control) ଏବଂ ନିର୍ଦ୍ଦେଶନା ସଭା (Court of Directors) ଉଚ୍ଛେଦ କରାଯାଇ ସେମାନଙ୍କ ସ୍ଥାନରେ ଭାରତ ଶାସନ ପାଇଁ ଜଣେ ରାଜ୍ୟ ସଚିବଙ୍କୁ ନିଯୁକ୍ତ କରାଗଲା । ସେ ହେଉଥିଲେ ବ୍ରିଟିଶ୍ ମନ୍ତ୍ରିମଣ୍ଡଳର ଜଣେ ସଦସ୍ୟ । ଶାସନକ୍ଷେତ୍ରରେ ତାଙ୍କୁ ସାହାଯ୍ୟ କରିବାକୁ ୧୫ ଜଣ ସଦସ୍ୟବିଶିଷ୍ଟ ଏକ ଶାସନ ପରିଷଦ ରହିଲା । ଭାରତର ରାଜସ୍ୱ ଭାରତବାସୀଙ୍କ ପାଇଁ ବ୍ୟୟ କରାଯିବାର ସିଦ୍ଧାନ୍ତ ହେଲା । ସ୍ଥିର ହେଲା ଯେ ଭାରତର ଗଭର୍ଣ୍ଣର ଜେନେରାଲ ଏବଂ ଭାଇସ୍‌ରାୟ ଏବଂ ପ୍ରଦେଶଗୁଡିକର ଗଭର୍ଣ୍ଣରମାନେ ଇଂଲଣ୍ଡର ରାଜାଙ୍କ ଦ୍ୱାରା ନିଯୁକ୍ତି ପାଇବେ । ଭାରତର ଗଭର୍ଣ୍ଣର-ଜେନେରାଲ ଭାଇସରାୟ ନାମରେ ନାମିତ ହେବେ ।

୨ । ୧୮୫୮ ନଭେମ୍ବର ୧ ତାରିଖରେ ମହାରାଣୀଙ୍କ ଘୋଷଣାପତ୍ର କ୍ୟାନିଂ ଆହ୍ଲାବାଦଠାରେ ଏକ ଦରବାରରେ ପାଠ କରିଥିଲେ । ରାଣୀ ଭିକ୍ଟୋରିଆ ଭାରତର ଶାସନଭାର ଗ୍ରହଣ କରିଥିଲେ । ଘୋଷଣାପତ୍ରରେ ବିସ୍ତୃତ ଭାବରେ ବ୍ରିଟିଶ୍ ସରକାରଙ୍କର ଭାରତୀୟ ରାଜା ଓ ଜନସାଧାରଣଙ୍କ ସମ୍ପର୍କ ବିଷୟରେ ଉଲ୍ଲେଖ ରହିଲା । ଭାରତରେ ସାମ୍ରାଜ୍ୟ ବିସ୍ତାର ନୀତି ବିରୁଦ୍ଧରେ ଇଚ୍ଛା ପ୍ରକାଶ କରାଗଲା ଏବଂ ଭାରତୀୟ ରାଜପୁତ୍ରମାନଙ୍କର ଅଧିକାର, ମର୍ଯ୍ୟାଦା ଓ ପଦକୁ ଯଥାବିଧି ସମ୍ମାନ ଦେବାକୁ ଶପଥ ନିଆଗଲା । କେବଳ ଇଂରେଜମାନଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ରାଜକ୍ଷମା ପ୍ରଦାନ କରାଗଲା । ମହାରାଣୀ ଘୋଷଣା କଲେ ଯେ ପୂର୍ବରୁ ଭାରତୀୟ ରାଜାମାନଙ୍କ ସହିତ ସ୍ୱାକ୍ଷରିତ ହୋଇଥିବା ସନ୍ଧିଗୁଡିକ ବଳବତ୍ତର ରହିବ । ଭାରତୀୟ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ । ଫଳରେ ରାଜ୍ୟସ୍ୱତ୍ୱ ଲୋପ ନୀତି ଉଚ୍ଛେଦ କରାଗଲା ।

ଅଯୋଧ୍ୟାର ତାଲୁକଦାର, ଯେଉଁମାନେ ବହୁ ସଂଖ୍ୟାରେ ବିଦ୍ରୋହରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କୁ ପୁନଃସ୍ଥାପନ କରାଗଲା ଏବଂ ସେମାନଙ୍କ ଜମିଦାରୀଗୁଡିକ ଫେରାଇ ଦିଆଗଲା । ଅଯୋଧ୍ୟାର ତାଲୁକଦାରମାନେ ସରକାରଙ୍କ ପ୍ରତି ଅନୁରକ୍ତ ରହିବେ ଏବଂ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ । ପଣ୍ଡିତ ନେହେରୁ କହିଛନ୍ତି, ଏହି ତାଲୁକଦାରମାନେ ସେମାନଙ୍କୁ 'ଅଯୋଧ୍ୟାର ବାନର' ଡାକିବାରେ ଗର୍ବ ଅନୁଭବ କରିଥିଲେ । ସେମାନେ ବ୍ରିଟିଶ୍ ଶାସନର ଗୋଟିଏ ଗୋଟିଏ ସ୍ତମ୍ଭରୂପେ ଦଣ୍ଡାୟମାନ ହୋଇଥିଲେ ।

୩ । ଘୋଷଣାପତ୍ରରେ କୁହାଗଲା ଯେ ଶିକ୍ଷା, ଦକ୍ଷତା ଓ ସାଧୁତା ଥିବା କୌଣସି ଭାରତୀୟ ଚାକିରି ପାଇବା ପାଇଁ ଯୋଗ୍ୟ ହେବେ । ବାସ୍ତବ କ୍ଷେତ୍ରରେ ଉଚ୍ଚ ଚାକିରିଗୁଡିକ ଇଂରେଜମାନଙ୍କର ଏକଚାଟିଆ ହୋଇ ରହିଗଲା । ୧୮୬୧ରେ ଭାରତୀୟ ପ୍ରଶାସନିକ ସେବା ଆଇନ ଅନୁଯାୟୀ ପ୍ରଶାସନିକ ପଦରେ ନିଯୁକ୍ତି ପାଇଁ ବାର୍ଷିକ ପ୍ରତିଯୋଗିତାମୂଳକ ପରୀକ୍ଷା ହେବ; କିନ୍ତୁ ଏହି ପରୀକ୍ଷା ପାଇଁ କେନ୍ଦ୍ର କେବଳ ଲଣ୍ଡନଠାରେ ହିଁ ବ୍ୟବସ୍ଥିତ ହେବ । ପରୀକ୍ଷା ସମ୍ବନ୍ଧୀୟ ଆଇନଗୁଡିକ ଏପରି ତିଆରି କରାଗଲା ଯେ ଯାହାଫଳରେ ଇଂରେଜମାନେ ହିଁ କେବଳ ପରୀକ୍ଷାରେ ସଫଳ ହେଲେ ।

୪ । ଭାରତୀୟମାନଙ୍କ ଧର୍ମକୁ ସମ୍ମାନିତ କରିବା ପାଇଁ ଘୋଷଣା କରାଗଲା । ଭାରତୀୟମାନେ ସ୍ୱାଧୀନ ଭାବରେ ସେମାନଙ୍କ ଦେବତାଙ୍କୁ ପୂଜା କରିପାରିବେ । ଭାରତୀୟମାନଙ୍କ ପରମ୍ପରା, ନୀତିନିୟମ ଓ ଅଧିକାରକୁ ଉପଯୁକ୍ତ ସମ୍ମାନ ଦିଆଗଲା । ଘୋଷଣା କରାଗଲା ଯେ ଜାତି, ବର୍ଣ୍ଣ, ଧର୍ମ, ଉଚ୍ଚ, ନୀଚ, ଧନୀ, ଗରିବ ସମସ୍ତଙ୍କ ପାଇଁ ସମାନ ଭାବରେ ଆଇନ ଲାଗୁ କରାଯିବ । ଶେଷରେ ମହାରାଣୀ ଭିକ୍ଟୋରିଆ ଭାରତୀୟମାନଙ୍କ ଉନ୍ନତିକଳ୍ପେ ପ୍ରତିଶ୍ରୁତି ଦେଇଥିଲେ- "ଭାରତୀୟ ଶିଳ୍ପକୁ ଉତ୍ସାହିତ କରିବା, ଜନହିତକର କାର୍ଯ୍ୟରେ ଅଭିବୃଦ୍ଧି ଘଟାଇବା ଏବଂ ଭାରତର ଅଧିବାସୀଙ୍କ ମଙ୍ଗଳ ନିମିତ୍ତ ଶାସନ ପରିଚାଳନା କରିବା ହେଉଛି ଆମ୍ଭମାନଙ୍କର ଇଚ୍ଛା । ସେମାନଙ୍କର ସୁଖରେ ଆମ୍ଭମାନଙ୍କର ନିରାପତ୍ତା ଏବଂ ସେମାନଙ୍କର କୃତଜ୍ଞତାରେ ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ ପୁରସ୍କାର ନିହିତ ।"

୫ । ୧୮୫୭ର ବିଦ୍ରୋହ ପାଇଁ ଦାୟୀ ଥିଲେ ଭାରତୀୟ ସୈନ୍ୟମାନେ । ଏହାକୁ ସମ୍ପୂର୍ଣ୍ଣ ରୂପେ ପୁନଃସଙ୍ଗଠନ କରାଗଲା । ଭାରତର ପଦାତିକ ଏବଂ ନୌବାହିନୀ ଇଂରେଜ ସରକାରଙ୍କ ଅଧୀନକୁ ଅଣାଗଲା । ୧୮୫୭ ବେଳକୁ ଇଉରୋପୀୟ

ସୈନ୍ୟସଂଖ୍ୟା ଥିଲା ୪୫,୦୦୦, ଏହାକୁ ୬୫,୦୦୦କୁ ବୃଦ୍ଧି କରାଗଲା। ସେହିପରି ୧୮୫୭ରେ ଭାରତୀୟ ସୈନିକ ସଂଖ୍ୟା ଥିଲା ୨,୩୮,୦୦୦ ଏବଂ ଏହାକୁ ୧,୪୦,୦୦୦କୁ କମାଇ ଦିଆଗଲା। ସାମରିକ ବିଭାଗର ବଡ଼ ପଦପଦବୀରେ ଇଉରୋପୀୟମାନେ ନିଯୁକ୍ତି ପାଇଲେ। ଉତ୍କୃଷ୍ଟ ଅସ୍ତ୍ରଶସ୍ତ୍ରଗୁଡିକ ରହିଲା ବ୍ରିଟିଶ୍ ସୈନ୍ୟମାନଙ୍କ ହସ୍ତରେ। ବଙ୍ଗ ସୈନ୍ୟବାହିନୀକୁ ଭାଙ୍ଗିଦିଆଗଲା। ଶିଖ୍, ଜାଠ, ପଞ୍ଜାବୀ, ଗୁର୍ଖା ଓ ମୁସଲମାନ୍ ଆଦି ନୂତନ ନୂତନ ରେଜିମେଣ୍ଟ ଗଢାଗଲା।

୬। ବିଦ୍ରୋହ ପରେ କେତେକ ବିଚାରଗତ ପରିବର୍ତ୍ତନ ଆସିଥିଲା। ବିଦ୍ରୋହ ପୂର୍ବରୁ ଭାରତରେ ସଦର ଅଦାଲତ ଏବଂ ଉଚ୍ଚତମ ନ୍ୟାୟାଳୟ ଥିଲା। ଏହି ଦୁଇ ନ୍ୟାୟାଳୟ ମଧ୍ୟରେ ପ୍ରାୟତଃ ମନାନ୍ତର ଘଟୁଥିଲା। ତେଣୁ ଏହି ଦୁଇ ନ୍ୟାୟାଳୟକୁ ମିଶାଇଦିଆଗଲା। ବମ୍ବେ, ମାଡ୍ରାସ ଓ କଲିକତାଠାରେ ଉଚ୍ଚ ନ୍ୟାୟାଳୟମାନ ସ୍ଥାପିତ ହେଲା।

୭। ଭାରତୀୟ ଅର୍ଥନୀତିରେ ବିଦ୍ରୋହ କେତେକ ବିତ୍ତୀୟ ପ୍ରଭାବ ପକାଇଥିଲା। ବିଦ୍ରୋହ ପରେ କମ୍ପାନୀର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡିଥିଲା। ତେଣୁ ଆର୍ଥିକ ଅବସ୍ଥାକୁ ସୁଦୃଢ କରିବାପାଇଁ କେତେକ ପଦକ୍ଷେପ ନିଆଗଲା। ଜେମ୍ସ ଉଇଲସନ୍‌ଙ୍କ ଅଧ୍ୟକ୍ଷତାରେ ସରକାର ଗୋଟିଏ କମିଟି ବସାଇଥିଲେ। କେତେକ ନୂତନ କର ବସାଇବା ଏବଂ ସାମରିକ ଓ ଅମଲାତାନ୍ତ୍ରିକ ଶାସନରୁ ଖର୍ଚ୍ଚ ହ୍ରାସ କରିବା ପାଇଁ କମିଟି ସୁପାରିସ କଲେ। ୫୦୦ ଟଙ୍କା ମାସିକ ଆୟ କରୁଥିବା ବ୍ୟକ୍ତିଙ୍କୁ ୫% ଆୟକର ଦେବାକୁ ପଡିଲା। ବିଭିନ୍ନ ବାଣିଜ୍ୟ ଓ ଜୀବିକା ଉପରେ ଲାଇସେନ୍ସ କର ଧାର୍ଯ୍ୟ କରାଗଲା। ଏହି ଅର୍ଥ ଭାରତୀୟମାନଙ୍କ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟୟ କରାଯିବାର ବ୍ୟବସ୍ଥା ହେଲା।

୮। ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖାଁଏ ଶିକ୍ଷା ବିଭାଗ ସ୍ଥାପନ କରାଗଲା। ନିର୍ଦ୍ଦେଶକ ଓ ପରିଦର୍ଶକମାନେ ଏହାର ପରିଚାଳନା ଦାୟିତ୍ୱରେ ରହିଥିଲେ।

୧୮୬୧ରେ ଭାରତୀୟ ପୋଲିସ ଆଇନ ପ୍ରଣୀତ ହୋଇଥିଲା। ଏହାଦ୍ୱାରା ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖାଁଏ ପୋଲିସ ବିଭାଗ ସୃଷ୍ଟି ହେଲା ଏବଂ ଏହି ବିଭାଗ ଦାୟିତ୍ୱରେ ରହିଲେ ଜଣେ ପୋଲିସ ଇନିସ୍‌ପେକ୍ଟର ଜେନେରାଲ ଓ ତାଙ୍କୁ ସାହାଯ୍ୟ କରିବାକୁ ଜଣେ ଡେପୁଟି ଇନିସ୍‌ପେକ୍ଟର ଜେନେରାଲ। ପ୍ରତ୍ୟେକ ଜିଲ୍ଲାରେ ପୋଲିସ

ସୁପରିଟେଣ୍ଡେଣ୍ଟ ନିଯୁକ୍ତି ପାଇଲେ। ଏହିପରି ଆଇନ ଓ ଶୃଙ୍ଖଳା ବିଭାଗକୁ ପୁନର୍ଗଠନ କରାଗଲା।

ଶାସକ ଓ ଶାସିତ ମଧ୍ୟରେ ଅଧିକତର ସୁ-ପ୍ରତିଷ୍ଠା କରିବା ପାଇଁ ଲେଜିସ୍‌ଲେଟିଭ କାଉନ୍‌ସିଲ୍ ଗୁଡିକରେ ସ୍ଥାନୀୟ ଉପାଦାନଗୁଡିକ ପ୍ରତିଫଳନ କରିବାକୁ ସ୍ଥିର କରାଗଲା। ଏହାଦ୍ୱାରା ଶାସକମାନେ ଭାରତୀୟମାନଙ୍କର ଚିନ୍ତା ଓ ଭାବପ୍ରବଣତାକୁ ହୃଦୟଙ୍ଗମ କରିପାରିବେ ଏବଂ ସେମାନଙ୍କ ସହିତ ସମସ୍ତ ପ୍ରକାର ଅବୁଝାମଣା ଅନ୍ତ ହୋଇଯିବ।

କୁଫଳ (Disadvantages) :

୧୮୫୭ ବିଦ୍ରୋହ ଭାରତୀୟମାନଙ୍କ ପାଇଁ ସମ୍ପୂର୍ଣ୍ଣ ହିତକର ହୋଇନଥିଲା, ଏହା ଭାରତୀୟମାନଙ୍କ ଉପରେ ଅନେକ କୁଫଳ ପକାଇଥିଲା। ୧୮୪୦ ଖ୍ରୀଷ୍ଟାବ୍ଦ ବେଳକୁ ବ୍ରିଟେନରୁ ଉଦାର ଓ ମାନବିକତାର ଯୁଗ ଶେଷ ହୋଇଯାଇଥିଲା। ଇଂରେଜ ଚରିତ୍ରରେ ପରିବର୍ତ୍ତନ ଘଟିଥିଲା। ଇଂରେଜମାନଙ୍କର ଲକ୍ଷ୍ୟ ହେଲା ଖଣ୍ଡାଧରି ସେମାନେ ଭାରତୀୟମାନଙ୍କୁ ଶାସନ କରିବେ।

୧। ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ବିଦ୍ରୋହର ଫଳାଫଳ ଥିଲା ଦୁର୍ଭାଗ୍ୟଜନକ। ଇଉରୋପୀୟ ଓ ଭାରତୀୟମାନଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧି ହୋଇଥିଲା, ଉଭୟ ଉଭୟଙ୍କୁ ସନ୍ଦେହ କରିବାକୁ ଲାଗିଲେ। ବାସ୍ତବରେ ସାମାଜିକ ଓ ଶିକ୍ଷା ସଂସ୍କାର ନୀତିଗୁଡିକ ଇଂରେଜମାନେ ତ୍ୟାଗ କଲେ। ଇଂରେଜୀ ଶିକ୍ଷାକୁ ଅବହେଳା କରାଗଲା, କାରଣ ଇଂରେଜମାନେ ଅନୁଭବ କଲେ ଯେ ଭାରତୀୟମାନଙ୍କୁ ଶିକ୍ଷିତ କରିଦେଲେ ସେମାନେ ନିଜେ ସାମ୍ରାଜ୍ୟବାଦର ବିରୋଧୀ ହେବେ। ତା’ ପରିବର୍ତ୍ତେ ରକ୍ଷଣଶୀଳତା, ଧର୍ମୀୟ ଅନ୍ଧବିଶ୍ୱାସ, ଜାତିପ୍ରଥା, ସାମ୍ପ୍ରଦାୟିକତା, ଆଞ୍ଚଳିକ ବୈଷମ୍ୟ ଆଦି ଇଂରେଜମାନେ ଉତ୍ସାହିତ କରିଥିଲେ। ମୁସଲମାନ୍‌ମାନେ ବିଦ୍ରୋହରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଦମନ କରିବାକୁ ଯାଇ ସେମାନଙ୍କ ଉପରେ ଅତ୍ୟାଚାର କରାଗଲା। ହିନ୍ଦୁ ମୁସଲମାନ୍‌ଙ୍କ ମଧ୍ୟରେ ବିଭେଦର ପ୍ରାଚୀର ସୃଷ୍ଟି କରାଗଲା।

୨। ଭାରତୀୟମାନଙ୍କ ପ୍ରତି ଇଂରେଜମାନଙ୍କର ଜାତିଆଣ ବିଦ୍ୱେଷ ଥିଲା ଖୁବ୍ ଉଗ୍ର। ସେମାନଙ୍କର ଧାରଣା ହେଲା ଯେ ଭାରତୀୟମାନଙ୍କୁ ବିଶ୍ୱାସ କରାଯାଇନପାରେ। ଇଂରେଜମାନେ ନିଜ ଜାତିକୁ ଭାରତୀୟମାନଙ୍କ ଠାରୁ ଉତ୍କୃଷ୍ଟ ବୋଲି ଗର୍ବ କରୁଥିଲେ। ଭାରତୀୟମାନଙ୍କ ପ୍ରତି ସେମାନେ ଘୃଣା ଓ ତିକ୍ତତାଭାବ ପୋଷଣ କରିଥିଲେ।

ଭାରତୀୟମାନଙ୍କ ପ୍ରତି କ୍ରୋଧ ଓ ପ୍ରତିହିଂସାରେ ସେମାନେ ଯେପରି ଉନ୍ମାଦ ହୋଇ ଉଠିଥିଲେ ।

୩ । ବିଦ୍ରୋହ ଦ୍ୱାରା କେବଳ ସମ୍ପତ୍ତି ଓ ଫସଲ ନଷ୍ଟ ହୋଇନଥିଲା, କୃଷି ପ୍ରତି ମଧ୍ୟ ଅବହେଳା କରାଯାଇଥିଲା, କାରଣ କୃଷକମାନେ ନିଜ ଜୀବନ ବଞ୍ଚାଇବା ପାଇଁ ସେମାନଙ୍କର ଘରତ୍ୟାଗ କରିଥିଲେ । ଉତ୍ପାଦନ କମିଗଲା ଏବଂ କୃଷକମାନେ ରାଜସ୍ୱ ପ୍ରଦାନ କରିପାରିଲେ ନାହିଁ । ଆଗ୍ରା ପ୍ରଦେଶରେ ଦୁର୍ଭିକ୍ଷ ପଡିବାରୁ ଲୋକମାନଙ୍କର କଷ୍ଟ ଅବର୍ଣ୍ଣନୀୟ ହେଲା । ବିଦ୍ରୋହ ଦମନ କରିଥିବା ଖର୍ଚ୍ଚ ସରକାର ଭାରତୀୟମାନଙ୍କ ଉପରେ ଲଦିଦେବାକୁ ନିଷ୍ପତ୍ତି ନେଇଥିଲେ । ଫଳରେ ଭାରତର ଋଣ ୪୦ ନିୟୁତ ଷ୍ଟର୍ଲିଙ୍ଗକୁ ବୃଦ୍ଧି ହୋଇଥିଲା ।

ତାରାଚାନ୍ଦ ଲେଖିଛନ୍ତି- "ସାମ୍ରାଜ୍ୟବାଦୀ ବ୍ରିଟେନ ଭାରତକୁ ଗୋଟିଏ ଉପଗ୍ରହ ବୋଲି ମନେକଲା, ଯାହାର ମୁଖ୍ୟ କାର୍ଯ୍ୟ ଥିଲା ମାଲିକ ପାଇଁ ଝାଳ ବୁହାଇବା ଓ ପରିଶ୍ରମ କରିବା, ଏହାର ଅର୍ଥରେ ଅନୁସେବା କରିବା ଓ ସାମ୍ରାଜ୍ୟର ସମ୍ମାନ ଓ ଗୌରବ ବୃଦ୍ଧି କରିବା ।"

ପରବର୍ତ୍ତୀ ସମୟରେ ଏହି ବିଦ୍ରୋହ ଭାରତୀୟ ନବଜାଗରଣକୁ ଜନ୍ମ ଦେଇଥିଲା, ଯାହା ରୂପରେଖ ନେଇଥିଲା ଭାରତୀୟମାନଙ୍କ ସ୍ୱାଧୀନତା ସଂଗ୍ରାମରେ ।

●

ଚତୁର୍ଦ୍ଦଶ ଅଧ୍ୟାୟ

ଭୂ-ରାଜସ୍ୱ ବନ୍ଦୋବସ୍ତ
(Land Revenue Settlement)
(ଭୂ-ରାଜସ୍ୱ ବନ୍ଦୋବସ୍ତ, ଚିରସ୍ଥାୟୀ ବନ୍ଦୋବସ୍ତ, ରୟତୱାରି ବନ୍ଦୋବସ୍ତ, ମାହାଲୱାରି ବ୍ୟବସ୍ଥା)

ଭୂ-ରାଜସ୍ୱ ନୀତି (Land Revenue Policy)

ଭାରତରେ ସାମ୍ରାଜ୍ୟ ବିସ୍ତାର କରିବା ସହିତ ଇଂରେଜମାନେ ପ୍ରତ୍ୟେକକ୍ଷେତ୍ରରେ ସଂସ୍କାର ଆଣିଥିଲେ । ଏହି ସଂସ୍କାର ଆଣିବା ପଛରେ ଇଂରେଜମାନଙ୍କର ଉଦ୍ଦେଶ୍ୟ ଥିଲା ଭାରତରେ ସେମାନଙ୍କର ରାଜକୀୟ ସ୍ଥିତି ସହଜ ଓ ଦୃଢ଼ୀଭୂତ କରିବା । ଭାରତୀୟ ହସ୍ତଶିଳ୍ପ କ୍ରୟ ଓ ଅନ୍ୟାନ୍ୟ ଦ୍ରବ୍ୟ ରପ୍ତାନୀ କରିବା ନିମିତ୍ତ କମ୍ପାନୀ ପାଇଁ ଭାରତରୁ ରାଜସ୍ୱ ଆଦାୟ ଜରୁରି ହୋଇପଡିଲା । ସମଗ୍ର ଭାରତ ବିଜୟ ଓ ଶାସନର ସ୍ଥିରତା ଇଁ କମ୍ପାନୀକୁ ପାଣ୍ଠିର ଆବଶ୍ୟକ ହେଲା । ପୁନଶ୍ଚ ପ୍ରଶାସନିକ ଓ ସାମରିକ ବିଭାଗରେ ନିଯୁକ୍ତି ପାଉଥିବା ଇଂରେଜମାନଙ୍କର ଉଚ୍ଚ ବେତନ ବହନ କରିବା ଥିଲା କମ୍ପାନୀର ଦାୟିତ୍ୱ । ସର୍ବୋପରି ଭାରତୀୟ ରାଜନୀତିରେ ଔପନିବେଶବାଦ ସମ୍ପୂର୍ଣ୍ଣରୂପେ ପ୍ରବେଶ କରାଇବା ଲକ୍ଷ୍ୟରେ କମ୍ପାନୀକୁ ଭୂ-ରାଜସ୍ୱ ବନ୍ଦୋବସ୍ତ କରିବାକୁ ପଡିଲା । ୧୮୧୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରଶାସନିକ ଓ ବିଚାର ବିଭାଗରେ ଯେଉଁ ପରିବର୍ତ୍ତନ କରାଗଲା, ତା'ର ଅସଲ ଉଦ୍ଦେଶ୍ୟ ହେଲା ସାମ୍ରାଜ୍ୟବାଦ ଅଭିବୃଦ୍ଧି ପାଇଁ ଭୂ-ରାଜସ୍ୱ ଆଦାୟ । ରୟତ ଓ ଚାଷୀମାନଙ୍କୁ ରାଜସ୍ୱର ବୋଝ ବହନ କରିବାକୁ ହେଲା । ସେମାନେ ଉତ୍କଟ ଦାରିଦ୍ର୍ୟରେ ନିପୀଡିତ ହୋଇପଡିଲେ । ଦୃଢତାର ସହିତ କୁହାଯାଇପାରେ ଯେ କୃଷକମାନଙ୍କ ଠାରୁ ଉଚ୍ଚ ହାରରେ ରାଜସ୍ୱ ଆଦାୟ କରାଯାଇ ନଥିଲେ କମ୍ପାନୀ କେବେହେଲେ ଭାରତ ପରି ଏକ ବିଶାଳ ଦେଶକୁ ଜୟ କରିପାରିନଥା'ନ୍ତା ।

ବହୁ ପୁରାତନ କାଳରୁ ଭାରତୀୟ ରାଜ୍ୟଗୁଡିକରେ କୃଷି ଉତ୍ପାଦନର ଏକ ବଡ ଅଂଶ ରାଜସ୍ୱ ରୂପେ ଆଦାୟ କରାଯାଉଥିଲା । ଜମି ଥିଲା ରାଜସ୍ୱ ଆଦାୟର ମୁଖ୍ୟ ଉତ୍ସ । କର୍ମଚାରୀ, ଜମିଦାର ବା ରାଜସ୍ୱ-କୃଷକଙ୍କ ପରି ମଧ୍ୟସ୍ଥିମାନଙ୍କ ମାଧ୍ୟମରେ ଏହି ରାଜସ୍ୱ

ଆଦାୟ ହେଉଥିଲା । ସେମାନେ କମିସନି ବାବଦରେ ଆଦାୟ କରୁଥିବା ରାଜସ୍ୱର ଏକ ସ୍ୱଳ୍ପ ଅଂଶ ନିଜେ ରଖି ବଳକା ଅଂଶ ସରକାରୀ ରାଜକୋଷରେ ଜମା ଦେଉଥିଲେ ।

ଭୂ-ରାଜସ୍ୱ ଆଦାୟ (Collection of Land Revenue)

୧୭୬୫ ଖ୍ରୀଷ୍ଟାବ୍ଦରେ କମ୍ପାନୀ ବଙ୍ଗ-ବିହାର-ଓଡିଶାର ଦେୱାନୀ ଲାଭକଲା । ୧୭୭୨ ପର୍ଯ୍ୟନ୍ତ ଦୁଇ ନାଏବ ଦେୱାନ, ବଙ୍ଗଳାର ମହମ୍ମଦ ରେଜା ଖାଁ ଏବଂ ବିହାରର ସୀତାବ ରାୟ ରାଜସ୍ୱ ଆଦାୟ କରୁଥିଲେ । ପ୍ରଥମେ ପ୍ରଥମେ ଭାରତର ରାଜସ୍ୱ ଆଦାୟ ପଦ୍ଧତି ବିଷୟରେ କମ୍ପାନୀର ଲୋକମାନେ ଅଜ୍ଞ ଥିଲେ । ରୟତମାନଙ୍କ ଠାରୁ ରାଜସ୍ୱ ଆଦାୟ କରିବାର କୌଶଳ କେବଳ ଜମିଦାରମାନେ ଜାଣିଥିଲେ । ସେମାନେ ଭୂ-ରାଜସ୍ୱ ଆଦାୟ କରି ତାହାର ୯/୧୦ ଭାଗ କମ୍ପାନୀକୁ ପୈଠ କରୁଥିଲେ । କାନୁନ୍‌ଗୋମାନେ ଜମିଜମା ସମ୍ବନ୍ଧରେ ହିସାବ ରଖୁଥିଲେ । ରାଜସ୍ୱ ଆଦାୟ କୌଶଳ ଓ ଆଞ୍ଚଳିକ ପରମ୍ପରା ଉପରେ ଜ୍ଞାନ ହାସଲ ପାଇଁ କମ୍ପାନୀ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେଲା; କିନ୍ତୁ ଜମିଦାରମାନେ ସେମାନଙ୍କୁ ରାଜସ୍ୱ ଆଦାୟ ସମ୍ପର୍କୀୟ ଶିକ୍ଷା ଦେଲେ ନାହିଁ । ତେଣୁ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେବା ବିଶେଷ ଫଳପ୍ରଦ ହେଲା ନାହିଁ ।

୧୭୭୨ରେ ନାଏବ ଦେୱାନ ପଦ ଉଚ୍ଛେଦ କରାଗଲା ଏବଂ ରାଜସ୍ୱ ଶାସନ ପ୍ରତ୍ୟକ୍ଷଭାବେ ଗଭର୍ଣ୍ଣର ଓ ରାଜସ୍ୱ ବୋର୍ଡ ନିୟନ୍ତ୍ରଣ କଲେ । ୧୭୭୨ରେ ହେଷ୍ଟିଂସ୍ ପାଞ୍ଚ ବର୍ଷିଆ ଓ ୧୭୭୭ରେ ବର୍ଷିକିଆ ବନ୍ଦୋବସ୍ତ ପ୍ରଚଳନ କଲେ । ଏହାଦ୍ୱାରା ଭୂ-ରାଜସ୍ୱ ଆଦାୟ ଭାର ନିଲାମଧାରୀଙ୍କ ହସ୍ତରେ ଛାଡିଦିଆଗଲା । ଏହି ବ୍ୟବସ୍ଥା ଦ୍ୱାରା ଅଧିକାଂଶ ଜମିଦାରଙ୍କ ବଦଳରେ ଆଶାକରାଯାଉ ନ ଥିବା ଅବ୍ୟବସ୍ଥିତ ଚିତ୍ତ ଲୋକମାନେ ନିଲାମ ଧରିଲେ । ସେମାନେ ନିର୍ଦ୍ଧାରିତ ରାଜସ୍ୱ ଆଦାୟ କରିବାରେ ବିଫଳ ହେଲେ । ଜମିରେ ସେମାନଙ୍କର ସ୍ଥାୟୀଭାବେ ସ୍ୱାର୍ଥ ରହିଲା ନାହିଁ । ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ଭିତରେ ଅଧିକ ଲାଭ ଆଶାରେ ନିଲାମଧାରୀମାନେ ମନଇଚ୍ଛା ରାଜସ୍ୱ ଆଦାୟକରି କୃଷକମାନଙ୍କୁ ଶୋଷଣ କରୁଥିଲେ । ଏହା ଗୋଟିଏ ସଫଳ ପରୀକ୍ଷା ନଥିଲା । କମ୍ପାନୀ ପକ୍ଷରେ ମଧ୍ୟ ପ୍ରତିବର୍ଷ ନିଲାମ ଆୟ ନିରୂପଣ କରିବା ସହଜ ନଥିଲା । ଯଦିଚ ଉଚ୍ଚ ହାରରେ ଭୂ-ରାଜସ୍ୱ ଆଦାୟ କରାଯାଉଥିଲା, ପ୍ରକୃତ ଆଦାୟ ବର୍ଷକୁ ବର୍ଷ ପରିବର୍ତ୍ତିତ ହେଉଥିଲା ଏବଂ ଏହା ଇଂରେଜ ପ୍ରଶାସକମାନଙ୍କର ଆଶାନୁରୂପ ନଥିଲା । କମ୍ପାନୀର ଅର୍ଥ ଅଭାବର ଚାପ ସମୟରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଅସ୍ଥିରତା ଲାଗି ରହିଥିଲା । ସର୍ବୋପରି ଜମିଦାର ଓ ରୟତମାନେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଯତ୍ନଶୀଳ ନଥିଲେ, ଯେହେତୁ ସେମାନେ ଚିନ୍ତା କରିପାରୁନଥିଲେ ପରବର୍ତ୍ତୀ ବର୍ଷରେ କେତେ ପରିମାଣରେ ରାଜସ୍ୱ ନିର୍ଦ୍ଧାରିତ ହେବ ଏବଂ କିଏ ହେବ ରାଜସ୍ୱ ଆଦାୟକାରୀ ।

ଚିରସ୍ଥାୟୀ ବନ୍ଦୋବସ୍ତ, ୧୭୯୩ (Permanent Settlement, 1793)

ଭୂ-ରାଜସ୍ୱ ଆଦାୟ ଥିଲା ଏକ ଜଟିଳ ବ୍ୟାପାର । କମ୍ପାନୀ ରାଜସ୍ୱର ଏକ ବୃହତ୍ ଅଂଶ ଭୂମିରୁ ମିଳିଥାଏ ବୋଲି କର୍ଣ୍ଣୱାଲିସ୍ ଉପଲବ୍ଧି କରିଥିଲେ । ରାଜସ୍ୱ ସମ୍ବନ୍ଧୀୟ କେତେ ବର୍ଷର ପୁରାତନ କାଗଜପତ୍ର ସେ ସମୀକ୍ଷା କଲେ । ରାଜସ୍ୱ ସମ୍ବନ୍ଧରେ କେତେକ ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଥିଲା । ସେ ସମ୍ବନ୍ଧରେ ବିଶେଷଜ୍ଞମାନେ କର୍ଣ୍ଣୱାଲିସ୍‌ଙ୍କୁ ଭିନ୍ନଭିନ୍ନ ଉପଦେଶ ଦେଇଥିଲେ । ସେହି ପ୍ରଶ୍ନଗୁଡିକ ଥିଲା– (୧) ଜମିଦାର ବା କୃଷକ- କାହା ସହିତ ବନ୍ଦୋବସ୍ତ କରାଯିବ । (୨) ଉତ୍ପାଦନର କେତେ ଅଂଶ ରାଜସ୍ୱ ଆଦାୟ ହେବ । (୩) ବନ୍ଦୋବସ୍ତ ହେବ ଚିରସ୍ଥାୟୀ ନା କେତେ ବର୍ଷ ପାଇଁ ।

ଜେମ୍‌ସ୍ ଗ୍ରାଣ୍ଟ କହୁଥିଲେ ଯେ ଭୂମିର ମାଲିକ ହେଉଛି ରାଜ୍ୟ, ଏହା ମୁକ୍ତଭାବରେ ଜମିଦାର କିମ୍ବା କୃଷକମାନଙ୍କ ସହିତ ବନ୍ଦୋବସ୍ତ କରିପାରେ; ମାତ୍ର ସାର୍ ଜନ୍ ସୋର୍ ଯୁକ୍ତି କରି କହିଥିଲେ ଯେ ଜମିଦାରମାନେ ଜମିର ମାଲିକ, ସେମାନଙ୍କ ଠାରୁ ରାଜ୍ୟର ରାଜସ୍ୱର ଗୋଟିଏ ଅଂଶ ଆଦାୟ କରିବାର କ୍ଷମତା ରହିଛି । କମ୍ପାନୀର ନିର୍ଦ୍ଦେଶକମାନେ ଜମିଦାରମାନଙ୍କ ସପକ୍ଷରେ ଏକ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ପ୍ରଶ୍ନ ଥିଲା କାହାକୁ ଭିତ୍ତିକରି ଜମିଦାରମାନଙ୍କ ସହିତ ରାଜସ୍ୱ ନିର୍ଦ୍ଧାରଣ କରାଯିବ । ଜେମ୍‌ସ୍ ଗ୍ରାଣ୍ଟ ମତ ଦେଲେ ଯେ ଜମିର ଉତ୍ପାଦନକୁ ଭିତ୍ତିକରି ରାଜସ୍ୱ ନିର୍ଦ୍ଧାରଣ କରାଯିବା ଉଚିତ । ତାଙ୍କୁ ବିରୋଧ କରି ସାର୍ ଜନ୍ ସୋର୍ କହିଲେ ଯେ ପୂର୍ବ କେତେବର୍ଷର ରାଜସ୍ୱ ଆଦାୟକୁ ଭିତ୍ତିକରି ରାଜସ୍ୱ ନିର୍ଦ୍ଧାରଣ କରାଯାଉ । କର୍ଣ୍ଣୱାଲିସ୍ ସାର୍ ଜନ୍ ସୋର୍‌ଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ । ତେଣୁ ୧୭୯୦-୯୧ ମସିହାର ରାଜସ୍ୱ ଆଦାୟକୁ ଭିତ୍ତିକରି ଜମିଦାରମାନଙ୍କ ସହିତ ରାଜସ୍ୱ ସ୍ଥିର କରାଗଲା ।

ଅନ୍ୟ ଏକ ସମସ୍ୟା ଥିଲା ଯେ ଜମିଦାରମାନଙ୍କ ସହିତ ଚିରସ୍ଥାୟୀ ରୂପେ ବା କେତେବର୍ଷ ଧରି ରାଜସ୍ୱ ଆଦାୟ କ୍ଷେତ୍ରରେ ବନ୍ଦୋବସ୍ତ କରାଯିବ । ଉଭୟ ଜେମ୍‌ସ୍ ଗ୍ରାଣ୍ଟ ଓ ସାର୍ ଜନ୍ ସୋର୍ ସମାନ ମତ ଦେଇ କହିଲେ ଯେ କେତେକ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ଜମିଦାରମାନଙ୍କ ସହିତ ବନ୍ଦୋବସ୍ତ କରାଯାଉ; କିନ୍ତୁ କର୍ଣ୍ଣୱାଲିସ୍ ଏକ ସ୍ଥାୟୀ ବନ୍ଦୋବସ୍ତ କରିବା ସପକ୍ଷରେ ଥିଲେ । ନିର୍ଦ୍ଦେଶକମାନେ, ଏପରିକି ବ୍ରିଟେନର ପ୍ରଧାନମନ୍ତ୍ରୀ ପିଟ୍, କର୍ଣ୍ଣୱାଲିସ୍‌ଙ୍କ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ । ତେଣୁ ଯଦିଚ ପ୍ରଥମେ ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱ ପ୍ରଦାନ କରିବା ପାଇଁ ସେମାନଙ୍କ ସହିତ ଦଶବର୍ଷିଆ ଚୁକ୍ତି କରାଯାଇଥିଲା, ଏହାକୁ ୧୭୯୩ ରେ ଚିରସ୍ଥାୟୀ ରୂପେ ଘୋଷଣା କରାଗଲା ।

ଚିରସ୍ଥାୟୀ ବନ୍ଦୋବସ୍ତର ସର୍ତ୍ତାବଳୀ

(Features of the Permanent Settlement)

(କ) ଉତ୍ତରାଧିକାର ସୂତ୍ରରେ ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱ ପ୍ରଦାନ କରାଗଲା । ସେମାନେ ନିର୍ଦ୍ଦିଷ୍ଟ ପରିମାଣର ରାଜସ୍ୱ ସରକାରଙ୍କୁ ଦେବେ ବୋଲି ଧାର୍ଯ୍ୟ ହେଲା । ସରକାରଙ୍କୁ ନିର୍ଦ୍ଧାରିତ ରାଜସ୍ୱ ଦେଉଥିବା ପର୍ଯ୍ୟନ୍ତ ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱରୁ ବଞ୍ଚିତ କରାଯିବ ନାହିଁ ।

(ଖ) ଜମି ବିକ୍ରି ବା କ୍ରୟ କରିବାର କ୍ଷମତା ଜମିଦାରମାନଙ୍କୁ ପ୍ରଦାନ କରାଗଲା ।

(ଗ) ସରକାର ରୟତମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିଲେ ନାହିଁ । ଜମିଦାରମାନେ ରୟତମାନଙ୍କ ସହିତ ଚିରଦିନ ପାଇଁ ରାଜସ୍ୱ ଧାର୍ଯ୍ୟ କଲେ । ସେମାନେ ରୟତମାନଙ୍କୁ ଜମିର ମାଲିକାନାସ୍ୱତ୍ୱ ସ୍ୱରୂପ ପଟ୍ଟା ପ୍ରଦାନ କଲେ । ସ୍ଥିର ହେଲା ଯେ ଜମିଦାରମାନେ ନିଜର ଇଚ୍ଛା ଅନୁଯାୟୀ ରାଜସ୍ୱର ପରିମାଣ ବୃଦ୍ଧି କରି ପାରିବେ ନାହିଁ । ଏହି ନିୟମ ଭଙ୍ଗ ହେଲେ ରୟତମାନେ ଜମିଦାରମାନଙ୍କ ବିରୁଦ୍ଧରେ ବିଚାରାଳୟକୁ ଯାଇପାରିବେ ।

(ଘ) ଜମିଦାରମାନଙ୍କଠାରେ କେବଳ ରହିଲା ରାଜସ୍ୱ ଆଦାୟ କରିବାର କ୍ଷମତା । ସେମାନଙ୍କ ହସ୍ତରୁ ପୋଲିସ ଓ ବିଚାର କ୍ଷମତା ପ୍ରତ୍ୟାହାର କରି ନିଆଗଲା ।

ବନ୍ଦୋବସ୍ତର ସୁଫଳ (Advantages of the Settlement)

ଚିରସ୍ଥାୟୀ ବନ୍ଦୋବସ୍ତର ସୁଫଳ ଓ କୁଫଳ ସମ୍ବନ୍ଧରେ ବିଦ୍ୱାନ୍‌ମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥା'ନ୍ତି । କେତେକ ବିଦ୍ୱାନ୍ କହିଥା'ନ୍ତି ଯେ କର୍ଣ୍ଣୱାଲିସ୍‌ଙ୍କର ଏହା ଥିଲା ଏକ ସାହସିକ ଓ ବିଜ୍ଞ ପଦକ୍ଷେପ । ମାର୍ଶମ୍ୟାନ୍‌ଙ୍କ ଭାଷାରେ, "ଏହାଥିଲା ଏକ ନିର୍ଭୀକ, ସାହସିକ ଓ ବିଜ୍ଞ ପଦକ୍ଷେପ । ଆଞ୍ଚଳିକ ସନନ୍ଦର ପ୍ରଭାବରେ ଏହା ପ୍ରଥମ ଥର ପାଇଁ ଜମିରେ ଅଖଣ୍ଡନୀୟ ଅଧିକାର ଓ ସ୍ୱାର୍ଥ ସୃଷ୍ଟି କରିଥିଲା, ଲୋକସଂଖ୍ୟା ବୃଦ୍ଧିପ୍ରାପ୍ତ ହେଲା, ଚାଷ ବ୍ୟାପକ ହେଲା ଏବଂ ଲୋକମାନଙ୍କର ସ୍ୱଭାବ ଓ ସ୍ୱାଚ୍ଛନ୍ଦ୍ୟରେ ଏକ କ୍ରମିକ ବିକାଶ ପରିଲକ୍ଷିତ ହେଲା ।" ଚିରସ୍ଥାୟୀ ବନ୍ଦୋବସ୍ତର ସୁଫଳ ନିମ୍ନପ୍ରକାରର ଥିଲା ।

୧ । ବିତ୍ତୀୟ କ୍ଷେତ୍ରରେ ଚିରସ୍ଥାୟୀ ବନ୍ଦୋବସ୍ତ ଦ୍ୱାରା ରାଜ୍ୟରେ ଆୟର ପରିମାଣ ନିର୍ଦ୍ଧାରିତ ହୋଇଥିଲା । କମ୍ପାନୀ ନିଜର ଆୟବ୍ୟୟ ସମୀକ୍ଷା କରିବାକୁ ସମର୍ଥ ହୋଇପାରିଲା ଏବଂ ଆଗାମୀ ଦିନଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିପାରିଲା । ପ୍ରତ୍ୟେକ ବର୍ଷ ରାଜସ୍ୱ ନିର୍ଦ୍ଧାରଣ କରିବାରେ କମ୍ପାନୀର ଯେଉଁ ପ୍ରଚୁର ଅର୍ଥ ବ୍ୟୟ ହେଉଥିଲା ତାହା ବନ୍ଦ ହୋଇ ଯାଇଥିଲା । ଅନିର୍ଦ୍ଦିଷ୍ଟ ମୌସୁମୀ ପ୍ରବାହରୁ ଅମଳ ହ୍ରାସ ପାଉଥିଲେ ମଧ୍ୟ କମ୍ପାନୀର ଆୟ କମିଯାଉନଥିଲା । ୧୭୬୫ ଖ୍ରୀଷ୍ଟାବ୍ଦରେ କମ୍ପାନୀ ଯେଉଁ ରାଜସ୍ୱ ଆଦାୟ କରୁଥିଲା ତାହା ବନ୍ଦୋବସ୍ତ ଦ୍ୱାରା ଦ୍ୱିଗୁଣିତ ହୋଇଥିଲା ।

୨ । ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ଚିରସ୍ଥାୟୀ ବନ୍ଦୋବସ୍ତ କୃଷି ଉଦ୍ୟୋଗକୁ ଉତ୍ସାହିତ କରିଥିଲା । ପୂର୍ବରୁ ଫସଲ ଅମଳ ଉପରେ ରାଜସ୍ୱ ନିର୍ଦ୍ଧାରିତ ହେଉଥିବାରୁ ଜମିଦାର ଓ ରୟତମାନେ ଅଧିକ ଫସଲ ଅମଳ ପାଇଁ ଯତ୍ନଶୀଳ ନଥିଲେ; ମାତ୍ର ଚିରସ୍ଥାୟୀ ବନ୍ଦୋବସ୍ତ ଦ୍ୱାରା ସେମାନଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ରାଜସ୍ୱ ଦେବାକୁ ପଡିଲା । ଜମିରୁ ଅଧିକ ଅମଳ ହେଲେ ରୟତମାନେ ଲାଭବାନ୍ ହେଉଥିଲେ । ତେଣୁ ସେମାନେ ପତିତ ଜମିକୁ ଚାଷୋପଯୋଗୀ କରିଥିଲେ । ଜମିଦାରମାନେ ମଧ୍ୟ ନୂଆ ପ୍ରଣାଳୀ ପ୍ରୟୋଗ କରି ଜମିରୁ ଅଧିକ ଅମଳ କରିବାକୁ ଚେଷ୍ଟା କରିଥିଲେ । ବିଚାର ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ଜମିଦାରମାନଙ୍କଠାରୁ କାଢି ନିଆଯିବାରୁ ଜମିର ଯତ୍ନ ନେବାରେ ସେମାନେ ଅଧିକ ସମୟ ବିନିଯୋଗ କରିପାରିଥିଲେ । ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ହୋଇଥିଲା । ଜମିଦାରମାନେ ରୟତମାନଙ୍କୁ ପଟ୍ଟା ଦେବାର ବ୍ୟବସ୍ଥା ଥିବାରୁ ସେମାନଙ୍କ ଅଧିକାର ସୁରକ୍ଷିତ ହୋଇଥିଲା । କୃଷକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆସିବାରୁ ସେମାନେ ବ୍ୟବସାୟ ବାଣିଜ୍ୟ କରି ଲାଭବାନ୍ ହେଲେ । ବ୍ୟବସାୟ ବାଣିଜ୍ୟରେ ମଧ୍ୟ ଜମିଦାରମାନେ ପୁଞ୍ଜି ବିନିଯୋଗ କରିଥିଲେ । ତେଣୁ ଆର୍ଥିକ ଦୃଷ୍ଟିରୁ ବନ୍ଦୋବସ୍ତ ବେଶ୍ ଫଳପ୍ରସୂ ହୋଇଥିଲା । ପି. ଇ. ରବର୍ଟ କହିଛନ୍ତି, ବଙ୍ଗଳା ଖୁବ୍ ଶୀଘ୍ର ଭାରତରେ ଅଧିକତମ ଧନଶାଳୀ ଓ ସମୃଦ୍ଧ ପ୍ରଦେଶରେ ପରିଗଣିତ ହେଲା ।

୩ । ରାଜନୈତିକ ଦୃଷ୍ଟିକୋଣରୁ କର୍ଣ୍ଣୱାଲିସ୍‌ଙ୍କର ଚିରସ୍ଥାୟୀ ବନ୍ଦୋବସ୍ତ ଥିଲା ଏକ ସଫଳ ପଦକ୍ଷେପ । କର୍ଣ୍ଣୱାଲିସ୍ ଆଶା କରିଥିଲେ ଯେ ବନ୍ଦୋବସ୍ତ ଦ୍ୱାରା ସେ ଏକ ଶ୍ରେଣୀ ସୃଷ୍ଟି କରିବେ, ଯାହା ପ୍ରତ୍ୟେକ କ୍ଷେତ୍ରରେ କମ୍ପାନୀକୁ ସାହାଯ୍ୟ କରିବ । ଜମିଦାରମାନଙ୍କୁ ନେଇ ଏହି ଶ୍ରେଣୀ ଗଠିତ ହୋଇଥିଲା । ଜମିଦାରମାନଙ୍କର ଅଧିକାର କମ୍ପାନୀ ଦ୍ୱାରା ସୁରକ୍ଷିତ ରହୁଥିବାରୁ ସେମାନେ ତାହାପ୍ରତି ଅନୁରକ୍ତ ରହୁଥିଲେ । ଏହି ପ୍ରତିପତ୍ତିଶାଳୀ ଗୋଷ୍ଠୀ କମ୍ପାନୀକୁ ରାଜନୈତିକ ସମର୍ଥନ ଦେଉଥିଲା । ୧୮୫୭ର ମହାନ୍ ବିଦ୍ରୋହ ସମୟରେ ଜମିଦାରମାନେ ବିଦ୍ରୋହ ଦମନ କରିବା କ୍ଷେତ୍ରରେ କମ୍ପାନୀକୁ ସାହାଯ୍ୟ କରିଥିଲେ । ସେଟୋନ କାର

କହିଛନ୍ତି ଯେ ବନ୍ଦୋବସ୍ତର ରାଜନୈତିକ ସୁବିଧା ଏହାର ଆର୍ଥନୀତିକ ତ୍ରୁଟିଗୁଡିକ ସହିତ ଭାରସାମ୍ୟ ରକ୍ଷା କରିଥିଲା ।

୪ । ସାମାଜିକ କ୍ଷେତ୍ରରେ ଜମିଦାରମାନେ ସ୍ୱାଭାବିକ ଭାବରେ ରୟତମାନଙ୍କୁ ନେତୃତ୍ୱ ଦେଉଥିଲେ । ଶିକ୍ଷାର ଉନ୍ନତି ଓ ଅନ୍ୟାନ୍ୟ ଜନମଙ୍ଗଳ କାର୍ଯ୍ୟ କରିବା ପାଇଁ ସେମାନଙ୍କଠାରୁ ଆଶା କରାଯାଉଥିଲା ।

ଏକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟବସ୍ଥା ରୂପେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରସାର ଲାଭ କରିଥିଲା । ଆର. ସି. ଦତ୍ତ ଏହାକୁ ଏକ 'ସମୟୋଚିତ ପଦକ୍ଷେପ' ବୋଲି ଅଭିହିତ କରିଥା'ନ୍ତି ।

କୁଫଳ (Disadvantages) :

ବନ୍ଦୋବସ୍ତ ଦ୍ୱାରା କେତେକ ସୁଫଳ ମିଳୁଥିବା ସତ୍ତ୍ୱେ ଏହାର କୁଫଳର ମାତ୍ରା ବହୁ ଅଧିକ ଥିଲା । ଏହା ନିଃସନ୍ଦେହ ଯେ ଚିରସ୍ଥାୟୀ ବନ୍ଦୋବସ୍ତ କେତେକ ଆର୍ଥନୀତିକ ଏବଂ ରାଜନୈତିକ ସୁବିଧା ପ୍ରଦାନ କରିଥିଲା; କିନ୍ତୁ ଖୁବ୍ ଶୀଘ୍ର ଏହା ଶୋଷଣ ଓ ଅତ୍ୟାଚାରର ଏକ କଳ ରୂପେ ପରିଗଣିତ ହୋଇଗଲା । ଜମିଦାରମାନେ ସାମନ୍ତ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାବେଳେ ରୟତମାନେ ଦାସରେ ପରିଣତ ହୋଇଗଲେ । ହୋମସ (Holmes)ଙ୍କ ଭାଷାରେ, "ଚିରସ୍ଥାୟୀ ବନ୍ଦୋବସ୍ତ ଥିଲା ଏକ ଦୁର୍ଭାଗ୍ୟଜନକ ପଦକ୍ଷେପ ।"

୧ । ବିତ୍ତୀୟ ଦୃଷ୍ଟିରୁ ପରିଶେଷରେ କମ୍ପାନୀର କ୍ଷତି ଘଟିଥିଲା । ବନ୍ଦୋବସ୍ତର ନୀତିଯୋଗୁଁ କମ୍ପାନୀ ରାଜସ୍ୱ ଆଦାୟର ପରିମାଣ ବୃଦ୍ଧିକରି ପାରିଲା ନାହିଁ । ଜମିର ଉର୍ବରତା ବୃଦ୍ଧି ହେଲେ ବା ପତିତ ଜମି ଚାଷୋପଯୋଗୀ ହେଲେ କମ୍ପାନୀ ଲାଭବାନ୍ ହୋଇପାରୁନଥିଲା ।

୨ । ଆର୍ଥିକ ଦୃଷ୍ଟିକୋଣରୁ ବଙ୍ଗଳାରେ ପ୍ରଗତି ଅନୁଭୂତ ହୋଇପାରିନଥିଲା । ଅଧିକାଂଶ ଜମିଦାର ଜମିଗୁଡିକୁ ଅଧିକ ଅମଳକ୍ଷମ କରିବା ନିମିତ୍ତ ଯତ୍ନ ନେଉନଥିଲେ । ସେମାନେ ରୟତମାନଙ୍କଠାରୁ ଖୁବ୍ ଅଧିକ ଭଡା ଆଦାୟ କରୁଥିଲେ । ନିଜ ଅଞ୍ଚଳରେ ବାସ ନ କରି ସେମାନେ ସହରରେ ରହୁଥିଲେ ଓ ବିଳାସବ୍ୟସନରେ ଅର୍ଥ ଅପବ୍ୟୟ କରୁଥିଲେ । ରାଜସ୍ୱ ଆଦାୟ କରିବାର ଭାର ସେମାନେ ଗୁମାସ୍ତାମାନଙ୍କ ହସ୍ତରେ ନ୍ୟସ୍ତ କଲେ, ଯେଉଁମାନେ ବୈଧ ଓ ଅବୈଧ ଉପାୟରେ ରୟତମାନଙ୍କଠାରୁ ଅର୍ଥଶୋଷଣ କରୁଥିଲେ ।

୩ । ରାଜନୈତିକ କ୍ଷେତ୍ରରେ ମଧ୍ୟ କମ୍ପାନୀ ଆଶାନୁରୂପ ସଫଳତା ଲାଭକରି ପାରିନଥିଲା । ଜମିଦାରମାନେ ଇଂରେଜ ସାମ୍ରାଜ୍ୟବାଦର ପ୍ରିୟ ସନ୍ତାନ ରୂପେ ଚିହ୍ନିତ ହେଲେ ।

ତେଣୁ ଅଳ୍ପସଂଖ୍ୟକ ଜମିଦାରଙ୍କୁ ପକ୍ଷଭୁକ୍ତ କରି କମ୍ପାନୀ ଜନସାଧାରଣଙ୍କ ସମର୍ଥନ ଲାଭ କରିପାରିନଥିଲା ।

୪ । ସାମାଜିକ କ୍ଷେତ୍ରରେ ଚିରସ୍ଥାୟୀ ବନ୍ଦୋବସ୍ତ ନିନ୍ଦିତ ହେଲା । ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱ ପ୍ରଦାନ କରି କମ୍ପାନୀ କୃଷକମାନଙ୍କର ସ୍ୱାର୍ଥ ପ୍ରତି ବିମୁଖ ଥିଲା । କୃଷକମାନଙ୍କର ନଥିଲା ସମ୍ପତ୍ତି ଅଧିକାର ଏବଂ ସେମାନଙ୍କୁ ଜମିଦାରଙ୍କ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା । ଜମିଦାରମାନଙ୍କର କୃଷକମାନଙ୍କ ଦୈନନ୍ଦିନ ଜୀବନର ସୁଖଦୁଃଖ ସହ କୌଣସି ସମ୍ପର୍କ ରହିଲା ନାହିଁ; ସେମାନଙ୍କ ମଧ୍ୟରେ ଏକରକମ ଖାଦ୍ୟ-ଖାଦକ ସମ୍ପର୍କ ଆସିଥିଲା । ପରବର୍ତ୍ତୀ ସମୟରେ କୃଷକମାନଙ୍କ ସ୍ୱାର୍ଥରକ୍ଷା ନିମିତ୍ତ ସରକାର ରୟତ ଆଇନ ଜାରି କରିଥିଲେ; ମାତ୍ର ଜମିଦାରମାନେ କୌଶଳରେ ତାହାକୁ ଏଡାଇ ଯାଇପାରୁଥିଲେ । ସ୍ଥିରୀକୃତ ରାଜସ୍ୱଠାରୁ ସେମାନଙ୍କୁ ବହୁ ଅଧିକ କର ଦେବାକୁ ପଡୁଥିଲା । ପ୍ରତିବାଦ କଲେ ଜମିଦାରମାନେ ସେମାନଙ୍କୁ ଜମି ନ ଦିଆଯିବାର ଧମକ ଦେଉଥିଲେ । କୃଷକମାନଙ୍କର ପରିବାର ସଂଖ୍ୟା ବୃଦ୍ଧି ହେଉଥିଲା; ମାତ୍ର ଆୟ ବୃଦ୍ଧି ହେଉନଥିଲା । ସେମାନେ କ୍ରମଶଃ ଦରିଦ୍ର ହୋଇପଡୁଥିଲେ । ସମାଜରେ କୃଷକ ଓ ଜମିଦାର- ଏହିପରି ଦୁଇଟି ଶ୍ରେଣୀ ସୃଷ୍ଟି ହେଲା । ଏଡ୍‌ୱାର୍ଡ କୋଲେବ୍ରୁକ୍ କହିଛନ୍ତି, "ଦେଶରେ କୃଷକମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିବା ଥିଲା ଏକ ବିରାଟ ତ୍ରୁଟି ।"

୫ । ଶେଷରେ ରାଜସ୍ୱ ପୈଠ କରିବାରେ ଜମିଦାରମାନଙ୍କ ଅବସ୍ଥା ଯେ ଖୁବ୍ ସ୍ୱଚ୍ଛଳ ଥିଲା ତାହା ନୁହେଁ । ସୂର୍ଯ୍ୟାସ୍ତ ନିୟମ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ଦିନରେ ଜମିଦାରମାନଙ୍କୁ କମ୍ପାନୀର ରାଜକୋଷରେ ରାଜସ୍ୱ ଦାଖଲ କରିବାକୁ ପଡୁଥିଲା । ନିର୍ଦ୍ଦିଷ୍ଟ ସମୟରେ ରାଜସ୍ୱ ଦାଖଲ କରିନପାରି ବହୁ ଜମିଦାର ଜମିର ମାଲିକାନା ସ୍ୱତ୍ୱ ହରାଉଥିଲେ । ଏ ପ୍ରକାର ବନ୍ଦୋବସ୍ତ ଜମିଦାରମାନଙ୍କ ଦ୍ୱାରା ମଧ୍ୟ ନିନ୍ଦିତ ହେଉଥିଲା ।

ଚିରସ୍ଥାୟୀ ବନ୍ଦୋବସ୍ତକୁ ସମୀକ୍ଷା କରି ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥା'ନ୍ତି । ମାର୍ଶମ୍ୟାନ୍, ଆର. ସି. ଦତ୍ତ ଓ ଅନ୍ୟମାନେ ବନ୍ଦୋବସ୍ତକୁ ଭୂୟସୀ ପ୍ରଶଂସା କଲାବେଳେ ମେଟକାଫ୍, କୋଲେବ୍ରୁକ୍, ମିଲ୍ ଓ ପଓ୍ୱେଲ ଆଦି ଏହାକୁ ନିନ୍ଦା କରିଥା'ନ୍ତି । ଆର. ସି. ଦତ୍ତଙ୍କ ଭାଷାରେ, "ବଙ୍ଗର ଏକ ବିଶ୍ୱସ୍ତ ଜମିଦାର ଗୋଷ୍ଠୀ ଓ ଏକ ସମୃଦ୍ଧ କୃଷକ ଶ୍ରେଣୀ ସୃଷ୍ଟି କରିବା ଯଦି ୧୭୯୩ ରେ ପ୍ରବର୍ତ୍ତିତ ଚିରସ୍ଥାୟୀ ବନ୍ଦୋବସ୍ତର ଲକ୍ଷ୍ୟ ହୋଇଥାଏ, ତା'ହେଲେ ଆଶାନୁରୂପ 'ସାଫଲ୍ୟ ଲାଭ କରାଯାଇଥିଲା ।"

ପୁନଶ୍ଚ ବନ୍ଦୋବସ୍ତକୁ ନିନ୍ଦା କରି ପଓ୍ୱେଲ କହିଛନ୍ତି, ''ବହୁ ଆଶାକୁ ଏହି ଚିରସ୍ଥାୟୀ ବନ୍ଦୋବସ୍ତ ନିରାଶାରେ ପରିଣତ କରିଥିଲା ଏବଂ ବହୁ ଅପ୍ରତ୍ୟାଶିତ କୁଫଳର ବାର୍ତ୍ତାବହ ଥିଲା ।'' ମିଲ୍ ବନ୍ଦୋବସ୍ତକୁ ସମାଲୋଚନା କଲେ । ଥର୍ଣ୍ଣଟୋନ୍(Tharnton) ଲେଖିଲେ ଯେ- ''ଏହି ପଦକ୍ଷେପ ଥିଲା କର୍ଣ୍ଣଓ୍ୱାଲିସ୍‌ଙ୍କର ଭାରତୀୟ ବ୍ୟାପାରରେ ସମ୍ପୂର୍ଣ୍ଣ ଅନଭିଜ୍ଞତାର ପରିଣାମ ।''

ତେଣୁ ଚିରସ୍ଥାୟୀ ବନ୍ଦୋବସ୍ତ ବଦଳରେ ଚାଳିଶ ବା ପଚାଶ ବର୍ଷ ପାଇଁ ବନ୍ଦୋବସ୍ତ କରିଥିଲେ ଏବଂ ସମୟାନୁକ୍ରମେ ଏହାକୁ ନବୀକରଣ କରିଥିଲେ କର୍ଣ୍ଣଓ୍ୱାଲିସ୍‌ଙ୍କ ଆଭିମୁଖ୍ୟ ସଫଳ ହୋଇପାରିଥା'ନ୍ତା । ସବୁଦିନ ପାଇଁ ଏପରି ବନ୍ଦୋବସ୍ତ ବିଜ୍ଞତାର ଲକ୍ଷଣ ନଥିଲା । ବିଂଶ ଶତାବ୍ଦୀରେ ଏହି ବନ୍ଦୋବସ୍ତଜନିତ ଆର୍ଥିକ ନିଅଣ୍ଟ ଓ ସାମାଜିକ ଅବିଚାର ଟକମକ ହୋଇ ଫୁଟି ଉଠିଥିଲା । ତେଣୁ ସ୍ୱାଧୀନଭାରତର ସରକାର କର୍ଣ୍ଣଓ୍ୱାଲିସ୍‌କୃତ ତ୍ରୁଟିକୁ ସୁଧାରି ନେଇଥିଲେ ।

ରୟତଓ୍ୱାରି ବନ୍ଦୋବସ୍ତ (Ryotwari Settlement)

ଭାରତର ଦକ୍ଷିଣ ଓ ଉତ୍ତର-ପଶ୍ଚିମ ଅଞ୍ଚଳ କମ୍ପାନୀ ଦ୍ୱାରା ଅଧିକୃତ ହେବା ପରେ ସେଠାରେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରବର୍ତ୍ତନ ପାଇଁ କମ୍ପାନୀର କର୍ତ୍ତୃପକ୍ଷ ଇଚ୍ଛା କଲେ ନାହିଁ, କାରଣ ବଙ୍ଗଳାର ଚିରସ୍ଥାୟୀ ବନ୍ଦୋବସ୍ତ ଥିଲା ତ୍ରୁଟି ବିଜଡିତ ଓ ସମସ୍ୟା ବହୁଳ । ସାମ୍ରାଜ୍ୟ ବିସ୍ତାର ଓ ଅଧିକୃତ ସାମ୍ରାଜ୍ୟର ରକ୍ଷଣାବେକ୍ଷଣ ପାଇଁ କମ୍ପାନୀର ବିତ୍ତ ଆବଶ୍ୟକ ହେଲା, ତେଣୁ କମ୍ପାନୀ ଅଧିକରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ଚାହିଁଲା । ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ହେବାର ଅଳ୍ପ କେତେବର୍ଷ ପରେ ଅନେକ ବ୍ରିଟିଶ୍ ଉଚ୍ଚ କର୍ମଚାରୀ ଉପଲବ୍ଧି କଲେ ଯେ ଏହାଦ୍ୱାରା ରାଜସ୍ୱ ବୃଦ୍ଧି କରାଯାଇ ପାରୁନଥିବାରୁ ରାଜ୍ୟର ରାଜସ୍ୱ ପରିମାଣ ଯଥେଷ୍ଟ ହ୍ରାସ ପାଇଛି । କେତେକ ଉଚ୍ଚ କର୍ମଚାରୀ ଯୁକ୍ତି କଲେ ଯେ ଏହି ବ୍ୟବସ୍ଥା ଦ୍ୱାରା ରୟତମାନେ ଜମିଦାରମାନଙ୍କର ଦୟାର ପାତ୍ର ହୋଇ ସେମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି । ତେଣୁ ମାନ୍ଦ୍ରାସ ପ୍ରେସିଡେନ୍‌ସିରେ କେତେକ ଉଚ୍ଚ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ଉନ୍ନତ ଭୂ-ବନ୍ଦୋବସ୍ତ ପରି ଏକ ବୈକଳ୍ପିକ ବ୍ୟବସ୍ଥା ସରକାରଙ୍କ ଦୃଷ୍ଟିଗୋଚର ହେଲା । ମୁନ୍‌ରୋ ଏବଂ ରିଡ୍ ଜମିଦାରମାନଙ୍କ ଠାରୁ ରାଜସ୍ୱ ଆଦାୟ କରିବା ପରିବର୍ତ୍ତେ ପ୍ରତ୍ୟକ୍ଷ ଭାବରେ ଗ୍ରାମଗୁଡିକରୁ ଆଦାୟ କରିବା ଆରମ୍ଭ କରିଥିଲେ । ପ୍ରଥମେ ପ୍ରତ୍ୟେକ ଗ୍ରାମର ରାଜସ୍ୱର ପରିମାଣ ନିରୂପଣ କରାଗଲା, ପରେ ପ୍ରତ୍ୟେକ ଚାଷୀ ବା ରୟତମାନଙ୍କ ଉପରେ ରାଜସ୍ୱ ନିର୍ଦ୍ଧାରିତ ହେଲା । ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଚାଷୀ ନିଜେ ଚାଷ କରୁଥିବା ଜମିର ମାଲିକାନା ସ୍ୱତ୍ୱ ଲାଭକଲେ । ଏହା ଥିଲା ରୟତଓ୍ୱାରି ବନ୍ଦୋବସ୍ତ ।

ବନ୍ଦୋବସ୍ତର ନିୟମ (Features of the Settlement)

ରୟତଓ୍ୱାରି ବ୍ୟବସ୍ଥା ଅନୁଯାୟୀ ସରକାର ରୟତମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବରେ ରାଜସ୍ୱ ନିର୍ଦ୍ଧାରଣ କଲେ । ଜମିଜମା ପରିମାପ କରାଗଲା । ନିଜ ଇଚ୍ଛା ଅନୁଯାୟୀ କୌଣସି ଜମିକୁ ଚାଷ କରିବା ଅଧିକାର ରୟତମାନେ ଲାଭକଲେ । ନିୟମ ହେଲା, ରୟତମାନେ ନିଜନିଜ ଜମିକୁ ଭଡାରେ ଲଗାଇ ପାରିବେ । ଚୁକ୍ତି ହେଲା ଯେ, ଇଚ୍ଛାକଲେ ବର୍ଷ ଶେଷରେ ଜଣେ ରୟତ ସେ ଚାଷ କରୁଥିବା ଜମି ଛାଡିଦେଇ ଦାୟିତ୍ୱମୁକ୍ତ ହୋଇପାରିବେ । ଉତ୍ତରାଧିକାର ସୂତ୍ରରେ ଗ୍ରାମ କର୍ମଚାରୀମାନଙ୍କ ସାହାଯ୍ୟରେ ଉତ୍ପାଦନର ୫୦% ରାଜସ୍ୱ ଆଦାୟ କରିବାର ସ୍ଥିର ହେଲା । ଭୂ-ରାଜସ୍ୱ ପୈଠ କରୁଥିବା ପର୍ଯ୍ୟନ୍ତ ରୟତମାନଙ୍କର ପ୍ରଜାସ୍ୱତ୍ୱ (Tenancy) ଅତୁଟ ରହିଲା ।

ମାନ୍ଦ୍ରାସ ଓ ବମ୍ବେ ପ୍ରେସିଡେନ୍‌ସିର ଅଧିକାଂଶ ଅଞ୍ଚଳରେ ରୟତଓ୍ୱାରି ବନ୍ଦୋବସ୍ତ ପ୍ରଚଳନ କରାଗଲା । ଏହି ବନ୍ଦୋବସ୍ତର ସମର୍ଥକମାନେ ମତଦେଲେ ଯେ ଅତୀତରେ ଏହି ବ୍ୟବସ୍ଥା ପ୍ରଚଳିତ ଥିଲା । ପୁରାତନ ଭାରତରେ ଗ୍ରାମଗୁଡିକରେ ଗୋଷ୍ଠୀଗତ ଭାବରେ ସମ୍ପତ୍ତି ଅଧିକୃତ ହେଉଥିଲା । ମୁନ୍‌ରୋ କହିଛନ୍ତି, ଏହା ଗୋଟିଏ ବ୍ୟବସ୍ଥା, ଯାହା ସର୍ବଦା ଭାରତରେ ତିଷ୍ଠି ରହିଥିଲା ।

ଫଳାଫଳ (Effects)

ସୁଫଳ (Advantages)

୧ । ରୟତଓ୍ୱାରି ବନ୍ଦୋବସ୍ତ ଥିଲା ଖୁବ୍ ସରଳ । ଏହି ବନ୍ଦୋବସ୍ତରେ କୃଷକମାନେ ପ୍ରତ୍ୟକ୍ଷଭାବରେ ସରକାରଙ୍କ ସହିତ ସମ୍ପର୍କ ରକ୍ଷାକରିପାରିଲେ । ଏହି ବ୍ୟବସ୍ଥାରେ କୌଣସି ମଧ୍ୟସ୍ଥି ରହୁନଥିବାରୁ କୃଷକମାନଙ୍କ ଉପରେ ସେମାନଙ୍କର ଶୋଷଣର ଭୟ ରହିଲା ନାହିଁ । କୃଷକମାନେ ନିଜ ଜମିକୁ ଭଡା ଦେବାର ଅଧିକାର ପାଇଲେ । ଭୂ-ରାଜସ୍ୱ ଦାଖଲ କରୁଥିବା ପର୍ଯ୍ୟନ୍ତ ସେମାନଙ୍କର ପ୍ରଜାସ୍ୱତ୍ୱ ଅତୁଟ ରହୁଥିଲା ।

୨ । ରୟତଓ୍ୱାରି ବନ୍ଦୋବସ୍ତ ଦ୍ୱାରା କମ୍ପାନୀ ଅଧିକ ଲାଭବାନ୍ ହେଲା । ଜମି ରହିଲା ସରକାରଙ୍କ ଅଧିକାରରେ । ଚାଷ ଜମିର ଆକାର ଓ ଉତ୍ପାଦିତ ଶସ୍ୟର ମୂଲ୍ୟ ବୃଦ୍ଧି ଅନୁଯାୟୀ ସରକାରଙ୍କ ରାଜସ୍ୱ ବୃଦ୍ଧି ହେଲା । ''ମାନ୍ଦ୍ରାସ ପ୍ରେସିଡେନ୍‌ସି ସରକାରଙ୍କ ଆୟ ୧୮୬୧ରେ ୩୨.୨୦ ଲକ୍ଷ ପାଉଣ୍ଡରୁ ୧୮୭୪ରେ ୪୧.୮୦ ଲକ୍ଷ ପାଉଣ୍ଡକୁ ବୃଦ୍ଧି ହୋଇଥିଲା ।'' ସର୍ବଦା କମ୍ପାନୀର ସୁବିଧାବାଦୀ ଲୋକମାନେ ଚାଷୀମାନଙ୍କ ଶ୍ରମରୁ ଲାଭ ଉଠାଉଥିଲେ ।

କୁଫଳ (Disadvantages)

ସାଧାରଣତଃ ଜମିର କର ନିର୍ଦ୍ଧାରଣ କରିବା ସମୟରେ ତାହାର ଉର୍ବରତା, ଜଳସେଚନ ସୁବିଧା, ବଜାରଠାରୁ ତାହାର ଦୂରତ୍ୱ ଆଦି ବିଚାରକୁ ନିଆଯାଇଥାଏ; କିନ୍ତୁ ରୟତୱାରି ବ୍ୟବସ୍ଥାରେ ଅନୁମାନ ଉପରେ ହିଁ କର ନିର୍ଦ୍ଧାରିତ ହୋଇଥିଲା । ତେଣୁ ଏହି ବ୍ୟବସ୍ଥା ଦ୍ୱାରା କେତେକ କୁ-ପ୍ରଭାବ ପଡିଥିଲା ।

୧ । ପ୍ରକୃତରେ ରୟତୱାରି ବନ୍ଦୋବସ୍ତରେ ରୟତମାନଙ୍କର ଅଧିକାର ସୁରକ୍ଷିତ ନଥିଲା । କମ୍ପାନୀ ସେମାନଙ୍କ ପାଇଁ କୌଣସି ଆଞ୍ଚଳିକ ସୁବିଧା ପ୍ରଦାନ କଲା ନାହିଁ । ସରକାର ଉଚ୍ଚହାରରେ ରାଜସ୍ୱ ଦାବି କରୁଥିଲେ ଏବଂ ଇଚ୍ଛା ଅନୁସାରେ ବୃଦ୍ଧି କରୁଥିଲେ । ତେଣୁ ଅଧିକ ଫସଲ ଅମଳ କଲେ ମଧ୍ୟ ଚାଷୀମାନେ ଉପକୃତ ହୋଇପାରିଲେ ନାହିଁ । ରାଜ୍ୟର ଅଧିକାରରେ ଭୂମି ରହୁଥିଲା । ନିୟମିତ ରାଜସ୍ୱ ପଇଠ ନ କଲେ ରୟତମାନେ ଯେକୌଣସି ମୁହୂର୍ତ୍ତରେ ଜମି ହରାଉଥିଲେ । ଯଦି ମରୁଡି ବା ବନ୍ୟା ଦ୍ୱାରା ଆଂଶିକ ବା ପୂରାପୂରି ଭାବରେ ରୟତମାନଙ୍କର ଫସଲ ନଷ୍ଟ ହେଉଥିଲା, ତେବେ ମଧ୍ୟ ସେମାନଙ୍କର ରାଜସ୍ୱ ଛଡାଯାଉନଥିଲା । ଲର୍ଡ ରିପନ୍ କହିଥିଲେ; ଯେଉଁ ଜିଲ୍ଲାଗୁଡିକରେ ଜମିର ଥରେ ପରିମାପ କରାଯାଇଥିଲା ଏବଂ କର ନିର୍ଦ୍ଧାରଣ ହୋଇଥିଲା, କେବଳ ମୂଲ୍ୟ ବୃଦ୍ଧି ନ ହେଲେ ସେଠାରେ ଭୂ-ରାଜସ୍ୱ ବଢାଇବା ଉଚିତ ନୁହେଁ ।

୨ । ରୟତୱାରି ବନ୍ଦୋବସ୍ତରେ ରୟତମାନେ ନିଜ ଇଚ୍ଛା ଅନୁସାରେ ଜମି ବାଣ୍ଟି ନେବାର ବ୍ୟବସ୍ଥା ଥିଲେ ମଧ୍ୟ ପ୍ରକୃତରେ ଏହା ଘଟୁନଥିଲା । ରୟତମାନଙ୍କୁ ବଳପୂର୍ବକ ଯେକୌଣସି ଜମି ଚାଷ କରିବାକୁ ସରକାରୀ କର୍ମଚାରୀମାନେ ବାଧ୍ୟ କରୁଥିଲେ । ରୟତମାନେ ସ୍ୱେଚ୍ଛାକୃତ ଭାବରେ ଜମି ଚାଷ ନ କଲେ, ଆଶାନୁରୂପ ରାଜସ୍ୱ ଆଦାୟ ହୋଇପାରୁ ନ ଥିଲା । ନିଜ ଇଚ୍ଛା ଅନୁଯାୟୀ ଜମି ନ ପାଇଲେ ରୟତମାନେ ଜମି ଚାଷ କରିବାକୁ କୁଣ୍ଠାବୋଧ କରୁଥିଲେ । ତେଣୁ ଯେକୌଣସି ଜମି ଚାଷ କରିବାକୁ ସେମାନଙ୍କୁ ବାଧ୍ୟ କରାଯାଉଥିଲା, ଆବଶ୍ୟକ ପଡିଲେ ବେତ୍ରାଘାତ କରାଯାଉଥିଲା ।

୩ । ରୟତୱାରି ବ୍ୟବସ୍ଥା ଦ୍ୱାରା ଗ୍ରାମୀଣ ଅର୍ଥନୀତି ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଲା । ଚାଷୀମାନେ ଏତେ ଦରିଦ୍ର ହୋଇପଡ଼ିଲେ ଯେ ନୂଆ ଜମି ଚାଷ କରିବାକୁ ସେମାନଙ୍କର ସମ୍ବଳର ଅଭାବ ହେଲା । ଗରିବ ଚାଷୀମାନେ ଭୂ-ରାଜସ୍ୱ ଦାଖଲ କରିବା ପାଇଁ ମହାଜନମାନଙ୍କ ଠାରୁ ଋଣ ଆଣୁଥିଲେ । ଋଣଖାତା ଜାଲିଆତି କରି

ମହାଜନମାନେ ଋଣର ସୁଧ ବୃଦ୍ଧି କରିଦେଉଥିଲେ । ଶେଷରେ ରାଜସ୍ୱ ପରିଶୋଧ କରି ନ ପାରିଲେ ସେମାନଙ୍କୁ ଜମି ବନ୍ଧକ ବା ବିକ୍ରି କରିବାକୁ ପଡୁଥିଲା । ରାଜସ୍ୱର ଚାପ ଯୋଗୁଁ ଜମିବଜାର ବିକଳାଙ୍ଗ ହୋଇପଡିଲା । ଆର. ସି. ଦତ୍ତଙ୍କ ଭାଷାରେ, ରାଜ୍ୟର ଅନିଶ୍ଚିତ ଦାବିରୁ ଉପୁଜୁଥିବା କୁ-ଫଳରେ ମାଡ୍ରାସ ରୟତମାନେ ଖୁବ୍ କଷ୍ଟ ପାଉଥିଲେ ।

ମାହାଲୱାରି ବ୍ୟବସ୍ଥା

(The Mahalwari System)

ଆରମ୍ଭରେ ଇଂରେଜମାନେ ଯୋଜନା କଲେ ଯେ ନୂତନ ବିଜିତ ଅଞ୍ଚଳରେ ସେମାନେ ବଙ୍ଗଳା ଢାଞ୍ଚାରେ ଭୂ-ବନ୍ଦୋବସ୍ତ କରିବେ; କିନ୍ତୁ କର୍ଣ୍ଣୱାଲିସ୍‌ଙ୍କ ବଙ୍ଗଳାର ଚିରସ୍ଥାୟୀ ବନ୍ଦୋବସ୍ତ ଯୋଗୁଁ କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ହୋଇଥିଲେ ମଧ୍ୟ କମ୍ପାନୀ ଲାଭବାନ୍ ହେଉନଥିଲା । ଜମିଦାରମାନଙ୍କର ଅତ୍ୟାଚାର ସହ୍ୟ କରି ନ ପାରି ଗ୍ରାମବାସୀମାନେ ଚିରସ୍ଥାୟୀ ବନ୍ଦୋବସ୍ତକୁ ବିରୋଧ କଲେ । କମ୍ପାନୀର ବାଣିଜ୍ୟିକ ସ୍ୱାର୍ଥ ମଧ୍ୟ ଚିରସ୍ଥାୟୀ ବନ୍ଦୋବସ୍ତ ଯୋଗୁଁ ବିବାଦମାନ ଥିଲା ।

୧୮୧୩ ଖ୍ରୀଷ୍ଟାବ୍ଦରେ କମ୍ପାନୀର ଭାରତରେ ଏକଚାଟିଆ ବାଣିଜ୍ୟ ବ୍ୟବସାୟ କ୍ଷୁଣ୍ଣ ହୋଇଥିଲା । ସେ ପର୍ଯ୍ୟନ୍ତ କମ୍ପାନୀ ବିଦେଶରେ ଭାରତୀୟ ଦ୍ରବ୍ୟଗୁଡିକ ରପ୍ତାନୀ କରୁଥିଲା । ଏହାପରେ ବ୍ରିଟିଶ୍‌ର ଉତ୍ପାଦନକାରୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ଭାରତରେ ବିକ୍ରି କରିବା ଓ ଭାରତରୁ କଞ୍ଚାମାଲ ବୋହି ନେବାପାଇଁ ଯୋଜନା କଲେ । ସେମାନଙ୍କର ଏହି ଯୋଜନା ଭାରତରେ ଥିବା ଅଳ୍ପସଂଖ୍ୟକ ବଡ ବଡ ଜମିଦାର ପୂରଣ କରିପାରିଲେ ନାହିଁ, ଆବଶ୍ୟକ ହେଲା ବ୍ରିଟିଶ୍ ଉତ୍ପାଦିତ ଦ୍ରବ୍ୟ ପ୍ରତି ଅଧିକ ସଂଖ୍ୟକ ଲୋକଙ୍କର ଅନୁରାଗ ବୃଦ୍ଧି । ତେଣୁ ଇଂରେଜମାନେ କ୍ଷୁଦ୍ର ଜମିଦାର, ପତିଦାର (Pattidar) ଓ ଭୂମି ମାଲିକମାନଙ୍କର ଅଧିକାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଧାରଣାଗୁଡିକ ହୋଲ୍‌ଟ ମେକେଞ୍ଜି (Holt Mackenzie)ଙ୍କ ସ୍ମାରକ ପତ୍ରରେ ପ୍ରଦାନ କରାଯାଇଥିଲା । ମେକେଞ୍ଜି କହୁଥିଲେ ଯେ ଆରମ୍ଭରେ ଜମିଦାରମାନେ ରାଜ୍ୟଦ୍ୱାରା ନିଯୁକ୍ତି ପାଇଥିଲେ । ତେଣୁ ଗ୍ରାମାଞ୍ଚଳରେ ବାସ କରୁଥିବା କ୍ଷୁଦ୍ର ଜମିଦାରମାନେ ହେଉଛନ୍ତି ଗ୍ରାମଗୁଡିକର ମାଲିକ । ସେ ଯୁକ୍ତି କରିଥିଲେ ଯେ ପରିମାପ (Survey) ଦ୍ୱାରା ଗ୍ରାମର କ୍ଷୁଦ୍ର ଜମିଦାରମାନଙ୍କର ଅଧିକାର ଓ ପ୍ରଦାନ (Payment) ସ୍ଥିରୀକରଣ ହେବା ଉଚିତ । ମେକେଞ୍ଜିଙ୍କ ଧାରଣାଗୁଡିକ ଉପରେ ୧୮୨୨ ଖ୍ରୀଷ୍ଟାବ୍ଦରେ ମାହାଲୱାରି (Mahalwari) ନାମକ ଭୂ-ବନ୍ଦୋବସ୍ତ ପ୍ରଚଳନ

କରାଗଲା । ଗାଙ୍ଗେୟ ଉପତ୍ୟକା, ଉତ୍ତର-ପଶ୍ଚିମ ପ୍ରଦେଶ ସମୂହ, ମଧ୍ୟଭାରତର କେତେକ ଭାଗ ଏବଂ ପଞ୍ଜାବରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ।

ମାହାଲୱାରି ବ୍ୟବସ୍ଥାର ନିୟମ (Principles of Mahalwari)

ଜମିଦାରୀ ବନ୍ଦୋବସ୍ତର ଏକ ପରିବର୍ତ୍ତିତ ପରିଣତି ଥିଲା ମାହାଲୱାରି ବ୍ୟବସ୍ଥା । ଜମିଦାର ବା ପରିବାରର ମୁଖ୍ୟ, ଯେଉଁମାନେ ଯୌଥ ଭାବରେ ଗ୍ରାମ କିମ୍ବା ମାହାଲର ଜମି ମାଲିକ ବୋଲି ଦାବି କରୁଥିଲେ, ସେମାନଙ୍କ ସହିତ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ପାଇଁ ରାଜସ୍ୱ ନିର୍ଦ୍ଧାରଣ କରାଗଲା । ଜମି ମାଲିକମାନେ ଏକତ୍ର ମିଳିତ ଭାବରେ ଓ ପ୍ରତ୍ୟେକ ପୃଥକ୍ ପୃଥକ୍ ଭାବରେ ଭୂ-ରାଜସ୍ୱ ଆଦାୟ ପାଇଁ ଦାୟୀ ହେଲେ । ଗ୍ରାମରୁ ଗ୍ରାମ କିମ୍ବା ମାହାଲରୁ ମାହାଲକୁ ଭିତ୍ତିକରି ଏପରି ବ୍ୟବସ୍ଥା ନିର୍ଣ୍ଣୀତ ହେଲା । ମାହାଲଗୁଡିକର ଭୂ-ରାଜସ୍ୱ ମୋଟାମୋଟି ଭାବରେ ସ୍ଥିର କରାଗଲା । ତେଣୁ ଏପରି ଭୂ-ବନ୍ଦୋବସ୍ତକୁ କୁହାଗଲା ମାହାଲୱାରି ବ୍ୟବସ୍ଥା । ଜେ.ଏସ୍. ମିଲ୍‌ଙ୍କ ଭାଷାରେ, କୃଷକ ସ୍ୱତ୍ୱାଧିକାରୀ (ମାହାଲର ଭୂମି ମାଲିକ ବା କ୍ଷୁଦ୍ର ଜମିଦାରମାନେ) ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ରାଜ୍ୟ ସହିତ ମିଳିତ ହୁଅନ୍ତି । ସ୍ୱତ୍ୱାଧିକାରୀମାନେ ବ୍ୟକ୍ତିଗତ ଭାବରେ ସରକାରଙ୍କ ସହିତ ଚୁକ୍ତି ନ କରି ଗ୍ରାମଗୁଡିକ (ମାହାଲ) ସହିତ ଚୁକ୍ତି ଦ୍ୱାରା ଆବଦ୍ଧ ହୋଇଥା'ନ୍ତି ।

ଫଳାଫଳ (Results)

ମାହାଲୱାରି ବ୍ୟବସ୍ଥା ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିନଥିଲେ । ଏହି ବ୍ୟବସ୍ଥା କେବଳ ଗ୍ରାମର ଉଚ୍ଚଶ୍ରେଣୀର ଭୂମି ମାଲିକମାନଙ୍କ ଉପକାରରେ ଆସିଥିଲା । ଗ୍ରାମ ଜମିଦାର ବା ଜମି ମାଲିକମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିଲା । ରାଜସ୍ୱ ପଇଠ କରିବାକୁ ସେମାନେ ମହାଜନମାନଙ୍କର ଦ୍ୱାରସ୍ଥ ହେଲେ । ବଡ ବଡ ଜମି ମହାଜନମାନଙ୍କ ହସ୍ତକୁ ଚାଲିଯାଉଥିବାରୁ ଗ୍ରାମ ଜମିଦାରମାନେ ଚାଷୀର ଆସନକୁ ଖସିଆସୁଥିଲେ । ଜମିର ମୋଟ ଉତ୍ପାଦନର ଦୁଇ-ତୃତୀୟାଂଶ ଥିଲା ସରକାରଙ୍କ ଭାଗ । ବେଣ୍ଟିକ୍ ଏହାକୁ ୬୬%ରେ ନିର୍ଦ୍ଧାରଣ କରିଥିଲେ । ପରବର୍ତ୍ତୀ ସମୟରେ କେତେକ ସ୍ଥାନରେ ଭୂ-ରାଜସ୍ୱ ପରିମାଣ ୫୦%କୁ କମେଇ ଦିଆଗଲା । ତା' ସତ୍ତ୍ୱେ ଚାଷୀମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡିଲା । ନିଜର ପୁଞ୍ଜିଭୂତ ଅସନ୍ତୋଷକୁ ଦୂର କରିବାକୁ ସେମାନେ ୧୮୫୭ର ବିଦ୍ରୋହ ଅଗ୍ନିକୁ ଇନ୍ଧନ ପ୍ରଦାନ କଲେ ।

ପଞ୍ଚଦଶ ଅଧ୍ୟାୟ

ପାଶ୍ଚାତ୍ୟ ଶିକ୍ଷାର ଅଭିବୃଦ୍ଧି
(Growth of Western Education)

ଇଂରେଜ ଶାସନ ଆରମ୍ଭକାଳରେ ପାଠଶାଳା, ମକତାବ, ଟୋଲ ଓ ମଦ୍ରାସା ଆଦି ଶିକ୍ଷାନୁଷ୍ଠାନରେ ଭାରତୀୟମାନେ ପ୍ରାଥମିକ ଶିକ୍ଷାଲାଭ କରୁଥିଲେ । ଛାତ୍ରମାନଙ୍କୁ ଧର୍ମଶାସ୍ତ୍ର, ଚିଠିପତ୍ର, ଲେଖନ ଓ ଗଣିତ ବିଷୟରେ ଶିକ୍ଷାଦାନ କରାଯାଉଥିଲା । ଉଚ୍ଚଶିକ୍ଷା ଥିଲା ଖୁବ୍ ସୀମିତ । ଉଚ୍ଚଶିକ୍ଷାରେ ବ୍ୟାକରଣ, ଭାଷା, ଆଇନ, ତର୍କଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ଓ ଭେଷଜ ବିଜ୍ଞାନ ଆଦି ଶିକ୍ଷା ଦିଆଯାଉଥିଲା । ଧର୍ମହିଁ ଥିଲା ଶିକ୍ଷାର ଭିତ୍ତିଭୂମି । ସାଧାରଣତଃ ସଂସ୍କୃତ ଭାଷାରେ ଶିକ୍ଷାଦାନ କରାଯାଉଥିଲା । ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାରରେ ଶିକ୍ଷା ରହିଥିଲା । ଶିକ୍ଷା ଗ୍ରହଣ ନିମିତ୍ତ ନାରୀମାନଙ୍କୁ ଉତ୍ସାହିତ କରାଯାଉନଥିଲା । ସ୍କୁଲଗୁଡିକ କେବଳ ଧନୀବ୍ୟକ୍ତିମାନଙ୍କ ଦାନରେ ଚାଲୁଥିଲା; କିନ୍ତୁ ଏପରି ଶିକ୍ଷା ପ୍ରଗତିବାଦୀ ଭାରତୀୟମାନଙ୍କର ଆକାଂକ୍ଷା ପୂର୍ଣ୍ଣ କରିପାରିଲା ନାହିଁ ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତୀୟ ଶିକ୍ଷାର ବିକାଶ ପ୍ରତି ଦୃଷ୍ଟି ଦେଉନଥିଲେ । ସେତେବେଳେ ଇଂରେଜମାନଙ୍କର ପ୍ରାଚ୍ୟ ସଂସ୍କୃତି ଓ ଶିକ୍ଷା ପ୍ରତି ଯଥେଷ୍ଟ ସମ୍ମାନ ଥିଲା; କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସମାଜର ଦ୍ରୁତ ପରିବର୍ତ୍ତନ ଘଟିଲା । ଧର୍ମପ୍ରଚାରକ, ହିତବାଦୀ, ପ୍ରାଚ୍ୟଗୋଷ୍ଠୀ ଓ ଉଦାରପନ୍ଥୀମାନେ ଭାରତରେ ଶିକ୍ଷାର ପ୍ରସାର କରିବାକୁ କମ୍ପାନୀ ଉପରେ ଚାପ ପକାଇଲେ । ଯାହାହେଉ ୧୭୮୧ ଖ୍ରୀଷ୍ଟାବ୍ଦରେ ୱାରେନ ହେଷ୍ଟିଂସ୍ କଲିକତାଠାରେ ଏକ ମଦ୍ରାସା ସ୍ଥାପନ କଲେ । ସେଠାରେ ଇସ୍‌ଲାମ୍ ଆଇନ ଓ ଏହା ସମ୍ପର୍କୀୟ ବିଷୟମାନ ଶିକ୍ଷା ଦିଆଯାଉଥିଲା । ୧୭୯୧ରେ ବନାରସଠାରେ ରେସିଡେଣ୍ଟ ଥିବା ସମୟରେ ଯୋନାଥନ ଡନ୍‌କାନ୍ (Jonathan Duncan) ସେଠାରେ ଗୋଟିଏ ସଂସ୍କୃତ ମହାବିଦ୍ୟାଳୟ ଖୋଲିଥିଲେ । ସେହି ମହାବିଦ୍ୟାଳୟରେ ହିନ୍ଦୁ ଆଇନ ଓ ଦର୍ଶନ ଶିକ୍ଷା ଦିଆଗଲା । ହିନ୍ଦୁମାନଙ୍କର ଶିକ୍ଷା ନିମିତ୍ତ ଏଲଫିନ୍‌ଷ୍ଟୋନ ପୁନାଠାରେ ଏକ ମହାବିଦ୍ୟାଳୟ ସ୍ଥାପନ କଲେ । କମ୍ପାନୀର ପ୍ରଶାସନିକ ସେବାରେ ନିଯୁକ୍ତ ଅଫିସରମାନଙ୍କୁ ତାଲିମ ଦେବାପାଇଁ ୱେଲ୍‌ସେଲି ୧୮୦୦ ଖ୍ରୀଷ୍ଟାବ୍ଦରେ ଗଢିଥିଲେ ଫୋର୍ଟ ଉଇଲିୟମ୍ କଲେଜ ।

୧୮୧୩ ଖ୍ରୀଷ୍ଟାବ୍ଦରେ ଚାର୍ଟର ଆଇନ ଅନୁଯାୟୀ ବିଜ୍ଞାନ ଶିକ୍ଷାର ଉନ୍ନତି ପାଇଁ ବାର୍ଷିକ ଏକଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଗଲା । ଅର୍ଥର ପରିମାଣ ସ୍ୱଳ୍ପ ଥିଲେ ମଧ୍ୟ କମ୍ପାନୀର କର୍ତ୍ତୃପକ୍ଷ ୧୮୨୩ ପର୍ଯ୍ୟନ୍ତ ଏହାକୁ ମଞ୍ଜୁର କରିଥିଲେ; ମାତ୍ର ବର୍ଷ ବର୍ଷ ଧରି ସେ ଅର୍ଥ ଶିକ୍ଷାକ୍ଷେତ୍ରରେ ବିନିଯୋଗ କରାଯାଇ ପାରିଲା ନାହିଁ । ପ୍ରାଚ୍ୟ ବା ପାଶ୍ଚାତ୍ୟ, କେଉଁ ଶିକ୍ଷା ଭାରତରେ ପ୍ରବର୍ତ୍ତନ କରାଯିବ, ତାହାକୁ ନେଇ ପ୍ରାଚ୍ୟ ଗୋଷ୍ଠୀ (Orientalists) ଏବଂ ପାଶ୍ଚାତ୍ୟ ଗୋଷ୍ଠୀ (Anglicists)ମାନଙ୍କ ମଧ୍ୟରେ ତୁମୁଳ ବିବାଦ ଚାଲିଲା । ପ୍ରାଚ୍ୟଗୋଷ୍ଠୀର ନେତୃତ୍ୱ ନେଇଥିଲେ ପ୍ରିନ୍‌ସେପ ଓ ଉଇଲସନ୍ । ସେମାନେ ଚାହୁଁଥିଲେ ଭାରତରେ ପାରମ୍ପରିକ ଶିକ୍ଷାର ବିକାଶ ଘଟୁ ଏବଂ ଶିକ୍ଷାଦାନର ଭାଷା ଭାରତୀୟ ହେଉ । ଅପରପକ୍ଷରେ ପାଶ୍ଚାତ୍ୟ ଗୋଷ୍ଠୀକୁ ନେତୃତ୍ୱ ଦେଉଥିଲେ ଟ୍ରାଭେଲିଆନ ଏବଂ ଭାରତର ପ୍ରଗତିବାଦୀ ନେତା ରାମମୋହନ ରାୟ । ସେମାନେ ଭାରତରେ ପାଶ୍ଚାତ୍ୟ ଶିକ୍ଷା ଓ ଇଂରେଜ ଭାଷାର ପ୍ରଚଳନ ପାଇଁ ଦୃଢ ମତପୋଷଣ କଲେ । ସେମାନେ କହିଲେ, ପାଶ୍ଚାତ୍ୟ ଜ୍ଞାନ ହେଉଛି ''ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନ ଓ ଗଣତାନ୍ତ୍ରିକ ଚିନ୍ତାଧାରା ରୂପକ ଧନ ଭଣ୍ଡାରର ଚାବି ।'' ସେତେବେଳେ ଖ୍ରୀଷ୍ଟ ଧର୍ମ ପ୍ରଚାରକମାନେ ଭାରତରେ କେତେକ ସ୍କୁଲ ଓ ମହାବିଦ୍ୟାଳୟ ଖୋଲିଥିଲେ । ତନ୍ମଧ୍ୟରେ ସିରାମପୁରଠାରେ ପ୍ରତିଷ୍ଠିତ ବାପ୍‌ଟିଷ୍ଟ ମିଶନ କଲେଜ (୧୮୧୮), କଲିକତାର ବିଶପ କଲେଜ (୧୮୩୦) ଓ ବମ୍ବେର ଉଇଲସନ୍ ମହାବିଦ୍ୟାଳୟ (୧୮୩୨) ଖ୍ୟାତିଲାଭ କରିଥିଲା ।

୧୮୩୦ ଖ୍ରୀଷ୍ଟାବ୍ଦ ବେଳକୁ ଉଦାରପନ୍ଥୀ, ମାନବବାଦୀ ଓ ଇଭାଞ୍ଜେଲିଷ୍ଟ (Evangelists) ବା ଖ୍ରୀଷ୍ଟବାଣୀ ପ୍ରଚାରକମାନେ ଇଂଲଣ୍ଡରେ ପ୍ରଭାବଶାଳୀ ଥିଲେ । ଉଦାରପନ୍ଥୀ ଓ ମାନବବାଦୀମାନେ ଭାରତରେ ସଂସ୍କାର ଅଣାଯାଉ ବୋଲି ଚାହୁଁଥିଲେ, କାରଣ ସେମାନେ ଅନୁଭବ କରୁଥିଲେ ଯେ ଏହା ଥିଲା ସେମାନଙ୍କର ମାନବୀୟ ଦାୟିତ୍ୱ । ଇଭାଞ୍ଜେଲିଷ୍ଟମାନେ ବିଶ୍ୱାସ କରୁଥିଲେ ଯେ ସଂସ୍କାର ଦ୍ୱାରା ଭାରତୀୟମାନଙ୍କର ଆତ୍ମା ମୋକ୍ଷଲାଭ କରିପାରିବ । ଏହି ପ୍ରକାର ଧାରଣା ''ଶ୍ୱେତାଙ୍ଗମାନଙ୍କର ବୋଝ'' (White men's Burden) ନୀତି ଉପରେ ଆଧାରିତ ଥିଲା । ଏହି ନୀତି ବିଶ୍ୱାସ କରୁଥିଲା ଯେ ଏସିଆ ଓ ଆଫ୍ରିକାର କୃଷ୍ଣବର୍ଣ୍ଣର ଲୋକମାନଙ୍କୁ ଶିକ୍ଷା ଦେବା ଓ ମଣିଷ କରିବା ପାଇଁ ଈଶ୍ୱର ଶ୍ୱେତାଙ୍ଗମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହା ନିଶ୍ଚିତ ରୂପେ ଇଉରୋପୀୟମାନଙ୍କର ଏକ ସାମାଜିକ ଅନ୍ଧବିଶ୍ୱାସ ଥିଲା ।

ମ୍ୟାକ୍‌ଲେଙ୍କ ବିବରଣୀ

(Macaulay's Minute)

୧୮୨୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଲର୍ଡ ଉଇଲିୟମ ବେଣ୍ଟିକ୍ ବଡଲାଟ ହୋଇ ଆସିଥିଲେ । ସେ ଥିଲେ ଜଣେ ଉଦାର ହୁଇଗ୍ । ବେଣ୍ଟିକ୍ ଅନୁଭବ କଲେ ଯେ ଭାରତରେ

ଇଉରୋପୀୟ ସାହିତ୍ୟ ଓ ବିଜ୍ଞାନ ଏବଂ ଇଂରେଜୀ ଭାଷା ପ୍ରଚଳିତ ହେବା ଉଚିତ । ସେ
ଓ ମ୍ୟାକ୍‌ଲେ ଏପରି ନିଷ୍ପତ୍ତି ନେବାବେଳେ ତିନିଗୋଟି ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ ।

୧ । ଉଦାରପନ୍ଥୀ, ମାନବବାଦୀ ଓ ଇଭାଞ୍ଜେଲିଷ୍ଟମାନେ ସେତେବେଳେ ବ୍ରିଟିଶ୍ ମନୋଭାବକୁ ପ୍ରଭାବିତ କରୁଥିଲେ । ଇଭାଞ୍ଜେଲିଷ୍ଟମାନେ ଚିନ୍ତାକରୁଥିଲେ ଯେ ପାଶ୍ଚାତ୍ୟ ଶିକ୍ଷାବଳରେ ଭାରତୀୟମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିହେବ । ଉଦାରପନ୍ଥୀ ଓ ମାନବବାଦୀମାନଙ୍କର ଜନକଲ୍ୟାଣ ସଂସ୍କାର ଉପରେ ବିଶ୍ୱାସ ଥିଲା । ଉଭୟ ଗୋଷ୍ଠୀ ଚାହୁଁଥିଲେ, ଭାରତରେ ପାଶ୍ଚାତ୍ୟ ଶିକ୍ଷା ପ୍ରବର୍ତ୍ତନ କରାଯାଉ ।

୨ । ଅନେକ ଆଧୁନିକ ଭାରତୀୟ ଯୁବକ ଚାକିରି ପାଇବା ନିମନ୍ତେ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନକୁ ସମର୍ଥନ କରୁଥିଲେ । ସେମାନଙ୍କୁ ନେତୃତ୍ୱ ଦେଉଥିଲେ ରାଜା ରାମମୋହନ ରାୟ ।

୩ । ସେତେବେଳକୁ ଇଂରେଜମାନଙ୍କର ଭାରତରେ ରାଜନୈତିକ ନିରାପତ୍ତା ଆସିଯାଇଥିଲା । ଭାରତୀୟମାନେ ଯେ ସେମାନଙ୍କୁ ପ୍ରତିହତ କରିପାରିବେ- ଏହା ସେମାନଙ୍କର ଧାରଣାର ବାହାରେ ଥିଲା । ସେମାନଙ୍କର ଭାରତୀୟ ପାରମ୍ପରିକ ଶିକ୍ଷା ପଦ୍ଧତି ଉପରେ ବିଶ୍ୱାସ ନଥିଲା ।

ଶିକ୍ଷା ସଂକ୍ରାନ୍ତରେ ଏକ ବିବରଣୀ ଦେବାପାଇଁ ଶେଷରେ ବେଣ୍ଟିକ୍ ମ୍ୟାକ୍‌ଲେଙ୍କ ଅଧ୍ୟକ୍ଷତାରେ ଏକ କମିଟି ନିଯୁକ୍ତ କରିଥିଲେ । ପୂର୍ବ ବିବାଦକୁ ସେ ଏକ ରୂପରେଖ ଦେଇଥିଲେ । ୧୮୩୫ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୨ ତାରିଖ ଦିନ ମ୍ୟାକ୍‌ଲେଙ୍କ ଐତିହାସିକ ବିବରଣୀ (Macaulay's Minute) ଉପସ୍ଥାପିତ ହେଲା । ଭାରତୀୟ ସାହିତ୍ୟକୁ ମ୍ୟାକ୍‌ଲେ ବ୍ୟଙ୍ଗ କରିଥିଲେ । ସେ ଲେଖିଥିଲେ- ''ସର୍ବସାଧାରଣ ପାଣ୍ଠି ଖର୍ଚ୍ଚ ହେବ ଏପରି ଶିକ୍ଷା ଦେବାରେ ? ଡାକ୍ତରୀ ଶିକ୍ଷା ଯାହା ଇଂଲଣ୍ଡର ପଶୁଚିକିତ୍ସକକୁ ଲଜ୍ଜିତ କରିବ, ଜ୍ୟୋତିଷ ଶାସ୍ତ୍ର ଯାହା ଇଂଲଣ୍ଡର ବୋର୍ଡିଂ ସ୍କୁଲରେ ରହୁଥିବା ଛାତ୍ରୀମାନଙ୍କୁ ହସାଇବ, ଇତିହାସ ଯେଉଁଥିରେ ବହୁଳଭାବରେ ରହିଛନ୍ତି ତିରିଶ ଫୁଟ ଉଚ୍ଚତା ବିଶିଷ୍ଟ ରାଜା ଏବଂ ଯେଉଁମାନେ ୩୦,୦୦୦ ବର୍ଷ ଦୀର୍ଘ ଶାସନ କରନ୍ତି, ଭୂଗୋଳ ଯାହା ପାଣିଆଗୁଡ ସମୁଦ୍ର ଓ ଲହୁଣୀର ସମୁଦ୍ର ଦ୍ୱାରା ଗଠିତ..... ଆମେ କ'ଣ ଶିକ୍ଷା ଦେବା ମିଥ୍ୟା ଇତିହାସ, ମିଥ୍ୟା ଜ୍ୟୋତିଷ ଶାସ୍ତ୍ର, ମିଥ୍ୟା ଚିକିତ୍ସା କାରଣ ସେଗୁଡିକ ଏକ ମିଥ୍ୟା ଧର୍ମ ସଙ୍ଗରେ ଜଡିତ ହେବାର ଆମେ ଦେଖୁ ।'' ଏପରି ମନୋଭାବ ମ୍ୟାକ୍‌ଲେଙ୍କୁ ଭାରତରେ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ କରିବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ତାଙ୍କ ପ୍ରସ୍ତାବରେ କୁହାଯାଇଥିଲା-

(କ) ଇଉରୋପୀୟ ସାହିତ୍ୟ ଓ ବିଜ୍ଞାନ ଭାରତରେ ପ୍ରବର୍ତ୍ତିତ ହେଉ ଏବଂ ଶିକ୍ଷା ଉଦ୍ଦେଶ୍ୟରେ ଥିବା ପାଣ୍ଠି ଇଂରାଜୀ ଶିକ୍ଷାର ପ୍ରସାରରେ ବ୍ୟୟ କରାଯାଉ ।

(ଖ) ଯଦିଚ ପ୍ରାଚ୍ୟଶିକ୍ଷା ପାଇଁ ଥିବା ମହାବିଦ୍ୟାଳୟଗୁଡିକୁ ଉଠାଇ ଦିଆନଯାଉ, ତଥାପି ସେଗୁଡିକର ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ସମୟରେ ପୂର୍ବରୁ ଯେଉଁ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା ଥିଲା ତାହା ଶୀଘ୍ର ବନ୍ଦ କରାଯାଉ ।

ଏହିପରି ବିବରଣୀ ଦେବାବେଳେ ମ୍ୟାକ୍‌ଲେ ଯୋଜନା କରିଥିଲେ- ''ସେମାନେ ଏପରି ଶ୍ରେଣୀର ମନୁଷ୍ୟ ସୃଷ୍ଟିକରିବେ ଯେଉଁମାନେ ରକ୍ତ ଓ ବର୍ଣ୍ଣରେ ହୋଇଥିବେ ଭାରତୀୟ; ମାତ୍ର ସେମାନଙ୍କର ପସନ୍ଦ, ମତ, ନୈତିକତା ଓ ବୁଦ୍ଧିରେ ସେମାନେ ଇଂରେଜ ହୋଇ ରହିବେ ।''

ମ୍ୟାକ୍‌ଲେଙ୍କ ବିବରଣୀକୁ କାର୍ଯ୍ୟକାରୀ କରିବା ପାଇଁ ବେଣ୍ଟିକ୍ ନିଷ୍ପତ୍ତି ନେଇଥିଲେ । ଏହାକୁ ନେଇ ୧୮୩୫ ମାର୍ଚ୍ଚ ୭ ତାରିଖରେ ସେ ଏକ ଇସ୍ତାହାର ପ୍ରସ୍ତୁତ କଲେ । ଶାସନର ପ୍ରତ୍ୟେକ ବିଭାଗରେ ଇଂରାଜୀଭାଷାକୁ ସରକାରୀ ଭାଷାରୂପେ ଗ୍ରହଣ କରାଗଲା । ସେହିଦିନଠାରୁ ଇଂରାଜୀ ଭାଷା, ଇଂରାଜୀ ସାହିତ୍ୟ, ଇଂରାଜୀ ରାଜନୈତିକ ସାହିତ୍ୟ ଏବଂ ଇଂରାଜୀ ପ୍ରାକୃତିକ ବିଜ୍ଞାନ ବିଷୟଗୁଡିକ ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ହୋଇଥିଲା ।

ମ୍ୟାକ୍‌ଲେଙ୍କ ପଦ୍ଧତି କେବଳ ଉଚ୍ଚଶ୍ରେଣୀର ଭାରତୀୟମାନଙ୍କୁ ଉଚ୍ଚଶିକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିଲା । ସରକାର ଗଣଶିକ୍ଷା ପାଇଁ ଅର୍ଥ ବରାଦ କରିବାକୁ ଚାହୁଁ ନଥିଲେ । ସରକାର ଚିନ୍ତା କଲେ ଯେ ଛୋଟ ଛୋଟ ଚାକିରି ପାଇଁ ଭାରତୀୟ ପଦ୍ଧତିରେ ଶିକ୍ଷାଦାନ ଯଥେଷ୍ଟ ହେବ । ମ୍ୟାକ୍‌ଲେ ୧୮୩୫ ରେ ଲେଖିଥିଲେ, ''ସୀମିତ ସମ୍ବଳ ମଧ୍ୟରେ, ସମସ୍ତ ଲୋକଙ୍କୁ ଶିକ୍ଷିତ କରିବାକୁ ଉଦ୍ୟମ କରିବା ଆମ୍ଭମାନଙ୍କ ପାଇଁ ଅସମ୍ଭବ ।'' ମ୍ୟାକ୍‌ଲେଙ୍କର ପରିସ୍ରବଣ ମତବାଦ (Theory of filtration) ଉପରେ ବିଶ୍ୱାସ ଥିଲା, ଯେଉଁଥିରେ ପାଶ୍ଚାତ୍ୟଶିକ୍ଷାର ଜ୍ଞାନ ଇଂରାଜୀଶିକ୍ଷିତ ଭାରତୀୟମାନଙ୍କ ମାଧ୍ୟମରେ ଜନସାଧାରଣଙ୍କ ଠାରେ ପ୍ରବେଶ କରିବ, ଅର୍ଥାତ୍ ଇଂରାଜୀଶିକ୍ଷିତ ଭାରତୀୟମାନେ ଇଂରାଜୀ ରୀତିନୀତି, ଚାଲିଚଳନ ଆଦି ଗ୍ରହଣ କରି ତାହାକୁ ଧୀରେ ଧୀରେ ଭାରତୀୟମାନଙ୍କ ମଧ୍ୟରେ ପ୍ରସାର କରିବେ । ତେଣୁ ମ୍ୟାକ୍‌ଲେ ଲେଖିଥିଲେ- ''ଆମେ କେବଳ ଏକ ଶିକ୍ଷିତ ଶ୍ରେଣୀ ଗଠନ କରିବାର ଲକ୍ଷ୍ୟ ରଖିଛୁ । ଆମେ ଆଶା କରୁଛୁ ଯେ ଆମେ ସେମାନଙ୍କୁ ଯେଉଁ ଜ୍ଞାନ ଦେଇଛୁ, ସେମାନେ ତାହାର କିଛି ଅଂଶ ଦେଶବାସୀଙ୍କ ମଧ୍ୟରେ ବଣ୍ଟନ କରିବେ ।''

ଇଂରାଜୀ ଶିକ୍ଷାର ଉପକାର (Advantages of English Education) :

ଭାରତର ବିଭିନ୍ନ ସ୍ଥାନରେ ଇଂରାଜୀ ସ୍କୁଲ କଲେଜମାନ ପ୍ରତିଷ୍ଠିତ ହୋଇଥିଲା । ୧୮୩୫ ଖ୍ରୀଷ୍ଟାବ୍ଦରେ କଲିକତାଠାରେ ଏକ ମେଡିକାଲ କଲେଜ ସ୍ଥାପିତ ହେଲା । ଇଉରୋପୀୟ ସାହିତ୍ୟ ଓ ବିଜ୍ଞାନ ଶିକ୍ଷା କରିବାଦ୍ୱାରା ଭାରତୀୟମାନେ ନୂତନ ଜ୍ଞାନର ସନ୍ଧାନ ପାଇଲେ,

ସେମାନଙ୍କ ମନରୁ ଅନ୍ଧବିଶ୍ୱାସ ଦୂରୀଭୂତ ହେଲା । ଏହି ଶିକ୍ଷାର ପ୍ରଚଳନ ପାଇଁ ରାମମୋହନ ରାୟ ନେତୃତ୍ୱ ନେଇଥିଲେ । ଭାରତରେ ନବଜାଗରଣ ଆସିଥିଲା ।

ଭାରତୀୟମାନେ ଇଂରେଜ ସ୍ୱାଧୀନତା ଓ ଗଣତନ୍ତ୍ର ସମ୍ପର୍କରେ ଶିକ୍ଷାଲାଭ କଲେ । ଇଉରୋପରେ ଘଟୁଥିବା ବିଭିନ୍ନ ବିପ୍ଳବଗୁଡିକ ସମ୍ପର୍କରେ ସେମାନଙ୍କର ଧାରଣା ହେଲା । ସେମାନଙ୍କର ମାନସିକ ପରିସର ସମ୍ପ୍ରସାରିତ ହେଲା । ଏକ ଚିନ୍ତାଧାରା, ଏକ ଭାଷା ଦ୍ୱାରା ଜାତୀୟ ସଂହତିର ବୃଦ୍ଧି ଘଟିଲା । ଭାରତୀୟମାନଙ୍କ ଠାରେ ଆସିଥିଲା ରାଜନୈତିକ ଐକ୍ୟଭାବ । ସେମାନେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ସ୍ୱାଧୀନତା ସଂଗ୍ରାମ କରିବା ପାଇଁ ସ୍ୱପ୍ନ ଦେଖିଥିଲେ ।

ଇଂରାଜୀ ଶିକ୍ଷାର ଅପକାର (Disadvantages of English Education) :

ମ୍ୟାକ୍‌ଲେଙ୍କ ଶିକ୍ଷା ପଦ୍ଧତି ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିକାଶକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କଲା । ଭାରତୀୟ ଆଚାରବ୍ୟବହାର ଓ ଜୀବନଯାପନ ପ୍ରଣାଳୀରେ ଏକ ବିରାଟ ପରିବର୍ତ୍ତନ ଘଟିଲା । ଭାରତୀୟମାନେ ଇଂରେଜୀ ଖାଦ୍ୟ ଓ ପୋଷାକପତ୍ର ଦ୍ୱାରା ପ୍ରଭାବିତ ହୋଇଥିଲେ ।

ମ୍ୟାକ୍‌ଲେଙ୍କ ଇଂରାଜୀ ଶିକ୍ଷା ଭାରତରେ ଏକ ଅମଲାତନ୍ତ୍ର ସୃଷ୍ଟି କରିଥିଲା । ଏକ ପ୍ରକାର ଦାସତ୍ୱର ବନ୍ଧନରେ ଶିକ୍ଷିତ ଯୁବକମାନେ ଛନ୍ଦି ହୋଇଗଲେ । ସ୍ୱଳ୍ପ ବେତନ ପ୍ରଦାନ କରି ବେଶି କାମ ଆଦାୟ କରିବା ହେଲା ଇଂରେଜମାନଙ୍କ ନୀତି । ଫଳରେ ଭାରତୀୟମାନେ ଇଂରେଜମାନଙ୍କ ଅର୍ଥନୈତିକ ଶୋଷଣର ଶିକାର ହେଲେ ।

ଶେଷରେ, ପୃଥିବୀର ବହୁ ପୁରାତନ ସଂସ୍କୃତ ଓ ଆରବୀ ଭାଷାଦ୍ୱୟକୁ ଉପେକ୍ଷା କରାଗଲା । ସଂସ୍କୃତ ଓ ଆରବୀ ସାହିତ୍ୟର ବିକାଶକ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେଲା ।

ଯାହାହେଉ, ସର୍ବୋପରି ଭାରତୀୟ ଶିକ୍ଷାକ୍ଷେତ୍ରରେ ଇଂରାଜୀ ଶିକ୍ଷା ପ୍ରଚଳନ ଥିଲା ଏକ ଐତିହାସିକ ଘଟଣା । ଏହାଦ୍ୱାରା ଭାରତରେ ଆଧୁନିକ ଯୁଗର ସୂତ୍ରପାତ ଘଟିଥିଲା ।

ଚାର୍ଲସ ଉଡ୍‌ଙ୍କ ସନନ୍ଦ (Charles Wood's Despatch) :

ଭାରତରେ ଶିକ୍ଷାର ବିକାଶକ୍ଷେତ୍ରରେ ସବୁଠୁଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ୧୮୫୪ ମସିହାର ଉଡ୍‌ଙ୍କ ସନନ୍ଦ । ଚାର୍ଲସ୍ ଉଡ୍ ଥିଲେ ଆବରଡିନ (Aberdeen) ମନ୍ତ୍ରିମଣ୍ଡଳର ନିୟନ୍ତ୍ରଣ ପରିଷଦ (Board of Control)ର ଅଧ୍ୟକ୍ଷ । ବ୍ରିଟିଶ୍ ଇତିହାସର ପାଲମରଷ୍ଟୋନଙ୍କ ଯୁଗର ଜଣେ ପ୍ରକୃତ ଦାୟାଦ ରୂପେ ସେ ପରିଚିତ ଥିଲେ । ଇଂରେଜ ଜାତି ଓ ଅନୁଷ୍ଠାନଗୁଡିକ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ସେ ଅନୁଭବ କରୁଥିଲେ, ସେମାନଙ୍କ ଅନୁଷ୍ଠାନଗୁଡିକ ବିଶ୍ୱର ଅନ୍ୟଦେଶମାନଙ୍କ ପ୍ରତି ଉପାଦେୟ ହେବ । ସେତେବେଳେ ଭାରତରେ ଥିବା ଉତ୍ସାହୀ

ଶିକ୍ଷାବିତ୍‌ମାନଙ୍କ ଅପେକ୍ଷା ଶିକ୍ଷାକ୍ଷେତ୍ରରେ ଅଧିକ ପ୍ରଖର ଥିଲା ଉଡ୍‌ଙ୍କ ଦୃଷ୍ଟି । ସେତେବେଳର ଭାରତର ଗଭର୍ଣ୍ଣର ଜେନେରାଲ ଡ୍ୟାଲହାଉସୀଙ୍କ ଅନୁରୋଧକ୍ରମେ ଭାରତର ଶିକ୍ଷା ପାଇଁ ସେ କେତେକ ସୁପାରିଶ ପଠାଇଥିଲେ ।

ବେଣ୍ଟିଙ୍କ୍‌ଙ୍କ ଶିକ୍ଷାବ୍ୟବସ୍ଥା ଅନୁଯାୟୀ ଭାରତୀୟମାନଙ୍କୁ ଇଂରେଜୀ ଭାଷାରେ ପାଶ୍ଚାତ୍ୟ ଶିକ୍ଷା ପ୍ରଦାନ କରାଯାଉଥିଲା । କେବଳ ଉଚ୍ଚଶ୍ରେଣୀର ଲୋକମାନେ ଏହି ଶିକ୍ଷା ଯୋଗୁଁ ଉପକୃତ ହେଉଥିଲେ । ଦେଶୀଭାଷା ଓ ଶିକ୍ଷା ପ୍ରତି ସରକାର ଉଦାସୀନ ଥିଲେ । ଶିକ୍ଷା ପ୍ରତି ଅର୍ଥ ବିନିଯୋଗ କରିବା ପାଇଁ ମଧ୍ୟ ସରକାର କୁଣ୍ଠିତ ଥିଲେ । ପ୍ରାଥମିକ ଶିକ୍ଷା ପ୍ରତି କୌଣସି ଧ୍ୟାନ ଦିଆଯାଉନଥିଲା । ୧୮୪୮ ଖ୍ରୀଷ୍ଟାବ୍ଦରେ ଭାରତକୁ ବଡଲାଟ ରୂପେ ଆସିଥିଲେ ଡ୍ୟାଲହାଉସୀ । ସେ ଥିଲେ ଜଣେ ସଂସ୍କାରବାଦୀ । କମ୍ପାନୀ ସରକାରକୁ ଭାରତରେ ଦେଶୀୟ ଭାଷାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ସେ ଉପଦେଶ ଦେଇଥିଲେ । ଡ୍ୟାଲହାଉସୀଙ୍କ ଉତ୍ସାହ ଦେଖି ଚାର୍ଲସ ଉଡ୍ ଭାରତରେ ଭବିଷ୍ୟତ ଶିକ୍ଷାଯୋଜନା ଉପରେ ଏକ ସନନ୍ଦ ପ୍ରସ୍ତୁତ କରିଥିଲେ । ଏହି ସନନ୍ଦକୁ ଭାରତରେ ଇଂରାଜୀଶିକ୍ଷାର ମାଗ୍ନାକାର୍ଟା ରୂପେ ବିବେଚନା କରାଗଲା । ଉଡ୍ ଦୃଢତାର ସହିତ ବ୍ୟକ୍ତ କରିଥିଲେ ଯେ- ''ଭାରତରେ ଥିଲେ-ଧୀରେ ପରିବର୍ତ୍ତିତ ହେବାପାଇଁ ଏକ ଜାତିର ଜନତା, ଯେଉଁମାନେ ଧର୍ମୀୟ କୁସଂସ୍କାର ଏବଂ ପ୍ରାଚୀନ ପରମ୍ପରା ଦ୍ୱାରା ଆବଦ୍ଧ ଥିଲେ । ମୁଁ ପ୍ରାୟ ସବୁ ବ୍ୟକ୍ତ କରିଛି ଯେ ସେଥିରେ ରହିଛି ଅନେକ ସତ୍ୟତା-ପ୍ରତିବନ୍ଧକରୁ ଏକ ଦ୍ରୁତ ବିକାଶ ।''

ଉଡ୍‌ଙ୍କ ସନନ୍ଦରେ ଯେଉଁ ମୁଖ୍ୟ ଯୋଜନାଗୁଡିକ ଥିଲା, ସେଗୁଡିକ ସଂକ୍ଷେପରେ ନିମ୍ନରେ ଆଲୋଚନା କରାଗଲା ।

୧ । ବ୍ରିଟିଶ୍ ଶିକ୍ଷାନୀତିର ଉଦ୍ଦେଶ୍ୟ ଥିଲା ଇଉରୋପର କଳା, ବିଜ୍ଞାନ ଓ ଦର୍ଶନର ବିକାଶ ସାଧନ କରିବା । ଏଥିରୁ ବିଶ୍ୱସ୍ତ ଲୋକମାନଙ୍କୁ ସୃଷ୍ଟି କରାଯିବ, ଯେଉଁମାନେ କମ୍ପାନୀର କାର୍ଯ୍ୟ ପାଇଁ ଉପଯୁକ୍ତ ହେବେ ।

୨ । ଉଚ୍ଚଶିକ୍ଷାର ଶିକ୍ଷାଦାନରେ ଫଳପ୍ରଦ ମାଧ୍ୟମ ହେବ ଇଂରାଜୀ ଭାଷା । ଦେଶୀୟ ଭାଷାଗୁଡିକ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଦେଶୀୟ ଭାଷା ମାଧ୍ୟମରେ ଇଉରୋପୀୟ ଜ୍ଞାନ ଭାରତୀୟମାନଙ୍କଠାରେ ଅନୁପ୍ରବେଶ କରିବ ।

୩ । ଗ୍ରାମମାନଙ୍କରେ ପ୍ରାଥମିକ ସ୍କୁଲମାନ ସ୍ଥାପନ କରାଯିବ । ଏହି ସ୍କୁଲଗୁଡିକ ଉପରେ ରହିବ ଆଙ୍ଗ୍ଲୋ-ଦେଶୀୟ ଉଚ୍ଚ ବିଦ୍ୟାଳୟ । ପ୍ରତ୍ୟେକ ଜିଲ୍ଲାରେ ରହିବ ଏକ ମହାବିଦ୍ୟାଳୟ । ବିଦ୍ୟାଳୟ ବା ମହାବିଦ୍ୟାଳୟଗୁଡିକୁ ସରକାର ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବେ ନାହିଁ; କିନ୍ତୁ ଏଗୁଡିକ ସରକାରଙ୍କ ନିୟନ୍ତ୍ରଣରେ ରହିବ ।

୪ । ଭାରତୀୟ ଭାଷାଗୁଡିକର ଶିକ୍ଷାଲାଭ ନିମିତ୍ତ ଉତ୍ସାହିତ କରାଯିବ । ଏହାଦ୍ୱାରା ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ସହଜସାଧ୍ୟ ହେବ ।

୫ । ଉଡ୍‌ଙ୍କ ସନନ୍ଦ ମ୍ୟାକ୍‌ଲେଙ୍କ ନିମ୍ନମୁଖୀ ପରିସ୍ରବଣ ପଦ୍ଧତିକୁ ତ୍ୟାଗ କରିବା ସପକ୍ଷରେ ଥିଲା, ଯାହାଦ୍ୱାରା ଆଶା କରାଯାଉଥିଲା ଯେ ଉଚ୍ଚଶିକ୍ଷା ଉଚ୍ଚଶ୍ରେଣୀର ଲୋକମାନଙ୍କୁ ପ୍ରଦାନ କରାଯିବ ଏବଂ ଏହା ପରିସ୍ରବଣ ହୋଇ ନିମ୍ନଶ୍ରେଣୀର ଲୋକମାନଙ୍କଠାରେ ଅନୁପ୍ରବେଶ କରିବ ।

୬ । ଘରୋଇ ଉଦ୍ୟମରେ ଗଢାଯାଉଥିବା ଶିକ୍ଷାନୁଷ୍ଠାନଗୁଡିକୁ ସରକାର ଅନୁଦାନ ଦେବେ; କିନ୍ତୁ ସର୍ତ୍ତ ରହିବ ଯେ ଯୋଗ୍ୟ ଶିକ୍ଷକ ନିଯୁକ୍ତ କରୁଥିବା ଏବଂ ଶିକ୍ଷାର ଉପଯୁକ୍ତ ମାନ ରକ୍ଷା କରୁଥିବା ସ୍କୁଲ ଓ କଲେଜଗୁଡିକୁ ଅନୁଦାନ ଦିଆଯିବ ।

୭ । ପ୍ରତ୍ୟେକ ପ୍ରଦେଶରେ ଶିକ୍ଷାବିଭାଗରେ ଜଣେ ଲେଖାଁଏ ନର୍ଦ୍ଦେଶକ ନିଯୁକ୍ତି ପାଇବେ । ସେ ଶିକ୍ଷାବିଭାଗର କାର୍ଯ୍ୟ ଓ ଶିକ୍ଷାର ମାନଦଣ୍ଡ ନିରୂପଣ କରିବେ ଏବଂ ସରକାରଙ୍କୁ ଏହା ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପ୍ରଦାନ କରିବେ ।

୮ । ଲଣ୍ଡନ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ କଲିକତା, ବମ୍ବେ ଓ ମାଡ୍ରାସଠାରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା କରାଯିବ । ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଗୋଟିଏ ସିନେଟ, ଜଣେ ଚାନ୍‌ସେଲର, ଜଣେ ଭାଇସ୍-ଚାନ୍‌ସେଲର ଏବଂ ଫେଲୋମାନେ ରହିବେ । ବିଶ୍ୱବିଦ୍ୟାଳୟମାନ ପରୀକ୍ଷା ପରିଚାଳନା ଓ ଡିଗ୍ରୀ ପ୍ରଦାନ କରିବେ । ଶିକ୍ଷାର ବିଭିନ୍ନ ବିଭାଗରେ ପ୍ରଫେସରମାନେ ରହିପାରିବେ ।

୯ । ଉଡ୍‌ଙ୍କ ସନନ୍ଦ ଧନ୍ଦାମୂଳକ ଶିକ୍ଷାଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା ଏବଂ ବୈଷୟିକ ଶିକ୍ଷା ନିମିତ୍ତ ସ୍କୁଲ ଓ କଲେଜ ଖୋଲିବାର ଆବଶ୍ୟକତା ଦର୍ଶାଇଥିଲା ।

୧୦ । ଶିକ୍ଷକ ପ୍ରଶିକ୍ଷଣର ବ୍ୟବସ୍ଥା ଓ ଟ୍ରେନିଂ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଉଡ୍ ଅନୁମୋଦନ କରିଥିଲେ ।

୧୧ । ନାରୀଶିକ୍ଷାକୁ ଉତ୍ସାହିତ କରାଯିବା ଏବଂ ସେଥିପାଇଁ ସ୍ୱତନ୍ତ୍ର ସୁବିଧାମାନ ଯୋଗାଇ ଦିଆଯିବାର ଧାର୍ଯ୍ୟ କରାଗଲା ।

୧୨ । ଜନସାଧାରଣଙ୍କୁ ଶିକ୍ଷାପ୍ରତି ଉତ୍ସାହିତ କରିବା ନିମିତ୍ତ ବୃତ୍ତି ପ୍ରଦାନ କରିବାର ସୁବିଧା କରାଗଲା ।

ଉଡ୍‌ଙ୍କ ସନନ୍ଦକୁ ବିଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରାଯାଇଛି । ଏହା ଥିଲା ଇଂରେଜୀ ଢାଞ୍ଚାର ଦାସତ୍ୱର ଏକ ଅନୁସରଣ, ଏକ ସୁଫଳ ଓ କୁଫଳ ମିଶ୍ରିତ ସନନ୍ଦ ।

ସୁଫଳ (Advantages) :

ଉଡ୍‌ଙ୍କ ସନନ୍ଦକୁ ସରକାର ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ନିମିତ୍ତ ଚେଷ୍ଟା କରିଥିଲେ । ପ୍ରତ୍ୟେକ ପ୍ରଦେଶରେ ଶିକ୍ଷା ବିଭାଗ ଖୋଲିଥିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ କଲିକତା, ବମ୍ବେ ଓ ମାଡ୍ରାସଠାରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠିତ ହୋଇଥିଲା । ଘରୋଇ ଓ ମିସିଓନାରୀ କଲେଜଗୁଡ଼ିକରେ ସରକାରଙ୍କ ଦ୍ୱାରା ଶିକ୍ଷାଦାନ କରାଗଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ମୁସଲମାନ୍‌ମାନଙ୍କ ପାଇଁ ଆଲିଗଡଠାରେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ୧୮୭୮ ରେ ଏହାକୁ କଲେଜକୁ ପରିବର୍ତ୍ତନ କରାଗଲା । ବୈଷୟିକ ଶିକ୍ଷାଦାନ ବେକାରୀ ସମସ୍ୟା ଦୂରୀକରଣ ଦିଗରେ ସହାୟକ ହୋଇଥିଲା । ଏହାଦ୍ୱାରା ଭାରତୀୟ କୁଟୀରଶିଳ୍ପର ମଧ୍ୟ ବିକାଶ ସାଧନ କରାଯାଇପାରିଥିଲା । ବୃତ୍ତିଦାନ ବ୍ୟବସ୍ଥା ଥିବାରୁ ଭାରତୀୟ ଛାତ୍ରମାନେ ଶିକ୍ଷାଲାଭ କରିବା ନିମିତ୍ତ ଆଗ୍ରହୀ ହୋଇପଡିଥିଲେ । ୧୮୭୦ ପରେ ନାରୀଶିକ୍ଷା ପ୍ରତି ମାଡ୍ରାସ ଓ ବମ୍ବେ ସରକାର ଆଗ୍ରହ ପ୍ରକାଶ କରିଥିଲେ । ବେଥୁନ(Bethune)ଙ୍କ ଉଦ୍ୟମରେ ଆଧୁନିକ ଶୈଳୀରେ ବାଳିକା ବିଦ୍ୟାଳୟମାନ ସ୍ଥାପନ କରାଯାଇଥିଲା । ବାଳିକା ବିଦ୍ୟାଳୟଗୁଡ଼ିକୁ ସରକାର ଅନୁଦାନ ଦେବା ଓ ତଦାରଖ କରିବା ବ୍ୟବସ୍ଥା କରିଥିଲେ । ଶିକ୍ଷାବିଭାଗକୁ ପରିଚାଳନା କରିବା ନିମିତ୍ତ ପ୍ରତ୍ୟେକ ପ୍ରଦେଶକୁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଗଲା ।

କୁଫଳ (Disadvantages) :

ପ୍ରଫେସର ଡଡଉଏଲ୍ ଉଡ୍‌ଙ୍କ ସନନ୍ଦକୁ ସମାଲୋଚନା କରି କହିଛନ୍ତି ଯେ- "ଏହି ବିଭାଗ ଦାୟିତ୍ୱରେ ଥିବା ଲୋକମାନେ ମୁଖ୍ୟତଃ ପ୍ରଶାସକ ଥିଲେ ଏବଂ ପରିଣାମ ସ୍ୱରୂପ ଶିକ୍ଷାରେ ହେବାକୁ ଥିଲା ଏକ ମାମୁଲି ଶାସନ ।"

ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ବ୍ୟବସ୍ଥା ନଥିଲା, ଏଗୁଡ଼ିକ କେବଳ ପରୀକ୍ଷା ନିୟନ୍ତ୍ରଣ କରୁଥିଲେ । ନାରୀ, ମୁସଲମାନ୍ ଓ ନିମ୍ନଜାତିର ଲୋକମାନେ ଆଶାନୁରୂପ ଶିକ୍ଷାଲାଭ କରିପାରିନଥିଲେ । ଭାରତୀୟମାନେ ଚାକିରି ପାଇବା ଉଦ୍ଦେଶ୍ୟରେ ଇଂରେଜୀ ଶିକ୍ଷା ପ୍ରତି ଆଗ୍ରହୀ ହୋଇଥିଲେ, ଫଳରେ ଭାରତରେ ପାରମ୍ପରିକ ଶିକ୍ଷାଧାରା ଅବହେଳିତ ହୋଇଥିଲା । ଭାରତୀୟ ଜ୍ଞାନ, ବିଜ୍ଞାନ ଏବଂ ସାହିତ୍ୟକୁ ଇଉରୋପୀୟ ଜ୍ଞାନ ତୁଳନାରେ ନିକୃଷ୍ଟ ବୋଲି ଧରାଯାଉଥିଲା ।

ଧର୍ମନିରପେକ୍ଷତାକୁ ଗୁରୁତ୍ୱ ପ୍ରଦାନ କରାଯାଉଥିଲା; ମାତ୍ର ବାସ୍ତବ କ୍ଷେତ୍ରରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଥିଲା । ଏପରିକି ଶିକ୍ଷାନୁଷ୍ଠାନଗୁଡ଼ିକରେ ବାଇବେଲ୍ ରଖିବାର ବ୍ୟବସ୍ଥା ଥିଲା ।

ପୂର୍ବୋକ୍ତ ସମାଲୋଚନା ସତ୍ତ୍ୱେ ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଉଡ୍‌ଙ୍କ ସନନ୍ଦ ଫଳରେ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତି ଭାରତ ମାଟିରେ ପଚାଶ ବର୍ଷଧରି ଚାଲିଥିଲା । ଭାରତୀୟମାନେ ଶିକ୍ଷାକ୍ଷେତ୍ରରେ ଯଥେଷ୍ଟ ପ୍ରୋତ୍ସାହିତ ହୋଇଥିଲେ । ଉଦାହରଣସ୍ୱରୂପ, ଉଡ୍‌ଙ୍କ ଶିକ୍ଷା ସଂସ୍କାର ଯୋଗୁଁ ୧୮୮୨ ବେଳକୁ ସେକେଣ୍ଡାରୀ ସ୍କୁଲଗୁଡ଼ିକର ସଂଖ୍ୟା ଅନେକ ଗୁଣରେ ବଢ଼ିଯାଇଥିଲା । ପ୍ରାୟ ଦୁଇ ନିୟୁତ ଛାତ୍ର ସେହି ସ୍କୁଲଗୁଡ଼ିକରେ ଶିକ୍ଷାଲାଭ କରୁଥିଲେ ।

ଡବ୍ଲ୍ୟୁ. ଡବ୍ଲ୍ୟୁ. ହଣ୍ଟର କମିଶନ, ୧୮୮୨

(W.W. Hunter Commission, 1882)

୧୮୮୦ ଖ୍ରୀଷ୍ଟାବ୍ଦରେ ଲର୍ଡ ରିପନ ଭାରତକୁ ବଡଲାଟ ହୋଇ ଆସିଥିଲେ । ବେଣ୍ଟିଙ୍କଙ୍କ ସମୟରୁ ଆରମ୍ଭ ହୋଇଥିବା ଉଦାରବାଦଯୁଗର ସେ ଥିଲେ ଜଣେ ଲୋକହିତୈଷୀ ବଡଲାଟ । ଲର୍ଡ ବେଣ୍ଟିକ୍ ଓ ଲର୍ଡ ଡ୍ୟାଲହାଉସୀଙ୍କ ଶିକ୍ଷାନୀତି ଭାରତୀୟମାନଙ୍କ ଶିକ୍ଷାର ପ୍ରଗତିରେ ଆଂଶାନୁରୂପ ସଫଳତା ଆଣିପାରିନଥିଲା । ରିପନ ଶିକ୍ଷାକ୍ଷେତ୍ରରେ ଅଧିକତମ ସଂସ୍କାର ଆଣିବା ପାଇଁ ହଣ୍ଟର କମିଶନ ବସାଇ ଥିଲେ ।

କମିଶନର ଆବଶ୍ୟକତା :

୧୮୫୪ର ଉଡ୍ ସନନ୍ଦ କାର୍ଯ୍ୟକାରୀ ହେବା ପରଠାରୁ ଭାରତରେ କିପରି ଶିକ୍ଷାର ଅଗ୍ରଗତି ଘଟିଛି ତାହାକୁ ପୁନଃ ପରୀକ୍ଷା କରିବା ପାଇଁ ସରକାର ଚାହୁଁଥିଲେ । ଇଂଲଣ୍ଡରେ ଧର୍ମପ୍ରଚାରକମାନେ ମଧ୍ୟ ପ୍ରଚାର କରୁଥିଲେ ଯେ ଭାରତରେ ଶିକ୍ଷାପଦ୍ଧତି ଉଡ୍ ସନନ୍ଦ ଅନୁଯାୟୀ କାର୍ଯ୍ୟକାରୀ ହେଉନାହିଁ । ଏହିପରି ଅବସ୍ଥାରେ ଆହୂତ ହୋଇଥିଲା ହଣ୍ଟର କମିଶନ । କମିଶନର ଅଧ୍ୟକ୍ଷ ଥିଲେ ଡବ୍ଲ୍ୟୁ.ଡବ୍ଲ୍ୟୁ. ହଣ୍ଟର । ହଣ୍ଟର କମିଶନ ଭାରତର ଶିକ୍ଷାକୁ ପୁନର୍ଗଠନ କରିବା ନିମିତ୍ତ ଏହାର ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ । କୁହାଯାଇଥିଲା ଯେ, "ଯଦି ସମ୍ଭବ ସାଧାରଣ ଶିକ୍ଷାର ବିଭିନ୍ନ ବିଭାଗଗୁଡ଼ିକ ଏକସଙ୍ଗରେ ଏବଂ ପୂର୍ବାପେକ୍ଷା ଅଧିକତର ସମାନ ପଦକ୍ଷେପରେ ଆଗେଇ ନିଆଯିବା ଉଚିତ । ତେଣୁ ଅନୁସନ୍ଧାନ କମିଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମଗ୍ର ଭାରତ ସାମ୍ରାଜ୍ୟରେ ପ୍ରଚଳିତ ପ୍ରାଥମିକ ଶିକ୍ଷା ଅବସ୍ଥା ପ୍ରତି ଦୃଷ୍ଟିଦେବା ଓ ଉପାୟ ବାହାର କରିବା, ଯାହାଦ୍ୱାରା ଏହାକୁ ପ୍ରସାରିତ ଓ ଉନ୍ନତ କରାଯାଇପାରିବ ।" ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ସାଧାରଣ କାର୍ଯ୍ୟ ଅନୁସନ୍ଧାନ କରିବା କମିଶନ ପାଇଁ ଆବଶ୍ୟକ ନଥିଲା । ତେଣୁ କମିଶନର ସୁପାରିସ ଉଚ୍ଚ ମାଧ୍ୟମିକ ଓ ପ୍ରାଇମେରୀ ଶିକ୍ଷା ମଧ୍ୟରେ ସୀମିତ ଥିଲା । କମିଶନର ମୋଟ ୨୧ ଜଣ ସଭ୍ୟଙ୍କ ମଧ୍ୟରୁ ୭ ଜଣ ଥିଲେ ଭାରତୀୟ । କମିଶନ ସମସ୍ତ ପ୍ରଦେଶ ଭ୍ରମଣ କରିଥିଲେ ଏବଂ ୨୦୦ ରୁ ଅଧିକ ପ୍ରସ୍ତାବ ଗ୍ରହଣ କରିଥିଲେ ।

୧୮୮୨ ରେ ହଣ୍ଟର କମିଶନ ତାହାର ସୁଚିନ୍ତିତ ସୁପାରିସମାନ ପ୍ରକାଶ କରିଥିଲା । କେତୋଟି ମୁଖ୍ୟ ସୁପାରିସ ଥିଲା ଏହିପରି-

୧ । କମିଶନ ଅନୁଭବ କରିଥିଲା ଯେ ପ୍ରାଥମିକ ଶିକ୍ଷା ପଛରେ ପଡିରହିଛି, ତେଣୁ ଏହାକୁ ଉତ୍ସାହିତ କରିବା ପାଇଁ ପ୍ରାଦେଶିକ ସରକାରୀ ଆୟରୁ କିଛି ଅଂଶ ଏଥିପାଇଁ ବ୍ୟୟ କରାଯିବ । ପ୍ରାଥମିକ ସ୍କୁଲଗୁଡିକ ମ୍ୟୁନିସିପାଲ ଏବଂ ଜିଲ୍ଲାବୋର୍ଡ କିମ୍ବା ଅନ୍ୟାନ୍ୟ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯିବ । ସରକାର ସ୍କୁଲଗୁଡିକର ପରିଦର୍ଶନ ଓ ତତ୍ତ୍ୱାବଧାନ ଦାୟିତ୍ୱରେ ରହିବେ । ସ୍ଥାନୀୟ ବୋର୍ଡଗୁଡିକ ଶିକ୍ଷାର ଉନ୍ନତି ପାଇଁ ଶୁଳ୍କ ଆଦାୟ କରିବାର କ୍ଷମତା ପାଇବେ ।

୨ । ଉଚ୍ଚ ମାଧ୍ୟମିକ ଶିକ୍ଷାର ଉନ୍ନତିରେ କମିଶନ ସନ୍ତୋଷଲାଭ କରିଥିଲେ । ତେଣୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡିକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯିବ; ମାତ୍ର ଘରୋଇ ସାହାଯ୍ୟ ଓ ସହଯୋଗ ମିଳିନଥିବା ସ୍ଥାନରେ ସରକାରୀ ସ୍କୁଲମାନ ସ୍ଥାପନ କରାଯିବ । ଶିକ୍ଷାର ମାନ ହ୍ରାସ ନ ହେବା ପାଇଁ ସରକାର ସ୍କୁଲଗୁଡିକୁ ପ୍ରତ୍ୟକ୍ଷଭାବରେ ନିୟନ୍ତ୍ରଣ କରିବେ ।

୩ । କମିଶନର ଅନୁମୋଦନ ଅନୁଯାୟୀ ଉଚ୍ଚ ମାଧମିକ ଶିକ୍ଷାରେ ଦୁଇଟି ପାଠ୍ୟକ୍ରମର ବ୍ୟବସ୍ଥା ରହିବ । ଗୋଟିଏ ହେବ ସାହିତ୍ୟିକ ଶିକ୍ଷା, ଯାହା ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଉଦ୍ଦିଷ୍ଟ ହେବ ଏବଂ ଅନ୍ୟଟି ହେବ ଧନ୍ଦାମୂଳକ ଶିକ୍ଷା, ଯାହା ଛାତ୍ରମାନଙ୍କୁ ବ୍ୟବସାୟିକ ଓ ବୃତ୍ତିଗତ ଜୀବିକା ପାଇଁ ପ୍ରସ୍ତୁତ କରିବ ।

୪ । ଶିକ୍ଷାକ୍ଷେତ୍ରରେ ଘରୋଇ ଉଦ୍ୟୋଗକୁ ଉତ୍ସାହିତ କରିବା ପାଇଁ ସରକାର ଅନୁଦାନ ବ୍ୟବସ୍ଥା ବୃଦ୍ଧି କରିବେ ଏବଂ ଉଦାରୀକରଣ ନୀତି ଗ୍ରହଣ କରିବେ । ସରକାରୀ ଅନୁଷ୍ଠାନଗୁଡିକ ସହିତ ସମାନ କରାଯାଇ ସାହାଯ୍ୟପ୍ରାପ୍ତ ସ୍କୁଲଗୁଡିକୁ ସ୍ୱୀକୃତି ପ୍ରଦାନ କରାଯିବ । ଯେତେ ଶୀଘ୍ର ପାରନ୍ତି ସରକାର ଉଚ୍ଚ ମାଧମିକ ଓ ମହାବିଦ୍ୟାଳୟର ପରିଚାଳନାରୁ ଓହରିଆସିବେ ।

୫ । ସାହାଯ୍ୟପ୍ରାପ୍ତ ସ୍କୁଲ ଓ କଲେଜଗୁଡ଼ିକ ସରକାରୀ ଅନୁଷ୍ଠାନମାନଙ୍କ ଠାରୁ କମ୍ ଫିସ୍ ଆଦାୟ କରିବେ । ଇଉରୋପୀୟ ବିଶ୍ୱବିଦ୍ୟାଳୟଗୁଡିକରେ ଶିକ୍ଷାଲାଭ କରିଥିବା ଭାରତୀୟ ଗ୍ରାଜୁଏଟ୍‌ମାନଙ୍କୁ ସେମାନେ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବେ ।

୬ । ନାରୀଶିକ୍ଷାର ବିକାଶ ନିମିତ୍ତ କମିଶନ ଗୁରୁତ୍ୱ ଆରୋପ କରିଥିଲେ । ତେଣୁ ନାରୀମାନଙ୍କୁ ମାଗଣାରେ ଶିକ୍ଷା ଦିଆଯିବ ଏବଂ ବାଳିକା ଅନୁଷ୍ଠାନଗୁଡିକରେ ଛାତ୍ରୀନିବାସ ଗଢାଯିବ ।

୭ । ଅବହେଳିତ ହୋଇପଡିଥିବା ବ୍ୟାୟାମ ଶିକ୍ଷାପ୍ରତି ସରକାର ଦୃଷ୍ଟି ଦେବାକୁ କମିଶନ ଅନୁମୋଦନ କରିଥିଲେ ।

୮ । ମୁସଲମାନ୍‌ଶିକ୍ଷାର ବିକାଶ ନିମିତ୍ତ କମିଶନ ସୁପାରିସ କଲା । ମୁସଲମାନ୍ ଛାତ୍ରମାନଙ୍କୁ ବୃତ୍ତି ଦେବାର ବ୍ୟବସ୍ଥା କରାଯିବ । ମୁସଲମାନ୍ ବସ୍ତିରେ ଗଢିଉଠିଥିବା ମଧ୍ୟଇଂରାଜୀ ଓ ଉଚ୍ଚଇଂରାଜୀ ସ୍କୁଲମାନଙ୍କରେ ଉର୍ଦ୍ଦୁ ଓ ପାର୍ଶୀ ଭାଷାରେ ଶିକ୍ଷାଦାନ କରାଯିବ ।

୯ । ହରିଜନ, ଅନୁନ୍ନତ ଶ୍ରେଣୀ ଓ ପାହାଡ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସ୍ୱତନ୍ତ୍ର ଭାବରେ ଶିକ୍ଷାଦାନ ପାଇଁ କମିଶନ ଅନୁମୋଦନ କରିଥିଲେ ।

୧୦ । ଛାତ୍ରମାନଙ୍କର ନୈତିକ ଶିକ୍ଷା ଉପରେ କମିଶନ ଗୁରୁତ୍ୱ ଆରୋପ କରିଥିଲେ; କିନ୍ତୁ ଏହା ଧର୍ମଶିକ୍ଷାକୁ ଦୃଢଭାବରେ ବିରୋଧ କରିଥିଲେ । ନୈତିକ ଶିକ୍ଷା ସମ୍ବଳିତ ପାଠ୍ୟପୁସ୍ତକ ପ୍ରସ୍ତୁତ-କରିବାରେ କମିଶନ ଆଗ୍ରହ ପ୍ରକାଶ କରିଥିଲେ ।

ହଣ୍ଟର କମିଶନ ଶିକ୍ଷାକ୍ଷେତ୍ରରେ ଭାରତୀୟମାନଙ୍କ ପାଇଁ ଏହିପରି ଏକ ନୂତନ ସନ୍ଦେଶ ଆଣିଥିଲେ । ଏସ୍. ସି. ରାୟ ଚୌଧୁରୀଙ୍କ ଭାଷାରେ, "ସଂକ୍ଷେପରେ ଦେଶୀୟ ଶିକ୍ଷାକୁ ଉତ୍ସାହ ପ୍ରଦାନ, ଘରୋଇ ଉଦ୍ୟୋଗ ପ୍ରତି ଅଧିକ ବିଶ୍ୱାସ ଆରୋପ ଏବଂ ସରକାରଙ୍କ ନିୟନ୍ତ୍ରଣ କ୍ରମଶଃ ପ୍ରତ୍ୟାହାର ଦ୍ୱାରା ଭାରତୀୟ ଶିକ୍ଷକମାନଙ୍କୁ ଅଧିକ ନିଯୁକ୍ତି ଦେଇ ଶିକ୍ଷାକୁ ଭାରତୀୟ କରିବାରେ ହଣ୍ଟର କମିଶନ ଅନୁମୋଦନ କରିଥିଲେ ।"

ହଣ୍ଟର କମିଶନ ସୁପାରିସରେ ରହିଗଲା ଅନେକ ସୁଫଳ ଏବଂ କୁଫଳ ।

ସୁଫଳ (Advantages) :

କମିଶନଙ୍କ ଅଧିକାଂଶ ସୁପାରିସ ସରକାର ଗ୍ରହଣ କରିଥିଲେ । ଘରୋଇ ସଂସ୍ଥାକୁ ନିୟନ୍ତ୍ରଣ, ହସ୍ତାନ୍ତର ଓ ଶିକ୍ଷାକୁ ଭାରତୀୟ କରିବା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରସଂଖ୍ୟା ବୃଦ୍ଧି ହୋଇଥିଲା । ଭାରତୀୟ ଲୋକହିତୈଷୀମାନେ ମଧ ଭାରତୀୟ ଶିକ୍ଷାକୁ ଯଥେଷ୍ଟ ଆଗେଇ ନେଇଥିଲେ । ଦେଶର ବିଭିନ୍ନ ପ୍ରାନ୍ତରେ କର୍ତ୍ତୃତ୍ୱ ଜାରି କରୁଥିବା ଅନୁଷ୍ଠାନ (Dominational Institution) ଗଢିଉଠିଥିଲା । ସେଗୁଡିକ କେବଳ ପାଶ୍ଚାତ୍ୟ ଶିକ୍ଷାଦାନ କରିନଥିଲେ, ଭାରତୀୟ ଶିକ୍ଷାକୁ ମଧ ଉତ୍ସାହିତ କଲେ । ସ୍କୁଲ ଗୁଡିକରେ ଦେଶୀୟ ଗଣିତ, ହିସାବ, କ୍ରୀଡା, ଡ୍ରିଲ୍, ଜମି ଜରିବ ପାଠ୍ୟକ୍ରମ ପ୍ରବର୍ତ୍ତିତ ହେବା ଦ୍ୱାରା ଭାରତୀୟମାନେ ଦେଶୀୟ ଶିକ୍ଷାପ୍ରତି ଉତ୍ସାହିତ ହୋଇଥିଲେ । ପ୍ରାଥମିକ ଶିକ୍ଷାରେ ମାତୃଭାଷାର ଉନ୍ନତି ସାଧନ ହୋଇଥିଲା । ଭାରତୀୟମାନଙ୍କର ଜାତୀୟତାକୁ ମଧ୍ୟ କମିଶନର ସୁପାରିସ ଉତ୍ସାହ ପ୍ରଦାନ କରିଥିଲା ।

କୁଫଳ (Disadvantages) :

କିନ୍ତୁ ୧୮୮୨ ଓ ୧୯୦୧ ମଧ୍ୟରେ ଭାରତରେ ପ୍ରଚଳିତ ଶିକ୍ଷାପଦ୍ଧତିରେ ଅନେକ ତ୍ରୁଟି ରହିଥିଲା । ଏହା ସାହିତ୍ୟିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥିଲା, ତେଣୁ ବୈଷୟିକ ଶିକ୍ଷାର ବିକାଶ ଘଟିନଥିଲା । ଏହି ଶିକ୍ଷା ଅନେକ କିରାଣି ସୃଷ୍ଟିକରିଥିଲା । ଏପରି ପରିସ୍ଥିତି ଆସିଲା ଯେ ଶିକ୍ଷିତ ଯୁବକମାନେ ବେକାର ହୋଇ ବସି ରହିଲେ । ନୈତିକ ଶିକ୍ଷା ମଧ୍ୟ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଲା ନାହିଁ । ଘରୋଇ ଉଦ୍ୟୋଗରେ ଗଢ଼ିଉଠୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାର ମାନ ଠିକ୍‌ରୂପେ ରକ୍ଷା କରାଯାଇପାରିଲା ନାହିଁ । ବେସରକାରୀ ନିୟନ୍ତ୍ରଣରେ ଥିବା ଅନୁଷ୍ଠାନଗୁଡ଼ିକରେ ନ୍ୟସ୍ତ ସ୍ୱାର୍ଥ ଦେଖାଯାଇଥିଲା ।

ଏହିପରି ହଣ୍ଟର କମିଶନର ସୁପାରିସ ଭାରତୀୟ ଶିକ୍ଷା ଇତିହାସରେ ଏକ ମାଇଲ ସ୍ତମ୍ଭ ସୃଷ୍ଟିକରିଥିଲା ।

ଲର୍ଡ କର୍ଜନଙ୍କ ଶିକ୍ଷାନୀତି (Lord Curzon's Educational Policy) :

୧୮୯୯ ଖ୍ରୀଷ୍ଟାବ୍ଦରେ ଲର୍ଡ କର୍ଜନ ଭାରତରେ ଭାଇସରାୟ ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସେ ଅନୁଭବ କରିଥିଲେ ଯେ ଭାରତରେ ଯଥାର୍ଥ ଭାବରେ ଶିକ୍ଷାର ବିକାଶ ଘଟୁନାହିଁ ଏବଂ ଘରୋଇ ପରିଚାଳନା ଯୋଗୁଁ ସ୍କୁଲ ଓ କଲେଜଗୁଡ଼ିକରେ ବିଶୃଙ୍ଖଳା ସୃଷ୍ଟିହେଉଛି । ଏହାଦ୍ୱାରା ଶିକ୍ଷାର ମାନ ହ୍ରାସ ହେଉଛି । ଇଂରେଜୀ ଢାଞ୍ଚାର 'ଦାସ ଅନୁକରଣ' ଏବଂ ଏକ 'ଓଲଟା ପିରାମିଡ'(Inverted Pyramid) ଗଢ଼ି ମ୍ୟାକ୍‌ଲେଙ୍କ ବିରାଟ ତ୍ରୁଟି ଓ ଭାରତର ଦେଶୀୟ ଭାଷା ବିରୋଧରେ ତାଙ୍କର କୁ-ସଂସ୍କାର ଏସବୁ କର୍ଜନଙ୍କୁ ଦୁଃଖିତ କରିଥିଲା । ନିମ୍ନମାନର ଶିକ୍ଷକଙ୍କୁ ଦେଖି ସେ ମତ ଦେଲେ ଯେ ସେମାନେ ହେଉଛନ୍ତି, "ଏକ ଶ୍ରେଣୀର କ୍ରେତାଙ୍କୁ ନିର୍ଦ୍ଦିଷ୍ଟ ବିଷୟମାନଙ୍କର ସାମାନ୍ୟ ସରବରାହକାରୀ ।" ଶିକ୍ଷା ଉପରେ ସରକାରଙ୍କର ନିୟନ୍ତ୍ରଣ ରହିବା ଉଚିତ ବୋଲି ସେ ମତ ଦେଲେ ।

୧୯୦୧ ସେପ୍ଟେମ୍ବର ମାସରେ କର୍ଜନ ସମଗ୍ର ଭାରତର ଶିକ୍ଷା ଅଧିକାରୀ ଏବଂ ବିଶ୍ୱବିଦ୍ୟାଳୟମାନଙ୍କର ପ୍ରତିନିଧିମାନଙ୍କୁ ଡାକି ସିମଲାଠାରେ ଏକ ସଭାରେ ମିଳିତ ହୋଇଥିଲେ । ସେ କହିଥିଲେ, "ଆମ୍ଭେମାନେ ଏଠାରେ ଏକତ୍ରିତ ହୋଇନାହୁଁ ଶିକ୍ଷା ସଂସ୍କାରର ଏକ ନୂତନ ଛାପର ଖସଡା ଉଦ୍ଭାବନ କରିବାକୁ, ଯାହା ସମ୍ପୂର୍ଣ୍ଣ ସଶସ୍ତ୍ର ହୋଇ ଘରୋଇ ବିଭାଗର ମୁଖ୍ୟଙ୍କ ଠାରୁ ଉଦ୍‌ଗତ ହେବ ଏବଂ ଭାରତର ଜନସାଧାରଣଙ୍କ ଉପରେ ଇଚ୍ଛା ବା ଅନିଚ୍ଛା ସତ୍ତ୍ୱେ ଲଦି ଦିଆଯିବ ।" ସଭାରେ ୧୫୦ଟି ପ୍ରସ୍ତାବ ଗ୍ରହଣ କରାଯାଇଥିଲା, ଯାହା ଶିକ୍ଷାର ପ୍ରାୟ ସମସ୍ତ ବିଭାଗକୁ ସ୍ପର୍ଶ କରିଥିଲା ।

ରାଲେ କମିଶନ : ଏହାପରେ କର୍ଜନ ୧୯୦୨ ଖ୍ରୀଷ୍ଟାବ୍ଦରେ ଏକ କମିଶନ ବସାଇଥିଲେ । କମିଶନର ଅଧ୍ୟକ୍ଷ ଥିଲେ ଟୋମାସ୍ ରାଲେ । ରାଲେ ଥିଲେ ଭାଇସରାୟ

କାଉନସିଲ୍‌ର ଆଇନ ସଭ୍ୟ । ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କର ଅବସ୍ଥା ଓ ଭବିଷ୍ୟତ ଉନ୍ନତି ସମ୍ପର୍କରେ ଅନୁସନ୍ଧାନ କରିବା ଏବଂ ସେମାନଙ୍କର ସମ୍ବିଧାନ ଓ କାର୍ଯ୍ୟକଳାପ କିପରି ଉନ୍ନତ କରାଯାଇପାରିବ ସେହି ବିଷୟରେ ସୁପାରିସ କରିବା ଥିଲା କମିଶନଙ୍କ ଦାୟିତ୍ୱ । ତେଣୁ କମିଶନଙ୍କ ପ୍ରାଥମିକ ବା ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ବନ୍ଧରେ ତଥ୍ୟ ଯୋଗାଇବା ଆବଶ୍ୟକ ନଥିଲା । ୧୯୦୨ ଜୁନ୍ ମାସରେ କମିଶନ ତାଙ୍କର ସୁପାରିସ ପ୍ରକାଶ କରିଥିଲେ । କେତୋଟି ପ୍ରଧାନ ପ୍ରଧାନ ସୁପାରିସ ନିମ୍ନରେ ପ୍ରଦାନ କରାଗଲା ।

୧ । ବିଶ୍ୱବିଦ୍ୟାଳୟମାନଙ୍କର ଆଇନଗତ କ୍ଷମତା ବୃଦ୍ଧି କରାଯିବ ଏବଂ ସେଗୁଡ଼ିକ ଶିକ୍ଷାଦାନର ଅନୁଷ୍ଠାନ ରୂପେ ସ୍ୱୀକୃତି ପାଇବ ।

୨ । ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କ୍ଷେତ୍ରାଧିକାର ସ୍ପଷ୍ଟ ଭାବରେ ଚିହ୍ନିତ ହେବ ।

୩ । କଲେଜ ସହବନ୍ଧନ ପାଇଁ ସର୍ତ୍ତଗୁଡ଼ିକ ଖୁବ୍ କଠୋର ହେବ ଏବଂ ଏହି ସର୍ତ୍ତଗୁଡ଼ିକ ଯଥାଯଥ ଭାବରେ ପାଳନ କରାଯିବ ।

୪ । କଲେଜର ପରିଚାଳନା ପାଇଁ ପ୍ରତ୍ୟେକ କଲେଜରେ ଗୋଟିଏ ଲେଖାଏଁ ପରିଚାଳନା କମିଟି ରହିବ ।

୫ । ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍ ଓ ବିଭାଗଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯିବ ଏବଂ ସେଗୁଡ଼ିକ ଅଧିକତର ପ୍ରତିନିଧିମୂଳକ ହେବ ।

୬ । ଛାତ୍ରମାନଙ୍କର ଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।

ରାଲେ କମିଶନଙ୍କ ସୁପାରିସ ଉପରେ କର୍ଜନ ୧୯୦୪ ଖ୍ରୀଷ୍ଟାବ୍ଦରେ ଭାରତୀୟ 'ବିଶ୍ୱବିଦ୍ୟାଳୟ ଆଇନ'(University Act) ପ୍ରଣୟନ କରିଥିଲେ ।

ବିଶ୍ୱବିଦ୍ୟାଳୟ ଆଇନ :

୧ । ବିଶ୍ୱବିଦ୍ୟାଳୟ ସିନେଟ୍‌ର ଆକାର ହ୍ରାସ କରାଯିବ । ସେଥିରେ ରହିବେ ସର୍ବନିମ୍ନ ୫୦ ଜଣ ଓ ସର୍ବୋଚ୍ଚ ୧୦୦ ଜଣ ସଭ୍ୟ । ସିନେଟ୍‌ର ସଭ୍ୟମାନଙ୍କର କାର୍ଯ୍ୟକାଳ ହେବ ଛ' ବର୍ଷ । ବିଶ୍ୱବିଦ୍ୟାଳୟର ଅଧିକାଂଶ ସଭ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ ।

୨ । ବିଶ୍ୱବିଦ୍ୟାଳୟ ଉପରେ ସରକାରଙ୍କ ନିୟନ୍ତ୍ରଣ ବୃଦ୍ଧି ହେବ । ବିଶ୍ୱ ବିଦ୍ୟାଳୟର ସିନେଟ୍ ଦ୍ୱାରା ବିଧିବଦ୍ଧ ହୋଇଥିବା ବ୍ୟବସ୍ଥା ଉପରେ ସରକାରଙ୍କର ଭିଟୋ ପ୍ରୟୋଗ କରିବା କ୍ଷମତା ରହିବ । ସରକାର ଚାହିଁଲେ ସିନେଟ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ବ୍ୟବସ୍ଥାଗୁଡ଼ିକ ପରିବର୍ତ୍ତନ କରିପାରିବେ ବା ସେଥିରେ କିଛି

ଯୋଗକରିପାରିବେ । ଏପରିକି ସରକାର ନିଜେ ବିଶ୍ୱବିଦ୍ୟାଳୟଗୁଡିକ ପାଇଁ ବ୍ୟବସ୍ଥାମାନ ପ୍ରସ୍ତୁତ କରିପାରିବେ ।

୩ । ବିଶ୍ୱବିଦ୍ୟାଳୟଗୁଡିକର କ୍ଷମତା ମଧ୍ୟ ବୃଦ୍ଧି କରାଗଲା । ବିଶ୍ୱବିଦ୍ୟାଳୟଗୁଡିକ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ସ୍ଥିର ହେଲା । ସ୍ଥିର ହେଲା ଯେ ସ୍ନାତକୋତ୍ତର ଶ୍ରେଣୀରେ ଶିକ୍ଷାଦାନ କରାଯିବ ।

୪ । ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍‌କୁ ବୈଧାନିକ ସ୍ୱୀକୃତି ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ସେଥିରେ ପର୍ଯ୍ୟାପ୍ତ ଭାବରେ ପ୍ରତିନିଧିତ୍ୱ କରିବେ ।

୫ । ବେସରକାରୀ କଲେଜଗୁଡିକୁ ନିୟନ୍ତ୍ରଣ କରିବାରେ ବିଶ୍ୱବିଦ୍ୟାଳୟର କ୍ଷମତା ବୃଦ୍ଧି ହେବ । ବିଶ୍ୱବିଦ୍ୟାଳୟର ସହବନ୍ଧନ ପାଇଁ ବେସରକାରୀ କଲେଜଗୁଡିକୁ କଠୋର ସର୍ତ୍ତମାନ ମାନିବାକୁ ହେବ । ସିଣ୍ଡିକେଟ୍‌ର ସଭ୍ୟମାନେ ସାମୟିକ ଭାବରେ ବେସରକାରୀ କଲେଜଗୁଡିକୁ ପରିଦର୍ଶନ କରିବେ । କଲେଜଗୁଡିକ ଶିକ୍ଷାର ପ୍ରକୃତ ମାନ ରକ୍ଷା କରିବେ । କଲେଜଗୁଡିକ ଉପସ୍ନାତକ ଶିକ୍ଷାଦାନର ଦାୟିତ୍ୱ ଗ୍ରହଣ କରିବେ ।

୬ । ଇଣ୍ଟରମିଡିଏଟ୍ କଲେଜଗୁଡିକୁ ବନ୍ଦକରିଦିଆଯିବ ।

୭ । ବିଶ୍ୱବିଦ୍ୟାଳୟମାନଙ୍କର ଏବଂ ବିଶ୍ୱବିଦ୍ୟାଳୟମାନଙ୍କ ସହବନ୍ଧିତ କଲେଜମାନଙ୍କର ଆଞ୍ଚଳିକ ସୀମା କାଉନସିଲ୍‌ରେ ଗଭର୍ଣ୍ଣର-ଜେନେରାଲ ନିର୍ଦ୍ଧାରଣ କରିବେ ।

ଜାତୀୟବାଦୀ ନେତା ଓ ଦେଶପ୍ରେମୀ ଜନସାଧାରଣ କର୍ଜନଙ୍କ ଶିକ୍ଷାନୀତିକୁ ବିରୋଧ କଲେ, କାରଣ 'ବିଶ୍ୱବିଦ୍ୟାଳୟ ଆଇନ' ବିଶ୍ୱବିଦ୍ୟାଳୟମାନଙ୍କ ଉପରେ ସରକାରଙ୍କ କର୍ତ୍ତୃତ୍ୱ ମାତ୍ରାଧିକ ଜାହିର କରୁଥିଲା । ଜି. କେ. ଗୋଖଲେ ଏହି ଆଇନକୁ ଏକ 'ପଶ୍ଚାଦ୍‌ଗାମୀ ପଦକ୍ଷେପ' ବୋଲି ସମାଲୋଚନା କରିଥିଲେ । ୧୯୧୭ ର ସାଦଲର କମିଶନ (Sadler Commission) ସମାଲୋଚନା କରି ମତ ଦେଲେ ଯେ ୧୯୦୪ ଆଇନ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକୁ ପୃଥିବୀର ଅଧିକତମ ସମ୍ପୂର୍ଣ୍ଣ ସରକାରୀ ବିଶ୍ୱବିଦ୍ୟାଳୟକୁ ପରିଣତ କରିଦେଲା । ଭାରତୀୟମାନେ ବିଶ୍ୱାସ କଲେ ଯେ କର୍ଜନ ବିଶ୍ୱବିଦ୍ୟାଳୟଗୁଡିକୁ ରାଜ୍ୟର ଏକ ବିଭାଗ ଅବସ୍ଥାକୁ ଖସାଇ ଆଣିଥିଲେ ଏବଂ ଘରୋଇ ଉଦ୍ୟୋଗର ଶିକ୍ଷାକ୍ଷେତ୍ରରେ ଥିବା ସ୍ପୃହାକୁ ଧ୍ୱଂସ କରିଦେଲେ । ଭାଲେଣ୍ଟିନ୍ ଚିରୋଲ ଲେଖିଛନ୍ତି ଯେ ୧୯୦୪ ର ବିଶ୍ୱବିଦ୍ୟାଳୟ ଆଇନର ମୂଳଲକ୍ଷ୍ୟ ଥିଲା ବିଶ୍ୱବିଦ୍ୟାଳୟର ବ୍ୟାପାରକୁ ସରକାର ଯେପରି ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖିବେ । ଯାହାହେଉ, କର୍ଜନଙ୍କ ନୀତିର ଏକ ସୁ-ପରିଣାମ ହେଉଛି, ଉଚ୍ଚଶିକ୍ଷା ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଉନ୍ନତିକଳ୍ପେ ୧୯୦୨ ମସିହାରେ ତାଙ୍କର ବର୍ଷକୁ

୫ ଲକ୍ଷ ଟଙ୍କା ହିସାବରେ ପାଞ୍ଚବର୍ଷ ପାଇଁ ଅନୁଦାନ ପ୍ରଦାନ । ସେହିଦିନ ଠାରୁ ଏହି ବ୍ୟବସ୍ଥା ସ୍ଥାୟୀ ରୂପେ ଚଳି ଆସୁଅଛି ।

ସରକାରଙ୍କ ୧୯୧୩ର ଶିକ୍ଷାନୀତି

ସରକାରଙ୍କ ୧୯୧୩ ଶିକ୍ଷାନୀତି ଦ୍ୱାରା ବିଶ୍ୱବିଦ୍ୟାଳୟର ସହବନ୍ଧନ ପ୍ରଦାନ ଓ ପରୀକ୍ଷା ସମ୍ପର୍କୀୟ ଆଇନ ଉପରେ କଟକଣା ଲାଗୁ ହେଲା । ଏହି ନୀତି ଅନୁଯାୟୀ ଆବାସୀ ବିଶ୍ୱବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା, ଫଳରେ ଡାକା ଓ ବନାରସ ଠାରେ ବିଶ୍ୱବିଦ୍ୟାଳୟମାନ ଗଢିଉଠିଲା । ପ୍ରତ୍ୟେକ ପ୍ରଦେଶରେ ମଧ୍ୟ ବିଶ୍ୱବିଦ୍ୟାଳୟ ଖୋଲିବା ନିମିତ୍ତ ସରକାର ଆଶା ପ୍ରକାଶ କଲେ । ବାଧ୍ୟତାମୂଳକ ଶିକ୍ଷାନୀତିକୁ ସ୍ୱୀକୃତି ଦେବାପାଇଁ ସରକାର ମନାକଲେ; କିନ୍ତୁ ନିରକ୍ଷରତା ଦୂର କରିବାକୁ ସରକାର ନୀତି ଗ୍ରହଣ କଲେ । ଛାତ୍ରମାନଙ୍କର ଚରିତ୍ର ଗଠନ ଉପରେ ଜୋର ଦିଆଗଲା । ଶିକ୍ଷକମାନଙ୍କର ତାଲିମ ପାଇଁ ମଧ୍ୟ ବ୍ୟବସ୍ଥା କରାଗଲା । ଶିକ୍ଷାର ଗୁଣାତ୍ମକ ବିକାଶ ଥିଲା ୧୯୧୩ ଶିକ୍ଷାନୀତିର ଉଦ୍ଦେଶ୍ୟ ।

ସାଦଲର ବିଶ୍ୱବିଦ୍ୟାଳୟ କମିଶନ ୧୯୧୭-୧୯ (The Sadler University Commission, 1917-19)

୧୯୧୭ ଖ୍ରୀଷ୍ଟାବ୍ଦରେ ଲିଡ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ଏମ୍. ଇ. ସାଦଲରଙ୍କ ଅଧ୍ୟକ୍ଷତାରେ କଲିକତା ବିଶ୍ୱବିଦ୍ୟାଳୟର ସମସ୍ୟା ଅନୁଧ୍ୟାନ କରିବାକୁ ଗୋଟିଏ କମିଶନ ବସାଯାଇଥିଲା । ଯଦିଚ କମିଶନ କଲିକତା ବିଶ୍ୱବିଦ୍ୟାଳୟ ଉପରେ ବିବରଣୀ ପ୍ରଦାନ କରିଥିଲେ, ତଥାପି ତାହାର ଅନୁମୋଦନ ଓ ମନ୍ତବ୍ୟ ଭାରତର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡିକ ପ୍ରତି ଅଳ୍ପବହୁତେ ପ୍ରଯୁଜ୍ୟ ହୋଇଥିଲା । ଏହି କମିଶନ ସ୍କୁଲଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ତର୍ଜମା କରିଥିଲେ । କମିଶନର କେତୋଟି ପ୍ରଧାନ ପ୍ରଧାନ ଅନୁମୋଦନ ସମ୍ପର୍କରେ ନିମ୍ନରେ ବର୍ଣ୍ଣନା କରାଗଲା ।

୧ । ସ୍କୁଲ ପାଠ୍ୟକ୍ରମକୁ ୧୨ ବର୍ଷ କରିବା ପାଇଁ ଅନୁମୋଦନ କରାଗଲା । ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଇଣ୍ଟରମିଡ଼ିଏଟ୍ କଲେଜ ପରୀକ୍ଷାକୁ ଯୋଗ୍ୟତା ରୂପେ ବିଚାର କରାଯିବାର ସ୍ଥିର ହେଲା । ନୂଆ ପ୍ରକାର ଇଣ୍ଟରମିଡ଼ିଏଟ୍ କଲେଜ ଖୋଲିବାକୁ ସରକାରଙ୍କୁ କମିଶନ ସୁପାରିସ କଲେ । ଏହି କଲେଜଗୁଡିକ ସ୍ୱାଧୀନ ଭାବରେ ପରିଚାଳିତ ହେବ କିମ୍ବା ମନୋନୀତ ହାଇସ୍କୁଲଗୁଡିକ ସହିତ ସଂଯୁକ୍ତ ହେବ । ବିଶ୍ୱବିଦ୍ୟାଳୟଗୁଡିକ ପାଇଁ ଉପଯୁକ୍ତ ଛାତ୍ର ପ୍ରସ୍ତୁତ କରିବା ଥିଲା ଏପରି ସୁପାରିସର ଉଦ୍ଦେଶ୍ୟ, ଯେପରି ନିମ୍ନମାନର ଛାତ୍ର ବିଶ୍ୱବିଦ୍ୟାଳୟଗୁଡିକରେ ପ୍ରବେଶ କରି ପାରିବେ ନାହିଁ ।

୨। ତିନିବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ପ୍ରଚଳନ ନିମିତ୍ତ ଅନୁମୋଦନ କରାଗଲା। ଡିଗ୍ରୀ ଶ୍ରେଣୀରେ ଅନର୍ସ ପାଠ୍ୟକ୍ରମର ମଧ୍ୟ ବ୍ୟବସ୍ଥା ହେଲା।

୩। ଭାରତର ପୁରୁଣା ବିଶ୍ୱବିଦ୍ୟାଳୟ ସ୍ଥାନରେ କେନ୍ଦ୍ରୀୟ ଆବାସୀ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ହେଲା। କଲିକତା ବିଶ୍ୱବିଦ୍ୟାଳୟରେ ଛାତ୍ରସଂଖ୍ୟା ବୃଦ୍ଧି ଯୋଗୁଁ ସ୍ଥାନର ଅଭାବ ପଡୁଥିବାରୁ ଡାକାଠାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଗଢ଼ିବାକୁ କମିଶନ ଅନୁମୋଦନ କଲେ। ବିଶ୍ୱବିଦ୍ୟାଳୟ ଶିକ୍ଷାର ପରିଚାଳନା ପାଇଁ ସିନେଟ୍ ଓ ସିଣ୍ଡିକେଟ୍ ସ୍ଥାନରେ ଗୋଟିଏ କାର୍ଯ୍ୟକାରୀ ପରିଷଦ (Executive Council) ଗଠନ କରିବାକୁ ସୁପାରିସ କରାଗଲା। ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ ଏକ ମନୋନୟନ କମିଟି ଦ୍ୱାରା ନିଯୁକ୍ତି ପାଇବେ। ସେମାନଙ୍କ ତାଲିମ ପାଇଁ ଉପଯୁକ୍ତ ସୁବିଧା ଯୋଗାଇ ଦେବା ଉପରେ କମିଶନ ଗୁରୁତ୍ୱ ଆରୋପ କରିଥିଲେ।

୪। କଲିକତା ଓ ଡାକା ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗ ଖୋଲିବାକୁ କମିଶନ ଅନୁମୋଦନ କଲେ।

୫। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂକ୍ରାନ୍ତରେ ଶିକ୍ଷାଦାନର ସୁପାରିସ ହେଲା।

୬। ନାରୀଶିକ୍ଷାର ଅଭିବୃଦ୍ଧି ପାଇଁ ସୁବିଧାସୁଯୋଗ ଯୋଗାଇ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। କଲିକତା ବିଶ୍ୱବିଦ୍ୟାଳୟରେ ନାରୀଶିକ୍ଷା ସଂକ୍ରାନ୍ତୀୟ ସ୍ୱତନ୍ତ୍ର ବୋର୍ଡ ଗଠନ କରିବାକୁ ପ୍ରସ୍ତାବ ରହିଲା।

ହାରତୋଗ କମିଟି, ୧୯୨୯ (Hartog Committee, 1929)

ଶିକ୍ଷାର ମାନ ହ୍ରାସ ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରି ଭାରତୀୟ ଷ୍ଟାଚ୍ୟୁଟୋରୀ କମିଶନ (Indian Statutory Commission) ଏକ ସାହାଯ୍ୟକାରୀ କମିଟି (Auxiliary Committee) ନିଯୁକ୍ତ କରିଥିଲେ। ଶିକ୍ଷାର ବିକାଶ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ଥିଲା କମିଟିର ଉଦ୍ଦେଶ୍ୟ। କମିଟିର ଅଧ୍ୟକ୍ଷ ରୂପେ ଫିଲିପ୍‌ସ ହାରତୋଗ ନିଯୁକ୍ତି ପାଇଥିଲେ। କମିଟି ମଧ୍ୟ ତାହାର ସିଦ୍ଧାନ୍ତ ପ୍ରକାଶ କରିଥିଲା।

ପ୍ରାଇମେରୀ ଶିକ୍ଷାର ଜାତୀୟ ଆବଶ୍ୟକତା ଉପରେ କମିଟି ଗୁରୁତ୍ୱ ପ୍ରଦାନ କରିଥିଲା। ଶିକ୍ଷା କ୍ଷେତ୍ରରେ ଏକ ସ୍ଥିର ଓ ବିକାଶଶୀଳ ନୀତି ଅନୁମୋଦନ ଲାଭକଲା।

ମାଧ୍ୟମିକ ଶିକ୍ଷା ପାଇଁ ମଧ୍ୟ କମିଟି କେତେକ ବିଷୟରେ ସୁପାରିସ କରିଥିଲା। ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବହୁ ଅଯୋଗ୍ୟ ପ୍ରାର୍ଥୀ ପ୍ରବେଶିକା ପରୀକ୍ଷାକୁ

(Matriculation Examination) ମାର୍ଗ ବୋଲି ବିବେଚନା କରୁଥିବାରୁ କମିଟି କ୍ଷୋଭ ପ୍ରକାଶ କଲା। ତେଣୁ ନାମଲେଖା ପାଇଁ ମନୋନୟନ କରିବାକୁ ଏକ ପଦ୍ଧତି ଅନୁମୋଦନ ଲାଭକଲା। ଶିକ୍ଷାର ମଧ୍ୟମ ସ୍ତରରୁ ଛାତ୍ରମାନଙ୍କୁ ଶିଳ୍ପିକ ଓ ବାଣିଜ୍ୟିକ ଜୀବିକା ଆଡ଼କୁ ଉତ୍ସାହିତ କରିବାକୁ କମିଟି ମତ ପ୍ରକାଶ କଲା। ଶିକ୍ଷକ ତାଲିମ ଓ ବେତନ ବୃଦ୍ଧି ସପକ୍ଷରେ କମିଟିରେ ମତ ପ୍ରକାଶ ପାଇଥିଲା।

କମିଟି ମଧ୍ୟ ବିଶ୍ୱବିଦ୍ୟାଳୟର ତ୍ରୁଟିଗୁଡ଼ିକ ଦର୍ଶାଇଥିଲା। ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମଗୁଡ଼ିକର ବିକାଶ ନିମିତ୍ତ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କମିଟି ମତଦେଲା।

ମାଧ୍ୟମିକ ସ୍ତରରେ ବିଭିନ୍ନ ବିଷୟରେ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ୧୯୩୪ ଖ୍ରୀଷ୍ଟାବ୍ଦରେ ନିଯୁକ୍ତ ସାପ୍ରୁ କମିଟି ଅନୁମୋଦନ କରିଥିଲା।

ମୌଳିକ ଶିକ୍ଷା ସଂକ୍ରାନ୍ତରେ ୱାର୍ଦ୍ଧା ଯୋଜନା (Wardha Scheme of Basic Education)

୧୯୩୫, ଭାରତ ସରକାରଙ୍କ ଆଇନ ପ୍ରାଦେଶିକ ସ୍ୱାୟତ୍ତ ଶାସନ ପ୍ରବର୍ତ୍ତନ କରିଥିଲା। ୧୯୩୭ରେ ଏକ ଲୋକପ୍ରିୟ ମନ୍ତ୍ରିମଣ୍ଡଳ କାର୍ଯ୍ୟାରମ୍ଭ କଲା। ମହାତ୍ମା ଗାନ୍ଧି ହରିଜନ ପତ୍ରିକାରେ ଭାରତରେ ମୌଳିକ ଶିକ୍ଷାର ବିକାଶ ସମ୍ପର୍କରେ ଏକ ଯୋଜନା ପ୍ରସ୍ତାବ ଦେଲେ। ଏହାକୁ ୱାର୍ଦ୍ଧା ଯୋଜନା କୁହାଗଲା। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଧନ୍ଦା ମାଧ୍ୟମରେ ଶିକ୍ଷା ଗ୍ରହଣ। ଆଶା କରାଗଲା ଏହାଦ୍ୱାରା ଯେଉଁ ଉତ୍ପାଦନ ହେବ ସେଥିରେ ଶିକ୍ଷକମାନଙ୍କର ବେତନ ବହନ କରାଯାଇପାରିବ। ମାତୃଭାଷାରେ ସାତବର୍ଷ ପାଇଁ ଶିକ୍ଷାଦାନ ଉପରେ ଗୁରୁତ୍ୱ ଆରୋପ କରାଗଲା; କିନ୍ତୁ ୧୯୩୯ ଖ୍ରୀଷ୍ଟାବ୍ଦରେ ବିଶ୍ୱଯୁଦ୍ଧ ସଂଘଟିତ ହେବାରୁ ଯୋଜନା ସାମୟିକ ଭାବରେ ସ୍ଥଗିତ କରିଦିଆଗଲା।

ଆବୋଟ-ଉଡ ରିପୋର୍ଟ, ୧୯୩୭ (The Abbot Wood Report, 1937)

ଉତ୍ତରଭାରତରେ ଶିକ୍ଷାର ସୁବିଧାସୁଯୋଗ ବିଷୟରେ ତର୍ଜମା କରିବାକୁ ଇଂଲଣ୍ଡରୁ ଆବୋଟ ଓ ଉଡଙ୍କର ଭାରତକୁ ଆଗମନ ଘଟିଥିଲା। ଛାତ୍ରମାନଙ୍କର ସହଜାତ ସ୍ୱାର୍ଥ ଓ କାର୍ଯ୍ୟକଳାପକୁ ଭିତ୍ତିକରି ପ୍ରାଥମିକ ଶିକ୍ଷା ପ୍ରଦାନ ନିମିତ୍ତ ରିପୋର୍ଟରେ ପରାମର୍ଶ ଦିଆଗଲା। ନିମ୍ନ ମାଧ୍ୟମିକ ଶିକ୍ଷାରେ ଚାରିବର୍ଷିଆ ପାଠ୍ୟକ୍ରମ ରଖିବା ସହିତ ତହିଁରେ ପଢାଯିବାକୁ ଥିବା ବିଷୟଗୁଡ଼ିକ ବିଜ୍ଞାପନଭିତ୍ତିକ ହେବା ଉଚିତ ବୋଲି କମିଟି ମତ ଦେଲା। ଡି.ପି.ଆଇ.ଙ୍କ ବିଷୟଗୁଡ଼ିକ ବିଜ୍ଞାପନଭିତ୍ତିକ ହେବା ଉଚିତ ବୋଲି ... ସାଧାରଣ ଶିକ୍ଷା ପରି କାର୍ଯ୍ୟକାଳକୁ ସ୍ଥାୟୀ କରିବା ପାଇଁ ରିପୋର୍ଟରେ କୁହାଯାଇଥିଲା।

ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ କମିଟି ଅନୁମୋଦନ କଲା; ଶିଳ୍ପର ଆବଶ୍ୟକତା ଉପରେ ଏହି ଧନ୍ଦାମୂଳକ ଶିକ୍ଷା ପ୍ରସାରିତ ହେବ। ଧନ୍ଦାମୂଳକ ସ୍କୁଲ ଓ ଟ୍ରେନିଂ କଲେଜ ପ୍ରତିଷ୍ଠା କରିବାକୁ କମିଟି ଜୋର ଦେଇଥିଲା। ଆବୋଟ ଓ ଉଡ କମିଟି ମୂଲ୍ୟବାନ୍ ଓ ସମୟୋପଯୋଗୀ ପରାମର୍ଶ ଦେଇଥିଲେ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାରୁ ସେଗୁଡିକ କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ସର୍ଜେଣ୍ଟ ପ୍ଲାନ, ୧୯୪୪ (The Sargeant Plan, 1944)

୧୯୪୪ରେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ବୋର୍ଡ (Central Advisory Board of Education) ଗୋଟିଏ ଜାତୀୟ ଶିକ୍ଷା ଯୋଜନା ପ୍ରବର୍ତ୍ତନ କଲେ। ସାଧାରଣତଃ ସର୍ଜେଣ୍ଟ ପ୍ଲାନ ନାମରେ ଏହା ପରିଚିତ ଥିଲା। ଜନ୍ ସର୍ଜେଣ୍ଟ ଶିକ୍ଷା ବିଭାଗରେ ଭାରତ ସରକାରଙ୍କ ପରାମର୍ଶଦାତା ଥିଲେ। ଏହି ଯୋଜନାରେ ପ୍ରାଇମେରୀ ଓ ମାଧ୍ୟମିକ ଶିକ୍ଷାର ବିକାଶ ନିମିତ୍ତ ସ୍କୁଲ ଖୋଲିବା ପାଇଁ ପ୍ରସ୍ତାବ ରଖାଗଲା। ଏହାଦ୍ୱାରା ୬ ରୁ ୧୧ ବର୍ଷ ବୟସ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଦାନର ବ୍ୟବସ୍ଥା ରହିଲା। ପୁନଶ୍ଚ ୧୧ ରୁ ୧୭ ବର୍ଷ ବୟସ ମଧ୍ୟରେ ଛାତ୍ରମାନେ ୬ ବର୍ଷ ସ୍କୁଲ ଶିକ୍ଷା ପାଇବା ନିମିତ୍ତ ସ୍ଥିର କରାଗଲା। ଏହାଦ୍ୱାରା ଦୁଇ ପ୍ରକାର ହାଇସ୍କୁଲ ଗଠନ କରାଯିବ–(୧) ବିଦ୍ୟା ସମ୍ବନ୍ଧୀୟ, (୨) କାରିଗରୀ ଓ ଧନ୍ଦାମୂଳକ ଶିକ୍ଷା। ଇଣ୍ଟରମିଡିଏଟ୍ ବା ଉଚ୍ଚ ମାଧ୍ୟମିକ ଶିକ୍ଷା ଉଠେଇ ଦେଇ ସେଥିପାଇଁ ଉଦ୍ଦିଷ୍ଟ ଥିବା ୨ ବର୍ଷରୁ ଗୋଟିଏ ବର୍ଷ ହାଇସ୍କୁଲରେ ଓ ଅନ୍ୟ ବର୍ଷଟି କଲେଜରେ ମିଶାଇବାକୁ ଯୋଜନାରେ ପରାମର୍ଶ ଦିଆଗଲା। ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ କଠୋର ଆଇନ ପ୍ରଣୟନ କରାଗଲା। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (University Grants Commission) ଗଠନ ଓ ଅନୁଶିକ୍ଷଣ ପଦ୍ଧତି (Tutorial System) ପ୍ରଣୟନ ପାଇଁ ଯୋଜନାରେ ବ୍ୟବସ୍ଥା କରାଗଲା।

ରାଧାକ୍ରିଷ୍ଣନ କମିଶନ, ୧୯୪୪-୪୯ (Radhakrishnan Commission)

୧୯୪୮ ଖ୍ରୀଷ୍ଟାବ୍ଦରେ ଏସ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଶନ ଗଢାଗଲା। ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣା ଏବଂ ଏଥିସହିତ ସଂଶ୍ଳିଷ୍ଟ ସମସ୍ୟାଗୁଡିକ ଅନୁଧ୍ୟାନ କରିବା ଥିଲା କମିଶନର ଲକ୍ଷ୍ୟ। ଶାନ୍ତିନିକେତନ ଓ ଜାମିଆମିଲିଆ ଠାରେ ଗ୍ରାମୀଣ ବିଶ୍ୱବିଦ୍ୟାଳୟ (Rural University) ପ୍ରତିଷ୍ଠା ଓ ଶିକ୍ଷାର ମାନ ବୃଦ୍ଧି ଉପରେ କମିଶନ ଗୁରୁତ୍ୱ ପ୍ରଦାନ କରିଥିଲେ। ଶିକ୍ଷା ପାଇଁ ଅଧିକ ବ୍ୟୟ ବରାଦ କରିବାକୁ କମିଶନ ମତ ଦେଲେ। ଶିକ୍ଷାଦାନରେ ମାଧ୍ୟମ ପରିବର୍ତ୍ତନ, କଲେଜରେ ନାମଲେଖା ଉପରେ

କଟକଣା ଓ ସ୍କୁଲରେ ୧୨ ବର୍ଷ ଶିକ୍ଷାଲାଭ ପରେ ଛାତ୍ରମାନେ ମହାବିଦ୍ୟାଳୟରେ ପ୍ରବେଶ କରିବାକୁ କମିଶନ ଅନୁମୋଦନ କରିଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷା ତଦାରଖ କରିବାକୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ପ୍ରତିଷ୍ଠା ପାଇଁ ମଧ୍ୟ ରାଧାକ୍ରିଷ୍ଣନ କମିଶନ ସୁପାରିସ କଲେ।

ଶିକ୍ଷାନୀତିର ତାତ୍ପର୍ଯ୍ୟ (Significance of Educational Policy)

ଭାରତରେ ସେମାନଙ୍କର ରାଜନୀତିକ ସ୍ଥିତି ଦୃଢୀଭୂତ କରିବାକୁ ଇଂରେଜମାନେ ଆଧୁନିକ ଶିକ୍ଷାନୀତି ପ୍ରଚଳନ କରିଥିଲେ। ସେମାନଙ୍କ ଠାରୁ ସମର୍ଥନ ନ ପାଇ ଭାରତର ପାରମ୍ପରିକ ଶିକ୍ଷାରେ ଘୋର ଅବନତି ଘଟିଲା। ଗଣଶିକ୍ଷାର ବିକାଶ ନିମିତ୍ତ ସୁଯୋଗ ସୃଷ୍ଟି କରାଗଲା ନାହିଁ। ୧୯୧୧ ଖ୍ରୀଷ୍ଟାବ୍ଦରେ ଭାରତରେ ୯୪% ନିରକ୍ଷର ଥିବାବେଳେ ୧୯୨୧ରେ ଏହା ମାତ୍ର ୯୨%କୁ ହ୍ରାସ ପାଇଥିଲା। ଭାରତୀୟ ଭାଷାଗୁଡିକ ସ୍ଥାନରେ ଇଂରେଜ ଭାଷା ପ୍ରଚଳିତ ହେବା ଦ୍ୱାରା ଗଣଶିକ୍ଷାର ପ୍ରସାର ଘଟିଲା ନାହିଁ। ଇଂଲଣ୍ଡୀୟ-ମାଧ୍ୟମ ସ୍କୁଲଗୁଡିକ (English-Medium Schools) ଲୋକପ୍ରିୟ ହେବାରୁ ପାରମ୍ପରିକ ଶିକ୍ଷାପ୍ରତି ଛାତ୍ରମାନେ ଅନାଗ୍ରହ ପ୍ରକାଶ କଲେ। ଶିକ୍ଷିତ ଓ ଅଶିକ୍ଷିତମାନଙ୍କ ମଧ୍ୟରେ ଏକ ବିରାଟ ତାରତମ୍ୟ ସୃଷ୍ଟି ହେଲା। ନାରୀଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ନିମିତ୍ତ ଧ୍ୟାନ ଦିଆଗଲା ନାହିଁ। ୧୮୫୭ରେ କଲିକତା, ବମ୍ବେ ଓ ମାଡ୍ରାସରେ ତିନିଗୋଟି ମେଡିକାଲ କଲେଜ ଏବଂ ରୁର୍କିରେ ଏକମାତ୍ର ଉତ୍କୃଷ୍ଟ ଇଂଜିନିୟରିଙ୍ଗ କଲେଜ ଖୋଲାଯାଇଥିଲା। ପାଣ୍ଠିର ଅଭାବ ଯୋଗୁଁ ଭାରତରେ ଶିକ୍ଷା ବିକାଶଲାଭ କରିପାରିଲା ନାହିଁ। ଶିକ୍ଷାରେ ଅଧିକ ପରିମାଣର ଅର୍ଥ ଯୋଗାଇବାକୁ ସରକାର କୃପଣତା ପ୍ରକାଶ କରିଥିଲେ। ଯାହାହେଉ ଅନେକ ଦୋଷ ଦୁର୍ବଳତା ଥିଲେମଧ୍ୟ ଆଧୁନିକ ଶିକ୍ଷାନୀତି ଭାରତୀୟମାନଙ୍କଠାରେ ଚେତନା ଆଣି ଦେବା ସହିତ ଭାରତର ଆଧୁନିକ ଯୁଗକୁ ଅଗ୍ରଣୀ କରିବାରେ ସାହାଯ୍ୟ କରିଥିଲା।

ଷୋଡ଼ଶ ଅଧ୍ୟାୟ

ପ୍ରେସ୍‌ର ଅଭିବୃଦ୍ଧି
(Growth of Press)

ଆଧୁନିକ ଯୁଗରେ ପ୍ରେସ୍‌ର ଭୂମିକା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହାର କର୍ମକ୍ଷେତ୍ର ଖୁବ୍ ବ୍ୟାପକ । ପ୍ରେସ୍ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ବିଖ୍ୟାତ । ଗଣତନ୍ତ୍ରରେ ଏହା ଜନସାଧାରଣଙ୍କ ମଧ୍ୟରେ ଭାବ ବିନିମୟ କରିଥାଏ । ଦେଶବିଦେଶରେ ଘଟୁଥିବା ଘଟଣାଗୁଡ଼ିକରୁ ଉଭୟ ଜନସାଧାରଣ ଓ ସରକାର ପ୍ରେରଣା ଲାଭ କରିଥା'ନ୍ତି । ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଆନ୍ଦୋଳନ ପ୍ରେସ୍ ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ । ଏହା ମାଧ୍ୟମରେ ଜାତୀୟ ଚେତନାର ଅଭିବୃଦ୍ଧି ଘଟେ । ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଗେଇ ନିଆଯାଉଥିବା ସାମାଜିକ କାର୍ଯ୍ୟକଳାପ ପାଇଁ ପ୍ରେସ୍ ଗୋଟିଏ ଅତ୍ୟାବଶ୍ୟକୀୟ ଅସ୍ତ୍ର । ଏହା ଜନସାଧାରଣଙ୍କୁ ସରକାରଙ୍କ ନୀତି ଜଣାଇବା ସହିତ ଲୋକମାନଙ୍କ ଆବଶ୍ୟକତା ଓ ସେମାନଙ୍କର ସରକାରଙ୍କ ନୀତି ପ୍ରତି ପ୍ରତିକ୍ରିୟା ବିଷୟରେ ସରକାରଙ୍କୁ ସଚେତନ କରେ । ସପ୍ତଦଶ, ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଇଉରୋପୀୟମାନଙ୍କ ହସ୍ତରେ ପ୍ରେସ୍ ଥିଲା ଏକ ଦୁର୍ଜୟ ଅସ୍ତ୍ର, ଯାହାକୁ ଧାରଣକରି ସେମାନେ ନିଜ ପାଇଁ ଗୋଟିଏ ଗୋଟିଏ ଜାତୀୟ ରାଷ୍ଟ୍ର ଗଠନ କରିବାକୁ ସକ୍ଷମ ହୋଇଥିଲେ ।

୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତୀୟ ପ୍ରେସ୍ (Indian Press upto 1857)

ଇଉରୋପୀୟମାନଙ୍କ ଦ୍ୱାରା ଭାରତୀୟ ପ୍ରେସ୍‌ର ଶୁଭାରମ୍ଭ ଘଟିଥିଲା । ସେମାନଙ୍କ ଆଗମନ କାଳରୁ ଆରମ୍ଭ ହେଲା ପ୍ରେସ୍‌ର ଇତିହାସ । ପ୍ରଥମେ ପର୍ତ୍ତୁଗୀଜ୍‌ମାନେ ଭାରତରେ ଗୋଟିଏ ଛାପାଖାନା ବସାଇଥିଲେ । ଭାରତରେ ପ୍ରଥମ ପୁସ୍ତକ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ୧୫୫୭ରେ ପ୍ରକାଶ କରିଥିଲେ । ୧୬୮୪ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ବମ୍ବେଠାରେ ଗୋଟିଏ ଛାପାଖାନା ଖୋଲିଥିଲା । କମ୍ପାନୀ ସାମ୍ରାଜ୍ୟରେ ଏକଶତ ବର୍ଷକାଳ କୌଣସି ସମ୍ବାଦପତ୍ର ପ୍ରକାଶ କରାଯାଇନଥିଲା, କାରଣ କମ୍ପାନୀ ଚାହୁଁଥିଲା ଭାରତୀୟ ବାଣିଜ୍ୟରେ ତାହାର ଅପକର୍ମ ଓ ଦୁର୍ନୀତି ବିଷୟରେ ଭାରତୀୟମାନେ ନଜାଣନ୍ତୁ । ଉଇଲିୟମ ବୋଲ୍ଟସଙ୍କ ନେତୃତ୍ୱରେ କମ୍ପାନୀ ଚାକିରିରୁ ଇସ୍ତଫା ଦେଇଥିବା କର୍ମଚାରୀମାନେ ଖୁବ

ହତାଶ ହୋଇ ଗୋଟିଏ ସମ୍ବାଦପତ୍ର ପ୍ରକାଶ କରିବାକୁ ଉଦ୍ୟମ କଲେ । ଏହା ମାଧ୍ୟମରେ ସେମାନେ ଭାରତରେ କମ୍ପାନୀ ବାଣିଜ୍ୟରେ ଘଟୁଥିବା ଦୁର୍ନୀତି ବିଷୟ ଇଂଲଣ୍ଡରେ ଜଣାଇ ଦେବେ ବୋଲି ଭୟ ଦେଖାଇଲେ । ବୋଲ୍ଟସ ଘୋଷଣା କଲେ ଯେ ସେ ଗୋଟିଏ ସମ୍ବାଦପତ୍ର ପ୍ରକାଶ କରିବେ- ''ପ୍ରତି ଲୋକଙ୍କ ବିଷୟରେ ଜଣାଇ ଦେବା ପାଇଁ ସେ ଗୋଟିଏ ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି ।'' କିନ୍ତୁ କମ୍ପାନୀ କର୍ମଚାରୀମାନେ ତାଙ୍କ ଉଦ୍ୟମକୁ ଦବାଇ ଦେବାରେ ସଫଳ ହେଲେ । ୧୭୮୦ ଖ୍ରୀଷ୍ଟାବ୍ଦରେ ହିକି (Hicky)ଙ୍କ 'ବଙ୍ଗଳା ଗେଜେଟ' ବା 'କାଲକାଟା ଜେନେରାଲ ଆଡ଼ଭରଟାଇଜ'ର ପ୍ରକାଶନ ପାଇଁ ଉଦ୍ୟମ ଆରମ୍ଭ ହେଲା । ଏହା ବଡ଼ଲାଟ ହେଷ୍ଟିଂସଙ୍କୁ ସମାଲୋଚନା କରିବାରୁ ସେ ଏହାର ପ୍ରକାଶନକୁ ୧୭୮୨ରେ ରଦ୍ଦ କରିଦେଲେ ଓ ହିକିଙ୍କୁ ଗିରଫ କଲେ । ଏହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ନୂଆ ନୂଆ ପତ୍ରପତ୍ରିକା ପ୍ରକାଶ ପାଇଥିଲା; ଯଥା- 'ଦି କାଲକାଟା ଗେଜେଟ (୧୭୮୪)', 'ଦି ବେଙ୍ଗଲ ଜର୍ଣ୍ଣାଲ (୧୭୮୫)', 'ଦି ଓରିଏଣ୍ଟାଲ ମାଗାଜିନ ଅଫ କାଲକାଟା (୧୭୮୫)', 'ଦି କାଲାକାଟା କ୍ରୋନିକଲ (୧୭୮୬)' । ହିକିଙ୍କ ଘଟଣାରୁ ସାବଧାନ ହୋଇ ଉକ୍ତ ସମ୍ବାଦପତ୍ରଗୁଡ଼ିକର ପ୍ରକାଶକମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିବା କାର୍ଯ୍ୟରୁ ନିବୃତ୍ତ ରହିଥିଲେ । ସାଧାରଣତଃ ଏହି ସମ୍ବାଦପତ୍ରଗୁଡ଼ିକ ଇଉରୋପୀୟ ଓ ଆଙ୍ଗ୍ଲୋ-ଇଣ୍ଡିଆନଙ୍କ ବୌଦ୍ଧିକ ଆନନ୍ଦ ନିମିତ୍ତ ଲେଖା ପ୍ରକାଶ କରୁଥିଲେ । ଭାରତୀୟମାନଙ୍କ ଚେତନାର ଅଭିବୃଦ୍ଧି ଘଟୁଥିଲା । କୌଣସି ପ୍ରେସ୍ ଆଇନ ନ ଥିବାରୁ ସମ୍ବାଦପତ୍ରଗୁଡ଼ିକ କମ୍ପାନୀ କର୍ମଚାରୀମାନଙ୍କର ଅନୁକମ୍ପାରେ ଚାଲୁଥିଲା । କାଳେ କୌଣସି ସମ୍ବାଦପତ୍ର କମ୍ପାନୀର ଦୁର୍ନୀତି ବିଷୟରେ ଇଂଲଣ୍ଡରେ ଥିବା କମ୍ପାନୀର କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରକାଶ କରିଦେବ, ଏହି ଭୟରେ କମ୍ପାନୀର କର୍ମଚାରୀମାନେ ଆଶଙ୍କାଗ୍ରସ୍ତ ଥିଲେ । ବେଳେବେଳେ ସରକାର ସମ୍ବାଦପତ୍ର ଉପରେ କଟକଣା ଲଗାଉଥିଲେ । ସରକାରଙ୍କ ବିରୁଦ୍ଧରେ ମତ ଦେଉଥିବା ସମ୍ବାଦପତ୍ରର ସମ୍ପାଦକଙ୍କୁ ବହିଷ୍କାର କରାଯାଉଥିଲା ।

ପ୍ରେସ୍ କଟକଣା ଆଇନ, ୧୭୯୯ (Censorship of Press Act)

ଲର୍ଡ ୱେଲ୍‌ସେଲି ସମସ୍ତ ସମ୍ବାଦପତ୍ର ଉପରେ କଟକଣା ଲାଗୁକଲେ । ସେତେବେଳେ ଭାରତରେ ଫରାସୀମାନଙ୍କ ଭୟ ଲାଗି ରହିଥିଲା । ଟିପୁ ସୁଲତାନ ଓ ମରହଟ୍ଟା ଶକ୍ତିର ଉତ୍‌ଥାନ ଦେଖି ୱେଲ୍‌ସେଲି ବିଚଳିତ ହେଲେ । ସେ ଚାହୁଁ ନଥିଲେ ଯେ ଏପରି କୌଣସି ବିଷୟ ପ୍ରକାଶିତ ହେଉ ଯାହା ଇଂରେଜମାନଙ୍କର ପ୍ରଭାବ ଭାରତୀୟ କିମ୍ବା ଫରାସୀମାନଙ୍କ ପାଖରେ କ୍ଷୁଣ୍ଣ କରିବ । ତେଣୁ ୱେଲ୍‌ସେଲି ୧୭୯୯ରେ ପ୍ରେସ୍ ଆଇନ ଜାରି କଲେ । ନିୟମ ହେଲା-

୧ । ସମ୍ବାଦପତ୍ରଗୁଡ଼ିକର ପ୍ରତ୍ୟେକ ସଂଖ୍ୟାରେ ମୁଦ୍ରାକର, ସମ୍ପାଦକ ଓ ସ୍ୱତ୍ୱାଧିକାରୀମାନଙ୍କ ନାମ ସ୍ପଷ୍ଟ ଭାବରେ ଛପାଯିବ ।

୨ । କୌଣସି ସମ୍ବାଦପତ୍ର ପ୍ରକାଶ ହେବାର ପୂର୍ବରୁ ତା' ସମ୍ବନ୍ଧୀୟ ସମସ୍ତ ଉପାଦାନ ଯାଞ୍ଚ କରିବା ପାଇଁ ପ୍ରକାଶକମାନେ ସରକାରଙ୍କ ସଚିବଙ୍କ ନିକଟରେ ଦାଖଲ କରିବେ ।

ଏହି ନିୟମଗୁଡିକ ଭାଙ୍ଗିଲେ ପ୍ରକାଶକମାନେ ଦେଶାନ୍ତର ଦଣ୍ଡ ପାଇବେ । ୧୮୦୭ ଖ୍ରୀଷ୍ଟାବ୍ଦରେ ଏହି ଆଇନ ପତ୍ରିକା, ବିଜ୍ଞାପନ, ଏପରିକି ପୁସ୍ତକ ଉପରେ ଲାଗୁ କରାଗଲା ।

ଲର୍ଡ ହେଷ୍ଟିଂସ୍‌ଙ୍କ ନୀତି (Policy of Lord Hastings)

ଲର୍ଡ ହେଷ୍ଟିଂସ୍ ସ୍ୱାଧୀନ ପ୍ରେସଗୁଡ଼ିକ ମୂଲ୍ୟ ବୁଝିଥିଲେ; ଏବଂ ପ୍ରେସ୍ କର୍ମଚାରୀମାନଙ୍କୁ ସେମାନଙ୍କ ବିଧିସିଦ୍ଧ କାର୍ଯ୍ୟ ସମ୍ପାଦନ କରିବାକୁ ଉତ୍ସାହିତ କଲେ । ତେଣୁ ସେ ପ୍ରେସ୍ ଉପରେ ଥିବା ଅଧିକାଂଶ କଟକଣା ଉଠାଇ ଦେବାକୁ ଇଚ୍ଛା କଲେ । ୧୮୧୮ ଖ୍ରୀଷ୍ଟାବ୍ଦରେ ଭାରତୀୟ ପ୍ରେସ୍ ଉପରେ ଥିବା ପୂର୍ବ-କଟକଣା (Pre-Censorship) ଅନାବଶ୍ୟକ ହୋଇପଡିଲା । ଅବଶ୍ୟ ସମ୍ବାଦପତ୍ରରେ ସମ୍ପାଦକମାନଙ୍କ ପାଇଁ ସେ କେତେକ ସାଧାରଣ ନିୟମ ଲାଗୁ କଲେ । ଏହା ଦ୍ୱାରା କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ, ବଡ଼ଲାଟ ଓ ସୁପ୍ରିମକୋର୍ଟର ବିଚାରପତିଙ୍କ ବିରୁଦ୍ଧରେ ସମ୍ବାଦପତ୍ରରେ କୌଣସି ମନ୍ତବ୍ୟ ଦିଆଯିବ ନାହିଁ ବୋଲି ସ୍ଥିର ହେଲା । ହେଷ୍ଟିଂସ୍‌ଙ୍କ କୋହଳ ନୀତି ଯୋଗୁଁ ବଙ୍ଗଳାରେ 'ସମାଚାର ଦର୍ପଣ' ଓ 'ସମ୍ବାଦ କୌମୁଦୀ' ଏବଂ ଇଂରାଜୀରେ 'କାଲକାଟା ଜର୍ଣ୍ଣାଲ' (୧୮୧୮) ପ୍ରଭୃତି ସମ୍ବାଦପତ୍ର ଛପାଯାଇପାରିଲା । 'କାଲକାଟା ଜର୍ଣ୍ଣାଲ'ରେ ଜେ.ଏସ. ବର୍କିଂହାମ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି, ମାଡ୍ରାସର ଗଭର୍ଣ୍ଣର ଓ କଲିକତାର ବିଶପଙ୍କୁ ସମାଲୋଚନା କଲେ; ପରେ ତାଙ୍କୁ ଇଂଲଣ୍ଡକୁ ଦେଶାନ୍ତର କରାଯାଇଥିଲା ।

ଭାରତରେ ପ୍ରେସ୍‌ଗୁଡିକର ସମସ୍ୟା ଅନୁଧ୍ୟାନ କରି ତା' ଉପରେ ରିପୋର୍ଟ ପ୍ରସ୍ତୁତ କରିବାକୁ ସରକାର ସାର୍ ଟୋମାସ୍ ମୁନ୍‌ରୋଙ୍କୁ ଦାୟିତ୍ୱ ଦେଲେ । ମୁନ୍‌ରୋ ଲେଖିଥିଲେ ଯେ ଇଉରୋପୀୟ ପ୍ରେସ୍‌ଗୁଡିକର ସମସ୍ୟା ବିପଦପୂର୍ଣ୍ଣ ନୁହେଁ; କିନ୍ତୁ ଭାରତୀୟ ପ୍ରେସ୍ ପ୍ରତି ସେ ଉଭୟ ଉଦ୍‌ବେଗ ଓ ଭୟ ପ୍ରକାଶ କରିଥିଲେ । ତାଙ୍କ ଭାଷାରେ, ''ଏହା ଲୋକମାନଙ୍କ ମଧ୍ୟରେ ମୁକ୍ତିବାଦର ମୂଳତତ୍ତ୍ୱ ପ୍ରଚାର କରିପାରେ ଏବଂ ଯେଉଁମାନେ ସେମାନଙ୍କୁ ଶାସନ କରନ୍ତି, ସେହି ବିଦେଶୀମାନଙ୍କୁ ବିତାଡିତ କରିବାକୁ ଓ ଏକ ଜାତୀୟ ସରକାର ପ୍ରତିଷ୍ଠା କରିବାକୁ ସେମାନଙ୍କୁ ଉତ୍ତେଜିତ କରିପାରେ ।''

ଜନ୍ ଆଡାମ୍‌ସଙ୍କ ନୀତି (Policy of John Adams)

୧୮୨୩ ଖ୍ରୀଷ୍ଟାବ୍ଦରେ ଜନ୍ ଆଡାମ୍‌ସଙ୍କୁ କାର୍ଯ୍ୟକାରୀ ବଡଲାଟ ରୂପେ ନିଯୁକ୍ତି ଦିଆଗଲା । ଭାରତୀୟ ପ୍ରେସ୍‌ଗୁଡିକ ପ୍ରତି ତାଙ୍କର ପ୍ରତିକ୍ରିୟା କାର୍ଯ୍ୟରେ ପରିଣତ କରିବାକୁ ତାଙ୍କୁ ସୁଯୋଗ ମିଳିଗଲା । ସେ ମୁନ୍‌ରୋଙ୍କ ରିପୋର୍ଟକୁ ଭିତ୍ତିକରି ପ୍ରେସ୍‌ଗୁଡିକ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ୧୮୨୩ ଖ୍ରୀଷ୍ଟାବ୍ଦରେ ସେ କେତେକ ଲାଇସେନ୍‌ସ ନିୟମାବଳୀ ପ୍ରସ୍ତୁତ କଲେ ।

୧ । ଏହାଦ୍ୱାରା ପ୍ରେସ୍ ଆରମ୍ଭ ଓ ଏହାକୁ ଚାଲୁକଲା ସମୟରେ ପ୍ରତ୍ୟେକ ମୁଦ୍ରାକର ଓ ପ୍ରକାଶକଙ୍କୁ ଲାଇସେନ୍‌ସ ବା ଅନୁମତି ପତ୍ର ଆଣିବାକୁ ପଡିବ । ଯଦି କେହି ଅନୁମତି ବା ଲାଇସେନ୍‌ସ ଆଣିବେ ନାହିଁ ତେବେ ସେ ପ୍ରତ୍ୟେକ ପ୍ରକାଶନ ପାଇଁ ୪୦୦ ଟଙ୍କା ଲେଖାଁଏ ଜୋରିମାନା ଦେବେ ।

୨ । କୌଣସି ଲାଇସେନ୍‌ସକୁ ରଦ୍ଦ ବା ନୂଆ ଦରଖାସ୍ତ ଆହ୍ୱାନ କରିବାର କ୍ଷମତା ବଡଲାଟ ପାଇଲେ । ଆଡାମ୍‌ସଙ୍କର ଏହି ବ୍ୟବସ୍ଥା ମୁଖ୍ୟତଃ ଭାରତୀୟ ଭାଷାରେ ସମ୍ପାଦିତ ସମ୍ବାଦପତ୍ର ପ୍ରତି ଉଦ୍ଦିଷ୍ଟ ଥିଲା । ଲାଇସେନ୍‌ସ ନିୟମ ଦ୍ୱାରା ରାଜା ରାମମୋହନ ରାୟଙ୍କ 'ମିରଟ-ଉଲ-ଅଖବାର'ର ପ୍ରକାଶନ ବନ୍ଦ ହୋଇଗଲା । ପ୍ରେସ୍‌ଗୁଡିକର କଟକଣା ବିରୁଦ୍ଧରେ ସେ ସୁପ୍ରିମକୋର୍ଟ ଏବଂ ରାଜାଙ୍କ ପରିଷଦ (King-in-Council)ରେ ପିଟିସନ୍ ପକାଇଥିଲେ । ତାଙ୍କ ପିଟିସନ୍‌କୁ ଅଗ୍ରାହ୍ୟ କରିଦିଆଗଲା ସତ, କିନ୍ତୁ ଭାରତୀୟ ସଂସ୍କୃତିର ବିକାଶରେ ଏହା ଥିଲା ଏକ ପ୍ରସିଦ୍ଧ ଘଟଣା । ଆଡାମ୍‌ସଙ୍କ ନିୟମରେ କଲିକତାଠାରେ କେବଳ ତିନୋଟି ବଙ୍ଗଳା ଓ ଗୋଟିଏ ପାରସିକ ସମ୍ବାଦପତ୍ର ସଂସ୍ଥା ଛାପାକାର୍ଯ୍ୟ ଚାଲୁ ରଖିଥିଲେ ।

୧୮୩୫, ଭାରତୀୟ ପ୍ରେସ୍ ସ୍ୱତନ୍ତ୍ରତା (Liberation of Indian Press)

ଲର୍ଡ ଉଇଲିୟମ ବେଣ୍ଟିକ୍ ଭାରତୀୟ ପ୍ରେସ୍ ପ୍ରତି ଉଦାର ନୀତି ଅବଲମ୍ବନ କରିଥିଲେ । ଯଦିଚ ସେ ଆଡାମ୍‌ସଙ୍କ ଲାଇସେନ୍‌ସ ନିୟମଗୁଡିକ ଉଠାଇନଥିଲେ, ତଥାପି ସେ ଭାରତୀୟ ଓ ଆଙ୍ଗ୍ଲୋ-ଭାରତୀୟ ପ୍ରେସ୍‌ଗୁଡିକୁ ଯଥେଷ୍ଟ ସ୍ୱତନ୍ତ୍ରତା ପ୍ରଦାନ କରିଥିଲେ; କିନ୍ତୁ ଚାର୍ଲସ ମେଟକାଲ୍‌ଫ ସେହି ନିନ୍ଦନୀୟ ୧୮୨୩, ଲାଇସେନ୍‌ସ ନିୟମଗୁଡିକ ଉଚ୍ଛେଦ କଲେ । ସେଥିପାଇଁ ସେ ଭାରତୀୟ ପ୍ରେସ୍‌ର ମୁକ୍ତିଦାତା ରୂପେ ଗୌରବ ଅର୍ଜନ କରିଛନ୍ତି । ମ୍ୟାକ୍‌ଲେ ମଧ୍ୟ ଭାରତୀୟ ପ୍ରେସ୍ ସ୍ୱାଧୀନତାକୁ ଦୃଢଭାବେ ସମର୍ଥନ କରିଥିଲେ । ଫଳରେ ବ୍ରିଟିଶ୍ ପ୍ରେସ୍ ପରି ଭାରତୀୟ ପ୍ରେସ୍ ସ୍ୱାତନ୍ତ୍ର୍ୟ ଲାଭ କରିଥିଲା । ନୂଆ ପ୍ରେସ୍ ଆଇନ ଅନୁଯାୟୀ ମୁଦ୍ରାକର ଓ ପ୍ରକାଶକ ପ୍ରକାଶନର ବିଭିନ୍ନ କ୍ଷେତ୍ର ଉପରେ ନିର୍ଭୁଲ ଓ ସଂକ୍ଷିପ୍ତ

ବିବରଣୀ ପ୍ରସ୍ତୁତ କରି ଘୋଷଣା କରିବାର ଆବଶ୍ୟକତା ପଡିଲା । ମେଟକାଲ୍‌ଫଙ୍କ ନୀତି ୧୮୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା ।

ରାମମୋହନ ରାୟଙ୍କ 'ସମ୍ବାଦ କୌମୁଦୀ' ଓ 'ମିରଟ-ଉଲ-ଅଖବାର'ର ଲେଖାଗୁଡିକ ସାମାଜିକ ସଂସ୍କାର ଉପରେ ଆଧାରିତ ଥିଲା । ତାଙ୍କୁ ଆଧୁନିକ ଭାରତର 'ସମ୍ବାଦପତ୍ରର ଜନକ' ବୋଲି କୁହାଯାଏ । ସେଥିରେ ଦାର୍ଶନିକ ଓ ଧର୍ମୀୟ ସମସ୍ୟାଗୁଡିକ ମଧ୍ୟ ଆଲୋଚନା କରାଯାଇଥିଲା । ଭାରତରେ ଦେଶୀୟ (ଗୁଜୁରାଟୀ) ପ୍ରେସ୍‌ର ପଥ ପ୍ରଦର୍ଶକ ଥିଲେ ଏଫ. ମୁର୍ଜବାନ୍ । ୧୮୨୨ ଖ୍ରୀଷ୍ଟାବ୍ଦରେ ସେ 'ବମ୍ବେ ସମାଚାର' ଆରମ୍ଭ କରିଥିଲେ । ବମ୍ବେଠାରେ ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ଜାମ-ଇ-ଜାମସେଦ' (ଗୁଜୁରାଟୀ) ୧୮୩୧ରେ ପି.ଏମ୍. ମୋତିୱାଲାଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳାରେ 'ସୋମ୍ ପ୍ରକାଶ' ଛାପିଥିଲେ ।

ଲାଇସେନ୍‌ସ ଆଇନ, ୧୮୫୭ (The Licensing Act, 1857)

୧୮୫୭ର ସିପାହୀ ବିଦ୍ରୋହ ଯୋଗୁଁ ସରକାର ପ୍ରେସ୍ ଉପରେ ପୁନଃ କଟକଣା ଜାରି କଲେ । ୧୮୫୭ର ଲାଇସେନ୍‌ସ ଆଇନ ଅନୁଯାୟୀ ଭାରତୀୟ ପ୍ରେସ୍ ଉପରେ ପୁନଃ ଲାଇସେନ୍‌ସ କଟକଣା କରାଗଲା । ଏହି ଆଇନ ଦ୍ୱାରା ବିନା ଲାଇସେନ୍‌ସରେ ଛାପାଖାନା ଚାଲୁକରିବା ନିଷେଧ ହେଲା । ଲାଇସେନ୍‌ସ ପ୍ରଦାନ କରିବା ଏବଂ ଏହାକୁ ଯେକୌଣସି ସମୟରେ ରଦ୍ଦ କରିବାର ଇଚ୍ଛାଧୀନ କ୍ଷମତା ରହିଲା ସରକାରଙ୍କ ହସ୍ତରେ । ଯେକୌଣସି ସମ୍ବାଦପତ୍ର, ପୁସ୍ତକ କିମ୍ବା ଛପା କାଗଜପତ୍ରର ପ୍ରକାଶ ଓ ପ୍ରସାର ବନ୍ଦ କରି ଦେବାର କ୍ଷମତା ସରକାର ରଖିଲେ । ଏହି ଆଇନ ଜରୁରୀକାଳୀନ ଭିତ୍ତିରେ ଗୋଟିଏ ବର୍ଷ ପାଇଁ ଜାରି କରାଯାଇଥିଲେ ହେଁ ଏହାକୁ ପ୍ରତିବର୍ଷ ନବୀକରଣ କରାଯାଇ ୧୮୬୫ ଖ୍ରୀଷ୍ଟାବ୍ଦଯାଏ ଚାଲୁ ରଖାଗଲା ।

ପଞ୍ଜୀକରଣ ଆଇନ, ୧୮୬୭ (Registration Act, 1867)

ରେଜିଷ୍ଟ୍ରୀକରଣ ବା ପଞ୍ଜୀକରଣ ଆଇନ ଭାରତୀୟ ପ୍ରେସ୍ ବା ସମ୍ବାଦପତ୍ରଗୁଡିକ ନିୟନ୍ତ୍ରଣ କଲା; କଟକଣା କରିନଥିଲା । ଏହି ଆଇନ ଦ୍ୱାରା ପ୍ରତ୍ୟେକ ପୁସ୍ତକ ଓ ସମ୍ବାଦପତ୍ରରେ ତାହାର ପ୍ରକାଶକ ଓ ମୁଦ୍ରାକର ଏବଂ ପ୍ରକାଶନ ସ୍ଥାନର ନାମ ଲେଖିବା ଆବଶ୍ୟକ ହେଲା । ରେକର୍ଡ ଓ ପଞ୍ଜୀକରଣ ପାଇଁ ପ୍ରକାଶିତ ପୁସ୍ତକ ବା ସମ୍ବାଦପତ୍ରର ଖଣ୍ଡିଏ ନକଲ ସରକାରଙ୍କ ପାଖରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏହି ଆଇନକୁ ୧୮୯୦ ଏବଂ ପୁନର୍ବାର ୧୯୧୪, ୧୯୫୨ ଏବଂ ୧୯୫୩ରେ ସଂଶୋଧନ କରାଗଲା ।

୧୮୬୯-୭୦ରେ ୱାହାବିମାନଙ୍କ ବିଦ୍ରୋହରେ ବିଚଳିତ ହୋଇ ସରକାର ତାଙ୍କ ବିରୋଧରେ କୌଣସି ଲେଖା ବା ବକ୍ତୃତା ବନ୍ଦ କରିବା ପାଇଁ ୧୮୭୦ରେ ଗୋଟିଏ ଆଇନ

ଜାରି କଲେ । ଏହା ଭାରତୀୟ ପିଙ୍ଗଳ କୋଡ (Indian Penal Code)ର ରାଜଦ୍ରୋହ (Sedition) ବିଭାଗରେ ସ୍ଥାନ ପାଇଲା । ସିପାହୀ ବିଦ୍ରୋହ ପରେ ଭାରତୀୟମାନେ ଅଧିକ ସଂଖ୍ୟକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଦେଶୀୟ ଭାଷାରେ ସମ୍ବାଦପତ୍ରଗୁଡିକ ଲିଖିତ ହେଉଥିଲା । ସେଗୁଡିକ ଲୋକମାନଙ୍କ ମଧ୍ୟରେ ରାଜନୈତିକ ଚିନ୍ତାଧାରା ଉଜ୍ଜୀବିତ କରୁଥିଲା । ଇଂରାଜୀ ସମ୍ବାଦପତ୍ରଗୁଡିକ ଭାରତୀୟ ରାଜନୈତିକ ଆକାଂକ୍ଷାକୁ ଚାପି ଦେଉଥିଲେ । ସେତେବେଳେ ଭାରତୀୟ ସାମ୍ବାଦିକତାରେ 'ହିନ୍ଦୁ ପାଟ୍ରିଓଟ' ଥିଲା ଏକ ଅଗ୍ରଣୀ ସମ୍ବାଦପତ୍ର । ଏହା ଶ୍ୱେତାଙ୍ଗ ନୀଳ ରୋପଣକାରୀଙ୍କୁ ଖୁବ୍ କଠୋର ଭାଷାରେ ନିନ୍ଦାକରିଥିଲା । ଦେବେନ୍ଦ୍ରନାଥ ଟାଗୋରଙ୍କ ପୃଷ୍ଠପୋଷକତାରେ ୧୮୬୨ରେ ପ୍ରତିଷ୍ଠିତ ହୋଇଥିଲା 'ଇଣ୍ଡିଆନ ମିରର' । ୧୮୬୫ରେ ନବ ଗୋପାଳ ମିତ୍ର ଆରମ୍ଭ କରିଥିଲେ 'ନ୍ୟାସନାଲ ପେପର' । ଏହା ବଙ୍ଗଳା ଜାତୀୟତାବାଦର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ୧୮୬୧ରେ 'ଦି ଟାଇମ୍‌ସ୍ ଅଫ୍ ଇଣ୍ଡିଆ'(ବମ୍ବେ), ୧୮୬୫ରେ 'ଦି ପାଇଓନିୟର' (ଆହ୍ଲାବାଦ), ୧୮୬୮ରେ 'ଦି ମାଡ୍ରାସ ମେଲ', ୧୮୭୫ରେ 'ଦି ଷ୍ଟେଟ୍‌ସ୍‌ମ୍ୟାନ' ପ୍ରଭୃତି ସମ୍ବାଦପତ୍ର ମୁକ୍ତିଲାଭ କରିଥିଲା । ବଙ୍ଗଳାରେ ୧୮୬୮ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହେଲା 'ଅମୃତ ବଜାର ପତ୍ରିକା' । 'ଦି ଟାଇମ୍‌ସ୍ ଅଫ୍ ଇଣ୍ଡିଆ' ଭୂମି ମାଲିକମାନଙ୍କୁ ସମର୍ଥନ କରୁଥିବାବେଳେ 'ଦି ଷ୍ଟେଟ୍‌ସ୍‌ମ୍ୟାନ୍' ସରକାରଙ୍କୁ ସମାଲୋଚନା କରୁଥିଲା । ୧୮୭୭ ଖ୍ରୀଷ୍ଟାବ୍ଦରେ ଦୟାଲ ସିଂହ 'ଲାହୋର ଟ୍ରିବ୍ୟୁନ' ନାମକ ଏକ ସମ୍ବାଦପତ୍ର ଛାପିଥିଲେ । ୧୮୭୯ରେ ଜାତୀୟବାଦୀନେତା ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ସମ୍ପାଦନାରେ 'ବଙ୍ଗାଳୀ' ଆତ୍ମପ୍ରକାଶ କଲା । ଦୁଇ ବଙ୍ଗାଳୀ ସମ୍ବାଦପତ୍ର ବଙ୍ଗବାସୀ(୧୮୮୧) ଓ ସଞ୍ଜୀବନୀ(୧୮୮୩) ଲୋକମାନଙ୍କଠାରେ ରାଜନୈତିକ ଓ ସାମାଜିକ ଚେତନା ପ୍ରଚାର କରିଥିଲେ । ଏହିପରି ଭାରତରେ ଦ୍ରୁତଗତିରେ ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧିଲାଭ କଲା । ମଜୁମଦାର ଲେଖିଛନ୍ତି, ୧୮୭୦ରେ ବ୍ରିଟିଶ୍ ଭାରତରେ ପ୍ରଚଳିତ ୬୪୪ଟି ସମ୍ବାଦପତ୍ରରୁ ୪୦୦ରୁ ଅଧିକ ସମ୍ବାଦପତ୍ର ଦେଶୀୟଭାଷାରେ ପ୍ରକାଶଲାଭ କରିଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟଭାଗରେ ଭାରତୀୟମାନଙ୍କ ଠାରେ ପ୍ରେସ୍ ଜାତୀୟ ଚେତନା ବୃଦ୍ଧି ହୋଇଥିଲା । ଭାରତୀୟମାନେ ଦରକାରୀ ବିଷୟଗୁଡିକ ସମ୍ବାଦପତ୍ରରୁ ଜାଣିପାରୁଥିଲେ । ଦେଶର ଖବର ଜାଣିବା ନିମିତ୍ତ ସେମାନଙ୍କ ଠାରେ ଉତ୍କଣ୍ଠା ଜାତ ହେଲା ।

ଦେଶୀୟ ସମ୍ବାଦପତ୍ର ଆଇନ, ୧୮୭୮ (The Vernacular Press Act, 1878)

୧୮୭୮ ଖ୍ରୀଷ୍ଟାବ୍ଦରେ ଲର୍ଡ ଲିଟନ ଦେଶୀୟ ସମ୍ବାଦପତ୍ର ଆଇନ ପ୍ରଚଳନ କରି ସମ୍ବାଦପତ୍ରଗୁଡିକର ସ୍ୱାଧୀନ ମତ ପ୍ରକାଶ କରିବା କ୍ଷେତ୍ରରେ ବାଧା ସୃଷ୍ଟି କଲେ । ତଦ୍ଦ୍ୱାରା ସରକାର ଦେଶୀୟ ସମ୍ବାଦପତ୍ରଗୁଡିକ ନିୟନ୍ତ୍ରଣ କରିଥିଲେ । ଏହି ଆଇନ ଦ୍ୱାରା ଦେଶୀୟ

ସମ୍ବାଦପତ୍ରଗୁଡିକର ମୁଦ୍ରାକର ଓ ପ୍ରକାଶକ ସରକାରଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଉତ୍ତେଜିତ କଲାପରି ଏବଂ ଭାରତସ୍ଥିତ ବ୍ରିଟିଶ୍ ସାମ୍ରାଜ୍ୟରେ ବାସ କରୁଥିବା ଲୋକମାନଙ୍କୁ ବିଭିନ୍ନ ଧର୍ମ, ଦଳ ବା ଜାତି ମଧ୍ୟରେ ବିଦ୍ୱେଷଭାବ ସୃଷ୍ଟି କରିବା ପରି କୌଣସି ଲେଖା ସମ୍ବାଦପତ୍ରଗୁଡିକରେ ଛାପିପାରିଲେ ନାହିଁ । ଏହି ଆଇନ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ର ମଧ୍ୟରେ ବିଭେଦ ସୃଷ୍ଟି କଲା । ମୁଦ୍ରାକର ଓ ପ୍ରକାଶକମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖରେ କିଛି ଅମାନତ ଅର୍ଥ ଦାଖଲ କରିବାକୁ କୁହାଗଲା । ସ୍ଥିର ହେଲା, ଯଦି କେହି ପ୍ରକାଶକ ବା ମୁଦ୍ରାକର ଉକ୍ତ ଆଇନକୁ ଅବମାନନା କରିବେ ତେବେ ତାଙ୍କର ଅମାନତ ଅର୍ଥ ଓ ପ୍ରେସ୍ ବାଜ୍ୟାପ୍ତି କରାଯିବ, ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ ଏବଂ ଏହା ବିରୁଦ୍ଧରେ କୌଣସି ନ୍ୟାୟାଳୟରେ ଅପିଲ (Appeal) ବା ଆବେଦନ କରାଯାଇ ପାରିବ ନାହିଁ ।

ଭାରତୀୟମାନେ ଦେଶୀୟ ସମ୍ବାଦପତ୍ର ଆଇନକୁ 'ଗ୍ୟାଗିଙ୍ଗ ଆକ୍ଟ' ବା 'ମୁଖବନ୍ଦ' ଆଇନରୂପେ ସମାଲୋଚନା କଲେ । ଏହି ଆଇନ ଲୋକମତକୁ ଉପେକ୍ଷା କଲା । ଅବଶ୍ୟ ଏହା ଜାତୀୟତାବାଦର ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା । ଲର୍ଡ ରିପନ ଉକ୍ତ ଦେଶୀୟ ସମ୍ବାଦପତ୍ର ଆଇନକୁ ୧୮୮୨ରେ ପ୍ରତ୍ୟାହାର କରିଥିଲେ ।

ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ପ୍ରେସ୍ ଉତ୍ତମ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲା । ସେହି ସମୟରେ ମରାଠି ଭାଷାରେ ପ୍ରକାଶିତ କେଶରୀ ଓ ମରହଟ୍ଟା ଭାରତୀୟମାନଙ୍କ ଠାରେ ଏକ ନୂତନ ଜାତୀୟତାବାଦର ସ୍ରୋତ ସଞ୍ଚାର କଲେ । ସେତେବେଳେ 'ଦି ହିନ୍ଦୁ' ଓ 'ଦି ଇଣ୍ଡିଆନ ରିଭିଉ'ର ଆତ୍ମପ୍ରକାଶ ଘଟିଲା । ଭାରତୀୟ ଜାତୀୟ କଂଗ୍ରେସର ଆରମ୍ଭ ପରେ ଅଧିକାଂଶ ସମ୍ବାଦପତ୍ର କଂଗ୍ରେସର ଆଦର୍ଶ ଓ ରାଜନୈତିକ ଚିନ୍ତାଧାରାରେ ଲୋକମାନଙ୍କୁ ସଚେତନ କରିଥିଲେ ।

ସମ୍ବାଦପତ୍ର ଆଇନ, ୧୯୦୮ (The Newspaper Act, 1908)

ଲର୍ଡ କର୍ଜନଙ୍କ ଭାରତ ବିରୋଧୀ ନୀତି ଓ ବଙ୍ଗଭଙ୍ଗକୁ ପ୍ରତିବାଦ କରି ସମଗ୍ର ଭାରତରେ ଲୋକମାନେ ଆନ୍ଦୋଳନ କଲେ । ଦେଶରେ ଚରମପନ୍ଥୀମାନଙ୍କର ଆବିର୍ଭାବ ଘଟିଲା । ସେମାନେ ହିଂସାତ୍ମକ କାର୍ଯ୍ୟରେ ଜଡିତ ହେଲେ । 'ଯୁଗାନ୍ତର' ଓ 'ବନ୍ଦେମାତରମ୍' ସମ୍ବାଦପତ୍ର ଦ୍ୱୟ ଜାତୀୟ ମୁକ୍ତି ଓ ପୁନର୍ଗଠନ ନିମନ୍ତେ ଭାରତୀୟମାନଙ୍କୁ ଆହ୍ୱାନ ଦେଲେ । ୧୯୦୭ରେ ମାଡ୍ରାସଠାରେ ଜି.ଏ. ନାଟେସାନ (G.A. Natesan) 'ଦି ମଡର୍ଣ୍ଣ ରିଭିଉ' ଆରମ୍ଭ କଲେ । ଅପରପକ୍ଷେ ସରକାର ମଧ୍ୟ ସମ୍ବାଦପତ୍ରଗୁଡିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା ଚଳାଇଲେ । ଫଳରେ ୧୯୦୮ରେ ସମ୍ବାଦପତ୍ର ଆଇନ ଜାରି ହେଲା । ଉକ୍ତ ଆଇନଟି ଏହିପରି ଥିଲା—

୧ । ହତ୍ୟା କିମ୍ବା ହିଂସା କାର୍ଯ୍ୟ ପାଇଁ ଲୋକମାନଙ୍କୁ ଉତ୍ତେଜିତ କରୁଥିବା ଓ ଆପତ୍ତିଜନକ ଲେଖା ପ୍ରକାଶ କରୁଥିବା ପ୍ରେସ୍ ଓ ତତ୍‌ସହିତ ସଂଲଗ୍ନ ସମ୍ପତ୍ତି ବାଜ୍ୟାପ୍ତି କରିବାର କ୍ଷମତା ମାଜିଷ୍ଟ୍ରେଟଙ୍କୁ ପ୍ରଦାନ କରାଗଲା ।

୨ । ୧୮୬୭ର 'ପ୍ରେସ୍ ଓ ପୁସ୍ତକ ପଞ୍ଜୀକରଣ ଆଇନ' (Press and Registration of Books Act of 1867) ଅବଜ୍ଞା କରିଥିବା ଖବର କାଗଜର ମୁଦ୍ରାକର ଓ ସମ୍ପାଦକଙ୍କ ଦ୍ୱାରା କରାଯାଇଥିବା ଘୋଷଣାକୁ ରଦ୍ଦ କରିବାର କ୍ଷମତା ସ୍ଥାନୀୟ ସରକାରଙ୍କୁ (Local Government) ପ୍ରଦାନ କରାଗଲା ।

୩ । ପ୍ରେସ ବାଜ୍ୟାପ୍ତିର ୧୫ ଦିନ ମଧ୍ୟରେ ସମ୍ବାଦପତ୍ରର ସମ୍ପାଦକ ଓ ମୁଦ୍ରାକର ଇଚ୍ଛାକଲେ ଉଚ୍ଚ ନ୍ୟାୟାଳୟରେ ଅପିଲ କରିପାରିବେ ।

ଏହି ସମ୍ବାଦପତ୍ର ଆଇନ ଅନୁଯାୟୀ ସରକାର ୯ଟି ସମ୍ବାଦପତ୍ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏବଂ ୭ଟି ପ୍ରେସ୍‌କୁ ବାଜ୍ୟାପ୍ତି କଲେ ।

ଭାରତୀୟ ପ୍ରେସ୍ ଆଇନ, ୧୯୧୦ (The Indian Press Act, 1910)

ନିଜ ହସ୍ତମୁଠି ଅଧିକ ଦୃଢୀଭୂତ କରିବାକୁ ସରକାର ଭାରତୀୟ ପ୍ରେସ୍ ଆଇନ, ୧୯୧୦ ଜାରି କରିଥିଲେ । ଏହା ଦ୍ୱାରା ସମ୍ବାଦପତ୍ର ଆଇନକୁ ଅଧିକତର କଠୋର କରାଗଲା । ଏହି ଆଇନ ଅନୁଯାୟୀ ଜଣେ ମାଜିଷ୍ଟ୍ରେଟ୍ ଛାପାଖାନାର ମାଲିକ ଓ ସମ୍ପାଦକମାନଙ୍କ ଠାରୁ ୫୦୦ ଟଙ୍କା ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଅମାନତ ଦାବି କରିପାରିଲେ । ଯଦି ସେମାନଙ୍କ ମଧ୍ୟରୁ ଜଣେ ଏହି ନିୟମକୁ ଲଙ୍ଘନ କରେ, ତେବେ ସେ ଅମାନତ ରଖିଥିବା ଟଙ୍କା ବାଜ୍ୟାପ୍ତ ହେବ । ପୁନଶ୍ଚ ୧୦୦୦ ଟଙ୍କା ରୁ ୧୦,୦୦୦ ଟଙ୍କା ମଧ୍ୟରେ ଅମାନତ ରଖିଲେ ନୂଆ ପଞ୍ଜୀକରଣ ପାଇଁ ଅନୁମତି ଦିଆଯିବ । କୌଣସି ପ୍ରେସ୍ ଯଦି ପୁନର୍ବାର ଆଇନ ନ ମାନେ, ତେବେ ଅମାନତ ଅର୍ଥ ତାହାକୁ ଛାଡିଦେବାକୁ ପଡିବ । କୌଣସି ପ୍ରେସ୍ ଅମାନତ ଅର୍ଥ ଜମା ନ ଦେଲେ ତାହାକୁ ବାଜ୍ୟାପ୍ତି କରାଯିବ । ଯଦି ପ୍ରେସ୍‌ରେ କୌଣସି ଆପତ୍ତିଜନକ ବିଷୟ ପ୍ରକାଶିତ ହୁଏ, ତେବେ ତାହାର ସମ୍ବାଦପତ୍ର, ପୁସ୍ତକ ପ୍ରଭୃତି ମଧ୍ୟ ବାଜ୍ୟାପ୍ତି ହେବ । ଅସନ୍ତୁଷ୍ଟ ପ୍ରେସ୍ ବାଜ୍ୟାପ୍ତି ଆଦେଶର ଦୁଇମାସ ମଧ୍ୟରେ ଉଚ୍ଚନ୍ୟାୟାଳୟର ସ୍ୱତନ୍ତ୍ର ଟ୍ରିବ୍ୟୁନାଲରେ ଅପିଲ କରିପାରିବେ । ସମ୍ବାଦପତ୍ରର ମୁଦ୍ରାକର ପ୍ରକାଶିତ ସମ୍ବାଦପତ୍ରର ପ୍ରତ୍ୟେକ ସଂଖ୍ୟାର ଦୁଇଟି ନକଲ ସରକାରଙ୍କୁ ମାଗଣାରେ ଯୋଗାଇଦେବେ ।

୧୯୧୦, ଭାରତୀୟ ପ୍ରେସ୍ ଆଇନ ଭାରତୀୟ ପ୍ରେସ୍‌ଗୁଡିକର ମୁଖ ବନ୍ଦ କରିଦେଲା । ଏହି ଆଇନ ଦ୍ୱାରା ୯୯୧ଟି ଛାପାଖାନା ଓ ସମ୍ବାଦପତ୍ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ସେଗୁଡିକ ମଧ୍ୟରୁ ୨୮୬ଟିକୁ ସତର୍କ କରିଦିଆଗଲା ଏବଂ ବାକି ୭୦୫ଟି

ମାମଲାରେ ଅଧିକ ଜମା ଦାବି କରାଗଲା । ଆଇନର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ସରକାର ଅମାନତ ଅର୍ଥରୁ ୫ ଲକ୍ଷ ଟଙ୍କା ବାଜ୍ୟାପ୍ତି କଲେ ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ (୧୯୧୪-୧୯୧୮) ଭାରତୀୟ ପ୍ରତିରକ୍ଷା ଆଇନ ପ୍ରବର୍ତ୍ତିତ ହେଲା । ଯୁଦ୍ଧର ଉଦ୍ଦେଶ୍ୟ ସାଧନ କରିବାକୁ ସମ୍ବାଦପତ୍ରଗୁଡ଼ିକ ବ୍ୟବହୃତ ହେଲା । ପ୍ରଶାସକମାନେ ରାଜନୈତିକ ଆନ୍ଦୋଳନ ଏବଂ ପ୍ରକାଶ୍ୟ ଜନସମାଲୋଚନାକୁ ଦମନ କରିବା ପାଇଁ ନୂଆ କ୍ଷମତା ଲାଭକଲେ । ପ୍ରେସ୍ ଆଇନର କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବା ପାଇଁ ୧୯୨୧ରେ ଗୋଟିଏ ପ୍ରେସ୍ କମିଟି ବସିଥିଲା । ତେଜ ବାହାଦୁର ସାପ୍ରୁ ତାହାର ସଭାପତି ଥିଲେ । କମିଟିର ସୁପାରିସ କ୍ରମେ ୧୯୦୮ ଓ ୧୯୧୦ ପ୍ରେସ୍ ଆଇନ ଉଚ୍ଛେଦ କରାଗଲା ।

ସେ ସମୟର ନୂଆ ସମ୍ବାଦପତ୍ରଗୁଡ଼ିକ ହେଲା ଗାନ୍ଧିଙ୍କ 'ୟଙ୍ଗ୍ ଇଣ୍ଡିଆ', ମୋତିଲାଲ ନେହେରୁଙ୍କର ଇଂରାଜୀ ଦୈନିକ ସମ୍ବାଦପତ୍ର 'ଦି ଇଣ୍ଡିପେଣ୍ଡେଣ୍ଟ' ଏବଂ ଶିବପ୍ରସାଦ ଗୁପ୍ତାଙ୍କ 'ଦି ଆଜ୍' । ଗାନ୍ଧିଙ୍କ ରାଜନୈତିକ ଆଦର୍ଶ, କାର୍ଯ୍ୟକ୍ରମ ଓ ନୀତି ଉପରେ 'ୟଙ୍ଗ୍ ଇଣ୍ଡିଆ' ଆଧାରିତ ଥିଲା । ୧୯୨୩ରେ ସମାଜବାଦୀ ଓ କମ୍ୟୁନିଷ୍ଟ ଆଦର୍ଶ ଭାରତରେ ପ୍ରଚାରିତ ହେଲା । ମରାଠି ଭାଷାରେ ସମ୍ପାଦିତ ସାପ୍ତାହିକ 'କ୍ରାନ୍ତି' ଭାରତର ଶ୍ରମିକ ଓ କୃଷକ ଦଳର ମୁଖବନ୍ଧ ଥିଲା; ଏହା ଭାରତରେ ମାର୍କ୍ସବାଦ ପ୍ରଚାର କଲା । ଏମ.ଏନ. ରାୟ ଆରମ୍ଭ କଲେ ଇଂରାଜୀ ସାପ୍ତାହିକ 'ଇଣ୍ଡିପେଣ୍ଡେଣ୍ଟ ଇଣ୍ଡିଆ' । ପୁନଶ୍ଚ ୧୯୩୦ରେ ଗୋଟିଏ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଦି ଫ୍ରି ପ୍ରେସ୍ ଜର୍ଣ୍ଣାଲ' ସଦାନନ୍ଦଙ୍କ ଦ୍ୱାରା ସମ୍ପାଦିତ ହେଲା ।

୧୯୩୧, ଭାରତୀୟ ପ୍ରେସ୍ ଆଇନ (The Indian Press Act, 1931)

ଗାନ୍ଧିଜୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତୀୟ ରାଜନୈତିକ ଆନ୍ଦୋଳନର ଗତିବିଧି ଦେଖି ପ୍ରେସଗୁଡ଼ିକ ଉତ୍ତମରୂପେ ନିୟନ୍ତ୍ରଣ କରିବାକୁ ସରକାର ୧୯୩୧ରେ ଭାରତୀୟ ପ୍ରେସ୍ (ଜରୁରୀ କ୍ଷମତା) ଆଇନ ଜାରି କରିଥିଲେ । ୧୯୧୦ର ପ୍ରେସ୍ ଆଇନ ପୁନର୍ବାର ଲାଗୁ ହେଲା । ଏହି ଆଇନ ଦ୍ୱାରା ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଚାର କାର୍ଯ୍ୟ ଦମନ କରିବାକୁ ପ୍ରାଦେଶିକ ସରକାରଙ୍କୁ ଯଥେଷ୍ଟ କ୍ଷମତା ପ୍ରଦାନ କରାଗଲା । ହିଂସାତ୍ମକ କାର୍ଯ୍ୟ ଓ ଦଙ୍ଗା ଉତ୍ତେଜିତ ବା ଉତ୍ସାହିତ କରୁଥିବା ପ୍ରକାଶିତ ବିଷୟ ବିରୁଦ୍ଧରେ ପଦକ୍ଷେପ ନେବା ଥିଲା ଆଇନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଆଇନ ଦ୍ୱାରା ପୂର୍ବପରି ମୁଦ୍ରାକର ଓ ସମ୍ପାଦକମାନଙ୍କୁ ଅମାନତ ଦେବାକୁ ହେଉଥିଲା । ଯଦି ସେମାନେ ସରକାରଙ୍କ ବିରୁଦ୍ଧରେ ଆପତ୍ତିଜନକ ବିଷୟ ପ୍ରକାଶ କଲେ, ତେବେ ଅମାନତ ଅର୍ଥ ବାଜ୍ୟାପ୍ତି ହେଉଥିଲା । ବିନା ଅମାନତ

ଅର୍ଥରେ କାର୍ଯ୍ୟ କରୁଥିବା ସମ୍ବାଦପତ୍ରଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତି କରାଗଲା । ପୁନଶ୍ଚ ଅନନୁମତ ସମ୍ବାଦପତ୍ର ପ୍ରକାଶ କରୁଥିବା ବ୍ୟକ୍ତି ୬ ମାସ କାରାବରଣ କରିବେ ବୋଲି କୁହାଗଲା । ସମ୍ବାଦପତ୍ରଗୁଡ଼ିକ ମଧ୍ୟ କଂଗ୍ରେସ ପାଇଁ କାର୍ଯ୍ୟ କରିପାରିଲେ ନାହିଁ । ଉକ୍ତ ଆଇନର ପରିସର ଥିଲା ଖୁବ୍ ବ୍ୟାପକ । ମାଜିଷ୍ଟ୍ରେଟ୍, ପୋଲିସ ଉଚ୍ଚକର୍ମଚାରୀ ଏବଂ ଆଞ୍ଚଳିକ ସରକାର ଗୋଟିଏ ପ୍ରେସ୍ କ'ଣ କରିପାରିବ ବା କ'ଣ ନ କରି ପାରିବ, ଏହି ବିଷୟରେ ନିଷ୍ପତ୍ତି ନେଲେ ।

ବୈଦେଶିକ ସମ୍ପର୍କ ଆଇନ, ୧୯୩୨ (Foreign Relation Act, 1932)

୧୯୩୨ ଖ୍ରୀଷ୍ଟାବ୍ଦରେ ବୈଦେଶିକ ସମ୍ପର୍କ ଆଇନ ଜାରିହେଲା । ଏହାର ଉଦ୍ଦେଶ୍ୟ ଥିଲା, ବ୍ରିଟିଶ୍ ସରକାରଙ୍କର ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଥିବା ସମ୍ପର୍କରେ ଆଞ୍ଚ ଆଣିବା ପରି କୌଣସି ବିଷୟ ପ୍ରକାଶ ଉପରେ କଟକଣା ଜାରି କରିବା । ସେତେବେଳେ ଭାରତୀୟ ସମ୍ବାଦପତ୍ରଗୁଡ଼ିକ ବାରମ୍ବାର ପଡ଼ୋଶୀ ରାଜ୍ୟମାନଙ୍କ ବ୍ୟାପାରରେ ହସ୍ତକ୍ଷେପ କରୁଥିଲେ ।

ଭାରତୀୟ ରାଜ୍ୟ ଆଇନ, ୧୯୩୪ (Indian State Act, 1934)

୧୯୩୪ ଖ୍ରୀଷ୍ଟାବ୍ଦରେ ପ୍ରବର୍ତ୍ତିତ ହେଲା ଭାରତୀୟ ରାଜ୍ୟ ଆଇନ । ବ୍ରିଟିଶ୍ ଶାସନାଧୀନ ରାଜ୍ୟଗୁଡ଼ିକର ଶାସନ ଉପରେ ଅଯୌକ୍ତିକ ଆକ୍ରମଣ ବନ୍ଦ କରିବା ଏହି ଆଇନର ଉଦ୍ଦେଶ୍ୟ ଥିଲା । ସେତେବେଳେ ଅନେକ ସମ୍ବାଦପତ୍ର ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଉତ୍ସାହିତ କରୁଥିଲେ । ଅବଶ୍ୟ ଏହି ଆଇନ ଭାରତୀୟ ସମ୍ବାଦପତ୍ରଗୁଡ଼ିକୁ ଅଧିକ ନିୟନ୍ତ୍ରଣ କରିପାରି ନଥିଲା ।

ପ୍ରେସ୍ ଅନୁସନ୍ଧାନ କମିଟି, ୧୯୪୭ (The Press Enquiry Committee, 1947)

୧୯୪୭, ମାର୍ଚ୍ଚ ମାସରେ ଭାରତ ସରକାର ଗଙ୍ଗାନାଥ ଝାଙ୍କ ଅଧ୍ୟକ୍ଷତାରେ ପ୍ରେସ୍ ଅନୁସନ୍ଧାନ କମିଟି ନିଯୁକ୍ତ କରିଥିଲେ । ଭାରତର ସାମ୍ବିଧାନିକ ସଭା ପ୍ରସ୍ତୁତ କରିଥିବା ମୌଳିକ ଅଧିକାର ଅନୁଯାୟୀ ପ୍ରଚଳିତ ପ୍ରେସ୍ ଆଇନଗୁଡ଼ିକ ପରୀକ୍ଷା କରିବା ଥିଲା କମିଟିର କାର୍ଯ୍ୟ । ଉକ୍ତ କମିଟି ଭାରତୀୟ ରାଜ୍ୟ ଆଇନ, ୧୯୩୪ ଓ ବୈଦେଶିକ ସମ୍ପର୍କ ଆଇନ, ୧୯୩୨ର ଉଚ୍ଛେଦ ପାଇଁ ଅନୁମୋଦନ କରିଥିଲା । କମିଟି ମଧ୍ୟ ଭାରତୀୟ ପ୍ରେସ୍ (ଜରୁରୀ କ୍ଷମତା) ଆଇନ, ୧୯୩୧ର କେତୋଟି ଧାରା ରଖି ଅନ୍ୟଗୁଡ଼ିକର ଉଚ୍ଛେଦ ପାଇଁ ଅନୁମୋଦନ କଲା । ହିଂସାବାଦକୁ ଉତ୍ତେଜିତ କରିନଥିବା ପ୍ରଚଳିତ କୌଣସି ସାମାଜିକ ଓ ଆଞ୍ଚଳିକ ସ୍ଥିତିରେ ପରିବର୍ତ୍ତନକୁ ଅପରାଧରୂପେ ଗ୍ରହଣ କରାଯିବ ନାହିଁ ବୋଲି କମିଟି ମତ ପ୍ରଦାନ କଲା । କମିଟି ମଧ୍ୟ ପ୍ରେସ୍ ଓ ପୁସ୍ତକ ପଞ୍ଜୀକରଣ ଆଇନ (Press and Registration

or Books Act)ର ପରିବର୍ତ୍ତନ ପାଇଁ ଅନୁମୋଦନ କଲା । ଆଇନକୁ ବାରମ୍ବାର ଲଘଂନ କଲେ କୌଣସି ପ୍ରେସ୍‌କୁ ନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରିଦେବାର କ୍ଷମତା ନ୍ୟାୟାଳୟଗୁଡ଼ିକ ପାଖରେ ରହିଲା ।

୧୯୪୮ରେ ଭାରତରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଥିଲା ଏକ ବିଶିଷ୍ଟ ଘଟଣା । ଏହି ସଂସ୍ଥା ରିଉଟରସ୍ (Reuters) ସହିତ ବ୍ୟବସ୍ଥାକରି ଭାରତକୁ ଓ ଭାରତ ବାହାରକୁ ସମ୍ବାଦ ସରବରାହ କାର୍ଯ୍ୟରେ ନିୟୋଜିତ ହୋଇଥିଲା ।

୧୯୫୦ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ନୂତନ ସମ୍ବିଧାନ ଗ୍ରହଣ କରାଗଲା । ସ୍ୱାଧୀନ ଭାରତ ସରକାର ୧୯୫୧ରେ ପ୍ରେସ୍ (ଆପତ୍ତିଜନକ ବିଷୟ) ଆଇନ ଜାରି କରିଥିଲେ । ଉକ୍ତ ନୂଆ ଆଇନ ପ୍ରେସ୍‌ର ପୂର୍ବବର୍ତ୍ତୀ ଆଇନ ଅପେକ୍ଷା ଅଧିକତର ବିସ୍ତୃତ ଥିଲା । ସେତେବେଳ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କେନ୍ଦ୍ର ଓ ରାଜ୍ୟ ପ୍ରେସ୍ ଆଇନ ବଦଳରେ ଏହି ନୂତନ ଆଇନ ଲାଗୁ କରାଗଲା । ଏହି ଆଇନ ଦ୍ୱାରା କୌଣସି ସମ୍ବାଦପତ୍ର ତାହାର ସ୍ୱାଧୀନତା ଅପବ୍ୟବହାର କଲେ, ତାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଲା । ସ୍ଥିର ହେଲା, ଯଦି ସମ୍ବାଦପତ୍ରଗୁଡ଼ିକ କୌଣସି ଆପତ୍ତିଜନକ ବିଷୟ ଛାପିବେ ତେବେ ସେଗୁଡ଼ିକୁ ଅମାନତ ଦେବାକୁ ପଡ଼ିବ, ଅବଶ୍ୟ ଏହିପରି ସମ୍ବାଦପତ୍ରଗୁଡ଼ିକର ମୁଦ୍ରାକର ଓ ସମ୍ପାଦକମାନେ ସେମାନଙ୍କର ମତାମତ ଦେବାକୁ ସୁଯୋଗ ପାଇବେ । ଯଦି ସେମାନେ ଜୁରୀଦ୍ୱାରା ଦଣ୍ଡିତ ହୁଅନ୍ତି, ତେବେ ଉଚ୍ଚନ୍ୟାୟାଳୟର ସ୍ୱତନ୍ତ୍ର ଜୁରୀ ପାଖରେ ଅପିଲ କରିପାରିବେ । ଏହି ଆଇନ ୧୯୫୬ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା ।

ଅଧିକାଂଶ ପ୍ରେସ୍ ଥିଲେ ବ୍ରିଟିଶ୍ ବିରୋଧୀ । ସେଗୁଡ଼ିକ ଇଂରେଜମାନଙ୍କର ଭାରତୀୟମାନଙ୍କ ପ୍ରତି କୁ-ଆଚରଣ, ଜାତିଗତ ଅହଂକାର, ଘୃଣାଭାବ ଆଦି ପ୍ରକାଶ କରି ଦେଉଥିଲେ । ସମ୍ବାଦପତ୍ର ମାଧ୍ୟମରେ ଭାରତୀୟମାନେ ହୃଦୟଙ୍ଗମ କଲେ ଯେ ସେମାନେ ଇଂରେଜମାନଙ୍କର ଆର୍ଥନୀତିକ ଶୋଷଣର ଶିକାର ହୋଇଛନ୍ତି । ସାଧାରଣ ବ୍ରିଟିଶ୍ ବିରୋଧୀ ଭାବ ପ୍ରବଳ ହେଲା । ପ୍ରେସ୍ ହେଲା ଭାରତର ସ୍ୱାଧୀନତା ସଂଗ୍ରାମର ଏକ ବିଶେଷ ଅଂଶ । ଏକ ରାଜନୈତିକ ଲକ୍ଷ୍ୟରେ ଭାରତର ସ୍ୱାଧୀନତା ହାସଲ କରିବା ପାଇଁ ପ୍ରେସ୍‌ଗୁଡ଼ିକ ବାରମ୍ବାର ଲୋକମାନଙ୍କୁ ପ୍ରେରଣା ଦେଉଥିଲେ । ପ୍ରାଦେଶିକ ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ପ୍ରେସଗୁଡ଼ିକ ଖୁବ୍ ମୂଲ୍ୟବାନ୍ ଭୂମିକା ନିର୍ବାହ କରୁଥିଲେ । ସ୍ୱାଧୀନ ଭାରତ ସରକାର ବ୍ରିଟିଶ ଶାସନ ସମୟରେ ଥିବା ପ୍ରେସ୍‌ଗୁଡ଼ିକ ଉପରେ କଟକଣା ଉଠାଇ ଦେଇଥିଲେ । ଭାରତର ପ୍ରେସଗୁଡ଼ିକ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କଲେ ।

•

ସପ୍ତଦଶ ଅଧ୍ୟାୟ

ସମାଜ ଓ ଧର୍ମ ସଂସ୍କାର ଆନ୍ଦୋଳନ

(Socio-Religious Reform Movements)

ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ, ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ

(Raja Rammohan Roy, Swami Dayananda, Ramakrishna and Swami Vivekananda)

ଖୁବ୍ ପୁରାତନ ଯୁଗରୁ ଭାରତୀୟ ସମାଜରେ ଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରି ଆସୁଅଛି । ଭାରତ ମଧ୍ୟକୁ ଧସେଇ ପ୍ରବେଶ କରିଥିବା ଯବନ, ଶକ, ପହ୍ଲବ, କୁଶାଣ ଓ ଶେଷରେ ମୁସ୍‌ଲିମ୍‌ମାନେ ଏ ଦେଶରେ ବସତିସ୍ଥାପନ କରିଥିଲେ । ଭାରତର ଶ୍ରେଷ୍ଠ ସଂସ୍କୃତିରେ ସେମାନେ ନିଜକୁ ମିଶାଇ ଦେଇଥିଲେ । ମୁସଲିମ୍‌ମାନଙ୍କର ସାତ ଶହ ବର୍ଷ ଶାସନକାଳ ଭାରତୀୟ ଜୀବନକୁ ଧର୍ମ ନିୟମାଧୀନ କରି ରଖିଥିଲା । ସମୟ ସ୍ରୋତରେ ଭାରତୀୟମାନଙ୍କର ଧର୍ମ ଓ ସାମାଜିକ ଜୀବନରେ ଅନେକ କୁ-ସଂସ୍କାର ଅନୁପ୍ରବେଶ କରିଥିଲା । ଭାରତର ରାଜନୈତିକ, ସାମାଜିକ ଓ ଆର୍ଥିକ ଜୀବନ ବିପର୍ଯ୍ୟସ୍ତ ହେଲା । ଭାରତୀୟ ସଭ୍ୟତା ଓ ସଂସ୍କୃତି ହେଲା ପତନୋନ୍ମୁଖୀ ।

ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟର ପ୍ରଭାବ

(The Western Impact on Indian Society)

ମୁସଲମାନ୍‌ମାନଙ୍କ ଠାରୁ ବ୍ରିଟିଶ୍‌ମାନଙ୍କର ଥିଲା ଏକ ଭିନ୍ନ ବିଜୟ । ଅଷ୍ଟାଦଶ ଶତାବ୍ଦୀରେ ଇଉରୋପରେ ଏକ ବୌଦ୍ଧିକ ସ୍ପନ୍ଦନ ଆସିଥିଲା । ନୂତନ ଜ୍ଞାନବିଜ୍ଞାନର ବିକାଶ ଘଟିବାରୁ ଇଉରୋପରେ ଆଲୋକର ଯୁଗ ଆସିଲା । ଯୁକ୍ତିବାଦ ଓ ଅନୁସନ୍ଧାନ ଦ୍ୱାରା ଇଉରୋପ ସମାଜ ନୂତନ ଭାବରେ ଗତିଶୀଳ ହୋଇଥିଲା । ରାଜନୀତି, ସାମରିକ କୌଶଳ, ଅର୍ଥନୀତି, ଏପରିକି ଧର୍ମକୁ ବୈଜ୍ଞାନିକ ଦୃଷ୍ଟିକୋଣ ପ୍ରଭାବିତ କଲା । ଶିଳ୍ପବିପ୍ଳବ ଯୋଗୁଁ ଆର୍ଥିକ ସମୃଦ୍ଧି ଘଟିଥିଲା । ଫରାସୀ ବିପ୍ଳବ, ଆମେରିକାର ମୁକ୍ତି ସଂଗ୍ରାମ, ଇଟାଲୀ ଓ ଜର୍ମାନୀ ଦେଶର ରୋମାଞ୍ଚକର ଏକତ୍ରୀକରଣ ଏସବୁ ଜାତୀୟତାବାଦ, ମୁକ୍ତି, ସାମ୍ୟ ଓ

ମୈତ୍ରୀ, ଗଣତନ୍ତ୍ର ଶାସନର ବାର୍ତ୍ତା ପ୍ରଚାର କରିଥିଲା ଏବଂ ମାନବୀୟ ରାଜନୀତିକ ଚେତନା ଆଣିଥିଲା । ଅପରପକ୍ଷରେ ଭାରତରେ ଦେଖାଯାଇଥିଲା ଏକ ନିସ୍ତେଜ ସଭ୍ୟତାର ଚିତ୍ର ଏବଂ ଏକ ନିଶ୍ଚଳ ଓ କ୍ଷୟଶୀଳ ସମାଜ । ଭାରତକୁ ପ୍ରତିରୋଧ କରିବାକୁ ପଡିଥିଲା ଦଳେ ବ୍ରିଟିଶ୍ ଆକ୍ରମଣକାରୀଙ୍କୁ, ଯେଉଁମାନଙ୍କର ଜାତିଗତ ଓ ସାଂସ୍କୃତିକ ଏକତା ଭାରତୀୟମାନଙ୍କଠାରୁ ଉତ୍କୃଷ୍ଟତର ଥିଲା । ଜଣାପଡିଗଲା ଯେ ଭାରତ ସମ୍ପୂର୍ଣ୍ଣରୂପେ ପାଶ୍ଚାତ୍ୟ ଚିନ୍ତାଧାରା ଏବଂ ପାଶ୍ଚାତ୍ୟ ଜୀବନର ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଛି ।

ସଂସ୍କାର ଆନ୍ଦୋଳନର କାରଣ (Causes of the Reform Movement)

୧ । ଭାରତରେ ନବଜାଗରଣ ପାଇଁ ପ୍ରଥମ ପାହଚ ନିର୍ମାଣ କରିଥିଲା ଇଂରାଜୀ ଶିକ୍ଷା । ଇଂରାଜୀ ଶିକ୍ଷାନୁଷ୍ଠାନଗୁଡିକ ଖୋଲିବାରୁ ଲୋକମାନଙ୍କ ମନରେ ଇଂରାଜୀ ଶିକ୍ଷା ପାଇଁ ଆଗ୍ରହ ବଢିଥିଲା । ଇଂରାଜୀ ଭାଷାରେ ଅନେକ ପୁସ୍ତକ ପ୍ରକାଶ ପାଇଥିଲା । ଭାରତରେ ନୂତନ ଜ୍ଞାନାଲୋକ ଦିପ୍ତିମନ୍ତ ହେଲା । ଇଉରୋପର କଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ସମ୍ବନ୍ଧରେ ଶିକ୍ଷିତ ଭାରତୀୟମାନେ ଜାଣିବାକୁ ପାଇଥିଲେ । ସ୍ୱାଧୀନତା ଓ ଗଣତନ୍ତ୍ରର ଭାବଧାରା ଭାରତୀୟମାନଙ୍କ ରାଜନୈତିକ ଜୀବନକୁ ପୁଷ୍ଟ କରିଥିଲା ।

୨ । ଭାରତକୁ ଆଧୁନିକୀକରଣରେ ସ୍ଫୀତ କରିଥିଲା ବଡଲାଟମାନଙ୍କର ସଂସ୍କାର କାର୍ଯ୍ୟ । ଲର୍ଡ ଡ୍ୟାଲହାଉସୀ ରେଳ, ଟେଲିଗ୍ରାଫ୍ ଓ ଡାକ ପ୍ରଚଳନ କଲେ । ବେଣ୍ଟିକ୍ ସତୀଦାହ ପ୍ରଥା ଉଚ୍ଛେଦ କଲେ । ଡ୍ୟାଲହାଉସୀ ବିଧବା ବିବାହର ପୁନଃ ପ୍ରଚଳନ କରିଥିଲେ । ଏସବୁ ଥିଲା ନବଜାଗରଣର ବାର୍ତ୍ତାବାହକ ।

୩ । ପ୍ରଥମେ ଇଂରେଜମାନେ ଖୋଲାଖୋଲି ଭାବରେ କହୁଥିଲେ ଯେ ଭାରତୀୟମାନେ ସେମାନଙ୍କର ଧର୍ମ ମୁକ୍ତଭାବରେ ଅଭ୍ୟାସ କରିବେ; କିନ୍ତୁ ୧୮୧୩ ଚାର୍ଟର ଆଇନ ଅନୁଯାୟୀ ସେମାନେ ନିଷ୍ପତ୍ତି ନେଲେ ଯେ ଭାରତରେ ଧର୍ମ ଓ ନୈତିକତାକୁ ସେମାନେ ବିକାଶ କରିବେ । ଏହାପରେ ପାଦ୍ରିମାନେ ଖ୍ରୀଷ୍ଟଧର୍ମ ପ୍ରଚାର କଲେ । ସେମାନେ ହିନ୍ଦୁଧର୍ମ ଓ ଏହାର ଦେବାଦେବୀମାନଙ୍କୁ ନିନ୍ଦା କରିଥିଲେ । ତେଣୁ ଭାରତୀୟମାନେ ଚାହିଁଲେ ସେମାନଙ୍କ ଧର୍ମର ମହନୀୟତାକୁ ପ୍ରତିପାଦନ କରିବେ ।

୪ । ସମ୍ବାଦପତ୍ର ଓ ପତ୍ରପତ୍ରିକାମାନ ମଧ୍ୟ ଭାରତର ଅତୀତ ଗୌରବକୁ ସ୍ମରଣ କରାଇଥିଲା । ପ୍ରାଚୀନ ପୁସ୍ତକ ପୁନରୁଦ୍ଧାର କରାଗଲା ଏବଂ ମୁଦ୍ରଣ କରାଗଲା । ଗବେଷକ, ଐତିହାସିକ ଏବଂ ମନୀଷୀମାନେ ମହାନ୍ ସଂସ୍କୃତିର ସ୍ତୁତିଚାରଣ କରିଥିଲେ । ଏହା ଭାରତର ନବଜାଗରଣରେ ସାହାଯ୍ୟ କରିଥିଲା ।

ଆନ୍ଦୋଳନର ପ୍ରବାହ :

ଊନବିଂଶ ଶତାବ୍ଦୀରେ ଯେପରି ଜଣାପଡୁଥିଲା ଇଉରୋପର ରହିଛି ଅସାମାନ୍ୟ ସଭ୍ୟତା ଏବଂ ଭାରତ ତା'ର ପଶ୍ଚାତ୍‌ରେ ପଡିରହିଛି । ସେତେବେଳେ ଡିରୋଜିଓଙ୍କ ପରି କେତେକ ଇଂରାଜୀଶିକ୍ଷିତ ବଙ୍ଗୀୟ ଯୁବକ ହିନ୍ଦୁଧର୍ମ ଓ ସଂସ୍କୃତି ବିରୋଧରେ ଏକ ବିତୃଷ୍ଣାଭାବ ଜାତକଲେ । ସେମାନଙ୍କ ମନରେ ଆଧୁନିକତ୍ୱ, ପ୍ରଗତି ଓ ପରିବର୍ତ୍ତନ ପାଇଁ ଚେତନା ଆସିଲା । ପୁରାତନ ଚିନ୍ତାଧାରାରୁ ମୁକ୍ତିଲାଭ କରି ନୂତନ ଚିନ୍ତାରେ ନିମଜ୍ଜିତ ହେବା ପାଇଁ ସେମାନେ ଉତ୍ସାହିତ ହେଲେ । ତରୁଣବଙ୍ଗ (Young Bengal) ନାମକ ଏକ ଶିକ୍ଷିତ ଗୋଷ୍ଠୀ ପ୍ରଚଳିତ ହିନ୍ଦୁ ବିଶ୍ୱାସକୁ ଅସ୍ୱୀକାର କଲେ । କୁଳୀନ ବ୍ୟକ୍ତିମାନେ ବାଲ୍ୟ ବିବାହ, ସତୀଦାହ, ବହୁ ବିବାହ ଏବଂ ପର୍ଦ୍ଦାଆଦି ପ୍ରଥାଗୁଡିକୁ ସମ୍ମାନଜନକ ବୋଲି କହୁଥିବାବେଳେ ସେମାନେ ଜାଣିପାରୁ ନ ଥିଲେ ନାରୀମାନେ ଏହାଦ୍ୱାରା କେତେ ଯେ ଅତ୍ୟାଚାରିତ ହେଉଛନ୍ତି । ପୁଣି ଶୂଦ୍ରମାନଙ୍କୁ ଅସ୍ପୃଶ୍ୟ ବୋଲି ଘୃଣା କରାଯାଉଥିଲା । ସେମାନଙ୍କର ଶିକ୍ଷାର ଅଧିକାର ନଥିଲା ଏବଂ ସେମାନଙ୍କୁ ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ କରାଯାଉଥିଲା । ସମାଜର ଏପରି ପରମ୍ପରା, ରୀତିନୀତି ଏବଂ ସାମାଜିକ ଅନୁଷ୍ଠାନ ବିରୁଦ୍ଧରେ ଶିକ୍ଷିତ ବଙ୍ଗୀୟ ଯୁବକମାନେ ବିଦ୍ରୋହୀ ହୋଇପଡିଲେ । ସେମାନେ ପୁରାତନ ଧର୍ମ ଓ ପରମ୍ପରାକୁ ତ୍ୟାଗ କରି ହିନ୍ଦୁ ମନୋଭାବକୁ ଉତ୍ତେଜିତ କରୁଥିଲେ । କୁହାଯାଉଥିଲା ଯେ ମଦ୍ୟପାନ ଓ ମାଂସ ଭକ୍ଷଣ ଆଦି କେତେକ ଅବାଞ୍ଛିତ ଆଚରଣ ସେମାନେ ପ୍ରଦର୍ଶନ କରିଥିଲେ ।

ଧର୍ମ ନିରପେକ୍ଷତାର ଏକ ନୂତନ ଧାରଣା ମଧ୍ୟ ଜନ୍ମଲାଭ କରିଥିଲା । ବିଚାର ଶକ୍ତି ଦ୍ୱାରା ଜଣେ ବ୍ୟକ୍ତିଙ୍କର ଧର୍ମୀୟ ଓ ସାମାଜିକ ଜୀବନର ଘଟଣା ନିୟନ୍ତ୍ରଣ କରିବାର ଧାରଣା ଆସିଲା । ଆଧୁନିକ ଜ୍ଞାନ ପରୀକ୍ଷାରେ ପୁରୁଣା ଅଭ୍ୟାସ ଓ ବିଶ୍ୱାସଗୁଡିକ ଛିଡାହୋଇପାରିଲା ନାହିଁ । ରସୁଣ, ପିଆଜ ଓ ଅଦା ଆଦିକୁ ଖାଦ୍ୟ ରୂପେ ଗ୍ରହଣ କରିବାକୁ ଧର୍ମରେ ଯେଉଁ ବାରଣ କରାଯାଇଥିଲା, ସେଥିରେ ଶିକ୍ଷିତ ବ୍ୟକ୍ତିମାନେ ବିଜ୍ଞାନର ପରିମାପରେ କୌଣସି ଯୁକ୍ତି ଦେଖିଲେ ନାହିଁ । ସେମାନେ ଖାଦ୍ୟସାର ଉପରେ ବରଂ ଅଧିକ ଗୁରୁତ୍ୱ ଦେଲେ । ଗୃହରେ ପ୍ରଚଳିତ କର୍ମକାଣ୍ଡଗୁଡିକୁ ମଧ୍ୟ ପରିବର୍ତ୍ତନ କରାଗଲା । ଉଦାହରଣସ୍ୱରୂପ, ଝିଅଟିଏ ବିବାହଯୋଗ୍ୟ ହେଲେ ଆଉ ବିସ୍ତୃତ ଭାବରେ କର୍ମକାଣ୍ଡ କରିବାକୁ ପଡିଲା ନାହିଁ; ଜଣାପଡିଗଲା ଯେ ଶାରୀରିକ ଅଭିବୃଦ୍ଧିରେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ସହରୀକରଣ, ଟେବୁଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟ ଗ୍ରହଣ, ପ୍ୟାଣ୍ଟ ଓ କୋଟ୍ ପରିଧାନ ଆଦି ଆଧୁନିକ ଚଳଣି ପାଶ୍ଚାତ୍ୟ ଚିନ୍ତାଧାରାରୁ ଉଦ୍‌ଗତ ହେଲା । ନୈଷ୍ଠିକତାକୁ ତ୍ୟାଗ କରାଗଲା ଏବଂ ନବଜାଗରଣ ଅନୁଚିନ୍ତା ସମଗ୍ର ଭାରତବର୍ଷରେ ଉଦ୍ରେକ ହେଲା ।

ଭାରତର ବୁଦ୍ଧିଜୀବୀଗଣ ଦେଶର ଐତିହ୍ୟ ଓ ପରମ୍ପରାକୁ ବିଶ୍ଳେଷଣ କରି ଦେଖିଲେ ଯେ ଅନେକ ବିଶ୍ୱାସ ଓ ପ୍ରଥା ଆଉ ବ୍ୟବହାରରେ ଆସୁନାହିଁ, ତେଣୁ ସେଗୁଡିକୁ ତ୍ୟାଗ କରାଯିବା ଉଚିତ । ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁ-ଅଭ୍ୟାସଗୁଡିକୁ ସେମାନେ ହିନ୍ଦୁଧର୍ମରୁ ମୁକ୍ତ କରିବାକୁ ଚାହିଁଲେ । ପ୍ରତିମାପୂଜା, ତୀର୍ଥଯାତ୍ରା ଓ ଅନ୍ୟ କେତେକ ପରମ୍ପରା ଉପରେ ସେମାନେ ସୂକ୍ଷ୍ମ ପରୀକ୍ଷା କଲେ ।

ସଂସ୍କାର ଆନ୍ଦୋଳନର ପ୍ରକାରଭେଦ :

ଭାରତରେ ଦୁଇ ପ୍ରକାର ସଂସ୍କାର ଆନ୍ଦୋଳନ ଆରମ୍ଭ ହୋଇଥିଲା । ପ୍ରଥମ ପ୍ରକାର ଆନ୍ଦୋଳନରେ ବ୍ରାହ୍ମ ସମାଜ, ପ୍ରାର୍ଥନା ସମାଜ ଏବଂ ଆଲିଗଡ ଆନ୍ଦୋଳନ ଅନ୍ତର୍ଭୁକ୍ତ । ଏହି ପ୍ରକାର ଆନ୍ଦୋଳନରେ ରାଜା ରାମମୋହନ ରାୟଙ୍କ ପରି କେତେକ ପକ୍ୱମସ୍ତିକ ସମ୍ପନ୍ନ ବ୍ୟକ୍ତି ପାଶ୍ଚାତ୍ୟ ଚିନ୍ତାଧାରା ଓ ମୂଲ୍ୟବୋଧକୁ ସମ୍ମାନ ଦେଲେ; ମାତ୍ର ହିନ୍ଦୁଧର୍ମକୁ ତ୍ୟାଗ କରିବାକୁ ଚାହୁଁ ନଥିଲେ । ସେମାନେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶ୍ରେଷ୍ଠ ସଂସ୍କୃତି ଗ୍ରହଣ କଲେ । ଅନ୍ୟ ପ୍ରକାର ଆନ୍ଦୋଳନ ପୁନର୍ଜାଗରଣ ଉପରେ ଗୁରୁତ୍ୱ ଦେଉଥିଲା । ସେଗୁଡିକ ହେଲା- ଆର୍ଯ୍ୟ ସମାଜ, ରାମକୃଷ୍ଣ ମିଶନ ଏବଂ ଦେଓବାନ୍ଦ ଆନ୍ଦୋଳନ । ଏହି ଆନ୍ଦୋଳନରେ ନେତାମାନେ ପାଶ୍ଚାତ୍ୟ ସଂସ୍କୃତିର ଶ୍ରେଷ୍ଠତାକୁ ଅସ୍ୱୀକାର କରିଥିଲେ । ସେମାନଙ୍କ ମତରେ ଭାରତର ସାଂସ୍କୃତିକ ପରମ୍ପରାରେ ଅନେକ ଅନ୍ତର୍ନିହିତ ମୂଲ୍ୟ ରହିଛି, ତାହାର ପୁନରୁତ୍ଥାନ କରାଯିବା ଉଚିତ । ଏହିପରି ସାମାଜିକ ଓ ଧର୍ମ ସଂସ୍କାର ଆନ୍ଦୋଳନ ଆରମ୍ଭ ହେଲା ଏବଂ ଭାରତୀୟ ସମାଜର ପ୍ରତ୍ୟେକ ଅଂଶକୁ ସ୍ପର୍ଶ ଦେଇଥିଲା ।

ବ୍ରାହ୍ମ ସମାଜ ଏବଂ ରାଜା ରାମମୋହନ ରାୟ
(The Brahmo Samaj and Raja Rammohan Roy)

ରାଜା ରାମମୋହନ ରାୟ ଯୁକ୍ତିବାଦ ଓ ଅନୁସନ୍ଧାନର ପ୍ରଥମ ଓ ଶ୍ରେଷ୍ଠ ପ୍ରତିନିଧି । ରବୀନ୍ଦ୍ରନାଥ ଟାଗୋରଙ୍କ ଭାଷାରେ ସେ ଥିଲେ, ''ଆଧୁନିକ ଯୁଗର ଉଦ୍‌ଘାଟକ ।''

ଜୀବନୀ :

୧୭୭୨ ମେ ୨୨ ତାରିଖ ଦିନ ରାମମୋହନ ରାୟ ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲ୍ଲାର ରାଧାକାନ୍ତପୁର ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ରମାକାନ୍ତ ରାୟ ଓ ମାତାଙ୍କ ନାମ ତାରିଣୀ ଦେବୀ । ସେ ପାର୍ଶୀ, ଆରବୀ ଓ ସଂସ୍କୃତ ଭାଷା ଶିକ୍ଷା କରିଥିଲେ । ତିବ୍ବତୀୟ ଭାଷା, ଇଂରାଜୀ, ଇଟାଲୀ ଓ ଗ୍ରୀକ୍ ଭାଷା ମଧ୍ୟ ତାଙ୍କୁ ଜଣାଥିଲା । ବେଦ, ଉପନିଷଦ, ବାଇବେଲ୍, କୋରାନ୍, ଜେନ୍ଦାୟେଭେସ୍ତା ଏବଂ ବୌଦ୍ଧଗ୍ରନ୍ଥ ଆଦି ସେ ଅଧ୍ୟୟନ କରିଥିଲେ । ରାମମୋହନ ଥିଲେ ଜଣେ ଶ୍ରେଷ୍ଠ

ସଂସ୍କାରକ । ୧୮୨୮ ଅଗଷ୍ଟ ୨୦ ତାରିଖରେ ସେ ବ୍ରାହ୍ମସଭା ସ୍ଥାପନ କରିଥିଲେ । ୧୮୩୦ ରେ ଏହା ବ୍ରାହ୍ମ ସମାଜ ରୂପେ ଖ୍ୟାତିଲାଭ କରିଥିଲା । ସେ ସତୀଦାହ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ସହାୟତାରେ ବେଣ୍ଟିକ୍ ସତୀଦାହ ପ୍ରଥା ଭାରତରୁ ଉଚ୍ଛେଦ କରିଥିଲେ । ଭାରତରେ ଇଂରାଜୀଭାଷାର ପ୍ରବର୍ତ୍ତନ ପାଇଁ ମଧ୍ୟ ତାଙ୍କର ଉଦ୍ୟମ ଥିଲା ସ୍ମରଣୀୟ । ତାଙ୍କର ପ୍ରଚେଷ୍ଟାରେ କଲିକତାରେ 'ଇଂଲିଶ ସ୍କୁଲ', 'ବେଦାନ୍ତ କଲେଜ' ଏବଂ 'ସିଟି କଲେଜ' ଆଦି ଶିକ୍ଷାନୁଷ୍ଠାନମାନ ଗଢିଉଠିଥିଲା । ସେ ବଙ୍ଗଳାରେ 'ସମ୍ବାଦ କୌମୁଦୀ' ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ । 'ମିରଟ-ଉଲ-ଅଖବାର' ନାମକ ଏକ ଉର୍ଦ୍ଦୁ ଖବରକାଗଜର ସେ ସମ୍ପାଦନ ଦାୟିତ୍ୱ ନେଇଥିଲେ । ତେଣୁ ତାଙ୍କୁ କୁହାଗଲା ଭାରତୀୟ 'ସମ୍ବାଦପତ୍ରର ଜନକ' । ମୋଗଲ ସମ୍ରାଟ ଦ୍ୱିତୀୟ ଆକବରଙ୍କୁ ଉପାଧି ଓ ଅନ୍ୟାନ୍ୟ ସୁବିଧା ଦେବା ନିମିତ୍ତ ସେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିଥିଲେ, ତେଣୁ ଆକବର ତାଙ୍କୁ ରାଜା ଉପାଧିରେ ଭୂଷିତ କରିଥିଲେ । ଏହିପରି ସମାଜ ଓ ଧର୍ମ ସଂସ୍କାର ମଧ୍ୟରେ ତାଙ୍କର ଘଟଣାବହୁଳ ଜୀବନ ୧୮୩୩ ଖ୍ରୀଷ୍ଟାବ୍ଦରେ ବ୍ରିଷ୍ଟଲ ସହରଠାରେ ପରିସମାପ୍ତି ଘଟିଥିଲା ।

ରାମମୋହନଙ୍କ ସଂସ୍କାର :

ରାଜନୈତିକ, ସାମାଜିକ ଓ ଧର୍ମକ୍ଷେତ୍ରରେ ରାମମୋହନ ବହୁବିଧ ସଂସ୍କାର ଆଣିଛନ୍ତି । ରାଜନୈତିକ ଦୃଷ୍ଟିକୋଣରୁ ରାମମୋହନ ବିଶ୍ୱାସ କରୁଥିଲେ ଯେ ଭାରତ ପ୍ରତି ବ୍ରିଟିଶ୍ ଶାସନର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅଛି । ସେହି ଲକ୍ଷ୍ୟ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେମାନେ ଭାରତରେ ରୁହନ୍ତୁ ବୋଲି ସେ ଚାହୁଁଥିଲେ । ସେ ଭାରତରେ ନୂତନ ରାଜନୈତିକ ଜାଗରଣ ସୃଷ୍ଟି କରିଥିଲେ । ୧୮୨୧ ରେ ସେ 'କାଲକାଟା ଜର୍ଣ୍ଣାଲ'ର ସମ୍ପାଦକ ଜେ.ଏସ୍. ବକିଙ୍ଗହାମଙ୍କ ନିକଟକୁ ଲେଖିଥିଲେ ଯେ ସମଗ୍ର ଇଉରୋପୀୟ ଏବଂ ଏସୀୟ ଦେଶଗୁଡିକ ମୁକ୍ତିବାଦ ଉପରେ ବିଶ୍ୱାସ କରନ୍ତି । ସ୍ୱାଧୀନ ମନୋଭାବ ପୋଷଣ କରିବା ପାଇଁ ସେ ଭାରତୀୟମାନଙ୍କୁ ଉପଦେଶ ଦେଇଥିଲେ । ବିପିନ ଚନ୍ଦ୍ର ପାଲ୍ କହିଛନ୍ତି, ''ପ୍ରଥମ ଭାରତୀୟ ହିସାବରେ ରାଜା (ରାମମୋହନ) ଭାରତୀୟମାନଙ୍କୁ ରାଜନୈତିକ ସ୍ୱାଧୀନତାର ସନ୍ଦେଶ ପ୍ରଦାନ କରିଥିଲେ ।''

ସାମାଜିକ ସଂସ୍କାରକ ରୂପେ ରାମମୋହନ ଜାତିପ୍ରଥା, ବହୁବିବାହ, ବାଲ୍ୟ ବିବାହ ଏବଂ ସତୀଦାହ ପ୍ରଥା ବିରୋଧ କରିଥିଲେ । ସତୀଦାହ ପରି ଅମାନୁଷିକ ପରମ୍ପରା ବିରୁଦ୍ଧରେ ବେଣ୍ଟିକ୍ ନେଇଥିବା ପଦକ୍ଷେପକୁ ସେ ଦୃଢ ଭାବରେ ସମର୍ଥନ କରିଥିଲେ । ଇଂଲଣ୍ଡ ଯାତ୍ରା କରି ପ୍ରିଭି କାଉନସିଲ ଆଗରେ ଏହି ବର୍ବର ପ୍ରଥା ବିରୋଧରେ ସେ ସାକ୍ଷ୍ୟ ଦେଇଥିଲେ । ୧୮୨୯ ରେ ସତୀଦାହ ପ୍ରଥା ଉଚ୍ଛେଦ ହୋଇଥିଲା । ଜାତିପ୍ରଥାକୁ ମଧ୍ୟ ସେ ତୀବ୍ର ବିରୋଧ

କଲେ । ତାଙ୍କ ମତରେ ସମସ୍ତ ମନୁଷ୍ୟ ଏକ ଈଶ୍ୱରଙ୍କର ସନ୍ତାନ । ସେ ନାରୀସ୍ୱାଧୀନତା ଓ ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଲେ । 'ବାଲ୍ୟ ବିବାହ' ଓ 'ବହୁପତ୍ନୀ ବିବାହ' ଆଦି ଘୃଣ୍ୟ ପ୍ରଥା ବିରୁଦ୍ଧରେ ସେ ପ୍ରଚାର କଲେ । ସେ କହୁଥିଲେ ଯେ ପିତାଙ୍କ ସମ୍ପତ୍ତି ଉପରେ ପୁତ୍ର ପରି କନ୍ୟାର ମଧ୍ୟ ଅଧିକାର ଅଛି ।

ସବୁଠୁଁ ଅଧିକ ଆବେଗମୟ ଥିଲା ତାଙ୍କର ଧର୍ମ ସଂସ୍କାର । ପ୍ରଚଳିତ ଧର୍ମ ବିଶ୍ୱାସ ଓ ସାମାଜିକ ରୀତିନୀତି ହିନ୍ଦୁଧର୍ମ ଗ୍ରନ୍ଥ ନୀତି ଅନୁଯାୟୀ ନୁହେଁ ବୋଲି ସେ ଆପତ୍ତି ଉଠାଇଥିଲେ । ସେ ବୁଝାଇବାକୁ ଚେଷ୍ଟା କଲେ ଯେ ବହୁଈଶ୍ୱର ବିଶ୍ୱାସ ଓ ମୂର୍ତ୍ତି ପୂଜା ବେଦଆଦର୍ଶର ପରିପନ୍ଥୀ । ସେ ମଧ୍ୟ ଖ୍ରୀଷ୍ଟଧର୍ମକୁ ଅସ୍ୱୀକାର କଲେ ଏବଂ ଯୀଶୁଙ୍କ ଈଶ୍ୱରତ୍ୱ ବିରୋଧରେ ଆପତ୍ତି କଲେ; କିନ୍ତୁ ସେ ଇଉରୋପର ମାନବବାଦ ଗ୍ରହଣ କରିଥିଲେ । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସାଂସ୍କୃତିକ ସମନ୍ୱୟ ଘଟାଇବା ପାଇଁ ତାଙ୍କର ଉଦ୍ଦେଶ୍ୟ ଥିଲା । କେତେଦୂର ତାଙ୍କର ଚିନ୍ତାଧାରା ଯୁକ୍ତିଯୁକ୍ତ ଥିଲା ତାହା ଭିନ୍ନ କଥା; ମାତ୍ର ସେ ଯେପରି ଭାବରେ ପୁରୋହିତମାନଙ୍କର କର୍ତ୍ତୃତ୍ୱ ବା ଧର୍ମଗ୍ରନ୍ଥଗୁଡିକର ବ୍ୟାଖ୍ୟା ସାଧାରଣ ଓ ପ୍ରକାଶ୍ୟ ଭାବରେ ବିରୋଧ କଲେ ଏବଂ ମଧ୍ୟଯୁଗୀୟ ଧର୍ମନୀତିର ଅତ୍ୟାଚାର ବିରୁଦ୍ଧରେ ସେ ଯେପରି ବେଗରେ ଆକ୍ରମଣ ଚଳାଇଲେ, ତାହା ଥିଲା ଆଧୁନିକ ଭାରତ ଗଠନ ପାଇଁ ଏକ ଆହ୍ୱାନ । ତାଙ୍କର ଅବଦାନ ତାଙ୍କୁ ବେକନ ଓ ଲୁଥରଙ୍କ ସମକକ୍ଷ କରିଦିଏ । ଉପନିଷଦର ଏକ ଈଶ୍ୱରତତ୍ତ୍ୱ ପ୍ରତିମା ପୂଜାକୁ ଅଧଃପତିତ ହୋଇଛି ବୋଲି ସେ ମତ ଦେଲେ । ନିଜର ସମୟ, ଶକ୍ତି ଓ ସାହିତ୍ୟିକ ଦକ୍ଷତା ଖଟାଇ ହିନ୍ଦୁଧର୍ମଶାସ୍ତ୍ରଗୁଡିକର ଏକ ଈଶ୍ୱରବାଦ ଆଦର୍ଶ ସପକ୍ଷରେ ସେ ପ୍ରଚାର ଚଳାଇଥିଲେ; କିନ୍ତୁ ରାମମୋହନ ଏକ ନୂତନ ଧର୍ମ ପ୍ରତିଷ୍ଠା କରିବାକୁ ଚାହୁଁ ନଥିଲେ । ସେ ଚାହୁଁଥିଲେ ହିନ୍ଦୁଧର୍ମକୁ କୁ-ଅଭ୍ୟାସଗୁଡିକରୁ ମୁକ୍ତ କରିବେ । ଜୀବନର ଶେଷ ପର୍ଯ୍ୟନ୍ତ ସେ ଥିଲେ ଜଣେ ହିନ୍ଦୁ ଏବଂ ସେ ସର୍ବଦା ଉପବୀତ ଧାରଣ କରୁଥିଲେ ।

ବ୍ରାହ୍ମ ସମାଜ :

୧୮୨୮ ଅଗଷ୍ଟ ୨୦ ତାରିଖରେ ସ୍ଥାପିତ ବ୍ରାହ୍ମସଭା ୧୮୩୦ ଖ୍ରୀଷ୍ଟାବ୍ଦରେ ବ୍ରାହ୍ମ ସମାଜକୁ ରୂପାୟିତ ହୋଇଥିଲା । ବ୍ରାହ୍ମ ସମାଜର ଲକ୍ଷ୍ୟଥିଲା— "ଧର୍ମମତ ନିର୍ବିଶେଷରେ ସମସ୍ତ ମନୁଷ୍ୟ ମନରେ ବଦାନ୍ୟତା, ନୈତିକତା, ଦୟା, ଧର୍ମନିଷ୍ଠା, ପରହିତୈଷା ଓ ପୂଣ୍ୟଭାବ ଉଦ୍ରେକ କରିବା ଏବଂ ସମସ୍ତଙ୍କ ମଧ୍ୟରେ ଐକ୍ୟଭାବ ସୁଦୃଢ଼ କରିବା ।"

ବ୍ରାହ୍ମସମାଜର ନୀତି ଥିଲା ଏହିପରି —

୧ । ଏହା ଅବତାରବାଦକୁ ଅସ୍ୱୀକାର କରିଥିଲା ।

୨ । ଏହା ଧର୍ମଗ୍ରନ୍ଥର କର୍ତ୍ତୃତ୍ୱକୁ ଅବମାନନା କରିଥିଲା ।

୩ । ଏହା ବହୁ ଈଶ୍ୱରବାଦ ଏବଂ ପ୍ରତିମା ପୂଜାକୁ ନିନ୍ଦା କରିଥିଲା ।

ଏହା ଜାତିପ୍ରଥାକୁ ସମାଲୋଚନା କଲା ।

୪ । ଏହା ପ୍ରଚାର କଲା ଯେ ପାପ ଆଚରଣ ନ କଲେ ମନୁଷ୍ୟ ନିର୍ବାଣ ବା ମୁକ୍ତି

୫ । ପାଇପାରିବ ।

୬ । ଏହା ନାରୀ ଜାଗରଣ ଉପରେ ଗୁରୁତ୍ୱ ଆରୋପ କଲା ।

୭ । ଏହା କର୍ମବାଦ ଓ ଆତ୍ମାର ଦେହାନ୍ତର ପ୍ରାପ୍ତି ଉପରେ ନିର୍ଦ୍ଦିଷ୍ଟ ମତ ଦେଇ ନଥିଲା ।

ଏଚ.ସି.ଇ. ଜାଚାରିଆସ୍ (H.C.E. Zacharias) ଲେଖିଛନ୍ତି— "ରାଜା ରାମମୋହନ ରାୟ ଏବଂ ତାଙ୍କର ବ୍ରାହ୍ମ ସମାଜ ହିନ୍ଦୁଧର୍ମରେ, ସମାଜରେ ବା ରାଜନୀତିରେ ହେଉ, ବିବିଧ ସଂସ୍କାର ଆନ୍ଦୋଳନ ପାଇଁ ଏକ ଆରମ୍ଭ ସ୍ଥାନ ପ୍ରସ୍ତୁତ କରେ, ଯାହା ଆଧୁନିକ ଭାରତକୁ ଆନ୍ଦୋଳିତ କରିଅଛି ।"

ରାମମୋହନଙ୍କ ମୃତ୍ୟୁ ପରେ ବ୍ରାହ୍ମ ସମାଜ ଆନ୍ଦୋଳନକୁ ଦେବେନ୍ଦ୍ର ନାଥ ଟାଗୋର ଓ କେଶବ ଚନ୍ଦ୍ର ସେନ ଜନପ୍ରିୟ କରାଇ ଏହାକୁ ଏକ ନୂତନ ଦିଗନ୍ତ ଦେଇଥିଲେ । କେଶବ ଚନ୍ଦ୍ର ଅସବର୍ଣ୍ଣ ବିବାହ ଉପରେ ଗୁରୁତ୍ୱ ଦେବାରୁ ଦେବେନ୍ଦ୍ର ନାଥଙ୍କ ସହିତ ତାଙ୍କର ମତ ପାର୍ଥକ୍ୟ ଘଟିଲା । ତେଣୁ କେଶବ ଓ ତାଙ୍କର ଅନୁଗାମୀମାନେ ୧୮୬୬ ର ଶେଷବେଳକୁ 'ଭାରତର ବ୍ରାହ୍ମ ସମାଜ' ନାମକ ଏକ ନୂତନ ଅନୁଷ୍ଠାନ ଗଢିଥିଲେ । ପ୍ରତ୍ୟକ୍ଷ ଭାବରେ ବ୍ରାହ୍ମବାଦ ଓ ଜାତୀୟ ଜୀବନର ବିକାଶ ଘଟାଇବା ପାଇଁ ତାଙ୍କ ଦାନ ଅତୁଳନୀୟ ଥିଲା । ବ୍ରାହ୍ମବାଦ ଯେ ହିନ୍ଦୁଧର୍ମ, ଏକଥା ସେ ଅସ୍ୱୀକାର କରିଥିଲେ । ଧର୍ମ ଓ ସାମାଜିକ ସଂସ୍କାର ପାଇଁ ସେ ଏକ ସର୍ବଭାରତୀୟ ଆନ୍ଦୋଳନ ଆରମ୍ଭ କରିଥିଲେ । ରାମମୋହନଙ୍କ ଦାୟାଦ ଭାବରେ ବ୍ରାହ୍ମ ସମାଜର ମୁଖ୍ୟ ହେଲେ ଦେବେନ୍ଦ୍ର ନାଥ । ସେ ଥିଲେ ପ୍ରକୃତରେ ଏକ ପୃଥକ୍ ଧର୍ମଗୋଷ୍ଠୀର ସୃଷ୍ଟିକର୍ତ୍ତା । "ଧର୍ମଗ୍ରନ୍ଥର ପ୍ରଭାବରୁ ମୁକ୍ତ ହୋଇ ବିଚାରବୋଧ ସ୍ୱତନ୍ତ୍ରତା" ଉପରେ ସେ ଗୁରୁତ୍ୱ ଦେଲେ ।

ରାମମୋହନଙ୍କ ଅଭିଯାନ ଏକ ବିଦ୍ରୋହ ବୋଲି କୁହାଯାଇ ପାରିବ ନାହିଁ । ରାମସେ ମ୍ୟାକ୍ ଡୋନାଲ୍ଡ କହିଛନ୍ତି, "ବ୍ରାହ୍ମ ସମାଜ ହିନ୍ଦୁଧର୍ମକୁ ପରିତ୍ୟାଗ ନ କରି ପାଶ୍ଚାତ୍ୟ ଜଗତର ଧର୍ମବିଶ୍ୱାସ ପ୍ରତି ଉଦାର ଓ ସହାନୁଭୂତିଶୀଳ ହେବା ପାଇଁ ଚେଷ୍ଟା କରୁଥିଲା ।"

ଆର୍ଯ୍ୟ ସମାଜ ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ

(Arya Samaj and Swami Dayananda Saraswati)

ପାଶ୍ଚାତ୍ୟ ପ୍ରଭାବ ପରିଣାମର ଏକ ପ୍ରତିକ୍ରିୟା ହେଉଛି ଆର୍ଯ୍ୟ ସମାଜ ଆନ୍ଦୋଳନ । ଏହାର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପାଶ୍ଚାତ୍ୟ ଚିନ୍ତାଧାରା ପରିତ୍ୟାଗ କଲେ ଏବଂ ଆର୍ଯ୍ୟମାନଙ୍କର ପୁରାତନ ଧର୍ମ ପୁନର୍ଜାଗରଣ କରିବାକୁ ଚେଷ୍ଟା କରିଥିଲେ ।

ଜୀବନୀ :

୧୮୨୪ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର କାଥିଆୱାଡସ୍ଥିତ ମର୍ଭି ନାମକ ସହରରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଦୟାନନ୍ଦ ଜନ୍ମଲାଭ କରିଥିଲେ । ତାଙ୍କର ପିତା ଜଣେ ବୈଦିକ ପଣ୍ଡିତ ଥିଲେ । ତାଙ୍କ ସହାୟତାରେ ଦୟାନନ୍ଦ ବୈଦିକ ସାହିତ୍ୟ, ତର୍କଶାସ୍ତ୍ର, ଦର୍ଶନଶାସ୍ତ୍ର ଏବଂ ନୀତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସତ୍ୟର ସନ୍ଧାନ ପାଇଁ ସେ ଚାହୁଁଥିଲେ ଯୋଗ ଅଭ୍ୟାସ କରିବେ । ସେଥିପାଇଁ ଗୃହ ତ୍ୟାଗ କରିବାକୁ ତାଙ୍କ ପାଇଁ ଆବଶ୍ୟକ ହୋଇପଡିଲା । ୧୯ ବର୍ଷ ବୟସରେ ଜଣେ ସନ୍ନ୍ୟାସୀଙ୍କ ପରି ଯୋଗ ଅଭ୍ୟାସ କରିବାକୁ ସେ ସମଗ୍ର ଭାରତ ପରିଭ୍ରମଣ କରିଥିଲେ । ଚେତନମଠରେ ସେ ବ୍ରହ୍ମାନନ୍ଦ ଏବଂ ଅନ୍ୟାନ୍ୟ ସନ୍ନ୍ୟାସୀମାନଙ୍କ ସହିତ ଜ୍ଞାନ ଚର୍ଚ୍ଚା କରିଥିଲେ । ସେହିଠାରେ ସେ ଶିକ୍ଷାଲାଭ କରିଥିଲେ- "ମୁଁ ହେଉଛି ବ୍ରହ୍ମ । ଆତ୍ମା ଏବଂ ବ୍ରହ୍ମ ଏକ ।" ୧୮୭୫ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଆର୍ଯ୍ୟ ସମାଜର ଏକ ଶାଖା ସେ ବମ୍ବେଠାରେ ନିର୍ମାଣ କରିଥିଲେ । କେତେକ ବର୍ଷ ପରେ ଆର୍ଯ୍ୟ ସମାଜର ମୁଖ୍ୟ କାର୍ଯ୍ୟାଳୟ ଲାହୋରଠାରେ ସ୍ଥାପିତ ହୋଇଥିଲା । ତାଙ୍କର ସିଦ୍ଧାନ୍ତମାନ ସେ 'ସତ୍ୟାର୍ଥ ପ୍ରକାଶ' ନାମକ ଏକ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ତାଙ୍କର ଅନ୍ୟ ଏକ ପୁସ୍ତକ ହେଲା- 'ଗଗ୍ ବେଦାଦି ଭାଷ୍ୟ ଭୌମିକ' । ସେ ମଧ୍ୟ 'ଆର୍ଯ୍ୟ ପତ୍ରିକା' ନାମରେ ଏକ ଇଂରାଜୀ ପତ୍ରିକା ରଚନା କରିଥିଲେ । ସେ 'ଗୁରୁକୁଳ ଆଶ୍ରମ' ଓ 'ଆଙ୍ଗ୍ଲୋ ବୈଦିକ କଲେଜ' ପ୍ରତିଷ୍ଠା କରିଥିଲେ । ୧୮୮୩ ଅକ୍ଟୋବର ୩୦ ତାରିଖରେ ଦୟାନନ୍ଦଙ୍କ ମୃତ୍ୟୁ ହୋଇଥିଲା ।

ତାଙ୍କର ପ୍ରଚାରିତ ଧର୍ମବାଣୀ :

ଦୟାନନ୍ଦଙ୍କ ଆଦର୍ଶ ହେଲା ଯେ ସେ ଚାହୁଁଥିଲେ ଭାରତରେ ଧର୍ମୀୟ, ସାମାଜିକ ଓ ପ୍ରାକୃତିକ ଏକତା ଆଣିବେ, ଯେଉଁଥିରେ ଆର୍ଯ୍ୟଧର୍ମ ହେବ ସାଧାରଣ ଧର୍ମ । ସେହି ଆର୍ଯ୍ୟଧର୍ମକୁ ନେଇ ସେ ଚାହୁଁଥିଲେ ଭାରତରେ ଏକ ଜାତି ଓ ଶ୍ରେଣୀମୁକ୍ତ ସମାଜ ଗଢିବେ ଏବଂ ଭାରତ ବିଦେଶୀ ଶାସନରୁ ମୁକ୍ତି ଲାଭ କରିବ ।

ରାମମୋହନଙ୍କ ପରି ଦୟାନନ୍ଦଙ୍କର ବିଶ୍ୱାସ ହେଲା ଯେ ପରବର୍ତ୍ତୀ ପୁରାଣ ଯୁଗରେ ଲୁପ୍ତପ୍ରାୟ ବେଦ, କର୍ମକାଣ୍ଡ ଏବଂ ପ୍ରତିଷ୍ଠାନଗୁଡିକ ଜାଗରିତ ହେଲେ ହିନ୍ଦୁ ସମାଜରେ ସଂସ୍କାର ଆଣିହେବ । ଖ୍ରୀଷ୍ଟିଆନ୍‌ମାନଙ୍କର ଧର୍ମଶାସ୍ତ୍ର ବାଇବେଲ୍ ଏବଂ ମୁସଲିମ୍‌ମାନଙ୍କର କୋରାନ୍ ଯେପରି ଅଭ୍ରାନ୍ତ, ହିନ୍ଦୁମାନଙ୍କର ବେଦ ଅନୁରୂପ ଅଭ୍ରାନ୍ତ । ବେଦ ଅଧ୍ୟୟନ କରିବା, ଶିକ୍ଷାଦେବା ଓ ଆବୃତ୍ତି କରିବା ହିନ୍ଦୁମାନଙ୍କର ପ୍ରଥମ କର୍ତ୍ତବ୍ୟ । ପୁରାଣ ପରି ପରବର୍ତ୍ତୀ ସମୟରେ ରଚିତ ଧର୍ମଶାସ୍ତ୍ରଗୁଡିକୁ ସେ ଅଗ୍ରାହ୍ୟ କରିଥିଲେ, ତାଙ୍କ ମତରେ ଏଗୁଡିକ ହିନ୍ଦୁଧର୍ମରେ ଅନ୍ଧବିଶ୍ୱାସ ଓ ପ୍ରତିମାପୂଜା ପରି କୁ-ଅଭ୍ୟାସ ପ୍ରବେଶ କରାଇଛନ୍ତି । ବହୁ

ଦେବା-ଦେବୀ ପୂଜା ବିରୋଧ କରି ଏକେଶ୍ୱରବାଦ ଉପରେ ବିଶ୍ୱାସ ଆରୋପ କରିବା ପାଇଁ ସେ ଗୁରୁତ୍ୱ ଦେଲେ । ସେ ଆହ୍ୱାନ ଦେଲେ- 'ବେଦକୁ ଫେରିଯାଅ' ।

ଊନବିଂଶ ଶତାବ୍ଦୀରେ ହିନ୍ଦୁଧର୍ମକୁ ପଶିଆସିଥିବା ପ୍ରତିମାପୂଜା, ବହୁ ଈଶ୍ୱର ବିଶ୍ୱାସ, ଯାଦୁବିଦ୍ୟା, ଗୁଣିଗାରେଡି, ପଶୁବଳି, ଶ୍ରାଦ୍ଧମାଧ୍ୟମରେ ମୃତବ୍ୟକ୍ତିମାନଙ୍କୁ ଖାଦ୍ୟ ଦାନ ଏ ବିବିଧ କୁ-ଅଭ୍ୟାସ ବିରୋଧରେ ଦୟାନନ୍ଦ ଆକ୍ରମଣ ଚଳାଇଲେ । ଭୌତିକ ପୃଥବୀ ଯେ ଗୋଟିଏ ମାୟା- ଏହି ଲୋକପ୍ରିୟ ହିନ୍ଦୁଦର୍ଶନକୁ ସେ ଅଗ୍ରାହ୍ୟ କରିଥିଲେ । ସେ ବିଶ୍ୱାସ କରୁନଥିଲେ ଯେ ମଣିଷର ଆତ୍ମା ଭଗବାନ୍‌ଙ୍କର ଏକ ଅଂଶ, ଏହା ଅସ୍ଥାୟୀ ଭାବରେ ତାଙ୍କଠାରୁ ପୃଥକ୍ ହୋଇ ଜୀବର କଳେବର ମଧ୍ୟରେ ପୃଥିବୀକୁ ଆସିଛନ୍ତି ଏବଂ ଏହା ଏହି ପାପପୂର୍ଣ୍ଣ ପୃଥିବୀରୁ ମୁକ୍ତ ହୋଇ ପୁନର୍ବାର ଭଗବାନ୍‌ଙ୍କ ଠାରେ ମିଳିତ ହେବ । ମନୁଷ୍ୟର ଆଚରଣ ଯେଉଁ ଶାଶ୍ୱତ ନିୟମମାନଙ୍କ ଦ୍ୱାରା ନିୟନ୍ତ୍ରିତ, ସେହି ଅନୁଯାୟୀ କାର୍ଯ୍ୟ କଲେ ପ୍ରତ୍ୟେକ ବ୍ୟକ୍ତି ମୋକ୍ଷ ଲାଭ କରିପାରିବେ । ଦୟାନନ୍ଦ ଅଦ୍ୱୈତବାଦ ଅସ୍ୱୀକାର କରିଥିଲେ ଏବଂ ମଣିଷର ଭାଗ୍ୟ ଯେ ପୂର୍ବରୁ ନିର୍ଦ୍ଧାରିତ, ଏହା ମଧ୍ୟ ସ୍ୱୀକାର କଲେ ନାହିଁ । ତେଣୁ ମଣିଷ ଯେ ଭାଗ୍ୟଦ୍ୱାରା ଚାଳିତ- ଏ ପ୍ରକାର ଦର୍ଶନ ଭିତ୍ତିହୀନ ବୋଲି ସେ ମତ ଦେଲେ । ଦୟାନନ୍ଦ କର୍ମବାଦକୁ ଗ୍ରହଣ କଲେ ଏବଂ ନିୟତି ତତ୍ତ୍ୱ(Destiny) ଅସ୍ୱୀକାର କରିଥିଲେ । କେବଳ ସତ୍‌କର୍ମ କରିବା ଦ୍ୱାରା ମନୁଷ୍ୟ ମୋକ୍ଷ ଲାଭ କରିବ । ତାଙ୍କ ମତରେ ବୈଦିକ ଉପାସନା ହିଁ ଏକ ମାତ୍ର ସଠିକ୍ ଉପାସନା । ଯଜ୍ଞ ଓ ଆହୁତିକୁ ସେ ଯଥାର୍ଥ ବୋଲି କହିଥିଲେ ।

ସେ ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ହିନ୍ଦୁମାନଙ୍କର ଆଧ୍ୟାତ୍ମିକ ଓ ସାମାଜିକ କ୍ଷେତ୍ରରେ ପୁରୋହିତ ଶ୍ରେଣୀର ଭୂମିକାକୁ ସେ ବ୍ୟଙ୍ଗ କରିଥିଲେ । ପୁରୋହିତମାନେ ଯେ ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ ମଧ୍ୟସ୍ଥି ରୂପେ କାର୍ଯ୍ୟ କରୁଛନ୍ତି-ଏପରି ତଥ୍ୟକୁ ସେ ଉପହାସ କରିଥିଲେ । କିନ୍ତୁ ଦୟାନନ୍ଦ ବୈଦିକ ପରମ୍ପରା ଅନୁଯାୟୀ ଚାରିବର୍ଣ୍ଣ- ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଉପରେ ବିଶ୍ୱାସ ଆରୋପ କରିବାକୁ ଉପଦେଶ ଦେଇଥିଲେ । ସେ ମଧ୍ୟ କହୁଥିଲେ ଯେ ସମାଜରେ ଉଭୟ ନାରୀ ଓ ପୁରୁଷ ସମଭାବରେ ପ୍ରତିଷ୍ଠିତ ହେବା ଉଚିତ୍ ।

ଆର୍ଯ୍ୟସମାଜ :

୧୮୭୫ ଖ୍ରୀଷ୍ଟାବ୍ଦରେ ଦୟାନନ୍ଦ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରି ସଂସ୍କାର ଆଣିବାକୁ ଉଦ୍ୟମ କଲେ । ଆର୍ଯ୍ୟସମାଜର ଅନେକ ନୀତି ଥିଲା—

୧ । ଈଶ୍ୱର ହେଉଛନ୍ତି ସମସ୍ତ ଜ୍ଞାନର ମୌଳିକ ଉତ୍ସ ।

୨ । ଈଶ୍ୱର, ଯିଏ ହେଉଛନ୍ତି ସମସ୍ତ ସତ୍ୟ, ସମସ୍ତ ଜ୍ଞାନର ଆଧାର ଏବଂ ଯିଏ ସ୍ୱୟଂ ସୃଷ୍ଟିକର୍ତ୍ତା, ଶାଶ୍ୱତ ଏବଂ ଅମଳିନ, ତାଙ୍କର ଉପାସନା କରାଯାଉ ।

୩ । ପ୍ରକୃତ ଜ୍ଞାନର ଗ୍ରନ୍ଥ ହେଉଛି ବେଦ ।

୪ । ପ୍ରତ୍ୟେକ ଆର୍ଯ୍ୟ ସତ୍ୟ ଗ୍ରହଣ କରିବା ଓ ଅସତ୍ୟ ତ୍ୟାଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ହେବା ଉଚିତ ।

୫ । ଧର୍ମର ନିୟମ ମଧ୍ୟରେ କର୍ମ କରାଯିବା ଉଚିତ ।

୬ । ଭୌତିକ, ଆଧ୍ୟାତ୍ମିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତିକରି ବିଶ୍ୱର କଲ୍ୟାଣ ସାଧନ କରିବା ହେଉଛି ଆର୍ଯ୍ୟସମାଜର ଆଦର୍ଶ ।

୭ । ପ୍ରତ୍ୟେକ ମନୁଷ୍ୟ ପ୍ରତି ପ୍ରେମ ଓ ନ୍ୟାୟପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବା ଉଚିତ ।

୮ । ଅଜ୍ଞାନ ଦୂରୀଭୂତ ହେଉ ଏବଂ ଜ୍ଞାନର ବିକାଶ ଘଟୁ ।

ଦୟାନନ୍ଦ ଥିଲେ ହିନ୍ଦୁଧର୍ମର ରକ୍ଷକ । ହିନ୍ଦୁମାନଙ୍କର ଇସ୍‌ଲାମ୍ ଓ ଖ୍ରୀଷ୍ଟଧର୍ମ ଗ୍ରହଣରେ ସେ ବ୍ୟଥିତ ହୋଇଥିଲେ । ଯେଉଁ ନିୟୁତ ନିୟୁତ ସଂଖ୍ୟାରେ ହିନ୍ଦୁଙ୍କୁ ବଳପୂର୍ବକ ମୁସ୍‌ଲିମ୍ ବା ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଯାଇଥିଲା, ହିନ୍ଦୁସମାଜରେ ପୁନଃ ପ୍ରବେଶ କରିବା ପାଇଁ ମୁସ୍‌ଲିମ୍ ଓ କେତେକ ରକ୍ଷଣଶୀଳ ହିନ୍ଦୁଙ୍କ ବିରୋଧ ସତ୍ତ୍ୱେ ଦୟାନନ୍ଦଙ୍କ ଦ୍ୱାରା ପ୍ରବର୍ତ୍ତିତ ଶୁଦ୍ଧି ଆନ୍ଦୋଳନ ସେମାନଙ୍କୁ ଆହ୍ୱାନ ଦେଇଥିଲା ।

ମାନବଜାତି ମଧ୍ୟରେ ଭ୍ରାତୃଭାବ ସୃଷ୍ଟି, ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ସାମ୍ୟଭାବ ପ୍ରତିଷ୍ଠା, ଦୟା ଓ ପ୍ରେମଭାବ ପ୍ରକଟ ଏବଂ ନ୍ୟାୟ ଓ ସଦ୍‌ଭାବ ପ୍ରତିଷ୍ଠା ପାଇଁ ଆର୍ଯ୍ୟ ସମାଜ କାର୍ଯ୍ୟ କରୁଥିଲା । ସମାଜସେବା, ଯଥା- ଦୁର୍ଭିକ୍ଷ ପ୍ରପୀଡିତ ଲୋକମାନଙ୍କୁ ସାହାଯ୍ୟ କରିବା ଏବଂ ଇଂରାଜୀ ଶିକ୍ଷା ପ୍ରସାର କରିବା ଥିଲା ଆର୍ଯ୍ୟସମାଜର ଦୁଇଗୋଟି କାର୍ଯ୍ୟକ୍ରମ । ଲାହୋରଠାରେ ଦୟାନନ୍ଦ ଏକ ଆଙ୍ଗ୍ଲୋ ବୈଦିକ ସ୍କୁଲ ସ୍ଥାପନ କରିଥିଲେ, ଯାହାକୁ ପରେ ଏକ ମହାବିଦ୍ୟାଳୟକୁ ଉତ୍ତୀର୍ଣ୍ଣ କରାଯାଇଥିଲା । ପ୍ରାଚୀନ ଆର୍ଯ୍ୟ ପଦ୍ଧତିରେ ଶିକ୍ଷାଦାନ ପାଇଁ ଗୁରୁକୁଳ ଆଶ୍ରମ ପ୍ରତିଷ୍ଠା କରାଗଲା । ଲାହୋରଠାରେ ଅବସ୍ଥିତ ଡି.ଏ.ଭି. (ଦୟାନନ୍ଦ ଆଙ୍ଗ୍ଲୋ-ବୈଦିକ) ମହାବିଦ୍ୟାଳୟର ପ୍ରିନ୍‌ସିପାଲ ଲାଲା ହଂସରାଜଙ୍କ ନେତୃତ୍ୱରେ ପଞ୍ଜାବରେ ବଳିଷ୍ଠ ଜାତୀୟତା ରୋପଣ କରିବାରେ ଏ ଅନୁଷ୍ଠାନ ଥିଲା ସର୍ବୋତ୍ତମ । ଏତଦ୍‌ବ୍ୟତୀତ ନାରୀଶିକ୍ଷା ଓ ଆଧୁନିକ ବିଜ୍ଞାନଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରାଗଲା ।

ଜାତୀୟତା ଓ ଗଣତନ୍ତ୍ରର ପ୍ରବକ୍ତା ଥିଲେ ଦୟାନନ୍ଦ । ସେ ପ୍ରଥମେ ସ୍ୱରାଜ ଶବ୍ଦ ବ୍ୟବହାର କରିଥିଲେ । ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ସେ ପ୍ରଚାର କରୁଥିଲେ ।

ଆର୍ଯ୍ୟ ସମାଜର ସମସ୍ତ କର୍ମକର୍ତ୍ତା ଭୋଟ ଦ୍ୱାରା ନିର୍ବାଚିତ ହେଉଥିଲେ । ଏହାଦ୍ୱାରା ଜନସାଧାରଣ ଗଣତନ୍ତ୍ର ପ୍ରତି ସଚେତନ ହୋଇଥିଲେ ।

ଆର୍ଯ୍ୟ ସମାଜ ଆନ୍ଦୋଳନ ହିନ୍ଦୁମାନଙ୍କୁ ଏକ ଗର୍ବିତ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ପ୍ରଦାନ କରିଥିଲା । ପାଶ୍ଚାତ୍ୟବାସୀ ଓ ପାଶ୍ଚାତ୍ୟ ସଂସ୍କୃତି ଯେ ଶ୍ରେଷ୍ଠ, ଏପରି ବିଶ୍ୱାସ ଦୟାନନ୍ଦ ଅଗ୍ରାହ୍ୟ କରିଥିଲେ । ଏକ ଶୃଙ୍ଖଳିତ ହିନ୍ଦୁସଂଗଠନ ପରି ଆର୍ଯ୍ୟ ସମାଜ ହିନ୍ଦୁସମାଜକୁ ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ଆକ୍ରମଣରୁ ରକ୍ଷା କରିଥିଲା । ଏହା ହିନ୍ଦୁମାନଙ୍କଠାରେ ଭରିଦେଇଥିଲା ଦେଶପ୍ରେମ ।

ବ୍ରାହ୍ମ ସମାଜ ଇଂରାଜୀ ଶିକ୍ଷିତମାନଙ୍କୁ ଆହ୍ୱାନ ଦେଉଥିବାବେଳେ ଆର୍ଯ୍ୟ ସମାଜ ତା'ର ବାର୍ତ୍ତା ପ୍ରଦାନ କରିଥିଲା ସମଗ୍ର ଜନସାଧାରଣଙ୍କୁ । ଆର୍ଯ୍ୟ ସମାଜ ଆନ୍ଦୋଳନ ପଞ୍ଜାବ, ହରିଆନା, ଉତ୍ତରପ୍ରଦେଶ, ବିହାର ଓ ରାଜସ୍ଥାନରେ ପ୍ରସାର ଲାଭ କରିଥିଲା । ଜାତୀୟ ଆନ୍ଦୋଳନ ଯୁଗରେ ଆର୍ଯ୍ୟସମାଜର କାର୍ଯ୍ୟକଳାପ ଏକ ରାଜନୈତିକ ଶକ୍ତି ରୂପେ ଉଭା ହୋଇଥିଲା । ଦୟାନନ୍ଦଙ୍କୁ ପ୍ରଶଂସା କରି ରୋମାରୋଲାଁ ତାଙ୍କୁ 'ହାର୍କୁଲସର ଶକ୍ତିଥାଇ ଇଲିୟାର୍ଡ ବା ଗୀତାର ମୁଖ୍ୟ ଅଭିନେତା' ବୋଲି ବର୍ଣ୍ଣନା କରିଛନ୍ତି ।

ରାମକୃଷ୍ଣ ଏବଂ ବିବେକାନନ୍ଦ

(Ramakrishna and Vivekananda)

ଉଭୟ ବ୍ରାହ୍ମ ଓ ଆର୍ଯ୍ୟ ସମାଜ ହିନ୍ଦୁଧର୍ମର ଆବଶ୍ୟକ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ଦେଉଥିବାବେଳେ ପୁରାଣ ଓ ମୂର୍ତ୍ତିପୂଜାକୁ ସ୍ୱୀକୃତି ଦେଉନଥିଲେ, ତା' ଛଡ଼ା ରକ୍ଷଣଶୀଳ ହିନ୍ଦୁମାନଙ୍କ ରୀତି ବିପକ୍ଷରେ ପ୍ରଚାର କରୁଥିଲେ । ତେଣୁ ଏହି ସମାଜଗୁଡ଼ିକର ପ୍ରଚାର ବିରୋଧରେ ଊନବିଂଶ ଶତାବ୍ଦୀର ଶେଷ ୨୫ ବର୍ଷ ମଧ୍ୟରେ ଏକ ତୀବ୍ର ପ୍ରତିକ୍ରିୟା ଦେଖାଗଲା । ଭକ୍ତି ଓ ଯୋଗ ପ୍ରତି ବଙ୍ଗାଳୀମାନଙ୍କର ଏକ ଭାବପ୍ରବଣ ସଂଯୋଗ ଘଟିଥିଲା । ଏକ ନୂତନ ଆଧ୍ୟାତ୍ମିକ ପୁନର୍ଜାଗରଣ ପାଇଁ ଦେଶବାସୀଙ୍କ ମନରେ ମହାନ୍ ପ୍ରେରଣା ସୃଷ୍ଟିହୋଇଥିଲା । ଲୋକମାନଙ୍କର ଏହି ଆଧ୍ୟାତ୍ମିକ ଅଭାବ ପୂରଣ କରିଥିଲେ ରାମକୃଷ୍ଣ ଓ ତାଙ୍କର ଶିଷ୍ୟ ବିବେକାନନ୍ଦ ।

ରାମକୃଷ୍ଣ ପରମହଂସ (୧୮୩୬-୧୮୮୬)

ଜୀବନୀ :

୧୮୩୬ ଫେବ୍ରୁଆରୀ ୧୮ ତାରିଖ ଦିନ ରାମକୃଷ୍ଣ ପରମହଂସ ପଶ୍ଚିମବଙ୍ଗସ୍ଥିତ ହୁଗୁଳି ଜିଲ୍ଲାର କମାରପୁକୁର ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶୁଦ୍ଧିରାମ ଚଟ୍ଟୋପାଧ୍ୟାୟ ଏବଂ ମାତାଙ୍କ ନାମ ଚନ୍ଦ୍ରାଦେବୀ । ସେ

କଲିକତାସ୍ଥିତ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ପୂଜକ ରୂପେ କାର୍ଯ୍ୟ କରିଥିଲେ । ୧୮୫୯ ରେ ଶାରଦାମଣି ଦେବୀଙ୍କ ସହିତ ତାଙ୍କ ବିବାହ ସମ୍ପନ୍ନ ହୋଇଥିଲା । ତାଙ୍କର ଯୋଗସାଧନା, ଶୁଦ୍ଧପୂତ ଭକ୍ତିଭାବ ଓ ଧର୍ମାନୁରାଗ କଲିକତାର ବହୁ ଧର୍ମପ୍ରାଣ ବ୍ୟକ୍ତିଙ୍କୁ ଆକୃଷ୍ଟ କରିଥିଲା । ତାଙ୍କର ଚିନ୍ତାଧାରା ଗଭୀର ଭାବରେ ଭାରତୀୟ ଚିନ୍ତାଧାରା ଓ ସଂସ୍କୃତି ସହିତ ଜଡିତ ଥିଲା । ତାଙ୍କର ଆଧ୍ୟାତ୍ମିକତାରେ ପ୍ରଲୁବ୍ଧ ହୋଇ ବିବେକାନନ୍ଦ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ୧୮୮୬ ଖ୍ରୀଷ୍ଟାବ୍ଦରେ ରାମକୃଷ୍ଣ ମୃତ୍ୟୁମୁଖରେ ପଡିଥିଲେ । ତାଙ୍କ ମୃତ୍ୟୁର ୧୧ ବର୍ଷ ପରେ ୧୮୯୭ ରେ ବିବେକାନନ୍ଦ ଗୁରୁଦେବଙ୍କ ବାଣୀ ପ୍ରଚାର କରିବା ନିମନ୍ତେ ପ୍ରତିଷ୍ଠା କରିଥିଲେ ରାମକୃଷ୍ଣ ମିଶନ ।

ବାଣୀ :

ରାମକୃଷ୍ଣ ଥିଲେ ଖୁବ୍ ଉଦାର ପ୍ରକୃତିର ପୂଜାରୀ । ସେ ପ୍ରକଟ କରିଥିଲେ ସ୍ୱର୍ଗୀୟ ପ୍ରେମଭାବନା । କର୍ମ ଦ୍ୱାରା ହିଁ ସେ ଏହାକୁ ପ୍ରତିପାଦନ କରିଥିଲେ । ନୀତିବାକ୍ୟ ଓ ନିଜ ଜୀବନର ଉଦାହରଣ ଦେଇ ପ୍ରାଚୀନ ହିନ୍ଦୁଶାସ୍ତ୍ରରେ ବର୍ଣ୍ଣିତ ଆଧ୍ୟାତ୍ମିକ ଜୀବନର ବାସ୍ତବତା ଓ ତାକୁ ଲାଭକରିବାର ଉପାୟ ସମ୍ବନ୍ଧରେ ରାମକୃଷ୍ଣ ବୁଝାଇଥିଲେ । ସେ କହୁଥିଲେ, କେବଳ ପୁରାଣ ଓ ତନ୍ତ୍ର ସମେତ ସମସ୍ତ ପ୍ରକାର ହିନ୍ଦୁ ଧର୍ମ ନୁହେଁ, ଇସ୍‌ଲାମ୍ ଓ ଖ୍ରୀଷ୍ଟଧର୍ମ ପରି ସବୁଧର୍ମର ସାରତତ୍ତ୍ୱ ମଧ୍ୟ ସତ୍ୟ ଉପରେ ଆଧାରିତ ଏବଂ ସେଗୁଡିକୁ ଠିକ୍ ଭାବରେ ଅଭ୍ୟାସ କଲେ ମୋକ୍ଷ ପ୍ରାପ୍ତି ହେବ । ସେ କହୁଥିଲେ, ‘‘ଆମେ ଆରାଧନା କରୁଥିବା ଆଲ୍ଲା ଓ ଖ୍ରୀଷ୍ଟ, କୃଷ୍ଣ ବା ହରି, ସେହି ଏକ ପରମେଶ୍ୱରଙ୍କର ଭିନ୍ନଭିନ୍ନ ନାମ ମାତ୍ର ।’’ ସେ କହୁଥିଲେ ଯେ ଭଗବାନ୍ ମହାସମୁଦ୍ର ପରି, ବିଭିନ୍ନ ନଦୀ ପରି ବିଭିନ୍ନ ଧର୍ମ । ସବୁ ନଦୀ ଭିନ୍ନଭିନ୍ନ ପଥରେ ପ୍ରବାହିତ ହୋଇ ଏକ ସାଗରରେ ଯେପରି ନିଜକୁ ହଜାଇ ଦିଅନ୍ତି, ସେହିପରି ଭିନ୍ନ ଭିନ୍ନ ଧର୍ମ ବିଭିନ୍ନ ମାର୍ଗରେ ଗତି କରି ଚିରନ୍ତନ ଏକ ସତ୍ୟରେ ଉପନୀତ ହେବେ । ରାମକୃଷ୍ଣ ତାଙ୍କ ଜୀବନରେ ପ୍ରତ୍ୟକ୍ଷ ଭାବରେ ପ୍ରମାଣ କରିଦେଲେ ଯେ ପୁରାଣବର୍ଣ୍ଣିତ ଦେବା-ଦେବୀଙ୍କୁ ପ୍ରତିମା ମାଧ୍ୟମରେ ପୂଜା କଲେ ଯେପରି ଈଶ୍ୱରପ୍ରାପ୍ତି ହେବ, ନିରାକାର ଏକ ଈଶ୍ୱରଙ୍କୁ ପୂଜା କଲେ ସେହିପରି ଈଶ୍ୱରପ୍ରାପ୍ତି ହେବ । ବ୍ରହ୍ମ ରୂପରେ ଈଶ୍ୱର ହେଉଛନ୍ତି ନିରାକାର, ସେହି ବ୍ରହ୍ମ ବା ଅସୀମ କୌଣସି ଆପେକ୍ଷିକ ରୂପରେ ପ୍ରତୀୟମାନ ହେଲେ ସାକାର ରୂପ ଧାରଣ କରନ୍ତି । ସେଥିପାଇଁ ଆଦ୍ୟାଶକ୍ତି କାଳୀଙ୍କୁ ସେ ପ୍ରତୀକରୂପେ ଗ୍ରହଣ କରିଥିଲେ । ବିଶ୍ୱାସ ଓ ଆତ୍ମସମର୍ପଣ ଉପରେ ହିଁ ଈଶ୍ୱରପ୍ରାପ୍ତି ନିର୍ଭର କରିଥାଏ । ଯେତେବେଳେ ପ୍ରଗତିପନ୍ଥୀ ହିନ୍ଦୁମାନେ ପ୍ରଚଳିତ ମୂର୍ତ୍ତିପୂଜା ଉପରେ ପ୍ରଶ୍ନ କଲେ, ରାମକୃଷ୍ଣ ସେମାନଙ୍କୁ ବୁଝାଇଦେଲେ ଯେ ହିନ୍ଦୁଧର୍ମରେ ମୂର୍ତ୍ତିପୂଜା ବାଧ୍ୟତାମୂଳକ ନୁହେଁ । ମୂର୍ତ୍ତିପୂଜା ନ କରି ମଧ୍ୟ

ଜଣେ ହିନ୍ଦୁ ରୂପେ ରହିପାରିବ, କାରଣ ଈଶ୍ୱର ସାକାର ବା ନିରାକାର- ଏକଥା କହିବା ପାଇଁ ମଣିଷର ସ୍ୱାଧୀନତା ରହିଛି ।

ଦକ୍ଷିଣେଶ୍ୱର କାଳୀମନ୍ଦିରରେ ପୂଜକ ରୂପେ ସେ ତାଙ୍କ ଜୀବନ ଆରମ୍ଭ କଲେ, ଶେଷ ମଧ୍ୟ କଲେ । ଏହା ଦ୍ୱାରା ହିନ୍ଦୁଧର୍ମ ପ୍ରତି ଲାଗିରହିଥିବା ବ୍ରାହ୍ମ ଓ ଆର୍ଯ୍ୟ ସମାଜ, ଖ୍ରୀଷ୍ଟଧର୍ମ ପ୍ରଚାରକ, ମୁସଲମାନ୍ ମୌଲବୀମାନଙ୍କର ବାହ୍ୟ ସମାଲୋଚନା ଓ ଆକ୍ଷେପମାନ ସେ ଖଣ୍ଡନ କରିଥିଲେ । ନବହିନ୍ଦୁତ୍ୱ ପ୍ରତି ରାମକୃଷ୍ଣଙ୍କର ନୈତିକ ଅନୁମୋଦନ, ଦାର୍ଶନିକ ଓ ଆଧ୍ୟାତ୍ମିକତାର ତାତ୍ପର୍ଯ୍ୟ, ଏ ସବୁ ହିନ୍ଦୁ ଜାତୀୟତାର ଏକ ପୃଷ୍ଠଭୂମି ଗଢିଦେଇପାରିଥିଲା । ତାଙ୍କର ଆଧ୍ୟାତ୍ମିକତା କେବଳ ଭାରତୀୟ ନୁହେଁ, ଇଉରୋପୀୟମାନଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା ।

ଏହା ବ୍ୟତୀତ ସମାଜସେବା ଥିଲା ତାଙ୍କ ଆଧ୍ୟାତ୍ମିକତାର ଅନ୍ୟ ଏକ ଦିଗ । ବୈଷୟିକ ଶିକ୍ଷାର ବିକାଶ, ଦାତବ୍ୟ ଚିକିତ୍ସାଳୟ ଓ ଅନାଥାଶ୍ରମ ପ୍ରତିଷ୍ଠା ଓ ପ୍ରାକୃତିକ ବିପର୍ଯ୍ୟୟରେ ଲୋକମାନଙ୍କୁ ସାହାଯ୍ୟ କରିବା ପ୍ରଭୃତି ତାଙ୍କର ସମାଜସେବା ଥିଲା ।

ସ୍ୱାମୀ ବିବେକାନନ୍ଦ (୧୮୬୩-୧୯୦୨)

ସ୍ୱାମୀ ବିବେକାନନ୍ଦଙ୍କର ଦାୟିତ୍ୱ ଥିଲା ରାମକୃଷ୍ଣଙ୍କର ବାଣୀ ସରଳ ଭାବରେ ବ୍ୟାଖ୍ୟା କରିବା ଏବଂ ବୁଝିବା ପରି ଭାଷାରେ ଆଧୁନିକ ଲୋକମାନଙ୍କ ହୃଦୟରେ ନିବଦ୍ଧ କରିବା । ତାଙ୍କର ଜ୍ଞାନ ଓ ବାସ୍ତବ ଆଧ୍ୟାତ୍ମିକ ଚିନ୍ତାଧାରାରେ ସେ ଭାରତୀୟ ନବଜାଗରଣକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ।

ଜୀବନୀ :

୧୮୬୩ ଖ୍ରୀଷ୍ଟାବ୍ଦରେ କଲିକତାଠାରେ ଏକ ସମ୍ଭ୍ରାନ୍ତ ପରିବାରରେ ବିବେକାନନ୍ଦ ଜନ୍ମ ହୋଇଥିଲେ । ତାଙ୍କର ବାଲ୍ୟନାମ ଥିଲା ନରେନ୍ଦ୍ର ନାଥ ଦତ୍ତ । ନରେନ୍ଦ୍ରଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ଦତ୍ତ । ଭୁବନେଶ୍ୱରୀ ଥିଲେ ନରେନ୍ଦ୍ରଙ୍କ ମାତା । କଲିକତା ବିଶ୍ୱବିଦ୍ୟାଳୟରୁ ନରେନ୍ଦ୍ର ବି.ଏ. ପାସ୍ କରିଥିଲେ । ସେ ଜନ୍ ଷ୍ଟୁଆର୍ଟ ମିଲ୍ ଓ ହାର୍ବାଟଙ୍କ ଦର୍ଶନରେ ପ୍ରଭାବିତ ହୋଇଥିଲେ । ସେ ବ୍ରାହ୍ମସମାଜର ଏକ ସଭ୍ୟମଧ୍ୟ ହୋଇଥିଲେ । ତାଙ୍କର ଥିଲା ସାହିତ୍ୟିକ ପ୍ରତିଭା, ବାଗ୍ମିତା, ଆଧ୍ୟାତ୍ମିକ ଭାବପ୍ରବଣତା ଏବଂ ଏକ ଚମତ୍କାର ବ୍ୟକ୍ତିତ୍ୱ । ସେ ହେଲେ ରାମକୃଷ୍ଣଙ୍କର ଅତି ପ୍ରିୟ ଶିଷ୍ୟ । ୧୮୯୩ ରେ ଆମେରିକାର ଚିକାଗୋ ସହରରେ ହିନ୍ଦୁ ଧର୍ମ ଉପରେ ଭାଷଣ ତାହାଙ୍କୁ ବିଶ୍ୱବିଖ୍ୟାତ କରିଥିଲା । ତାଙ୍କର ଅସାଧାରଣ ବାଗ୍ମିତାରେ ସମସ୍ତେ ବିସ୍ମୟାଭିଭୂତ ହୋଇପଡିଥିଲେ । ୧୮୯୭ ରେ ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ସେ ‘ଜ୍ଞାନଯୋଗ’, ‘ଭକ୍ତିଯୋଗ’, ‘କର୍ମଯୋଗ’, ‘ରାଜଯୋଗ’, ‘ଭାରତୀୟ ଯୁବକମାନଙ୍କୁ’ ଆଦି ପୁସ୍ତକମାନ ରଚନା କରିଥିଲେ । ଶେଷରେ ୧୯୦୨ ଖ୍ରୀଷ୍ଟାବ୍ଦରେ ମାତ୍ର ୩୯ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

ତାଙ୍କର ବାଣୀ ଓ ସଂସ୍କାର

ପାଶ୍ଚାତ୍ୟ ବିଶ୍ୱରେ ବେଦାନ୍ତ ଦର୍ଶନ ଲୋକପ୍ରିୟ କରିବା ଥିଲା ବିବେକାନନ୍ଦଙ୍କର ଶ୍ରେଷ୍ଠ ଅବଦାନ । ୧୮୯୩ ଖ୍ରୀଷ୍ଟାବ୍ଦରେ ଆମେରିକାର ଚିକାଗୋ ନଗରୀରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଧର୍ମମହାସଭାରେ ପୃଥିବୀର ପ୍ରାୟ ସବୁଦେଶ ପ୍ରତିନିଧିତ୍ୱ କରିଥିଲେ । ଭାରତରୁ ପ୍ରତିନିଧି ରୂପେ ଯୋଗଦେଇଥିଲେ ଏ କନିଷ୍ଠ ସନ୍ୟାସୀ ବିବେକାନନ୍ଦ । ବେଦାନ୍ତର ନିୟମ ଓ ହିନ୍ଦୁଧର୍ମର ମହାନତା ଉପରେ ଏକ ସାରଗର୍ଭକ ବ୍ୟାଖ୍ୟା କରି ପ୍ରଥମରୁ ଏକ ବୃହତ ଦର୍ଶକମଣ୍ଡଳୀକୁ ସେ ଚକିତ କରିଦେଲେ । କହିଲେ ଅତିରଞ୍ଜିତ ହେବ ନାହିଁ ଯେ ସେ ଆଧୁନିକ ବିଶ୍ୱର ସାଂସ୍କୃତିକ ମାନଚିତ୍ରରେ ହିନ୍ଦୁମାନଙ୍କର ଏକ ସ୍ଥାନ ନିର୍ମାଣ କଲେ । ଭାରତୀୟ ମାନବୀୟ ଆଧ୍ୟାତ୍ମବାଦର ମୂଳତତ୍ତ୍ୱ ପ୍ରତିପାଦନ କରିବା ଦ୍ୱାରା ଭାରତୀୟ ସଭ୍ୟତା ଯେ ଖୁବ୍ ଉଚ୍ଚମାନର ଏକଥା ସମସ୍ତଙ୍କ ଅନ୍ତରରେ ଲିପିବଦ୍ଧ ହୋଇଗଲା । ପାଶ୍ଚାତ୍ୟର ସଭ୍ୟଦେଶମାନେ ହିନ୍ଦୁଧର୍ମକୁ ଅନ୍ଧବିଶ୍ୱାସ, ଅନୈତିକ ପରମ୍ପରା ଏବଂ କଳୁଷିତ ଅନୁଷ୍ଠାନଗୁଡିକର ପ୍ରତୀକ ବୋଲି କହୁଥିବାବେଳେ ସେ ଦିନର ବିକାଶଶୀଳ ବିଶ୍ୱ ଗୁରୁତ୍ୱପୂର୍ଣ୍ଣ ବିଚାର ପାଇଁ ଭାରତକୁ ଅଯୋଗ୍ୟ ବୋଲି ମନେକରୁଥିଲା । ସେ ଦେଶଗୁଡିକର ପ୍ରତିନିଧିମାନଙ୍କର ଭ୍ରମ ଦୂର ହେଲା ଏବଂ ସେମାନେ ହିନ୍ଦୁଧର୍ମର ଲୁକ୍କାୟିତ ମୂଲ୍ୟବୋଧ ପ୍ରତି ଆକର୍ଷିତ ହେଲେ । ଏହାଦ୍ୱାରା ନିଜର ସଭ୍ୟତା ଓ ସଂସ୍କୃତିପ୍ରତି ହିନ୍ଦୁମାନଙ୍କର ଆତ୍ମବିଶ୍ୱାସ ଫେରିଲା ।

ଭାରତକୁ ଫେରି ଲେଖା ଓ ବକ୍ତୃତା ମାଧ୍ୟମରେ ସେ ବୁଝାଇଦେଲେ ଯେ ଭାରତର ଆଧ୍ୟାତ୍ମିକତା ମାନବଜାତିର ମଙ୍ଗଳ ପାଇଁ ପାଶ୍ଚାତ୍ୟର ବସ୍ତୁବାଦଠାରୁ କୌଣସି ଗୁଣରେ ମୂଲ୍ୟହୀନ ନୁହେଁ । ପାଶ୍ଚାତ୍ୟ ଦେଶଗୁଡିକଠାରୁ ଭାରତୀୟ ଆଦର୍ଶ ଓ ଅନୁଷ୍ଠାନଗୁଡିକ ଅଧିକ ମୂଲ୍ୟବାନ୍ ବୋଲି ପ୍ରତିପାଦନ କରି ସେ ଦେଶବାସୀଙ୍କୁ କହିଲେ, ''ସୁନାକୁ ଟିଣ ସହ ବଦଳ କରନାହିଁ ।'' ଅବଶ୍ୟ ହିନ୍ଦୁ ସଂସ୍କୃତି ଯେ ନିର୍ଭୁଲ ଓ ଦାଗହୀନ, ଏକଥା ସେ ଅସ୍ୱୀକାର କରୁଥିଲେ । ନିଜର ବୈଶିଷ୍ଟ୍ୟକୁ ଉଜାଡି ନ ଦେଇ ପାଶ୍ଚାତ୍ୟ ଦେଶବାସୀଙ୍କଠାରୁ ଅନେକ କଥା ଶିକ୍ଷା କରିବା ପାଇଁ ସେ ଭାରତୀୟମାନଙ୍କୁ ପରାମର୍ଶ ଦେଇଥିଲେ । ସେ କହୁଥିଲେ, ଭାରତର ଆଧ୍ୟାତ୍ମିକତା ଓ ପାଶ୍ଚାତ୍ୟର ବସ୍ତୁବାଦର ସମିଶ୍ରଣ ଘଟିଲେ ମାନବଜାତିର ଅଶେଷ କଲ୍ୟାଣ ସାଧନ ହୋଇପାରିବ ।

ବେଦାନ୍ତରେ ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଥିବା ଆଧ୍ୟାତ୍ମିକ ଭାବର ମହତ୍ତ୍ୱ ଏବଂ ମାନବଜାତିକୁ ଉନ୍ନୀତ କରିବା ପାଇଁ ଏହାର ପ୍ରଧାନ ଭୂମିକା ଉପରେ ବିବେକାନନ୍ଦ ଗୁରୁତ୍ୱ ଦେଇଥିଲେ । ସବୁ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଥିଲା ତାଙ୍କର ଆନ୍ତରିକ ଇଚ୍ଛା । ସେ କହିଥିଲେ, ''ଯେପରି ବିଭିନ୍ନ ନଦୀର ଜଳ ସମୁଦ୍ରରେ ବିଲୀନ ହୁଅନ୍ତି, ସେହିପରି ପ୍ରତ୍ୟେକ ଧର୍ମ ଗୋଟିଏ ଈଶ୍ୱରଙ୍କର ପାଦତଳେ ମିଶ୍ରିତ ହୋଇଥା'ନ୍ତି ।'' ସେ ବେଦ,

କୋରାନ୍, ବାଇବେଲ୍ ସବୁ ଗ୍ରନ୍ଥ ମଧ୍ୟରେ ପାର୍ଥକ୍ୟ ଦେଖୁନଥିଲେ । ମନ୍ଦିର, ମସ୍‌ଜିଦ୍, ଗିର୍ଜା ଆଦି ସ୍ଥାନରେ ନିର୍ବିକାରରେ ସେ ଉପାସନା କରିପାରୁଥିଲେ । ଯେତେଦିନ ଯାଏ ଭାରତ ଦାରିଦ୍ର୍ୟ ଓ ଦାସତ୍ୱର ବେଡି ମଧ୍ୟରେ ବନ୍ଧା, ତା'ର ବିଶେଷ କାର୍ଯ୍ୟ ଅପୂରଣୀୟ ହୋଇ ରହିବ । ତେଣୁ ଭାରତର ରାଜନୈତିକ ଓ ଭୌତିକ ଉନ୍ନତି ସହ ଭାରତ ଓ ବିଶ୍ୱର ଆଧ୍ୟାତ୍ମିକ ନବଜାଗରଣର ଅଚ୍ଛେଦ ବନ୍ଧନ ରହିଛି । ତାଙ୍କୁ ପ୍ରଶଂସା କରି ରୋମାରୋଁଲା କହିଛନ୍ତି, "ସେହି ବ୍ୟକ୍ତି ଜଣକ ଯାହାଙ୍କର ଛବି ମୁଁ ସ୍ମରଣ କରେ, ସହସ୍ର ସହସ୍ର ବର୍ଷର ତିନିଶତ ନିୟୁତ ଲୋକଙ୍କର ଆଧ୍ୟାତ୍ମିକ ଜୀବନର ତାହା ପୂର୍ଣ୍ଣତା ଆଣିଥିଲା । ଯଦିଚ କେତେବର୍ଷ ହେଲା ତାଙ୍କର ମୃତ୍ୟୁ ହୋଇଛି, ତାଙ୍କ ଆତ୍ମା ଆଧୁନିକ ଭାରତକୁ ସଜୀବ କରେ ।"

ବିବେକାନନ୍ଦ ଭାରତୀୟ ଆଧ୍ୟାତ୍ମିକତା ଉପରେ ହିଁ ଏହାର ଜାତୀୟତା ପ୍ରତିଷ୍ଠା କଲେ । ବେଦାନ୍ତ ଓ ଭାଗବତ ଗୀତା ଶିକ୍ଷା ଅଧିକାଂଶ ଦେଶପ୍ରେମୀମାନଙ୍କ କର୍ମମୟ ଜୀବନ ଉପରେ ପ୍ରତିଫଳିତ ହୋଇଥିଲା । ଦେଶପାଇଁ କିପରି ପ୍ରାଣବଳି ଦେବାକୁ ହୁଏ, ଏକଥା ସେମାନେ ଶିକ୍ଷାଲାଭ କରିଥିଲେ । ସେ କହୁଥିଲେ, "ଆମର ଆବଶ୍ୟକ ଲୌହ ପରି ଶକ୍ତ ମାଂସପେଶୀ, ଇସ୍ପାତ ପରି ଟାଣ ଧମନୀ ଓ ଦୃଢ ମନୋବଳ ।" ତାଙ୍କର ଶିଷ୍ୟା ନିବେଦିତା କହୁଥିଲେ, "କେତେ ବର୍ଷ ଧରି ମୁଁ ତାଙ୍କୁ ପ୍ରାୟ ପ୍ରତିଦିନ ଦେଖୁଛି, ତାଙ୍କ ପାଇଁ ଭାରତର ଚିନ୍ତାଥିଲା ବାୟୁ ନିଶ୍ୱାସରେ ନେବା ପରି ।" ସେ କେବେହେଲେ ଜାତୀୟତା ଶବ୍ଦ ବ୍ୟବହାର କରିନାହାନ୍ତି କିମ୍ବା ସେ 'ଜାତି ଗଠନ' କରିବାକୁ ଘୋଷଣା କରି ନାହାନ୍ତି । ମନୁଷ୍ୟ ଗଠନ କରିବା ହିଁ ତାଙ୍କର ଲକ୍ଷ୍ୟ ଥିଲା ।

୧୮୯୭ ରେ ବିବେକାନନ୍ଦ ରାମକୃଷ୍ଣ ମିଶନ ଗଢିଥିଲେ । ବିବେକାନନ୍ଦଙ୍କ ଉଦ୍ୟମରେ ଭାରତ ବାହାରେ ଏହି ମିଶନର ଶାଖାମାନ ଆମେରିକା, ଜର୍ମାନୀ, ଇଂଲଣ୍ଡ ଓ ସୁଇଜରଲାଣ୍ଡ ଆଦି ଦେଶରେ ସ୍ଥାପିତ ହୋଇଗଲା । ରାମକୃଷ୍ଣଙ୍କର ଅନୁଚରମାନେ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲେ । ପ୍ରଥମତଃ, ଯେଉଁମାନେ ସନ୍ନ୍ୟାସୀ ସେମାନେ ବିବାହ କରନ୍ତି ନାହିଁ ଏବଂ ଭଗବାନ୍ ଓ ମାନବସେବା ନିମିତ୍ତ ଜୀବନ ଉତ୍ସର୍ଗ କରିଥା'ନ୍ତି । ଦ୍ୱିତୀୟତଃ, ଯେଉଁ ଅନୁଗାମୀମାନେ ସାଧାରଣ ଲୋକମାନଙ୍କ ପରି ବାସ କରନ୍ତି, ସେମାନେ ରାମକୃଷ୍ଣଙ୍କ ବାଣୀ ଅନୁସରଣ କରି ନିଜର ଜୀବନକୁ ନିୟନ୍ତ୍ରଣ କରିଥା'ନ୍ତି ।

ସଂସ୍କାର ଓ ସମାଜ ସେବା କ୍ଷେତ୍ରରେ ମିଶନର ମୂଲ୍ୟବାନ୍ ଦାନ ରହିଥିଲା । ମିଶନ କେତେକ ଡାକ୍ତରଖାନା ନିର୍ମାଣ କଲା ଓ ଅନାଥମାନଙ୍କ ପାଇଁ ବାସସ୍ଥାନ ଠିକ୍ କରିଥିଲା । ଦୁର୍ଭିକ୍ଷ, ମରୁଡି, ବନ୍ୟା, ମହାମାରୀ ଦ୍ୱାରା ପ୍ରପୀଡିତ ଲୋକଙ୍କୁ ମିଶନ ସାହାଯ୍ୟ କରିଥିଲା । ଏହା ମଧ୍ୟ କେତେକ ଶିକ୍ଷାନୁଷ୍ଠାନ ଗଠନ କରିଥିଲା ।

ଅଷ୍ଟାଦଶ ଅଧ୍ୟାୟ

ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା: ପ୍ରଥମ ପର୍ଯ୍ୟାୟ (୧୮୮୫-୧୯୨୦)

(Foundation of Indian National Congress : Early Phase, 1885-1920)

ଭାରତୀୟ ଜାତୀୟ ଆନ୍ଦୋଳନ (୧୮୮୫-୧୯୦୫)

(Indian National Movement, 1885-1905)

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଦେଶବାସୀଙ୍କ ମନରେ ଜାତୀୟଚେତନା ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଜାତୀୟ ଆନ୍ଦୋଳନ ପାଇଁ ମାର୍ଗ ପ୍ରସ୍ତୁତ ହେଲା । ଏହି ସମୟରେ ଭାରତର ବୁଦ୍ଧିଜୀବୀମାନେ ରାଜନୈତିକ ଶିକ୍ଷାର ପ୍ରସାର ଏବଂ ରାଜନୈତିକ କାର୍ଯ୍ୟକଳାପର ବୃଦ୍ଧି ପାଇଁ ତତ୍ପର ହୋଇ ଉଠିଥିଲେ । ଭାରତୀୟମାନେ ପ୍ରଥମେ ପ୍ରଶାସନିକ କ୍ଷେତ୍ରରେ ଅଧିକ କ୍ଷମତା ହାସଲ କରିବାକୁ ଚାହୁଁଥିଲେ; ମାତ୍ର ଧୀରେ ଧୀରେ ସେମାନେ ଉଚ୍ଚାଭିଳାଷୀ ହୋଇ ଦେଶ ଶାସନରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରିଥିଲେ । ଭାରତୀୟମାନେ ନିଜର ଉଦ୍ଦେଶ୍ୟ ସାଧନ କରିବାକୁ ଅନେକ ରାଜନୈତିକ ସଂଘ ଭାରତର ବିଭିନ୍ନ ସ୍ଥାନରେ ଗଠନ କରିଥିଲେ । ୧୮୩୮ରେ କଲିକତାଠାରେ ପ୍ରଥମ ରାଜନୈତିକ ସଂଘ ଭାବରେ 'ଲ୍ୟାଣ୍ଡ ହୋଲଡ଼ରସ୍ ସୋସାଇଟି'ର ଶୁଭାରମ୍ଭ ହୋଇଥିଲା । ୧୮୪୩ରେ ଗଠିତ ହୋଇଥିଲା 'ବଙ୍ଗ ବ୍ରିଟିଶ୍ ଭାରତୀୟ ସମିତି' । ଉଭୟ ସଂଗଠନ ୧୮୫୧ରେ ମିଳିତ ହେବାରୁ ଆତ୍ମପ୍ରକାଶ କରିଥିଲା 'ବ୍ରିଟିଶ୍ ଭାରତୀୟ ସଂଘ' । ସେହିପରି ୧୮୫୨ରେ 'ମାଡ୍ରାସନେଟିଭ ଆସୋସିଏସନ୍' ଏବଂ 'ବମ୍ବେ ଆସୋସିଏସନ୍' ନାମରେ ରାଜନୈତିକ ସଂଗଠନମାନ ପ୍ରତିଷ୍ଠିତ ହୋଇଥିଲା । ୧୮୫୭ର ସିପାହୀ ବିଦ୍ରୋହ ପରେ ଇଂରେଜମାନଙ୍କର ଶାସନ ନୀତି ଅଧିକ ପ୍ରତିକ୍ରିୟାଶୀଳ ହୋଇଉଠିଲା । ଭାରତୀୟମାନେ ବ୍ରିଟିଶ୍ ଶୋଷଣ ନୀତିକୁ ହୃଦୟଙ୍ଗମ କରିପାରିଲେ । ରାଜନୈତିକ ଚେତନାଶୀଳ ବ୍ୟକ୍ତିମାନେ ଅନୁଭବ କଲେ ଯେ ଏହିପରି କ୍ଷୁଦ୍ର ରାଜନୈତିକ ସଂଘମାନ ଇଂରେଜ

ସାମ୍ରାଜ୍ୟବାଦ ନୀତିକୁ ପରିବର୍ତ୍ତନ କରିପାରିବ ନାହିଁ । ସେଥିପାଇଁ ଏକ ଜାତୀୟ ରାଜନୈତିକ ସଂଗଠନର ଆବଶ୍ୟକତା ଅନୁଭୂତ ହେଲା ।

୧୮୬୭ରେ ଗଠିତ ହୋଇଥିଲା 'ପୁନା ସାର୍ବଜନୀକ ସଭା' । ପରବର୍ତ୍ତୀ ୨୦ ବର୍ଷ ପର୍ଯ୍ୟନ୍ତ ଏହି ସଭା ଲୋକମାନଙ୍କୁ ସକ୍ରିୟ ରାଜନୀତିକ ଶିକ୍ଷା ପ୍ରଦାନ କରିଥିଲା । ପୁନଶ୍ଚ ବଙ୍ଗଳାରେ ଲୋକମାନଙ୍କର ରାଜନୈତିକ ଚେତନା ଜାଗ୍ରତ କରିବାକୁ ୧୮୭୫ରେ 'ଇଣ୍ଡିଆ ଲିଗ୍' ନାମକ ଏକ ନୂତନ ସଂଘ ଆରମ୍ଭ ହୋଇଥିଲା । ଶେଷରେ ୧୮୭୬ ଜୁଲାଇ ମାସରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ନେତୃତ୍ୱରେ ବଙ୍ଗଳାର ଅଗ୍ରଣୀ ରାଜନୈତିକ ନେତାମାନେ 'ଇଣ୍ଡିଆନ୍ ଆସୋସିଏସନ୍' ଗଠନ କରିଥିଲେ । ଏହି ସଂଘର ଲକ୍ଷ୍ୟ ଥିଲା ଏକ 'ମିଳିତ ଭାରତ' ଗଠନ । ଏହି ମିଳିତ ଭାରତ ଧାରଣା ଇଟାଲୀର ମ୍ୟାଜିନୀଙ୍କ ଆଦର୍ଶରୁ ସଂଗୃହୀତ ହୋଇଥିଲା । ଆଇ.ସି.ଏସ୍. ପରୀକ୍ଷାର ସର୍ବୋଚ୍ଚ ବୟସ ସୀମା ହ୍ରାସକୁ ସଂଘ ବିରୋଧ କଲା । 'ସ୍ୱଦେଶୀ ସମ୍ବାଦପତ୍ର ଆଇନ' ଏବଂ 'ସାମରିକ ଆଇନ'କୁ ବିରୋଧ କରି 'ଇଣ୍ଡିଆନ୍ ଆସୋସିଏସନ୍' ପ୍ରତିବାଦ ସଭାମାନ ଆହ୍ୱାନ କରିଥିଲା । ଯେତେବେଳେ ଇଉରୋପୀୟମାନେ 'ଇଲବର୍ଟ ବିଲ୍'କୁ 'କଳା ଆଇନ' କହି ବିକ୍ଷୋଭ କଲେ, ସେତେବେଳେ 'ଇଣ୍ଡିଆନ୍ ଆସୋସିଏସନ୍' ନେତୃତ୍ୱରେ ଭାରତୀୟମାନେ ମଧ୍ୟ ଇଉରୋପୀୟମାନଙ୍କ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ । ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରଥମ ଜାତୀୟ ସମ୍ମିଳନୀ ୧୮୮୩ ଡିସେମ୍ବର ଶେଷରେ କଲିକତାଠାରେ ଆୟୋଜିତ ହୋଇଥିଲା । ୧୮୮୫ରେ ଏହାର ଦ୍ୱିତୀୟ ଅଧିବେଶନ ମଧ୍ୟ କଲିକତାଠାରେ ଆହୂତ ହୋଇଥିଲା । କଲିକତା ଅଧିବେଶନ ସମାପ୍ତ ହେବାର ଅବସରରେ ପରବର୍ତ୍ତୀ ସମ୍ମିଳନୀ ବମ୍ବେଠାରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଆସିଥିଲା ଏବଂ ଏହି ବମ୍ବେ ସମ୍ମିଳନୀ ଥିଲା 'ଭାରତୀୟ ଜାତୀୟ କଂଗ୍ରେସ' । କେବଳ ସେତିକି ନୁହେଁ, ଇଂଲଣ୍ଡରେ ମଧ୍ୟ ଭାରତୀୟମାନେ ରାଜନୈତିକ ପ୍ରଚାର ଆରମ୍ଭ କରିଥିଲେ । ୧୮୭୪ରେ ଦାଦାଭାଇ ନାରୋଜୀ ଇଂଲଣ୍ଡରେ 'ଇଷ୍ଟ ଇଣ୍ଡିଆ ଆସୋସିଏସନ୍' ଗଠନ କରିଥିଲେ ।

ଜାତୀୟ କଂଗ୍ରେସର ଜନ୍ମ (Birth of National Congress)

ଯେତେବେଳେ ଏକ ରାଜନୈତିକ ସଂଗଠନ ସର୍ବଭାରତୀୟ ସ୍ତରରେ ଗଢ଼ିବାପାଇଁ ଆବଶ୍ୟକ ହେଲା, ଏହାକୁ ବାସ୍ତବ ରୂପ ଦେବାପାଇଁ ଆଗେଇ ଆସିଥିଲେ ଆଲାନ ଓକ୍ଟାଭିଆନ୍ ହିଉମ୍ । ସେ ଅନୁଭବ କରିଥିଲେ ଯେ ଭାରତୀୟମାନଙ୍କୁ ଇଂରେଜମାନଙ୍କର ସାମାଜିକ ଓ ଆର୍ଥନୀତିକ ଶୋଷଣ ଅସନ୍ତୁଷ୍ଟ କରିଛି । ଏହି ଅସନ୍ତୋଷ ଦିନେ ଭୟଙ୍କର ବିଦ୍ରୋହର ରୂପ ନେବ । ଜଣେ ଦେଶପ୍ରେମୀ ଇଂରେଜ ଭାବରେ ଏହି ଅସନ୍ତୋଷକୁ ନିୟନ୍ତ୍ରଣ କରି ତାଙ୍କର ଜାତିକୁ ସେ ରକ୍ଷା କରିବାକୁ ଚାହିଁଥିଲେ ।

ଥିଓସୋଫିକାଲ ସୋସାଇଟି ମାଧ୍ୟମରେ ଶିକ୍ଷିତ ଭାରତୀୟମାନଙ୍କ ସହିତ ହିଉମ୍ ସଂଯୋଗ ସ୍ଥାପନ କରିଥିଲେ । ୧୮୮୩ରେ କଲିକତା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଗୋଟିଏ ସଂଘ ଗଠନ କରିବା ପାଇଁ ସେ ଏକ ଖୋଲା ଚିଠିରେ ନିବେଦନ କଲେ । ତାଙ୍କ ମତରେ ଏହି ସଂଘର ଲକ୍ଷ୍ୟ ହେବ ଭାରତୀୟମାନଙ୍କର ମାନସିକ, ନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତିର ପୁନର୍ଜାଗରଣ । ଭାରତୀୟ ଜାତୀୟତା ବିକାଶ ଏବଂ ଭାରତ ଓ ଇଂଲଣ୍ଡ ମଧ୍ୟରେ ଘନିଷ୍ଠ ସମ୍ପର୍କ ସୃଷ୍ଟି କରିବାକୁ ଯାଇ ୧୮୮୪ରେ ସେ ଭାରତୀୟ ଜାତୀୟ ସଂଘ ଗଠନ କଲେ ।

୧୮୮୫ରେ ହିଉମ୍ ସିମଲାଠାରେ ବଡ଼ଲାଟ ଡାଫରିନଙ୍କୁ ସାକ୍ଷାତ କରି ଭାରତୀୟମାନଙ୍କ ପାଇଁ ଏକ ସଂଘ ଗଠନ କରିବାର ଆବଶ୍ୟକତା ରହିଛି ବୋଲି ବୁଝାଇଥିଲେ । ଏହି ସଂଘ ଦେଶବାସୀଙ୍କ ସମସ୍ୟା ଏବଂ ଅଭିଯୋଗଗୁଡ଼ିକ ସରକାରଙ୍କ ପାଖରେ ଉପସ୍ଥାପନ କରିବ ଏବଂ ସେମାନଙ୍କର ଇଂରେଜମାନଙ୍କ ବିରୁଦ୍ଧରେ ଥିବା ଅସନ୍ତୋଷ ଗୋଟିଏ ସେଫ୍ଟି ଭଲ୍‌ବ ପରି ନିଃସରଣ କରିବ । ହିଉମ୍‌ଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା ଯେ ଏହାଦ୍ୱାରା ଭାରତୀୟ ବୁଦ୍ଧିଜୀବୀମାନଙ୍କୁ ଅବଶ୍ୟମ୍ଭାବୀ ବିଦ୍ରୋହରୁ ନିବୃତ୍ତ କରିହେବ ।

ବଡ଼ଲାଟ ମଧ୍ୟ ଅନୁଭବ କଲେ ଯେ ଇଂଲଣ୍ଡରେ ସରକାରଙ୍କୁ ସମାଲୋଚନା କରି ସତର୍କ ରଖିବା ପରି ଏକ ବିପକ୍ଷ ଦଳ ଭାରତରେ ନାହିଁ । ଯେହେତୁ ଇଂରେଜମାନେ ସେମାନଙ୍କ ନୀତି ଉପରେ ଭାରତୀୟମାନଙ୍କର ଧାରଣା କ'ଣ ସେ ବିଷୟରେ ବସ୍ତୁତଃ ଅଜ୍ଞ, ତେଣୁ ଶାସକ ଓ ଶାସିତଙ୍କର ସ୍ୱାର୍ଥଦୃଷ୍ଟିରୁ ଏକ ସଂଘ ଶାସନକଳର ତ୍ରୁଟି ଓ ତା'ର ପ୍ରତିକାର ପାଇଁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିବ । ଏହିପରି ଅବସ୍ଥାର ଗୁରୁତ୍ୱ ଅନୁଭବ କରି କଂଗ୍ରେସ ପ୍ରତିଷ୍ଠା କରିବା ପାଇଁ ସେ ହିଉମ୍‌ଙ୍କୁ ଉତ୍ସାହିତ କରିଥିଲେ । ସେ ହିଉମ୍‌ଙ୍କୁ ପରାମର୍ଶ ଦେଲେ ଯେ ସଂଘକୁ କେବଳ ସାମାଜିକ ସଂସ୍ଥା ନ କରି ସେ ସେଥିରେ ରାଜନୈତିକ ପ୍ରଶ୍ନଗୁଡ଼ିକ ଆଲୋଚନା କରାନ୍ତୁ ।

ହିଉମ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଭାରତୀୟ ଜାତୀୟ ସଂଘର ଏକ ସମ୍ମିଳନୀ ୧୮୮୫, ଡିସେମ୍ବର ମାସରେ ପୁନାଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା । ଏଥିରେ ଭାଗ ନେବାକୁ ବଙ୍ଗ, ବମ୍ବେ, ମାନ୍ଦ୍ରାଜର ଇଂରାଜୀ ଭାଷା ଜାଣିଥିବା ଅଗ୍ରଣୀ ରାଜନୀତିଜ୍ଞମାନଙ୍କୁ ନିମନ୍ତ୍ରଣ କରାଗଲା । ହିଉମ୍ ଆଶା କଲେ, ପରୋକ୍ଷଭାବରେ ଏହି ସମ୍ମିଳନୀଟି ଗୋଟିଏ ସ୍ୱଦେଶୀ ପାର୍ଲିଆମେଣ୍ଟ ଗଠନ କରିବା ପାଇଁ ବୀଜବପନ କରିବ, ଏବଂ ଠିକ୍ ରୂପେ ପରିଚାଳିତ ହେଲେ, କେତୋଟି ବର୍ଷ ମଧ୍ୟରେ ସମାଲୋଚକମାନଙ୍କର ଦୃଢ଼ ଉକ୍ତି- ଭାରତୀୟମାନେ ଯେକୌଣସି ପ୍ରତିନିଧିମୂଳକ ଅନୁଷ୍ଠାନ ପାଇଁ ଅନୁପଯୁକ୍ତ, ଏହାର ଯଥାର୍ଥ ଉତ୍ତର ଦେବ; ମାତ୍ର ପୁନାଠାରେ

ମହାମାରୀ ବ୍ୟାପିବାରୁ ଏହି ସମ୍ମିଳନୀର ସ୍ଥାନ ବମ୍ବେକୁ ପରିବର୍ତ୍ତନ କରାଗଲା । ଏହାର ନାମ ମଧ୍ୟ ହେଲା 'ଭାରତୀୟ ଜାତୀୟ କଂଗ୍ରେସ' । ବମ୍ବେ ନଗରୀର ତେଜପାଳ ସଂସ୍କୃତ ମହାବିଦ୍ୟାଳୟ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ୧୮୮୫ ଡିସେମ୍ବର ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ହେଲା । ଏହିପରି ଭାବରେ ହିଉମ୍ ପେଣ୍ଟୁଟିକୁ ଗଡ଼ାଇ ଦେଲେ ଏବଂ ଏହା ଦ୍ରୁତ ଗତିରେ ଗଡ଼ିବାକୁ ଲାଗିଲା । ହିଉମ୍ ଥିଲେ ଜଣେ ଇଂରେଜ ସରକାରୀ କର୍ମଚାରୀ; କିନ୍ତୁ ଏହା ଭାଗ୍ୟର ବିଡ଼ମ୍ବନା ଥିଲା ଯେ ତାଙ୍କଦ୍ୱାରା ଗଠିତ କଂଗ୍ରେସ ଦିନେ ଆନ୍ଦୋଳନ ମାଧ୍ୟମରେ ତାଙ୍କ ଜାତିକୁ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟ କରିଥିଲା ।

କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
(Aims and Objectives of the Congress)

କଂଗ୍ରେସର ପ୍ରଥମ ଅଧିବେଶନରେ ୭୨ଜଣ ପ୍ରତିନିଧି ଭାରତର ବିଭିନ୍ନ ଅଞ୍ଚଳରୁ ଆମନ୍ତ୍ରଣ ହୋଇ ଯୋଗ ଦେଇଥିଲେ । କଲିକତାର ସ୍ୱନାମଧନ୍ୟ ଆଇନଜୀବୀ ଉମେଶ ଚନ୍ଦ୍ର ବାନାର୍ଜୀ ଜାତୀୟ କଂଗ୍ରେସର ଥିଲେ ପ୍ରଥମ ସଭାପତି । ସେ ତାଙ୍କର ଭାଷଣରେ କଂଗ୍ରେସର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ ।

୧। ଦେଶର ମଙ୍ଗଳ ପାଇଁ ଭାରତର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କ ମଧ୍ୟରେ ଘନିଷ୍ଠତା ଏବଂ ବନ୍ଧୁତାର ବିକାଶ କରିବା ।

୨। ଦେଶପ୍ରେମୀମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଦ୍ୱାରା ଜାତି, ଧର୍ମ ଓ ପ୍ରାଦେଶିକ କୁ-ସଂସ୍କାର ବିଲୋପ ଏବଂ ଜାତୀୟ ଏକତା ଦୃଢ଼ କରିବା ।

୩। ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଭାରତର ଶିକ୍ଷିତ ଗୋଷ୍ଠୀଙ୍କର ଆଦର୍ଶ ଓ ପରିପକ୍ୱ ମତାମତ ସଂଗ୍ରହ ଓ ତାହାର ଆଲୋଚନା କରିବା ।

୪। ଆସନ୍ତା ୧୨ ମାସ ମଧ୍ୟରେ ଜନସାଧାରଣଙ୍କ ସ୍ୱାର୍ଥ ସାଧନ ନିମନ୍ତେ ସ୍ୱଦେଶୀ ରାଜନୀତିଜ୍ଞମାନଙ୍କର କାର୍ଯ୍ୟାବଳୀର ମାର୍ଗ ଓ ରୀତି ନିର୍ଦ୍ଧାରଣ କରିବା ।

ଏହାପରେ କଂଗ୍ରେସ ଆଲୋଚନା ମାଧ୍ୟମରେ ଦାବି ଆକାରରେ ନଅଗୋଟି ପ୍ରସ୍ତାବ ଗ୍ରହଣ କରିଥିଲା । ତନ୍ମଧ୍ୟରୁ କେତୋଟି ପ୍ରଧାନ ପ୍ରଧାନ ଦାବି ନିମ୍ନରେ ପ୍ରଦାନ କରାଗଲା ।

- ଭାରତର ଶାସନ ପଦ୍ଧତି ଉପରେ ତଦନ୍ତ ପାଇଁ ଏକ ରୟାଲ କମିଶନ୍‌ଙ୍କ ନିଯୁକ୍ତି ଏବଂ ସେଥିରେ ଭାରତୀୟମାନଙ୍କ ସ୍ଥାନ ନିର୍ଣ୍ଣୟ କରିବା ।
- ଇଂଲଣ୍ଡରେ ଥିବା ଭାରତ ସଚିବଙ୍କ ପରିଷଦ ଲୋପ କରିବା ।
- ନିର୍ବାଚିତ ସଭ୍ୟମାନଙ୍କର ବଜେଟ ଉପରେ ପ୍ରଶ୍ନ ପଚାରିବା ଏବଂ ଆଲୋଚନା କରିବାର ଅଧିକାର ସହିତ ବ୍ୟବସ୍ଥାପକ ପରିଷଦକୁ ପ୍ରବେଶ କରିବା ।

- ସାମରିକ ଖର୍ଚ୍ଚକାଟ ଏବଂ ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଣ୍ଠିର ନ୍ୟାୟୋଚିତ ବଣ୍ଟନ କରିବା ।
- ସାଧାରଣ ସେବା ପରୀକ୍ଷାଗୁଡ଼ିକ ଏକକାଳୀନ ଭାରତ ଏବଂ ଇଂଲଣ୍ଡରେ ପ୍ରଚଳନ କରିବା ଏବଂ ସର୍ବାଧିକ ବୟସ ସୀମା ବୃଦ୍ଧିକରି କୋହଳ କରିବା ।

ପ୍ରଥମ କଂଗ୍ରେସର ତାତ୍ପର୍ଯ୍ୟ
(Significance of the First Congress)

କେତେକ ସମାଲୋଚକ କୁହନ୍ତି, ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସର ସଫଳତା ଲକ୍ଷ୍ୟ କଲେ ଜଣାଯାଏ ଯେ କଂଗ୍ରେସର ପ୍ରଥମ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ନଥିଲା; କିନ୍ତୁ ଅନେକଙ୍କ ମତରେ କଂଗ୍ରେସର ପ୍ରଥମ ଅଧିବେଶନ ଥିଲା ଖୁବ୍ ହିତକାରୀ । ଉମେଶ ଚନ୍ଦ୍ର ବାନାର୍ଜୀ କଂଗ୍ରେସକୁ ଭାରତର ସର୍ବପ୍ରଥମ ଜାତୀୟ ସମ୍ମେଳନ ରୂପେ ବର୍ଣ୍ଣନା କରିଛନ୍ତି । ତାଙ୍କର ଭାଷାରେ, "ଭାରତ ମାଟିରେ, ଐତିହାସିକ ସମୟ ମଧ୍ୟରେ, ଏପରି ଏକ ପ୍ରୟୋଜନୀୟ ତଥା ବ୍ୟାପକ ସମାରୋହ ସଂଘଟିତ ହୋଇନାହିଁ । ସେହିଦିନଠାରୁ ଭାରତୀୟମାନେ ବ୍ୟକ୍ତ କରିପାରିଲେ ଏକ ଭାରତୀୟ ଜାତି, ଏକ ଭାରତୀୟ ମତ ଏବଂ ଏକ ଜାତୀୟ ଆକାଂକ୍ଷା ।" ବାସ୍ତବିକ ସିନ୍ଧୀ, ପଞ୍ଜାବୀ, ବଙ୍ଗାଳୀ, ମାନ୍ଦ୍ରାଜୀ, ଗୁଜୁରାଟୀ, ମରାଠୀ, ପାର୍ଶୀ, ମାରୁଆଡ଼ି, ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଏକ ଲକ୍ଷ୍ୟ ପାଇଁ ଏକ ଛାତ ତଳେ ସମ୍ମେଳନ ସାଧାରଣ କଥା ନଥିଲା । କଂଗ୍ରେସ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଫ୍ଲରେନ୍ସ ନାଇଟିଙ୍ଗେଲ ଆତ୍ମବିସ୍ମୃତ ହୋଇ କହିଥିଲେ, "ବିଶ୍ୱର ଏକ ପ୍ରାଚୀନ ସଭ୍ୟତାରେ ଏକ ନୂତନ ଜାତୀୟତାର ଜନ୍ମ ଉପରେ ଆମେ ସତର୍କ ଦୃଷ୍ଟି ରଖିଛୁ ।" କଂଗ୍ରେସର ଆବିର୍ଭାବକୁ ଇଂରେଜମାନେ ଭାରତରେ ସେମାନଙ୍କର ଶାସନ ପ୍ରତି ଏକ ଭୟଙ୍କର ବିପଦ ବୋଲି ଆଶଙ୍କା କଲେ ।

କଂଗ୍ରେସର ଅନ୍ୟାନ୍ୟ ଅଧିବେଶନ
(Other Sessions of the Congress)

୧୮୮୬ ଡିସେମ୍ବରରେ କଂଗ୍ରେସର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା କଲିକତାଠାରେ । ଏଥିରେ ୪୩୬ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଅଧିବେଶନର ସଭାପତି ଦାଦାଭାଇ ନାରୋଜୀ କହିଲେ, କଂଗ୍ରେସ ଏକ ରାଜନୈତିକ ସଂଗଠନ, ଏଥିରେ ସାରାଦେଶକୁ ପ୍ରଭାବିତ କରୁଥିବା ବିଷୟ ଆଲୋଚନା କରାଯିବ । ଏହି କଂଗ୍ରେସରେ ଦେଶର ଦାରୁଣ ଦାରିଦ୍ର୍ୟ ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୧୮୮୭ ଡିସେମ୍ବର ମାସ ଶେଷ ଭାଗରେ ବଦରୁଦ୍ଦୀନ ତୟାବଜୀଙ୍କ ସଭାପତିତ୍ୱରେ କଂଗ୍ରେସର ତୃତୀୟ ଅଧିବେଶନ ମାନ୍ଦ୍ରାସଠାରେ ଆୟୋଜନ କରାଯାଇଥିଲା । ଏଥିରେ

୬୦୭ ଜଣ ପ୍ରତିନିଧି ଯୋଗଦେଇଥିଲେ । ଏହି ଅଧିବେଶନରେ କଂଗ୍ରେସ ପାଇଁ ଏକ ସ୍ଥାୟୀ ସମ୍ବିଧାନ ପ୍ରଣୟନର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା ।

ପ୍ରଥମ ତିନି ବର୍ଷ ଧରି ଶାସନ କ୍ଷେତ୍ରରେ ସଂସ୍କାର ଆଣିବା ଓ ଲୋକମାନଙ୍କର କଷ୍ଟ ଦୂର କରିବା ପାଇଁ ପଦକ୍ଷେପ ନେବାକୁ କଂଗ୍ରେସର ଦାବି ପ୍ରତି ସରକାର କର୍ଣ୍ଣପାତ କରି ନଥିଲେ । ଗ୍ରାମ୍ୟଲୋକମାନଙ୍କର ଦାରିଦ୍ର୍ୟ ଦେଖି ହିଉମ୍ ବିଚଳିତ ହୋଇ କହିଥିଲେ, "ଶ୍ରମ, ଶ୍ରମ, ଶ୍ରମ, କ୍ଷୁଧା, କ୍ଷୁଧା, ରୋଗ, କଷ୍ଟ, ଦୁଃଖ, ହାୟ ଏଗୁଡ଼ିକ ହେଉଛି ସେମାନଙ୍କ କ୍ଷଣସ୍ଥାୟୀ ଓ ଦୁଃଖପୂର୍ଣ୍ଣ ଜୀବନର ବ୍ୟାଖ୍ୟା ।" ୧୮୮୮ ଡିସେମ୍ବର ମାସରେ ଆଲାହାବାଦ୍‌ଠାରେ କଂଗ୍ରେସର ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୧୪୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଅଧିବେଶନରେ ସଭାପତିତ୍ୱ କରିଥିଲେ ଜର୍ଜ ୟୁଲ୍ ନାମକ ଜନୈକ ଖ୍ରୀଷ୍ଟିଆନ୍ । ଏହିପରି ଭାବରେ କଂଗ୍ରେସର ଲୋକପ୍ରିୟତା ବୃଦ୍ଧି ହେବା ସହିତ ଏହାର ଶକ୍ତି ଓ ପରିସର ବୃଦ୍ଧି ହେଉଥିଲା ।

ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର ଉଭୟ ସାମରିକ ଓ ବେସାମରିକ କ୍ଷେତ୍ରରେ ଉଚ୍ଚ ପଦବୀରେ ଅଧିକ ନିଯୁକ୍ତି ପାଇଁ କଂଗ୍ରେସ ସରକାରଙ୍କୁ ପରାମର୍ଶ ଦେଇଥିଲା । କୃଷକମାନଙ୍କ ଆର୍ଥିକ ବିକାଶ ନିମନ୍ତେ ସରକାରୀ ରାଜସ୍ୱନୀତି ଓ ଜମିଦାରମାନଙ୍କ ଅତ୍ୟାଚାର କଂଗ୍ରେସ ବିରୋଧ କଲା । ଜଙ୍ଗଲ ଆଇନ, ଲୁଣକର, ଅବକାରୀ କର ଓ ଶୁଳ୍କନୀତି ବିରୋଧରେ ଏହା ପ୍ରସ୍ତାବ ଆଣିଥିଲା ଏବଂ ସାମରିକ ବିଭାଗର ଖର୍ଚ୍ଚକାଟ ଦାବି ଜଣାଇଲା । ଶିକ୍ଷାର ଉନ୍ନତି ଏବଂ କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ପୃଥକ୍ କରିବା ପାଇଁ ଏହା ଦାବି ମଧ୍ୟ କରିଥିଲା ।

ଏହିପରି ଭାବରେ ଏକ ନବଭାରତ ଗଠନ କରିବା ଦିଗରେ କଂଗ୍ରେସ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।

ଉଗ୍ରବାଦର ଉତ୍‌ଥାନ
(Rise of Extremism)

୧୮୮୫ରୁ ୧୯୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସର ରାଜନୀତିକ ସଂସ୍କାର ଦାବିଗୁଡ଼ିକ ଇଂରେଜ ସରକାର କର୍ଣ୍ଣପାତ କରିନଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରାର୍ଥନା ବା ଆବେଦନ ଦ୍ୱାରା ଯେ ଲକ୍ଷ୍ୟ ସାଧନ ହୋଇପାରିବ- ଏକଥା ଅଗ୍ରଣୀ ରାଜନୈତିକ ଚିନ୍ତାଧାରା ସହିତ ମେଳଖାଇନଥିଲା; ମାତ୍ର ଏତିକି ହେଲା, ଜାତୀୟ ଏକତା, ଦେଶପ୍ରେମ, ଜାତୀୟ ସମ୍ମାନ ଓ ଜାତୀୟ ଗର୍ବ ବୃଦ୍ଧି କରିବାରେ କଂଗ୍ରେସ ସହାୟକ ହୋଇଥିଲା । ଭାରତୀୟ ନବଜାତୀୟତା ବିକାଶ କ୍ଷେତ୍ରରେ ଉଗ୍ରବାଦ ଆତ୍ମପ୍ରକାଶ କରିଥିଲା । ଅନେକ ନୂଆ ନୂଆ ନେତା କଂଗ୍ରେସରେ ଯୋଗଦେଇ ଏହାକୁ ସଂଗ୍ରାମଶୀଳ କରିବାରେ ସାହାଯ୍ୟ କଲେ । ଦାଦାଭାଇ

ନାରୋଜୀ କହିଥିଲେ, ''ଯଦି ଭାରତୀୟମାନଙ୍କୁ ସରକାରରେ ଅଧିକ ସଂଶ୍ଳିଷ୍ଟ କରାନଯାଏ, ତେବେ ଭାରତରେ କ'ଣ ଘଟିବ ଏକଥା ରୁଷ୍ ଦେଶ ଦେଖାଇ ଦେଉଛି ।'' ଭାରତର ଜାତୀୟ କଂଗ୍ରେସରେ ଉଗ୍ରପନ୍ଥୀମାନଙ୍କ ଉତ୍ଥାନ ସମ୍ପର୍କରେ କେତୋଟି କାରଣ ନିମ୍ନରେ ପ୍ରଦାନ କରାଗଲା ।

୧ । ପ୍ରଥମ ଜାତୀୟବାଦୀ ନେତାମାନେ ବ୍ରିଟିଶ୍ ଶାସନର ପ୍ରକୃତ ଚରିତ୍ର ପଦାରେ ପକାଇ ଦେଇଥିଲେ । ସେମାନେ ପରିସଂଖ୍ୟାନ ତଥ୍ୟ ଦେଇ ପ୍ରମାଣ କରିଦେଇଥିଲେ ଯେ ଭାରତର ଜୀର୍ଣ୍ଣ ଅର୍ଥ ବ୍ୟବସ୍ଥା ଏବଂ ତା'ର ଚରମ ଦାରିଦ୍ର୍ୟ ପାଇଁ ଇଂରେଜ ଶାସନନୀତି ଦାୟୀ । ଦାଦାଭାଇ ନାରୋଜୀ ବ୍ରିଟିଶ୍ ଶୋଷଣ ନୀତି ଉପରେ ଆଲୋକପାତ କଲେ ଏବଂ ସେ ଦେଖାଇ ଦେଲେ ଯେ କିପରି ଭାରତର ବିପୁଳ ସମ୍ପତ୍ତି ବିଦେଶକୁ ଚାଲାଣ ହେଉଛି । ସେ ବର୍ଣ୍ଣନା କଲେ ଯେ ଭାରତରେ ଇଂରେଜ ଶାସନ ହେଉଛି ଏକ ସ୍ଥିର ଏବଂ କ୍ରମାଗତ ଲୁଣ୍ଠନ । ଆନନ୍ଦ ଚାର୍ଲୁ, ଡି. ଇ. ଓ୍ୱାଚା, ଜି. କେ. ଗୋଖଲେ, ମଦନ ମୋହନ ମାଲବ୍ୟ ଆଦି ଇଂରେଜମାନଙ୍କ ଶୋଷଣ ନୀତିକୁ ସମାଲୋଚନା କରିଥିଲେ । ଏସ୍.ଏନ୍. ବାନାର୍ଜୀ ପ୍ରଚାର କରିଥିଲେ ଯେ ଭାରତୀୟମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରୁନାହାନ୍ତି । କଂଗ୍ରେସ ମଧ୍ୟ ବର୍ଣ୍ଣନା କରିଥିଲା ଯେ ଇଂରେଜ ସରକାରଙ୍କର ସାମରିକ ଓ ବେସାମରିକ ଶାସନରେ ଅତ୍ୟଧିକ ବ୍ୟୟ ଯୋଗୁଁ ୫୦ ନିୟୁତ ଭାରତୀୟ ଦାରିଦ୍ର୍ୟର ସୀମାରେ ରହି କ୍ଷୁଧାରେ ନିପୀଡ଼ିତ ହେଉଛନ୍ତି । ଆର. ସି. ଦତ୍ତ ଏବଂ ଜି. ଭି. ଯୋଶୀ ସରକାରଙ୍କ ଜାର୍ଣ୍ଣ ରାଜସ୍ୱନୀତିକୁ ଭାରତୀୟ କୃଷକମାନଙ୍କ ପାଇଁ କ୍ଷତିକାରକ ବୋଲି ଦର୍ଶାଇଥିଲେ । ରାଣାଡ଼େଙ୍କ 'ଏସେଜ୍ ଇନ୍ ଇଣ୍ଡିଆନ୍ ଇକୋନୋମିକ୍ସ (୧୮୯୮)', ଦାଦାଭାଇଙ୍କ 'ଇଣ୍ଡିଆନ୍ ପଭର୍ଟି ଆଣ୍ଡ ଅନ୍ ବ୍ରିଟିଶ୍ ରୁଲ୍ ଇନ୍ ଇଣ୍ଡିଆ' (୧୯[illegible]) ଏବଂ ଆର. ସି. ଦତ୍ତଙ୍କ 'ଇକୋନୋମିକ ହିଷ୍ଟ୍ରି ଇନ୍ ଇଣ୍ଡିଆ' (୧୯୦୧) ଥିଲା ଅସ୍ତ୍ରଗାର ସଦୃଶ୍ୟ, ଯେଉଁଥିରୁ ନୂଆ ନେତାମାନେ ବ୍ରିଟିଶ୍ ଶାସନ ଉପରକୁ ତୀର ନିକ୍ଷେପ କରୁଥିଲେ ।

୨ । ପାଶ୍ଚାତ୍ୟ ଜୀବନ, ଚିନ୍ତାଧାରା ଓ ରାଜନୀତିର ଅତ୍ୟଧିକ ଅନୁକରଣ ଭାରତୀୟ ଜୀବନ ଓ ଧର୍ମପ୍ରତି ବିପଦ ସୃଷ୍ଟି କରିଥିଲା । ଇଉରୋପୀୟ ସଭ୍ୟତାର ବସ୍ତୁବାଦ ଓ ବ୍ୟକ୍ତିବାଦ ତତ୍ତ୍ୱ ଭାରତୀୟ ସଭ୍ୟତାକୁ ଧ୍ୱଂସ କରି ଦେଉଥିଲା । ଭାରତର ଜାତୀୟ ଅଭିନ୍ନତା ବ୍ରିଟିଶ ସାମ୍ରାଜ୍ୟରେ ବୁଡ଼ାଇ ଦେବାକୁ ଚେଷ୍ଟା ହୋଇଥିଲା । ଏହି ସମୟରେ ନୂଆ ନେତାମାନେ ଭାବପ୍ରବଣ ହୋଇ ଭାରତୀୟ ଆଧାତ୍ମିକ ଗୌରବରୁ ଉତ୍ସାହ ଲାଭ କଲେ ଏବଂ ଭାରତର ଅତୀତ ଗୌରବର ପୁନରୁତ୍ଥାନ ପାଇଁ ଆଶା ରଖିଲେ । ଉଗ୍ରପନ୍ଥୀମାନଙ୍କର ଅଗ୍ରଦୂତ ଥିଲେ ବଙ୍କିମ୍ ଚନ୍ଦ୍ର । ବିପ୍ଳବର ଚିନ୍ତାଧାରାକୁ ଅଗ୍ନିସଂଯୋଗ କରିଥିଲା ତାଙ୍କ ପୁସ୍ତକ 'ଆନନ୍ଦମଠ' । 'ଆନନ୍ଦମଠ' ଦେଶସେବା

ନିମିତ୍ତ ବଙ୍ଗାଳୀ ଯୁବକମାନଙ୍କୁ ପ୍ରତିକ୍ରିୟାଶୀଳ କରିପାରିଥିଲା । ମହାଭାରତରେ ଯେଉଁ କୃଷ୍ଣ ପାପ ଧ୍ୱଂସ କରି ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ, ତାଙ୍କ ମଧ୍ୟରେ ବଙ୍କିମଚନ୍ଦ୍ର ଭାରତ ଏକତାର ଏକ ଦୃଶ୍ୟ ଅବଲୋକନ କରିପାରିଲେ । ବଙ୍କିମଙ୍କ ଧର୍ମରାଜ୍ୟ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ ଏକ ସଂଗ୍ରାମଶୀଳ ଜାତୀୟତାର ସଙ୍କେତ ଆଣିଥିଲା । 'ମାତୃଭୂମିର ସେବା' ଥିଲା ବଙ୍କିମଙ୍କର ମୂଳମନ୍ତ୍ର । ହିନ୍ଦୁମାନଙ୍କ ଦୁର୍ବଳତା ଏବଂ ଉଦାସୀନତା ଲକ୍ଷ୍ୟ କରି ବେଦାନ୍ତବାଦୀ ବିବେକାନନ୍ଦ କହିଲେ, ''ପୃଥିବୀରେ ଯଦି କିଛି ପାପ ଥାଏ, ତାହା ହେଉଛି ଦୁର୍ବଳତା..... ଦୁର୍ବଳତା ହେଉଛି ପାପ ଓ ମୃତ୍ୟୁ ।'' ସେ ହିନ୍ଦୁମାନଙ୍କୁ ବଳିଷ୍ଠ ହେବାପାଇଁ ଉପଦେଶ ଦେଲେ । ସେ ପୁଣି କହିଲେ, ''ଉଠ, ଜାଗ୍ରତ ହୁଅ, ଲକ୍ଷ୍ୟରେ ନ ପହଞ୍ଚିବା ପୂର୍ବରୁ ଅଟକି ଯାଅ ନାହିଁ ।'' ସ୍ୱତନ୍ତ୍ର ଏସ୍. ପି. ସି. ଏ. ଟେଗାର୍ଟ ତାଙ୍କ ଗୋପନୀୟ ରିପୋର୍ଟରେ ଲେଖିଲେ, ବିବେକାନନ୍ଦଙ୍କ ବାଣୀ ବିପ୍ଳବୀଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇଥିଲା ଓ ଭାରତୀୟ ଯୁବକଙ୍କ ଚିନ୍ତାଧାରାରେ ବିଦ୍ରୋହ ଏବଂ ଅରାଜକତାର ବୀଜ ବୁଣିଦେଲା । ଇଉରୋପୀୟମାନଙ୍କର କଳ୍ପିତ ଶ୍ରେଷ୍ଠତାକୁ ଦୟାନନ୍ଦ ଚୂର୍ଣ୍ଣୀଭୂତ କରିଥିଲେ । ସେ ଅନୁଭବ କରିଥିଲେ ଯେ ବୈଦିକଯୁଗରେ ଏକ ସମୃଦ୍ଧ ସଭ୍ୟତା ଥିବାବେଳେ ଇଉରୋପରେ ଅଜ୍ଞାନତା ରାଜତ୍ୱ କରୁଥିଲା । କୃଷ୍ଣବର୍ଣ୍ଣ ଉପରେ ଶ୍ୱେତବର୍ଣ୍ଣର ପ୍ରାଧାନ୍ୟକୁ ସେ ନିନ୍ଦା କରିଥିଲେ । ତାଙ୍କର ବାର୍ତ୍ତା ଥିଲା ''ଭାରତ ହେଉଛି ଭାରତୀୟମାନଙ୍କର'' । ଅଧିବିଜ୍ଞାନ ଓ ଧର୍ମସମ୍ବଳିତ ଏକ ନୂତନ ଜାତୀୟତାର ପୂଜାରୀ ଥିଲେ ଅରବିନ୍ଦ ଘୋଷ୍ । ସେ ମତ ଦେଲେ, ଜାତୀୟତା ଏକ ରାଜନୈତିକ ବା ଅର୍ଥନୈତିକ ସ୍ପନ୍ଦନ ନୁହେଁ, ବରଂ ଏହା ତାଙ୍କ ପରି ସମଗ୍ର ଭାରତର ଲୋକମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଆତ୍ମାର ପୁନର୍ଜନ୍ମ ପାଇଁ ଏକ ଆଭ୍ୟନ୍ତରୀଣ କ୍ଷୁଧା ।

୩ । ଜାତୀୟ ଆନ୍ଦୋଳନକୁ ସଂଗ୍ରାମଶୀଳ କରିବାରେ ବାଳ ଗଙ୍ଗାଧର ତିଳକ ଥିଲେ ଜଣେ ଅସାଧାରଣ ରଥୀ । କାପୁରୁଷଙ୍କ ପରି ନିଜର ଜମି ଓ ବଳଦ ବିକ୍ରି କରି ସରକାରଙ୍କୁ କର ଦେବାକୁ ସେ ବାରଣ କରିଥିଲେ । ଧର୍ମୀୟ ପ୍ରବୃତ୍ତି ଏବଂ ଐତିହାସିକ ପରମ୍ପରାକୁ ଆଧାର କରି ଦେଶପ୍ରେମ ଓ ଜାତୀୟ ଜୀବନୀ ଶକ୍ତିର ଜାଗରଣ ପାଇଁ ସେ 'ଗଣପତି' ଓ 'ଶିବାଜୀ' ନାମକ ଦୁଇଗୋଟି ଉତ୍ସବ ପ୍ରଚଳନ କରିଥିଲେ । ତିଳକ କହୁଥିଲେ, ଗୋଟିଏ ଅନୁନ୍ନତ ଦେଶର ଜାଗରଣ ପାଇଁ ଧର୍ମ ହିଁ ମୁଖ୍ୟ ଆଧାର । ଶିବାଜୀ ଉତ୍ସବକୁ ସେ ଜାତୀୟ ବୀରପୂଜା ବୋଲି ଘୋଷଣା କରିଥିଲେ । ଯୁବପିଢ଼ି ତିଳକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଦେଶ ପାଇଁ ଭାଷଣ ବଦଳରେ ତ୍ୟାଗ ଓ କଷ୍ଟ ଅଧିକ ଆବଶ୍ୟକ ବୋଲି ଅନୁଭବ କରାଗଲା ।

୪ । କଂଗ୍ରେସର କନିଷ୍ଠ କର୍ମୀମାନେ ଏହାର ବିଗତ ଦଶ ଓ ପନ୍ଦର ବର୍ଷର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନେ ମଧ୍ୟ ସରକାରଙ୍କ ଶିଥିଳ ପ୍ରତିକ୍ରିୟାଶୀଳ

ନୀତିରେ ବିରକ୍ତ ହେଉଥିଲେ । ଇଂରେଜମାନେ ଯେ ବିଚାରବନ୍ତ, ଏପରି ଧାରଣା ସେମାନଙ୍କ ମନରୁ ଦୂରୀଭୂତ ହୋଇଥିଲା । ଚରମପନ୍ଥୀମାନେ କଂଗ୍ରେସର ପ୍ରାର୍ଥନା, ଆବେଦନ ନୀତି ଉପରେ ବିଶ୍ୱାସ କରିପାରିଲେ ନାହିଁ । ଇଉରୋପୀୟଙ୍କର ବିଦ୍ରୋହାତ୍ମକ ପଦ୍ଧତି ଗ୍ରହଣ କରିବାକୁ ସେମାନଙ୍କ ମନରେ ଉଗ୍ରବାସନା ଜାଗରିତ ହୋଇଥିଲା ।

୧୯୦୫ ରେ ଲଜପତ ରାୟ ବିଲାତରୁ ଫେରି ଦେଶବାସୀଙ୍କୁ କହିଲେ ଯେ ଇଂରେଜମାନେ ନିଜ କାର୍ଯ୍ୟରେ ବ୍ୟସ୍ତ । ସେମାନେ ଭାରତୀୟମାନଙ୍କର ଉଚ୍ଚାକାଂକ୍ଷା ପୂରଣ କରିପାରିବେ ନାହିଁ । ସେ ଜୁଲମ କରି କହିଲେ ଯେ ପ୍ରକୃତରେ ଯଦି ଭାରତୀୟମାନେ ନିଜ ଦେଶ ପାଇଁ ଯତ୍ନଶୀଳ, ତେବେ ସେମାନେ ଭାରତର ମୁକ୍ତିପାଇଁ ସଂଗ୍ରାମ କରନ୍ତୁ, ଏବଂ ଏହାପାଇଁ ସେମାନଙ୍କର ଆନ୍ତରିକତା ନିର୍ଭୁଲ ଭାବରେ ପ୍ରମାଣ କରି ଦିଅନ୍ତୁ ।

କଂଗ୍ରେସର କନିଷ୍ଠ କର୍ମୀମାନେ ବୟୋଜ୍ୟେଷ୍ଠ କର୍ମୀମାନଙ୍କ ଉପରେ ବିରକ୍ତ ହୋଇ କହୁଥିଲେ ଯେ କଂଗ୍ରେସର ରାଜନୈତିକ ଧର୍ମ ହେଉଛି ବ୍ରିଟିଶ୍ ପ୍ରତି ଆନୁଗତ୍ୟ ପ୍ରକାଶ ଏବଂ ସେମାନଙ୍କର ଉଦ୍ଦେଶ୍ୟ ହେଉଛି କିପରି କେନ୍ଦ୍ରୀୟ ବା ପ୍ରାଦେଶିକ ବିଧାନସଭାରେ ସଭ୍ୟ ହେବା କିମ୍ବା ବିଚାର ବିଭାଗରେ ପଦ ହାସଲ କରିବା । ସେମାନେ ସମାଲୋଚନା କରି କହୁଥିଲେ ଯେ ବରିଷ୍ଠ କର୍ମୀମାନଙ୍କର କେବଳ ରାଜନୀତିକ କାର୍ଯ୍ୟ ହେଉଛି ବର୍ଷକୁ ଥରେ କଂଗ୍ରେସ ଅଧିବେଶନରେ ଯୋଗଦେବା । ଉଦାରପନ୍ଥୀମାନଙ୍କ ଉପରେ ଦୋଷାରୋପ କରି କୁହାଗଲା ଯେ ସେମାନେ ତାଙ୍କର କାର୍ଯ୍ୟକଳାପ ମଧ୍ୟବିତ୍ତ ଶ୍ରେଣୀର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସୀମିତ ରଖିଛନ୍ତି ଏବଂ ସେମାନେ ଦେଶପ୍ରେମ ନାମରେ ବ୍ୟବସାୟ କରୁଛନ୍ତି । କଂଗ୍ରେସକୁ ତିଳକ 'ତୋଷାମଦକାରୀମାନଙ୍କ କଂଗ୍ରେସ' ରୂପେ ବର୍ଣ୍ଣନା କରିଥିଲେ । ଲଜପତ ରାୟ ମଧ୍ୟ କଂଗ୍ରେସ ଅଧିବେଶନକୁ ସମାଲୋଚନା କରି କହୁଥିଲେ ଯେ ଏହା ହେଉଛି "ଶିକ୍ଷିତ ଭାରତୀୟମାନଙ୍କର ବାର୍ଷିକ ଜାତୀୟ ଉତ୍ସବ ।"

୫ । ଭାରତର ଆର୍ଥିକ ଦୁରବସ୍ଥା ମଧ୍ୟ ଉଗ୍ରବାଦର ଉତ୍‌ଥାନ ପାଇଁ ପରିବେଶ ସୃଷ୍ଟି କରିଥିଲା । ୧୮୯୬-୯୭ ଏବଂ ୧୮୯୯-୧୯୦୦ ରେ ମହାରାଷ୍ଟ୍ରରେ ଦୁର୍ଭିକ୍ଷ ସହିତ ମହାମାରୀ ବ୍ୟାପି ଅନେକ ଜୀବନ ନଷ୍ଟ କରିଥିଲା । ପ୍ଲେଗ୍ ରୋଗର ପ୍ରତିରୋଧ ପାଇଁ ସରକାର କଠୋର ପଦକ୍ଷେପ ନେଇଥିଲେ । କର୍ମଚାରୀ ଓ ସୈନ୍ୟମାନେ ପୀଡ଼ିତ ଲୋକଙ୍କୁ ବଳପୂର୍ବକ ଘରୁ ଓ ରାସ୍ତାରୁ ଧରିନେଇ ଡାକ୍ତରଖାନାରେ ଭର୍ତ୍ତିକରି ଦେଉଥିଲେ ଏବଂ ସେମାନଙ୍କର ଲୁଗାପଟା, ବିଛଣାପତ୍ର ଏବଂ ଆସବାବପତ୍ର ଇତ୍ୟାଦି ପୋଡ଼ି ଦେଉଥିଲେ । ପ୍ଲେଗ୍‌ରୋଗର ଭୟାବହତାଠାରୁ ସେମାନଙ୍କର ଅତ୍ୟାଚାର ଅଧିକ ଥିଲା । ଦାକ୍ଷିଣାତ୍ୟରେ ଦଙ୍ଗା ଘଟିଥିଲା ଏବଂ ସରକାର ମଧ୍ୟ

ତାହାକୁ ଦୃଢ଼ ହସ୍ତରେ ଦମନ କରିଥିଲେ । ଲୋକମାନଙ୍କର ଦୁଃଖର ସୀମା ରହିଲା ନାହିଁ । ଶିକ୍ଷିତମାନେ ଜୀବିକା ଗ୍ରହଣର କୌଣସି ଖୋରାକ ପାଉନଥିଲେ । କଳକାରଖାନାରେ ଶ୍ରମିକମାନେ ହନ୍ତସନ୍ତ ହେଉଥିଲେ । ରାଜସ୍ୱ ବୃଦ୍ଧି ଯୋଗୁଁ କୃଷକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଥିଲା । ଏପରି ଅବସ୍ଥାରେ ଇଂଲଣ୍ଡ ରାଜାଙ୍କ ପାଇଁ ସରକାର ଏକ ଆଡ଼ମ୍ବରପୂର୍ଣ୍ଣ ଓ ବ୍ୟୟବହୁଳ ଦରବାର ଆୟୋଜନ କରିଥିଲେ । ଏହାକୁ ନେଇ ଲାଲମୋହନ ଘୋଷ୍ କଡ଼ା ଭାଷାରେ ଇଂରେଜମାନଙ୍କୁ ସମାଲୋଚନା କରିଥିଲେ ।

୬ । ସେତେବେଳେ ଆନ୍ତର୍ଜାତିକ ଘଟଣାମାନ ତରୁଣ ବଂଶଧରମାନଙ୍କ ଉପରେ ବଳିଷ୍ଠ ପ୍ରଭାବ ପକାଇଥିଲା । ବ୍ରିଟିଶ୍ ଉପନିବେଶ, ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ପ୍ରତି ଯେପରି ଅପମାନସୂଚକ ଆଚରଣ ପ୍ରଦର୍ଶନ କରାଯାଉଥିଲା, ସେଥିରେ ଇଂରେଜବିରୋଧୀ ଆନ୍ଦୋଳନ ଘନେଇ ଆସିଲା । ମିଶର, ପର୍ସିଆ, ତୁର୍କୀ ଏବଂ ରୁଷ୍‌ରେ ଯେଉଁ ଜାତୀୟବାଦୀ ଆନ୍ଦୋଳନ ସଂଘଟିତ ହୋଇଥିଲା, ତାହା ଦେଖି ଭାରତୀୟ ଚରମପନ୍ଥୀମାନେ ପ୍ରଭାବିତ ହୋଇଥିଲେ ଏବଂ ସେମାନଙ୍କ ମନରେ ଆଶାର ସଞ୍ଚାର ହେଲା । ଗାରିବାଲ୍‌ଡ଼ି ଓ ବିସ୍‌ମାର୍କଙ୍କ ଦୁଃସାହସିକ ପଦକ୍ଷେପ ଚରମପନ୍ଥୀମାନଙ୍କୁ ପ୍ରେରଣା ଯୋଗାଇଥିଲା । ଆବିସିନିଆର ଇଟାଲୀୟ ସୈନ୍ୟମାନଙ୍କୁ ବିତାଡ଼ନ (୧୮୯୬) ଏବଂ ୧୯୦୪-୦୫ରେ ଜାପାନର ରୁଷ୍ ଉପରେ ବିଜୟ, ଭାରତୀୟ ଜାତୀୟବାଦୀଙ୍କଠାରେ ବିଶ୍ୱାସ ଆଣିଥିଲା ଯେ ପାଶ୍ଚାତ୍ୟ ଶକ୍ତି ଅଜେୟ ନୁହେଁ ।

୭ । କର୍ଜନଙ୍କ ଭାରତବିରୋଧୀ ନୀତି ଭାରତୀୟମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସେ ଭାରତକୁ ଏକ ଦେଶ ରୂପେ ସ୍ୱୀକୃତି ଦେବାକୁ ମନାକରିଥିଲେ । ସେ ଭାରତୀୟ ବୁଦ୍ଧିଜୀବୀମାନଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କୁ ହୀନ ଚକ୍ଷୁରେ ଦେଖୁଥିଲେ । କଲିକତା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କର୍ଜନ କହିଥିଲେ, "ପାଶ୍ଚାତ୍ୟ ଚିନ୍ତାଧାରା ହେଉଛି ଶାଶ୍ୱତ; ମାତ୍ର ପ୍ରାଚ୍ୟ ଜଗତରେ ସଦାସର୍ବଦା ଧୂର୍ତ୍ତତା ଓ କୂଟନୈତିକ ପ୍ରତାରଣା ହିଁ ଉଚ୍ଚସ୍ଥାନ ଲାଭ କରି ଆସିଛି ।" ତାଙ୍କର କଲିକତା କର୍ପୋରେସନ ଆଇନ, ଅଫିସିଆଲ ସିକ୍ରେଟ ଆଇନ, ଏବଂ ଭାରତ ବିଶ୍ୱବିଦ୍ୟାଳୟ ଆଇନ ଭାରତରେ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେଲା । ରୋମ୍ ସହର ଜଳୁଥିବା ସମୟରେ ନୀରୋ ବଂଶୀବାଦନ କରିବା ପରି ଯେତେବେଳେ ୧୮୯୯-୧୯୦୦ ରେ ଦୁର୍ଭିକ୍ଷ ପଡ଼ିଥିଲା ଏବଂ ଭାରତ ତା'ର ପ୍ରାଦୁର୍ଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନଥିଲା, ସେତେବେଳେ କର୍ଜନ ଇଂଲଣ୍ଡ ରାଜାଙ୍କ ପାଇଁ ଏକ ଆଡ଼ମ୍ବରପୂର୍ଣ୍ଣ ଦରବାର ଆୟୋଜନ କରିଥିଲେ । ଏହା ଥିଲା ବୁଭୁକ୍ଷିତମାନଙ୍କ ପାଇଁ ଏକ ଅଟ୍ଟହାସ୍ୟ । କର୍ଜନଙ୍କ ବଙ୍ଗ ବିଭାଜନକୁ

ମଧ୍ୟ ଭାରତୀୟ ଜାତୀୟ କଂଗ୍ରେସ ବିରୋଧ କରିଥିଲେ । ଏହି ବଙ୍ଗ-ବିଭାଜନ ଥିଲା ମାକିଆଭେଲିଙ୍କର ଏକ କୌଶଳ ପରି, ଯାହାଦ୍ୱାରା ଧର୍ମକୁ ଭିତ୍ତିକରି ମୁସଲମାନ୍‌ମାନଙ୍କୁ ହିନ୍ଦୁମାନଙ୍କ ବିରୁଦ୍ଧରେ ଲଢ଼େଇ କରିଦିଆଯିବ ।

ଏହିପରି ଭାରତରେ ଉଗ୍ରପନ୍ଥୀମାନଙ୍କର ଉତ୍‌ଥାନ ଘଟିଥିଲା ।

ଉଗ୍ରପନ୍ଥୀ ଏବଂ ଉଦାରପନ୍ଥୀଙ୍କ ମଧ୍ୟରେ ବିବାଦ
(Extremist-Moderate Conflicts)

ଊନବିଂଶ ଶତାବ୍ଦୀର ଶେଷବର୍ଷଗୁଡ଼ିକ ମଧରେ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କଂଗ୍ରେସରେ ଯେଉଁ ନୂତନ ତରୁଣ ଗୋଷ୍ଠୀର ଆବିର୍ଭାବ ଘଟିଥିଲା, ସେମାନେ ପରିଚିତ ହେଲେ ଚରମପନ୍ଥୀ ରୂପେ । ସେମାନେ କଂଗ୍ରେସ ନେତୃତ୍ୱରେ ପୁରାତନ ଆଦର୍ଶ ଓ ପଦ୍ଧତିର ଦୋଷଗୁଣ ବିଚାର କଲେ । ସେମାନେ କଂଗ୍ରେସର ଲକ୍ଷ୍ୟ ରଖିଲେ ସ୍ୱରାଜ ଲାଭ । ଅନ୍ୟ ପକ୍ଷରେ ପୁରାତନ କଂଗ୍ରେସ କର୍ମୀମାନେ ପରିଚିତ ହେଲେ ଉଦାରପନ୍ଥୀ ଭାବରେ ।

ଉଦାରପନ୍ଥୀମାନଙ୍କ ନୀତି :

ଉଦାରପନ୍ଥୀମାନଙ୍କ ମଧ୍ୟରେ ଦାଦାଭାଇ ନାରୋଜୀ, ଫିରୋଜଶାହ ମେହେଟା, ଦିନଶାହା ୱାଚା, ଜି. କେ. ଗୋଖଲେ ଏବଂ ସୁରେନ୍ଦ୍ର ନାଥ ବାନାର୍ଜିଙ୍କ ପରି ନେତା ଥିଲେ ପ୍ରଗତିଶୀଳ ଏବଂ ପ୍ରକୃତ ଦେଶପ୍ରେମୀ । ସେମାନେ ସର୍ବୋପରି ଭାରତର ସାମାଜିକ ସଂସ୍କାର, ଆଧୁନିକ ଶିକ୍ଷା, ଶିଳ୍ପ ଏବଂ ଆର୍ଥିକ ବିକାଶ ନିମିତ୍ତ ଇଚ୍ଛା ପ୍ରକାଶ କରୁଥିଲେ । ସେମାନେ ବ୍ରିଟିଶ୍ ଶାସନର କଠୋରତାକୁ ହ୍ରାସ କରିବା ପାଇଁ ପ୍ରୟାସ କରୁଥିଲେ । ସେମାନେ ଭାରତରେ ବ୍ରିଟିଶ୍ ଶାସନର ପ୍ରଭାବ ଉପରେ ଯାଞ୍ଚ କରୁଥିଲେ । ସେମାନେ ଦର୍ଶାଇ ଦେଲେ ଯେ ଭାରତର ଦାରିଦ୍ର୍ୟ ହେଉଛି ସାମ୍ରାଜ୍ୟବାଦର ଆର୍ଥିକ ଶୋଷଣର ଫଳ । ସେମାନଙ୍କ ଉଦ୍ୟମରେ ୧୮୯୨ରେ ଭାରତୀୟ କାଉନସିଲ୍ ଆଇନ ପ୍ରଣୟନ କରାଯାଇଥିଲା । ଉଦାରପନ୍ଥୀମାନେ ଚାହୁଁଥିଲେ ଅହିଂସା, ଶାନ୍ତି ଓ ଆଇନସମ୍ମତ ଉପାୟରେ ଲକ୍ଷ୍ୟ ହାସଲ କରିବେ । କଂଗ୍ରେସ ଅଧିବେଶନରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରି ଦାବି ମାଧ୍ୟମରେ ସେଗୁଡ଼ିକ ସରକାରଙ୍କ ପାଖରେ ସେମାନେ ଉପସ୍ଥାପନ କରୁଥିଲେ । ସେମାନେ ନିୟମିତ ଭାବରେ ସଭାସମିତି ଆହ୍ୱାନ କରି ଜାତୀୟ ସମସ୍ୟା ଉପରେ ଲୋକମାନଙ୍କୁ ଅବଗତ କରୁଥିଲେ ।

ସେମାନେ ଭାବୁଥିଲେ ଯେ ଇଂରେଜମାନେ ଥିଲେ ନ୍ୟାୟପରାୟଣ । ଇଂରେଜମାନେ ଶାସନକ୍ଷେତ୍ରରେ ଭାରତୀୟମାନଙ୍କୁ ତାଲିମ ଦେବା ଆବଶ୍ୟକ । ଅମରାବତୀ କଂଗ୍ରେସ ଅଧିବେଶନରେ ସଭାପତିତ୍ୱ ପରି ଶଙ୍କରନ୍ ନାୟାର କହିଲେ, “ବ୍ରିଟିଶ୍ ଆଧିପତ୍ୟର ଅବସାନ

ପରେ ଆମେ ଅରାଜକତା, ଯୁଦ୍ଧ ଓ ଲୁଣ୍ଠନର ସମ୍ମୁଖୀନ ହେବା । ମୁସଲମାନ୍‌ମାନେ ସେମାନଙ୍କ ହରାଇଥିବା ପ୍ରାଧାନ୍ୟ ପୁନର୍ବାର ଲାଭ କରିବାକୁ ଚେଷ୍ଟା କରିବେ । ହିନ୍ଦୁଜାତି ଓ ମୁଖ୍ୟମା ସେମାନଙ୍କ ମଧ୍ୟରେ ସଂଘର୍ଷରେ ଲିପ୍ତ ହେବେ । ତେଣୁ ଆମମାନଙ୍କର ରାଜନୈତିକ ଆକାଂକ୍ଷା ସଫଳତା ପାଇଁ କେବଳ ମାତ୍ର ପନ୍ଥା ଇଂରେଜ ଶାସନର ସ୍ଥାୟିତ୍ୱ ।”

ଉଦାରପନ୍ଥୀମାନେ ସାଧାରଣ ସଂସ୍କାର କାର୍ଯ୍ୟରେ ମନୋନିବେଶ କରୁଥିଲେ । ସେମାନେ ଖୁବ୍ ବିନୟ ଭାବରେ ଦାବି କରୁଥିଲେ । କେ. ଟି. ତେଲାଙ୍ଗ ସ୍ପଷ୍ଟ ଭାବରେ ଜଣାଇଦେଲେ, “ଆମେମାନେ ସଂସଦୀୟ ଅନୁଷ୍ଠାନ ପାଇଁ ଦାବି ଜଣାଇନାହୁଁ, ଯାହା ଇଂଲଣ୍ଡ ଅନେକ ଶତାବ୍ଦୀର ଶୃଙ୍ଖଳା ପରେ ଲାଭ କରିଥିଲା ।”

ଭାରତ ପାଇଁ ବ୍ରିଟିଶ୍ ସାମ୍ରାଜ୍ୟର ଉପନିବେଶଗୁଡ଼ିକୁ ପ୍ରଦାନ କରାଯାଇଥିବା ସ୍ୱାୟତ୍ତଶାସନ ହାସଲ ଥିଲା ଉଦାରପନ୍ଥୀଙ୍କ ଇଚ୍ଛା । ଦାଦାଭାଇ ନାରୋଜୀ ୧୯୦୬ରେ କଂଗ୍ରେସର ଲକ୍ଷ୍ୟ ବର୍ଣ୍ଣନା କରିବାକୁ ଯାଇ କହିଥିଲେ, “ଇଉନାଇଟେଡ୍ କିଙ୍ଗଡ଼ମ୍ କିମ୍ବା ଉପନିବେଶଗୁଡ଼ିକ ପରି ସ୍ୱାୟତ୍ତଶାସନ କିମ୍ବା ସ୍ୱରାଜ ।” ଗଣତାନ୍ତ୍ରିକ ସରକାର ସହ ତାଙ୍କର କିଛି କରିବାର ନାହିଁ ବୋଲି ସୂଚନା ଦେବାକୁ ଯାଇ ସୁରେନ୍ଦ୍ର ନାଥ କହିଲେ, “ଏଥିପାଇଁ ଭାରତ ଉପଯୁକ୍ତ ହେଲାଣି ବୋଲି ଆମ୍ଭେମାନେ ଭାବିପାରୁନାହୁଁ କିମ୍ବା ଆମେ ସ୍ୱରାଜ ଇଚ୍ଛା କରୁନାହୁଁ । ଆମେ କେବଳ ବ୍ୟବସ୍ଥାପକ ପରିଷଦଗୁଡ଼ିକର ସଂସ୍କାର ପାଇଁ ଚାପ ପକାଉଛୁ, ଯିଏ କର ଧାର୍ଯ୍ୟ କରେ ଓ ଆଇନ ଗଢ଼େ ।”

ଉଗ୍ରପନ୍ଥୀମାନଙ୍କର ନୀତି :

ଅପର ପକ୍ଷରେ ବ୍ରିଟିଶ୍ ନିୟନ୍ତ୍ରଣମୁକ୍ତ ଏକ ସମ୍ପୂର୍ଣ୍ଣ ସ୍ୱାୟତ୍ତଶାସନ ଥିଲା ଉଗ୍ରପନ୍ଥୀମାନଙ୍କର ଉଦ୍ଦେଶ୍ୟ । ଉଗ୍ରପନ୍ଥୀ ନେତାମାନେ ଏ ଦେଶକୁ ବ୍ରିଟିଶ୍‌ର ନିୟନ୍ତ୍ରଣରୁ ମୁକ୍ତ କରିବାକୁ ଚାହୁଁଥିଲେ । ଲଜପତ୍ ରାୟ, ଲୋକମାନ୍ୟ ତିଳକ ଏବଂ ବିପିନ ଚନ୍ଦ୍ର ପାଲ୍ ମତ ପ୍ରକାଶ କଲେ ଯେ ଏକ ଉତ୍ତମ ସରକାର ସ୍ୱରାଜର ପ୍ରତିସ୍ଥାପକ ହୋଇନପାରେ । ସମ୍ପୂର୍ଣ୍ଣ ସ୍ୱାଧୀନତାର ପୃଷ୍ଠପୋଷକ ପାଲ୍, ୧୯୦୬ରେ ବନ୍ଦେ ମାତରମ୍‌ରେ ଘୋଷଣା କରିଥିଲେ, “ଆମର ଆଦର୍ଶ ହେଉଛି ସ୍ୱାଧୀନତା, ଯାହାର ଅର୍ଥ ସମସ୍ତ ବିଦେଶୀ ନିୟନ୍ତ୍ରଣରୁ ମୁକ୍ତି ଲାଭ । ଆମର ପଦ୍ଧତି-ଅହିଂସ ପ୍ରତିରୋଧ, ଯାହାର ଅର୍ଥ ସରକାରଙ୍କୁ ସ୍ୱେଚ୍ଛାକୃତ କିମ୍ବା ଅବୈତନିକ ସେବା ଦେବାରେ ମନା କରିବା ପାଇଁ ସଂଘବଦ୍ଧ ସଂକଳ୍ପ ।”

ଉଗ୍ରପନ୍ଥୀମାନେ କଂଗ୍ରେସର ପ୍ରାର୍ଥନା, ଆବେଦନ ବା ଭିକ୍ଷୁକ ନୀତି ଉପରେ ବିଶ୍ୱାସ କରିପାରିଲେ ନାହିଁ । ସେମାନେ ଏକ ବିଦେଶୀ ଶାସନ କବଳରୁ ଜାତୀୟ ଜୀବନକୁ ମୁକ୍ତ

କରିବା ପାଇଁ ଅହିଂସ ପ୍ରତିରୋଧକୁ ଉତ୍ତମ ମାର୍ଗ ବୋଲି ବିଚାର କରୁଥିଲେ । ଅରବିନ୍ଦ କହୁଥିଲେ, ଅହିଂସ ପ୍ରତିରୋଧ ପାଇଁ ଉଭୟ ଆତ୍ମସାହାଯ୍ୟ ଓ ସରକାରଙ୍କ ଉପରେ ଚାପ ପ୍ରୟୋଗର ଆବଶ୍ୟକତା ରହିଛି । ଆଇନ ପ୍ରଣୟନ, ଅର୍ଥ ଓ ଶାସନ କ୍ଷେତ୍ରରେ ଅଂଶଗ୍ରହଣ ନକଲା ଯାଏ ଏବଂ ସେଗୁଡ଼ିକ ନିୟନ୍ତ୍ରଣକୁ ନ ଆସିବାଯାଏ, ସରକାରଙ୍କ ସହିତ ଅସହଯୋଗ ହେଉଛି ଅହିଂସ ପ୍ରତିରୋଧର ସାରକଥା ।

ସେଥିପାଇଁ ସ୍ୱାଧୀନତା ହାସଲ କରିବାକୁ ତିଳକ ସଶସ୍ତ୍ର ବିଦ୍ରୋହୀଙ୍କୁ ବାରଣ କରୁଥିଲେ । ବୟକଟ ନୀତିକୁ ଅସ୍ତ୍ର ଭାବରେ ପ୍ରୟୋଗ କରିବାକୁ ସେ କହୁଥିଲେ । ଉଭୟ ଉଗ୍ରପନ୍ଥୀ ଏବଂ ଉଦାରପନ୍ଥୀମାନଙ୍କ ମଧ୍ୟରେ ଥିବା ବିଭେଦକୁ ବୁଝାଇବାକୁ ଯାଇ ତିଳକ କହିଲେ "ମୁଁ ସ୍ୱୀକାର କରୁଛି ଯେ ଆମେ ଆମର ଅଧିକାର ପାଇଁ କହିବା; କିନ୍ତୁ କହିବାବେଳେ ଆମମାନଙ୍କ ମନରେ ଏହି ଚେତନା ଥିବା ଉଚିତ ଯେ ଆମର ଦାବିଗୁଡ଼ିକ ଯେପରି ପ୍ରତ୍ୟାଖ୍ୟାତ ନହୁଏ । କହିବା ଓ ଆବେଦନ କରିବା ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି । ତୁମର ଦାବିଗୁଡ଼ିକ ଉପେକ୍ଷିତ ହେଲେ, ତୁମକୁ ସଂଘର୍ଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ପ୍ରତିରୋଧ କରିବା କାର୍ଯ୍ୟରେ ଆସିବ ନାହିଁ । ଆତ୍ମବିଶ୍ୱାସ ବିନା ଅଧିକତର ପ୍ରତିରୋଧ ଲୋକମାନଙ୍କୁ ସାହାଯ୍ୟ କରିବ ନାହିଁ । ଯଦି ପଛରେ ଶକ୍ତିନାହିଁ, ତେବେ ତିନୋଟି ପି, ପ୍ରାର୍ଥନା (Prayer), ଆପତ୍ତି (Pleas) ଓ ପ୍ରତିରୋଧ (Protest) କାର୍ଯ୍ୟରେ ଆସିବ ନାହିଁ । ଆୟାର୍ଲାଣ୍ଡ, ଜାପାନ ଓ ରୁଷିଆର ଉଦାହରଣ ଅନୁଧ୍ୟାନ କର ଏବଂ ସେମାନଙ୍କର ମାର୍ଗ ଅନୁସରଣ କର ।"

ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ :

ଯେତେବେଳେ ଉଦାରପନ୍ଥୀମାନେ ପ୍ରକାଶ୍ୟରେ ବ୍ରିଟିଶ୍ ସରକାରଙ୍କୁ ସମାଲୋଚନା କରିପାରୁ ନଥିଲେ, ସେତେବେଳେ ଉଗ୍ରପନ୍ଥୀମାନେ ଏପରିକି ସଭାସମିତିରେ ଭାଷଣ ଦେଇ ବ୍ରିଟିଶ୍ ସରକାରଙ୍କୁ ନିନ୍ଦା କରୁଥିଲେ । ଉଦାରପନ୍ଥୀମାନେ ଅନୁଭବ କରୁଥିଲେ ଯେ ଭାରତୀୟମାନେ ନିଜକୁ ଶାସନ କରିବାକୁ ସକ୍ଷମ ହୋଇନାହାନ୍ତି । ଦେଶର ବିକାଶ କେବଳ ଇଂରେଜ ଶାସକମାନଙ୍କ ଦ୍ୱାରା ସମ୍ଭବ । ଗୋଖଲେ କହିଲେ ଯେ କେବଳ ବର୍ତ୍ତମାନ ପାଇଁ ନୁହେଁ, ଆଗକୁ ସମୟ ଧରି ଇଂରେଜ ଶାସନର ବିକଳ୍ପ ନାହିଁ । ଗୋଖଲେ, ଦାଦାଭାଇ ଏବଂ ଅନ୍ୟ ନେତାମାନେ କଂଗ୍ରେସ ଆନ୍ଦୋଳନକୁ "ସାମ୍ବିଧାନିକ ଆନ୍ଦୋଳନ" ବୋଲି କହୁଥିଲେ । ସେମାନେ ଉଗ୍ରପନ୍ଥୀମାନଙ୍କର ଅହିଂସ ପ୍ରତିରୋଧକୁ ଅବାସ୍ତବ କହି ସମାଲୋଚନା କରୁଥିଲେ । ଉଗ୍ରପନ୍ଥୀମାନଙ୍କ ସମାଲୋଚନାକୁ ପ୍ରତିବାଦ କରି ଦାଦାଭାଇ କହିଥିଲେ, "ପରମ୍ପରାଗତ ସୁବିଧାଠାରୁ ଅଧିକ ଅଧିକ ଅନୁଗ୍ରହ ପାଇଁ ଆବେଦନ କରିବା ଭିକ୍ଷା ବୃତ୍ତି ନୁହେଁ ।"

ଉଗ୍ରପନ୍ଥୀମାନେ ଦୃଢ଼ ଆନ୍ଦୋଳନ ବ୍ୟତୀତ ଅନ୍ୟ ଉପାୟ ଦେଖିପାରୁନଥିଲେ ।

ଉଗ୍ରପନ୍ଥୀମାନେ ଦୃଢ଼ ଆନ୍ଦୋଳନ ବ୍ୟତୀତ ଅନ୍ୟ ଉପାୟ ଦେଖିପାରୁନଥିଲେ । ଉଗ୍ରପନ୍ଥୀମାନେ ଫଳାଫଳ ଉପରେ ନଜର ଦେଇ ଆନ୍ଦୋଳନ କରାଯାଇ ନପାରେ, ଅରବିନ୍ଦ କହୁଥିଲେ, ଫଳାଫଳ ଉପରେ ନଜର ଦେଇ ଆନ୍ଦୋଳନ କରାଯାଇ ନପାରେ, ଜନ୍ମଭୂମିକୁ ରକ୍ଷା କରିବା ଭାରତୀୟମାନଙ୍କର ପ୍ରଥମ କର୍ତ୍ତବ୍ୟ । ରକ୍ତ ଓ ଅଗ୍ନିଦ୍ୱାରା ଜାତୀୟ ମନକୁ ପବିତ୍ର କରାଯିବା ଉଚିତ ।

ସ୍ୱଦେଶୀ ଆନ୍ଦୋଳନ ତୀବ୍ରତର ହେବା ସଙ୍ଗେ ସଙ୍ଗେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ବେଶୀ ବେଶୀ ମତ ପାର୍ଥକ୍ୟ ଦେଖାଗଲା । ଜାପାନ ଦ୍ୱାରା ରୁଷ୍ ପରାସ୍ତ ହେବାପରେ ଉଗ୍ରପନ୍ଥୀମାନଙ୍କ ମନରେ ଧାରଣା ହେଲା ଯେ ଇଉରୋପୀୟମାନେ ଅଜେୟ ନୁହନ୍ତି, ଏସିଆବାସୀମାନେ ସେମାନଙ୍କ ସହିତ ସମକକ୍ଷ ହୋଇପାରିବେ । ୧୯୦୫ର ଇଂଲଣ୍ଡର ସାଧାରଣ ନିର୍ବାଚନରେ ଉଦାରପନ୍ଥୀମାନେ କ୍ଷମତା ଅଧିକାର କରିବାରୁ ଭାରତୀୟ ଉଦାରପନ୍ଥୀମାନେ ଆନନ୍ଦିତ ହେଲେ । ଏପରିକି ଇଂଲଣ୍ଡର ନୀଚ ଏବଂ ଆକ୍ରମଣଶୀଳ ସାମ୍ରାଜ୍ୟବାଦ ବିରୁଦ୍ଧରେ ଜନମତ ପ୍ରକାଶ ପାଇଲା । ମହାରାଷ୍ଟ୍ରର ଦୁଇଗୋଷ୍ଠୀର, ଦୁଇ ତୁଙ୍ଗ ନେତା ଗୋଖଲେ ଓ ତିଳକଙ୍କ ଆଦର୍ଶ ପରସ୍ପର ବିରୋଧୀ ଥିଲା । "ଗୋଖଲେଙ୍କ ଯୋଜନା ଥିଲା ପ୍ରଚଳିତ ଶାସନ ସମ୍ବିଧାନର ଉନ୍ନତି ସାଧନ, ତିଳକଙ୍କର ଥିଲା ତାହାର ପୁନର୍ଗଠନ । ଆବଶ୍ୟକସ୍ଥଳେ ଗୋଖଲେଙ୍କୁ ଅମଲାତନ୍ତ୍ର ସହିତ କାର୍ଯ୍ୟ କରିବାକୁ ପଡୁଥିଲା, ତିଳକଙ୍କୁ ଆବଶ୍ୟକ ଅନୁସାରେ ତା' ସହିତ ଲଢ଼ିବାକୁ ପଡୁଥିଲା । ଗୋଖଲେ ନିର୍ଭର କରୁଥିଲେ ଅନ୍ୟମାନଙ୍କ ସାହାଯ୍ୟ ଉପରେ, ତିଳକ ଆତ୍ମ ସାହାଯ୍ୟ ଉପରେ । ଗୋଖଲେ ଚାହିଁ ରହୁଥିଲେ ଉନ୍ନତତର ଶ୍ରେଣୀ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ, ତିଳକ ଚାହୁଁଥିଲେ ନିୟୁତ ନିୟୁତ ଜନସାଧାରଣଙ୍କୁ । ଗୋଖଲେଙ୍କ କାର୍ଯ୍ୟଭୂମି ଥିଲା ବ୍ୟବସ୍ଥା ସଭା, ତିଳକଙ୍କର ମଞ୍ଚ ଥିଲା ଗ୍ରାମ ମଣ୍ଡପ । ଗୋଖଲେଙ୍କ କହିବା ମାଧ୍ୟମ ଥିଲା ଇଂରାଜୀ, ତିଳକଙ୍କର ଥିଲା ମରାଠୀ । ଗୋଖଲେଙ୍କ ଲକ୍ଷ୍ୟ ଥିଲା ସ୍ୱାୟତ୍ତଶାସନ, ଯେଉଁଥିରେ ଲୋକମାନଙ୍କୁ ଇଂରେଜମାନଙ୍କ ନିର୍ଦ୍ଧାରିତ ନୀତି ଉପରେ ପ୍ରସ୍ତୁତ ହେବାକୁ ପଡ଼ିବ, ତିଳକଙ୍କ ଲକ୍ଷ୍ୟ ଥିଲା ପ୍ରତ୍ୟେକ ଭାରତୀୟଙ୍କ ଜନ୍ମଗତ ଅଧିକାର-ସ୍ୱରାଜ, ଏବଂ ଯାହା ସେ ବିଦେଶୀମାନଙ୍କର ବାଧା ନ ମାନି ହାସଲ କରିବେ । ଗୋଖଲେ ତାଙ୍କ ସମୟ ସହିତ ସମକାଳୀନ ଅବସ୍ଥାରେ ଥିଲେ, ତିଳକ ଥିଲେ ତାଙ୍କ ସମୟଠାରୁ ଅଗ୍ରଣୀ ।"

ଉଗ୍ରପନ୍ଥୀମାନେ ଖୋଲାଖୋଲି ଭାବରେ ହିଂସ୍ର ନୀତି ଗ୍ରହଣ କରିଥିଲେ ଏବଂ ସେମାନଙ୍କର ବଙ୍ଗାଳୀ ମୁଖପତ୍ର 'ଯୁଗାନ୍ତର' ଓ 'ସନ୍ଧ୍ୟାରେ' ରାଜଦ୍ରୋହାତ୍ମକ ଲେଖାମାନ ପ୍ରକାଶ ପାଇଲା । କଂଗ୍ରେସର ଦୁର୍ବଳ ନୀତି ସମାଲୋଚନା କରି ଲଜପତ୍ ରାୟ କହିଲେ ଯେ ଏହା ପ୍ରକୃତରେ ଜନଆନ୍ଦୋଳନ ଆରମ୍ଭ କରିପାରିନାହିଁ । ରମେଶ ଦତ୍ତ ଅନୁଭବ କଲେ ଯେ

ଉଦାରପନ୍ଥୀ ନେତାମାନେ ଲୋକମାନଙ୍କ ଉପରେ ସେମାନଙ୍କର ପ୍ରଭାବ ହରାଉଛନ୍ତି ଏବଂ ଚରମପନ୍ଥୀମାନେ ଏହାର ସୁଯୋଗ ନେଉଛନ୍ତି । ଉଭୟଗୋଷ୍ଠୀ, ୧୯୦୬, ଡିସେମ୍ବର ମାସରେ କଂଗ୍ରେସର କଲିକତା ଅଧିବେଶନରେ ନିଜ ନିଜର ଶକ୍ତି ପରୀକ୍ଷା କରିବାକୁ ପ୍ରସ୍ତୁତ ହେଲେ ।

କଲିକତା ଅଧିବେଶନ (୧୯୦୬) :

କଲିକତା ଅଧିବେଶନରେ ଉଗ୍ରପନ୍ଥୀମାନେ ସଭାପତି ପଦ ପାଇଁ ତିଳକ କିମ୍ବା ଲଜପତ୍ ରାୟଙ୍କ ନାମ ଉତ୍‌ଥାପନ କରିଥା'ନ୍ତେ; ମାତ୍ର ଉଦାରପନ୍ଥୀମାନେ ଏ ପଦପାଇଁ ଦାଦାଭାଇଙ୍କ ନାମ ଉତ୍‌ଥାପନ କରିଥିଲେ । ଭାରତର ଏହି ମହାନ୍ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ବିରୋଧ କରିବାକୁ ଉଗ୍ରପନ୍ଥୀମାନେ ଇଚ୍ଛା ପ୍ରକାଶ କଲେ ନାହିଁ । ଦାଦାଭାଇ ଇଂରେଜ ଶାସନ ଉପରେ ଦୋଷାରୋପ କଲେ ଏବଂ ରାଜନୈତିକ ଅଧିକାର ଲାଗି ଆନ୍ଦୋଳନ ଗୋଟିଏ ମାର୍ଗ ବୋଲି ମତ ଦେଲେ । ଏହି ଅଧିବେଶନରେ କଂଗ୍ରେସ ଚାରିଗୋଟି ପ୍ରସ୍ତାବ ଗ୍ରହଣ କଲା; ଯଥା-ସ୍ୱାୟତ୍ତଶାସନ ପ୍ରଚଳନ, ବିଲାତି ଦ୍ରବ୍ୟ ବର୍ଜନ, ସ୍ୱଦେଶୀ ଆନ୍ଦୋଳନ ପ୍ରତି ସମର୍ଥନ ତଥା ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଏବଂ ଜାତୀୟ ଶିକ୍ଷା ପଦ୍ଧତି ପ୍ରଚଳନ । ତାଙ୍କର ଅଭିଭାଷଣରେ ଦାଦାଭାଇ ଘୋଷଣା କଲେ ଯେ ଭାରତର ଲକ୍ଷ୍ୟ ସ୍ୱରାଜ ହାସଲ; ମାତ୍ର ସେ ସ୍ୱରାଜ ସମ୍ବନ୍ଧରେ କିଛି ଚର୍ଚ୍ଚା କରିନଥିଲେ । ଉଦାରପନ୍ଥୀମାନେ ଏହାକୁ ଔପନିବେଶିକ ସ୍ୱାୟତ୍ତଶାସନ ବୁଝିବାବେଳେ, ଉଗ୍ରପନ୍ଥୀମାନେ ଏହାକୁ ପୂର୍ଣ୍ଣ ଓ ନିରଙ୍କୁଶ ସ୍ୱାୟତ୍ତଶାସନ ବୋଲି ଅଭିହିତ କରିଥିଲେ ।

କଲିକତା ଅଧିବେଶନ ପରେ ଏ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଥିବା ବିବାଦ ହ୍ରାସ ପାଇବା ପରିବର୍ତ୍ତେ ଅଧିକ ତୀକ୍ଷ୍ଣ ହୋଇଉଠିଲା । ଉଗ୍ରପନ୍ଥୀମାନଙ୍କ ମନରେ ଧାରଣା ହେଲା ଯେ ଉଦାରପନ୍ଥୀମାନେ ପ୍ରକୃତରେ ବୈପ୍ଳବିକ ପରିବର୍ତ୍ତନ ଚାହୁଁନାହାନ୍ତି ଓ ସେମାନେ ବ୍ରିଟିଶ୍ ସରକାରଙ୍କଠାରୁ ରାଜନୈତିକ ସଂସ୍କାର ପାଇବା ନିମିତ୍ତ ଆଶା ରଖିଛନ୍ତି । ତେଣୁ ସେମାନେ କଂଗ୍ରେସର ସାଂଗଠନିକ କର୍ତ୍ତୃତ୍ୱ ନିଜ ହାତକୁ ନେବାପାଇଁ ଉଦ୍ୟମ ଚଳାଇଲେ ।

ସୁରାଟ ଅଧିବେଶନ ୧୯୦୭ ଓ ବିଭାଜନ :

କଲିକତା ଅଧିବେଶନ (୧୯୦୬) ପରେ ଉଦାରପନ୍ଥୀ ଓ ଉଗ୍ରପନ୍ଥୀମାନଙ୍କ ମଧ୍ୟରେ ଥିବା ବିବାଦ ଅଧିକ ଉଗ୍ର ରୂପଧରି ପ୍ରତିଫଳିତ ହୋଇଥିଲା ଜାତୀୟ କଂଗ୍ରେସର ସୁରାଟ ଅଧିବେଶନରେ । ୧୯୦୭, ଡିସେମ୍ବର ୨୬ ତାରିଖରେ ସୁରାଟ ଅଧିବେଶନ ଆରମ୍ଭ ହେବାମାତ୍ରେ ସଭାପତି ପଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବାଦାନୁବାଦ ଆରମ୍ଭ ହୋଇଗଲା । ଉଗ୍ରପନ୍ଥୀମାନେ ଲଜପତ୍ ରାୟଙ୍କ ନାମ ପ୍ରସ୍ତାବ ଦେବାବେଳେ ଉଦାରପନ୍ଥୀମାନେ ରାସବିହାରୀ ଘୋଷ୍‌ଙ୍କ ନାମ ଉତ୍‌ଥାପନ କରିଥିଲେ । ସଭାପତି ପଦ ପାଇଁ ଯେତେବେଳେ ରାସବିହାରୀଙ୍କ

ନାମ ପ୍ରସ୍ତାବ ଓ ସମର୍ଥନ କରାଗଲା, ଉଗ୍ରପନ୍ଥୀମାନେ ଏହାର ଦୃଢ଼ ବିରୋଧ କରିଥିଲେ । ଅଧିବେଶନର ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେବାକୁ ତିଳକ ଅନୁମତି ମାଗିଥିଲେ ହେଁ ଅନୁମତି ଦିଆଗଲା ନାହିଁ । ତେଣୁ ସେ ମଞ୍ଚ ଉପରକୁ ଉଠିଆସି ତାଙ୍କର ଭାଷଣ ଦେବାର ଅଧିକାର ଅଛି ବୋଲି ବ୍ୟକ୍ତ କରିଥିଲେ; ମାତ୍ର ତାଙ୍କୁ ବଳପୂର୍ବକ ହଟାଇ ଦେବାକୁ ଉଦାରପନ୍ଥୀମାନେ ଚେଷ୍ଟା କରିଥିଲେ । ତିଳକଙ୍କ ସମର୍ଥକମାନେ ମଧ୍ୟ କ୍ରୋଧାନ୍ୱିତ ହୋଇ ଉଦାରପନ୍ଥୀମାନଙ୍କୁ ଆକ୍ରମଣ କରିଥିଲେ, ଏପରି ଗଣ୍ଡଗୋଳ ମଧ୍ୟରେ ସୁରାଟ ଅଧିବେଶନ ଭଙ୍ଗ ହେଲା ।

ଏହାଥିଲା କଂଗ୍ରେସ ଇତିହାସରେ ଏକ ଦୁର୍ଭାଗ୍ୟଜନକ ଘଟଣା । ପୂର୍ବ ପରି ଜାତୀୟ କଂଗ୍ରେସ ଉଦାରପନ୍ଥୀମାନଙ୍କ ନିୟନ୍ତ୍ରଣରେ ରହିଥିଲା । କିଛିକାଳ ଯାଏ ଉଗ୍ରପନ୍ଥୀମାନେ ଉଦାରପନ୍ଥୀମାନଙ୍କ ଠାରୁ ପୃଥକ୍ ରହିଲେ । ୧୯୦୮ରୁ ୬ ବର୍ଷ ପାଇଁ ତିଳକଙ୍କୁ ସରକାର ନିର୍ବାସନ ଦଣ୍ଡ ଦେଲେ । କଂଗ୍ରେସର ବିଭାଜନ ପୂର୍ବରୁ ଗୋଖଲେ ଲେଖିଥିଲେ, ''ଯଦି ବିଭାଜନ ଆସେ, ଏହା ହେବ ଏକ ଦୁର୍ଘଟଣା; କାରଣ ଅମଲାତନ୍ତ୍ର ଏହାପରେ ବିନା କଷ୍ଟରେ ଉଭୟ ଗୋଷ୍ଠୀଙ୍କୁ ଦମନ କରିପାରିବ ।'' କଂଗ୍ରେସର ଏହି ବିଭାଜନ ଲକ୍ଷ୍ୟ କରି ମିଣ୍ଟୋ ଆନନ୍ଦରେ କହିଥିଲେ- ''ସୁରାଟ ଆମ ପାଇଁ ଏକ ଗୌରବମୟ ବିଜୟ ।''

ଭାରତୀୟ ଜାତୀୟ ଆନ୍ଦୋଳନ (୧୯୦୫-୧୯୧୯)

(Indian National Movement, 1905-1919)

୧୯୦୫ ଖ୍ରୀଷ୍ଟାବ୍ଦରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ପରିଚାଳିତ ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନର ପରିସମାପ୍ତି ଘଟିଥିଲା । ଦୀର୍ଘ କୋଡ଼ିଏ ବର୍ଷ ଆନ୍ଦୋଳନ ଚଳାଇ ମଧ୍ୟ କଂଗ୍ରେସ ନିଜ ଦେଶ ପାଇଁ କୌଣସି ରାଜନୈତିକ ସୁବିଧା ହାସଲ କରିପାରି ନଥିଲା । ସେହି ସମୟରେ କଂଗ୍ରେସ ଉଦାରପନ୍ଥୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଦାଦାଭାଇ ନାରୋଜୀ, ଦିନଶାହା ୱାଚା, ଫିରୋଜ ଶାହ ମେହଟା, ବଦରୁଦ୍ଦୀନ ତୟାବଜୀ ଆଦି ବିଶିଷ୍ଟ ନେତାଗଣ ଉଦାରପନ୍ଥୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେମାନଙ୍କ ବିରୁଦ୍ଧରେ ନୂତନ ଚିନ୍ତାଧାରା ଓ ପରିକଳ୍ପନା ନେଇ ଏକ ନୂତନ ଗୋଷ୍ଠୀର ଆବିର୍ଭାବ ଘଟିଲା । ସେମାନେ ପରିଚିତ ହେଲେ ଉଗ୍ରପନ୍ଥୀ ଭାବରେ ଏବଂ ଭାରତରେ ସେମାନଙ୍କ ଦ୍ୱାରା ନବଜାତୀୟତା ଭାବ ଉଦ୍ରେକ ହୋଇଥିଲା । ଏହି ଉଗ୍ରପନ୍ଥୀମାନଙ୍କର ନେତୃତ୍ୱ ନେଇଥିଲେ ଅରବିନ୍ଦ ଘୋଷ, ଗଙ୍ଗାଧର ତିଳକ, ଲଜପତ ରାୟ ଏବଂ ବିପିନ ଚନ୍ଦ୍ର ପାଲ୍ । ଉଦାରପନ୍ଥୀମାନଙ୍କ ଦ୍ୱାରା ଅନୁସୃତ ଆବେଦନ, ନିବେଦନ ବା ପ୍ରାର୍ଥନା ନୀତି ତ୍ୟାଗ କରି ବୈପ୍ଳବିକ ପଦକ୍ଷେପ ନେବାକୁ ସେମାନେ ଯୋଜନା କରିଥିଲେ । ଲଜପତ୍ ରାୟ 'ୟଙ୍ଗ ଇଣ୍ଡିଆ'ରେ ଲେଖିଥିଲେ, ''ଉଦାରପନ୍ଥୀ ଆନ୍ଦୋଳନ

ଥିଲା ଯଥାର୍ଥରେ ସୁବିଧାବାଦୀଙ୍କର ଆନ୍ଦୋଳନ । ଏହା ଶଠତା ଓ ପ୍ରତାରଣା ପାଇଁ ପଥ ସୁଗମ କରିଥିଲା । ଦେଶପ୍ରେମ ନାମରେ ବ୍ୟବସାୟ କରିବା ପାଇଁ ଏହା କେତେକ ଲୋକଙ୍କୁ ସାହାଯ୍ୟ କରିଥିଲା ।'' ଭାରତୀୟ ଜାତୀୟ ଜୀବନରେ ପ୍ରବେଶ କରିଥିଲା ଉଗ୍ରଜାତୀୟତାବାଦ । ୧୯୦୫ରୁ ୧୯୧୯ ବର୍ଷଗୁଡ଼ିକ ଥିଲା କଂଗ୍ରେସ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ । ଏହି ସମୟରେ ଉଗ୍ରପନ୍ଥୀମାନେ ସେମାନଙ୍କର ଉଲ୍ଲେଖଯୋଗ୍ୟ ଭୂମିକା ନିର୍ବାହ କରିଥିଲେ ।

ବଙ୍ଗ ବିଭାଜନ-୧୯୦୫ (Partition of Bengal-1905)

ଲର୍ଡ଼ ନାଥାନିଏଲ କର୍ଜନ ବଡ଼ଲାଟ ରୂପେ ୧୮୯୯ରୁ ୧୯୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ଜଣେ ଉଗ୍ର ସାମ୍ରାଜ୍ୟବାଦୀ ରୂପେ ସେ ଥିଲେ ଖୁବ୍ ଜଣାଶୁଣା । ଜାତୀୟ କଂଗ୍ରେସ ପ୍ରତି ତାଙ୍କର କରୁଣା ନଥିଲା । ସେ କହୁଥିଲେ, କଂଗ୍ରେସ ଏକ ସଂଗଠନ ଭାବରେ ଭାରତୀୟମାନଙ୍କର ପ୍ରତିନିଧି ହୋଇପାରିବନାହିଁ ।

କର୍ଜନଙ୍କ ଶାସନର ସବୁଠୁଁ ବଡ଼ ତ୍ରୁଟି ଥିଲା ତାଙ୍କର ବଙ୍ଗଭଙ୍ଗ ଯୋଜନା । ରାଜନୀତିରେ ସର୍ବାଧିକ ସଚେତନ ଥିଲେ ବଙ୍ଗବାସୀ । ଜାତୀୟବାଦୀ ନେତାମାନଙ୍କର କର୍ମଭୂମି ଥିଲା କଲିକତା । ବଙ୍ଗବାସୀମାନଙ୍କ ମନରେ ତେଜିଉଠୁଥିବା ବ୍ରିଟିଶ୍ ବିରୋଧୀ ମନୋଭାବ, ତଥା କଂଗ୍ରେସ ସୃଷ୍ଟି କରୁଥିବା ଜାତୀୟ ଚେତନା କ୍ଷୟ କରିବା ନିମନ୍ତେ କର୍ଜନ ବଙ୍ଗଭଙ୍ଗ ଯୋଜନା କଳ୍ପନା କରିଥିଲେ । ରାଜନୈତିକ ଅଭିସନ୍ଧି ରଖି ସେ ଚାହୁଁଥିଲେ ଯେ ବଙ୍ଗଭଙ୍ଗ ଦ୍ୱାରା ମୁସଲମାନ୍‌ମାନଙ୍କର ଏକ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି କରି ସେ ହିନ୍ଦୁମାନଙ୍କ ବିପକ୍ଷରେ ଛିଡ଼ା କରାଇଦେବେ ।

ସେତେବେଳେ ୭୮୫ ନିୟୁତ ଲୋକଙ୍କୁ ନେଇ ବଙ୍ଗ, ବିହାର, ଓଡ଼ିଶା ଓ ଛୋଟନାଗପୁରକୁ ମିଶାଇ ବଙ୍ଗପ୍ରେସିଡ଼େନ୍‌ସି ଗଠନ କରାଯାଇଥିଲା । ଏହାର ଅବସ୍ଥିତି ଥିଲା ୧୮୯,୯୦୦ ବର୍ଗମାଇଲ । ସରକାର ବୁଝିଲେ, ଏତେବଡ଼ ଅଞ୍ଚଳକୁ ଜଣେ ଲୋକ ଶାସନ କରିବାଟା ବିଜ୍ଞତାର କାର୍ଯ୍ୟ ନୁହେଁ । ୧୯୦୩ର ଶେଷଭାଗକୁ କର୍ଜନ ସରକାର ପ୍ରସ୍ତାବ ଦେଲେ ଯେ ଚିଟାଗଞ୍ଜ ଡିଭିଜନ, ଢାକା ଜିଲ୍ଲାଗୁଡ଼ିକ ଏବଂ ମୟମନସିଂ ବଙ୍ଗରୁ ପୃଥକ୍ କରାଯାଇ ଆସାମ ସହିତ ମିଶ୍ରଣ କରାଯିବ । ୧୯୦୫ ରେ ବଙ୍ଗଭଙ୍ଗ ଘୋଷଣା କରାଗଲା । ଉତ୍ତର ଏବଂ ପୂର୍ବବଙ୍ଗକୁ ଆସାମ ସହିତ ମିଶାଇ ଏକ ନୂତନ ପ୍ରଦେଶ ଗଠିତ ହେଲା । ଢାକା ହେଲା ଏହାର ରାଜଧାନୀ । ପୁନଶ୍ଚ ବିହାର ଓ ଓଡ଼ିଶାକୁ ପଶ୍ଚିମବଙ୍ଗ ସହିତ ମିଶାଇ ବଙ୍ଗ ପ୍ରଦେଶ ଗଠନ କରାଗଲା ।

କର୍ଜନଙ୍କ ଉଦ୍ଦେଶ୍ୟ :

ବଙ୍ଗଭଙ୍ଗ ପଛରେ କର୍ଜନଙ୍କ ଅଭିସନ୍ଧି ଥିଲା ଖୁବ୍ ସ୍ପଷ୍ଟ । ପଶ୍ଚିମବଙ୍ଗ ସହିତ ଓଡ଼ିଶା ମିଶାଇ ଦେଲେ ବଙ୍ଗାଳୀମାନଙ୍କ ସଂଖ୍ୟା ଏଠାରେ ହ୍ରାସ ପାଇବ । ଏହାଦ୍ୱାରା ବଙ୍ଗ ଭାଷାଭାଷୀ

ଅଞ୍ଚଳକୁ ଦୁଇ ଭାଗରେ ବିଭକ୍ତ କରି ବଙ୍ଗାଳୀମାନଙ୍କ ରାଜନୀତିକ ଏକତା ଭାଙ୍ଗି ଦେବା ଥିଲା କର୍ଜନଙ୍କ ଷଡ଼ଯନ୍ତ୍ର । କର୍ଜନ ଜାଣିଥିଲେ ଯେ କଲିକତାରୁ ଅର୍ଦ୍ଧେକ ଆଇନ ଓ ବାଣିଜ୍ୟ ବ୍ୟବସାୟ ଢାକାକୁ ଉଠାଇ ନେଲେ କଲିକତାର ପ୍ରାଧାନ୍ୟ ହ୍ରାସ ପାଇବ । ସେତେବେଳେ ଆଇନଜୀବୀମାନଙ୍କର ଅଧିକ ବ୍ରିଟିଶ୍ ବିରୋଧୀ ମନୋଭାବ ଥିଲା । କର୍ଜନ ଭାବିଲେ, ଢାକା ନୂତନ ରାଜଧାନୀ ହେଲେ କଲିକତାରୁ ଅନେକ ଆଇନଜୀବୀ ସେଠାକୁ ଚାଲିଯିବେ ଓ ଆଇନ ମହଲରେ କଲିକତାର ଗୁରୁତ୍ୱ ରହିବ ନାହିଁ ।

ପୁନଶ୍ଚ ପୂର୍ବବଙ୍ଗରେ ବାସ କରୁଥିବା ମୁସଲମାନ୍‌ମାନେ ରାଜନୀତିରେ ଅଗ୍ରଣୀ ନଥିଲେ ଏବଂ ହିନ୍ଦୁମାନଙ୍କ ଅପେକ୍ଷା ଇଂରେଜମାନଙ୍କ ପ୍ରତି ସେମାନେ ଅଧିକ ଅନୁରକ୍ତ ଥିଲେ । ଏହି ପ୍ରଦେଶରେ ସେମାନଙ୍କର ସଂଖ୍ୟା ଥିଲା ଅଧିକ । କର୍ଜନ ଚିନ୍ତା କଲେ, ପୂର୍ବବଙ୍ଗ ଓ ଆସାମକୁ ମିଶାଇ ଏକ ସ୍ୱତନ୍ତ୍ର ମୁସଲମାନ୍‌ବହୁଳ ପ୍ରଦେଶ ସୃଷ୍ଟି କରି ହିନ୍ଦୁମାନଙ୍କଠାରୁ ସେମାନଙ୍କୁ ଦୂରେଇ ରଖିହେବ । ଏହାଦ୍ୱାରା ସାମ୍ପ୍ରଦାୟିକ ମଞ୍ଜି ବୁଣି କଂଗ୍ରେସ ଆନ୍ଦୋଳନ ସ୍ଥାଣୁ କରାଯାଇପାରିବ ।

ଅବିଭକ୍ତ ବଙ୍ଗ ଥିଲା ଏକ ଦୁର୍ଦ୍ଦାନ୍ତ ଶକ୍ତି । ଇଂରେଜମାନେ ଚାହିଁଲେ ବଙ୍ଗ ବିଭାଜନ କରି ଏକ ବିରୋଧୀ ଜନ-ସମ୍ପ୍ରଦାୟକୁ ଦୁର୍ବଳ କରିଦେବେ । କର୍ଜନ ଖୋଲାଖୋଲି ଭାବରେ ଲେଖିଥିଲେ, ''କଲିକତା ହେଉଛି କେନ୍ଦ୍ର, ଯେଉଁଠାରୁ କଂଗ୍ରେସ ଦଳ ସମଗ୍ର ବଙ୍ଗ ଏବଂ ସମଗ୍ର ଭାରତରେ କୌଶଳ ସାଧନା କରୁଛି । ଏହାର ସବୁଠାରୁ ଶ୍ରେଷ୍ଠ ଗୁପ୍ତ ଚକ୍ରାନ୍ତକାରୀ ଓ ନିକୃଷ୍ଟ ପ୍ରବକ୍ତାଗଣ ଏହିଠାରେ ବାସ କରନ୍ତି ।''

ବଙ୍ଗଭଙ୍ଗ ଆନ୍ଦୋଳନ :

ବଙ୍ଗଭଙ୍ଗ ଯୋଜନା ଘୋଷଣା ହେବାପୂର୍ବରୁ ମଧ୍ୟ ଏହାକୁ ବିରୋଧ କରି ବଙ୍ଗଳାରେ ବିଦ୍ରୋହର ସୂତ୍ରପାତ ହୋଇଥିଲା । ୧୯୦୩ ଖ୍ରୀଷ୍ଟାବ୍ଦରେ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ବଙ୍ଗ ବିଭାଜନ ପ୍ରସ୍ତାବ ସମାଲୋଚନା କରାଗଲା । ବିପିନ ଚନ୍ଦ୍ର ପାଲ୍, ଅଶ୍ୱିନୀ କୁମାର ଦତ୍ତ ଓ ଅରବିନ୍ଦ ଘୋଷ ଆଦି ବିଭାଜନ ବିରୋଧରେ ଆନ୍ଦୋଳନ ଆହ୍ୱାନ ଦେଇଥିଲେ । ୧୯୦୫ ଅକ୍ଟୋବର ୧୬ ତାରିଖରେ ଜାତୀୟ ଶୋକଦିବସ ପାଳନ କରାଗଲା । ୧୯୦୩, ଡିସେମ୍ବର ମାସରୁ ୧୯୦୫ ଅକ୍ଟୋବର ପର୍ଯ୍ୟନ୍ତ ଏହି ଯୋଜନାକୁ ବିରୋଧ କରି ଅବିଭକ୍ତ ବଙ୍ଗରେ ୫୦୦ ରୁ ୫,୦୦୦ପର୍ଯ୍ୟନ୍ତ ଲୋକଙ୍କୁ ନେଇ ପ୍ରାୟ ୨,୦୦୦ରୁ ଅଧିକ ସଭା ଅନୁଷ୍ଠିତ ହେଲା । ସଭାଗୁଡ଼ିକରେ ଉଭୟ ହିନ୍ଦୁ ଓ ମୁସଲମାନ୍ ଯୋଗ ଦେଉଥିଲେ । ବିଭାଜନ ବନ୍ଦ କରିବା ପାଇଁ ଶହ ଶହ ସଂଖ୍ୟାରେ ଦରଖାସ୍ତ ଓ ଆବେଦନପତ୍ର ଇଂରେଜ ସରକାରଙ୍କ ପାଖକୁ ପଠାଗଲା । ସୁରେନ୍ଦ୍ରନାଥ ଲେଖିଥିଲେ, ''ବଙ୍ଗଳାର ଏ ପ୍ରସ୍ତାବିତ ବିଭାଜନକୁ ଆମେ

ବିରୋଧ କରୁଛୁ ଏବଂ ଆମେ ନିଶ୍ଚିତ ଯେ ଏହାକୁ ବିରୋଧ କରିବାକୁ ସାରାଦେଶ ଗୋଟିଏ ହୋଇ ଛିଡ଼ା ହେବ।''

କର୍ଜନ ଭାବିଥିଲେ, ''ଏହି ଚିତ୍କାର ତେଜି ଉଠିବ ଏବଂ ଖୁବ୍ ଭୟଙ୍କର ହେବ।'' ପୁଣି ସେ ନିଜକୁ ସାନ୍ତ୍ୱନା ଦେଲେ ''କଥା ସ୍ଥିର ନହେବା ଯାଏ ବଙ୍ଗାଳୀମାନେ ଗଧିଆଙ୍କ ପରି ଚିତ୍କାର କରିବେ ଏବଂ ତା'ପରେ ସେମାନେ ଏହାକୁ ଗ୍ରହଣ କରିନେବେ।''

ମାତ୍ର କର୍ଜନଙ୍କ ଯୋଜନା ପ୍ରବଳ ଭାବରେ ପ୍ରତିରୋଧ କରାଗଲା। ସୁରେନ୍ଦ୍ର ନାଥ ତାଙ୍କ 'ବଙ୍ଗାଳୀ' ପତ୍ରିକାରେ ଲେଖିଲେ ''ଏକ ଘୋର ଜାତୀୟ ବିପତ୍ତି''। ଭାରତରେ ଇଂରାଜୀ ସମ୍ବାଦପତ୍ରଗୁଡ଼ିକ, ଯଥା- 'ଇଂଲିଶ ମ୍ୟାନ୍', 'ଷ୍ଟେଟ୍ସ ମ୍ୟାନ୍', 'ପାଇଓନିୟର' ପ୍ରଭୃତି ଏ ଯୋଜନାକୁ ନିନ୍ଦା କଲେ। କଲିକତାର ଉଚ୍ଚ ନ୍ୟାୟାଳୟ ଏହାକୁ 'ଅନିଷ୍ଟକର ପଦକ୍ଷେପ' ବୋଲି ଅଭିହିତ କଲେ। ବଙ୍ଗାଳୀପତ୍ରିକା 'ଦି ସଞ୍ଜୀବନୀ' ଲେଖିଲା, ''କର୍ଜନ ବଙ୍ଗାଳୀମାନଙ୍କ ହୃଦୟକୁ ଏକ ଦଣ୍ଡ ଫିଙ୍ଗିଛନ୍ତି। ଯେତେକାଳ ଯାଏ ବଙ୍ଗାଳୀ ଜାତି ବଞ୍ଚିଛି, ସେମାନେ ଏକ ତୀବ୍ର ଯନ୍ତ୍ରଣାରେ କଷ୍ଟ ପାଇବେ। ଲର୍ଡ଼ କର୍ଜନ ବଙ୍ଗକୁ ଦ୍ୱିତୀୟ ଆୟାର୍ଲାଣ୍ଡ ଭାବରେ ରୂପାନ୍ତର କରିବେ।''

ବଙ୍ଗ ଅଧିବାସୀମାନେ ବିକ୍ଷୋଭ ଚାଲୁ କଲେ। ନେତାମାନେ 'ସଭା' ଓ 'ସମିତି'ରେ ସରକାରଙ୍କ ବିରୁଦ୍ଧରେ ଭାଷଣ ଦେଲେ। ଛାତ୍ରମାନଙ୍କର 'ବନ୍ଦେମାତରମ୍', 'ବଙ୍ଗ ଏକତା', 'ଏକତା ହିଁ ବଳ' ଓ 'ବିଭାଜନ ହେବନାହିଁ' ଇତ୍ୟାଦି ଧ୍ୱନିରେ କଲିକତା ନଗରୀ ପ୍ରତିଧ୍ୱନିତ ହେଲା। ଏକ ଲୋକପ୍ରିୟ ଆନ୍ଦୋଳନ ପ୍ରଚଣ୍ଡ ରୂପ ଧାରଣ କଲା। ଲୋକମାନଙ୍କ ମନରେ ଏକ ଉଚ୍ଚକୋଟୀର ଦେଶପ୍ରେମ ଓ ଜନ୍ମଭୂମିର ପୂଜାପ୍ରତି ଆଗ୍ରହ ଆସିଲା।

ସ୍ୱଦେଶୀ ଆନ୍ଦୋଳନ (Swadeshi Movement)

ବଙ୍ଗ ବିଭାଜନକୁ କେନ୍ଦ୍ରକରି ହଠାତ୍ ଏକ ଶକ୍ତିଶାଳୀ ଆନ୍ଦୋଳନ ସମଗ୍ର ଦେଶରେ ମୁଣ୍ଡ ଟେକିଥିଲା। ବଙ୍ଗଭଙ୍ଗ ରଦ୍ଦ କରିବା ପାଇଁ ଜାତୀୟ କଂଗ୍ରେସ ଆଗେଇ ଆସିଲେ। ଉଦାରପନ୍ଥୀମାନେ ପ୍ରକାଶ୍ୟ ଆନ୍ଦୋଳନ ପାଇଁ ମତାମତ ଦେବାବେଳେ ଉଗ୍ରପନ୍ଥୀମାନେ ବଳପୂର୍ବକ ସରକାରଙ୍କୁ ମୁକାବିଲା କରିବା ପାଇଁ ଇଚ୍ଛା କଲେ। ଫଳରେ ଆରମ୍ଭ ହୋଇଥିଲା ସ୍ୱଦେଶୀ ଓ ବୟକଟ୍ ଆନ୍ଦୋଳନ।

ଭାରତୀୟ ଶିଳ୍ପର ଅଭିବୃଦ୍ଧି ପାଇଁ ସ୍ୱଦେଶୀ ଥିଲା ଏକ ଆର୍ଥନୀତିକ ପଦକ୍ଷେପ। ଏହା ଭାରତୀୟମାନଙ୍କଠାରେ ଆତ୍ମନିର୍ଭରଶୀଳତା, ଆତ୍ମବିଶ୍ୱାସ ଓ ଆତ୍ମସାହାଯ୍ୟ ସୃଷ୍ଟି କରିପାରିଥିଲା। ବୟକଟ୍‌ର ମୌଳିକ ଭାବଧାରାଗୁଡ଼ିକ ଥିଲା ମୁଖ୍ୟତଃ ଅର୍ଥନୀତି ସମ୍ବନ୍ଧୀୟ। ଏହାର ଦୁଇପ୍ରକାର ଦୃଷ୍ଟିକୋଣ ଥିଲା-

ପ୍ରଥମତଃ - ଇଂରେଜୀ ଦ୍ରବ୍ୟ ବର୍ଜନ କରି ଇଂରେଜ ବଣିକମାନଙ୍କ ଉପରେ ଚାପ ପକାଇବା ଓ ସେମାନଙ୍କର କ୍ଷତି ଘଟାଇବା।

ଦ୍ୱିତୀୟତଃ - ସ୍ୱଦେଶୀ ଶିଳ୍ପର ପୁନରୁତ୍‌ଥାନ ଘଟାଇବା, ଯେପରି ସେଗୁଡ଼ିକ ପ୍ରଗତିଶୀଳ ବିଦେଶୀ ଶିଳ୍ପ ସହିତ ପ୍ରତିଯୋଗିତା କରିପାରିବେ।

ଲୋକମାନଙ୍କ ସମସ୍ୟା ପ୍ରତି ଆଖିବନ୍ଦ କରିଦେଉଥିବା ଏବଂ ଏକ ଅହଙ୍କାରୀ ସରକାରଙ୍କ ଦ୍ୱାରା ଲଦି ଦିଆଯାଉଥିବା ମସ୍ତବଡ଼ ତ୍ରୁଟିକୁ ପ୍ରତିହତ କରିବା ପାଇଁ ଉଭୟ ବୟକଟ୍ ଓ ସ୍ୱଦେଶୀ ଦୁଇଟି ଯମଜ ଅସ୍ତ୍ର ଥିଲା।

ଭାରତରେ ସ୍ୱଦେଶୀ ଓ ବୟକଟ୍ ଚିନ୍ତାଧାରା ପୂର୍ବରୁ ଥିଲା; ମାତ୍ର ୧୯୦୫ରେ ଏଗୁଡ଼ିକୁ ନୂତନ ଅର୍ଥ ଓ ନୂଆ ପ୍ରେରଣାରେ ଭରି ଦିଆଗଲା ଏବଂ ଅସ୍ତ୍ର ରୂପେ ବ୍ୟବହାର କରାଯାଇ ଏକ ସାଧାରଣ ଲକ୍ଷ୍ୟରେ ଲଢ଼ିବାକୁ ପଡ଼ିଥିଲା। ଏହି ଲକ୍ଷ୍ୟ ଜାତୀୟତାର ନିବିଡ଼ ଆବେଗରେ ବନ୍ଧା ପଚାଶ ନିୟୁତ ବଙ୍ଗାଳୀଙ୍କୁ ଏକ ନେତୃତ୍ୱ ତଳେ ସମବେତ କରାଇପାରିଥିଲା। ପ୍ରଥମେ ବିଭାଜନ ବନ୍ଦ କରିବାପାଇଁ ସରକାରଙ୍କୁ ବାଧ୍ୟ କରିବାକୁ ଅର୍ଥନୀତିରେ 'ବୟକଟ୍'କୁ ଅସ୍ତ୍ର ରୂପେ ପ୍ରୟୋଗ କରାଯାଇଥିଲା; ମାତ୍ର କ୍ରମେ ସ୍ୱାଧୀନତା ହାସଲର ସୁଦୂର ଲକ୍ଷ୍ୟ ରଖି ରାଜନୈତିକ ଉତ୍‌ଥାନ କ୍ଷେତ୍ରରେ ଇଂରେଜମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ଅସହଯୋଗ କରିବାକୁ ଏ ଧାରଣା ବ୍ୟାପକ କରାଗଲା। ବିଦେଶୀ ଦ୍ରବ୍ୟ ବର୍ଜନ କରିବା ଓ ସ୍ୱଦେଶୀ ଶିଳ୍ପ ବିକାଶ ଘଟାଇବା ପରସ୍ପର ପରିପୂରକ। ପ୍ରଥମଟି ଧ୍ୱଂସକାରୀ ହେବା ସ୍ଥଳେ, ଦ୍ୱିତୀୟଟି ସୃଷ୍ଟିକାରୀ।

ଆନ୍ଦୋଳନର ପ୍ରସାର (Spread of the Movement)

ବିଭାଜନକୁ ବିରୋଧ କରି ବଙ୍ଗର ବିଭିନ୍ନ ସ୍ଥାନରେ ଅନେକ ସଭା ଆୟୋଜନ କରାଗଲା। ଲୋକେ ଗମ୍ଭୀର ଭାବରେ ଶପଥ ନେଲେ ଯେ ସେମାନେ ବିଦେଶୀ ଦ୍ରବ୍ୟ ବ୍ୟବହାର କରିବେ ନାହିଁ। ୧୯୦୫, ଅଗଷ୍ଟ ୭ ତାରିଖ ଦିନ କଲିକତାର ଟାଉନହଲଠାରେ ଏକ ସଭା ଆହ୍ୱାନ କରାଯାଇ ବ୍ରିଟିଶଦ୍ରବ୍ୟ ବର୍ଜନ ପାଇଁ ଜାତୀୟ ନୀତି ଗ୍ରହଣ କରାଗଲା। ଦେଶ କାର୍ଯ୍ୟ ପାଇଁ ସ୍ୱଦେଶୀ ଆନ୍ଦୋଳନରେ ଯୋଗ ଦେବାକୁ ନିବେଦିତା ଯୁବସମାଜକୁ ଡାକରା ଦେଇଥିଲେ।

ଉଦାରପନ୍ଥୀମାନେ ଆରମ୍ଭ କରିଥିବା ଏହି ଆନ୍ଦୋଳନ ପରବର୍ତ୍ତୀ ସମୟରେ ଜାତୀୟ କଂଗ୍ରେସରେ ଥିବା ଉଗ୍ରପନ୍ଥୀମାନଙ୍କ ନେତୃତ୍ୱକୁ ଚାଲିଆସିଲା। ତିଳକ, ଶ୍ରଦ୍ଧାନନ୍ଦ ଏବଂ ସୁବ୍ରମଣ୍ୟମ ଯଥାକ୍ରମେ ବମ୍ବେ, ପଞ୍ଜାବ ଏବଂ ମାନ୍ଦ୍ରାଜରେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଛାତ୍ରମାନେ ଅଧିକ ଉତ୍ସାହରେ ଆନ୍ଦୋଳନରେ ଯୋଗଦେଲେ। କେତେକ କ୍ଷେତ୍ରରେ ସେମାନେ ବିଦେଶୀ ଲୁଣ ଓ ଚିନି କ୍ରୟ କରି ସେଗୁଡ଼ିକ ନଷ୍ଟ କରିଦେଲେ। ହିନ୍ଦୁମାନଙ୍କ ସହିତ

ମୁସଲମାନ୍‌ମାନେ ଏ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ସ୍ୱଦେଶୀ ଓ ବୟକଟ୍ ବାର୍ତ୍ତା ପ୍ରଚାର କରିବାରେ ସତୀଶ ଚନ୍ଦ୍ର ମୁଖାର୍ଜୀଙ୍କ ଡନ୍ ସୋସାଇଟି ସକ୍ରିୟ କେନ୍ଦ୍ର ରୂପେ କାର୍ଯ୍ୟ କଲା । ଏହାକୁ ସମର୍ଥନ କରି ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ର ଲାଲ ରାୟ ଓ ରଜନୀକାନ୍ତ ସେନ୍‌ଙ୍କ ପରି କବି ଦେଶପ୍ରେମ ଓ ଭାବପ୍ରବଣ ଗୀତଲେଖି ଜାତୀୟଭାବ ଜାଗରଣ କଲେ । 'ବନ୍ଦେ ମାତରମ୍' ଧ୍ୱନି ଦିଆଗଲା । ୧୯୦୫, ଅକ୍ଟୋବର ୧୬ ତାରିଖ, ଅର୍ଥାତ୍ ବିଭାଜନ ଦିନ ରବୀନ୍ଦ୍ରନାଥ 'ରାଖିବନ୍ଧନ' ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଲେ । ସେହି ପବିତ୍ର ବନ୍ଧନ ଦ୍ୱାରା ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗର ନରନାରୀ, ଧନୀନିର୍ଦ୍ଧନ, ଖ୍ରୀଷ୍ଟିଆନ୍, ମୁସଲମାନ୍ ଓ ହିନ୍ଦୁମାନଙ୍କ ମଧ୍ୟରେ ଭ୍ରାତୃତ୍ୱର ବିକାଶ ପାଇଁ ସେ ଉତ୍ସାହ ପ୍ରଦାନ କରିଥିଲେ । ଏପରିକି 'ଦି ଟାଇମ୍‌ସ' ଓ 'ମାଞ୍ଚେଷ୍ଟର ଗାର୍ଡ଼ିଆନ' ପରି ଇଂରାଜୀ ପତ୍ରିକା ବିଭାଜନ ବିରୋଧୀ ଆନ୍ଦୋଳନ ପ୍ରତି ଦୟାଭାବ ପୋଷଣ କରିଥିଲେ ।

୧୯୦୫ର ବନାରସ କଂଗ୍ରେସ ଅଧିବେଶନରେ ଗୋଖଲେ ଘୋଷଣା କଲେ, ଏହି ବିଭାଜନ ଏକ ନିଷ୍ଠୁର ଶାସ୍ତି ଏବଂ ଏହା ପ୍ରଚଳିତ ଅମଲାତାନ୍ତ୍ରିକ ଶାସନର ସମସ୍ତ ଦୋଷଦୁର୍ବଳତାର ଏକ ପୂର୍ଣ୍ଣାଙ୍ଗ ଚିତ୍ର । ତିଳକ, ପାଲ୍ ଏବଂ ଅରବିନ୍ଦଙ୍କ ପାଇଁ ବୟକଟ୍ ଅର୍ଥ ବ୍ୟାପକ ଥିଲା । ଏହା ଥିଲା ମାଞ୍ଚେଷ୍ଟର ଉପରେ ଏକ ଆର୍ଥନୀତିକ ଚାପ, ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଏକ ରାଜନୀତିକ ଅସ୍ତ୍ର ଓ ସ୍ୱରାଜ ଲାଭ ପାଇଁ ସ୍ୱାବଲମ୍ବନଶୀଳତା ହାସଲ କରିବାର ଏକ ଉପାୟ । ସ୍ୱଦେଶୀ ଉପରେ ମତଦେଇ ତିଳକ କହିଲେ, ''ଦେହପରି ଆମର ମନ ମଧ୍ୟ ସ୍ୱଦେଶୀ ହୋଇଯିବା ଉଚିତ ।''

ବଙ୍ଗଳାରେ ସର୍ବତ୍ର ଓ ଭାରତର ଅଧିକାଂଶ ସ୍ଥାନରେ ବୟକଟ୍ ଓ ସ୍ୱଦେଶୀ ପାଇଁ ଉଦ୍‌ବୋଧନ ଦିଆଗଲା । ଆନ୍ଦୋଳନର ପ୍ରସାର ଘଟାଇବା ନିମନ୍ତେ ବଙ୍ଗରେ ଅନେକ ସମିତି ଗଠନ କରାଗଲା । ଏହାକୁ ଜମିଦାର, ଓକିଲ, ଛାତ୍ର, ଯୁବକ, ଚାଷୀ ଏବଂ ଦୋକାନୀମାନେ ବ୍ୟାପକ କରିବାକୁ ଆଗେଇ ଆସିଲେ । ବ୍ରାହ୍ମଣ, ପୁରୋହିତ, ଭଣ୍ଡାରି, ଧୋବା, ମୋଚି ପ୍ରଭୃତି ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କଲେ । ଲୁଣ, ଚିନି, ମାଞ୍ଚେଷ୍ଟର ଲୁଗା ଓ ଅନ୍ୟାନ୍ୟ ବିଳାସସାମଗ୍ରୀ ବର୍ଜନ କରିବାକୁ ଏହାଥିଲା ଏକ ଆନ୍ଦୋଳନ ।

ସେହିପରି ସ୍ୱଦେଶୀ ଭାବଧାରା ଜୋରଦାର କରିବା ପାଇଁ ଉଦ୍ୟମ ହେଲା । ଯଦିଚ ବିଦେଶୀ ଦ୍ରବ୍ୟଗୁଡ଼ିକର ମୂଲ୍ୟ ସ୍ୱଦେଶୀ ଦ୍ରବ୍ୟଠାରୁ କମ୍ ଥିଲା ଏବଂ ଏହାର ଚାହିଦା ମଧ୍ୟ ଅଧିକ ଥିଲା, ତଥାପି ସ୍ୱଦେଶୀ ଦ୍ରବ୍ୟ କ୍ରୟ କରିବାକୁ ଲୋକମାନଙ୍କୁ ଉତ୍ସାହିତ କରାଗଲା । ସ୍ୱେଚ୍ଛାସେବୀମାନେ ଘର ଘର ବୁଲି କ୍ରୟ ମୂଲ୍ୟରେ ସ୍ୱଦେଶୀ ଦ୍ରବ୍ୟ ବିକ୍ରି କଲେ । ଆଣ୍ଟିସାର୍କୁଲାର ସୋସାଇଟି ଜିନିଷ ଯୋଗାଣ କରିଦେବା କାର୍ଯ୍ୟ ହାତକୁ ନେଲା ।

ସରକାରଙ୍କ ଦମନ୍‌ଲୀଳା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବୟକଟ୍ ଆନ୍ଦୋଳନର ଚାରିଗୋଟି କାର୍ଯ୍ୟସୂଚୀ ପ୍ରକାଶ ପାଇଲା ।

୧। ଇଂରେଜୀ ବସ୍ତ୍ର, ଲବଣ ଓ ଚିନି ଇତ୍ୟାଦି ବର୍ଜନ ।

୨। ଇଂରାଜୀ ଭାଷଣ ପରିତ୍ୟାଗ ।

୩। ସରକାରଙ୍କ ଅଧୀନରେ ଥିବା ଅବୈତନିକ ପଦବୀ ଓ ପରିଷଦ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ ।

୪। ବିଦେଶୀ ଦ୍ରବ୍ୟ କ୍ରୟ କରୁଥିବା ଲୋକମାନଙ୍କୁ ସାମାଜିକ ବାସନ୍ଦ ।

(କ) କେହି ସେମାନଙ୍କ ସହିତ ବସି ଭୋଜନ କରିପାରିବେ ନାହିଁ ।

(ଖ) କେହି ସେମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିପାରିବେ ନାହିଁ ।

(ଗ) କେହି ସେମାନଙ୍କର ଜିନିଷ କ୍ରୟ ଓ ବିକ୍ରୟ କରିପାରିବେ ନାହିଁ ।

(ଘ) ସେମାନଙ୍କୁ ଗାଁ-ଭଣ୍ଡାରି ସେବାକାର୍ଯ୍ୟରୁ ବଞ୍ଚିତ କରାଯିବ ।

(ଙ) ସେମାନଙ୍କ ପୁଅଝିଅମାନଙ୍କ ସହିତ ନ ଖେଳିବା ପାଇଁ ଅନ୍ୟ ପିଲାମାନଙ୍କୁ ଶିକ୍ଷା ଦିଆଯିବ ।

ଆନ୍ଦୋଳନରେ ଏହିପରି ସାମାଜିକ ବାସନ୍ଦ ଏକ ପ୍ରଧାନ ଅସ୍ତ୍ର ରୂପେ କାର୍ଯ୍ୟ କରିଥିଲା ।

ଆନ୍ଦୋଳନର ଦମନ (Repression of the Movement)

ଆନ୍ଦୋଳନ ବଢ଼ିବା ସାଙ୍ଗେ ସାଙ୍ଗେ ଏହାକୁ ଦମନ କରିବା ପାଇଁ ସରକାର କେତେକ ପଦକ୍ଷେପ ନେଇଥିଲେ । ଛାତ୍ରମାନଙ୍କୁ ଆନ୍ଦୋଳନରୁ କ୍ଷାନ୍ତ କରିବା ପାଇଁ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୁକ୍ତ ଛାତ୍ରମାନଙ୍କୁ ଉଭୟ ଶିକ୍ଷାନୁଷ୍ଠାନ ଓ ପୋଲିସମାନଙ୍କ ଦ୍ୱାରା ଦଣ୍ଡ ଭୋଗିବାକୁ ପଡୁଥିଲା । ଛାତ୍ରମାନଙ୍କୁ ବହିଷ୍କାର, ଜୋରିମାନା, ବେତ୍ରାଘାତ ଓ ଜେଲ୍‌ଦଣ୍ଡ ଦିଆଯାଉଥିଲା । ଗାଁ-ହାଟଗୁଡ଼ିକରେ ବିଦେଶୀ ଦ୍ରବ୍ୟ ବିକାକିଣା ବନ୍ଦ କରୁଥିବା ବିକ୍ଷୋଭକାରୀମାନଙ୍କୁ ବାଧା ଦେବା ନିମନ୍ତେ ଜମିଦାରମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ଅବାଧ୍ୟ ହିନ୍ଦୁମାନଙ୍କ ସନ୍ଦେହ ପରିସରଭୁକ୍ତ ଜମିଦାରମାନଙ୍କ ଜମି ବାଜ୍ୟାପ୍ତି କରାଯାଉଥିଲା । ସ୍ୱଦେଶୀ ବିପକ୍ଷରେ ସରକାରଙ୍କ ପ୍ରତି ଅନୁରକ୍ତ ମୁସଲମାନ୍‌ମାନଙ୍କୁ ଉତ୍ତେଜିତ କରାଗଲା । ସ୍ୱଦେଶୀ ଆନ୍ଦୋଳନ କରାଉଥିବା ଶୋଭାଯାତ୍ରା, ସଭାସମିତି ଓ ପତ୍ରପତ୍ରିକା ଉପରେ କଟକଣା ଲାଗୁ କରାଗଲା । ବଡ଼ ବଡ଼ ନେତାଙ୍କୁ ସ୍ଥାନାନ୍ତରିତ କରାଯାଉଥିଲା । ବିକ୍ଷୋଭକାରୀମାନଙ୍କୁ ଲାଠି ପ୍ରହାର ଏବଂ ଗିରଫ କରାହେଉଥିଲା । ନିର୍ଦ୍ଦୋଷ ଲୋକମାନଙ୍କୁ ଦଣ୍ଡ ଦେବାକୁ ଭାରତୀୟ ଜଜ୍‌ମାନଙ୍କ ଉପରେ ଚାପ ପ୍ରୟୋଗ କରାଗଲା । ସରକାରଙ୍କ ଦମନ ସତ୍ତ୍ୱେ ୧୯୦୫ ମସିହା

ବେଳକୁ ବୟକଟ୍-ସ୍ୱଦେଶୀ ଆନ୍ଦୋଳନ ଧୀରେ ଧୀରେ ସମଗ୍ର ଭାରତରେ ବ୍ୟାପି ଯାଇଥିଲା । ଉତ୍ତରପ୍ରଦେଶ, ବମ୍ବେ, ମାଡ୍ରାସ ପ୍ରେସିଡ଼େନ୍‌ସି, ଲାହୋର, ହରଦ୍ୱାର, ପୁନା, ପୁରୀ ପ୍ରଭୃତି ଅଞ୍ଚଳରେ ଆନ୍ଦୋଳନ ବ୍ୟାପକ ହେଲା ।

ସ୍ୱଦେଶୀ ଆନ୍ଦୋଳନର ଫଳାଫଳ
(Effects of the Swadeshi Movement)

ସ୍ୱଦେଶୀ ଆନ୍ଦୋଳନ କେତେଦୂର ସଫଳ ହୋଇଥିଲା ତା'ର ମୂଲ୍ୟାଙ୍କନ କରିବା ଖୁବ୍ କଷ୍ଟକର । ଭାରତୀୟ ପ୍ରେସ୍ ସ୍ୱଦେଶୀ ଆନ୍ଦୋଳନକୁ ଅତିରଞ୍ଜିତ କରିଥିବାବେଳେ ଆଙ୍ଗ୍ଲୋ-ଇଣ୍ଡିଆନ୍ ପ୍ରେସ୍ ଏହାକୁ ଗୌଣ କରିଥାଏ । ଆଙ୍ଗ୍ଲୋ-ଇଣ୍ଡିଆନ୍ ପ୍ରେସ୍ ଆନ୍ଦୋଳନକୁ ସମାଲୋଚନା କରି କହିଲା- ''ଏକ ଗୁରୁତର ତ୍ରୁଟି । ----ଗୋଟିଏ ନ'ଦିନିଆ ବିସ୍ମୟ ପରି ଏହା ଲୁପ୍ତ ହୋଇଯିବ ।'' ଅପରପକ୍ଷରେ 'ଦି ଇଂଲିଶମ୍ୟାନ୍' ସରକାରଙ୍କୁ ଚେତାବନୀ ଦେଇଥିଲା- ''ଇଂଲଣ୍ଡର ଜନସାଧାରଣ ଏବଂ ଭାରତ ସରକାର ଠିକ୍ ରୂପେ ଜାଣି ରଖିବା ଉଚିତ୍ ଯେ ସାମ୍ରାଜ୍ୟର ଶତ୍ରୁମାନେ ବୟକଟ୍ ଦ୍ୱାରା ଇଂରେଜମାନଙ୍କ ସ୍ୱାର୍ଥରେ ଆଘାତ ଦେବାପାଇଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ପାଇଯାଇଛନ୍ତି । କୌଣସିମତେ ବୟକଟ୍‌କୁ ପ୍ରଶ୍ରୟ ଦିଆନଯାଉ ।''

ଇଂଲଣ୍ଡର ଲୁଣ, ସିଗାରେଟ୍, ଟବାକୋ, ଶସ୍ତା ପ୍ରସାଧନୀ ଜିନିଷ ଏବଂ ବୋତାମ ପ୍ରଭୃତି କେହି କ୍ରୟ କରିବାକୁ ଚାହୁଁ ନଥିଲେ । ବସ୍ତ୍ର କାରବାରରେ ବ୍ୟବସାୟୀଙ୍କ ସ୍ୱୀକାରୋକ୍ତିକୁ ନେଇ 'ଷ୍ଟେଟ୍‌ସ୍ ମ୍ୟାନ୍' ଲେଖିଲା- ''ମାଞ୍ଚେଷ୍ଟର ଧୋତିର ବାସ୍ତବ ପକ୍ଷେ କିଛି ଚାହିଦା ନାହିଁ ।... ବଜାରମାନ୍ଦା, ଇଂଲଣ୍ଡ ଲୁଗା କେହି କ୍ରୟ କରିବାକୁ ଚାହୁଁ ନାହାନ୍ତି ।'' ୧୯୦୫ ସେପ୍ଟେମ୍ବର ୧ ତାରିଖ ଦିନ 'ମାରୁଆଡ଼ି ବଣିକ ସମିତି', 'ମାଞ୍ଚେଷ୍ଟର ବଣିକ ସମିତି' ପାଖକୁ ବାର୍ତ୍ତା ପଠାଇଲା ଯେ ମାଞ୍ଚେଷ୍ଟର ଜିନିଷ ବିକ୍ରି ବନ୍ଦ ହୋଇଗଲା । ଯଦି ରାଜ୍ୟ ସଚିବ 'ବଙ୍ଗଭଙ୍ଗ' ପ୍ରତ୍ୟାହାର ନ କରନ୍ତି, ସେମାନଙ୍କ ଅବସ୍ଥା ବିଧ୍ୱସ୍ତ ହୋଇଯିବ । ଏକ ଇଉରୋପୀୟ ଫାର୍ମ ଭାଷାରେ- ''ଜୋତା ବିକ୍ରି ହେଉନାହିଁ । ବିକ୍ରିବଟା ସମୟ ଶେଷ ହୋଇଯାଇଛି; ମୋଜା, ଗେଞ୍ଜି, ଟୋପି, କମରପଟିଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି ।''

ଅପରପକ୍ଷରେ ଦେଶୀଜିନିଷର ଚାହିଦା ବୃଦ୍ଧି ହେଲା । ଶିଳ୍ପୋଦ୍ୟୋଗୀମାନେ ଲୁଗାକଳ, ଜାତୀୟ ବ୍ୟାଙ୍କ, ସାବୁନ କାରଖାନା, ଔଷଧ କାରଖାନା ପ୍ରଭୃତି ସ୍ଥାପନ କରିବାକୁ ଲାଗିଲେ । ଭାରତୀୟମାନଙ୍କର ଇଂରେଜ ଦ୍ରବ୍ୟ ପ୍ରତି ନିର୍ଭରଶୀଳତା ହ୍ରାସ ପାଇଥିଲା । ୧୯୦୫, ଡିସେମ୍ବର ମାସରେ ବନାରସଠାରେ ପ୍ରଥମ ଭାରତୀୟ ଶିଳ୍ପ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହାର ସଭାପତି ଆର. ସି. ଦତ୍ତ ଭାରତର ଆର୍ଥିକ ଅବସ୍ଥା ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ପୁନଶ୍ଚ ଜାତୀୟ ଶିକ୍ଷାର ଉନ୍ନତି ଘଟିଥିଲା । ଜାତୀୟ ଶିକ୍ଷା ପରିଷଦ ଆନୁକୂଲ୍ୟରେ

ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା । ବହୁ କବି ଓ ଲେଖକ ଜାତୀୟବାଦୀ ପୁସ୍ତକମାନ ପ୍ରଣୟନ କରିଥିଲେ ।

ଅବଶ୍ୟ ଦେଶର ଆର୍ଥନୀତିକ ପୁନରୁତ୍‌ଥାନ ପାଇଁ ଉଦ୍ଦିଷ୍ଟ ଆନ୍ଦୋଳନ ସଫଳ ହୋଇନାହିଁ । କୃଷକମାନେ ଆନ୍ଦୋଳନରେ ଯୋଗଦେଇ ନଥିଲେ । ତା' ସତ୍ତ୍ୱେ ସ୍ୱଦେଶୀ ଆନ୍ଦୋଳନ ଭାରତୀୟ ରାଜନୀତି ଓ ଜାତୀୟ ଆନ୍ଦୋଳନକୁ ପ୍ରଭାବିତ କରିପାରିଥିଲା । ଏହାଦ୍ୱାରା ଅହିଂସା ଆନ୍ଦୋଳନର ମହତ୍ତ୍ୱ ଉପଲବ୍ଧି କରିହେଲା । ୧୯୦୮ରେ ମହାତ୍ମାଗାନ୍ଧି ଲେଖିଥିଲେ, ''ଭାରତର ପ୍ରକୃତ ଜାଗରଣ ବଙ୍ଗ ବିଭାଜନ ପରେ ହିଁ ଆରମ୍ଭ ହେଲା ।'' ସେ ଅନୁଭବ କଲେ, ''ସେହି ଦିନଟିକୁ ବ୍ରିଟିଶ୍ ସାମ୍ରାଜ୍ୟର ବିଭାଜନ ଦିନ ବୋଲି ବିଚାର କରାଯାଇପାରିବ ।'' ବୟକଟ୍ ଆଦର୍ଶକୁ ଅଗ୍ରାହ୍ୟ କରୁଥିବା ଗୋଖଲେ ମଧ୍ୟ ଲେଖିଲେ, ''ସ୍ୱଦେଶୀ ଆନ୍ଦୋଳନ ଭିତରେ ଭାରତର ମୁକ୍ତି ।''

ସେହିପରି ତିଳକ କେଶରୀ ସମ୍ବାଦପତ୍ରରେ ଲେଖିଥିଲେ ''ଆମର ଜାତି ଗୋଟିଏ ବୃକ୍ଷ ସଦୃଶ, ଯାହାର ମୂଳଗଣ୍ଡି ହେଉଛି ସ୍ୱରାଜ ଏବଂ ଶାଖାପ୍ରଶାଖା ହେଉଛି, ସ୍ୱଦେଶୀ ଓ ବୟକଟ୍ ।'' ଶେଷରେ ୧୯୧୧ ଡିସେମ୍ବର ୧୨ ତାରିଖ ଦିନ ବଙ୍ଗ ବିଭାଜନ ରଦ୍ଦ ଘୋଷଣା କରାଯାଇଥିଲା ।

ହୋମ୍‌ରୁଲ୍ ବା ସ୍ୱରାଜ ଆନ୍ଦୋଳନ
(Home Rule Movement)

୧୯୧୪ ଖ୍ରୀଷ୍ଟାବ୍ଦରେ ତିଳକ କାରାମୁକ୍ତ ହୋଇଥିଲେ ଏବଂ ତା'ର ପରବର୍ଷ ଉଦାରପନ୍ଥୀମାନଙ୍କର ଦୁଇ ବିଶିଷ୍ଟ ନେତା ଗୋପାଳକୃଷ୍ଣ ଗୋଖଲେ ଓ ଫିରୋଜଶାହ ମେହଟାଙ୍କର ଦେହାନ୍ତ ହୋଇଥିଲା । ଜାତୀୟତାର ଆଦର୍ଶ ସେତେବେଳେ ଭାରତରେ ଦ୍ରୁତ ପ୍ରସାରିତ ହେଉଥିଲା । ଉଦାରପନ୍ଥୀମାନଙ୍କ ଉପରୁ ଲୋକମାନଙ୍କର ବିଶ୍ୱାସ ତୁଟି ଯାଉଥିଲା । କଂଗ୍ରେସ ମଧ୍ୟ ଜନସମର୍ଥନ ହରାଇ ବସୁଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଗ୍ରପନ୍ଥୀମାନଙ୍କୁ କଂଗ୍ରେସକୁ ଫେରାଇ ଆଣିବା ପାଇଁ ମତ ପ୍ରକାଶ ପାଇଲା । ୧୯୧୬ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତିଳକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା । ୧୯୦୭ରେ ବିଚ୍ଛିନ୍ନ ହୋଇଯାଇଥିବା ଉଦାରପନ୍ଥୀ ଓ ଉଗ୍ରପନ୍ଥୀମାନେ ପୁନର୍ବାର ମିଳିତ ହେଲେ । ଏହି ଐତିହାସିକ ଅଧିବେଶନରେ ହୋମ୍‌ରୁଲ୍ ବା ସ୍ୱରାଜ ବା ଗୃହଶାସନ ଦାବି କରାଯାଇ ଏକ ପ୍ରସ୍ତାବ ଗୃହୀତ ହେଲା । ଜାତୀୟବାଦୀ ଚିନ୍ତାଧାରା ସଫଳ କରିବାକୁ ଉଭୟ ଆନିବେସାନ୍ତ ଓ ତିଳକ ପୃଥକ୍ ପୃଥକ୍ ଭାବରେ ହୋମ୍‌ରୁଲ୍ ବା ସ୍ୱରାଜ ଆନ୍ଦୋଳନ ଆୟାର୍ଲାଣ୍ଡବାସୀଙ୍କ ଢାଞ୍ଚାରେ ଆରମ୍ଭ କଲେ । ତିଳକ ଅନୁଭବ କରିଥିଲେ, ''ମିଶ୍ରିତ ଦାବି କରିବାର ସେହି ଦିନଗୁଡ଼ିକ ଶେଷ ହୋଇଯାଇଛି । ହୋମ୍‌ରୁଲ୍ ସେମାନଙ୍କର ସମସ୍ତ ଦାବିଗୁଡ଼ିକ ଆବୃତ କରି ରଖିଛି ।''

ଶ୍ରୀମତୀ ଆନିବେସାନ୍ତ (Mrs. Annie Besant) :

ଶ୍ରୀମତୀ ବେସାନ୍ତ ୧୮୪୭ ଖ୍ରୀଷ୍ଟାବ୍ଦରେ ଲଣ୍ଡନଠାରେ ଜନ୍ମ ହୋଇଥିଲେ । ତାଙ୍କର ମା' ଓ ଜେଜେମା' ଥିଲେ ଆୟାର୍ଲାଣ୍ଡବାସୀ । ତାଙ୍କଠି ଥିଲା ଆୟାର୍ଲାଣ୍ଡବାସୀଙ୍କ ରକ୍ତ ଓ ହୃଦୟ, ଯାହା ତାଙ୍କୁ ଇଂରେଜମାନଙ୍କ ବିପକ୍ଷରେ ଲଢ଼େଇ କରିବାକୁ ଆକର୍ଷିତ କରିଥିଲା । ୧୮୮୯ରେ ସେ ଥିଓସୋଫିକାଲ ସୋସାଇଟିରେ ଯୋଗ ଦେଇଥିଲେ । ସେ ଅନୁଭବ କରିଥିଲେ ଯେ ରାଜନୀତିକ ଜୀବନର ପ୍ରତିଷ୍ଠା ବିନା ଭାରତୀୟମାନଙ୍କର ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଉନ୍ନତି ଅସମ୍ଭବ । ତେଣୁ ସେ ୧୯୧୪ ଖ୍ରୀଷ୍ଟାବ୍ଦରେ କଂଗ୍ରେସରେ ଯୋଗଦେଲେ । ସେହିବର୍ଷ ସେ ଲଣ୍ଡନ ଯାତ୍ରାକରି ଭାରତପାଇଁ ସରକାରଙ୍କ ପାଖରେ ସ୍ୱରାଜ ଦାବି କରିଥିଲେ ।

ଭାରତକୁ ଫେରି ବେସାନ୍ତ ୧୯୧୫, କଂଗ୍ରେସର ବମ୍ବେ ଅଧିବେଶନରେ ଏକ ହୋମ୍‌ରୁଲ୍ ବା ସ୍ୱରାଜ ସଂଘ ପ୍ରତିଷ୍ଠା କରିବାପାଇଁ ପ୍ରସ୍ତାବ ଦେଲେ । କଂଗ୍ରେସ ତାଙ୍କୁ ସାହାଯ୍ୟ କରିପାରିନଥିଲା; କାରଣ କଂଗ୍ରେସ ସମ୍ବିଧାନ ଅନୁଯାୟୀ ଥିଲା 'ପ୍ରଚଳିତ ଶାସନ ପଦ୍ଧତିର ଏକ ଧୀର ସଂସ୍କାର, ସ୍ୱରାଜ ଦାବି ନୁହେଁ ।' ତେଣୁ ୧୯୧୬ ସେପ୍ଟେମ୍ବର ମାସରେ ବେସାନ୍ତ ଏକ ସ୍ଥାୟୀ ହୋମ୍‌ରୁଲ୍ ଲିଗ୍ ଗଠନ କଲେ । ଅଳ୍ପଦିନ ମଧ୍ୟରେ ଏହାର ଶାଖା ବମ୍ବେ, କାନପୁର, ଆଲାହାବାଦ, ବନାରସ, ମଥୁରା, କାଲିକଟ, ଅହମ୍ମଦନଗର, ମାଡ୍ରାସ ପ୍ରଭୃତି ସହରରେ ଖୋଲାଯାଇଥିଲା ।

ବେସାନ୍ତ ଥିଲେ ଜଣେ ଶ୍ରେଷ୍ଠ ସଂଗଠିକା, ତାଙ୍କର ବାଗ୍ମିତା ଥିଲା ଖୁବ୍ ଉଚ୍ଚକୋଟୀର, ତାଙ୍କର ବାର୍ତ୍ତା ଭାରତୀୟମାନଙ୍କ ହୃଦୟକୁ ସ୍ପନ୍ଦିତ କରିଥିଲା । 'କମନ୍‌ୱେଲ୍‌ଥ' ଓ 'ନିଉଇଣ୍ଡିଆ' ସମ୍ବାଦପତ୍ର ମାଧ୍ୟମରେ ବାର୍ତ୍ତାଦେଇ ସେ ହୋମ୍‌ରୁଲ୍ ଆନ୍ଦୋଳନ ଚଳାଇଲେ । ମୋତିଲାଲ ନେହେରୁ ଓ ତେଜବାହାଦୁର ସାପ୍ରୁଙ୍କ ପରି ବିଖ୍ୟାତ ନେତାଗଣ ତାଙ୍କ ସ୍ୱରାଜ ଆନ୍ଦୋଳନରେ ଯୋଗଦେଲେ । 'ନିଉ ଇଣ୍ଡିଆ'ରେ ବେସାନ୍ତ ଉଚ୍ଚସ୍ୱରରେ କହିଥିଲେ, ''କଂଗ୍ରେସ ମଞ୍ଚରୁ ଦୀର୍ଘ ଦିନ ହେଲା ଆମେ ସଂସ୍କାର ନିମିତ୍ତ ଦାବି ଜଣାଉଛୁ, କିନ୍ତୁ ତାହା ପାଇନାହୁଁ । ଅମଲାତନ୍ତ୍ର ଅବିଶ୍ୱାସ ଉପରେ ଆଧାରିତ, ଏହା ନିଶ୍ଚିତ ଯିବ, ସ୍ୱାଧୀନତା ହାସଲ ହିଁ ଭାରତର ଦାବି ।''

ବାଳଗଙ୍ଗାଧର ତିଳକ (Bal Gangadhar Tilak) :

ସେହିପରି ସ୍ୱରାଜ ଆନ୍ଦୋଳନର ଅନ୍ୟତମ ଅସାଧାରଣ ନେତା ଥିଲେ ତିଳକ । ସେ ୧୯୧୫, ଡିସେମ୍ବର ମାସରେ ବମ୍ବେ, କେନ୍ଦ୍ରାଞ୍ଚଳ ପ୍ରଦେଶ ସମୂହ ଓ ବେରାରର ଜାତୀୟବାଦୀ ନେତାମାନଙ୍କୁ ନେଇ ପୁନାଠାରେ ଏକ ସମ୍ମିଳନୀ ଡାକିଥିଲେ । ଉକ୍ତ ସମ୍ମିଳନୀରେ ସ୍ୱରାଜ ହାସଲ ନିମନ୍ତେ ଏକ ଲିଗ୍‌ର ପ୍ରତିଷ୍ଠା କେତେଦୂର ଆବଶ୍ୟକ, ଏବଂ ଏଥିପାଇଁ କି କି ପଦକ୍ଷେପ

ନିଆଯିବ, ଏକଥା ସ୍ଥିର କରିବାକୁ ୧୫ ଜଣ ସଭ୍ୟବିଶିଷ୍ଟ ଏକ କମିଟି ଗଠିତ ହେଲା । ଉକ୍ତ କମିଟିର ରିପୋର୍ଟକୁ ଭିତ୍ତିକରି ବେଲ ଗାଁ ସଭାରେ ସମସ୍ତ ସାମ୍ବିଧାନିକ ପଦ୍ଧତି ଦ୍ୱାରା ବ୍ରିଟିଶ୍ ସାମ୍ରାଜ୍ୟ ଭିତରେ ସ୍ୱରାଜ ବା ହୋମରୁଲ୍ ଲାଭ କରିବା ଏବଂ ସେଥିନିମନ୍ତେ ଶିକ୍ଷା ଦେବା ଏବଂ ଜନମତ ସଂଗଠନ କରିବା ଉଦ୍ଦେଶ୍ୟରେ ଏକ ଭାରତୀୟ ହୋମରୁଲ୍ ଲିଗ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଗଲା । ତଦନୁଯାୟୀ ୧୯୧୬, ଅପ୍ରେଲ ୨୮ରେ ଏକ ଲିଗ୍ ପ୍ରତିଷ୍ଠା ହେଲା । ଯୋଶେଫବାପ୍ତିସ୍ତା ଓ ଏଲ. ସି. କେଲକାର ଯଥାକ୍ରମେ ଲିଗ୍‌ର ସଭାପତି ଓ ସମ୍ପାଦକ ହେଲେ । ତିଳକ ଘୋଷଣା କଲେ, "ସ୍ୱରାଜ ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହାକୁ ହାସଲ କରିବି ।" ସେ ଅନୁଭବ କଲେ, ଭୟଙ୍କର ଯୁଦ୍ଧ ଚାଲିଥିବା ସମୟରେ ମଧ୍ୟ ଯେତେବେଳେ ଇଂଲଣ୍ଡରେ ଆୟାର୍ଲାଣ୍ଡକୁ ସ୍ୱରାଜ ଦେବା ନିମିତ୍ତ କଥାବାର୍ତ୍ତା ଚାଲିଛି, ସେତେବେଳେ ଭାରତ ଏହି ମହାଯୁଦ୍ଧର ପରିସମାପ୍ତିକୁ ଅପେକ୍ଷା ନ କରି ସ୍ୱରାଜ ଦାବି କରିବା ଉଚିତ ହେବ । ବିସ୍ତୃତ ଭାବରେ ପରିଭ୍ରମଣ କରି, ସଭାସମିତିରେ ଘରୋଇ ଭାଷାରେ ବିଭିନ୍ନ ଉଦାହରଣ ସହ ବକ୍ତୃତା ଦେଇ ସେ ଲୋକମାନଙ୍କୁ ସ୍ୱରାଜ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଲାଗିଲେ ।

ଏହା କହିଲେ ଅତିରଞ୍ଜିତ ହେବନାହିଁ ଯେ, ଉଦାରପନ୍ଥୀମାନେ ଭାରତୀୟ ଜାତୀୟ କଂଗ୍ରେସକୁ କବଳିତ କଲାପରେ, ସ୍ୱଦେଶୀ ଆନ୍ଦୋଳନ ଆଣିଥିବା ରାଜନୈତିକ ଚେତନା ବୁଡ଼ିଯାଇଥିଲା ଏବଂ ଏହାକୁ ପୁନର୍ଜାଗରିତ କରିଥିଲା ହୋମରୁଲ୍ ଆନ୍ଦୋଳନ ।

ଆନ୍ଦୋଳନର ପ୍ରସାର (Spread of the Movement)

ଯଦିଚ ବେସାନ୍ତ ଓ ତିଳକ ପୃଥକ୍ ପୃଥକ୍ ଭାବରେ ହୋମରୁଲ୍ ଲିଗ୍ ଗଠନ କରିଥିଲେ, ଦୁହିଁଙ୍କ ମଧ୍ୟରେ ସହଯୋଗ ଓ ବୁଝାମଣା ଥିଲା । ତିଳକ ବମ୍ବେ ଓ କେନ୍ଦ୍ରାଞ୍ଚଳ ପ୍ରଦେଶ ସମୂହରେ କାର୍ଯ୍ୟ କଲାବେଳେ, ଭାରତର ଅନ୍ୟାନ୍ୟ ଅଞ୍ଚଳରେ ବେସାନ୍ତ କାର୍ଯ୍ୟ କରୁଥିଲେ । ୧୯୧୭ ସୁଦ୍ଧା ହୋମରୁଲ୍ ଲିଗ୍‌ର ସଭ୍ୟ ସଂଖ୍ୟା ଛଅ ନିୟୁତକୁ ବୃଦ୍ଧି ହୋଇଥିଲା । ଆନ୍ଦୋଳନ ବ୍ୟାପକ ହେବାରୁ ଉଭୟ ତିଳକ ଓ ବେସାନ୍ତଙ୍କ ବିରୋଧରେ ସରକାର ଅଭିଯୋଗ କଲେ । ତିଳକଙ୍କୁ ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିଲେ; ମାତ୍ର ବେସାନ୍ତଙ୍କୁ ଆଇନତଃ ଦଣ୍ଡିତ ହେବାକୁ ପଡ଼ିଥିଲା । ଅମାନତ ଅର୍ଥ ଦେବା ନିମିତ୍ତ ତାଙ୍କୁ ପ୍ରେସ୍ ଦୁଇଟି ବିକ୍ରି କରିବାକୁ ହେଲା ।

ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ହୋମରୁଲ୍ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଏପରିକି ସାଧୁ ଓ ସନ୍ନ୍ୟାସୀମାନେ ସ୍ୱରାଜ ଭାବଧାରା ପ୍ରଚାର କଲେ । ସ୍ୱରାଜ ଚିନ୍ତାଧାରାକୁ ଧର୍ମ ସହିତ ଛନ୍ଦି ଦିଆଗଲା । ସ୍ୱରାଜ ହେଲା ଲୋକମାନଙ୍କର ଜପମାଳା, ଏହାର ଆଦର୍ଶ ହେଲା ଜନସାଧାରଣଙ୍କ ମନ୍ତ୍ର ।

ଆନ୍ଦୋଳନର ପ୍ରତିକ୍ରିୟା (Repercussion of the Movement)

ସରକାର ଆନ୍ଦୋଳନର ତୀବ୍ରତା ବୁଝିପାରିଲେ । ୧୯୧୭ ଜାନୁଆରୀ ୧୭ରେ ଭାରତ ସରକାରଙ୍କ ଗୃହସଭ୍ୟ ତାଙ୍କ ଗୋପନୀୟ ରିପୋର୍ଟରେ ଲେଖିଲେ, ତିଳକ ଓ ବେସାନ୍ତ କଢ଼େଇ ନେଉଥିବା ଶ୍ରେଣୀଗୁଡ଼ିକ ଠାରୁ ଉଦାରପନ୍ଥୀମାନେ ସମର୍ଥନ ପାଇ ପାରିବେ ନାହିଁ, ତେଣୁ ସେମାନଙ୍କୁ ଖୁବ୍ ଶୀଘ୍ର ସଂସ୍କାର ପ୍ରସ୍ତାବମାନ ଦିଆଯିବା ଉଚିତ । ବମ୍ବେ ସରକାର ଭାରତ ସରକାରଙ୍କ ପାଖକୁ ଆନ୍ଦୋଳନ ତୁରନ୍ତ ଦମନ କରିବାକୁ ଲେଖିଲେ । ହୋମରୁଲ୍ ଆନ୍ଦୋଳନରେ ଯୋଗଦେଉଥିବା ଲୋକମାନଙ୍କୁ ସତର୍କ କରାଗଲା । ୧୯୧୭ ଜୁନ୍ ମାସରେ ବେସାନ୍ତଙ୍କୁ ଅଟକ ବନ୍ଦୀ କରିବାକୁ ସରକାର ଆଦେଶ ଦେଲେ । ଦେଶ ଓ ବିଦେଶରେ ସରକାରଙ୍କ ଆଦେଶକୁ ନିନ୍ଦା କରାଗଲା । ମୋତିଲାଲ ନେହେରୁ, ତେଜ୍‌ବାହାଦୁର ସାପ୍ରୁ, ନାରାୟଣ ଦତ୍ତ ଆସ୍ଥାନ, ସି. ୱାଇ. ଚିନ୍ତାମଣି ଆଦି ବିଶିଷ୍ଟ ନେତାଗଣ ହୋମରୁଲ୍ ଲିଗ୍‌ରେ ଯୋଗଦେଇ ବେସାନ୍ତଙ୍କ ଗିରଫକୁ ପ୍ରତିବାଦ କଲେ । ଜିନ୍ନା ଓ ଅହମ୍ମଦ ଅଲ୍ଲି ପ୍ରଭୃତି ବିଶିଷ୍ଟ ମୁସଲିମ୍ ନେତାମାନେ ଆନ୍ଦୋଳନରେ ଅଂଶଗ୍ରହଣ କରି ଏହାକୁ ଶକ୍ତିଶାଳୀ କଲେ ।

ତିଳକଙ୍କ ନେତୃତ୍ୱରେ ଏକ ସର୍ବଭାରତୀୟ କଂଗ୍ରେସ କମିଟି ଗଠିତ ହୋଇ ଦମନମୂଳକ ଓ ପ୍ରତିକ୍ରିୟାଶୀଳ ନୀତି ବନ୍ଦ କରିବା ଓ ଭାରତୀୟମାନଙ୍କ ଦାବି ଗ୍ରହଣ କରିବା ପାଇଁ ବଡ଼ଲାଟଙ୍କୁ ଜଣାଇଲେ । ଏପରିକି ବେସାନ୍ତଙ୍କ ମୁକ୍ତି ନିମିତ୍ତ ଚାପ ପ୍ରୟୋଗ କରିବାକୁ 'ଅହିଂସ ପ୍ରତିରୋଧ ଡାକରା' ପ୍ରସ୍ତାବ ଆସିଲା ।

୧୯୧୭ ମେ ମାସରେ ନାସିକଠାରେ ଲିଗ୍‌ର ବାର୍ଷିକ ସମ୍ମିଳନୀରେ ତିଳକ ଲିଗ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଲେ କଂଗ୍ରେସର ମୁଖ୍ୟକାର୍ଯ୍ୟ ପ୍ରସ୍ତାବ ଆଣିବା ଏବଂ ଲିଗ୍‌ର କାର୍ଯ୍ୟ ସେହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରି ସ୍ୱରାଜ ହାସଲ କରିବା । ସେ ମଧ୍ୟ କହିଲେ, ସ୍ୱରାଜ ଲାଭର ଦୁଇବର୍ଷ ମଧ୍ୟରେ ଲିଗ୍‌କୁ ଭାଙ୍ଗିଦିଆଯିବ ।

ଲିଗ୍‌ର ପ୍ରେସିଡ଼େଣ୍ଟ ବିଶିଷ୍ଟ ଆଇନଜୀବୀ ସୁବ୍ରମଣ୍ୟ ଆୟାର ବ୍ରିଟିଶ୍ ସରକାରଙ୍କ ଦମନନୀତି ସମ୍ପର୍କରେ ଆମେରିକାର ପ୍ରେସିଡ଼େଣ୍ଟ ଉଇଲସନ୍‌ଙ୍କ ପାଖକୁ ଚିଠି ଲେଖିଲେ । ତିଳକ ମଧ୍ୟ ଶାନ୍ତି ସମ୍ମିଳନୀର ସଭାପତି କ୍ଲିମେନ୍‌ସ୍ୟୁଙ୍କ ଭାରତୀୟ ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ ଜଣାଇଲେ । ନ୍ୟୁୟର୍କ ଏବଂ ଲଣ୍ଡନଠାରେ ଭାରତୀୟ ହୋମରୁଲ୍ ଲିଗ ସ୍ଥାପନ କରାଯାଇଥିଲା । ଭାରତର ଆତ୍ମଶାସନ ସପକ୍ଷରେ ବିଖ୍ୟାତ ବିଖ୍ୟାତ ଆମେରିକୀୟ ଏବଂ ଇଂରେଜମାନେ ମତ ପୋଷଣ କରିଥିଲେ । ୧୯୧୪ ମସିହା ପୂର୍ବରୁ ଯେଉଁ ବଡ଼ଲାଟ ହାର୍ଡ଼ିଞ୍ଜ ଭାରତରେ ଔପନିବେଶିକ ସ୍ୱ-ଶାସନ ଚିନ୍ତାଧାରାକୁ "ପରିହାସ ମୂଳକ ଓ ଅଯୌକ୍ତିକ"

କହି ବିରୋଧ କରୁଥିଲେ ୧୯୧୫ରେ ସେ ଅନୁଭବ କରିଥିଲେ, ''ପୁରାତନ ଶାସନ ପଦ୍ଧତି ପରିବର୍ତ୍ତନ ହେବା ଓ ଜନସାଧାରଣ ସେମାନଙ୍କ ଶାସନରେ ଅଧିକ ଭାଗନେବା ଉଚିତ ।''

୧୯୧୭ ସେପ୍ଟେମ୍ବର ୧୭ ତାରିଖ ଦିନ ବେସାନ୍ତ କାରାମୁକ୍ତ ହୋଇଥିଲେ । ସେହିବର୍ଷ କଂଗ୍ରେସର କଲିକତା ଅଧିବେଶନରେ ବେସାନ୍ତ ହେଲେ ସଭାପତି । ସେ ଘୋଷଣା କଲେ ଯେ ଭାରତ ଦୁଇଗୋଟି କାରଣ ପାଇଁ ସ୍ୱରାଜ ଦାବି ଜଣାଉଛି ।

ପ୍ରଥମ- ସ୍ୱାଧୀନତା ପ୍ରତ୍ୟେକ ଦେଶର ଜନ୍ମଗତ ଅଧିକାର ।

ଦ୍ୱିତୀୟ- ଭାରତର ସମ୍ମତି ବିନା ତା'ର ସବୁଠୁଁ ଦରକାରୀ ସ୍ୱାର୍ଥଗୁଡ଼ିକ ବ୍ରିଟିଶ୍ ସାମ୍ରାଜ୍ୟ ସ୍ୱାର୍ଥର ଉତ୍ତର ସାଧନ କରାଯାଉଛି ଏବଂ ଭାରତର ସମ୍ପତ୍ତି ତା'ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହୃତ ହେଉନାହିଁ ।

ସେ ସଭାପତିଙ୍କ ଅଭିଭାଷଣରେ କହିଲେ ଯେ ୧୯୨୮ ମସିହା ପୂର୍ବରୁ ଭାରତକୁ ସ୍ୱରାଜ ପ୍ରଦାନ କରିବା ନିମିତ୍ତ ଇଂଲଣ୍ଡ ପାର୍ଲିଆମେଣ୍ଟରେ ଏକ ବିଲ୍ ଉପସ୍ଥାପନ କରିବାକୁ ଦାବି କରାଯିବ । ଉଦାରପନ୍ଥୀଙ୍କ ମଧ୍ୟରେ ସେ ମଧ୍ୟ ପାଇଲେ ଏକ ପ୍ରିୟ ବକ୍ତାର ମର୍ଯ୍ୟାଦା । ଏହିପରି ତିଳକ ଓ ବେସାନ୍ତଙ୍କ ନିୟନ୍ତ୍ରଣକୁ କଂଗ୍ରେସ ଆସିପାରିଲା ।

●

ଊନବିଂଶ ଅଧ୍ୟାୟ

ଗାନ୍ଧିଯୁଗର ଆନ୍ଦୋଳନ (୧୯୨୦-୧୯୪୭)
(Gandhian Movement, 1920-1947)

ଗାନ୍ଧିଜୀଙ୍କ ଅଭ୍ୟୁଦୟ (Emergence of Gandhiji)

ଇତିହାସର ପୃଷ୍ଠା ଯେଉଁ ମହାନ୍ ଜନନାୟକମାନଙ୍କ ଦ୍ୱାରା ସ୍ୱର୍ଣ୍ଣରଞ୍ଜିତ, ସେମାନଙ୍କ ମଧ୍ୟରୁ ମୋହନ ଦାସ କରମଚାନ୍ଦ ଗାନ୍ଧି ଥିଲେ ଅନନ୍ୟ । ସେ ଥିଲେ ନ୍ୟାୟ, ସତ୍ୟ, ଧର୍ମ ଓ ଅହିଂସାର ଏକ ମୂର୍ତ୍ତିମନ୍ତ ପୁରୁଷ, ଭାରତୀୟ ମୁକ୍ତି ସଂଗ୍ରାମର ଏକ କୃଷ୍ଣ ।

ଗାନ୍ଧିଜୀଙ୍କ ଜନ୍ମ ହୋଇଥିଲା ୧୮୬୯ ଅକ୍ଟୋବର ୨ ତାରିଖରେ, ଗୁଜୁରାଟର କାଥିଆବାଡ଼ରେ ଥିବା ପୋରବନ୍ଦର ନାମକ କ୍ଷୁଦ୍ର ସହରରେ । ତାଙ୍କର ପିତାଙ୍କ ନାମ ଥିଲା କରମଚାନ୍ଦ ଗାନ୍ଧି ଏବଂ ମାତାଙ୍କ ନାମ ପୁତ୍ଳିବାଈ । କସ୍ତୁରୀବାଈ ଥିଲେ ଏ ମହାନ୍ ବ୍ୟକ୍ତିଙ୍କର ଧର୍ମପତ୍ନୀ ।

୧୮୮୮ ଖ୍ରୀଷ୍ଟାବ୍ଦରେ ଗାନ୍ଧିଜୀ ଆଇନ ବିଦ୍ୟା ପଢ଼ିବା ନିମିତ୍ତ ବିଲାତ ଯାତ୍ରା କରିଥିଲେ । ୧୮୯୧ ରେ ବାରିଷ୍ଟର ହୋଇ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ହିନ୍ଦୁ, ମୁସଲମାନ୍ ଓ ଖ୍ରୀଷ୍ଟିଆନ୍ ଧର୍ମପୁସ୍ତକମାନ ପଢ଼ିବାରୁ ସବୁ ଧର୍ମର ସାରତତ୍ତ୍ୱ ଏକ ବୋଲି ତାଙ୍କର ଧାରଣା ହେଲା । ତାଙ୍କ ମନରେ ଏକ ସାର୍ବଜନୀନ ଆଧ୍ୟାତ୍ମବାଦ ପ୍ରତିଭାତ ହୋଇଥିଲା ।

ରାଜକୋଟ ଓ ବମ୍ବେଠାରେ ଆଇନବିଦ୍ୟା ଅଭ୍ୟାସ କରି ଗାନ୍ଧିଜୀ ସଫଳ ହେଲେ ନାହିଁ । ୧୮୯୩ ରେ ଜନୈକ ମୁସଲମାନ୍ ବ୍ୟବସାୟୀ ମକଦ୍ଦମା କରିବା ନିମିତ୍ତ ଗାନ୍ଧିଜୀଙ୍କୁ ଦକ୍ଷିଣ ଆଫ୍ରିକାକୁ ପଠାଇଥିଲେ । ଗାନ୍ଧି ସେଠାରେ ପୋର୍ଟନାଟାଲ ନାମକ ସ୍ଥାନରେ ଅବତରଣ କଲେ । ଗାନ୍ଧିଙ୍କ ଉତ୍‌ଥାନ ପାଇଁ ସତେଯେପରି ଏଠାରେ ତାଙ୍କୁ ଭାଗ୍ୟ ଅପେକ୍ଷା କରି ରହିଥିଲା ।

ଦକ୍ଷିଣ ଆଫ୍ରିକା ଥିଲା ଇଂରେଜମାନଙ୍କର ଏକ ଉପନିବେଶ । ଏଠାରେ ଶ୍ୱେତାଙ୍ଗମାନେ କୃଷ୍ଣକାୟ ଆଫ୍ରିକୀୟ ଓ ପିଙ୍ଗଳ ବର୍ଣ୍ଣର ଭାରତୀୟମାନଙ୍କୁ ଅତିଶୟ ଘୃଣା କରୁଥିଲେ । ବ୍ୟବସାୟୀ, ବଣିକ, ଦୋକାନୀ ଓ ଶ୍ରମିକ ଭାବରେ ସେଠାରେ ପ୍ରାୟ ଦୁଇଲକ୍ଷ ଭାରତୀୟ ବାସ କରୁଥିଲେ । ସେଠାରେ ଶ୍ୱେତାଙ୍ଗମାନେ ଭାରତୀୟମାନଙ୍କୁ ଲାଞ୍ଛନା ଓ ଅପମାନ ଦେଉଥିଲେ । ରେଳଗାଡ଼ିରେ ପ୍ରଥମ ଶ୍ରେଣୀରେ ଯାତ୍ରା କରିବାପାଇଁ ଭାରତୀୟମାନଙ୍କର ଅଧିକାର ନଥିଲା । ତେଣୁ ଗାନ୍ଧିଜୀ

ଥରେ ପ୍ରଥମ ଶ୍ରେଣୀ ଡବାରେ ଯାତ୍ରା କରୁଥିବା ବେଳେ ଜିନିଷପତ୍ର ସହିତ ତାଙ୍କୁ ଡବାରୁ ବିତାଡ଼ନ କରାଯାଇଥିଲା ।

ସେତେବେଳେ ଦକ୍ଷିଣ ଆଫ୍ରିକା ସରକାର ଏକ ବିଲ୍ ଆଣି ନାଟାଲ ବ୍ୟବସ୍ଥାପକ ସଭାକୁ ସଭ୍ୟ ରୂପେ ନିର୍ବାଚିତ ହେବା ଅଧିକାରରୁ ଭାରତୀୟମାନଙ୍କୁ ବଞ୍ଚିତ କରିଥିଲେ । ଗାନ୍ଧି ଏହାକୁ ବିରୋଧ କରି ଅଭିଯାନ ଚଳାଇଲେ । ଶ୍ୱେତାଙ୍ଗମାନଙ୍କର କୃଷ୍ଣକାୟ ଭାରତୀୟମାନଙ୍କ ପ୍ରତି ନିର୍ଯାତନା ଏବଂ ସେମାନଙ୍କର ଦୁଃଖଦ କାହାଣୀ ବର୍ଣ୍ଣନା କରି ସେ ଏକ ପ୍ରଚାରପତ୍ର ବାଣ୍ଟିଥିଲେ । ଏଥିରେ ଶ୍ୱେତାଙ୍ଗମାନେ କ୍ଷୁବ୍‌ଧ ହୋଇଥିଲେ । ଏପରିକି ଗାନ୍ଧିଙ୍କ ଉପରକୁ ଟେକା, ପଥର ଏବଂ ପଚାଅଣ୍ଡା ନିକ୍ଷେପ କରାଯାଇଥିଲା । ଗାନ୍ଧି ଦୁଃଖ କରିନଥିଲେ, ବରଂ ସେ ବୋର ଯୁଦ୍ଧ (Boer war) ସମୟରେ ଶ୍ୱେତାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରିଥିଲେ । ତଥାପି ଶ୍ୱେତାଙ୍ଗମାନଙ୍କର ଭାରତୀୟମାନଙ୍କ ପ୍ରତି କୁ-ବ୍ୟବହାର ଲାଘବ ହେବା ପରିବର୍ତ୍ତେ ଅଧିକ କଠୋର ହେଲା ।

୧୯୦୬ ଖ୍ରୀଷ୍ଟାବ୍ଦରେ ଏକ ଆଇନ ଦ୍ୱାରା ଭାରତୀୟମାନଙ୍କ ସହିତ ସମସ୍ତ ଏସିଆବାସୀଙ୍କୁ ନିଜ ନିଜ ନାମ ରେଜିଷ୍ଟ୍ରି କରି ଖଣ୍ଡିଏ ଚିହ୍ନଟ କାର୍ଡ଼ ପାଖରେ ରଖିବାକୁ କୁହାଗଲା । ପୋଲିସ ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରେ ସେ କାର୍ଡ଼ ଯାଞ୍ଚ କରିବାର କ୍ଷମତା ପାଇଲେ । ଏହାକୁ ଗାନ୍ଧି 'କଳାଆଇନ' ବୋଲି ବର୍ଣ୍ଣନା କଲେ । ୧୯୦୬ ସେପ୍‌ଟେମ୍ବର ୧୧ ତାରିଖରେ ଜୋହାନ୍‌ସବର୍ଗଠାରେ ପ୍ରାୟ ୧,୦୦୦ ଭାରତୀୟଙ୍କୁ ନେଇ ଏକ ସଭାରେ ଗାନ୍ଧି ଲୋକମାନଙ୍କୁ ଏହି ଆଇନ ପ୍ରତିରୋଧ କରିବା ସକାଶେ ପରାମର୍ଶ ଦେଲେ । ସେ ସଂକଳ୍ପ କଲେ, ମରିବେ ପଛେ ଏପରି ଆଇନ ମାନିବେ ନାହିଁ ।

ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଥିବା ଏ ଆନ୍ଦୋଳନକୁ ସତ୍ୟାଗ୍ରହ କୁହାଗଲା । ଚିନ୍ତା, ବାକ୍ୟ ଓ କାର୍ଯ୍ୟରେ ହିଂସାଭାବ ପ୍ରକଟ ନ କରିବା ହେଉଛି ଏହାର ଅର୍ଥ । ସତ୍ୟାଗ୍ରହ ଦ୍ୱାରା ତ୍ୟାଗ, ନିର୍ଭୀକତା ଓ ନୀତି ବଳରେ ଶତ୍ରୁକୁ ଜୟ କରାଯାଇପାରିବ । ସରକାର ଅସଂଖ୍ୟ ଲୋକଙ୍କୁ ଜେଲ୍, ଜୋରିମାନା ଓ ଦେଶରୁ ବହିଷ୍କାର ଦଣ୍ଡ ଦେଲେ; ମାତ୍ର ଭାରତୀୟମାନେ ଏକ ହୋଇ ଶ୍ୱେତାଙ୍ଗମାନଙ୍କ ଅତ୍ୟାଚାରକୁ ଦୃଢ଼ଭାବରେ ବିରୋଧ କଲେ- ଏହା ଥିଲା ଗାନ୍ଧିଙ୍କର ଅଲୌକିକ ନେତୃତ୍ୱର ପରିଚୟ ।

୧୯୧୪ ଖ୍ରୀଷ୍ଟାବ୍ଦରେ ଗାନ୍ଧି ଓ ସ୍ମାଟସ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ହେଲା । ଦକ୍ଷିଣ ଆଫ୍ରିକା ସରକାର ଭାରତୀୟମାନଙ୍କ ସମ୍ମାନ ରକ୍ଷା ପାଇଁ କେତେଗୁଡ଼ିଏ ସୁବିଧା ଦେଲେ । ନାଟାଲ ଅଞ୍ଚଳକୁ ଭାରତୀୟମାନଙ୍କର ବସତି ପାଇଁ ଉନ୍ମୁକ୍ତ ରଖାଗଲା, ସେମାନଙ୍କ ଉପରୁ ମୁଣ୍ଡକର ଉଠାଇଦିଆଗଲା ଓ ଶ୍ରମିକମାନେ ସ୍ୱାଧୀନଭାବରେ କାମ କରିବାର ଅଧିକାର ପାଇଲେ ।

୧୯୧୪ରେ ଗାନ୍ଧିଜୀ ଲଣ୍ଡନ ବାଟ ଦେଇ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳେ ଭାରତରେ ସେ ଥିଲେ ଅଜଣା, କେବଳ ଗୋଖଲେ ଗାନ୍ଧିଙ୍କୁ ଉତ୍ତମ ରୂପେ ଚିହ୍ନିଥିଲେ, ସେ ହେଲେ ଗାନ୍ଧିଙ୍କର ରାଜନୈତିକ ଗୁରୁ । ୧୯୧୫ରେ ଅହମ୍ମଦାବାଦର ସାବରମତୀ ନଦୀ କୂଳରେ ସେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା କଲେ । ଅଳ୍ପକାଳ ମଧ୍ୟରେ ତାଙ୍କର ଆଦର୍ଶ ଓ ଚିନ୍ତାଧାରା ଭାରତୀୟମାନଙ୍କୁ ଆକୃଷ୍ଟ କରିଥିଲା । ସେ ଉଭାହେଲେ ଏକ ଅଦ୍ଭୁତ ରାଜନୈତିକ ଶକ୍ତିରୂପେ, ହେଲେ ମହାତ୍ମା ।

ଗାନ୍ଧିଙ୍କ ସତ୍ୟାଗ୍ରହ ଆନ୍ଦୋଳନ :

ସତ୍ୟାଗ୍ରହର ମୌଳିକ ତତ୍ତ୍ୱ ହେଲା ସତ୍ୟ ଓ ଅହିଂସା । ଆତ୍ମଶକ୍ତି ଉପରେ ଏହା ଆଧାରିତ । ସତ୍ୟାଗ୍ରହୀର କର୍ମ– ଅନ୍ୟାୟ ବିରୋଧରେ ପ୍ରତିବାଦ । ଏହାର ଧର୍ମ– ଶତ୍ରୁକୁ ଆଘାତ ନଦେଇ, ନିଜେ ଅତ୍ୟାଚାର ସହ୍ୟକରି ସେମାନଙ୍କର ମନ ପରିବର୍ତ୍ତନ କରିବା । ଜଣେ ସଫଳ ସତ୍ୟାଗ୍ରହୀ ସର୍ବଦା ଭୟ, ଘୃଣା ଓ ମିଥ୍ୟା ପରିତ୍ୟାଗ କରିଥାଏ । ଗାନ୍ଧି କହିଥିଲେ, "ମୁଁ ଭଲ ଭାବରେ ଜାଣେ ବ୍ରିଟିଶ୍ ସରକାର ଖୁବ୍ ଶକ୍ତିଶାଳୀ; କିନ୍ତୁ ମୁଁ ଏହା ମଧ୍ୟ ଜାଣେ ଯେ ସତ୍ୟାଗ୍ରହ ଏକ ଶକ୍ତିଶାଳୀ ପ୍ରତିବିଧାନ ।"

ବିହାରର ଚମ୍ପାରଣ, ଗୁଜୁରାଟର କାଇରା ଓ ଅହମ୍ମଦାବାଦଠାରେ ଗାନ୍ଧି ତାଙ୍କ ସତ୍ୟାଗ୍ରହ ଆନ୍ଦୋଳନ ପରୀକ୍ଷା କଲେ । ଚମ୍ପାରଣର ଚାଷୀମାନେ ଜମିର ୨୪ ଭାଗରୁ ୩ ଭାଗ ସ୍ଥାନରେ ନୀଳଚାଷ କରିବା ଓ ତାହାକୁ ବ୍ରିଟିଶ୍ ନୀଳ ରୋପଣକାରୀଙ୍କ ନିର୍ଦ୍ଧାରିତ ଦାମ୍‌ରେ ବିକ୍ରି କରିବାକୁ ବାଧ୍ୟ ହେଉଥିଲେ । ସ୍ଥାନୀୟ ନେତାମାନଙ୍କ ସାହାଯ୍ୟରେ କୃଷକମାନଙ୍କ ଅଭିଯୋଗ ତଦାରଖ କରି ସେମାନଙ୍କ ପ୍ରତି ନୀଳଗଛ ରୋପଣକାରୀଙ୍କ ଅତ୍ୟାଚାରର ପ୍ରକୃତ ତଥ୍ୟ ଗାନ୍ଧି ଆଲୋକକୁ ଆଣିଲେ । ସରକାର ବାଧ୍ୟ ହୋଇ ଆଇନ ଦ୍ୱାରା ଏଥିରୁ ଅନ୍ୟାୟ ବ୍ୟବସ୍ଥାଗୁଡ଼ିକ ଉଚ୍ଛେଦ କରିଥିଲେ । ଏଠାରେ ଗାନ୍ଧିଙ୍କ ସହିତ ରାଜେନ୍ଦ୍ର ପ୍ରସାଦ, ମହାଦେବ ଦେଶାଇ ଓ ଜେ.ବି. କୃପାଳାନୀ ଆଦି ବିଶିଷ୍ଟ ନେତାମାନେ କାର୍ଯ୍ୟ କରିଥିଲେ ।

୧୯୧୮ରେ ଅହମ୍ମଦାବାଦଠାରେ ମିଲ୍‌ଶ୍ରମିକମାନେ ଦରମା ବୃଦ୍ଧି କରିବାକୁ ଆନ୍ଦୋଳନ ଚଳାଇଥିଲେ । ସେମାନଙ୍କ ମନୋବଳ ଦୁର୍ବଳ ହୋଇପଡୁଥିଲା । ଗାନ୍ଧି ମିଲ୍‌ଶ୍ରମିକମାନଙ୍କୁ ନେଇ ଏକ ସଭା ଆୟୋଜନ କଲେ । ସେ କହିଲେ, ମିଲ୍‌ମାଲିକମାନଙ୍କ ସହିତ ଏକ ଚୁକ୍ତି ନ ହେଲା ପର୍ଯ୍ୟନ୍ତ ସେମାନଙ୍କୁ ଆନ୍ଦୋଳନ ଚଳାଇବାକୁ ପଡ଼ିବ, ନଚେତ୍ ସେ ଅନଶନ କରିବେ । ଏପରି ଭାବରେ ମିଲ୍ ଶ୍ରମିକମାନଙ୍କର ନୈତିକ ମନୋବଳ ସେ ବୃଦ୍ଧି କଲେ । ଫଳରେ ଆନ୍ଦୋଳନର ୨୧ ଦିନରେ ମିଲ୍‌ମାଲିକମାନଙ୍କ ସହିତ ଏକ ଚୁକ୍ତି କରାଯାଇ ଶ୍ରମିକମାନଙ୍କର ଶତକଡ଼ା ୩୫ ଭାଗ ଦରମା ବୃଦ୍ଧି କରାଗଲା ।

ତା'ପରେ ଗୁଜୁରାଟର କାଇରା ଜିଲ୍ଲାରେ ଆରମ୍ଭ ହେଲା ଚାଷୀମାନଙ୍କର ଅନ୍ୟ ଏକ ଆନ୍ଦୋଳନ । ସେହିବର୍ଷ ଶସ୍ୟ ଉତ୍ପାଦନ ହୋଇପାରି ନଥାଏ; ମାତ୍ର ଚାଷୀମାନଙ୍କୁ ପୂରା ଭୂ-ରାଜସ୍ୱ ଦେବା ନିମିତ୍ତ ବାଧ୍ୟ କରାଯାଉଥାଏ । ଗାନ୍ଧି ସେମାନଙ୍କୁ ସଂଗଠିତ କଲେ । ଯେକୌଣସି ପରିସ୍ଥିତିରେ ରାଜସ୍ୱ ନ ଦେବା ପାଇଁ ଚାଷୀମାନଙ୍କୁ ସେ ପ୍ରସ୍ତୁତ କଲେ । ସେମାନଙ୍କ ଜମି ବାଜ୍ୟାପ୍ତ କରିଦେବା ପାଇଁ ସରକାରଙ୍କ ଧମକକୁ ଚାଷୀମାନେ କର୍ଣ୍ଣପାତ କଲେନାହିଁ । ଶେଷରେ ସରକାର ବାଧ୍ୟ ହୋଇ ଚାଷୀମାନଙ୍କ ସହିତ ବୁଝାମଣା କଲେ ।

ଏହିପରି ସତ୍ୟାଗ୍ରହ ଆନ୍ଦୋଳନ ମଧ୍ୟରେ ସଫଳତା ହାସଲ କରି ଗାନ୍ଧି ଭାରତର ଜନସାଧାରଣଙ୍କ ସହିତ ପରିଚିତ ହୋଇଗଲେ ।

ରାଓଲାଟ୍ ଆଇନ-୧୯୧୯ (Rowlatt Act-1919)

ବିଶ୍ୱଯୁଦ୍ଧ ସମୟରେ ଭାରତରେ ଉଗ୍ରବାଦୀମାନେ ବିପ୍ଳବକରି ଅପରାଧ ଘଟାଇଥିଲେ । ସେମାନେ ଚାହିଁଲେ ହିଂସା, ଅରାଜକତା, ଆତଙ୍କ ଓ ବିଶୃଙ୍ଖଳା ସୃଷ୍ଟିକରି ଇଂରେଜମାନଙ୍କୁ ଭାରତରୁ ବିତାଡ଼ନ କରିବେ ।

ମହାତ୍ମାଗାନ୍ଧିଙ୍କର ଆଶା ଥିଲା, ବିଶ୍ୱଯୁଦ୍ଧରେ ଇଂରେଜମାନଙ୍କ ପକ୍ଷରେ ଭାରତୀୟ ସୈନିକମାନେ ଯୁଦ୍ଧ କରିଥିବାରୁ ଇଂରେଜମାନେ କୃତଜ୍ଞ ହୋଇ ଭାରତକୁ ସ୍ୱାୟତ୍ତଶାସନ ପ୍ରଦାନ କରିବେ । ଭାରତକୁ ସ୍ୱାୟତ୍ତଶାସନ ଦେବା ଦୂର କଥା, ବରଂ ଉଗ୍ରବାଦୀମାନଙ୍କ ଦ୍ୱାରା ଘଟିଥିବା ଅପରାଧର ପ୍ରତିଶୋଧ ନେବା ଏବଂ ଭବିଷ୍ୟତରେ ହେବାକୁ ଥିବା ବିକ୍ଷୋଭ, ହିଂସାବାଦ ଏବଂ ଷଡ଼ଯନ୍ତ୍ର ଇତ୍ୟାଦି ମୁକାବିଲା କରିବା ସକାଶେ ଇଂରେଜମାନେ ସିଡ଼ନୀ ରାଓଲାଟ୍‌ଙ୍କ ଅଧ୍ୟକ୍ଷତାରେ 'ରାଓଲାଟ୍ କମିଟି' ବସାଇଲେ । ବ୍ରିଟିଶ୍ ସାମ୍ରାଜ୍ୟକୁ ବିପଦମୁକ୍ତ ରଖିବା ପାଇଁ ରାଓଲାଟ୍ ଯେଉଁ ଚିଠା ପ୍ରସ୍ତୁତ କଲେ, ତାହା ରାଓଲାଟ୍ ବିଲ୍ ନାମରେ କଥିତ ହେଲା । ତାଙ୍କର ବିଲ୍‌ଟି କେନ୍ଦ୍ର ବ୍ୟବସ୍ଥାପକ ପରିଷଦରେ ଅନୁମୋଦନ ଲାଭକଲା । ୧୯୧୯ ମାର୍ଚ୍ଚରେ ବିଲ୍‌ଟି ଆଇନରେ ପରିଣତ ହେଲା ।

ଉକ୍ତ ଆଇନ ଦ୍ୱାରା ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଅଦାଲତରେ ମକଦ୍ଦମାଗୁଡ଼ିକର ଶୁଣାଣି ଦ୍ରୁତ କରାଯିବାର ସ୍ଥିର ହେଲା । ଅଦାଲତର ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରିବାର ଅଧିକାର ରହିଲା ନାହିଁ । ରାଜଦ୍ରୋହ ଅପରାଧରେ ସନ୍ଦେହ କରାଗଲେ କୌଣସି ବ୍ୟକ୍ତିଙ୍କୁ ଅନୁସନ୍ଧାନ କରିବା ଓ ବିନା ୱାରେଣ୍ଟରେ ଅବରୋଧ କରିବାର ଅଧିକାର ପ୍ରାଦେଶିକ ସରକାରଙ୍କ ଉପରେ ନ୍ୟସ୍ତ କରାଗଲା । ଏପରିକି ଶାସନ ଓ ପୋଲିସ ବିଭାଗର ନିମ୍ନ ଶ୍ରେଣୀର କର୍ମଚାରୀମାନେ ରାଜନୈତିକ ହିଂସା ଦମନ କରିବାର କ୍ଷମତା ପାଇଲେ । ରାଜଦ୍ରୋହ ଓ ଷଡ଼ଯନ୍ତ୍ର ସମ୍ବନ୍ଧୀୟ କୌଣସି କାଗଜ ରଖିଲେ, ବଣ୍ଟନ କଲେ ବା ପ୍ରକାଶ

କରିବାକୁ ଚେଷ୍ଟା କଲେ, ଜେଲ୍‌ଦଣ୍ଡ ପାଇବାର ବ୍ୟବସ୍ଥା ହେଲା । ଯୁଦ୍ଧପରେ ଇଂରେଜମାନଙ୍କଠାରୁ ସୌହାର୍ଦ୍ଧ୍ୟପୂର୍ଣ୍ଣ ବ୍ୟବହାର ପାଇବା ସ୍ଥଳେ ଭାରତୀୟମାନେ ପାଇଲେ ଚରମ ବିଶ୍ୱାସଘାତକତା ।

ରାଓଲାଟ୍ ଆଇନକୁ ଦେଶବାସୀ ବେଆଇନ କହି ଉପେକ୍ଷା କଲେ । ଏହି ଆଇନ ବିରୁଦ୍ଧରେ ପ୍ରତିବାଦ ସଭା ଡାକିବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତର ଭାଗ୍ୟବିଧାତା ମହାତ୍ମାଗାନ୍ଧି ଏକ ନୂତନ ନେତୃତ୍ୱର ଦିଗ୍‌ଦର୍ଶନ ଦେଲେ । ରାଓଲାଟ୍ ବିଲ୍‌କୁ "ଗଭୀର ଭାବରେ ଆସ୍ଥାନ ଜମାଇବା ରୋଗର ଲକ୍ଷଣ" ବୋଲି ଅନୁଭବ କରି ସେ କହିଲେ, "ଏ ବିଲ୍‌ଟି ଆମ ପାଇଁ ପ୍ରକାଶ୍ୟ ଆହ୍ୱାନ ହେବ ।" ଗାନ୍ଧି ପୁଣି କହିଲେ, ପ୍ରତିବାଦ ସଭା ସମିତି ବା ନିବେଦନ ଆବେଦନ କରିବାର ବେଳ ନାହିଁ, ପ୍ରତ୍ୟକ୍ଷ ପ୍ରତିରୋଧ ପାଇଁ ସମୟ ଆସିଛି ।

ଗାନ୍ଧି ଅନୁଭବ କଲେ ଯେ ଏକ ସାଧାରଣ ଆଇନ ଦ୍ୱାରା ହିଂସାକାଣ୍ଡ ପ୍ରତିରୋଧ କରାଯାଇ ପାରିଥା'ନ୍ତା; ମାତ୍ର ରାଓଲାଟ୍ ଆଇନ ଭାରତୀୟମାନଙ୍କୁ ସର୍ବଦା ଆତଙ୍କିତ କରି ରଖିବ । ହରତାଳ ପାଳନ କରିବାକୁ ଗାନ୍ଧି ଦେଶବାସୀଙ୍କୁ ନିବେଦନ କଲେ । କୁହାଗଲା ଗୋଟିଏ ଦିନ ଜନସାଧାରଣ ବ୍ୟବସାୟ ବନ୍ଦ ରଖିବେ, ଏବଂ ଏହି ଦିନଟିକୁ ଉପବାସ ଓ ପ୍ରାର୍ଥନାରେ ପାଳନ କରିବେ; କାରଣ ସତ୍ୟାଗ୍ରହ ଆତ୍ମଶୁଦ୍ଧିର ଏକ ପ୍ରକ୍ରିୟା ।

୧୯୧୯ ମାର୍ଚ୍ଚ ୩୦ ତାରିଖ ଦିନଟିକୁ ହରତାଳ ପାଳନ ପାଇଁ ଧାର୍ଯ୍ୟ କରାଗଲା; ମାତ୍ର ପରେ ଏହାକୁ ଅପ୍ରେଲ ୬ ତାରିଖକୁ ଘୁଞ୍ଚାଇ ଦିଆଗଲା । ସେହି ଅପ୍ରେଲ ୬ ତାରିଖରେ ସାରା ଦେଶରେ ହରତାଳ ପାଳନ କରାଗଲା । ମହାତ୍ମାଗାନ୍ଧି ସତ୍ୟାଗ୍ରହ ସଭା ଗଠନ କରିଥିଲେ । ସ୍କୁଲ, କଲେଜ, ସରକାରୀ ଅଫିସ ଓ କଚେରି ଜନଶୂନ୍ୟ ହୋଇଯାଇଥିଲା । ଛାତ୍ର, ଶିକ୍ଷକ, ଡାକ୍ତର, ଓକିଲ ଓ ସାମ୍ବାଦିକମାନେ ହରତାଳରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଆନ୍ଦୋଳନ ଦିଲ୍ଲୀ, ଅହମ୍ମଦାବାଦ, ଲାହୋର, କଲିକତା, ଅମୃତସର ଆଦି ସହରଗୁଡ଼ିକରେ ସଫଳତାର ସହିତ ଆଗେଇ ଚାଲିଥିଲା । ଅପରପକ୍ଷରେ ଗୁଳିଗୋଳା ବର୍ଷଣ କରି ପୋଲିସ୍ ଶୋଭାଯାତ୍ରାଗୁଡ଼ିକ ବନ୍ଦ କରିବାକୁ ଚେଷ୍ଟା କଲେ । ଗାନ୍ଧି ବମ୍ବେରୁ ଦିଲ୍ଲୀ ଯାତ୍ରା କରିବା ସମୟରେ ଗିରଫ ହୋଇଥିଲେ; ମାତ୍ର ସାରାଦେଶ ଏହାକୁ ପ୍ରବଳ ବିରୋଧ କରିବାରୁ ତାଙ୍କୁ ମୁକ୍ତ କରାଗଲା । ସେହି ଅପ୍ରେଲ ୬ ତାରିଖ ଦିନ ଗାନ୍ଧି ଜଣେ ସର୍ବଭାରତୀୟ ନେତାରୂପେ ବିଦିତ ହେଲେ ।

ଜାଲିଆନା ୱାଲାବାଗ୍ ହତ୍ୟାକାଣ୍ଡ-୧୯୧୯
(Jallian Walla Bagh Massacre-1919)

ସେତେବେଳକୁ ଦେଶର ନାନା ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଯାଇଥିଲା । ଦିଲ୍ଲୀ ଓ ବମ୍ବେ ପରି ପଞ୍ଜାବରେ ଆନ୍ଦୋଳନ ଚାଲୁଥିଲା । ଲେଫ୍‌ଟନ୍ୟାଣ୍ଟ ଗଭର୍ଣ୍ଣରଙ୍କ ନିଷ୍ଠୁରନୀତିରେ

ପଞ୍ଜାବରେ ଲୋକମାନେ ଉତ୍ତେଜିତ ହୋଇଉଠୁଥିଲେ । ପଞ୍ଜାବରେ ଗାନ୍ଧିଙ୍କ ପ୍ରବେଶକୁ ପୋଲିସ ବାରଣ କରିଥିଲେ । ଗାନ୍ଧି ଗିରଫ ହୋଇଛନ୍ତି ବୋଲି ସମ୍ବାଦ ସମଗ୍ର ଭାରତରେ ପ୍ରଚାରିତ ହୋଇଗଲା ।

୧୯୧୯, ମାର୍ଚ୍ଚ ୩୦ ଏବଂ ଅପ୍ରେଲ ୬ ତାରିଖରେ ଅମୃତସର ସହରରେ ଶାନ୍ତିପୂର୍ଣ୍ଣଭାବରେ ହରତାଳ ପାଳନ କରାଗଲା । ଏହାକୁ ଦମନ କରିବା ଉଦ୍ଦେଶ୍ୟରେ ସରକାର ପଞ୍ଜାବର ବିଶିଷ୍ଟ ନେତା ସଇଫଉଦ୍ଦୀନ କିଚଲୁ ଏବଂ ସତ୍ୟପାଳଙ୍କୁ ଅପ୍ରେଲ ୯ ତାରିଖରେ ବହିଷ୍କାର ଆଦେଶ ଦେଲେ ଏବଂ ତା' ପରଦିନ ଗିରଫ କଲେ । ସେମାନଙ୍କ ଗିରଫ ଘଟଣା ସତେଯେପରି ଅମୃତସରରେ ନିଆଁ ଜାଳିଦେଲା । ଏହାର ପ୍ରତିବାଦରେ ଅମୃତସରରେ ବିକ୍ଷୋଭ ପ୍ରଦର୍ଶନ କରାଗଲା ଏବଂ ଅନେକ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା ।

ଅମୃତସରରେ ପାରମ୍ପରିକ ରୀତିରେ ବୈଶାଖୀ ଉତ୍ସବ ପାଳନ କରାଯାଇଥାଏ । ଉତ୍ସବରେ ଯୋଗ ଦେବାପାଇଁ ସହର ବାହାରୁ ଆସିଥିବା ଅନେକ ଚାଷୀ ବିକ୍ଷୋଭରେ ଯୋଗଦେଇଥିଲେ । ସେମାନଙ୍କର ଗୋଟିଏ ଶୋଭାଯାତ୍ରାକୁ ଅଟକେଇ ଦିଆଗଲା । ଗୁଳିମାଡ଼ରେ କେତେକ ଲୋକ କ୍ଷତବିକ୍ଷତ ଓ କେତେକ ମୃତାହତ ହୋଇଥିଲେ । ବିକ୍ଷୋଭକାରୀମାନେ ପାଞ୍ଚଜଣ ଇଉରୋପୀୟଙ୍କୁ ହତ୍ୟା କଲେ ଓ ଦୁଇଜଣ ଇଂରେଜ ମହିଳାଙ୍କୁ ନିର୍ଯାତନା ଦେଲେ । କେତେକ ସରକାରୀ ଅଫିସ, ଟେଲିଫୋନ ଏକ୍ସଚେଞ୍ଜ, ବ୍ୟାଙ୍କ ଓ ଚର୍ଚ୍ଚ ନଷ୍ଟ କରିଦିଆଗଲା ।

ପରିସ୍ଥିତି ଆପେ ଆପେ ଶାନ୍ତ ହୋଇଯାଇଥା'ନ୍ତା; ମାତ୍ର ବ୍ରିଗାଡ଼ିୟର ଡାୟାର ଅମୃତସରକୁ ସୈନ୍ୟବାହିନୀ ହସ୍ତରେ ଅର୍ପଣ କରିଦେଲେ । ଅପ୍ରେଲ ୧୨ ତାରିଖ ସନ୍ଧ୍ୟାରେ ସହରରେ ଶୋଭାଯାତ୍ରା ଓ ସଭାସମିତି ନିଷେଧକରି ସେ ଆଦେଶ ଜାରିକଲେ । ତାଙ୍କର ଏ ଆଦେଶ ଅଧିକାଂଶ ଲୋକ ଜାଣିପାରିନଥିଲେ ।

ଅପ୍ରେଲ ୧୩ ତାରିଖ ଦିନ ଜାଲିଆନାୱାଲାବାଗଠାରେ ଏକ ସଭା ଅନୁଷ୍ଠିତ ହେବାର ଥିଲା । ଜାଣି ଜାଣି ଏ ସଭାଟିକୁ ବନ୍ଦ କରିବାକୁ ପଦକ୍ଷେପ ନିଆଗଲା ନାହିଁ । ବାଗର ଚାରିପାଖରେ ଘେରି ରହିଥିଲା ଉଚ୍ଚ ପାଚେରୀ ଓ କୋଠାଘର, ପ୍ରବେଶ ପଥ ଥିଲା ଖୁବ୍ ସଂକୀର୍ଣ୍ଣ । ଏହାର ପ୍ରବେଶ ପଥ ବନ୍ଦକରି ଠୁଳ ହୋଇଥିବା ପ୍ରାୟ ୨୦ ହଜାର ନିରୀହ ଓ ନିରସ୍ତ୍ର ଜନତାଙ୍କ ଉପରେ ପ୍ରାୟ ୧୦୦ ଗଜ ଦୂରରୁ ଗୁଳିଚାଳନା ପାଇଁ ଡାୟାର ସୈନ୍ୟମାନଙ୍କୁ ଆଦେଶ ଦେଲେ । ଜାଲିଆନାୱାଲା ବାଗଟି ରକ୍ତ ରଞ୍ଜିତ ହୋଇଗଲା । ଆହତ ମଣିଷର ଆର୍ତ୍ତନାଦ ପରିସ୍ଥିତିକୁ ଅଧିକ ଆତଙ୍କିତ କରିଥିଲା । ସେହିଦିନ ରାତ୍ରିରେ ସାତ ଦିନପାଇଁ ମଧ୍ୟ କର୍ଫ୍ୟୁ ଜାରିହେଲା । ଦେଖିବା ମାତ୍ରେ ଗୁଳିଚାଳନା ପାଇଁ ଆଦେଶ ଦିଆଗଲା । ଆହତଲୋକମାନଙ୍କୁ ଡାକ୍ତରଖାନା ନେବାକୁ କେହି ନଥିଲେ ।

ଏହାବ୍ୟତୀତ ନାନାପ୍ରକାର ଅପମାନଜନକ ଆଇନ ଚାଲୁହେଲା । ଲୋକମାନଙ୍କୁ ବେତ୍ରାଘାତ କରାଗଲା । ମହିଳାଦ୍ୱୟ ନିର୍ଯାତିତ ହୋଇଥିବା ସ୍ଥାନରେ ପେଟେଇ ପେଟେଇ ଯିବା ପାଇଁ ଲୋକମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ହିନ୍ଦୁ ଓ ମୁସଲମାନଙ୍କୁ ଏକା ସଙ୍ଗରେ ହାତକଡ଼ା ଦିଆଯାଇ ସେମାନଙ୍କ ଏକତାକୁ ବ୍ୟଙ୍ଗ କରାଗଲା ।

ଡାୟାର ଏଥିପାଇଁ ଦୁଃଖ କଲେନାହିଁ, ଆଇନତଃ ପଦକ୍ଷେପ ନେଇଛନ୍ତି ବୋଲି ଯୁକ୍ତି କଲେ, ହତ୍ୟାକାଣ୍ଡ ଘଟାଇ ସାମରିକ ମର୍ଯ୍ୟାଦା ରକ୍ଷା କରିଛନ୍ତି ବୋଲି ଗର୍ବ ଅନୁଭବ କଲେ ।

ଏହି ଭୟାବହ ହତ୍ୟାକାହାଣୀ ସମଗ୍ର ଭାରତରେ ପ୍ରଚାରିତ ହେଲା । ଭୟମିଶ୍ରିତ କ୍ରୋଧରେ ଲୋକମାନେ ଥରିବାକୁ ଲାଗିଲେ । ରବୀନ୍ଦ୍ରନାଥ ଟାଗୋର ତାଙ୍କୁ ପ୍ରଦତ୍ତ ନାଇଟ୍ ଉପାଧି ପ୍ରତ୍ୟାଖ୍ୟାନ କଲେ । ମଦନମୋହନ ମାଲବ୍ୟ ଏ କୁତ୍ସିତ ଆତଙ୍କରାଜ ପାଇଁ ସରକାରଙ୍କୁ ଦାୟୀକଲେ । ବ୍ରିଟିଶ୍ ଐତିହାସିକ ଭେଲେଣ୍ଟିନ୍ ଚିରୋଲ ଉକ୍ତ ହତ୍ୟାକାଣ୍ଡ ଦିନଟିକୁ 'କଳା ଦିବସ' ରୂପେ ଆଖ୍ୟା ଦେଲେ । ବାଗ୍‌ର ହତ୍ୟାକାଣ୍ଡ ପ୍ରତି ଇଂଲଣ୍ଡରେ ମଧ୍ୟ ଲୋକମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ମଣ୍ଟେଗୁ ହାଉସ ଅଫ୍ କମନ୍ସରେ ଭାଷଣ ଦେଇ ଡାୟାରଙ୍କ କର୍ମକୁ ନିନ୍ଦାକଲେ ।

ଜାତୀୟବାଦୀ ନେତାମାନେ ପଞ୍ଜାବ ଘଟଣାର ଏକ ତଦନ୍ତ ଦାବିକଲେ । ଚାରିଜଣ ବ୍ରିଟିଶ୍ ଓ ତିନିଜଣ ଭାରତୀୟ ସଭ୍ୟଙ୍କୁ ନେଇ ଲର୍ଡ଼ ହଣ୍ଟରଙ୍କ ଅଧ୍ୟକ୍ଷତାରେ ପଞ୍ଜାବ ଘଟଣାର ତଦନ୍ତ ପାଇଁ ଏକ ଅନୁସନ୍ଧାନ କମିଟି ଗଠନ କରାଗଲା ।

ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଘଟଣାର ଅନୁସନ୍ଧାନ ପାଇଁ ମୋତିଲାଲ ନେହେରୁ, ମଦନ ମୋହନ ମାଲବ୍ୟ, ଗାନ୍ଧିଜୀ ଓ ଅନ୍ୟମାନଙ୍କୁ ନେଇ ଏକ ବେସାମରିକ କମିଟି ନିଯୁକ୍ତ କଲେ । କମିଟିର ରିପୋର୍ଟ ଅନୁଯାୟୀ ପଞ୍ଜାବରେ ସାମରିକ ଆଇନ ଜାରି କରିବା ଥିଲା ବେଆଇନ । ନିଜକୁ ସଭ୍ୟ ବୋଲାଉଥିବା ବ୍ରିଟିଶ୍ ଜାତିପାଇଁ ଏପ୍ରକାର ପଦକ୍ଷେପ ଥିଲା ଏକ କଳଙ୍କ । କମିଟି ରିପୋର୍ଟ ଦେଲା ଯେ ଜାଲିଆନାୱାଲା ବାଗ୍‌ଠାରେ ୧୨୦୦ ଲୋକଙ୍କୁ ହତ୍ୟା ଓ ୩୬୦୦ ଲୋକଙ୍କୁ ଆହତ କରାଯାଇଛି । କେତେକ ଲୋକ ଚିରଦିନପାଇଁ ବିକଳାଙ୍ଗ ହୋଇଛନ୍ତି; ମାତ୍ର ସରକାରୀ ରିପୋର୍ଟ ଅନୁଯାୟୀ ମୃତବ୍ୟକ୍ତିଙ୍କ ସଂଖ୍ୟା ଥିଲା ୩୭୯ ଏବଂ ଆହତମାନଙ୍କ ସଂଖ୍ୟା ଏକ ହଜାରରୁ ଅଧିକ । ଏହି ହତ୍ୟାକାଣ୍ଡ ଥିଲା ଖୁବ୍ ଅମାନୁଷିକ ଏବଂ ଆଧୁନିକ ବ୍ରିଟିଶ୍ ଶାସନ ଇତିହାସରେ ଏପରି ହିଂସ୍ରତ୍ୱର ସମାନ୍ତର କିଛିନାହିଁ । ଏ ହତ୍ୟାକାଣ୍ଡ ଉପରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

ଅପରପକ୍ଷରେ ହଣ୍ଟର କମିଟି ରିପୋର୍ଟ ଏପ୍ରକାର ପ୍ରାଦୁର୍ଭାବ ପାଇଁ ସତ୍ୟାଗ୍ରହ ଆନ୍ଦୋଳନକୁ ଦାୟୀ କଲା । ପୋଲିସ୍ ଓ ସୈନ୍ୟମାନଙ୍କ ଦ୍ୱାରା ଗୁଳି ଚାଳନାକୁ ଏହା ଯୁକ୍ତିଯୁକ୍ତ

ବୋଲି ମତଦେଲା; ମାତ୍ର ଲୋକମାନଙ୍କୁ ସତର୍କ ନ କରି ଡାୟାର ଗୁଳି ଚାଳନା କରିବା ଓ ଅନେକ ସମୟ ଧରି ଏ ପ୍ରକାର ହତ୍ୟାକାଣ୍ଡ ଘଟାଇବା କାର୍ଯ୍ୟକୁ କମିଟି ସାମାନ୍ୟ ସମାଲୋଚନା କରିଥିଲା ।

ଇଂରେଜମାନେ ଡାୟାରଙ୍କୁ ନିନ୍ଦା କରିନଥିଲେ, ବରଂ ତାଙ୍କୁ ଉପହାର ଦେବାପାଇଁ ୨୬,୦୦୦ ପାଉଣ୍ଡ ଅର୍ଥ ସଂଗ୍ରହ କରିଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରତି ଆସ୍ଥା ପୋଷଣ କରିଥିବା ଗାନ୍ଧି ଏ ଚିତ୍ରଭିତରେ ସାମ୍ରାଜ୍ୟବାଦର ନଗ୍ନ ରୂପ ଦେଖିପାରିଲେ । ସେ ସମୟ ଅତିକ୍ରାନ୍ତ ହୋଇଗଲା; ମାତ୍ର ସେ ଘଟଣା ଏବଂ ତା' ସହିତ ଇଂରେଜମାନଙ୍କର ଜଘନ୍ୟ ଓ ବର୍ବର ମାନସିକତା ସ୍ମୃତି ହୋଇ ରହିଗଲା ।

ଖିଲାଫତ୍ ଆନ୍ଦୋଳନ (Khilafat Movement)

ତୁର୍କୀ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ଦ୍ୱାରା ଚାଳିତ ଶତ୍ରୁପକ୍ଷ ସହିତ ଇଂଲଣ୍ଡ ଓ ମିତ୍ର ଶକ୍ତି ବିରୁଦ୍ଧରେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲା । ତୁର୍କୀର ସୁଲତାନ ଥିଲେ ଅଟୋମାନ ସାମ୍ରାଜ୍ୟର ସମ୍ରାଟ । ସେ ଥିଲେ ସମଗ୍ର ମୁସଲମାନ୍ ସମ୍ପ୍ରଦାୟର ଧର୍ମଗୁରୁ ବା ଖଲିଫା । ଯୁଦ୍ଧ ସମୟରେ ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ ଲୟେଡ଼ ଜର୍ଜ ଏବଂ ବଡ଼ଲାଟ ହାର୍ଡ଼ିଞ୍ଜ ତୁର୍କୀ ସାମ୍ରାଜ୍ୟରେ ଥିବା ପବିତ୍ର ଧର୍ମସ୍ଥାନଗୁଡ଼ିକର ସୁରକ୍ଷା, ତୁର୍କୀ ସାମ୍ରାଜ୍ୟର ସଂହତି ଏବଂ ମୁସଲମାନ୍ ରାଜ୍ୟଗୁଡ଼ିକର ସ୍ୱାଧୀନତା ରକ୍ଷା କରିବା ପାଇଁ ସଂକଳ୍ପ କରିଥିଲେ । ଏ ପ୍ରକାର ସର୍ତ୍ତରେ ଭାରତୀୟ ମୁସଲମାନ୍‌ମାନେ ତୁର୍କୀ ମୁସଲମାନ୍ ସୈନ୍ୟଙ୍କ ବିପକ୍ଷରେ ମଧ୍ୟ ଯୁଦ୍ଧ ଚଳାଉଥିଲେ; କାରଣ ଭାରତୀୟ ମୁସଲମାନ୍‌ମାନେ ପ୍ରଜା ହିସାବରେ ଇଂରେଜମାନଙ୍କ ପ୍ରତି କୃତଜ୍ଞ ଥିଲେ । ଖଲିଫାଙ୍କ ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ମଧ୍ୟ ଇଂରେଜମାନେ ପ୍ରତିଜ୍ଞାବଦ୍ଧ ଥିଲେ ।

ଆନ୍ଦୋଳନର କାରଣ :

ବିଶ୍ୱଯୁଦ୍ଧରେ ଖଲିଫାଙ୍କ ପ୍ରତି ଆସନ୍ନ ବିପଦ ଦେଖି ଭାରତୀୟ ମୁସଲମାନ୍‌ମାନେ ଶଙ୍କିତ ହୋଇଥିଲେ । ମହାଯୁଦ୍ଧରେ ଇଂଲଣ୍ଡ ଓ ଏହାର ମିତ୍ରଶକ୍ତି ବିଜୟୀ ହୋଇଥିଲେ । ଯୁଦ୍ଧପରେ ପ୍ୟାରିସ ଶାନ୍ତି ସମ୍ମେଳନ ଆହୂତ ହୋଇଥିଲା । ମିତ୍ରଶକ୍ତି ଶତ୍ରୁପକ୍ଷ ଉପରେ ପ୍ରତିଶୋଧ ନେବାପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିଲେ । ଯୁଦ୍ଧସମୟରେ ଇଂରେଜ ସୈନ୍ୟମାନେ ପବିତ୍ର ଧର୍ମସ୍ଥାନଗୁଡ଼ିକ ଉପରେ ଧ୍ୱଂସର ଲୀଳା ଛୁଟାଇଲେ । ୧୯୧୫, ମେ ମାସରେ ମହମ୍ମଦ ଅଲ୍ଲି ଏବଂ ସୌକତ ଅଲ୍ଲି ବ୍ରିଟିଶ୍ ବିପକ୍ଷରେ ତୁର୍କୀର ଯୁଦ୍ଧରେ ପ୍ରବେଶକୁ ଯୁକ୍ତିଯୁକ୍ତ ବୋଲି ମତ ଦେବାରୁ ଗିରଫ ହେଲେ । ତୁର୍କୀ ଶତ୍ରୁପକ୍ଷ ସହିତ ଯୋଗ ଦେଇଥିବାରୁ ଏହାର ଅଟୋମାନ ସାମ୍ରାଜ୍ୟକୁ ଖଣ୍ଡବିଖଣ୍ଡିତ କରିଦେବା ଉଦ୍ଦେଶ୍ୟରେ ଯୋଜନା ଚାଲିଲା ।

ଖିଲାଫତ୍ ଆନ୍ଦୋଳନର ଅଗ୍ରଗତି :

ଇଂରେଜ ଓ ମିତ୍ରଶକ୍ତିର ତୁର୍କୀ ବିପକ୍ଷରେ କାର୍ଯ୍ୟ ଦେଖି ମୁସଲମାନ୍‌ମାନେ ଖୁବ ଅସନ୍ତୁଷ୍ଟ ହୋଇପଡ଼ିଥିଲେ । ସେମାନେ ଖିଲାଫତ୍‌ଦଳ ଗଠନ କଲେ, ଖଲିଫାଙ୍କୁ ବିଶ୍ୱଯୁଦ୍ଧର ପୂର୍ବବର୍ତ୍ତୀ ଅବସ୍ଥାକୁ ଫେରାଇ ଆଣିବା ଥିଲା ଏହାର ଲକ୍ଷ୍ୟ । ଲକ୍ଷ୍ନୌରେ ଅବଦୁଲ ବାରି ଖିଲାଫତ୍ ଆନ୍ଦୋଳନ ପ୍ରତି ଅଧିକ ସଂଖ୍ୟକ ଉଲେମାଙ୍କର ସମର୍ଥନ ହାସଲ କରିପାରିଥିଲେ । ଏକ ସର୍ବଭାରତୀୟ ଖିଲାଫତ୍ ଭାବଧାରା ଉଦ୍ଭବ ହୋଇଥିଲା । ଗାନ୍ଧିଜୀ ମଧ୍ୟ ଚିନ୍ତା କଲେ ଯେ ହିନ୍ଦୁ ମୁସଲମାନ୍ ଏକତା ପ୍ରତିଷ୍ଠା କରିବାରେ ଖିଲାଫତ୍ ଆନ୍ଦୋଳନ ଏକ ସୁଯୋଗ ଆଣିଦେବ ।

୧୯୧୮, ଡିସେମ୍ବର ମାସରେ ମୁସଲିମ୍ ଲିଗ୍ ଓ କଂଗ୍ରେସ ନେତାମାନେ ଦିଲ୍ଲୀଠାରେ ଏକତ୍ରିତ ହୋଇଥିଲେ । ଲିଗ୍ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଏ. କ୍ୟୁ. ଆନସାରୀ ମୁସଲମାନ୍ ରାଜ୍ୟଗୁଡ଼ିକର ସଂହତି ଓ ସ୍ୱାଧୀନତା ରକ୍ଷାକରିବା ଏବଂ ଖଲିଫାଙ୍କୁ ସବୁ ପବିତ୍ର ଧର୍ମସ୍ଥାନ ସହ ଜାଜିରାତ-ଉଲ-ଆରବ ବା ଆରବ ଅଞ୍ଚଳ ଫେରାଇ ଦେବା ପାଇଁ ଦାବିକଲେ । ମୌଲାନା ଆଜାଦ୍, ଆଜମଲ ଖାଁ, ହସରତ ମୋହିନୀଙ୍କ ନେତୃତ୍ୱ ଦ୍ୱାରା ଗଠିତ ହୋଇଥିବା ଖିଲାଫତ୍ କମିଟିକୁ ସାହାଯ୍ୟ କରିବା ପାଇଁ ଗାନ୍ଧି ସମ୍ମତ ହୋଇଥିଲେ । 'ୟଙ୍ଗ୍ ଇଣ୍ଡିଆ'ରେ ସେ ଲେଖିଥିଲେ, "ମୁଁ ଯଦି ମୁସଲମାନ୍‌ମାନଙ୍କୁ ମୋ ଭାଇ ପରି ଭାବୁଛି, ତେବେ ସେମାନଙ୍କ ଦୁର୍ଦ୍ଦିନରେ ଯଥାସାଧ୍ୟ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ, ଅବଶ୍ୟ ଯଦି ସେମାନଙ୍କର ବିକ୍ଷୋଭ ନ୍ୟାୟୋଚିତ ହୋଇଥାଏ ।"

୧୯୧୯ ଅକ୍ଟୋବର ୧୭ ତାରିଖରେ ଖିଲାଫତ୍ ଦିବସ ପାଳନ କରାଗଲା, ସେହିଦିନ ହିନ୍ଦୁ ଓ ମୁସଲମାନ୍‌ମାନେ ମିଶି ଉପବାସ ଓ ହରତାଳ ପାଳନ କଲେ । ବଙ୍ଗ ଓ ଉତ୍ତର ଭାରତରେ ଖିଲାଫତ୍ ଆନ୍ଦୋଳନ ପ୍ରତି ସମର୍ଥନ ମିଳିଥିଲା । ବମ୍ବେ କେନ୍ଦ୍ରୀୟ ଖିଲାଫତ୍ କମିଟି ଆନ୍ଦୋଳନ ପାଇଁ ପ୍ରଚୁର ଅର୍ଥ ସଂଗ୍ରହ କରିଥିଲେ ।

ଅମୃତସରଠାରେ ଅନୁଷ୍ଠିତ ସର୍ବଭାରତୀୟ ଖିଲାଫତ୍ ସମ୍ମିଳନୀର ସିଦ୍ଧାନ୍ତକ୍ରମେ ଏକ ହିନ୍ଦୁ-ମୁସଲମାନ୍ ପ୍ରତିନିଧିଦଳ ୧୯୨୦, ଜାନୁଆରୀ ୧୯ ତାରିଖରେ ବଡ଼ଲାଟଙ୍କୁ ଖିଲାଫତ ସମସ୍ୟାର ଏକ ମାନପତ୍ର ଦେଇଥିଲେ । ଏହି ମାନପତ୍ରରେ ବିଶିଷ୍ଟ ନେତା ଗାନ୍ଧି, ମୋତିଲାଲ ନେହେରୁ, ମାଲବ୍ୟ ଓ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ସ୍ୱାକ୍ଷର ଥିଲା । ଏଥିରେ କୁହାଗଲା ଯେ ହିନ୍ଦୁ ମୁସଲମାନ୍‌ମାନେ ଆନନ୍ଦରେ ଏକଜୁଟ ହୋଇଛନ୍ତି, ମୁସଲମାନ୍‌ମାନଙ୍କର ଯୁକ୍ତିଯୁକ୍ତ ଦାବିଗୁଡ଼ିକ ପୂରଣ ନହେଲେ ସେମାନେ ବ୍ୟଥିତ ହେବେ । ବଡ଼ଲାଟ ଭାରତୀୟ ମୁସଲମାନ୍‌ଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କଲେ; ମାତ୍ର ତୁର୍କୀ ପ୍ରତି ବିରୋଧ ଭାବ ଦେଖାଇଥିଲେ । ତାଙ୍କ କଥାରେ,

----"ଯେ କୌଣସି ଅନ୍ୟ ଶକ୍ତି ଠାରୁ ତୁର୍କୀ ଅଧିକ କିଛି ଆଶାକରି ପାରିବନାହିଁ, ଯିଏ ଜର୍ମାନୀ ପାଇଁ ଖଣ୍ଡାଧାରଣ କରିଥିଲା, ସିଏ ପୂରାପୂରି ତା'ର କର୍ମଫଳରୁ ବଞ୍ଚିତ ହେବ ନାହିଁ।"

୧୯୨୦, ଫେବ୍ରୁଆରୀ ୨୦ ତାରିଖ ଦିନ ଆବୁଲ କାଲାମ ଆଜାଦ୍‌ଙ୍କ ସଭାପତିତ୍ୱରେ କଲିକତାଠାରେ ଖିଲାଫତ୍ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଠାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ଓ ଲଣ୍ଡନଠାରେ ସରକାରଙ୍କ ଆଗରେ ଖିଲାଫତ୍ ପ୍ରଶ୍ନ ଉପସ୍ଥାପନ କରିବାର ପ୍ରସ୍ତାବ ନିଆଗଲା। ସେଥିପାଇଁ ଏକ ପ୍ରତିନିଧିଦଳ କେବଳ ଲଣ୍ଡନ ନୁହେଁ, ହେଜାଜ, ସିରିଆ, ୟେମେନ, ପାଲେଷ୍ଟାଇନ ଏବଂ ମେସୋପଟାମିଆ ପଠାଯିବାର ବ୍ୟବସ୍ଥା ହେଲା। ଯେଉଁ ପ୍ରତିନିଧିଦଳ ପ୍ରଧାନମନ୍ତ୍ରୀ ଲଏଡ଼ ଜର୍ଜଙ୍କୁ ଭେଟିଲେ, ସେମାନେ ସଫଳ ହେଲେ ନାହିଁ। ଲଏଡ଼ ଜର୍ଜ ସଂକ୍ଷେପରେ ଶୁଣାଇ ଦେଲେ ଯେ ବିଜିତ ଖ୍ରୀଷ୍ଟିଆନ୍ ଦେଶମାନଙ୍କଠାରୁ ସ୍ୱତନ୍ତ୍ର ଭାବରେ ତୁର୍କୀର ବିଚାରହେବା ସମ୍ଭବ ନୁହେଁ, ଯେଉଁ ରାଜ୍ୟ ତୁର୍କୀର ନୁହେଁ, ସେ ତାହାକୁ ଧରିରଖିପାରିବ ନାହିଁ। ମୁସଲମାନ୍ ପ୍ରତିନିଧିଦଳ ମଧ୍ୟ ଇଉରୋପର ବିଭିନ୍ନ ଦେଶ ଭ୍ରମଣ କରି ଖିଲାଫତ୍ ପ୍ରଶ୍ନ ସମାଧାନ କରିପାରିନଥିଲେ।

୧୯୨୦ ମାର୍ଚ୍ଚ ୪ ତାରିଖ ଦିନ ବିଜ୍ଞାପନ ଜରିଆରେ ଖିଲାଫତ୍ ଏକ ଜ୍ୱଳନ୍ତ ପ୍ରଶ୍ନ ବୋଲି ଗାନ୍ଧି ସ୍ପଷ୍ଟ କରିଥିଲେ। ଅହିଂସା ଅସହଯୋଗ ଆନ୍ଦୋଳନ କରିବା ପାଇଁ ସେ ମୁସଲମାନ୍ ନେତାମାନଙ୍କୁ ପ୍ରବର୍ତ୍ତାଇଥିଲେ। ୧୯୨୦, ମାର୍ଚ୍ଚ ୧୯ ତାରିଖ ଦିନଟିକୁ ହରତାଳ ସହିତ ଖିଲାଫତ୍ ଦିବସ ରୂପେ ପାଳନ କରାଗଲା। ଗାନ୍ଧିଙ୍କ ପାଇଁ ଏହା ସତ୍ୟାଗ୍ରହ ଆଦର୍ଶଥିବା ସ୍ଥଳେ ମୁସଲମାନ୍‌ମାନଙ୍କ ପାଇଁ ଥିଲା ରାଜନୈତିକ କୌଶଳ। ଖିଲାଫତ୍ ଆନ୍ଦୋଳନର ହିଂସାପଥକୁ ଅଧଃପତନ ହୋଇଥିଲା।

ସେଭରେ ସନ୍ଧି ଓ ତୁର୍କୀ :

୧୯୨୦, ମେ ୧୫ ତାରିଖ ଦିନ ସେଭରେ ସନ୍ଧି ଅନୁଯାୟୀ ପରାଜିତ ତୁର୍କୀ ଉପରେ କଠୋର ସର୍ତ୍ତମାନ ଲଦିଦିଆଗଲା। ବୃହତ୍ ଅଟୋମାନ ସାମ୍ରାଜ୍ୟ ଭାଙ୍ଗି ଦିଆଯାଇ କନଷ୍ଟାଣ୍ଟିନୋପଲ ଓ ଏସିଆମାଇନର ଭିତରେ ହିଁ ତୁର୍କୀର ସାମ୍ରାଜ୍ୟ ସୀମିତ ରଖାଗଲା। ତୁର୍କୀର ସାମ୍ରାଜ୍ୟରୁ ମିଶରକୁ ପୃଥକ୍ କରାଗଲା। ସିରିଆ ଓ ଲେବାନନ୍, ଜୋର୍ଡ଼ାନ ଓ ଇରାକକୁ ଯଥାକ୍ରମେ ଫ୍ରାନ୍ସ ଓ ବ୍ରିଟେନର ଅଧିକାରସୂଚକ ତତ୍ତ୍ୱାବଧାନରେ ରଖାଗଲା। ଫଳରେ ଖଲିଫାଙ୍କ ସାର୍ବଭୌମତ୍ୱ ନଷ୍ଟ ହୋଇଥିଲା। ମୁସଲମାନ୍‌ମାନଙ୍କ ମଧ୍ୟରେ ସେ ଥିଲେ ଈଶ୍ୱରତୁଲ୍ୟ। ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ତୁର୍କୀର ସୁଲତାନଙ୍କ ନାମରେ ଭାରତର ପ୍ରତ୍ୟେକ ମସଜିଦ୍‌ରେ ଖୁତ୍‌ବା ପାଠ କରାଯାଉଥିଲା। ମୁସଲମାନ୍‌ମାନେ ଅନୁଭବ କରିଥିଲେ ଯେ ଖଲିଫାଙ୍କ ପତନ ପରାଧୀନ ଦେଶଗୁଡ଼ିକରେ ମୁସଲମାନ୍‌ମାନଙ୍କର ମର୍ଯ୍ୟାଦା ହାନି କରିବ। ଏହି ଚୁକ୍ତିର ନିଷ୍ଠୁରତା ମୁସଲମାନ୍

ସମ୍ପ୍ରଦାୟକୁ ବିବ୍ରତ ଓ ଉତ୍ତେଜିତ କଲା । ସେମାନେ ବ୍ରିଟିଶ୍ ସରକାରଙ୍କର ଏତାଦୃଶ ବିଶ୍ୱାସଘାତକ ଓ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟକୁ ନିନ୍ଦା କଲେ ।

ଆନ୍ଦୋଳନର ପରବର୍ତ୍ତୀ ଘଟଣାମାନ :

ଗାନ୍ଧିଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ ଖିଲାଫତ୍ କମିଟି ମେ ୨୮ ତାରିଖରେ ବମ୍ବେଠାରେ ଅହିଂସ ଆନ୍ଦୋଳନକୁ ଏକ ବାସ୍ତବ କାର୍ଯ୍ୟରୂପେ ଆରମ୍ଭ କରିବା ପାଇଁ ଘୋଷଣା କଲେ । ତେଣୁ ଅନେକ ମୁସଲମାନ୍ ପଦବୀ ଓ ଉପାଧି ତ୍ୟାଗ କରିଥିଲେ । ସେହିଦିନ ହଣ୍ଟର କମିଟି ରିପୋର୍ଟ ପ୍ରକାଶ ପାଇବାରୁ ସାରାଦେଶରେ ଉତ୍ତେଜନା ଖେଳିଗଲା । ହିନ୍ଦୁ-ମୁସଲମାନ୍‌ମାନେ ଅସହଯୋଗ ପ୍ରସ୍ତାବକୁ ସମର୍ଥନ ଜଣାଇଲେ । ଜୁନ୍ ୯ ତାରିଖରେ ଆଲାହାବାଦଠାରେ ଖିଲାଫତ୍ କମିଟି ନିମ୍ନଲିଖିତ୍‌ମତେ ନିଷ୍ପତ୍ତି ନେଲେ ।

୧ । ଅବୈତନିକ ପଦବୀ ଓ ଉପାଧି ବର୍ଜନ,

୨ । ସରକାରଙ୍କ ପ୍ରଶାସନିକ, ପୋଲିସ୍ ଓ ସାମରିକ ବିଭାଗରୁ ଇସ୍ତଫା ପ୍ରଦାନ, ଏବଂ

୩ । କରବନ୍ଦ ।

୧୯୨୦ ଜୁଲାଇ ମାସରେ ଖିଲାଫତ୍ ସମ୍ମିଳନୀ ସିନ୍ଧୁଠାରେ ବସିଥିଲା । ସେଠାରେ ଗାନ୍ଧି ଯୋଗଦେଇ ୭ କୋଟି ମୁସଲମାନ୍‌ମାନଙ୍କୁ ସାହାଯ୍ୟ କରିବାପାଇଁ ୨୩ କୋଟି ହିନ୍ଦୁଙ୍କୁ ଆହ୍ୱାନ ଦେଇଥିଲେ । ଜୁଲାଇ ୨୮ ତାରିଖରେ ଗାନ୍ଧି ଘୋଷଣା କରିଥିଲେ ଯେ ଉପବାସ, ପ୍ରାର୍ଥନା ଓ ବ୍ୟବସାୟ ବନ୍ଦ ସହିତ ଅଗଷ୍ଟ ୧ ତାରିଖ ଦିନ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବ ।

ଅସହଯୋଗ ଆନ୍ଦୋଳନ (୧୯୨୦-୨୨)

(The Non-Co-operation Movement, 1920-22)

୧୯୧୯ ମସିହା ଭାରତ ପାଇଁ ଏକ ଦୁଃଖ ଓ ଅସନ୍ତୋଷର ବର୍ଷ ଥିଲା । ଏହି ବର୍ଷ ପଞ୍ଜାବରେ ସାମରିକ ଆଇନ ଜାରି, ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ, ତୁର୍କୀର ପରାଜୟ ଓ ଖଲିଫାଙ୍କ ଆଧିପତ୍ୟ ହ୍ରାସ, ମଣ୍ଟେଗୁ-ଚେମସଫୋର୍ଡ୍ ଶାସନ ପ୍ରଭୃତି ପ୍ରତାରଣାମୂଳକ ଓ ଅମାନୁଷିକ ଘଟଣା ଗୋଟିଏ ପରେ ଗୋଟିଏ ଘଟିଯାଉଥିଲା । ବିଶ୍ୱଯୁଦ୍ଧର ଚାପ ଫଳରେ ଭାରତର ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ରୁଗ୍ଣ ହୋଇଗଲା; ମାତ୍ର ଆନନ୍ଦର କଥା- ସେହିବର୍ଷ କଂଗ୍ରେସର ଅମୃତସର ଅଧିବେଶନରେ ମହାତ୍ମାଗାନ୍ଧି କଂଗ୍ରେସର ବାସ୍ତବ ରାଜନୀତିରେ ପ୍ରବେଶ କରିଥିଲେ । ଗାନ୍ଧି ହୋଇଥିଲେ କଂଗ୍ରେସର କେନ୍ଦ୍ରବିନ୍ଦୁ, ହିନ୍ଦୁ-ମୁସଲମାନ୍‌ମାନଙ୍କର ଅତି ପ୍ରିୟ ନେତା ।

୧୯୧୯ର ଭାରତ ଶାସନ ଆଇନ କଂଗ୍ରେସ ପାଇଁ ଥିଲା- ''ସାମାନ୍ୟ, ଅସନ୍ତୋଷ ଓ ନୈରାଶ୍ୟଜନକ'' । ଡାୟାରଙ୍କ କାର୍ଯ୍ୟକଳାପକୁ ହଣ୍ଟର କମିଟି ନ୍ୟାୟସଙ୍ଗତ ବୋଲି ମତାମତ ଦେବାରୁ ମୋତିଲାଲ, ଜବାହର ଓ ଅନ୍ୟମାନେ ବିସ୍ମିତ ହେଲେ, କ୍ରୋଧରେ ସତେଯେପରି ସେମାନଙ୍କ ରକ୍ତ ଫୁଟିବାକୁ ଲାଗିଲା । ଗାନ୍ଧି ଅନୁଭବ କଲେ, ଯେଉଁ ସରକାର ଏପରି ବର୍ବରୋଚିତ ହତ୍ୟାକାଣ୍ଡ ଘଟାଇ ତିଳେମାତ୍ର ଅନୁଶୋଚନା କଲେନାହିଁ, ସେପରି ଅସାଧୁ ଓ ଅବିବେକୀ ସରକାର ସହିତ ଅସହଯୋଗ କରି ଏହାକୁ ସ୍ଥାଣୁ କରିଦେବାହିଁ ଠିକ୍ । ଇଂରେଜ ସାମ୍ରାଜ୍ୟକୁ ଭଲପାଇବାଠାରୁ ପ୍ରତ୍ୟାଖ୍ୟାନ କରିବା, ଗାନ୍ଧିଙ୍କ ମନରେ ଏ ଯେଉଁ ପରିବର୍ତ୍ତନ-ତାହା ଜାଲିଆନାୱାଲାବାଗ୍ ରକ୍ତସ୍ନାନରୁ ଉଦ୍ଭବ ହୋଇଥିଲା ।

୧୯୨୦, ସେପ୍ଟେମ୍ବର ୪ ତାରିଖରେ କଲିକତାଠାରେ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ବସିଥିଲା । ଅଧିବେଶନର ସଭାପତି ଲଜପତ ରାୟ କହିଲେ, ଅସହଯୋଗ କରିବାଦ୍ୱାରା ବର୍ଷକ ଭିତରେ ସ୍ୱରାଜ ହାସଲ କରାଯାଇପାରିବ । ଶେଷରେ ଗାନ୍ଧି ପ୍ରସ୍ତାବ ଦେଲେ, ''ସ୍ୱରାଜ ହାସଲ ନ ହେଲା ପର୍ଯ୍ୟନ୍ତ ଏବଂ ସରକାରଙ୍କର ଅନ୍ୟାୟ କାର୍ଯ୍ୟଗୁଡ଼ିକ ସଂଶୋଧନ ନ ହେବା ଯାଏ, କଂଗ୍ରେସର ଏହା ମତ ଯେ ଭାରତବାସୀଙ୍କ ପକ୍ଷରେ କ୍ରମାନ୍ୱୟ ଅହିଂସ ଅସହଯୋଗ ନୀତି ଗ୍ରହଣ ଓ ସମର୍ଥନ ବ୍ୟତୀତ ଅନ୍ୟପନ୍ଥା ନାହିଁ ।'' ଶେଷରେ ବହୁମତରେ ଗାନ୍ଧିଙ୍କ ଅସହଯୋଗ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବିରୋଧୀମାନଙ୍କ ମଧ୍ୟରେ ଜିନ୍ନା ଓ ସମର୍ଥକମାନଙ୍କ ମଧ୍ୟରେ ମୋତିଲାଲ ନେହେରୁ ଅଗ୍ରଣୀ ଥିଲେ । ସେତେବେଳକୁ ଲୋକମାନ୍ୟ ତିଳକଙ୍କ ଦେହାନ୍ତ ହୋଇସାରିଥିଲା । କଲିକତା ଅଧିବେଶନର ଅସହଯୋଗ ପ୍ରସ୍ତାବ ୧୯୨୦ ଡିସେମ୍ବରର ନାଗପୁର ଅଧିବେଶନରେ ଅନୁମୋଦନ ଲାଭ କରିଥିଲା । ଏଠାରେ ଘୋଷଣା କରାଗଲା- ''ଆଇନ ଅନୁମୋଦିତ ଓ ଶାନ୍ତିପୂର୍ଣ୍ଣ ଉପାୟରେ ଭାରତର ଲୋକମାନଙ୍କ ଦ୍ୱାରା ସ୍ୱରାଜ ଲାଭ ଭାରତୀୟ ଜାତୀୟ କଂଗ୍ରେସର ଲକ୍ଷ୍ୟ ।'' ଗାନ୍ଧି କହିଲେ, ଯଦି ସମ୍ଭବ ସାମ୍ରାଜ୍ୟ ଭିତରେ ସ୍ୱରାଜ, ଯଦି ଆବଶ୍ୟକ ବାହାରେ । ଏଠାରେ କଂଗ୍ରେସକୁ ପୁନର୍ଗଠନ କରାଯାଇ ଏକ ଗଣ ସଂଗଠନରେ ରୂପାନ୍ତର କରାଗଲା ।

ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମଗୁଡ଼ିକ ଦୁଇଗୋଟି ବିଭାଗରେ ବିଭକ୍ତ କରାଯାଇପାରେ- ଗଠନମୂଳକ ଓ ଧ୍ୱଂସମୂଳକ ।

ଗଠନମୂଳକ କାର୍ଯ୍ୟ (Constructive Works)

ଆନ୍ଦୋଳନରେ ଅର୍ଥ ଯୋଗାଇବା ନିମିତ୍ତ ତିଳକଙ୍କ ନାମରେ ଏକକୋଟି ଟଙ୍କାର ପାଣ୍ଠି ସଂଗ୍ରହ ଏବଂ ସାମାଜିକ, ଶିକ୍ଷା, ଆଇନ ଓ ଅର୍ଥନୀତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବାପାଇଁ ଏକକୋଟି ସ୍ୱେଚ୍ଛାସେବୀ ସୃଷ୍ଟି ଏବଂ ବିଦେଶୀବସ୍ତ୍ର ପରିବର୍ତ୍ତେ ଦେଶୀବସ୍ତ୍ର

ବ୍ୟବହାର ଓ ବୟନ ନିମନ୍ତେ ବେକାରୀମାନଙ୍କୁ ୨୦ ଲକ୍ଷ ଚରଖା ଯୋଗାଣ ପ୍ରଭୃତି ଥିଲା ଗଠନମୂଳକ କାର୍ଯ୍ୟକ୍ରମ । ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ଥିଲା-

୧ । ମାଲିମୋକଦ୍ଦମା ବିଚାର ନିମନ୍ତେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଦାଲତ ପ୍ରତିଷ୍ଠା ।

୨ । ଛାତ୍ରମାନଙ୍କୁ ଶିକ୍ଷାଦାନ ପାଇଁ ଜାତୀୟ ସ୍କୁଲ କଲେଜ ସ୍ଥାପନ ।

୩ । ହାତକଟା ଓ ହାତବୁଣା ଖଦି ସମେତ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଏହାର ଉତ୍ପାଦନ ପାଇଁ ଉତ୍ସାହ ସୃଷ୍ଟି ।

୪ । ସାମ୍ପ୍ରଦାୟିକ ଐକ୍ୟ ପ୍ରତିଷ୍ଠା ।

୫ । ଅସ୍ପୃଶ୍ୟତା ଦୂରୀକରଣ ଓ ମଦ୍ୟପାନ ନିଷେଧ ଉପରେ ଗୁରୁତ୍ୱ ଆରୋପ ।

ଧ୍ୱଂସମୂଳକ କାର୍ଯ୍ୟ (Destructive Works)

୧ । ୧୯୧୯, ଭାରତ ସରକାରଙ୍କ ଆଇନ ଅନୁଯାୟୀ ହେବାକୁ ଥିବା ନିର୍ବାଚନ ବର୍ଜନ କରାଯିବ ।

୨ । ଆଇନଜୀବୀମାନେ ବିଚାରାଳୟ ବାସନ୍ଦ କରିବେ, ସଭ୍ୟମାନେ ବିଧାନସଭା ବର୍ଜନ କରିବେ ଓ ଛାତ୍ରମାନେ ସ୍କୁଲ କଲେଜରୁ ନିଜକୁ ପ୍ରତ୍ୟାହାର କରିବେ ।

୩ । ସମ୍ମାନସୂଚକ ପଦବୀ ଓ ଉପାଧି ଫେରସ୍ତ କରାଯିବ ।

୪ । ମେସୋପଟାମିଆରେ ସରକାରୀ କାର୍ଯ୍ୟରେ ସୈନ୍ୟ, କିରାଣି ଓ ଶ୍ରମିକମାନେ ଯୋଗଦେବେ ନାହିଁ ।

ଆନ୍ଦୋଳନର ପ୍ରସାର (Spread of the Movement)

ଗ୍ରାମରୁ ସହର ଯାଏ, ଗାନ୍ଧି ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ । ସେ ଯେଉଁ ଆଡ଼େ ଯାଉଥିଲେ, ଶାଶ୍ୱତପ୍ରେମ ଭାବର ଆଶ୍ରୟ ନେଉଥିଲେ । ସେ କହୁଥିଲେ, ଅସହଯୋଗୀ କର୍ମୀମାନେ ସାହସୀ, କଷ୍ଟସହିଷ୍ଣୁ ଓ ତ୍ୟାଗୀ ହୁଅନ୍ତୁ, ସେମାନଙ୍କ ମନରେ କ୍ରୋଧ ଓ ହିଂସାଭାବ ପ୍ରକଟ ନ ହେଉ ଏବଂ ସେମାନେ ଦୃଢ଼ମନୋବଳ ସହିତ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢ଼ନ୍ତୁ ।

୧୯୨୦ ଅଗଷ୍ଟ ୧ ତାରିଖରୁ ୧୯୨୨ ଫେବ୍ରୁଆରୀ ୬ ତାରିଖ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିଲା । ତିଳକପାଣ୍ଠି ଗଢ଼ାଯାଇଥିଲା, ଏବଂ ଲକ୍ଷଲକ୍ଷ ଚରଖା ବଣ୍ଟାଯାଇ ସୂତାକଟା ଓ ଲୁଗାବୁଣା କାମ ଆରମ୍ଭ ହୋଇଥିଲା ।

ବଡ଼ ବଡ଼ ଆଇନଜୀବୀ- ମୋତିଲାଲ ନେହେରୁ, ସି.ଆର.ଦାସ, ରାଜେନ୍ଦ୍ର ପ୍ରସାଦ, ରାଜଗୋପାଳଚାରୀ ଓ ଜବାହରଲାଲ ନେହେରୁ ଆଦି ଜୀବିକା ଛାଡ଼ିଲେ । ଆଇନଜୀବୀମାନଙ୍କର ଭରଣପୋଷଣ ପାଇଁ ଶେଠ ଯମୁନାଲାଲ ବାଜାଜ ବାର୍ଷିକ ଏକଲକ୍ଷ ଟଙ୍କା ଦେବାପାଇଁ ଘୋଷଣା

କଲେ । ସୁଭାଷଚନ୍ଦ୍ର ବୋଷ ଭାରତୀୟ ପ୍ରଶାସନିକ ସେବାରୁ ଇସ୍ତଫା ଦେଲେ । ମହାତ୍ମାଗାନ୍ଧି ତ୍ୟାଗ କଲେ ନିଜର 'କାଇଜର-ଇ-ହିନ୍ଦ୍' ଉପାଧି । ରବୀନ୍ଦ୍ରନାଥ ଟାଗୋର ମଧ୍ୟ ଉପାଧି ପ୍ରତ୍ୟାଖ୍ୟାନ କରିଥିଲେ ।

ଶିକ୍ଷା ବର୍ଜନ ଖୁବ୍ ସଫଳତାର ସହିତ ପ୍ରଥମେ କାମ କରିଥିଲା । ସହସ୍ର ସଂଖ୍ୟାରେ ଛାତ୍ର ସ୍କୁଲକଲେଜ ବର୍ଜନ କଲେ; ମାତ୍ର ଏତେ ଅଧିକ ସଂଖ୍ୟକ ଛାତ୍ରଙ୍କୁ ଜାତୀୟ ସ୍କୁଲକଲେଜରେ ସ୍ଥାନଦେବା ସମ୍ଭବ ହେଲାନାହିଁ, ତେଣୁ ଅନେକଙ୍କୁ ପୂର୍ବ ଶିକ୍ଷାନୁଷ୍ଠାନକୁ ଫେରିବାକୁ ପଡ଼ିଥିଲା । ସୁଖର କଥା, ଏହି ସମୟରେ ବଙ୍ଗୀୟ ଜାତୀୟ ବିଶ୍ୱବିଦ୍ୟାଳୟ, ତିଳକ ମହାରାଷ୍ଟ୍ର ବିଦ୍ୟାଳୟ, ବିହାର ବିଦ୍ୟାଳୟ, ଗୁଜୁରାଟ ବିଦ୍ୟାଳୟ, ବନାରସ ବିଦ୍ୟାଳୟ, ଲାହୋର ଜାତୀୟ ମହାବିଦ୍ୟାଳୟ ପରି କେତେକ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଖୋଲାଯାଇପାରିଲା ।

ବିଦେଶୀ ବସ୍ତ୍ର ବର୍ଜନ କରାଗଲା । ବିଦେଶୀବସ୍ତ୍ର ଜାଳିଦେବା ପାଇଁ ଲୋକମାନଙ୍କଠାରେ ଏକପ୍ରକାର ପାଗଳାମି ଦେଖାଦେଇଥିଲା । ବଙ୍ଗ, ବମ୍ବେ, ମାଡ୍ରାସ ଓ ଉତ୍ତରପ୍ରଦେଶରେ ଏହା ଆଶାତୀତ ରୂପେ ସଫଳ ହେଲା । ୧୯୧୯-୧୯୨୨ ମଧ୍ୟରେ ନିଶାବର୍ଜନ ରିପୋର୍ଟ ଅନୁଯାୟୀ ଅବକାରୀ ରାଜସ୍ୱ ହ୍ରାସ ପାଇଲା ।

ସହରଗୁଡ଼ିକ ସହିତ ଗ୍ରାମାଞ୍ଚଳରେ ମଧ୍ୟ ଅସହଯୋଗ ଆନ୍ଦୋଳନ ଜୀବନ୍ତ ହୋଇଉଠିଲା । କରବନ୍ଦ ଡାକରାରେ ଶୋଷିତ ଓ ନିପୀଡ଼ିତ ଚାଷୀମାନେ ଆଶାବାଦୀ ହୋଇଉଠିଲେ । ମିଦନାପୁର ଚାଷୀମାନେ କରଦେବାକୁ ମନାକଲେ । ସେମାନଙ୍କ ଦ୍ୱାରା ବଙ୍ଗରେ ପ୍ରଥମେ କୃଷକସଂଘ ଗଠିତ ହେଲା । ବିହାରର ଚମ୍ପାରଣ ଓ ମୁଜାଫରପୁର ଜିଲ୍ଲାରେ ଅତ୍ୟଧିକ ଉତ୍ତେଜନା ବୃଦ୍ଧିପାଇଲା । ଛୋଟନାଗପୁର ଆଦିବାସୀମାନଙ୍କର ତାନାଭଗତ ଗୋଷ୍ଠୀ ଚୌକିଦାରି କର ଓ ଖଜଣା ନ ଦେବାକୁ ଧମକଦେଲେ । ଓଡ଼ିଶାର ରୟତମାନେ କନିକାରାଜାଙ୍କୁ ଅବୱାବ ଦେବାକୁ ମନାକଲେ । ଆସାମର ଚା' ବଗିଚାଗୁଡ଼ିକ ମଧ୍ୟ ଏ ଆନ୍ଦୋଳନରେ ପ୍ରଭାବିତ ହେଲା । ଉତ୍ତରପ୍ରଦେଶର ରାୟବରେଲି, ପ୍ରତାପଗଡ଼, ଫୈଜାବାଦ ଏବଂ ସୁଲତାନପୁରର କୃଷକମାନେ ସମସ୍ତ ପ୍ରକାର ଅନୁଚିତ କର ଦେବାକୁ ମନାକଲେ । ଚିରାଲାର ଅଧିବାସୀମାନେ ମ୍ୟୁନିସିପାଲିଟି କର ବିରୋଧ କଲେ । କୃଷ୍ଣା ଓ ଗୋଦାବରୀ ଜିଲ୍ଲାଗୁଡ଼ିକରେ କରବନ୍ଦ ପାଇଁ ଆହ୍ୱାନ ଦିଆଗଲା । ପଞ୍ଜାବର ଅକାଳୀମାନେ ଗୁରୁଦ୍ୱାରଗୁଡ଼ିକର ଦୁର୍ନୀତି ଲୋପକରିବା ପାଇଁ ଆନ୍ଦୋଳନ କଲେ ।

୧୯୨୧, ଜୁଲାଇ ୮ ତାରିଖରେ ସର୍ବଭାରତୀୟ ଖିଲାଫତ୍ ସମ୍ମିଳନୀରେ ଭାରତୀୟ ସୈନ୍ୟବାହିନୀକୁ ତ୍ୟାଗ କରିବାପାଇଁ ମୁସଲମାନ୍ ସୈନ୍ୟମାନଙ୍କୁ ଆହ୍ୱାନ ଦିଆଗଲା । ୧୯୨୧ରେ ଭାରତ ଭ୍ରମଣରେ ଆସୁଥିବା ୱେଲସର ଯୁବରାଜଙ୍କୁ ବିକ୍ଷୋଭ ପ୍ରଦର୍ଶନ କରାଗଲା ।

କଲିକତାରେ ସି. ଆର. ଦାସଙ୍କ ନେତୃତ୍ୱରେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା । କଂଗ୍ରେସର ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ବେଆଇନ ଘୋଷଣା କରାଯିବାରୁ ଲୋକମାନେ ଏକ ସ୍ୱେଚ୍ଛାସେବୀ ବାହିନୀ ଗଠନ କଲେ । ଶ୍ରୀ ଦାସ ଗିରଫ ହୋଇଥିଲେ । ଅସହଯୋଗର ଦର୍ଶନ ଓ ଅର୍ଥ ବ୍ୟାଖ୍ୟା କରି ସେ କହିଥିଲେ, "ଆମ୍ଭେମାନେ ଭାଙ୍ଗୁଛୁ ଗଢ଼ିବାପାଇଁ, ଆମ୍ଭେମାନେ ଧ୍ୱଂସ କରୁଛୁ ନିର୍ମାଣ କରିବାପାଇଁ, ଆମ୍ଭେମାନେ ପ୍ରତ୍ୟାଖ୍ୟାନ କରୁଛୁ ଗ୍ରହଣ କରିବାପାଇଁ ।"

ଚୌରୀଚୌରା ଘଟଣା-୧୯୨୨ (Chauri Chhaura Incident-1922)

୧୯୨୨ ଫେବ୍ରୁଆରୀ ୫ ତାରିଖଦିନ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଚୌରୀଚୌରା ନାମକ ସ୍ଥାନରେ ଆନ୍ଦୋଳନକାରୀ ଜନତା ଏକ ଶୋଭାଯାତ୍ରାରେ ଯାଉଥିବା ସମୟରେ ପୋଲିସ ସହିତ ଗଣ୍ଡଗୋଳ ହୋଇଥିଲା । କ୍ରୁଦ୍ଧ ଜନତା ଥାନାଗୃହରେ ଅଗ୍ନିସଂଯୋଗ କରିଥିଲେ । ଏହାଦ୍ୱାରା ୨୨ ଜଣ ପୋଲିସ କର୍ମଚାରୀ ଜଳିପୋଡି ପାଉଁଶ ହୋଇଗଲେ । ଏ ଘଟଣା ଗାନ୍ଧିଜୀଙ୍କୁ ଖୁବ୍ ବ୍ୟଥିତ କରିଥିଲା । ସେ ହୃଦୟଙ୍ଗମ କଲେ, ହିଂସାଦ୍ୱାରା ଦେଶ ଅସ୍ଥିର ଓ ବିଶୃଙ୍ଖଳିତ ହୋଇଯିବ, ସରକାର ଅମାନୁଷିକ ଦମନଲୀଳା ଚଳାଇବେ, ଫଳରେ ଅଜସ୍ର ଧନ ଓ ଜୀବନ କ୍ଷୟ ହେବ । ତେଣୁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଗଠନମୂଳକ କାର୍ଯ୍ୟ କରିବାକୁ ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ । ଗାନ୍ଧିଙ୍କ ନିଷ୍ପତ୍ତିକୁ ଫେବ୍ରୁଆରୀ ୨୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟି ଦୃଢ଼ୀକରଣ କଲେ ।

ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ନିଷ୍ପତ୍ତି ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏପରି ବନ୍ଦକୁ ଲୋକମାନେ ପରାଜୟ ବୋଲି ମନେକଲେ । ଲଜପତ ରାୟ, ସି. ଆର. ଦାସ, ମୋତିଲାଲ ଓ ଜବାହରଲାଲ ଏ ବନ୍ଦ ଡାକରାରେ ଅସନ୍ତୁଷ୍ଟ ହେଲେ । ସୁଭାଷବୋଷ ଏହାକୁ ଜାତୀୟ ବିପର୍ଯ୍ୟୟ ବୋଲି ମତ ଦେଲେ; ମାତ୍ର ଗାନ୍ଧି କହୁଥିଲେ ଯେ ଯଦି ଆନ୍ଦୋଳନ ବନ୍ଦ ହୋଇନଥା'ନ୍ତା, ତେବେ ଏକ ଅହିଂସା ସଂଗ୍ରାମ ବଦଳରେ ସେ ଏକ ହିଂସା ସଂଗ୍ରାମର ନେତୃତ୍ୱ ନେଇଥା'ନ୍ତେ । ସେ ବୁଝାଇ କହିଲେ, ଅସହଯୋଗ ଆନ୍ଦୋଳନ ବନ୍ଦ କରାଯାଇନାହିଁ, ସ୍ଥଗିତ ରଖାଯାଇଛି ।

ଗାନ୍ଧିଜୀଙ୍କ ଭାଷାରେ, "ଆମେ ପରିବର୍ତ୍ତିତ ପବନକୁ ଦେଖି ଆମର ପାଲ ଉପଯୋଗ କରିପାରିବା, ଆଗରେ ଥିବା ଜଳମଗ୍ନ ଚଡ଼ା ଓ ଢେଉ ଏଡ଼ାଇବାପାଇଁ ଆମେ ଆମର ଗତି ବଦଳେଇ ପାରିବା; କିନ୍ତୁ ଆମର ଲକ୍ଷ୍ୟ, ବା ଆମର ଉତ୍ତମ ଜାହାଜ, ଯାହାକୁ ଆମେ ଜଳଯାତ୍ରା ପାଇଁ ମନୋନୟନ କରିଛୁ, ତାହାକୁ ପରିବର୍ତ୍ତନ କରିବାର ପ୍ରଶ୍ନ ଉଠୁନାହିଁ ।"

ସରକାରଙ୍କ ଦମନ (Repression by the Government)

ଅସହଯୋଗ ଆନ୍ଦୋଳନକୁ ଚେମସଫୋର୍ଡ଼ ବ୍ୟଙ୍ଗକରି କହିଥିଲେ, ଏହା ସବୁଠାରୁ ଅଧିକ ନିର୍ବୋଧର ସବୁଠାରୁ ଅଧିକ ନିର୍ବୋଧତାର କାର୍ଯ୍ୟ; ମାତ୍ର ଆନ୍ଦୋଳନ ଅପ୍ରତ୍ୟାଶିତ ଭାବରେ ସଫଳତା ଲାଭ କରିଥିଲା । ଶାସନ କ୍ଷେତ୍ରରେ ବିଶୃଙ୍ଖଳା ଦେଖାଗଲା ଏବଂ ସରକାରଙ୍କର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଥିଲା । ବଡ଼ଲାଟ ଲର୍ଡ଼ ରିଡ଼ିଂ ପୂର୍ବ ନିର୍ଦ୍ଧାରିତ ତିନିଗୋଟି ନୀତି ଅନୁଯାୟୀ ଦମନମୂଳକ ପଦକ୍ଷେପ ନେଲେ ।

୧ । ସରକାରଙ୍କୁ ଅସହଯୋଗ କରିବା ରାଜନୀତିଜ୍ଞମାନଙ୍କୁ ଅନୁଗ୍ରହ ଓ ସମ୍ମାନ ଦେଇ ତୁଷ୍ଟ କରାଯିବ ।

୨ । ଅସହଯୋଗୀ ଓ ଜିଦ୍‌ଖୋର ଲୋକଙ୍କୁ ଦମନ କରାଯିବ ।

୩ । ସ୍ୱାର୍ଥହାସଲ ପାଇଁ ସାମ୍ପ୍ରଦାୟିକ ବିଭେଦ ବୃଦ୍ଧି କରାଯିବ ।

ଏହିନୀତି ଅନୁଯାୟୀ ଏସ୍. ପି. ସିହ୍ନାଙ୍କୁ ବିହାର-ଓଡ଼ିଶାର ଗଭର୍ଣ୍ଣର ରୂପେ ଏବଂ ତେଜବାହାଦୁର ସାପ୍ରୁଙ୍କୁ ବଡ଼ଲାଟଙ୍କ କାର୍ଯ୍ୟକାରୀ ପରିଷଦର ସଭ୍ୟରୂପେ ନିଯୁକ୍ତି ଦିଆଗଲା । ଅସହଯୋଗ ଓ ଖିଲାଫତ୍ ଆନ୍ଦୋଳନ ବିରୋଧ କରୁଥିବା ଆମନ ସଭାପରି କେତେକ ସମିତିକୁ ସରକାରଙ୍କର ପୃଷ୍ଠପୋଷକତା ମିଳିଲା । ସରକାରଙ୍କର ଏହି ନୀତି ଆଶାଜନକ ସଫଳତା ହାସଲ କରିପାରିଲା ନାହିଁ ।

ଆନ୍ଦୋଳନ ଦମନପାଇଁ ସରକାର କ୍ରିମିନାଲ ଆମେଣ୍ଡମେଣ୍ଟ ଆଇନ ଓ ସେଡ଼ିସିଅସ ମିଟିଂ ଆଇନ ଲାଗୁ କଲେ । କେତୋଟି ମାସ ମଧ୍ୟରେ ୩୦,୦୦୦ ଜାତୀୟବାଦୀ ନେତା ବନ୍ଦୀ ହେଲେ । ୧୯୨୨ ମାର୍ଚ୍ଚ ୧୦ ତାରିଖରେ ଗାନ୍ଧିଙ୍କୁ ବନ୍ଦୀ କରାଯାଇ ୬ ବର୍ଷ କାରାଦଣ୍ଡ ଦିଆଗଲା ।

ଭାରତବାସୀଙ୍କ ମନରେ ରାଜଭକ୍ତି ଜାଗ୍ରତ କରିବାପାଇଁ ୧୯୨୧ ରେ ଭାରତ ଭ୍ରମଣରେ ଆସିଥିବା ୱେଲସର ଯୁବରାଜଙ୍କୁ ହରତାଳ, ବିକ୍ଷୋଭ ଓ ସଭାଦ୍ୱାରା ବିରୋଧ କରୁଥିବା ଲୋକମାନଙ୍କୁ ସରକାର ଦମନ କରିଥିଲେ । ଦମନ କରିବା ସମୟରେ ପୋଲିସ ୪୦ ଜଣଙ୍କୁ ହତ୍ୟା ଓ ୪୦୦ ଲୋକଙ୍କୁ ଆହତ କଲେ । ଗୁଳିମାଡ଼, ଲାଠିଚାଳନା ଓ ବେତ୍ରାଘାତ ଥିଲା ନିତ୍ୟନୈମିତ୍ତିକ ଘଟଣା । ଏତଦ୍‌ବ୍ୟତୀତ ହିନ୍ଦୁ ମୁସଲମାନ୍‌ମାନଙ୍କ ମଧ୍ୟରେ ଭେଦଭାବ ବୃଦ୍ଧିକରି ସରକାର ଏହାର ସୁଯୋଗ ନେବାକୁ ଚାହିଁଲେ । ଲର୍ଡ଼ ରିଡ଼ିଂ ଗୃହସଚିବଙ୍କ ନିକଟକୁ ଲେଖିଲେ, ‘‘ଆମେ ବିଶ୍ୱାସ କରୁଛୁ ଯେ ୭୦ ନିୟୁତ ମୁସଲମାନ୍‌ମାନଙ୍କୁ ସନ୍ତୁଷ୍ଟ କରିବା ହେଉଛି ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ।’’ ଫଳରେ ତୁର୍କୀ ସହିତ ହୋଇଥିବା ସେଭରେ ସନ୍ଧି ସରକାର ପରିବର୍ତ୍ତନ କରିବାକୁ ଚାହିଁଲେ ।

ଆନ୍ଦୋଳନର ଫଳାଫଳ (Effects of the Movement)

କେବଳ ଭାରତ ଇତିହାସରେ ନୁହେଁ, ବିଶ୍ୱ ଇତିହାସରେ 'ଅସହଯୋଗ' ଥିଲା ଏକ ନିରସ୍ତ୍ର ବିଦ୍ରୋହ । ଅବଶ୍ୟ ଏ ଆନ୍ଦୋଳନ ତା'ର ଲକ୍ଷ୍ୟଗୁଡ଼ିକ, ଯଥା ଖଲିଫାଙ୍କ ପୁନରୁତ୍ଥାନ, ପଞ୍ଜାବ ଘଟଣାର ତ୍ରୁଟି ସଂଶୋଧନ ଓ ସ୍ୱରାଜ ହାସଲ କରିବା ଦିଗରେ ବିଫଳ ହେଲା; ମାତ୍ର ସାଂଗଠନିକ ଦକ୍ଷତା, ଶୃଙ୍ଖଳାଜ୍ଞାନ ଓ ଅଭିଜ୍ଞତା ନଥାଇ ଐଶ୍ୱର୍ଯ୍ୟ, ସୈନ୍ୟସାମନ୍ତ ଓ ଦୃଢ଼ ଶାସନକଳରେ ବଳୀୟାନ ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତୀୟମାନେ ଯେଉଁ ବିପ୍ଳବ କଲେ ତା'ର ତୁଳନା ନାହିଁ । ଏହା ଥିଲା ଆତ୍ମଶକ୍ତି ଓ ପାର୍ଥିବଶକ୍ତି ଭିତରେ ସଂଘର୍ଷର ଏକ ପରୀକ୍ଷା । ସି. ଆର. ଦାସ ଲେଖିଛନ୍ତି, ''ଏହି ଅଭିଯାନ କୃତକାର୍ଯ୍ୟ ପରେ କୃତକାର୍ଯ୍ୟ ହାସଲ କରିଥିଲା; ମାତ୍ର ଏହା ଚରମ ସମୟରେ ପହଞ୍ଚିଥିବାବେଳେ ଗାନ୍ଧି ଅବ୍ୟବସ୍ଥିତ ଚିତ୍ତରେ କାର୍ଯ୍ୟ କରିଥିଲେ ।''

ଆଇନଅମାନ୍ୟ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଏହାର ଫଳାଫଳଗୁଡ଼ିକ ଥିଲା ନିମ୍ନ ପ୍ରକାରର-

୧ । ରାଜନୈତିକ ଅଧିକାର ଓ ସୁବିଧା ପାଇଁ ଗଣଚେତନା ଆସିଲା ।

୨ । ସରକାରଙ୍କ ଉପରୁ ପୂର୍ଣ୍ଣରୂପେ ବିଶ୍ୱାସ ତୁଟିଗଲା ।

୩ । ଲୋକମାନଙ୍କ ମନରେ ବିଶ୍ୱାସ ଆସିଲା ଯେ କେବଳ ଚେଷ୍ଟାଦ୍ୱାରା ହିଁ ଭାରତର ସ୍ୱାଧୀନତା ଆଶା କରାଯାଇପାରିବ ।

୪ । ଲୋକମାନଙ୍କର ହୃଦ୍‌ବୋଧ ହେଲା ଯେ କଂଗ୍ରେସ ଏକମାତ୍ର ଦଳ, ଯେ ଠିକ୍ ରୂପେ ଉଦ୍ୟମ କଲେ ସ୍ୱାଧୀନତା ଆଣିଦେଇପାରିବ ।

୫ । ଲୋକମାନଙ୍କୁ ଚୁପ୍ କରିବାରେ ଦମନମୂଳକ ପଦକ୍ଷେପ ବିଫଳ ହେଲା ।

ଏ ପର୍ଯ୍ୟନ୍ତ କଂଗ୍ରେସ କେବଳ ମାତ୍ର ଉଚ୍ଚ ଓ ମଧ୍ୟବିତ୍ତ ଲୋକମାନଙ୍କର ନିୟନ୍ତ୍ରଣରେ ଥିଲା; ମାତ୍ର ଆନ୍ଦୋଳନ ପରେ ଏହା ସବୁଶ୍ରେଣୀର ଜନତାଙ୍କ ଅନୁଷ୍ଠାନରେ ପରିଣତ ହେଲା । ଗାଁର ସାଧାରଣ ଲୋକେ ମଧ୍ୟ ଅନୁଭବ କଲେ ଯେ ସ୍ୱରାଜ ଲାଭ କରିପାରିଲେ ସେମାନଙ୍କର ଦୁଃଖ ଦୂର ହେବ । ଅଛୁଆଁ ଓ ମଦ୍ୟପାନ ବିରୁଦ୍ଧରେ ଜନମତ ପ୍ରକାଶ ପାଇଲା ଏବଂ ଖଦି ବ୍ୟବହାରର ଗୁରୁତ୍ୱ ଉପଲବ୍ଧି କରାଗଲା । ଲୋକମାନଙ୍କ ମନରୁ ଭୟଭ୍ରାନ୍ତି ଦୂର ହେଲା ଓ ସେମାନେ କର୍ମତତ୍ପର ହୋଇଉଠିଲେ । ସ୍ୱର୍ଗୀୟ ଚାକିରି ବୋଲି କୁହାଯାଉଥିବା ଭାରତୀୟ ପ୍ରଶାସନିକ ସେବାକୁ କର୍ମଚାରୀମାନେ ନିଜର ସନ୍ତାନମାନଙ୍କୁ ପଠାଇଲେ ନାହିଁ ।

ଏହି ଆନ୍ଦୋଳନ ପରେ ଉଗ୍ରଜାତୀୟତା ଭାବରେ ବାଧାପ୍ରାପ୍ତ ହେଲା । ଶିକ୍ଷାନୁଷ୍ଠାନ ବର୍ଜନ କରିବାରୁ ଛାତ୍ରମାନଙ୍କ ଜୀବନର ଗତିପଥ ବଦଳିଗଲା । ଚାକିରି ତ୍ୟାଗ କରିଥିବା

କର୍ମଚାରୀ ଓ ନିଜର ବୃତ୍ତି ଛାଡ଼ିଥିବା ଆଇନଜୀବୀମାନଙ୍କର ଆର୍ଥିକ ଅସୁବିଧା ହେଲା । ଦିଲ୍ଲୀ, ବମ୍ବେ, ପଞ୍ଜାବ ଓ ଅନ୍ୟସ୍ଥାନଗୁଡ଼ିକରେ ହିଂସାକାଣ୍ଡ ଘଟିବାରୁ ଜଣାଗଲା ଯେ ଗାନ୍ଧିଙ୍କ ଅହିଂସାର ମୂଲ୍ୟ ଲୋକମାନେ ବୁଝିପାରି ନାହାନ୍ତି । ଯାହାହେଉ ସ୍ୱରାଜ ଯେ ହାସଲ ହେବ, ଏହାକୁ ନେଇ ଲୋକମାନଙ୍କ ମନରେ ଆତ୍ମବିଶ୍ୱାସ ଆସିଲା । ଗାନ୍ଧି କହିଥିଲେ, ଯେଉଁ ଯୁଦ୍ଧ ୧୯୨୦ରେ ଆରମ୍ଭ ହେଲା, ଏହା ଶେଷ କରିଦେବା ପାଇଁ ଏକ ଯୁଦ୍ଧ, ଏକମାସ କିମ୍ବା ଏକ ବର୍ଷ, ଅଧିକ ମାସ ବା ଅଧିକ ବର୍ଷ ଲାଗିପାରେ ।

ସାଇମନ୍ କମିଶନ-୧୯୨୮ (The Simon Commission-1928)

ଲର୍ଡ଼ ରିଡ଼ିଂଙ୍କ ପରେ ଲର୍ଡ଼ ଇରଉଇନ ୧୯୨୬ ଅପ୍ରେଲ ମାସରେ ଭାରତକୁ ବଡ଼ଲାଟ ହୋଇ ଆସିଥିଲେ । ସେତେବେଳକୁ ୧୯୧୯ର ଭାରତୀୟ ଆଇନ ଉଠାଇ ଦେବାପାଇଁ ଲୋକମାନଙ୍କ ପକ୍ଷରୁ ପ୍ରବଳ ଦାବି ହେଉଥିଲା । ୧୯୨୭ ନଭେମ୍ବର ମାସରେ ବ୍ରିଟିଶ୍ ମନ୍ତ୍ରିମଣ୍ଡଳ ଘୋଷଣା କଲେ ଯେ ଶାସନକ୍ଷେତ୍ରରେ ପୁନଃସଂସ୍କାର ଆଣିବା ଓ ସଂସଦୀୟ ଗଣତନ୍ତ୍ରର ସଂପ୍ରସାରଣ କରିବା ପାଇଁ ଜନ୍ ସାଇମନ୍‌ଙ୍କ ଅଧ୍ୟକ୍ଷତାରେ ଏକ ସାତଜଣିଆ କମିଶନ ଭାରତକୁ ଆସିବେ । ଏହାକୁ ସାଇମନ୍ କମିଶନ କୁହାଯାଉଥିଲା । କମିଶନରେ ଜଣେ ହେଲେ ଭାରତୀୟ ସଭ୍ୟ ନ ଥିଲେ ।

୧୯୨୭ରେ ମାଡ୍ରାସ କଂଗ୍ରେସ ଅଧିବେଶନରେ କମିଶନକୁ ଦୃଢ଼ଭାବରେ ବିରୋଧ କରାଗଲା । କଂଗ୍ରେସର ସଭାପତି ଏସ୍. ଏ. ଆନସାରୀ କମିଶନର ଅନୁଧ୍ୟାନ କାର୍ଯ୍ୟ ବର୍ଜନ କରିବାକୁ କଂଗ୍ରେସ ପକ୍ଷରୁ ଘୋଷଣା କଲେ । କୁହାଗଲା, ସଂବିଧାନ ନିର୍ଣ୍ଣୟ କରିବାକୁ ଭାରତୀୟମାନଙ୍କର ନ୍ୟାଯ୍ୟ ଅଧିକାର ଅଛି । ଏହି କମିଶନ ନିଯୁକ୍ତି ଫଳରେ ତାଙ୍କର ଅଧିକାର କ୍ଷୁଣ୍ଣ କରାଯାଇଛି । ତେଣୁ କଂଗ୍ରେସ ଏବଂ ପ୍ରଥମେ ପ୍ରଥମେ ମୁସଲିମ୍ ଲିଗ୍ କମିଶନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଲେ । ଯେତେବେଳେ କମିଶନ ବମ୍ବେଠାରେ ପହଞ୍ଚିଲେ, (୧୯୨୮, ଫେବ୍ରୁଆରୀ ୩ ତାରିଖ) ଏହାକୁ ବିରୋଧ କରାଯାଇ ପ୍ରତିବାଦ ଶୋଭାଯାତ୍ରା କଢ଼ାଗଲା ଓ କଳା ପତାକା ପ୍ରଦର୍ଶନ କରାଗଲା । 'ସାଇମନ୍ ଫେରିଯାଅ' ଧ୍ୱନି ଦିଆଗଲା, ବିକ୍ଷୋଭ ହେଲା । ୧୯୩୦ ଜୁନ୍‌ରେ କମିଶନ ରିପୋର୍ଟ ପ୍ରଦାନ କରିଥିଲେ ।

କମିଶନର ସୁପାରିସକ୍ରମେ କେନ୍ଦ୍ରୀୟ ବିଧାନସଭା ରାଷ୍ଟ୍ରସଭା ନାମରେ ଅଭିହିତ ହେବ । ପ୍ରଦେଶଗୁଡ଼ିକରୁ ଦ୍ୱୈତଶାସନ ପ୍ରଣାଳୀ ଉଠାଇ ଦିଆଯିବ ଏବଂ ବଡ଼ଲାଟଙ୍କ ନିୟନ୍ତ୍ରଣ ମଧ୍ୟରେ ପ୍ରାଦେଶିକ ସ୍ୱାୟତ୍ତଶାସନ ପ୍ରଦାନ କରାଯିବ; ମାତ୍ର କେନ୍ଦ୍ରରେ ଏକ ଦାୟିତ୍ୱମୂଳକ ସରକାର ଗଠନକରିବା ଦିଗରେ କମିଶନ ନିରବ ରହିଲେ । ୧୯୩୦, ଅଗଷ୍ଟ ୧୫ ତାରିଖ

ଦିନ କଂଗ୍ରେସ ସାଇମନ୍ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କଲେ । ଡା. ରାଜେନ୍ଦ୍ର ପ୍ରସାଦ କମିଶନର ରିପୋର୍ଟକୁ ''ଲାଞ୍ଛନା ଓ ପ୍ରବଞ୍ଚନା''ର ପ୍ରତୀକ ବୋଲି ମତ ଦେଲେ ।

ନେହେରୁ କମିଟି ରିପୋର୍ଟ (The Report of Nehru Committee)

ରାଜନୀତିଜ୍ଞମାନଙ୍କ ଆଗରେ ଦୁଇଟି ପ୍ରଶ୍ନଥିଲା-ବ୍ରିଟିଶ୍ ରାଜତନ୍ତ୍ରତଳେ ଭାରତ ଏକ ଶାସନାଧୀନ ଦେଶରୂପେ ରହିବ କିମ୍ବା ପୂର୍ଣ୍ଣ ସ୍ୱରାଜ ପାଇଁ ସଂଗ୍ରାମ କରିବ ? ଭାରତର କେତେକ ଜାତୀୟବାଦୀ ନେତା ଭାରତ ଶାସନାଧୀନ ରାଜ୍ୟପଦ ବା ଅଧିରାଜ୍ୟ ବା ଡୋମିନିଅନ ପଦ (Dominion Status) ପାଇବା ପାଇଁ ଆଗ୍ରହୀ ହେଲେ । ଭାରତୀୟ ସଂବିଧାନର ନୀତି ନିୟମ ନିର୍ଦ୍ଧାରଣ କରିବାପାଇଁ ମୋତିଲାଲ ନେହେରୁଙ୍କ ନେତୃତ୍ୱରେ ଏକ ସବ୍‌କମିଟି ଗଠିତ ହେଲା । ସାଇମନ୍ କମିଶନ ଭାରତରେ ଭ୍ରମଣ କରୁଥିବାବେଳେ 'ନେହେରୁ କମିଟି' ରିପୋର୍ଟ ପ୍ରଦାନ କଲା ।

ଭାରତୀୟମାନଙ୍କୁ ମତବ୍ୟକ୍ତ କରିବା ଅଧିକାର ଘୋଷଣା, ଏକ ସଂସଦୀୟ ସରକାର ଗଠନ, ସାବାଳକ ଭୋଟପ୍ରଥା, କେନ୍ଦ୍ର ଓ ପ୍ରଦେଶଗୁଡ଼ିକ ମଧ୍ୟରେ ବିଭାଗ ବଣ୍ଟନ, ଭାଷାକୁ ନେଇ ପ୍ରଦେଶର ସୀମାନିର୍ଦ୍ଧାରଣ, ଏକ ସ୍ୱାଧୀନ ନ୍ୟାୟପାଳିକା ପ୍ରଭୃତି କମିଟିର ମୁଖ୍ୟ ସୁପାରିସମାନ ଥିଲା । କମିଟି ସାମ୍ପ୍ରଦାୟିକ ନିର୍ବାଚନମଣ୍ଡଳୀ ବ୍ୟବସ୍ଥା ପରିହାର କରିଥିଲା, ଏବଂ ଉଭୟ କେନ୍ଦ୍ର ଓ ପ୍ରଦେଶ ପାଇଁ ମିଳିତ ନିର୍ବାଚନମଣ୍ଡଳୀ ସୁପାରିସ କଲା । ଅଧିରାଜ୍ୟ ବା ଡୋମିନିଅନ ପଦ ଥିଲା ଭାରତର ଆଶୁଲକ୍ଷ୍ୟ ।

ମାତ୍ର ଜବାହରଲାଲ ନେହେରୁ ଓ ସୁଭାଷବୋଷଙ୍କ ପରି ତରୁଣ ଗୋଷ୍ଠୀ ଡୋମିନିଅନ ପଦ ଉଚିତ ମନେକଲେନାହିଁ । ଏକ ଲିଗ୍ ଗଠନ କରି ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇବାର ଅଭିଳାଷ ରଖିଲେ । ଡୋମିନିଅନ ପଦ ଓ ପୂର୍ଣ୍ଣସ୍ୱରାଜକୁ ନେଇ ନେତାମାନଙ୍କ ମଧ୍ୟରେ ତୁମୁଳ ତର୍କ ବିତର୍କ ଚାଲିଲା । ଡୋମିନିଅନ ପଦ ଭୟାଳୁମାନଙ୍କର ଆଦର୍ଶ ବୋଲି ଜବାହରଲାଲ ନେହେରୁ ବର୍ଣ୍ଣନା କରିଥିଲେ । ଶେଷରେ ମହାତ୍ମାଗାନ୍ଧି ପ୍ରସ୍ତାବଦେଲେ ଯେ ଯଦି ମାତ୍ର ଗୋଟିଏ ବର୍ଷ, ଅର୍ଥାତ୍ ୧୯୨୯ ସୁଦ୍ଧା ସରକାର ଡୋମିନିଅନ ପଦ ପ୍ରଦାନ ନ କରିବେ, ତେବେ କଂଗ୍ରେସ ପୂର୍ଣ୍ଣ ସ୍ୱରାଜପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ଲାହୋର କଂଗ୍ରେସ ଓ ପୂର୍ଣ୍ଣ ସ୍ୱରାଜ ଦାବି-୧୯୨୯ :

ମେ ମାସରେ ଇଂଲଣ୍ଡରେ ଶ୍ରମିକଦଳ କ୍ଷମତାକୁ ଆସିଥିଲା । ପ୍ରଧାନମନ୍ତ୍ରୀ ମ୍ୟାକଡ଼ୋନାଲଡ଼ ଭାରତ ପାଇଁ ଏକ ନୂଆନୀତି ଘୋଷଣା କରିବାକୁ ତତ୍ପର ହୋଇଉଠିଲେ । ବ୍ରିଟିଶ୍ ସରକାରଙ୍କ ତରଫରୁ ଏକ ବିବୃତି ଦେଇ ବଡ଼ଲାଟ ଇରଉଇନ ଘୋଷଣା କଲେ ଯେ ଭାରତର ସାମ୍ବିଧାନିକ ଅଧିକାର ଦୃଷ୍ଟିରୁ ଡୋମିନିଅନ ପଦ ବିଷୟ ବିଚାରକୁ ନିଆଯିବ । ଭାରତ

ପାଇଁ ଏକ ସମ୍ବିଧାନ ପ୍ରସ୍ତୁତ କରିବା ପ୍ରସଙ୍ଗରେ ଆଲୋଚନା କରିବା ନିମନ୍ତେ ଭାରତ ଓ ବ୍ରିଟେନର ପ୍ରତିନିଧିମାନେ ଲଣ୍ଡନଠାରେ ଏକ ଗୋଲଟେବୁଲ ବୈଠକରେ ମିଳିତ ହେବେ । ଗାନ୍ଧି ଓ ତାଙ୍କର ବରିଷ୍ଠ ସହକର୍ମୀମାନେ ଏ ଘୋଷଣାକୁ ସ୍ୱାଗତ କଲେ; ମାତ୍ର କଂଗ୍ରେସର ତରୁଣ ନେତାମାନେ ଏଥିପ୍ରତି ସନ୍ଦେହ ପ୍ରକାଶ କରିଥିଲେ । ସବୁଠାରୁ ସନ୍ଦେହଜନକ କଥା ହେଲା- ସାଇମନ୍ କମିଶନ ରିପୋର୍ଟରେ ଡୋମିନିଅନ ପଦର ସୂଚନା ମଧ୍ୟ ନଥିଲା ।

୧୯୨୯ ଡିସେମ୍ବରରେ, ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ ଜବାହରଲାଲ ନେହେରୁଙ୍କ ସଭାପତିତ୍ୱରେ 'ପୂର୍ଣ୍ଣ ସ୍ୱରାଜ' ପ୍ରସ୍ତାବ ଆଗତ କରାଗଲା । 'ମୋତିଲାଲ ନେହେରୁ କମିଟି' ସୁପାରିସ କରିଥିବା ଡୋମିନିଅନ ପଦ ବାତିଲ ହେଲା । ଅତୀବ ଭାବପ୍ରବଣ ହୋଇ ନେହେରୁ କହିଲେ, ''ବ୍ରିଟିଶ୍ ସାମ୍ରାଜ୍ୟର ଆଲିଙ୍ଗନ ହେଉଛି ଏକ ଭୟାବହ ବ୍ୟାପାର, ଏକ ଜୀବନ ସଞ୍ଚାରକ ଶ୍ରଦ୍ଧାର ଆଲିଙ୍ଗନ ନୁହେଁ, କି ହୋଇପାରିବ ନାହିଁ ।''

ସେହି ଐତିହାସିକ ଅଧିବେଶନରେ ୩୧ ତାରିଖ ଦିନ ଗାନ୍ଧିଜୀ ପୂର୍ଣ୍ଣ ସ୍ୱରାଜ ଉପରେ ପ୍ରସିଦ୍ଧ ପ୍ରସ୍ତାବ ଆଗତ କରିଥିଲେ ଏବଂ ସୂଚେଇ ଦେଲେ ଯେ ଭାରତରେ ଖୁବ୍ ଶୀଘ୍ର ଏକ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେବ । ସେଦିନ ରାତ୍ରିରେ ଏକ ବିଶାଳ ଜନତା ସମ୍ମୁଖରେ ଜବାହର ରାବୀ ନଦୀକୂଳରେ ଜାତୀୟ ତ୍ରିରଙ୍ଗ ପତାକା ଉନ୍ମୋଚନ କଲେ । 'ଇନକିଲାବ, ଜିନ୍ଦାବାଦ' ଧ୍ୱନି ମଧ୍ୟରେ ସେ କହିଲେ- ''ବ୍ରିଟିଶ୍ ଶାସନ ନିକଟରେ ଆଉ ବେଶିଦିନ ଆତ୍ମସମର୍ପଣ କରିବାର ଅର୍ଥ ହେଉଛି ଉଭୟ ମନୁଷ୍ୟ ଓ ଭଗବାନ୍‌ଙ୍କ ବିରୁଦ୍ଧରେ ଅପରାଧ ।'' ୧୯୩୦, ଜାନୁଆରୀ ୨୬ ତାରିଖ ଦିନଟିକୁ ସମଗ୍ର ଦେଶରେ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା । ଝାଳ ଓ ରକ୍ତରେ ଅବଗାହନ କରିବାକୁ ପୁଣିଥରେ ଆଗେଇ ଚାଲିଲା ଭାରତ ।

ସେତେବେଳେ ମହାତ୍ମାଗାନ୍ଧି 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଭାରତର ଶାସନ ସଂସ୍କାର ପାଇଁ ୧୧ଟି ପ୍ରସ୍ତାବ ଦେଇଥିଲେ । ସରକାର ତାଙ୍କର ସମସ୍ତ ପ୍ରସ୍ତାବ ଗ୍ରହଣ ନକଲେ, ଗାନ୍ଧିଜୀ ବଡ଼ଲାଟଙ୍କୁ ଚେତାବନୀ ଦେଇ କହିଲେ ଯେ ସେ ବାଧ୍ୟ ହୋଇ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବେ ।

ଆଇନ ଅମାନ୍ୟ ଆନ୍ଦୋଳନ
(The Civil Disobedience Movement)

୧୯୩୦, ଫେବ୍ରୁଆରୀମାସରେ କଂଗ୍ରେସ କାର୍ଯ୍ୟକାରୀ ବୈଠକ ସାବରମତୀ ଠାରେ ଆହୂତ ହୋଇଥିଲା । ଆଇନ ଅମାନ୍ୟ ଆନ୍ଦୋଳନ ପରିଚାଳନା କରିବାପାଇଁ ସେଠାରେ ଗାନ୍ଧିଙ୍କୁ ପ୍ରଭୂତ କ୍ଷମତା ଅର୍ପଣ କରାଗଲା । ଆନ୍ଦୋଳନର ପ୍ରାଧାନ୍ୟ ସୂଚେଇବାକୁ ଯାଇ ଗାନ୍ଧିଜୀ କହିଥିଲେ, ''କେବଳ ମାତ୍ର ଆଇନ ଅମାନ୍ୟ ଆନ୍ଦୋଳନ ହିଁ ଦେଶକୁ ଆସନ୍ନ ଅରାଜକତା ଓ

ଆଇନଶୂନ୍ୟତାରୁ ରକ୍ଷା କରିପାରିବ ।'' ୧୯୩୦, ମାର୍ଚ୍ଚ ୨ ତାରିଖରେ ବ୍ରିଟିଶ୍ ଶାସନକୁ କଠୋର ସମାଲୋଚନା କରି ଗାନ୍ଧିଜୀ ବିନମ୍ରତାର ସହିତ ବଡ଼ଲାଟଙ୍କ ପାଖକୁ ଲେଖିଥିଲେ ଯେ ଭାରତର ନିୟୁତ ନିୟୁତ ମୂକ ଜନତା କ୍ରମାନ୍ୱୟ ଭାବେ ଲାଗିରହିଥିବା ଶୋଷଣରେ ନିଃସ୍ୱ ହୋଇଗଲେଣି । ସାମରିକ ଓ ସାଧାରଣ ପ୍ରଶାସନରେ ହେଉଥିବା ଅର୍ଥବ୍ୟୟ ଭାରତୀୟମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲାଣି । ରାଜନୈତିକ ଦୃଷ୍ଟିରୁ ଏ ଶାସନ ଭାରତୀୟମାନଙ୍କୁ କ୍ରୀତଦାସରେ ପରିଣତ କରିଦେଉଛି । ବଡ଼ଲାଟ ଗାନ୍ଧିଙ୍କ ୧୧ ଦଫା ସମ୍ୱଳିତ ଶାସନ ସଂସ୍କାର ଗ୍ରହଣ ନ କରିବାରୁ ଗଣ ଆଇନ ଅମାନ୍ୟ ଅବଶ୍ୟମ୍ଭାବୀ ହୋଇପଡ଼ିଲା ।

ଲବଣ ସତ୍ୟାଗ୍ରହ :

ଭାରତୀୟମାନଙ୍କୁ ସମୁଦ୍ର ପାଣିରୁ ଲୁଣମାରିବା ନିମନ୍ତେ ସରକାର ଆଇନଦ୍ୱାରା ବାରଣ କରିଥିଲେ । ତା' ସହିତ କେବଳ ସରକାରୀ କାରଖାନାରେ ପ୍ରସ୍ତୁତ ହେଉଥିବା ଲୁଣ କ୍ରୟ କରିବାପାଇଁ ସମସ୍ତଙ୍କୁ ବାଧ୍ୟ କରାଯାଉଥିଲା । ଲୁଣ କିଣିବା ସହିତ ଲୋକମାନଙ୍କୁ ଲୁଣ କର ଦେବାକୁ ପଡୁଥିଲା । ୧୯୨୩ ଖ୍ରୀଷ୍ଟାବ୍ଦରେ ସରକାର ଲୁଣକରକୁ ଦ୍ୱିଗୁଣ କରିଦେଇଥିଲେ । ଗାନ୍ଧିଜୀ ଲବଣ ଆଇନଭଙ୍ଗ କରିବାକୁ ଚାହିଁଥିଲେ; କାରଣ ସେ ଜାଣିଥିଲେ ଯେ ଲବଣ ଆଇନ ପରି ଅନ୍ୟ କୌଣସି ଆଇନ ଏତେ ବ୍ୟାପକରୂପେ ସମସ୍ତଙ୍କୁ ଜଣାନଥିଲା । ୧୯୩୦, ମାର୍ଚ୍ଚ ୧୨ ତାରିଖ ଦିନ ଆଲାହାବାଦର ସାବରମତୀ ଆଶ୍ରମରୁ ୨୪୧ ମାଇଲ ଦୂରତ୍ୱ ବିଶିଷ୍ଟ ଗୁଜୁରାଟ ଉପକୂଳର କ୍ଷୁଦ୍ରଗ୍ରାମ ଦାଣ୍ଡିଯାଏ ଗାନ୍ଧି ଯାତ୍ରା ଆରମ୍ଭ କଲେ । ଏହି ଯାତ୍ରା ଥିଲା ଇତିହାସ ପ୍ରସିଦ୍ଧ ଦାଣ୍ଡିଯାତ୍ରା । ୬୧ ବର୍ଷୀୟ ଗାନ୍ଧିଜୀଙ୍କ ହାତରେ ଥିଲା ବାଉଁଶ ବାଡ଼ି, ସାଥୀରେ ୭୯ଜଣ ପୁରୁଷ ଓ ମହିଳା କର୍ମୀ । ଅସଂଖ୍ୟ ଜନତା ଦାଣ୍ଡିଯାତ୍ରା ଦେଖିବାକୁ ଓ ଗାନ୍ଧିଜୀଙ୍କୁ ସମ୍ୱର୍ଦ୍ଧନା ଦେବାକୁ ଆଗେଇ ଆସିଥିଲେ । ଗାନ୍ଧିଙ୍କର ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ନେହେରୁ ଯୁବସମାଜକୁ ଆହ୍ୱାନ ଦେଇ କହିଲେ, ''ତୁମ ସମ୍ମୁଖରେ ଯୁଦ୍ଧକ୍ଷେତ୍ର, ଭାରତର ପତାକା ତୁମକୁ ସଙ୍କେତ ଦେଉଛି, ତୁମର ଆଗମନ ପାଇଁ ସ୍ୱାଧୀନତା ଅପେକ୍ଷାରତ । ଯଦି ଭାରତ ନଥିବ, କିଏ ବା ବଞ୍ଚିବ ?''

ଏହି ସୁ-ପ୍ରସିଦ୍ଧଯାତ୍ରା ସମୟରେ ମୋତିଲାଲ ନେହେରୁ କଂଗ୍ରେସକୁ ଆନନ୍ଦଭବନ ଉପହାର ଦେବାକୁ ସିଦ୍ଧାନ୍ତ ନେଇଥିଲେ, ଏବଂ କଂଗ୍ରେସର ସଭାପତି ରୂପେ ଜବାହରଲାଲ ପିତାଙ୍କ ଠାରୁ ୧୯୩୦, ଅପ୍ରେଲ ୬ ତାରିଖ ଦିନ ଏହି ଉପହାର ଗ୍ରହଣ କରିଥିଲେ । ଏହି ଐତିହାସିକ ଦିନରେ ମହାତ୍ମାଗାନ୍ଧି ସମୁଦ୍ର ଭିତରେ ପ୍ରବେଶ କରି ଲୁଣମାରି ଲବଣ ଆଇନ ଭଙ୍ଗ କରିଥିଲେ । ସରୋଜିନୀ ନାଇଡୁ କହିଲେ, ''ସ୍ୱାଗତଂ ଆଇନ ଭଙ୍ଗାଳି ।''

ସାରାଦେଶ ସ୍ପନ୍ଦିତ ହେଲା । ସମସ୍ତ ଦେଶବାସୀ ଲବଣ ଆଇନ ଭାଙ୍ଗିବା ନିମିତ୍ତ ଗାନ୍ଧିଜୀ ଯେପରି ଏକ ଘଣ୍ଟା ପିଟିଦେଲେ । ତାଙ୍କର ଗାଁ'ରୁ ଗାଁ' ଯାତ୍ରା ଏବଂ ତା'ର ବହୁଳ ପ୍ରଚାରରେ ଦେଶବାସୀ ସ୍ୱତଃ ପ୍ରବୃତ୍ତ ଜାଗ୍ରତ ହେଲେ ଏବଂ ବାସ୍ତବ କ୍ଷେତ୍ରରେ ସାରା ଦେଶରେ ସ୍ୱରାଜ ପାଇଁ ସଂଗ୍ରାମ ଘନେଇ ଆସିଲା । ଚରଖାରେ ସୂତାକାଟିବା ଏବଂ ବିଦେଶୀ ଦ୍ରବ୍ୟ ବା ମଦ୍ୟ ଦୋକାନ ଓ ସରକାରୀ ଅନୁଷ୍ଠାନ ସମ୍ମୁଖରେ ଧାରଣା ଦେବାକୁ ଗାନ୍ଧି ଆହ୍ୱାନ ଦେଲେ । ସୁରାଟ ଜିଲ୍ଲାର ଧରସନ ଲବଣଗୋଦାମ ସମ୍ମୁଖରେ ସତ୍ୟାଗ୍ରହ କରିବା ନିମନ୍ତେ ମହାତ୍ମାଗାନ୍ଧି ଘୋଷଣା କଲେ; ମାତ୍ର ମେ ୫ ତାରିଖରେ ତାଙ୍କୁ ଗିରଫ କରାଗଲା । ମୁସଲମାନ୍ ନେତା ତୟାବଜୀ ଗିରଫ ହେବାପରେ ଧରସନ ସତ୍ୟାଗ୍ରହ ଶ୍ରୀମତୀ ନାଇଡୁ ପରିଚାଳନା କରିଥିଲେ । ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । ମନ୍ଥର ଗତିରେ ଓ ନିର୍ବାକଭାବରେ ଲବଣଗୋଲା ପର୍ଯ୍ୟନ୍ତ ଅର୍ଦ୍ଧମାଇଲ ପଥରେ ଜନତାର ଭିଡ଼ ଲାଗିଗଲା । ଚାରିଶହ ସୁରାଟ ପୋଲିସଙ୍କ ହାତରେ ଥିଲା ଲୁହା ଗୋବଥିବା ପାଞ୍ଚହାତିଆ ଠେଙ୍ଗା । ସତ୍ୟାଗ୍ରହୀମାନଙ୍କୁ ପୋଲିସ ବର୍ବରଙ୍କ ପରି ପ୍ରହାର କଲା, ନେତାମାନଙ୍କୁ ଗିରଫ କଲା । 'ନ୍ୟୁୟର୍କ ଟେଲିଗ୍ରାମ୍'ର ଜଣେ ଆମେରିକୀୟ ସାମ୍ବାଦିକ ମିଲରଙ୍କ ଭାଷାରେ, ''ଏକ ଏକ ସମୟରେ ଅପ୍ରତିରୋଧୀ ଲୋକମାନଙ୍କୁ ଯେପରି ଭାବରେ ମେଞ୍ଚାଏ ରକ୍ତାକ୍ତ ପଦାର୍ଥରେ ପରିଣତ କରିଦିଆଯାଉଥିଲା, ସେ ଦୃଶ୍ୟ ମୁଁ ସହ୍ୟ କରିନପାରି ସେଠାରୁ ପଳାଇ ଆସିବାକୁ ବାଧ୍ୟହେଲି-ମୋର ଅନ୍ତର ଅମାପ କ୍ରୋଧ ଓ ଘୃଣାରେ କୁହୁଳି ଉଠିଥିଲା ।''

ଆନ୍ଦୋଳନର ପ୍ରସାର (Spread of the Movement)

ପ୍ରଥମେ ସରକାର ଓ ତାଙ୍କର ଅନୁଚରମାନେ ଗାନ୍ଧିଙ୍କ ଦାଣ୍ଡିଯାତ୍ରାକୁ ଘୃଣା ଓ ପରିହାସ କରି ଉଡ଼ାଇ ଦେଉଥିଲେ । ଷ୍ଟେଟସମ୍ୟାନର ସମ୍ପାଦକ ବିଦ୍ରୂପକରି ଲେଖିଥିଲେ, ''ଡୋମିନିଅନ ପଦ ପାଇବା ପର୍ଯ୍ୟନ୍ତ ମହାତ୍ମା ସମୁଦ୍ର ପାଣି ଫୁଟାଇବାକୁ ଯାଉଥିବେ ।'' ଆନ୍ଦୋଳନ ବ୍ୟାପିବାର ଦେଖି ସେମାନଙ୍କ ବ୍ୟଙ୍ଗୋକ୍ତିର ସମାପ୍ତି ଘଟିଲା, ଏବଂ ସେମାନଙ୍କ ମନରେ ଶଙ୍କା ଆସିଥିଲା । କଂଗ୍ରେସ ନେତା କେଲାପାନଙ୍କ ନେତୃତ୍ୱରେ ମାଲବାରଠାରେ ଏକ ଲବଣ ଶୋଭାଯାତ୍ରା କଢ଼ାଯାଇ ନିଆଗଲା । ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ ସଫଳତା ହାସଲ କରିଥିଲା । ଯେଉଁ ସ୍ଥାନରେ ଲବଣ ଆଇନ ଭାଙ୍ଗିବାର ସୁବିଧା ନଥିଲା, ସେଠାରେ ଲୋକମାନେ ସରକାରଙ୍କର ଅନ୍ୟ ଆଇନଗୁଡ଼ିକ ଭାଙ୍ଗିବାକୁ ଆଗେଇ ଆସିଥିଲେ । ବଙ୍ଗଳା, ବିହାର ଓ ଓଡ଼ିଶାରେ ବିଦେଶୀ ବସ୍ତ୍ର ବର୍ଜନ କରାଯାଇଥିଲା । କର୍ଣ୍ଣାଟକ, ଗୁଜୁରାଟ, ମାଡ୍ରାସ ଓ ବମ୍ବେଠାରେ ଲୋକମାନେ ଖଜଣାବନ୍ଦ ନିଷ୍ପତ୍ତି ନେଲେ । ଉତ୍ତରପ୍ରଦେଶରେ ପ୍ରଜା ଓ ଜମିଦାରମାନଙ୍କୁ ଖଜଣାବନ୍ଦ କରିବା ପାଇଁ ଆହ୍ୱାନ ଦିଆଗଲା । ମଧ୍ୟପ୍ରଦେଶରେ ଜଙ୍ଗଲ କର ବିରୁଦ୍ଧରେ

ଆନ୍ଦୋଳନ ହେଲା । ବିହାରର ଏକ ବିସ୍ତୃତ ଅଞ୍ଚଳରେ ଚୌକିଦାରି କର ବନ୍ଦ ହେଲା । କରଛାଡ଼ ଆନ୍ଦୋଳନ ସହ ବିହାରର ଚମ୍ପାରଣ, ସରନ, ମୁଜାଫରପୁର, ପାଟନା ଏବଂ ସାହାବାଦ ପ୍ରଭୃତି ଜିଲ୍ଲାଗୁଡ଼ିକରେ ବିଦେଶୀ ବସ୍ତ୍ର ଓ ମଦ୍ୟ ବର୍ଜନ କରାଗଲା ।

ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳରେ ଆଇନଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସୀମାନ୍ତଗାନ୍ଧି ଗଫୁର ଖାଁ । ସେ 'ଖୁଦାଇ ଖିଦମତ ଗାର' ଅର୍ଥାତ୍ 'ଭଗବାନ୍‌ଙ୍କର ସେବକମଣ୍ଡଳୀ' ନାମରେ ଏକ ଜାତୀୟବାଦୀ ଶାଖା ଗଠନ କରିଥିଲେ । ସେମାନେ ଥିଲେ ନାଲିକୁର୍ତ୍ତା ବାହିନୀ । ସୀମାନ୍ତ ଗାନ୍ଧି ଓ ଅନ୍ୟ ନେତାମାନଙ୍କର ଗିରଫକୁ ପ୍ରତିବାଦ କରି ପେଶବାରଠାରେ ପ୍ରବଳ ବିଦ୍ରୋହ ଆରମ୍ଭ ହେଲା । ଦକ୍ଷିଣ ମହାରାଷ୍ଟ୍ରର ସୋଲାପୁରଠାରେ ଆଉ ଏକ ଗଣବିପ୍ଳବ ଆରମ୍ଭ ହୋଇଥିଲା । ବମ୍ବେଠାରେ ତିଳକଙ୍କ ମୃତ୍ୟୁବାର୍ଷିକ ପାଳନ ପାଇଁ ଏକ ଶୋଭାଯାତ୍ରା କଢ଼ାଇ ନିଆଯାଇଥିଲା । ନାଗାଲାଣ୍ଡର ରାଣୀ ଚୈଦିନଲିଙ୍କ ନେତୃତ୍ୱରେ ମଣିପୁରୀ ଓ ନାଗାମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ ।

୧୯୩୦, ଅପ୍ରେଲ ୧୦ ତାରିଖରେ 'ୟଙ୍ଗଇଣ୍ଡିଆ' ମାଧ୍ୟମରେ ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ଗାନ୍ଧିଜୀ ଭାରତୀୟ ନାରୀମାନଙ୍କୁ ସ୍ୱତନ୍ତ୍ର ଭାବରେ ନିବେଦନ କରିଥିଲେ । ଚରଖାରେ ସୂତାକାଟିବା ଏବଂ ବିଦେଶୀ ଦ୍ରବ୍ୟ ବା ମଦ୍ୟ ଦୋକାନ ଓ ସରକାରୀ ଅନୁଷ୍ଠାନ ସମ୍ମୁଖରେ ଧାରଣା ଦେବାକୁ ଗାନ୍ଧି ଆହ୍ୱାନ ଜଣାଇଲେ । ନାରୀଶକ୍ତିକୁ ଜାଗରିତ କରି ବିଜୟଲକ୍ଷ୍ମୀ ପଣ୍ଡିତ, ସ୍ୱରୂପରାଣୀ ଓ କମଳା ପ୍ରଭୃତି ଲବଣ ସତ୍ୟାଗ୍ରହ ତ୍ୱରାନ୍ୱିତ କରିଥିଲେ । ବହୁସଂଖ୍ୟାରେ ନାରୀମାନେ ଆନ୍ଦୋଳନରେ ଯୋଗ ଦେଲେ ଏବଂ ଗିରଫ ହେବାକୁ ଆଗେଇ ଆସିଲେ । ମେରୀ କ୍ୟାମ୍ପବେଲ କହିଲେ, ଦିଲ୍ଲୀଠାରେ ମହିଳାମାନେ ଜାଗିଉଠିଛନ୍ତି ଏବଂ ୧୬ ଶହ ମହିଳା ଗିରଫ ହୋଇଛନ୍ତି । ବମ୍ବେର ମହିଳାମାନେ ଆନ୍ଦୋଳନରେ ଯୋଗଦେଲେ, ଗୁଜୁରାଟର ମହିଳାମାନେ ଲୁଣ ମାରିଥିଲେ ଏବଂ କଲିକତାରେ ମହିଳାମାନେ ସତ୍ୟାଗ୍ରହ ସମିତି ଗଠନ କରିଥିଲେ । ନେହେରୁ 'ଡିସ୍‌କଭରୀ ଅଫ୍ ଇଣ୍ଡିଆ'ରେ ଲେଖିଥିଲେ, ''ଅଧିକାଂଶ ପୁରୁଷଲୋକ ଜେଲ୍‌ରେ ଥିଲେ । ତା' ପରେ ଏକ ବିଶେଷ ଘଟଣା ଘଟିଗଲା । ଆମର ସ୍ତ୍ରୀ ଲୋକମାନେ ଆଗକୁ ଆସିଲେ ଏବଂ ସଂଗ୍ରାମ କରିବାର ଦାୟିତ୍ୱ ନେଲେ ।''

ଆଇନ ଅମାନ୍ୟ ଆନ୍ଦୋଳନରେ ମୁସଲମାନ୍‌ମାନେ ଯୋଗଦେବା ଥିଲା ଏକ ବିଶେଷତ୍ୱ । ୧୨ ହଜାର ମୁସଲମାନ୍ ଆନ୍ଦୋଳନ ସମୟରେ ଜେଲ୍‌ରେ ଭର୍ତ୍ତି ହୋଇଥିଲେ । ଆନ୍ଦୋଳନ ଅହିଂସା ଉପରେ ଆଧାରିତ ହୋଇଥିଲେ ମଧ୍ୟ ବିପ୍ଳବୀମାନେ ହିଂସାର ଆଶ୍ରୟ ନେଇଥିଲେ । ଜାତୀୟବାଦୀ ନେତା, କମ୍ୟୁନିଷ୍ଟ, ଅମଲା, ଚରମପନ୍ଥୀ, ନରମପନ୍ଥୀ ଏବଂ ମୁସଲିମ୍ ଲିଗ୍‌ର ସମର୍ଥକ-ସମସ୍ତଙ୍କ ପ୍ରାଣରେ ଏ ଆନ୍ଦୋଳନ ଜାତୀୟ ଉନ୍ମାଦନା ସୃଷ୍ଟି କଲା । ପ୍ରତ୍ୟେକ ଭାରତୀୟଙ୍କ ଲକ୍ଷ୍ୟ ଥିଲା ସ୍ୱାୟତ୍ତଶାସନ ଲାଭ କରିବା ।

ଆନ୍ଦୋଳନର ଦମନ (Repression of the Movement)

ସରକାରଙ୍କ ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଛ' ନିୟୁତ ଲୋକଙ୍କୁ ଜେଲ୍ ମଧ୍ୟରେ ନିକ୍ଷେପ କରାଗଲା । ଲାଠିପ୍ରହାର ଓ ଗୁଳିମାଡ଼ ହେଲା । ସଭା ଓ ଶୋଭାଯାତ୍ରା ବାରଣ କରାଗଲା । ମେ ୫ ତାରିଖରେ ମହାତ୍ମାଗାନ୍ଧି ଗିରଫ ହେଲେ । ରାଜଗୋପାଳଚାରୀ, ଏମ୍. ଏମ୍. ମାଲବ୍ୟ, ଜେ. ଏମ୍. ସେନଗୁପ୍ତ, ବି. ଜି. ଖେର୍, କେ. ଏମ୍. ମୁନ୍‌ଶି, ମହାଦେବ ଦେଶାଇ, ବିଠଲ ଭାଇ ପଟେଲ ଆଦି ବିଶିଷ୍ଟ ନେତାମାନଙ୍କୁ ଗିରଫ କରାଗଲା । ୧୯୧୦ର ପ୍ରେସ୍ ଆଇନ ପୁନଃ ପ୍ରଚଳନ କରାଯାଇ ସମ୍ବାଦପତ୍ର ଓ ପ୍ରେସ୍‌ଗୁଡ଼ିକ ବନ୍ଦ କରିଦିଆଗଲା । ଧରସନ ସତ୍ୟାଗ୍ରହ ଦମନ ସମୟରେ ଦୁଇଜଣ ନିହତ ଏବଂ ୩୨୦ ଜଣ ଆହତ ହୋଇଥିଲେ । 'ଚିକାଗୋଟ୍ରିବ୍ୟୁନ'ର ସାମ୍ବାଦିକ ଏଲ. ସାଇରେର୍ ବମ୍ବେ, କଲିକତା, ଦିଲ୍ଲୀ, ଲାହୋର ଓ ଅନ୍ୟ ସ୍ଥାନଗୁଡ଼ିକରେ ପୋଲିସର ଲାଠିପ୍ରହାର ଦେଖି ଲେଖିଲେ, "ଏହା ଏକ ମର୍ମାନ୍ତିକ ଦୃଶ୍ୟ ଥିଲା । ଅସାଧାରଣ ଧୀଶକ୍ତିସମ୍ପନ୍ନ ଗାନ୍ଧି ସେମାନଙ୍କୁ ଶିକ୍ଷା ଦେଇଥିବା ଅହିଂସାର ଚମତ୍କାର ଶୃଙ୍ଖଳାରେ ମୁଁ ବିସ୍ମିତ ହେଲି । ପ୍ରହାର ଖାଇ ସେମାନେ ପଛଘୁଞ୍ଚା ଦେଲେନାହିଁ । ଏପରିକି ଲାଠି ଆଘାତରୁ ମୁହଁ ଓ ମୁଣ୍ଡ ଘୋଡ଼ାଇବାକୁ ଚେଷ୍ଟା କରିବା ବ୍ୟତୀତ ସେମାନେ ନିଜକୁ ରକ୍ଷା କଲେ ନାହିଁ । ଫଳରେ ଇଂଲଣ୍ଡ ଶକ୍ତିହୀନ ହେଲା ଓ ଭାରତର ବିଜୟ ହେଲା ।"

ଆନ୍ଦୋଳନର ଫଳାଫଳ (Effects of the Movement)

ବଡ଼ଲାଟ ୧୯୩୦, ଜୁନ୍ ମାସରେ ବ୍ରିଟିଶ୍ ସରକାରଙ୍କ ନିକଟକୁ ଲେଖିଲେ- "ମୋର ବିଶ୍ୱାସ ଆମେ କେବଳ ଦମନମୂଳକ ପନ୍ଥା ଦ୍ୱାରା ପ୍ରକୃତ ସମସ୍ୟାର ସମାଧାନ କରିପାରିବୁନାହିଁ । ତେଣୁ ଗଠନମୂଳକ କାର୍ଯ୍ୟ ପାଇଁ ସମ୍ଭାବନାମାନ ପରୀକ୍ଷା କରି ଦେଖିବାକୁ ହେବ ।" ଇଂଲଣ୍ଡରେ ଉଭୟ ଭାରତ ଓ ବ୍ରିଟିଶ୍ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭାରତକୁ ଔପନିବେଶିକ ସ୍ୱାୟତ୍ତଶାସନ ଦେବା ବିଷୟରେ ଆଲୋଚନା କରିବାକୁ ସରକାର ଗୋଲଟେବୁଲ ବୈଠକ ଡକାଇଥିଲେ ।

ପ୍ରଥମ ଗୋଲଟେବୁଲ ବୈଠକ
(The First Round Table Conference)

୧୯୩୦ ନଭେମ୍ବର ୧୨ ତାରିଖରେ ଲଣ୍ଡନରେ ପ୍ରଧାନମନ୍ତ୍ରୀ ରାମସେ ମ୍ୟାକ୍ ଡୋନାଲ୍ଡଙ୍କ ସଭାପତିତ୍ୱରେ ପ୍ରଥମ ଗୋଲଟେବୁଲ ବୈଠକ ଆରମ୍ଭ ହୋଇଥିଲା । ବୈଠକରେ ୮୯ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ବୈଠକକୁ କଂଗ୍ରେସ ବାସନ୍ଦ କରିଥିଲା । ପ୍ରସ୍ତାବ ହେଲା, ସଂଘୀୟ ରାଜ୍ୟମାନଙ୍କୁ ନେଇ ସଂସଦୀୟ ପଦ୍ଧତି ଅନୁଯାୟୀ ସରକାର ଗଢ଼ାହେବ । ସରକାର ପୂର୍ଣ୍ଣ ପ୍ରାଦେଶିକ ସ୍ୱାୟତ୍ତ ଶାସନ ଦେବାକୁ ଇଚ୍ଛା କରିଥିଲେ ମଧ୍ୟ ହଠାତ୍ ଡୋମିନିଅନ ପଦ ଦେବାପାଇଁ ସମ୍ମତ ହୋଇ ନଥିଲେ; କିନ୍ତୁ ଯେତେବେଳେ ବି. ଆର. ଆମ୍ବେଦକର

ନିର୍ବାଚନ ପାଇଁ ଦଳିତ ଶ୍ରେଣୀକୁ ଏକ ପୃଥକ୍ ସଂପ୍ରଦାୟ ରୂପେ ଗ୍ରହଣ କରିବାକୁ ଓ ମୁସଲମାନ୍ ପ୍ରତିନିଧିମାନେ ଭାରତରେ ମୁସଲମାନ୍‌ମାନଙ୍କୁ ଅଧିକ ସୁରକ୍ଷା ଦେବାକୁ ଦାବିକଲେ, ବୈଠକଟି ବିଫଳ ହେଲା ।

ଗାନ୍ଧି-ଇରଉଇନ ଚୁକ୍ତି (Gandhi-Irwin Pact)

୧୯୩୧, ଜାନୁଆରୀ ୧୯ ତାରିଖଦିନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଭାରତକୁ ସ୍ଥାୟୀ କ୍ଷମତା ହସ୍ତାନ୍ତର କରିବା ପାଇଁ ଆଶାକଲେ । ସରକାର ନିଜର ସଦିଚ୍ଛା ପ୍ରକାଶ କରିବାକୁ ଯାଇ ପ୍ରଥମେ ଗାନ୍ଧିଙ୍କ ସହିତ ଅନ୍ୟ କଂଗ୍ରେସ ନେତାମାନଙ୍କୁ ମୁକ୍ତ କରିଥିଲେ । ଭାରତୀୟମାନଙ୍କ ସହିତ ଏକ ବୁଝାମଣା କରିବା ନିମନ୍ତେ ବଡ଼ଲାଟ ଗାନ୍ଧିଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବାକୁ ପଦକ୍ଷେପ ନେଇଥିଲେ; ମାତ୍ର ଇଂଲଣ୍ଡର ରକ୍ଷଣଶୀଳ ବ୍ୟକ୍ତିମାନେ ଏପରି କଥାବାର୍ତ୍ତାକୁ କଠୋର ସମାଲୋଚନା କରିଥିଲେ । ଚର୍ଚ୍ଚିଲ କ୍ରୋଧପ୍ରକାଶ କରି ଗାନ୍ଧିଜୀଙ୍କୁ 'ରାଜଦ୍ରୋହୀ ଅର୍ଦ୍ଧନଗ୍ନ ଫକିର' ରୂପେ ଚିତ୍ରଣ କଲେ ଏବଂ ବଡ଼ଲାଟଙ୍କ ସହିତ ତାଙ୍କର ଆଲୋଚନା 'ଅତ୍ୟନ୍ତ ଅରୁଚି ସମ୍ପନ୍ନ ଏବଂ ଅପମାନଜନକ ଦୃଶ୍ୟ' ବୋଲି ବର୍ଣ୍ଣନା କଲେ ।

ଗାନ୍ଧି ଓ ଇରଉଇନଙ୍କ ମଧ୍ୟରେ କଥାବାର୍ତ୍ତା ୧୯୩୧, ଫେବ୍ରୁଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୫ ତାରିଖରେ ଶେଷ ହେଲା । ଏହି ଐତିହାସିକ କଥାବାର୍ତ୍ତା 'ଗାନ୍ଧି-ଇରଉଇନ ଚୁକ୍ତି' ନାମରେ ଖ୍ୟାତ । ଚୁକ୍ତି ଅନୁସାରେ ହିଂସା ଅପରାଧରେ ଅଭିଯୁକ୍ତ ଥିବା ବନ୍ଦୀମାନଙ୍କ ବ୍ୟତୀତ ଅନ୍ୟ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତି ଦେବା, ଦମନମୂଳକ ଅଧ୍ୟାଦେଶଗୁଡ଼ିକ ଉଠାଇ ଦେବା ଓ ଭାରତରେ ଏକ ରାଷ୍ଟ୍ରୀୟ ସଂଘ ସରକାର ପ୍ରତିଷ୍ଠା କରିବାକୁ ବଡ଼ଲାଟ ରାଜିହେଲେ । ଅପରପକ୍ଷରେ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିବା ଓ ଗୋଲଟେବୁଲ ବୈଠକରେ ଯୋଗ ଦେବା ପାଇଁ ଗାନ୍ଧି ସମ୍ମତି ପ୍ରଦାନ କଲେ । ଆଲୋଚନାରେ ସ୍ୱରାଜର ପ୍ରଶ୍ନ ନ ଥିବାରୁ ନେହେରୁ ଓ ସୁଭାଷ ବୋଷ ଅସନ୍ତୁଷ୍ଟ ହେଲେ । ନେହେରୁ ଆଘାତ ପାଇ ଲେଖିଥିଲେ, "ମୁଁ ଯେତେବେଳେ ଗଡ଼ିଯାଇଥିଲି ଏବଂ ସେହି ମାର୍ଚ୍ଚ ରାତ୍ରିରେ ଗଭୀର ଚିନ୍ତା କରୁଥିଲି ଏବଂ ମୋ ହୃଦୟରେ ଆସିଥିଲା ଏକ ବିଶାଳ ଶୂନ୍ୟତା, ଯେପରି ମୂଲ୍ୟବାନ୍ କିଛି ଗୋଟିଏ ଚାଲିଯାଇଛି ।"

ଦ୍ୱିତୀୟ ଗୋଲଟେବୁଲ ବୈଠକ
(The Second Round Table Conference)

ଉକ୍ତ ବୈଠକ ୧୯୩୧, ସେପ୍‌ଟେମ୍ବର ୭ ତାରିଖରୁ ଆରମ୍ଭ ହେଲା । ବୈଠକରେ ପ୍ରତିନିଧିମାନଙ୍କର ସଂଖ୍ୟା ଥିଲା ୩୧ । ବୈଠକରେ ଅଧ୍ୟକ୍ଷତା କରିଥିଲେ ବ୍ରିଟିଶ୍ ରକ୍ଷଣଶୀଳ ଦଳର ପ୍ରଧାନମନ୍ତ୍ରୀ ମ୍ୟାକ୍‌ଡ଼ୋନାଲ୍‌ଡ଼ । କଂଗ୍ରେସ ଦଳର ଏକ ମାତ୍ର ପ୍ରତିନିଧି ଥିଲେ ମହାତ୍ମାଗାନ୍ଧି । ସରୋଜିନୀ ନାଇଡୁ ମହିଳାମାନଙ୍କର ପ୍ରତିନିଧିତ୍ୱ କରୁଥିଲେ ।

ବୈଠକ ମଧ୍ୟରେ ଗାନ୍ଧିଙ୍କୁ ଏକ ଉତ୍ତେଜିତ ପରିସ୍ଥିତିରେ ଯିବାକୁ ପଡ଼ିଥିଲା । ସମ୍ରାଟ ପଞ୍ଚମ ଜର୍ଜ ଗାନ୍ଧିଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାନ୍ଧି ଥିଲେ ନିର୍ଭୀକ । ସାମୁଏଲ ହୋର ମଧ୍ୟ ଗାନ୍ଧିଙ୍କୁ ସତର୍କ କରିଦେଇ କହିଲେ, ଯଦି କଂଗ୍ରେସ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ସରକାର ଏହାକୁ ନିର୍ଦ୍ଦୟ ଭାବେ ଦମନ କରିବେ ।

କେନ୍ଦ୍ର ଓ ପ୍ରଦେଶଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱମୂଳକ ସରକାର ପ୍ରଚଳନ କରିବା ପାଇଁ ଗାନ୍ଧି ଦାବି କରିଥିଲେ; କିନ୍ତୁ ଯେତେବେଳେ ମୁସଲମାନ୍‌ମାନଙ୍କ ବ୍ୟତୀତ ଦଳିତ ଶ୍ରେଣୀ, ଭାରତୀୟ ଖ୍ରୀଷ୍ଟିଆନ୍, ଆଙ୍ଗ୍ଲୋ ଇଣ୍ଡିଆନ ଏବଂ ଇଉରୋପୀୟମାନେ ମଧ୍ୟ ପୃଥକ୍ ନିର୍ବାଚନ ମଣ୍ଡଳୀ ଦାବିକଲେ ବୈଠକରେ ଅଚଳ ଅବସ୍ଥା ସୃଷ୍ଟି ହେଲା । ଏହି ଗୋଷ୍ଠୀଗୁଡ଼ିକ ମିଳିତ ହୋଇ ଗୋଟିଏ ଚୁକ୍ତିକଲେ । ଗାନ୍ଧି ମତଦେଲେ, ସାମ୍ପ୍ରଦାୟିକ ସମସ୍ୟାଠାରୁ ସଂବିଧାନ ପ୍ରଣୟନ ପ୍ରଶ୍ନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । ସେ ଆଶା କରିଥିଲେ ଯେ ସାମ୍ପ୍ରଦାୟିକ ଭେଦଭାବର ତୁଷାର ଭେଳା ସ୍ୱାଧୀନତାର ସୂର୍ଯ୍ୟଙ୍କ ଉଷ୍ମ ସ୍ପର୍ଶରେ ତରଳିଯିବ । ତେଣୁ ବୈଠକରେ କିଛି ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇନଥିଲା । 'ଗାନ୍ଧି-ଇରଉଇନ ଚୁକ୍ତି' ଅଗ୍ରାହ୍ୟ କରିଦିଆଯିବା ସହିତ ରାଜନୀତିରେ ସାମ୍ପ୍ରଦାୟିକ ଭେଦଭାବ ପ୍ରବେଶ କରାଇ ଦିଆଗଲା । ୧୯୩୧, ଡିସେମ୍ବର ୧ରେ ବୈଠକ ଶେଷ ହେଲା । ଗାନ୍ଧି ଶୂନ୍ୟ ହୃଦୟରେ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ ।

ଉଇଲିଂଡ଼ନ୍‌ଙ୍କ ଦମନନୀତି ପୂର୍ବାପେକ୍ଷା ଅଧିକ କଠୋର ହେଲା । ତେଣୁ ପୁନର୍ବାର ଆଇନ ଅମାନ୍ୟ ଆନ୍ଦୋଳନ ଚଳାଇବା ପାଇଁ ଗାନ୍ଧିଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟି କ୍ଷମତା ଅର୍ପଣ କରିଥିଲେ । ୧୯୩୨, ଜାନୁଆରୀ ୧ ତାରିଖରେ ଆନ୍ଦୋଳନ ଆରମ୍ଭ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରାଗଲା । ଗାନ୍ଧି ଲୋକମାନଙ୍କୁ ସତର୍କ କରି କହିଥିଲେ ଯେ ପୂର୍ବରୁ ସେମାନେ ଲାଠି ସହିଛନ୍ତି, ଏଥର ଗୁଳି ସହିବେ । ଜାନୁଆରୀ ୪ ତାରିଖରେ ଗାନ୍ଧି ଓ କଂଗ୍ରେସର କାର୍ଯ୍ୟକାରୀ କମିଟିର ସଭ୍ୟମାନଙ୍କୁ ସରକାର ଗିରଫ କଲେ । ଏହି ସମୟରେ ଆରମ୍ଭ ହୋଇଥିଲା ତୃତୀୟ ଗୋଲଟେବୁଲ ବୈଠକ ।

ତୃତୀୟ ଗୋଲଟେବୁଲ ବୈଠକ (Third Round Table Conference)

୧୯୩୨ ନଭେମ୍ବର ମାସରେ ତୃତୀୟ ଗୋଲଟେବୁଲ ବୈଠକ ଆହ୍ୱାନ କରାଯାଇଥିଲା । ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ବା ଇଂଲଣ୍ଡ ଶ୍ରମିକ ଦଳର କେହି ପ୍ରତିନିଧି ଯୋଗ ଦେଇନଥିଲେ । ଏହା ପୂର୍ବପରି ମୂଲ୍ୟହୀନ ଥିଲା । ଶେଷରେ ଭାରତକୁ ଦିଆଯାଉଥିବା ନୂତନ ସଂବିଧାନର ରୂପରେଖ ନେଇ ଗୋଟିଏ ଶ୍ୱେତପତ୍ର ପ୍ରସ୍ତୁତ କରାଗଲା, ଏବଂ ଏହା ଯାଞ୍ଚ କରିବା ନିମନ୍ତେ ବ୍ରିଟିଶ୍ ପାର୍ଲିଆମେଣ୍ଟକୁ ପଠାଗଲା । ଏଥିରୁ ସ୍ପଷ୍ଟ ହୋଇଉଠିଲା ଯେ ସରକାର ଏକ ନୂଆ ଶାସନ ବ୍ୟବସ୍ଥା ଭାରତୀୟମାନଙ୍କ ଉପରେ ଲଦିଦେବେ ।

୧୯୩୩ ମସିହା ବେଳକୁ ଆଇନଅମାନ୍ୟ ଆନ୍ଦୋଳନ ନିଷ୍ପ୍ରଭ ହୋଇ ଆସୁଥିଲା । ଜନସାଧାରଣଙ୍କର ସତ୍ୟାଗ୍ରହ ଉପରେ ସଠିକ୍ ଧାରଣା ହୋଇପାରୁନଥିଲା, ଏହାମଧ୍ୟ ଶାସକମାନଙ୍କ ଅନ୍ତରକୁ ସ୍ପର୍ଶ କରିପାରିଲା ନାହିଁ । ୧୯୩୪, ଅପ୍ରେଲ ୭ ତାରିଖରେ ଗାନ୍ଧି ଆଇନଅମାନ୍ୟ ଆନ୍ଦୋଳନ ବନ୍ଦ କରିଥିଲେ । ସର୍ବଭାରତୀୟ କଂଗ୍ରେସ କମିଟି ପାଟନାଠାରେ ବସି ଗାନ୍ଧିଙ୍କ ନିଷ୍ପତ୍ତି ଅନୁମୋଦନ କଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତ (India and Second World War)

୧୯୩୯ ସେପ୍‌ଟେମ୍ବର ମାସ ୩ ତାରିଖରେ ପ୍ରଳୟଙ୍କର ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା । ଇଂଲଣ୍ଡ ଯୁଦ୍ଧରେ ଯୋଗଦେବା ଦିନହିଁ ବଡ଼ଲାଟ ଘୋଷଣା କଲେ ଯେ ଭାରତ ମଧ୍ୟ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧରେ ପ୍ରବେଶ କରିଛି । ମୁସ୍‌ଲିମ୍ ଲିଗ୍ ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ପ୍ରତିଜ୍ଞା କଲା; ମାତ୍ର ସର୍ତ୍ତ ରଖିଲା- ଯେପରି ତାହାର ବିନାନୁମୋଦନରେ କୌଣସି ସାମ୍ବିଧାନିକ ଅଗ୍ରଗତି ନହୁଏ । ମାତ୍ର ଜାତୀୟ କଂଗ୍ରେସ ଯୁଦ୍ଧରେ ପ୍ରବେଶ କରିବ ନାହିଁ ବୋଲି ତା' ନୀତିରେ ଅଟଳ ରହିଲା । ୧୯୩୯ ସେପ୍‌ଟେମ୍ବର ମାସରେ କଂଗ୍ରେସ ପ୍ରସ୍ତାବ ଗ୍ରହଣ କଲା ଯେ ଯେଉଁ ପର୍ଯ୍ୟନ୍ତ ଇଂରେଜମାନେ ଭାରତୀୟମାନଙ୍କୁ ନିଜ ଦେଶର ସମ୍ବିଧାନ ନିଜେ ପ୍ରଣୟନ କରିବାକୁ ଏବଂ ସେହି ଅନୁଯାୟୀ ଶାସନ କରିବାକୁ କ୍ଷମତା ନ ଦେଇଛନ୍ତି, ସେପର୍ଯ୍ୟନ୍ତ ଭାରତୀୟମାନେ ଯୁଦ୍ଧରେ ଅଂଶଗ୍ରହଣ କରିବେ ନାହିଁ ।

ଗାନ୍ଧି ବଡ଼ଲାଟଙ୍କୁ ସାକ୍ଷାତକରି ଯୁଦ୍ଧପରେ ବ୍ରିଟିଶ୍ ସରକାର ଭାରତୀୟମାନଙ୍କ ପ୍ରତି କେଉଁନୀତି ଗ୍ରହଣ କରିବେ ତାହା ଘୋଷଣା କରିବାକୁ କହିଲେ; ମାତ୍ର ବ୍ରିଟିଶ୍ ସରକାର ଏହା ଉପରେ କୌଣସି ନୀତି ଘୋଷଣା କରିବାକୁ ଇଚ୍ଛା କରିନଥିଲେ । ବଡ଼ଲାଟ ଏତିକି ସାନ୍ତ୍ୱନା ଦେଲେ ଯେ ଯୁଦ୍ଧ ଶେଷରେ ୧୯୩୫ ସମ୍ବିଧାନରେ କିଛି ପରିବର୍ତ୍ତନ ଅଣାଯାଇପାରେ । ଯୁଦ୍ଧପରେ ସରକାର ବିଭିନ୍ନ ସମ୍ପ୍ରଦାୟ, ଦଳ ଓ ଗୋଷ୍ଠୀର ପ୍ରତିନିଧିମାନଙ୍କ ସହିତ ଏବଂ ଦେଶୀୟ ରାଜାମାନଙ୍କ ସହିତ ପରାମର୍ଶ କରିବେ ଏବଂ ସେମାନଙ୍କର ସାହାଯ୍ୟ ସହଯୋଗ ଦ୍ୱାରା ସଂବିଧାନରେ ପରିବର୍ତ୍ତନ କରିବାକୁ ଯଦି କିଛି ଉଚିତ୍ ମନେହେବ, ତେବେ ସେ ବିଷୟ ବିଚାର କରିବେ ।

୧୯୩୯, ଡିସେମ୍ବର ମାସରେ ଭାରତ ରାଜ୍ୟସଚିବ ଜେଟ୍‌ଲ୍ୟାଣ୍ଡ ହାଉସ୍ ଅଫ୍ ଲର୍ଡ଼ସରେ କହିଥିଲେ, ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କର ବିଶେଷକରି ମୁସ୍‌ଲିମ୍ ଲିଗ୍‌ର ମତାମତ ନ ନେଇ କୌଣସି ସାମ୍ବିଧାନିକ ବ୍ୟବସ୍ଥା ସମ୍ଭବ ନୁହେଁ । ତାଙ୍କ ମନ୍ତବ୍ୟରୁ କଂଗ୍ରେସ ଅନୁଭବ କଲା ଯେ ବ୍ରିଟିଶ୍ ସରକାର ତଥାପି ବିଭାଜନ ଓ ଶାସନର ପୁରୁଣା ଖେଳ ଖେଳୁଛନ୍ତି । ୧୯୩୯ ର ଶେଷ ସମୟକୁ କାର୍ଯ୍ୟକାରୀ କମିଟି ନିର୍ଦ୍ଦେଶରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ ।

୧୯୪୦, ଜାନୁଆରୀ ମାସରେ ବଡ଼ଲାଟ ପୁନଃ ପୁନଃ କହୁଥିଲେ ଯେ ଭାରତକୁ ଡୋମିନିଅନପଦ ଦେବା ତାଙ୍କ ସରକାରଙ୍କର ଲକ୍ଷ୍ୟ, ତତ୍ ସହିତ ସାମ୍ପ୍ରଦାୟିକ ପ୍ରଶ୍ନ ମଧ୍ୟ ସେ ଉଠାଇବାକୁ ଭୁଲି ନଥିଲେ । ତେଣୁ ଡୋମିନିଅନ ପଦ ଉପରେ ଆଉ ଗୁରୁତ୍ୱ ନ ଦେଇ କଂଗ୍ରେସ କାର୍ଯ୍ୟକାରୀ କମିଟି ୧୯୪୦, ଫେବ୍ରୁଆରୀ ୨୮ ତାରିଖରେ ପାଟନାଠାରେ ପୂର୍ଣ୍ଣ ସ୍ୱାଧୀନତା ଦାବି କରିବାକୁ ନିଷ୍ପତ୍ତି ନେଲେ । ୧୯୪୦, ମାର୍ଚ୍ଚମାସରେ ରାମଗଡ଼ କଂଗ୍ରେସ ଅଧିବେଶନରେ କାର୍ଯ୍ୟକାରୀ କମିଟିର ଏ ନିଷ୍ପତ୍ତି ଗ୍ରହଣ କରାଗଲା । ଏହା ସଙ୍ଗେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବାକୁ ମଧ୍ୟ କମିଟିକୁ କ୍ଷମତା ଅର୍ପଣ କରାଗଲା ।

ଇତ୍ୟବସରରେ ମିତ୍ରଶକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଲା । ନାଜି ଅବରୋଧରୁ ମନେହେଲା ଇଂଲଣ୍ଡର ପରାଜୟ ଅବଶ୍ୟମ୍ଭାବୀ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଚର୍ଚ୍ଚିଲ ହେଲେ ଇଂଲଣ୍ଡର ଯୁଦ୍ଧକାଳୀନ ପ୍ରଧାନମନ୍ତ୍ରୀ । ଭାରତର ସ୍ୱାଧୀନତା ତାଙ୍କର କଳ୍ପନା ବହିର୍ଭୂତ ଥିଲା; ମାତ୍ର ବ୍ରିଟେନର ସଙ୍କଟ ସମୟରେ ଭାରତୀୟମାନଙ୍କୁ ସନ୍ତୁଷ୍ଟ କରି ରଖିବାକୁ କିଛି ନିର୍ଦ୍ଦିଷ୍ଟ ସାମ୍ବିଧାନିକ ସୁବିଧା ଦେବା ପାଇଁ ଚର୍ଚ୍ଚିଲ ବଡ଼ଲାଟଙ୍କୁ ନିର୍ଦ୍ଦେଶ ଦେଲେ । ସେତେବେଳକୁ ଫ୍ରାନ୍‌ସର କ୍ଷଣସ୍ଥାୟୀ ପତନରେ କଂଗ୍ରେସର ଆଭିମୁଖ୍ୟ ମଧ୍ୟ କୋହଳ ହୋଇଯାଇଥିଲା । ଗାନ୍ଧିଜୀ ଲେଖିଥିଲେ, ବ୍ରିଟିଶ୍‌ର ଧ୍ୱଂସାବଶେଷରୁ ଆମେ ଆମର ସ୍ୱାଧୀନତା ଖୋଜିବୁ ନାହିଁ । ତାଙ୍କ ଚେଷ୍ଟାରେ ଭାରତରୁ ବ୍ରିଟିଶ୍‌କୁ ଲୋକ ଓ ଅର୍ଥବଳ ଯୋଗାଇ ଦିଆଗଲା ।

୧୯୪୦, ଅଗଷ୍ଟ ୮ ତାରିଖରେ ବଡ଼ଲାଟ କଂଗ୍ରେସକୁ ଜଣାଇ ଦେଲେ ଯେ ଭବିଷ୍ୟତରେ ଭାରତକୁ ଡୋମିନିଅନପଦ ଦିଆଯିବ ଏବଂ ସଙ୍ଗେ ସଙ୍ଗେ ତାଙ୍କ ପରିଷଦ ବୃଦ୍ଧି ଓ ଯୁଦ୍ଧକାଳୀନ ପରାମର୍ଶ କମିଟି ଗଠନ କରାଯିବ । ଏହାକୁ 'ଅଗଷ୍ଟଦାନ' କୁହାଯାଏ । ଏକପକ୍ଷରେ ଭାରତୀୟମାନଙ୍କ ଦ୍ୱାରା ଏକ ସରକାର ଗଠନ ହେବ କହିବା ସହିତ ଅପରପକ୍ଷରେ ମୁସ୍‌ଲିମ୍ ଲିଗ୍‌କୁ ସାନ୍ତ୍ୱନା ଦେଇ ବଡ଼ଲାଟ କହିଲେ ଯେ ମୁସଲମାନ୍‌ମାନଙ୍କର ସ୍ୱୀକୃତି ବିନା ଭାରତରେ କୌଣସି ସରକାରଙ୍କୁ କ୍ଷମତା ହସ୍ତାନ୍ତର କରାଯିବ ନାହିଁ । ଏପ୍ରକାର ମନ୍ତବ୍ୟରୁ ବଡ଼ଲାଟଙ୍କ ଅଭିପ୍ରାୟ ସ୍ପଷ୍ଟ ହୋଇଉଠୁଥିଲା । ଅଗଷ୍ଟଦାନକୁ ଗାନ୍ଧି ଗଭୀର ଦୁଃଖ ବୋଲି ବର୍ଣ୍ଣନା କଲେ । ଅଗଷ୍ଟ ଦାନକୁ କଂଗ୍ରେସ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କଲାନାହିଁ । ଏଥିରେ ମୁସଲିମ୍ ରାଷ୍ଟ୍ର ଗଠନ କରିବାର ପ୍ରସ୍ତାବ ନ ଥିବାରୁ ମୁସ୍‌ଲିମ୍ ଲିଗ୍ ମଧ୍ୟ ଏ ଦାନକୁ ପ୍ରତ୍ୟାଖ୍ୟାନ କଲା । ତେଣୁ ଆଇନଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ବ୍ୟତୀତ କଂଗ୍ରେସର ଅନ୍ୟପନ୍ଥା ନଥିଲା ।

ବ୍ୟକ୍ତିଗତ ଆଇନଅମାନ୍ୟ-୧୯୪୦
(Individual Civil Disobedience-1940)

ମହାତ୍ମାଗାନ୍ଧି ଚିନ୍ତାକଲେ ଯେ ଯଦି ଇଂରେଜମାନଙ୍କ ବିରୋଧରେ ଗଣଆଇନ ଅମାନ୍ୟ ଆନ୍ଦୋଳନ ଚାଲୁ କରାଯାଏ, ତେବେ ଯୁଦ୍ଧ ସମୟରେ ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ

ହେବ, ଯଦି ସେମାନଙ୍କୁ ବାଧା ନ ଦିଆଯାଏ ସେମାନେ ଭାରତର ଅଧିକ ଧନଜୀବନ ଶୋଷଣ କରିବେ । ତେଣୁ ବ୍ୟକ୍ତିଗତ ଆଇନଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ପାଇଁ ସେ ଏକ ଅଭିନବ କଥା ଚିନ୍ତାକଲେ । ଏହାଥିଲା ତାଙ୍କର ଏକ ନୈତିକ ଅଭିଯାନ । ତଦ୍ୱାରା ଏକ ଶାନ୍ତିପୂର୍ଣ୍ଣ ଉପାୟରେ ବ୍ରିଟିଶ୍ ଯୁଦ୍ଧନୀତି ବିରୁଦ୍ଧରେ ଭାରତୀୟମାନଙ୍କଠାରେ ଜାଗରଣ ଆଣିହେବ ।

୧୯୪୦, ଅକ୍ଟୋବର ମାସରେ ଭୂଦାନ ନେତା ବିନୋବା ଭାବେ ଗାନ୍ଧିଙ୍କ ଦ୍ୱାରା ପ୍ରଥମ ସତ୍ୟାଗ୍ରହୀରୂପେ ମନୋନୀତ ହୋଇଥିଲେ । ବ୍ରିଟିଶ୍ ସରକାରଙ୍କର ଯୁଦ୍ଧକାଳୀନ ଦମନମୂଳକ ନୀତି ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନକରି ସେ ବନ୍ଦୀ ହେଲେ । ପରେ ପରେ ବ୍ୟକ୍ତିଗତ ଆଇନଅମାନ୍ୟ କରି ଜବାହରଲାଲ ନେହେରୁ, ବଲ୍ଲଭଭାଇ ପଟେଲ, ଆବୁଲ କାଲାମ ଆଜାଦ ଓ ବହୁ କଂଗ୍ରେସ ନେତା କାରାବରଣ କରିଥିଲେ । ଗାନ୍ଧି ଦମ୍ଭର ସହିତ କହିଲେ- "ମୋର ଅଧିକ ବା ଅଳ୍ପସଂଖ୍ୟକ ସତ୍ୟାଗ୍ରହୀ ଥାଆନ୍ତୁ, ମୁଁ ପଛଘୁଞ୍ଚା ଦେବିନାହିଁ ।" ଚଉଦ ମାସଧରି ଆନ୍ଦୋଳନ ଚାଲିଥିଲା । ୨୫ ହଜାର ସତ୍ୟାଗ୍ରହୀ ବନ୍ଦୀ ହୋଇଥିଲେ । ଦେଶରେ ଉତ୍ତେଜନା ବୃଦ୍ଧି ପାଇଲା । ଯୁଦ୍ଧପାଇଁ ମୁକ୍ତ ହସ୍ତରେ ସାହାଯ୍ୟ କରିବାକୁ ଲୋକମାନେ କୁଣ୍ଠିତ ହେଲେ । ଯେକୌଣସି ମୁହୂର୍ତ୍ତରେ ଦେଶବ୍ୟାପୀ ଜନଆନ୍ଦୋଳନ ସଂଘଟିତ ହୋଇଯାଇପାରେ ବୋଲି ଆଶଙ୍କାକରି ସରକାର ୧୯୪୧, ଡିସେମ୍ବର ମାସରେ ବନ୍ଦୀମାନଙ୍କୁ ଖଲାସ କରିଦେଲେ ।

୧୯୪୧ ଗ୍ରୀଷ୍ମଋତୁରେ ବଡ଼ଲାଟଙ୍କ କାର୍ଯ୍ୟକାରୀ ପରିଷଦର ପୁନର୍ଗଠନ କରାଗଲା । ପ୍ରଥମଥର ପାଇଁ ପରିଷଦରେ ଭାରତୀୟମାନଙ୍କ ସଂଖ୍ୟା ଥିଲା ଅଧିକ; ମାତ୍ର ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇନଥିଲା । ତତ୍ ସହିତ ଏକ ଜାତୀୟ ସାମରିକ ପରିଷଦ ମଧ୍ୟ ଗଠନ କରାଗଲା ।

୧୯୪୧ ଡିସେମ୍ବର ୬ ତାରିଖରେ ଜାପାନ ବିଶ୍ୱଯୁଦ୍ଧରେ ପ୍ରବେଶକଲା ଏବଂ ଅତର୍କିତ ଆକ୍ରମଣ ଚଳାଇ ପାର୍ଲହାର୍ବର ବନ୍ଦର ଧ୍ୱଂସ କରିଦେଲା । ସେଠାରେ ଥିବା ଆମେରିକୀୟ ଜାହାଜଭେଲା ଧ୍ୱଂସପ୍ରାପ୍ତ ହେଲା । ଜାପାନ ରେଙ୍ଗୁନ ଦଖଲ (୧୯୪୨) କଲାପରେ ଭାରତର ସୀମାନ୍ତରେ ପ୍ରତ୍ୟକ୍ଷ ବିପଦ ଘନେଇ ଆସିଲା । ବ୍ରିଟିଶ୍ ସୈନ୍ୟମାନେ ପରାସ୍ତ ହୋଇ ପଛଘୁଞ୍ଚା ଦେଉଥିଲେ । ଭାରତମାଟିରେ ଯେ ଇଂରେଜ ଓ ଜାପାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଯିବ, ଏକଥା ସ୍ପଷ୍ଟ ହୋଇଉଠିଲା । ଦେଶପ୍ରତି ଏପରି ବିପଦ ଦେଖି ନେହେରୁ ଘୋଷଣା କଲେ- "ଆମେ କେବେହେଲେ ବ୍ରିଟିଶ୍ କିମ୍ବା ଜାପାନ ଆଗରେ ମଥାନତ କରିବୁ ନାହିଁ, ଆମେ ସାହସର ସହିତ ବିପଦର ସମ୍ମୁଖୀନ ହେବୁ ଓ ଜୀବନ ଦେବୁ ।" କଂଗ୍ରେସ ନେତାମାନେ ଆଶଙ୍କା କଲେ ଯେ ଜାପାନ ଭାରତ ଆକ୍ରମଣ କଲେ ଅବସ୍ଥା ଶୋଚନୀୟ ହେବ । ତେଣୁ ସେମାନେ ବ୍ୟକ୍ତିଗତ ଆଇନଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିଲେ ।

ପରିସ୍ଥିତି ଜଟିଳ ହେବାରୁ ଭାରତୀୟମାନଙ୍କ ମନ ଜୟ କରିବାକୁ ଇଂଲଣ୍ଡ କୋହଳ ମନୋଭାବ ପ୍ରଦର୍ଶନ କଲା । ୧୯୪୧, ଡିସେମ୍ବର ମାସରେ ରୁଜଭେଲ୍ଟ ୱାଶିଙ୍ଗଟନ୍‌ଠାରେ ଭାରତୀୟ ରାଜନୈତିକ ସଂସ୍କାର ପାଇଁ ଚର୍ଚ୍ଚିଲଙ୍କ ପାଖରେ ପ୍ରଶ୍ନ ଉଠାଇଲେ । ଚୀନ୍‌ଦେଶର ଚ୍ୟାଙ୍ଗ୍ କାଇସେକ୍ ମଧ୍ୟ ଭାରତ ଭ୍ରମଣରେ ଆସି ଭାରତୀୟମାନଙ୍କୁ ବାସ୍ତବ ରାଜନୈତିକ କ୍ଷମତା ଅର୍ପଣ କରିବା ନିମନ୍ତେ ଚାପ ପକାଇଲେ; ମାତ୍ର ବଡ଼ଲାଟ ଅଧିକ ରାଜନୈତିକ ସଂସ୍କାର ଦେବାକୁ ପ୍ରସ୍ତୁତ ନଥିଲେ । ସେ ମଧ୍ୟ ଆମେରୀଙ୍କ ପାଖକୁ ଲେଖିଲେ, ଯେତେସମ୍ଭବ ବଳପୂର୍ବକ ଭାରତକୁ ଧରି ରଖିବାକୁ ହେବ । ଲର୍ଡ଼ ଆଟଲୀଙ୍କର ବଡ଼ଲାଟଙ୍କ ଦକ୍ଷତା ଉପରେ ସନ୍ଦେହ ଆସିଥିଲା । ତେଣୁ ସେ ଭାରତୀୟମାନଙ୍କ ସହିତ ଏକ ଚୁକ୍ତି ନିମନ୍ତେ ବଡ଼ଲାଟଙ୍କଠାରୁ ଅଧିକ କ୍ଷମତାସମ୍ପନ୍ନ ଜଣେ ବ୍ୟକ୍ତିଙ୍କୁ ଭାରତ ପଠାଇବାକୁ ସ୍ଥିର କଲେ ।

ଭାରତଛାଡ଼ ଆନ୍ଦୋଳନ (The Quit India Movement)

୧୯୪୨, ଫେବ୍ରୁଆରୀ ୨୬ ତାରିଖରେ ଆଟଲୀଙ୍କ ସଭାପତିତ୍ୱରେ ବ୍ରିଟିଶ୍ ମନ୍ତ୍ରିମଣ୍ଡଳରେ ଏକ ଭାରତୀୟ କମିଟି ଗଠନ କରାଗଲା । ଏଠାରେ ଦୀର୍ଘକାଳ ଧରି ଆଲୋଚନା କରାଯାଇ ଏକ ଚିଠା ଘୋଷଣାପତ୍ର ପ୍ରସ୍ତୁତ ହେଲା । ୧୯୪୨, ମାର୍ଚ୍ଚ ୨୩ ତାରିଖରେ ଭାରତୀୟ ଦଳଗୁଡ଼ିକର ସହଯୋଗ ପାଇବା ପାଇଁ ଉକ୍ତ ଚିଠା ଘୋଷଣାପତ୍ର ସହିତ କ୍ରିପ୍‌ସ ଦିଲ୍ଲୀଠାରେ ପହଞ୍ଚିଲେ । ସେ ଥିଲେ ଜଣେ ପ୍ରଗତିବାଦୀ ଓ ଭାରତ ହିତୈଷୀ ନେତା । କ୍ରିପ୍‌ସଙ୍କଠାରୁ ଜାତୀୟବାଦୀ ନେତାମାନେ କିଛି ରାଜନୈତିକ ସଂସ୍କାର ଆଶା ରଖିନଥିଲେ । କଂଗ୍ରେସର ନେତୃବୃନ୍ଦ ଅନୁମାନକଲେ ଯେ ଏହା ହେଉଛି ଚର୍ଚ୍ଚିଲଙ୍କର ଏକ ଚାଲ୍ । ସମସ୍ୟା ସମାଧାନ କରିବା ଆଳରେ ସେ ସମୟ ଗଡ଼ାଇ ନେବେ । ସେ ଯାହାହେଉ, ପ୍ରତ୍ୟେକ ଦଳର ନେତାମାନଙ୍କ ସହିତ ଆଲୋଚନା କରି ମାର୍ଚ୍ଚ ୨୯ ତାରିଖରେ କ୍ରିପ୍‌ସ ଏହି ଚିଠା ଘୋଷଣାପତ୍ର ପ୍ରକାଶ କଲେ ।

ଯେତେ ଶୀଘ୍ର ସମ୍ଭବ ଭାରତକୁ ଆତ୍ମଶାସନ ଦେବା ନିମିତ୍ତ ଏକ ଅଧିରାଜ୍ୟ ବା ଡୋମିନିଅନ ପଦ ଦିଆଯିବ । ଯୁଦ୍ଧ ଶେଷ ହେବା ସଙ୍ଗେ ସଙ୍ଗେ ଗୋଟିଏ ନୂତନ ସଂବିଧାନ ପ୍ରଣୟନ ନିମନ୍ତେ ଭାରତୀୟ ପ୍ରତିନିଧିମାନଙ୍କୁ ନେଇ ଏକ ସଂବିଧାନ ପ୍ରଣୟନକାରୀ ସଂସ୍ଥା (ଶାସନ ବିଧାୟକ ସଭା) ଗଢ଼ାଯିବ । ଶାସନ ବିଧାୟକ ସଭାରେ ଦେଶୀୟ ରାଜ୍ୟର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିପାରିବେ । ପ୍ରସ୍ତୁତ ସଂବିଧାନ ବ୍ରିଟିଶ୍ ସରକାରଙ୍କର ଦୁଇଟି ସର୍ତ୍ତ ଗ୍ରହଣ କରିବ ଓ କାର୍ଯ୍ୟକାରୀ କରାଇବ ।

ପ୍ରଥମରେ, ଯେଉଁ ପ୍ରଦେଶ ବା ପ୍ରଦେଶମାନ ଏ ନୂତନ ସଂବିଧାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ ନାହିଁ, ସେମାନେ ନିଜ ନିଜର ସଂବିଧାନ ପ୍ରସ୍ତୁତ କରିପାରିବେ । ସେମାନଙ୍କୁ

ମଧ୍ୟ ଭାରତୀୟ ସଂଘର ପୂର୍ଣ୍ଣ ମାନ୍ୟତା ଦିଆଯିବ । ସେହିପରି ଦେଶୀୟ ରାଜ୍ୟଗୁଡ଼ିକ ଏହି ନୂତନ ସଂବିଧାନ ସହିତ ସଂଲଗ୍ନ ହେବେ କି ନାହିଁ, ସେ କଥା ସେମାନେ ସ୍ୱାଧୀନ ଭାବରେ ଚିନ୍ତା କରିବେ ।

ଦ୍ୱିତୀୟରେ, ଇଂରେଜମାନଙ୍କଠାରୁ ଭାରତୀୟମାନଙ୍କୁ ପୂର୍ଣ୍ଣଦାୟିତ୍ୱ ହସ୍ତାନ୍ତର କଲାବେଳେ ଉଦ୍ଭୂତ ସମସ୍ତ ବିଷୟ, ବିଶେଷ କରି ବ୍ରିଟିଶ୍ ସରକାର ପୂର୍ବରୁ ଅଙ୍ଗୀକାର କରିଥିବା ସଂଖ୍ୟାଲଘୁମାନଙ୍କର ଜାତିଗତ ଓ ଧର୍ମଗତ ନିରାପତ୍ତା ବିଚାରକୁ ନେଇ ସରକାର ଓ ଶାସନ ବିଧାୟକ ସଭା ମଧ୍ୟରେ ଏକ ସନ୍ଧିପତ୍ର ସ୍ୱାକ୍ଷରିତ ହେବ । ନୂତନ ସଂବିଧାନ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ବ୍ରିଟିଶ୍ ସରକାର ଭାରତୀୟମାନଙ୍କ ନିରାପତ୍ତା ପାଇଁ ଦାୟୀ ରହିବେ; କିନ୍ତୁ ଭାରତ ସରକାର ଲୋକମାନଙ୍କ ସହଯୋଗରେ ଭାରତର ସାମରିକ, ନୈତିକ ଏବଂ ଭୌତିକ ବିଭବର ପୂର୍ଣ୍ଣ ସଂଗଠନ ପାଇଁ ଦାୟିତ୍ୱ ଗ୍ରହଣ କରିବେ ।

ଏହା ନିଃସନ୍ଦେହ ଯେ ଉପରୋକ୍ତ ପ୍ରସ୍ତାବଗୁଡ଼ିକରେ ଉଭୟ କଂଗ୍ରେସ ଓ ମୁସଲିମ୍ ଲିଗ୍‌ର ଯୁକ୍ତିଯୁକ୍ତ ଦାବିଗୁଡ଼ିକ ଯୁଦ୍ଧକାଳୀନ ଅବସ୍ଥାରେ ଯଥାସମ୍ଭବ ସ୍ୱୀକାର କରାଯାଇଥିଲା । ଗୋଟିଏ ପ୍ରେସ୍ ସମ୍ମିଳନୀରେ କ୍ରିପ୍‌ସ କହିଥିଲେ, ଏହି ପ୍ରସ୍ତାବଗୁଡ଼ିକର ଅର୍ଥ ହେଲା, ''ଭାରତ ପାଇଁ ପୂର୍ଣ୍ଣ ଓ ନିରଙ୍କୁଶ, ଆତ୍ମ ନିର୍ଦ୍ଧାରଣ ଓ ସ୍ୱୟଂ ଶାସନ ।'' ଏହାଦ୍ୱାରା ମୁସଲିମ୍ ଲିଗ୍‌ର ଦାବିଗୁଡ଼ିକ ମଧ୍ୟ ଉପେକ୍ଷା କରାଯାଇନଥିଲା; ମାତ୍ର ଭାରତୀୟ ଚିନ୍ତାଧାରା ଓ ସେତେବେଳର ପରିସ୍ଥିତିରେ କ୍ରିପ୍‌ସ ପ୍ରସ୍ତାବଗୁଡ଼ିକ ଯଥାର୍ଥ ନଥିଲା ।

କ୍ରିପ୍‌ସଙ୍କ ପ୍ରସ୍ତାବ କେବଳ ଭବିଷ୍ୟତ ଉପରେ ହିଁ ଆଧାରିତ ଥିଲା । ନିକଟ ଭବିଷ୍ୟତରେ ଭାରତୀୟମାନଙ୍କୁ ସ୍ୱାଧୀନତା ଦେବାକୁ କ୍ରିପ୍‌ସ ପ୍ରତିଜ୍ଞାବଦ୍ଧ ନଥିଲେ । ତେଣୁ ଭାରତୀୟମାନଙ୍କ ମନରେ ତାଙ୍କ ଯୋଜନା ପ୍ରତି ବିଶ୍ୱାସ ଆସିନଥିଲା । ଉକ୍ତ ଯୋଜନା ଦ୍ୱାରା ଭାରତର ଯେକୌଣସି ପ୍ରଦେଶ ଭାରତୀୟ ସଂଘ ବାହାରେ ରହିପାରିବ, ଫଳରେ ଭାରତରେ ଅନେକ ସ୍ୱାଧୀନ ରାଜ୍ୟ ସୃଷ୍ଟି ହେବାର ପଥ ଉନ୍ମୁକ୍ତ ହେବ । ଭାରତୀୟ ସଂଘରୁ ପୃଥକ୍ ହୋଇଯିବାର ଯେଉଁ ନିୟମ ହେଲା, ସେଥିରୁ ଜଣାପଡ଼ିଗଲା ଯେ ମୁସଲମାନ୍‌ବହୁଳ ପ୍ରଦେଶଗୁଡ଼ିକ ପୃଥକ୍ ହୋଇଯିବାର ଯଥେଷ୍ଟ ସୁଯୋଗ ସୃଷ୍ଟି ହେଉଛି । ଏହା ଭାରତର ଏକତା ପ୍ରତି ଘୋର ବିପଦ ଆଣିଦେବ । ଏହାଦ୍ୱାରା ଦେଶୀୟ ରାଜ୍ୟର ପ୍ରଜାମାନଙ୍କର ଅଧିକାର ମଧ୍ୟ ଉପେକ୍ଷିତ ହୋଇ ସେମାନଙ୍କ ଭାଗ୍ୟ ରାଜ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବ ।

କ୍ରିପ୍‌ସଙ୍କ ପ୍ରସ୍ତାବଗୁଡ଼ିକ ବିଭିନ୍ନ ଦିଗରୁ ସମାଲୋଚନା କରାଯାଇଥିଲା । ଗାନ୍ଧି ଏହି ଘୋଷଣାକୁ ବିରୋଧ କଲେ ଏବଂ ଏହାକୁ ''କାର୍ଯ୍ୟକରୁନଥିବା ଏକ ଦେବାଳିଆ ବ୍ୟାଙ୍କର ପୁରୁଣା ଚେକ୍‌ଟିଏ'' କହି ପ୍ରତ୍ୟାଖ୍ୟାନ କରିବାକୁ କାର୍ଯ୍ୟକାରୀ କମିଟିକୁ ନିର୍ଦ୍ଦେଶ ଦେଲେ । ଏହି

ପ୍ରସ୍ତାବରେ ଥିବା ଭାରତରେ ଯେ କୌଣସି ରାଜନୈତିକ ବିଭାଜନ ଏଡ଼ାଇବାକୁ ହିନ୍ଦୁ ମହାସଭା ପ୍ରବଳ ଭାବରେ ବିରୋଧ କରୁଥିଲେ ।

ପ୍ରସ୍ତାବରେ ମୁସଲିମ୍‌ମାନଙ୍କର ରାଜନୈତିକ ସ୍ୱାର୍ଥ ରକ୍ଷା କରାଯାଇଥିଲେ ମଧ୍ୟ ସେମାନେ ସନ୍ତୁଷ୍ଟ ନଥିଲେ । ମୁସଲିମ୍‌ମାନେ ପ୍ରତ୍ୟକ୍ଷଭାବରେ ଏକ ବିଭାଜନ ଚାହୁଁଥିଲେ- ପ୍ରସ୍ତାବର ମୌଳିକ ଲକ୍ଷ୍ୟ ଥିଲା, ଏକ ଭାରତୀୟ ସଂଘ ଗଠନ, ଘୋଷଣାର ଭାବାର୍ଥରେ ପାକିସ୍ତାନକୁ ସ୍ୱୀକାର । ଏକାଧିକ ଭାରତୀୟ ସଂଘ ସୃଷ୍ଟି କରିବା ବାସ୍ତବିକ ଥିଲା ଏକ ସୁଦୂର ସମ୍ଭାବନା ।

ଦଳିତ ଶ୍ରେଣୀର ପ୍ରତିନିଧିମାନେ କ୍ରିପ୍‌ସ ପ୍ରସ୍ତାବ ଘୋଷଣାକୁ ରଦ୍ଦ କରିବାପାଇଁ ଆଗେଇଲେ; କାରଣ ଏହାଦ୍ୱାରା ସେମାନଙ୍କର ଆବଶ୍ୟକୀୟ ସ୍ୱାର୍ଥରକ୍ଷା କରାଯାଇନଥିଲା । ଶିଖ୍, ଆଙ୍ଗ୍ଲୋଇଣ୍ଡିଆନ୍, ଭାରତୀୟ ଖ୍ରୀଷ୍ଟିଆନ୍ ଓ ଶ୍ରମିକ ସଂଗଠନର ନେତାମାନେ ଯଥେଷ୍ଟ ଅଧିକ ନିରାପତ୍ତା ଦାବିକଲେ ।

ଏହିପରି ଭାବରେ କ୍ରିପ୍‌ସ ଭାରତୀୟ ସମସ୍ୟାଗୁଡ଼ିକ ଅଧିକ ଜଟିଳ କରିଦେଇଥିଲେ । ଲାସ୍କି ଅନୁଭବ କରି କହିଲେ ଯେ କ୍ରିପ୍‌ସଙ୍କ ମନୋଭାବ ଥିଲା- ''ତ୍ୟାଗକର, ନତୁବା ଗ୍ରହଣ କର ।'' ଏହା ସମ୍ବନ୍ଧରେ ନେହେରୁ କହିଥିଲେ ଯେ ସମସ୍ତ ବିଷୟ ପ୍ରଚାର ପାଇଁ ଉପସ୍ଥାପିତ ହୋଇଥିଲା, ଜାତୀୟବାଦୀ ଧାରଣା ପ୍ରତି ଏହାଥିଲା ଏକ ନିଷ୍ଠୁର ଉପହାସ ।

ଭାରତଛାଡ଼ ଆନ୍ଦୋଳନର କାରଣ
(Causes of the Quit India Movement)

୧୯୪୨, ଅପ୍ରେଲ ୧୧ ତାରିଖଦିନ କ୍ରିପ୍‌ସ ପ୍ରସ୍ତାବ ସରକାରଙ୍କ ଦ୍ୱାରା ପ୍ରତ୍ୟାହୃତ ହୋଇଥିଲା । ମିଶନର ବିଫଳତା ଗାନ୍ଧିଙ୍କ ପ୍ରାଣରେ ଗଭୀର ନୈରାଶ୍ୟ ସୃଷ୍ଟି କରିଥିଲା । ଫଳରେ ତାଙ୍କ ଆଭିମୁଖ୍ୟର ପରିବର୍ତ୍ତନ ଘଟିଲା । ୧୯୪୨ ଅପ୍ରେଲ ୧୯ ତାରିଖରେ ଗାନ୍ଧିଜୀ ହରିଜନ ପତ୍ରିକାରେ ଲେଖିଲେ, ଯଥାସମୟରେ ଓ ଶୃଙ୍ଖଳିତ ଭାବରେ ଇଂରେଜମାନେ ନିଜକୁ ଭାରତରୁ ପ୍ରତ୍ୟାହୃତ କରିନେବା ଉପରେ ରହିଛି ଉଭୟ ଭାରତ ଓ ବ୍ରିଟିଶ୍‌ର ନିରାପତ୍ତା ।

ଜାପାନ ରେଙ୍ଗୁନ୍ ଦଖଲ କଲାପରେ ଭାରତ ଉପରେ ପ୍ରତ୍ୟକ୍ଷ ବିପଦ ମାଡ଼ି ଆସିଥିଲା । ବ୍ରିଟିଶ୍ ସୈନ୍ୟମାନେ ପଛଘୁଞ୍ଚା ଦେଉଥିଲେ । ମନେହେଲା ଭାରତ ମାଟିରେ ଜାପାନ ଓ ଇଂରେଜମାନଙ୍କ ମଧ୍ୟରେ ଭୟାବହ ଯୁଦ୍ଧ ଲାଗିଯିବ । କଂଗ୍ରେସ ନେତାମାନେ ଆଶଙ୍କା କଲେ ଯେ ଜାପାନ ଭାରତ ଆକ୍ରମଣକଲେ ଅବସ୍ଥା ଭୟଙ୍କର ହେବ । ତେଣୁ ମହାତ୍ମାଗାନ୍ଧି ଅନୁଭବ କଲେ ଯେ ଇଂରେଜମାନେ ଭାରତ ଛାଡ଼ି ଚାଲିଗଲେ ଭାରତ ଉପରେ ଜାପାନୀମାନଙ୍କ ଆକ୍ରମଣର

ଭୟ ରହିବ ନାହିଁ । ସେ ଖୋଲାଖୋଲି ଭାବରେ ପ୍ରଚାର କଲେ ଯେ ଭାରତ ଓ ବ୍ରିଟିଶ୍ ମଧ୍ୟରେ ସବୁ ବନ୍ଧୁତ୍ୱପୂର୍ଣ୍ଣ ବୁଝାମଣା ଓ ସହଯୋଗର ଅବସାନ ଘଟିଛି । ଇଂରେଜମାନଙ୍କୁ ଲକ୍ଷ୍ୟ କରି ସେ କହିଲେ, ''ଭାରତକୁ ଜାପାନ ହସ୍ତରେ ଦିଅନାହିଁ, ବରଂ ବିଧିବଦ୍ଧ ଭାବରେ ଭାରତ ହାତରେ ଅର୍ପଣ କର ।'' କିନ୍ତୁ ନେହେରୁ ଦୃଢ଼ମତ ଦେଲେ ଯେ ଫାସିବାଦ ବିରୁଦ୍ଧରେ ଇଂରେଜମାନଙ୍କୁ ବିନାସର୍ତ୍ତରେ ସମର୍ଥନ କରିବା ଓ ଜାପାନକୁ ବିରୋଧ କରିବା ଉଚିତ ହେବ । ଦୁଇ ପ୍ରଖ୍ୟାତ ନେତାଙ୍କର ପରସ୍ପର ବିରୋଧୀ ମତାମତ ଆଲାହାବାଦଠାରେ (୧୯୪୨, ଅପ୍ରେଲ ୨୯ରୁ ମେ ୨ ତାରିଖ) ସର୍ବଭାରତୀୟ କଂଗ୍ରେସ କମିଟି ଅଧିବେଶନ ଓ କାର୍ଯ୍ୟକାରୀ କମିଟି ବୈଠକରେ ପ୍ରତିଫଳିତ ହେଲା । ଦୁଇନେତାଙ୍କ ମଧ୍ୟରେ ବୁଝାମଣା ହେଲା ଓ ଶେଷରେ କଂଗ୍ରେସ କମିଟି ଅଧିବେଶନରେ ପ୍ରସ୍ତାବ ନିଆଗଲା । କେବଳ ଭାରତର ସ୍ୱାର୍ଥ ନୁହେଁ, ବ୍ରିଟେନର ନିରାପତ୍ତା, ବିଶ୍ୱଶାନ୍ତି ଓ ସ୍ୱାଧୀନତା ପାଇଁ ବ୍ରିଟେନ ଭାରତଛାଡ଼ି ଚାଲିଯିବା ଉଚିତ୍ । ଅହିଂସ ଅସହଯୋଗ ଆନ୍ଦୋଳନ ମାଧ୍ୟମରେ ଭାରତ ବିପକ୍ଷରେ ଜାପାନର ସମ୍ଭାବ୍ୟ ଆକ୍ରମଣ ଦୃଢ଼ଭାବରେ ପ୍ରତିରୋଧ କରିହେବ । ଗାନ୍ଧିଜୀ ଅନୁଭବ କରିଥିଲେ, ''ଭାରତକୁ ରକ୍ଷାକରିବା ପାଇଁ ବ୍ରିଟେନ ଅକ୍ଷମ । ଜାପାନର ଗଣ୍ଡଗୋଳ ଭାରତ ସହିତ ନୁହେଁ । ଯଦି ଭାରତ ମୁକ୍ତ ହେବ, ଜାପାନ ସହିତ ସନ୍ଧି କରିବା ସମ୍ଭବତଃ ତା'ର ପ୍ରଥମ କର୍ତ୍ତବ୍ୟ ହେବ ।'' ଗାନ୍ଧିଙ୍କର ଆଦର୍ଶବାଦୀ ଆଭିମୁଖ୍ୟ ପରିସ୍ଥିତିର ବାସ୍ତବତାକୁ ଉପେକ୍ଷା କରୁଥିଲା । ନେହେରୁ, ରାଜଗୋପାଳଚାରୀ ଓ ଅନ୍ୟ କେତେକ କଂଗ୍ରେସ ନେତା ଚାହୁଁଥିଲେ ଯେ ଗାନ୍ଧି ତାଙ୍କର ଆଭିମୁଖ୍ୟ ଆଂଶିକ ଭାବରେ ପରିବର୍ତ୍ତନ କରନ୍ତୁ । ଆଜାଦ ମଧ୍ୟ ଭାରତ ଛାଡ଼ ପ୍ରସ୍ତାବ ଗ୍ରହଣ କରିପାରୁନଥିଲେ । ସର୍ଦ୍ଦାର ପଟେଲ, ରାଜେନ୍ଦ୍ର ପ୍ରସାଦ ଓ ଆଚାର୍ଯ୍ୟ କୃପାଳାନୀ ପ୍ରଭୃତି ଗାନ୍ଧିଙ୍କ ଇଚ୍ଛାରେ ପରିଚାଳିତ ହେଉଥିଲେ । ଗାନ୍ଧିଜୀ କହୁଥିଲେ, ଯେହେତୁ ଭାରତ ସୀମାରେ ଯୁଦ୍ଧ ଲାଗିଗଲାଣି, ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଗଲେ ସରକାର କଂଗ୍ରେସ ସହିତ ଏକ ସନ୍ଧି କରିବେ ।

ଭାରତଛାଡ଼ ପ୍ରସ୍ତାବ
(Quit India Resolution)

୧୯୪୨ ଖ୍ରୀଷ୍ଟାବ୍ଦ ଜୁଲାଇ ୧୪ ତାରିଖ ଦିନ ୱାର୍ଦ୍ଧାଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି ଏକ ଦୀର୍ଘ ପ୍ରସ୍ତାବ ଆଣିଲେ । ଏହାଥିଲା ଐତିହାସିକ ଭାରତଛାଡ଼ ପ୍ରସ୍ତାବ– ''ଭାରତରୁ ବ୍ରିଟିଶ୍ ଶାସନ ସହସା ପରିସମାପ୍ତି ହୋଇଯିବା ଉଚିତ୍ । ଭାରତର ସ୍ୱାଧୀନତା କେବଳ ତା' ପାଇଁ ନୁହଁ, ଏହା ବିଶ୍ୱର ନିରାପତ୍ତା ନିମନ୍ତେ ଆବଶ୍ୟକ ।'' ଏହାଦ୍ୱାରା ନାଜିବାଦ, ଫାସିବାଦ,

ସାମରିକବାଦ ଓ ସମସ୍ତପ୍ରକାର ସାମ୍ରାଜ୍ୟବାଦ ଏବଂ ଜାତି ଉପରେ ଜାତିର ଆକ୍ରମଣର ପରିସମାପ୍ତି ଘଟିବ । ଭାରତରୁ ଇଂରେଜ ରାଜତ୍ୱର ଅବସାନ ଘଟିଲେ ଦେଶର ଦାୟିତ୍ୱବାନ୍ ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ ଏକ ଅସ୍ଥାୟୀ ସରକାର ଗଢ଼ିବେ । ସମସ୍ତ ଜାତି, ସମ୍ପ୍ରଦାୟ ଓ ଗୋଷ୍ଠୀ ଗ୍ରହଣ କଲାପରି ଗୋଟିଏ ଶାସନ ବିଧାୟକ ସଭା ଦେଶପାଇଁ ସମ୍ବିଧାନ ପ୍ରଣୟନ କରିବେ । ସରକାରଙ୍କର ପ୍ରଥମ କାର୍ଯ୍ୟ ହେବ ଭାରତର ନିରାପତ୍ତା ରକ୍ଷା କରିବା ଓ ସମସ୍ତ ଅସ୍ତ୍ରଶସ୍ତ୍ର ଓ ଅହିଂସାବାହିନୀକୁ ନେଇ ବୈଦେଶିକ ଆକ୍ରମଣ ବନ୍ଦ କରିବା । ସ୍ୱାଧୀନଭାରତ ଜାତିସଂଘର ଏକ ମିତ୍ର ସଭ୍ୟ ହୋଇ ରହିବ । ମିତ୍ରଶକ୍ତିମାନେ ଭାରତ ଭିତରେ ରହି ଜାପାନୀମାନଙ୍କୁ ପ୍ରତିହତ କରିବେ ଏବଂ ଚୀନ୍‌କୁ ରକ୍ଷା ଓ ସାହାଯ୍ୟ କରିପାରିବେ ।

ଭାରତଛାଡ଼ ପ୍ରସ୍ତାବ ଅନୁମୋଦନ କରିବାପାଇଁ ବମ୍ବେଠାରେ ଭାରତର ଜାତୀୟ କଂଗ୍ରେସର ଏକ ଅଧିବେଶନ (୧୯୪୨, ଅଗଷ୍ଟ ୭) ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ସଭାପତି ଆଜାଦ୍ ଭାରତ ଛାଡ଼ ଦାବି ଉପରେ ସଭ୍ୟମାନଙ୍କୁ ଏକ ଧାରଣା ଦେଇଥିଲେ । ସାହସ ଓ ଧୈର୍ଯ୍ୟର ସହିତ ସବୁପ୍ରକାର ବିପଦ ମୁକାବିଲା କରି ଗାନ୍ଧିଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବା ନିମନ୍ତେ ଦେଶବାସୀଙ୍କୁ ଆହ୍ୱାନ ଦିଆଗଲା । ନେହେରୁ କହିଲେ, ''ସ୍ୱାଧୀନତା ଏହିଠାରେ, ଏହି ମୁହୂର୍ତ୍ତରେ । ଏହା ନିଃସନ୍ଦେହ ଯେ ଏହା ହେଉଛି ଦେଶର ମନୋଭାବ ।'' ଗାନ୍ଧି କହିଥିଲେ, ''ଏହି ମୁହୂର୍ତ୍ତରୁ ଆପଣମାନେ ପ୍ରତ୍ୟେକ ନିଜକୁ ସ୍ୱାଧୀନ ପୁରୁଷ ଓ ମହିଳା ବୋଲି ବିଚାର କରନ୍ତୁ, ଏବଂ ସାମ୍ରାଜ୍ୟବାଦ ପାଦତଳେ ଅବନତ ନୁହନ୍ତି ବୋଲି ଅନୁଭବ କରି ସ୍ୱାଧୀନ ଭାବରେ କାର୍ଯ୍ୟକରନ୍ତୁ ।'' ସେ ପୁଣି କହିଥିଲେ, ''ସମ୍ପୂର୍ଣ୍ଣ ସ୍ୱାଧୀନତାଠାରୁ ଊଣା କୌଣସି ବିଷୟରେ ମୁଁ ସନ୍ତୁଷ୍ଟ ହେବାକୁ ଯାଉନାହିଁ । ଆମେ କରିବୁ କିମ୍ବା ମରିବୁ ।'' ମାତ୍ର ବଡ଼ଲାଟ ସ୍ପଷ୍ଟ କରିଦେଇଥିଲେ ଯେ ହିଂସା ହେଉ ବା ଅହିଂସା ହେଉ, ଯୁଦ୍ଧ ସମୟରେ ଯେ କୌଣସି ପ୍ରକାର ବିଦ୍ରୋହ ସରକାର ବରଦାସ୍ତ କରିବେ ନାହିଁ । କ୍ରିପ୍‌ସ ମଧ୍ୟ ଗାନ୍ଧିଙ୍କୁ 'ଜଣେ ଅବାସ୍ତବ କଳ୍ପନାବିଳାସୀ' ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ ।

ଅଗଷ୍ଟ ୮ ତାରିଖ ରାତ୍ରିରେ ଭାରତଛାଡ଼ ପ୍ରସ୍ତାବ ଅନୁମୋଦନ କଲାପରେ ଅଧିବେଶନ ସମାପ୍ତ ହେଲା । ଗାନ୍ଧିଜୀଙ୍କ ନେତୃତ୍ୱରେ ଯଥାସମ୍ଭବ ଏକ ବ୍ୟାପକ ଅହିଂସ ଗଣ ବିଦ୍ରୋହ ଆରମ୍ଭ କରିବାପାଇଁ କଂଗ୍ରେସ କମିଟି ମଧ୍ୟ ଅନୁମୋଦନ କରିଥିଲେ । ଗାନ୍ଧି କହିଥିଲେ, ''ଆନ୍ଦୋଳନ ଭଦ୍ରଭାବରେ ଚଳାଇବା ପାଇଁ ମୁଁ ପୂର୍ବରୁ ପ୍ରତ୍ୟେକ ସତର୍କତା ଅବଲମ୍ବନ କରିବି; କିନ୍ତୁ ଯଦି ଦେଖିବି ଯେ ବ୍ରିଟିଶ୍ ସରକାର କିମ୍ବା ମିତ୍ରଶକ୍ତିଙ୍କ ଉପରେ କିଛି ପ୍ରଭାବ ପଡୁନାହିଁ, ମୁଁ ଚରମ ସୀମାକୁ ଯିବା ପାଇଁ ଦ୍ୱିଧାବୋଧ କରିବି ନାହିଁ ।''

ଆନ୍ଦୋଳନର ପ୍ରସାର (Spread of the Movement)

୧୯୪୨ ଅଗଷ୍ଟ ୯ ତାରିଖ ପ୍ରତ୍ୟୁଷରେ ଗାନ୍ଧି, ଆଜାଦ ଓ କଂଗ୍ରେସର ଅନ୍ୟସବୁ ବଡ଼ବଡ଼ ନେତାମାନଙ୍କୁ ଗିରଫ କରାଗଲା । ଗାନ୍ଧି ଓ ନେତାମାନଙ୍କର ଗିରଫ ସମ୍ବାଦ ସାରା ଭାରତରେ ବିଦ୍ୟୁତ୍ ବେଗରେ ପ୍ରଚାର ହୋଇଗଲା । ଭାରତଛାଡ଼ ଆନ୍ଦୋଳନ କାର୍ଯ୍ୟକାରୀ କରାଇବା ପାଇଁ ହରତାଳ ପାଳନ, କରବନ୍ଦ, ଲୁଣ ପ୍ରସ୍ତୁତ, କାଗଜନୋଟ ବ୍ୟବହାର ବାରଣ, ସରକାରୀ ଅଫିସ ଓ ଥାନା ଅଚଳ, ରାସ୍ତା, ଟେଲିଗ୍ରାଫ ଲାଇନ ଓ ରେଳଧାରଣା ବିପର୍ଯ୍ୟସ୍ତ ଆଦି ବାରଦଫା ସମ୍ବଳିତ କାର୍ଯ୍ୟକ୍ରମ କଂଗ୍ରେସ ନେତାମାନେ ପ୍ରସ୍ତୁତ କରିଥିଲେ । କଂଗ୍ରେସର ଅହିଂସାନୀତି ଛାଡ଼ି ଲୋକମାନେ କ୍ରୋଧରେ ପାଗଳ ହୋଇଗଲେ । ବିଦ୍ରୋହୀମାନେ ଥିଲେ ନିରସ୍ତ୍ର, ମାତ୍ର ଖୁବ୍ ହିଂସ୍ର । କେବଳ ହରତାଳ ନୁହେଁ ଇଂରେଜୀ ବିରୋଧୀ ସଭା, ବିକ୍ଷୋଭ, ପୋଡ଼ାଜଳା, ହତ୍ୟା, ଗଣ୍ଡଗୋଳ ଇତ୍ୟାଦି ଭାରତର ଗୋଟିଏ ପାଖରୁ ଅନ୍ୟ ପାଖଯାଏ ବ୍ୟାପି ଯାଇଥିଲା । ବିପ୍ଳବର ଧ୍ୱନି, ଜାତୀୟ ସଙ୍ଗୀତ ଗାନ ଓ ନେତାମାନଙ୍କର ମୁକ୍ତିଦାବି ସମ୍ବଳିତ ଧ୍ୱନିରେ ଦେଶ କମ୍ପିତ ହେଲା । ମାଡ୍ରାସ, ବମ୍ବେ, ବିହାର, ଦିଲ୍ଲୀ, ଲକ୍ଷ୍ନୌ, କାନପୁର, ନାଗପୁର ଓ ଅହମ୍ମଦାବାଦଠାରେ ଧର୍ମଘଟ ଆରମ୍ଭ ହେଲା । ଅହମ୍ମଦାବାଦ ଲୁଗାକଳଗୁଡ଼ିକରେ ସାଢ଼େ ତିନିମାସ ଧର୍ମଘଟ ଲାଗିରହିଲା । ଏହି ସହରକୁ ଭାରତର ଷ୍ଟାଲିନଗାର୍ଡ଼ ସହିତ ତୁଳନା କରାଯାଏ । କେନ୍ଦ୍ରାଞ୍ଚଳ, ବମ୍ବେ, ଯୁକ୍ତପ୍ରଦେଶରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା । ଏହି ସ୍ଥାନଗୁଡ଼ିକରେ ବୋମା ତିଆରି କରାଗଲା । ଟ୍ରାମ୍, ବସ୍, ମଟର ଗାଡ଼ି ଉପରେ ଆକ୍ରମଣ ହେଲା । ଡାକ ଓ ଟେଲିଗ୍ରାଫ ବିଭାଗଗୁଡ଼ିକର ସମ୍ପତ୍ତି ନଷ୍ଟ କରି ଦିଆଗଲା । ବନାରସ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଏଠାରେ ଥିବା ଶାସନକଳକୁ ଅଚଳ କରିଦେଇଥିଲେ ।

ବିହାର, ଉତ୍ତରପ୍ରଦେଶ, ବଙ୍ଗଳାର ମିଦନାପୁର, ମହାରାଷ୍ଟ୍ରର କେତେକ ଅଞ୍ଚଳ, କର୍ଣ୍ଣାଟକ ଓ ଓଡ଼ିଶାର ଲୋକମାନେ ଆଞ୍ଚଳିକ ସ୍ତରରେ ସରକାର ପ୍ରତିଷ୍ଠା କଲେ । ବିଦ୍ରୋହୀମାନେ ସରକାରୀ କୋଠା, ବିଦ୍ୟୁତ ତାର, ପୋଷ୍ଟ ଅଫିସ, ଥାନା, ରାସ୍ତା ଇତ୍ୟାଦି ଧ୍ୱଂସ କରିଦେଲେ । ଟେଲିଗ୍ରାଫ ଲାଇନ୍ କାଟିଦିଆଗଲା ଏବଂ ରେଳଗାଡ଼ିକୁ ଲାଇନଚ୍ୟୁତ କରିବାପାଇଁ ପ୍ରୟାସ କରାଗଲା । ଖଜଣା ନ ଦେବା ପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତାଗଲା । ସାତାରା, ସୂତାହାଟ ଓ କର୍ଣ୍ଣାଟକରେ ୧୯୪୪ ମସିହା ପର୍ଯ୍ୟନ୍ତ ଚାଷୀମାନେ ଗରିଲାଯୁଦ୍ଧ ଚଳାଇଲେ । ଅଚ୍ୟୁତ ପଟବର୍ଦ୍ଧନ, ଜୟପ୍ରକାଶ ନାରାୟଣ, ରାମମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲି, ନାନାପଟିଲ ପ୍ରଭୃତି ନେତା ଗୋପନରେ ଆନ୍ଦୋଳନ ଚଳାଇଲେ । ସେମାନେ ବମ୍ବେଠାରେ କେନ୍ଦ୍ରୀୟ ନିର୍ଦ୍ଦେଶାଳୟ ଏବଂ 'ଆଜାଦ ଦସ୍ତା' ନାମକ ଏକ ସମାନ୍ତରାଳ ଗରିଲା ସଂଗଠନ ପ୍ରତିଷ୍ଠା କରିଥିଲେ, ଯାହାର ଭାରତବ୍ୟାପୀ ଶାଖାମାନ ଖୋଲିଥିଲା ।

ଛାତ୍ରମାନେ ଧର୍ମଘଟରେ ଯୋଗଦେଲେ । ଢାକାଠାରୁ ଦିଲ୍ଲୀଯାଏ (ଆଲିଗଡ଼ ବ୍ୟତୀତ) ଏବଂ ଲାହୋର ଠାରୁ ମାଡ୍ରାସ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଗଲା । ଏହି ବିପ୍ଳବ ବ୍ରିଟିଶ୍ ଭାରତ ସୀମାଦେଇ ଦେଶୀୟ ରାଜ୍ୟରେ ମଧ୍ୟ ପ୍ରବେଶ କରିଥିଲା ।

ଆନ୍ଦୋଳନର ଦମନ (Repression of the Movement)

ବିଦ୍ରୋହ କ୍ଷଣସ୍ଥାୟୀ ହେଲେ ମଧ୍ୟ ଖୁବ୍ ଶକ୍ତିଶାଳୀ ଥିଲା । ସରକାର ବିଦ୍ରୋହ ଦମନ ପାଇଁ ପାଶବିକ ଶକ୍ତି ପ୍ରୟୋଗ କରିଥିଲେ ।

ଗାନ୍ଧିଙ୍କୁ ଆଗା ଖାଁ ପ୍ରାସାଦ ଏବଂ କଂଗ୍ରେସ ନେତାମାନଙ୍କୁ ଅହମ୍ମଦନଗର ଦୁର୍ଗରେ ବନ୍ଦୀ କରାଗଲା । କଂଗ୍ରେସ ସଂଗଠନକୁ ବେଆଇନ ଘୋଷଣା କରାଗଲା । କଂଗ୍ରେସ ପାଣ୍ଠି ଖୋଲାଖୋଲି ଭାବରେ ବାଜ୍ୟାପ୍ତି କରାଗଲା । ହରିଜନ ଓ ଅନ୍ୟାନ୍ୟ ପତ୍ରିକା ଉପରେ କଟକଣା ଜାରି ହେଲା । ଲାଠିମାଡ଼, ଗୁଳି ଚାଳନା, ଜୋରିମାନା, ଜେଲଦଣ୍ଡ, ଗୃହଦାହ, ଧର୍ଷଣ ଓ ଅନ୍ୟାନ୍ୟ ଦୈହିକ ଉତ୍ପୀଡ଼ନ ବିଦ୍ରୋହ ଦମନ ପାଇଁ ସାଧାରଣ କଥା ଥିଲା ।

ଜାପାନୀ ଆକ୍ରମଣ ପ୍ରତିରୋଧ କରିବା ପାଇଁ ଭାରତରେ ଯେଉଁ ଇଂରେଜ ସୈନ୍ୟଥିଲେ ସେମାନେ ବିଦ୍ରୋହ ଦମନ କଲେ । ସତେଯେପରି ସାରାଦେଶ ଗୋଟିଏ ପୋଲିସ ରାଜ୍ୟରେ ପରିଣତ ହୋଇଗଲା । ହୁଇପିଙ୍ଗ ଆଇନ (Whipping Act) ଲାଗୁ କରାଯାଇ ହଜାର ହଜାର ଲୋକଙ୍କୁ ବିନା ବିଚାରରେ ବନ୍ଦୀ କରାଗଲା । ଲୋକମାନଙ୍କୁ ଭୟଭୀତ କରିବାକୁ ଗାଁ ଗଣ୍ଡାରେ ଅଗ୍ନିସଂଯୋଗ କରାଗଲା । ମହିଳା, ଶିଶୁ ଓ ବୃଦ୍ଧମାନେ ଅତ୍ୟାଚାରରୁ ବାଦ୍‌ପଡ଼ି ନଥିଲେ । ୧୯୪୨, ଅଗଷ୍ଟ ୧୫ ତାରିଖଦିନ ପାଟନାଠାରେ ଯାତାୟାତରେ ବାଧା ଦେଉଥିବା ଅଜସ୍ର ଜନତାଙ୍କ ଉପରେ ଆକାଶମାର୍ଗରୁ ଗୁଳିବର୍ଷଣ କରିବାକୁ ବଡ଼ଲାଟ ନିର୍ଦ୍ଦେଶ ଦେଲେ । ବିହାରର ଭାଗଲପୁର ଏବଂ ମୋଙ୍ଗିର, ବଙ୍ଗଳାର ନଦିଆ ଓ ତାମଲୁକ୍ ଓ ଓଡ଼ିଶାର ତାଳଚେରଠାରେ ଅନୁରୂପ ଗୁଳିମାଡ଼ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ଇରମ ଓ ଲୁଣିଆଠାରେ ହତ୍ୟାକାଣ୍ଡ ଦେଖିବାକୁ ମିଳିଥିଲା । ଇରମ ହତ୍ୟାକାଣ୍ଡକୁ ଦ୍ୱିତୀୟ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ବୋଲି କୁହାଯାଏ ।

ଏକ ସରକାରୀ ହିସାବ ଅନୁଯାୟୀ ୧,୦୨୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ୩,୧୨୫ ଜଣ ଗୁରୁତରଭାବରେ ଆହତ ହୋଇଥିଲେ । ୧୯୪୩ ମସିହା ଶେଷ ଭାଗ ମଧ୍ୟରେ ୯୧,୮୩୬ ଜଣ ଲୋକଙ୍କୁ ବନ୍ଦୀ କରାଯାଇଥିଲା । ୧୯୪୨, ସେପ୍ଟେମ୍ବର ୧୦ ତାରିଖରେ ଚର୍ଚ୍ଚିଲ୍ ବିଜୟଦର୍ପରେ ହାଉସ ଅଫ୍ କମନ୍ସରେ କହିଥିଲେ, ''ସରକାରଙ୍କର ସମସ୍ତ ଶକ୍ତି ଖଟାଇ ବିଦ୍ରୋହ ଦମନ କରାଯାଇଛି ।''

ଆନ୍ଦୋଳନର ଫଳାଫଳ (Effects of the Movement)

ଭାରତ ଛାଡ଼ ଆନ୍ଦୋଳନକୁ ଇଂରେଜମାନେ ବିଦ୍ରୋହ ଆଖ୍ୟା ଦେଇଥିବାବେଳେ କଂଗ୍ରେସର ନେତୃବୃନ୍ଦ କହୁଥିଲେ ଯେ ଇଂରେଜମାନଙ୍କୁ ହଟାଇ ଦେବାପାଇଁ ଏହା ଥିଲା ଲୋକମାନଙ୍କର ଏକ ସ୍ୱତଃ ପ୍ରବୃତ୍ତ ଆନ୍ଦୋଳନ ।

ବିଦ୍ରୋହ ପ୍ରମାଣ କରିଦେଲା ଯେ ବ୍ରିଟିଶ୍ ଶାସନ ପ୍ରତି ଲୋକମାନଙ୍କର ଆନୁଗତ୍ୟ ଓ ଭୟର ପରିସମାପ୍ତି ଘଟିଛି । ଲୋକମାନେ ବ୍ରିଟିଶ୍ ଶକ୍ତିର ପାଶବିକ ଦମନକୁ ଭ୍ରୂକ୍ଷେପ କରିନଥିଲେ । ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ସେମାନଙ୍କ କ୍ରୋଧ ଓ ଘୃଣାଭାବ ପ୍ରକାଶ ପାଇଥିଲା; କିନ୍ତୁ ମୁସଲମାନ୍‌ମାନେ ଏ ଆନ୍ଦୋଳନରୁ କ୍ଷାନ୍ତ ହୋଇ ଇଂରେଜମାନଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିଥିଲେ ।

ଭାରତଛାଡ଼ ଆନ୍ଦୋଳନ ସ୍ୱାଧୀନତା ପାଇଁ ପଥ ଉନ୍ମୋଚନ କରିଥିଲା । ମନ୍ମଥନାଥ ଦାସ ଲେଖିଛନ୍ତି, ‘‘ସେହି ମହାଯୁଦ୍ଧର ଧ୍ୱଂସଲୀଳା ମଧ୍ୟରୁ ସବୁଦେଶରେ ଜାତୀୟ ସ୍ୱାଧୀନତା ପାଇଁ ମନୁଷ୍ୟର ସଂଗଠିତ ଶକ୍ତି ଆତ୍ମ ପ୍ରକାଶ କରୁଥିଲା । ସେ ସବୁ ଦେଶମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲା ଭାରତବର୍ଷ ।’’ ବାସ୍ତବିକ ଭାରତର ସ୍ୱାଧୀନତା ବିରୋଧୀ ଚର୍ଚ୍ଚିଲଙ୍କର ହୃଦ୍‌ବୋଧ ହେଲା ଯେ ଭାରତକୁ ଧରି ରଖିବାକୁ ବ୍ରିଟିଶ୍ ଆଉ ସକ୍ଷମ ହେବ ନାହିଁ । ସେ ରାଜାଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ ଯେ ବ୍ରିଟେନର ରାଜନୈତିକ ଦଳର ନେତାମାନେ ଭାରତକୁ କ୍ଷମତା ହସ୍ତାନ୍ତର କରିବାକୁ ସମ୍ମତ ହେଉଛନ୍ତି । ସେଥିପାଇଁ ୧୯୪୨ ଜୁଲାଇ ମାସରେ ବ୍ରିଟିଶ୍ ରାଜା ଡାଏରିରେ ଲେଖିଥିଲେ, ‘‘ସେ (ଚର୍ଚ୍ଚିଲ) ଏକଥା କହି ମୋତେ ସ୍ତମ୍ଭୀଭୂତ କରିଛନ୍ତି ଯେ ତାଙ୍କର ସହକର୍ମୀବୃନ୍ଦ, ପାର୍ଲିଆମେଣ୍ଟରେ ଉଭୟ କିମ୍ବା ସମସ୍ତ ତିନିଗୋଟି ଦଳ ଯୁଦ୍ଧପରେ ଭାରତକୁ ଭାରତୀୟମାନଙ୍କୁ ଅର୍ପଣ କରିଦେବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତ ହେଉଛନ୍ତି ।’’

বিংশ অধ্যায়

ସାମ୍ପ୍ରଦାୟିକ ରାଜନୀତି ଏବଂ ବିଭାଜନ

ଭାରତ ସ୍ୱାଧୀନତା ଆଇନ, ୧୯୪୭

(Communal Politics and Partition, Indian Independence Act, 1947)

ମୁସଲମାନ୍‌ମାନଙ୍କର ଭାରତକୁ ଆଗମନ ପରେ ରାଜନୀତିକ, ଧର୍ମ, ଭାଷା ଓ ସାମାଜିକ ପୃଷ୍ଠଭୂମି ଉପରେ ଏକ ମୁସଲମାନ୍ ସଂସ୍କୃତି ଗଢ଼ିଉଠିଥିଲା । କାଳକ୍ରମେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଅନେକ କ୍ଷେତ୍ରରେ ସାଂସ୍କୃତିକ ସମନ୍ୱୟ ଘଟିଥିଲା । ତଥାପି ଉଭୟ ଗୋଷ୍ଠୀ ପୃଥକ୍ ପୃଥକ୍ ସମ୍ପ୍ରଦାୟ ପରି ଚଳୁଥିଲେ । ସୁଲତାନ୍ ଆଲାଉଦ୍ଦୀନ ଖିଲଜୀ ଓ ସମ୍ରାଟ ଆଉରଙ୍ଗଜେବ ହିନ୍ଦୁମାନଙ୍କ ପ୍ରତି କଠୋର ନୀତି ପ୍ରଣୟନ କରିଥିଲେ । ଉଦାହରଣସ୍ୱରୂପ, ଭାରତ ହିନ୍ଦୁମାନଙ୍କର ଦେଶ ହୋଇଥିଲେ ମଧ୍ୟ ସେମାନଙ୍କୁ ଜିଜିୟା ପରି ଏକ ଧର୍ମକର ଦେବାକୁ ପଡୁଥିଲା । ଅବଶ୍ୟ ଭକ୍ତି ଆନ୍ଦୋଳନ ଓ ଆକବରଙ୍କର ହିନ୍ଦୁମାନଙ୍କ ପ୍ରତି ଉଦାର ନୀତି, ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକ ପ୍ରକାର ମିଳନ ଓ ସୁସମ୍ପର୍କ ସ୍ଥାପନ କରିପାରିଲା । ସମଗ୍ର ମଧ୍ୟଯୁଗରେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଏକ ବୃହତ ଭାଗ ସହନଶୀଳତା ଓ ଭ୍ରାତୃତ୍ୱ ମଧ୍ୟରେ ଏକତ୍ର ଅବସ୍ଥାନ କରିଥିଲା । ଭାରତୀୟ ସମାଜରେ ସାମ୍ପ୍ରଦାୟିକତା ସ୍ୱାଭାବିକ ନଥିଲା, କେତେକ ବିଶେଷ ପରିସ୍ଥିତି ଓ ଭିନ୍ନ ଭିନ୍ନ ଶକ୍ତିର ମିଳନ ଯୋଗୁଁ ଏହାର ସୃଷ୍ଟି ହେଲା ।

ସାମ୍ପ୍ରଦାୟିକତାର ଆକସ୍ମିକ ଆବିର୍ଭାବ (Emergence of Communalism)

ଇଂରେଜମାନଙ୍କ ଆଗମନ ପରେ ସାମ୍ପ୍ରଦାୟିକତାର ଆକସ୍ମିକ ଆବିର୍ଭାବ ଘଟିଲା । ଇଂରେଜମାନେ ମୁସଲମାନ୍‌ମାନଙ୍କର ପ୍ରକୃତ ବନ୍ଧୁ ନଥିଲେ କିମ୍ବା ହିନ୍ଦୁମାନଙ୍କର ଶତ୍ରୁ ନଥିଲେ । ନିଜର ସାମ୍ରାଜ୍ୟବାଦ ନୀତିକୁ ସୁହାଇଲା ପରି ଇଂରେଜମାନେ ହିନ୍ଦୁ ବା ମୁସଲମାନ୍‌ମାନଙ୍କୁ ଶତ୍ରୁ ବା ମିତ୍ର ପରି ବ୍ୟବହାର କରୁଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ବିଭେଦର ପ୍ରାଚୀର ଗଢ଼ି ଭାରତରେ ଅଧିକ କାଳ ଶାସନ କରିବେ । ବମ୍ବେର ଗଭର୍ଣ୍ଣର ଜନ୍ ଏଲଫିନଷ୍ଟୋନ୍ (୧୮୫୩-୬୦) ଏକ ବିବରଣୀରେ ଲେଖିଥିଲେ, "ଭାଗକର ଓ

ଶାସନକର (Divide et Impera)– ଏହା ହେଉଛି ପୁରାତନ ରୋମୀୟମାନଙ୍କର ସଂକ୍ଷିପ୍ତ ନୀତିବାକ୍ୟ ଏବଂ ଏହି ନୀତି ଆମେ ଗ୍ରହଣ କରିବା ଉଚିତ ।''

ସିପାହୀ ବିଦ୍ରୋହ ସମୟରେ ହିନ୍ଦୁ ଓ ମୁସଲମାନ୍ ମିଳିତ ଭାବରେ ବ୍ରିଟିଶ୍ ବିରୋଧରେ ଲଢ଼ିଥିଲେ; ମାତ୍ର ମୁସଲମାନ୍‌ମାନଙ୍କ ପାଇଁ ଦେଶ ଅପେକ୍ଷା ଧର୍ମ ବଡ଼ ଥିଲା । ଇଂରେଜମାନଙ୍କର ଧାରଣା ହେଲା, ମୁସଲମାନ୍‌ମାନେ ବାହାଦୁର ଶାହଙ୍କ ନେତୃତ୍ୱରେ ସେମାନଙ୍କୁ ଏ ଦେଶରୁ ବିତାଡ଼ିତ କରି ପୁଣି ସାମ୍ରାଜ୍ୟ ଦଖଲ କରିବେ । ତେଣୁ ଶକ୍ତିଶାଳୀ ହିନ୍ଦୁଗୋଷ୍ଠୀ, ବିଶେଷ କରି ରାଜପୁତମାନଙ୍କୁ ମୁସଲମାନ୍‌ମାନଙ୍କ ବିରୁଦ୍ଧରେ ଉତ୍ତେଜିତ କରିବାକୁ ଇଂରେଜମାନେ ପଶ୍ଚାତ୍‌ପଦ ହେଲେନାହିଁ । ମୁସଲମାନ୍‌ମାନେ ମଧ୍ୟ ଇଂରାଜୀ ଶିକ୍ଷା ଓ ପାଶ୍ଚାତ୍ୟ ସଭ୍ୟତା ପ୍ରତି ବୀତସ୍ପୃହ ଥିବାବେଳେ ହିନ୍ଦୁମାନେ ଏହାକୁ ସ୍ୱାଗତ କଲେ । ବ୍ରିଟିଶ୍ ଅର୍ଥନୀତି ଓ ଶିକ୍ଷାନୀତି ଦ୍ୱାରା ମୁସଲମାନ୍‌ମାନଙ୍କ ଅପେକ୍ଷା ହିନ୍ଦୁମାନେ ବେଶି ଉପକୃତ ହେଉଥିଲେ ।

୧୮୭୦ ଖ୍ରୀଷ୍ଟାବ୍ଦ ପରେ ବ୍ରିଟିଶ୍ ଶାସକମାନଙ୍କର ମନୋଭାବରେ ପରିବର୍ତ୍ତନ ଘଟିଲା । ରାଜନୀତିକ ଦୃଷ୍ଟିକୋଣରୁ ମୁସଲମାନ୍‌ମାନଙ୍କଠାରୁ ହିନ୍ଦୁମାନେ ଅଧିକତର ଅଗ୍ରଣୀ ଥିଲେ । ହିନ୍ଦୁମାନେ ଇଂରେଜମାନଙ୍କଠାରୁ ଅଧିକ ରାଜନୀତିକ ଅଧିକାର ଓ ପ୍ରତିନିଧିମୂଳକ ଶାସନ ପାଇଁ ଦାବି କରୁଥିଲେ । ରାଜନୀତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ପଛୁଆ ମୁସଲମାନ୍‌ଙ୍କଠାରୁ ଇଂରେଜମାନଙ୍କ ଶାସନ ପ୍ରତି ହିନ୍ଦୁମାନେ ଥିଲେ ଅଧିକ ବିପଦପୂର୍ଣ୍ଣ । ଏହିଥିରୁ ବ୍ରିଟିଶ୍ ନୀତିର ପରିବର୍ତ୍ତନ ପାଇଁ ଆବଶ୍ୟକ ପଡ଼ିଲା । ଭାରତ ଶାସନ ଦାୟିତ୍ୱରେ ଥିବା ଆଙ୍ଗ୍ଲୋ-ଭାରତ ଅମଲାତନ୍ତ୍ର ନିମ୍ନସ୍ତରରେ ବ୍ରିଟିଶ୍ ନୀତି ପରିବର୍ତ୍ତନ କରିବାକୁ ଚେଷ୍ଟା କଲେ । ଡବ୍ଲ୍ୟୁ. ଡବ୍ଲ୍ୟୁ. ହଣ୍ଟର ତାଙ୍କ ପୁସ୍ତକ 'ଦି ଇଣ୍ଡିଆନ୍ ମୁସଲମାନ୍ (୧୮୭୧)'ରେ ଦର୍ଶାଇଛନ୍ତି ଯେ ''ମୁସଲମାନ୍‌ମାନେ ବିଦ୍ରୋହ କରିବାକୁ ଖୁବ୍ ଦୁର୍ବଳ'' ଏବଂ ତା' ସହିତ ପରାମର୍ଶ ଦେଇଛନ୍ତି ଯେ ମୁସଲିମ୍ ସମ୍ପ୍ରଦାୟ ପ୍ରତି ସରକାର ମନୋଭାବ ପରିବର୍ତ୍ତନ କରନ୍ତୁ । ୧୮୫୭ ଖ୍ରୀଷ୍ଟାବ୍ଦ ପରେ ହିନ୍ଦୁମାନଙ୍କଠାରେ ଜାତୀୟତା ଓ ଦେଶପ୍ରେମ ଭାବ ଜାଗରିତ ହୋଇଥିଲା ଏବଂ ଏହା ଇଂରେଜମାନଙ୍କୁ ଶଙ୍କିତ କରିଥିଲା ।

ସୈୟଦ ଅହମ୍ମଦ ଖାଁ (Syed Ahmed Khan)

ସୈୟଦ ଅହମ୍ମଦ ଖାଁଙ୍କ ପରିବର୍ତ୍ତିତ ନୀତି ଭାରତରେ ସାମ୍ପ୍ରଦାୟିକ ସମସ୍ୟା ସୃଷ୍ଟି କରିଥିଲା । ପ୍ରଥମେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ତାଙ୍କର ଇଚ୍ଛା ଥିଲା; କିନ୍ତୁ ସେ ପରେ ତାଙ୍କ ମତ ପରିବର୍ତ୍ତନ କରି ଭାରତୀୟ ଜାତୀୟ କଂଗ୍ରେସକୁ କଠୋର ଭାବରେ ବିରୋଧ କଲେ । ସେ ଥରେ କହିଥିଲେ, ''ହିନ୍ଦୁ ଓ ମୁସଲମାନ୍ ଜଣେ ନବବିବାହିତ ପତ୍ନୀର ଦୁଇ ଚକ୍ଷୁ ସଦୃଶ, ଗୋଟିଏ ଚକ୍ଷୁ କ୍ଷତ ହେଲେ ସମଗ୍ର ମୁଖମଣ୍ଡଳ ବିକୃତ ହୋଇଯିବ ।'' ସେ ଚାହୁଁଥିଲେ ଉଚ୍ଚ ଶିକ୍ଷା ଦ୍ୱାରା ମୁସଲମାନ୍‌ମାନଙ୍କୁ ପକ୍ୱ କରି ହିନ୍ଦୁ ବୁଦ୍ଧିଜୀବୀଙ୍କ ପରି ଛିଡ଼ା

କରିଦେବେ । ଗୋଟିଏ ପଞ୍ଜାବୀ ହିନ୍ଦୁ ଶ୍ରୋତୃବର୍ଗ ସମ୍ମୁଖରେ ଭାଷଣ ଦେବାବେଳେ ସେ କହିଥିଲେ, "ଭାରତର ପ୍ରତ୍ୟେକ ଅଧିବାସୀ ହେଉଛନ୍ତି ଜଣେ ହିନ୍ଦୁ । ତେଣୁ ମୁଁ ଦୁଃଖିତ ଯେ ତୁମେମାନେ ମୋତେ ହିନ୍ଦୁ ବୋଲି ବିଚାର କରୁନାହଁ ।" ୧୮୮୪ ଖ୍ରୀଷ୍ଟାବ୍ଦରେ ସାର୍ ଅହମ୍ମଦ ଗୁରୁଦାସପୁରଠାରେ କହିଥିଲେ, "ଆମ୍ଭେମାନେ ଏକ ହୃଦୟ ଓ ଏକ ଆତ୍ମା ହେବା ପାଇଁ ଏବଂ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବା ଉଚିତ । ଆମେ ଯଦି ଏକତ୍ର ହେବା, ଆମେ ପରସ୍ପରକୁ ସମର୍ଥନ କରିପାରିବା; ଯଦି ଏପରି ନ କରିବା, ଗୋଟିଏ ଉପରେ ଅନ୍ୟଟିର ପ୍ରଭାବ ଉଭୟର ଧ୍ୱଂସ ଓ ପତନ ପାଇଁ କାର୍ଯ୍ୟ କରିବ ।"

୧୮୮୫ ଖ୍ରୀଷ୍ଟାବ୍ଦରେ ଅହମ୍ମଦଙ୍କର ଆଭିମୁଖ୍ୟର ପରିବର୍ତ୍ତନ ଘଟିଲା । ତାଙ୍କର ଧାରଣା ହେଲା ଯେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ସ୍ୱାର୍ଥ ପରସ୍ପର ବିରୋଧୀ । ଭାରତୀୟ ମୁସଲମାନ୍‌ମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ତାଙ୍କ ଲକ୍ଷ୍ୟ ହେଲା । ଉଦାହରଣସ୍ୱରୂପ, ୧୮୮୪ରେ ସେ କହିଥିଲେ ଯେ ହିନ୍ଦୁ ଓ ମୁସଲମାନ୍‌ଙ୍କ ମଧ୍ୟରେ ଧର୍ମୀୟ ବିଭେଦ ରହିଥିଲେ ମଧ୍ୟ ସେମାନେ ଗୋଟିଏ ଦେଶ ଗଠନ କରନ୍ତି; କିନ୍ତୁ ୧୮୮୮ରେ ସେ ବର୍ଣ୍ଣନା କଲେ ଯେ ହିନ୍ଦୁ ଓ ମୁସଲମାନ୍ ହେଉଛନ୍ତି ଦୁଇଟି ଆକ୍ରମଣଶୀଳ ଜାତି ଏବଂ ଇଂରେଜମାନେ ଭାରତ ତ୍ୟାଗ କଲେ ଏକ ସାଧାରଣ ଜୀବନଯାପନ କରିବା ସେମାନଙ୍କ ପକ୍ଷେ ଦୁର୍ବିସହ ହୋଇପଡ଼ିବ । ଭାରତୀୟ ରାଜନୀତିକୁ ନେଇ ଅହମ୍ମଦ ତାଙ୍କ ନୀତି ପରିବର୍ତ୍ତନ କଲେ । ସେ ମଧ୍ୟ ସ୍ପଷ୍ଟ ଭାବରେ ମୁସଲିମ୍ ରାଜନୀତିକୁ ଏକ ନୂତନ ମୋଡ଼୍ ଦେଲେ । ମୁସଲମାନ୍‌ମାନେ ପୃଥକ୍ ନିର୍ବାଚନମଣ୍ଡଳୀ ଦାବି କରୁଥିବା ସମୟରେ ୧୮୮୩ରେ ସ୍ଥାନୀୟ ସ୍ୱାୟତ୍ତଶାସନ ପ୍ରତିଷ୍ଠା କରିବାକୁ ଲର୍ଡ଼ ରିପନ୍ ଗୋଟିଏ ବିଲ୍ ଆଣିଥିଲେ । ଅହମ୍ମଦ ଅନୁଭବ କରିଥିଲେ ଯେ କଂଗ୍ରେସ ଦାବି କରୁଥିବା ପ୍ରତିନିଧିମୂଳକ ଶାସନ ହେଉଛି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଶାସନ । ମୁସଲମାନ୍‌ମାନେ ସମଗ୍ର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହୋଇଥିବାରୁ ସେମାନେ ଏକ ଗଣତନ୍ତ୍ର ଶାସନରେ ପ୍ରକୃତ କ୍ଷମତା ହାସଲ କରିବାକୁ ସମର୍ଥ ହେବେ ନାହିଁ । ସେ ଜାଣିଥିଲେ ଯେ ଶିକ୍ଷା ଓ ରାଜନୀତିରେ ମୁସଲମାନ୍‌ମାନେ ଅନୁନ୍ନତ । ତେଣୁ ସେ ଗୁରୁତ୍ୱ ପ୍ରଦାନ କରି କହିଲେ ଯେ ଭାରତ ପ୍ରତିନିଧିମୂଳକ ବା ଦାୟିତ୍ୱସମ୍ପନ୍ନ ସରକାର ପରି ପାଶ୍ଚାତ୍ୟ ରାଜନୀତିକ ଅନୁଷ୍ଠାନମାନ ଗଠନ କରିବାକୁ ଉପଯୁକ୍ତ ହୋଇନାହିଁ, ଯେହେତୁ ତାଙ୍କ ସମ୍ପ୍ରଦାୟ ସେଥିରେ ଯଥୋଚିତ ଭାବରେ ଅଂଶଗ୍ରହଣ କରିପାରିବ ନାହିଁ । ଅହମ୍ମଦ ଓ ତାଙ୍କର ଅନୁଗାମୀମାନେ ଲେଖା ଓ ବକ୍ତୃତା ମାଧ୍ୟମରେ ପ୍ରଚାର କଲେ ଯେ ଭାରତରେ ବିଭିନ୍ନ ଜାତିର ଲୋକେ ବାସ କରନ୍ତି । ସେମାନଙ୍କର ସାମାଜିକ, ଧର୍ମୀୟ, ରାଜନୈତିକ ଏବଂ ଐତିହାସିକ ପରମ୍ପରା ଭିନ୍ନ ଭିନ୍ନ । ଏ ପ୍ରକାର ପ୍ରଚାର ହିନ୍ଦୁ ଓ ମୁସଲିମ୍ ନେତାମାନଙ୍କର ରାଜନୈତିକ ଚିନ୍ତାଧାରା ଓ ଧାରଣା ମଧ୍ୟରେ ବ୍ୟବଧାନ ସୃଷ୍ଟି କଲା । ଅହମ୍ମଦଙ୍କ ଚିନ୍ତାଧାରା ଖୁବ୍ ହିଂସ୍ର ଭାବରେ ଜାତୀୟ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମକୁ ବିରୋଧ କରୁଥିଲା । ଅହମ୍ମଦ

ମଧ୍ୟ ସଙ୍କେତ ଦେବାକୁ ଭୁଲିଗଲେ ନାହିଁ ଯେ କଂଗ୍ରେସର ପ୍ରତିନିଧିମୂଳକ ଶାସନ ଦାବି ପୂରଣ ହେଲେ, ସଂଖ୍ୟାଲଘୁ ମୁସ୍‌ଲିମ୍‌ଦଳ ସଂଖ୍ୟାବହୁଳ ହିନ୍ଦୁମାନଙ୍କର ଅତ୍ୟାଚାର ନିବାରଣ କରିବାକୁ ଖଣ୍ଡା ଧାରଣ କରିବେ । ୧୮୮୪ରେ ଭାରତ ଗୋଟିଏ ଦେଶ ବୋଲି କହି ଗର୍ବ ଅନୁଭବ କରୁଥିବା ଅହମ୍ମଦ 'ଆଲିଗଡ଼ ଆନ୍ଦୋଳନ'ରେ ପ୍ରଚାର କଲେ ଯେ ଭାରତରେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ପାଇଁ ଦୁଇଗୋଟି ଦେଶ ରହିଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୁକ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ଦ୍ୱାରା ଉଚ୍ଚପଦବୀଗୁଡ଼ିକ ପୂରଣ କରାଗଲେ ଏହା ମୁସଲମାନ୍‌ମାନଙ୍କ ପାଇଁ ହାନିକର ହେବ ବୋଲି ସେ ମତ ଦେଲେ ।

ମିଷ୍ଟରବେକ୍ ଓ ଅନ୍ୟମାନେ (Mr. Beck and others)

୧୮୭୫ରେ ଅହମ୍ମଦଙ୍କ ଦ୍ୱାରା ସ୍ଥାପିତ ମହମ୍ମଦାନ୍ ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ (ଏମ୍. ଏ. ଓ. କଲେଜ)ର ପ୍ରିନ୍‌ସିପାଲ କଂଗ୍ରେସ ବିରୋଧରେ ପ୍ରଚାର କଲେ । ଏହି କଲେଜଟି କଂଗ୍ରେସ ବିରୋଧରେ ପ୍ରଚାର କରିବାର କେନ୍ଦ୍ର ରୂପେ ପରିଗଣିତ ହେଲା । ବେକ୍‌ଙ୍କ ମତରେ, "ସଂସଦୀୟ ଗଣତନ୍ତ୍ର ପାଇଁ ଏ ଦେଶ ଅନୁକୂଳ ନୁହେଁ, ଯଦିଚ ଇଂରେଜମାନେ ଏହା ଦାନ କରନ୍ତି, ତେବେ ହିନ୍ଦୁମାନେ ମୁସଲମାନ୍‌ମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବେ ।" ଆଲିଗଡ଼ ଆନ୍ଦୋଳନରେ ବେକ୍‌ଙ୍କ ହିନ୍ଦୁବିରୋଧୀ ନୀତି ଅତ୍ୟଧିକ ଭାବରେ ପ୍ରତିଫଳିତ ହୋଇଥିଲା । ୧୮୯୯ରେ ବେକ୍‌ଙ୍କ ଉତ୍ତରାଧିକାରୀ ହୋଇ ଏମ୍. ଏ. ଓ. କଲେଜର ପ୍ରିନ୍‌ସିପାଲ ରୂପେ ଆସିଥିଲେ ମୋରିସନ୍ । ବେକ୍‌ଙ୍କ ପରି ମୋରିସନ୍ ମଧ୍ୟ ମୁସଲମାନ୍‌ମାନଙ୍କର ବ୍ରିଟିଶ୍ ପକ୍ଷପାତିତା ଓ ହିନ୍ଦୁ ବିରୋଧୀ ପ୍ରବୃତ୍ତି ଜାଗରିତ କରି ଆଲିଗଡ଼ ଆନ୍ଦୋଳନକୁ ଆଗେଇ ନେଲେ । ସେମାନଙ୍କ ପଦକ୍ଷେପ ଗ୍ରହଣ କରିଥିଲେ ଆଲିଗଡ଼ କଲେଜର ପ୍ରିନ୍‌ସିପାଲ ଆର୍କବୋଲ୍‌ଡ଼ । ତାଙ୍କ ଚେଷ୍ଟା ଯୋଗୁଁ ଜାତୀୟ କଂଗ୍ରେସ ବିରୋଧରେ ଥିବା ମୁସଲମାନ୍‌ମାନଙ୍କର ଅନମନୀୟ ଶତ୍ରୁତା ବୃଦ୍ଧି ହୋଇଥିଲା ଓ ଆଲିଗଡ଼ ଆନ୍ଦୋଳନ ମୌଳିକ ରାଜନୀତିକୁ ପ୍ରଭାବିତ କଲା । ଇଂରେଜମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିବାର ଭାବ ମୁସଲମାନ୍‌ମାନଙ୍କଠାରେ ଆଲିଗଡ଼ ଆନ୍ଦୋଳନ ଜାଗ୍ରତ କରିଥିଲା । ପୁନଶ୍ଚ ୧୮୮୮ ଅଗଷ୍ଟ ମାସରେ ଅହମ୍ମଦ ଖାଁ 'ଇଉନାଇଟେଡ଼ ଇଣ୍ଡିଆନ୍ ପାଟ୍ରିଓଟିକ୍ ଆସୋସିଏସନ' ଗଠନ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ଇଂଲଣ୍ଡ ଓ ଭାରତରେ କଂଗ୍ରେସର ପ୍ରଚାର ଓ ଆଭିମୁଖ୍ୟରେ ବାଧା ସୃଷ୍ଟି କରିବା । ସେହିପରି ମୁସଲମାନ୍‌ମାନଙ୍କର ରାଜନୈତିକ ଅଧିକାର ସୁରକ୍ଷିତ ରଖିବା ଓ ସେମାନଙ୍କୁ କୌଣସି ରାଜନୀତିକ ଆନ୍ଦୋଳନରୁ ଦୂରେଇ ଦେବାର ଲକ୍ଷ୍ୟରେ ୧୮୯୩ ଖ୍ରୀଷ୍ଟାବ୍ଦରେ ବେକ୍ "ମହମ୍ମଦାନ୍ ଆଙ୍ଗ୍ଲୋ ଓରିଏଣ୍ଟାଲ ଡିଫେନ୍‌ସ ଆସୋସିଏସନ ଅଫ୍ ଇଣ୍ଡିଆ' ନାମକ ଏକ ମୁସଲିମ୍ ସଂସ୍ଥା ସ୍ଥାପନ କଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ ଅହମ୍ମଦଙ୍କ ମୃତ୍ୟୁ ହୋଇଥିଲା । ତାଙ୍କର ନୀତି ଯଥାର୍ଥ ଭାବରେ ଅନୁସରଣ କରିଥିଲେ

ନବାବ ମହସିନ୍-ଉଲ୍-ମୁଲକ୍ । କଂଗ୍ରେସ ପ୍ରତି ଏ ଶତ୍ରୁତା ଧୀରେ ଧୀରେ ମୁସଲମାନ୍‌ମାନଙ୍କ ଠାରେ ସାଧାରଣ ହିନ୍ଦୁବିରୋଧୀ ଭାବ ତ୍ୱରାନ୍ୱିତ କରିଥିଲା । ହିନ୍ଦୁମାନଙ୍କ ପ୍ରତି ମହସିନ୍-ଉଲ୍-ମୁଲକ୍‌ଙ୍କର ଏକ ଯୁଦ୍ଧଖୋର ମନୋବୃତ୍ତି ରହିଥିଲା ।

ଆଲିଗଡ଼ ଆନ୍ଦୋଳନ ହିନ୍ଦୁ ମୁସ୍‌ଲିମ୍ ବିବାଦ ପାଇଁ ଦାୟୀ ହୋଇଥିଲା ଓ ପରିଶେଷରେ ପାକିସ୍ତାନ ରାଷ୍ଟ୍ର ଜନ୍ମ ନେଲା ।

ଧର୍ମସଂସ୍କାର ଆନ୍ଦୋଳନର ପାର୍ଶ୍ୱ ପରିଣତି, ସାମ୍ପ୍ରଦାୟିକତା (Religious Reform Movements side effects – Communalism)

ଊନବିଂଶ ଶତାବ୍ଦୀରେ ଉଭୟ ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ସମାଜ ଓ ଧର୍ମସଂସ୍କାର ଆନ୍ଦୋଳନରେ ପାରସ୍ପରିକ ବିରୋଧୀ ଭାବ ବ୍ୟକ୍ତ ହୋଇଥିଲା । ୱାହାବିମାନଙ୍କର ଅଣମୁସଲମାନ୍‌ମାନଙ୍କ ବିରୁଦ୍ଧରେ ଧର୍ମଯୁଦ୍ଧର ଆହ୍ୱାନ ଏବଂ 'ଦାର-ଉଲ୍-ଇସ୍‌ଲାମ୍' ବା 'ଇସ୍‌ଲାମ୍ ବିଶ୍ୱ ପ୍ରତିଷ୍ଠା' ଚିନ୍ତାଧାରା ହିନ୍ଦୁମାନଙ୍କୁ ବିଚଳିତ କରିଥିଲା । ସେହିପରି ଦୟାନନ୍ଦଙ୍କର ଶୁଦ୍ଧି ଆନ୍ଦୋଳନ ଅର୍ଥାତ୍ ମୁସ୍‌ଲିମ୍ ବା ଖ୍ରୀଷ୍ଟଧର୍ମରେ ବଳପୂର୍ବକ ଦୀକ୍ଷିତ ହୋଇଥିବା ହିନ୍ଦୁମାନଙ୍କର ହିନ୍ଦୁ ସମାଜରେ ପୁନଃ ପ୍ରବେଶ ପାଇଁ ଆହ୍ୱାନ ମୁସଲମାନ୍‌ମାନଙ୍କ ଠାରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ବିବେକାନନ୍ଦ ଭାରତୀୟତା ଉପରେ ହିଁ ତାହାର ଜାତୀୟତା ପ୍ରତିଷ୍ଠା କଲେ ଏବଂ ଭାରତର ଐତିହ୍ୟକୁ ନେଇ ଗର୍ବ କରିବାକୁ ଭାରତୀୟମାନଙ୍କୁ ପରାମର୍ଶ ଦେଲେ । ବିଦ୍ୱାନ୍‌ମାନେ ବେଦ ଉପନିଷଦର ସାହିତ୍ୟିକ ମୂଲ୍ୟବୋଧ ଏବଂ ମନୁଷ୍ୟ ମନସ୍ତତ୍ତ୍ୱର ଚମତ୍କାର ବିଶ୍ଳେଷଣକୁ ଭୂୟସୀ ପ୍ରଶଂସା କଲେ ।

ଜାତୀୟ ବୀରମାନଙ୍କର ଅନ୍ୱେଷଣ (Search for national heroes)

ସେହିପରି ବିଂଶ ଶତାବ୍ଦୀରେ ସଂଗ୍ରାମଶୀଳ ଜାତୀୟବାଦୀ ନେତାମାନେ ଜାତୀୟ ବୀରମାନଙ୍କର ଅନ୍ୱେଷଣ କଲେ । ସେମାନେ ମହାରାଣା ପ୍ରତାପ, ଶିବାଜୀ ଓ ଗୁରୁଗୋବିନ୍ଦ ସିଂହ ପ୍ରଭୃତିଙ୍କୁ ଜାତୀୟ ବୀର ରୂପେ ମାନ୍ୟତା ପ୍ରଦାନ କଲେ; ଅପରପକ୍ଷେ ଆକବର, ଶାହଜାହାନ ଓ ଆଉରଙ୍ଗଜେବ ମୁସଲମାନ୍ ହୋଇଥିବାରୁ ସେମାନଙ୍କୁ ଜାତୀୟବୀରର ମର୍ଯ୍ୟାଦା ଦିଆଗଲା ନାହିଁ । ଏହା ସତ୍ୟ ଯେ ତିଳକ, ଲଜପତ ରାୟ, ଅରବିନ୍ଦ ଓ ଶେଷରେ ମହାତ୍ମାଗାନ୍ଧି ହିନ୍ଦୁ-ମୁସଲମାନ୍ ଏକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ; କିନ୍ତୁ ସେମାନଙ୍କ ଲେଖା ଓ ବକ୍ତୃତା ହିନ୍ଦୁଭାଷା, ଉପମା ଓ ସଙ୍କେତ ଉପରେ ଆଧାରିତ ଥିଲା । ଗାନ୍ଧିଜୀ ରାମରାଜ୍ୟ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଲେ । ହିନ୍ଦୁମାନେ ଗୋ-ବଦ୍ଧ ବିରୁଦ୍ଧରେ ପ୍ରଚାର କଲେ । ୧୮୬୭ ଉର୍ଦ୍ଦୁ ଭାଷା ପରିବର୍ତ୍ତେ ହିନ୍ଦୀଭାଷା ଏବଂ ଆରବୀୟ ଲିପି ପରିବର୍ତ୍ତେ ନାଗରୀଲିପି ପ୍ରଚଳନ କରିବାକୁ ବାରାଣାସୀ ଠାରେ ହିନ୍ଦୁମାନେ ଆନ୍ଦୋଳନ କଲେ । ଏସବୁ ମୁସଲମାନ୍‌ମାନଙ୍କର ଅସହ୍ୟବୋଧ ହେଲା ।

ସରକାରୀ ଚାକିରି କ୍ଷେତ୍ରରେ ବ୍ରିଟିଶ୍‌ମାନଙ୍କର ପୃଷ୍ଠପୋଷକତା (British Patronage in Government Service)

ଭାରତୀୟ ଉଚ୍ଚଶିକ୍ଷିତ ଯୁବକମାନଙ୍କୁ ଶିଳ୍ପ ଓ ବାଣିଜ୍ୟରେ ଲାଭଜନକ ନିଯୁକ୍ତି ଲବ୍ଧ ହେଉନଥିଲା; କିନ୍ତୁ ବ୍ରିଟିଶ୍ ସରକାରଙ୍କ ଅଧୀନରେ ଚାକିରି ପାଇବା ପାଇଁ ସୁଯୋଗ ସୃଷ୍ଟି ହେଉଥିଲା । ଉଚ୍ଚ ଓ ତଳୀୟ ନିଯୁକ୍ତି କ୍ଷେତ୍ରରେ ପୃଷ୍ଠପୋଷକ ହୋଇ ଇଂରେଜମାନେ ବିଭିନ୍ନ ସାମାଜିକ ସ୍ତରରେ ଥିବା ଲୋକମାନଙ୍କ ମଧ୍ୟରେ ବିରୋଧୀ ଓ ଶତ୍ରୁତା ଭାବ ବପନ କରିଥିଲେ । ଆମର ଜାତୀୟ ନେତୃବର୍ଗ ଇଂରେଜମାନଙ୍କର ଏ ଖଳପ୍ରବୃତ୍ତି ଜାଣିଥିଲେ; କିନ୍ତୁ ପାଉଁରୋଟି ଓ ମାଛ ପାଇଁ ଆଶାୟୀ ଥିବା ଶିକ୍ଷିତ ଯୁବକମାନଙ୍କୁ ଏପରି ନିଯୁକ୍ତିରୁ ନିବୃତ୍ତ କରିପାରି ନଥିଲେ । ଇଂରେଜମାନଙ୍କର ଏହି 'ଭାଗକର ନୀତି'କୁ ଲକ୍ଷ୍ୟ କରି ନେହେରୁ କହିଛନ୍ତି, ଏହା ନୀତିଭ୍ରଷ୍ଟତା ଓ ବିବାଦ ଆଡ଼କୁ ଦେଶକୁ ମୁହାଁଇଲା ଏବଂ ସରକାର ଗୋଟିଏ ଦଳକୁ ଅନ୍ୟ ଏକ ଦଳ ବିରୁଦ୍ଧରେ ଖେଳ ଖେଳାଇଲେ । ଫଳରେ ଇଂରେଜ ଶାସନ ଭାରତରେ ଦୃଢ଼ୀଭୂତ ହେଲା ।

ସିମଲା ପ୍ରତିନିଧିବର୍ଗ, ୧୯୦୬ (Simla Deputation, 1906)

ଭାରତରେ ଶାସନର ସ୍ଥାୟିତ୍ୱ ନିମିତ୍ତ ଭାରତରେ କଂଗ୍ରେସର ପରିବର୍ଦ୍ଧିତ ଶକ୍ତି ସହିତ ଭାରସାମ୍ୟ ରକ୍ଷା କରିବା ଜରୁରୀ ବୋଲି ବ୍ରିଟିଶ୍ କର୍ମକର୍ତ୍ତାମାନଙ୍କର ହୃଦ୍‌ବୋଧ ହେଲା । ଏମ୍. ଏ. ଓ. ମହାବିଦ୍ୟାଳୟର ପ୍ରିନ୍‌ସିପାଲ ଆର୍କବୋଲ୍‌ଡ଼ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଗା ଖାଁଙ୍କ ନେତୃତ୍ୱରେ ଏକ ମୁସଲିମ୍ ପ୍ରତିନିଧି ଦଳ ଅକ୍ଟୋବର ୧, ୧୯୦୬ ଖ୍ରୀଷ୍ଟାବ୍ଦରେ ସିମଳାଠାରେ ଲର୍ଡ଼ ମିଣ୍ଟୋଙ୍କୁ ସାକ୍ଷାତ କଲେ । ମୁସଲମାନ୍‌ମାନଙ୍କ ପାଇଁ ପୃଥକ୍ ନିର୍ବାଚନମଣ୍ଡଳୀ ବ୍ୟବସ୍ଥା ଏବଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଦେବାକୁ ସେମାନେ ମିଣ୍ଟୋଙ୍କୁ ନିବେଦନ କଲେ । ସେମାନେ ଜଣାଇଦେଲେ ଯେ ଯଦି ନିର୍ବାଚନ ହେବ, ଏବଂ ମୁସଲମାନ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ହେବନାହିଁ, ଏହା ସେମାନଙ୍କ ସ୍ୱାର୍ଥପାଇଁ ହେବ ଖୁବ୍ ହାନିକର । ସେମାନେ ଦାବି କଲେ ଯେ ମୁସଲମାନ୍‌ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କେବଳ ଲୋକସଂଖ୍ୟାକୁ ଭିତ୍ତି କରି କରାନଯାଇ ମୁସଲମାନ୍‌ମାନଙ୍କର ରାଜନୀତିକ ପ୍ରାଧାନ୍ୟ ଏବଂ ବ୍ରିଟିଶ୍ ସାମ୍ରାଜ୍ୟର ସୁରକ୍ଷା ନିମିତ୍ତ ସେମାନଙ୍କ ଅବଦାନ ଅନୁଯାୟୀ ହେବ । ମୁସଲମାନ୍‌ମାନଙ୍କ ପାଇଁ ପୃଥକ୍ ନିର୍ବାଚନ ମଣ୍ଡଳୀ ପ୍ରବର୍ତ୍ତନ ଦାବି ଲର୍ଡ଼ ମିଣ୍ଟୋ ଖୁବ୍ ଆନନ୍ଦରେ ଗ୍ରହଣ କଲେ ।

ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା, ୧୯୦୬ (Foundation of Muslim League)

୧୯୦୫ ଖ୍ରୀଷ୍ଟାବ୍ଦରେ ରାଜନୈତିକ ଅଭିସନ୍ଧି ରଖି କର୍ଜନ ବଙ୍ଗ ବିଭାଜନ କଲେ ଏବଂ କଂଗ୍ରେସକୁ ବାଧା ଦେବାପାଇଁ ଏକ ସ୍ୱତନ୍ତ୍ର ମୁସଲମାନ୍ ଗୋଷ୍ଠୀ ଛିଡ଼ା କରିଦେଲେ । ବଙ୍ଗ-ବିଭାଜନ ଆନ୍ଦୋଳନ ଚଳାଇ କଂଗ୍ରେସ ଲୋକପ୍ରିୟ ହେଲା । ତେଣୁ କଂଗ୍ରେସକୁ ବାଧାଦେବା, ମୁସଲମାନ୍‌ମାନଙ୍କ ସ୍ୱାର୍ଥରକ୍ଷା କରିବା ଏବଂ ଅଧିକ ସାମ୍ବିଧାନିକ ସଂସ୍କାର ପାଇବାକୁ ମୁସଲିମ୍

ନେତାମାନେ ଏକ କେନ୍ଦ୍ରୀୟ ସଂଗଠନ ଗଢ଼ିବାକୁ ଚାହିଁଲେ । ଢାକାର ନବାବ ସଲିମୁଲ୍ଲା କେନ୍ଦ୍ରୀୟ ସଂଗଠନ ଗଠନ ଉପରେ ପ୍ରସ୍ତାବ ଦେଲେ । ସେ କହିଲେ, ଏହି ସଂଗଠନ ଦ୍ୱାରା ମୁସଲମାନ୍‌ମାନଙ୍କର ସ୍ୱାର୍ଥ ଓ ଅଧିକାର ସୁରକ୍ଷିତ ହେବ ଏବଂ ଆଞ୍ଚଳିକ ସ୍ତରରେ ଗଢ଼ିଉଠୁଥିବା ମୁସଲମାନ୍ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିହେବ । ସଂଗଠନର ଲକ୍ଷ୍ୟ ହେବ ଇଂରେଜମାନଙ୍କୁ ସମର୍ଥନ ଜଣାଇବା, କଂଗ୍ରେସର ପ୍ରଭାବ କ୍ଷୁଣ୍ଣ କରିବା ଓ ମୁସଲିମ୍ ଯୁବକମାନଙ୍କୁ ରାଜନୀତିରେ ଭାଗ ନେବାପାଇଁ ସୁଯୋଗ ସୃଷ୍ଟି କରିବା, ଯାହାଫଳରେ ସେମାନେ ଜାତୀୟ କଂଗ୍ରେସରେ ଯୋଗଦେବା କାର୍ଯ୍ୟରୁ ନିବୃତ୍ତ ହେବେ । ସଲିମୁଲ୍ଲାଙ୍କ ଯୋଜନା ଅନୁଯାୟୀ, ୧୯୦୬, ଡିସେମ୍ବର ୩୦ ତାରିଖଦିନ ସର୍ବଭାରତୀୟ ମୁସଲିମ୍ ଲିଗ୍ ଗଠିତ ହୋଇଥିଲା । ଲିଗ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା-

୧ । ଭାରତୀୟ ମୁସଲମାନ୍‌ମାନଙ୍କ ମଧ୍ୟରେ ବ୍ରିଟିଶ୍ ସରକାରଙ୍କ ପ୍ରତି ଆନୁଗତ୍ୟ ବୃଦ୍ଧି କରିବା ଏବଂ ସରକାରଙ୍କର ଯେକୌଣସି ପଦକ୍ଷେପ ପାଇଁ ମୁସଲମାନ୍‌ମାନଙ୍କ ମନରେ ହେଉଥିବା ଭୁଲ୍ ଧାରଣା ଦୂର କରିବା ।

୨ । ମୁସଲମାନ୍‌ମାନଙ୍କର ରାଜନୈତିକ ଓ ଅନ୍ୟାନ୍ୟ ଅଧିକାର ସୁରକ୍ଷିତ ରଖିବା ଓ ଆଗେଇନେବା ଏବଂ ସେମାନଙ୍କର ଆକାଙ୍କ୍ଷା ଓ ଆବଶ୍ୟକତା ସମ୍ମାନର ସହ ସରକାରଙ୍କ ପାଖରେ ଉପସ୍ଥାପନ କରିବା ।

୩ । ମୁସଲମାନ୍‌ମାନଙ୍କ ମନରେ ଅନ୍ୟ ସମ୍ପ୍ରଦାୟ ପ୍ରତି ଉପୁଜୁଥିବା ଶତ୍ରୁତାଭାବ ଦୂର କରିବା ।

ଲିଗ୍ ଓ କଂଗ୍ରେସର କୌଣସି ସାଧାରଣ ଲକ୍ଷ୍ୟ ନଥିଲା । ଆରମ୍ଭରୁ ମୁସଲିମ୍ ଲିଗ୍ ଥିଲା ଏକ ସାମ୍ପ୍ରଦାୟିକ ସଂଗଠନ । ଲିଗ୍‌ର ସେକ୍ରେଟାରୀ ଘୋଷଣା କରିଥିଲେ, ସରକାରଙ୍କ ପାଖରେ ସମ୍ମାନଜନକ ଆବେଦନ ମାଧ୍ୟମରେ ମୁସଲମାନ୍‌ମାନେ ଦାବି ଉପସ୍ଥାପନ କରିବେ । କଂଗ୍ରେସର ନେତାମାନଙ୍କ ପରି ଲିଗ୍‌ର ନେତାମାନେ ସ୍ୱଦେଶୀ ଧ୍ୱନି ଦେବେନାହିଁ । ସେମାନେ ସଭାସମିତିରେ ସରକାର ବିରୋଧୀ ଭାଷଣ ଦେବେନାହିଁ ଓ ସମ୍ବାଦପତ୍ରରେ ଉତ୍ତେଜନାପୂର୍ଣ୍ଣ ଲେଖା ପ୍ରକାଶ କରିବେ ନାହିଁ । ଲିଗ୍ ମଧ୍ୟ ପ୍ରତିନିଧିମୂଳକ ସରକାର ଓ ନିଯୁକ୍ତି କ୍ଷେତ୍ରରେ ପ୍ରତିଯୋଗିତାମୂଳକ ପରୀକ୍ଷା ଚାହୁଁ ନଥିଲା, କାରଣ ଲିଗ୍‌ର ଧାରଣା ଥିଲା ଏହାଦ୍ୱାରା ମୁସଲମାନ୍‌ମାନେହିଁ ବେଶି ଅକୃତକାର୍ଯ୍ୟ ହେବେ । ଲିଗ୍‌ର ରାଜନୈତିକ ଆଦର୍ଶ ଦର୍ଶାଇବାକୁ ଯାଇ ୱାକର ଉଲ୍ ମୁଲକ୍ ଆଲିଗଡ଼ଠାରେ ଛାତ୍ରମାନଙ୍କର ଏକ ସମ୍ମେଳନରେ କହିଲେ, "ଈଶ୍ୱର ନ କରନ୍ତୁ, ଯଦି ଭାରତରୁ ବ୍ରିଟିଶ୍ ଶାସନ ଅନ୍ତର୍ହିତ ହୋଇଯିବ, ଏହା ଉପରେ ହିନ୍ଦୁମାନେ କର୍ତ୍ତୃତ୍ୱ ବିସ୍ତାର କରିବେ ଏବଂ ଆମର ଜୀବନ, ସମ୍ପତ୍ତି ସର୍ବଦା ବିପଦାପନ୍ନ ହେବ । ଏହି ବିପଦରୁ ରକ୍ଷା ପାଇବାକୁ ମୁସଲମାନ୍‌ମାନଙ୍କର ଗୋଟିଏ ମାତ୍ର ପଥ ହେଉଛି, ବ୍ରିଟିଶ୍ ଶାସନ

ସ୍ଥାୟିତ୍ୱରେ ସାହାଯ୍ୟ କରିବା ।'' କଂଗ୍ରେସର ଆନ୍ଦୋଳନାତ୍ମକ ରାଜନୀତି ସହିତ ପ୍ରତିଯୋଗିତା କରିବାକୁ ସେ ମୁସଲମାନ୍‌ମାନଙ୍କୁ ମନାକରିଦେଲେ । ହିନ୍ଦୀ ଓ ଉର୍ଦ୍ଦୁ ଜନିତ ଭାଷା କଳହ ସମ୍ପର୍କରେ ମହସିନ-ଉଲ୍-ମୁଲକ୍ କହିଥିଲେ, ''ଯଦିଚ ଆମମାନଙ୍କ ପାଖରେ ବଳିଷ୍ଠ କଲମ ନାହିଁ- କିନ୍ତୁ ତରୁଆଲର ଶକ୍ତି ପ୍ରୟୋଗ କରିବା ପାଇଁ ଆମ ହସ୍ତଗୁଡ଼ିକ ତଥାପି ଶକ୍ତିଶାଳୀ ।'' ଏହିପରି ଭାବରେ ସାମ୍ପ୍ରଦାୟିକତା ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଲା ଓ ତତ୍‌ସହିତ ମୁସ୍‌ଲିମ୍ ନେତାଙ୍କ ହୃଦୟରେ ସଂଗ୍ରାମଶୀଳ ଭାବ ଉଦ୍ରେକ କଲା ।

ମର୍ଲେ-ମିଣ୍ଟୋ ଶାସନ ସଂସ୍କାର-୧୯୦୯ ଓ ସାମ୍ପ୍ରଦାୟିକତା (Morley-Minto Reforms–1909 and Communalism)

୧୯୦୯ରେ ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ନାମରେ ଲର୍ଡ଼ ମିଣ୍ଟୋଙ୍କର ଭିତିରି ଉଦ୍ଦେଶ୍ୟ ଥିଲା ମୁସଲମାନ୍‌ମାନଙ୍କର ରାଜନୀତିକ ଅଧିକାର ସୁରକ୍ଷିତ ରଖିବା ଓ ସେମାନଙ୍କୁ ହିନ୍ଦୁ ବିରୋଧୀ ଦଳରୂପେ ଦଣ୍ଡାୟମାନ କରାଇବା । ଏହି ସଂସ୍କାର ପ୍ରଥମେ ଭାରତୀୟ ରାଜନୀତିରେ ମୁସଲମାନ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ବ୍ୟବସ୍ଥା କରିଥିଲା । କେ. ଏସ୍. କ୍ରିଷ୍ଣା କହିଛନ୍ତି, ଇଂରେଜମାନେ କୃତ୍ରିମଭାବରେ ବିଭିନ୍ନ ଶ୍ରେଣୀ ସୃଷ୍ଟି କଲେ । ସକ୍ରିୟ ଭାବରେ ଏକ ସ୍ୱତନ୍ତ୍ର ସାମ୍ପ୍ରଦାୟିକ ଦଳ କାର୍ଯ୍ୟ ଆରମ୍ଭ କଲା । ସାମ୍ପ୍ରଦାୟିକ ବିରୋଧତା ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏକ ସାଧାରଣ ଚୁକ୍ତି କରିବା ଅସମ୍ଭବ ହୋଇପଡ଼ିଲା ।

ଲିଗ୍‌ର କାର୍ଯ୍ୟକ୍ରମ (Works of the League)

୧୯୧୩ ମସିହା ଲିଗ୍‌ର ବାର୍ଷିକ ଅଧିବେଶନରେ ବ୍ରିଟିଶ୍ ସମ୍ରାଟଙ୍କ ଅଧୀନରେ ଆତ୍ମଶାସନ, ଜାତୀୟ ଏକତା ଏବଂ ଅନ୍ୟ ସମ୍ପ୍ରଦାୟଗୁଡ଼ିକ ସହିତ ସହଯୋଗ, ଏସବୁ ବିଚାରକୁ ନେଇ ଗୋଟିଏ ନୂଆ ସମ୍ବିଧାନ ଗ୍ରହଣ କରାଯାଇଥିଲା । ଲିଗ୍ ଚାହୁଁଥିଲା, ଭାରତୀୟ ମୁସଲମାନ୍‌ମାନଙ୍କର ରାଜନୈତିକ ଓ ଅନ୍ୟାନ୍ୟ ଅଧିକାର ଓ ସ୍ୱାର୍ଥ ରକ୍ଷା କରିବା ଓ ଆଗେଇ ନେବା । ବୁଝିହେଉଥିଲା ଯେ ଭାରତର ରାଜନୈତିକ ସମସ୍ୟାର ସମାଧାନ ପାଇଁ ମୁସଲମାନ୍‌ମାନେ ଜାତୀୟତାଠାରୁ ସାମ୍ପ୍ରଦାୟିକତା ଉପରେ ଅଧିକତର ଜୋର ଦେଉଛନ୍ତି । ୧୯୧୬, ଲକ୍ଷ୍ନୌ ସନ୍ଧିରେ ମୁସଲମାନ୍‌ମାନଙ୍କ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀକୁ କଂଗ୍ରେସ ସମର୍ଥନ ଜଣାଇଲା । ଏହାଦ୍ୱାରା ହିନ୍ଦୁ-ମୁସଲମାନ୍‌ମାନଙ୍କ ଏକତାରେ ଏକ ଭ୍ରାନ୍ତ ସାମ୍ପ୍ରଦାୟିକ ଭେଦଭାବ ପ୍ରତିଷ୍ଠିତ ହେଲା । ଖିଲାଫତ୍ ଆନ୍ଦୋଳନ ସମୟରେ ଗାନ୍ଧି ଓ ଅଲି ଭ୍ରାତୃଦ୍ୱୟ ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଏକ ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ନେଇ ଏକତା ଆଣିପାରିଥିଲେ; ମାତ୍ର ସେ ଏକତା ଏକ କୃତ୍ରିମ ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ଅସହଯୋଗ ଆନ୍ଦୋଳନ ଶେଷ ହେବା ସଙ୍ଗେ ସଙ୍ଗେ ହିନ୍ଦୁ-ମୁସଲମାନ୍‌ମାନଙ୍କ ମଧ୍ୟରେ ଥିବା ଗୃହବିବାଦ ପୁଣି ଆତ୍ମ-ପ୍ରକାଶ କଲା । ମୁସଲମାନ୍‌ମାନେ ପୁଣି ପାରମ୍ପରିକ ରୀତି ଅର୍ଥାତ ବ୍ରିଟିଶ୍‌କୁ ସାହାଯ୍ୟ କରି ଅଧିକ ସୁବିଧା ପାଇବାକୁ ଇଚ୍ଛା କଲେ ।

୧୯୨୩ ମସିହାରେ ମୁଲତାନ ଓ ଅମୃତସରଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହେଲା । ମୁସଲମାନ୍‌ମାନଙ୍କୁ ଏକ ବଳିଷ୍ଠ ସମ୍ପ୍ରଦାୟରେ ସଂଗଠିତ କରିବାପାଇଁ ତାଞ୍ଜିମ (Tanzeem) ଓ ତାବ୍ଲିଘ (Tabligh) ନାମକ ସାମ୍ପ୍ରଦାୟିକ ଆନ୍ଦୋଳନ ଆରମ୍ଭ ହେଲା । ଏହାର ପ୍ରତିପକ୍ଷତା କରିବା ପାଇଁ ହିନ୍ଦୁମାନେ 'ସଂଗଠନ ଆନ୍ଦୋଳନ' ଆରମ୍ଭ କଲେ । ସ୍ୱାମୀ ଶ୍ରଦ୍ଧାନନ୍ଦ, ଦୟାନନ୍ଦଙ୍କ 'ଶୁଦ୍ଧି ଆନ୍ଦୋଳନ' ଜାଗରିତ କଲେ । ୧୯୨୩, ଡିସେମ୍ବର ୨୯ ତାରିଖରେ କୋକାନଡ଼ାଠାରେ ଜାମିୟାତ-ଉଲ୍-ଉଲେମା ସମ୍ମିଳନୀରେ ସଭାପତି ଶୁଦ୍ଧି ଆନ୍ଦୋଳନର ପ୍ରବର୍ତ୍ତନକାରୀମାନଙ୍କୁ 'ଭାରତର ଅତି ମନ୍ଦଶତ୍ରୁ' ବୋଲି ଆରୋପ ଲଗାଇଲେ । କୁହାଗଲା ଯେ ହିନ୍ଦୁମାନଙ୍କର ଏତାଦୃଶ କାର୍ଯ୍ୟ ହିନ୍ଦୁ-ମୁସଲମାନ୍ ଏକତାର ମୂଳଦୁଆକୁ ଯଥାସମ୍ଭବ ଧ୍ୱଂସ କରିଦେବ । ୧୯୨୩ ପରେ ଭାରତର ରାଜନୈତିକ ବାତାବରଣ ସାମ୍ପ୍ରଦାୟିକ ଦଙ୍ଗାରେ ଗୁରୁତର ଆକାର ଧାରଣ କଲା । ହିନ୍ଦୁ-ମୁସଲମାନ୍ ବିଭେଦର କାରଣ ଥିଲା ରାଜନୈତିକ, ସାମାଜିକ ଓ ଧର୍ମୀୟ କ୍ଷେତ୍ରରେ ସୁଦୂରପ୍ରସାରୀ, ଏକତ୍ର ବାସ କରୁଥିଲେ ମଧ୍ୟ ସେମାନେ ପୃଥକ୍ ପୃଥକ୍ ଭାବେ ଚଳୁଥିଲେ ।

ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଥିବାରୁ ମୁସଲମାନ୍‌ମାନଙ୍କୁ ଉଚ୍ଚ ଦାୟିତ୍ୱସମ୍ପନ୍ନ ସରକାରୀ ପଦବୀରେ ନିଯୁକ୍ତି ମିଳୁନଥିଲା । ଶିକ୍ଷାଲାଭ କରି ହିନ୍ଦୁମାନେ ଉଚ୍ଚ ପଦପଦବୀ ଲାଭ କରୁଥିବାରୁ ସେମାନଙ୍କ ପ୍ରତି ମୁସଲମାନ୍‌ମାନେ ହିଂସାଭାବ ପୋଷଣ କଲେ; ସେମାନେ ନିଜର ଅତୀତ ଗୌରବ ଓ କୀର୍ତ୍ତିକଳାପ ଯୋଗୁଁ ଗର୍ବ ଅନୁଭବ କରୁଥିଲେ ଓ ଆଶା ରଖିଲେ ଯେ ଭବିଷ୍ୟତରେ ଦେଶ ଶାସନରେ ମୁସଲମାନ୍‌ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ।

ମୁସଲମାନ୍‌ମାନେ ଦେଶ ଅପେକ୍ଷା ଧର୍ମକୁ ଉର୍ଦ୍ଧ୍ୱରେ ରଖୁଥିଲେ । ସେମାନଙ୍କ ମନରେ ଧାରଣା ଆସୁଥିଲା ଯେ ଇସ୍‌ଲାମ୍ ଧର୍ମ ହିନ୍ଦୁ ଧର୍ମ ଅପେକ୍ଷା ଶ୍ରେଷ୍ଠ । ମସ୍‌ଜିଦ୍ ଆଗରେ ବାଦ୍ୟ ବାଜିଲେ ବା ଆରତି କରାଗଲେ, କିମ୍ବା ତଲିୟା ଶୋଭାଯାତ୍ରାରେ ଦୀର୍ଘ କାଷ୍ଠଦଣ୍ଡ ନିଆଯାଉଥିବା ବେଳେ ବାଧାପ୍ରାପ୍ତ ହେଉଥିଲେ ମୁସଲମାନ୍‌ମାନେ କ୍ରୋଧାନ୍ୱିତ ହୋଇ ଦଙ୍ଗା ଘଟାଉଥିଲେ । ହିନ୍ଦୁମାନଙ୍କର ମନ୍ଦିର ଓ ମୂର୍ତ୍ତି ଭାଙ୍ଗିଦିଆଯାଉଥିଲା, ଦୋକାନ ଲୁଟ୍ କରାଗଲା, ଧନ ଓ ଜୀବନ ବିପନ୍ନ କରାଯାଉଥିଲା । ଭାରତର ବିଭିନ୍ନ ସ୍ଥାନ, ଯଥା, କଲିକତା, ଗୁଲବର୍ଗା, କୋହଟ, ଲକ୍ଷ୍ନୌ, ଦିଲ୍ଲୀ, ଆଲିଗଡ଼, ସୋଲାପୁର ଓ ମୁଲତାନ ଅଞ୍ଚଳରେ ଅନେକଥର ହିନ୍ଦୁ-ମୁସଲମାନ୍ ଦଙ୍ଗା ଘଟିଲା । ସାଇମନ୍ କମିଶନଙ୍କ ରିପୋର୍ଟ ଅନୁଯାୟୀ ୧୯୨୩ରୁ ୧୯୨୭ ମଧ୍ୟରେ ପ୍ରାୟ ୧୧୨ ଥର ଦଙ୍ଗା ଘଟିଥିଲା । ସେହିପରି ପବିତ୍ର ଅଶ୍ୱତ୍ଥ ଗଛଡାଳ କାଟିନେଲେ ବା ଇଦ୍ ଉତ୍ସବରେ ସର୍ବସାଧାରଣ ସ୍ଥାନରେ ଗୋ-ବଧ କଲେ ହିନ୍ଦୁମାନେ ଉତ୍ତେଜିତ ହେଉଥିଲେ । ଏପରିକି ଗାନ୍ଧିଙ୍କ ଅସ୍ପୃଶ୍ୟତା ନିବାରଣକୁ ସନ୍ଦେହ ଆଖିରେ ଦେଖି ମୁସଲମାନ୍‌ମାନେ ଭାବିଲେ

ଯେ ହିନ୍ଦୁ-ମୁସଲମାନ୍‌ଙ୍କ ଭବିଷ୍ୟତ ସଂଘର୍ଷ ପାଇଁ ହିନ୍ଦୁମାନେ ଦଳିତମାନଙ୍କୁ ପକ୍ଷଭୁକ୍ତ କରୁଛନ୍ତି, ସାମାଜିକ କଳଙ୍କ ଲୋପ ପାଇଁ ନୁହେଁ ।

୧୯୨୪ରେ ଲାହୋରଠାରେ ଲିଗ୍‌ର ଏକ ବୈଠକରେ ସମ୍ପୂର୍ଣ୍ଣ ଦାୟିତ୍ୱମୂଳକ ସରକାର, ସଂଘୀୟ ସମ୍ବିଧାନ, ପ୍ରାଦେଶିକ ପୂର୍ଣ୍ଣ ସ୍ୱାଧୀନତା ଓ ପୃଥକ୍ ପୃଥକ୍ ନିର୍ବାଚନମଣ୍ଡଳୀରେ ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ଦାବି କରାଗଲା । ସେହିବର୍ଷ ଗାନ୍ଧି ଓ ଅଲ୍ଲି ଭ୍ରାତୃଦ୍ୱୟଙ୍କର ପୃଥକ୍ ନିର୍ବାଚନମଣ୍ଡଳୀ ଉଚ୍ଛେଦ ବଦଳରେ ବିଧାନ ସଭାଗୁଡ଼ିକରେ ଆନୁପାତିକ ପ୍ରତିନିଧିତ୍ୱ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଆଦି ପ୍ରସ୍ତାବ ମୁସଲମାନ୍‌ମାନେ ଗ୍ରହଣ କଲେ ନାହିଁ । ୧୯୨୫-୨୬ ମସିହାରେ ହିନ୍ଦୁ-ମୁସଲମାନ୍ ସମ୍ପର୍କ ଅତିଶୟ ଖରାପ ଅବସ୍ଥାରେ ପହଞ୍ଚିଲା ।

ନେହେରୁ ରିପୋର୍ଟ (Nehru Report)

୧୯୨୮ ମସିହା ଅଗଷ୍ଟ ମାସରେ ଏକ ସର୍ବଦଳୀୟ ସମ୍ମିଳନୀ ଦ୍ୱାରା ନେହେରୁ ରିପୋର୍ଟ ଗୃହୀତ ହେଲା । କମିଟି ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ବ୍ୟବସ୍ଥା ପରିହାର କରିଥିଲା ଓ କେନ୍ଦ୍ରୀୟ ବିଧାନସଭାରେ ମୁସ୍‌ଲିମ୍ ପ୍ରତିନିଧିମାନଙ୍କ ପାଇଁ ଶତକଡ଼ା ୩୩ ଭାଗ ସ୍ଥାନ ସଂରକ୍ଷଣ ଅନୁମୋଦନ କରିନଥିଲା । ଆଗା ଖାଁ, ଅଲ୍ଲିଭ୍ରାତୃଦ୍ୱୟ ଓ ଜିହ୍ନା ନେହେରୁ ରିପୋର୍ଟକୁ ପ୍ରବଳ ଭାବରେ ବିରୋଧ କଲେ; ମାତ୍ର ମୋତିଲାଲ ନେହେରୁ ରୋକ୍‌ଠୋକ୍ ଭାବରେ ସାମ୍ପ୍ରଦାୟିକ ଦାବିଗୁଡ଼ିକୁ ମନା କରି କହିଲେ, ''ରାଜନୀତିରେ ଧର୍ମର ସ୍ଥାନ ନାହିଁ ।'' ତେଣୁ ଜିନା ଭଗ୍ନ ହୃଦୟରେ କଲିକତା ସମ୍ମିଳନୀ ବର୍ଜନ କଲେ ଏବଂ ଘୋଷଣା କଲେ, ଏହାଦ୍ୱାରା ବିଭାଜନ ପ୍ରକ୍ରିୟା ଆରମ୍ଭ ହେବ ।

ମହମ୍ମଦ ଅଲ୍ଲି କହିଲେ, ''ତୁମେମାନେ ତୁମର ସମ୍ବିଧାନରେ ପ୍ରତିଦିନ ତ୍ରୁଟିପୂର୍ଣ୍ଣ ନୀତି, ଅନୈତିକ ଭାବ ଓ ଭ୍ରମଧାରଣା ସହ ସାଲିସ କରୁଛ; କିନ୍ତୁ ତୁମେମାନେ ଆମର ସାମ୍ପ୍ରଦାୟିକବାଦୀମାନଙ୍କର ପୃଥକ୍ ନିର୍ବାଚନମଣ୍ଡଳୀ ଓ ସଂରକ୍ଷିତ ଆସନ ସହ ବୁଝାମଣା କରୁନାହଁ । ଲୋକସଂଖ୍ୟା ଅନୁପାତରେ ଆମର ଶତକଡ଼ା ୨୫ ଭାଗ ଲୋକ ଏବଂ ତୁମେମାନେ ଆମମାନଙ୍କୁ ବିଧାନସଭାର ଶତକଡ଼ା ୩୩ ଭାଗ ଦେବ ନାହିଁ ।''

୧୯୨୯ ମାର୍ଚ୍ଚ ୨୮ରେ ଦିଲ୍ଲୀଠାରେ ଜିନ୍ନା ଲିଗ୍‌ର ଏକ ବୈଠକ ଡାକି 'ନେହେରୁ ରିପୋର୍ଟ'କୁ ଅଗ୍ରାହ୍ୟ କଲେ । ଏହା ଥିଲା ଜିନ୍ନାଙ୍କର ଏକ ଐତିହାସିକ ବିଜୟ ।

ମୁସ୍‌ଲିମ୍ ଓ ସାଇମନ୍ କମିଶନ୍ (Muslim and Simon Commission)

ପଞ୍ଜାବ ଓ ବମ୍ବେଠାରେ ମୁସଲମାନ୍‌ମାନଙ୍କ ପାଇଁ ପୃଥକ୍ ନିର୍ବାଚନମଣ୍ଡଳୀ ଦାବିକୁ 'ସାଇମନ୍ କମିଶନ୍' ଅଗ୍ରାହ୍ୟ କରିଥିବାରୁ ମୁସଲମାନ୍‌ମାନେ କମିଶନ୍‌ର ରିପୋର୍ଟକୁ ବିରୋଧ କଲେ । କେବଳ ମୁସ୍‌ଲିମ୍ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଙ୍କର ପ୍ରଥମ ଗୋଲଟେବୁଲ ବୈଠକରେ ଯୋଗଦେବା ପ୍ରସଙ୍ଗ ସର୍ବଭାରତୀୟ ମୁସ୍‌ଲିମ୍ ସମ୍ମିଳନୀରେ ସ୍ଥିର କରାଗଲା ।

ଆନସାରୀ ଜାତୀୟବାଦୀ ମୁସ୍‌ଲିମ୍ ନେତା ହୋଇଥିବାରୁ ଏହି ବୈଠକରୁ ତାଙ୍କର ପ୍ରତିନିଧିତ୍ୱକୁ ବିରୋଧ କରାଗଲା ।

କଂଗ୍ରେସ ମନ୍ତ୍ରିମଣ୍ଡଳ ଓ ମୁସ୍‌ଲିମ୍ ଲିଗ୍ (Congress Ministries and Muslim League)

ମୁସଲମାନ୍‌ମାନେ ଖୋଲାଖୋଲି ଭାବରେ ପ୍ରଚାର କଲେ ଯେ ସେମାନେ ପ୍ରଥମେ ମୁସଲମାନ୍, ତା'ପରେ ଭାରତୀୟ । କଂଗ୍ରେସ ଭିତରେ ଯେଉଁ ଜିନ୍ନାଙ୍କୁ ହିନ୍ଦୁ-ମୁସଲମାନ୍ ଦୂତ ରୂପେ ଅଭିହିତ କରାଯାଉଥିଲା, ମୁସଲମାନ୍‌ମାନଙ୍କର ଏକତା ଓ ଅଖଣ୍ଡତାର ଦ୍ୱାହି ଦେଇ ସେମାନଙ୍କର ସ୍ୱତନ୍ତ୍ର ସାମାଜିକ ଓ ରାଜନୈତିକ ସଭା ଏକାନ୍ତ ଆବଶ୍ୟକ ବୋଲି ସେ ମତ ଦେଲେ । ସଂଖ୍ୟାବହୁଳ ହିନ୍ଦୁଙ୍କ ବିପକ୍ଷରେ ସଂଖ୍ୟାଲଘୁ ମୁସଲମାନ୍‌ମାନଙ୍କୁ ସଂଗ୍ରାମ କରିବାପାଇଁ ସେ ଚେତାଇ ଦେଲେ ।

୧୯୩୭ ମସିହାର ନିର୍ବାଚନ ଫଳାଫଳ ଲିଗ୍ ଓ ଜିନ୍ନାଙ୍କ ପକ୍ଷରେ ଖୁବ୍ ନୈରାଶ୍ୟଜନକ ଥିଲା । ସେମାନଙ୍କୁ ଦିଆଯାଇଥିବା ୪୮୨ଟି ଆସନ ମଧ୍ୟରୁ ଲିଗ୍ ୧୦୯ଟି ଆସନରେ ବିଜୟୀ ହେଲା । ମୁସଲମାନ୍ ସଂଖ୍ୟାବହୁଳ ପଞ୍ଜାବ ଓ ବଙ୍ଗଳାରେ ମଧ୍ୟ ଲିଗ୍ ସଂଖ୍ୟାଗରିଷ୍ଠ ଆସନ ଲାଭ କରିପାରିଲା ନାହିଁ । ଉତ୍ତରପ୍ରଦେଶରେ ମେଣ୍ଟ ସରକାର ଗଠନ କରିବା ପାଇଁ ଲିଗ୍‌ର ପ୍ରସ୍ତାବ କଂଗ୍ରେସ ଅଗ୍ରାହ୍ୟ କରିଥିଲା । କଂଗ୍ରେସ ସର୍ତ୍ତ ରଖିଲା ଯେ ଯଦି ଲିଗ୍‌ର ସଭ୍ୟମାନେ ଦଳ ଛାଡ଼ି କଂଗ୍ରେସରେ ମିଶିବେ ଓ ଏହାର ନୀତି ଗ୍ରହଣ କରିବେ, ତେବେ ସେମାନେ ମନ୍ତ୍ରିମଣ୍ଡଳରେ ଯୋଗଦେଇ ପାରିବେ । ଅର୍ଥାତ୍ ମୁସ୍‌ଲିମ୍ ଲିଗ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ଥିଲା କଂଗ୍ରେସର ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ନେହେରୁ କହିଲେ- ଦେଶରେ ଦୁଇଟି ପାର୍ଟି, କଂଗ୍ରେସ ଓ ବ୍ରିଟିଶ୍ ସରକାର । ମୁସଲମାନ୍‌ମାନଙ୍କର ପୂର୍ଣ୍ଣ ହୃଦ୍‌ବୋଧ ହେଲା ଯେ ଗୋଟିଏ ପୃଥକ୍ ସମ୍ପ୍ରଦାୟ ହିସାବରେ ସେମାନଙ୍କର ଭବିଷ୍ୟତ ରାଜନୀତିରେ ସ୍ଥାନ ନାହିଁ ।

ଉତ୍ତରପ୍ରଦେଶରେ ଭୂମି ସଂସ୍କାର ପାଇଁ ଆସୁଥିବା ଏକ ବିଲ୍‌କୁ ବିରୋଧୀ ଦଳରୂପେ ମୁସ୍‌ଲିମ୍ ଲିଗ୍ ବିରୋଧ କଲା । ଜାତୀୟତା, ଗଣତନ୍ତ୍ର, ସମାଜବାଦ ଉପରେ କଂଗ୍ରେସ ଗୁରୁତ୍ୱ ଦେଉଥିବାବେଳେ ଲିଗ୍ ଚାହୁଁଥିଲା ମୁସଲମାନ୍‌ମାନଙ୍କ ସ୍ୱାର୍ଥର ପୂର୍ଣ୍ଣ ବିକାଶ । ''ମନେହୁଏ, କଂଗ୍ରେସ ମନ୍ତ୍ରିମଣ୍ଡଳ ହିନ୍ଦୁ-ମୁସଲମାନ୍ ଏକତାର ଶବାଧାରରେ ଶେଷକଣ୍ଟା ପିଟିଥିଲେ ।'' ଏକ ଚମତ୍କାର କୁଶଳ ବ୍ୟକ୍ତି ପରି, ଯାହା ଭୋଟବାକ୍ସରେ ତାଙ୍କୁ ମନାକରାଯାଇଥିଲା, ପ୍ରଚାରର ବିସ୍ଫୋରଣ ଘଟାଇ ଜିନ୍ନା ତାହା ଲାଭ କରିବାକୁ ବାହାରିଲେ । ୧୯୩୭ ମସିହାରେ ଉତ୍ତର-ପ୍ରଦେଶର ଏକ ଉପନିର୍ବାଚନରେ ଜିନ୍ନା ଲିଗ୍ ପ୍ରାର୍ଥୀଙ୍କ ପାଇଁ ଆଲ୍ଲା ଓ ପବିତ୍ର କୋରାନ୍ ଗ୍ରନ୍ଥ ନାମରେ ଭୋଟ ଭିକ୍ଷା କଲେ । ଫଳରେ ମୁସ୍‌ଲିମ୍ ପ୍ରାର୍ଥୀମାନେ ଏଠାରେ କ୍ରମିକ ତିନିଗୋଟି ଉପନିର୍ବାଚନରେ ବିଜୟ ଲାଭ କଲେ । ମୁସଲମାନ୍‌ମାନଙ୍କର ଆକ୍ରମଣ ଫଳରେ କଂଗ୍ରେସର ଗଣ ଅଭିଯାନ ନିଷ୍ଫଳ ହେଲା । ଦୁଇ ତିନିମାସ ମଧ୍ୟରେ ଦେଶରେ ଲିଗ୍‌ର ୧୭୦ଟି ନୂଆ

ଶାଖା ଖୋଲିଲା, ଗ୍ରାମାଞ୍ଚଳରେ ଲିଗ୍‌ର ସବୁଜ ପତାକା ଉଡ଼ାଇ ଦିଆଗଲା । ଜିନ୍ନାଙ୍କ ଚେଷ୍ଟାରେ ମୁସ୍‌ଲିମ୍ ଲିଗ୍ ଏକମାତ୍ର ବାସ୍ତବ ମୁସ୍‌ଲିମ୍ ସଂଗଠନରେ ପରିଣତ ହେଲା । ୧୯୩୭ ଅକ୍ଟୋବର ମାସରେ ପଞ୍ଜାବର ସିକନ୍ଦର ହୟାତ୍ ଖାଁ ଓ ବଙ୍ଗଳାର ଫଜଲୁଲ ହକ୍ ଆଦି ବିଶିଷ୍ଟ ମୁସ୍‌ଲିମ୍ ନେତାମାନେ ଲିଗ୍‌ରେ ଯୋଗଦେଲେ ।

୧୯୩୭, ମେ ୨ ତାରିଖରେ ହିନ୍ଦୁ-ମୁସଲମାନ୍‌ମାନଙ୍କ ମଧ୍ୟରେ ଏକ ସମାଧାନ କରିବାକୁ ଜିନ୍ନା ଗାନ୍ଧିଙ୍କୁ ନିବେଦନ କରିଥିଲେ । ସେଥିପାଇଁ ମଧ୍ୟ ଜିନ୍ନା ଓ ରାଜେନ୍ଦ୍ର ପ୍ରସାଦ ମିଳିତ ହୋଇଥିଲେ; କିନ୍ତୁ ହିନ୍ଦୁ-ମୁସଲମାନ୍ ସନ୍ଧି ପାଇଁ କୌଣସି ଦ୍ୱାର ଉନ୍ମୁକ୍ତ ହୋଇପାରି ନଥିଲା । ୧୯୩୯ରେ ବିଶ୍ୱଯୁଦ୍ଧ ଆରମ୍ଭ ସମୟରେ ନେହେରୁ ଓ ଗାନ୍ଧି ହିନ୍ଦୁ-ମୁସଲମାନ୍ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ ସଫଳ ହେଲେ ନାହିଁ ।

ଇତ୍ୟବସରରେ କଂଗ୍ରେସ ସରକାର ବିରୁଦ୍ଧରେ କେତେକ ଅଭିଯୋଗ ଆଣି ମୁସଲମାନ୍‌ମାନେ ସ୍ଥାୟୀ ଭାବରେ ଆନ୍ଦୋଳନ ଚଳାଇଲେ । ୧୯୩୮ରେ ପିରପୁର ରିପୋର୍ଟ, ୧୯୩୯ ମାର୍ଚ୍ଚରେ ଶରିଫ୍‌ଙ୍କ ବିହାର ରିପୋର୍ଟ ଏବଂ ୧୯୩୯ ଡିସେମ୍ବର ମାସରେ ଫଜଲୁଲ ହକ୍‌ଙ୍କ 'ମୁସ୍‌ଲିମ୍ ସଫରିଙ୍ଗସ୍ ଅଣ୍ଡର କଂଗ୍ରେସ ରୁଲ୍' ପୁସ୍ତିକାରେ ମୁସଲମାନ୍‌ମାନଙ୍କ ଉପରେ କଂଗ୍ରେସ ଅତ୍ୟାଚାରର ଅଭିଯୋଗ ଆସିଲା । ଅଭିଯୋଗଗୁଡ଼ିକ ଥିଲା ଖୁବ୍ ସାମାନ୍ୟ, ଯଥା- ସାମ୍ପ୍ରଦାୟିକ ଦଙ୍ଗା ବନ୍ଦ କରିବାରେ କଂଗ୍ରେସର ବିଫଳତା, ବନ୍ଦେ ମାତରଂ ଗୀତ ଗାନ, ଉର୍ଦ୍ଦୁ ଭାଷା ବଦଳରେ ହିନ୍ଦୀଭାଷାର ପ୍ରୋତ୍ସାହନ, ମୌଳିକ ଶିକ୍ଷାକୁ ନେଇ ୱାର୍ଦ୍ଧା ଯୋଜନା ଇତ୍ୟାଦି । ଏପରି ଅଭିଯୋଗ କଂଗ୍ରେସ ଅସ୍ୱୀକାର କଲା । ଆଜାଦ୍ କହିଛନ୍ତି, ଅଭିଯୋଗଗୁଡ଼ିକ ''ସମ୍ପୂର୍ଣ୍ଣଭାବେ ମିଥ୍ୟା'' ହେଲେ ମଧ୍ୟ ଏହାଦ୍ୱାରା ଜିନ୍ନା ମୁସଲମାନ୍‌ମାନଙ୍କୁ କବଳିତ କଲେ ।

ମହମ୍ମଦ ଇକ୍‌ବଲ (Muhammed Iqbal)

ଆଲାହାବାଦଠାରେ ସର୍ବଭାରତୀୟ ମୁସ୍‌ଲିମ୍ ଲିଗ୍ ସମ୍ମିଳନୀ (୧୯୩୦, ଡିସେମ୍ବର)ରେ ପ୍ରସିଦ୍ଧ କବି ଓ ଦାର୍ଶନିକ ମହମ୍ମଦ ଇକ୍‌ବଲ କହିଲେ, ଭାରତ ଭିତରେ ଏକ ମୁସ୍‌ଲିମ୍ ଭାରତ ସୃଷ୍ଟି କରିବାକୁ ମୁସଲମାନ୍‌ମାନେ ଦାବି କରୁଛନ୍ତି । ନୂତନ ସମ୍ବିଧାନ ପ୍ରଣୟନ ପୂର୍ବରୁ ପଞ୍ଜାବ, ସିନ୍ଧୁ, ସୀମାନ୍ତ ପ୍ରଦେଶ, ବେଲୁଚିସ୍ତାନ ମିଶାଇ ଏକ ମୁସ୍‌ଲିମ୍ ରାଷ୍ଟ୍ର ଗଠନ କରିବାକୁ ସେ ଇଂରେଜ ସରକାରଙ୍କୁ ନିବେଦନ କଲେ । ଅବଶ୍ୟ ଏକ ସାର୍ବଭୌମ, ସ୍ୱାଧୀନ ମୁସଲମାନ୍ ରାଜ୍ୟ ଗଠନ ବିବେଚନା ନ କରି ସେ ଚାହୁଁଥିଲେ ଏକ ମୁକ୍ତ ସାର୍ବଭୌମ ସଂଘ । ତାଙ୍କ ମନରେ ବିଶ୍ୱାସ ଥିଲା ଯେ, ଏପରି କଲେ ସାମ୍ପ୍ରଦାୟିକ ବିଦ୍ୱେଷଭାବ ଲୋପ ହେବ ।

ପାକିସ୍ତାନ ଧାରଣା (Ideas of Pakistan)

ଇକ୍‌ବଲଙ୍କ ଚିନ୍ତାଧାରା ଭ୍ରମାତ୍ମକ ନଥିଲା । ତାଙ୍କ ଚିନ୍ତାଧାରାକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବାକୁ ଆଗେଇ ଆସିଲେ କେମ୍ବ୍ରିଜ୍ ଛାତ୍ର ରହମତ୍ ଅଲ୍ଲି । ପଞ୍ଜାବ, ସୀମାନ୍ତପ୍ରଦେଶ

(ଆଫଗାନ), କାଶ୍ମୀର, ସିନ୍ଧୁ ଓ ବେଲୁଚିସ୍ତାନ ନାମଗୁଡ଼ିକ ଭିତରୁ ଅକ୍ଷର ନେଇ ସେ ପାକିସ୍ତାନ ନାମ ବାହାର କଲେ । ସେ ଶବ୍ଦର ଅର୍ଥ ''ପବିତ୍ର ଓ ବିଶୁଦ୍ଧମାନଙ୍କର ଦେଶ'' । ଲଣ୍ଡନଠାରେ ଉପସ୍ଥିତ ଥିବା ଗୋଲଟେବୁଲ ବୈଠକର ମୁସ୍‌ଲିମ୍ ପ୍ରତିନିଧିମାନଙ୍କୁ ସେ ଏହି ସଂକ୍ରାନ୍ତରେ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ । ତାଙ୍କ ମତରେ ଏହି ଅଞ୍ଚଳଟି ଭାରତର ଏକ ଅଂଶ ନଥିଲା । ୭୧୨ ମସିହାରେ ଏହି ଅଞ୍ଚଳ ମୁସଲମାନ୍‌ମାନେ ଜୟ କଲେ; ସେତେବେଳେ ଏହି ଅଞ୍ଚଳରେ ହିନ୍ଦୁମାନେ ସଂଖ୍ୟାଲଘୁ ଥିଲେ । ଦୀର୍ଘ ୧୨୦୦ ବର୍ଷଧରି ମୁସଲମାନ୍‌ମାନେ ଏ ଅଞ୍ଚଳରେ ବସବାସ କରି ଆସୁଛନ୍ତି । ତାଙ୍କ ମତରେ ହିନ୍ଦୁ-ମୁସ୍‌ଲିମ୍ ବିଭେଦ ଧର୍ମ କିମ୍ବା ଅର୍ଥ ସମ୍ବନ୍ଧୀୟ ନୁହେଁ, ଦୁଇଟି ଜାତିର ଆକାଂକ୍ଷା ମଧ୍ୟରେ ଏହା ଏକ ଆନ୍ତର୍ଜାତିକ ସଂଘର୍ଷ- ମୁସଲମାନ୍‌ମାନଙ୍କ ପାଇଁ ବଞ୍ଚିବା ଓ ହିନ୍ଦୁମାନଙ୍କ ପାଇଁ ପ୍ରଭୁତ୍ୱ ବିସ୍ତାର କରିବା । ହିନ୍ଦୁ-ମୁସଲମାନ୍‌ମାନଙ୍କର ଦୁଇଟି ପୃଥକ୍ ପୃଥକ୍ ଦେଶ ଗଠନ କରିବା ଥିଲା ତାଙ୍କର ମୌଳିକ ନୀତି ।

ରହମତ୍‌ଙ୍କ ଭାଷାରେ, ''ଆମର ଧର୍ମ, ସଂସ୍କୃତି, ଇତିହାସ, ପ୍ରଥା, ସାହିତ୍ୟ, ଅର୍ଥନୈତିକ ବ୍ୟବସ୍ଥା, ଉତ୍ତରାଧିକାରୀ ଆଇନ, ବଂଶାନୁକ୍ରମ ଏବଂ ବିବାହ ହିନ୍ଦୁମାନଙ୍କଠାରୁ ମୌଳିକ ପ୍ରଭେଦ ଅଛି । ....ଆମେ ମୁସଲମାନ୍ ଓ ହିନ୍ଦୁ ଏକତ୍ର ଭୋଜନ କରୁନାହୁଁ, ଆମ୍ଭମାନଙ୍କ ମଧ୍ୟରେ ବିବାହ ହେଉନାହିଁ । ଆମର ଜାତୀୟ ପରମ୍ପରା ଓ କ୍ୟାଲେଣ୍ଡର, ଏପରିକି ଆମର ଖାଦ୍ୟ ଓ ପୋଷାକ ଭିନ୍ନ ।''

ଯେତେବେଳେ ଗୋଲଟେବୁଲ ବୈଠକରେ ଏକ ସର୍ବଭାରତୀୟ ସଂଘ ଗଠନ କରିବାର ପ୍ରସ୍ତାବ ହେଲା, ରହମତ୍ କହିଲେ, ଏହା ମୁସଲମାନ୍‌ମାନଙ୍କର ଦୁର୍ଭାଗ୍ୟ । ସମୟ ନଷ୍ଟ ନକରି ସେ ୧୯୩୩ରେ ପାକିସ୍ତାନ ଜାତୀୟ ଆନ୍ଦୋଳନ ଆରମ୍ଭ କଲେ । ଚାରିପୃଷ୍ଠାର ଏକ ପ୍ରଚାର ପତ୍ର ବାଣ୍ଟି ସଂଘୀୟ ସରକାରକୁ ସେ ବିରୋଧ କଲେ ଏବଂ ମତ ଦେଲେ, ''ବର୍ତ୍ତମାନ କିମ୍ବା କେବେ ନୁହେଁ ।'' ସର୍ବଭାରତୀୟ ମୁସ୍‌ଲିମ୍ ସମ୍ମିଳନୀ ଓ ମୁସ୍‌ଲିମ୍ ଲିଗ୍ ସିଲେକ୍ଟ କମିଟିରେ (ଅଗଷ୍ଟ, ୧୯୩୩) ରହମତ୍‌ଙ୍କ ଯୋଜନାକୁ ଏକ 'ଛାତ୍ର ଯୋଜନା' ରୂପେ ଆଖ୍ୟା ଦିଆଗଲା । ଏହା କାଳ୍ପନିକ ଓ ଅବାସ୍ତବ ବୋଲି ମଧ୍ୟ ମତ ପ୍ରକାଶ ପାଇଲା । ୧୯୩୫ ରେ ରହମତ୍ ଚାରିପୃଷ୍ଠାର ଅନ୍ୟ ଏକ ପ୍ରଚାରପତ୍ର ବାଣ୍ଟି ପାକିସ୍ତାନରେ ବଙ୍ଗଳା ଓ ହାଇଦ୍ରାବାଦ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କଲେ । କ୍ରମେ ତାଙ୍କର ଯୋଜନା ମୁସଲମାନ୍‌ମାନଙ୍କ ଉପରେ ପ୍ରଭାବ ବିସ୍ତାର କରିପାରିଲା ଏବଂ ଏହି ଯୋଜନା କାର୍ଯ୍ୟକାରୀ କରି ମୁସଲମାନ୍‌ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ନେତା ହେବା ପାଇଁ ଜିନ୍ନାଙ୍କର ହୃଦ୍‌ବୋଧ ହେଲା । ଇକ୍‌ବାଲଙ୍କ ଆଦର୍ଶ, ରହମତ୍‌ଙ୍କ ନୀତି, ମୁସଲମାନ୍‌ମାନଙ୍କ ଭୟଭ୍ରାନ୍ତି ଓ ଜିନ୍ନାଙ୍କର ବାସ୍ତବ ପ୍ରତିଭାର ସମନ୍ୱୟ ଘଟିଲା ।

ପାକିସ୍ତାନ ପ୍ରସ୍ତାବ, ମାର୍ଚ୍ଚ ୨୪, ୧୯୪୦ (Pakistan Resolution)

୧୯୪୦, ମାର୍ଚ୍ଚ ମାସରେ ଲାହୋରଠାରେ ଅନୁଷ୍ଠିତ ମୁସ୍‌ଲିମ୍ ଲିଗ୍‌ର ଅଧିବେଶନରେ ଜିନ୍ନା ହେଲେ ସଭାପତି । ମାର୍ଚ୍ଚ ୨୪ ତାରିଖଦିନ ଏକଲକ୍ଷ ସଭ୍ୟଙ୍କ ସମୀପରେ ଐତିହାସିକ ପାକିସ୍ତାନ ପ୍ରସ୍ତାବ ଆଗତ ହେଲା । ଏହି ପ୍ରସ୍ତାବ ଅନୁଯାୟୀ, ଭୌଗୋଳିକ ଦୃଷ୍ଟିରୁ ମୁସଲମାନ୍ ସଂଖ୍ୟାଗରିଷ୍ଠତା ଥିବା ଭାରତ ସମୀପସ୍ଥ ଉତ୍ତର, ପଶ୍ଚିମ ଓ ପୂର୍ବାଞ୍ଚଳମାନଙ୍କୁ ଏକତ୍ରିତ କରି ଏକ ସ୍ୱାଧୀନ ରାଷ୍ଟ୍ର ଗଠନ କରାଯିବ । ଏହି ରାଷ୍ଟ୍ର ନିର୍ମାଣକାରୀ ଅଞ୍ଚଳଗୁଡ଼ିକର ସାର୍ବଭୌମତ୍ୱ ଓ ଆତ୍ମଶାସନ ରହିବ । ଉକ୍ତ ଅଧିବେଶନରେ ମୁସ୍‌ଲିମ୍ ଲିଗ୍‌ର ମୌଳିକ ନୀତିକୁ ଭିତ୍ତିକରି ଏକ ସଂବିଧାନ ପ୍ରଣୟନ କରିବା ପାଇଁ ଏହାର କାର୍ଯ୍ୟକାରୀ କମିଟିକୁ ନିର୍ଦ୍ଦେଶ ଦିଆଗଲା ।

ଲାହୋର ପ୍ରସ୍ତାବକୁ ନିନ୍ଦା କରାଯାଇଥିବା ଏକ ଲେଖା ଗାନ୍ଧି 'ହରିଜନ ପତ୍ରିକା'ରେ ପ୍ରକାଶ କଲେ । ଗଭୀର ଦୁଃଖାଭିଭୂତ ହୋଇ ସେ କହିଲେ, ''ମୁଁ ବିଶ୍ୱାସ କରିପାରୁନାହିଁ ଯେ ଯେତେବେଳେ ପ୍ରକୃତ ସମାଧାନ ପାଇଁ ସମୟ ଆସିବ, ସେତେବେଳେ ମୁସଲମାନ୍‌ମାନେ କେଭେଁ ହେଲେ ଦେଶ ବିଭାଜନ ଇଚ୍ଛା କରିବେ ନାହିଁ । ସେମାନଙ୍କ ବିଚାର ଶକ୍ତି ସେମାନଙ୍କୁ ବାଧା ଦେବ, ସେମାନଙ୍କ ଆତ୍ମସ୍ୱାର୍ଥ ସେମାନଙ୍କୁ ନିବୃତ୍ତ କରିବ, ସେମାନଙ୍କ ଧର୍ମ ନିଶ୍ଚିତରୂପେ ସେମାନଙ୍କୁ ଦେଶ-ବିଭାଜନଜନିତ ଆତ୍ମହତ୍ୟାରୁ ଓହରାଇ ଦେବ ।''

ହିନ୍ଦୁ ମହାସଭା (The Hindu Mahasabha)

ମୁସଲମାନ୍‌ମାନଙ୍କର ମୁସ୍‌ଲିମ୍ ଲିଗ୍ ପରି ହିନ୍ଦୁମାନଙ୍କର ହିନ୍ଦୁ ମହାସଭା ଥିଲା ଏକ ସାମ୍ପ୍ରଦାୟିକ ସଂଗଠନ । ଲିଗ୍‌କୁ ସମଭାରରେ ରଖିବା ନିମିତ୍ତ ହିନ୍ଦୁ ମହାସଭା ଜନ୍ମ ନେଲା । ତା'ର ପ୍ରାକ୍ ଇତିହାସ ଥିଲା ଖୁବ୍ ଅସ୍ପଷ୍ଟ । ୧୯୧୦, ଡିସେମ୍ବର ମାସରେ ଆଲାହାବାଦଠାରେ କେତେକ ଅଗ୍ରଣୀ ହିନ୍ଦୁ ଏକ ସର୍ବଭାରତୀୟ ହିନ୍ଦୁ ମହାସଭା ଗଢ଼ିବେ ବୋଲି ସ୍ଥିର କଲେ; ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନଥିଲା ।

ହିନ୍ଦୁ-ମୁସଲମାନ୍‌ମାନଙ୍କୁ ଏକତ୍ର ରଖିବା ପାଇଁ ୧୯୧୧, ଜାନୁଆରୀ ୧ ତାରିଖରେ ଆଲାହାବାଦଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ମୁସଲମାନ୍‌ମାନଙ୍କ ସପକ୍ଷରେ କଂଗ୍ରେସ ନୀତି ଗ୍ରହଣ କଲା । ନୈଷ୍ଠିକ ଓ ଚିନ୍ତାଶୀଳ ହିନ୍ଦୁମାନେ କଂଗ୍ରେସର ମନୋଭାବ ଲକ୍ଷ୍ୟ କରି ବିଚଳିତ ହେଲେ । ହିନ୍ଦୁ ମହାସଭା ଗଠନ କରିବା ଚିନ୍ତା କ୍ରମଶଃ ଦୃଢ଼ୀଭୂତ ହେଲା ।

୧୯୧୮, ଡିସେମ୍ବର ୨୬-୨୮ ତାରିଖ ମଧ୍ୟରେ ଅଖିଳ ଭାରତୀୟ ହିନ୍ଦୁ ସମ୍ମିଳନୀ ଦିଲ୍ଲୀଠାରେ ରାଜା ରାମପାଳ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଭାରତର ବିଭିନ୍ନ ପ୍ରଦେଶରୁ ପ୍ରତିନିଧିମାନେ ଏ ସମ୍ମିଳନୀରେ ଯୋଗଦେଲେ । କୁହାଯାଏ ଯେ ଏହିଠାରୁ ଯଥାର୍ଥଭାବେ ହିନ୍ଦୁ-ମହାସଭାର ମୂଳଦୁଆ ପଡ଼ିଲା । ଯେତେବେଳେ ମାଲବାର, ମୁଲତାନ ଓ ଅନ୍ୟ ସ୍ଥାନଗୁଡ଼ିକରେ ମୁସଲମାନ୍‌ମାନେ ହିନ୍ଦୁମାନଙ୍କ ଉପରେ ଭୟାନକ ଆକ୍ରମଣ କଲେ,

ହିନ୍ଦୁ-ମହାସଭା ପ୍ରତିକ୍ରିୟାଶୀଳ ହୋଇ କେତେକ ସକ୍ରିୟ କାର୍ଯ୍ୟକ୍ରମ ଗ୍ରହଣ କଲା ଏବଂ ଧୀରେ ଧୀରେ ପ୍ରାଧାନ୍ୟ ବିସ୍ତାର କଲା ।

ସେହି ସମୟରେ ଲକ୍ଷ ଲକ୍ଷ ମାଲକାନା ରାଜପୁତ୍ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ୧୯୨୩ରେ ସାଢ଼େ ଚାରିଲକ୍ଷ ରାଜପୁତ୍‌ଙ୍କୁ ହିନ୍ଦୁଧର୍ମକୁ ଫେରାଇ ଆଣିବା ହିନ୍ଦୁ-ମହାସଭାର ସବୁଠୁଁ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ଥିଲା । ଜାତୀୟବାଦୀ ଭାରତୀୟମାନଙ୍କ ମନରେ ହିନ୍ଦୁ ମହାସଭା ପ୍ରତି ଯେଉଁ ସଂଶୟ ଥିଲା, ତାହା ଦୂର କରିବା ପାଇଁ ମଦନମୋହନ ମାଳବ୍ୟ ଚେଷ୍ଟା କଲେ । ମହାସଭାର ବେଲ ଗାଁ ସ୍ୱତନ୍ତ୍ର ଅଧିବେଶନରେ (୧୯୨୪, ଡିସେମ୍ବର ୨୭ ତାରିଖ) ସଭାପତି ଭାବରେ ଅଭିଭାଷଣ ଦେଇ ସେ ସ୍ପଷ୍ଟ କରିଦେଲେ ଯେ କଂଗ୍ରେସକୁ ସଂଯୋଗ ଓ ଶକ୍ତିଶାଳୀ କରିବା ମହାସଭାର ଲକ୍ଷ୍ୟ । ଆଗରେ ହିନ୍ଦୁ-ମହାସଭାର ଯେଉଁ ବୃହତ୍ କାର୍ଯ୍ୟ ରହିଛି; ଯଥା-ବାଲ୍ୟବିବାହ, ଅସ୍ପୃଶ୍ୟତା, ଜାତି ଜାତି ମଧ୍ୟରେ ଦ୍ୱେଷ ପରି ଯେଉଁସବୁ ସାମାଜିକ କଳଙ୍କ, ସେଗୁଡ଼ିକ ବିଲୋପ ବିଷୟରେ ମାଲବ୍ୟ ସୂଚନା ଦେଲେ । ଶେଷରେ ମାଲବ୍ୟ ଦୁଇଗୋଟି ବିଷୟ ଉଲ୍ଲେଖ କଲେ, ଯେଉଁଗୁଡ଼ିକ ରାଜନୀତି କ୍ଷେତ୍ରରେ ହିନ୍ଦୁ ମହାସଭାକୁ ମୁସଲମାନ୍‌ମାନଙ୍କ ବିରୋଧୀ ଭାବରେ ଉପସ୍ଥାପିତ କଲା । ମାଲବ୍ୟ କହିଲେ, "ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ମୁସଲମାନ୍‌ମାନେ ହିନ୍ଦୁମାନଙ୍କ ଧର୍ମ ପରିବର୍ତ୍ତନ କରାଉଛନ୍ତି ଏବଂ ଭାରତରେ ଅଧିକାଂଶ ମୁସଲମାନ୍ ଏହିପରି ଧର୍ମାନ୍ତରିତ । ବହୁସଂଖ୍ୟକ ଖ୍ରୀଷ୍ଟିଆନ୍ ମିଶନ ମଧ୍ୟ ଧର୍ମାନ୍ତରିତକରଣ ଆନ୍ଦୋଳନ ଚଳାଇଛନ୍ତି । ତେଣୁ ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍ ମିଶନ କାର୍ଯ୍ୟ ଦ୍ୱାରା ଦେଶରେ ସୃଷ୍ଟି କରାଯାଇଥିବା ଏପରି ଅବସ୍ଥାରେ ଧର୍ମାନ୍ତରିତକରଣ ପାଇଁ ଏକ ହିନ୍ଦୁ ମିଶନ ରହିବାର ପ୍ରଶ୍ନ ଅତି ଆବଶ୍ୟକ ହୋଇପଡ଼ିଛି ।" ଏକ ନିର୍ବାଚିତ ସଂସ୍ଥାରେ ସାମ୍ପ୍ରଦାୟିକ ପ୍ରତିନିଧିତ୍ୱକୁ ମାଲବ୍ୟ ଖୁବ୍ ନିନ୍ଦା କରୁଥିଲେ ।

୧୯୨୪, ବେଲ ଗାଁ ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅଣାଯାଇଥିଲା । ପ୍ରଥମ ପ୍ରସ୍ତାବ ଥିଲା, ହିନ୍ଦୁମାନଙ୍କର ସାମାଜିକ ଓ ଧର୍ମୀୟ ଜୀବନରେ ଉନ୍ନତି ବିଧାନ । ହିନ୍ଦୁମାନଙ୍କର ରାଜନୈତିକ ଅଧିକାର ସୁରକ୍ଷିତ ରଖିବା ପାଇଁ ସମଗ୍ର ଭାରତରେ ହିନ୍ଦୁ ମହାସଭା ଆରମ୍ଭ କରିବା ନିମିତ୍ତ ମୁଞ୍ଜି ଆହ୍ୱାନ ଦେଲେ । ଅନ୍ୟ ପ୍ରସ୍ତାବଟି ଆଣିଥିଲେ ସତ୍ୟମୂର୍ତ୍ତି । ଏହାଦ୍ୱାରା ଅଧିକତର ସାମ୍ବିଧାନିକ ସଂସ୍କାର ପ୍ରଶ୍ନ ସମ୍ପର୍କରେ ଉପୁଜୁଥିବା ହିନ୍ଦୁ-ମୁସଲମାନ୍ ସମସ୍ୟା ଉପରେ ହିନ୍ଦୁମାନଙ୍କର ମତାମତ ନିର୍ଣ୍ଣୟ ଓ ପ୍ରସ୍ତୁତ କରିବାକୁ ଗୋଟିଏ କମିଟି ନିଯୁକ୍ତ ପାଇଁ ପ୍ରସ୍ତାବ ଅଣାଗଲା ।

ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଦୁଇଟି ଅଧିବେଶନ କଲିକତା (୧୯୨୫, ଅପ୍ରେଲ ୧୧) ଓ କାନପୁର (୧୯୨୫, ଡିସେମ୍ବର ୨୯) ଠାରେ ଅନୁଷ୍ଠିତ ହୋଇଥିଲା । କଲିକତା ଅଧିବେଶନର ସଭାପତି ଲଜପତ ରାୟ ଲକ୍ଷ୍ନୌ ସନ୍ଧି ସମାଲୋଚନା କଲେ ଓ

ସାମ୍ପ୍ରଦାୟିକ ପ୍ରତିନିଧିତ୍ୱକୁ ବିରୋଧ କଲେ । ସେ ଜୋର୍ ଦେଇ କହିଲେ, "ଏକ ଗଣତାନ୍ତ୍ରିକ ରାଜ, ଯେଉଁଠାରେ ହିନ୍ଦୁ, ମୁସଲମାନ୍ ଓ ଭାରତର ଅନ୍ୟ ସମ୍ପ୍ରଦାୟଗୁଡ଼ିକ ଭାରତୀୟ ରୂପେ ଅଂଶଗ୍ରହଣ କରିବେ, କୌଣସି ନିର୍ଦ୍ଦିଷ୍ଟ ଧର୍ମର ଅନୁଗାମୀ ପରି ନୁହେଁ ।" ସେ ଚାହୁଁଥିଲେ ମହାସଭାର ପତାକା ତଳେ ଏକ ହିନ୍ଦୁ ସଂଗଠନ । ମୁସଲମାନ୍‌ମାନଙ୍କ କ୍ଷମତା ଓ ପ୍ରଭାବ ବୃଦ୍ଧି ପାଉଥିବା ବର୍ଣ୍ଣନା କରି କାନପୁର ଅଧିବେଶନରେ କେଲକାର ହିନ୍ଦୁମାନଙ୍କୁ ଚେତେଇ ଦେଇଥିଲେ । ସେ କହୁଥିଲେ, ଏକ ହିନ୍ଦୁ ସଂଗଠନ ରହିବା ଯୁକ୍ତିଯୁକ୍ତ ଏବଂ ହିନ୍ଦୁ ଧର୍ମକୁ ରକ୍ଷା କରିବା ପାଇଁ ଶୁଦ୍ଧି ଆନ୍ଦୋଳନ ଚଳାଇବା ଉଚିତ ।

୧୯୨୭, ଡିସେମ୍ବର ୧୮ ତାରିଖରେ ମାଲବ୍ୟଙ୍କ ସଭାପତିତ୍ୱରେ ହିନ୍ଦୁ ମହାସଭାର ଅନ୍ୟ ଏକ ବୈଠକ ମାଡ୍ରାସଠାରେ ଆରମ୍ଭ ହୋଇଥିଲା । ଆତ୍ମଶାସନ ପାଇଁ ଏକ ସମ୍ବିଧାନ ପ୍ରସ୍ତୁତ କରିବାକୁ ସେଠାରେ ମତ ପ୍ରକାଶ ପାଇଲା । କୁହାଗଲା ଯେ ଭାରତରେ ଏକ ସଂଘୀୟ ସରକାର, ସମାନ ଭୋଟଦାନ ଓ ବହୁମତ ଶାସନ ପ୍ରଚଳିତ ହେବା ଉଚିତ । ଭାରତରେ ଅନେକ ସଂଖ୍ୟାଲଘୁ ଗୋଷ୍ଠୀ ରହିଥିବାରୁ, ସେମାନଙ୍କ ଧର୍ମୀୟ ଅଧିକାର ସୁରକ୍ଷିତ ହେବା ଉଚିତ୍; ରାଜନୀତିକ ବା ଶାସନଗତ ଅଧିକାର ନୁହେଁ । ଏହିପରି ହିନ୍ଦୁ ମହାସଭା ସାମାଜିକ ଓ ଧର୍ମୀୟ କାର୍ଯ୍ୟକ୍ରମଠାରୁ ରାଜନୈତିକ କାର୍ଯ୍ୟକ୍ରମ ଉପରେ ଅଧିକ ମନୋନିବେଶ କଲା ।

୧୯୩୮ ମସିହାରୁ ବର୍ଷ ପରେ ବର୍ଷ ବିପ୍ଳବୀ ନେତା ଭି. ଡ଼ି. ସଭରକର ହିନ୍ଦୁ ମହାସଭାର ସଭାପତି ଭାବେ ନିର୍ବାଚିତ ହେଉଥିଲେ । ମୁସ୍‌ଲିମ୍ ଲିଗ୍ ପରି ମହାସଭାକୁ ଏକ ରାଜନୈତିକ ଓ ସାମ୍ପ୍ରଦାୟିକ ସଂସ୍ଥାରୂପେ ସେ ବିକାଶ ଘଟାଇଲେ । କଂଗ୍ରେସର ଅଧିକାଂଶ ହିନ୍ଦୁ ରାଜନୀତିଜ୍ଞ ଉଭୟ ମହାସଭା ଓ ଲିଗ୍‌ର ସାମ୍ପ୍ରଦାୟିକ କାର୍ଯ୍ୟକ୍ରମଗୁଡ଼ିକୁ ନିନ୍ଦା କରୁଥିଲେ, ଫଳରେ ମହାସଭା କଠୋର ଭାବରେ କଂଗ୍ରେସକୁ ହିନ୍ଦୁ ବିରୋଧୀ ବୋଲି ସମାଲୋଚନା କଲା ।

ସଭରକରଙ୍କ ଖୋଲା ବକ୍ତୃତା ମୁସଲମାନ୍‌ମାନଙ୍କୁ କେବଳ ଭୟଭୀତ କରୁନଥିଲା, ଉତ୍ତେଜିତ ମଧ୍ୟ କରୁଥିଲା । ସେ କହୁଥିଲେ, ହିନ୍ଦୁ ଓ ମୁସଲମାନ୍‌ମାନଙ୍କର ଧର୍ମ ମତଭେଦ ଦୂରକରି ହେବ ନାହିଁ, ବା ବୁଝାମଣାରେ ସମାଧାନ କରିହେବ ନାହିଁ । କେବଳ ଗୋଟିଏ ମାତ୍ର ପଥରେ ଏହାର ମୀମାଂସା କରାଯାଇପାରିବ, ସେହି ପଥ ହେଉଛି ସମଗ୍ର ଭାରତବର୍ଷକୁ ହିନ୍ଦୁସ୍ଥାନ ଭାବରେ ସ୍ୱୀକୃତି ଦେବା । ଭାରତ ହେଉଛି ହିନ୍ଦୁମାନଙ୍କର ଏକ ଦେଶ । ଏଠାରେ ମୁସଲମାନ୍‌ମାନେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଏକ ଭାରତୀୟ ରାଜ୍ୟରେ ସେମାନଙ୍କର ସ୍ଥାନ ନିରୂପଣ କରାଯାଇ ପାରିବ । ସଭରକରଙ୍କ ହିନ୍ଦୁରାଜ୍ୟ ପ୍ରତିଷ୍ଠା ପାଇଁ ଏ ମୁକ୍ତ ଆହ୍ୱାନ ମୁସଲମାନ୍‌ମାନଙ୍କୁ ଭୟଭୀତ କରିଦେଉଥିଲା ଏବଂ ସେମାନଙ୍କ ମନରେ ହିନ୍ଦୁ ବିରୋଧୀ ଭାବ ଜାଗରଣ କରୁଥିଲା । ଯେତେବେଳେ ମହାସଭାର ନାଗପୁର ଅଧିବେଶନରେ (୧୯୩୮) ଏକ ଗୋଷ୍ଠୀ ସ୍ୱେଚ୍ଛାସେବୀ ଖଣ୍ଡା ଓ ଲାଠି ଧରି ଯୋଗଦେଲେ, ମୁସଲମାନ୍‌ମାନେ ଆତଙ୍କିତ ହେଲେ ।

କଂଗ୍ରେସର ଅନୁପସ୍ଥିତିରେ ହିନ୍ଦୁ ମହାସଭା ହିନ୍ଦୁ ରାଜନୀତିରେ ଆଧିପତ୍ୟ ବିସ୍ତାର କରୁଥିଲା । କ୍ରିପ୍ସ ମିଶନ ଭାରତ ଆସିବା ସମୟରେ ମହାସଭା ଘୋଷଣା କଲା ଯେ ଭାରତ ହେଉଛି ଏକ ଓ ଅବିଭାଜ୍ୟ । ପାକିସ୍ତାନ ଗଠନକୁ ମହାସଭା ଦୃଢ଼ଭାବେ ବିରୋଧ କଲା । ମହାସଭାର କାନପୁର ବାର୍ଷିକ ଅଧିବେଶନରେ ସଭାପତି ସଭରକର ଉଗ୍ର ଓ ଉତ୍ତେଜିତ କଣ୍ଠରେ କହିଲେ, ‘‘ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ପରି ସେମାନଙ୍କର ସମାନ ଅଧିକାର ଓ ଦାୟିତ୍ୱ ରହିଛି, ଏବଂ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ କେନ୍ଦ୍ରରେ ସେହିପରି ପ୍ରତିନିଧିତ୍ୱ କରିବେ; କିନ୍ତୁ ଏକ ଭୀଷଣ ଓ ବିଶ୍ୱାସଘାତକ ପାକିସ୍ତାନ ଦାବି ଆଦୌ ବରଦାସ୍ତ କରାଯାଇପାରିବ ନାହିଁ । ....ଦେଶରୁ କୌଣସି ଅଂଶ ପୃଥକ୍ ହୋଇପାରିବ ନାହିଁ ଏବଂ ପ୍ରାଦେଶିକ ଆତ୍ମ ନିର୍ଦ୍ଧାରଣ ରହିପାରିବ ନାହିଁ ।’’

ହିନ୍ଦୁ ମହାସଭାର ଏକ ସ୍ପଷ୍ଟ ଧର୍ମମତ ଥିଲା । ଅଧିକାଂଶ ହିନ୍ଦୁ ଏହାକୁ ମୁସ୍‌ଲିମ୍ ଲିଗ୍‌ର ଆବଶ୍ୟକୀୟ ପ୍ରତିରୂପ ବୋଲି ଧରି ନେଇଥିଲେ; କିନ୍ତୁ ଜାତୀୟ ଦୃଷ୍ଟିକୋଣରୁ ମହାସଭାରେ ବହୁଳ ପରିମାଣରେ ହିନ୍ଦୁ ଅନୁଗାମୀ ନ ଥିଲେ, ଏହା ସମଗ୍ର ହିନ୍ଦୁ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ ଦେଇ ପାରୁନଥିଲା ।

ରାଜଗୋପାଳଚାରୀଙ୍କ ସୂତ୍ର

(The Formula of Rajgopalachari)

୧୯୪୩, ଅକ୍ଟୋବର ୨୦ ତାରିଖରେ ଲର୍ଡ୍ ୱାଭେଲ ବଡ଼ଲାଟ ହୋଇ ଆସିଥିଲେ । ଭାରତୀୟ ସମସ୍ୟା ପାଇଁ ଏକ ବାଟ ଫିଟାଇବାକୁ ସେ ଚାହିଁଥିଲେ । ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ସେ ଗାନ୍ଧିଙ୍କୁ ମୁକ୍ତ କରିଦେଇଥିଲେ ।

୧୯୪୪, ସେପ୍ଟେମ୍ବର ମାସରେ ଗାନ୍ଧି-ଜିନ୍ନା କଥାବାର୍ତ୍ତା ଆରମ୍ଭ ହେଲା । ଜିନ୍ନାଙ୍କ ପାକିସ୍ତାନ ଦାବି ଗ୍ରହଣ କରିନେବାକୁ ରାଜଗୋପାଳଚାରୀ ଗାନ୍ଧିଙ୍କୁ ପ୍ରବର୍ତ୍ତାଇଥିଲେ । ରାଜାଜୀଙ୍କ ନିୟମ ଅନୁଯାୟୀ ଯଦି ମୁସଲମାନ୍‌ମାନେ ଦୃଢଭାବରେ ଜାତୀୟ ସ୍ୱାଧୀନତା ଦାବି କରୁଛନ୍ତି, ତେବେ ପାକିସ୍ତାନ ସୃଷ୍ଟି ପାଇଁ ଉତ୍ତର ପଶ୍ଚିମ ଓ ଉତ୍ତର ପୂର୍ବଭାରତର ସଂଖ୍ୟାଗରିଷ୍ଠ ମୁସଲମାନ୍ ଅଞ୍ଚଳ କଂଗ୍ରେସ ଚିହ୍ନଟ କରୁ, ଚିହ୍ନିତ ଅଞ୍ଚଳର ଅଧିବାସୀମାନେ ଗଣଭୋଟ ମାଧ୍ୟମରେ ସ୍ଥିର କରନ୍ତୁ ସେମାନେ ଭାରତରେ ରହିବେ କିମ୍ବା ଏକ ବା ଅଧିକ ରାଷ୍ଟ୍ର ଗଠନ କରିବେ; ମାତ୍ର ‘ରାଜାଜୀଙ୍କ ସୂତ୍ର’ ପ୍ରତ୍ୟେକ ସ୍ତରରୁ ଅଗ୍ରାହ୍ୟ କରିଦିଆଯାଇଥିଲା; କାରଣ ଏହାଦ୍ୱାରା ଭାରତ ବିଭାଗ ହୋଇଯିବ ।

ଜିନ୍ନା କହିଥିଲେ, ମୁସଲମାନ୍‌ମାନେ ହେଉଛନ୍ତି ଏକଶତ ନିୟୁତ ଲୋକଙ୍କର ଏକଜାତି ଓ ସେମାନଙ୍କର ରହିଛି ‘‘ସ୍ୱତନ୍ତ୍ର ସଂସ୍କୃତି ଓ ସଭ୍ୟତା, ଭାଷା ଓ ସାହିତ୍ୟ, କଳା

ଓ ସ୍ଥାପତ୍ୟ, ନାମ ଓ ସଂଜ୍ଞା, ମୂଲ୍ୟବୋଧ ଓ ଅନୁପାତ, ବିଧିବଦ୍ଧ ଆଇନ ଓ ନୈତିକ ବ୍ୟବସ୍ଥା, ଆଚାରବ୍ୟବହାର ଓ ଚାକଚକ୍ୟ, ଇତିହାସ ଓ ପରମ୍ପରା, ପ୍ରବୃତ୍ତି ଓ ଉଚ୍ଚାଶା''। ସେ ଚାହିଁଲେ ମୁସଲମାନ୍‌ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରାଯାଉ । 'ରାଜାଜୀଙ୍କ ସୂତ୍ର' ସେ ପ୍ରତ୍ୟାଖ୍ୟାନ କଲେ ।

ଗାନ୍ଧି କହିଥିଲେ, ଇଂରେଜମାନେ ଭାରତ ତ୍ୟାଗ କରିବା ପରେ ପାରସ୍ପରିକ ନିଷ୍ପତ୍ତିକ୍ରମେ ଭାରତର ବିଭାଜନ ହେବ, ତା'ପୂର୍ବରୁ ନୁହେଁ; ମାତ୍ର ଜିନ୍ନା ଜିଦ୍ କଲେ ଯେ ସ୍ୱାଧୀନତା ପୂର୍ବରୁ ହିଁ ଭାରତର ବିଭାଜନ ଘଟିବ । ଶେଷରେ ଗାନ୍ଧି-ଜିନ୍ନା କଥାବାର୍ତ୍ତା ସମ୍ପୂର୍ଣ୍ଣରୂପେ ବ୍ୟର୍ଥ ହେଲା ଏବଂ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହେଲା ।

'ୱାଭେଲ ପ୍ଲାନ୍' ଏବଂ ସାମ୍ପ୍ରଦାୟିକ ଅଚଳ ଅବସ୍ଥା

(Wavell Plan and the Communal Impasse)

୧୯୪୫, ଜୁନ୍ ମାସରେ ୱାଭେଲ ପ୍ଲାନ୍ ଘୋଷଣା କରାଯାଇଥିଲା । ପ୍ରସ୍ତାବ ହେଲା ଯେ ବଡ଼ଲାଟ କାର୍ଯ୍ୟକାରୀ ପରିଷଦର ପୁନର୍ଗଠନ କରାଯିବ । ସେଥିରେ ବଡ଼ଲାଟ ଏବଂ ବ୍ରିଟିଶ୍ ସେନାପତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ସଭ୍ୟଙ୍କୁ ଭାରତର ରାଜନୀତିକ ନେତାମାନଙ୍କ ପକ୍ଷରୁ ମନୋନୀତ କରାଯିବ । ସେଥିରେ ସମାନସଂଖ୍ୟକ ହିନ୍ଦୁ ଓ ମୁସ୍‌ଲିମ୍ ସଭ୍ୟ ରହିବେ । ୧୯୪୫ ଜୁନ୍ ମାସରେ ୱାଭେଲ ପ୍ଲାନ୍ ଉପରେ ସାମ୍ବିଧାନିକ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ରାଜନୈତିକ ନେତାମାନେ ସିମଳାଠାରେ ମିଳିତ ହେଲେ । ଜିନ୍ନା ଦାବି କଲେ ଯେ କାର୍ଯ୍ୟକାରୀ ପରିଷଦରେ କେବଳ ଲିଗ୍‌ର ସଭ୍ୟମାନେ ମୁସ୍‌ଲିମ୍ ସଭ୍ୟଭାବେ ରହିବେ । ମୁସ୍‌ଲିମ୍ ସଭ୍ୟମାନଙ୍କ ମଧ୍ୟରୁ ଦୁଇଜଣ କଂଗ୍ରେସର ମୁସ୍‌ଲିମ୍ ସଭ୍ୟଙ୍କୁ ମନୋନୀତ କରିବା ପାଇଁ କଂଗ୍ରେସ ଚାହୁଁଥିଲା । ଫଳରେ ଅଚଳଅବସ୍ଥା ସୃଷ୍ଟି ହେଲା ଏବଂ ସିମଳା ସମ୍ମିଳନୀ ଅମୀମାଂସିତ ଭାବରେ ଶେଷ ହୋଇଥିଲା । ୱାଭେଲ ଅନୁଭବ କଲେ, ମୁସ୍‌ଲିମ୍ ପ୍ରତିନିଧିତ୍ୱ ଓ ନିରାପତ୍ତା ସମ୍ବନ୍ଧରେ ଜିନ୍ନାଙ୍କ ଜିଦ୍‌ଖୋର ମନୋଭାବ ଯୋଗୁଁ ସମ୍ମିଳନୀଟି ସଫଳ ହେଲାନାହିଁ ।

କ୍ୟାବିନେଟ୍ ମିଶନ ଏବଂ ସାମ୍ପ୍ରଦାୟିକ ଜଟିଳତା

(The Cabinet Misson and Communal Tangle)

୧୯୪୬, ମାର୍ଚ୍ଚ ୨୪ ତାରିଖ ଦିନ କ୍ୟାବିନେଟ୍ ମିଶନ ଦିଲ୍ଲୀରେ ପହଞ୍ଚି ଲିଗ୍, କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକର ନେତାମାନଙ୍କ ସହିତ ଆଲୋଚନା କଲେ । ମିଶନ ଲକ୍ଷ୍ୟ କରିଥିଲେ ଯେ କଂଗ୍ରେସ ଓ ଲିଗ୍ ମଧ୍ୟରେ ଅତ୍ୟଧିକ ମତଭେଦ ରହିଛି । କଂଗ୍ରେସର ସଭାପତି ମୌଲାନା ଆଜାଦ୍ ଏବଂ ଏହାର ନେତୃବୃନ୍ଦ ଭାରତ ବିଭାଜନକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରୁଥିଲେ, ଅପର ପକ୍ଷରେ ପାକିସ୍ତାନ ଗଠନ ପାଇଁ ଜିନ୍ନା ଦାବି କରୁଥିଲେ ।

ମିଶନ ଅନୁଭବ କରିଥିଲେ ଯେ ଏପରି ଏକ ସମାଧାନ କରାଯିବା ଉଚିତ୍, ଯାହା ଉଭୟ କଂଗ୍ରେସ ଓ ଲିଗ୍ ଗ୍ରହଣ କରିବେ ଏବଂ ଭାରତର ଏକତା ରକ୍ଷା କରାଯିବ । ଜିନ୍ନାଙ୍କ ସ୍ୱତନ୍ତ୍ର ପାକିସ୍ତାନ ଗଠନ ଦାବି ମିଶନ ପ୍ରତ୍ୟାଖ୍ୟାନ କଲେ; କାରଣ ପଞ୍ଜାବ ଓ ବଙ୍ଗ ଭାଗ କଲେ ଏ ଦୁଇ ପ୍ରଦେଶର ସଂଖ୍ୟାଧିକ ଅଧିବାସୀମାନଙ୍କର ସ୍ୱାର୍ଥହାନି ଘଟିବ । ପୁନଶ୍ଚ ପାକିସ୍ତାନର ଦୁଇଟି ଅଂଶ ପରସ୍ପରଠାରୁ ୭୦୦ ମାଇଲ୍ ଦୂରରେ ରହିବା ଫଳରେ ଶାନ୍ତି ଓ ଯୁଦ୍ଧ ସମୟରେ ଉଭୟ ଖଣ୍ଡରେ ଯାତାୟାତର ଅସୁବିଧା ହେବ ।

ମିଶନଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ପାଇଁ ଏକ କେନ୍ଦ୍ର ସରକାର ରହିବ ଏବଂ ଭାରତ ଏକ ସଂଘ ହେବ । ଭାରତର ପ୍ରଦେଶଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯିବ । ପଞ୍ଜାବ, ଉତ୍ତର-ପଶ୍ଚିମ ସୀମାନ୍ତପ୍ରଦେଶ, ସିନ୍ଧୁ ଓ ବେଲୁଚିସ୍ତାନ ରହିବେ ପ୍ରଥମ ଭାଗରେ । ଦ୍ୱିତୀୟ ଭାଗରେ ରହିବେ ବଙ୍ଗଳା ଓ ଆସାମ ଏବଂ ତୃତୀୟ ଭାଗରେ ଅବଶିଷ୍ଟ ପ୍ରଦେଶଗୁଡ଼ିକ । ପ୍ରଥମ ଦୁଇଭାଗ ମୁସଲମାନ୍‌ବହୁଳ ହେବାବେଳେ ତୃତୀୟ ଭାଗ ହେବ ହିନ୍ଦୁବହୁଳ । ଉକ୍ତ ତିନୋଟି ଭାଗର ପ୍ରଦେଶଗୁଡ଼ିକ ପାଇଁ ପୃଥକ୍ ସଂବିଧାନ ରହିବ । ସମ୍ବିଧାନ ଅନୁଯାୟୀ ଗୋଟିଏ ପ୍ରଦେଶ ଇଚ୍ଛା ଅନୁସାରେ ଭବିଷ୍ୟତରେ ସଂଘରୁ ବାହାରି ଯିବାର ଅଧିକାର ପାଇବ । ଏହାଦ୍ୱାରା ଭାରତର ଏକତା ରକ୍ଷାହେଲା; ମାତ୍ର ମୁସ୍‌ଲିମ୍‌ବହୁଳ ପ୍ରଦେଶଗୁଡ଼ିକୁ ଶାସନକ୍ଷେତ୍ରରେ ଯଥେଷ୍ଟ କ୍ଷମତା ଓ ସ୍ୱାତନ୍ତ୍ର୍ୟ ଦିଆଗଲା । ମାତ୍ର ଆଶଙ୍କା କରାଗଲା ଯେ ଭବିଷ୍ୟତରେ ମୁସଲମାନ୍‌ବହୁଳ ପ୍ରଦେଶଗୁଡ଼ିକ ଭାରତୀୟ ସଂଘରୁ ବାହାରିଯାଇ ସ୍ୱତନ୍ତ୍ର ପାକିସ୍ତାନ ଗଠନ କରିବେ । ମୁସ୍‌ଲିମ୍ ଲିଗ୍ ଆଗ୍ରହହୀନ ଭାବରେ ମିଶନର ପ୍ରସ୍ତାବ ଗ୍ରହଣ କରିଥିଲା । ସରକାରଙ୍କ ନିର୍ଦ୍ଦେଶରେ ବଡ଼ଲାଟ ଅତିଶୀଘ୍ର ଶାସନ ବିଧାୟକ ସଭା ଡ଼ାକିବା ଏବଂ ମଧ୍ୟବର୍ତ୍ତୀକାଳୀନ ଜାତୀୟ ସରକାର ଗଠନ କରିବା ପାଇଁ ଉଦ୍ୟମ କଲେ । ବିଧାନସଭା ପାଇଁ ଜୁଲାଇ ମାସରେ ନିର୍ବାଚନ ହେଲା । ଜିନ୍ନାଙ୍କର ହୃଦ୍‌ବୋଧ ହେଲା ଯେ ଖୁବ୍‌ଶୀଘ୍ର ଭାରତ ସ୍ୱାଧୀନ ହେବ । ତେଣୁ କେନ୍ଦ୍ର ସରକାର ଅଧିକ କ୍ଷମତାସମ୍ପନ୍ନ ହୋଇ ଭାରତୀୟ ସଂଘରୁ ମୁସଲମାନ୍ ପ୍ରଦେଶଗୁଡ଼ିକୁ ପୃଥକ୍ କରାଇ ଦେବେନାହିଁ । ତାଦ୍ୱାରା ଜିନ୍ନାଙ୍କ ପାକିସ୍ତାନ ଗଠନ ଯୋଜନା ଫଳପ୍ରଦ ହେବନାହିଁ । ନିଜର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଜିନ୍ନା ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶଦେଲେ ।

ପ୍ରତ୍ୟକ୍ଷ କାର୍ଯ୍ୟଦିବସ ଓ ସାମ୍ପ୍ରଦାୟିକ ଦଙ୍ଗା
(Direct Action and Communal Riots)

ମୁସ୍‌ଲିମ୍ ଲିଗ୍ କ୍ୟାବିନେଟ୍ ମିଶନ ପ୍ରସ୍ତାବ ଗ୍ରହଣକୁ ବିରୋଧ କରି ଏକ ପ୍ରସ୍ତାବ ଆଣିଥିଲା ଏବଂ ୧୯୪୬ ଅଗଷ୍ଟ ୧୬ ତାରିଖକୁ ପ୍ରତ୍ୟକ୍ଷ କାର୍ଯ୍ୟଦିବସ ରୂପେ ପାଳନ ପାଇଁ

ନିର୍ଦ୍ଦେଶ ଦେଲା । ପ୍ରତ୍ୟକ୍ଷ କାର୍ଯ୍ୟ ଦିବସକୁ ଉତ୍‌ଥାପନ କରି ଜିନ୍ନା କହିଲେ, ''ଲିଗ୍‌ର ସମଗ୍ର ଇତିହାସରେ ସମ୍ବିଧାନ ବାହାରେ ଆମେ କେଉଁ କୌଣସି କାର୍ଯ୍ୟ କରିନାହୁଁ । ଆଜି ଆମେ ସାମ୍ବିଧାନିକ ପଦ୍ଧତିକୁ ବିଦାୟ ଦେଲେ ।'' ଏକ ଅନିଚ୍ଛୁକ ବ୍ରିଟିଶ୍ ସରକାରଙ୍କଠାରୁ ପାକିସ୍ତାନ ଛଡ଼ାଇ ଆଣିବା ପାଇଁ ପ୍ରତ୍ୟକ୍ଷ କାର୍ଯ୍ୟ ଦିବସକୁ ପାଳନ କରାଯାଇନଥିଲା, ଏହା ଉଦ୍ଦିଷ୍ଟ ଥିଲା ହିନ୍ଦୁମାନଙ୍କ ବିପକ୍ଷରେ । ବଙ୍ଗଳା, ଉତ୍ତରପ୍ରଦେଶ, ବମ୍ବେ, ପଞ୍ଜାବ, ସିନ୍ଧୁ ଏବଂ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଏହି ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଥିଲା । ପରିଣାମରେ କଲିକତାଠାରେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେଲା । ହତ୍ୟା, ଲୁଣ୍ଠନ, ବର୍ବରତା ଓ ପୋଡ଼ାଜଳା ମଧ୍ୟରେ ସମଗ୍ର କଲିକତାନଗରୀ ଏକ ବିଭତ୍ସରୂପ ଧାରଣ କରିଥିଲା ।

ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାର ଇଚ୍ଛା କଲେନାହିଁ । କଲିକତାରେ ଥିବା ଗଭର୍ଣ୍ଣର ନିଷ୍କ୍ରିୟ ହୋଇ ବସିରହିଲେ । ହିଂସାକାଣ୍ଡରୁ କ୍ଷାନ୍ତ ହେବା ପାଇଁ ମହାତ୍ମା ଗାନ୍ଧି ଖୁବ୍ ମର୍ମାହତ ହୋଇ ଆହ୍ୱାନ ଦେଲେ ।

ମଧ୍ୟବର୍ତ୍ତୀକାଳୀନ ସରକାର
(Interim Government)

୧୯୪୬, ଅଗଷ୍ଟ ୨୪ ତାରିଖ ଦିନ ମଧ୍ୟବର୍ତ୍ତୀକାଳୀନ ସରକାର ପାଇଁ ସଭ୍ୟମାନଙ୍କର ନାମ ଘୋଷଣା କରାଗଲା । ସେପ୍‌ଟେମ୍ବର ୨ ତାରିଖ ଦିନ କେନ୍ଦ୍ରରେ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ବଡ଼ଲାଟ ୱାଭେଲ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରିଥିଲେ । ବ୍ରିଟିଶ୍ ସରକାରଙ୍କର କଠୋର ଆଭିମୁଖ୍ୟ ଜିନ୍ନାଙ୍କ ଉପରେ କିଛିଟା ପ୍ରଭାବ ପକାଇ ପାରିଲା । ସେ ସରକାରରେ ଭାଗ ନେବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ସରକାର ଗଠନ ପାଇଁ ମୁସ୍‌ଲିମ୍ ଲିଗ୍‌ର ପାଞ୍ଚଜଣ ପ୍ରାର୍ଥୀଙ୍କୁ ପଠାଇଥିଲେ ।

ବାସ୍ତବିକ୍ ଏହା ମେଣ୍ଟ ସରକାର ନଥିଲା । ଲିଗ୍‌ର ପ୍ରତିନିଧିମାନେ ନେହେରୁଙ୍କ ନେତୃତ୍ୱ ଗ୍ରହଣ କରିବାକୁ ଏବଂ ମନ୍ତ୍ରିମଣ୍ଡଳର 'ମିଳିତ ଦାୟ' ପ୍ରଥା ମାନିବାକୁ ମନାକରିଦେଇଥିଲେ । କଂଗ୍ରେସ ଓ ଲିଗ୍‌ର ସଭ୍ୟମାନଙ୍କ ମଧ୍ୟରେ ବାଦାନୁବାଦ ଲାଗିରହୁଥିଲା, ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ମତାମତ ମେଳ ଖାଉନଥିଲା । ଲିଆକାତ ଅଲି ଅର୍ଥ ବିଭାଗରେ ଥିବାରୁ କଂଗ୍ରେସର ସଭ୍ୟମାନେ ଠିକ୍ ରୂପେ କାର୍ଯ୍ୟ କରିବାରେ ସେ ବାଧା ସୃଷ୍ଟି କରୁଥିଲେ । ଜି.ଏ. ଖାଁ ଖୋଲାଖୋଲି ଭାବରେ ଘୋଷଣା କରିଥିଲେ ''ମନରେ ପୋଷଣ କରିଥିବା ପାକିସ୍ତାନ ଲକ୍ଷ୍ୟରେ ଲଢ଼ିବାକୁ ଏକ ପାଦ ରଖିବା ପାଇଁ ଆମେ ମଧ୍ୟବର୍ତ୍ତୀ ସରକାରକୁ ଯାଉଛୁ ଏବଂ ତୁମକୁ ଭରସା ଦେଉଛୁ ଯେ ଆମେ ପାକିସ୍ତାନ ହାସଲ କରିବା ।''

ସାମ୍ପ୍ରଦାୟିକ ଦଙ୍ଗା କମିନଥିଲା । ନୋଆଖାଲି ଓ ତିପେରା ଜିଲ୍ଲାରେ ହିନ୍ଦୁମାନଙ୍କ ଉପରେ ସଂଗଠିତ ଆକ୍ରମଣ ହେଉଥିଲା । ବିହାରର ହିନ୍ଦୁମାନେ ମୁସଲମାନ୍‌ମାନଙ୍କୁ ଆକ୍ରମଣ କଲେ । ସାମରିକ ଶକ୍ତି ପ୍ରୟୋଗକରି ନେହେରୁ ବିହାରର ହତ୍ୟାକାଣ୍ଡ ନିୟନ୍ତ୍ରଣ କଲେ । ନୋଆଖାଲିରେ ସନ୍ୟାସୀ ଗାନ୍ଧି ଚଳାଇଥିଲେ ତାଙ୍କର ଅହିଂସା ଅଭିଯାନ; ମାତ୍ର ସାମ୍ପ୍ରଦାୟିକ ଭେଦଭାବରୁ ଧର୍ମାନ୍ଧ ଦେଶବାସୀ ନିସ୍ତାର ପାଇଲେ ନାହିଁ । ହିଂସାକାଣ୍ଡ ଦମନ କରିବା ପରିବର୍ତ୍ତେ ଲିଗ୍‌ର ସଭ୍ୟମାନେ ପଞ୍ଜାବ ଓ ସୀମାନ୍ତପ୍ରଦେଶରେ ଧ୍ୱଂସକାଣ୍ଡ ଘଟାଇଲେ । ଜିନ୍ନା ବିଶ୍ୱାସ କରୁଥିଲେ ଯେ କେବଳ ହିଂସା ମାଧ୍ୟମରେ ହିଁ ପାକିସ୍ତାନ ଜନ୍ମଲାଭ କରିବ ।

ଶାସନ ବିଧାୟକ ସଭା

(The Constituent Assembly)

୧୯୪୬, ଡ଼ିସେମ୍ବରରେ ରାଜେନ୍ଦ୍ର ପ୍ରସାଦଙ୍କ ସଭାପତିତ୍ୱରେ ଶାସନ ବିଧାୟକ ସଭା ଅନୁଷ୍ଠିତ ହୋଇଥିଲା । ମୁସ୍‌ଲିମ୍ ଲିଗ୍ ଏ ସଭାରେ ଯୋଗ ଦେଲେ ନାହିଁ; କାରଣ ଜିନ୍ନା ଜାଣିଥିଲେ ଶାସନ ବିଧାୟକ ସଭା ଅଖଣ୍ଡ ଭାରତପାଇଁ ସମ୍ବିଧାନ ପ୍ରଣୟନ କରିବ ଏବଂ ପାକିସ୍ତାନ ଗଠନ ପାଇଁ କୌଣସି ବ୍ୟବସ୍ଥା ରଖାଯିବ ନାହିଁ । ଶାସନ ବିଧାୟକ ସଭାକୁ ଭାଙ୍ଗି ଦେବାପାଇଁ ଲିଗ୍ ଦାବି ଜଣାଇଲା । ପୁଣି ଥରେ ସାମ୍ପ୍ରଦାୟିକ ଦଙ୍ଗା ଦେଶରେ ଏକ ଭୟାବହ ପରିସ୍ଥିତି ସୃଷ୍ଟିକଲା । ଲିଗ୍‌ର ସଭ୍ୟମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସରକାରରୁ ବହିଷ୍କାର କରିବା ପାଇଁ କଂଗ୍ରେସ ବଡ଼ଲାଟଙ୍କ ପାଖରେ ଜିଦିଧରି ବସିଲା; ମାତ୍ର ଓ୍ୱାଭେଲ ଏପରି ଜିଦି ନ କରିବା ପାଇଁ ନେହେରୁଙ୍କୁ ପରାମର୍ଶ ଦେଲେ, ତାଙ୍କର ଆଶଙ୍କା ହେଲା-ଏପରି କଲେ ଲିଗ୍ ଅଧିକ ଉଗ୍ର ହୋଇ ଉଠିବ ।

ଆଟଲୀଙ୍କ ଘୋଷଣା

(Announcement of Attlee)

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ସମସ୍ୟାର ସମାଧାନ କରିବା ପାଇଁ ଆଟଲୀ ଆଗେଇ ଆସିଥିଲେ । ସମ୍ଭବତଃ କୌଣସି ବ୍ରିଟିଶ୍ ମନ୍ତ୍ରୀଙ୍କର ତାଙ୍କ ପରି ସାହସ, ଦୂରଦୃଷ୍ଟି ଓ ଭାରତୀୟମାନଙ୍କ ପ୍ରତି ଦୟାଭାବ ନଥିଲା । ସେ ସ୍ଥିର କଲେ ଯେ ଭାରତରୁ ପ୍ରତ୍ୟାହୃତ ହୋଇ ଆସିବା ପାଇଁ ଇଂରେଜମାନେ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବା ଉଚିତ୍ ।

୧୯୪୭, ଫେବ୍ରୁଆରୀ ୨୦ ତାରିଖ ଦିନ ଆଟଲୀ ହାଉସ୍ ଅଫ୍ କମନ୍‌ସରେ ଯେଉଁ ଐତିହାସିକ ଘୋଷଣାକଲେ ତାହା ଭାରତର ଭାଗ୍ୟ ନିରୂପଣ କଲା । "ସମ୍ରାଟଙ୍କ ସରକାର ଏକଥା ସ୍ପଷ୍ଟ କରି ଦେବାକୁ ଚାହାନ୍ତି ଯେ ଏହା ସେମାନଙ୍କର ନିଶ୍ଚିତ ଇଚ୍ଛା,

୧୯୪୮, ଜୁନ୍ ମାସ ପୂର୍ବରୁ ଦାୟିତ୍ୱସମ୍ପନ୍ନ ଭାରତୀୟମାନଙ୍କ ହସ୍ତକୁ କ୍ଷମତା ହସ୍ତାନ୍ତର ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।'' ଏହି କାର୍ଯ୍ୟ ପାଇଁ ୱାଭେଲଙ୍କ ଉତ୍ତରାଧିକାରୀ ହୋଇ ୧୯୪୭, ମାର୍ଚ୍ଚ ୨୪ ତାରିଖରେ ଲର୍ଡ଼ ମାଉଣ୍ଟ୍ ବ୍ୟାଟେନ୍ ବଡ଼ଲାଟ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ ।

ଲର୍ଡ଼ ମାଉଣ୍ଟ୍‌ବ୍ୟାଟେନ୍ ଓ ଭାରତ ବିଭାଜନ

(Lord Mountbatten and Partition of India)

ଲର୍ଡ଼ ମାଉଣ୍ଟ୍ ବ୍ୟାଟେନ୍ ଥିଲେ ଦୂରଦୃଷ୍ଟିସମ୍ପନ୍ନ, କାର୍ଯ୍ୟଦକ୍ଷ, ବିଚକ୍ଷଣ କୂଟନୀତିଜ୍ଞ ଏବଂ ବାସ୍ତବବାଦୀ । ତାଙ୍କ ଆଗରେ ଚାରିଗୋଟି କାର୍ଯ୍ୟଥିଲା-

୧ । ଉଭୟ କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ନେତାମାନେ ଗ୍ରହଣ କଲାପରି ଏକ ଯୋଜନା ପ୍ରସ୍ତୁତ କରିବା ।

୨ । ଦେଶୀୟ ରାଜାମାନଙ୍କଠାରୁ ସମ୍ପର୍କ ଛିନ୍ନ କରିବା ।

୩ । ଇଂରେଜମାନଙ୍କୁ ଭାରତରୁ ନିଜ ଦେଶକୁ ପ୍ରତ୍ୟାହାର କରିବା ଏବଂ

୪ । ଏକ ସ୍ୱାଧୀନ ଭାରତକୁ ବ୍ରିଟିଶ୍ ରାଜ୍ୟଗୋଷ୍ଠୀ ମଧ୍ୟରେ ଧରିରଖିବା ।

ନେହେରୁ, ସର୍ଦ୍ଦାର ପଟେଲ, ଜିନ୍ନା, ଲିଆକାତ ଅଲି, ବଳଦେବ ସିଂହ ଓ ଅନ୍ୟାନ୍ୟ ନେତାମାନଙ୍କ ସହିତ ମାଉଣ୍ଟ୍ ବ୍ୟାଟେନ୍ ଆଲୋଚନା ଚଳାଇଲେ । ସେ ଜାଣିଲେ ଯେ କ୍ୟାବିନେଟ୍ ମିଶନ ଯୋଜନା ଗ୍ରହଣୀୟ ନୁହେଁ । ସମଗ୍ର ପଞ୍ଜାବ, ଉତ୍ତର-ପଶ୍ଚିମ ସୀମାନ୍ତପ୍ରଦେଶ, ସିନ୍ଧୁ, ବେଲୁଚିସ୍ତାନ, ବଙ୍ଗ ଓ ଆସାମ ପ୍ରଭୃତି ମୁସଲମାନ୍ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ନେଇ ଥିଲା ଜିନ୍ନାଙ୍କ ପାକିସ୍ତାନ; ମାତ୍ର କୌଣସି ପ୍ରକାର ବିଭାଜନ ଗ୍ରହଣ ନ କରିବାକୁ ମହାତ୍ମାଗାନ୍ଧି ନେହେରୁଙ୍କୁ ପରାମର୍ଶ ଦେଇଥିଲେ । ଭାରତ ବିଭାଜନ ଓ ମାଉଣ୍ଟ ବ୍ୟାଟେନ୍ ଯୋଜନା ଗ୍ରହଣ କରିବାର ପ୍ରଥମ ନେତା ଥିଲେ ସର୍ଦ୍ଦାର ପଟେଲ । ସେ କହିଲେ, ''ଆମ୍ଭେମାନେ ଏହା ଭଲପାଉ ବା ନ ପାଉ ଭାରତ ଭିତରେ ଦୁଇଟା ଦେଶ ରହିଛି ।'' ତାଙ୍କର ହୃଦ୍‌ବୋଧ ହେଲା, ହିନ୍ଦୁ ଓ ମୁସଲମାନ୍‌ମାନେ ଗୋଟିଏ ଦେଶରେ ଏକତ୍ର ରହିପାରିବେ ନାହିଁ । ପ୍ରଥମେ ନେହେରୁ ଖୁବ୍ ହିଂସ୍ରହୋଇ ଭାରତ ବିଭାଜନକୁ ବିରୋଧ କରୁଥିଲେ; ମାତ୍ର ପଟେଲ, ମାଉଣ୍ଟ ବ୍ୟାଟେନ୍ ଓ ତାଙ୍କ ସହଧର୍ମିଣୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ମତ ପରିବର୍ତ୍ତନ କଲେ । ଆଜାଦ ଶେଷ ପର୍ଯ୍ୟନ୍ତ ଭାରତ ବିଭାଜନକୁ ବିରୋଧ କରୁଥିଲେ । ବିଭାଜନ ଦିଗରେ ମାଉଣ୍ଟ ବ୍ୟାଟେନ୍ ଓ ପଟେଲଙ୍କ ଚାପରେ ଗାନ୍ଧିଙ୍କର କଠୋର ମନୋଭାବ ତରଳିବାକୁ ଲାଗିଲା । ଯଦିବି ସେ ବିଭାଜନ ସପକ୍ଷରେ ମତ ଦେଲେ ନାହିଁ, ତଥାପି ଏହାକୁ ବିରୋଧ କଲେ ନାହିଁ ।

ମାଉଣ୍ଟ୍‌ବ୍ୟାଟେନ୍ ଯୋଜନା

(Mountbatten Plan)

୧୯୪୭, ଜୁନ୍ ୩ ତାରିଖ ଦିନ ମାଉଣ୍ଟ୍ ବ୍ୟାଟେନ୍ ବେତାର ବାର୍ତ୍ତା ମାଧ୍ୟମରେ ତାଙ୍କର ଯୋଜନା ଦେଶବାସୀଙ୍କୁ ଜଣାଇଲେ, ଏବଂ ତା' ପରଦିନ, ଭାରତ ୧୯୪୭ ଅଗଷ୍ଟ ୧୫ ତାରିଖରେ ଯେ ସ୍ୱାଧୀନ ହେବ, ଏକଥା ଘୋଷଣା କରି ଦେଶବାସୀଙ୍କୁ ଚକିତ କରିଦେଲେ ।

ମାଉଣ୍ଟ୍ ବ୍ୟାଟେନ୍ ଯୋଜନା ଅନୁଯାୟୀ ସ୍ଥିର ହେଲା ଯେ ବଙ୍ଗ ଏବଂ ପଞ୍ଜାବର ପ୍ରାଦେଶିକ ବ୍ୟବସ୍ଥାପକ ସଭାଗୁଡ଼ିକୁ ଦୁଇଟି ଭାଗରେ ବିଭକ୍ତ କରାଯିବ । ମୁସଲମାନ୍‌ବହୁଳ ଅଞ୍ଚଳର ପ୍ରତିନିଧିମାନେ ଗୋଟିଏ ଭାଗରେ ଓ ଅନ୍ୟମାନେ ଅନ୍ୟଭାଗରେ ରହିବେ । ପୃଥକ୍ ପୃଥକ୍ ଭାବରେ ସଭ୍ୟମାନେ ବସି ସେମାନଙ୍କ ପ୍ରଦେଶ ବିଭାଜନ ହେବ ନା ନାହିଁ – ଠିକ୍ କରିବେ । ପଞ୍ଜାବର ପଶ୍ଚିମାଞ୍ଚଳ ଓ ବଙ୍ଗର ପୂର୍ବାଞ୍ଚଳରେ ଥିଲେ ସଂଖ୍ୟାଧିକ ମୁସଲମାନ୍ । ପଞ୍ଜାବର ପୂର୍ବାଞ୍ଚଳରେ ହିନ୍ଦୁ ଓ ଶିଖ୍‌ମାନେ ଥିଲେ ସଂଖ୍ୟାବହୁଳ । ପଶ୍ଚିମବଙ୍ଗରେ ମଧ୍ୟ ମୁସଲମାନ୍‌ମାନଙ୍କ ସଂଖ୍ୟା ଅଳ୍ପ ଥିଲା । ପଞ୍ଜାବ ଓ ବଙ୍ଗକୁ ଭାଗ ଭାଗ କରିବା ପାଇଁ ପ୍ରତ୍ୟେକ ପ୍ରାଦେଶିକ ବ୍ୟବସ୍ଥାପକ ସଭା ସ୍ଥିର କରିଥିଲେ । ବେଲୁଚିସ୍ତାନ ଓ ସିନ୍ଧୁପ୍ରଦେଶ ରହିଲେ ପାକିସ୍ତାନରେ । ପ୍ରସ୍ତାବ ହେଲା ଯେ ଉତ୍ତର-ପଶ୍ଚିମ ସୀମାନ୍ତଅଞ୍ଚଳ ଭାରତ କିମ୍ବା ପାକିସ୍ତାନରେ ମିଶିବ– ଏହା ଗଣଭୋଟ ଦ୍ୱାରା ସ୍ଥିରହେବ; ମାତ୍ର ସୀମାନ୍ତ ପ୍ରଦେଶରେ ଗଣଭୋଟ ହୋଇନଥିଲା ଏବଂ ଏହା ପାକିସ୍ତାନ ସହିତ ମିଶିଥିଲା । ସିଲହଟ ଜିଲ୍ଲା ମୁସଲମାନ୍‌ବହୁଳ ଅଞ୍ଚଳ ହୋଇଥିବାରୁ ଏହାକୁ ସ୍ଥିର କରିବାକୁ ହେଲା ଏହା ପାକିସ୍ତାନ ବା ଭାରତର ଅଂଶ ହୋଇ ରହିବ ।

ଦେଶୀୟ ରାଜ୍ୟମାନଙ୍କ ସମ୍ବନ୍ଧରେ ପ୍ରସ୍ତାବ ହେଲାଯେ, ସେମାନେ ଭାରତରେ ବା ପାକିସ୍ତାନରେ ରହିବେ– ଏ କଥା ଦେଶୀୟ ରାଜାମାନେ ଚୁକ୍ତି କରିବେ ।

ଭାରତର ବିଭାଜନ ନିଶ୍ଚିତ ବୋଲିଜାଣି ମହାତ୍ମାଗାନ୍ଧି ମର୍ମାହତ ହୋଇ ୧୯୪୭ ଜୁନ୍‌ମାସ ୧ ତାରିଖରେ କହିଲେ- "ମୁଁ ସ୍ପଷ୍ଟ ଭାବରେ ଦେଖିପାରୁଛି, ଏପରି ମୂଲ୍ୟଦ୍ୱାରା ଅଣାଯାଉଥିବା ସ୍ୱାଧୀନତାର ଭବିଷ୍ୟତ ଅନ୍ଧକାର । ମୁଁ ଯେଉଁ ବିପଦ ଆଶଙ୍କା କରୁଛି, ଯଦି ତାହା ଭାରତ ଉପରେ ପଡ଼େ ଏବଂ ଭାରତର ସ୍ୱାଧୀନତା ବିପଦପୂର୍ଣ୍ଣ ହୋଇଉଠେ, ତାହା

ଦେଖିବା ପାଇଁ ହୁଏତ ମୁଁ ବଞ୍ଚିନଥିବି; କିନ୍ତୁ ଭାବୀ ବଂଶଧରମାନେ ଜାଣନ୍ତୁ, କେତେଦୂର ଦାରୁଣ ପୀଡ଼ା ମଧ୍ୟରେ ଏହି ବୃଦ୍ଧ ବ୍ୟକ୍ତିର ଆତ୍ମା ସେକଥା ଚିନ୍ତା କରିଥିଲା । ଏକଥା କୁହାନଯାଉ-ଗାନ୍ଧି ଭାରତ ବିଭାଗର ପକ୍ଷଭୁକ୍ତ ।''

ପଞ୍ଜାବ ଓ ବଙ୍ଗ ଦୁଇଟି ସୀମା କମିଶନଙ୍କ ଦ୍ୱାରା ବିଭକ୍ତ ହେଲା । ଉଭୟ କମିଶନ୍‌ର ଚେୟାରମ୍ୟାନ ଥିଲେ ସିରିଲ ରେଡ଼କ୍ଲିଫ୍ । ପୂର୍ବବଙ୍ଗ, ପଶ୍ଚିମ ପଞ୍ଜାବ, ସିନ୍ଧୁ, ବେଲୁଚିସ୍ତାନ, ସିଲହଟ ପାକିସ୍ତାନରେ ମିଶିବା ପାଇଁ ସ୍ଥିରକଲେ । ପଶ୍ଚିମବଙ୍ଗ, ପୂର୍ବ ପଞ୍ଜାବ ମିଶିଲେ ଭାରତରେ । ଏହିପରି ଭାରତର ବିଭାଜନ ଘଟିଲା ।

ପାକିସ୍ତାନର ଜନ୍ମ

(Birth of Pakistan)

୧୯୪୭ ଅଗଷ୍ଟ ୧୩ ତାରିଖଦିନ ମାଉଣ୍ଟ୍ ବ୍ୟାଟେନ୍ କରାଚୀ ଆସି ପାକିସ୍ତାନ ଶାସନ ବିଧାୟକ ସଭାରେ ଭାଷଣ ଦେଇଥିଲେ । ସେ କହିଲେ, ''ପାକିସ୍ତାନର ଜନ୍ମ ଇତିହାସରେ ଏକ ଘଟଣା ।'' ଅଗଷ୍ଟ ୧୪ ତାରିଖ ଦିନ ପାକିସ୍ତାନ ଏକ ରାଷ୍ଟ୍ର ରୂପେ ଜନ୍ମଲାଭ କଲା, ଏବଂ ଜିନ୍ନା ହେଲେ ଏହାର ଗଭର୍ଣ୍ଣର ଜେନେରାଲ ।

ଭାରତର ସ୍ୱାଧୀନତା

(Indian Independence)

ସାମ୍ପ୍ରଦାୟିକ ରକ୍ତର ହୋଲି ମଧ୍ୟରେ ସମୟ ଅତିକ୍ରାନ୍ତ ହେଉଥିଲା ଏବଂ ଭାରତର ସ୍ୱାଧୀନତାର ଦିନ ପାଖେଇ ଆସିଥିଲା । ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ ଶାସନ ବିଧାୟକ ସଭା ଦିଲ୍ଲୀଠାରେ ସାର୍ବଭୌମ କ୍ଷମତା ହାସଲକଲେ । ସେହି ମୁହୂର୍ତ୍ତରେ ଏହାର ସଭାପତି ରାଜେନ୍ଦ୍ର ପ୍ରସାଦ ଭାରତ ସ୍ୱାଧୀନ ହେଲା ବୋଲି ବିଶ୍ୱକୁ ବାର୍ତ୍ତା ପ୍ରେରଣ କଲେ । ଏହି ପବିତ୍ର ମୁହୂର୍ତ୍ତରେ ଜବାହରଲାଲ ନେହେରୁ ହେଲେ ଭାରତର ପ୍ରଧାନମନ୍ତ୍ରୀ । ସେ ଦେଶବାସୀଙ୍କୁ ଉଦ୍‌ବୋଧନଦେଇ କହିଥିଲେ, ''ମଧ୍ୟରାତ୍ରର ଘଣ୍ଟା ଯେତେବେଳେ ବାଜିଗଲା, ଯେତେବେଳେ ପୃଥିବୀ ଶୋଇ ରହିଛି, ଜୀବନ ଓ ମୁକ୍ତି ପାଇଁ ଭାରତ ଚେଇଁଉଠିବ । ଏପରି ମୁହୂର୍ତ୍ତ କ୍ୱଚିତ୍ ଆସିଥାଏ, ଯେତେବେଳେ ଆମେ ପୁରାତନରୁ ନୂତନକୁ ପାଦଦେଉ, ଏକ ଅନ୍ଧକାର ଯୁଗର ଅବସାନ ହୁଏ ଏବଂ ବହୁଦିନର ଦମିତ ଏକ ଜାତିର ଆତ୍ମା ପ୍ରକାଶିତ ହୁଏ । ଏହି ପ୍ରଶାନ୍ତ ମୁହୂର୍ତ୍ତରେ ଆମେ ଭାରତ ଏବଂ ଏହାଠାରୁ ବୃହତ୍ତ

ମାନବ ଜାତିର ସେବାପାଇଁ ନିଜକୁ ଉତ୍ସର୍ଗ କରିବାକୁ ଶପଥ ନେଇଛୁ ।'' ମାଉଣ୍ଟ୍ ବ୍ୟାଟେନ୍ ମଧ୍ୟ ଭାରତର ଗଭର୍ଣ୍ଣର-ଜେନେରାଲ୍ ରୂପେ ଶପଥ ନେଇ କହିଲେ, ''ମୁଁ ଏ ସମ୍ମାନ ପାଇଁ ଗର୍ବ ଅନୁଭବ କରେ ଏବଂ ଆପଣମାନଙ୍କର ଉପଦେଶ ଅନୁଯାୟୀ ମୋର କର୍ତ୍ତବ୍ୟ ସାମ୍ବିଧାନିକ ପଦ୍ଧତିରେ ଅତି ଉତ୍ତମରୂପେ ସମ୍ପନ୍ନ କରିବି ।'' ସେ ବଲ୍ଲଭଭାଇ ପଟେଲଙ୍କୁ ତାଙ୍କ ଦୂରଦୃଷ୍ଟି ପାଇଁ ଅଭିନନ୍ଦନ ଜଣାଇଲେ, ଅହିଂସା ଦ୍ୱାରା ଭାରତର ସ୍ୱାଧୀନତାର ସ୍ଥପତି ରୂପେ ମହାତ୍ମାଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଏବଂ ଶେଷରେ ସାହସ ଓ ବିଜ୍ଞତାର ଏକ ଅସାମାନ୍ୟ ନେତା ରୂପେ ନେହେରୁଙ୍କୁ ଉଚ୍ଚ ପ୍ରଶଂସା କଲେ । ୧୯୦ ବର୍ଷ ଧରି ଚାଲିଥିବା ବ୍ରିଟିଶ୍ ଶାସନର ଅବସାନ ଘଟିଲା ଓ ଭାରତ ଆସ୍ୱାଦନ କଲା ମୁକ୍ତିର ସ୍ୱାଦ ।

୧୯୪୭, ଭାରତ ସ୍ୱାଧୀନତା ଆଇନ
(Indian Independence Act, 1947)

ମାଉଣ୍ଟବ୍ୟାଟେନଙ୍କ ଯୋଜନା ଅନୁଯାୟୀ ଭାରତ ସ୍ୱାଧୀନତା ବିଲ୍ ପ୍ରସ୍ତୁତ ହେଲା । ୧୯୪୭, ଜୁଲାଇ ୪ ତାରିଖରେ ବିଲ୍‌ଟି ହାଉସ୍ ଅଫ୍ କମନ୍‌ସରେ ଆଗତ ହେଲା । ସେଦିନ ରାଜ୍ୟ ସଚିବ ଲର୍ଡ଼ ଲିଷ୍ଟୋୱେଲ୍ କହିଲେ, ''କେବଳ ଆଇନ ପ୍ରଣୟନ ମାଧ୍ୟମରେ ପୃଥିବୀର ଅଧିକ ସଂଖ୍ୟକ ଲୋକ ପୂର୍ବରୁ କେବେହେଲେ ପୂର୍ଣ୍ଣ ସ୍ୱାଧୀନତା ହାସଲ କରି ନଥିଲେ ।'' ହାଉସ୍ ଅଫ୍-ଲର୍ଡ଼ସ୍‌ରେ ଲର୍ଡ଼ ସାମୁଏଲ୍ କହିଲେ, ''ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏ ବିଲ୍‌ଟି ଏକ ନୀତିଶିକ୍ଷା । ବିନା ଯୁଦ୍ଧରେ ଏହା ଏକ ଶାନ୍ତି ଚୁକ୍ତି ।'' ସେହିପରି ବିଲ୍ ଉପରେ ମତ ଦେଇ ବଲ୍ଲଭଭାଇ ପଟେଲ ଗୋଟିଏ ପ୍ରେସ୍ ସମ୍ମିଳନୀରେ କହିଥିଲେ, ''ଏହା ଭାରତର ସବୁଠାରୁ ଶ୍ରେଷ୍ଠ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଏହା ଜଣେ କହିପାରେ ଯେ, ଇତିହାସରେ କୌଣସି ଦେଶ କରିବା ଶ୍ରେଷ୍ଠ କାର୍ଯ୍ୟମାନଙ୍କ ମଧ୍ୟରୁ ଏହା ଗୋଟିଏ ।''

ଜୁଲାଇ ୧୫ ତାରିଖରେ ବିଲ୍‌ଟି ହାଉସ୍ ଅଫ୍ କମନ୍‌ସ ଓ ତା'ପରଦିନ ହାଉସ୍-ଅଫ୍ ଲର୍ଡ଼ସ୍‌ରେ ଅନୁମୋଦନ ଲାଭ କଲା ଏବଂ ଜୁଲାଇ ୧୮ ତାରିଖରେ ସମ୍ରାଟଙ୍କ ସ୍ୱାକ୍ଷର ବହନ କରି ଆଇନରେ ପରିଣତ ହେଲା ।

ଆଇନର ମୁଖ୍ୟ ଧାରାଗୁଡ଼ିକ ଏହିପରି —

୧ । ୧୯୪୭, ଅଗଷ୍ଟ ୧୫ ତାରିଖ ଦିନ, ଭାରତ ଓ ପାକିସ୍ତାନ, ଏହିପରି ଦୁଇଟି ସ୍ୱାଧୀନରାଷ୍ଟ୍ର ଜନ୍ମ ନେବେ ।

୨ । ସିନ୍ଧୁ, ବେଲୁଚିସ୍ତାନ, ସୀମାନ୍ତ ପ୍ରଦେଶ, ପଶ୍ଚିମ ପଞ୍ଜାବ ଓ ପୂର୍ବବଙ୍ଗ ଅଞ୍ଚଳଗୁଡ଼ିକୁ ନେଇ ପାକିସ୍ତାନ ଗଠନ ହେବ । ଉଭୟ ରାଷ୍ଟ୍ରର ସୀମା ନିର୍ଦ୍ଧାରଣ ହୋଇଥିଲେ ମଧ୍ୟ ପରସ୍ପର ଆପୋଷ ଆଲୋଚନା ମାଧ୍ୟମରେ ନିଜ ନିଜର ଅଞ୍ଚଳଗୁଡ଼ିକ ହସ୍ତାନ୍ତର କିମ୍ବା ଗ୍ରହଣ କରିବେ ।

୩ । ପ୍ରତ୍ୟେକ ରାଷ୍ଟ୍ରରେ ସମ୍ରାଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଜଣେ ଗଭର୍ଣ୍ଣର-ଜେନେରାଲ କାର୍ଯ୍ୟ କରିବେ ।

୪ । ଉଭୟ ରାଷ୍ଟ୍ରର ସଂସଦ ନିଜ ନିଜ ରାଷ୍ଟ୍ର ପାଇଁ ଆଇନ ପ୍ରଣୟନ କରିବାର ପୂର୍ଣ୍ଣକ୍ଷମତା ଉପଭୋଗ କରିବେ । ୧୯୪୭, ଅଗଷ୍ଟ ୧୫ ତାରିଖ ପରେ ବ୍ରିଟିଶ୍ ପାର୍ଲିଆମେଣ୍ଟ ଆଇନ ବା ପରିଷଦର ଆଦେଶ ରାଷ୍ଟ୍ରଦ୍ୱୟଙ୍କ ଉପରେ ଲାଗୁ ହେବନାହିଁ ।

୫ । ଭାରତୀୟ ଦେଶୀୟ ରାଜ୍ୟଗୁଡ଼ିକ ଉପରେ ବ୍ରିଟିଶ୍ ସାର୍ବଭୌମତ୍ୱ ଲୋପ ହେବ ଓ ସେମାନେ ସ୍ୱାଧୀନ ଭାବେ ଓ ନିଜ ନିଜର ଇଚ୍ଛା ଅନୁଯାୟୀ କୌଣସି ରାଷ୍ଟ୍ରରେ ଯୋଗ ଦେଇ ପାରିବେ ।

୬ । ଗଭର୍ଣ୍ଣର-ଜେନେରାଲଙ୍କ ସ୍ୱତନ୍ତ୍ର ଓ ସଂରକ୍ଷିତ କ୍ଷମତା ଲୋପ ପାଇବ ।

୭ । ଉଭୟ ରାଷ୍ଟ୍ରର ଶାସନ ବିଧାୟକ ସଭା ନିଜ ନିଜର କେନ୍ଦ୍ରୀୟ ସଂସଦ ଉପରେ କ୍ଷମତା ଖଟାଇବେ ଓ ପ୍ରଚଳିତ ରାଷ୍ଟ୍ରସଂଘ ବିଧାୟକ ସଭା ଓ ରାଜ୍ୟ ପରିଷଦଗୁଡ଼ିକ ଆପେ ଆପେ ଭାଙ୍ଗିଯିବେ ।

୮ । ଭାରତ ସଚିବଙ୍କ କାର୍ଯ୍ୟାଳୟ ଉଠାଇ ନିଆଯିବ ଓ ରାଜ୍ୟଗୋଷ୍ଠୀ ସଚିବଙ୍କ ଉପରେ ତାଙ୍କର ଦାୟିତ୍ୱ ଅର୍ପଣ କରାଯିବ ।

ଏକବିଂଶ ଅଧ୍ୟାୟ

ସୁଭାଷଚନ୍ଦ୍ର ବୋଷ ଓ ଭାରତୀୟ ଜାତୀୟ ବାହିନୀ
(Subhas Chandra Bose and Indian National Army)

ଭାରତ ମାଟିରେ ଅଗଷ୍ଟ ବିପ୍ଳବ ଚାଲିଥିବାବେଳେ ଜର୍ମାନୀରେ ଭାରତର ଭବିଷ୍ୟତ ଭାଗ୍ୟନିର୍ମାଣ କରିବା ଦିଗରେ ଲାଗିପଡ଼ିଥିଲେ ସୁଭାଷଚନ୍ଦ୍ର ବୋଷ । ଭାରତର ମୁକ୍ତି ପାଇଁ ଇଂରେଜମାନଙ୍କ ବିରୋଧରେ ସେ କରିଥିଲେ ଅବାରିତ ସଂଗ୍ରାମ । ଶେଷରେ ସେହି ସଂଗ୍ରାମରେ ହିଁ ସେ ଧ୍ୱଂସ ହୋଇଯାଇଥିଲେ । ବୋଷଙ୍କୁ ଉଚ୍ଚ ପ୍ରଶଂସା କରି ମଜୁମଦାର କହିଛନ୍ତି - "ଗାନ୍ଧିଙ୍କ ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଧିକତମ ପ୍ରଭାବଶାଳୀ ବ୍ୟକ୍ତି ନିଃସନ୍ଦେହ ଭାବରେ ସୁଭାଷ ବୋଷ ଅଟନ୍ତି ।"

ସୁଭାଷ ବୋଷଙ୍କ ଜୀବନୀ
(Life of Subhas Bose)

୧୮୯୭ ମସିହା ଜାନୁଆରୀ ୨୩ ତାରିଖଦିନ ସୁଭାଷ ବୋଷ ଓଡ଼ିଶାର କଟକଠାରେ ଏକ କାୟସ୍ଥ ପରିବାରରେ ଜନ୍ମଲାଭ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଜାନକୀନାଥ ବୋଷ ଏବଂ ମାତାଙ୍କ ନାମ ପ୍ରଭାବତୀ ଦେବୀ । ସେ କଟକର ମିଶନାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ । ତା'ପରେ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଶିକ୍ଷାଲାଭ କଲେ । ସେଠାରେ ଅଧ୍ୟୟନ କରୁଥିବାବେଳେ ସେ ବିବେକାନନ୍ଦଙ୍କ ଆଦର୍ଶରେ ପ୍ରଭାବିତ ହୋଇଥିଲେ । ମାନବସେବା ଏବଂ ଜନ୍ମଭୂମିର ସେବାପ୍ରତି ତାଙ୍କର ମନ ଆକର୍ଷିତ ହୋଇଥିଲା । ୧୬ ବର୍ଷ ବୟସରେ ସୁଭାଷ ବୋଷ କଲିକତାର ପ୍ରେସିଡ଼େନ୍‌ସି କଲେଜରେ ଉଚ୍ଚଶିକ୍ଷା ଆରମ୍ଭ କଲେ । ୧୯୧୯ ମସିହାରେ ସେ ବି.ଏ. ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ତା'ପରେ ସେ ଆଇ.ସି.ଏସ୍. ପରୀକ୍ଷାରେ ମଧ୍ୟ ସଫଳତା ହାସଲ କରିଥିଲେ; ମାତ୍ର ଏହାର ଏକବର୍ଷ ପରେ ୧୯୨୧ ମସିହାରେ ସେ ଏହି ଚାକିରୀରୁ ଇସ୍ତଫା ଦେଇଥିଲେ । ଏହାପରେ ସେ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ଭାରତର ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ । ୱେଲସର ରାଜପୁତ୍ରଙ୍କ ବିରୁଦ୍ଧରେ

କଲିକତାଠାରେ ହରତାଳ କରିବାରୁ ତାଙ୍କୁ ୬ମାସ ଜେଲ୍‌ଦଣ୍ଡ ଦିଆଯାଇଥିଲା । କଂଗ୍ରେସଦଳର ଏକ ସଭ୍ୟଭାବରେ ସେ ନିଷ୍ଠାର ସହିତ କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ୱାଧୀନତା ଲାଭ ପାଇଁ ଗାନ୍ଧିଜୀଙ୍କ ଅହିଂସାନୀତି ପ୍ରତି ତାଙ୍କର ବିଶ୍ୱାସ ନଥିଲା । ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆକସ୍ମିକ ଭାବରେ ପ୍ରତ୍ୟାହାର କରିବାରୁ ସେ ବିବ୍ରତ ହୋଇପଡ଼ିଲେ । ୧୯୨୪ ମସିହାରେ ବଙ୍ଗଳାଠାରେ ସେ ଏକ ବିପ୍ଳବ ସହିତ ସଂପୃକ୍ତ ଥିଲେ । ଦଣ୍ଡିତ ହେବାରୁ ତାଙ୍କୁ ୧୯୨୭ ପର୍ଯ୍ୟନ୍ତ ବ୍ରହ୍ମଦେଶର ମାଣ୍ଡାଲୟ ଜେଲ୍ ମଧ୍ୟରେ ରଖାଯାଇଥିଲା । ସେ ୧୯୨୮ରେ ସମାଜବାଦୀମାନଙ୍କ ସହିତ ହାତମିଳାଇଲେ ଏବଂ ପୂର୍ଣ୍ଣ ସ୍ୱାଧୀନତା ଦାବିକଲେ ।

୧୯୩୩ ରୁ ୧୯୩୬ ମସିହା ଯାଏ ବୋଷ ଇଉରୋପର ଫ୍ରାନ୍‌ସ, ଇଟାଲୀ, ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ଚେକୋସ୍ଲୋଭାକିଆ, ପୋଲାଣ୍ଡ, ଆୟାର୍ଲାଣ୍ଡ ଓ ଇଂଲଣ୍ଡ ପ୍ରଭୃତି ଦେଶ ପରିଭ୍ରମଣ ଓ ପରିଦର୍ଶନ କଲେ । ଜର୍ମାନଠାରେ ସେ ହିଟଲରଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ । ତାଙ୍କର ଐତିହାସିକ ଭ୍ରମଣକାଳରେ ସେ ଇଟାଲୀର ସ୍ୱୈର ଶାସକ ମୁସୋଲିନୀ ଓ ତୁର୍କୀର କେମାଲପାଶାଙ୍କୁ ସାକ୍ଷାତ କରି ଭାରତୀୟମାନଙ୍କ ପ୍ରତି ସେମାନଙ୍କର ସଦିଚ୍ଛା ଲାଭ କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚରମପନ୍ଥୀ ଦଳରେ ସୁଭାଷ ବୋଷ ଅନ୍ତର୍ଭୁକ୍ତ ଥିଲେ । କଂଗ୍ରେସର ଡ଼ୋମିନିଅନପଦ ଗ୍ରହଣ କରିବା ବା ଗୋଲଟେବୁଲ ବୈଠକରେ ଅଂଶ ଗ୍ରହଣ କରିବା ନିଷ୍ପତ୍ତିକୁ ବୋଷ ବିରୋଧ କରିଥିଲେ । ୧୯୩୫ ଆଇନ ଅନୁଯାୟୀ ନିର୍ବାଚନରେ ପ୍ରତିଯୋଗିତା କରିବା ଏବଂ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ସେ ମଧ୍ୟ ପ୍ରତିବାଦ କରିଥିଲେ; କାରଣ ସେ ବିଶ୍ୱାସ କରୁଥିଲେ ଯେ ଏହାଦ୍ୱାରା ଭାରତର ଭୌତିକ ଅବସ୍ଥାର ପରିବର୍ତ୍ତନ ଘଟିବ ନାହିଁ । ୧୯୩୮, ହରିପୁରା କଂଗ୍ରେସର ବାର୍ଷିକ ଅଧିବେଶନରେ ସେ ହେଲେ କଂଗ୍ରେସର ସଭାପତି । ଗାନ୍ଧିବାଦୀମାନଙ୍କ ସହିତ ବୋଷଙ୍କର ପ୍ରବଳ ମତପାର୍ଥକ୍ୟ ହେଲା । ତ୍ରିପୁରି କଂଗ୍ରେସରେ ସେ ପୁନର୍ବାର ସଭାପତିଭାବରେ ନିର୍ବାଚିତ ହୋଇଥିଲେ ମଧ୍ୟ ଗାନ୍ଧିବାଦୀମାନଙ୍କ ବିରୋଧ ଯୋଗୁଁ ଇସ୍ତଫାଦେଲେ ।

୧୯୩୯ ମସିହାରେ ବୋଷ ଫରୱାର୍ଡ଼ବ୍ଲକ୍ ନାମକ ଏକ ନୂତନ ପାର୍ଟି ଗଢ଼ିଲେ । ଫରୱାର୍ଡ଼ ବ୍ଲକ୍ କଂଗ୍ରେସର ନୀତି କାର୍ଯ୍ୟକ୍ରମ ଗ୍ରହଣ କରିଥିଲା; ମାତ୍ର କଂଗ୍ରେସର ଉଚ୍ଚକର୍ତ୍ତୃପକ୍ଷଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବାକୁ ବାଧ୍ୟ ହୋଇନଥିଲା । ଗାନ୍ଧିଜୀଙ୍କର ଅହିଂସାନୀତିକୁ ବୋଷ ଅନୁମୋଦନ କରିପାରୁନଥିଲେ ଏବଂ କହୁଥିଲେ ଯେ ଏହାଦ୍ୱାରା ଭାରତର ରାଜନୈତିକ ସଂଗ୍ରାମ ବାଧାପ୍ରାପ୍ତ ହେଉଅଛି । ତାଙ୍କର ମନେହେଲା ବହିର୍ଦ୍ଦେଶର ସାହାଯ୍ୟ ବିନା ଭାରତ ସ୍ୱାଧୀନତା ଲାଭ କରିପାରିବ ନାହିଁ । ୧୯୪୦, ଅପ୍ରେଲ ମାସରେ ବୋଷ ଓ ତାଙ୍କର ପାର୍ଟି

ଦେଶବ୍ୟାପୀ ଆଇନଅମାନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସୁଭାଷ ବୋଷଙ୍କୁ ଏକ ନୂତନ ସୁଯୋଗ ଆଣିଦେଲା ।

'ଇଂଲଣ୍ଡର ଆବଶ୍ୟକତା ହେଉଛି ଆୟାର୍ଲାଣ୍ଡର ସୁଯୋଗ' ଏହି ନୀତିରେ ବୋଷ ଚାହିଁଲେ ଗାନ୍ଧି ଓ ଅନ୍ୟ କଂଗ୍ରେସ ନେତାମାନଙ୍କୁ ପ୍ରଭାବିତ କରି ଇଂଲଣ୍ଡର ଶତ୍ରୁ ସାହାଯ୍ୟରେ ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ କରିବେ; ମାତ୍ର ଗାନ୍ଧିଙ୍କର କଠୋର ଅହିଂସାନୀତି ଓ ବିପଦ ସମୟରେ ଇଂଲଣ୍ଡପ୍ରତି ତାଙ୍କର କରୁଣା ଯୋଗୁଁ ବୋଷଙ୍କୁ ସମର୍ଥନ ମିଳିଲା ନାହିଁ ।

ବୋଷଙ୍କୁ ଏକ ବିପଦପୂର୍ଣ୍ଣ ବିଦ୍ରୋହୀରୂପେ ବିବେଚନା କରି ବ୍ରିଟିଶ୍ ସରକାର ଭାରତୀୟ ପ୍ରତିରକ୍ଷା ଆଇନ ଅନୁଯାୟୀ ତାଙ୍କୁ କଲିକତା ପ୍ରେସିଡ଼େନ୍ସି ଜେଲ୍‌ରେ ଅଟକକରି ରଖିଲେ । ଏପରିକି ତାଙ୍କ ବିପକ୍ଷରେ ଦୁଇଟି ଫୌଜଦାରୀ ମାମଲା ଆଗତ ହୋଇଥିଲା । ଏହାକୁ ପ୍ରତିବାଦକରି ବୋଷ ଅନଶନ କରିବାକୁ ନିଷ୍ପତ୍ତି ନେଲେ ଏବଂ ଏହି ମର୍ମରେ ବଙ୍ଗଳାର ଗଭର୍ଣ୍ଣରଙ୍କ ପାଖକୁ ଯେଉଁ ଦୀର୍ଘ ଚିଠିଲେଖିଲେ ତା'ର ଦୁଇଧାଡ଼ି ଏପରି ଉଦ୍ଧୃତ ହୋଇଛି, "ଜଣେ ବ୍ୟକ୍ତିର ନିଶ୍ଚିତ ମୃତ୍ୟୁ ହେବ, ସୁତରାଂ ଏ ଜାତି ବଞ୍ଚିବ । ମୋର ଆଜି ନିଶ୍ଚିତ ମୃତ୍ୟୁ ହେବ, ଯାହାଦ୍ୱାରା ଭାରତ ପାଇବ ସ୍ୱାଧୀନତା ଓ ଗୌରବ ।"

୧୯୪୦, ନଭେମ୍ବର ୨୯ ତାରିଖରେ ବୋଷ ଅନଶନ ଆରମ୍ଭକଲେ । ତାଙ୍କର ସ୍ୱାସ୍ଥ୍ୟ ସଙ୍କଟାପନ୍ନ ହେବାରୁ ଡ଼ିସେମ୍ବର ୫ ତାରିଖରେ ତାଙ୍କୁ ଖଲାସ କରିଦିଆଗଲା ଓ ପୋଲିସର କଡ଼ା ନଜରରେ ତାଙ୍କ କଲିକତାସ୍ଥିତ ବାସଭବନରେ ତାଙ୍କୁ ଅଟକବନ୍ଦୀ ରୂପେ ରଖାଗଲା ।

ଜର୍ମାନୀରେ ସୁଭାଷ ବୋଷ
(Subhas Bose in Germany)

୧୯୪୧, ଜାନୁଆରୀ ୧୭ ତାରିଖ ଦିନ ସୁଭାଷବୋଷ ଖୁବ୍ ସତର୍କତାର ସହିତ କାର୍‌ରେ ଗୋମୋ, ସେଠାରୁ ରେଲଗାଡ଼ିରେ ପେଶବାର ଓ ତା'ପରେ ଗର୍‌ହିଯାତ୍ରା କରିଥିଲେ । ଛଦ୍ମବେଶରେ ସେଠାରୁ ଚାଲିଚାଲି ଭାରତର ସୀମା ଅତିକ୍ରମ କଲେ ଏବଂ ମଟର ଗାଡ଼ିରେ କାବୁଲରେ ପହଞ୍ଚିଲେ । ତା'ପରେ ରୁଷର ରାଜଧାନୀ ମସ୍କୋକୁ ଆସି ଶେଷରେ ବିମାନ ଯୋଗେ ୧୯୪୧, ମାର୍ଚ୍ଚ ମାସରେ ଜର୍ମାନୀ ରାଜଧାନୀ ବର୍ଲିନଠାରେ ପହଞ୍ଚିଲେ । ତାଙ୍କର କଲିକତାଠାରୁ ବର୍ଲିନଯାତ୍ରା ଥିଲା ଖୁବ୍ ରୋମାଞ୍ଚପୂର୍ଣ୍ଣ ଓ ଐତିହାସିକ ।

ବର୍ଲିନରେ ହିଟଲରଙ୍କ ସହଯୋଗୀ ରିବେନଟ୍ରପ ବୋଷଙ୍କୁ ସ୍ୱାଗତ କରିଥିଲେ । ବୋଷ ପ୍ରସ୍ତାବ ଦେଲେ-

୧ । ସେ ବର୍ଲିନରୁ ବେତାର ଯୋଗେ ବ୍ରିଟିଶ୍ ବିରୋଧୀ ବାର୍ତ୍ତା ପ୍ରଚାର କରିବେ ।

୨। ଜର୍ମାନୀରେ ଯୁଦ୍ଧବନ୍ଦୀମାନଙ୍କ ମଧ୍ୟରୁ ଏକ ମୁକ୍ତ ଭାରତୀୟ ଜାତୀୟ ବାହିନୀ ଗଠନ କରିବେ।

୩। ତିନି କେନ୍ଦ୍ରଶକ୍ତି ମିଳିତ ଭାବରେ ଭାରତକୁ ସ୍ୱାଧୀନ କରିବା ନିମନ୍ତେ ଘୋଷଣା କରିବେ।

ବୋଷଙ୍କର କେବଳ ପ୍ରଥମ ଦୁଇଟି ପ୍ରସ୍ତାବ ଜର୍ମାନୀ ଓ ତା'ର ପକ୍ଷ ଗ୍ରହଣ କରିଥିଲେ। ୧୯୪୧, ଜୁନ୍ ୨୨ ତାରିଖଦିନ ଜର୍ମାନୀ ରୁଷ୍ ବିରୁଦ୍ଧରେ ଯୁଦ୍ଧ ଘୋଷଣାକଲା। ବୋଷଙ୍କର ବିଶ୍ୱାସଥିଲା, ଜର୍ମାନୀ ରୁଷକୁ ପରାସ୍ତ କରି ଏସିଆ ଅଭିମୁଖେ ଯାତ୍ରା କରିବ। ସେତେବେଳେ ଜର୍ମାନୀ ସୈନ୍ୟଙ୍କ ସହିତ ଯାତ୍ରା କରୁଥିବା ବୋଷଙ୍କ ଭାରତୀୟବାହିନୀ ଭାରତ ଆକ୍ରମଣ କରିବେ। ତାଙ୍କର ଆଶା ଥିଲା, ବ୍ରିଟିଶ୍ ସରକାରଙ୍କ ଅଧୀନରେ ଥିବା ଭାରତୀୟ ସୈନ୍ୟମାନେ ଭ୍ରାତୃତ୍ୱ ପ୍ରେମରେ ଅନୁପ୍ରାଣିତ ହୋଇ ବୋଷଙ୍କ ଭାରତୀୟବାହିନୀକୁ ସାହାଯ୍ୟ କରିବେ। ଫଳରେ ଇଂରେଜମାନଙ୍କୁ ପରାସ୍ତ କରିବା ସହଜହେବ। ୧୯୪୨ ଜାନୁଆରୀ ମାସରେ ଭାରତୀୟ ଯୁଦ୍ଧବନ୍ଦୀମାନଙ୍କୁ ନେଇ ସେ ଭାରତୀୟ ବାହିନୀ ଗଠନ କରିଥିଲେ। ଜର୍ମାନୀରେ ଭାରତୀୟ ସଂପ୍ରଦାୟ ବୋଷଙ୍କୁ ସ୍ନେହରେ ଡ଼ାକିଲେ 'ନେତାଜୀ'। 'ଜୟହିନ୍ଦ୍' କହି ତାଙ୍କୁ ସ୍ୱାଗତ କରାଗଲା। ବୋଷ ଓ ତାଙ୍କର ସହକର୍ମୀମାନଙ୍କୁ ବର୍ଲିନ ବେତାର ଯୋଗେ ଭାରତକୁ ବାର୍ତ୍ତା ପଠାଇବା ନିମନ୍ତେ ଅନୁମତି ମିଳିଲା।

୧୯୪୧ରେ ଯେତେବେଳେ ପୂର୍ବରେ ବିଶ୍ୱଯୁଦ୍ଧ ଲାଗିଗଲା, ଯେଉଁ ଭାରତୀୟମାନେ ଇଉରୋପୀୟ ଶାସନରୁ ମୁକ୍ତି ଲାଭକଲେ ସେମାନେ ସଂଘ ଗଠନକଲେ। ଭାରତୀୟ ସ୍ୱାଧୀନତା ପାଇଁ ଯଥାସାଧ୍ୟ ଚେଷ୍ଟା କରିବା ସଂଘଗୁଡ଼ିକର ଲକ୍ଷ୍ୟଥିଲା। ଏହି ଧାରଣାରେ ପ୍ରଭାବିତ ହୋଇଥିଲେ ଜନୈକ ଭାରତୀୟ ବିଦ୍ରୋହୀ ରାସବିହାରୀ ବୋଷ।

୧୯୪୨, ଜୁନ୍ ୧୫ରୁ ୨୩ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ଠାରେ ବର୍ମା, ମାଳୟ, ଥାଇଲାଣ୍ଡ, ଇଣ୍ଡୋଚୀନା, ଫିଲିପାଇନ୍‌ସ, ଜାପାନ, ଚୀନ, ବୋର୍ଣ୍ଣିଓ, ଜାଭା, ସୁମାତ୍ରା, ହଂକଂ ଓ ଆଣ୍ଡାମାନର ୧୦୦ଜଣ ବିଦେଶୀ ଭାରତୀୟ ପ୍ରତିନିଧିଙ୍କୁ ନେଇ ରାସବିହାରୀ ବୋଷଙ୍କ ସଭାପତିତ୍ୱରେ ଏକ ସମ୍ମିଳନୀ ଆହୂତ ହୋଇଥିଲା। ଏଠାରେ ଭାରତୀୟ ସ୍ୱାଧୀନତା ଲିଗ୍‌ର ଉନ୍ମୋଚନ ହେଲା ଓ ଭାରତୀୟ ତ୍ରିରଙ୍ଗ ପତାକା ଉତ୍ତୋଳନ କରାଗଲା। ଅବିଳମ୍ବେ ଭାରତର ପୂର୍ଣ୍ଣସ୍ୱାଧୀନତା ହାସଲ କରିବାଥିଲା ଲିଗ୍‌ର ଲକ୍ଷ୍ୟ। ସମ୍ମିଳନୀରେ ଆଗତ ହୋଇଥିବା ୩୫ଟି ପ୍ରସ୍ତାବ ମଧ୍ୟରୁ ସୁଭାଷବୋଷଙ୍କୁ ଏସିଆକୁ ଆମନ୍ତ୍ରଣ କରିବା ଥିଲା ଗୋଟିଏ।

ମାଳୟ ଓ ବ୍ରହ୍ମଦେଶ ପ୍ରଭୃତି ସ୍ଥାନରେ ଇଂରେଜମାନେ ପରାସ୍ତ ହେବାପରେ ସେମାନଙ୍କ ସପକ୍ଷରେ ଥିବା ଭାରତୀୟ ସୈନ୍ୟମାନଙ୍କୁ ଛାଡ଼ି ସେମାନେ ପଳାଇ ଆସିଥିଲେ । ସେହିପରି ଜାପାନୀ ସୈନ୍ୟଙ୍କ ଦ୍ୱାରା ଉତ୍ତରମାଳୟ ଅବରୋଧ ହେବାପରେ ସେଠାରେ ଥିବା କ୍ୟାପ୍ଟେନ ମୋହନ ସିଂହ ଓ କେତେକ ଭାରତୀୟ ସୈନ୍ୟ ଆତ୍ମସମର୍ପଣ କରିଥିଲେ । ମୋହନ ସିଂହଙ୍କୁ ଉତ୍ସାହିତ କରାଯାଇ ଭାରତୀୟ ସ୍ୱାଧୀନତା କାର୍ଯ୍ୟରେ ନିୟୋଜିତ କରାଗଲା । ୧୯୪୨, ଫେବ୍ରୁଆରୀ ୧୫ ତାରିଖରେ ପ୍ରାୟ ୪୦,୦୦୦ ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ମେଜର ଫୁଜିହାରା ମୋହନ ସିଂହଙ୍କ ହାତରେ ଅର୍ପଣ କରିଥିଲେ । ଏହି ଯୁଦ୍ଧବନ୍ଦୀମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଭାରତୀୟ ଜାତୀୟ ବାହିନୀ (Indian National Army-INA) ବା ଆଜାଦ ହିନ୍ଦ୍ ଫୌଜ ଗଠନ କରିବାକୁ ମୋହନ ସିଂହଙ୍କୁ ନିର୍ଦ୍ଦେଶ ଦିଆଗଲା । ପ୍ରସ୍ତାବ ହେଲା, ଜାପାନୀ ସୈନ୍ୟଙ୍କ ସହିତ ମିଶି ଆଇ.ଏନ.ଏ. ଇଂରେଜମାନଙ୍କୁ ଆକ୍ରମଣ କରିବ ଓ ଭାରତରୁ ବିତାଡ଼ିତ କରିବ ଏବଂ ମୋହନ ସିଂହ ହେବେ ଏହି ବାହିନୀର କମାଣ୍ଡର-ଇନ୍-ଚିଫ୍ । ଭାରତୀୟ ସ୍ୱାଧୀନତା ଲିଗ୍ ଏହି ବାହିନୀ ପାଇଁ ଲୋକ, ଉପକରଣ ଓ ଅର୍ଥ ଯୋଗାଇଦେବ । ୧୯୪୨, ସେପ୍ଟେମ୍ବର ୧ ତାରିଖରେ ଯଥାବିଧି ଭାରତୀୟ ଜାତୀୟ ବାହିନୀ ଗଠନ କରାଗଲା । ସୈନ୍ୟମାନଙ୍କୁ ତାଲିମ ଦେବାପାଇଁ ଉପଯୁକ୍ତ ପଦକ୍ଷେପ ନିଆଗଲା । ମାତୃଭୂମିକୁ ବିଦେଶୀ କବଳରୁ ମୁକ୍ତି ଦେବାଥିଲା ତାଲିମର ଲକ୍ଷ୍ୟ । ଶାରୀରିକ ଶିକ୍ଷା ସଙ୍ଗେ ସଙ୍ଗେ ସୈନ୍ୟମାନଙ୍କର ଦେଶପ୍ରେମ ଓ ଜାତୀୟତା ବୃଦ୍ଧି ପାଇଁ ନୈତିକଶିକ୍ଷା ଦିଆଗଲା । ଏକତା, ବିଶ୍ୱାସ ଓ ତ୍ୟାଗ ଥିଲା ଲିଗ୍‌ର ଆଦର୍ଶ । କେତେକ ଅସୁବିଧା ବଶତଃ ସାମରିକ କାର୍ଯ୍ୟଗୁଡ଼ିକ ଆଗେଇପାରିଲା ନାହିଁ । ମୋହନ ସିଂହ ସାମରିକ ନିୟମ ଉଲ୍ଲଙ୍ଘନ କରି ବିଶୃଙ୍ଖଳା କରିବାରୁ ଗିରଫ ହୋଇଥିଲେ । ରାସବିହାରୀ ବୋଷ ବ୍ୟାଙ୍କକ୍‌ଠାରେ ଭାରତୀୟ ସ୍ୱାଧୀନତା ଲିଗ୍‌ର ଆଞ୍ଚଳିକ କମିଟିଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ୧୯୪୩ ଅପ୍ରେଲ ମାସରେ ଦ୍ୱିତୀୟ ଅଧିବେଶନ ଆରମ୍ଭ କଲେ ଓ ଶାସନ କ୍ଷେତ୍ରରେ ଅଧିକ ସଂସ୍କାର ଆଣିବା ପାଇଁ ସମ୍ବିଧାନ ପରିବର୍ତ୍ତନ କଲେ, ତଥାପି ଅସୁବିଧାଗୁଡ଼ିକ ସୁଧୁରି ନ ଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦୃଶ୍ୟପଟରେ ଆବିର୍ଭୂତ ହେଲେ, ସୁଭାଷଚନ୍ଦ୍ର ବୋଷ ।

ଜାପାନରେ ସୁଭାଷ ବୋଷ

(Subhas Bose in Japan)

୧୯୪୨, ଫେବ୍ରୁଆରୀ ୮ ତାରିଖଦିନ ସୁଭାଷ ବୋଷ ଆବିଦ୍‌ହାସାନଙ୍କ ସହିତ କିଏଲ ବନ୍ଦରରୁ ଜର୍ମାନୀ ଛାଡ଼ିଲେ । ଆଟଲାଣ୍ଟିକ ମହାସାଗର ମଧ୍ୟରେ ଏକ ଜର୍ମାନୀ ବୁଡ଼ାଜାହାଜରେ ଓ ତା'ପରେ ଭାରତମହାସାଗର ଭିତରେ ଜାପାନର ବୁଡ଼ାଜାହାଜରେ ସେ

ଯାତ୍ରା କଲେ । ସୁମାତ୍ରା ବାଟ ଦେଇ ୧୯୪୩, ଜୁନ୍ ୧୩ ତାରିଖରେ ସେ ଟୋକିଓଠାରେ ପହଞ୍ଚିଲେ । ସେ ଜାପାନର ପ୍ରଧାନମନ୍ତ୍ରୀ ତୋଜୋଙ୍କୁ ସାକ୍ଷାତ କରି ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଆଲୋଚନା କଲେ । ବୋଷଙ୍କୁ ସାହାଯ୍ୟ କରିବା ପାଇଁ ତୋଜୋ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ସେ ମଧ୍ୟ ଜାପାନର ଡ଼ାଇଟରେ ଘୋଷଣା କଲେ ଯେ ପୂର୍ଣ୍ଣ ସ୍ୱାଧୀନତା ପାଇବାପାଇଁ ଭାରତକୁ ସକ୍ଷମ କରିବାକୁ ଜାପାନ ଦୃଢଭାବେ ସଂକଳ୍ପ କରୁଛି ।

ବିଦେଶରେ ହିଁ ବୋଷଙ୍କ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ଗଠନ ଯୋଜନା ତୋଜୋ ଉତ୍ସାହିତ କରିଥିଲେ । ୧୯୪୩ ଜୁଲାଇ ୨ ତାରିଖରେ ସିଙ୍ଗାପୁରଠାରେ ବୋଷଙ୍କୁ ଲୋକମାନେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ଏବଂ ସେମାନେ ଅନୁଭବକଲେ ଯେ ମାତୃଭୂମିର ପରାଧୀନତାର ବନ୍ଧନ ଖୋଲିଦେବା ନିମିତ୍ତ ଏକ ଭାଗ୍ୟର ମଣିଷର ଆବିର୍ଭାବ ଘଟିଛି । ୧୯୪୩, ଜୁଲାଇ ୪ ତାରିଖରେ ରାସବିହାରୀ ବୋଷ ପୂର୍ବ ଏସିଆରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତାରୂପେ ସୁଭାଷ ବୋଷଙ୍କୁ ଦାୟିତ୍ୱ ଦେଲେ ।

ସୁଭାଷଙ୍କ ନେତୃତ୍ୱରେ ଭାରତୀୟ ଜାତୀୟବାହିନୀରେ ସୈନ୍ୟସଂଖ୍ୟା ବୃଦ୍ଧିକରାଗଲା । ନିଯୁକ୍ତି ଓ ତାଲିମ ବିଭାଗଗୁଡ଼ିକ ଠିକ୍ ରୂପେ କାର୍ଯ୍ୟକରିବା ପାଇଁ କଡ଼ାନଜର ଦିଆଗଲା । ଉଭୟ ପୁରୁଷ ଓ ମହିଳାମାନେ ତାଲିମ ପାଇଲେ । ମହିଳା ସ୍ୱେଚ୍ଛାସେବୀ ବାହିନୀକୁ 'ଝାନ୍ସୀରାଣୀ ରେଜିମେଣ୍ଟ' ନାମ ଦିଆଗଲା । କ୍ୟାପ୍ଟେନ ଲକ୍ଷ୍ମୀ ସ୍ୱାମୀନାଥନ ନାରୀମାନଙ୍କୁ ସଂଗଠନ କରିବା ଦାୟିତ୍ୱ ନେଇଥିଲେ ।

ଅସ୍ଥାୟୀ ସରକାର ଗଠନ
(Formation of Provisional Government)

ନେତାଜୀ ମାଳୟର ଅନେକ ସ୍ଥାନରେ ବକ୍ତୃତା ଏବଂ ଧାରାବାହିକ ଭାବେ ବେତାର ମାଧ୍ୟମରେ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସିଙ୍ଗାପୁରର କ୍ୟାଥେହଲଠାରେ ୧୯୪୩, ଅକ୍ଟୋବର ୨୧ ତାରିଖ ଦିନ ପୂର୍ବ ଏସିଆର ପ୍ରତିନିଧିମାନଙ୍କ ଅଧିବେଶନରେ ସେ ଉଦ୍‌ବୋଧନ ଦେଇ ସ୍ୱାଧୀନ ଭାରତରେ ଏକ ଆଜାଦ ହିନ୍ଦ୍ ଅସ୍ଥାୟୀ ସରକାର ଗଠନ ବିଷୟରେ ଘୋଷଣା କଲେ । ଏହି ଅସ୍ଥାୟୀ ସରକାର ଭାରତ ମାଟିରୁ ଇଂଲଣ୍ଡ ଓ ତା'ର ମିତ୍ରଶକ୍ତିକୁ ବିତାଡ଼ିତ କରିବ ଏବଂ ଭାରତୀୟମାନଙ୍କ ଇଚ୍ଛାରେ ଏକ ସ୍ଥାୟୀ ସରକାର ଗଠନ କରିବ । ଅକ୍ଟୋବର ୨୩ ତାରିଖରେ ଅସ୍ଥାୟୀ ସରକାର ବ୍ରିଟେନ ଓ ଆମେରିକା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାପାଇଁ ନିଷ୍ପତ୍ତି ନେଲେ । ଅଳ୍ପଦିନ ମଧ୍ୟରେ ଜାପାନ, ଜର୍ମାନୀ, ଇଟାଲୀ, ଥାଇଲାଣ୍ଡ ସମେତ ୯ଟି ବିଶ୍ୱଶକ୍ତି ଆଜାଦ୍‌ହିନ୍ଦ ଅସ୍ଥାୟୀ ସରକାରକୁ ସ୍ୱୀକୃତି ଦେଇଥିଲେ ।

ନଭେମ୍ବର ପ୍ରଥମ ସପ୍ତାହରେ ବୋଷ ଟୋକିଓଠାରେ ବୃହତ୍ତର ପୂର୍ବ ଏସିଆ ଅଧିବେଶନରେ (Greater East India Conference) ଯୋଗଦେଇଥିଲେ । ସେଠାରେ ଜାପାନ ସମ୍ରାଟ ତାଙ୍କୁ ଅସ୍ଥାୟୀ ସରକାରର ମୁଖ୍ୟ ହିସାବରେ ସମ୍ମାନିତ କରିଥିଲେ । ଅସ୍ଥାୟୀ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ହସ୍ତାନ୍ତର କରିବାକୁ ତୋଜୋ ଘୋଷଣା କଲେ । ସ୍ୱାଧୀନ ଭାରତର ଏହି ଆଣ୍ଡାମାନ ଓ ନିକୋବର ଅଞ୍ଚଳ ଦ୍ୱୟକୁ ଯଥାକ୍ରମେ ସହିଦ୍ ଓ ସ୍ୱରାଜ ଦ୍ୱୀପପୁଞ୍ଜ ନାମରେ ନାମିତ କରାଗଲା ।

ଭାରତୀୟ ଜାତୀୟବାହିନୀ ବା ଆଜାଦ୍ ହିନ୍ଦ୍ ଫୌଜ :

ନେତାଜୀ ଇଚ୍ଛା କରୁଥିଲେ ଯେ ଭାରତ ବିପକ୍ଷରେ ଜାପାନର ଆକ୍ରମଣାତ୍ମକ ଅଭିଯାନରେ ଅଂଶଗ୍ରହଣ କରିବା ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରଙ୍କର ମୁଖ୍ୟକାର୍ଯ୍ୟ ହେବ । ସେହି ଅନୁସାରେ ସେ ଭାରତୀୟ ଜାତୀୟ ବାହିନୀକୁ ପ୍ରସ୍ତୁତ କରିଥିଲେ । ଯେତେବେଳେ ସୁଭାଷ ବୋଷ ଜାପାନର ପ୍ରସ୍ତାବିତ ଇମ୍ଫାଲ ଅଭିଯାନରେ ଭାରତୀୟ ସୈନ୍ୟମାନଙ୍କୁ ଯୋଗଦେବାକୁ କହିଲେ, ଦକ୍ଷିଣପୂର୍ବ ଏସିଆର କମାଣ୍ଡର-ଇନ୍-ଚିଫ୍ ତେରାଉଚି ବୋଷଙ୍କ ସହିତ ଏକମତ ହୋଇନଥିଲେ । ତେରାଉଚିଙ୍କ ମତରେ ଭାରତୀୟ ଜାତୀୟ ବାହିନୀର ସୈନ୍ୟମାନେ ମାଳୟଯୁଦ୍ଧରେ ପରାସ୍ତ ହୋଇଥିବାରୁ ସେମାନଙ୍କ ନୈତିକ ବଳ ଭାଙ୍ଗିଯାଇଛି, ପୁନଶ୍ଚ ପୂର୍ବରୁ ଇଂରେଜମାନଙ୍କର ବେତନଭୋଗୀ ସୈନ୍ୟ ହୋଇଥିବାରୁ ଯୁଦ୍ଧ ସମୟରେ ସେମାନେ ଉଚ୍ଚବେତନ, ସୁଖାଦ୍ୟ ଓ ଶୀଘ୍ର ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ପ୍ରତି ପ୍ରଲୋଭିତ ହୋଇ ବ୍ରିଟିଶ୍ ପକ୍ଷକୁ ଢଳିଯାଇପାରନ୍ତି । ତେରାଉଚି କହିଲେ ଯେ ଭାରତର ସ୍ୱାଧୀନତା ପାଇଁ ଜାପାନୀମାନେ ଆବଶ୍ୟକୀୟ ପଦକ୍ଷେପ ନେବେ ଓ ସେମାନଙ୍କ ପ୍ରତି ଭାରତୀୟମାନଙ୍କର ସଦିଚ୍ଛା ଓ କରୁଣା ପାଇବାରେ ବୋଷ ସାହାଯ୍ୟ କରିବେ; କିନ୍ତୁ ବୋଷ ଉତ୍ତରଦେଲେ ଯେ ଜାପାନୀମାନଙ୍କ ଦ୍ୱାରା ହାସଲ ହେବାକୁ ଥିବା ଭାରତର ସ୍ୱାଧୀନତା କ୍ରୀତଦାସତ୍ୱଠାରୁ ମଧ୍ୟ ହୀନ । ଭାରତର ମୁକ୍ତି ପାଇଁ ଭାରତୀୟମାନଙ୍କର ରକ୍ତ ଓ ବଳିଦାନ ଯଥେଷ୍ଟହେବା ଉଚିତ୍ । ଜାପାନୀମାନଙ୍କ ସହିତ ମିଶି ଭାରତୀୟ ଜାତୀୟବାହିନୀ ଯୁଦ୍ଧକରନ୍ତୁ ବୋଲି ବୋଷ ଜିଦ୍‌ଧରିଲେ । ଶେଷରେ ତେରାଉଚି ନିଷ୍ପତ୍ତି ନେଲେ ଯେ ଭାରତୀୟ ଜାତୀୟବାହିନୀର ଏକ ରେଜିମେଣ୍ଟ ସୈନ୍ୟଙ୍କୁ ନେଇ ସେ ପରୀକ୍ଷା କରିବେ, ଏବଂ ସେମାନେ ଯଦି ଜାପାନୀ ସୈନ୍ୟଙ୍କ ସହିତ ସମକକ୍ଷ ହେବେ, ତେବେ ଅବଶିଷ୍ଟ ସୈନ୍ୟଙ୍କୁ ଯୁଦ୍ଧ ପାଇଁ ଗ୍ରହଣ କରିବେ ।

ଭାରତୀୟ ଜାତୀୟବାହିନୀର ଗାନ୍ଧି, ଆଜାଦ ଓ ନେହେରୁ ବ୍ରିଗେଡ୍‌ମାନଙ୍କରୁ ସୈନ୍ୟ ବଛାଯାଇ ମାଳୟର ଟାଇପିଙ୍ଗଠାରେ ୧୯୪୩, ସେପ୍ଟେମ୍ବରରେ ଏକ

ଗରିଲାରେଜିମେଣ୍ଟ ଗଠନ କରାଗଲା । ଶାହାନୱାଜ ଖାଁଙ୍କୁ ଏହାର କମାଣ୍ଡର ଭାବରେ ନିଯୁକ୍ତି ଦିଆଗଲା । ସୈନ୍ୟମାନେ ଏହି ନୂତନ ରେଜିମେଣ୍ଟ ନାମ ଦେଲେ 'ବୋଷ ବ୍ରିଗେଡ଼' । ନୈତିକ ଓ ସାମରିକ ତାଲିମ ଦିଆଯାଇ ଏହି ବ୍ରିଗେଡ଼ର ସୈନ୍ୟମାନଙ୍କର ଦକ୍ଷତା ବୃଦ୍ଧି କରାଗଲା । ମାତୃଭୂମିକୁ ରକ୍ଷାକରିବା ପାଇଁ ଅତିଶୟ ଅଭାବ, କ୍ଳେଶ ଓ କଠିନ ପରିସ୍ଥିତିରେ ସେମାନେ ଆଗେଇ ଯିବାପାଇଁ ସଂକଳ୍ପ କଲେ । ''ନେତାଜୀ, ଆମମାନଙ୍କୁ ଗୋଟିଏ ସୁଯୋଗଦିଅ, ଏବଂ ଆମେମାନେ ସାରା ବିଶ୍ୱକୁ ପ୍ରମାଣ କରିଦେବୁ ଯେ ଏପରି ଆଖ୍ୟାଧାରୀ ଭାରତର ଭଡ଼ାଟିଆ ସୈନିକ ବିଶ୍ୱର ଅନ୍ୟ ସୈନ୍ୟମାନଙ୍କ ପରି ବୀରତ୍ୱର ସହିତ ମାତୃଭୂମିର ମୁକ୍ତିପାଇଁ ଯୁଦ୍ଧ କରିପାରିବେ ।''

୧୯୪୪, ଜାନୁଆରୀ ୪ ତାରିଖରେ ସୁଭାଷ ବ୍ରିଗେଡ଼ର ମୁଖ୍ୟ ଅଂଶ ରେଙ୍ଗୁନଠାରେ ପହଞ୍ଚିଥିଲା । ସେମାନେ କିପରି ଜାପାନୀ ସୈନ୍ୟଙ୍କୁ ସହଯୋଗ କରିବେ, ଏ ସମ୍ବନ୍ଧରେ ବର୍ମାଠାରେ ଜାପାନୀ କମାଣ୍ଡର-ଇନ୍-ଚିଫ୍ ଜେନେରାଲ କାୱାବେ ଓ ସୁଭାଷବୋଷଙ୍କ ଭିତରେ କଥାବାର୍ତ୍ତା ହୋଇ କେତେକ ସିଦ୍ଧାନ୍ତ ନିଆଗଲା-

(କ) ଭାରତୀୟ ଜାତୀୟ ବାହିନୀକୁ କେତୋଟି କ୍ଷୁଦ୍ର ଅଂଶରେ ବିଭକ୍ତ କରାଯିବ ଏବଂ ବିଭାଗଗୁଡ଼ିକ କେବଳ ଭାରତୀୟ ଅଫିସରଙ୍କ ତତ୍ତ୍ୱାବଧାନରେ ରଖାଯିବ ।

(ଖ) ଜାପାନୀ ଓ ଭାରତୀୟ ବାହିନୀ ଏକପ୍ରକାର ଯୁଦ୍ଧକୌଶଳ ଅବଲମ୍ବନ କରିବେ ।

(ଗ) ଯୁଦ୍ଧର ସମ୍ମୁଖ ଭାଗରେ ସ୍ୱତନ୍ତ୍ର ଭାବରେ ଭାରତୀୟ ଜାତୀୟବାହିନୀର ସ୍ଥାନ ରହିବ ।

(ଘ) ମୁକ୍ତି ଲାଭ କରୁଥିବା ଭାରତର ପ୍ରତିଟି ଇଞ୍ଚ ସ୍ଥାନ ଆଜାଦ୍ ହିନ୍ଦ୍ ସରକାରଙ୍କୁ ହସ୍ତାନ୍ତର କରାଯିବ ଏବଂ କେବଳ ତ୍ରିରଙ୍ଗ ପତାକାହିଁ ଭାରତମାଟିରେ ଉଡ଼ିବ । ଭାରତର ଅବସ୍ଥା ଓ ସେଠାରେ ଶତ୍ରୁ ସୈନ୍ୟମାନଙ୍କର ଗତିବିଧି ସମ୍ବନ୍ଧରେ ଗୁପ୍ତ ସମ୍ବାଦମାନ ବୋଷ କଲିକତାଠାରୁ ପାଉଥିଲେ ।

ସୁଭାଷ ବ୍ରିଗେଡ଼

(The Subhas Brigade)

ଭାରତ ଓ ବର୍ମା ସୀମାନ୍ତ ଅଞ୍ଚଳର ପରିସ୍ଥିତିକୁ ଲକ୍ଷ୍ୟ କରି ସୁଭାଷ ବ୍ରିଗେଡ଼ର ଗତିବିଧି ସ୍ଥିର କରାଗଲା । ବାଟାଲିଅନ ନଂ-୧କୁ ପ୍ରୋମ ଦେଇ କଳାଦାନ ଉପତ୍ୟକାକୁ ଏବଂ ବାଟାଲିଅନ ନଂ-୨ ଓ ୩କୁ ମାଣ୍ଡାଲୟ ଓ କାଲେୱା ଦେଇ ହକା ଓ ଫାଲମର ଚୀନହିଲ୍ ଅଞ୍ଚଳକୁ ଅଗ୍ରସର ହେବାର ଥିଲା ।

୧୯୪୪ ଫେବୃଆରୀ ୩ରେ ରେଙ୍ଗୁନ ଛାଡ଼ିବା ଦିନ ବୋଷ ଭାରତୀୟ ଜାତୀୟବାହିନୀର ସୈନ୍ୟମାନଙ୍କୁ ଏକ ବିଦାୟକାଳୀନ ମର୍ମସ୍ପର୍ଶୀ ଉଦ୍‌ବୋଧନ ଦେଇ କହିଲେ, ଜାପାନର କର୍ତ୍ତୃପକ୍ଷଙ୍କ ଦ୍ୱାରା ସୈନ୍ୟମାନଙ୍କୁ ଏକ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ହେବ । ଭାବବିହ୍ୱଳ ବୋଷ କହିଲେ, ''ରକ୍ତ ରକ୍ତକୁ ଡ଼ାକୁଛି ! ଜାଗ୍ରତ ହୁଅ । ଆମମାନଙ୍କର ନଷ୍ଟ କରିବା ପାଇଁ ସମୟ ନାହିଁ । ନିଜର ଅସ୍ତ୍ର ଧାରଣ କର । ଶତ୍ରୁମାନଙ୍କର ଧାଡ଼ି ଭିତରେ ଆମେ ବାଟକାଟିବା, କିମ୍ବା ଯଦି ଭଗବାନ୍ ଇଚ୍ଛା କରିବେ, ଜଣେ ସହିଦ୍‌ର ମୃତ୍ୟୁପରି ଆମର ମୃତ୍ୟୁହେବ । ଦିଲ୍ଲୀର ରାସ୍ତା ସ୍ୱାଧୀନତାର ରାସ୍ତା ଅଟେ । ଦିଲ୍ଲୀ ଚାଲ ।'' ସୈନ୍ୟମାନେ ମଧ୍ୟ ବୋଷଙ୍କୁ ଆଶ୍ୱାସନା ଦେଲେ ଯେ ପଛଘୁଞ୍ଚାଦେଇ ସେମାନେ ଭାରତର ଖ୍ୟାତିରେ କଳଙ୍କ ଲଗାଇବେ ନାହିଁ ।

୧୯୪୪ ଫେବୃଆରୀ ୪ ତାରିଖରେ ଭାରତୀୟ ଜାତୀୟବାହିନୀ ବା ଆଜାଦ୍ ହିନ୍ଦ୍ ଫୌଜର ବାଟାଲିଅନ-୧ ପ୍ରୋମରେ ପହଞ୍ଚିଲେ ଏବଂ କଳାଦାନ ନଦୀ ପାଖରେ ଥିବା ବ୍ରିଟିଶ୍ ବାହିନୀର ଏକ ନିଗ୍ରୋଦଳକୁ ପରାସ୍ତ କରି ବିଜୟର ପ୍ରଥମ ସ୍ୱାଦ ଚାଖିଲେ । ଏହି ଭାରତୀୟବାହିନୀ ପାଲେଟ୍ୟା ଓ ଡ଼ାଲେତେମ ଅଧିକାର କରିଥିଲେ । ସେମାନଙ୍କ ଆକ୍ରମଣରେ ମୋଡ଼କଠାରେ ଛାଉଣୀ ପକାଇଥିବା ଗୋଟିଏ ବ୍ରିଟିଶ୍ ସୈନ୍ୟଦଳ ଛତ୍ରଭଙ୍ଗ ଦେଇଥିଲେ । ଏହାପରେ ଭାରତୀୟ ସୈନ୍ୟଦଳ ଭାରତରେ ପହଞ୍ଚି ତା'ର ମାଟି ଚୁମ୍ବନ କଲେ । ଏହିଠାରେ ତ୍ରିରଙ୍ଗ ପତାକା ଉଡ଼ାଇଦିଆଗଲା ଓ ଆଜାଦ୍ ହିନ୍ଦ୍ ଫୌଜର ଜାତୀୟ ସଂଗୀତ ଗାନ କରାଗଲା ।

ଏହିଠାରୁ ଜାପାନୀବାହିନୀ ଫେରିବାକୁ ମନସ୍ଥକଲେ ଓ ଭାରତୀୟ ଜାତୀୟବାହିନୀର ସୈନ୍ୟମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ଉପଦେଶ ଦେଇଥିଲେ; ମାତ୍ର ଭାରତୀୟ ଜାତୀୟ ବାହିନୀ ଫେରିବାକୁ ମନାକରି ଉତ୍ତରଦେଲେ- ''ଆମର ଲକ୍ଷ୍ୟ ଲାଲକିଲ୍ଲା, ଦିଲ୍ଲୀ ରହିଛି ଆମର ସମ୍ମୁଖରେ । ଦିଲ୍ଲୀକୁ ଯିବାପାଇଁ ଆମେ ଆଦେଶ ପାଇଛୁ, ଆମ ପାଇଁ ପ୍ରତ୍ୟାବର୍ତ୍ତନ ନାହିଁ ।'' ଶେଷରେ କ୍ୟାପ୍‌ଟେନ ସୁରଜମଲଙ୍କ ନେତୃତ୍ୱରେ ଏକ କମ୍ପାନୀ ଭାରତୀୟ ଜାତୀୟବାହିନୀର ସୈନ୍ୟ ଓ ଏକ ପ୍ଲାଟୁନ ଜାପାନୀ ସୈନ୍ୟଙ୍କୁ ମୋଡ଼କଠାରେ ଛାଡ଼ି ଅନ୍ୟମାନଙ୍କୁ ଫେରିବା ପାଇଁ କମାଣ୍ଡର ଆଦେଶଦେଲେ । ପ୍ରଥମଥର ପାଇଁ ଜାପାନୀ ସାମରିକ ଇତିହାସରେ ଏକ ଜାପାନୀ ବାହିନୀ ଜଣେ ବିଦେଶୀ ଅଫିସରଙ୍କ ଅଧୀନରେ କାର୍ଯ୍ୟକଲା । ସୁରଜମଲ ୧୯୪୪ ମେ ରୁ ସେପ୍‌ଟେମ୍ବରଯାଏ ମୋଡ଼କଠାରେ ବ୍ରିଟିଶ ସୈନ୍ୟମାନଙ୍କୁ ପ୍ରତିହତ କରିପାରିଲେ ।

ନେତାଜୀ ବ୍ରିଗେଡ଼ର ବାଟାଲିଅନ ନଂ-୨ ଓ ୩ ଫେବୃଆରୀ ମାସରେ ରେଙ୍ଗୁନ ଛାଡ଼ି କାଲେଓ୍ୱାରେ ପହଞ୍ଚିଲେ । ଚୀନହିଲ୍‌ସଠାରେ ଥିବା ଜାପାନୀ ଅଞ୍ଚଳ ହକା ଓ ଫାଲମକୁ

ବ୍ରିଟିଶ୍ ବ୍ରିଗେଡ଼ରୁ ରକ୍ଷାକରିବା ଏବଂ କାଲେୱାଠାରୁ ତାମୁ ଓ ଫୋର୍ଟ ହ୍ୱାଇଟ ପର୍ଯ୍ୟନ୍ତ ଜାପାନୀ ସୈନ୍ୟଙ୍କ ଯୋଗାଣ ରାସ୍ତା ବ୍ରିଟିଶ୍ ସୈନ୍ୟଙ୍କ ଦ୍ୱାରା ବାଧାପ୍ରାପ୍ତ ନ ହେବା ଦେଖିବା ପାଇଁ ଏହି ବାଟାଲିଅନ ସୈନ୍ୟମାନଙ୍କର ଦାୟିତ୍ୱ ଥିଲା । ଏଠାରେ ସେମାନେ ବ୍ରିଟିଶ୍ ଗରିଲା ସୈନ୍ୟଙ୍କୁ ପରାସ୍ତ କରି ନିଜର ସାମରିକ ଦକ୍ଷତା ପ୍ରଦର୍ଶନ କରିଥିଲେ ।

୧୯୪୪ ମାର୍ଚ୍ଚ ମାସରେ ଆଜାଦ୍ ହିନ୍ଦ୍ ଫୌଜର ଏକ ସୈନ୍ୟଦଳ ଜାପାନ ବାହିନୀର ମାଞ୍ଚୁରିଆ ବିଭାଗ ସହିତ ମିଶି ଉଖ୍ରୁଲ ଓ କୋହିମା ଅଧିକାର କରିଥିଲେ । ଭାରତୀୟ ଜାତୀୟବାହିନୀର ମୁଖ୍ୟ ସେନାଦଳ ମେ ମାସରେ କୋହିମାଠାରେ ପହଞ୍ଚିଲେ । ସେତେବେଳକୁ ଜାପାନର ସାମରିକ ଅବସ୍ଥା ଖରାପ ଦିଗକୁ ଗତି କରୁଥିଲା । ଜାପାନୀବାହିନୀ ଇମ୍ଫାଲ ଅଧିକାର କରିବାରେ ମଧ୍ୟ ବିଫଳ ହେଲେ । କୋହିମାଠାରେ ଭାରତୀୟବାହିନୀ ଇଂରେଜମାନଙ୍କର ପ୍ରତି ଆକ୍ରମଣ ପ୍ରତିରୋଧ କରିପାରିଲେ; କିନ୍ତୁ ମୌସୁମୀ ଆସିବାରୁ ସୈନ୍ୟମାନଙ୍କର ଖାଦ୍ୟ ଓ ଉପକରଣ ଯୋଗାଣରେ ବାଧାପ୍ରାପ୍ତ ହେଲା । ତେଣୁ ଇଚ୍ଛା ବିରୁଦ୍ଧରେ ଭାରତୀୟ ଜାତୀୟବାହିନୀର ସୈନ୍ୟମାନେ ତାମୁ ଓ ପରେ ଚିନ୍ଦଉଇନ ନଦୀର ପୂର୍ବ ଉପକୂଳକୁ ପଛଘୁଞ୍ଚା ଦେଲେ । ଏହିଠାରେ ସୁଭାଷ ବ୍ରିଗେଡ଼ର ଭାରତୀୟ ମୁକ୍ତିଅଭିଯାନ ଶେଷ ହୋଇଗଲା ।

ଗାନ୍ଧି ଓ ଆଜାଦ ବ୍ରିଗେଡ଼

(The Gandhi and Azad Brigade)

୧୯୪୪ ମାର୍ଚ୍ଚ ମାସରେ ଗାନ୍ଧି ବ୍ରିଗେଡ଼ ଇମ୍ଫାଲ ଅଭିମୁଖେ ଯାତ୍ରା କରିବା ସମୟରେ ପାଲେଲଠାରେ ଘମାଘୋଟ ଲଢେଇ ଲାଗିରହିଥିଲା । ଭାରତୀୟ ଜାତୀୟବାହିନୀର ଏହି ବିଭାଗ ଜାପାନୀ ସୈନ୍ୟଙ୍କ ସହିତ ମିଶି ପାଲେଲ ବିମାନଘାଟି ଉପରେ ଅତର୍କିତ ଭାବରେ ଆକ୍ରମଣ କରିଥିଲେ । ବିମାନଘାଟିକୁ କବଳିତ କଲାବେଳେ ଜାପାନୀ ସୈନ୍ୟମାନେ ଫେରିଯାଇଥିଲେ । ତେଣୁ ଭାରତୀୟ ବାହିନୀର ସୈନ୍ୟଦଳ ବିମାନଘାଟିକୁ ଧରିନପାରି ପଛଘୁଞ୍ଚାଦେଲେ । ସେତେବେଳକୁ ଗାନ୍ଧି ବ୍ରିଗେଡ଼ ମାଇଥୁନ୍ ଖୁନୋ ଅଞ୍ଚଳ ଅଧିକାର କରିଥିଲେ । ମୌସୁମୀ ଆସିବା ଫଳରେ ତାମୁ-ପାଲେଲ ରାସ୍ତା ଧୋଇହୋଇଗଲା । ତେଣୁ ଭାରତୀୟ ଜାତୀୟବାହିନୀ ପାଇଁ ଖାଦ୍ୟ, ପୋଷାକ, ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ପହଞ୍ଚିପାରିଲା ନାହିଁ । ସେତେବେଳକୁ ସେମାନେ ଭାରତମଧ୍ୟରେ ୨୦୦ ବର୍ଗ ମାଇଲ ଅଞ୍ଚଳ ଅବରୋଧ କରି ସାରିଥିଲେ ଏବଂ ଏହି ଅଞ୍ଚଳ ଆଜାଦହିନ୍ଦ୍ର ଅସ୍ଥାୟୀ ସରକାରଙ୍କ ଦ୍ୱାରା ଶାସିତ ହେଉଥିଲା । ୧୯୪୪ ଜୁଲାଇ ଆରମ୍ଭ ବେଳକୁ ରୋଗ, ଉପବାସ ଓ ଯୁଦ୍ଧରେ ମୃତାହତ ଯୋଗୁଁ ଗାନ୍ଧି ବ୍ରିଗେଡ଼ର ସଂଖ୍ୟା ୨୦୦୦ରୁ ୧୦୦୦କୁ ହ୍ରାସ ପାଇ ଯାଇଥିଲା ।

ଇଂରେଜମାନେ ଏହାଜାଣି ଗାନ୍ଧି ବ୍ରିଗେଡ଼ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ, ତେଣୁ ଏହି ବ୍ରିଗେଡ଼କୁ କାଲେୱା ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା ।

୧୯୪୪ ଅପ୍ରେଲ ମାସରେ ଆଜାଦ୍ ବ୍ରିଗେଡ଼ ମାଳୟ ଛାଡ଼ି ରେଙ୍ଗୁନରେ ପହଞ୍ଚିଲେ ଏବଂ ତାମୁ ଯାତ୍ରା କରିଥିଲେ । ପାଲେଲ ପାଖ ଅଞ୍ଚଳରେ ଇଂରେଜମାନଙ୍କ ବିପକ୍ଷରେ ଗରିଲା ଯୁଦ୍ଧ କରିବା ଥିଲା ଏହାକୁ ନିର୍ଦ୍ଦେଶ; କିନ୍ତୁ କିଛି କରିବା ପୂର୍ବରୁ ଏହାକୁ ଗାନ୍ଧି ବ୍ରିଗେଡ଼ ସହିତ ଫେରିବାକୁ ପଡ଼ିଥିଲା ।

ଇମ୍ଫାଲ
(Imphal)

୧୯୪୪ ମସିହାରେ ଜାପାନର ମୁଖ୍ୟଲକ୍ଷ୍ୟ ଥିଲା ଇମ୍ଫାଲ ଅଧିକାର । ବୋଷଙ୍କ ଇଚ୍ଛାଥିଲା ଯେ ସେ ଇଂରେଜ ସପକ୍ଷରେ ଲଢୁଥିବା ଦେଢ ଲକ୍ଷ ଭାରତୀୟ ସୈନିକଙ୍କୁ ପ୍ରବର୍ତ୍ତାଇ ଭାରତୀୟ ଜାତୀୟବାହିନୀରେ ମିଶାଇଦେବେ ଏବଂ ସେମାନଙ୍କ ଅସ୍ତ୍ରଶସ୍ତ୍ର ଓ ଉପକରଣରେ ଏହାର ଅଭାବ ପୂରଣ କରିବେ ।

ଭାରତୀୟ ଜାତୀୟବାହିନୀର ସ୍ୱତନ୍ତ୍ର ସାହାଯ୍ୟକାରୀ ସେନାଦଳ ଜାପାନୀ ସୈନ୍ୟଙ୍କ ସହିତ ମିଶି ଇମ୍ଫାଲ ଆକ୍ରମଣ କରିଥିଲେ । ସେମାନେ ବର୍ମାସୀମା ଡେ଼ଇଁ ୧୯୪୪, ମାର୍ଚ୍ଚ ୧୯ ତାରିଖରେ ଭାରତ ମାଟିରେ ତ୍ରିରଙ୍ଗ ପତାକା ଉଡ଼ାଇ ପାରିଥିଲେ । ଶତ୍ରୁମାନେ ଟିଡ୍ଡିମ-ମଣିପୁର ରାସ୍ତାରେ ମଣିପୁରକୁ ପଛଘୁଞ୍ଚାଦେଲେ । ମାର୍ଚ୍ଚ ୨୧ ତାରିଖରେ ସୁଭାଷ ବୋଷ ବିଶ୍ୱକୁ ଜଣାଇଦେଲେ, "ଆଜାଦ୍-ହିନ୍ଦ୍-ଫୌଜ ଭାରତର ପୂର୍ବ ସୀମା ଅତିକ୍ରମ କରିଛି ଓ ଭାରତର ପବିତ୍ର ମାଟିରେ ଯୁଦ୍ଧ କରୁଛି ।"

ଜାପାନୀମାନେ ଭାବିଥିଲେ ମେ ୧୫ ସୁଦ୍ଧା ସମ୍ପୂର୍ଣ୍ଣଭାବେ ଇମ୍ଫାଲ ଅଧିକାର କରିବେ; କାରଣ ମୌସୁମୀ ଆରମ୍ଭ ହୋଇଗଲେ ଇଂରେଜମାନଙ୍କର ପ୍ରତିଆକ୍ରମଣ ସମ୍ଭବ ହେବନାହିଁ, ଯଦି ହେବ ସେମାନେ ବ୍ରହ୍ମପୁତ୍ର ପାରହୋଇ ବଙ୍ଗ ଓ ବିହାରରେ ପ୍ରବେଶ କରିବେ । ମାତ୍ର ଇମ୍ଫାଲ ପତନ ପୂର୍ବରୁ ହିଁ ବର୍ଷା ହୋଇଗଲା, ତେଣୁ ଇମ୍ଫାଲ ଦଖଲ କରିଥିବା ସୈନ୍ୟମାନଙ୍କ ପାଇଁ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ଆସିବା ସମ୍ଭବ ହେଲା ନାହିଁ । ଇଂରେଜୀ ବିମାନଗୁଡ଼ିକ ମଧ୍ୟ ଜାପାନବାହିନୀ ଉପରେ ବୋମାବର୍ଷଣ କରିଥିଲା । ଫଳରେ ଜାପାନ ବାହିନୀ ଓ ଭାରତୀୟ ଜାତୀୟ ବାହିନୀକୁ ଚିନ୍ଦଉଇନ ନଦୀ ପର୍ଯ୍ୟନ୍ତ ପ୍ରତ୍ୟାହୃତ କରାଗଲା । ସୁଭାଷ ବ୍ରିଗେଡ଼ର ଶାହାନୱାଜ ଲେଖିଥିଲେ, ଏହି ସମୟ ମଧ୍ୟରେ ଭାରତୀୟ ଜାତୀୟବାହିନୀ ଏହାର ନିକୃଷ୍ଟ ଧରଣର ଉପକରଣ ଏବଂ ଅତିଶୟ ସ୍ୱଳ୍ପ ଯୋଗାଣ ବ୍ୟବସ୍ଥାରେ ମଧ୍ୟ ଭାରତୀୟ ଅଞ୍ଚଳକୁ ୧୫୦ ମାଇଲ ଆଗେଇ ଆସିବାରେ ସକ୍ଷମ ହୋଇଥିଲେ ।

୧୯୪୪ ଜୁଲାଇ ୬ ତାରିଖରେ ସିଙ୍ଗାପୁରଠାରୁ ବେତାର ମାଧ୍ୟମରେ ସୁଭାଷ ବୋଷ ଗାନ୍ଧିଜୀଙ୍କୁ ନିବେଦନ କରିଥିଲେ, "ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଛି.....ହେ ଆମ ଜାତିର ପିତା, ଏହି ଭାରତ ସ୍ୱାଧୀନତାର ପବିତ୍ର ଯୁଦ୍ଧରେ ଆମେ ତୁମର ଆଶିର୍ବାଦ ଓ ଶୁଭେଚ୍ଛା କାମନା କରୁଛୁ ।"

୧୯୪୫ ମେ ମାସରେ ବ୍ରିଟିଶ୍ ରେଙ୍ଗୁନ ଅଧିକାର କରିଥିଲା । ଜାପାନୀମାନେ ଚାଲିଯିବାପରେ ଏ ଅଞ୍ଚଳ ଭାରତୀୟ ଜାତୀୟବାହିନୀ ଅଧୀନରେ ଥିଲା । ସେମାନଙ୍କୁ ବନ୍ଦୀ କରାଗଲା ଏବଂ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଦକ୍ଷିଣ ପୂର୍ବ ଏସିଆରେ ପରିସମାପ୍ତି ଘଟିଲା ।

ଯୁଦ୍ଧକୁ ଏକ ନୂତନ ମୋଡ଼ ଦେବାପାଇଁ ସୁଭାଷବୋଷ ବର୍ମା ଆସିଥିଲେ । ରେଙ୍ଗୁନରୁ ବ୍ୟାଙ୍କକ୍ ତାଙ୍କର ୨୧ ଦିନିଆ ଦୀର୍ଘ ଓ କଠିନ ଯାତ୍ରା ଏବଂ ୱାଭେଲ ପ୍ଲାନ୍ ଗ୍ରହଣ ନ କରିବାପାଇଁ ବେତାର ମାଧ୍ୟମରେ ଭାରତୀୟମାନଙ୍କୁ ବୋଷଙ୍କ ଅନୁରୋଧ, ଏସବୁ ଗୋଟିଏ ଗୋଟିଏ ଐତିହାସିକ କାହାଣୀ ସୃଷ୍ଟିକଲା ।

ତା'ପରେ ଘନେଇ ଆସିଥିଲା ବୋଷଙ୍କ ଜୀବନର ଶେଷଦୃଶ୍ୟ । ସାଇଗନ୍‌ରୁ ଜଣେ ସାଙ୍ଗକୁ ନେଇ ସେ ମାଞ୍ଚୁରିଆର ଡ଼ାଇରେନ୍ ଦେଇ ଟୋକିଓ ଯାତ୍ରା କରିଥିଲେ । ବିମାନଟି ଅଗଷ୍ଟ ୧୮ ତାରିଖ ଦିନ ନିରାପଦ ଭାବରେ ଫର୍ମୋଜାର ଟାଇହୋକୁଠାରେ ଅବତରଣ କରିଥିଲା । ଲଞ୍ଚପରେ ବିମାନଟି ଟାଇହୋକୁ ଛାଡ଼ିଲା । ତା'ପରେ କିଛି ଜଣାଯାଇନାହିଁ । ଜାପାନୀ ଅଫିସରମାନେ କହନ୍ତି, ବିମାନଟି ଛାଡ଼ିଲାପରେ ସେଥିରେ ନିଆଁ ଲାଗିଯାଇଥିଲା, ସୁଭାଷବୋଷ ଗୁରୁତର ଭାବରେ ପୋଡ଼ି ହୋଇଗଲେ, ହସ୍ପିଟାଲରେ ରାତ୍ରି ୮ଟାରୁ ୯ଟା ମଧ୍ୟରେ ସେ ମୃତ୍ୟୁଲାଭ କଲେ; ମାତ୍ର ଏ ପ୍ରକାର ମନ୍ତବ୍ୟକୁ ଭାରତୀୟମାନେ ଗ୍ରହଣ କରନ୍ତି ନାହିଁ । ଏହିଠାରେ କାହାଣୀ ଶେଷ ହୋଇଯାଇଛି ଏବଂ ସ୍ୱାଧୀନତା ସଂଗ୍ରାମ ପାଇଁ ଗୋଟିଏ ଯୋଦ୍ଧାର ଶେଷକଥା ସେ କାଳରୁ ରହସ୍ୟମୟ ହୋଇ ରହିଯାଇଛି ।

ଭାରତୀୟ ଜାତୀୟବାହିନୀର ବନ୍ଦୀହୋଇଥିବା ସୈନ୍ୟ, ସେନାପତି - ଶାହାନୱାଜ ଖାଁ, ସାଇଗଲ ଏବଂ ଗୁରୁଦୟାଲ ଆଦିଙ୍କର ଦିଲ୍ଲୀର ଲାଲକିଲ୍ଲାଠାରେ ସାମରିକ ଅଦାଲତମାନଙ୍କରେ ବିଚାରଚାଲିଲା । ଇଂରେଜମାନଙ୍କ ଆଗରେ ସେମାନଙ୍କ ଅପରାଧ ଥିଲା ରାଜଦ୍ରୋହ; କିନ୍ତୁ ଭାରତୀୟମାନଙ୍କ ଆଖିରେ ଆଜାଦ୍-ହିନ୍ଦ୍-ଫୌଜର ଅଭିଯାନ ଥିଲା ଦେଶଭକ୍ତି । ଜବାହରଲାଲ ନେହେରୁ, ଭୁଲାଭାଇ ଦେଶାଇ, ତେଜବାହାଦୁର ସାପ୍ରୁ ଆଦି ଆଇନଜୀବୀ ଏପରି ବିଚାରର ତୀବ୍ର ବିରୋଧ କଲେ । ଶେଷରେ ଅଭିଯୁକ୍ତ ସୈନ୍ୟମାନଙ୍କୁ ସରକାର ନିର୍ଦ୍ଦୋଷରେ ଖଲାସ କରିଥିଲେ ।

ଦ୍ୱାବିଂଶ ଅଧ୍ୟାୟ

ସଂବିଧାନ ପ୍ରସ୍ତୁତି
(Making of the Constitution)

ବଙ୍ଗ, ବିହାର ଓ ଓଡ଼ିଶାର ଦେୱାନୀ ଲାଭ କରି ୧୭୬୫ ଖ୍ରୀଷ୍ଟାବ୍ଦରେ କ୍ଲାଇବ୍ ବଙ୍ଗଳାରେ ଦ୍ୱୈତ ଶାସନ ପ୍ରଚଳନ କଲେ । ଶାହ ଆଲାମଙ୍କ ଫିରମାନ ବଳରେ କମ୍ପାନୀ ବଙ୍ଗର ଦେୱାନୀ ଆଦାୟ କରିବାର କ୍ଷମତା ଉପଭୋଗ କଲା । ମୀର ଜାଫରଙ୍କ ହସ୍ତରେ ରହିଲା ନିଜାମତ କ୍ଷମତା । ଏହି ଦ୍ୱୈତଶାସନ ୧୭୬୬ରୁ ୧୭୭୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବଙ୍ଗରେ କାର୍ଯ୍ୟକାରୀ ହୋଇଥିଲା । ଏହି ଶାସନରେ ବଙ୍ଗବାସୀ ଅତୀବ ଦୁଃଖ ଓ ଯନ୍ତ୍ରଣାରେ ସମୟ ଅତିବାହିତ କରୁଥିଲେ । ଥରେ କ୍ଲାଇବ୍ ହାଉସ୍ ଅଫ୍ କମନ୍ସରେ କହିଥିଲେ, ''କମ୍ପାନୀର ବଣିକମାନେ କେବଳ ମାତ୍ର ବଣିକ ନୁହନ୍ତି, ପ୍ରଭୁ ରୂପେ ବାଣିଜ୍ୟ କରୁଛନ୍ତି ଏବଂ ସେମାନେ ସହସ୍ର ସହସ୍ର ବଣିକଙ୍କ ମୁହଁରୁ ରୁଟି ଛଡ଼େଇ ନେଉଛନ୍ତି; ଯେଉଁମାନେ ପୂର୍ବରୁ ବାଣିଜ୍ୟରେ ଲିପ୍ତ ଥିଲେ ଏବଂ ଯେଉଁମାନେ ବର୍ତ୍ତମାନ ଭିକାରି ହୋଇପଡ଼ିଛନ୍ତି ।'' ବ୍ରିଟିଶ୍ ପାର୍ଲିଆମେଣ୍ଟ ଉପଲବ୍ଧି କଲେ ଯେ କମ୍ପାନୀର କର୍ମକର୍ତ୍ତାମାନେ ଅର୍ଥ ଆତ୍ମସାତ୍ ଓ ଅପବ୍ୟୟ କରୁଛନ୍ତି । ସାର୍ବଭୌମ କ୍ଷମତାର ଅଧିକାରୀ ହୋଇ ସେମାନେ ଶାସନ କାର୍ଯ୍ୟରେ ଅବହେଳା କରୁଥିବାରୁ ବଙ୍ଗଳାରେ ଅରାଜକତା ଅନୁଭୂତ ହେଲାଣି । ମନେହେଲା, ଭାରତରୁ ବୋହି ଆଣୁଥିବା ଧନଦ୍ୱାରା କ୍ଷମତାଶାଳୀ ହୋଇ କମ୍ପାନୀର କର୍ମକର୍ତ୍ତାମାନେ ବ୍ରିଟିଶ୍ ଶାସନରେ କର୍ତ୍ତୃତ୍ୱ ଜାହିର କରିବେ । ସେତେବେଳେ ମୁକ୍ତ ବାଣିଜ୍ୟନୀତିରେ ବିଶ୍ୱାସ କରୁଥିବା ଅର୍ଥନୀତିଜ୍ଞ ଓ ବ୍ରିଟିଶ୍ ବଣିକଗୋଷ୍ଠୀ ଭାରତରେ କମ୍ପାନୀର ଏକଚାଟିଆ ବାଣିଜ୍ୟକୁ ବିରୋଧ କଲେ । କମ୍ପାନୀର କାର୍ଯ୍ୟକଳାପ ଉପରେ ଅନୁଧ୍ୟାନ କରିବା ପାଇଁ ବ୍ରିଟିଶ୍ ପାର୍ଲିଆମେଣ୍ଟ ଗୋଟିଏ ସିଲେକ୍ଟ କମିଟି ବସାଇଲେ । ଲର୍ଡ଼ ନର୍ଥ ଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ । କମ୍ପାନୀର କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଓ ପୁନଃ ସଂଗଠନ କରିବା ପାଇଁ ସେ ପାର୍ଲିଆମେଣ୍ଟରେ ଏକ ବିଲ୍ ଆଣିଲେ, ଯେଉଁ ବିଲ୍‌ଟି ଅନୁମୋଦିତ ହୋଇ ନିୟନ୍ତ୍ରଣ ଆଇନ, ୧୭୭୩ ନାମରେ ବିଖ୍ୟାତ ହେଲା । ଭାରତରେ ସାମ୍ବିଧାନିକ ବିକାଶ ଦିଗରେ ଏହି ଆଇନଟି ଥିଲା ଖୁବ ଗୁରୁତ୍ୱପୂର୍ଣ୍ଣ ।

୧୭୭୩ର ନିୟନ୍ତ୍ରଣ ଆଇନ (Regulating Act - 1773)

୧୭୭୩ର ନିୟନ୍ତ୍ରଣ ଆଇନ ଭାରତ ଓ ଇଂଲଣ୍ଡରେ କମ୍ପାନୀର ସମ୍ବିଧାନରେ କେତେକ ପରିବର୍ତ୍ତନ ଆଣିଥିଲା । ଏହାଦ୍ଵାରା କମ୍ପାନୀର ଡାଇରେକ୍ଟରମାନଙ୍କର କାର୍ଯ୍ୟକାଳ ଏକବର୍ଷରୁ ଚାରିବର୍ଷକୁ ବୃଦ୍ଧି ହେଲା । ସେମାନଙ୍କର ସଂଖ୍ୟା ହେଲା ୨୪, ପ୍ରତ୍ୟେକ ବର୍ଷ ସେମାନଙ୍କ ମଧ୍ୟରୁ ଏକ-ଚତୁର୍ଥାଂଶ ଅବସର ଗ୍ରହଣ କରିବାର ବ୍ୟବସ୍ଥା ହେଲା । ଡାଇରେକ୍ଟରମାନେ ଭାରତର ରାଜସ୍ଵ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ଟ୍ରେଜେରିରେ ଏବଂ ସାମରିକ ଓ ବେସାମରିକ ଶାସନ ସମ୍ବନ୍ଧୀୟ ବିଷୟଗୁଡ଼ିକ ରାଜ୍ୟ ସଚିବ (Secretary of State) ଙ୍କ ପାଖରେ ଉପସ୍ଥାପନ କରିବାର ନିର୍ଦ୍ଦେଶ ପାଇଲେ । ଏହିପରି ପ୍ରଥମଥର ପାଇଁ ବ୍ରିଟିଶ୍ ସରକାର ଭାରତରେ କମ୍ପାନୀର କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାର ଅଧିକାର ପାଇଲେ । ଅବଶ୍ୟ ସେ ଅଧିକାର ଥିଲା ଅସମ୍ପୂର୍ଣ୍ଣ ।

ନିୟନ୍ତ୍ରଣ ଆଇନ ବଳରେ କମ୍ପାନୀର ଭାରତ ଶାସନ ପାଇଁ କେତେକ ଗୁରୁତ୍ଵପୂର୍ଣ୍ଣ ବ୍ୟବସ୍ଥା ପ୍ରଣୟନ କରାଗଲା । ବଙ୍ଗର ଗଭର୍ଣ୍ଣରଙ୍କୁ ଗଭର୍ଣ୍ଣର-ଜେନେରାଲ ଆଖ୍ୟା ପ୍ରଦାନ କରାଗଲା । ଗଭର୍ଣ୍ଣର-ଜେନେରାଲ ଓ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ନେଇ ଏକ ଶାସନ ପରିଷଦ ଗଢ଼ାଯିବାର ବ୍ୟବସ୍ଥା ହେଲା । ୱାରେନ ହେଷ୍ଟିଂସ୍ ଗଭର୍ଣ୍ଣର-ଜେନେରାଲ ଏବଂ ଫିଲିପ ଫ୍ରାନସିସ୍, କ୍ଲେଭେରିଙ୍ଗ, ମନସନ ଏବଂ ବାରୱେଲ ଶାସନ ପରିଷଦର ସଭ୍ୟ ହେଲେ । ସେମାନଙ୍କ କାର୍ଯ୍ୟକାଳ ହେଲା ପାଞ୍ଚବର୍ଷ; କିନ୍ତୁ କାର୍ଯ୍ୟକାଳ ପୂର୍ଣ୍ଣ ହେବା ପୂର୍ବରୁ ଡାଇରେକ୍ଟରମାନଙ୍କର ଅନୁମୋଦନକ୍ରମେ ବ୍ରିଟିଶ୍ ରାଜାଙ୍କ ଦ୍ଵାରା ସେମାନେ ବହିଷ୍କୃତ ହେବାର ନିୟମ ରହିଲା । ସ୍ଥିର ହେଲା, ଶାସନ ପରିଷଦର ସର୍ବାଧିକ ସଭ୍ୟମାନଙ୍କର ମତ ଗ୍ରହଣ କରାଯିବ । ସମାନସଂଖ୍ୟକ ଭୋଟ ହେଲେ ଗଭର୍ଣ୍ଣର-ଜେନେରାଲଙ୍କୁ ଦେବାକୁ ହେବ ନିଷ୍ପତ୍ତିମୂଳକ ଭୋଟ । ଗଭର୍ଣ୍ଣର-ଜେନେରାଲ ଓ ତାଙ୍କ ଶାସନ ପରିଷଦ ବଙ୍ଗ ଫୋର୍ଟ ଉଇଲିୟମ ପ୍ରେସିଡ଼େନ୍ସିର ସାମରିକ ଓ ବେସାମରିକ କାର୍ଯ୍ୟକଳାପ ପରିଚାଳନା କରିବେ, ଏବଂ କେତେକ ନିର୍ଦ୍ଦିଷ୍ଟ ବ୍ୟାପାରରେ ମାଡ୍ରାସ ଓ ବମ୍ବେ ପ୍ରେସିଡ଼େନ୍ସିର ନିୟନ୍ତ୍ରଣ ଓ ତତ୍ତ୍ଵାବଧାନ ଦାୟିତ୍ଵରେ ରହିବେ ।

ନିୟନ୍ତ୍ରଣ ଆଇନ ଅନୁଯାୟୀ କଲିକତାରେ ଏକ ସୁପ୍ରିମକୋର୍ଟ ସ୍ଥାପିତ ହେବାର ବ୍ୟବସ୍ଥା କରାଗଲା, ଯେଉଁଥିରେ ରହିବେ ଜଣେ ମୁଖ୍ୟ ବିଚାରପତି ଓ ତିନିଜଣ ନିମ୍ନପଦସ୍ଥ ବିଚାରକ (Puinse Judge); ଇଂଲଣ୍ଡ ଓ ଆୟାରଲ୍ୟାଣ୍ଡରେ ଅନ୍ୟୁନ ପାଞ୍ଚବର୍ଷ ବାରିଷ୍ଟର ରୂପେ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଚାରପତି ରୂପେ ଯୋଗ୍ୟ ହେବେ । ସାର୍ ଏଲିଜାଇମ୍ପେଙ୍କୁ ପ୍ରଥମ ମୁଖ୍ୟ ବିଚାରପତି ରୂପେ କାର୍ଯ୍ୟଭାର ଅର୍ପିତ ହେଲା । ବିଚାରପତିମାନେ ଇଂଲଣ୍ଡରୁ ରାଜାଙ୍କ ଦ୍ଵାରା ନିଯୁକ୍ତି ପାଇଲେ, ଏବଂ ରାଜାଙ୍କର ଅନୁଗ୍ରହ ଲାଭ କରୁଥିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ ସମ୍ପାଦନ କରିପାରିଲେ । ଭାରତରେ କମ୍ପାନୀରେ ଥିବା କର୍ମଚାରୀମାନଙ୍କର ଅପରାଧ ବିଚାର କରିବା ବିଚାରପତିମାନଙ୍କର ମୁଖ୍ୟ କାର୍ଯ୍ୟ ହେଲା । ସୁପ୍ରିମକୋର୍ଟଙ୍କ ତତ୍ତ୍ଵାବଧାନରେ

ରହିଲା କଲେକ୍ଟରଙ୍କ ବିଚାରାଳୟ, ଫୌଜଦାରୀ ବିଚାରାଳୟ ଓ ଦେୱାନୀ ବିଚାରାଳୟର କାର୍ଯ୍ୟ । ବଙ୍ଗ, ବିହାର ଓ ଓଡ଼ିଶାର ପ୍ରଜାମାନଙ୍କ ଉପରେ ଦେୱାନୀ ଓ ଫୌଜଦାରୀ କ୍ଷମତା ଖଟାଇବା ସୁପ୍ରିମକୋର୍ଟଙ୍କ ଅଧିକାରଭୁକ୍ତ ହେଲା । ଏହି କୋର୍ଟ ବିପକ୍ଷରେ ବେସାମରିକ ବିଷୟରେ ଯେକୌଣସି ଅପିଲ ରାଜପରିଷଦରେ ଶୁଣାଣି ହେବାର ସ୍ଥିର ହେଲା ।

ନିର୍ମଳ ଶାସନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିୟନ୍ତ୍ରଣ ଆଇନ କେତେକ ନୀତି ନିର୍ଦ୍ଧାରଣ କଲା । ଏହାଦ୍ୱାରା "ରାଜାଙ୍କ ଅଧୀନରେ କୌଣସି ସାମରିକ ଓ ବେସାମରିକ କାର୍ଯ୍ୟରେ ଲିପ୍ତ ଥିବା କେହି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କିଛି ଭେଟି, ଉପଢ୍ୌକନ, ଦାନ, ଆନୁତୋଷିକତା; ପୁରସ୍କାର, ଅର୍ଥ ବା ଅନ୍ୟକିଛି ପ୍ରାପ୍ୟ, ସ୍ୱୀକାର କିମ୍ବା ଗ୍ରହଣ କରିପାରିବେ ନାହିଁ ।"

ଆଇନର ମୂଲ୍ୟାଙ୍କନ (Assessment of the Act)

ଗଭର୍ଣ୍ଣର-ଜେନେରାଲ ଓ ତାଙ୍କ ପରିଷଦ ସଭ୍ୟମାନଙ୍କର ପ୍ରକୃତ କ୍ଷମତା ନିୟନ୍ତ୍ରଣ ଆଇନଦ୍ୱାରା ନିରୂପିତ ହୋଇପାରି ନଥିଲା । ପରିଷଦର ସଭ୍ୟମାନେ ଇଚ୍ଛା କଲେ ଗଭର୍ଣ୍ଣର ଜେନେରାଲଙ୍କ କ୍ଷମତା ସୀମିତ କରିଦେଇପାରିଲେ, ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇପଡ଼ିଲା । ୧୭୭୪ରୁ ୧୭୭୬ ମଧ୍ୟରେ ୱାରେନ ହେଷ୍ଟିଂସ୍‌ଙ୍କ କ୍ଷମତା ଅଚଳ ଅବସ୍ଥାକୁ ଆସିଥିଲା, କାରଣ ପରିଷଦର ସଭ୍ୟମାନେ ମିଳିତ ହୋଇ ତାଙ୍କ ବିରୁଦ୍ଧରେ ଭୋଟ ଦେଲେ ।

ଏହି ଆଇନ ଗୋଟିଏ ସୁପ୍ରିମକୋର୍ଟ ପ୍ରତିଷ୍ଠା କରିଥିଲା ସତ; କିନ୍ତୁ ସଠିକ୍ ଭାବରେ ତାହାର ବିଚାର ଅଧିକାର କ୍ଷେତ୍ର ଉଲ୍ଲେଖ କରିନଥିଲା, ଏବଂ ସୁପ୍ରିମକୋର୍ଟ ଓ ପରିଷଦର କାର୍ଯ୍ୟ ମଧ୍ୟରେ କୌଣସି ସୀମାରେଖା ଟଣାଯାଇନଥିଲା । ଭାରତରେ ସୁପ୍ରିମକୋର୍ଟ କେଉଁ ଆଇନ ପ୍ରଣୟନ କରିବେ ତାହା ନିର୍ଦ୍ଦିଷ୍ଟ ଭାବରେ ଜଣା ପଡ଼ିନଥିଲା । ଏହି ଆଇନ ସର୍ବତ୍ର ଆପୋଷ ମିଳାମିଶା ଉପରେ ଗୁରୁତ୍ୱ ଦେଇଥିଲା । ଏହା ପ୍ରକାଶ୍ୟରେ ବ୍ରିଟିଶ୍ ରାଜାଙ୍କ ସାର୍ବଭୌମ କ୍ଷମତା ନିଶ୍ଚୟ କରିନଥିଲା ବା ନାମମାତ୍ର ବଙ୍ଗ ନବାବଙ୍କ କର୍ତ୍ତୃତ୍ୱ ଉପରେ ଆଞ୍ଚ ଆଣିନଥିଲା । ଏହି ନିୟନ୍ତ୍ରଣ ଆଇନ ରାଜ୍ୟକୁ କମ୍ପାନୀ ଉପରେ, କିମ୍ବା ଡାଇରେକ୍ଟରମାନଙ୍କୁ ସେମାନଙ୍କ କର୍ମଚାରୀମାନଙ୍କ ଉପରେ ନିର୍ଦ୍ଦିଷ୍ଟ କ୍ଷମତା ଦେଲା ନାହିଁ, କିମ୍ବା ଗଭର୍ଣ୍ଣର-ଜେନେରାଲ ତାହାଙ୍କ ଶାସନ ପରିଷଦ ଉପରେ, କିମ୍ବା କଲିକତା ପ୍ରେସିଡେନ୍‌ସି ମାନ୍ଦ୍ରାଜ ଓ ବମ୍ବେ ଉପରେ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ରଖିପାରିଲେ ନାହିଁ । ଏହି ଆଇନ ପ୍ରତିବନ୍ଧକ ଓ ସମତା ଉପରେ ନିରୂପିତ ହୋଇଥିଲା । ମୋଟାମୋଟି, କମ୍ପାନୀର କାର୍ଯ୍ୟକଳାପ ଉପରେ ବ୍ରିଟିଶ୍ ପାର୍ଲିଆମେଣ୍ଟର ନିୟନ୍ତ୍ରଣ ଜାରି ଦିଗରେ ଏହି ଆଇନକୁ ପ୍ରଣୟନ କରାଯାଇଥିଲେ ମଧ୍ୟ ଏହା ଲକ୍ଷ୍ୟ ସାଧନରେ ବ୍ୟର୍ଥ ହୋଇଥିଲା ।

ଉପରିଲିଖିତ ତ୍ରୁଟି ସତ୍ତ୍ୱେ ନିୟନ୍ତ୍ରଣ ଆଇନର ଉପାଦେୟତାକୁ ସମ୍ପୂର୍ଣ୍ଣ ରୂପେ ଅଣ୍ଡାହ୍ୟ କରାଯାଇନପାରେ । ବହୁଦୂରରେ ଅବସ୍ଥିତ ଏକ ସଭ୍ୟ ଦେଶରେ ଶାସନ ସଂଗଠିତ କରିବାରେ

ଏହି ଆଇନ ହେଉଛି ଇଂଲଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟା । "କମ୍ପାନୀର କାର୍ଯ୍ୟକଳାପକୁ ଦୃଢ଼, ନିର୍ମଳ ଓ ନିଷ୍ପତ୍ତିମୂଳକ କରିବା ପାଇଁ ଆଇନର ପ୍ରତ୍ୟେକ ଧାରା ଉଦ୍ଦିଷ୍ଟ ଥିଲା ।" ଏହି ଆଇନ ଥିଲା ବ୍ରିଟିଶ୍ ଭାରତୀୟ ଅଞ୍ଚଳ ପାଇଁ ପାର୍ଲିଆମେଣ୍ଟ ଦ୍ୱାରା ପ୍ରସ୍ତୁତ ପ୍ରଥମ ସମ୍ବିଧାନ । "ଯାହାହେଉ, ବଙ୍ଗଳା, ମାଡ୍ରାସ ଓ ବମ୍ବେଠାରେ ଏକ ନ୍ୟାୟପର ଓ ଦକ୍ଷ ସର୍ବୋଚ୍ଚ ଶାସକମଣ୍ଡଳୀ ସଂଗଠିତ କରିବାକୁ ଏହା ଚେଷ୍ଟା କଲା । କମ୍ପାନୀର କର୍ମଚାରୀମାନଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର ବିରୁଦ୍ଧରେ ଏହା କଲିକତାଠାରେ ଏକ ନ୍ୟାୟାଧୀଶମଣ୍ଡଳୀର ସୁପ୍ରିମକୋର୍ଟ ସ୍ଥାପନ କରିଥିଲା । ସେତେବେଳେ ଇଂଲଣ୍ଡର କୌଣସି ଲୋକ ଆଇନଠାରୁ ଊର୍ଦ୍ଧ୍ୱରେ ନଥିଲେ, ଯାହା ସମ୍ପାଦନ କଲେ ମଧ୍ୟ ସେ ଥିଲେ ସାଧାରଣ କୋର୍ଟ ପାଖରେ ଦାୟୀ । ସଂକ୍ଷେପରେ, ଆଇନଟି ଥିଲା ଏକ ଅପେକ୍ଷାକୃତ ଉତ୍ତମ ଶାସନ ପଦ୍ଧତି ପ୍ରଚଳନ କରିବାକୁ ଏକ ସୁଅଭିପ୍ରେତ ଉଦ୍ୟମ; କିନ୍ତୁ ସମସ୍ୟାର ପ୍ରକୃତ ସ୍ୱରୂପର ଅଜ୍ଞତାରେ ରୂପାଙ୍କିତ ଏହା ସମ୍ପୂର୍ଣ୍ଣ ରୂପେ ବିଫଳ ଥିଲା ଏବଂ ହେଷ୍ଟିଂସ୍‌ଙ୍କ ହସ୍ତ ଦୃଢ଼ କରିବା ପରିବର୍ତ୍ତେ ଏହା କେବଳ ତାଙ୍କର ଅସୁବିଧାକୁ ବୃଦ୍ଧି କରିଥିଲା ।" ଏହି ଆଇନଟି ୧୧ ବର୍ଷ ପାଇଁ ୧୭୮୪ର ପିଟ୍‌ଙ୍କ ଭାରତ ଆଇନ ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ଥିଲା ।

୧୭୮୧ର ସଂଶୋଧନ ଆଇନ
(The Amendment Act of 1781)

୧୭୭୩ ନିୟନ୍ତ୍ରଣ ଆଇନର କେତୋଟି ତ୍ରୁଟିଯୁକ୍ତ ଧାରା ଉଠାଇଦେବା ଉଦ୍ଦେଶ୍ୟରେ ପାର୍ଲିଆମେଣ୍ଟ ୧୭୮୧ ମସିହାରେ ଏକ ସଂଶୋଧନ ଆଇନ ଜାରି କରିଥିଲେ । ଏହାଦ୍ୱାରା ଗଭର୍ଣ୍ଣର-ଜେନେରାଲଙ୍କୁ ସୁହାଇଲା ପରି ସାରତଃ କେତୋଟି ବିବାଦୀୟ ବିଷୟ କାଟି ଦିଆଯାଇଥିଲା । ଏହି ଆଇନ କମ୍ପାନୀର କର୍ମଚାରୀମାନଙ୍କୁ ସେମାନଙ୍କ ପଦକ୍ଷମତା ବଳରେ କରିଥିବା କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ବିଚାର କ୍ଷେତ୍ରରୁ ଅବ୍ୟାହତି ଦେଇଥିଲା । ସୁପ୍ରିମକୋର୍ଟଙ୍କ ବିଚାରକ୍ଷେତ୍ର ଉପରେ ଉଠୁଥିବା ପ୍ରଶ୍ନ ମଧ୍ୟ ସମାଧାନ କରାଗଲା । ଏହାର ବିଧାନ ଓ କାର୍ଯ୍ୟ ପ୍ରକ୍ରିୟା ଚଳାଇବା ବେଳେ ଭାରତୀୟମାନଙ୍କ ଧର୍ମ, ସାମାଜିକ ପରମ୍ପରା ଓ ରୀତିନୀତିଗୁଡ଼ିକୁ ବିଚାରକୁ ନେବା ଓ ସମ୍ମାନ ଦେବା ସୁପ୍ରିମକୋର୍ଟଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଲା । ଏଥିସହିତ ଆଇନ ଓ ନିୟମ ପ୍ରବର୍ତ୍ତନ କରିବା ସମୟରେ ସରକାର ଏହି ବିଷୟଗୁଡ଼ିକ ଉପରେ ଧ୍ୟାନ ଦେଲେ । ପୁନଶ୍ଚ ଏହି ଆଇନଦ୍ୱାରା ସ୍ଥିର ହେଲା ଯେ ପ୍ରାଦେଶିକ କୋର୍ଟଗୁଡ଼ିକରୁ ଅପିଲ ଗଭର୍ଣ୍ଣର-ଜେନେରାଲଙ୍କ ପରିଷଦକୁ ନିଆଯାଇପାରିବ, ଏବଂ ଏହି ପରିଷଦ ହେବ ଶେଷ ଅପିଲକୋର୍ଟ । ଶେଷରେ, ଏହି ଆଇନରେ ଲିଖିତ ହେଲା ଯେ ଗଭର୍ଣ୍ଣର-ଜେନେରାଲଙ୍କ ପରିଷଦ ଦ୍ୱାରା ପ୍ରସ୍ତୁତ ଆଇନକାନୁନ ସୁପ୍ରିମକୋର୍ଟଙ୍କ ପାଖରେ ପଞ୍ଜିକୃତ କରାଯିବ ନାହିଁ ।

ଆଇନର ଗୁରୁତ୍ୱ (Importance of the Act, 1781)

ନିୟନ୍ତ୍ରଣ ଆଇନ ଦ୍ୱାରା ଆରମ୍ଭ ହୋଇଥିବା ପଦ୍ଧତିରେ ୧୭୮୧ର ଆଇନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା । ଏହି ଆଇନ ସରକାରଙ୍କୁ ଆବଶ୍ୟକ ଅନୁଯାୟୀ ଦୃଢ଼ କରିଥିଲା । ସୁପ୍ରିମ୍‌କୋର୍ଟଙ୍କ ବିଚାରକ୍ଷେତ୍ର ଉପରେ ଉଠୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହେଲା । ପୁନଶ୍ଚ ଏହି ଆଇନ ଦ୍ୱାରା ଭାରତୀୟମାନଙ୍କର ଧର୍ମ ଓ ପରମ୍ପରାଗୁଡ଼ିକ ବିଚାର କରିବା ଓ ସମ୍ମାନ ଦେବା ସୁପ୍ରିମକୋର୍ଟର କର୍ତ୍ତବ୍ୟ ହେଲା । ଏହିପରି ସଂଶୋଧନ ଆଇନ ନିୟନ୍ତ୍ରଣ ଆଇନରେ ରହିଥିବା ତ୍ରୁଟିଗୁଡ଼ିକୁ ଦୂର କରିପାରିଥିଲା ।

ପିଟ୍‌ଙ୍କ ଭାରତ ଆଇନ, ୧୭୮୪
(Pitt's India Act - 1784)

ଭାରତରେ କମ୍ପାନୀର କାର୍ଯ୍ୟକଳାପ ତନଖି ଦେଖିବା ପାଇଁ ୧୭୮୧ ମସିହାରେ ଉଭୟ ସିଲେକ୍ଟ କମିଟି ଓ ସିକ୍ରେଟ କମିଟି ଗଠିତ ହୋଇଥିଲା । ସୁପ୍ରିମକୋର୍ଟ ଓ ବଙ୍ଗଳାର ପରିଷଦ ମଧ୍ୟରେ ଥିବା ସମ୍ପର୍କ ସିଲେକ୍ଟ କମିଟି ଓ ମରହଟ୍ଟା ଯୁଦ୍ଧର କାରଣ ବିଷୟରେ ସିକ୍ରେଟ କମିଟି ଅନୁଧ୍ୟାନ କରିଥିଲା । ଉଭୟ କମିଟିର ରିପୋର୍ଟଗୁଡ଼ିକୁ ସମୀକ୍ଷା କରାଗଲା, ଏବଂ ଅନୁଭବ କରାଗଲା ଯେ କମ୍ପାନୀର କାର୍ଯ୍ୟକଳାପରେ ସଂସଦୀୟ ହସ୍ତକ୍ଷେପ ନିତାନ୍ତ ଜରୁରୀ । କମ୍ପାନୀର ଡାଇରେକ୍ଟରମାନେ ସ୍ୱୀକାର କଲେ ଯେ ମରହଟ୍ଟା ଯୁଦ୍ଧରେ କମ୍ପାନୀର କ୍ଷୟକ୍ଷତି ଯୋଗୁଁ ସେମାନେ ଭିକ୍ଷୁକ ହୋଇପଡ଼ିଛନ୍ତି, ତେଣୁ ସେମାନେ ଏକ ନିୟୁତ ପାଉଣ୍ଡ ଋଣ ପାଇଁ ସରକାରଙ୍କୁ ଆବେଦନ କଲେ । ଇଂଲଣ୍ଡର ବିଶିଷ୍ଟ ସମାଲୋଚକ ଏଡ୍‌ମଣ୍ଡ ବର୍କ କହିଲେ ଯେ କମ୍ପାନୀକୁ କୌଣସି ଆର୍ଥିକ ସହାୟତା ଦେବା ପୂର୍ବରୁ ଭାରତରେ ତାହାର କାର୍ଯ୍ୟ ପୁଙ୍ଖାନୁପୁଙ୍ଖ ଭାବରେ ଅନୁସନ୍ଧାନ କରାଯିବା ଉଚିତ୍ ।

୧୭୭୩ର ନିୟନ୍ତ୍ରଣ ଆଇନ କମ୍ପାନୀର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ବ୍ୟବସ୍ଥା କରିଥିଲା, ସେଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥିଲା । ୧୭୭୬ ଖ୍ରୀଷ୍ଟାବ୍ଦରେ ସଂଘଟିତ ହୋଇଥିଲା ଆମେରିକା ମୁକ୍ତି ସଂଗ୍ରାମ, ଯେଉଁ ସଂଗ୍ରାମରେ ଇଂଲଣ୍ଡକୁ ତାହାର ଆମେରିକୀୟ ଉପନିବେଶଗୁଡ଼ିକୁ ହରାଇବାକୁ ପଡ଼ିଲା । ତେଣୁ ସହସା ଇଂଲଣ୍ଡର ଦୃଷ୍ଟି ଭାରତ ପ୍ରତି ଆକର୍ଷିତ ହେଲା, ଯେଉଁଠି ଗଢ଼ିଉଠୁଥିଲା ତାହାର ସାମ୍ରାଜ୍ୟ । ଦୃଢ଼ମତ ପ୍ରକାଶ ପାଇଲା ଯେ ନିୟନ୍ତ୍ରଣ ଆଇନ କମ୍ପାନୀ ଶାସନର ତ୍ରୁଟି ହ୍ରାସ କରିବାରେ ବିଫଳ ହୋଇଛି, ତେଣୁ ସେହି ଦିଗରେ ପୁନର୍ବାର ପଦକ୍ଷେପ ନେବା ଉଚିତ୍ । ପାର୍ଲିଆମେଣ୍ଟରେ ଦୁଇଟି କମିଟି ଗଠିତ ହୋଇଥିଲା । ସେମାନଙ୍କ ରିପୋର୍ଟକୁ ଭିତ୍ତିକରି ଉଇଲିୟମ ପିଟ୍ ୧୭୮୪ ଜାନୁଆରୀ ମାସରେ ଏକ ବିଲ ଉପସ୍ଥାପନ କଲେ । ବିଲ୍‌ଟି ଜୁଲାଇ ମାସରେ ହାଉସ୍ ଅଫ୍ କମନ୍ସ ଓ ଅଗଷ୍ଟ ମାସରେ ହାଉସ୍ ଅଫ୍ ଲର୍ଡ୍‌ସଙ୍କ ଦ୍ୱାରା ଅନୁମୋଦିତ ହୋଇ ଆଇନରେ ପରିଣତ ହେଲା । ବିଲ୍‌ଟି

ପିଟ୍‌ଙ୍କ ଦ୍ୱାରା ଆଗତ ହୋଇଥିବାରୁ ତାଙ୍କ ନାମ ଅନୁସାରେ ଆଇନଟି 'ପିଟ୍‌ଙ୍କ ଭାରତ ଆଇନ' ରୂପେ ପରିଚିତ ହେଲା ।

ଆଇନ୍‌ର ବ୍ୟବସ୍ଥା (Provisions of the Act)

୧୭୮୪ ଆଇନ ଇଂଲଣ୍ଡରେ ମୁଖ୍ୟତଃ ଗୃହ ଶାସନରେ ପରିବର୍ତ୍ତନ ଆଣିଥିଲା । ଏହାଦ୍ୱାରା ଇଂଲଣ୍ଡରେ କମ୍ପାନୀର ଶାସନ ନିୟନ୍ତ୍ରଣ କରିବା ପାଇଁ ନିୟନ୍ତ୍ରଣ ବୋର୍ଡ଼ (Board of Control) ଏବଂ ଡାଇରେକ୍ଟର କୋର୍ଟ (Court of Directors) ନାମକ ଦୁଇଟି ସଂସ୍ଥା ଗଠିତ ହୋଇଥିଲା ।

ସେତେବେଳେ କମ୍ପାନୀର ଅଭିଭାବକତ୍ୱ ଉପରେ ହସ୍ତକ୍ଷେପ କରାଯାଇ ନଥିଲା; ସମସ୍ତ ବେସାମରିକ, ସାମରିକ ଓ ରାଜସ୍ୱ ବିଷୟଗୁଡ଼ିକ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ନିୟନ୍ତ୍ରିତ ହେବାର ହେଲା । ଅର୍ଥମନ୍ତ୍ରୀ, ଦେଶର ପ୍ରମୁଖ ସଚିବମାନଙ୍କ ମଧ୍ୟରୁ ଜଣେ ଏବଂ ପ୍ରିଭି କାଉନ୍‌ସିଲର ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ହେଲା ନିୟନ୍ତ୍ରଣ ବୋର୍ଡ଼ । ଏହି ସଭ୍ୟମାନେ ରାଜାଙ୍କ ଦ୍ୱାରା ନିଯୁକ୍ତ ହେଲେ । ଏହାଦ୍ୱାରା ପରିଷଦର ଗୁରୁତ୍ୱପୂର୍ଣ୍ଣ ଆଦେଶ ତିନି ଡାଇରେକ୍ଟରଙ୍କ ସିକ୍ରେଟ କମିଟି ଭାରତକୁ ପ୍ରେରଣ କରିବେ । କମ୍ପାନୀର ସତ୍ତ୍ୱାଧିକାରୀମାନେ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ଅନୁମୋଦିତ ଡାଇରେକ୍ଟର କୋର୍ଟଙ୍କ ପ୍ରସ୍ତାବଗୁଡ଼ିକୁ ବାତିଲ କରିବା, ସ୍ଥଗିତ ରଖିବା ବା ରଦ୍ଦ କରିବା କ୍ଷମତା ହରାଇବେ । ଏହି ଆଇନଦ୍ୱାରା କମ୍ପାନୀର କର୍ମକର୍ତ୍ତାମାନଙ୍କର କ୍ଷମତା ହ୍ରାସ ପାଇବା ସହିତ ବ୍ରିଟିଶ୍ ସରକାରଙ୍କ କ୍ଷମତା ବୃଦ୍ଧି ହେଲା ।

ଭାରତ ଶାସନର ସର୍ବୋଚ୍ଚ ଶାସନକର୍ତ୍ତା ହେଲେ ଗଭର୍ଣ୍ଣର-ଜେନେରାଲ ଓ ତାଙ୍କର ତିନିଜଣ ସଭ୍ୟବିଶିଷ୍ଟ ପରିଷଦ । ସେହି ସଭ୍ୟମାନଙ୍କ ମଧ୍ୟରୁ ଜଣେ ହେବେ ଭାରତରେ ବ୍ରିଟିଶ ସାମରିକ ବାହିନୀର ମୁଖ୍ୟ ସେନାଧ୍ୟକ୍ଷ । ସଭ୍ୟମାନେ ମିଳିତ ହୋଇ ଚାହିଁଲେ ଗଭର୍ଣ୍ଣର-ଜେନେରାଲଙ୍କ କ୍ଷମତା ରଦ୍ଦ କରିଦେଇ ପାରିବେ । ପରିଷଦର ସଭ୍ୟସଂଖ୍ୟା ତିନିକୁ ହ୍ରାସ କରାଯିବାରୁ ଗଭର୍ଣ୍ଣର-ଜେନେରାଲ ଜଣେ ସଭ୍ୟଙ୍କ ସମର୍ଥନରେ ନିଷ୍ପତ୍ତିମୂଳକ ଭୋଟ ଦେଇ ପରିଷଦ ଉପରେ ଆଧିପତ୍ୟ ବିସ୍ତାର କରିପାରିବେ; କିନ୍ତୁ ସେ ବ୍ରିଟିଶ୍ ସରକାରଙ୍କ ଅନୁମତି ବିନା ଯୁଦ୍ଧଘୋଷଣା କରି ପାରିବେ ନାହିଁ ।

ଏହି ଆଇନ ଦ୍ୱାରା ମାଡ୍ରାସ ଓ ବମ୍ବେ ପ୍ରେସିଡ଼େନ୍‌ସି ରାଜସ୍ୱ, ଯୁଦ୍ଧ ଓ ବୈଦେଶିକ ନୀତି ଆଦି ସମସ୍ତ ବ୍ୟାପାରରେ ଗଭର୍ଣ୍ଣର-ଜେନେରାଲ ଓ ବଙ୍ଗସ୍ଥିତ ଶାସନ ପରିଷଦର ସମ୍ପୂର୍ଣ୍ଣ ରୂପେ ଅଧୀନସ୍ଥ ହେବେ । ସ୍ଥିର ହେଲା, ଭବିଷ୍ୟତରେ କେବଳ କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଗଭର୍ଣ୍ଣର-ଜେନେରାଲ ଓ ଶାସନ ପରିଷଦର ସଭ୍ୟ ରୂପେ ଯୋଗ୍ୟ ହେବେ । ମାଡ୍ରାସ ଓ ବମ୍ବେ ପ୍ରେସିଡ଼େନ୍‌ସିରେ ରହିବେ ଜଣେ ଜଣେ ଗଭର୍ଣ୍ଣର ଓ ତାଙ୍କୁ ସାହାଯ୍ୟ କରିବା ନିମିତ୍ତ ତିନିଜଣ ସଦସ୍ୟବିଶିଷ୍ଟ ଏକ ପରିଷଦ ।

ଆଇନର ମୂଲ୍ୟାଙ୍କନ (Assessment of the Act)

ପିଟ୍‌ଙ୍କ ଭାରତ ଆଇନ କମ୍ପାନୀ ସମ୍ବିଧାନରେ କେତୋଟି ବିଶେଷ ପରିବର୍ତ୍ତନ ଆଣିଥିଲା । ଏହାଦ୍ୱାରା ଡାଇରେକ୍ଟର କୋର୍ଟର ନୀତିଗୁଡ଼ିକ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା, ଫଳରେ କମ୍ପାନୀ ଶାସନରେ ଏକ ପ୍ରକାର ଦ୍ୱୈତ ଶାସନ ପ୍ରଣାଳୀ ଅନୁଭୂତ ହେଲା । କମ୍ପାନୀର ସମସ୍ତ ରାଜନୈତିକ ଓ ବାଣିଜ୍ୟିକ କାର୍ଯ୍ୟ ଦୁଇଟି କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ରହିଲା । ଅର୍ଥାତ୍ ବାଣିଜ୍ୟିକ କାର୍ଯ୍ୟ ଡାଇରେକ୍ଟର କୋର୍ଟଙ୍କ ଦ୍ୱାରା ନିୟନ୍ତ୍ରିତ ହେଲା, ସେହିପରି ନିୟନ୍ତ୍ରଣ ବୋର୍ଡ଼ କମ୍ପାନୀର ରାଜନୈତିକ କାର୍ଯ୍ୟାବଳୀ ନିୟନ୍ତ୍ରଣ କଲେ । ଏହି ଦ୍ୱୈତ ଶାସନ ପ୍ରଣାଳୀ ୧୮୫୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ନିୟନ୍ତ୍ରଣ ବୋର୍ଡ଼ ସ୍ୱାଧୀନ ଭାବେ କାର୍ଯ୍ୟପାଳିକା କ୍ଷମତା ଉପଭୋଗ କରିନଥିଲେ, ତାଙ୍କର ଅଭିଭାବକତ୍ୱ ମଧ୍ୟ ନଥିଲା । ନିୟନ୍ତ୍ରଣ ବୋର୍ଡ଼ର କ୍ଷମତା ପ୍ରଚ୍ଛନ୍ନ ଭାବରେ ରହିଥିଲା, ବାଣିଜ୍ୟଭିନ୍ନ କମ୍ପାନୀର ଅନ୍ୟ କାଗଜପତ୍ରଗୁଡ଼ିକ ଏହାର ଅନୁମୋଦନ ଆବଶ୍ୟକ ହେଉଥିଲା । ତେଣୁ କମ୍ପାନୀର ବେସାମରିକ ଓ ସାମରିକ ଶାସନ ଇଂଲଣ୍ଡ ସରକାରଙ୍କ ଅଧୀନସ୍ଥ ହେଲା । ଡାଇରେକ୍ଟର କୋର୍ଟ ସେମାନଙ୍କ ଅଭିଭାବକତ୍ୱ ଓ ସେମାନଙ୍କ କର୍ମଚାରୀମାନଙ୍କୁ ବରଖାସ୍ତ କରିବାର କ୍ଷମତା ବଜାୟ ରଖିଲେ । ଏହି ଆଇନଦ୍ୱାରା ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦର ସଭ୍ୟସଂଖ୍ୟା ତିନିକୁ ହ୍ରାସ ହୋଇଥିଲା, ଫଳରେ ସେ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିପାରିଲେ ।

ସ୍ଥିର ହେଲା, ଇଂଲଣ୍ଡ ସରକାରଙ୍କ ଅନୁମତି ବିନା ଗଭର୍ଣ୍ଣର-ଜେନେରାଲ ଯୁଦ୍ଧ ଘୋଷଣା ବା ଶାନ୍ତି ଚୁକ୍ତି କରିପାରିବେ ନାହିଁ, କାରଣ ସେଗୁଡ଼ିକ ଦେଶର ଇଚ୍ଛା, ସମ୍ମାନ ଓ ନୀତି ବିରୁଦ୍ଧାଚରଣ କରୁଥିଲା । ଭାରତରେ କମ୍ପାନୀ ଶାସନର ପ୍ରକୃତ ନିୟନ୍ତ୍ରକ କିଏ, ଡାଇରେକ୍ଟର କୋର୍ଟ ନା ନିୟନ୍ତ୍ରଣ ବୋର୍ଡ଼- ଏକଥା ସ୍ପଷ୍ଟ ହୋଇନଥିଲା ।

କିଥ୍ କହିଛନ୍ତି, ''ଏହି ଆଇନ୍ ଗୃହଠାରେ (ଇଂଲଣ୍ଡ) କମ୍ପାନୀର ସମ୍ବିଧାନ ବଦଳାଇଲା, ଭାରତରେ କମ୍ପାନୀର ଗଠନରେ ପରିବର୍ତ୍ତନ ଆଣିଲା, କେତେକ ମାତ୍ରାରେ ଭାରତର ସମସ୍ତ ଅଞ୍ଚଳ ଅଧୀନସ୍ଥ କଲା ।'' ସାର୍ କୋର୍ଟେନି ଇଲବର୍ଟ (Sir Courtney Ilbert) କହିଛନ୍ତି, ପିଟ୍ ଦୁଇଟି କାର୍ଯ୍ୟ କରିଛନ୍ତି- (୧) ବ୍ରିଟିଶ୍ ରାଜାଙ୍କଠାରେ ଅଭିଭାବକତ୍ୱ ଅର୍ପଣ କରିବା ଦାୟିତ୍ୱ ପିଟ୍ ଦୂରେଇ ଦେଲେ, (୨) ଇଂଲଣ୍ଡରେ କମ୍ପାନୀ ଶାସନର ଆମୂଳଚୂଳ ପରିବର୍ତ୍ତନ କଲେ ।

୧୭୯୩ର ଚାର୍ଟର ଆଇନ
(The Charter Act of 1793)

୧୭୯୩ ଖ୍ରୀଷ୍ଟାବ୍ଦରେ କମ୍ପାନୀର ବାଣିଜ୍ୟିକ ସୁବିଧା ଅଧିକ ୨୦ ବର୍ଷ ବୃଦ୍ଧି କରାଗଲା । ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ କର୍ଣ୍ଣୱାଲିସ୍‌ଙ୍କୁ ଯେଉଁ ସ୍ୱତନ୍ତ୍ର କ୍ଷମତା ଅର୍ପଣ କରାଯାଇଥିଲା, ତାହା ଭବିଷ୍ୟତର ଗଭର୍ଣ୍ଣର-ଜେନେରାଲ ଓ

ଗଭର୍ଣ୍ଣରମାନଙ୍କ କ୍ଷେତ୍ରରେ ଲାଗୁ କରାଯିବ ବୋଲି ସ୍ଥିର ହେଲା । ବମ୍ବେ ଓ ମାଡ୍ରାସ ପ୍ରେସିଡେନ୍ସିର ଗଭର୍ଣ୍ଣରମାନଙ୍କ କର୍ତ୍ତୃତ୍ୱ ଉପରେ ଗୁରୁତ୍ୱ ଆରୋପ କରାଗଲା । ବଙ୍ଗଳାରେ ଗଭର୍ଣ୍ଣର-ଜେନେରାଲ ଅନୁପସ୍ଥିତ ରହିଲେ, ତାଙ୍କ ପରିଷଦର ବେସାମରିକ ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସେ ଭାଇସ୍-ପ୍ରେସିଡେଣ୍ଟ ରୂପେ ନିଯୁକ୍ତ କରିବେ, ଏବଂ ସେ ତାଙ୍କର ଅନୁପସ୍ଥିତି ସମୟରେ କାର୍ଯ୍ୟ କରିବେ । ଯେତେବେଳେ ଗଭର୍ଣ୍ଣର-ଜେନେରାଲ ବମ୍ବେ ଓ ମାଡ୍ରାସ ଗସ୍ତ କରିବେ, ସେଠିକାର ଗଭର୍ଣ୍ଣରମାନଙ୍କ କ୍ଷମତାକୁ ଅତିକ୍ରମ କରି ସେ ଶାସନର ମୁଖ୍ୟ ଭାବରେ କାର୍ଯ୍ୟ କରିବେ । ତଦ୍ୱାରା କମାଣ୍ଡର-ଇନ୍-ଚିଫ୍ ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦରେ ଜଣେ ସଭ୍ୟ ରୂପେ କାର୍ଯ୍ୟ କରିପାରିବେ ନାହିଁ । ନିୟନ୍ତ୍ରଣ ବୋର୍ଡ଼ର ଜଣେ ବୟୋଜ୍ୟେଷ୍ଠ ସଭ୍ୟ ପ୍ରେସିଡେଣ୍ଟ ରୂପେ ବିବେଚିତ ହେବେ । ନିୟନ୍ତ୍ରଣ ବୋର୍ଡ଼ର ସମସ୍ତ ତିନିଜଣ ସଭ୍ୟ ଭାରତର ରାଜସ୍ୱରୁ ବେତନ ପାଇବେ, ଇଂଲଣ୍ଡରୁ ନୁହେଁ । ୧୯୧୯ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲିଥିଲା ।

୧୮୧୩ ଚାର୍ଟର ଆଇନ
(The Charter Act of 1813)

ଭାରତରେ କମ୍ପାନୀର ବାଣିଜ୍ୟ ଦ୍ରୁତ ପ୍ରସାରିତ ହେବାରୁ ଉଭୟ ବାଣିଜ୍ୟିକ ଓ ରାଜନୀତିକ ଶକ୍ତି ରୂପେ କାର୍ଯ୍ୟ କରିବା କମ୍ପାନୀ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଲା । ସେତେବେଳେ ନେପୋଲିୟନଙ୍କ ମହାଦେଶୀୟ ନୀତି ଯୋଗୁଁ ବ୍ରିଟିଶ୍‌ର ବଣିକମାନେ ଇଉରୋପୀୟ ଦେଶଗୁଡ଼ିକ ସହିତ ବାଣିଜ୍ୟ କରିପାରି ନଥିଲେ । ଅର୍ଥନୀତିରେ ଲେସିଜ ଫେୟାର (Laissez Faire) ବା ହସ୍ତକ୍ଷେପ ନ କରିବା ତତ୍ତ୍ୱର ବିକାଶ ଘଟିଲା । ଏସବୁକୁ ଦୃଷ୍ଟିରେ ରଖି ଇଂଲଣ୍ଡର ବଣିକମାନେ ଦାବିକଲେ ଯେ ସେମାନଙ୍କୁ ଭାରତରେ ବାଣିଜ୍ୟ କାରବାର ଅଧିକାର ଦିଆଯାଉ । ତେଣୁ ଭାରତରେ କମ୍ପାନୀର ଏକଚାଟିଆ ବାଣିଜ୍ୟିକ ଅଧିକାର ଲୋପ କରିଦେବାକୁ ବ୍ରିଟେନରେ ମତ ପ୍ରକାଶ ପାଇଥିଲା ।

୧୮୧୩ର ଆଇନ୍ ବଳରେ କମ୍ପାନୀ ଚାର୍ଟରକୁ ପୁନର୍ବାର ୨୦ ବର୍ଷ ପାଇଁ ନବୀକରଣ କରାଗଲା; କିନ୍ତୁ କମ୍ପାନୀଦ୍ୱାରା ଅଧିକୃତ ଭାରତୀୟ ସାମ୍ରାଜ୍ୟ ଉପରେ ବ୍ରିଟିଶ୍ ରାଜାଙ୍କର ରହିଲା ସାର୍ବଭୌମ କ୍ଷମତା । ଭାରତରେ ଇଂରେଜ ବଣିକମାନେ ଖୋଲାଖୋଲି ଭାବରେ ବାଣିଜ୍ୟ କରିବାର ଅଧିକାର ପାଇଥିଲେ, ତଥାପି ପୂର୍ବପରି କମ୍ପାନୀ ଭାରତରେ ଚା' ଏବଂ ଚୀନ୍ ଦେଶରେ ବାଣିଜ୍ୟ କରିବାର ଏକଚାଟିଆ ଅଧିକାର ବଜାୟ ରଖିଲା । ଭାରତ ସହିତ ବାଣିଜ୍ୟ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ଇଂରେଜମାନଙ୍କୁ ଡାଇରେକ୍ଟରମାନଙ୍କଠାରୁ ଲାଇସେନ୍ସ ଲାଭ କରିବା ନିମିତ୍ତ ଆବଶ୍ୟକ ପଡ଼ିଲା । ବ୍ୟବସ୍ଥା ହେଲା ଯେ ୨୯,୦୦୦ ଜଣରୁ ଅଧିକ ସୈନ୍ୟଙ୍କୁ କମ୍ପାନୀର ରାଜସ୍ୱରୁ ରକ୍ଷଣାବେକ୍ଷଣ କରାଯିବ ନାହିଁ । ଭାରତୀୟ ସୈନ୍ୟମାନଙ୍କ ପାଇଁ ଆଇନ ଓ ନିୟମ ପ୍ରଣୟନ ଓ ଯୁଦ୍ଧନୀତି ସ୍ଥିର କରିବାର କ୍ଷମତା କମ୍ପାନୀ ହସ୍ତରେ

ପ୍ରଦାନ କରାଗଲା । କମ୍ପାନୀର ସାମରିକ ଓ ବେସାମରିକ କର୍ମଚାରୀମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ୧୮୧୩ ଆଇନଦ୍ୱାରା କାର୍ଯ୍ୟକାରୀ ହେଲା । ଭାରତୀୟ ରାଜସ୍ୱରୁ ଶତକଡ଼ା ୧୦.୫ ଲାଭାଂଶ ଅଂଶୀଦାରମାନଙ୍କୁ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ହେଲା, ଯଦି ବାଣିଜ୍ୟିକ ପାଣ୍ଠି ଏହି ଅର୍ଥ ପ୍ରଦାନରେ ବିଫଳ ହେଲା ।

ଆଇନର ତାତ୍ପର୍ଯ୍ୟ (Importance of the Act)

୧୮୧୩ ଚାର୍ଟର ଆଇନ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟର ପୁନରୁଦ୍ଧାର ଓ ବିକାଶ, ଦେଶର ବିଦ୍ୱାନ୍‌ମାନଙ୍କର ପ୍ରୋତ୍ସାହନ ଏବଂ ଭାରତ-ବ୍ରିଟିଶ୍ ସାମ୍ରାଜ୍ୟରେ ବାସ କରୁଥିବା ଲୋକମାନଙ୍କର ବିଜ୍ଞାନ ଶିକ୍ଷାର ଅଗ୍ରଗତି –ଏସବୁ ଦିଗରେ ଏକ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଆଇନରେ ବ୍ୟବସ୍ଥା ରହିଲା । ଏହି ଆଇନଦ୍ୱାରା ଭାରତରେ ବ୍ରିଟିଶ୍ ରାଜାଙ୍କ ଦଖଲ ଓ ଶାସନ ନିଶ୍ଚିତ ହେଲା । ସରକାର ଲୋକମାନଙ୍କର ଶିକ୍ଷାର ଦାୟିତ୍ୱ ନେଲେ ଏବଂ ଧର୍ମଯାଜକମାନେ ଭାରତରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବାର ସୁବିଧା ଲାଭ କଲେ ।

୧୮୩୩ର ଚାର୍ଟର ଆଇନ
(The Charter Act of 1833)

୧୮୧୩ରୁ ୧୮୩୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ଇଂଲଣ୍ଡରେ ଏକ ବିରାଟ ପରିବର୍ତ୍ତନ ଘଟିଥିଲା । ଶିଳ୍ପ ବିପ୍ଳବ ଯୋଗୁଁ ବହୁଳ ଭାବରେ ଉତ୍ପାଦନ ବୃଦ୍ଧି ହେଲା । ବୈଦେଶିକ ବାଣିଜ୍ୟରେ ଉନ୍ନତି ଘଟିବାରୁ ଇଂଲଣ୍ଡରେ ପୁଞ୍ଜି ଠୁଳ ହେଲା । ଇଂରେଜମାନଙ୍କଠାରେ ମୁକ୍ତିବାଦର ଏକ ନୂତନ ଉନ୍ମାଦନା ଆସିଲା । ଫଳରେ ଇଂଲଣ୍ଡ ରାଜନୀତିରେ ଏକ ନବ ଚେତନାଶୀଳ ଗୋଷ୍ଠୀର ଆବିର୍ଭାବ ଘଟିଲା । ୧୮୩୦ ଖ୍ରୀଷ୍ଟାବ୍ଦରେ ହ୍ୱିଗ୍‌ଦଳ କ୍ଷମତାକୁ ଆସି ଉଦାର ନୀତି ଗ୍ରହଣ କରିଥିଲା । 'ମାନବୀୟ ଅଧିକାର'କୁ ସ୍ୱୀକାର କରାଗଲା, ଏବଂ ସରକାରଙ୍କର 'ହସ୍ତକ୍ଷେପ ନ କରିବା' ନୀତି ବ୍ୟାପକ ଭାବରେ ଗୃହୀତ ହେଲା । ୧୮୩୨ରେ ବିଖ୍ୟାତ ସଂସ୍କାର ଆଇନ ଲାଗୁ କରାଗଲା, ଏବଂ ବିଭିନ୍ନ ସଂସ୍କାର ପାଇଁ ମତ ପ୍ରକାଶ ପାଇଥିଲା । ଏକ ନୂତନ ବୁଦ୍ଧିଜୀବୀ ଶ୍ରେଣୀ ଶ୍ରମିକମାନଙ୍କ ପଶ୍ଚାତ୍‌ରେ ଦଣ୍ଡାୟମାନ ହେଲେ । ତତ୍‌ସହିତ ପାର୍ଲିଆମେଣ୍ଟରେ କମ୍ପାନୀର ସନନ୍ଦକୁ ତର୍ଜମା କରାଯାଇ ଏକ ବିଲ୍ ଆଗତ କରାଗଲା, ଯାହା ୧୮୩୩, ଅଗଷ୍ଟ ୨୮ ତାରିଖରେ ଆଇନ ରୂପେ କାର୍ଯ୍ୟକାରୀ ହେଲା ।

୧୮୩୩ ଆଇନ ପୁନର୍ବାର ୨୦ ବର୍ଷ ପାଇଁ ଭାରତୀୟ ଅଞ୍ଚଳଗୁଡ଼ିକରେ ଶାସନ କରିବା ନିମନ୍ତେ କମ୍ପାନୀକୁ କ୍ଷମତା ଅର୍ପଣ କରିଥିଲା । ଏହି ଆଇନ ବଳରେ କମ୍ପାନୀ ତାହାର ବାଣିଜ୍ୟିକ ସୁବିଧା ହରାଇଲା, ତାହାର କେବଳ ରହିଲା ରାଜନୈତିକ କାର୍ଯ୍ୟକଳାପ । ସ୍ଥିର ହେଲା, ଭାରତରୁ ଆସୁଥିବା ଅର୍ଥରେ ହିଁ କମ୍ପାନୀର ଋଣ ପରିଶୋଧ କରାଯିବ । ଅବଶ୍ୟ କମ୍ପାନୀର ଅଂଶୀଦାରମାନଙ୍କୁ ବାର୍ଷିକ ଶତକଡ଼ା ୧୦.୫ ଲାଭାଂଶ ଦେବାର ସ୍ଥିର କରାଗଲା ।

ଏହାପରେ ଭାରତରେ ଇଉରୋପୀୟମାନଙ୍କର ଦେଶାନ୍ତର ବାସ (Immigration) ଏବଂ ଭାରତରେ ଭୂମି ଓ ସମ୍ପତ୍ତି ଅଧିକାର କରିବା ଉପରେ ଥିବା କଟକଣା ଉଠେଇ ଦିଆଗଲା । ଫଳରେ ଭାରତରେ ଉପନିବେଶ ସ୍ଥାପନ କରିବା ପାଇଁ ଇଉରୋପୀୟମାନଙ୍କ ଉପରେ ଥିବା ଆଇନଗତ ପ୍ରତିବନ୍ଧକ ଉଠିଗଲା ।

ଏହି ଆଇନଦ୍ୱାରା ଭାରତୀୟ ଶାସନକୁ କେନ୍ଦ୍ରୀକରଣ କରାଗଲା । ବଙ୍ଗଳାର ଗଭର୍ଣ୍ଣର-ଜେନେରାଲ ଭାରତର ଗଭର୍ଣ୍ଣର-ଜେନେରାଲ ରୂପେ ମାନ୍ୟତା ଲାଭ କଲେ । ତାଙ୍କ ପରିଷଦ ମଧ୍ୟରେ ଗଭର୍ଣ୍ଣର-ଜେନେରାଲ କମ୍ପାନୀର ସାମରିକ ଓ ବେସାମରିକ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ, ପରିଚାଳନା ଓ ନିର୍ଦ୍ଦେଶ ଦେବାର କ୍ଷମତା ଲାଭ କଲେ । ବମ୍ବେ, ମାଡ୍ରାସ, ବଙ୍ଗଳା ଓ ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଲା । ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦ ଅଧୀନରେ ଥିବା ସମସ୍ତ ରାଜସ୍ୱ ବୃଦ୍ଧି କରାଗଲା, ଏବଂ ତାଙ୍କର ମଧ୍ୟ ରହିଲା ଖର୍ଚ୍ଚ ନିୟନ୍ତ୍ରଣ କରିବାର ସମ୍ପୂର୍ଣ୍ଣ କ୍ଷମତା । ବମ୍ବେ ଓ ମାଡ୍ରାସ ସରକାର ଆଇନ ପ୍ରଣୟନ କରିବା କ୍ଷମତା ହରାଇଲେ । ଯେଉଁ ଆଇନ ପ୍ରଣୟନ କରିବା ଜରୁରୀ, ତାହା ବମ୍ବେ ଓ ମାଡ୍ରାସ ସରକାର ଗଭର୍ଣ୍ଣର-ଜେନେରାଲଙ୍କ ପରିଷଦକୁ କେବଳ ପ୍ରସ୍ତାବ ଦେଇପାରିଲେ । ଆଇନ ପ୍ରଣୟନ କ୍ଷେତ୍ରରେ ଉପଦେଶ ଦେବାକୁ ଜଣେ ଆଇନଜ୍ଞ ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦରେ ଚତୁର୍ଥ ସଭ୍ୟ ଭାବରେ ଯୋଗ ଦେବାର ସ୍ଥିର ହେଲା । ପ୍ରଥମେ ମ୍ୟାକ୍‌ଲେଙ୍କୁ ଏହି ସଭ୍ୟରୂପେ ଅବସ୍ଥାପିତ କରାଗଲା । ଭାରତୀୟ ଆଇନଗୁଡ଼ିକ ଦୃଢ଼ୀଭୂତ ଓ ଉନ୍ନତ କରିବା ଉଦ୍ଦେଶ୍ୟରେ ଏକ ଆଇନ କମିଶନ ଗଠିତ ହେଲା । ଆଇନର ୮୭ ଅନୁଚ୍ଛେଦ ଅନୁଯାୟୀ ବ୍ରିଟିଶ୍ ରାଜାଙ୍କର ଭାରତ ସାମ୍ରାଜ୍ୟରେ ବାସ କରୁଥିବା ବା ଜନ୍ମଲାଭ କରିଥିବା ଜଣେ ପ୍ରଜା ତାଙ୍କର ଧର୍ମ, ଜନ୍ମସ୍ଥାନ, ବଂଶ, ବର୍ଣ୍ଣ ଇତ୍ୟାଦି ଦୃଷ୍ଟିରୁ କମ୍ପାନୀ ଅଧୀନସ୍ଥ କୌଣସି ସରକାରୀ ପଦବୀ ବା ନିଯୁକ୍ତିରେ ଅଯୋଗ୍ୟ ବିବେଚିତ ହେବେ ନାହିଁ । ଅବଶ୍ୟ ବାସ୍ତବ କ୍ଷେତ୍ରରେ କମ୍ପାନୀର ବେସାମରିକ ଓ ସାମରିକ ଉଚ୍ଚ ପଦଗୁଡ଼ିକରେ ଭାରତୀୟମାନେ ନିଯୁକ୍ତି ପାଇପାରି ନଥିଲେ ।

ଆଇନର ଗୁରୁତ୍ୱ (Importance of the Act)

୧୮୩୩ ଆଇନ ଦ୍ୱାରା ଭାରତୀୟ ସଂବିଧାନରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଥିଲା । ଭାରତରେ କମ୍ପାନୀର ଏକଚାଟିଆ ଚା' ବ୍ୟବସାୟ ଓ ତାହାର ଚୀନ୍‌ଦେଶ ସହିତ ବାଣିଜ୍ୟିକ ଅଧିକାର ଲୋପ କରାଗଲା । ନିଜର ବାଣିଜ୍ୟିକ ସୁବିଧାମାନ ହରାଇ କମ୍ପାନୀ ଶାସନରେ ବିଶେଷ ଭାବରେ ମନୋନିବେଶ କରିଥିଲା ।

ସେତେବେଳେ ଭାରତରେ ଅନେକ ପ୍ରକାର ଆଇନ ପ୍ରଚଳିତ ଥିଲା । କୌଣସି ନିର୍ଦ୍ଦିଷ୍ଟ ମୋକଦ୍ଦମା ନିମିତ୍ତ କେଉଁ ଆଇନ ପ୍ରଯୁଜ୍ୟ, ସେକଥା ସ୍ଥିର କରିବା ଥିଲା ଏକ କଷ୍ଟକର

ବ୍ୟାପାର । ଭାରତରେ ପ୍ରଚଳିତ ନିୟମାବଳୀଗୁଡ଼ିକୁ ଅନୁଶୀଳନ କରିବା, ମିଳାଇବା ଓ ସଂକଳନ କରିବା ପାଇଁ ଆଇନ କମିଶନରମାନଙ୍କୁ ନିଯୁକ୍ତି ଦେବାର ଦାୟିତ୍ୱ ଗଭର୍ଣ୍ଣର-ଜେନେରାଲଙ୍କୁ ଦିଆଗଲା । ଫଳରେ ଆଇନଗୁଡ଼ିକ ସଂକଳନ କରାଯାଇପାରିଲା ।

ଧର୍ମ, ଜନ୍ମସ୍ଥାନ, ବଂଶ, ବର୍ଣ୍ଣ, ନିର୍ବିଶେଷରେ ବ୍ରିଟିଶ୍-ଭାରତର ସମସ୍ତ ଭାରତୀୟଙ୍କୁ ନିଯୁକ୍ତି ଦେବା ଥିଲା ୧୮୩୩ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ।

୧୮୫୩ର ଚାର୍ଟର ଆଇନ (The Charter Act of 1853)

୧୮୫୩ ଚାର୍ଟର ଆଇନ ଲାଗୁ ହେବା ପୂର୍ବରୁ ଇଂରେଜମାନେ ଦାବି କରୁଥିଲେ ଯେ ଇଂଲଣ୍ଡରେ କମ୍ପାନୀର ଦୁଇପ୍ରକାର ଶାସନ ବ୍ୟବସ୍ଥାର ପରିସମାପ୍ତି ଘଟିବା ଉଚିତ୍ । ସେଠି କମ୍ପାନୀର ଦୁଇଟି ଶାସନସଂସ୍ଥା-ଡାଇରେକ୍ଟର କୋର୍ଟ ଓ ନିୟନ୍ତ୍ରଣ ବୋର୍ଡ଼ ଥିବା ଯୋଗୁଁ ବ୍ୟବସାୟିକ ପତ୍ର ପ୍ରେରଣରେ ଅଯଥା ବିଳମ୍ବ ଓ ଅଧିକ ଖର୍ଚ୍ଚ ହେଉଥିଲା । ଅନୁଭୂତ ହେଉଥିଲା ଯେ ଆଇନ ପ୍ରଣୟନ କଳଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ । ଆଶଙ୍କା ବୃଦ୍ଧି ହେଉଥିଲା ଯେ ଭାରତର ଗଭର୍ଣ୍ଣର-ଜେନେରାଲ ବଙ୍ଗଳା ଗଭର୍ଣ୍ଣରଙ୍କ କାର୍ଯ୍ୟ ତୁଲାଉଥିବାରୁ ବଙ୍ଗଳାର ସ୍ୱାର୍ଥ ପାଇଁ ସେ ବିଶେଷ ଭାବରେ ଦୃଷ୍ଟି ଦେଉନାହାନ୍ତି । ୧୮୪୩ ଓ ୧୮୪୯ ମସିହାରେ ବ୍ରିଟିଶ୍ ଭାରତ ସାମ୍ରାଜ୍ୟରେ ଯଥାକ୍ରମେ ସିନ୍ଧୁ ଓ ପଞ୍ଜାବ ଅଞ୍ଚଳ ଅନ୍ତର୍ଭୁକ୍ତ ହେଲା । ପୁନଶ୍ଚ ଡ୍ୟାଲହାଉସୀଙ୍କ ସାମ୍ରାଜ୍ୟବାଦୀ ନୀତି ଯୋଗୁଁ ଅନେକ ଭାରତୀୟ ଅଞ୍ଚଳ ବ୍ରିଟିଶ୍ ସାମ୍ରାଜ୍ୟର ଏକ ଏକ ଅଂଶ ହୋଇଗଲା । ଏହି ନବ ଅଧିକୃତ ରାଜ୍ୟଗୁଡ଼ିକୁ ସମ୍ବିଧାନ ପରିସରଭୁକ୍ତ କରିବାର ଆବଶ୍ୟକତା ଅନୁଭବ କରାଗଲା । ପୁନଶ୍ଚ କ୍ଷମତାର ବିକେନ୍ଦ୍ରୀକରଣ କରିବା ନିମିତ୍ତ ଦାବି ହେଲା । ସାମ୍ରାଜ୍ୟବାଦୀମାନେ ଗୁରୁତ୍ୱ ଦେଇ କହିଲେ ଯେ ବ୍ରିଟିଶ୍ ସାମ୍ରାଜ୍ୟର ଶାସନ ଦାୟିତ୍ୱ ପୂରାପୂରି ବ୍ରିଟିଶ୍ ସରକାରଙ୍କ ହସ୍ତକୁ ଚାଲିଯାଉ । ଏହିପରି ବାତାବରଣରେ କମ୍ପାନୀର ସନନ୍ଦକୁ ନବୀକରଣ କରିବା ନିମିତ୍ତ ପାର୍ଲିଆମେଣ୍ଟ ଆହୂତ ହେଲା । ଏହି ସଂକ୍ରାନ୍ତରେ ପୂର୍ବରୁ ନିଯୁକ୍ତ ଦୁଇଟି କମିଟିର ରିପୋର୍ଟକୁ ଭିତ୍ତିକରି ୧୮୫୩ର ଚାର୍ଟର ଆଇନ ପାସ୍ ହୋଇଥିଲା ।

ଆଇନର ବିଭିନ୍ନ ଧାରା (Provisions of the Act)

ଏହି ଆଇନ ଦ୍ୱାରା ଭାରତୀୟ ଅଞ୍ଚଳରେ କମ୍ପାନୀର କ୍ଷମତା ନବୀକରଣ କରାଗଲା । ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନଥିଲା; ଯେଉଁ ପର୍ଯ୍ୟନ୍ତ କମ୍ପାନୀ ରାଜାଙ୍କ ପ୍ରତି ବିଶ୍ୱସ୍ତ ଥିବ ଓ ପାର୍ଲିଆମେଣ୍ଟ ଅନ୍ୟ କିଛି ବନ୍ଦୋବସ୍ତ କରି ନଥିବ, ସେ ପର୍ଯ୍ୟନ୍ତ କମ୍ପାନୀ ତାହାର କ୍ଷମତା ଉପଭୋଗ କରୁଥିବ ।

ନିୟନ୍ତ୍ରଣ ବୋର୍ଡ଼ର ସଦସ୍ୟ, ତାହାର ସଚିବ ଓ ଅନ୍ୟ କର୍ମଚାରୀମାନଙ୍କର ବେତନ ବ୍ରିଟିଶ୍ ସରକାର ନିର୍ଦ୍ଧାରଣ କଲେ ଏବଂ ଏହି ଅର୍ଥ କମ୍ପାନୀ ବହନ କଲା । ଡାଇରେକ୍ଟର

କୋର୍ଟର ସଦସ୍ୟ ସଂଖ୍ୟା ୨୪ରୁ ୧୮କୁ ହ୍ରାସ କରାଗଲା, ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ରାଜା ମନୋନୀତ କଲେ । ମୁକ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଗଲା । ପୂର୍ବରୁ ନିଯୁକ୍ତି ସଂକ୍ରାନ୍ତୀୟ କ୍ଷମତା ଡାଇରେକ୍ଟର କୋର୍ଟଙ୍କ ହସ୍ତରେ ଥିଲା । ନୂଆ ପ୍ରେସିଡ଼େନ୍‌ସି ଗଠନ କରିବା କିମ୍ବା ନବ ଅଧିକୃତ ଭାରତୀୟ ଅଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ପୂର୍ବରୁ ଥିବା ପ୍ରେସିଡ଼େନ୍‌ସିଗୁଡ଼ିକର ସୀମା ପରିବର୍ତ୍ତନ କରିବାର କ୍ଷମତା ଡାଇରେକ୍ଟର କୋର୍ଟଙ୍କୁ ଅର୍ପଣ କରାଗଲା । ଏହି ଧାରା ଅନୁଯାୟୀ ୧୮୫୯ରେ ପଞ୍ଜାବ ପାଇଁ ପୃଥକ୍ ଭାବରେ ଏକ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ପଦବୀ ସୃଷ୍ଟି ହେଲା । ଭାରତୀୟ ଆଇନ କମିଶନଙ୍କ ବିବରଣୀ ଓ ଚିଠା ପରୀକ୍ଷା କରିବାକୁ ଇଂଲଣ୍ଡରେ ଏକ ଆଇନ କମିଶନ ନିଯୁକ୍ତି ଦେବାପାଇଁ ରାଜାଙ୍କୁ କ୍ଷମତା ପ୍ରଦାନ କରାଗଲା ।

ଆଇନ ପ୍ରଣୟନ ଉଦ୍ଦେଶ୍ୟରେ ଅତିରିକ୍ତ ସଭ୍ୟ ରଖାଯାଇ ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକାର କାର୍ଯ୍ୟ ପୃଥକ୍ କରିବାକୁ ଅନ୍ୟ ଏକ ପଦକ୍ଷେପ ନିଆଗଲା । ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦର ଆଇନ ସଭ୍ୟ ଜଣେ ପୂର୍ଣ୍ଣ ସଭ୍ୟରୂପେ ବିବେଚିତ ହେଲେ । ଆଇନ୍ ପ୍ରଣୟନ କରିବା ସମୟରେ ଏହି ପରିଷଦରେ ଅତିରିକ୍ତ ଛ'ଜଣ ସଭ୍ୟ ଯୋଗଦେଲେ । ତାଙ୍କ ପରିଷଦ ପାଇଁ ଜଣେ ଉପସଭାପତିଙ୍କୁ ମନୋନୀତ କରିବାର କ୍ଷମତା ଗଭର୍ଣ୍ଣର-ଜେନେରାଲଙ୍କୁ ଅର୍ପଣ କରାଗଲା । ବ୍ୟବସ୍ଥାପକ ପରିଷଦ (Legislative Council) ଆଣିଥିବା ବିଲ୍ ଉପରେ ଭିଟୋ ପ୍ରୟୋଗ କରିବାର କ୍ଷମତା ଗଭର୍ଣ୍ଣର-ଜେନେରାଲଙ୍କ ହସ୍ତରେ ରହିଲା ।

ଆଇନର ସମୀକ୍ଷା

୧୮୫୩ ଚାର୍ଟର ଆଇନ ଭାରତ ସରକାରଙ୍କର ସଂସଦ ଗଠନ ଦିଗରେ ଭିତ୍ତିସ୍ଥାପନ କରିଥିଲା । ଲୋକମାନଙ୍କୁ ନିରବଚ୍ଛିନ୍ନ ଭାବରେ ନିଜ ଦେଶ ପାଇଁ ଆଇନ ପ୍ରଣୟନ କ୍ଷମତାରୁ ବଞ୍ଚିତ କରିବା ଥିଲା ଆଇନର ଏକ ବଡ଼ ତ୍ରୁଟି ।

୧୮୫୮ର ଭାରତ ଶାସନ ଆଇନ
(Government of India Act, 1858)

ପୂର୍ବରୁ ଜାରି ହୋଇଥିବା ଚାର୍ଟର ଆଇନଗୁଡ଼ିକ କମ୍ପାନୀର ଶାସନକୁ ଠିକ୍ ରୂପେ ନିୟନ୍ତ୍ରଣ ଓ ନିୟମିତ କରିପାରି ନଥିଲା । ୧୮୫୭ ମସିହାରେ ସଂଗଠିତ ହୋଇଥିଲା ମହାନ୍ ସିପାହୀ ବିଦ୍ରୋହ । ଗୋଟିଏ ବାଣିଜ୍ୟିକ କମ୍ପାନୀକୁ ଏକ ରାଜନୈତିକ ଶକ୍ତି ରୂପେ ଶାସନ କରିବାକୁ ଅଧିକାର ଦେବା ବିରୋଧରେ ବ୍ରିଟେନରେ ଇଂରେଜମାନେ ମତ ପ୍ରକାଶ କଲେ । ବ୍ରିଟିଶ୍ ସରକାର ଅନୁଭବ କଲେ ଯେ ଭାରତରେ କମ୍ପାନୀ ଦ୍ୱାରା ଶାସନ ପରିଚାଳିତ ନ ହୋଇ ବାସ୍ତବରେ ବ୍ରିଟିଶ୍ ରାଜାଙ୍କ ଦ୍ୱାରା ହେବା ଉଚିତ୍ । ଏହାକୁ ଦୃଷ୍ଟିରେ ରଖି ବ୍ରିଟେନର

ପ୍ରଧାନମନ୍ତ୍ରୀ ଲର୍ଡ଼ ପାମରଷ୍ଟୋନ ଭାରତରେ ଏକ ଉନ୍ନତ ଶାସନ ଚାଲୁ କରିବାକୁ ୧୮୫୮ ଫେବ୍ରୁଆରୀ ମାସରେ ହାଉସ ଅଫ୍ ଲର୍ଡ଼ସରେ ଏକ ବିଲ୍ ଆଣିଲେ । ତାଙ୍କ ମତରେ ଭାରତରେ କମ୍ପାନୀ ଶାସନର ବଡ଼ ତ୍ରୁଟି ହେଉଛି ତାହାର ଦାୟିତ୍ୱହୀନତା, ଏବଂ ଅନ୍ୟ ଏକ ତ୍ରୁଟି ତାହାର ଅଯୌକ୍ତିକ ଓ ଜଟିଳ ଦ୍ୱୈତ ଶାସନ । ପାମରଷ୍ଟୋନଙ୍କ ବିଲ୍ ପାର୍ଲିଆମେଣ୍ଟରେ ବହୁତ ତର୍କ ଓ ତର୍ଜମା ପରେ ୧୮୫୮ ମସିହା ଅଗଷ୍ଟ ଦୁଇ ତାରିଖରେ ରାଜାଙ୍କର ସ୍ୱାକ୍ଷର ବହନ କରି ଆଇନରେ ପରିଣତ ହେଲା ।

ଆଇନରେ ଘୋଷଣା କରାଗଲା ଯେ ଭାରତ ଇଂଲଣ୍ଡର ରାଣୀଙ୍କ ନାମରେ ଓ ରାଣୀଙ୍କ ଦ୍ୱାରା ହିଁ ଶାସିତ ହେବ । ଜଣେ ସ୍ୱତନ୍ତ୍ର ରାଜ୍ୟ ସଚିବ ନିଯୁକ୍ତ ହେବେ, ଯାହାଙ୍କୁ ଡାଇରେକ୍ଟର କୋର୍ଟ ଏବଂ ନିୟନ୍ତ୍ରଣ ବୋର୍ଡ଼ ଉପଭୋଗ କରୁଥିବା ସମସ୍ତ କ୍ଷମତା ଅର୍ପଣ କରାଯିବ । ତେଣୁ ନିୟନ୍ତ୍ରଣ ବୋର୍ଡ଼ ଓ ଡାଇରେକ୍ଟର କୋର୍ଟ ଭାଙ୍ଗିଦିଆଗଲା । ରାଜ୍ୟ ସଚିବ ହେବେ ବ୍ରିଟିଶ୍ ମନ୍ତ୍ରିମଣ୍ଡଳର ସଦସ୍ୟ; କିନ୍ତୁ ତାଙ୍କ ବେତନ ଓ ଭତ୍ତା ଭାରତର ରାଜସ୍ୱରୁ ବହନ କରାଯିବ । ଭାରତ ସରକାରଙ୍କ ଶାସନ ସମ୍ବନ୍ଧୀୟ ସମସ୍ତ ବ୍ୟାପାର ତତ୍ତ୍ୱାବଧାନ କରିବା, ନିୟନ୍ତ୍ରଣ କରିବା ଓ ନିର୍ଦ୍ଦେଶ ଦେବାର କ୍ଷମତା ତାଙ୍କଠାରେ ଅର୍ପଣ କରାଗଲା । ରାଜ୍ୟ ସଚିବଙ୍କୁ ୧୫ ଜଣ ସଦସ୍ୟବିଶିଷ୍ଟ ଏକ ଶାସନ ପରିଷଦ ସାହାଯ୍ୟ କରିବେ । ସେମାନଙ୍କ ମଧ୍ୟରୁ ୮ ଜଣ ରାଜ୍ୟ ସଚିବଙ୍କ ଶାସନ ପରିଷଦ ଦ୍ୱାରା ଓ ୭ ଜଣ ସଦସ୍ୟ ଡାଇରେକ୍ଟର କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହେବେ । ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିବା ପର୍ଯ୍ୟନ୍ତ ସଦସ୍ୟମାନେ ସେମାନଙ୍କ ପଦବୀରେ ରହିବେ, ଏବଂ ଯଦି ପାର୍ଲିଆମେଣ୍ଟର ଉଭୟ କକ୍ଷ ସେମାନଙ୍କ ବିରୁଦ୍ଧରେ ରାଜାଙ୍କ ପାଖରେ ପେଟିସନ ଦିଅନ୍ତି, ତେବେ ସେମାନେ କାର୍ଯ୍ୟରୁ ବହିଷ୍କୃତ ହେବେ । ପାର୍ଲିଆମେଣ୍ଟର ସଦସ୍ୟମାନେ ଭାରତ ଶାସନ ସମ୍ପର୍କୀୟ ଯେକୌଣସି ପ୍ରଶ୍ନ ରାଜ୍ୟ ସଚିବଙ୍କୁ ପଚାରି ପାରିବେ । ଏହିଠାରୁ ୧୭୮୪ରୁ ପ୍ରଚଳିତ ଦ୍ୱୈତ ଶାସନର ଉଚ୍ଛେଦ ଘଟିଲା ଏବଂ ବ୍ରିଟିଶ୍ ପାର୍ଲିଆମେଣ୍ଟ ଭାରତ ଶାସନ ନିୟନ୍ତ୍ରଣ କଲେ । ଗଭର୍ଣ୍ଣର-ଜେନେରାଲ ରାଜାଙ୍କ ପ୍ରତିନିଧି ଭାବରେ ଶାସନ କରିବେ ବୋଲି ତାଙ୍କୁ ଭାଇସରାୟ ନାମରେ ନାମିତ କରାଗଲା । ଭାଇସରାୟ ଓ ପ୍ରେସିଡେନ୍ସିଗୁଡ଼ିକର ଗଭର୍ଣ୍ଣରମାନେ ରାଜାଙ୍କ ଦ୍ୱାରା ନିଯୁକ୍ତି ପାଇଲେ । ମୁକ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାଦ୍ୱାରା ପ୍ରଶାସନିକ ଅଫିସରଗଣ ନିଯୁକ୍ତି ପାଇବାର ବ୍ୟବସ୍ଥା ହେଲା । ପାର୍ଲିଆମେଣ୍ଟର ଅନୁମୋଦନ ବିନା ଭାରତ ବାହାରେ ଘଟୁଥିବା କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ରାଜସ୍ୱରୁ ଅର୍ଥ ବ୍ୟୟ କରାଯିବ ନାହିଁ ବୋଲି କୁହାଗଲା ।

ଇଂଲଣ୍ଡର ରାଣୀ ଭିକ୍ଟୋରିଆ ଭାରତ ଶାସନ ସଂକ୍ରାନ୍ତୀୟ ସମସ୍ତ ଦାୟିତ୍ୱ ହସ୍ତକୁ ନେଲେ । ଏହି କଥା ମହାରାଣୀଙ୍କ ଘୋଷଣାପତ୍ର ଦ୍ୱାରା ଭାରତୀୟମାନଙ୍କୁ ଜଣାଇ ଦିଆଗଲା ।

୧୮୫୮ ମସିହା ନଭେମ୍ବର ୧ ତାରିଖ ଦିନ ମହାରାଣୀଙ୍କ ଭାଇସରାୟ ଲର୍ଡ଼ କ୍ୟାନିଂ ଆଲାହାବାଦଠାରେ ଗୋଟିଏ ଦରବାର ଅନୁଷ୍ଠିତ କରି ସେହି ଘୋଷଣାପତ୍ର ପାଠ କରିଥିଲେ । ଏହାଦ୍ୱାରା ଦେଶୀୟ ରାଜାମାନଙ୍କୁ ଜଣାଇ ଦିଆଗଲା ଯେ ସେମାନଙ୍କ ସହିତ କମ୍ପାନୀ ଯେଉଁ ସନ୍ଧି ଓ ଚୁକ୍ତି ସ୍ୱାକ୍ଷର କରିଥିଲା, ସେଗୁଡ଼ିକ କାଏମ ରହିବ । ଭାରତୀୟ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ । ଫଳରେ ରାଜ୍ୟସ୍ୱତ୍ୱ ଲୋପନୀତି ଉଚ୍ଛେଦ କରାଗଲା । ଭାରତୀୟମାନେ ସ୍ୱାଧୀନ ଭାବରେ ସେମାନଙ୍କ ଧର୍ମ ଅଭ୍ୟାସ କରିବେ । ସେମାନଙ୍କ ପରମ୍ପରା, ଅଧିକାର ଓ ନୀତିନିୟମକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଯିବ । ଘୋଷଣାପତ୍ରରେ କୁହାଗଲା ଯେ ଶିକ୍ଷା, ଦକ୍ଷତା ଓ ସାଧୁତା ଥିବା କୌଣସି ଭାରତୀୟ ଚାକିରି ପାଇବା ପାଇଁ ଯୋଗ୍ୟ ହେବେ ।

କନିଙ୍ଗହାମ୍ କହିଛନ୍ତି, ରାଜାଙ୍କ ଦ୍ୱାରା ଭାରତର ଶାସନ ଥିଲା ଆନୁଷ୍ଠାନିକ, ବାସ୍ତବ ପରିବର୍ତ୍ତନ ନୁହେଁ । ୧୮୫୮ର ବହୁ ପୂର୍ବରୁ ଏକ ରାଜନୈତିକ ଶକ୍ତି ରୂପେ କମ୍ପାନୀର ମୃତ୍ୟୁ ଘଟିଥିଲା, ତଥାପି ତାହାର ଚର୍ମ ସାଇତି ରଖାଯାଇଥିଲା ଯେପରି ଏହା ଥିଲା ଜୀବନ୍ତ । ଜି. ଏନ୍. ସିଂହଙ୍କ ଭାଷାରେ, ୧୮୫୮ର ଆଇନ ଥିଲା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ, ଏହା ଶେଷ କରିଥିଲା ଭାରତ ଇତିହାସର ଏ ବିଖ୍ୟାତ ଯୁଗ, ଏବଂ ପ୍ରବର୍ତ୍ତନ କରିଥିଲା ଅନ୍ୟ ଏକ ଶ୍ରେଷ୍ଠ ଯୁଗର- ରାଜାଙ୍କର ପ୍ରତ୍ୟକ୍ଷ ଶାସନ । ୧୬୦୦ ଖ୍ରୀଷ୍ଟାବ୍ଦରେ ଜନ୍ମ ନେଇଥିବା କମ୍ପାନୀର ମୃତ୍ୟୁ ଘଣ୍ଟି ଏହା ନାଦ କରିଥିଲା ।

ଭାରତୀୟ ସଂସଦ ଆଇନ, ୧୮୬୧
(Indian Council Act, 1861)

୧୮୫୭ ମସିହା ବିଦ୍ରୋହରେ ସରକାରଙ୍କ ଚକ୍ଷୁ ଖୋଲିଯାଇଥିଲା । ବ୍ରିଟିଶ୍ ସରକାର ଅନୁଭବ କଲେ ଯେ ଭାରତକୁ ଶାସନ କରିବାକୁ ହେଲେ ଭାରତୀୟମାନଙ୍କ ସହଯୋଗ ଏକାନ୍ତ କାମ୍ୟ । ଗଭର୍ଣ୍ଣର-ଜେନେରାଲଙ୍କ ଶାସନ ପରିଷଦ ଠିକ୍ ରୂପେ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଥିଲା । ପରିଷଦଟି ସରକାରୀ ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିଲା, ଯେଉଁମାନେ ଭାରତୀୟମାନଙ୍କ ପ୍ରତି ସହାନୁଭୂତିଶୀଳ ନଥିଲେ । ସାରାଦେଶରେ ଆଇନର ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ଆଇନ ପ୍ରଣୟନ କ୍ଷମତା କେନ୍ଦ୍ରୀକରଣ କରାଯାଇଥିଲେ ହେଁ ଏହି ବ୍ୟବସ୍ଥା ତ୍ରୁଟିଶୂନ୍ୟ ନଥିଲା । ଅଧିକନ୍ତୁ ଶାସନ ପରିଷଦର ସଭ୍ୟମାନଙ୍କର ସ୍ୱାଧୀନ ମନୋଭାବ ଉଭୟ ଗଭର୍ଣ୍ଣର-ଜେନେରାଲ ଓ ନିୟନ୍ତ୍ରଣ ବୋର୍ଡ଼ ପାଇଁ ଅସୁବିଧା ସୃଷ୍ଟି କରିଥିଲା । ଏହି ପରିପ୍ରେକ୍ଷୀରେ ଲର୍ଡ଼ କ୍ୟାନିଂଙ୍କର ଅନୁମୋଦନକ୍ରମେ ଏକ ବିଲ୍ ପ୍ରସ୍ତୁତ ହେଲା, ବିଲ୍‌ଟିକୁ ଚାର୍ଲସ ଉଡ୍ ୧୮୬୧ ମସିହା ଜୁନ୍ ୬ ତାରିଖରେ ହାଉସ୍ ଅଫ୍ କମନ୍ସରେ ଆଗତ କଲେ, ଏବଂ ଏହା ୧୮୬୧ ଅଗଷ୍ଟ ୧ ତାରିଖରେ ସମ୍ରାଟଙ୍କ ସ୍ୱାକ୍ଷର ଲାଭ କଲା ।

୧୮୬୧ ଆଇନର ବିଭିନ୍ନ ଧାରା

ଏହି ଆଇନ ଦ୍ୱାରା ପ୍ରଥମେ ଭାଇସରାୟଙ୍କ ଶାସନ ପରିଷଦରେ ଜଣେ ପଞ୍ଚମ ସଭ୍ୟ ଯୋଗଦାନ ଦେବାର ବ୍ୟବସ୍ଥା ରହିଲା । ତାଙ୍କ ଶାସନ ପରିଷଦର କାର୍ଯ୍ୟ ସୂଚାରୁ ରୂପେ ଚଳାଇବା ପାଇଁ ଭାଇସରାୟଙ୍କ କ୍ଷମତା ବୃଦ୍ଧି ହେଲା । ଏହି କ୍ଷମତା ବଳରେ ଲର୍ଡ଼ କ୍ୟାନିଂ ଭାରତ ଶାସନରେ ବିଭାଗ ବଣ୍ଟନ କରିବାର ପଦ୍ଧତି ପ୍ରଚଳନ କଲେ । ଏହିଠାରୁ ଭାରତରେ କ୍ୟାବିନେଟ ଶାସନର ଶୁଭାରମ୍ଭ ହେଲା; ପ୍ରତି ବିଭାଗର ମୁଖ୍ୟରୂପେ ଅବସ୍ଥାପିତ ସଦସ୍ୟମାନେ ନିଜ ନିଜ ବିଭାଗର ଶାସନ ଓ ତା'ର ସୁରକ୍ଷା ପାଇଁ ଦାୟୀ ରହିଲେ । ଶାସନର ନିତିଦିନିଆ କାର୍ଯ୍ୟ ବିଭାଗୀୟ ସଦସ୍ୟ ତୁଲାଉଥିଲେ; କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଫଏସଲା କରିବା ସମୟରେ ତାହାଙ୍କୁ ଭାଇସ୍‌ରାୟଙ୍କ ସହିତ ପରାମର୍ଶ କରିବାକୁ ପଡୁଥିଲା ।

ଆଇନ ପ୍ରଣୟନ କାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ ଶାସନ ପରିଷଦର ସଦସ୍ୟ ସଂଖ୍ୟା ବୃଦ୍ଧି କରିବାର ବ୍ୟବସ୍ଥା ହେଲା । ଶାସନ ପରିଷଦର ସଦସ୍ୟମାନଙ୍କ ବ୍ୟତୀତ ୬ରୁ ୧୨ ଜଣ ଅତିରିକ୍ତ ସଦସ୍ୟ ରହିବାର ଠିକ୍ ହେଲା । ଅତିରିକ୍ତ ସଦସ୍ୟମାନଙ୍କୁ ଭାଇସ୍‌ରାୟ ମନୋନୀତ କରିବେ, ଏବଂ ସେମାନଙ୍କ କାର୍ଯ୍ୟକାଳ ହେବ ଦୁଇବର୍ଷ । ଏହି ଅତିରିକ୍ତ ସଦସ୍ୟମାନଙ୍କ ମଧ୍ୟରୁ ଅତିକମ୍‌ରେ ଅଧେ ବେସରକାରୀ ସଦସ୍ୟ ହେବେ । ସେମାନଙ୍କ ମଧ୍ୟରୁ କୌଣସି ଭାରତୀୟ ସଦସ୍ୟ ରହିବାର ବିଧିବଦ୍ଧ ବ୍ୟବସ୍ଥା ନଥିଲେ ମଧ୍ୟ ବେସରକାରୀ ସଦସ୍ୟ ରୂପେ ଉଚ୍ଚ ଶ୍ରେଣୀର ଭାରତୀୟଙ୍କୁ ମନୋନୀତ କରାଯାଉଥିଲା ।

ଏହିପରି କେନ୍ଦ୍ରୀୟ ବ୍ୟବସ୍ଥାପକ ପରିଷଦ ସୃଷ୍ଟି ହେଲା, ଯାହାର କାର୍ଯ୍ୟ ଆଇନ ପ୍ରଣୟନ କରିବା କ୍ଷେତ୍ରରେ ଥିଲା ଖୁବ୍ ସୀମିତ । ଶାସନ ଓ ଅର୍ଥ ସମ୍ବନ୍ଧୀୟ ବ୍ୟାପାର ନିୟନ୍ତ୍ରଣ କରିବା କ୍ଷମତା ବ୍ୟବସ୍ଥାପକ ପରିଷଦକୁ ପ୍ରଦାନ କରାଗଲା ନାହିଁ ।

୧୮୬୧, ଆଇନ ଦ୍ୱାରା ପ୍ରାଦେଶିକ ଶାସନ ପରିଷଦର ସଦସ୍ୟସଂଖ୍ୟା ୪ରୁ ୮କୁ ବୃଦ୍ଧି କରାଗଲା । ପ୍ରାଦେଶିକ ପରିଷଦ ଦ୍ୱାରା ପ୍ରଣୀତ କୌଣସି ଆଇନ୍ ଭାଇସ୍‌ରାୟଙ୍କ ଅନୁମୋଦନ ବିନା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କୁହାଗଲା । ଜରୁରୀକାଳୀନ ପରିସ୍ଥିତିରେ ବ୍ୟବସ୍ଥାପକ ପରିଷଦର ଅନୁମୋଦନ ବିନା ଭାଇସରାୟ ଅଧ୍ୟାଦେଶ ଜାରି କରିପାରିବେ, ଯାହା ୬ ମାସ ପାଇଁ କାର୍ଯ୍ୟ କରିବ ।

ଆଇନର ସମୀକ୍ଷା

ଯଦିଚ ୧୮୬୧ ସଂସଦୀୟ ଆଇନ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା, ତଥାପି ତାହା ଭାରତୀୟମାନଙ୍କର ଜାତୀୟ ଆକାଂକ୍ଷାକୁ ଖୁସି କରି ପାରିନଥିଲା । ବାସ୍ତବରେ ଏହି ଆଇନଦ୍ୱାରା ବ୍ୟବସ୍ଥାପକ ପରିଷଦ ସୃଷ୍ଟି ହୋଇନଥିଲା । ବ୍ୟବସ୍ଥାପକ ପରିଷଦଗୁଡ଼ିକ

ଆଇନ ପ୍ରଣୟନ କରିବାରେ ଶାସନ ପରିଷଦକୁ ସାମାନ୍ୟ କମିଟି ପରି ସାହାଯ୍ୟ କରୁଥିଲା । ଶାସନରେ ବାଧା ଉପୁଜାଇବା ନିମିତ୍ତ ସେଗୁଡ଼ିକୁ କ୍ଷମତା ଅର୍ପଣ କରାଗଲା ନାହିଁ । ଇଂଲଣ୍ଡ ପରି ୧୮୬୧ ଆଇନ ପ୍ରତିନିଧିମୂଳକ ଶାସନରେ ଉନ୍ନତି ଆଣିବାକୁ ଅକ୍ଷମ ଥିଲା । ବେସରକାରୀ ସଦସ୍ୟମାନେ ଆଇନ ପ୍ରଣୟନ ଦିଗରେ କୌଣସି ଆଗ୍ରହ ଦେଖାଉ ନଥିଲେ । ଜି. ଏନ୍. ସିଂହ କହିଛନ୍ତି, "ଭାରତର ସାମ୍ବିଧାନିକ ଇତିହାସରେ ଏହି ଆଇନ ଦୁଇଗୋଟି କାରଣ ଯୋଗୁଁ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ, ଏହି ଆଇନ ଦ୍ୱାରା ଗଭର୍ଣ୍ଣର-ଜେନେରାଲ ଆଇନ ପ୍ରଣୟନ କ୍ଷେତ୍ରରେ ଭାରତୀୟମାନଙ୍କୁ ସଂଯୁକ୍ତ କଲେ । ଦ୍ୱିତୀୟତଃ, ବମ୍ବେ ଓ ମାଡ୍ରାସ ସରକାରଙ୍କଠାରେ ଆଇନ ପ୍ରଣୟନ କରିବାର କ୍ଷମତା ଅର୍ପଣ କରାଗଲା । ଏହା ବ୍ୟବସ୍ଥାପକ କ୍ଷମତା ପ୍ରଦାନ ନୀତିର ପୃଷ୍ଠଭୂମି ଗଢ଼ିଥିଲା, ଯାହା ୧୯୩୫ ଭାରତ ସରକାରଙ୍କ ଆଇନରେ ପ୍ରଦେଶଗୁଡ଼ିକୁ ପୂର୍ଣ୍ଣ ସ୍ୱାଧୀନତା ଦେବାରେ ଫଳପ୍ରଦ ହେଲା ।"

ଭାରତୀୟ ସଂସଦ ଆଇନ, ୧୮୯୨
(The Indian Council Act, 1892)

୧୮୬୧ ର ସଂସଦୀୟ ଆଇନ ଭାରତୀୟମାନଙ୍କର ଆକାଂକ୍ଷା ପୂରଣ ଦିଗରେ ସହାୟକ ହୋଇନଥିଲା । ବଡ଼ ବଡ଼ ଜମିଦାର, ଅବସରପ୍ରାପ୍ତ ଉଚ୍ଚ କର୍ମଚାରୀ କିମ୍ବା ଭାରତୀୟ ରାଜାମାନଙ୍କୁ ବେସାମରିକ ସଦସ୍ୟରୂପେ ଅବସ୍ଥାପିତ କରାଗଲା । ସେମାନେ ସାଧାରଣ ଜନତାଙ୍କ ସମସ୍ୟାଗୁଡ଼ିକ ବୁଝିପାରୁ ନଥିଲେ । ଭାରତରେ ଜାତୀୟତାବାଦର ଅଭିବୃଦ୍ଧି ଘଟିଲା । ବ୍ରିଟିଶ୍ ସରକାର ଅନୁଭବ କଲେ ଯେ ବ୍ରିଟିଶ୍ ଶାସନର ସ୍ୱାର୍ଥରକ୍ଷା ପାଇଁ ଭାରତୀୟ ଜାତୀୟତା ଅନୁକୂଳ ନୁହେଁ । ୧୮୫୭ ପରେ ଉଚ୍ଚଶିକ୍ଷାର ପ୍ରଗତି ଘଟିଲା; ଇଂରାଜୀ ଭାଷା ପ୍ରଚଳନ ଶିକ୍ଷିତ ଭାରତୀୟମାନଙ୍କୁ ପାରସ୍ପରିକ ନିକଟତର କଲା । ୧୮୫୭ ବିଦ୍ରୋହକୁ ଯେପରି ଅମାନୁଷିକ ଭାବରେ ଦମନ କରାଗଲା, ଏହା ଇଂରେଜମାନଙ୍କ ପ୍ରତି ଭାରତୀୟମାନଙ୍କର ଘୃଣାଭାବ ସଂଚାରଣ କଲା । ସାଧାରଣତଃ ଉଚ୍ଚ ପ୍ରଶାସନିକ କର୍ମଚାରୀମାନେ ଏତେ ଗର୍ବୀ ଓ ଉଦ୍ଧତ ଥିଲେ ଯେ ସେମାନେ ନିଜକୁ ଲୋକମାନଙ୍କଠାରୁ ଯଥେଷ୍ଟ ବ୍ୟବଧାନରେ ରଖୁଥିଲେ । ୧୮୭୮ର ସ୍ୱଦେଶୀ ସମ୍ବାଦପତ୍ର ଆଇନ, ଏବଂ ଭାରତୀୟ ଅସ୍ତ୍ରଶସ୍ତ୍ର ଆଇନ ଭାରତୀୟମାନଙ୍କୁ ଉତ୍ତ୍ୟକ୍ତ କରିଥିଲା । ଶତକଡ଼ା ୫ ଭାଗ କାର୍ପାସ ଶୁଳ୍କ ଉଚ୍ଛେଦ ନିମିତ୍ତ ଭାରତ ସରକାର ଓ ବ୍ରିଟିଶ୍ ସରକାରଙ୍କ ମଧ୍ୟରେ ଉପୁଜିଥିବା ବାଦାନୁବାଦ ଭାରତୀୟମାନଙ୍କ ଚକ୍ଷୁ ଉନ୍ମୋଚନ କଲା । ଇଲବର୍ଟ ବିଲ୍ ବିବାଦ ଚେତାଇ ଦେଲା ଯେ ଇଂରେଜମାନଙ୍କଠାରୁ କିଛି ନ୍ୟାୟ ଆଶା କରାଯାଇନପାରେ । ୧୮୮୫ରେ ଗଠିତ ଭାରତୀୟ ଜାତୀୟ କଂଗ୍ରେସ ଶାସନଗତ ସଂସ୍କାର ପାଇଁ ଦାବି ଉପସ୍ଥାପିତ କଲେ । କଂଗ୍ରେସ ଦଳ ଚାହିଁଲା କେନ୍ଦ୍ରୀୟ ଓ ପ୍ରାଦେଶିକ ବିଧାନ ପରିଷଦଗୁଡ଼ିକରେ ସଦସ୍ୟ

ସଂଖ୍ୟା ଓ ସେଗୁଡ଼ିକରେ କାର୍ଯ୍ୟକଳାପ ବୃଦ୍ଧି । ଏହାକୁ ଦୃଷ୍ଟିରେ ରଖି ଲର୍ଡ଼ ଡଫରିନ୍ ପରିଷଦଗୁଡ଼ିକର ଗଠନର ସଂସ୍କାର ପାଇଁ ପରାମର୍ଶ ଦେବାକୁ ଏକ କମିଟି ନିଯୁକ୍ତ କଲେ । ୧୮୯୧ ଜାନୁଆରୀ ୨୬ ତାରିଖରେ ହାଉସ୍ ଅଫ୍ କମନ୍ସରେ ଏକ ବିଲ୍ ଅଣାଗଲା, ଏବଂ ଏହାକୁ ଉଭୟ ହାଉସ୍ ଅଫ୍ କମନ୍ସ ଓ ହାଉସ୍ ଅଫ୍ ଲର୍ଡ଼ସ ଅନୁମୋଦନ କଲେ । ଏହା ୧୮୯୨, ଜୁନ ମାସ ୨୯ ତାରିଖରେ ରାଜାଙ୍କର ସ୍ୱାକ୍ଷର ଲାଭ କରି ଆଇନରେ ପରିଣତ ହେଲା ।

ଆଇନର ବିଭିନ୍ନ ଧାରା

୧୮୯୨, ସଂସଦୀୟ ଆଇନ କେବଳ ଭାରତରେ ଥିବା ବିଧାନ ପରିଷଦଗୁଡ଼ିକର କ୍ଷମତା, କାର୍ଯ୍ୟ ଓ ଗଠନ ସମ୍ପର୍କୀୟ ଥିଲା । ଉକ୍ତ ଆଇନଦ୍ୱାରା କେନ୍ଦ୍ରୀୟ ଓ ପ୍ରାଦେଶିକ ପରିଷଦଗୁଡ଼ିକର ଅତିରିକ୍ତ ସଦସ୍ୟ ସଂଖ୍ୟା ବୃଦ୍ଧି କରାଗଲା । କେନ୍ଦ୍ରୀୟ ବିଧାନ ପରିଷଦରେ ଖୁବ୍ କମ୍‌ରେ ୧୦ ଓ ସର୍ବାଧିକ ୧୬ ଜଣ ସଦସ୍ୟ ରହିପାରିବାର ବ୍ୟବସ୍ଥା ହେଲା । ଅତିରିକ୍ତ ସଭ୍ୟମାନଙ୍କୁ ମନୋନୀତ କରିବା ସଂକ୍ରାନ୍ତରେ ନିୟମାବଳୀ ପ୍ରସ୍ତୁତ କରିବାର ଦାୟିତ୍ୱ ଗଭର୍ଣ୍ଣର-ଜେନେରାଲଙ୍କ ହସ୍ତରେ ନ୍ୟସ୍ତ କରାଗଲା । ଅବଶ୍ୟ ଏପରି ସଦସ୍ୟ ସଂଖ୍ୟା ବୃଦ୍ଧି ଥିଲା "ଖୁବ୍ ସାମାନ୍ୟ ଓ ତୁଚ୍ଛ" । ସ୍ଥିର ହେଲା, ପରିଷଦର ମୋଟ ସଭ୍ୟସଂଖ୍ୟାର ଦୁଇ-ପଞ୍ଚମାଂଶ ହେବେ ବେସରକାରୀ ସଦସ୍ୟ; ସେମାନେ ହେବେ ଉଭୟ ମନୋନୀତ ଓ ନିର୍ବାଚିତ ।

ଏହି ଆଇନ ପ୍ରାଦେଶିକ ବିଧାନ ପରିଷଦର ସଭ୍ୟସଂଖ୍ୟା ବୃଦ୍ଧି କରିଥିଲା । ବମ୍ବେ ଓ ମାଡ୍ରାସ ପ୍ରେସିଡ଼େନ୍ସିରେ ସର୍ବନିମ୍ନ ୮ ଜଣ ଏବଂ ସର୍ବାଧିକ ୨୦ ଜଣ ଅତିରିକ୍ତ ସଦସ୍ୟ ରହିବାର ବ୍ୟବସ୍ଥା କରାଗଲା । ସ୍ଥିର ହେଲା, ବଙ୍ଗଳାରେ ସର୍ବାଧିକ ୨୦ ଜଣ ସଦସ୍ୟ ଏବଂ ଉତ୍ତର-ପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟାରେ ସର୍ବାଧିକ ୧୫ ଜଣ ସଦସ୍ୟ ରହିପାରିବେ । ପରିଷଦର ସଦସ୍ୟମାନେ ସରକାରଙ୍କ ନୀତି ଉପରେ ଆଲୋଚନା କରିପାରିବେ ଓ ପ୍ରଶ୍ନ ପଚାରିପାରିବେ; କିନ୍ତୁ ସେଥିପାଇଁ ସେମାନଙ୍କୁ ୬ ଦିନ ପୂର୍ବରୁ ବିଜ୍ଞପ୍ତି ଦେବାକୁ ହେବ । କୌଣସି କାରଣ ନ ଦର୍ଶାଇ ସେମାନଙ୍କ ପ୍ରଶ୍ନଗୁଡ଼ିକ ମଧ୍ୟ ଗ୍ରହଣ କରାଯାଇ ନପାରେ । ପରିଷଦର ସଦସ୍ୟମାନେ ଆୟବ୍ୟୟ ଅଟକଳ ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇପାରିବେ ନାହିଁ; ମାତ୍ର ସେମାନେ ସରକାରଙ୍କ ଜନସ୍ୱାର୍ଥ ସମ୍ବନ୍ଧିତ ଯେ କୌଣସି ପ୍ରଶ୍ନ ପଚାରିପାରିବେ ।

ଆଇନର ସମୀକ୍ଷା (Assessment of the Act)

୧୮୯୨ ଆଇନ ଦ୍ୱାରା ବିଧାନ ପରିଷଦଗୁଡ଼ିକର କାର୍ଯ୍ୟ ବ୍ୟାପକ ହେଲା । ଏଗୁଡ଼ିକର ସଦସ୍ୟମାନେ ପ୍ରଶ୍ନ ପଚାରିବା ଓ ପ୍ରଶାସନଠାରୁ ଆକାଂକ୍ଷିତ ତଥ୍ୟ ପାଇବାର ଅଧିକାର ପାଇଥିଲେ । ଚଳନ୍ତି ବର୍ଷର ବିତ୍ତୀୟ ହିସାବ ଓ ଆଗାମୀ ବର୍ଷର ବଜେଟ ପରିଷଦଗୁଡ଼ିକରେ

ଉପସ୍ଥାପନ କରାଯାଉଥିଲା । ବଜେଟକୁ ଅନୁଧ୍ୟାନ କରି ରାଜସ୍ୱ ଖର୍ଚ୍ଚ, ହ୍ରାସ କିମ୍ବା ବୃଦ୍ଧି କରିବା ପାଇଁ ପରାମର୍ଶ ଦେବାକୁ ସଦସ୍ୟମାନଙ୍କୁ ଅନୁମତି ଦିଆଯାଉଥିଲା । ପରିଷଦଗୁଡ଼ିକରେ କାର୍ଯ୍ୟ ବୃଦ୍ଧି ହେବାରୁ ଏଗୁଡ଼ିକ ପ୍ରତି ବଡ଼ ବଡ଼ ଲୋକମାନେ ଆକୃଷ୍ଟ ହେଲେ । ସେମାନଙ୍କର ବାଗ୍ମିତା ଓ ରାଜନୀତିକ ବିଜ୍ଞତା ଶିକ୍ଷିତ ଭାରତୀୟମାନଙ୍କର ସଂସଦୀୟ ଦକ୍ଷତା ଓ ଦେଶପ୍ରେମ ଭାବକୁ ଉଦ୍ଭୂତ କରିଥିଲା । ୧୮୯୨ ଆଇନରେ ସ୍ୱୀକୃତ ନିର୍ବାଚନ ପଦ୍ଧତି ଥିଲା ସାଂବିଧାନିକ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅବଶ୍ୟ ୧୮୯୨ ଆଇନରେ କେତେକ ତ୍ରୁଟି ରହିଗଲା । ଜାତୀୟବାଦୀ ଭାରତୀୟମାନଙ୍କୁ ଏହି ଆଇନ ସନ୍ତୁଷ୍ଟ କରିପାରି ନଥିଲା । ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଏହି ଆଇନ ସମାଲୋଚିତ ହେଲା । ସମାଲୋଚକମାନେ ମତ ଦିଅନ୍ତି ଯେ ଏହି ଆଇନଦ୍ୱାରା ସ୍ୱୀକୃତ ନିର୍ବାଚନ ପଦ୍ଧତି ନାମକୁ ମାତ୍ର ଥିଲା, ତାହାର ନିୟମଗୁଡ଼ିକ ଥିଲା ଅସନ୍ତୋଷଜନକ ।

ବିଧାନ ପରିଷଦର ସଦସ୍ୟମାନେ ଅତିରିକ୍ତ ପ୍ରଶ୍ନ ପଚାରି ପାରୁନଥିଲେ; ସେମାନଙ୍କର ଯେ କୌଣସି ପ୍ରଶ୍ନକୁ ଅଗ୍ରାହ୍ୟ କରି ଦିଆଯାଉଥିଲା । ପରିଷଦରେ ବଜେଟକୁ ପର୍ଯ୍ୟାପ୍ତ ଭାବରେ ନିୟନ୍ତ୍ରଣ କରାଯାଇ ପାରୁନଥିଲା ।

ପୁନଶ୍ଚ କେତୋଟି ନିର୍ଦ୍ଦିଷ୍ଟ ଶ୍ରେଣୀ ସମ୍ପୂର୍ଣ୍ଣ ରୂପେ ପ୍ରତିନିଧିତ୍ୱ ହେଲାବେଳେ ଅନ୍ୟଗୁଡ଼ିକ ଆଦୌ ପ୍ରତିନିଧିତ୍ୱ ଲାଭ କରୁନଥିଲେ । ବମ୍ବେଠାରେ ୬ଟି ଆସନ ମଧ୍ୟରୁ ୨ଟି ଇଉରୋପୀୟ ବଣିକମାନଙ୍କୁ ଦିଆଯାଉଥିବା ସ୍ଥଳେ ଭାରତୀୟ ବଣିକଗୋଷ୍ଠୀଙ୍କୁ କିଛି ଆସନ ଦିଆଯାଉ ନଥିଲା । ସେହିପରି ସିନ୍ଧୁକୁ ଦୁଇଟି ଆସନ ଦିଆଯାଉଥିବା ବେଳେ ପୁନା ଓ ସାତାରାକୁ ଗୋଟିଏ ସୁଦ୍ଧା ଆସନ ପ୍ରଦାନ କରାଯାଇ ନଥିଲା । ଗୋଖଲେ କହିଛନ୍ତି, ''ଆଇନର ପ୍ରକୃତ କାର୍ଯ୍ୟ ତାହାର ଶୂନ୍ୟତାରେ ପ୍ରକଟିତ ହେଉଥିଲା ।'' ୧୮୯୨ ଆଇନ୍‌କୁ ସମାଲୋଚନା କରି ଗୋଖଲେ ମଧ୍ୟ କହିଛନ୍ତି, ଅବଶ୍ୟ ୧୮୯୨ ଆଇନର ଲକ୍ଷ୍ୟ ଅକାମୀ କରିବାକୁ ନିୟମଗୁଡ଼ିକ ଜାଣିଶୁଣି ପ୍ରସ୍ତୁତ କରାଯାଇନଥିଲା; କିନ୍ତୁ ଆଇନର ଲକ୍ଷ୍ୟ ଭଣ୍ଡୁର କରିବା ପାଇଁ ଯଦି ଚିଠା ପ୍ରଣୟନ କରିଥିବା ଉଚ୍ଚ କର୍ମକର୍ତ୍ତାମାନଙ୍କୁ କୁହାଯାଇଥା'ନ୍ତା, ତେବେ ମଧ୍ୟ ସେମାନେ ଏହାଠାରୁ ଅଧିକ କିଛି କରିପାରି ନଥା'ନ୍ତେ ।

୧୮୯୨ ଆଇନ ମଧ୍ୟ କଂଗ୍ରେସର ଦାବି ପୂରଣ ଦିଗରେ ବିଶେଷ ସହାୟକ ହୋଇନଥିଲା; କିନ୍ତୁ ଏହା ନିଃସନ୍ଦେହ ଭାବରେ ଥିଲା ଖୁବ୍ ଅଗ୍ରଣୀ । ସାମ୍ବିଧାନିକ ବିକାଶ ପାଇଁ ୧୮୯୨ ଆଇନ୍ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କର୍ଜନ କହିଛନ୍ତି, ''ଏହି ବିଲ୍‌ଟି, ସମ୍ଭବତଃ, ଏକ ବିଖ୍ୟାତ ପଦକ୍ଷେପ ନଥିଲା; କିନ୍ତୁ ଏହା ଚିହ୍ନିତ କରେ ଏକ ନିଷ୍ପତ୍ତିମୂଳକ ପଦକ୍ଷେପ, ଏବଂ ଏକ ଆଗୁଆ ପଦକ୍ଷେପ ।''

ମର୍ଲେ-ମିଣ୍ଟୋ ଶାସନ ସଂସ୍କାର-୧୯୦୯
(Morley-Minto Reforms-1909)

କର୍ଜନଙ୍କ ଉତ୍ତରାଧିକାରୀ ମିଣ୍ଟୋଙ୍କ ନୀତି ଥିଲା ବିଭାଜନ ଓ ବଶୀକରଣ । ଲର୍ଡ଼ ମିଣ୍ଟୋ ବ୍ରିଟିଶ୍ ଶାସନର ସ୍ୱାର୍ଥ ପାଇଁ ହିନ୍ଦୁ ଓ ମୁସଲମାନ୍‌ଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ପ୍ରୟାସ କରୁଥିଲେ, ଫଳରେ ୧୯୦୬ ଖ୍ରୀଷ୍ଟାବ୍ଦରେ ହେଲା ମୁସ୍‌ଲିମ୍‌ଲିଗ୍‌ର ସୃଷ୍ଟି । ସେତେବେଳେ ସନ୍ତ୍ରାସବାଦୀମାନଙ୍କ ହିଂସାକାଣ୍ଡକୁ ସରକାର ନିଷ୍ଠୁର ଭାବରେ ଦମନ କରୁଥିଲେ । ମିଣ୍ଟୋଙ୍କର ଏହି ଦମନମୂଳକ ନୀତି ଯୋଗୁଁ ଭାରତ ସଚିବ ମର୍ଲେ ଅସନ୍ତୁଷ୍ଟ ଥିଲେ । ତାଙ୍କର ଧାରଣା ହେଲା, କଂଗ୍ରେସରେ ଥିବା ଉଦାରପନ୍ଥୀମାନଙ୍କୁ ସନ୍ତୁଷ୍ଟ କରିପାରିଲେ ଆନ୍ଦୋଳନ ବନ୍ଦ ହୋଇଯିବ, ସେଥିପାଇଁ ଏକ ଶାସନ ସଂସ୍କାର ଆଣିବାକୁ ମିଣ୍ଟୋଙ୍କ ସହିତ ସେ କଥାବାର୍ତ୍ତା ଚଳାଇଲେ ।

ଭାରତରେ ସାମ୍ବିଧାନିକ ସଂସ୍କାର ଆଣିବାକୁ ପ୍ରଥମେ ମର୍ଲେ ପଦକ୍ଷେପ ନେଇଥିଲେ ମଧ୍ୟ ମିଣ୍ଟୋ ତାଙ୍କୁ ଦାୟିତ୍ୱ ଦେବାକୁ ପ୍ରାର୍ଥନା କରିଥିଲେ । ତାଙ୍କର ଭିତିରି ଉଦ୍ଦେଶ୍ୟ ଥିଲା, ଶାସନ ସଂସ୍କାର ନାମରେ ମୁସଲିମ୍‌ମାନଙ୍କର ରାଜନୈତିକ ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ ରଖି ସେମାନଙ୍କୁ ହିନ୍ଦୁବିରୋଧୀ ଦଳ ରୂପେ ଛିଡ଼ା କରାଇବା । ୧୯୦୮, ଡିସେମ୍ବର ମାସରେ ମର୍ଲେ ଘୋଷଣା କଲେ ଯେ ଗ୍ରେଟବ୍ରିଟେନ ଓ ଭାରତ ସମ୍ପର୍କକୁ ନେଇ ଇତିହାସରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍କାରର ଏକ ଅଧ୍ୟାୟ ଉନ୍ମୋଚିତ ହେଉଛି । ଜାତୀୟ କଂଗ୍ରେସକୁ ସନ୍ତୁଷ୍ଟ ରଖିବାକୁ ମିଣ୍ଟୋଙ୍କ ସହିତ ପରାମର୍ଶ କରି ସେ ଏକ ନୂତନ ଶାସନ ଖସଡ଼ା ପ୍ରସ୍ତୁତ କଲେ । ତାହା ବ୍ରିଟିଶ୍ ପାର୍ଲିଆମେଣ୍ଟ ଦ୍ୱାରା ୧୯୦୯, ଫେବ୍ରୁଆରୀ ୯ ତାରିଖଦିନ ଅନୁମୋଦନ ଲାଭ କରି ୧୯୦୯ ଭାରତୀୟ ସଂସଦ ଆଇନ ବା ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ନାମରେ ଖ୍ୟାତ ହେଲା ।

ଏହାଦ୍ୱାରା ବଡ଼ଲାଟ୍‌ଙ୍କ କାର୍ଯ୍ୟକାରୀ ପରିଷଦ ଓ ପ୍ରାଦେଶିକ ଶାସନ ପରିଷଦରେ ଜଣେ ଲେଖାଏଁ ଭାରତୀୟଙ୍କୁ ନିଯୁକ୍ତି ହେବାର ବ୍ୟବସ୍ଥା ହେଲା । କେନ୍ଦ୍ର ଓ ପ୍ରଦେଶମାନଙ୍କର ବ୍ୟବସ୍ଥାପକ ପରିଷଦଗୁଡ଼ିକର ଆକାର ବୃଦ୍ଧି କରାଗଲା । କେନ୍ଦ୍ରୀୟ ବ୍ୟବସ୍ଥାପକ ପରିଷଦର ସଭ୍ୟସଂଖ୍ୟା ୬୯କୁ ସଂପ୍ରସାରିତ ହେଲା । ଏଥିରେ ସରକାରୀ ଓ ବେସରକାରୀ ଦୁଇ ପ୍ରକାର ସଭ୍ୟ ରହିବାର ନିଷ୍ପତ୍ତି ହେଲା, ଏହା ମଧ୍ୟରେ ରହିଲେ ନିର୍ବାଚିତ ଓ ମନୋନୀତ ସଦସ୍ୟମାନେ ।

ମର୍ଲେ-ମିଣ୍ଟୋ ସଂସ୍କାର ପ୍ରଥମେ ଭାରତୀୟ ରାଜନୀତିରେ ମୁସଲମାନ୍‌ଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ବ୍ୟବସ୍ଥା କଲା । ଏହାଦ୍ୱାରା ମୁସଲମାନ୍‌ମାନେ ପରିଷଦଗୁଡ଼ିକୁ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବାର କ୍ଷମତା ପାଇଲେ । ମୁସଲମାନ୍‌ମାନଙ୍କ ସଂଖ୍ୟା ଅନୁପାତରେ

ସେମାନଙ୍କର ସଦସ୍ୟ ସଂଖ୍ୟା ଅଧିକ ଥିଲା । ସରକାର ମୁସଲମାନ୍‌ମାନଙ୍କ ପ୍ରତି ଅଧିକ ଅନୁଗ୍ରହ ଦେଖାଇଥିଲେ । ଫଳରେ ସୈୟଦ ଅହମ୍ମଦ ପ୍ରଚାର କରୁଥିବା ଦୁଇ ଦେଶ ବା ଦୁଇ ସମ୍ପ୍ରଦାୟନୀତିକୁ ସରକାର ସ୍ୱୀକୃତି ଦେଲେ । ସୁରେନ୍ଦ୍ର ନାଥ ଓ ମଦନ ମୋହନ ମାଲବ୍ୟ ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । କଂଗ୍ରେସର ଲାହୋର ଅଧିବେଶନରେ (୧୯୦୯) ଏହି ନୀତିକୁ ଅଗ୍ରାହ୍ୟ କରାଗଲା । ମାଲବ୍ୟ କହିଲେ, ସାଧାରଣ ଭାବରେ ସମଗ୍ର ଦେଶରେ ଏବଂ ନିର୍ଦ୍ଦିଷ୍ଟ ଭାବରେ ପଞ୍ଜାବ ଓ ଯୁକ୍ତ ପ୍ରଦେଶରେ ହିନ୍ଦୁ-ମୁସଲମାନ୍‌ଙ୍କ ମଧ୍ୟରେ ବିଚ୍ଛିନ୍ନତା ଭାବ ସୃଷ୍ଟି ହୋଇଛି । ବାସ୍ତବିକ ୧୯୦୯ ଆଇନ ଲାଭ ଅପେକ୍ଷା ଅଧିକ କ୍ଷତି ସାଧନ କରିଥିଲା । ସବୁଠାରୁ ମାରାତ୍ମକ ଥିଲା ପୃଥକ୍ ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ଗଠନ । ଏହା ସମ୍ପର୍କରେ ଗାନ୍ଧି କହିଥିଲେ, ''ଆମର ଏକତା ନଷ୍ଟ କରିଦେବା ପାଇଁ ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ଉଦ୍ଦିଷ୍ଟ ହୋଇଥିଲା ।''

ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର (୧୯୧୯)
(Montagu-Chelmsford Reform-1919)

ମଣ୍ଟେଗୁ ଅନୁଭବ କଲେ ଯେ, ଯଦି ଭାରତୀୟମାନଙ୍କର ରାଜନୈତିକ ଅଧିକାର ବିଷୟ ଘୋଷଣା କରାନଯାଏ, ତେବେ ସେମାନଙ୍କ ବିଦ୍ରୋହୀ ମନୋଭାବ ଖୁବ୍ ବୃଦ୍ଧିପାଇବ । ୧୯୧୭, ଅଗଷ୍ଟ ୨୦ ତାରିଖରେ ମଣ୍ଟେଗୁ ବ୍ରିଟିଶ୍ ହାଉସ୍ ଅଫ କମନ୍‌ସରେ ଏକ ନୀତି ଘୋଷଣା କରି କହିଲେ- ''ସମ୍ରାଟଙ୍କ ସରକାରଙ୍କ ନୀତି...ତାହା ହେଉଛି ଶାସନ କାର୍ଯ୍ୟରେ ପ୍ରତ୍ୟେକ ବିଭାଗରେ ଭାରତୀୟମାନଙ୍କର ବର୍ଦ୍ଧିଷ୍ଣୁ ସହଯୋଗ ଏବଂ ସ୍ୱ-ଶାସିତ ଅନୁଷ୍ଠାନଗୁଡ଼ିକର କ୍ରମିକ ବିକାଶ ଦ୍ୱାରା ବ୍ରିଟିଶ୍ ସାମ୍ରାଜ୍ୟର ସମ୍ପୂର୍ଣ୍ଣ ଅଂଶରୂପେ ଭାରତରେ ପ୍ରଗତିଶୀଳ ଦାୟିତ୍ୱମୂଳକ ଶାସନ ସାଧନ ।''

ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ଉଭୟ ମଣ୍ଟେଗୁ ଓ ଚେମ୍‌ସଫୋର୍ଡ଼ ଦିଲ୍ଲୀ, କଲିକତା, ଏବଂ ମାଡ୍ରାସ ପରିଭ୍ରମଣ କରି କଂଗ୍ରେସ ଓ ଲିଗ୍‌ର ବିଶିଷ୍ଟ ନେତାମାନଙ୍କ ସହିତ ପରାମର୍ଶ କରିଥିଲେ । ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ରିପୋର୍ଟ ୧୯୧୮ରେ ପ୍ରକାଶ ପାଇଲା ଏବଂ ଭାରତ ସରକାରଙ୍କ ବିଲ୍ ରୂପେ ବ୍ରିଟିଶ୍ ପାର୍ଲିଆମେଣ୍ଟର ଅନୁମୋଦନ ଲାଭ କରି ୧୯୧୯ ଡିସେମ୍ବରରେ ଆଇନରେ ପରିଣତ ହେଲା ।

ଶାସନ ସମ୍ବନ୍ଧୀୟ ସମସ୍ତ ବିଷୟେ କେନ୍ଦ୍ର ଓ ପ୍ରଦେଶ ମଧ୍ୟରେ ବଣ୍ଟନ କରାଗଲା । କେନ୍ଦ୍ର ତାଲିକାରେ ଥିଲା- ପ୍ରତିରକ୍ଷା, ବୈଦେଶିକ ବ୍ୟାପାର, ଯାତାୟାତ, ମୁଦ୍ରା, ସର୍ବଭାରତୀୟ ସେବା, ଦେୱାନୀ ଓ ଫୌଜଦାରୀ ଆଇନ ଓ ସର୍ବସାଧାରଣ ଋଣ । ପ୍ରାଦେଶିକ ତାଲିକାରେ

ରହିଲା ଶିକ୍ଷା, ସ୍ୱାସ୍ଥ୍ୟ, ଭୂରାଜସ୍ୱ, ସ୍ୱାୟତ୍ତଶାସନ, କୃଷି, ଜଳସେଚନ, ଜଙ୍ଗଲ, ସମବାୟ ଆଦି ବିଷୟମାନ ।

୧୯୧୯ ଆଇନ କେନ୍ଦ୍ରରେ ଦୁଇଟି ଶାସନ ପରିଷଦ ସୃଷ୍ଟି କଲା; ଯଥା- ରାଜ୍ୟ ପରିଷଦ ଏବଂ କେନ୍ଦ୍ର ବ୍ୟବସ୍ଥାପକ ସଭା । ରାଜ୍ୟ ପରିଷଦରେ ରହିଲେ ୨୭ଜଣ ମନୋନୀତ ଏବଂ ୩୩ଜଣ ନିର୍ବାଚିତ ସଭ୍ୟ । ରାଜ୍ୟ ପରିଷଦର କାର୍ଯ୍ୟକାଳ ହେଲା ୫ ବର୍ଷ । ଏହାର ଅଧ୍ୟକ୍ଷଙ୍କୁ ବଡ଼ଲାଟ ମନୋନୀତ କରିବେ ବୋଲି ସ୍ଥିର ହେଲା । କେନ୍ଦ୍ର ବ୍ୟବସ୍ଥାପକ ସଭାରେ ୧୪୫ଜଣ ସଭ୍ୟ ରହିବାର ନିଷ୍ପତ୍ତି ହେଲା । ସେମାନଙ୍କ ମଧ୍ୟରୁ ୧୦୫ଜଣ ନିର୍ବାଚିତ ସଭ୍ୟ ଓ ଅନ୍ୟମାନେ ମନୋନୀତ ସଭ୍ୟ ହେଲେ । ଏହାର କାର୍ଯ୍ୟକାଳ ୩ ବର୍ଷ ରଖାଗଲା । ବଡ଼ଲାଟଙ୍କ ଅନୁମୋଦନ ବିନା କେତେକ ନିର୍ଦ୍ଦିଷ୍ଟ ବିଷୟରେ ଏହାର ଆଇନ ପ୍ରଣୟନ କରିବା କ୍ଷମତା ସୀମିତ ରଖାଗଲା ।

ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତିର ବ୍ୟବସ୍ଥା ଥିଲେ ମଧ୍ୟ ସମସ୍ତ ଭାରତୀୟ ନାଗରିକ ଏଥିରେ ଅଂଶଗ୍ରହଣ କରିବା କ୍ଷେତ୍ରରେ କଟକଣା ଥିଲା । କେବଳ ଅଧିକାରଭୁକ୍ତ ସମ୍ପତ୍ତି ଉପରେ ହିଁ ଭୋଟରମାନଙ୍କର ଯୋଗ୍ୟତା ନିରୂପିତ ହୋଇଥିଲା ।

ଗଭର୍ଣ୍ଣର-ଜେନେରାଲ ଆଇନ ପ୍ରଣୟନ କରିବା କ୍ଷମତା ଏବଂ ଜରୁରୀକାଳୀନ ପରିସ୍ଥିତିରେ ଅଧ୍ୟାଦେଶ ଜାରି କରିବା କ୍ଷମତା ଉପଭୋଗ କଲେ । କେତେକ ବିଷୟରେ ବିଲ୍ ତିଆରି କରିବା ପୂର୍ବରୁ ତାଙ୍କର ଅନୁମତି ଆବଶ୍ୟକ ପଡ଼ିଲା । କ୍ଷମତାରେ ତାଙ୍କ ପାଖରେ କେନ୍ଦ୍ର ବ୍ୟବସ୍ଥାପକ ସଭା ମ୍ଳାନ ପଡ଼ିଯାଉଥିଲା ।

୧୯୧୯ ଆଇନରେ ପ୍ରାଦେଶିକ ସ୍ତରରେ ଏକପ୍ରକାର ଦ୍ୱୈତଶାସନ ପ୍ରଚଳନ ହେଲା । ପ୍ରାଦେଶିକ ଶାସନମୁଖ୍ୟ, ଗଭର୍ଣ୍ଣରଙ୍କ ନିୟନ୍ତ୍ରଣରେ ସଂରକ୍ଷିତ ବିଷୟ ଓ ଗଭର୍ଣ୍ଣରଙ୍କ ଦ୍ୱାରା ନିଯୁକ୍ତ ମନ୍ତ୍ରୀମାନଙ୍କ ନିୟନ୍ତ୍ରଣରେ ସ୍ଥାନାନ୍ତରିତ ବିଷୟମାନ ରହିଲା ।

ଉକ୍ତ ମନ୍ତ୍ରୀମାନେ ପ୍ରାଦେଶିକ ବିଧାନ ପରିଷଦର ନିର୍ବାଚିତ ସଭ୍ୟମାନଙ୍କ ଦ୍ୱାରା ନିଯୁକ୍ତି ପାଇବାର ସ୍ଥିର ହେଲା । ନିଜ ବିଭାଗର କାର୍ଯ୍ୟପାଇଁ ମନ୍ତ୍ରୀମାନେ ବ୍ୟବସ୍ଥାପକ ସଭାପ୍ରତି ଦାୟୀ ରହିଲେ ।

ଉକ୍ତ ଆଇନ ଦ୍ୱାରା ପ୍ରାଦେଶିକ ବିଧାନ ପରିଷଦର ସଭ୍ୟସଂଖ୍ୟା ବୃଦ୍ଧି କରାଗଲା । ନିୟମ ଅନୁଯାୟୀ ପରିଷଦଗୁଡ଼ିକୁ ପର୍ଯ୍ୟାପ୍ତ କ୍ଷମତା ଦିଆଯାଇଥିଲା; ମାତ୍ର ବାସ୍ତବରେ ଅଧିକାଂଶ କ୍ଷମତା ଉପରେ କଟକଣା ରହିଥିଲା । ପ୍ରାଦେଶିକ ବିଧାନ ପରିଷଦ ଦ୍ୱାରା ପାଶ୍ ହେଉଥିବା ସମସ୍ତ ବିଲ୍ ଆଇନକୁ ପ୍ରବର୍ତ୍ତିତ ହେବା ପୂର୍ବରୁ ଗଭର୍ଣ୍ଣର ଓ ଗଭର୍ଣ୍ଣର-ଜେନେରାଲଙ୍କ ଅନୁମୋଦନ ଲାଭ କରିବାକୁ ପଡୁଥିଲା ।

ଏହି ଦ୍ୱୈତଶାସନ ପଦ୍ଧତି ଥିଲା ଜଟିଳ । ଏହାଦ୍ୱାରା ଶାସନର ସମତା ବିନଷ୍ଟ ହେଲା । କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ନ ହୋଇ କେନ୍ଦ୍ରୀୟ ଶାସନ ପରିଷଦଗୁଡ଼ିକ ଏହାକୁ ହଇରାଣ କରୁଥିଲେ । ପୃଥକ୍ ନିର୍ବାଚନମଣ୍ଡଳୀ ଗଢ଼ିବା ଦ୍ୱାରା ହିନ୍ଦୁ-ମୁସଲମାନ୍‌ମାନେ ଏକତ୍ର କାର୍ଯ୍ୟ କରିବା କଷ୍ଟକର ହେଲା । ନୀତି ପ୍ରଣୟନ କ୍ଷେତ୍ରରେ ଗଭର୍ଣ୍ଣର ଓ ମନ୍ତ୍ରୀମାନଙ୍କ ମଧ୍ୟରେ ଐକ୍ୟ ଓ ସମନ୍ୱୟ ରକ୍ଷା କରାଯାଇପାରୁନଥିଲା । ହସ୍ତାନ୍ତରିତ ତାଲିକାରେ ଅର୍ଥ ବିଭାଗ ରହିଥିବାରୁ ପର୍ଯ୍ୟାପ୍ତ ପାଣ୍ଠିର ଅଭାବ ଯୋଗୁଁ ମନ୍ତ୍ରୀମାନେ ଦାୟିତ୍ୱ ତୁଲେଇ ପାରୁନଥିଲେ ।

ଯଦିଚ ୧୯୧୯ ଆଇନ ଏକ ନିର୍ଦ୍ଦିଷ୍ଟ ଶାସନ ଦେବାରେ ସକ୍ଷମ ହେଲା ଏବଂ ଏକ ଦାୟିତ୍ୱମୂଳକ ସରକାର ଗଢ଼ିବାରେ ସାହାଯ୍ୟ କଲା, ଏହା ସଂଖ୍ୟାଲଘୁ ଓ ନ୍ୟସ୍ତସ୍ୱାର୍ଥ ସମ୍ପ୍ରଦାୟ ଉପରେ ଅଧିକ ଗୁରୁତ୍ୱ ଦେଲା । ଏହି ସ୍ୱଶାସନ ନୀତି ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କଲା । ସମସ୍ତ ଭାରତୀୟ ଭୋଟଦାନ ଅଧିକାରରୁ ବଞ୍ଚିତ ହୋଇଥିବାରୁ ରାଜ୍ୟପରିଷଦ ଭାରତୀୟମାନଙ୍କର ପ୍ରକୃତ ପ୍ରତିନିଧି ହୋଇପାରିଲା ନାହିଁ ।

ଉଦାରପନ୍ଥୀମାନେ ଏ ଆଇନକୁ ସ୍ୱାଗତ କରିବାବେଳେ ତିଳକ ଏହାକୁ ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ କହି ଉପେକ୍ଷା କଲେ । 'କେଶରୀ', 'ମରାଠ' ଏବଂ 'ୟଙ୍ଗ୍ ଇଣ୍ଡିଆ' ପ୍ରଭୃତି ସମ୍ବାଦପତ୍ର ୧୯୧୯ ଆଇନକୁ ପ୍ରତିବାଦ କରିଥିଲା । ମୋତିଲାଲ ନେହେରୁ ଅନୁଭବ କରିଥିଲେ ଯେ ଯାହା ଗୋଟିଏ ହସ୍ତରେ ପ୍ରଦାନ କରାଯାଉଥିଲା, ତାହା ଅନ୍ୟହସ୍ତରେ କାଢ଼ି ନିଆଯାଉଥିଲା । ୧୯୧୮ ଅଗଷ୍ଟ ମାସରେ ବମ୍ବେଠାରେ ବସିଥିବା ସ୍ୱତନ୍ତ୍ର ଅଧିବେଶନରେ କଂଗ୍ରେସ ଏହାକୁ "ଅପର୍ଯ୍ୟାପ୍ତ, ଅସନ୍ତୋଷଜନକ ଓ ନୈରାଶ୍ୟମୂଳକ" କହି ସମାଲୋଚନା କଲା; କିନ୍ତୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଉଦାରପନ୍ଥୀମାନେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ସଂସ୍କାରକୁ ଦାୟିତ୍ୱମୂଳକ ସରକାରର ବାସ୍ତବ ପରିଣତି କହି ସ୍ୱାଗତ କରିଥିଲେ ।

ପ୍ରଥମେ ମହାତ୍ମାଗାନ୍ଧି ଏ ଆଇନକୁ ସମର୍ଥନ କରିଥିଲେ, ମାତ୍ର ସରକାର ସୁଯୋଗ ଦାନ ସହିତ ସମାନ୍ତରାଳ ଭାବେ ଦମନନୀତି ଅବଲମ୍ବନ କରିବାରୁ ସେ ଦୁଃଖ ପ୍ରକାଶ କଲେ । ପାର୍ଶିଭାଲ ସ୍ପିଅର କହିଛନ୍ତି- "ବିଭିନ୍ନ ତ୍ରୁଟି ପାଇଁ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ଶାସନ ସଂସ୍କାର ଉପରେ ସବୁଦିଗରୁ ଆକ୍ରମଣ କରାଯାଇଥିଲା ।"

୧୯୩୫, ଭାରତ ସରକାରଙ୍କ ଆଇନ
(Government of India Act, 1935)

ପୂର୍ବରୁ କୁହାଯାଇଅଛି ଯେ ତୃତୀୟ ଗୋଲ୍‌ଟେବୁଲ୍ ବୈଠକରେ ଏକ ଶ୍ୱେତପତ୍ର ପ୍ରସ୍ତୁତ କରାଯାଇ ତା'ର ସମୀକ୍ଷଣ ପାଇଁ ବ୍ରିଟିଶ୍ ପାର୍ଲିଆମେଣ୍ଟକୁ ପଠାଯାଇଥିଲା । ଉକ୍ତ ଶ୍ୱେତପତ୍ରକୁ ଭିତ୍ତିକରି ଏକ ଚିଠା ପ୍ରସ୍ତାବ ପାର୍ଲିଆମେଣ୍ଟ ଦ୍ୱାରା ଅନୁମୋଦିତ ହେଲା ପରେ

୧୯୩୫, ଅଗଷ୍ଟ ମାସରେ ଆଇନରେ ପରିଣତ ହେଲା । ଏହାଥିଲା ୧୯୩୫, ଭାରତ ସରକାରଙ୍କର ଆଇନ । ଏହି ଆଇନ ଅନୁଯାୟୀ ଭାରତ ଶାସନର ଭବିଷ୍ୟତ ଉପରେ କେଉଁ ପ୍ରକାର ପଦକ୍ଷେପ ନିଆଯିବ, ଏହାର ଶେଷ ନିଷ୍ପତ୍ତି ନେବାର ଅଧିକାର ରହିଲା ବ୍ରିଟିଶ୍ ପାର୍ଲିଆମେଣ୍ଟ ହସ୍ତରେ ।

ଉକ୍ତ ବ୍ୟବସ୍ଥାରେ, ଗଭର୍ଣ୍ଣର ଶାସିତ ପ୍ରଦେଶ, ମୁଖ୍ୟ କମିଶନର ଶାସିତ ପ୍ରଦେଶ ଓ ଇଚ୍ଛୁକ ଦେଶୀୟ ରାଜ୍ୟମାନଙ୍କୁ ନେଇ ସର୍ବଭାରତୀୟ ରାଷ୍ଟ୍ରସଂଘ ଗଠିତ ହେବ । ଗଭର୍ଣ୍ଣରଙ୍କ ଦ୍ୱାରା ଶାସିତ ପ୍ରଦେଶ ସଂଖ୍ୟା ଥିଲା ୧୧, ସେହିପରି ମୁଖ୍ୟ କମିଶନରମାନଙ୍କ ପ୍ରଦେଶ ସଂଖ୍ୟା ୬ ଥିଲା । ଦେଶୀୟ ରାଷ୍ଟ୍ରଗୁଡ଼ିକ ରାଷ୍ଟ୍ରସଂଘରେ ଯୋଗ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ଏଗୁଡ଼ିକ ଯୋଗ ଦେଇନଥିଲେ । ଫଳରେ, ସର୍ବଭାରତୀୟ ରାଷ୍ଟ୍ରସଂଘ ଗଠନ କରିବା ପ୍ରସ୍ତାବ କାର୍ଯ୍ୟକାରୀ ହେବା ସମ୍ଭବ ହେଲାନାହିଁ ।

୧୯୩୫, ଆଇନର ଅନ୍ୟ ଏକ ବ୍ୟବସ୍ଥା ଥିଲା, କେନ୍ଦ୍ରରେ ଦୁଇ ସଂସଦ ବିଶିଷ୍ଟ ବ୍ୟବସ୍ଥାପକ ସଭା (Federal Legislature) ଗଠନ, (୧) ରାଜ୍ୟ ପରିଷଦ (Council of State) (୨) ରାଷ୍ଟ୍ରସଂଘ ବିଧାୟକ ସଭା (Federal Assembly) । ରାଜ୍ୟ ପରିଷଦର ମୋଟ ସଭ୍ୟ ସଂଖ୍ୟା ହେବ ୨୬୦ ଓ ରାଷ୍ଟ୍ରସଂଘ ବିଧାୟକ ସଭାର ୩୭୫ । ରାଜ୍ୟ ପରିଷଦ ହେବ ଏକ ସ୍ଥାୟୀ ସଂସଦ, କାରଣ ପ୍ରତ୍ୟେକ ତିନିବର୍ଷ ପରେ ସଭ୍ୟମାନଙ୍କ ମଧ୍ୟରୁ ଏକତୃତୀୟାଂଶ ସଭ୍ୟ ଦେଶୀୟ ରାଜାମାନଙ୍କ ଦ୍ୱାରା ମନୋନୀତ ହେବେ ଓ ଅବଶିଷ୍ଟ ୧୫୦ ଜଣ ହେବେ ବ୍ରିଟିଶ୍ ଇଣ୍ଡିଆର ନିର୍ବାଚିତ ସଭ୍ୟ । ଏହାର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ, ମାତ୍ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବଡ଼ଲାଟ ଏହାକୁ ଭାଙ୍ଗିଦେଇପାରିବେ ।

ସଂଘୀୟ କାର୍ଯ୍ୟପାଳିକା (Federal Executive) ବଡ଼ଲାଟ ଓ ମନ୍ତ୍ରୀ ପରିଷଦକୁ ନେଇ ଗଠନ କରାଯିବ । ବଡ଼ଲାଟ ବ୍ରିଟିଶ୍ ସରକାରଙ୍କ ପ୍ରତିନିଧି ରୂପେ କାର୍ଯ୍ୟ କରିବେ; ତାଙ୍କର କାର୍ଯ୍ୟ ସମୟ ହେବ ୫ ବର୍ଷ । ତିନୋଟି ଉପାୟରେ, କେତେକ କ୍ଷେତ୍ରରେ ସେ ସ୍ୱତନ୍ତ୍ର କ୍ଷମତା ଓ ବିବେକାନୁମୋଦିତ କ୍ଷମତା ପ୍ରୟୋଗ କରିବେ ଓ ଆଉ କେତେକ କ୍ଷେତ୍ରରେ ମନ୍ତ୍ରୀମାନଙ୍କର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ଘୋଷଣାପତ୍ର ପ୍ରକାଶ କରିବା, ରାଷ୍ଟ୍ରସଂଘର ସମ୍ବିଧାନକୁ ବାତିଲ୍ କରିବା ଓ ଅର୍ଡ଼ିନାନ୍‌ସ ଜାରି କରିବା ଆଦି ବୈଧାନିକ ଓ ସ୍ୱତନ୍ତ୍ର କ୍ଷମତା ତାଙ୍କର ଥିଲା ।

ବଡ଼ଲାଟଙ୍କୁ ସାହାଯ୍ୟ କରିବା ପାଇଁ ତିନିଜଣ ପରାମର୍ଶଦାତା ନିଯୁକ୍ତ ହେବାର ବ୍ୟବସ୍ଥା ରହିଲା । ବିଧାୟକ ସଭାର ସଭ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ ସଭ୍ୟଙ୍କୁ ନେଇ ଏକ ମନ୍ତ୍ରିମଣ୍ଡଳ

ଗଠନ କରାଯିବ । ମନ୍ତ୍ରୀମାନେ ବଡ଼ଲାଟଙ୍କ ଅନୁଗ୍ରହ ଅନୁଯାୟୀ କାର୍ଯ୍ୟ କରିବେ ଓ ବିଧାୟକସଭା ନିକଟରେ ଦାୟୀ ରହିବେ ।

ରାଷ୍ଟ୍ରସଂଘର କ୍ଷମତା ସଂରକ୍ଷିତ ଓ ହସ୍ତାନ୍ତରିତ, ଏହିପରି ଦୁଇଟି ଭାଗରେ ବିଭକ୍ତ କରାଯିବ । ସଂରକ୍ଷିତ ତାଲିକାରେ ବଡ଼ଲାଟଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ବିଭାଗମାନ ରହିବ । ହସ୍ତାନ୍ତରିତ ବିଷୟଗୁଡ଼ିକୁ ସେ ମନ୍ତ୍ରୀମାନଙ୍କର ସହାୟତାରେ ପରିଚାଳନା କରିବେ । ଏହିପରି ୧୯୩୫, ଆଇନ ଦ୍ୱାରା କେନ୍ଦ୍ରରେ ଦ୍ୱୈତ ଶାସନ ପ୍ରତିଷ୍ଠା ହେବା ସ୍ଥିର କରାଗଲା ।

ରାଷ୍ଟ୍ରସଂଘ ତାଲିକା, ପ୍ରାଦେଶିକ ତାଲିକା ଓ ମିଳିତ ତାଲିକା, ଏହିପରି ତିନିଗୋଟି ତାଲିକା ରାଷ୍ଟ୍ରସଂଘ ଓ ପ୍ରଦେଶ ପାଇଁ ସେମାନଙ୍କ କାର୍ଯ୍ୟ ପରିସର ମଧ୍ୟରେ ପ୍ରସ୍ତୁତ କରାଗଲା । ରାଷ୍ଟ୍ରସଂଘ ବିଧାୟକ ସଭା ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭାକୁ ଯଥାକ୍ରମେ ରାଷ୍ଟ୍ରସଂଘ ତାଲିକା ଓ ପ୍ରାଦେଶିକ ତାଲିକାରେ ଆଇନ ପ୍ରଣୟନ କରିବାର କ୍ଷମତା ଦିଆଗଲା । ମିଳିତ ତାଲିକା ଉପରେ ଆଇନ ପ୍ରଣୟନ କରିବା ନିମନ୍ତେ ଆବଶ୍ୟକ କ୍ଷେତ୍ରରେ ରାଷ୍ଟ୍ର ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭାକୁ କ୍ଷମତା ପ୍ରଦାନ ପାଇଁ ବଡ଼ଲାଟଙ୍କୁ ଅଧିକାର ଦିଆଗଲା । ଆଇନର ତାତ୍ପର୍ଯ୍ୟ ଥିଲା- ପ୍ରାଦେଶିକ ସ୍ୱାତନ୍ତ୍ର୍ୟ, ଅର୍ଥାତ୍ ପ୍ରତ୍ୟେକ ପ୍ରଦେଶରେ ଏକ ଦାୟିତ୍ୱମୂଳକ ସରକାର ପ୍ରତିଷ୍ଠା । ଏହି ଆଇନ ବଳରେ ଗଭର୍ଣ୍ଣର ହେବେ ପ୍ରଦେଶର ମୁଖ୍ୟ; ତାଙ୍କୁ ଭାରତ ସଚିବଙ୍କ ପରାମର୍ଶକ୍ରମେ ବ୍ରିଟିଶ୍ ସମ୍ରାଟ ନିଯୁକ୍ତ କରିବେ । ତାଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ପାଇଁ ଏକ ମନ୍ତ୍ରିମଣ୍ଡଳ ଗଠନ କରାଯିବ । ମନ୍ତ୍ରୀମାନେ ଗଭର୍ଣ୍ଣରଙ୍କ ଅନୁଗ୍ରହ ଅନୁସାରେ କାର୍ଯ୍ୟ କରିବେ ଓ ବିଧାନସଭା ନିକଟରେ ଦାୟୀ ରହିବେ । ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆସିଲେ ମନ୍ତ୍ରୀମାନେ କ୍ଷମତାରୁ ହଟିଯିବେ । ଗଭର୍ଣ୍ଣର ଚାହିଁଲେ ମନ୍ତ୍ରୀମାନଙ୍କ ସହ ପରାମର୍ଶ କରିପାରିବେ, ମାତ୍ର ସେମାନଙ୍କର ପରାମର୍ଶ ଗ୍ରହଣ କରିବା ପାଇଁ ସେ ବାଧ୍ୟ ହେବେ ନାହିଁ । ଛ'ଟି ପ୍ରଦେଶରେ ବିଧାନସଭା ଓ ବିଧାନପରିଷଦ ନାମରେ ଦୁଇଟି ସଭା ଓ ଅବଶିଷ୍ଟ ପ୍ରଦେଶରେ କେବଳ ଗୋଟିଏ ଲେଖାଏଁ ବିଧାନସଭା ରହିବାର ବ୍ୟବସ୍ଥା ରହିଲା । ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ରହିବ ୫ ବର୍ଷ, ଯଦିଓ ଏହାକୁ ପୂର୍ବରୁ ଭାଙ୍ଗି ଦେବାର କ୍ଷମତା ଗଭର୍ଣ୍ଣରଙ୍କୁ ଦିଆଗଲା ।

ଭୋଟଦେବାର ଅଧିକାର ସମ୍ପତ୍ତି ଯୋଗ୍ୟତା ଉପରେ ନିର୍ଣ୍ଣୟ କରାଗଲା, ଫଳରେ ଅଳ୍ପ ସଂଖ୍ୟକ ଲୋକ ଭୋଟ ଦେବାର ଅଧିକାର ପାଇଲେ । ମୁସଲମାନ, ଶିଖ୍, ଭାରତୀୟ ଖ୍ରୀଷ୍ଟିଆନ୍, ଆଙ୍ଗ୍ଲୋ-ଇଣ୍ଡିଆନ୍‌ମାନଙ୍କ ପାଇଁ ସାମ୍ପ୍ରଦାୟିକତା ଭିତ୍ତିରେ ପୃଥକ୍ ନିର୍ବାଚନ ମଣ୍ଡଳୀ ଗଠନ କରିବା ଥିଲା ସବୁଠାରୁ ଅଧିକ କ୍ଷତିକାରକ ବ୍ୟବସ୍ଥା ।

ସଂଘୀୟ ବ୍ୟବସ୍ଥାପକ ସଭା ଉପରେ ଆଇନ ପ୍ରଣୟନ କ୍ଷେତ୍ରରେ ଯଥେଷ୍ଟ କଟକଣା ରହିଲା । କେତେକ କ୍ଷେତ୍ରରେ ବଡ଼ଲାଟ ବ୍ୟବସ୍ଥାପକ ସଭା ଓ ମନ୍ତ୍ରିମଣ୍ଡଳଠାରୁ ଅଧିକ କ୍ଷମତା ସମ୍ପନ୍ନ ହେବେ । ସେ ହେବେ ଶାସନର ପ୍ରାଣକେନ୍ଦ୍ର । ଚର୍ଚ୍ଚିଲଙ୍କ ଭାଷାରେ, ବଡ଼ଲାଟ ହିଟଲର ବା ମୁସୋଲିନୀ ଉପଭୋଗ କରୁଥିବା ସମସ୍ତ କ୍ଷମତାର ଅଧିକାରୀ ହେବେ । ଗୋଟିଏ ମାତ୍ର ଗାରରେ ସେ ସଂବିଧାନ ଭାଙ୍ଗି ଦେଇପାରିବେ ଓ ଇଚ୍ଛାକଲେ ଯେକୌଣସି ଆଇନ ପରିବର୍ତ୍ତନ କରିଦେଇ ପାରିବେ । ରାଜେନ୍ଦ୍ର ପ୍ରସାଦ ଅନୁଭବ କଲେ ଯେ, ବଡ଼ଲାଟ ଆବଶ୍ୟକ ମନେକଲେ, ଏପରି କୌଣସି ପଦକ୍ଷେପ ନ ଥିଲା ଯାହା ସେ ନେଇ ପାରୁନଥିଲେ ବା ବାଧା ଦେଇ ପାରୁନଥିଲେ । ଗଭର୍ଣ୍ଣରଙ୍କର ମଧ୍ୟ ଅସାଧାରଣ କ୍ଷମତା ରହିଥିଲା । ତାଙ୍କର ଥିଲା ଅଧ୍ୟାଦେଶ ଜାରି କରିବାର କ୍ଷମତା । ବିଧାନସଭାର ଅନୁମୋଦିତ ଆଇନ ଚିଠା ଓ ମନ୍ତ୍ରିମଣ୍ଡଳର କାର୍ଯ୍ୟଗୁଡ଼ିକ ସେ ପ୍ରତ୍ୟାଖ୍ୟାନ କରିଦେଇ ନିଜର ଏକଛତ୍ରବାଦ ପ୍ରତିଷ୍ଠା କରି ପାରିଲେ । ତେଣୁ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଏକ ପ୍ରହସନରେ ପରିଣତ ହୋଇଥିଲା । ରାଜେନ୍ଦ୍ର ପ୍ରସାଦ ଅନୁଭବ କଲେ, ବିଶେଷ ଦାୟିତ୍ୱଗୁଡ଼ିକ ଏପରି ଅନିଶ୍ଚିତ ଓ ବିସ୍ତୃତ ଥିଲା ଯେ ସେଗୁଡ଼ିକ ସମସ୍ତ ବିଭାଗକୁ ଅନୁପ୍ରବେଶ କରିପାରୁଥିଲା ।

୧୯୩୫, ଆଇନ ଭାରତରେ ଇଂରେଜମାନଙ୍କର ସ୍ୱାର୍ଥ ରକ୍ଷା କରିବା ପାଇଁ ଚତୁର ଲୋକମାନଙ୍କର ଥିଲା ଏକ ଫନ୍ଦି । କ୍ଲିମେଣ୍ଟ ଆଟଲୀ ମଧ୍ୟ ଏହି ଆଇନକୁ ସମାଲୋଚନା କରି କହିଛନ୍ତି, ଏହା ଦେଶୀୟ ରାଜାମାନଙ୍କ ଉପରେ ଅଯଥା ଗୁରୁତ୍ୱ ଦେଇଥିଲା ଏବଂ ସାମ୍ପ୍ରଦାୟିକ ଭାବ ଉପୁଜେଇଥିଲା, ଯାହାଦ୍ୱାରା ଜାତୀୟ ସ୍ୱାର୍ଥ ଉପରେ ଘୋର ବିପତ୍ତି ଦେଖାଦେଲା । ଜବାହରଲାଲ୍ ନେହେରୁ ସମାଲୋଚନା କରି କହିଲେ, ''ନୂଆ ସମ୍ବିଧାନ ଶକ୍ତ ବ୍ରେକ୍ ଥାଇ ଇଞ୍ଜିନ ନ ଥିବା ଏକ ଗାଡ଼ି ।'' ସେ ଏହାକୁ 'ଦାସତ୍ୱର ସନନ୍ଦ' ବୋଲି ବ୍ୟାଖ୍ୟା କଲେ ଓ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କଲେ । ରାଜଗୋପାଳଚାରୀ ନୂଆ ସମ୍ବିଧାନଟିକୁ ଦ୍ୱୈତ ଶାସନଠାରୁ ଅଧିକ କ୍ଷତିକାରକ ବୋଲି ମତ ଦେଲେ । ସେହିପରି ଜିନ୍ନା ଏହାକୁ 'ଘୃଣ୍ୟ, ଅଶୁଦ୍ଧ ଓ ଗ୍ରହଣଯୋଗ୍ୟ ନୁହେଁ' ବୋଲି ମତ ଦେଲେ ।

୧୯୩୫, ଭାରତ ଶାସନ ଆଇନ କଂଗ୍ରେସ ପାଇଁ ଥିଲା ଖୁବ୍ ନୈରାଶ୍ୟଜନକ । କଂଗ୍ରେସର ନେତାମାନେ ମତ ଦେଲେ ଯେ ''ସାମ୍ରାଜ୍ୟବାଦୀ ଶାସନ ଓ ଅର୍ଥନୈତିକ ଶୋଷଣ'' ଉପରେ ଆଇନଟି ପ୍ରସ୍ତୁତ ହୋଇଛି । ମହାତ୍ମାଗାନ୍ଧି କହିଲେ ଯେ କଂଗ୍ରେସର ନୀତି ନୁହଁ ଏହାର କୌଣସି ସଂଶୋଧନ ଗ୍ରହଣ କରିବା, କିନ୍ତୁ ସଂବିଧାନକୁ ସମ୍ପୂର୍ଣ୍ଣ ରୂପେ ଉଠେଇ ଦେବା– ଯାହାକୁ କେହି ପସନ୍ଦ କରନ୍ତି ନାହିଁ । ଭାରତୀୟମାନେ ସେମାନଙ୍କ ଭାଗ୍ୟ ନିର୍ମାଣ ଓ ନିୟନ୍ତ୍ରଣ କରିବାର ଅଧିକାର ସଂବିଧାନରୁ ପାଇ ନ ଥିବାରୁ କଂଗ୍ରେସ ଆଇନଟିକୁ ଗ୍ରହଣ କଲାନାହିଁ ।

ଆଦର୍ଶ ପ୍ରଶ୍ନାବଳୀ

୧. ବାବର କିପରି ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଆଲୋଚନା କର ।
୨. ବାବରଙ୍କ ଯୁଦ୍ଧ ଓ ରାଜ୍ୟଜୟ ବର୍ଣ୍ଣନା କର ।
୩. ହୁମାୟୁନଙ୍କ ବାଲ୍ୟଜୀବନ ଓ ରାଜ୍ୟଜୟ ବର୍ଣ୍ଣନା କର ।
୪. ଶେରଶାହାଙ୍କ ବାଲ୍ୟକାଳ ଓ ରାଜ୍ୟଜୟ ସମ୍ବନ୍ଧରେ ଆଲୋଚନା କର ।
୫. ଶେରଶାହାଙ୍କ ଶାସନ ପଦ୍ଧତି କ'ଣ ଥିଲା ଉଲ୍ଲେଖ କର ।
୬. ଆକବରଙ୍କ ଯୁଦ୍ଧ ଓ ରାଜ୍ୟଜୟ ସମ୍ବନ୍ଧରେ ଟିପ୍ପଣୀ ଲେଖ ।
୭. ଆକବରଙ୍କ ଧର୍ମନୀତି ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।
୮. ଆକବରଙ୍କ ଶାସନ ସଂସ୍କାରଗୁଡ଼ିକ ଆଲୋଚନା କର ।
୯. ଆକବରଙ୍କ ରାଜପୁତ୍ ନୀତି ସମ୍ବନ୍ଧରେ ଟିପ୍ପଣୀ ଲେଖ ।
୧୦. ଜାହାଙ୍ଗୀରଙ୍କ ରାଜ୍ୟଜୟ ବିଷୟରେ ଉଲ୍ଲେଖ କର ।
୧୧. ଜାହାଙ୍ଗୀରଙ୍କ ରାଜତ୍ୱକାଳରେ ନୁରଜାହାନଙ୍କ ଭୂମିକା ଉପରେ ଆଲୋକପାତ କର ।
୧୨. ଶାହଜାହାନଙ୍କ ସାମରିକ କୃତିତ୍ୱ ବର୍ଣ୍ଣନା କର ।
୧୩. କଳା ଓ ସ୍ଥାପତ୍ୟର ବିକାଶରେ ଶାହଜାହାନଙ୍କର ଅବଦାନ ପରୀକ୍ଷା କର ।
୧୪. ଆଉରଙ୍ଗଜେବଙ୍କ ଧର୍ମନୀତି ବର୍ଣ୍ଣନା କର ।
୧୫. ଆଉରଙ୍ଗଜେବଙ୍କ ରାଜପୁତ୍ନୀତି ସମୀକ୍ଷା କର ।
୧୬. ଆଉରଙ୍ଗଜେବଙ୍କ ଦାକ୍ଷିଣାତ୍ୟ ନୀତି ଆଲୋଚନା କର ।
୧୭. ମୋଗଲ ସାମ୍ରାଜ୍ୟ ବିଖଣ୍ଡିତ ହେବା ପାଇଁ କାରଣଗୁଡ଼ିକ କ'ଣ ଥିଲା ?
୧୮. ଶିବାଜୀ କିପରି ମରହଟ୍ଟା ରାଜ୍ୟ ସ୍ଥାପନ କରିଥିଲେ ବର୍ଣ୍ଣନା କର ।
୧୯. ଶିବାଜୀଙ୍କ ଶାସନ ପ୍ରଣାଳୀ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।
୨୦. ପଲାସୀଯୁଦ୍ଧର କାରଣ ଓ ଫଳାଫଳ ସମ୍ପର୍କରେ ଆଲୋଚନା କର ।
୨୧. ବକ୍ସାର ଯୁଦ୍ଧର କାରଣ ଓ ଫଳାଫଳ ବର୍ଣ୍ଣନା କର ।

୨୨. ରବର୍ଟ କ୍ଲାଇବ୍‌ଙ୍କ କୃତିତ୍ୱ ଉପରେ ଆଲୋକପାତ କର ।

୨୩. ବ୍ରିଟିଶ୍-ମରହଟ୍ଟା ସମ୍ପର୍କ ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।

୨୪. ବ୍ରିଟିଶ୍-ମରହଟ୍ଟା ସମ୍ପର୍କ ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।

୨୫. ବ୍ରିଟିଶ୍-ଅଯୋଧ୍ୟା ସମ୍ପର୍କ ଉପରେ ଆଲୋକପାତ କର ।

୨୬. ରଣଜିତ ସିଂହଙ୍କର କୃତିତ୍ୱ ବର୍ଣ୍ଣନା କର ।

୨୭. ପ୍ରଥମ ଓ ଦ୍ୱିତୀୟ ଶିଖ୍‌ଯୁଦ୍ଧ ବର୍ଣ୍ଣନା କର ।

୨୮. ସାମନ୍ତ ସନ୍ଧିଉପରେ ବିଶ୍ଳେଷଣାତ୍ମକ ବ୍ୟାଖ୍ୟା କର ।

୨୯. ରାଜ୍ୟସ୍ୱତ୍ୱଲୋପନୀତି କ'ଣ ଥିଲା ? ଏହା କିପରି ଭାରତୀୟ ରାଜ୍ୟମାନଙ୍କ ପ୍ରତି ବ୍ୟବହୃତ ହୋଇଥିଲା ?

୩୦. ୧୮୫୭ ବିଦ୍ରୋହର କାରଣ ଓ ଫଳାଫଳ ଆଲୋଚନା କର ।

୩୧. ଚିରସ୍ଥାୟୀ ବନ୍ଦୋବସ୍ତ ସମ୍ବନ୍ଧରେ ଆଲୋଚନା କର । ଏହାର ସୁଫଳ ଓ କୁଫଳଗୁଡ଼ିକ କ'ଣ ଥିଲା ?

୩୨. ବ୍ରିଟିଶ୍ ସରକାରଙ୍କ ଭୂ-ରାଜସ୍ୱ ବନ୍ଦୋବସ୍ତ ପର୍ଯ୍ୟାଲୋଚନା କର ।

୩୩. ଲର୍ଡ଼ ମ୍ୟାକଲେଙ୍କ ଶିକ୍ଷାପ୍ରସ୍ତାବଗୁଡ଼ିକ ବିଶ୍ଳେଷଣ କର ।

୩୪. ଉଡ୍‌ଙ୍କ ସନନ୍ଦ ଉପରେ ଏକ ବିବରଣୀ ପ୍ରଦାନ କର ।

୩୫. ପାଶ୍ଚାତ୍ୟ ଶିକ୍ଷାର ବିକାଶ ଉପରେ ଏକ ଟିପ୍‌ପଣୀ ଦିଅ ।

୩୬. ଭାରତରେ ପ୍ରେସ୍‌ର ବିକାଶ ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

୩୭. ହିନ୍ଦୁ ସମାଜ ଓ ଧର୍ମସଂସ୍କାର କ୍ଷେତ୍ରରେ ରାଜା ରାମମୋହନ ରାୟଙ୍କ ଭୂମିକା ବର୍ଣ୍ଣନା କର ।

୩୮. ସ୍ୱାମୀ ଦୟାନନ୍ଦଙ୍କ ଅବଦାନମାନ ବର୍ଣ୍ଣନା କର ।

୩୯. ରାମକୃଷ୍ଣ ପରମହଂସଙ୍କ କୃତିତ୍ୱ ସମୀକ୍ଷା କର ।

୪୦. ଭାରତରେ ପୁନର୍ଜାଗରଣ ଆଣିବା କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଭୂମିକା ଆଲୋଚନା କର ।

୪୧. ଭାରତୀୟ ଜାତୀୟ କଂଗ୍ରେସର ଉତ୍ପତ୍ତି ଓ କାର୍ଯ୍ୟକ୍ରମଗୁଡ଼ିକ ବର୍ଣ୍ଣନା କର ।

୪୨. ଉଗ୍ରପନ୍ଥୀମାନଙ୍କର ଅଭ୍ୟୁଦୟର କାରଣମାନ ଲେଖ ।

୪୩. ସ୍ୱଦେଶୀ ଆନ୍ଦୋଳନର କାର୍ଯ୍ୟକ୍ରମଗୁଡ଼ିକ ସମୀକ୍ଷା କର ।

୪୪. ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧିଙ୍କ ଅବଦାନମାନ ବର୍ଣ୍ଣନା କର ।

୪୫. ଖିଲାଫତ ଆନ୍ଦୋଳନ ବ୍ୟାଖ୍ୟା କର ।

୪୬. ଅସହଯୋଗ ଆନ୍ଦୋଳନର ଏକ ବିବରଣୀ ଦିଅ ।

୪୭. ଆଇନ୍ ଅମାନ୍ୟ ଆନ୍ଦୋଳନର ସମୀକ୍ଷା କର ।

୪୮. ଭାରତଛାଡ଼ ଆନ୍ଦୋଳନର କାରଣ ଓ ଫଳାଫଳ ବର୍ଣ୍ଣନା କର ।

୪୯. ଭାରତର ସ୍ୱାଧୀନତା ସଂଗ୍ରାମରେ ସୁଭାଷ ବୋଷଙ୍କ ଭୂମିକା ସମ୍ପର୍କରେ ଆଲୋଚନା କର ।

୫୦. ଭାରତରେ ସାମ୍ପ୍ରଦାୟିକ ଉତ୍‌ଥାନର ଏକ ଚିତ୍ର ଦିଅ ।

୫୧. କେଉଁ ପରିସ୍ଥିତିରେ ଭାରତର ବିଭାଜନ ଘଟିଲା ବର୍ଣ୍ଣନା କର ।

୫୨. ଭାରତ ବିଭାଜନ ଓ ସ୍ୱାଧୀନତାରେ ମାଉଣ୍ଟବ୍ୟାଟେନଙ୍କ ଭୂମିକା ଆଲୋଚନା କର ।

୫୩. ମର୍ଲେ-ମିଣ୍ଟୋ ଭାରତ ଶାସନ ଆଇନ ସମ୍ବନ୍ଧରେ ବର୍ଣ୍ଣନା କର ।

୫୪. ୧୯୧୯ର ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡ଼ ଶାସନ ସଂସ୍କାର ସମୀକ୍ଷା କର ।

୫୫. ୧୯୩୫, ଭାରତ ସରକାରଙ୍କ ଆଇନ ବ୍ୟାଖ୍ୟା କର ।

●

45530791

ISBN-978-81-906860-4-4